Digitized by srujanika...

ବ୍ୟାସଦେବଙ୍କ କୃତ

# ବୃହତ୍ ନାରଦ ପୁରାଣ

ଅନୁବାଦକ : ୰ କ୍ଷେତ୍ରମୋହନ ପ୍ରଧାନଙ୍କ ଦ୍ୱାରା ପଦ୍ୟାନୁବାଦିତ

ନୂତନ ମୁଦ୍ରଣ : ୨୦୦୬

: ପ୍ରକାଶକ ଓ ପ୍ରାପ୍ତିସ୍ଥାନ :

## ଧର୍ମଗ୍ରନ୍ଥ ଷ୍ଟୋର

ପରିଚାଳକ : ଶ୍ରୀ ବିଦ୍ୟାଧର ସାହୁ

ଅଲିଶାବଜାର, କଟକ-୨, ଫୋନ: ୦୬୭୧-୨୫୦୮୨୯୬

ମୂଲ୍ୟ : ଟ ୧୦୦/-

Digitized by srujanika@gmail.com

# ବୃହଦ୍ ନାରଦ ପୁରାଣର

# ସୂଚିପତ୍ର

**ବିଷୟ** **ପୃଷ୍ଠାଙ୍କ**


ଜଗନ୍ନାଥ ବନ୍ଦନା ........................................ ୨
ଦୁର୍ଗାଙ୍କ ବନ୍ଦନା ........................................ ୨
ସରସ୍ୱତୀ ବନ୍ଦନା
ଶୌନକାଦି ବ୍ରହ୍ମରଷିଗଣ ପୁରାଣ ଶ୍ରବଣ ନିମନ୍ତେ ସୁତଙ୍କ
ନିକଟକୁ ଗମନ କରିବା .................... ୩
ସନତକୁମାର ଓ ନାରଦଙ୍କର କଥୋପକଥନ .................................. ୬
ସୃଷ୍ଟି ସର୍ଜନା ବିଷୟ ବର୍ଣ୍ଣନ ........................................ ୯
ମୃକୁଣ୍ଡ ମୁନିଙ୍କର ବରଲାଭ ........................................ ୧୩
ଭାଗବତ ବିଷୟ ବର୍ଣ୍ଣନ ........................................ ୧୮
ଗଙ୍ଗାଙ୍କ ମହିମା ବର୍ଣ୍ଣନ ........................................ ୨୨
ସଗର ବଂଶ ବା ବାହୁରାଜାଙ୍କ ଚରିତ ବର୍ଣ୍ଣନ .............................. ୨୭
ସୌଦାସ ବିଷୟ ବର୍ଣ୍ଣନ ........................................ ୩୨
ଅଦିତୀ ଦେବୀଙ୍କର ତପସ୍ୟା କଥନ ........................................ ୪୧
ବାମନରୂପୀ ବିଷ୍ଣୁଙ୍କର ଜନ୍ମ ଓ ବଳି ଛଳନାଦି କଥନ ........................ ୫୦
ଭଗୀରଥଙ୍କର ଗଙ୍ଗା ଆଣିବା ପ୍ରସଙ୍ଗେ ବିବିଧ ଦାନ ଓ ପୂଜାଫଳ କଥନ .. ୬୪
ଭଗୀରଥ ଓ କାଳ ସମ୍ବାଦେ ପାପ ପୁଣ୍ୟର ଫଳ ନିର୍ଣ୍ଣୟ .................... ୭୫
ଗଙ୍ଗାଙ୍କୁ ଆଣି ଭଗୀରଥଙ୍କର ପୂର୍ବ ପୁରୁଷ ଉଦ୍ଧାର ଓ
ସେମାନଙ୍କ ପୁରକୁ ଗମନ କରିବା......... ୮୭
ସମ୍ବତ୍ସର ଏକାଦଶୀ ବ୍ରତ କଥନ ........................................ ୯୪
ପୌର୍ଣ୍ଣମାସୀ ବ୍ରତବିଧି ନିର୍ଣ୍ଣୟ ........................................ ୧୦୦
ଧ୍ୱଜା ଆରୋପଣ ବ୍ରତ ବିଧି କଥନ ........................................ ୧୦୨
ହରି ପଞ୍ଚକ ବ୍ରତ କଥନ ........................................ ୧୦୯
ମାସୋପବାସ କଥନ ........................................ ୧୧୧
ଏକାଦଶୀ ବ୍ରତ ମାହାତ୍ମ୍ୟ ........................................ ୧୧୩
ବର୍ଣ୍ଣାଶ୍ରମ ବିଧି ନିର୍ଣ୍ଣୟ ........................................ ୧୧୮
ସଦାଚାର କଥନ ........................................ ୧୨୦
ବର୍ଣ୍ଣାଶ୍ରମ ଧର୍ମ କଥନ ........................................ ୧୨୪
ସଦାଚାର ବିଷୟ ବର୍ଣ୍ଣନ ........................................ ୧୨୬
ଶ୍ରାଦ୍ଧବିଧି ନିର୍ଣ୍ଣୟ ........................................


*Digitized by srujanika@gmail.com*

| | |
|---|---|
| ତିଥି ନିର୍ଣ୍ଣୟ କଥନ | ୧୩୨ |
| ପ୍ରାୟଶ୍ଚିତ୍ତ ବିଧି କଥନ | ୧୩୩ |
| ଯମାଳୟ ମାର୍ଗ ଓ ଯମପୁରର ବର୍ଣ୍ଣନ | ୧୪୦ |
| ସଂସାର ବିଷୟ ବର୍ଣ୍ଣନ | ୧୪୪ |
| ମୋକ୍ଷପାୟ କଥନ | ୧୫୦ |
| ହରି ଭକ୍ତି କଥନ | ୧୫୧ |
| ହରି ମାହତ୍ମ୍ୟ ପ୍ରସଙ୍ଗ ଦେବମାଳୀ ଚରିତ ବର୍ଣ୍ଣନ | ୧୬୩ |
| ଯଜ୍ଞମାଳୀ ଓ ସୁମାଳୀର ଚରିତ | ୧୬୮ |
| ବ୍ୟାଧ ବଣିକର ଚରିତ | ୧୭୩ |
| ହରିଭକ୍ତି ମାହାତ୍ମ୍ୟ କଥନ | ୧୭୬ |
| ବିଷ୍ଣୁଭକ୍ତି ମାହାତ୍ମ୍ୟ, ଯଜ୍ଞଧ୍ୱଜ ଚରିତ ବର୍ଣ୍ଣନ | ୧୭୯ |
| ଯୁଗସ୍ଥିତି ଲକ୍ଷଣାଦି କଥନ | ୧୮୭ |


: ନାରଦ ପୁରାଣ ସୂଚିପତ୍ର ସମାପ୍ତ :


**ଧର୍ମଗ୍ରନ୍ଥ ଷ୍ଟୋର** ଦ୍ୱାରା ସଦ୍ୟ ମୁଦ୍ରିଲାଭ କରିଥିବା ପୁସ୍ତକ ଗୁଡ଼ିକ ହେଲା :

ପୁସ୍ତକର ନାମ

ସିଦ୍ଧାନ୍ତ ଦର୍ପଣ ଧାରେଣୀ ..................................

ବୋଲ୍ ବମ୍ ଶ୍ରାବଣୀକପର୍ବର ସୃଷ୍ଟି ସମୀକ୍ଷା..........................

ପରମ ମୁକ୍ତି ଭାଗବତ

ବୃହଦ୍ ଗଙ୍ଗା ପୁରାଣ (ଯନ୍ତ୍ରସ୍ଥ)

ଜଗତର ନାଥ ସୃଷ୍ଟିଧର୍ମ

କଳ୍କୀ ଭାଗବତ

ଚୈତନ୍ୟ ରସାମୃତ

କଂସ ବିଜୟୀ କୃଷ୍ଣ

ଅଚ୍ୟୁତାଲୋକ

ତଥ୍ୟସାର ଜଣା ଅଜଣା

ଅନନ୍ତ ଭାଗବତ

ଅଚ୍ୟୁତ ଅମୃତବାଣୀ

ପ୍ରାଚୀ ମାହାତ୍ମ୍ୟ

ସର୍ବଶକ୍ତି ହନୁମା

ବୃହଦ୍ ଜାତକ ଦର୍ପଣ ..................................


Digitized by srujanika@gmail.com

ବୃହତ୍

# ନାରଦ ପୁରାଣ

## ଶ୍ରୀ ଜଗନ୍ନାଥଙ୍କ ବନ୍ଦନା

ବନ୍ଦଇ ଶ୍ରୀ ଜଗନ୍ନାଥ ପତିତ ପାବନ
ବନ୍ଦଇ ଶ୍ରୀ ଜଗନ୍ନାଥ ଲକ୍ଷ୍ମୀ ପ୍ରାଣଧନ ।
ବନ୍ଦଇ ଶ୍ରୀ ଜଗନ୍ନାଥ ଅଗତିର ଗତି
ବନ୍ଦଇ ଶ୍ରୀ ଜଗନ୍ନାଥ ବଉଦ୍ଧ ମୂରତି ।
ବନ୍ଦଇ ଶ୍ରୀ ଜଗନ୍ନାଥ ନୀଳାଦ୍ରି ବିହାରୀ
ବନ୍ଦଇ ଶ୍ରୀ ଜଗନ୍ନାଥ ଦୀନ ଦୁଃଖହାରୀ ।
ବନ୍ଦଇ ଶ୍ରୀ ଜଗନ୍ନାଥ ଅତ୍ରାହି ଭଞ୍ଜନ
ବନ୍ଦଇ ଶ୍ରୀ ଜଗନ୍ନାଥ ଜଗତ ଜୀବନ ।
ବନ୍ଦଇ ଶ୍ରୀ ଜଗନ୍ନାଥ ଭକତ ରକ୍ଷଣ
ବନ୍ଦଇ ଶ୍ରୀ ଜଗନ୍ନାଥ ଶରଣ ରକ୍ଷଣ ।
ବନ୍ଦଇ ଶ୍ରୀ ଜଗନ୍ନାଥ ଶଙ୍ଖ ଚକ୍ରଧାରୀ
ବନ୍ଦଇ ଶ୍ରୀ ଜଗନ୍ନାଥ ପୟରେ ତୁମ୍ଭରି ।
ନାହିଁ ମୋର ବୁଦ୍ଧି ବୃତ୍ତି ନାହିଁ ମୋର ଜ୍ଞାନ
ଭବସିନ୍ଧୁ ତରିବାକୁ ବଳାଇଛି ମନ ।
ଅଗାଧ ସଲୀଳ ପୁଣି ନାହିଁ ସାହା ରାହା
ଦିଶୁନାହିଁ ଥଳ କୂଳ ଆହେ ଚଉବାହା ।
କେବଳ ତୁମ୍ଭରି ପାଦତଳେ ରଖି ମନ
ଚଳାଉଛି ନାବଖଣ୍ଡି ହେ ମଧୁସୂଦନ ।
ନାନାପ୍ରକାର ବିପଦ ରହିଛି ଆଗରେ
ଯେବେ ନାବଖଣ୍ଡି ପଡ଼ିଯିବ ଭଉଁରୀରେ ।
ସେତେବେଳେ ସାହା ରାହା ନ ପାଇବି ମୁହିଁ
ତେଣୁ ଅଭୟ ପୟରେ ଜଣାଣ କରଇ ।
ଯେତେବେଳେ ପଡ଼ିଯିବି ଘୋର ବିପଦରେ
ସହାୟ ହୋଇବେ ପ୍ରଭୁ ନିବେଦନ କରେ ।
ନାହିଁ ମୋର ବୁଦ୍ଧି ବୃତ୍ତି ନାହିଁ ମୋର ଜ୍ଞାନ
ବସିନାହିଁ ସୁଜ୍ଞଜନ ମେଳେ କଦାଚନ ।
କେବଳ ମାତ୍ରକ ତବ ପାଦେ କରି ଆଶ
ଧରୁଛି ଲେଖନୀ ପ୍ରଭୁ ବାନ୍ଧିଣ ସାହସ ।
ତବ ପାଟରାଣୀ ବାଣୀ ଯଦ୍ୟପି ଦାସରେ
ସହାୟ ହୋଇବ ତରୀ ଲାଗିବ କୂଳରେ ।
ଭକ୍ତଙ୍କର ଶିରୋମଣି ଯେବଣ ନାରଦ
ଯାହାଙ୍କୁ ଅତ୍ୟନ୍ତ ସ୍ନେହ କର ଆଦିକନ୍ଦ ।
ତାଙ୍କରି ବିଷୟ କିଛି ଲେଖିବାର ପାଇଁ
ପ୍ରୟାସୀ ହୋଇଛି ଆହେ ଜଗତ ଗୋସାଇଁ ।
ଭକ୍ତ ଭଗବାନଙ୍କର କିପରି ସମ୍ବନ୍ଧ
ଭାବିଛି ଲେଖିବି ତାହା ବହି ମନେ ମୋଦ ।
ଯାହାଙ୍କ ନାମ ଧରିଲେ ପାପୀ ତାପି ଜନ
ଏହି ଭବ ସାଗରରୁ ହୋଇବେ ମୋଚନ ।
ସେହି ଗ୍ରନ୍ଥ ଲେଖନୀକୁ ଦିଅନ୍ତୁ ଶକତି
ମାତା ବାଣୀଙ୍କୁ ଆଦେଶ ଦିଅ ଯଦୁପତି ।
ଏତିକି ମାତ୍ର ଜାଣଇ ଅଭୟ ପୟରେ
କ୍ଷେତ୍ରମୋହନ ଚଳିଲା ଗନ୍ତବ୍ୟ ପଥରେ ।

----●----

Digitized by srujanika@gmail.com

## ଦୁର୍ଗାଙ୍କ ବନ୍ଦନା

ଜୟ ଜଗତ ଜନନୀ ନମେ ତୋ ପୟରେ
ତୋହ ବିନା ସାହା କେହି ନାହିଁ ଏ ସଂସାରେ ।
ଭାଇବନ୍ଧୁ ଆଦି ସବୁ ତ୍ୟାଗକରି ମାତ
ତୋହର ପଦ୍ମ ପାଦରେ ବଳାଇଛି ଚିତ୍ତ ।
ଜାଣେ ନାହିଁ ମନ୍ତ୍ର ଯନ୍ତ୍ର ନାହିଁ ମୋର ଜ୍ଞାନ ।
କେବଳ ତୋହର ନାମ କରିଣ ଭଜନ ।
ଏହି ଭବ ସାଗରରେ ଭାସୁଅଛି ମାତ
ପାଉ ନାହିଁ ଆହା ରାହା ଭୟେ ହୁଏ ତ୍ରସ୍ତ ।
ତୋର ଦୟା ଯଦ୍ୟପି ନ ହୋଇବ ଦୀନେ
ଏହି ଅଗାଧ ସଳିଳେ ନାଶଯିବି କ୍ଷଣେ ।
ଶୁଣିଛି ନାନା ପୁରାଣ ଶାସ୍ତ୍ର ମଧ୍ୟୁ ମୁହିଁ
ତୋର ଦୟା ବାରି ଯାହାପରେ ବର୍ଷିଛଇଁ ।
ମହା ପଣ୍ଡିତରେ ସେହୁ ହୋଇଛନ୍ତି ଗଣ୍ୟ
ଯଥା କାଳିଦାସ ଦୀନକୃଷ୍ଣ ବିଜ୍ଞଜନ ।
ପଙ୍ଗୁ ଲଙ୍ଘିଅଛି ଗିରି ତୋର ଦୟାବଳେ
ମୂର୍ଖ ମୁଖେ ଚାରିବେଦ ବଖାଣିଛୁ ହେଲେ ।
ମୁହିଁ ତ ଅଧମ ଜନ କିଛି ନ ଜାଣଇ
ଯେବେ ଦୟା ନ କରିବୁ କୃପା ଦୃଷ୍ଟିଦେଇ ।
ତାହେଲେ ବଞ୍ଚିବା ମାତ ହେବ ଅକାରଣ
କାହିଁକି ରଖିବି ଆଉ ଏ ନିର୍ଲ୍ଲଜ ପ୍ରାଣ ।
ଯଦି ପାଦ ପଦ୍ମେ କରିଅଛି କିଛି ଦୋଷ
ଅପାର କରୁଣା ଗୁଣେ କର ମାତ ନାଶ ।
ଯେଉଁ ଗନ୍ତବ୍ୟ ପଥରେ ଗମୁଛି ସନ୍ତାନ
ସହାୟ ହୋଇଣ ପଥ କଢ଼ାଅ ବହନ ।
ଯେପରି ଲକ୍ଷ୍ୟ ସ୍ଥଳରେ ହୋଇବି ପ୍ରବେଶ
ଏହି ଦୟାକର ମାତ ମାଗେ କ୍ଷେତ୍ର ଦାସ ।

----●----

## ସରସ୍ୱତୀଙ୍କ ବନ୍ଦନା

ନମୋ ନମୋ ଭଗବତୀ ଭାରତୀ ଭବାନୀ
ନମୋ ନମୋ ସରସ୍ୱତୀ ଦେବୀ କାତ୍ୟାୟନୀ
ନମୋ ଅପର୍ଣ୍ଣା ପାର୍ବତୀ ନମୋ ଆଦିମାତା
ନମୋ ନମୋ ମହାମାୟୀ ତ୍ରିପୁର ବନ୍ଦିତା ।
ନମୋ ନମୋ ବୀଣାପାଣି ନମୋ ବିଦ୍ୟାଦାତ୍ରୀ
ନ ଆସିବା ପଦମାନ ବତାଅ ତଡ଼ତି ।
ଯଦ୍ୟପି ସହାୟ ମାତ ନହେବୁ ଦାସରେ
ଚୂର୍ଣ୍ଣ ହୋଇଯିବ ସବୁ ଆଶା କ୍ଷଣକରେ ।
କେତେ ବଡ଼ ଆଶା ମାତ କରିଣ ପୋଷଣ
ଧରୁଛି ଲେଖନି ତୋହ ଭରସାରେ ଜାଣ ।
ଜାଣେ ମୋ ଜନନୀ କେବେ ନିର୍ଦ୍ଦୟା ନୋହିବେ
ଦୟା ବହି ଅଧମକୁ ସାହାଯ୍ୟ କରିବେ ।
ଏହି ଭରସା ମନରେ କରିଣ ପୋଷଣ
ସର୍ପ ଧରି ଯାଏ ବିଛା ମନ୍ତ୍ର ନ ଜାଣିଣ ।
ଅଭୟ ପୟର ରେଣୁ ତଳେ କରି ଆଶ
ଚାଳୁଛି ଲେଖନୀ ମାତ ବାନ୍ଧିଣ ସାହସ ।
ଭକ୍ତ ଶିରୋମଣି ଯେଉଁ ନାରଦ ଅଟନ୍ତି
ସର୍ବାଗ୍ରେ ଯାହାଙ୍କୁ ଧ୍ୟାନ ଦ୍ୟନ୍ତି ଯଦୁପତି ।
ଯାହା ନାମ ଭଜନରେ ହରେ ପାପରାଶି
ସେହି ଦେବର୍ଷି ଚରିତେ ହୋଇଣ ପ୍ରୟାସୀ ।
ରଚନା କରିବା ପାଇଁ ବଳାଇଛି ମନ
ହେଲେହେଁ ଅନ୍ତରମଧ୍ୟେ ହୁଏ ଛନ୍ନଛନ୍ନ ।
ତେଣୁ ମା ତୋ ପାଦେ କରି କେଟି ଦଣ୍ଡବତ
ଜଣାଉଛି ମୋର କଣ୍ଠେ ବସିଣ ତୁରିତ ।
ଗୋଟି ଗୋଟି କରି ସବୁ ପଦମାନ କହି
କ୍ଷେତ୍ରମୋହନକୁ ସାହା ହୁଅ ଦୟାମୟୀ ।

----●----

Digitized by srujanika@gmail.com

## ଶୌନକ ଆଦି ବ୍ରହ୍ମଋଷିଗଣ ପୁରାଣ ଶ୍ରବଣ ନିମନ୍ତେ ସୁତଙ୍କ ନିକଟକୁ ଗମନ କରିବା

ଶୁଣ ଶୁଣ ସୁଜ୍ଞଜନେ ଦେଇ ମନ କର୍ଣ୍ଣ
ଏହି ନାରଦ ପୁରାଣ ଅମୃତ ସମାନ ।
ଶ୍ରବଣ ପଠନ କଲେ ଶ୍ରଦ୍ଧା ଭକତିରେ
ଜୀବନ ଅନ୍ତେ ବସିବ ବଇକୁଣ୍ଠପୁରେ ।
ଏ ସଂସାରେ ଘୋଟିଅଛି ପାପ ଅନ୍ଧକାର
ଭ୍ରମି ମରୁଛନ୍ତି ପ୍ରାଣୀମାନେ ତା ମଧର ।
ଯେବେ ସେ ପାପ ଅନ୍ଧାରୁ ହୋଇବ ମୁକତ
ଧର୍ମ ରୂପକ ଆଲୋକ ଦର୍କାର ଏକାନ୍ତ ।
ସେହି ଆଲୋକ ସନ୍ଧାନ କରିବା ନିମନ୍ତେ
ଏହି ନାରଦୀୟ ଗ୍ରନ୍ଥ ପଢ଼ ତୋଷଚିତ୍ତେ ।
କେଉଁଠାରୁ ଏହି ଗ୍ରନ୍ଥ ହୋଇଛି ଉତ୍ପନ୍ନ
କିଏ ଶ୍ରୋତା କିଏ ବକ୍ତା ଶୁଣ ଦେଇମନ ।
ଏହି ପବିତ୍ର ଭାରତେ ଅଛି ଏକ ସ୍ଥାନ
ନୈମିଷା ଅରଣ୍ୟ ନାମ ତାହାରଟି ଜାଣ ।
ସେହି ସ୍ଥାନର ମହିମା କି ବର୍ଣ୍ଣିବି ମୁହିଁ
ସ୍ୱୟଂ ବେଦବର ଯାରେ ସକ୍ଷମ ନୁହଁଇ ।
ପାପ ତାପ ତିଳେମାତ୍ର ନାହିଁ ସେଠାବରେ
ସବୁବେଳେ ଯଜ୍ଞ ଧୂମ୍ର ଉଠେ ଆକାଶରେ ।
ଅଗଣନ ତପୀବଳ ସେଠାବରେ ରହି
ଜପ, ତପ, ହୋମ, ଯଜ୍ଞ କରୁଥାନ୍ତି ତହିଁ ।
ଅହରହ ଦେବ ନାଦେ ମୁଖର ସେ ସ୍ଥାନ
ଅଦିନେ ବହଇ ମଧ ମଳୟ ପବନ ।
ତପୀମାନଙ୍କ ପ୍ରଭାବେ ଯଥା ସମୟରେ
ଇନ୍ଦ୍ର ବାରି ବରଷଇ ନୈମିଷା ବଣରେ ।
ଯେତେବେଳେ ଯେଉଁ ଦ୍ରବ୍ୟ ହୁଏ ଦରକାର
ତପ ପ୍ରଭାବରେ ତାହା ମିଳଇ ପାଶର ।
ବ୍ୟାଘ୍ର ଭାଲୁ ଗଣ୍ଡା ଆଉ ଗୟଳ ଶୂକର
ଯୁଥ ଯୁଥ ହୋଇ ଭ୍ରମୁଥାନ୍ତି ସେ ବଣର ।
ତିଳେହେଁ କା ପ୍ରତି କେହି ହିଂସା ନ କରନ୍ତି
ଖାଦ୍ୟ ଖାଦକ ଉଭୟେ ସେଠାରେ କ୍ରୀଡ଼ନ୍ତି ।
ଏମନ୍ତ ଅଟଇ ଯେଉଁ ନୈମିଷା ଅରଣ୍ୟ
ତାହାର ମାହାତ୍ମ୍ୟ କିବା କରିବି ବର୍ଣ୍ଣନ ।

ସେହି ବନ ମଧ୍ୟେ ବହୁ ବ୍ରହ୍ମଋଷି ରହି
ମୁକ୍ତି ଅଭିଳାଷେ ତପ ଆଚରନ୍ତି ତହିଁ ।
ଜିତେନ୍ଦ୍ରିୟ ସତ୍ୟବାଦୀ ଅଟନ୍ତି ସେମାନେ
ପ୍ରାଣୀହିତ ବିନା ସେହୁ ନ ଜାଣନ୍ତି ଆନେ ।
ପରମ୍ବ୍ରହ୍ମଙ୍କ ପୟରେ ଲଗାଇଣ ଚିତ୍ତ
ନାମ ଭଜନରେ ହୋଇ ଥାଆନ୍ତି ପ୍ରବୃତ୍ତ ।
ସମୟେ ସମୟେ ମଧ ସର୍ବ ଋଷିଗଣ
ଧର୍ମାଲୋଚନା କରନ୍ତି ସଭା ବସାଇଣ ।
ଜଗତ ଜନମାନଙ୍କ ହିତ ହେବାପାଇଁ
ସର୍ବଦା ଚିନ୍ତା କରନ୍ତି ତପିଗଣ ତହିଁ ।
ଏକ ଦିନେ ସେହିପରି ସର୍ବ ଋଷିଗଣେ
ସଭା ଆରମ୍ଭ କରିଲେ ଆନନ୍ଦିତ ମନେ ।
ଧର୍ମ ଅର୍ଥ କାମ ମୋକ୍ଷ ସାଧନ ଉପାୟ
ଜାଣିବା ପାଇଁକି ମନ ମଧ୍ୟେ କରି ଥୟ ।
ରାଜଋଷି ବ୍ରହ୍ମଋଷି ପୁଣି ମହାଋଷି
ଯେ ଯାହା ଶିଷ୍ୟକୁ ନେଇ ପ୍ରବେଶିଲେ ଆସି ।
ସଭା ମଧ୍ୟେ ରୁଣ୍ଡ ହୋଇ ସର୍ବ ଋଷିଗଣ
ପ୍ରାଣୀଙ୍କ ହିତ ନିମନ୍ତେ କଲେ ଆଲୋଚନ ।
ଶୌନକ ମୁଖକୁ ଚାହିଁ ପୁଚ୍ଛିଲେ ସକଳେ
ଆହେ ମହାତମା ତୁମ୍ଭେ କୁହ ସଭାସ୍ଥଳେ ।
ଏ ତିନିପୁରେ ପବିତ୍ର ସ୍ଥାନ କେତେ ଅଛି
ଆବର କେବଣ ତୀର୍ଥ କେଉଁଠି ରହିଛି ।
ତାହା ସର୍ବ ସୂକ୍ଷ୍ମ ଭାବେ ଆମ୍ଭଙ୍କୁ ବୁଝାଇ
କୁହ ଗୋଟି ଗୋଟି ଆହେ ଶୌନକ ଗୋସାଇଁ ।
ପାପୀ ତପିମାନେ ପୁଣି କେବଣ ତୀର୍ଥରେ
ମୁକତ ହୋଇବେ କୁହ କେଉଁ ଉପାୟରେ ।
ଆବର ସକଳ ଜନଙ୍କର ହୃଦ ଗତେ
ହରି ଭକ୍ତି ଜାତ ହେବ କୁହନ୍ତୁ କେମନ୍ତେ ।
ପାପ ବୋଲିକରି ଏ ଜଗତେ ନ ରହିବ
ସବୁଠାରେ ସତ୍ୟ ଧର୍ମ ପତାକା ଉଡ଼ିବ ।
ପୁନଶ୍ଚ ଶୁଭ ଅଶୁଭ ଶୁଭାଶୁଭ ଫଳ
ମିଳେ କେଉଁପରି କୁହ ବୁଝାଇ ସକଳ ।
ଏହି ସକଳ ତତ୍ତ୍ୱକୁ କିପରି ଜାଣିବା
ଗୋଟି ଗୋଟି ବୁଝାଇଣ କହ ମହାତମା ।
ତା ଶୁଣି ଶୌନକ ମୁନି କୃତାଞ୍ଜଳି ପୁଟେ
କହିଲେ ବିନୟ ହୋଇ ତପିଙ୍କ ନିକଟେ ।

Digitized by srujanika@gmail.com

ଶୁଣ ହେ ପୁଣ୍ୟାତ୍ମା ତପିଗଣେ ମୋର ଗୀର
ଯାହା ମୁହିଁ ଜାଣେ ତାହା ପ୍ରକାଶେ ଏଠାର ।
ଯେବଣ ଗାଥା ନିମନ୍ତେ ସକଳ ତାପସ
ମନ ବଳାଇଣ ତାହା ଶୁଣ ହୋଇ ତୋଷ ।
ସୁତ ମୁନି ଅଟନ୍ତି ଯେ ତପିଙ୍କ ପ୍ରଧାନ
ବହୁ ଯାଗ ଯଜ୍ଞ ସେହୁ କରି ସମାପନ ।
ହରିଙ୍କ ଅର୍ଚ୍ଚନା କରିଛନ୍ତି ଅବିରତେ
ତାହାଙ୍କ ଗୁଣ ଶ୍ରବଣ କର ତୋଷଚିତ୍ତେ ।
ସେହି ପୌରାଣିକ ସୁତ ମୁନି ଏହିକ୍ଷଣି
ସିଦ୍ଧାଶ୍ରମେ ରହିଛନ୍ତି କୁଟୀର ନିର୍ମାଣି ।
ତୁମ୍ଭେମାନେ ଯେଉଁ କଥା ପୁଛାକଲ ମୋରେ
ସୁତ ସେ ସମସ୍ତ ଜାଣିଛନ୍ତି ବିଧାନରେ ।
ତାଙ୍କୁ ପୁଛା କଲେ ସବୁ ଦେବେ ସେ ବୁଝାଇ
ପୌରାଣିକ ବ୍ୟାସଙ୍କର ପ୍ରିୟ ଶିଷ୍ୟ ସେହି ।
ଯେତେକ ପୁରାଣ ଏହି ଜଗତରେ ଅଛି
ସକଳ ତତ୍ତ୍ୱ ଜାଣନ୍ତି ସେ ସୁତ ମହର୍ଷି ।
ଶାସ୍ତ୍ର ପୁରାଣ ସଂହିତା ଗଳ୍ପ ଇତିହାସ
ଯେତେ ଗ୍ରନ୍ଥମାନ ଅଛି ସମସ୍ତ ରହସ୍ୟ ।
ଭେଦ କରିଣ ଅଛନ୍ତି ସୁତ ମୁନିବର
ଲୋମହର୍ଷଣଙ୍କର ସେ ଅଟନ୍ତି କୁମର ।
ଅତି ଧୀର ଶାନ୍ତଶୀଳ ସୁଶୀତଳ ମତି
ଆମ୍ଭମାନଙ୍କୁ ଦେଖିଲେ ତୋଷ ହେବେ ଅତି ।
ଯାହା ପୁଛିବା ତାହାଙ୍କୁ ଅତ୍ୟନ୍ତ ଆଗ୍ରହେ
ବୁଝାଇ ଦେବେ ସକଳ ସେହି ମହାଶୟେ ।
ଶୁଣିଛି ପୁରାଣେ ମୁହିଁ ଦ୍ୱାପର ଯୁଗରେ
ସ୍ୱୟଂ ବିଷ୍ଣୁ ଜନ୍ମ ହେଲେ ବ୍ୟାସଙ୍କ ରୂପରେ ।
ମରତ ମଣ୍ଡଳେ ସେହୁ ଜନମ ଲଭିଣ
ବେଦକୁ ବିଭାଗ ମଣି କରିଛନ୍ତି ଜାଣ ।
ସାକ୍ଷାତରେ ନାରାୟଣ ସେ ବ୍ୟାସ ଅଟନ୍ତି
ସୁତକୁ ସକଳ ଜ୍ଞାନ ବୁଝାଇଣ ଛନ୍ତି ।
ବ୍ୟାସଦେବଠାରୁ ଶୁଣି ଧର୍ମ ତତ୍ତ୍ୱ ଗାଥା
ହୋଇଣ ଅଛନ୍ତି ସୁତ ପୁରାଣ ବକତା ।
ତାହାଙ୍କଠାରୁ ଅଧିକ ଆନ କେହି ନାହିଁ
ଶ୍ରେଷ୍ଠ ବକ୍ତା ଜଗତରେ ଅଛନ୍ତି ବୋଲାଇ ।
ସକଳ ପୁରାଣ ଅର୍ଥ ସେହୁ ଜାଣିଛନ୍ତି
ମୋକ୍ଷ ପରମାର୍ଥ ଜ୍ଞାନ ଆଦି ଭେଦିଛନ୍ତି ।

ପ୍ରତ୍ୟେକ ଜ୍ଞାନରେ ସେହୁ ଅଟନ୍ତି ଅଭିଜ୍ଞ
ବ୍ୟାସଙ୍କର ପ୍ରସାଦରୁ ସେ ମୁନି ସର୍ବଜ୍ଞ ।
ସକଳ ଶାସ୍ତ୍ରରୁ ସାର କରି ଉଦ୍ଧାରଣ
ଲେଖିଛନ୍ତି ବ୍ୟାସଦେବ ଜଗତ ହିତେଣ ।
ଯେତେବେଳେ ଗ୍ରନ୍ଥମାନ ସେହୁ ରଚିଛନ୍ତି
ସକଳ ତତ୍ତ୍ୱ ସୁତକୁ ବୁଝାଇ ଅଛନ୍ତି ।
ତେଣୁ ସେହୁ ହୋଇଛନ୍ତି ଜ୍ଞାନର ଜଳଧି
ମହା ପଣ୍ଡିତ ଆବର ଜ୍ଞାନୀଙ୍କର ନିଧି ।
ଏହା ଶୁଣି ମୁନିମାନେ ଆନନ୍ଦ ହୋଇଲେ
ସାଧୁ ସାଧୁ ବୋଲି ଶୌନକଙ୍କୁ ପ୍ରଶଂସିଲେ ।
ବୋଇଲେ ଧନ୍ୟ ହେ ତୁମ୍ଭେ ଧନ୍ୟ ତବ ବୁଦ୍ଧି
ତବ ଯୋଗେ ଲାଭ କଲୁ ଆଜି ଜ୍ଞାନ ନିଧି ।
ଏମନ୍ତ କହିଣ ସର୍ବ ମୁନି ଏକମେଳେ
ଯାତ୍ରାକଲେ ସେହିଠାରୁ ଉଠି ଏକାବେଳେ ।
ସିଦ୍ଧ ଆଶ୍ରମ ବନରେ ପ୍ରବେଶ ହୋଇଲେ
ଖୋଜି ଖୋଜି ସୁତଙ୍କର ସନ୍ନିଧେ ମିଳିଲେ ।
ଦେଖିଲେ ସକଳେ ପୌରାଣିକ ସୁତବର
ପ୍ରବୃତ୍ତ ହୋଇ ଅଛନ୍ତି ଯେ ମହାଯଜ୍ଞର ।
ଅଗ୍ନିଷ୍ଟୋମ ଯାଗରେ ସେ ହରିଙ୍କି ଅର୍ଚ୍ଚନା
କରୁଥିଲେ ମନୁ ତେଜି ସମସ୍ତ ଭାବନା ।
ସେହି ସମୟରେ ଶୌନକାଦି ଋଷିଗଣ
ପ୍ରବେଶ ହୋଇଲେ ଯାଇ ତାହାଙ୍କ ପାଶେଣ ।
ସେମାନଙ୍କୁ ନେତ୍ରେ ଦେଖି ସୁତ ମୁନିବର
ମନ ମଧ୍ୟରେ ଆନନ୍ଦ ହୋଇଣ ଅପାର ।
ଯଥା ଯୋଗ୍ୟ ଆସନରେ ସଭିଙ୍କୁ ବସାଇ
ଗୋଟି ଗୋଟି କରି ପୂଜାକଲେ ତପିସାଇଁ ।
ତାହାଙ୍କ ଆତିଥ୍ୟ ଦେଖି ସର୍ବ ଋଷିଗଣ
ଆଶ୍ଚର୍ଯ୍ୟ ହୋଇଲେ ଯେ ଯାହା ମନ ମଧ୍ୟେଣ ।
କିଛିହିଁ ନ କହି ତାଙ୍କୁ ଯଜ୍ଞ ଶେଷଯାଏ
ବସି ରହିଲେ ଯେ ଯାର ଆସନେ ସଭିଏଁ ।
କେତେକ ସମୟ ପରେ ସୁତ ମହାମୁନି
ଯଜ୍ଞ ସମାପନ କରି ଶୁଦ୍ଧୋଦକ ଘେନି ।
ଯଥା ବିଧିମତେ ଅବଭୃଥ ସ୍ନାନ କଲେ
ତାହାପରେ ଯାଇ ନିଜ ଆସନେ ବସିଲେ ।
ତା ଦେଖି ନୈମିଷ୍ୟାରଣ୍ୟବାସୀ ତପିଗଣ
ପୁଛାକଲେ ସୁତଙ୍କୁ ଯେ ଆନନ୍ଦ ହୋଇଣ ।

Digitized by srujanika@gmail.com

ହେ ମହାତ୍ମା ଆମ୍ଭେମାନେ ଅତିଥି ତୁମ୍ଭର
ଆମ୍ଭମାନଙ୍କର ଯଥାଯୋଗ୍ୟ ସେବାକର ।
ଆନ ସେବାରେ ଆମ୍ଭର ଆବଶ୍ୟକ ନାହିଁ
ମାତ୍ର ମାଗୁଅଛୁଁ ଜ୍ଞାନ ଉପଦେଶ ଦେଇ ।
ଆମ୍ଭମାନଙ୍କର ଦେବ କରନ୍ତୁ ଅର୍ଚ୍ଚନ
ଏତିକି ମାତ୍ରକ ତବ୍,ପାଶେ ନିବେଦନ ।
ଚନ୍ଦ୍ରକଳାମୃତ ପାନକଲେ ଦେବଗଣ
ଆପଣା ଜୀବନ ଯେହ୍ନେ କରନ୍ତି ଧାରଣ ।
ତେମନ୍ତେ ଆପଣ ନିଜ ମୁଖରୁ ନିଃସୃତ
ଜ୍ଞାନାମୃତ ଦେଇ କର ଆମ୍ଭଙ୍କୁ ତୃପତ ।
କେଉଁ କର୍ମକଲେ ବିଷ୍ଣୁ ପ୍ରସନ୍ନ ହୁଅନ୍ତି
ତାହା ଆମ୍ଭଙ୍କୁ ବୁଝାଇ ଦିଅ ମହାମତି ।
ମାନବଗଣ କି ରୂପେ ପୂଜନ୍ତି ବିଷ୍ଣୁଙ୍କୁ
ସେ ସମସ୍ତ ବୁଝାଇଣ କହନ୍ତୁ ଆମ୍ଭଙ୍କୁ ।
ଏ ଭବେ କେମନ୍ତେ ହୁଏ ଅତିଥି ପୂଜନ
ଆବର ମୋକ୍ଷ ହୁଅନ୍ତି କେଉଁପରି ଜନ ।
କେବଣ କର୍ମରେ କେଉଁ ଫଳ ପ୍ରାପ୍ତ ହୋନ୍ତି
ଭକ୍ତିଭରେ କେଉଁ ଗତି ପ୍ରାପତ ହୁଅନ୍ତି ।
ପୁଣି ଭକ୍ତିମାର୍ଗ ଗୋଟି ଅଟେ କେଉଁପରି
ବୁଝାଇ ଦ୍ୟନ୍ତୁ ଆମ୍ଭଙ୍କୁ ଅନୁଗ୍ରହ କରି ।
ତପିଙ୍କ ବଚନ ଶୁଣି ପୌରାଣିକ ସୁତ
ମନ ମଧ୍ୟରେ ଆନନ୍ଦ ହୋଇ ଅପ୍ରମିତ ।
ବୋଇଲେ ପୁଛିଲ ଯାହା ମୋତେତୁମ୍ଭେ ମାନେ
ବୁଝାଇ କହୁଛି ତାହା ଶୁଣ ତୋଷମନେ ।
ପୂର୍ବକାଳେ ଘଟିଥିଲା ଯେଉଁ କଥାମାନ
ତୁମ୍ଭମାନଙ୍କ ଅଗ୍ରତେ କରିବା ବୟାନ ।
ସନତ କୁମାର ଆଗେ ମହାତ୍ମା ନାରଦ
କରିଥିଲେ ଯେତେ ଯେତେ ଗଢ଼ ତତ୍ତ୍ୱପଦ ।
ସେହି ବୃହଦ୍ ନାରଦ ପୁରାଣ ଚରିତ
କହିବି ଏଠାରେ ତାହା ଘେନନ୍ତୁ ସମସ୍ତ ।
ବେଦାର୍ଥ ସମ୍ମତ ଧନ୍ୟ ପୁରାଣ ଯେ ଅଟେ
କହିବି ବୁଝାଇ ତାହା ମୁଁ ତୁମ୍ଭ ନିକଟେ ।
କର୍ଣ୍ଣରେ ଶ୍ରବଣ କଲେ ସେ ଶାସ୍ତ୍ରର ଗୀର
ଅଙ୍ଗରୁ କଳୁଷ ରାଶି ହୋଇଯିବ ଦୂର ।
ଗ୍ରହମାନଙ୍କର ପୀଡ଼ା ଦୂରିତ ନାଶନ
ହୋଇବ ଶ୍ରବଣ କଲେ ଏ ଗ୍ରନ୍ଥକୁ ଜାଣ ।

ସକଳ ବ୍ୟାଧି ଅଙ୍ଗରୁ ଦୂର ହୋଇଯିବ
ଭୁକ୍ତି ମୁକ୍ତି ସହିତରେ ସକଳ ମିଳିବ ।
ପରମ ଆତ୍ମା ପରମ ପୁରୁଷଙ୍କ ପାଦେ
ଲୀନ ହୋଇଯିବ ଜୀବନାନ୍ତେ ଅପ୍ରମାଦେ ।
ଶ୍ରବଣ କରିଲେ ଏହି ପୁରାଣ କର୍ଣ୍ଣରେ
ଧର୍ମ ଅର୍ଥ କାମ ମୋକ୍ଷ ଲଭିବ ଅଚିରେ ।
ଅସଂଖ୍ୟ ପୁଣ୍ୟର ଫଳ ଏଥିରୁ ଲଭିବ
ଯେ ଯାହା ବାଞ୍ଛିବ ତାହା ଅଚିରେ ହୋଇବ ।
ବେଦର ସମ୍ମତ ଏହି ନାରଦ ପୁରାଣ
କହୁଅଛି ଏକମନେ ଏକଧ୍ୟାନେ ଶୁଣ ।
ପାପ ମହାପାପ ଭବେ ପାପ ଥିବ ଯେତେ
ତାହା ହଟିଯିବ ଏହି ପୁରାଣ ଶୁଣନ୍ତେ ।
ଗୋଟିଏ ଅଧ୍ୟାୟ କଲେ ଏ ଗ୍ରନ୍ଥ ପଠନ
ବାଜପେୟ ଯଜ୍ଞଫଳ ଲାଭ ହେବ ଜାଣ ।
ଅଗ୍ନିଷ୍ଟୋମଫଳ ଦୁଇ ଅଧ୍ୟାୟେ ମିଳଇ
ଏହିଭାବେ ଯେହୁ ଦଶ ଅଧ୍ୟାୟ ପଢ଼ଇ ।
ସହସ୍ରେ ଯଜ୍ଞର ଫଳ ଲାଭ କରେ ସେହି
ତିଳେହେଁ ମାତର ଏଥେଁ ସନ୍ଦେହ ଯେ ନାହିଁ ।
ଅତିହିଁ ପବିତ୍ର ଅଟେ ଏହି ହରିଗାଥା
ପଢ଼ିଲେ ଶୁଣିଲେ ହଟିଯାଏ ସର୍ବବ୍ୟଥା ।
ଅନଳ ଯେମନ୍ତେ ବନ ଦହନ କରଇ
ଏହି ଗ୍ରନ୍ଥ ସେହିପରି ପାପକୁ ଦହଇ ।
ଏ ଗ୍ରନ୍ଥ ସଦା ପଠନ କରେ ଯେହୁ ପ୍ରାଣୀ
ତରିଯାଏ ଅକ୍ଳେଶରେ ଭବ ତରଙ୍ଗିଣୀ ।
ଅଙ୍ଗରେ ତାହାର ତିଳେ ପାପ ନ ରହଇ
ଚତୁର୍ବର୍ଗ ଫଳ ସେହୁ ପ୍ରାପତ ହୁଅଇ ।
ହେ ମହାତ୍ମା ଋଷିଗଣେ ଶୁଣ ମୋର ଗୀର
ଲୋଭେ ମୋହ କାମ କ୍ରୋଧଦେହୁଁ ତ୍ୟାଗକର ।
ଏକାଗ୍ର ଚିତ୍ତରେ ବିଷ୍ଣୁ ପାଦେ ଦିଅ ମନ
ପୁରାଣ ଚରିତ ମୁହିଁ କରିବି ଗାୟନ ।
ଅନାଦି ଅବ୍ୟକ୍ତ ସେ ଅରୁପାନନ୍ଦ ହରି
ପ୍ରସନ୍ନ ହୋଇବେ ତୁମ୍ଭଠାରେ ଦୟାକରି ।
ସେ ହରି ପ୍ରସନ୍ନ ହେଲେ ପୁରାଣ ଚରିତ
ଶୁଣିବା ମାତ୍ରକେ ହୃଦୟରେ ହେବ ସ୍ଥିତ ।
ଏଥିରେ ତିଳେମାତର ସନ୍ଦେହ ଯେ ନାହିଁ
ହରିବିନେ ନ ତାରିବେ ଏ ସଂସାରେ କେହି ।

Digitized by srujanika@gmail.com

ଦେଖ ଏ ଜଗତେ ଯେତେ ବସ୍ତୁ ରହିଅଛି
ସବୁଠାରେ ଶ୍ରୀହରିଙ୍କ ସତ୍ତା ବିରାଜୁଛି ।
ତାହାଙ୍କ ବ୍ୟତୀତ ବର୍ତ୍ତିନାହିଁ ଭବେକେହି
ହରତା କରତା ଦୈବ ବିଧାତା ଯେ ସେହି ।
ଅନ୍ତିମ କାଳକୁ ଆସି ସହାୟ ହୋଇବେ
ଗନ୍ତବ୍ୟ ସ୍ଥଳରେ ନେଇ ପହଞ୍ଚାଇ ଦେବେ ।
ବିଷ୍ଣୁଙ୍କ ଅଭୟ ପାଦେ ଯେବେ ଭକ୍ତିଥିବ
ଜନମ ଗ୍ରହଣ ତାର ସଫଳ ହୋଇବ ।
କରତଳେ ମୁକ୍ତି ଜାଣ ହୋଇଥାଏ ସ୍ଥିତ
କେଭେଁ ଦଣ୍ଡି ନ ପାରଇ ତାକୁ ଜନ୍ତୁନାଥ ।
ହରି ଭକ୍ତଙ୍କ ମହିମା କେତେ କହିବଇଁ
ସଂଖ୍ୟା କରିବାକୁ ଭବେ କାର ଶକ୍ତି ନାହିଁ ।
ତେଣୁ ନିବେଦନ କରେ ଆହେ ତପିଗଣ
ହରି ପାଦ ଭଜି କର ପୁରାଣ ଶ୍ରବଣ ।
ଏହି ନାରଦ ପୁରାଣ ଅତ୍ୟନ୍ତ ପବିତ୍ର
ପାଠକଲେ ମୁକ୍ତ ହେବ ଗୀତେ କହେ କ୍ଷେତ୍ର
ଇତି ଶ୍ରୀ ବୃହଦ୍ ନାରଦ ପୁରାଣେ ସୂତ ଶୌନକ
ସମ୍ବାଦେ ନାମ ପ୍ରଥମୋଽଧ୍ୟାୟଃ ।

---•----

# ଦ୍ୱିତୀୟ ଅଧ୍ୟାୟ

## ସନତକୁମାର ଓ ନାରଦଙ୍କର କଥୋପକଥନ

ଶୁଣ ଆହେ ସୁଜ୍ଞଜନେ ଅପୂର୍ବ ଚରିତ
ଯାହା ଶ୍ରବଣରେ କର୍ଣ୍ଣ ହୋଇବ ପବିତ୍ର ।
ସୁତଙ୍କ ମୁଖରୁ ଏହା ଶୁଣି ଋଷିଗଣ
ଅତ୍ୟନ୍ତ ଆନନ୍ଦ ହେଲେ ସେ ମନ ମଧ୍ୟେଣ ।
ବୋଇଲେକ କୃତ୍ୟ କୃତ୍ୟ ହୋଇଣ ତାହାଙ୍କୁ
ଆହେ ସୁତବର ସବୁ କୁହନ୍ତୁ ଆମ୍ଭଙ୍କୁ ।
ଆଦ୍ୟଠାରୁ ପ୍ରାନ୍ତଯାଏ ଗୋଟି ଗୋଟି କରି
ସକଳ ଘଟଣାମାନ କୁହ ତପଚାରୀ ।
ନାରଦ କିପରି ସନତ୍ କୁମାରଙ୍କୁ ପୂର୍ବେ
ଧର୍ମ ଉପଦେଶ ଦେଇଥିଲେ ସଦ୍‌ଭାବେ ।
ସେ ଦୁହେଁ ଏକତ୍ର ହୋଇଥିଲେ କେଉଁପରି
ଆବର କେବଣଠାରେ ମେଳ ହୋଇକରି ।
ଦେବର୍ଷି ନାରଦ କରୁଥିଲେ ଯାହା ଯାହା
ବିସ୍ତାର ଭାବରେ ଦେବ ବଖାଣନ୍ତୁ ତାହା ।
ତବ ଶ୍ରୀମୁଖରୁ ଆମ୍ଭେ କରିଣ ଶ୍ରବଣ
ମନୋବାଞ୍ଛା ପୂରାଇବୁ ସର୍ବ ଋଷିଗଣ ।
ତାହାଙ୍କ ବଚନ ଶୁଣି ସୁତ ହସି ହସି
ବୋଇଲେ ଯାହା ପୁଚ୍ଛିଲ ମୋତେ ସର୍ବଋଷି ।
ବଖାଣୁଛି ତାହା ମୁହିଁ ମନ ଦେଇ ଶୁଣ
ବ୍ରହ୍ମାଙ୍କ ମାନସ ପୁତ୍ର ସନକାଦି ଗଣ ।
ଊର୍ଦ୍ଧ୍ୱରେ ତା ଧର୍ମ ପରାୟଣ ସେ ସରବେ
ତାହାଙ୍କର ନାମ ମାନ କହୁଅଛି ଏବେ ।
ସନକ ଯେ ସନନ୍ଦ ସନତ କୁମାର
ସନାତନ ବଶିଷ୍ଠ ଯେ ଅତ୍ରି ମୁନିବର ।
ସକଳେ ମହାବିଷ୍ଣୁଙ୍କ ଭକତ ଅଟନ୍ତି
ଅଙ୍ଗେ ତାର ବିରାଜଇ ଶ୍ରୀବିଷ୍ଣୁଙ୍କ ଜ୍ୟୋତି ।
ସୂର୍ଯ୍ୟସମ ତାହାଙ୍କର ତେଜ ବିକାଶଇ
ତାହାଙ୍କ ଚରିତମାନ ଶୁଣ ମନଦେଇ ।
ଏମନ୍ତ ଯେ ବ୍ରହ୍ମପୁତ୍ର ଋଷିଗଣ ଦିନେ
ଗଲେ ମେରୁ ଶୃଙ୍ଗେ ବ୍ରହ୍ମ ସଭା ଦରଶନେ ।
ସୀତା ନାମେ ଗଙ୍ଗା ବିଷ୍ଣୁ ପାଦରୁ ସମ୍ଭୂତ
ବହଇ ସୁମେରୁ ଶୃଙ୍ଗ ଭେଦି ଅବିରତ ।
ମହା ପବିତ୍ର ସେ ନଦୀ ଅତ୍ୟନ୍ତ ସ୍ୱଚ୍ଛଳ
ସ୍ନାନ କଲାମାତେ ଦାନକରେ ମୋକ୍ଷଫଳ ।
ସନକାଦି ଋଷିଗଣ ସେ ଗଙ୍ଗା ଜଳରେ
ସ୍ନାନ କରୁଥିଲେ ମିଳି ଆନନ୍ଦ ମନରେ ।
ଏସନକ ସମୟରେ ମହର୍ଷି ନାରଦ
ହରେ ନାରାୟଣ ନାମ ଗାଇ ହୋଇ ମୋଦ ।
ଉପସ୍ଥିତ ହେଲେ ଆସି ସେ ନଦୀ ତଟରେ
ବୀଣା ବଜାଇ ଗାଇଲେ ଅତ୍ୟନ୍ତ ସୁସ୍ୱରେ ।
ତାହାଙ୍କୁ ଦେଖିଣ ସନକାଦି ମୁନିଗଣ
କୁଶଳମାନ ପଚାରି ବୁଝିଲେ ତକ୍ଷଣ ।
ସେ ବ୍ରହ୍ମଋଷିଗଣଙ୍କୁ ନାରଦ ଭକ୍ତିରେ
ବନ୍ଦନା କରିଲେ କରଯୋଡ଼ି ନତଶିରେ ।
ତାହାପରେ ଋଷିଗଣ ନିତ୍ୟକୃତ୍ୟ ସାରି
ଗଙ୍ଗାତୀରେ ଉପସ୍ଥିତ ହେଲେ ଯାଇକରି ।
ହରିନାମ ଗାନ କରି ବୀଣାକୁ ବଜାଇ
ବସିଲେ ଦେବର୍ଷି ତାଙ୍କ ମନକୁ ରଞ୍ଜାଇ ।
ସନତ କୁମାର ସେହି ସଭାସ୍ଥଳେ ଥିଲେ
ଭକତି ଭାବେ ସେ ମୁନି ନାରଦେ ପୁଚ୍ଛିଲେ ।

Digitized by srujanika@gmail.com

ମହାପ୍ରଜ୍ଞ ଅଟ ତୁମ୍ଭେ ଆହେ ଋଷିବର
ପବିତ୍ର ହୋଇଛ ଜପି ନାମ ବିଷ୍ଣୁଙ୍କର ।
ସର୍ବ ମୁନିଙ୍କର ତୁମ୍ଭେ ଆନନ୍ଦ ବର୍ଦ୍ଧକ
ତୁମ୍ଭ ତୁଲ୍ୟ ବିଷ୍ଣୁଭକ୍ତ ନାହିଁ ଏ ତ୍ରିଲୋକ ।
ସ୍ଥାବର ଜଙ୍ଗମ ଆଦି ଯାହାଠାରୁ ଜାତ
ଗଙ୍ଗା ଯାହାଙ୍କ ଚରଣୁ ହୋଇଲେ ଉଦିତ ।
ଆମ୍ଭେମାନେ ସେ ବିଷ୍ଣୁଙ୍କୁ ଜାଣିବୁ କେମନ୍ତେ
ତାହା ପ୍ରକାଶ କରିଣ କୁହ ଦୟାଚିତ୍ତେ ।
କେମନ୍ତ ଭାବରେ ଗଙ୍ଗା ତାଙ୍କ ଚରଣରୁ
ଜନମ ଲଭିଲେ କୁହ ତପିଙ୍କର ଗୁରୁ ।
କି ରୂପେ ବିବିଧ ଫଳ ପ୍ରାପତ ହୁଅଇ
ତପସ୍ୟା ଲକ୍ଷଣ କେଉଁ ପ୍ରକାର ଅଟଇ ।
କିପରି କରନ୍ତି ଜନେ ଅତିଥି ସତ୍କାର
ତାହା ବୁଝାଇଣ କୁହ ଧାତାଙ୍କ କୁମର ।
ହରିଭକ୍ତ ସମ୍ପାଦନ ଅଟେ କେଉଁ କର୍ମ
ଆବର କାହିଁରେ ହରି ହୋନ୍ତି ସୁପ୍ରସନ୍ନ ।
ଏ ଭାବେ ଯେତେକ ତଥ୍ୟ ରହିଛି ଗୁପତ
ପ୍ରକାଶ କରନ୍ତୁ ସେ ସମସ୍ତ ତପୋବନ୍ତ ।
ଯଦି ଅନୁଗ୍ରହ ଆମ୍ଭଠାରେ ଅଛି ରହି
ସମସ୍ତ ବୁଝାଇ କୁହ ହେ ତପିଙ୍କ ସାଇଁ ।
ଋଷି ସମାଜରେ ବସି ସନତ୍ କୁମାର
ଏପରି ପୁଚ୍ଛିବା ହେତୁ ନାରଦ ସତ୍ୱର ।
ଶ୍ରୀ ହରି ଅଭୟ ପାଦେ ରଖିଣ ମାନସ
କହିବାକୁ ଆରମ୍ଭିଲେ ସକଳ ସନ୍ଦେଶ ।
ପରାପୃର ନିବାସ ଯେ ସଗୁଣ ନିର୍ଗୁଣ
ସେହି ପରମ ପ୍ରଭୁଙ୍କୁ କରୁଛି ବନ୍ଦନ ।
ଯେ ମାୟା ବର୍ଜିତ ମାୟା ମାୟିକ ଈଶ୍ୱର
ତାହାଙ୍କ ଚରଣ ତଳେ କର ନମସ୍କାର ।
ଶିବ ଭକ୍ତମାନଙ୍କର ଅଟନ୍ତି ଯେ ଶିବ
ବୋଲନ୍ତି ବିଷ୍ଣୁ ଭକ୍ତଙ୍କ ଯେହୁ ବାସୁଦେବ
ସଂକଳ୍ପ ପୂରଣକାରୀ ଯେହୁ ଜନାର୍ଦ୍ଦନ
ମୋଠାରେ ପ୍ରସନ୍ନ ହୋନ୍ତୁ ଜଗତ ଜୀବନ ।
ବାମ ଅଙ୍ଗୁଳିରେ ଗିରି ଯେହୁ ଥିଲେ ଧରି
ଶରଣ ପଶୁଛି ତାଙ୍କ ପାଦ ଅନୁସରି ।
ଯେହୁ ନରକ ନିହନ୍ତା କେଶୀ ନିସୁଦନ
ଦୁର୍ଦ୍ଦାନ୍ତ ଦାନବଙ୍କର ଘେନିଲେ ଯେ ପ୍ରାଣ ।

ଭୁଭାର ହରଣକାରୀ ଯେଉଁ ନନ୍ଦସୁତ
ତାହାଙ୍କ ଅଭୟ ପାଦେ କରେ ଦଣ୍ଡବତ ।
ମତ୍ସ୍ୟରୂପ ଧରିଥିଲେ ଯେ ଆଦ୍ୟାବତାରେ
ଶଙ୍ଖାସୁର ନାଶି ବେଦ ଉଦ୍ଧାରିଲେ ଖରେ ।
ତାହାଙ୍କ ଅଭୟ ପାଦେ ପଶୁଛି ଶରଣ
ପ୍ରସନ୍ନ ହୁଅନ୍ତୁ ମୋରେ ସେହି ନାରାୟଣ ।
ଅମୃତ ମନ୍ଥନ କାଳେ ଦେବଙ୍କ ହିତରେ
କଚ୍ଛପ ରୂପ ଧରିଣ ଥିଲେ ଯେ କ୍ଷିତିରେ ।
ପୃଷ୍ଠରେ ବହିଣ ଥିଲେ ଯେ ମନ୍ଦର ଗିରି
କ୍ଷୀର ସାଗରକୁ ଯେହୁ ଥିଲେ ସ୍ଥିର କରି ।
ସେହି କୂର୍ମ ଅବତାରି ହରିଙ୍କ ପୟରେ
ନମସ୍କାର କରୁଅଛି ମୁହିଁ ଭକତିରେ ।
ବସୁଧାକୁ ଉଦ୍ଧାରିଲେ ଯେ ଦନ୍ତ ଅଗ୍ରତେ
ନମସ୍କାର କରୁଛି ମୁଁ ତାଙ୍କ ପାଦଗତେ ।
ଭକ୍ତ ପ୍ରହଲ୍ଲାଦ ମାନ ରଖିବାର ଆଶେ
ସ୍ତମ୍ଭୁ ବାହାରିଲେ ଯେହୁ ନରସିଂହ ବେଶେ ।
ହିରଣ୍ୟକଶିପୁ ବକ୍ଷ କଲେ ବିଦାରଣ
ସେହି ପ୍ରଭୁ ପାଦରେ ମୁଁ ପଶୁଛି ଶରଣ ।
ବଳିଠାରୁ ଛଳେ ତିନି ପାଦ ଭୂମି ନେଇ
ଚାପିଲେ ପାତାଳେ ଯେଉଁ ବାମନ ଗୋସାଇଁ ।
ସେହି ଜଗତ କରତା ତ୍ରିବିକ୍ରମଙ୍କର
ଅଭୟ ପୟର ତଳେ କରେ ନମସ୍କାର ।
ଏକବିଂଶ ବାର ଯିଏ କ୍ଷତ୍ରିୟଙ୍କୁ କ୍ରୋଧେ
ନିହତ କରିଲେ କାର୍ତ୍ତବୀର୍ଯ୍ୟ ଅପରାଧେ ।
ଯମଦଗ୍ନି ପର୍ଶୁରାମ ପଦ ପଙ୍କଜରେ
ନମସ୍କାର କରୁଅଛି ଭକତି ଭାବରେ ।
ଯେ ରାମ ଲକ୍ଷ୍ମଣ ଭ୍ରତ ଶତ୍ରୁଘନ ନାମେ
ଅବତାର ହୋଇ କରି ଏହି ମର୍ତ୍ତ୍ୟ ଧାମେ ।
ରାବଣ ସହିତେ ସର୍ବ ଦାନବ ବଳଙ୍କୁ
ବିନାଶ କରି ଉଶ୍ୱାସ କରିଲେ ଧରାକୁ ।
ସେହି ଦଶରଥ ସୁତମାନଙ୍କ ପୟରେ
କରଯୋଡ଼ି ଭକ୍ତିଭରେ ନମସ୍କାର କରେ ।
ରୋହିଣୀ ଉଦରୁ ଜନ୍ମ ଯେଉଁ ହଳଧର
ଲଙ୍ଗଳ ଅଗ୍ରେ ଉଦ୍ଧାର କରିଲେ ଭୂର୍ଭାର ।
ସେହି ବଳରାମଙ୍କର ଅଭୟ ପୟରେ
ପ୍ରଣିପାତକରେ ମୁହିଁ ଅତି ଭକତିରେ ।

Digitized by srujanika@gmail.com

ବୌଦ୍ଧ ମୂର୍ତ୍ତି ହରିଙ୍କୁ ମୁଁ ଜଣାଏ ପ୍ରଣତି
ମୋହର ସକଳ ଦୁଃଖ ନାଶନ୍ତି ଶ୍ରୀପତି ।
ସେ କଳିଯୁଗର ପ୍ରାନ୍ତ ଭାଗେ ଅବତରି
ଅଶ୍ୱପୃଷ୍ଠେ ବସି ତୀକ୍ଷ୍ଣ ଖଡ୍‌ଗ କରେ ଧରି ।
କୋଟି କୋଟି ମ୍ଳେଚ୍ଛ ଶିର କରିଣ ଛେଦନ
ସତ୍ୟଯୁଗରେ ସ୍ୱଧର୍ମ କରିବେ ସ୍ଥାପନ ।
ସେ ଅଦ୍ଭୁତ କଳ୍‌କି ଅବତାର ହରିଙ୍କର
ଅଭୟ ପାଦ ଯୁଗଳେ କରେ ନମସ୍କାର ।
ପରମାତ୍ମା ଭଗବାନଙ୍କର ଯହିଁ ଯେତେ
ମୂରତି ବିଖ୍ୟାତ ହୋଇଅଛି ଏ ଜଗତେ ।
କୋଟି କୋଟି ସମ୍ବତ୍ସରେ ତାହାଙ୍କର ନାମ
ଗଣନା କରିବା ପାଇଁ ନୋହିବ କେ କ୍ଷମ ।
ଏ ସଂସାରେ ଯାହାଙ୍କର ନାମରେ ମହିମା
ଆମୂଳରୁ ଶେଷକରି ନ ପାରନ୍ତି ବ୍ରହ୍ମା ।
ସାମାନ୍ୟ ଜନ ହୋଇଣ ମୁହିଁ କେଉଁପରି
ସେହି ତତ୍ତ୍ୱ ବଖାଣିବି କ୍ଷୁଦ୍ର ହୋଇକରି ।
ମହା ମହା ପାପୀ ଥରେ ଭଜି ନାମ ଯାର
ବସନ୍ତି ଅମର ପୁରେ ହୋଇଣ ଉଦ୍ଧାର ।
ଆପେ ମୋକ୍ଷ ହୋଇ ପରେ ମୁକତି କରାନ୍ତି
କିପରି ଭଜିବି ତାଙ୍କୁ ଲାଗେ ମନେ ଭୀତି ।
ଅଳପ ବୁଦ୍ଧି ମାତର ଅଟଇ ମୋହର
ହରିଙ୍କୁ ଭଜିବା ଶକ୍ତି ନାହିଁ ଯେ ମୋହର ।
ଅଜାମୀଳ ନାମେ ଥିଲା ଜଣେ ମହାପାପୀ
ମରଣ କାଳରେ ଥରେ ଯାର ନାମ ଜପି ।
ପରମ ପଦରେ ଯାଇ ଆନନ୍ଦେ ବସିଲା
ଜଗତ ମଧ୍ୟରେ କୀର୍ତ୍ତି ଧ୍ୱଜା ଉଡ଼ାଇଲା ।
ତେମନ୍ତ ହରିଙ୍କୁ ଅବା କେଉଁ ପରକାରେ
ଭଜନ କରିବି ଭାବି ନ ପାରେ ମନରେ ।
ଯାହାଙ୍କର ନାମ ମୁଖେ କରିଲେ ଭଜନ
ଶ୍ରବଣ କରିଲେ କର୍ଣ୍ଣେ ମୁକ୍ତ ହୋନ୍ତି ଜନ ।
ପରିଶୁଦ୍ଧ ବ୍ୟକ୍ତିଗଣ ଭଜିଲେ ଯାହାଙ୍କୁ
ମୁକତି ପଥ ଲଭିଣ ଯାନ୍ତି ବୈକୁଣ୍ଠକୁ ।
ସେହି ପ୍ରଭୁଙ୍କ ପୟରେ ପଶୁଛି ଶରଣ
ସଂସାର ସାଗରୁ ମୋତେ କର ଉଦ୍ଧାରଣ ।
ସକଳ ଜଗତେ ଯେଉଁ ପ୍ରଭୁ ପୂରିଛନ୍ତି
ନମସ୍କାର କରେ ମୁହିଁ ସେ ପୟର ଚିନ୍ତି ।

ପାଷାଣ ପ୍ରତିମା ଆଦି ମୂର୍ତ୍ତିମାନଙ୍କରେ
ବିଜୟ କରି ଅଛନ୍ତି ଯେହୁ ସନ୍ତତରେ ।
ସେହି ଜଗତ କରତା ଜଗତନାଥଙ୍କୁ
ନମସ୍କାର କରୁଅଛି ଯୋଡ଼ିଣ କରକୁ ।
କାମ୍ୟ ଜ୍ଞାନମୟ ଯେଉଁ ଈଶ୍ୱର ମୂରତି
ଭଜନ କରୁଛି ତାଙ୍କ ପାଦରେ ମୁଁ ନିତି ।
ସହସ୍ର ଚରଣ ସସ୍ରଶିରା ଈଶ୍ୱରଙ୍କୁ
ପ୍ରଣାମ କରୁଛି ନତ କରି ମସ୍ତକକୁ ।
ଯେ ଅଟନ୍ତି ଭୂତ ଭବିଷ୍ୟତ ବର୍ତ୍ତମାନ
ସ୍ଥାବର ଜଙ୍ଗମ ରୂପୀ ଯେଉଁ ଭଗବାନ ।
ଦଶ ଆଙ୍ଗୁଳ ହୃଦରୁ ଅତିକ୍ରମ କରି
ଯେହୁ ରହିଛନ୍ତି ବ୍ରହ୍ମରନ୍ଧ୍ରେ ବାସକରି ।
ଭଜନ କରଇ ସେହି ଈଶ୍ୱରଙ୍କୁ ମୁହିଁ
ଏ ଭବସାଗରୁ ମୋତେ କରନ୍ତୁ ସେ ତ୍ରାହି ।
ସୂକ୍ଷ୍ମରୁ ଯେ ସୂକ୍ଷ୍ମତର ସ୍ଥୂଳ ମଧ୍ୟୁ ସ୍ଥୂଳ
ଗୁପ୍ତ ବସ୍ତୁରୁ ଗୁପତ ଯେଉଁ ଆଦିମୂଳ ।
ପୁନଃ ପୁନଃ କରୁଅଛି ତାହାଙ୍କୁ ପ୍ରଣାମ
ସେ ପ୍ରଭୁ ମୋହର ଦୁଃଖ କରନ୍ତୁ ଲାଘବ ।
ଭଜୁଅଛି ସେ ପୁରୁଷ ଉତ୍ତମଙ୍କୁ ମୁହିଁ
ପ୍ରସନ୍ନ ହୋନ୍ତୁ ମୋଠାରେ ସେହି ଭାବଗ୍ରାହୀ ।
ଏହି ପରକାରେ ସ୍ତବ କରନ୍ତେ ନାରଦ
ସନକାଦି ଋଷିଗଣ ହୋଇଲେ ଆନନ୍ଦ ।
ଅତ୍ୟନ୍ତ ଆନନ୍ଦ ହୋଇ ନାରଦଙ୍କୁ ସର୍ବେ
ସ୍ତବକଲେ କୃତାଞ୍ଜଳି ହୋଇ ଭକ୍ତି ଭାବେ ।
ଏହି ଦେବର୍ଷିଙ୍କ ସ୍ତବ ବିଷ୍ଣୁସ୍ତବ ଗୋଟି
ପାଠ କରିବ ଯେ ଜନ ପ୍ରଭାତରୁ ଉଠି ।
ସକଳ ପାପରୁ ସେହୁ ମୁକତ ହୋଇବ
ଅନ୍ତଃକାଳେ ଯାଇ ବଇକୁଣ୍ଠରେ ବସିବ ।
ଜୀବନେ ବହୁ ଆଦର ଲଭିବ ସେ ଜନ
ବିଷ୍ଣୁଙ୍କ ଭକତ ମଧ୍ୟେ ହୋଇବ ଯେ ଗଣ୍ୟ ।
ଏମନ୍ତ ଚରିତ ମାନ ଏହି ପୁରାଣରେ
ପୂର୍ଣ୍ଣ ହୋଇଅଛି କ୍ଷେତ୍ର କହଇ ଗୀତରେ ।

ଇତି ଶ୍ରୀ ବୃହଦ୍ ନାରଦ ପୁରାଣେ ସନନ୍ଦ୍ କୁମାର ଓ ଦେବର୍ଷିଙ୍କର କଥୋପକଥନ ନାମ ଦ୍ୱିତୀୟୋଽଧ୍ୟାୟଃ ।

---●----

Digitized by srujanika@gmail.com

# ତୃତୀୟ ଅଧ୍ୟାୟ
## ସୃଷ୍ଟି ସର୍ଜନା ବିଷୟ ବର୍ଣ୍ଣନ

ଶୁଣ ହୋ ବିବୁଧ ଜନେ ଅପର୍ବ ଚରିତ
ଯାହା ଶ୍ରବଣରେ କର୍ଣ୍ଣ ହୋଇବ ପବିତ୍ର ।
ବିଷ୍ଣୁଙ୍କ ପ୍ରଧାନ ଭକ୍ତ ନାରଦ କାହାଣୀ
ଶ୍ରବଣ କଲେ କଳ୍ମଷ ହଟିବ ସେକ୍ଷଣି ।
ସନତ୍ କୁମାରଙ୍କର ମୁଖକୁ ଅନାଇ
କହନ୍ତି ନାରଦ ମୁନି ହରଷିତ ହୋଇ ।
ଆହେ ସନତ କୁମାର ମନଦେଇ ଶୁଣ
ଅବ୍ୟୟ ଅନନ୍ତ ସର୍ବବ୍ୟାପି ନାରାୟଣ ।
ଗୁଣ ଭେଦକୁ ବିସ୍ତାରି ସୃଷ୍ଟି ଆରମ୍ଭରେ
ମାୟାବଳେ ତିନି ମୂର୍ତ୍ତି ହୋଇଲେ ସଂସାରେ ।
ଯେଉଁ ଚରାଚର ବ୍ୟାପ୍ତକାରୀ ଜନାର୍ଦ୍ଦନ
କିପରି ତ୍ରିମୂର୍ତ୍ତି ହେଲେ ଶୁଣ ଦେଇମନ ।
ସୃଷ୍ଟି କରିବାକୁ ବେଦବରଙ୍କୁ ଅଚ୍ୟୁତ
ଆପଣା ଦକ୍ଷିଣଅଙ୍ଗୁ କରିଲେ ସମ୍ଭୂତ ।
ପୁଣି ସଂହାର କରିବା ନିମନ୍ତେ ସୃଷ୍ଟିକୁ
ସେ ନାରାୟଣ ସର୍ଜନା କହିଲେ ରୁଦ୍ରଙ୍କୁ ।
ବିଷ୍ଣୁଙ୍କ ବାମ ଅଙ୍ଗରୁ କରାଇଣ ଜାତ
ଦେଲେ ତାହାଙ୍କୁ ଯେ ସୃଷ୍ଟି ପାଳନଦାୟିତ୍ୱ ।
ସୃଷ୍ଟି ଆରମ୍ଭ କାଳରେ ବିଷ୍ଣୁ ଏହିପରି
ବିରାଜ କରିଲେ ଲୋକେ ତିନି ମୂର୍ତ୍ତିଧରି ।
ଯେଉଁ ତିନିମୂର୍ତ୍ତି ବ୍ରହ୍ମା ବିଷ୍ଣୁ ଆଉ ହର
ପ୍ରତ୍ୟକ୍ଷେବ୍ରହ୍ମ ସ୍ୱରୂପ ବୋଲି ହେତୁକର ।
ଜଗତକର୍ତ୍ତ୍ରୀ ଯେ ବିଦ୍ୟା ଅବିଦ୍ୟା ବୋଲନ୍ତି
ସେହି ମହା ବିଷ୍ଣୁଙ୍କର ପରମ ଶକତି ।
ଅବିଦ୍ୟା ଅଟନ୍ତି ଯେହୁ ତାଙ୍କ ନାମ ମାୟା
ସଂସାର ଦୁଃଖର ହେତୁ ଧରିଛନ୍ତି କାୟା ।
ସିଦ୍ଧ ସ୍ୱରୂପିଣୀ ଯେହୁ ବିଦ୍ୟା ସେହୁ ଜାଣ
ତାଙ୍କୁ ଭଜନ କରିଲେ ମୋକ୍ଷ ହୋନ୍ତି ଜନ ।
ଶ୍ରୀବିଷ୍ଣୁ ମାୟା ବଳରେ ଏ ସାରା ଜଗତ
ସୃଷ୍ଟି ଆରମ୍ଭ ସମୟୁ ହୋଇଛି ସମ୍ଭୂତ ।
ତାହାଙ୍କ ଶରୀରୁ ଭିନ୍ନ ନୁହେଁ ଏ ସଂସାର
ତେଣୁ ତିନିରୂପେ ଆଦ୍ୟେ ହେଲେ ଅବତାର ।
ସୃଷ୍ଟି ସ୍ଥିତି ସଂହାରର ହେତୁ ବିଷ୍ଣୁ ଶକ୍ତି
ବିଷ୍ଣୁ ବୋଲନ୍ତି ଈଶ୍ୱର ମାୟା ଯେ ପ୍ରକୃତି ।
ପ୍ରକୃତି ପୁରୁଷ ମିଶି ଗଢ଼ା ଏ ସଂସାର
ତିନିକାଳ ରୂପୀ ସେହି ଜଗତ ଈଶ୍ୱର ।
ବ୍ରହ୍ମା ରୂପେ ଜଗତକୁ ପାଳନ କରନ୍ତି
ବିଷ୍ଣୁ ରୂପେ ପାଳି ରୁଦ୍ର ରୂପେ ସଂହାରନ୍ତି ।
ନିର୍ଗୁଣ ନିର୍ଲିପ୍ତ ପରଂବ୍ରହ୍ମ ନିରାକାର
ଖ୍ୟାତ ସେ ପୁରୁଷ କାଳରୁଦ୍ରଙ୍କ ନାମର ।
ତତ୍ତ୍ୱ ଜ୍ଞାନବଳେ ଏହା ଜଣା ଯାନ୍ତି ସେହି
ପରମାତ୍ମା ସନାତନ ତାହାଙ୍କୁ ଯେ କହି ।
ଦେହୀ ନାମକୁ ସେ ଧରି ଉପାଧି ଯୋଗରେ
ମାୟାକୁ ବିସ୍ତାର କରି ଖେଳନ୍ତି ମର୍ତ୍ତ୍ୟରେ ।
ତତ୍ତ୍ୱଜ୍ଞାନର ଭଣ୍ଡାର ଅଟନ୍ତି ଯେ ସେହି
ଜ୍ଞାନ ବଳେ ଜଣାଯାନ୍ତି ବ୍ରହ୍ମ ସ୍ୱରୂପହିଁ ।
ସତ୍ୱ ରଜ ତମ ଏହି ତିନୋଟି ଗୁଣରେ
ସୃଷ୍ଟି ପାଳନ, ଉତ୍ପନ୍ନ ସଂହାର କ୍ରମରେ ।
ଯାହାଙ୍କର ଅଂଶ ବ୍ରହ୍ମା ବିଷ୍ଣୁ ଆଦି ହର
ସେ ଅନନ୍ତ ବ୍ୟାପ୍ତ ଏହି ବିଶ୍ୱ ଚରାଚର ।
ଜଗଦ୍ ଗୁରୁ ପୁରୁଷର ସାହାଯ୍ୟେ ପ୍ରକୃତି
କ୍ଷୋଭରୁ ମହତତ୍ତ୍ୱର ହୁଅଇ ଉତ୍ପତ୍ତି ।
ସେ ମହତତ୍ତ୍ୱର ନାମାନ୍ତର ଅଟେ ବୁଦ୍ଧି
ଜନ୍ମିଲା ବୁଦ୍ଧିରୁ ଅହଙ୍କାର ଯେ ଉପାଧି ।
ପଞ୍ଚଭୂତମାନେ ହେଲେ ଅହଙ୍କାରୁ ଜାତ
ଇନ୍ଦ୍ରିୟେମଧ ତା ମଧ୍ୟୁ ହୋଇଲେ ସମ୍ଭୂତ ।
ନିର୍ମାଣ ହେବା ନିମନ୍ତେ ଏ ଜଗତ ଜାଣ
ତନ୍ମାତ୍ରରୁ ହେଲେ ସ୍ଥୂଳ ପଞ୍ଚଭୂତେ ଜନ୍ମ ।
ଆହେ ସନତ୍ କୁମାର ବ୍ରହ୍ମଙ୍କର ସୁତ
ଆବର କହିବା ଯାହା ଜାଣ ଦେଇ ଚିତ୍ତ ।
ଆକାଶ, ପବନ, ଅଗ୍ନି, ଜଳ, ବସୁମତୀ
ପଞ୍ଚ ମହାଭୂତ ମଧ୍ୟେ ଗଣ୍ୟ ଏ ଅଟନ୍ତି ।
ଏହି ପଞ୍ଚଭୂତମାନେ କ୍ରମ ଅନୁସାରେ
ଜନମ ଲଭିଲେ ଜାଣ ଯେ ଯାହା କ୍ରମରେ ।
ତାହାପର ମହାଭୂତ ଜନମିବା ପାଇଁ
କ୍ରମବଶେ ଯାହାହେଲା ଶୁଣ ମନ ଦେଇ ।
ଜଗତ କରତା ପ୍ରଭୁ ନିତ୍ୟ ନିରଞ୍ଜନ
ବୃକ୍ଷ ଆଦି ନାନା ବସ୍ତୁ କଲେ ଉତପନ୍ନ ।
ବିଧାତା ଦ୍ୱାରା ସେମାନେ ହୁଅନ୍ତେ ତିଆର
ଖ୍ୟାତ ହେଲା ତମୋମୟୀ ନାମରେ ସତ୍ୟର ।

Digitized by srujanika@gmail.com

ଆଦ୍ୟରେ ବୃକ୍ଷାଦି ସୃଷ୍ଟି ହୁଅନ୍ତି ତିୟାର
ଦେଖିଣ ବିଧାତା ତୋଷ ନୋହିଲେ ମନର ।
ସ୍ଥାବର ସୃଷ୍ଟିରେ ବ୍ରହ୍ମା ତୃପତ ନୋହିଣ
ପଶୁପକ୍ଷୀ ମୃଗ ଆଦି ସୃଷ୍ଟିକଲେ ପୁଣ ।
ତଥାପି ତାହାଙ୍କ ମନ ତୋଷ ନ ହୋଇଲା
ଚିନ୍ତିତ ହୋଇଲେ ଅତି ନିରାକାର ବଳା ।
ପୁଣି କିଛି ଦିନ ଅନ୍ତେ ମନେ ବିଚାରିଣ
ଦେବଗଣଙ୍କୁ ସର୍ଜ୍ଜନା କରିଲେକ ଜାଣ ।
ତାହାଙ୍କୁ ଦେଖିଣ ଧାତା ଆନନ୍ଦ ହୋଇଲେ
ସନ୍ତୋଷ ଚିତ୍ତେ ମାନବଗଣ ସୃଷ୍ଟିକଲେ ।
ମାନବ ସୃଷ୍ଟିର ଆରମ୍ଭରେ ଲୋକ ତାତ
ଦକ୍ଷ ଆଦି ପୁତ୍ରଗଣ କରିଲେକ ଜାତ ।
ସେ ଯେଉଁ ଦକ୍ଷାଦି ପ୍ରଜାପତି ଜାତହେଲେ
ବିଧାତା ମାନସ ପୁତ୍ର ସେହୁ ବୋଲାଇଲେ ।
ସେହି ପ୍ରଜାପତି ଧାତା ସମାନ ଅଟନ୍ତି
ତାଙ୍କ ଯୋଗେ ପରିପୂର୍ଣ୍ଣ ହୋଇଲା ଏ କ୍ଷିତି ।
ଦେବ ଦାନବ ସହିତେ ଯେତେ ପ୍ରାଣୀଗଣ
ଦେଖାଯାନ୍ତି ଏ ଜଗତେ ହୋଇ ପରିପୂର୍ଣ୍ଣ ।
ଦକ୍ଷ ଆଦି ପ୍ରଜାପତି ଅଂଶରୁ ସକଳେ
ଜନମ ଲଭି ଅଛନ୍ତି ଏହି ମହୀତଳେ ।
ଊର୍ଦ୍ଧ୍ୱ ସାତ ଲୋକପୁଣି ନିମ୍ନ ସାତଲୋକ
ଆଉରି ଅଟନ୍ତି ଅଧିପତି ଯେ ଯେତେକ ।
ସେମାନଙ୍କୁ ଆଦିକରି ନଦୀ ଗିରିବନ
କ୍ରମରେ ସକଳ ଧାତା କଲେ ସରଜନ ।
ଜୀବନ ଧାରଣ କରିବାକୁ ଦ୍ରବ୍ୟ ଯେତେ
ସମସ୍ତ ସର୍ଜନା କଲେ ଧାତା କ୍ରମମତେ ।
ଭୂତଳର ମଧ୍ୟ ସ୍ଥଳ ସର୍ବ ଦେବାଶ୍ରମ
ସୁମେରୁ ନାମରେ ଯେଉଁ ପର୍ବତ ଉତ୍ତମ ।
ସ୍ଥାପିଲେ ଅତି ଯତନେ ତାକୁ ଦମ୍ଭକରି
ବୋଲାଇଲା ପୃଥିବୀର ସେହୁ ମହାଗିରି ।
ପରିଶେଷେ ଲୋକାଲୋକ ନାମେ ପରବତ
ବିଧାତା ସର୍ଜ୍ଜନା କଲେ ମନେ ହୋଇ ତୁଷ୍ଟ ।
ସପତ ଦ୍ୱୀପ ମର୍ତ୍ତ୍ୟରେ କରିଲେ ସ୍ଥାପନ
ସବୁଠାରେ ପରବତ ରଖିଲେ ଯତନ ।
ବହୁ ନଦନଦୀ ପୁଣି ଅଧିବାସ ଯେତେ
ଦେବତୁଲ୍ୟ ବାସକରି ରହିଲେ ସମସ୍ତେ ।

ଜମ୍ବୁ ପ୍ଲକ୍ଷ ଶାଲ୍ମଳୀ ଯେ କୁଶ ଦ୍ୱୀପନାମେ
କ୍ରୌଞ୍ଚ ଶାକ ପୁଷ୍କର ଏ ସାତଗୋଟି କ୍ରମେ ।
ଦେବ ଭୂମି ପରି ସେହି ଦ୍ୱୀପ ବିକଶିଲା
ସପତ ସାଗର ତାର ଚୌପାଶେ ଘେରିଲା ।
ସୁରା ସୁର ଦଧି ଦୁଗ୍ଧ ଲବଣ ସହିତେ
ଆବୃତ ହେବାରୁ ସିନ୍ଧୁମାନେ ଚୌପାଶତେ ।
ଦ୍ୱୀପମାନଙ୍କର ଶୋଭା ବର୍ଦ୍ଧିତ ହୋଇଲା
ମାନବ ବସତି ତା ମଧ୍ୟରେ କରାଗଲା ।
ଦୀର୍ଘ ପ୍ରତି ସେମାନଙ୍କ କଳନା ନ ଯାଏ
ଅପାର ଗୁଣରେ ସର୍ବେ ବିକଶନ୍ତି କାୟେ ।
ଏହାଙ୍କ ମଧ୍ୟରେ ଲୋକାଲୋକ ପରବତ
ରହିଲା ସୀମା କରିବା ପାଇଁକି ଚିହ୍ନିତ ।
ତାପରେ ଲବଣ ସିନ୍ଧୁ ଉତ୍ତର ଭାଗରେ
ସ୍ଥାପିତ ହୋଇଲା ହିମଗିରି ମରତରେ ।
ଭାରତବରଷ ନାମ ତାହାର ଅଟଇ
କର୍ମ ଭୂମି ନାମେ ସେ ସୁଖ୍ୟାତି ଅର୍ଜିଛଇଁ ।
ଶୁଣ ଆହେ ମହାମୁନି ଦେଇ ମନକର୍ଣ୍ଣ
ଭାରତେ ବାସ କରିଣ ଛନ୍ତି ଯେତେଜନ ।
ଯେ ଯାହା କର୍ମରେ ଲାଗିଥାନ୍ତି ଅବିରତ
ନିଜ ନିଜ କୁଳାଚାର ବିଧିରେ ସମସ୍ତ ।
ଯଥା ବିଧାନରେ ଫଳ ସେ ଭୋଗ କରନ୍ତି
ତେଣୁ ଭୋଗ ଭୂମି ନାମେ ରହିଅଛି ଖ୍ୟାତି ।
ଭାରତ ବର୍ଷର ଲୋକେ ଶୁଭ ବା ଅଶୁଭ
କରନ୍ତି ଯେପରି କର୍ମ ମନେ ବହି ଭାବ ।
ସେ କର୍ମର ଫଳ ଭୋଗ ଯେତେଦିନ ଯାଏ
ସମ୍ପୂର୍ଣ୍ଣ ରୂପରେ ତାଙ୍କୁ ପ୍ରାପ୍ତ ନୋହିଥାଏ ।
ତେତେ ଦିନ ପରିଯନ୍ତେ ଅନ୍ୟତ୍ର ସେମାନେ
ତା ଭୋଗ କରନ୍ତି ବିଧି ବଶରେ ଯତନେ ।
ଭାରତବର୍ଷର ଜନେ ଶୁଭ ବା ଅଶୁଭ
କରନ୍ତି ଯେପରି କର୍ମ ମନେ ବହି ଭାବ ।
ସେ କର୍ମର ଫଳ ଭୋଗ ଯେତେଦିନ ଯାଏ
ସଂପୂର୍ଣ୍ଣ ରୂପରେ ତାଙ୍କୁ ପ୍ରାପ୍ତ ନୋହିଥାଏ ।
ଅନ୍ୟତ୍ର ସେମାନେ ତେତେ ଦିନ ପରିଯନ୍ତେ
ବିଧି ବଶରୁ ଭୋଗନ୍ତି ଜାଣନ୍ତ ସେ ସମସ୍ତେ ।
ଏଥିଲାଗି ଦେବଗଣମାନେ ଦିବା ରାତି
ଚିନ୍ତା କରନ୍ତି ଭାରତେ ହେବାକୁ ଉତ୍ପତ୍ତି ।

Digitized by srujanika@gmail.com

ସେମାନେ ଭାବନ୍ତି ଯେବେ ଭାରତେ ଜନ୍ମିବେ
ଜପ ତପ ଆଚରିଣ ଶୁଦ୍ଧ ବୋଲାଇବେ ।
ଆବର ପରମ ପଦ ଲାଭ ଯେ ହୋଇବ
ତିଳେମାତ୍ର ମନସ୍ତାପ କାର ନ ରହିବ ।
ଦାନ ଧର୍ମ ପୁଣି ନାନା ତପସ୍ୟା ବଳରେ
ଅର୍ଚ୍ଚନା କରି ବିଷ୍ଣୁଙ୍କୁ ଭାରତବର୍ଷରେ ।
ଯୋଗୀ ଗମ୍ୟ ପରଂପଦେ ଯାଇ ହୃଷ୍ଟମନେ
ନିବାସ କରିବା କେଉଁ କାଳେ ଆମ୍ଭେମାନେ ।
ଭକ୍ତିମାର୍ଗ କର୍ମମାର୍ଗ ଜ୍ଞାନମାର୍ଗ ଅବା
କେବଣ କାଳରେ ଆମ୍ଭେ ଆଶ୍ରୟ କରିବା ।
ନିତ୍ୟାନନ୍ଦମୟ ଜଗଦୀଶ୍ୱର ବିଷ୍ଣୁଙ୍କୁ
ଲାଭ କରିବା ଯାଇଣ ଭାରତବର୍ଷକୁ ।
ଯେ ଜନ ଭାରତ ଭୂମେ ଜନମ ଲଭଇ
ମହାପୁଣ୍ୟ ଫଳ ଲାଭ ନିଶ୍ଚୟ କରଇ ।
ସ୍ୱରଗଠାରୁ ଯେ ମର୍ତ୍ତ୍ୟଭୂମି ଶୁଦ୍ଧ ସ୍ଥାନ
ହରି କୀର୍ତ୍ତନରେ ସଦା ମୁଖରତି ଜାଣ ।
ଶ୍ରୀହରି କୀର୍ତ୍ତନ ଶୀଳ ବଇଷ୍ଣବ ଜନ
ଦେବଗଣମାନଙ୍କର ଅଟଇ ବନ୍ଦନ ।
ତା ସଙ୍ଗରେ ସମକକ୍ଷ ଅମରେ ନୁହନ୍ତି
ଉତ୍ତମ ସମାଜେ ପୂଜ୍ୟ ଲଭେ ସେହି ବ୍ୟକ୍ତି ।
ହରି ନାରାୟଣ ବିଷ୍ଣୁ କୃଷ୍ଣ ବାସୁଦେବ
ଏ ନାମ କୀର୍ତ୍ତନ କରେ ଯେବଣ ମାନବ ।
ଦେବଗଣଙ୍କର ପୂଜ୍ୟ ସେ ବ୍ୟକ୍ତି ହୁଅଇ
ଅମର ସମାଜେ ସ୍ତବ ତାହାଙ୍କୁ କରଇ ।
ନୀଳକଣ୍ଠ ଶିବ ସର୍ବ ଇତ୍ୟାଦି ଶଙ୍କର
ବଦନରେ ନାମ ଜପ କରେ ଯେଉଁ ନର ।
ଦେବଗଣଙ୍କର ବନ୍ଦନୀୟ ସେହି ଜନ
ଏଥକୁ ସଂଶୟ ତିଳେ ମନ୍‌ରେ ନ ଘେନ ।
ଶିବ ଜ୍ଞାନ ରତ ଗୁରୁଭକ୍ତ ଯେ ଅଟଇ
ଆଚାରେ ସେ ବର୍ଣ୍ଣାଶ୍ରମ ଧର୍ମକୁ ପାଳଇ ।
ଅନୁସୁୟା ବରଜି ସଦା ଶାନ୍ତି ଶୁଣେ ଧୀରେ
ଅତି ଉତ୍ତମ ବୋଲାଏ ଜନ ସମାଜରେ ।
ତାହାଙ୍କୁ ଅମରଗଣ କରନ୍ତି ପୂଜନ
ପରମପଦ ଯେ ଲାଭ କରେ ସେହିଜନ ।
ତିନି ଯେ ବ୍ରହ୍ମାଣ୍ଡଗଣଙ୍କର ହିତ କରେ
ପୀରତି ବଢ଼ାଏ ବେଦ ପଠନ କାର୍ଯ୍ୟରେ ।

ସମାଜରେ ସେହିବ୍ୟକ୍ତି ବୋଲାଏ ଯେ ଶ୍ରେଷ୍ଠ
ବନ୍ଦନା କରନ୍ତି ତାକୁ ଅମର ସମସ୍ତ ।
ଶିବ ନାରାୟଣ ବେନି ଦେବଙ୍କୁ ଯେ ନର
ଭେଦାଭେଦ ନ କରଇ କୌଣସି ପ୍ରକାର ।
ସେ ବ୍ରାହ୍ମଣ ନୋହିଲେହେଁ ଦେବଗଣ ତାକୁ
ଅର୍ଚ୍ଚନା କରନ୍ତି ଜାଣ କହିଲୁ ତୁମ୍ଭଙ୍କୁ ।
ସାଧୁ ବ୍ରାହ୍ମଣଙ୍କ କଥା କହିବା କାହିଁକି
ଏଥିରୁ ଆପଣ ବୁଝି ପାରିଲେ ନାହିଁକି ।
ଇନ୍ଦ୍ରିୟ ନିଗ୍ରହ ବ୍ରହ୍ମଚର୍ଯ୍ୟ ଯେ ପାଳଇ
ଚୌର୍ଯ୍ୟ ଆଦି ପାପକର୍ମମାନ ନ କରଇ ।
ପରନିନ୍ଦା ପର ଅପବାଦ ସେ ନ କରେ
ସବୁବେଳେ ସତ୍ୟକଥା କହଇ ମୁଖରେ ।
ପ୍ରାଣୀଙ୍କ ମଧ୍ୟରେ ସାର ଅଟଇ ସେ ଜାଣ
ତାହାକୁ ପୂଜା କରନ୍ତି ଅମରାଦିଗଣ ।
ଏହି ପରକାରେ ବହୁ କର୍ମ ଅଛି ରହି
ଥୋକାଏ ମାତ୍ର ତୁମ୍ଭଙ୍କୁ କହିଲୁ ବୁଝାଇ ।
ଏ ମଧ୍ୟରୁ ଯେ କୌଣସି ଗୋଟିଏ ମାତର
ଭାରତବର୍ଷରେ ପାଳୁଥାଏ ଯେଉଁ ନର ।
ଅଳପ ସମୟେ ଆତ୍ମଶୁଦ୍ଧି ସେ ଲଭଇ
ଜୀବନ ଅନ୍ତେ ଉତ୍ତମ ଲୋକରେ ବସଇ ।
ଭାରତ ଭୂମିରେ ଜନ୍ମ ଲଭି ଯେଉଁ ଜନ
ଆତ୍ମ ଶୁଦ୍ଧି କରି ପାପ ନ କରେ ମୋଚନ ।
ତାଠାରୁ ନିର୍ବୋଧ କେହି ଜଗତରେ ନାହିଁ
ଜନମ ଗ୍ରହଣ ତାର ବିଅର୍ଥ ଅଟଇ ।
ଭାରତ ଭୂମିରେ କରି ଜନମ ଗ୍ରହଣ
ସତ୍ୟକର୍ମ ସତ୍ୟ ମାର୍ଗେ ନ ଗମେ ଯେ ଜନ ।
ଜାଣିବ ଅମୃତ ଛାଡ଼ି ଲୋଡ଼ଇ ସେ ବିଷ
ଶେଷରେ ଅନ୍ଧକାରରେ ହୁଅଇ ନିଃଶେଷ ।
ବେଦ ଧର୍ମ ଅନୁସାରେ ପୁଣି ଯେଉଁଜନ
ଆତ୍ମ ଶୁଦ୍ଧି ନ କରଇ ଯେହୁ ସମ୍ପାଦନ ।
ଆତ୍ମଘାତୀଗଣ ମଧ୍ୟେ ଗଣା ସେ ହୁଅଇ
ପାପୀମାନଙ୍କରେ ମହାପାପୀ ଯେ ବୋଲାଇ ।
ଯେ କର୍ମ ଭୂମିକୁ ଆସି କର୍ମ ନ କରଇ
ତା ଠାରୁ ଅଧମ କେହି ଏ ଜଗତେ ନାହିଁ ।
ଯେତେ ଦୁଃଖ ଏ ଜଗତ ମଧ୍ୟେ ରହିଅଛି
ସେ ଜନ ସମସ୍ତ ଭୋଗେ ଶାସ୍ତ୍ରରେ ରହିଛି ।

Digitized by srujanika@gmail.com

କର୍ମ ଫଳ ଭୋଗୀ ଶକ୍ତିଶାଳିନୀ ଭାରତେ
ବାସକରି ପାପକର୍ମ କରେ ଯେ ସନ୍ତତେ ।
ସେ କାମଧେନୁକୁ ଛାଡ଼ି ଅର୍କ ବୃକ୍ଷ ପାଶେ
ଖୋଜି ବୁଲୁଥାଏ କ୍ଷୀର ଲଭିବା ମାନସେ ।
ପୁଣି ବିଧାତା ନନ୍ଦନ କହନ୍ତି ବୁଝାଇ
ସୁନାଶିର ଆଦି ଯେତେ ସ୍ୱର୍ଗେ ଛନ୍ତି ରହି ।
ଭାରତ ଭୂମିକୁ ଏହିପରି ପ୍ରଶଂସିଣ
ତହିଁରେ ଜନ୍ମିବା ପାଇଁ ବିଚାରନ୍ତି ମନ ।
ଏଥି ବିଷୟରେ ଯାହା ଅଛଇ କାରଣ
ତା ମଧ କହିବା ତୁମ୍ଭ ଅଗ୍ରତରେ ଶୁଣ ।
ଇନ୍ଦ୍ର ଯମ ଆଦି ପାଦେ ବସିଛନ୍ତି ସେହି
ତଥାପି ଅଛଇ ଭୋଗ କ୍ଷୟ ଭୟ ନାହିଁ ।
ଅତି ପବିତ୍ର ଅଟଇ ଯେ ଭାରତବର୍ଷ
କର୍ମ ଭୂମି ନାମେ ଖ୍ୟାତ ଅଟଇ ତ୍ରିଦଶ ।
ଦେବଗଣଙ୍କର ସେହୁ ଦୁର୍ଲ୍ଲଭ ଅଟଇ
ତେଣୁ ଲାଭ କରିବାକୁ ଭାବୁଥାନ୍ତି ରହି ।
ଯେଉଁ ପୁଣ୍ୟଜନ ଭାରତରେ ଜନମିଣ
କର୍ମ କ୍ଷୟ ପାଇଁ ଚେଷ୍ଟାକରେ ପୁଣ ପୁଣ ।
ସେହି ଦେବତା କେବଳ ମାନବ ରୂପରେ
ଜନମ ଲଭିଣ ଥାଏ ଭାରତ ଭୂମିରେ ।
ଫଳ ଲାଭ ବାଞ୍ଛା କରି ପରଲୋକ ମନେ
ଯେଉଁ ନର ପ୍ରବର୍ତ୍ତଇ କର୍ମ ଅନୁଷ୍ଠାନେ ।
ସତକର୍ମ କରୁଥାଏ ଆଳସ୍ୟ ତେଜିଣ
ବିଷ୍ଣୁଙ୍କୁ ତହିଁର ଫଳ କରଇ ଅର୍ପଣ ।
ବିଷ୍ଣୁ ପ୍ରୀତି ଅର୍ଥେ ଫଳ ଅର୍ପଣ କରିଲେ
ତହିଁରୁ ଅକ୍ଷୟ ସୁଖ ଲାଭ ହୁଏ ଭଲେ ।
ଯେବେ ପ୍ରକୃତି ବୈରାଗ୍ୟ କର୍ମ ଫଳ ହୁଏ
କିଛିହିଁ କରିବାପାଇଁ ତାହାର ନ ଥାଏ ।
ତାଠାରେ ପ୍ରୀତି ହୁଅନ୍ତି ପ୍ରଭୁ ବାସୁଦେବ
ତେଣୁଟି ତାହାଙ୍କୁ କର୍ମଫଳ ଅରପିବ ।
ବ୍ରହ୍ମଲୋକ ପରିଯନ୍ତେ ଅଛି ଯେତେ ସ୍ଥାନ
ତହିଁରୁ ପୁନରାବୃତ୍ତି ହୁଅଇଟି ଜାଣ ।
ଏ କଥାକୁ ଜାଣି ସେହି ସ୍ଥାନମାନଙ୍କରେ
ନ ରଖିବ ଅଭିଳାଷ କଦାପି ମନରେ ।
ନିଷ୍କାମ ଭାବରେ କଲେ କର୍ମ ଅନୁଷ୍ଠାନ
ନିଶ୍ଚୟ ପରମ ଧାମ ଲାଭ କରେ ଜନ ।
ପରମ ପୁରୁଷ ହରି ତାରେ ପ୍ରୀତ ହୋନ୍ତି
ପରମ ପଦ ତାହାକୁ ଅର୍ପଣ କରନ୍ତି ।
ବର୍ଣ୍ଣ ଆଶ୍ରମର କର୍ମ ତ୍ୟାଗ ଯେ କରଇ
ପଣ୍ଡିତଙ୍କ ମତରେ ସେ ପତିତ ଅଟଇ ।
ସଦାଚାର ପରାୟଣ ହୁଏ ସେ ବ୍ରାହ୍ମଣ
ବ୍ରହ୍ମତେଜ ତାହାଠାରେ ବଢ଼େ ଦିନୁ ଦିନ।
ନାରାୟଣ ତାହା ପ୍ରତି ତୃପତ ହୁଅନ୍ତି
ଇହ ପରକାଳରେ ସେ ଲଭଇ ସୁଖ୍ୟାତି ।
ତେଣୁ ବାସୁଦେବ ପାଦେ କରିଲେ ଭଜନ
ଅକ୍ଳେଶରେ ସର୍ବ ପାପୁଁ ମୁକ୍ତହେବ ଜନ ।
ପ୍ରଭୁ ଠାରୁ ଭିନ୍ନା ଭିନ୍ନ ଜଗତେ କେ ନାହିଁ
ଯଥାର୍ଥ ଭାବେ କହୁଛି ତୁମ୍ଭଙ୍କୁ ବୁଝାଇ ।
ବ୍ରହ୍ମରୁ ଆରମ୍ଭ କରି ତୃଣ ଗୁଚ୍ଛ ଯାଏ
ସ୍ଥାବର ଜଙ୍ଗମ ସୃଷ୍ଟି ଯାହା ଦେଖାଯାଏ ।
ତା ସବୁ ଅଟଇ ବାସୁଦେବଙ୍କ ସ୍ୱରୂପ
ତାଙ୍କଠାରୁ ଭିନ୍ନ ହୋଇ ନାହିଁ କିଛି ସ୍ତୂପ ।
ସେହି ବ୍ରହ୍ମା ସେହି ଶିବ ସେହି ଦେବଗଣ
ଦାନବ ପନଗ ସିଦ୍ଧ ସାଧ୍ୟ ଯେ ଚାରଣ ।
ଅଧିକ କହିବି କିସ ତୁମ୍ଭ ଅଗ୍ରତରେ
ବାସୁଦେବ ଭିନ୍ନ କିଛି ନାହିଁ ଏ ସଂସାରେ ।
ତାଙ୍କଠାରୁ ବଡ଼ ସାନ ଆଜି କେହି ନାହିଁ
ସେହି ବାଞ୍ଛା କଳ୍ପତରୁ ଜଗତ ଗୋସାଇଁ ।
ଏହାଜାଣି ଭକ୍ତିଭରେ ତାହାଙ୍କୁ ଯେ ଜନ
ପ୍ରଣାମ କରିଣ କରେ ପୂଜନ ବନ୍ଦନ ।
ସକଳ ପାପରୁ ସେହି ମୁକତ ଲଭଇ
ଅନ୍ତଃକାଳେ ବିଷ୍ଣୁଲୋକେ ଯାଇ ବିଶ୍ରାମଇ ।
ତେଣୁ ସୁଜ୍ଞଜନଙ୍କୁ ମୁଁ କରେ ନିବେଦନ
ଶ୍ରୀହରି ପୟରେ ଦିବାନିଶି ଦିଅ ମନ ।
ତାଙ୍କ ବିନେ ଗତିମୁକ୍ତି ଜଗତରେ ନାହିଁ
କ୍ଷେତ୍ରମୋହନ ସେ ପାଦ ଧ୍ୟାଇଣ ଲେଖଇ ।

ଇତି ଶ୍ରୀ ବୃହଦ୍ ନାରଦ ପୁରାଣେ
ପୃଥିବୀ ସଂସ୍ଥାନ ବର୍ଣ୍ଣନଂ ନାମ
ତୃତୀୟୋଽଧ୍ୟାୟଃ ।

---●---

Digitized by srujanika@gmail.com

# ଚତୁର୍ଥ ଅଧ୍ୟାୟ

## ମୃକଣ୍ଡୁ ମୁନିଙ୍କର ବରଲାଭ କଥନ

ଏଥୁଅନ୍ତେ ଯାହାହେଲା ଶୁଣ ମନଦେଇ
ନାରଦ ମହର୍ଷି କହି ଆରମ୍ଭିଲେ ତହିଁ ।
ମନଦେଇ ଶୁଣ ଆହେ ସନତ କୁମାର
କହିବା ତୁମ୍ଭ ଅଗ୍ରତେ ପୁଣ୍ୟ ଗାଥାସାର ।
ମନେ ଶ୍ରଦ୍ଧା ବହି କଲେ କର୍ମ ଅନୁଷ୍ଠାନ
ସକଳ ଧର୍ମରୁ ବାଞ୍ଛା ଫଳ ମିଳେ ଜାଣ ।
ଶ୍ରଦ୍ଧାକଲେ ସବୁକାର୍ଯ୍ୟ ସଂପୂର୍ଣ୍ଣ ହୁଅଇ
ଆବର ଶ୍ରୀହରି ତୃପ୍ତ ହୁଅନ୍ତି ଯେ ତହିଁ ।
ଶ୍ରଦ୍ଧାଭକ୍ତି ସହକାରେ ଯେହୁ କର୍ମକରେ
ମନ କାମନା ପୂରଣ ହୁଅଇ ଅଚିରେ ।
ଶ୍ରଦ୍ଧା ହୀନ ହୋଇ ଯେତେ କର୍ମ କରାଯାଏ
ସିଦ୍ଧ ନୁହେଁ କେଵେ ତାହା ଏକଥା ନିଶ୍ଚୟେ
ସୂର୍ଯ୍ୟଲୋକ ଯେଉଁପରି ପ୍ରାଣୀମାନଙ୍କର
ଚେଷ୍ଟାରେ ସାହାଯ୍ୟ ଦାନ କରେ ନିରନ୍ତର ।
କାର୍ଯ୍ୟ ସାଧନାରେ ଭକ୍ତି ସେହି ପରକାରେ
ସିଦ୍ଧିର କାରଣ ହୋଇଥାଏ ନିରନ୍ତରେ ।
ପ୍ରାଣୀଙ୍କର ପ୍ରାଣ ଜଳ ଅଟେ ଯେଉଁପରି
ସିଦ୍ଧିର କାରଣ ଭକ୍ତି ଅଟଇ ସେପରି ।
ଜୀବଗଣ ଯେହ୍ନେ ଭୂମି ଆଶ୍ରୟ କରିଣ
ମରତ ମଣ୍ଡଳେ ଜୀବ ଧରିଥାନ୍ତି ଜାଣ ।
ସେପରି ଭକ୍ତିକି କର୍ମୀମାନେ ଆଶ୍ରାକରି
ଯଥା ସମୟରେ ସିଦ୍ଧ ହୁଅନ୍ତି ବିଚାରି ।
ଜଗତରେ ଶ୍ରଦ୍ଧାବନ୍ତ ଜନ ଯେ ହୁଅଇ
ସମର୍ଥ ହୁଅଇ ଧର୍ମ ସାଧନାରେ ସେହି ।
ଅର୍ଥଲାଭ କରିପାରେ ଶ୍ରଦ୍ଧାବନ୍ତ ଜନ
ଶ୍ରଦ୍ଧାରେ ହୁଅଇ ନିଜ ଅଭିଳାଷ ପୂର୍ଣ୍ଣ ।
ଯେବେ ଶ୍ରଦ୍ଧା ଭକ୍ତି ଥାଏ ହୃଦୟ ମଧ୍ୟରେ
ଅକ୍ଳେଶରେ ସେହୁ ମୁକ୍ତିଲାଭ କରିପାରେ ।
ଶ୍ରଦ୍ଧାହୀନ ଦାନ ଯଜ୍ଞ ତପେ ନାରାୟଣ
ସନ୍ତୋଷ ନୁହନ୍ତି ଏହା ସୁନିଶ୍ଚିତ୍ତେ ଜାଣ ।
ଭକତି ନ ଥାଇ ମେରୁତୁଲ୍ୟ ସ୍ୱର୍ଣ୍ଣ ହେଲେ
ଅର୍ଥ ବିନାଶ ସେ ହେତୁ ହୁଅଇଟି ଭଲେ ।
ଭକତି ନ ଥାଇ ତପ କଲେ କଷ୍ଟ ସହି
ଅଙ୍ଗ ଶୁଖିଯାଏ ବୃଥା ହୁଅଇ ଯେ ସେହି ।
ଅଭକ୍ତିରେ ହୋମ କଲେ ସେ ଘୃତ ଆହୁତି
ଭସ୍ମରେ ଢାଳିଲା ପରି ହୁଅଇ କୁହନ୍ତି ।
ଶ୍ରଦ୍ଧାଯୁକ୍ତ ହୋଇ ଅଳ୍ପକାର୍ଯ୍ୟ ମଧ୍ୟକଲେ
ତହିଁରୁ ଅକ୍ଷୟ ଫଳ ଲାଭ ହୁଏ ହେଲେ ।
ଅଶ୍ରଦ୍ଧାରେ ଦେବ ଭକ୍ତି ବିଧାନରେ ଜନ
ସହସ୍ରେକ ଅଶ୍ୱମେଧ କଲେ ଅନୁଷ୍ଠାନ ।
ତା ସବୁ ନିଷ୍ଫଳ ହୁଏ କ୍ଳେଶ ଏକ ସାର
ଏଥକୁ ମନରେ ତୁମ୍ଭେ ସନ୍ଦେହ ନ କର ।
ମନୁଷ୍ୟଗଣର ପକ୍ଷେ ଏକା ହରି ଭକ୍ତି
କାମଧେନୁ ସମ ବୋଲି ଧାତା କହିଛନ୍ତି ।
ବିଷ୍ଣୁ ଭକ୍ତି ଥାଉ ଥାଉ ମୂଢ଼ ବ୍ୟକ୍ତିମାନେ
ସଂସାର ବିଷକୁ ପାନ କରନ୍ତି କେସନେ ।
ଆଶ୍ଚର୍ଯ୍ୟ ନୋହେ କି ଏହା ସନତ କୁମାର
ମନକୁ ନିଶ୍ଚଳ କରି ହୃଦରେ ବିଚାର ।
ଭକ୍ତିରେ ଅସୂୟା କରେ ଯେବଣ ମାନବ
ବହୁଦୂର ହୋଇଯାନ୍ତି ତାଠାରୁ ମାଧବ ।
ଥାନ୍ତି ଯେଉଁଠାରେ ମିଥ୍ୟାବାଦୀ ନରମାନେ
ଶ୍ରୀହରି ରହନ୍ତି ନାହିଁ ତହିଁ କଦାଚନେ ।
ପରଶ୍ରୀକାତର ମନେ କାର୍ଯ୍ୟ ଯେ କରଇ
ଦାମ୍ଭିକ ପଣରେ ଯେହୁ କର୍ମେ ପ୍ରବର୍ତ୍ତଇ ।
ବହୁଦୂରେ ସେମାନଙ୍କୁ ଛାଡ଼ି ଯାନ୍ତି ହରି
ଏକଥା ନିଶ୍ଚୟ ଅଟେ ଜାଣ ତପଚାରୀ ।
ଧର୍ମତତ୍ତ୍ୱ ପଚାରିଲେ ଯେବଣ ପୁରୁଷ
ମାନବଙ୍କୁ ଦିଏ ମିଥ୍ୟା ଧର୍ମ ଉପଦେଶ ।
ଧର୍ମ କାର୍ଯ୍ୟ ମାନସିକ ଭକ୍ତି ନାହି ଯାର
ତାହାକୁ ହୁଅନ୍ତି ହରି ବହୁତ ଅନ୍ତର ।
ଧର୍ମରୁ ହୋଇଛି ସନାତନ ଧର୍ମ ଜାତ
ଦେବ ଯେ ଅଟଇ ସେହୁ ସାକ୍ଷାତେ ଅନନ୍ତ ।
ଶ୍ରୀ ନାରାୟଣ ସ୍ୱରୂପ ଦେବ ଯେ ଅଟଇ
ବେଦକୁ ପଢ଼ିଲେ ଜନ ନିଷ୍ପାପୀ ହୁଅଇ ।
ଅଶ୍ରଦ୍ଧା କରନ୍ତି ବେଦକୁଟି ଯେଉଁ ଜନ
ଦୂର ହୋଇଯାନ୍ତି ତାଙ୍କଠାରୁ ନାରାୟଣ ।
ଧର୍ମ ହୀନ ହୋଇ ଦିନ ଯାପନ ଯେ କରେ
ଜୀଇଥିଲେ ଗଣାହୁଏ ସେ ମୃତ ସଙ୍ଗରେ ।

Digitized by srujanika@gmail.com

ଲୌହକାର ଜନ୍ତାପରି ବିଶ୍ୱାସ ତାହାର
ଥିଲେହେଁ ଅଟଇ ମୃତ ତୁଲ୍ୟ ସେହି ନର ।
ଶ୍ରଦ୍ଧାବନ୍ତ ଯେହୁ ନର ତାର ଧର୍ମ ଅର୍ଥ
କାମ ମୋକ୍ଷ ଆଦି ସିଦ୍ଧ ହୁଏ ପୁରୁଷାର୍ଥ ।
ଧର୍ମ ଆଦି ଚଉବର୍ଗ ବୋଲି ଯାହା କହି
ଶ୍ରଦ୍ଧା ନ ଥିଲେ ତା କେଭେଁ ହୋଇ ନ ପାରଇ
ନିଜ କୁଳ ଆଚାରକୁ ନ ଛାଡ଼ି ଯେ ଜନ
ସର୍ବଦା ହୁଅଇ ହରି ଭକ୍ତି ପରାୟଣ ।
ବିଷ୍ଣୁ ଭୁବନକୁ ସେହୁ ଗଗନ କରଇ
ଜୀବାନ୍ତେ ବିଷ୍ଣୁଙ୍କ ପାଦେ ଦର୍ଶନ କରଇ ।
ହରି ଭକ୍ତି ଚିନ୍ତାରେ ଯେ ଆଶକ୍ତିହୋଇଣ
ଆପଣ ବେଦୋକ୍ତ କର୍ମ କରେ ଅନୁଷ୍ଠାନ ।
ପରମ ପଦକୁ ସେ ମାନବ ଲାଭକରେ
ଯାହା ଦୁର୍ଲ୍ଲଭ ଅଟଇ ତିନି ଜଗତରେ ।
ଧର୍ମ ଜାତ ହୁଅଇଟି ଆଚାରରୁ ଜାଣ
ଧର୍ମରୁ ଅଟନ୍ତି ପ୍ରଭୁ ଦେବ ନାରାୟଣ ।
ଏହା ଜାଣି ଆପଣାର ବନାଶ୍ରମୋଚିତ
ଆଚାରାନୁସାରେ ଧର୍ମ କାର୍ଯ୍ୟେ ହୋଇ ରତ ।
ହରିଙ୍କୁ ସର୍ବଦା ପୂଜା କରିବ ମାନବ
ତହିଁରୁ ଜାତ ହୁଅଇ ସ୍ୱର୍ଗ ଫଳ ଲାଭ ।
ପାରଦର୍ଶୀ ହୋଇ ବେଦ ବେଦାଙ୍ଗପଢ଼ିଣ
ଆପଣା ଆଶ୍ରମ ଚିତ୍ତ ଧର୍ମ ଯେ ତେଜିଣ ।
ବହିଷ୍କୃତ ହୋଇଣ ଏ ବ୍ରହ୍ମାଣ୍ଡେ ଭ୍ରମଇ
ପତିତମାନଙ୍କ ମଧ୍ୟେ ଗଣା ସେ ହୁଅଇ ।
ଆଚାର ଭ୍ରଷ୍ଟ ଯେ କର୍ମ ବହିଷ୍କୃତ ଜନ
ସାକ୍ଷାତରେ ଅଟଇ ସେ ପତିତ ସମାନ ।
ହରିଭକ୍ତି ହରିନାମ ପରାୟଣ ହେଉ
ନିଜ ଆଶ୍ରମରୁ ଭ୍ରଷ୍ଟ ହୋଇଥାଏ ସେହୁ ।
ତାହାକୁ ପତିତ ବୋଲି ଋଷିଏ କହନ୍ତି
ଯେତେ ଚେଷ୍ଟାକଲେ ମଧ୍ୟ ନ ପାନ୍ତି ନିଷ୍କୃତି ।
ହରିଭକ୍ତି ଶିବଭକ୍ତି ବେଦ ଅଧ୍ୟୟନ
ଏମାନେ ପବିତ୍ର କରି ନ ପାରନ୍ତି ଜାଣ ।
ଆଚାରରୁ ସ୍ୱର୍ଗ ସୁଖ ଇତ୍ୟାଦି ମିଳଇ
ଆଚାରରୁ ଯୋଗ ସିଦ୍ଧି ପ୍ରାପତ ହୁଅଇ ।
ଆଚାରରୁ ସବୁ ଲାଭ କରଇ ମାନବ
ସଂସାରେ କିଛି ହିଁ ତାର ନ ରହେ ଦୁର୍ଲ୍ଲଭ ।

ଆଚାର ପ୍ରଭୃତି ସବୁ କର୍ମମାନଙ୍କର
ଭକ୍ତ ଏକା ହେତୁ ଅଟେ ଜାଣ ତପିବର ।
ଭକ୍ତିରେ ଶ୍ରୀବିଷ୍ଣୁ ପୂଜା ଯେ ମାନବ କରେ
ବାଞ୍ଛାଫଳ ଲାଭ ତାର ହୁଅଇ ଅଚିରେ ।
ମାତାଙ୍କୁ ଆଶ୍ରୟ କରି ଜୀବଜନ୍ତୁ ଗଣ
ଆପଣା ଜୀବନ ଯେହ୍ନେ କରନ୍ତି ଧାରଣ ।
ଯେମନ୍ତ ଭକ୍ତିକି ଭକ୍ତମାନେ ଆଶ୍ରାକରି
ଜୀବନ ବଞ୍ଚନ୍ତି ନର ଦେହେ ଅବତରି ।
ବର୍ଣ୍ଣାଶ୍ରମ ଆଶ୍ରମକୁ ଯେ ରକ୍ଷା କରିଣ
ଭକତି ଭଜନ କରେ ଶ୍ରୀହରି ଚରଣ ।
ଆଚାର ବଳରୁ ହରି ଭକ୍ତି ସେ ଲଭଇ
ହରିଭକ୍ତି ଜାତ ହେଲେ ସଂସାରୁ ତରଇ ।
ଉଦୟ ହୁଅଇ ହରି ଭକତି ଯାହାର
ଜଗତେ ତା ସଙ୍ଗେ ସମ ନୁହେଁ କେଉଁ ନର ।
ଭକ୍ତିବଳେ କର୍ମସିଦ୍ଧି ନିଶ୍ଚୟ ହୁଅଇ
କର୍ମରେ ତୃପ୍ତ ହୁଅନ୍ତି ଜଗତ ଗୋସାଇଁ ।
ହରି ତୋଷ ହେଲେ ଉଦେ ହୁଅଇ ଯେ ଜ୍ଞାନ
ଜ୍ଞାନ ଉଦେ ହେଲେ ମୋହ ଲାଭ କରେ ଜନ ।
ଭକତମାନଙ୍କ ସଂଗେ ଯେ ସଙ୍ଗ ହୁଅଇ
ଯେ ବର୍ଣ୍ଣ ଆଶ୍ରାମୋଚିତ୍ତ ପାଳନ କରଇ ।
ସାଧୁ ସଙ୍ଗେ ସଙ୍ଗ ହେବା ପାଇଁ ଯାର ମନ
କାମ କ୍ରୋଧ ଆଦି କରିଥାଏ ଯେ ବର୍ଜ୍ଜନ ।
ସେ ପୁଣ୍ୟ ପଥକୁ ପାଇ ସଂସାରେ ବିହରେ
ସମର୍ଥ ହୁଅଇ ମୋକ୍ଷପଦ ଲଭିବାରେ ।
ଯେଉଁମାନେ କାମ କ୍ରୋଧ ବର୍ଜିଣ ଅଛନ୍ତି
ଜାଣିବେ ସଂସାର ମଧ୍ୟେ ସେହି ଶୁଦ୍ଧ ବ୍ୟକ୍ତି ।
ପଣ୍ଡିତମାନଙ୍କ ମଧ୍ୟେ ହୁଅନ୍ତି ଗଣନା
ତାହାଙ୍କୁ ସମ୍ମାନ ଦ୍ୟନ୍ତି ସର୍ବ ଜନେ ସିନା ।
ଅକୃତ ଆତ୍ମା ଜନ ଯେ ସଂସାରେ ଅଟଇ
ସାଧୁ ସଙ୍ଗ ତିଳେ ଲାଭ ନ କରଇ ସେହି ।
ଯଦ୍ୟପି ଲାଭ କରଇ ଜାଣିବ ନିଶ୍ଚୟ
ଅଛଇ ତାହାର ପୂର୍ବାର୍ଜିତ ପୁଣ୍ୟମୟ ।
ପୂର୍ବଜନ୍ମେ ପାପ ଯାର ନଷ୍ଟ ହୋଇଥାଏ
ଏ ଜନ୍ମରେ ସାଧୁ ସଙ୍ଗତିକୁ ସେହୁ ପାଏ ।
ନୋହିଲେ କଦାପି ସାଧୁ ସଙ୍ଗ ନ ମିଳଇ
ତହିଁର ଦୃଷ୍ଟାନ୍ତ ଯାହା ଶୁଣ ମନଦେଇ ।

Digitized by srujanika@gmail.com

ଦିବସେ ବିହାର କରିବାକୁ ଜନଗଣ
ଅନ୍ଧାରକୁ ନାଶ କରେ ଆଦିତ୍ୟ କିରଣ ।
ପଣ୍ଡିତେ ଉତ୍ତମ ବାକ୍ୟ ରୂପ କିରଣରେ
ଆତ୍ମାର ଅନ୍ଧାର ନାଶ କରନ୍ତି ଭିତରେ ।
ବିଷ୍ଣୁଭକ୍ତି ପରାୟଣ ପୁରୁଷ ଜଗତେ
ଅଟନ୍ତି ଦୁର୍ଲ୍ଲଭ ଏହା ଜାଣନ୍ତି ସମସ୍ତେ ।
ଯେଉଁ ଜନ ତାହାଙ୍କର ସଂଗେ ସଙ୍ଗ ହୁଏ
ସେ ଉତ୍ତମ ଶାନ୍ତି ଲାଭ କରଇ ନିଶ୍ଚୟେ ।
ଏହ ଜାଣି ସାଧୁ ସଙ୍ଗ ନିତି ଯେ କରଇ
ଇହ ପର କାଳରେ ସେ ମୁକତି ଲଭଇ ।
ନାରଦ ମୁଖରୁ ଶୁଣି ଏସନକ ଗୀର
ପୁଣି ପୁଚ୍ଛାକଲେ ତାଙ୍କୁ ସନତ କୁମାର ।
ବିଷ୍ଣୁ ଭକ୍ତମାନଙ୍କର ଲକ୍ଷଣ କି ଅଟେ
କେଉଁ କର୍ମମାନ କରନ୍ତି ସେ ଧରା ପୃଷ୍ଠେ ।
କେଉଁ ଲୋକ ଲାଭ ହୁଏ ତାଙ୍କୁ ଅନ୍ତଃକାଳେ
ଏକଥା ବୁଝାଇ ମୋତେ କୁହନ୍ତୁ ଶୟଳେ ।
ତୁମ୍ଭେ ଯେଣୁ ବିଷ୍ଣୁ ଭକ୍ତ ପରମ ପଣ୍ଡିତ
କହିବା ନିମନ୍ତେ ଏହା ଅଟ ସାମରଥ ।
ଦେବର୍ଷି ବୋଇଲେ ଯାହା ପୁଚ୍ଛାକଲ ମୋରେ
କହୁଅଛି ସେହି ଗାଥା ଶୁଣ ସୁଚିତ୍ତରେ ।
ଯୋଗ ନିଦ୍ରା ପରିତ୍ୟାଗ କରିବା କାଳରେ
ଯାହା କହିଥିଲେ ବିଷ୍ଣୁ ମାର୍କଣ୍ଡ ପଛରେ ।
ସେହି ଗୋପନ ତତ୍ତ୍ୱ ମୁଁ ଦେଉଛି ବୁଝାଇ
ଶ୍ରବଣ କର ସକଳେ ଏକ ମନ ହୋଇ ।
ଜ୍ୟୋତିର୍ମୟ ନିରଞ୍ଜନ ଅଟନ୍ତି ଯେ ହରି
ଏ ତିନି ଜଗତ ଅଟେ ସ୍ୱରୂପ ତାଙ୍କରି ।
ବିରାଟ ମୂରତି ଧରି ପ୍ରଳୟ କାଳରେ
ଏ ସାରା ଜଗତ ଭରି ରଖନ୍ତି ଉଦରେ ।
ପ୍ରଳୟ ଜଳରେ ଏ ଜଗତ ହୁଏ ନାଶ
ସ୍ଥାବର ଜଙ୍ଗମ ଆଦି ହୁଅନ୍ତି ବିନାଶ ।
ସକଳ ବିନାଶ ହେବା ଦେଖି ଜଗନ୍ନାଥ
ଯୋଗବଳେ ଶେଷରୂପ କରି ପ୍ରକଟିତ ।
ଶୟନ କରନ୍ତି ବଟ ପତ୍ରର ଉପରେ
ପ୍ରମାଣ ଅଟଇ ନବାଙ୍ଗୁଳ ପରକାରେ ।
ଆବର ମହା ପ୍ରଳୟ ଜଳରେଟି ଜାଣ
ଭାସୁଥାଏ ସେହି ବଟ ପତ୍ର ଯେ ପ୍ରମାଣ ।

ସେହି ବିଷ୍ଣୁଙ୍କର ଲୋମ କୂପରେ ସକଳ
ବ୍ରହ୍ମା ଆଦି ଦେବଗଣ ହୋଇଥାନ୍ତି ଠୁଳ ।
ତାଙ୍କ ପାଦ ଅଙ୍ଗୁଷ୍ଠିରୁ ଗଙ୍ଗା ହୋଇ ଜାତ
ପ୍ରଳୟ ଜଳକୁ କରି ଥାଆନ୍ତି ପବିତ୍ର ।
ସୂକ୍ଷ୍ମରୁ ହୋଇଣ ସୂକ୍ଷ୍ମ ପରମ ପୁରୁଷ
କରନ୍ତି ଯେ ବିଶ୍ୱରୂପୀ ବ୍ରହ୍ମାଣ୍ଡକୁ ଗ୍ରାସ ।
ବଟ ପତ୍ରେ ନିଦ୍ରାଯାଇ ଥିବା ସମୟରେ
ପ୍ରବେଶ ହେଲେ ମାର୍କଣ୍ଡ ତାଙ୍କ ସନ୍ନିଧିରେ ।
ମହା ଭାଗ୍ୟବାନ ଅଟନ୍ତି ସେ ଋଷିବର
ପ୍ରବେଶିଲା ମହା ବିଷ୍ଣୁ ନିଦ୍ରିତ ସ୍ଥାନର ।
ଏକାଗ୍ର ଚିତ୍ତରେ ରହି ସ୍ଥିର କରି ଚିତ୍ତ
ଦରଶନ କଲେ ଲୀଳା ଖେଳାଦି ସମସ୍ତ ।
ଏମନ୍ତ ବଚନ ଶୁଣି ସର୍ବ ଋଷିବର
ସୁତଙ୍କୁ ପୁଚ୍ଛିଲେ ଲାଗେ ଆଶ୍ଚର୍ଯ୍ୟ ଏ ଗୀର ।
ଆପଣ କହିଲେ ମହାଘୋର ପ୍ରଳୟରେ
ସର୍ବେ ନାଶ ଯାଇଥିଲେ ଏ ମରତପୁରେ ।
ଏକମାତ୍ର ବଟ ପତ୍ରେ କରିଣ ଶୟନ
ଭାସୁଥିଲେ ଜଳ ମଧ୍ୟେ ଜଗତ ଜୀବନ ।
ପୁଣି କହୁଛନ୍ତି ପ୍ରବେଶିଲେ ମାର୍କଣ୍ଡେୟ
ଏହା ଶ୍ରବଣରେ ଜାତ ହେଉଛି ସନ୍ଦେହ ।
ସ୍ଥାବର ଜଙ୍ଗମ ଆଦି ଯେତେ ଚରାଚର
ନାଶ ହେଲେ ମାର୍କଣ୍ଡେୟ ଥିଲେକି ପ୍ରକାର ।
ତାହାଙ୍କୁ କାହିଁକି ବିଷ୍ଣୁ ନ କରିଲେ ଗ୍ରାସ
କୁହନ୍ତୁ ଆମ୍ଭଙ୍କୁ ଏହି ତତ୍ତ୍ୱ ଉପଦେଶ ।
ଶ୍ରୀହରି ନାମାମୃତକୁ କରିବାକୁ ପାନ
ଏ ଜଗତେ କାର ଅବା ନ ବଳିବ ମନ ।
ଋଷିଙ୍କ ବଚନ ଶୁଣି ବୋଇଲେକ ସୁତ
ଯାହା ପୁଚ୍ଛାକଲ ତାହା ଶୁଣଦେଇ ଚିତ୍ତ ।
ମୃକୁଣ୍ଡୁ ନାମରେ ଜଣେ ମହାଋଷି ଥିଲେ
ତପବଳେ ତିନିପୁରେ ଶ୍ରେଷ୍ଠ ବୋଲାଇଲେ ।
ଶାଳଗ୍ରାମ ନାମେ ଅତି ପବିତ୍ର ତୀର୍ଥରେ
ତପକଲେ ଅୟୁତେକ ଯୁଗ ସେଠାବରେ ।
ବେଦ ବିଧି ଆଦି କ୍ରିୟା କର୍ମମାନ ଯେତେ
ପ୍ରତିଦିନ ତାହା କରୁଥାନ୍ତି ବିଶ୍ୱ ମତେ ।
ଉପବାସ ପରାୟଣ କ୍ଷମାଶୀଳ ହୋଇ
ମହାଘୋର ତପ କଲେ ସେହୁ ବାୟୁ ପିଇ ।

Digitized by srujanika@gmail.com

ଅତି କଠୋର ତପସ୍ୟା ଦେଖି ତାହାଙ୍କର
ସକଳ ଅମର ଭୟେ ହୋଇଲେ କାତର ।
ମନରେ ଆଶଙ୍କା କରି ସର୍ବେ ହୋଇ ମେଳ
ଶରଣ ପଶିଲେ ଯାଇ ବିଷ୍ଣୁ ପାଦତଳ ।
କ୍ଷୀର ସାଗର ତଟରେ ହୋଇଣ ପ୍ରବେଶ
ଶିରେ କର ଦେଇ ବୋଇଲେ ହେ ହୃଷିକେଶ ।
ଅକ୍ଷୟ ଅନନ୍ତ ତୁମ୍ଭେ ଅନାଦି ଈଶ୍ୱର
କୌଣସି କାଳରେ ନାଶ ନାହିଁ ଯେ ତୁମ୍ଭର ।
ଶରଣ ରକ୍ଷଣ ତୁମ୍ଭେ ଅନାଦି ଅନନ୍ତ
ବିନୟରେ ଜଣାଉଛୁ ହୋଇ ସର୍ବେ ତ୍ରସ୍ତ ।
ମୃକୁଣ୍ଡୁ ମୁନିଙ୍କ ତପେ ହୋଇଣ କାତର
ସ୍ୱର୍ଗପୁର ତ୍ୟାଗ କରି ଆସିଛୁ ଅମର ।
ତୁମ୍ଭର ଚରଣ ତଳେ ପଶୁଛୁ ଶରଣ
ଆମ୍ଭଙ୍କୁ ଏହି ସଂକଟୁ କର ନିସ୍ତାରଣ ।
ଏ ପ୍ରକାରେ ଦେବଗଣ ଶିରେ କରଦେଇ
ବିନୟରେ ଜଣାଇଲେ ନାନା ସ୍ତବ ଗାଇ ।
ସେମାନଙ୍କ ସ୍ତବ ଦେଖି ଜଗତ ଈଶ୍ୱର
ପ୍ରବେଶ ହୋଇଲେ ଆସି ସମ୍ମୁଖେ ତାଙ୍କର ।
କୋଟି କୋଟି ସୂର୍ଯ୍ୟ ସମ ବିରାଜଇ କାନ୍ତି
ନଳିନୀ ଦଳ ପରାୟ ନେତ୍ର ଶୋଭାପାନ୍ତି ।
ନାନା ରତ୍ନ ଆଭରଣ ଶ୍ରୀଅଙ୍ଗେ ଶୋଭଇ
ଶ୍ରୀବତ୍ସ ଲାଞ୍ଛନ ବକ୍ଷସ୍ଥଳେ ବିରାଜଇ ।
ସୁବର୍ଣ୍ଣ ଯଜ୍ଞ ପବିତ୍ର ସ୍କନ୍ଧେ ଛନ୍ତି ବହି
ଚରଣ ଯୁଗଳ ପଦ୍ମ ପରାୟ ରାଜଇ ।
ଏମନ୍ତ ସ୍ୱରୂପ ଦେଖି ସର୍ବ ଦେବଗଣ
ଅଭୟ ପୟର ତଳେ ନମିଲେ ତକ୍ଷଣ ।
ବିନୟ ଭାବରେ ସର୍ବେ ଯୋଡ଼ି ବେନିକର
କରଯୋଡ଼ି ସ୍ତବ ଆରମ୍ଭିଲେ ଭକତିର ।
ଦେବଙ୍କ ବିକଳ ଦେଖି ଦୟାମୟ ହରି
ଗମ୍ଭୀର ବାକ୍ୟେ ପୁଚ୍ଛିଲେ ତୋଷ ହୋଇକରି ।
ଜାଣୁଛି ମୁଁ ମୃକୁଣ୍ଡୁର ତପରେ ତୁମ୍ଭର
ଅପାର କଷଣ ଜାତ ହୋଇଛି ମନର ।
ଆଗରୁ ସମସ୍ତ କଥା ଆମ୍ଭେ ଅଛୁଁ ଜାଣି
ବୃଥାରେ ଦେବତାଗଣ ନ କର ଭାଳେଣି ।
ସେହି ମୃକୁଣ୍ଡୁ ମହର୍ଷି ପରମ ପବିତ୍ର
ତିଳେ ମାତ୍ର ହିଂସା ଦ୍ୱେଷ ନାହିଁ ତାଙ୍କ ଚିତ୍ତ ।

ତାପରେ ତୁମ୍ଭଙ୍କୁ କେଭେ ପୀଡ଼ା ସେ ନ ଦେବେ
ଏ କଥା ଉତ୍ତମ ରୂପେ ଜାଣିଅଛୁ ଆମ୍ଭେ ।
ଯେବଣ ସାଧୁଏ ନିଜ ତପ ପ୍ରଭାବରେ
ପବିତ୍ର କରନ୍ତି କାୟମନ ସୁଚିତ୍ତରେ ।
ସେ କିମ୍ପାଇ ଅପରର ଆଚରିବେ ମନ୍ଦ
ବୃଥା ଆଶଙ୍କା ନକର ସ୍ୱରଗର ଇନ୍ଦ୍ର ।
କିନ୍ତୁ ଯେଉଁମାନେ ମନେ ବହି ଅହଂକାର
ତପ କରୁଥାନ୍ତି କ୍ଷତି ଲାଗି ଅପରର ।
ତେମନ୍ତ ବ୍ୟକ୍ତିକୁ ସିନା ଡରନ୍ତି ସୁଜନ
କାଳେ କେଉଁ କଥା ଘଟାଇବ ସେ ଦୁର୍ଜନ ।
ମୃକୁଣ୍ଡୁ ଋଷି ଅତ୍ୟନ୍ତ ମହାନ ଅଟନ୍ତି
ଏ ତିନି ଭୁବନେ ତାଙ୍କ ସମ କେ ନାହାନ୍ତି ।
ଯେଉଁ ମାର୍ଗରେ ଗମନ କରୁଛନ୍ତି ସେହି
କୋଟି ଇନ୍ଦ୍ରପଦ ତାର ସମାନ ହୁଅଇ ।
କୌଣସି ସ୍ୱାର୍ଥକୁ ରଖି ନୟନ ଅଗ୍ରତେ
ତପସ୍ୟା କରୁ ନାହାନ୍ତି ସେହୁ କଦାଚିତେ ।
ସଦା ପରହିତ ଲାଗି କରନ୍ତି ସେ କାର୍ଯ୍ୟ
ତାଙ୍କ ଲାଗି ନ ଭାବନ୍ତୁ ଅମର ସମାଜ ।
ଆମ୍ଭ ବୋଲ ମାନି ତୁମ୍ଭେ ଯେ ଯାହାର ପୁରେ
ବାସକର ଫେରିଯାଇ ଆନନ୍ଦ ମନରେ ।
ଯଦ୍ୟପି ତୁମ୍ଭ ପ୍ରତି କେ କାରେ ଅତ୍ୟାଚାର
ସ୍ମରଣ ମାତ୍ରେ ମୁଁ ଶାସ୍ତି ଦେବଇଁ କଠୋର ।
ଆଜିଠୁଁ ସବୁ ଦାୟିତ୍ୱ ତୁମ୍ଭମାନଙ୍କର
ବହନ କରିବି କଥା ଦେଉଛି ଏଠାର ।
ଏପରି ଦେବଙ୍କୁ ଶାନ୍ତି କରି ନାରାୟଣ
ନିମିଷକେ ଅନ୍ତର୍ଦ୍ଧାନ ହୋଇଲେ ଶୂନ୍ୟେଣ ।
ବର ପାଇଣ ଅମରେ ଆନନ୍ଦ ମନରେ
ରହିଲେ ଯେ ଯାହାପୁର ମଧ୍ୟେ ନିଶ୍ଚିନ୍ତରେ ।
ଅମରେ ବିଦାୟ ଦେଇ ପ୍ରଭୁ ଭଗବାନ
ମୃକୁଣ୍ଡୁ ଋଷିଙ୍କ ପରେ ତୃପତ ହୋଇଣ ।
ଯେବଣ ସ୍ଥାନରେ ସେହୁ ତପ କରୁଥିଲେ
ଗରୁଡ଼ ପୃଷ୍ଠେ ଆରୋହି ସେଠାରେ ମିଳିଲେ ।
ମୃକୁଣ୍ଡୁ ତପେ ଯେ ରୂପ ଚିନ୍ତା କରୁଥିଲେ
ଆଦ୍ୟରେ ସେ ରୂପ ଗୋଟି ଦର୍ଶନ କରିଲେ ।
ଅତଶି କୁସୁମ ଶ୍ୟାମ ନବୀନ ମୂରତି
ପୀତ ଅମ୍ବର କଟୀରେ ପିନ୍ଧିଣ ଅଛନ୍ତି ।

Digitized by srujanika@gmail.com

କିରୀଟ କୁଣ୍ଡଳ କର୍ଣ୍ଣ ଯୁଗଳେ ଶୋଭଇ
ରତ୍ନ ଆଭରଣେ ସାରା ଅଙ୍ଗ ଝଳକଇ।
ଏମନ୍ତ ରୂପ ନୟନେ ଦେଖି ତପୀବର
ଆନନ୍ଦ ଜଳଧି ମଧ୍ୟେ ହେଲେ ଭରପୁର।
ଆପଣା ନେତ୍ର ଦ୍ୱୟକୁ କରି ଉନ୍ମିଳନ
ନିରେଖି ଚାହିଁଲେ ସମ୍ମୁଖରେ ତପୋଧନ।
ସାରାଅଙ୍ଗ ରୋମାଞ୍ଚିତ ହେଲା ତାହାଙ୍କର
ଆନନ୍ଦ ଅଶ୍ରୁରେ ନେତ୍ର ହେଲା ଜରଜର ।
ସାଷ୍ଟାଙ୍ଗରେ ଭୂମିତଳେ ପଡ଼ି ସେ ବ୍ରାହ୍ମଣ
କରଯୋଡ଼ି ମସ୍ତକରେ ଆନନ୍ଦ ମନେଣ ।
ସ୍ତବକଲେ ପ୍ରେମଭରେ ପୁଲ୍ଲକିତ ହୋଇ
ସେ ବେଳର ଦୃଶ୍ୟ ଅବା କି କହିବି ମୁହିଁ ।
ବୋଇଲେ ତୁମ୍ଭେ ପରମପୁରୁଷ ଈଶ୍ୱର
ଜଗତ କରତା ପରମାତ୍ମା ପରାତ୍ପର ।
ଆବର ପବିତ୍ରକାରୀ ତୁମ୍ଭେ ଜନାର୍ଦ୍ଦନ
ବିନୟରେ ପ୍ରଣିପାତ କରୁଅଛି ଘେନ।
ରୂପ ରସ ନାମ ଗ୍ରାମ ନାହିଁ ଯେ ତୁମ୍ଭର
ଅଭୟ ପୟର ତଳେ କରେ ନମସ୍କାର।
ଅରୂପ ଅବ୍ୟକ୍ତ ବ୍ରହ୍ମରୂପ ବ୍ୟକ୍ତା ବ୍ୟକ୍ତ
ଭକ୍ତି ସହକାରେ ପ୍ରଭୁ କରେ ଦଣ୍ଡବତ।
ପୁରାଣ ପୁରୁଷ ତୁମ୍ଭେ ବେଦର କରତା
ବ୍ରହ୍ମରୂପେ ଏ ଜଗତେ ରାଜେ ତବ ସତ୍ତା।
ତୁମ୍ଭେ ଧାତା ହୋଇ କର ଜଗତ ତିଆଣ
ବିଷ୍ଣୁ ରୂପରେ ତାହାକୁ କର ଯେ ପାଳନ।
ରୁଦ୍ର ରୂପ ବହି ଶେଷେ ସଂହାର ଯେ କର
ହେ ଅଭୟ ବରଦାତା ଘେନ ନମସ୍କାର ।
ଆମ୍ଭେ ପତି ପତ୍ନୀ ଦୁହେଁ ତବ କିଣା ଦାସ
ନମୁଛୁ ପାଦ ପଙ୍କଜେ ଘେନ ପୀତବାସ।
ଯୋଗୀମାନେ ଧ୍ୟାନଯୋଗେ କରନ୍ତି ଭଜନ
ମୋର ନମସ୍କାର ଘେନ ଜଗତ ଜୀବନ।
ଭକତମାନଙ୍କ ଦୁଃଖ ଦୂରିତ ନାଶିଣ
ଶରଣାଗତକୁ ରଖ ପ୍ରଭୁ ଭଗବାନ।
ଜଗତ ଆଶ୍ରୟ ଦାତା କରୁଣା ସାଗର
ଭକ୍ତିଭରେ ନମୁଛି ମୁଁ ଅଭୟ ପୟର।
ତୁମ୍ଭର ସହସ୍ର ଶିର ସହସ୍ର ଚରଣ
ସହସ୍ର ନୟନ ସହସ୍ରେକ ବାହୁ ପୁଣ।

ସହସ୍ର କୋଟି ଯୁଗକୁ ଧାରଣ କରନ୍ତି
ମୁଁ ତବ ଚରଣ ତଳେ ଜଣାଏ ପ୍ରଣତି।
ତୁମ୍ଭେ ନିତ୍ୟ ନିରଞ୍ଜନ ଅବ୍ୟକ୍ତ ପୁରୁଷ
ଘେନାକର ନମସ୍କାର ଜଗତର ଈଶ।
ଆହେ ଶଙ୍ଖ ଚକ୍ରଧାରୀ ପୁରାଣ ପୁରୁଷ
ସର୍ବଦା ଚରଣ ତଳେ ଦୀନେ ଦିଅ ଆଶ।
ଏହିପରି ସେ ମୃକୁଣ୍ଡୁ ଋଷି ଭକ୍ତିଭରେ
ବିନୟ କରି ସାଷ୍ଟାଙ୍ଗେ ନମିଲା ପୟରେ।
ତାହାଙ୍କ ଭକତ ଦେଖି ପ୍ରଭୁ ଲକ୍ଷ୍ମୀକାନ୍ତ
ମନ ମଧରେ ହୋଇଣ ଅତି ଆନନ୍ଦିତ।
ତକୁ ଉଠାଇଣ ଶ୍ରୀଭୁଜରେ ଟୋଳି ଧରି
ହୃଦୟରେ ଲଗାଇଲେ ଋଷିଙ୍କୁ ଶ୍ରୀହରି।
ସ୍ନେହରେବୋଇଲେଶୁଣ ହେ ଦ୍ୱିଜ ପ୍ରବର
ତପେ ତୃପ୍ତ ହେଲି ମୁହିଁ ମାଗି ଘେନବର।
ତୁମ୍ଭର ସାଧନା ଆଉ ବନ୍ଦନାରେ ମୁହିଁ
ଅତ୍ୟନ୍ତ ପ୍ରୀତ ହୋଇଛି ତାର ସୀମାନାହିଁ।
ନିଷ୍ପାପ ଅଙ୍ଗ ତୁମ୍ଭର ଅଟେ ହେ ବ୍ରାହ୍ମଣ
ଯାହାଇଚ୍ଛା ହେଉଅଛି ମାଗି ବର ଘେନ।
ପ୍ରଭୁଙ୍କ ଶ୍ରୀମୁଖୁ ଶୁଣି ଏସନକ ବାଣୀ
ମୃକୁଣ୍ଡୁ ବୋଇଲେ ଭକ୍ତିଭରେ ତତକ୍ଷଣି।
ହେ ଦେବ ହେ ଜଗନ୍ନାଥ ଦର୍ଶନେ ତୁମ୍ଭର
କୃତାର୍ଥ ହୋଇଛି ପୂତ ହେଲା ଏ ଶରୀର।
ଯାର ବହୁ ପୁଣ୍ୟ ନାହିଁ ସେ ତୁମ୍ଭ ଦର୍ଶନ
ଲାଭ କରି ନ ପାରଇ ଆହେ ଜନାର୍ଦ୍ଦନ।
ବ୍ରହ୍ମାଇନ୍ଦ୍ର ସୁର ନର ଆଦି ଦେବଗଣେ
ଯାହାଙ୍କ ଦର୍ଶନ ତିଳେ ନ ପାବନ୍ତି କ୍ଷଣେ।
ତାହାଙ୍କୁ ଯେଣୁ ମୁଁ ନିଜ ଚକ୍ଷୁରେ ଦେଖିଲି
ତେଣୁ ମୋର ପୁଣ୍ୟ ବହୁ ବଢିଛି ଜାଣିଲି।
ହେ ଦେବ ତୁମ୍ଭଙ୍କୁ ଯେଣୁ ଦେଖି ମୁଁ ପାରୁଛି
ମୋରଠାରୁ ଶ୍ରେଷ୍ଠ କିଏ ଜଗତରେ ଅଛି।
ସମଦର୍ଶୀ ସାଧୁଗଣେ ଯାହାକୁ ଏ ଭବେ
ଦେଖିବାପାଇଁ ଭାଜନ ନୁହନ୍ତିଟି କେବେ ।
ମୁଁ ସେହି ପରମ ବିଷ୍ଣୁଙ୍କର ରୂପ ଯେବେ
ଦରଶନ କଲି ଶ୍ରେଷ୍ଠ କେ ମୋଠାରୁ ଭବେ ।
ଏଥିରୁ ଅଧିକ ଆଉ କି ମାଗିବି ବର
ଦେଖିଣ କୃତାର୍ଥ ହୋଇଅଛି ମୋ ଶରୀର ।

Digitized by srujanika@gmail.com

ପୁଣ୍ୟ ହୀନ ବ୍ୟକ୍ତିଗଣ ସ୍ୱପ୍ନରେ ଯାହାଙ୍କୁ
ଦେଖି ନ ପାରନ୍ତି ଯେବେ ଦେଖିଲି ତାହାଙ୍କୁ ।
ଏଥିରୁ ଅଧିକ ଆଉ କି ବର ମାଗିବି
ବିଶ୍ୱର ବସ୍ତୁ କିମ୍ପାଇ ବୃଥାରେ ବହିବି ।
ଆପଣଙ୍କ ଦରଶନ ଅପେକ୍ଷାରୁ ମୋତେ
ଜଣା ଯାଉନାହିଁ ସାର କି ଅଛି ଜଗତେ ।
ଏହା ଶୁଣି ଭଗବାନ ଆନନ୍ଦ ହୋଇଲେ
ମୃକୁଣ୍ଡୁଙ୍କର ମୁଖକୁ ଅନାଇ ବୋଇଲେ ।
ତୁମ୍ଭ ଗୁଣ ଦେଖି ମୋହ ହୋଇଅଛି ମୁହିଁ
ମୋହର ଦର୍ଶନ କେଭେ ନିଷ୍ଫଳ ନୁହଇ ।
ଇନ୍ଦ୍ର ଆଦି ଦେବଗଣ କରନ୍ତି ବୟାନ
ବିଷ୍ଣୁ ଭକ୍ତଙ୍କର ହୁଏ ଅପାର ସନ୍ତାନ ।
ବହୁ ପରକାର ଯୁକ୍ତ ହୋନ୍ତି ବିଷ୍ଣୁ ଭକ୍ତେ
ମୁଁ ମଧ ପାଳନ ତାହା କରଇ ସନ୍ତତେ ।
ସାଧୁ ବ୍ୟକ୍ତିମାନେ କେଭେ ମିଥ୍ୟା ନ କହନ୍ତି
ଏ କାରଣୁ ବର ମାଗ ଦେବଇଁ ଝଟତି ।
ରୂପେଗୁଣେ ଯୁକ୍ତ ହୋଇ ତୁମ୍ଭରି ଅଙ୍ଗରେ
ସନ୍ତାନ ହୋଇ ଜନ୍ମିବୁ ଆମ୍ଭେ ତୁମ୍ଭଘରେ ।
ଦୀର୍ଘଜୀବୀ ବୋଲାଇବୁ ତୁମ୍ଭର ଆତ୍ମଜ
ଆବର କଥାଏ ମାତ୍ର ଶୁଣ ଆହେ ଦ୍ୱିଜ ।
ଆମ୍ଭେ ଯା ବଂଶରେ କରୁ ଜନମ ଗ୍ରହଣ
ମୁକ୍ତିଲାଭ କରେ ତାର ସବୁ ବଂଶ ଜାଣ ।
ଆମ୍ଭେ ପରିତୁଷ୍ଟ ହେଲେ ତୁମ୍ଭର ଜଗତେ
ଅସାଧ ନୁହଇ କିଛି ମାତ୍ର ଭାବ ଚିତ୍ତେ ।
ଯେଉଁ ଭକ୍ତ ନର ହୋଇ ବିଷ୍ଣୁ ପରାୟଣ
ନିରନ୍ତରେ ପୂଜାକରେ ଆମ୍ଭର ଚରଣ ।
ଆବର ଆମ୍ଭଙ୍କୁ ଧ୍ୟାନ କରୁଥାଏ ନିତି
ତାହାର ସବଂଶ ବିଷ୍ଣୁ ସ୍ୱରୂପ ବୋଲାନ୍ତି ।
ଚିତ୍ତ ସମର୍ପଣ କରେ ଯେହୁ ଆମ୍ଭଠାରେ
ସଦା କର୍ମ କରୁଥାଏ ଆମ୍ଭ ନିମନ୍ତରେ ।
ତାହାର ବଂଶ ହୁଅନ୍ତି ବିଷ୍ଣୁଙ୍କ ସାରୂପ୍ୟ
ଆବର ସକଳେ ପୁଣି ହୁଅନ୍ତି ନିଷ୍ପାପ ।
ହେ ଦ୍ୱିଜ ପ୍ରବର ତୁମ୍ଭ ସ୍ତବ ତପସ୍ୟାରେ
ପ୍ରୀତ ହୋଇଅଛୁଁ ଆମ୍ଭେ ସକଳ ପ୍ରକାରେ ।
ତେଣୁଟି ତୁମ୍ଭର ଋଣ ପରିଶୋଧ ପାଇଁ
ଜନମ ହୋଇବୁ ଆମ୍ଭେ ପୁତ୍ର ରୂପ ହୋଇ ।

ଏଥିରେ ସନ୍ଦେହ ନାହିଁ ଜାଣ ହେ ବ୍ରାହ୍ମଣ
ଏତେବୋଲି ସେ ଭକତ ବନ୍ଧୁ ନାରାୟଣ ।
ମୃକୁଣ୍ଡୁଙ୍କ ଶିର ପରେ ଆପଣାର କର
ଅର୍ପଣ କରିଣ ତହୁଁ ହୋଇଲେ ଅନ୍ତର ।
ହରି ଅନ୍ତର୍ଦ୍ଧାନ ହୋଇ ଶରୀର ଲୁଚାନ୍ତେ
ପରମ ପ୍ରୀତ ହୋଇଲେ ସେ ମୃକୁଣ୍ଡୁ ଚିତ୍ତେ ।
ଆପଣାକୁ ପୁଣ୍ୟବାନ ମନେ ବିଚାରିଣ
ସେ ପ୍ରଭୁଙ୍କୁ ଦଣ୍ଡବତ କଲେ ପୁଣ ପୁଣ ।
ତହିଁ ପରେ ଆପଣାର ଆଶ୍ରମରେ ଯାଇ
ପ୍ରବେଶ ହୋଇଲେ ହରିପାଦେ ମନଦେଇ ।
ଶରଣ ରକ୍ଷଣ ଜଗନ୍ନାଥଙ୍କ ପୟରେ
ମନରଖି କ୍ଷେତ୍ରବାସୀ ଲେଖଇ ସାଦରେ ।
ଇତି ଶ୍ରୀ ବୃହଦ୍ ନାରଦ ପୁରାଣେ ମୃକୁଣ୍ଡୁ
ବରଲାଭେ ନାମ ଚତୁର୍ଥୋଽଧ୍ୟାୟଃ ।

---●----

## ପଞ୍ଚମ ଅଧ୍ୟାୟ

## ଭାଗବତ ବିଷୟ ବର୍ଣ୍ଣନ

ଏହାପରେ ଆନ ଗାଥା ଶୁଣ ମନଦେଇ
ଯାହା ଶ୍ରବଣରେ କର୍ଣ୍ଣ ପବିତ୍ର ହୁଅଇ ।
ବିଷ୍ଣୁଙ୍କଠାରୁ ମୃକୁଣ୍ଡୁ ଋଷି ବରପାଇ
ମାର୍କଣ୍ଡେୟ ନାମେ ପୁତ୍ର ଜାତ କଲେ ତହିଁ ।
ସାକ୍ଷାତେ ହରିଙ୍କ ପରି ସେହି ମାର୍କଣ୍ଡେୟ
ହରିଗୁଣ ତାଙ୍କଠାରେ ଥିଲା ସମୁଦାୟ ।
ଅତି ଭାଗ୍ୟବାନ ସେହୁ ପରମ ପୁରୁଷ
ସତ୍ୟସନ୍ଧ ବ୍ରହ୍ମଜ୍ଞାତା ଦୟାଳୁ ଅବଶ୍ୟ ।
ସୂର୍ଯ୍ୟଙ୍କ ସମାନ କାନ୍ତି ଅଟେ ତାହାଙ୍କର
ଜିତେନ୍ଦ୍ରିୟ ମହାଜ୍ଞାନୀ ପୁରୁଷ ପ୍ରବର ।
ବେଦ ବିଦ୍ୟାରେ ଅଟନ୍ତି ପରମ ପଣ୍ଡିତ
ଜାଣନ୍ତି ସକଳ ଶାସ୍ତ୍ର ପୁରାଣର ଅର୍ଥ ।
ଏମନ୍ତ ଅଟନ୍ତି ଯେଉଁ ମାର୍କଣ୍ଡେୟ ଜାଣ
ବିଷ୍ଣୁପ୍ରୀତି ଅର୍ଥେ କଲେ ତପ ଆଚରଣ ।
ତାହାଙ୍କ ତପରେ ତୋଷ ହୋଇ ଦେବହରି
ମିଳିଲେ ଗରୁଡ଼ ପୃଷ୍ଠେ ଶଙ୍ଖ ଚକ୍ରଧାରୀ ।
ପ୍ରସନ୍ନ ହୋଇଣ ତାଙ୍କୁ ବୋଇଲେକ ଗୀର
ପୁରାଣ ସଂହିତା ତୁମ୍ଭେ ରଚନା ଯେ କର ।

Digitized by srujanika@gmail.com

ବରପାଇ ମହାନନ୍ଦ ହୋଇ ମାର୍କଣ୍ଡେୟ
ପୁରାଣମାନ ରଚନା କଲେ ମହାଶୟ ।
ଏହି କାରଣରୁ ମାର୍କଣ୍ଡେୟ ଋଷି ଜାଣ
ଅଟନ୍ତି ସାକ୍ଷାତେ ବିଷ୍ଣୁ ନୁହନ୍ତି ଯେ ଭିନ୍ନ ।
ବିଷ୍ଣୁଙ୍କର ଅଂଶରୁ ଯେ ଜାତ ହୋଇଥାନ୍ତି
ଚିରଜୀବୀ ହୋଇ ସେହୁ ଜଗତେ ରୁହନ୍ତି ।
ବେଦମାନଙ୍କର ତତ୍ତ୍ୱ ଜାଣନ୍ତି ସମସ୍ତ
ଏହାପରେ ଯାହା ହେଲା ଶୁଣ ଦେଇ ଚିତ୍ତ ।
ଯେତେବେଳେ ଏ ଜଗତେ ପ୍ରଳୟ ହୋଇଲା
ସ୍ଥାବର ଜଙ୍ଗମ କୀଟ ଆଦି ନାଶଗଲା ।
ସେହି ସମୟରେ ଦେବ ଦେବ ଦାମୋଦର
ଦେଖାଇବା ପାଇଁ ଶକ୍ତି ସେହୁ ଆପଣାର ।
ସଂହାର ନକଲେ କେବେ ମାର୍କଣ୍ଡକୁ ଜାଣ
ତେଣୁ ଜୀବନରେ ରହିଗଲେ ତପିରାଣ ।
ପରମ ବିଷ୍ଣୁଙ୍କ ଭକ୍ତ ଅଟନ୍ତି ସେ ଋଷି
ଜୀବିତ ରହିଲେ ସୃଷ୍ଟି ଜଳେ ଗଲା ଭାସି ।
ସେହି ଦୀର୍ଘଜୀବୀ ମାର୍କଣ୍ଡେୟ ତପୋଧନ
ପ୍ରଳୟ ଜଳଧି ମଧ୍ୟେ କଲେ ବିଚରଣ ।
ଜୀର୍ଣ୍ଣ ଶୀର୍ଣ୍ଣ ପତ୍ରପ୍ରାୟେ ସେ ଘୋର ଜଳରେ
ଅବସ୍ଥାନ କରିଥିଲେ ରହି ଏକାନ୍ତରେ ।
ନିଦ୍ରା ଯାଇଥିଲେ ଯେତେକାଳ ଯାଏ ହରି
ନଥିଲେ ସେ ଯାଏ ଜଳେ ଅବସ୍ଥାନ କରି ।
ଆହେ ତପୋଧନ ସେହି କାଳର ପ୍ରମାଣ
ତୁମ୍ଭ ଆଗରେ ବର୍ଣ୍ଣନା କରୁଅଛି ଶୁଣ ।
ଚକ୍ଷୁର ପଲକ ପାତେ ନିମିଷ ବୋଲାଏ
ପଞ୍ଚଦଶ ନିମିଷରେ ଏକ କାଷ୍ଠା ହୁଏ ।
ତିରିଶ କାଷ୍ଠାରେ ଏ କଳା ଯେ ବୋଲାଏ
ତିରିଶ କଳାରେ ଏକ କ୍ଷଣ ଜାଣ ହୁଏ ।
ଛଅଗୋଟି କ୍ଷଣକରେ ଦଣ୍ଡମାତ୍ର ଜାଣ
ତ୍ରିଂଶ ମୁହୂର୍ତ୍ତରେ ଏକ ଦଣ୍ଡର ପ୍ରମାଣ ।
ପନ୍ଦର ଦିନରେ ପକ୍ଷେ ପ୍ରମାଣ ଅଟଇ
ଦୁଇଗୋଟି ପକ୍ଷରେ ଯେ ମାସକେ ହୁଅଇ ।
ଗଣନା କ୍ରମରେ ଏକ ଋତୁ ପରକାଶ
ତିନିଋତୁ ମିଶାଇଲେ ଅୟନେ ପ୍ରକାଶ ।
ବେନି ଅୟନରେ ଏକ ସମ୍ୱତ୍ସର ଜାଣ
ଏହି ପରକାରେ ଅଟେ ଗଣନା ପ୍ରମାଣ ।

ମାନବଙ୍କ ଗଣନାରେ ଏକ ସମ୍ୱତ୍ସର
ବିତିଗଲେ ଦିନେମାତ୍ର ହୁଏ ଦେବଙ୍କର ।
ଉତ୍ତରାୟଣ ଦିବସ ତା ମଧ୍ୟେ ବୋଲାଇ
ଦକ୍ଷିଣାୟନକୁ ରାତ୍ର ବୋଲି ଜାଣ କହି ।
ମନୁଷ୍ୟଙ୍କ ମାସେ ହେଲେ ପିତୃଗଣଙ୍କର
ଏକଦିନ ହୁଏ ତୁମ୍ଭେ ମନେ ହେତୁ କର ।
ଚନ୍ଦ୍ର ସୂର୍ଯ୍ୟ ଦୁହେଁ ଯେଉଁ ଦିନ ଯୁକ୍ତ ହୋନ୍ତି
ଅମାବାସ୍ୟା ବୋଲି ସେହି ଦିବସ କହନ୍ତି ।
ଦେବତାମାନଙ୍କରଟି ବାରବର୍ଷେ ଜାଣ
ଏକ ଯୁଗ ହୁଏ ବୋଲି ରହିଛି ପ୍ରମାଣ ।
ଦେବଙ୍କର ଦୁଇସହସ୍ର ଯୁଗ ଭୋଗ ହେଲେ
ବ୍ରହ୍ମାଙ୍କର ଏକଦିନ ହୁଅଇଟି ଭଲେ ।
ସେଦିନ ଗୋଟିକ ମନୁଷ୍ୟଙ୍କ ବରଷରେ
ବେନି କଳ୍ପହୁଏ କରିଛନ୍ତି ବୁଧନରେ ।
ଦେବତାଗଣର ଏକ ସନ୍ତତି ଯୁଗର
ସଂଖ୍ୟାକୁ କୁହନ୍ତି ଦେବେ ଏକ ମନ୍ୱନ୍ତର ।
ଚଉଦ ମନୁରେ ଧାତା ଦିବସେ ଭୋଗନ୍ତି
କାଳ ଗତି ଅନୁସାରେ ଚଳେ ଏହି କ୍ଷିତି ।
ତେତେ ପରିମାଣେ ଦିନେ ହୁଏ ବ୍ରହ୍ମାଙ୍କର
ସେହି ହିସାବରେ ରାତ୍ର ହୁଅଇ ତାଙ୍କର ।
ବିଧାତାଙ୍କର ରାତ୍ର କାଳେ ଏ ସାରା ଜଗତ
ବିନାଶ ହୋଇଣ ଥାଏ ଆହେ ତପୋବନ୍ତ ।
ବିଧାତାଙ୍କ ଦିନେ ହେଲେ ମନୁଷ୍ୟ ପ୍ରମାଣେ
ସହସ୍ର ଯେ ଚତୁର୍ଯ୍ୟୁଗ ଭୋଗ ହୁଏ କ୍ରମେ ।
ଏହିପରି ବିଧାତାଙ୍କ ମାସ ସମ୍ୱତ୍ସର
ଗଣନା କରି ଜାଣନ୍ତି ସୁପଣ୍ଡିତ ନର ।
ଏ ଯେଉଁ ଗଣନା ମାନ କହିଲି କ୍ରମରେ
ସୃଷ୍ଟିକର୍ତ୍ତା ଧାତାଙ୍କର ଶତ ସମ୍ୱତ୍ସରେ ।
ବେନି ପରାର୍ଦ୍ଧ ବତ୍ସର ଆୟୁଷ୍ମାନ ହୁଏ
ଗଣନା କରି କୁହନ୍ତି ଏ ସଂଖ୍ୟା ସଭିଏଁ ।
ବିଧାତାଙ୍କ ଶତେବର୍ଷ ହୋଇଲେ ସଂପୂର୍ଣ୍ଣ
ତହିଁରେ ହୁଅଇ ବିଷ୍ଣୁଙ୍କର ଏକ ଦିନ ।
ରାତ୍ର ପରମାଣେ ସେହିପରି ଯେ ବୋଲାଇ
ଏଥକୁ ସଂଶୟମନେ ନ ବିଚାର କେହି ।
ସେ କାଳରେ ଜୀର୍ଣ୍ଣଶୀର୍ଣ୍ଣ କାୟ କହିକରି
ଜଳମଧ୍ୟେ ମାର୍କଣ୍ଡେୟ ଥିଲେ ବଞ୍ଚିକରି ।

Digitized by srujanika@gmail.com

ପରମ ଆତ୍ମାଙ୍କୁ ଧ୍ୟାନ କରି ବିଷ୍ଣୁଙ୍କର
ରହିଥିଲେ ସମୀପରେ ସେ ମୁନି ପ୍ରବର ।
ଏହିପରି କାଳକାଳ ହୋଇଯାଏ ଗତ
ସୁବିଧା ସମୟ ଆସି ହେଲା ଉପସ୍ଥିତ ।
ଯୋଗ ନିଦ୍ରା ତ୍ୟାଗକରି ଜଗତ ଜୀବନ
ବିଧାତା ରୂପରେ ସୃଷ୍ଟି କଲେ ସରଜନ ।
କ୍ରମେ ଜଳ ଶୁଖି ଯାଇ ସୃଷ୍ଟି ହୋନ୍ତେ ଜାତ
ଦେଖିଣ ମାର୍କଣ୍ଡ ଋଷି ହୋଇଲେ ବିସ୍ମିତ ।
ଅତ୍ୟନ୍ତ ଆନନ୍ଦ ମନେ ଉଠିଣ ସତ୍ୱର
ପ୍ରମାଣ କରିଲେ ମହାବିଷ୍ଣୁଙ୍କ ପୟର ।
ସଦାନନ୍ଦ ମୂର୍ତ୍ତି ଭଗବାନଙ୍କୁ ସେ ଋଷି
କରଯୋଡ଼ି ସ୍ତବ କଲେ କୋମଳରେ ଭାଷି ।
ବୋଇଲେ ତୁମ୍ଭେ ସହସ୍ର ଶିର ଦୟାମୟ
ଦେବ ଦେବ ନାରାୟଣ ପ୍ରାଣୀଙ୍କ ସହାୟ ।
ହେ ଆଶ୍ରୟ ଦାତା ବସୁଦେବ ଜନାର୍ଦ୍ଦନ
ମୁଁ ତୁମ୍ଭଙ୍କୁ ନମସ୍କାର କରୁଅଛି ଘେନ ।
ଅଜୟ ଅଜ୍ଞେୟ ନିତ୍ୟ ସଦାନନ୍ଦ ସାର
ସ୍ୱରୂପ ମୁଁ କରୁଅଛି ପାଦେ ନମସ୍କାର ।
ଯେ ନିତ୍ୟ ପରମ ଅବିକାରୀ ବିଶ୍ୱଦର୍ଶୀ
ବିଶ୍ୱ ବ୍ରହ୍ମାଣ୍ଡ ଭିଆଣ କର ବ୍ରହ୍ମରାଶି ।
ସେହି ସର୍ବ ଜ୍ଞାନମୟ ଶାନ୍ତ ଜନାର୍ଦ୍ଦନ
ଘେନନ୍ତୁ ଶ୍ରୀକରେ ମୋର ଅର୍ଚ୍ଚନ ବନ୍ଦନ ।
ପୁରାଣ ପୁରୁଷ ଆହେ ସର୍ବଜ୍ଞ ଠାକୁର
ପରାତ୍ପର ଜ୍ଞାନମୟ ମହା ଯୋଗେଶ୍ୱର ।
ମୁଁ ତାଙ୍କୁ ପ୍ରଣାମ କରୁଅଛି ସନ୍ତତରେ
ପ୍ରସନ୍ନ ହୁଅନ୍ତି ବାରେ ମାତ୍ର ମୋହଠାରେ ।
ପରମ ପବିତ୍ର ତୁମ୍ଭେ ଜଗତ କାରଣ
ଆଶ୍ରୟ ସ୍ୱରୂପ ସର୍ବ ବ୍ୟାପ୍ତ ନାରାୟଣ ।
ସେହି ସର୍ବବ୍ୟାପି ଜଗନ୍ନାଥଙ୍କ ପୟରେ
ନମସ୍କାର କରୁଅଛି ମୁହିଁ ଭକ୍ତିଭରେ ।
ଯେ କାରଣ ସମୂହର ପରମ କାରଣ
ସବୁ ପ୍ରାଣୀମାନଙ୍କର ଆତ୍ମା ସନାତନ ।
ସେହି ଜଗତ ଜୀବନ ପ୍ରଭୁଙ୍କୁ ମୁଁ ନିତି
ପ୍ରଣାମ କରୁଛି ଦିବାନିଶି ରଖି ମତି ।
ସୃଷ୍ଟି ସ୍ଥିତିର ସଂହାର କରତା ଈଶ୍ୱର
ସେ ଅଟନ୍ତି ଆଦିଦେବ ପ୍ରାଣୀଙ୍କ ପିଅର ।

ବହୁରୂପି ରୂପହୀନ ନିର୍ଗୁଣ ସଗୁଣ
ଶାନ୍ତ ଜନାର୍ଦ୍ଦନ ବିଶ୍ୱ ସଂହାର କାରଣ ।
ସେହି ଜନାର୍ଦ୍ଦନଙ୍କୁ ମୁଁ କରଯୋଡ଼ି ଶିର
ନମସ୍କାର କରୁଅଛି ବିନୟ ଭାବର ।
ହେ କୃପା ସାଗର ଦୀନବନ୍ଧୁ ଦୟାମୟ
ଅଭୟ ପାଦ ପଦ୍ମରେ ଦିଅନ୍ତୁ ଆଶ୍ରୟ ।
ଆପଣଙ୍କୁ ନମସ୍କାର କରୁଅଛି ମୁହିଁ
କଷ୍ଟରୁ ଉଦ୍ଧାର କର ଆହେ ଭାବଗ୍ରାହୀ ।
ବହୁକାଳ ଭ୍ରମି ଭ୍ରମି ପ୍ରଳୟ ଜଳରେ
ସ୍ଥଳକୂଳ ତହିଁ ନାହିଁ ଭାସୁଛି ତହିଁରେ ।
ଆହେ କୃପାମୟ ମୋହଠାରେ କୃପାକରି
ଏହି ବିପଦରୁ ବାରେ ମାତ୍ର କରପାରି ।
ଏହିପରକାରେ ସ୍ତୁତି ମାରକଣ୍ଡ ଋଷି
କରିବା ଶୁଣନ୍ତେ ପରଂବ୍ରହ୍ମ ବିଶ୍ୱବାସୀ ।
ଶଙ୍ଖ ଚକ୍ର ଗଦାଧାରୀ ସେ ଆଦି ପୁରୁଷ
ପ୍ରୀତି ସହକାରେ ତାଙ୍କୁ କହିଲେ ଏ ଭାଷ ।
ଏ ଜଗତେ ଯେଉଁମାନେ ଶ୍ରୀବିଷ୍ଣୁଙ୍କ ଭକ୍ତ
ତାହାଙ୍କ ପ୍ରତି ଅଟନ୍ତି ଯାଏ ଅନୁରତ ।
ଆମ୍ଭେ ତୁଷ୍ଟ ହୋଇଥାଉ ତାଙ୍କଠାରେ ଜାଣ
ତାହାଙ୍କୁ ସର୍ବଦା କରିଥାଉଁ ଯେ ରକ୍ଷଣ ।
ଯେଉଁମାନେ ଭାଗବତ ଗୁଣେ ଅନୁରକ୍ତ
ସେମାନଙ୍କୁ କରିଥାଉ ରକ୍ଷା ଯେ ସନ୍ତତ ।
ଏଥିରେ ସନ୍ଦେହ ନାହିଁ ଆହେ ଋଷିବର
କିମ୍ପା ତୁମ୍ଭେ ଭୟ କରୁଅଛ ମାନସର ।
ଭଗବନ୍ତ ଭକ୍ତରୂପେ ଦେବ ଗୋପ୍ୟକରି
ଜଗତକୁ ରକ୍ଷାକରୁ ଜାଣ ତପଚାରି ।
ଏହାଶୁଣି ମାର୍କଣ୍ଡେୟ କରଯୋଡ଼ି ଶିରେ
ପଚାରିଲେ ସେ ପ୍ରଭୁଙ୍କୁ ଅତି ବିନୟରେ ।
ଭାଗବତ ଭକ୍ତଙ୍କର ଲକ୍ଷଣ କି ଅଟେ
କି କର୍ମ କରନ୍ତି ସେହୁ କହ ମୋ ନିକଟେ ।
କେଉଁ କର୍ମ କଲେ ଲୋକେ ହୁଅନ୍ତି ଭଗବତ
ତାହା ଶୁଣିବାକୁ ମୋର ବଳିଅଛି ଚିତ୍ତ ।
ଏହିପରି ମାର୍କଣ୍ଡେୟ ପଚାରିବା ଶୁଣି
କହିଲେ ପ୍ରସନ୍ନ ହୋଇ ତାଙ୍କୁ ଚକ୍ରପାଣି ।
ଭଗବତ ଭକ୍ତ ଗଣଙ୍କର ଯେ ଲକ୍ଷଣ
ଯେପରି ପ୍ରଭାବ ତାହା କହୁଅଛି ଶୁଣ ।

Digitized by srujanika@gmail.com

ଭକ୍ତମାନଙ୍କର ଯେତେ ପ୍ରଭାବ ଅଛଇ
କୋଟିଏ ବର୍ଷରେ ତାହା କହି ଯେ ନୁହଇ ।
ତଥାପି ତୁମ୍ଭଙ୍କୁ ଥୋକେ କହିବା ହେ ଋଷି
ଶୁଣିବା ପାଇଁକି ଯେବେ ହୋଇଛ ଲାଳସୀ ।
ସବୁ ପ୍ରାଣୀଙ୍କର ହିତକାରୀ ଯେ ଅଟନ୍ତି
ଜିତେନ୍ଦ୍ରିୟ ହୋଇ ରାଗ ଦ୍ୱେଷ ଛାଡ଼ିଥାନ୍ତି ।
ଶାନ୍ତି ଗୁଣାବଲମ୍ବନ କରି ଭକ୍ତମାନେ
ସଂସାରେ ଭ୍ରମନ୍ତି ନିତି ପ୍ରଫୁଲ୍ଲିତ ମନେ ।
କାୟ ମନ ବଚନରେ ପରକୁ ସେ କେଭେ
ପୀଡ଼ା ନ କରନ୍ତି ଜାଣ କଉଣସି ଭାବେ ।
ପରିଗ୍ରହ ନ କରନ୍ତି ଯେ କାହାରି ଧନ
ସେମାନେ ଅଟନ୍ତି ଏକା ବୈଷ୍ଣବ ପ୍ରଧାନ ।
ଆତ୍ମଗୁଣ ଅନୁବାଦ ଶୁଣିବାକୁ ଯାର
ସାତ୍ତ୍ୱିକ ବୁଦ୍ଧିରେ ଶ୍ରଦ୍ଧା ବଳେ ନିରନ୍ତର ।
ସେ ଭକ୍ତବତ୍ସଳ ବିଷ୍ଣୁପ୍ରିୟା ହୋଇଥାନ୍ତି
ପ୍ରଧାନ ବୈଷ୍ଣବ ସେହୁ ଜାଣ ବ୍ରହ୍ମଯତି ।
ଗଙ୍ଗା ବିଶ୍ୱେଶ୍ୱର ଏହି ବୁଦ୍ଧିରେ ଯେ ଜନ
ମାତା ପିତାଙ୍କର ସେବା କରେ ପ୍ରତିଦିନ ।
ପ୍ରଧାନ ବୈଷ୍ଣବ ସେହୁ ବୋଲାଏ ଜଗତେ
ଏଥକୁ ସଂଶୟ ତୁମ୍ଭେ ନ ବିଚାର ଚିତ୍ତେ ।
ଯେ ଇଷ୍ଟଦେବଙ୍କୁ ପୂଜା କରଇ ସନ୍ତତ
ଦେବ ପୂଜା ଦେଖି ହେଉଥାଏ ହୃଷ୍ଟଚିତ୍ତ ।
ଯେ ଅନୁମୋଦନ କରେ ଇଷ୍ଟ ପୂଜନରେ
ବୈଷ୍ଣବ ପ୍ରଧାନ ସେହୁ ବୋଲାଏ ସଂସାରେ ।
ବ୍ରହ୍ମଚାରୀ ଯତି ମୁନି ଋଷିଗଣଙ୍କର
ପରିଚର୍ଯ୍ୟା ପରାୟଣ ଅଟେ ଯେଉଁ ନର ।
ପରନିନ୍ଦା ଶ୍ରବଣରେ ବହିର୍ମୁଖ ଯେହୁ
ବୈଷ୍ଣବ ପ୍ରଧାନ ଜାଣ ଅଟଇ ଯେ ସେହୁ ।
ସବୁ ପ୍ରାଣୀଙ୍କର ହିତକାରକ ବଚନ
ମୁଖରେ ପ୍ରକାଶ କରୁଥାଏ ଯେଉଁଜନ ।
ଲୋକମାନଙ୍କର ଗୁଣ ଗ୍ରହଣ କରଇ
ତାହାକୁ ପ୍ରଧାନ ବଇଷ୍ଣବ ବୋଲି କହି ।
ନିଜ ଆତ୍ମା ପରି ସବୁ ଜୀବଙ୍କୁ ଯେ ଦେଖେ
ଶତ୍ରୁ ମିତ୍ର ଏ ଦୁହିଁଙ୍କୁ ସମାନରେ ଲେଖେ ।
ସତ୍ୟବାଦୀ ହୋଇ ସାଧୁ...ଙ୍କୁ ଯେ ସେବେ
ବୈଷ୍ଣବ ପ୍ରଧାନ ସେହୁ ବୋଲାଏଟି ଭବେ ।

ଯଥାର୍ଥ ପ୍ରକାରେ ଧର୍ମ ଶାସ୍ତ୍ର ଯେ କହଇ
ସେ ମଧ୍ୟ ବୈଷ୍ଣବ ପ୍ରଧାନରେ ଗଣାହୋଇ ।
ପୁରାଣକୁ ବ୍ୟାଖ୍ୟାକରେ ଯେବଣ ପଣ୍ଡିତ
ଯେ ପୁରାଣ ଶ୍ରବଣରେ ଦେଇଥାଏ ଚିତ୍ତ ।
ପୁରାଣ ବକ୍ତାଙ୍କୁ ଦେଖି ଭକ୍ତିକରେଯେହୁ
ପ୍ରଧାନ ବୈଷ୍ଣବ ମଧ୍ୟେ ଗଣାହୁଏ ସେହୁ ।
ଗୋ ବ୍ରାହ୍ମଣ ସେବାରେ ଯେ ସର୍ବଦା ନିରତ
ତୀର୍ଥଯାତ୍ରା ପରାୟଣ ଯେ ହୁଏ ସନ୍ତତ ।
ଅପର ଲୋକର ଶିରୀ ଦେଖିଲେ ନୟନେ
ହରି ହରି ବୋଲୁଥାଏ ପ୍ରଫୁଲ୍ଲିତ ମନେ ।
ଏମନ୍ତ ଯେ ଲୋକ ସେହୁ ହରି ଭକ୍ତ ଅଟେ
ପ୍ରଧାନ ବୋଲାଏ ପୁଣି ବଇଷ୍ଣବ ଗୋଷ୍ଠେ ।
ଉପବନ ଆରୋପଣ କରେ ଯେଉଁ ଜନ
ଆଦର କରଇ ଯେହୁ ତଡ଼ାଗ ରକ୍ଷଣ ।
ଦେବଗୃହ ନିର୍ମାଣ ଯେ କରଇ ଭକ୍ତିରେ
କୂପ ସରୋବର ତଡ଼ାଗ ଯେ ଖୋଳି ପାରେ ।
ଜଗତରେ ବୋଲାଏ ସେ ବୈଷ୍ଣବ ପ୍ରଧାନ
ଏକଥା ନିଶ୍ଚୟ ଅଟେ ଜାଣ ତପୋଧନ ।
ଯେ ଗାୟତ୍ରୀ ମନ୍ତ୍ର ଜପ କରୁଥାଏ ନିତି
ବୈଷ୍ଣବ ପ୍ରଧାନ ବୋଲି ତାହାକୁ କହନ୍ତି ।
ହରି ନାମ ଶୁଣିଲେ ଯେ ଲୋକ ପୁଲକାଏ
ନେତ୍ରରୁ ଆନନ୍ଦ ଅଶ୍ରୁଜଳ ବହିଯାଏ ।
ତୁଳସୀ ବନକୁ ଦେଖି ଯେ କରେ ପ୍ରଣାମ
କଣ୍ଠରେ ତୁଳସୀମାଳା କରଇ ଧାରଣ ।
ଯାର ମନ ଆମୋଦିତ ତୁଳସୀ ଗନ୍ଧରେ
ତୁଳସୀ ମୃତ୍ତିକା ସଦା ଘେନୁଥାନ୍ତି ଶିରେ ।
ଅତିଥି ସେବାରେ ଯେହୁ ଢାଳିଥାଏ ମନ
ବୋଲାଏ ସଂସାରେ ସେହୁ ବୈଷ୍ଣବ ପ୍ରଧାନ ।
ଚାରି ଆଶ୍ରମ ଆଚାର ପାଳଇ ଯେ ନର
ବେଦ ବ୍ୟାଖ୍ୟା କରେ ବଇଷ୍ଣବ ସେ ସତ୍ତ୍ୱର ।
ଶିବେ ପ୍ରୀତିକରେ ଶିବେ କରଇ ଭକତି
ଶିବଙ୍କୁ ଅର୍ଚ୍ଚନା ଯେହୁ କରୁଥାଏ ନିତି ।
ରୁଦ୍ରାକ୍ଷ ମାଳା ଗଳାରେ ଲମ୍ବାଇଣ ଥାଏ
ହରି ନାମ ଦିବାରାତି ମୁଖେ ଭଜୁଥାଏ ।
ବହୁ ଦକ୍ଷିଣାରେ କରେ ଯଜ୍ଞ ଅନୁଷ୍ଠାନ
ହରିନାମ ଶିବନାମ ଯେ କରେ ଭଜନ ।

Digitized by srujanika@gmail.com

ଶାସ୍ତ୍ର ପୁରାଣରେ ଯେହୁ ଧ୍ୟାନ ଦେଇଥାଏ
ବୈଷ୍ଣବ ଗଣରେ ସେହୁ ଶ୍ରେଷ୍ଠ ଯେ ବୋଲାଏ ।
ଶିବ ବିଷ୍ଣୁ ଦୁହିଁଙ୍କୁ ଯେ ଅଭେଦ ଜ୍ଞାନରେ
ଧ୍ୟାନ କରୁଥାଏ ବସି ହୃଦ କମଳରେ ।
ଶିବ କାର୍ଯ୍ୟ ଅଗ୍ନିକାର୍ଯ୍ୟ ପଞ୍ଚାକ୍ଷର ଜପ
ଯେ କରି ଛଡ଼ାଇ ଥାଏ ଶରୀରରୁ ପାପ ।
ଅନ୍ନଦାନ କନ୍ୟାଦାନ ଗୋଦାନ ଯେ ଦିଏ
ଏକାଦଶୀ ବ୍ରତମାନ ସଦା ପାଳୁ ଥାଏ ।
ଯେବଣ ମାନବ ବିଷ୍ଣୁ ପ୍ରୀତିକର୍ମ କରେ
ଗଣନା ହୁଏ ପ୍ରଧାନ ବୈଷ୍ଣବ ମଧ୍ୟରେ ।
ହେ ବିପ୍ର ଏପରି ଥୋକେ ବୈଷ୍ଣବ ଲକ୍ଷଣ
ତୁମ୍ଭ ଅଗ୍ରତେ ପ୍ରକାଶ କରିଲୁଟି ଜାଣ ।
ସବୁ କରିବାକୁ ଶତ କୋଟି ସମ୍ବତ୍ସରେ
ସାମର୍ଥ୍ୟ ନୋହିବା କଥା ନାହିଁ ଆମ୍ଭଠାରେ ।
ଅନ୍ୟ ଜନମାନେ ଏହା କହି ନ ପାରନ୍ତି
ଭକ୍ତଙ୍କ ମହିମା ଅଲୋକିତ ଆହେ ଯତି ।
ତୁମ୍ଭେ ସର୍ବ ପ୍ରାଣୀ ହିତେ ରତ ଶାନ୍ତଶୀଳ
ହୃଦୟରେ ଭାବୁଥାଅ ଜଗତ ମଙ୍ଗଳ ।
ସବୁ ପ୍ରାଣୀଙ୍କର ମିତ୍ର ପୁଣି ଜିତେନ୍ଦ୍ରିୟ
ଧର୍ମ ନାରାୟଣ ପୁଣ୍ୟ ଆତ୍ମା ସଦାଶ୍ରୟ ।
ଯୁଗଶେଷ ପରିଯନ୍ତେ ମୂର୍ତ୍ତିକୁ ଆମ୍ଭର
ଧ୍ୟାନ କରି କରି ସଦା ହୃଦ କମଳର ।
ପରମ ପଦକୁ ଲାଭ କରିବ ଶେଷରେ
ଏଥକୁ ତିଳେହେଁ ଚିନ୍ତା ନ କର ମନରେ ।
ଆମ୍ଭ ମୂର୍ତ୍ତିଧ୍ୟାନ କରି ଧର୍ମ ଆଚରଣ
କରିଲେ ଲାଭ କରିବ ମୁକତି ନିର୍ବାଣ ।
କରୁଣା ସାଗର ହରି ଏହି ପରକାରେ
ମାର୍କଣ୍ଡେୟଙ୍କୁ ଯେ ବରଦେଲେ ସନ୍ତୋଷରେ
ଚାହୁଁ ଚାହୁଁ ସେହିଠାରେ ଶରୀର ଲୁଚାଇ
ଅନ୍ତର୍ଦ୍ଧାନ ହୋଇଗଲେ ପ୍ରଭୁ ଭାବଗ୍ରାହୀ ।
ହରି ଭକ୍ତି ପରାୟଣ ମାର୍କଣ୍ଡେୟ ଋଷି
ବର ପାଇ ଧର୍ମମାର୍ଗେ ମନକୁ ନିବେଶି ।
ବେଦ ବିଧି ମତେ ଶାଳଗ୍ରାମ ତୀର୍ଥେ ରହି
ବହୁ ଯଜ୍ଞ ଅନୁଷ୍ଠାନ ଆଚରିଲେ ତହିଁ ।
କଠୋର ତପସ୍ୟା ବଳେ ଶ୍ରୀହରି ଚରଣ
ଧ୍ୟାନ କରି କରି ମନେ ଲଭିଲେ ନିର୍ବାଣ ।

ଏହି କାରଣରୁ ଯେହୁ ହିତ କର୍ମକରେ
ଏ ଭବ ସାଗରୁ ସେହୁ ନିଶ୍ଚୟ ଉଦ୍ଧରେ ।
ହରି ଚରିତ ସର୍ବଦା ଶ୍ରବଣ କରଇ
ଉତ୍ତମ ଜନ ମଧ୍ୟରେ ଗଣନା ହୁଅଇ ।
କହଇ ନାରଦ ଶୁଣ ସନତ କୁମାର
ହରି ଭକ୍ତି ମହିମା ଏ ତ୍ରିଲୋକରେ ସାର ।
ତୁମ୍ଭେ ପଚାରିବା ପ୍ରଶ୍ନ ଅନୁସାରେ ମୁହିଁ
କହିଲି ପ୍ରକାଶ କରି ସମସ୍ତ ବୁଝାଇ ।
ଆଉ ଯାହା ଶୁଣିବାକୁ ବଳିଅଛି ମନ
ତା ମଧ୍ୟ କହିବି ମୋତେ ପୁଚ୍ଛ ତପୋଧନ ।
ଶ୍ରୀହରି ଚରଣ ତଳେ ମନ ନିବେଶିଣ
କ୍ଷେତ୍ର ମୋହନ ରଚିଲା ଯା ଗୀତ ଛନ୍ଦେଣ ।
ଇତି ଶ୍ରୀ ବୃହଦ୍ ନାରଦ ପୁରାଣେ ଭାଗବତ
ବିଷୟ ବର୍ଣ୍ଣନେ ନାମ ପଞ୍ଚମୋଽଧ୍ୟାୟଃ ।

---●---

## ଷଷ୍ଠ ଅଧ୍ୟାୟ

## ଗଙ୍ଗାଙ୍କ ମହିମା ବର୍ଣ୍ଣନ

ଶୁଣ ଶୁଣ ସାଧୁଜନେ ଅପୂର୍ବ ଚରିତ
ଯାହା ଶ୍ରବଣରେ କର୍ଣ୍ଣ ହୁଏ ସୁପବିତ୍ର ।
ସକଳ ତପିମାନଙ୍କୁ ବୋଇଲେକ ସୁତ
ଶ୍ରବଣ କର ସକଳେ ପୁରାଣ ଚରିତ ।
ମନରେ ଆନନ୍ଦ ହୋଇ ସନତ କୁମାର
ଦେବର୍ଷିଙ୍କୁ ପୁଚ୍ଛାକଲେ ହୋଇ ତୋଷଭର ।
ଭକ୍ତମାନଙ୍କ ମହିମା ଶୁଣାଇଲ କର୍ଣ୍ଣେ
ପରମ ସନ୍ତୋଷ ଜାତ ହୋଇଲାକ ମନେ ।
ଆହୁରି ଏକଇ ଗାଥା ଶୁଣିବା ନିମନ୍ତେ
ମନ ବଳୁଅଛି ଦୟା କରି କୁହ ମୋତେ ।
ଏ ସଂସାର ମଧ୍ୟେ ରହିଅଛି ଯେତେ କ୍ଷେତ୍ର
ତାହାଙ୍କ ମଧ୍ୟରେ ଶ୍ରେଷ୍ଠ ଅଟେ କେଉଁ ତୀର୍ଥ ।
ଶୁଣିବା ପାଇଁକି ତାହା ବଳାଇଛି ମନ
ଯଥାର୍ଥ ଭାବରେ ବୁଝାବନ୍ତୁ ତପୋଧନ ।
ସୁତଙ୍କ ବଚନ ଶୁଣି ଦେବର୍ଷି ନାରଦ
ହସି ହସି ବୋଇଲେକ ମନେ ବହି ମୋଦ ।
ଶୁଣ ସନତ୍ କୁମାର ଦେଇ ମନ କର୍ଣ୍ଣ
ବୁଝାଇ ଦେବା ତୁମ୍ଭଙ୍କୁ ଗୁପ୍ତ କଥାମାନ ।

Digitized by srujanika@gmail.com

ଗଙ୍ଗା ଯମୁନା ଦ୍ୱୟର ଯେ ଅଟେ ସଙ୍ଗମ
ସକଳ ତୀର୍ଥମାନଙ୍କ ମଧ୍ୟରେ ଉତ୍ତମ ।
ଏହି ସ୍ଥାନଟିକୁ ପୂର୍ବକାଳେ ଋଷିମାନେ
ସର୍ବଶ୍ରେଷ୍ଠ କ୍ଷେତ୍ର କହିଛନ୍ତି ସୁବଚନେ ।
ତାହାକୁ ସର୍ବ ଉତ୍କୃଷ୍ଟ ତୀର୍ଥ କହିଛନ୍ତି
ତହିଁର ମହିମାମାନ ଶୁଣ ଆହେ ଯତି ।
ରୋଗ ଶୋକ ଦୁଃଖ ଆଉ ଦୁଃସ୍ୱପ୍ନ ଦୁରିତ
ଦୁଷ୍ଟ ଗ୍ରହମାନଙ୍କର ପୀଡ଼ା ବା ଯେତେକ ।
ସେ ତୀର୍ଥ ସକଳ କ୍ଷଣେ ବିନାଶ କରଇ
ସ୍ନାନ କଲାମାତ୍ରେ ପିଣ୍ଡ ପବିତ୍ର ହୁଅଇ ।
ସମ୍ପଦ ଆୟୁଷ ଯଶ ପ୍ରଦାନ ସେ କରେ
ଶୁଭ ପୁଣ୍ୟ ଫଳମାନ ଦିଅଇ ସତ୍ୱରେ ।
ସେ ପୁଣ୍ୟ ତୀର୍ଥ ବିଷୟ ଶୁଣିବା ନିମନ୍ତେ
ଋଷିମାନଙ୍କର ବିଧି ଲେଖାଅଛି ଶାସ୍ତ୍ରେ ।
ଶ୍ୱେତ ବର୍ଣ୍ଣ ଜଳ ଅଟେ ସେ ମହା ତୀର୍ଥର
ପୁଣି କୃଷ୍ଣବର୍ଣ୍ଣ ଜଳ ମିଶିଛି ତହିଁର ।
ମୁନି ମାନବ ଯେ ବ୍ରହ୍ମା ଆଦି ଦେବଗଣ
ପୁଣ୍ୟ ଲଭିବାର ଆଶା ମନର ପୋଷଣ ।
ସେ କ୍ଷେତ୍ର ପ୍ରଧାନ ତୀର୍ଥ ସେବା କରୁଥାନ୍ତି
ତହିଁରୁ ମିଳଇ ସେମାନଙ୍କୁ ଦିବ୍ୟ ଗତି ।
ପତିତପାବନୀ ଗଙ୍ଗା ବିଷ୍ଣୁଙ୍କ ପୟରୁ
ଜନ୍ମ ହୋଇଅଛି କେତେ ଯୁଗ ଯୁଗାନ୍ତରୁ ।
ଦୀନମଣିଙ୍କ ତନୟା ଅଟନ୍ତି ଯମୁନା
ଦୁହିଁଙ୍କ ସଙ୍ଗମ ସ୍ଥଳ ସୁପବିତ୍ର ସିନା ।
ତହିଁରୁ ପ୍ରଧାନ ତୀର୍ଥ ହୋଇ ଆଉ ନାହିଁ
ସେ ନାମ ସ୍ମରଣ ମାତ୍ରେ ପାତକ ନାଶଇ ।
ପ୍ରୟାଗରେ ଯଜ୍ଞକରି ନିଜେ ପଦ୍ମାସନ
ଅଚ୍ୟୁତଙ୍କୁ ସମର୍ଚ୍ଚନା କରିଥିଲେ ଜାଣ ।
ସେ ପ୍ରୟାଗ ତୀର୍ଥେ ଯଜ୍ଞକରି ଋଷିଗଣେ
ଅପାର ସୁକୃତ ଲାଭ କଲେ ଯେ ପରାଣେ ।
ସାରା ପୃଥିବୀରେ ଯେତେ ତୀର୍ଥ ଅଛି ରହି
ତହିଁରେ ସ୍ନାନ କରିଲେ ଯେ ଫଳ ମିଳଇ ।
ବିନ୍ଦୁମାତ୍ର ଗଙ୍ଗାଜଳେ ହେଲେ ଅଭିଷିକ୍ତ
ତହିଁରୁ କୋଟିଏ ଫଳ ହୁଅନ୍ତି ପ୍ରାପତ ।
ଗଙ୍ଗା ସ୍ନାହାନରେ ଷୋଳ କଳାର କଳାକୁ
ସବୁ ତୀର୍ଥେ ତୁଲ୍ୟ ନୋହେ ଉପମା ଦେବାକୁ ।

ଗଙ୍ଗାବାସୀମାନଙ୍କର କଥା ଥାଉ ଦୂରେ
ବାସ କରିଥାଏ ସେହୁ ସସ୍ର ଯୋଜନରେ ।
ସେ ଯେବେ ଗଙ୍ଗାଙ୍କ ନାମ ମୁଖେ ଉଚ୍ଚାରଇ
ପାପରୁ ମୁକତ ହୋଇ ସୁପୁଣ୍ୟ ଲଭଇ ।
ଯେଉଁ ଗଙ୍ଗା ବିଷ୍ଣୁଙ୍କର ପାଦରୁ ସମ୍ଭୂତ
ଶିବଙ୍କର ମସ୍ତକରେ ବହେ ଅବିରତ ।
ଦେବଋଷି ବ୍ରହ୍ମଋଷି ଯାହାକୁ ସେବନ୍ତି
ତାହାର ମହିମା କିସ କହିବି ହେ ଯତି ।
ଗଙ୍ଗା ମୃତ୍ତିକା ଯେ ଜନ କପାଳେ ଘେନଇ
ସାକ୍ଷାତରେ ଶିବ ସ୍ୱରୂପକୁ ସେ ଲଭଇ ।
ଅନ୍ୟଥା ନୁହଇଁ ଏହା ଶୁଣିଣ ଦେଇ ମନ
ନାନାଦି ଶାସ୍ତ୍ର ପୁରାଣେ ହୋଇଛି ରଚନ ।
ଅତ୍ୟନ୍ତ ପବିତ୍ରମୟ ଜଳ ଗଙ୍ଗାଙ୍କର
ପାପି ପାପ ନିସ୍ତାରେଣ କୈବଲ୍ୟ ପ୍ରକାର ।
ଅଧିକ କହିବି କିସ ତୁମ୍ଭ ଅଗ୍ରତରେ
ଗଙ୍ଗା ସ୍ନାନେବିଷ୍ଣୁ ଲୋକେ ପ୍ରାପ୍ତହୋନ୍ତିନରେ ।
ପତିତପାବନୀ ଗଙ୍ଗା ଜଳେ କଲେ ସ୍ନାନ
ଅନ୍ତଃକାଳେ ବଇକୁଣ୍ଠ ପୁରେ ବସେ ଜନ ।
ମହାପାପୀ ସ୍ନାନ କଲେ ସେ ଗଙ୍ଗାଜଳରେ
ପାପରୁ ନିସ୍ତରି ବସେ ଯାଇ ସ୍ୱର୍ଗପୁରେ ।
ପୁଣ୍ୟାତ୍ମା ବ୍ୟକ୍ତି ଯଦ୍ୟପି କରେ ଗଙ୍ଗାସ୍ନାନ
ବିଷ୍ଣୁଙ୍କ ପୁରକୁ ଯାଏ ବସି ଦିବ୍ୟ ଯାନ ।
ଗଙ୍ଗା ସ୍ନାନ ପିତାମାତା କୁଳକୁ ଉଦ୍ଧରେ
ଆପେ ବଇକୁଣ୍ଠେ ଯାଇ ଦିବ୍ୟ ରୂପଧରେ ।
ବିଷ୍ଣୁ ଲୋକେ ବହୁ ପୂଜା ପାଏ ସେହିଜନ
ଆଉ ଜନ୍ମ ନ ହୁଅଇ ଆସି ମରତେଣ ।
ଗଙ୍ଗା ନାମକୁ ସ୍ମରିଲେ ସକଳ ତୀର୍ଥରେ
ଗଙ୍ଗା ସ୍ନାନ କଲା ଫଳ ମିଳେ ସବୁଠାରେ ।
ଏଥିରେ ସନ୍ଦେହ ନାହିଁ ଜାଣ ବଇଧାତ୍ର
ଗଙ୍ଗାଜଳ ସ୍ପର୍ଶମାତ୍ରେ ପୂତ ହୁଏ ଗାତ୍ର ।
ଗଙ୍ଗା ସ୍ନାନ କରି ଯେଉଁ ଜନ ଫେରୁଥିବ
ତାହାକୁ ଦେଖିଲେ ପାପୀ ସଦ୍‌ଗତି ଲଭିବ ।
ଗଙ୍ଗା ସ୍ନାନ କରିଥିବା ବ୍ୟକ୍ତିର ଦେହକୁ
ଯେ ଛୁଏଁ ଦୁର୍ଲ୍ଲଭର ଗତି ମିଳଇ ତାହାକୁ ।
ଗଙ୍ଗାର ମାଟି ମସ୍ତକେ କରିଲେ ଧାରଣ
ପାପ ତାପ ନାଶି ଲଭେ ଶିବପଦ ଜାଣ ।

Digitized by srujanika@gmail.com

ଆବର ଗଙ୍ଗା ମୃତ୍ତିକା ଲେପିଲେ ଅଙ୍ଗରେ
ଶିବଙ୍କ ସାନ୍ନିଧି ଲାଭ ହୁଅଇ ଅଚିରେ ।
ଗଙ୍ଗାର ମୃତ୍ତିକା କରିଥିବ ଯେ ତିଳକ
ତା ଦର୍ଶନେ ମୁକ୍ତି ହୋଇ ଯିବ ପାପିଲୋକ ।
ଏମନ୍ତ ମହିମା ଅଟେ ଯେଉଁ ଗଙ୍ଗାଙ୍କର
ତା ସଙ୍ଗରେ ସମହେବ କେବା ଜଗତର ।
ଗଙ୍ଗାର ମୃତ୍ତିକା ଆଉ ତୁଳସୀ ମୃତ୍ତିକା
ଶ୍ରୀହରିଙ୍କ ପଦରଜ ଏହା ଶାସ୍ତ୍ରେ ଲେଖା ।
ଏହାକୁ ତିଳକ କଲେ ବିଷ୍ଣୁ ତୋଷ ହୋନ୍ତି
ଆବର ଅଙ୍ଗରେ ଜନ୍ମେ ଶ୍ରୀ ବିଷ୍ଣୁ ଭକତି ।
ଅବିଳମ୍ବେ ହରି ପଦ ଲଭଇ ସେ ଜନ
ଜୀବନାନ୍ତେ ବାସକରେ ବୈକୁଣ୍ଠ ଭୁବନ ।
ଯେବେ କେହି ଗଙ୍ଗା ଦରଶନ ଇଚ୍ଛି ମନେ
ମନମଧ୍ୟେ ଅନୁତାପ କରେ ନିଶିଦିନେ ।
ଗଙ୍ଗା ଦରଶନ ଫଳ ତାହାକୁ ମିଳଇ
ଅଚିରେ ସେ ବିଷ୍ଣୁ ପଦ ଲାଭ ଯେ କରଇ ।
ଆପଣେ ଶ୍ରୀବିଷ୍ଣୁ ବହୁ ସମୟରେ ଜାଣ
କରି ନ ପାରନ୍ତି ଗଙ୍ଗା ମହିମା ବର୍ଣ୍ଣନ ।
ଆଉ ଆନଜନ ତାହା ପାରିବ କିପରି
ଆଦି ଅନ୍ତ ନାହିଁ ଗଙ୍ଗା ଅଟଇ ଏପରି ।
ଏପରି ସ୍ଥଳରେ ଦେଖ ମାୟାର ମୋହକୁ
ମୁଗ୍ଧ କରି ରଖିଅଛି ଜଗତ ଜନକୁ ।
ଏଡ଼େବଡ଼ ତୀର୍ଥ ଗଙ୍ଗା ପରାୟେକ ଥାଇ
ନ ଭାଜି ନରକେ ଜନ ପଡୁଛନ୍ତି ଯାଇ ।
ଗଙ୍ଗା ତୁଳସୀ ଏ ଦ୍ୱୟ ଜପିଲେ ମୁଖରେ
ଦଣ୍ଡି ନ ପାରଇ ଯମ ରହିଛି ଶାସ୍ତ୍ରରେ ।
ପୁଣି ହିଁ ଛିଡ଼ାଇ ମାୟା ପାଶ ଯେ ତହିଁରେ
ମାୟାରୁ ମୁକତ ହେଲେ ମାନବ ନିସ୍ତରେ ।
ଥରେ ମାତ୍ର ଗଙ୍ଗା ନାମ କଲେ ଉଚ୍ଚାରଣ
ବିଷ୍ଣୁପୁରେ ସ୍ଥାନ ପାଏ ମୁକତ ଲଭିଣ ।
ଗଙ୍ଗାସ୍ନାନ ଲାଗି ମନେ ଭାବି ଯେଉଁ ନର
ତିନି ଯୋଜନ ଗମଇ ଚାଲିଣ ପାଦର ।
ସେହି ଜନ ତିନି ଲୋକ ଅଧିପତି ହୋଇ
ବିଷ୍ଣୁ ସେବାକରି ଦିନ ଦିଏ ଯେ ବିତାଇ ।
ଏପରି ଅଶେଷ ଫଳ ମା ଗଙ୍ଗା ଦିଅନ୍ତି
ଆନତୀର୍ଥ ତାଙ୍କ ସଂଗେ ସକ୍ଷମ ନୁହନ୍ତି ।

ବୈଶାଖ ମାସରେ ଯେହୁ ଗଙ୍ଗାସ୍ନାନ କରେ
ପବିତ୍ର ହୁଅଇ ଗାତ୍ର ଶୁଣ ସୁଚିତ୍ତରେ ।
ଗୋଦାବରୀ ସରସ୍ୱତୀ କାବେରୀ କାଳିନ୍ଦୀ
ତୁଙ୍ଗଭଦ୍ରା କୃଷ୍ଣାବେଣୀ ଋଷିକୁଲ୍ୟା ଆଦି ।
ସେ ନଦୀମାନଙ୍କେ ଗଙ୍ଗା ସବୁକାଳେ ଯାଇ
ରହିଥାନ୍ତି ଗୁପତରେ ସୂକ୍ଷ୍ମତନୁ ବହି ।
ଯେତେବେଳେ ପୁଣ୍ୟ ତିଥି ହୁଏ ଶାସ୍ତ୍ରମତେ
ସେ ଜଳ ପବିତ୍ର ହୁଏ ଭାବ ଏହା ଚିତ୍ତେ ।
ତେଣୁ ଯେତେ ନଦୀ ଅଛି ଏ ମର୍ତ୍ତ୍ୟ ମଣ୍ଡଳେ
ପୁଣ୍ୟପ୍ରଦ ହୁଏ ଜାଣ ସେହି ଶୁଦ୍ଧ କାଳେ ।
ନଦୀମାନଙ୍କରେ ଗଙ୍ଗା ନିବାସ କରିଣ
ସୁ–ପବିତ୍ର କରନ୍ତି ଏ ଜଗତକୁ ଜାଣ ।
ବିଷ୍ଣୁପାଦ ଯେଉଁପରି ଅଟେ ସର୍ବସାର
ଗଙ୍ଗା ସେହିପରି ବ୍ୟାପିଥାନ୍ତି ସବୁଠାର ।
ପବିତ୍ର କରନ୍ତି ନିଜ ଜଳେ ଜଗତକୁ
ସେ ସୁକୃତୀ ଜନ ସେହୁ ଭଜଇ ତାହାକୁ ।
ସ୍ନାନ ପାନ ଆଚମନେ ଭୁବନେ ପବିତ୍ର
ଯେବଣ ଗଙ୍ଗା କରନ୍ତି ଥାଇଣ ସର୍ବତ୍ର ।
ତାହାକୁ ମାନବେ ଯାହା ନ କରନ୍ତି ସେବା
ଏଥିରୁ ଆଶ୍ଚର୍ଯ୍ୟ ହୋଇ କି ଅଛଇ ଅବା ।
ବାରାଣସୀ ନାମରେ ଯେ ସୁବିଖ୍ୟାତ କ୍ଷେତ୍ର
ଦେବଗଣ ଯାକୁ ସେବା କରନ୍ତି ସନ୍ତତ ।
ସେ ତୀର୍ଥଦର୍ଶନ କଲାମାତ୍ରେ ଭକ୍ତଗଣ
ପରମ ଗତି ଲଭନ୍ତି ମୁକତ ହୋଇଣ ।
ଗଙ୍ଗା ଯମୁନା ସଙ୍ଗମ ଅପେକ୍ଷାରୁ ସେହି
କୌଣସି ଗୁଣରେ ହେଲେ ନିକୃଷ୍ଟ ନୁହଇ ।
ଯେଉଁଠାରେ ଯେତେ ଜଳ ମାଘ ମାସେ ଥାଏ
ଗଙ୍ଗା ବାସ କରିଥାନ୍ତି ସେଠାରେ ନିଶ୍ଚୟେ ।
ଯେବଣ ମାନବ ମାଘ ମାସ ପ୍ରଭାତରେ
ସ୍ନାନ ଆଚମନ କରେ ପଶିଣ ଜଳରେ ।
ତାହାର ଗାତ୍ର ପବିତ୍ର ହୁଏ ସେହି ଜଳେ
ଜୀବନାନ୍ତେ ଇନ୍ଦ୍ରପଦ ଲଭେ ସ୍ୱର୍ଗ ଆଳେ ।
ଏମନ୍ତ ଅଟଇ ଯେଉଁ ଗଙ୍ଗାଙ୍କ ମାହାତ୍ମ୍ୟ
ମୋର ଶକ୍ତିକାହିଁ ତାହା କରିବି ବର୍ଣ୍ଣିତ ।
ହରି ହର ଏକ ଆତ୍ମା ଭେଦା ଭେଦ ନାହିଁ
ଯେମନ୍ତ ନିର୍ବୋଧ ତାଙ୍କୁ ବିଭେଦ ଦେଖଇ ।

Digitized by srujanika@gmail.com

ପାପଗ୍ରସ୍ତ ହୁଅଇ ସେ ସୁଗତି ନ ପାଏ
ଭେଦ ନ ଦେଖଇ ଯେହୁ ସେ ମୁକତ ହୁଏ ।
କାରଣମାନଙ୍କର ଯେ କାରଣ ଅଟନ୍ତି
ପ୍ରଳୟ କାଳରେ ରୁଦ୍ର ରୂପେ ସଂହାରନ୍ତି ।
କୃଷ୍ଣ ସ୍ୱରୂପକୁ ଧରି ପ୍ରଳୟ କାଳରେ
ରକ୍ଷଣ କରନ୍ତି ସେହି ବିଶ୍ୱ ବ୍ରହ୍ମାଣ୍ଡରେ ।
ସେହି ପରମ କରତା ବିଶ୍ୱ ବ୍ରହ୍ମାଣ୍ଡରେ
ବ୍ରହ୍ମାରୂପେ ଜଗତକୁ ସର୍ଜନ୍ତି ବିଧିରେ ।
ଏହି ପରକାରେ ସୃଷ୍ଟି ସର୍ଜନ ପାଳନ
କରନ୍ତି ଜଗତ ନାଥ ତ୍ରିମୂର୍ତ୍ତି ଧରିଣ ।
ପୁଣି ଆପେ ଶେଷ କାଳେ ସଂହାର କରନ୍ତି
ଏହି ତିନିମୂର୍ତ୍ତି ମଧ୍ୟେ ଭେଦ କେ ନୁହନ୍ତି ।
ଯେହୁ ଭେଦ ଜ୍ଞାନ କରେ ଏ ତିନି ଦେବଙ୍କୁ
ନରକ ଯାତନା ସେହୁ ଲଭଇ ଶେଷକୁ ।
ହରିହର ବିଧାତାଙ୍କୁ ଅଭେଦ ଜ୍ଞାନରେ
ପୂଜା କରଇ ଯେ ସେହୁ ବସଇ ସ୍ୱର୍ଗରେ ।
ଏଥିରେ ନିମିଷେ ମାତ୍ର ସନ୍ଦେହ ଯେ ନାହିଁ
ସର୍ବତ୍ର ରହି ଅଛନ୍ତି ଜଗତ ଗୋସାଇଁ ।
ଯେମନ୍ତ ଭାବରେ ଯେହୁ କରଇ ଭଜନ
ତେମନ୍ତ ରୂପରେ ତାକୁ ଦିଅନ୍ତି ଦର୍ଶନ ।
ଲିଙ୍ଗ ସ୍ୱରୂପକୁ ଧରି ପ୍ରାଣୀଙ୍କ ହିତରେ
ବିଜେ କରିଛନ୍ତି ବାରାଣସୀ ଭୁବନରେ ।
ସେ କାଶୀ କ୍ଷେତ୍ରରେ ଯେତେ ଲିଙ୍ଗଛନ୍ତି ରହି
ଜ୍ୟୋତି ଲିଙ୍ଗ ଭାବେ ପୂଜା ପାଉଛନ୍ତି ସେହି ।
ତାହାଙ୍କୁ ଯେବଣ ବ୍ୟକ୍ତି ଦର୍ଶନ କରଇ
ମାନବ ରୂପ ତେଜିଣ ଜ୍ୟୋତି ରୂପ ହୋଇ ।
ବିଷ୍ଣୁଙ୍କର ଲୀଳାମୟୀ ଦାରୁବ୍ରହ୍ମ ମୂର୍ତ୍ତି
ଆବର ଅଟଇ ଯେତେ ଚିତ୍ରିତ ମୂରତି ।
ସେହି ମୂର୍ତ୍ତି ମାନଙ୍କରେ ଥାନ୍ତି ଭଗବାନ
ତାହଙ୍କୁ ପୂଜିଲେ ଜନ ପାନ୍ତି ଦିବ୍ୟସ୍ଥାନ ।
ତୁଳସୀ ଆବର ପଦ୍ମବନ ଯହିଁ ଥାଏ
ପୁରାଣ ପାଠ କରନ୍ତି ଯେଉଁଠି ସାଧୁଏ ।
ଶ୍ରୀହରି ସର୍ବଦା ରହି ଥାନ୍ତି ସେ ସ୍ଥାନରେ
ତେଣୁ ପୁଣ୍ୟକ୍ଷେତ୍ର ସେହି ବର୍ଣ୍ଣିତ ଶାସ୍ତ୍ରରେ ।
ସର୍ବଦା ଭକ୍ତିରେ ଯେହୁ ତନ୍ମୟ ହୋଇଣ
ସେ ସ୍ଥାନମାନଙ୍କେ କରେ ପୁରାଣ ପଠନ ।

ସାକ୍ଷାତେ ବିଷ୍ଣୁ ସ୍ୱରୂପ ତାଙ୍କରଟି ଜାଣ
ଏଥକୁ ତିଳେ ସଂଶୟ ନ କର ମନେଣ ।
ଯେଉଁମାନେ ଏକାନ୍ତରେ ନିତି ପ୍ରତିଦିନ
ଶିବଙ୍କୁ ପୂଜନ୍ତି କରି ହରିଙ୍କୁ ଭଜନ ।
ସେମାନଙ୍କ ଶରୀରକୁ ଆଶ୍ରାକରି ହରି
ଦିବାରାତ୍ର ରହିଥାନ୍ତି ଶୁଣ ହେତୁକରି ।
ଯେବଣ ମାନବ କରେ ପୁରାଣ ପଠନ
ସାକ୍ଷାତେ ସେ ବିଷ୍ଣୁ ବୋଲି ବୋଲନ୍ତି ସୁଜନ ।
ଏହାଭାବି ଭକ୍ତିକରେ ଯେହୁ ସେମାନଙ୍କୁ
ଗଙ୍ଗା ସ୍ନାନ କଲା ଫଳ ମିଳଇ ତାହାକୁ ।
ପୁରାଣ ପାଠକେ ଭକ୍ତି କରେ ଯେଉଁ ନର
ଲଭଇ ପ୍ରୟାଗ ସ୍ନାନ ଫଳ ଯେ ସତ୍ୱର ।
ସଂସାର ସାଗରେ ବୁଡ଼ି ମରୁଥିବା ଜନେ
ଉଦ୍ଧାର କରେ ଯେ ଶାସ୍ତ୍ର ଗାଥା କହି କର୍ଣ୍ଣେ ।
ସାକ୍ଷାତେ ଯେ ବିଷ୍ଣୁ ସଙ୍ଗେ ଅଟେ ସମସରି
ଏଥିରେ ସନ୍ଦେହ ନାହିଁ ଆହେ ତପଚାରି ।
ଆପଣ ଜନନୀ ତୁଲ୍ୟ ଅଟେ ଗଙ୍ଗାତୀର୍ଥ
ତା ଠାରୁ ଅଧିକ ଦେବ ନାହିଁ କେ ଜଗତ ।
ମନ୍ତ୍ର ଗୁରୁଠାରୁ ନାହିଁ ଯେ ପରମ ତତ୍ତ୍ୱ
ସକଳ ଶାସ୍ତ୍ରରେ ଏହା ହୋଇଛି ଉକତ ।
ପରମ ମନ୍ତ୍ର ଅଟଇ ବେଦ ଯେଉଁ ପରି
ଆପଣା ଆତ୍ମା ପରମ ଦେବତା ସେପରି ।
ସର୍ବୋତ୍ତମ ଧନ ବିଦ୍ୟା ଅଟଇ ଯେମନ୍ତ
ତୀର୍ଥମାନଙ୍କରେ ଶ୍ରେଷ୍ଠ ଗଙ୍ଗା ଯେ ତେମନ୍ତ
ଚାରି ବର୍ଣ୍ଣଙ୍କର ମଧ୍ୟେ ବ୍ରାହ୍ମଣ ଯେପରି
ନକ୍ଷତ୍ରଗଣେ ରୋହିଣୀ ସାର ଯେଉଁପରି ।
ଜଳାଶୟଙ୍କ ମଧ୍ୟରେ ଯେପରି ସାଗର
ତୀର୍ଥମାନଙ୍କରେ ଗଙ୍ଗା ସେହିପରି ସାର ।
ଶାନ୍ତିରୁ ଅଧିକ ବନ୍ଧୁ ସତ୍ୟରୁ ଯେ ତପ
ମୋକ୍ଷରୁ ଅଧିକ ଲାଭ ନାହିଁଟି ଯେ ରୂପ ।
ସେହିପରି ଗଙ୍ଗାଠାରୁ ବଡ଼ କେହି ନାହିଁ
ପାପ ଅରଣ୍ୟକୁ ଦାବାନଳରେ ଅଟଇ ।
ଯେତେ ପାପ ରହିଥାଏ ପ୍ରାଣୀଙ୍କ ମଧ୍ୟରେ
ସ୍ନାହାନ ମାତ୍ରକେ ସବୁ ପୋଡ଼ି ଭସ୍ମକରେ ।
ସଂସାର ଭୋଗର ଗଙ୍ଗା ଅଟେ ଅଉଷଧ
ତା ସେବା ନ କରି କିମ୍ପା ଭ୍ରମୁଛ ବିବୁଧ ।

Digitized by srujanika@gmail.com

କାୟ ମନ ବଚନରେ ଗଙ୍ଗା ଦେବୀଙ୍କର
ସେବାଟି ଉଚିତ ଅଟେ ଆହେ ତପୋବର ।
ସଂସାର ତାରିଣୀ ଗଙ୍ଗା ଗାୟତ୍ରୀ ଏ ଦୁଇ
ସକଳ ପାତକହାରୀ ଅଟନ୍ତି ଯେ ସେହି ।
ଏ ଦୁହିଙ୍କୁ ଯେହୁ ଅବମାନନା କରଇ
ପତିତ ମଧ୍ୟରେ ଜାଣ ଗଣା ସେ ଅଟଇ ।
ବେଦମାତା ଯେଉଁପରି ଅଟନ୍ତି ଗାୟତ୍ରୀ
ଗଙ୍ଗା ସେହିପରି ଲୋକ ଜନନୀ ବୋଲନ୍ତି ।
ସକଳ ପାପକୁ ନାଶ କରନ୍ତି ଏ ଦୁଇ
ତିନି ଜଗତକୁ ତ୍ରାଣ କରୁଥାନ୍ତି ଏହି ।
ଗଙ୍ଗା ଗାୟତ୍ରୀ ଏ ଦୁହେଁ ପ୍ରସନ୍ନ ଯା ପ୍ରତି
ଅନାୟାସେ ଲାଭକରେ ସେହୁ ହରିଭକ୍ତି ।
ହରିଭକ୍ତି ମେଳହେଲେ ଏହାଙ୍କ ସଙ୍ଗରେ
ସର୍ବକାମ ସିଦ୍ଧ ହୁଏ ରହିଛି ଶାସ୍ତ୍ରରେ ।
ଗଙ୍ଗା ଗାୟତ୍ରୀ ଏ ଦୁହେଁ ସର୍ବ ଜନଙ୍କର
ଉପକାର କରିବାକୁ ଧରିଣ ଶରୀର ।
ଧର୍ମ ଅର୍ଥ କାମ ଆଉ ମୋକ୍ଷଫଳ ରୂପେ
ଭୂମିତଳେ ଅବତୀର୍ଣ୍ଣ ହୋଇଛନ୍ତି ଆପେ ।
ତୁଳସୀ ଗାୟତ୍ରୀ ଗଙ୍ଗା ଶ୍ରୀହରିଙ୍କ ପ୍ରତି
ସାତ୍ତ୍ୱିକ ଗୁଣରେ ଯେହୁ କରଇ ଭକତି ।
ତାହାର ଭକତି ଜାଣ ଦୁର୍ଲ୍ଲଭ ଅଟଇ
ତେଣୁ ତା ସହଜେ କରି ନ ପାରନ୍ତି କେହି ।
ଅତ୍ୟନ୍ତ ଆଶ୍ଚର୍ଯ୍ୟ ମହିମା ମା ଗଙ୍ଗାଙ୍କର
ବର୍ଣ୍ଣନା କରିବା ଶକ୍ତି ନାହିଁ ଯେ କାହାର ।
ସ୍ମରଣ କରିଲେ ଅଙ୍ଗୁ ପାତକ ନାଶଇ
ଦର୍ଶନରେ ବିଷ୍ଣୁ ଲୋକ ପ୍ରାପତ ହୁଅଇ ।
ସ୍ନାହାନ କରିଲେ ମିଳେ ଯେ ପରମ ପଦ
ସ୍ପର୍ଶକଲା ମାତ୍ରେ ଲଭେ ସ୍ୱରଗ ସମ୍ପଦ ।
ପ୍ରତ୍ୟହ ଗଙ୍ଗା ନାମରେ କରିଲେ ଭଜନ
ମନ ଇଚ୍ଛା ଫଳ ତାକୁ ଦ୍ୟନ୍ତି ଜନାର୍ଦ୍ଦନ ।
ମସ୍ତକରେ ସିଞ୍ଚଇ ଯେ ନିତି ଗଙ୍ଗାନୀର
ପାପରୁ ନିସ୍ତରି ବସେ ବଇକୁଣ୍ଠ ପୁର ।
ଗଙ୍ଗାଜଳ ପାନ କରି ସଗର କୁମରେ
ଦାନବ ଭାବ ହରାଇ ବସିଲେ ଅମରେ ।
ଏମନ୍ତ ମାହାତ୍ମ୍ୟ ଯେଉଁ ଗଙ୍ଗା ଦେବୀଙ୍କର
ଭଜନ କର ସକଳେ ହୋଇବ ଉଦ୍ଧାର ।
ଏହାପରେ ଆନଗାଥା କରିବି ଗାୟନ
ସେ ପଦେ ସର୍ବଦା ରହୁ କ୍ଷେତ୍ରବାସୀ ମନ ।

ଇତି ଶ୍ରୀ ବୃହତ୍ ନାରଦ ପୁରାଣେ
ଗଙ୍ଗା ମହିମା ବର୍ଣ୍ଣନେ ନାମ
ଷଷ୍ଠୋଽଧ୍ୟାୟଃ ।

---•----

# ସପ୍ତମ ଅଧ୍ୟାୟ

## ସଗର ବଂଶ ବା
## ବାହୁରାଜାଙ୍କ ଚରିତ ବର୍ଣ୍ଣନ

ଏଥୁଅନ୍ତେ ଯାହାହେଲା ଶୁଣ ଦେଇ ମନ
ସୁତଙ୍କୁ ଅନାଇ ଶୌନକାଦି ତପୋଧନ ।
ଅତ୍ୟନ୍ତ ଉତ୍ସୁକ ହୋଇ ବୋଇଲେକ ଗୀର
ହେ ଦେବ ଏକଇ କଥା ପଡୁଛି ମନର ।
କହିଲ ଗଙ୍ଗାଜଳରୁ ଟିକେ କରି ପାନ
ସଗର ବଂଶ ହୋଇଲେ ପାପୁଁ ମୋକ୍ଷମାନ ।
ସେହି ସଗର ବଂଶରୁ କିଏ ପୂର୍ବ କାଳେ
ଦାନବ ଭାବରୁ ମୁକ୍ତି ଲଭିଥିଲେ ହେଳେ ।
କାହାଠାରୁ କେଉଁଭାବେ ହେଲେ ସେ ଉତ୍ପନ୍ନ
ବିସ୍ତାର କରିଣ ତାହା କୁହ ତପୋଧନ ।
ଆମ୍ଭେ ଶୁଣିଅଛୁ ପୂର୍ବେ ସଗର ବଂଶରେ
ଭଗୀରଥ ନାମେ ପୁତ୍ର ଜନମି ମହୀରେ ।
କଠୋର ତପସ୍ୟା କରି ଗଙ୍ଗାକୁ ଆଣିଣ
ପିତୃଗଣଙ୍କୁ ପାପରୁ କରେ ଉଦ୍ଧାରଣ ।
କିନ୍ତୁ କେଉଁପରି ସେହୁ ଗଙ୍ଗାଙ୍କୁ ଆଣିଲେ
କେଉଁ ପରକାରେ ପିତୃଗଣ ଉଦ୍ଧରିଲେ ।
ସେହି ସମସ୍ତ ଘଟଣା ଆମ୍ଭଙ୍କୁ ବୁଝାଇ
ମନରୁ ସଂଶୟ ଦୂର କର ତପିସାଇଁ ।
ଏହି ପରକାରେ ଋଷିମାନେ ପଚାରନ୍ତେ
ଆନନ୍ଦମନେ ବୋଇଲେ ସୁତ ତପୋବନ୍ତେ ।
ସନତ୍କୁମାରଙ୍କୁ କେଉଁ ପ୍ରକାରେ ନାରଦ
କହିଥିଲେ ଗଙ୍ଗାଙ୍କର ଉତ୍ପତ୍ତି ସମ୍ବାଦ ।
ଗୁରୁ ମୁଖୁଁ ଯେଉଁପରି ଶୁଣିଅଛି ମୁହିଁ
ତାହା ବୟାନ କରୁଛି ଶୁଣ ମନ ଦେଇ ।
ଭକ୍ତି-ସହକାରେ ଶୁଣି ଗଙ୍ଗାଙ୍କ ଚରିତ
ସକଳ ପାପରୁ ତୁମ୍ଭେ ହୋଇବ ମୁକତ ।

Digitized by srujanika@gmail.com

ଗଙ୍ଗାଜଳ କଣା ପାଇ ସଗର ନନ୍ଦନ
ଯେପରି ମୋକ୍ଷ ଲଭିଲେ ଶୁଣ ଦେଇମନ ।
ଆଦ୍ୟରୁ ପ୍ରାନ୍ତ ପର୍ଯ୍ୟନ୍ତ କହୁଛି ବୁଝାଇ
ଏକାଗ୍ର ଚିତ୍ତରେ ଶୁଣ ମନ ଧ୍ୟାନ ଦେଇ ।
ପୂର୍ବ କାଳେ ସୂର୍ଯ୍ୟବଂଶୀ ବୃକ ନରନାଥ
ବାହୁ ନାମେ ଏକପୁତ୍ର କରିଲେକ ଜାତ ।
ସେ ବାହୁ ରାଜନ ମହା ପଣ୍ଡିତ ଅଟନ୍ତି
ପିତାଙ୍କ ଅନ୍ତେ ପୃଥ୍ବୀରେ ହେଲେ ନରପତି ।
ରାଜଧର୍ମ ଅନୁସାରେ ସସାଗରା ମହୀ
ପାଳନ କରିଲେ ବାହୁ ନୃପତି ବୋଲାଇ ।
ଭୂମଣ୍ଡଳେ ତାହାଙ୍କର ପାଳନ ଗୁଣରେ
ବ୍ରାହ୍ମଣ କ୍ଷତ୍ରିୟ ଶୂଦ୍ର ଆଦି ଯେତେ ନରେ ।
ଅତ୍ୟନ୍ତ ଆନନ୍ଦ ମନେ ଯେ ଯାହାର କର୍ମ
କରିଲେ ପାଳନ କରି ନିଜ ନିଜ ଧର୍ମ ।
ସେକାଳେ ସପ୍ତତି ଦ୍ୱୀପେ ସପ୍ତତି ସଂଖ୍ୟକ
ଅଶ୍ୱମେଧ ଯଜ୍ଞକରେ ନୃପତି ତିଳକ ।
ଗନ୍ଧମାଲ୍ୟ ଆଦି ନାନା ଉପଚାର ଦେଇ
ଦେବା ଦେବୀଙ୍କର ପ୍ରୀତି ବଢ଼ାଇଲେ ସେହି
ନୀତି ଶାସ୍ତ୍ରଜ୍ଞାତା ପୁଣି ଶତ୍ରୁଜୟୀ ବୀର
ଦୁଃଖ ନ ଦିଅନ୍ତି ତିଳେ କାହାର ମନର ।
ପର ଉପକାର ସଦା ଆଚରିଲେ ନୃପ
କ୍ରମେ ଧନ ଧାନ୍ୟ ତାଙ୍କ ବଢ଼ିଲା ଅଧିକ ।
ଅତ୍ୟନ୍ତ ସୁଖରେ ରାଜ୍ୟ ପାଳିବାରୁ ରାଜା
ଆନନ୍ଦରେ ଚଳିଲେକ ରାଇଜରେ ପ୍ରଜା ।
ନାନା ଆଭରଣେ ପୂର୍ଣ୍ଣ ହେଲେ ପ୍ରଜାଗଣେ
ଋତୁ କ୍ରମେ ଫଳବତୀ ରାଜ୍ୟ ହେଲା ଜାଣ ।
କାଳ ଜାଣି ମେଘମାନେ ବରଷା କରିଲେ
ପ୍ରଜାମାନଙ୍କ ମଙ୍ଗଳ ହେଲା ସବୁ କାଳେ ।
ଗୋଟିଏ କାହାର ପାପ ନ ହୋଇଲା ବୃଦ୍ଧି
ନିର୍ବିଘ୍ନରେ ମୁନି କଲେ ଜପ ତପ ବିଧି ।
ଅଗ୍ନି ଆଉ ଚୌର୍ଯ୍ୟଭୟ ରାଜ୍ୟେ ନ ରହିଲା
ଦୁର୍ଭିକ୍ଷ ମଡ଼କ ବ୍ୟାଧି ଦୂର ହୋଇଗଲା ।
ଅକାଳ ମରଣ ପ୍ରଜାମାନେ ନ ଦେଖିଲେ
ସକଳେ ଆନନ୍ଦ ମନେ ଚଳାଚଳ ହେଲେ ।
ଏହି ପରକାରେ ସୁ ପୁଣ୍ୟାତ୍ମା ବାହୁ ରାଜା
ନୀତି ନିୟମରେ ରାଜ୍ୟେ ପାଳିଲେ ପରଜା ।

ନବତ ସହସ୍ର ବର୍ଷ କ୍ରମେ ହେଲା ରତ
ତଦନ୍ତେ କହିବା ଶୁଣ ବିଧାତାଙ୍କ କୃତ୍ୟ ।
ଦିନେକ ଲୋଭବଶତ ବାହୁ ନରପତି
ଈର୍ଷାଭାବ ପୋଷି ଚିତ୍ତେ ବିଚାର କରନ୍ତି ।
ଯେଉଁ ଅହଙ୍କାର ମୂଳ ଅଟେ ଅନର୍ଥର
ଉଦେ ହେବାରୁ ସେ ଆସିମନରେ ତାଙ୍କର ।
ଭାବିଲେ ମୁଁ ପୃଥିବୀର ଶାସନ କରତା
ବଳବନ୍ତ ରାଜା ପୁଣି ଧର୍ମତତ୍ତ୍ୱ ଜ୍ଞାତା ।
ଅସଂଖ୍ୟ ଯଜ୍ଞ ମୁଁ କରିଅଛି ଏ ଶୟଳେ
ବହୁତ ଶତ୍ରୁ ମୁଁ ଜିଣିଅଛି ବାହୁବଳେ ।
ମୋଠାରୁ ଅଧିକ ପୂଜ୍ୟ କେ ଅଛି ଜଗତେ
ଜ୍ଞାନବନ୍ତ ଶ୍ରୀମନ୍ତ ମୁଁ ବୋଲାଏ ସନ୍ତତେ ।
ସର୍ବ ଶତ୍ରୁହନ୍ତା ସପ୍ତଦ୍ୱୀପ ଅଧିପତି
ବିଶ୍ୱଜୟୀ ବୋଲି ମୋତେ ପ୍ରଜାଏ ବୋଲନ୍ତି ।
ମୁଁ ଶିକ୍ଷକ ଗୁଣବାନ ବେଦତତ୍ତ୍ୱବେତ୍ତା
ମୁଁ ଏକା ଜାଣଇ ନୀତିଶାସ୍ତ୍ରର ଯେ ପନ୍ଥା ।
ଅବ୍ୟାହତ ଐଶ୍ୱର୍ଯ୍ୟ ମୁଁ ଶତ୍ରୁର ଅଜେୟ
ବିଚାରିଲେ ସଂସାର ମୁଁ କରିପାରେ କ୍ଷୟ ।
ମୋଠାରୁ କ୍ଷମତାଶାଳୀ କିଏ ଆଉ ଅଛି
କେତେହେଁ ଭାବିଲେ ତାହା ଦିଶୁନାହିଁ କିଛି ।
ଶୁଣ ଋଷିଗଣେ ବାହୁ ନୃପତି ଏପରି
ଅଜ୍ଞାନ ବଶରେ ପଡ଼ି ସୁଜ୍ଞାନକୁ ହାରି ।
ବିବସ ହୁଅନ୍ତେ ଉଦେ ହେଲା ଅହଙ୍କାର
ଅହଙ୍କାର ଘୋଟିବାରୁ ମନରେ ତାଙ୍କର ।
ସେହି ସଂଗେ ସଂଗେ କାମ ଆଦି ରିପୁଗଣ
ମନରେ ପ୍ରବେଶ କଲେ ସତ୍ୱରେ ଆସିଣ ।
ଯେଉଁମାନେ ପ୍ରବେଶିଲେ ମନୁଷ୍ୟ ନିଶ୍ଚୟେ
ବିଷ୍ଟ ହୁଅଇଟି ତାହା ଶୁଣ ହେ ସଭିଏଁ ।
ଯୌବନ ସମୟ ଧନ ସମ୍ପତ୍ତି ଯେ ପୁଣ ।
ପ୍ରଭୁତ୍ୱ ସଙ୍ଗରେ ଅବିବେକ ତାକୁ ଗଣ ।
ଏଥିରୁ ଗୋଟିଏ ହେଲେ ଅନର୍ଥ ଘଟାଏ
ଏହି ଚାରିଗୋଟି ଯାହାଠାରେ ଅବା ଥାଏ ।
ତାହାର ବିଷମ ଦଶା କହିବି ମୁଁ କେତେ
ଗୋଟିକରୁ ବୁଝି ପାରୁଥିବ ତ ସମସ୍ତେ ।
ଏପରି ଅସୂୟା ପାପ ସେ ନୃପ ହୃଦରେ
ପ୍ରବଳ ହୋଇଣ ବଢ଼ିବାରୁ ସେକାଳରେ ।

Digitized by srujanika@gmail.com

ଅବିବେକ ଆସି ଘର କଲା ତା ସଙ୍ଗତେ
ତେଣୁ ହିତାହିତ ଜ୍ଞାନ ନ ରହିଲା ଚିତ୍ତେ ।
ଅବିବେକ ପୁରୁଷର ସମ୍ପତ୍ତି ନ ଥାଏ
ଶରତ୍କାଳ ନଦୀପରି ଚଞ୍ଚଳରେ ଯାଏ ।
ଅସୂୟାରେ ନଷ୍ଟ ହୋଇଥାଏ ଚିତ୍ତ ଯାର
ଅଳ୍ପକାଳେ କ୍ଷୟ ପାଏ ସମ୍ପଦ ତାହାର ।
ତୃଷାରାଗ୍ନି ଯୋଗ ହେଲା ପରାୟେ ପବନ
ବିନଷ୍ଟ ହୁଅଇ ତାର ଥାଏ ଯେତେ ଧନ ।
ନିଷ୍ଠୁର ଭାଷୀ ଯେ ଲୋକ ତାର ଇହକାଳେ
ସୁଖ ନାହିଁ ପୁଣି ସୁଖ ନାହିଁ ପରକାଳେ ।
ଅସୂୟାକ୍ରାନ୍ତ ନିଷ୍ଠୁରଭାଷୀ ଯେଉଁଜନ
ତାର ପୁଅ ଭାର୍ଯ୍ୟା ବନ୍ଧୁ ମିତ୍ର ଯେହୁ ପୁଣ ।
ସେ ସର୍ବ ହୁଅନ୍ତି ଶତ୍ରୁ ଏ କଥା ନିଶ୍ଚୟ
ଆବର ମିଳଇ ତାକୁ ସବୁଠାରେ ଭୟ ।
ପରଶ୍ରୀ ଦେଖିଲେ ଯେହୁ କାତର ହୁଅଇ
ନିଜ ଶ୍ରୀବୃକ୍ଷରେ କୁଠାର ଯେ ପ୍ରହାରଇ ।
ନିଜର ସମ୍ପଦ ନାଶ ହେବାପାଇଁ ଯେହୁ
ଯତ୍ନକରେ ଅତିଦମ୍ଭ ସହକାରେ ସେହୁ ।
ପରର କଲ୍ୟାଣେ ଦେଖି ଦହି ହୋଇଯାଏ
ତହିଁରେ ନିଜର ଶିରୀ କ୍ଷୟପ୍ରାପ୍ତ ହୁଏ ।
ପରହିଂସା ବିଚାରିଲେ ପୁତ୍ରପୌତ୍ର ଧନ
ଗୃହ କ୍ଷେତ୍ରଆଦି ସବୁ ନଷ୍ଟ ହୁଏ ଜାଣ ।
ପରକୁ ଅସୂୟା କଲେ ବିପଦ ନିଜର
ଥୁଆ ହୋଇଯାଏ ଏହା ଅଟେ ନିରାଧାର ।
ଏପରି ସେ ବାହୁନିବ ଅହଙ୍କାର ବଶେ
ପଡ଼ିବାରୁ ଶତ୍ରୁମାନେ ମିଳି ତାର ଦେଶେ ।
ହଇହୟ ତାଳଜଙ୍ଘ ଆଦି ରିପୁଗଣ
ପୂର୍ବ ବଇରକୁ ପାଞ୍ଚ ପ୍ରବଳ ହୋଇଣ ।
ଦେଶ ମଧ୍ୟେ ପଶି ଆକ୍ରମଣ କଲେ ବେଗେ
ଏ କଥା ଘଟିଲା ତାଙ୍କୁ ଶୁଣ ଯେଉଁ ବାଗେ ।
ଲକ୍ଷ୍ମୀପତି ଯାହାପ୍ରତି ଅନୁକୂଳଥାନ୍ତି
ସଉଭାଗ୍ୟ ବୃଦ୍ଧି ତାର ହେଉଥାଏ ନିତି ।
ଯା ପ୍ରତି ବିମୁଖ ହୁଅନ୍ତି ସେ ଲକ୍ଷ୍ମୀସାଇଁ
ପ୍ରତ୍ୟେକ କାର୍ଯ୍ୟରେ ତାର ଅନର୍ଥ ଘଟଇ ।
ଯେତେଦିନ ଯାଏ କୃପା କଟାକ୍ଷ ତାଙ୍କର
ପଡ଼ିଥାଏ ତେତେଦିନ ପରିଯନ୍ତେ ନର ।
ପୁତ୍ର ପୌତ୍ର ଧନ ଧାନ୍ୟ ଗୃହାଦି ସମ୍ପତ୍ତି
ଭୋଗ କରେ ନ ପଡ଼ଇ କୌଣସି ବିପତ୍ତି ।
ଶିରୀପତିଙ୍କର କୃପାଦୃଷ୍ଟି ପଡ଼ିଥିଲେ
ମୂର୍ଖ ଅନ୍ଧ ଜଡ଼ ବଧିରାଦି ଏ ସକଳେ ।
ଦୁର୍ବଳ ଆବର ଅବିବେକ ଲୋକମାନେ
ଶ୍ଲାଘ୍ୟ ବୋଲାଇଣ ପୂଜାପାନ୍ତି ସ୍ଥାନେ ସ୍ଥାନେ ।
ଦୃଷ୍ଟି ନ ପଡ଼ଇ ଯାହା ପ୍ରତି ହରିଙ୍କର
ସର୍ବଦା ହାନି ହୁଅଇ ସୌଭାଗ୍ୟ ତାହାର ।
ସୌଭାଗ୍ୟ ହାନିର ସାଙ୍ଗେ ଅସୂୟାଦିଦୋଷ
ନାନାପ୍ରାଣୀ ବୈରତାକୁ ଲଭେ ସେ ମନୁଷ୍ୟ ।
ଯେ କୌଣସି ବ୍ୟକ୍ତି ପ୍ରତି ଦୋଷ ଆଚରିଲେ
ଅଶେଷ ଶୁଭର ହାନି ହୁଏ ଅଳ୍ପକାଳେ ।
ପରହିଂସା ରହିଥାଏ ଯାହାର ହୃଦରେ
ବିମୁଖ ହୁଅନ୍ତି ଦେବଗଣ ତାହାଠାରେ ।
ହରି ବିମୁଖ ହୋଇଲେ ଅଶେଷ କଲ୍ୟାଣ
ତାହାର ବିନାଶ ହୁଏ ନିଶ୍ଚୟ ଏ ଜାଣ ।
ବିବେକକୁ ଏହା ଅହଂକାର ନାଶକରେ
ପ୍ରବେଶଇ ଅହଙ୍କାର ଯାହାର ଶରୀରେ ।
ଅନୁଭବି ଭୃତ୍ୟମାନେ ତାକୁ ଛାଡ଼ିଯାନ୍ତି
ତହୁଁ କ୍ରମେ ଘୋଟି ଆସେ ପ୍ରବଳ ବିପତ୍ତି ।
ଏହା ଜାଣି ଅହଙ୍କାରକୁ ଯେ ଛାଡ଼ିଥିବ
କୌଣସି ଦୋଷରେ କଳୁଷିତ ସେ ନୋହିବ ।
ଅସୂୟାଦି ଦୋଷମାନ ଅହଙ୍କାର ତୁଲେ
ରହିଥାନ୍ତି ଅନୁଗାମୀ ହୋଇ ସବୁକାଳେ ।
ଏହି କାରଣରୁ ଯାର ଅହଙ୍କାର ହୁଏ
ସେ ଅଚିରେ ସୁଖଛାଡ଼ି ବିନାଶକୁ ଯାଏ ।
ଆହେ ତପିଗଣ ଏହିପରି ସେ ନୃପତି
ଅସୂୟାଦି ଦୋଷ ନାଶ କରିବାରୁ ମତି ।
ପ୍ରବଳ ହୋଇଣ ଶତ୍ରୁ ତା ରାଜ୍ୟ ମଧ୍ୟରେ
ଯୁଦ୍ଧ ଆରମ୍ଭ କରିଲେ ଶସ୍ତ୍ର ଧରି କରେ ।
ପ୍ରବେଶନ୍ତେ ଶତ୍ରୁଗଣ ସେ ବାହୁ ରାଜନ
ମାସେ ପରିଯନ୍ତେ କଲେ ତାଙ୍କ ସଙ୍ଗେ ରଣ ।
ମାସେ ପରିଯନ୍ତେ ଘୋରତର ରଣ ହେଲା
ହାରଜିଣ ସେ ଯୁଦ୍ଧରେ କାହାର ନୋହିଲା ।
ତାହାପରେ ହଇହୟ ତାଳଜଙ୍ଘମାନେ
ସେ ରାଜାଙ୍କୁ ପରାଜିତ କଲେ ଆୟୋଧନେ ।

Digitized by srujanika@gmail.com

ରଣେ ହାରି ରାଜ୍ୟ ଭ୍ରଷ୍ଟ ହୋଇ ସେ ରାଜନ
ଘରଣୀକୁ ସାଥେ ନେଇ କଲେ ପଳାୟନ ।
ସକଳ ସମ୍ପଦ ତେଜି ଅରଣ୍ୟ ମଧ୍ୟରେ
ଆଶ୍ରୟ କରି ରହିଲେ ଅତ୍ୟନ୍ତ କାତରେ ।
ଭାର୍ଯ୍ୟା ତାହାଙ୍କର ଗର୍ଭବତୀ ହୋଇଥିଲା
ଅତି କଷ୍ଟେ ପତି ସହ ବନେ ବାସକଲା ।
ଶତ୍ରୁଗଣମାନେ ତେଣେ ତାଙ୍କ ରାଜ୍ୟମାନ
ଅଧିକାର କଲେ ଧନକୋଷ ସହିତେଣ ।
ମନେ ବିଚାରିଲେ ଶତ୍ରୁ ପଳାଇ ଯାଇଛି
ଶରୀରରେ ପ୍ରାଣଧରି ଯେବେ ଥିବ ବଞ୍ଚି ।
ଥୋକେ କାଳ ପରେ ପୁଣି ବଳବନ୍ତ ହୋଇ
ଆସି ଆମ୍ଭ କରୁ ରାଜ୍ୟ ନେବ ଯେ ଛଡ଼ାଇ ।
ତାର ରାଣୀ ହୋଇଅଛି କାଳେ ଗର୍ଭବତୀ
ତା ଗର୍ଭରୁ ଯେଉଁ ସୁତ ହୋଇବ ଉତ୍ପତ୍ତି ।
ବଂଶ ପ୍ରଭାବରେ ନିଶ୍ଚେ ବଳିୟାନ ହେବ
ଯୁଦ୍ଧ କରି ଆମ୍ଭଠାରୁ ତାର ରାଜ୍ୟନେବ ।
ଏତିକି ବେଳରୁ ଯେବେ ତାହାର ଉପାୟ
ନ କରିବା ପାଶ୍ଚାତକୁ ନିଶ୍ଚେ ହେବ ଭୟ ।
ଏହି ପରକାରେ ଶତ୍ରୁ ମନରେ ପାଞ୍ଚିଣ
କାଳକୁଟ ବିଷ ସେହୁ କରି ଆନୟନ ।
ବାହୁ ପତ୍ନୀର ଗରଭ ବିନାଶିବା ଅର୍ଥେ
ସେ ବିଷ ପ୍ରୟୋଗ କରାଇଲେ ଆନହସ୍ତେ ।
ବାହୁ ଘରଣୀର ଯେହୁ ସେବକିନୀ ଥିଲେ
ତାଙ୍କ ମଧ୍ୟରୁ ଜଣଙ୍କୁ ସେ ହସ୍ତ କରିଲେ ।
ତାହା ଦ୍ୱାରା କାଳକୁଟ କରନ୍ତେ ପ୍ରୟୋଗ
ସେ ରାଣୀ ଉଦରେ ଜାତ ହେଲା ନାନାରୋଗ
ତା ଦେଖିଣ ବାହୁରାଜା ଦୁଃଖିତ ହୋଇଲେ
ପତ୍ନୀକୁ ସଙ୍ଗତେ ଘେନି ଚୌଦିଗେ ଭ୍ରମିଲେ ।
ଯାଉ ଯାଉ ଔର୍ବ ମୁନିଙ୍କର ଆଶ୍ରମରେ
ପ୍ରବେଶ ହୋଇଲେ କେତେ ସମୟ ଉତ୍ତାରେ ।
ଭାର୍ଯ୍ୟାର କ୍ଳେଶ ଦେଖିଣ ବିଳାପ କରିଣ
ଆଶ୍ରମ ସମ୍ମୁଖେ ଗତି କଲେ ସେ ଦୁର୍ଜାଣ ।
ନିଜ କର୍ମକୁ ଧିକ୍କାର କରିଣ ରାଜନ
ପଦବ୍ରଜେ ପଥ କରୁଥାନ୍ତି ଧାବମାନ ।
କ୍ଷୁଧାରେ ଆତୁର ହେଉଥାଏ ତାଙ୍କ ଦେହୀ
ହେଲେହେଁ କାହାକୁ ଅବା କହିବେ ବା ସେହି ।
ସଙ୍ଗତରେ ଭୃତ୍ୟେ ପରିଚାରିକା କେ ନାହିଁ
ବ୍ୟାକୁଳେ ଚଳିଲେ ଖଣ୍ଡେ ଦୂର ପଥବାହି ।
ଦେଖିଲେ ସେଠାରେ ଏକ ଦୀର୍ଘ ସରୋବର
ପଦ୍ମ ଉତ୍ପଳରେ ଦିଶୁଅଛି ଭରପୁର ।
ତା ଦେଖି ଆନନ୍ଦ ହୋଇ ସେ ବାହୁ ନୃପତି
କୂଳରେ ମିଳିଲେ ଅତି ତୁଷ୍ଟ କରି ମତି ।
ନୃପତିର ଦୈନଭାବ ନୟନେ ନିରେଖି
ସେଠାବରେ ବାସ କରିଥିଲେ ଯେତେପକ୍ଷୀ ।
ଆପଣା ଆପଣା ମଧ୍ୟେ ହେଲେ କୁହାକୁହି
ଆହାରେ କି କଷ୍ଟଆଣି ଘଟାଇଲୁ ବିହି ।
ଏ ପାପିଷ୍ଠ ନରପତି ଆସୁଛି ଏଠାକୁ
ଚାଲ ସର୍ବେ ପଳାଇବା ଯେ ଯାହା ବସାକୁ ।
ରାଜାଙ୍କୁ ଦେଖିବା ମାତ୍ରେ ବିହଙ୍ଗମ ଗଣ
ବହୁ ନିନ୍ଦାବାଦ କଲେ ସେ କ୍ରୋଧ ହୋଇଣ ।
ଧିକ ଧିକରେ ଅସୂୟା ଜଗତରେ ତୁହି
କି କଷ୍ଟ ନ କରୁ ତୋତେ ଲଜ୍ୟା ଲାଗୁନାହିଁ ।
ଏହିପରି ପକ୍ଷୀମାନେ ନୃପତି ସହିତ
ଅସୂୟାକୁ ନିନ୍ଦାକରୁ ଥାନ୍ତି ଅପ୍ରମିତ ।
ଏଣେ ମହିଷୀକୁ ସଂଗେ ଘେନିଣ ରାଜନ
ସରୋବରେ ସ୍ନାନସାରି ଜଳ କଲେ ପାନ ।
ତହୁଁ ଯାଇ ବୃକ୍ଷମୂଳେ ବିଶ୍ରାମ କରିଲେ
ଆପଣା କର୍ମ ଆଦରି ଆଶ୍ୱସ୍ତ ହୋଇଲେ ।
ଯେତେବେଳେ ସେ ରାଜନ ଅରଣ୍ୟେ ଗମିଲେ ।
ତାଙ୍କ ଦେଶ ମଧ୍ୟେ ଯେତେ ପ୍ରଜାଗଣ ଥିଲେ ।
ସେମାନେ ତାହାଙ୍କ ଦୋଷ ଉଲ୍ଲେଖ କରିଣ
କହିଥିଲେ ତାଙ୍କୁ ବହୁ ଧିକ୍କାର ବଚନ ।
ସର୍ବ ଗୁଣେ ଅଳଂକୃତ ହୋଇ ଥିଲେ ରାଜା
ପୁଣି ତାଙ୍କୁ ନିନ୍ଦା କଲେ ଆପଣାର ପ୍ରଜା ।
ପୃଥିବୀ ମଧ୍ୟରେ ଏହି ପରାୟ ଘଟଇ
ଉତ୍‌ଥାନ ପତନ ସଦା କାଳେ ଲାଗିଥାଇ ।
ଯେତେ ବଳଶାଳୀ ଧନଶାଳୀ ହୋଇଥାଉ
ସେ ଦୋଷ କରିଲେ କମିଯାଏ ତାର ଭାଉ ।
ନିନ୍ଦା ବଚନ କହନ୍ତି ତାହାକୁ ସକଳେ
ଆଗ କଥା ନ ଭାବନ୍ତି ମାତ୍ର କେହି ତିଳେ ।
ଯାର କୀର୍ତ୍ତି ଅଛି ତାର ମୃତ୍ୟୁ ନାହିଁ ଜାଣ
ନିଜ ମାତା ତୁଲ୍ୟ ନୋହେ କୀର୍ତ୍ତିର ସମାନ ।

Digitized by srujanika@gmail.com

ଅହଙ୍କାର ବହି ମନେ ବାହୁ ନରପତି
ବନକୁ ଗମିଲେ ଛାଡ଼ି ରାଜ୍ୟର ବିଭୂତି ।
ସନ୍ତୁଷ୍ଟ ହୋଇଲେ ତାହା ଦେଖି ରାଜ୍ୟଜନ
ଶତ୍ରୁନାଶ ଗଲା ସମ ବିଚାରିଲେ ମନ ।
ତେଣୁ ଅତ୍ୟନ୍ତ ନିନ୍ଦିତ ହୋଇ ନରପତି
ସଙ୍ଗେ ଭାର୍ଯ୍ୟା ଘେନିକଲେ ଅରଣ୍ୟକୁ ଗତି ।
ଅକୀର୍ତ୍ତି କାହାକୁ ନଷ୍ଟକରି ନାହିଁ ଅବା
ଏଥିରେ ଆଉ ଅଧିକ କି ଅବା କହିବା ।
ଅକୀର୍ତ୍ତି ସମାନ ମୃତ୍ୟୁ ନାହିଁ ଜାଣ ଭବେ
କ୍ରୋଧ ତୁଲ୍ୟ ଶତ୍ରୁଜଣେ ମାତ୍ର ନାହିଁ କେଭେ ।
ନିନ୍ଦା ସମାନରେ ତୁଲ୍ୟ ନୋହେ ହୁତାଶନ
ବିନୟ ବାସନା ତୁଲ୍ୟ ନାହିଁ ଯେ ବର୍ଦ୍ଧନ ।
ସଙ୍ଗ ଦୋଷ ପରି ବିଷ ନାହିଁ ଯେ ସଂସାରେ
ଏହିପରି ଚିନ୍ତା ରାଜା କରିଣ ମନରେ ।
କାନ୍ଦି କାନ୍ଦି ଅତି ଦୁଃଖେ ସନ୍ତାପିତ ହେଲେ
ସନ୍ତାପରୁ ଜରା ତାଙ୍କୁ ଗ୍ରାସକଲା ହେଲେ ।
ଜୀର୍ଣ୍ଣଶୀର୍ଣ୍ଣ କଳେବର ହୋଇଲା ତାଙ୍କର
ବନବାସେ କଟାଇଲେ କିଛିହିଁ ମାତର ।
ଔର୍ବ ମହାଋଷିଙ୍କର ଆଶ୍ରମ ନିକଟେ
ଅତ୍ୟନ୍ତ ପୀଡ଼ିତ ହୋଇ ଜରାଗ୍ରାସ କଷ୍ଟେ ।
କେତେ ଦିନ ଅନ୍ତେ କାଳ କବଳରେ ପଡ଼ି
ଶେଷକୁ ପିଣ୍ଡରୁ ପ୍ରିୟପ୍ରାଣ ଗଲା ଛାଡ଼ି ।
ପତି ମୃତ ହେବା ଦେଖି ଭାରିଯା ତାଙ୍କର
ବହୁତ ବିଳାପ କଲେ ହୋଇଣ କାତର ।
ଶୋକରେ ଅଧିରା ହୋଇ ସେ ମହାମହିଷୀ
ଭାବିଲେ ମରିବି ପଡ଼ି ଚିତାନଳେ ପଶି ।
ପତି ମୃତ ହେଲେ ବଞ୍ଚିରହେ ଯେ ରମଣୀ
ସେ ଅସତୀ ବୋଲି ଧର୍ମ ଶାସ୍ତ୍ର ମଧ୍ୟେ ଗଣି ।
ସ୍ୱାମୀତ ମଲେଣି ମୋର ଆଉ ଏ ଜୀବନ
ରଖିଲେ ଏଥିରେ ଅଛି କେଉଁ ପ୍ରୟୋଜନ ।
ଏମନ୍ତ ବିଚାରି ଆପେ କାଷ୍ଠ ରାଶି ଆଣି
ଶ୍ମଶାନରେ ଚିତା ସଜାଇଲେ ସେ ରମଣୀ ।
ସେ ଅନଳ ମଧ୍ୟେ ପତି ଶବକୁ ନେଇଣ
ଯଥା ବିଧାନରେ କରାଇଲେ ଆରୋହଣ ।
ସେହି ଚିତାନଳେ ସ୍ୱାମୀ ଶବର ସହିତ
ନିଜେ ଦେହ ତେଜିବାକୁ ହୋଇଲେ ଉଦ୍ୟତ ।

ଏସନକ ସମୟରେ ଔର୍ବ ମହାମୁନି
ଧ୍ୟାନଯୋଗ ପ୍ରଭାବରେ ସେକଥାକୁ ଜାଣି ।
ପତିବ୍ରତା ବାହୁ ମହିଷୀର ସମୀପରେ
ପ୍ରବେଶ ହୋଇଲେ ଯାଇ ଅତ୍ୟନ୍ତ ବେଗରେ ।
ପତି ଚିତାନଳେ ପଡ଼ି ଆପଣା ଶରୀର
ନାଶ କରିବାକୁ ଯାଉଥିଲା ନାରୀ ତାର ।
ଏହି ସମୟରେ ଆସି ଔର୍ବ ମହାଋଷି
ମିଳିଣ ସନ୍ନିଧେ ତାର ବୋଇଲେ ଆଶ୍ୱାସି ।
ଆଗୋ ନାରୀବର ଯାଅ କରିବାକୁ ଯାହା
ବିଧି ବିଧାନରେ ନୁହେଁ ଉଚିତଟି ତାହା ।
ଏକେତ ଆପଣା ହସ୍ତେ ନାଶ କଲେ ପ୍ରାଣ
ଜୀବନାନ୍ତେ ବହୁକଷ୍ଟ ଦେବେ ଜନ୍ତୁରାଣ ।
ଦୁର୍ଲ୍ଲଭ ଜନମ ଅଟେ ମର୍ତ୍ତ୍ୟେ ମନୁଷ୍ୟର
ଯାହା ବାଞ୍ଛା କରୁଥାନ୍ତି ଅମରାଧି ବର ।
ଯଦ୍ୟପି ତାହାକୁ ନିଜ ହସ୍ତେ କର ହତ
ଆଉ ଜନମ ନୋହିବ ଏ ଶାସ୍ତ୍ର ଉକତ ।
ଏତ ଗଲା ଆପଣାର ଆତ୍ମଘାତୀ କଥା
ପୁନଶ୍ଚ ଏକତ୍ର ପ୍ରାଣ ନାଶିବ ଅଯଥା ।
ନିରୀହ ନିଷ୍ପାପ ଶିଶୁ ଜାଣେ ନାହିଁ ଛନ୍ଦ
ତୁମ୍ଭର ଗର୍ଭରେ ଅଛି ହୋଇଣ ଆବଦ୍ଧ ।
ଏହି ସଂସାରକୁ ଯେତେବେଳେ ସେ ଆସିବ
ତା ଦ୍ୱାରା ବହୁତ କାର୍ଯ୍ୟ ସାଧିତ ହୋଇବ ।
ଏମନ୍ତ ଶିଶୁର ପ୍ରାଣ କିମ୍ପା ଅନ୍ୟାୟରେ
ବିନାଶ କରିବ ତୁମ୍ଭେ କେଉଁ ଅଧିକାରେ ।
ଶାସ୍ତ୍ରରେ ଉକତ ଅଛି ଗର୍ଭିଣୀ ରମଣୀ
ଆବର ଶିଶୁସନ୍ତାନ କୋଳେ ଥିବ ପୁଣି ।
ଏମାନଙ୍କ ସହିତରେ ରଜଃସ୍ୱଳା ନାରୀ
ପତିସହ ଯାତ୍ରୀହେବା ଅନ୍ୟାୟଟି ଭାରି ।
ନମାନି ଏ କାର୍ଯ୍ୟେ ଯେହୁ ପ୍ରବୃତ୍ତ ହୁଅଇ
ପ୍ରାୟଶ୍ଚିତ ନାହିଁ ତାର ଶୁଣ ମନଦେଇ ।
ତୁମ୍ଭେତ ବିଦ୍ୱେଷୀ ପୁଣି ରାଜାର ନନ୍ଦିନୀ
ଅଧିକ କହିବି କିସ ଆଗୋ ସୀମନ୍ତିନୀ ।
ମୋର ବୋଲମାନି ଏହି କାର୍ଯ୍ୟରୁ ନିବର୍ତ୍ତ
ଦେଖିବ ଗର୍ଭଜ ସୁତ ଯେ ଆସିବ ମର୍ତ୍ତ୍ୟ ।
ସକଳ ଦୁଃଖ ତୁମ୍ଭର ଦୂର କରି ଦେବ
ପିତାର ସୁଯଶ ମର୍ତ୍ତ୍ୟେ ପ୍ରଚାର କରିବ ।

Digitized by srujanika@gmail.com

ଔର୍ବ ଋଷିଙ୍କର ଏହି ଅନୁଗ୍ରହ ବାଣୀ
ଶ୍ରବଣ କରିଣ ସେହୁ ବାହୁର ଘରଣୀ ।
ଋଷିଙ୍କ ପାଦ ଯୁଗଳ ଧରି ବେନିକରେ
କ୍ରନ୍ଦନ କରିଲେ ସେହୁ ବାହୁନି ଉଚ୍ଚରେ ।
ତାହାଙ୍କ ବିକଳ ଦେଖି ଔର୍ବ ତପୋଧନ
ଆଶ୍ୱାସନା ଦେଇ ତାଙ୍କୁ ବୋଇଲେ ବଚନ ।
ମୋହ ବୋଲମାନି ମାତ ଶୋକ ପରିହର
ଅଳ୍ପଦିନେ ଭାଗ୍ୟେ ଚନ୍ଦ୍ର ଉଇଁବ ତୁମ୍ଭର ।
ନୟନରୁ ଅଶ୍ରୁ ତେଜି ନ ପକାଅ ତଳେ
ମୃତ ବ୍ୟକତିକି ଅଶ୍ରୁ ଦହିପାରେହେଳେ ।
ଧୈର୍ଯ୍ୟଗୁଣେ ଶୋକ ତେଜ୍ୟା କରିଣ ବହନ
ଉଚିତ କାର୍ଯ୍ୟର ପଥ କର ଯା ସନ୍ଧାନ ।
ଦେଖ ପଣ୍ଡିତ ବା ମୂର୍ଖ ଧନୀ ବା ନିର୍ଦ୍ଧନୀ
ଭ୍ରଷ୍ଟାଚାରୀ ଦୁରାଚାରୀ କିବା ଦୁଷ୍ଟପ୍ରାଣୀ ।
ମୃତ୍ୟୁ ସନ୍ନିଧରେ ସର୍ବେ ଅଟନ୍ତି ସମାନ
ଯାର କାଳପୁରେ ତାକୁ ନ ଛାଡ଼େ ଶମନ ।
ନଗରେ ବନରେ ଅବା ସାଗରେ ପର୍ବତେ
କର୍ମ ଅନୁସାରେ ଫଳ ଭୋଗନ୍ତି ସମସ୍ତେ ।
ତହିଁକି ଶୋଚନା କରା ଉଚିତ ନୁହଇ
ଯିବା ଆସିବା ଲାଗିଛି ଜୀବର ସଦାହିଁ ।
ଏ ସଂସାର ଅଟଇ ଯେ କର୍ମର କିଆରି ।
ଜୀବ ମାତ୍ରକେ କୃଷକ ସ୍ୱରୂପ ସବୁରି ।
ଯେପରି କୃଷକ ତାର କ୍ଷେତ ବେଉଷଇ
ତେମନ୍ତ ଭାବରେ ଫଳ ପ୍ରାପତ ହୁଅଇ ।
ସେହିପରି ଜୀବ ଏହି ମରତ ମଣ୍ଡଳେ
ଯେଉଁ କର୍ମ କରିଥାଏ ଭୋଗେ ତା ଶୟଳେ ।
କିନ୍ତୁ ଜଣେମାତ୍ର ଅଛି ବିଚାର କରତା
ତାହାପାଶେ ରହିଥାଏ ଯେ ହିସାବ ଖାତା ।
ଯେବେଳେ ଯାହାର ଆସି ସମୟ ପଡ଼ଇ
ସାଥେ ସାଥେ ନେଇଯାଏ ସେହୁ ହକରାଇ ।
ବାଳ ବୃଦ୍ଧ ପ୍ରୌଢ଼ା କିବା ଯୁବକ ଯୁବତୀ
ତାହା ନିକଟେ ବାରଣ ନାହିଁ ଆଗୋ ସତୀ ।
ତେଣୁ ଏ ଜୀବ ଅଟନ୍ତି କର୍ମର ଅଧୀନ
ରକ୍ଷା କର୍ତ୍ତା ନାଶକର୍ତ୍ତା ତ୍ରାଣକର୍ତ୍ତା ଜାଣ ।
ଅଟନ୍ତି ଏକମାତର ପ୍ରଭୁ ଜଗନ୍ନାଥ
ଏ ଜୀବ ଜଗତ ଅଟେ ଯେ ନିମିତ୍ତ ମାତ୍ର ।
ତେଣୁ ଆଗୋ ମାତ ତୁମ୍ଭେ ଶୋକତ୍ୟାଗକରି
ଈଶ୍ୱରଙ୍କୁ ଲୟକରି ଦୁଃଖ ଦୂର କରି ।
ଆଗୋ ମାତ ତୁମ୍ଭେ ହୃଦ ପଦ୍ମ କରି ସ୍ଥିର
ଆଗ ପତିଙ୍କର କ୍ରିୟା ସମାପନ କର ।
ଅପାର କଷଣ ଏହି ଦେହରେ ରହିଛି
ଥୋକାଏ ମାତ୍ର ତହିଁରୁ ଶୁଣାଇବା ବାଛି ।
ବ୍ୟାଧି ଜାତ ହେଲେ ପୂର୍ଣ୍ଣ ଦୁଃଖ ଭୋଗହୁଏ
ତାହା ସତ୍ୟ କରି ଜୀବ ମହାକ୍ଲେଶ ପାଏ ।
କର୍ମ ପାଶେ ବନ୍ଧା ହୋଇବାରୁ ଜୀବଗଣ
ସଦା ସର୍ବଦା ସେ ଭୋଗ କରନ୍ତି କଷଣ ।
ତହିଁକି ଶୋଚନା କରା ଉଚିତ ନୁହଇ
ସମସ୍ତଙ୍କୁ କାଳ କବଳିତ କରୁଛଇଁ ।
ଔର୍ବ ମହାମୁନି ଏହି ପରାୟ ରାଣୀକି
ବୁଝାଇ କହନ୍ତେ ନିଜ ନିକଟକୁ ଡାକି ।
ଆଶ୍ୱସ୍ତ ହୋଇଣ ରାଜମହିଷୀ ସତ୍ୱରେ
ସ୍ୱାମୀଙ୍କ କ୍ରିୟା କରାଇଲେ ସେହିଠାରେ ।
ତପୀଙ୍କ ଆଦେଶ ମତେ ନିଜ ସ୍ୱାମୀଙ୍କର
ପ୍ରେତ କୃତ୍ୟ କାର୍ଯ୍ୟ କରାଇଲେ ନାରୀବର ।
ନମସ୍କାର କରି ତହିଁପରେ ସେ ଋଷିଙ୍କି
କହିଲେ ବିନୟ ହୋଇ କିଛିହିଁ ନ ଶଙ୍କି ।
ଆପଣଙ୍କ ଭଳି ମହା ସାମାଜିକମାନେ
ପରାର୍ଥରେ ଫଳାକାଂକ୍ଷା କରନ୍ତି ସେମାନେ ।
ବିଚିତ୍ର ନୁହଇ ତାହା ସେମାନଙ୍କଠାରେ
ବୃକ୍ଷ କେଭେଁ ନ ଫଳଇ ଆପଣା କାର୍ଯ୍ୟରେ ।
ନିଜେ ଭୋଗ କରିବାକୁ ବୃକ୍ଷମାନେ ଜାଣ
ପୃଥିବୀରେ ନ କରନ୍ତି ଫଳକୁ ଧାରଣ ।
ପରର ଦୁଃଖକୁ ବୁଝେ ଯେବଣ ବ୍ୟକତି
ସାଧୁଜନଙ୍କ ମଧରେ ଗଣ୍ୟ ସେ ଅଟନ୍ତି ।
ବଇଷ୍ଣବ ସତ୍ୟଗୁଣ ତହିଁରେ ତାଙ୍କର
ପ୍ରକାଶ ପାଏ ସତ୍ୟରେ ଜଗତ ମଧର ।
ସର୍ବଭୂତ ହିତାକାଂକ୍ଷୀ ସେ ଯେଣୁ ଅଟନ୍ତି
ତେଣୁ ପର ଦୁଃଖରେ ସେ କାତର ହୁଅନ୍ତି ।
ପରର ସୁଖକୁ ଯେବେ ଦେଖନ୍ତି ନୟନେ
ତେବେ ସୁଖୀ ହୁଅନ୍ତି ସେ ଆପଣାର ମନେ ।
ସେ ପର ଦୁଃଖରେ ଦୁଃଖୀ ପର ସୁଖେ ସୁଖୀ
ଶ୍ରୀହରିଙ୍କ ସହିତରେ ସମାନ ଯେ ଲେଖି ।

Digitized by srujanika@gmail.com

ସୁଖ ଦୁଃଖ ଦୁଇମଧ୍ୟୁ ତରିବାର ପାଇଁ
ଶାସ୍ତ୍ରର ବଚନ ସଦା ପାଳୁଥାନ୍ତି ସେହି ।
ଶାସ୍ତ୍ର ପୁରାଣରେ ଯେବେ ସେ ବ୍ୟାଖ୍ୟା କରନ୍ତି
ତାଙ୍କଠାରୁ ଶୁଣି ନରେ ଦୁଃଖୁ ନିସ୍ତରନ୍ତି ।
ସାଧୁଜନ ଶାସ୍ତ୍ରବ୍ୟାଖ୍ୟା ଯେଉଁଠି କରନ୍ତି
ଯେତେ ଦୁଃଖ ହୁଏ ତାହା ଜାଣି ନ ପାରନ୍ତି ।
ସୂର୍ଯ୍ୟ ଉଦୟରେ ଯେହ୍ନେ ନାଶେ ଅନ୍ଧକାର
ସାଧୁଙ୍କର ସନ୍ନିଧାନେ ତେମନ୍ତ ପ୍ରକାର ।
ଏତେ କହି ସେ ରମଣୀ ଋଷିଙ୍କୁ ପୁଛିଲେ
ତାପରେ ସେ ନଦୀ ଜଳେ ସ୍ନାହାନ କରିଲେ ।
ସ୍ୱାମୀଙ୍କର ଅନ୍ତେଷ୍ଟିକ କ୍ରିୟା କର୍ମମାନ
ଯଥା ବିଧି ମତେ ସେହୁ କଲେ ସମାପନ ।
ସେ ରାଜାଙ୍କ ଶବ ଋଷି କରନ୍ତେ ଦର୍ଶନ
ପାପରୁ ମୁକତ ରାଜା ହୋଇଲେ ବହନ ।
ଇନ୍ଦ୍ରଙ୍କ ପରାୟ ତେଜ ଅଙ୍ଗରେ ବହିଣ
ପରମ ପଦ ଲଭିଲେ ସ୍ୱର୍ଗେ ନରରାଣ ।
ହେ ମୁନି ସପ୍ତମ ଗଣେ ଦିବ୍ୟ ଚିତ୍ତେ ଶୁଣ
ଯୁଦ୍ଧାର୍ଥ ତତ୍ତ୍ୱ କରୁଛି ତୁମ୍ଭଙ୍କୁ ବଖାଣ ।
ଦେହଭସ୍ମ ଅବା ଧର୍ମ ମାତ୍ର ଅବଶିଷ୍ଟ
ହେଲେହେଁ ଅଟନ୍ତି ସେହୁ ତପିଙ୍କର ଶ୍ରେଷ୍ଠ ।
ତାହାଙ୍କ ନୟନ ଯେବେ ପଡ଼େପାପୀଠାରେ
ସ୍ୱରଗ ପୁରେ ବସଇ ଯାଇ ସେ ସୁଖରେ ।
ଏହି କାରଣରୁ ଜାଣ ସେ ବାହୁ ରାଜନ
ଔର୍ବ ଋଷିଙ୍କ ଦୃଷ୍ଟିରେ ହେଲେ ମୋକ୍ଷମାନ ।
ମହା ପାତକୀହେଉ ବା ଉପପାପୀ ହେଉ
ଦିବ୍ୟଗତି ପାଏ ସାଧୁ ଦରଶନେ ସେହୁ ।
ଏମନ୍ତେ ଉତ୍ତମ ଗତି ଲଭନ୍ତେ ନୃପତି
ତାହାପରେ ଯାହା ହେଲା ଶୁଣ ଦେଇ ମତି ।
ରାଣୀ ଔର୍ବ ଋଷିଙ୍କର ଆଶ୍ରମେ ରହିଲେ
ପ୍ରତିଦିନ ଋଷିଙ୍କର ପାଦ ସେବା କଲେ ।
କହଇ କ୍ଷେତ୍ରମୋହନ ଯୋଡ଼ି ବେନିକର
ଏ ଭବ ସାଗରୁ ସର୍ବେ ହୁଅନ୍ତି ଉଦ୍ଧାର ।

ଇତି ଶ୍ରୀ ବୃହଦ୍ ନାରଦ ପୁରାଣେ ବାହୁ
ରାଜାଙ୍କର ଉପଖ୍ୟାନେ ନାମ
ସପ୍ତମୋଽଧ୍ୟାୟଃ ।

---●----

# ଅଷ୍ଟମ ଅଧ୍ୟାୟ

## ସଗର ଚରିତ ବର୍ଣ୍ଣନ

ଶୁଣ ଶୁଣ ସଜ୍ଜନେ ଅପୂର୍ବ ଚରିତ
ଯାହା ଶ୍ରବଣରେ କର୍ଣ୍ଣ ହୋଇବ ପବିତ୍ର ।
ଏଥୁ ଅନନ୍ତରେ ସୁତ କହନ୍ତି ବୁଝାଇ
ସେ ପତିବ୍ରତା ରମଣୀ ବହୁନାରୀ ତହିଁ ।
ଋଷିଙ୍କ ଆଶ୍ରମେ ରହି ବିଶୁଦ୍ଧ ଭାବରେ
ସେବାକଲେ ଦିବାରାତ୍ର ତାହାଙ୍କ ପୟରେ ।
ଭୂଲେପନ କାର୍ଯ୍ୟମାନ ଆଶ୍ରମରେ ଯେତେ
ପ୍ରତିଦିନ ପ୍ରଭାତରୁ କରନ୍ତି ସେ ସେଥେଁ ।
ଏମନ୍ତେ ସେବା କରିଣ ତପିଙ୍କୁ ମହର୍ଷି
ଅଙ୍ଗରୁ ସକଳ ପାପମାନ ଦେଲେ ନାଶି ।
ଶତ୍ରୁମାନେ ଦେଇଥିଲେ ବିଷ ସହିତରେ
ଶୁଭଲଗ୍ନେ ପୁତ୍ରଜାତ କରିଲେ ସେଠାରେ ।
ଦେଖି ଋଷିଙ୍କର ଉଗ୍ରତପର ପ୍ରଭାବ
ସେ ରମଣୀ ମନମଧ୍ୟେ ଲଭିଲେ ଗୌରବ ।
ସାଧୁଙ୍କ ମହିମା ଯୋଗେ କିସ ନ ବାଧିଲା
ଅତି ଶୁଭକ୍ଷଣେ ପୁତ୍ର ଜନମ ହୋଇଲା ।
ତାହାଙ୍କୁ ଦେଖି ମହାତ୍ମା ଆନନ୍ଦ ହୋଇଲେ
ଦୀର୍ଘଜୀବୀ ହୁଅ ସୁତ କଇଲାଣ କଲେ ।
ବିଷ ସେ ରମଣୀ ଗର୍ଭେ ପ୍ରସରିଣ ଥିଲା
ଔର୍ବ ମୁନିଙ୍କ ପ୍ରଭାବେ ନାଶ ହୋଇଗଲା ।
ଗର ସହିତରେ ପୁତ୍ର ଜାତ ହେବା ଦେଖି
ମୁନିବର ମନମଧ୍ୟେ ହେଲେ ଅତି ସୁଖୀ ।
ପୁତ୍ରର ଯେ ଜାତକର୍ମ କ୍ରିୟା ଶେଷ କଲେ
ସଗର ବୋଲିଣ ସେ ସୁତରନାମ ଦେଲେ ।
କାମଧେନୁ ରହିଥିଲା ଆଶ୍ରମ ମଧ୍ୟରେ
ତା ଦେଖି ପାଳିଲେ ପୁତ୍ର ମହିଷୀ ଯତ୍ନରେ ।
ବ୍ରତ ଉପନୟନାଦି କର୍ମମାନ ଯେତେ
ଶେଷକଲେ ମୁନିବର ତାହା ଯଥାମତେ ।
ରାଜନୀତିଠାରୁ ଅସ୍ତ୍ର ଶସ୍ତ୍ର ବିଦ୍ୟମାନ
ପଢ଼ାଇଲେ ସେ ପୁତ୍ରକୁ ତହିଁ ତପୋଧନ ।
କିଛିଦିନେ ଯୁବାକାଳ ହୁଅନ୍ତେ ପୁତ୍ରର
ଅସ୍ତ୍ର ଶସ୍ତ୍ର ସହ ମନ୍ତ୍ର ଦେଲେ ମୁନିବର ।
ସଗର ନୃପ ଅତ୍ୟନ୍ତ ଶିକ୍ଷିତ ହୋଇଣ
କ୍ରମଶରେ ହେଲେ ବଳବାନ ଗୁଣବାନ ।

Digitized by srujanika@gmail.com

ଧନୁର୍ଦ୍ଧାରୀମାନଙ୍କର ଅଗ୍ରଗଣ୍ୟ ହୋଇ
ଋଷିର ସେବାରେ ସଦାରତ ହେଲେତହିଁ ।
ହୋମ କରିବାକୁ ଫଳ ପୁଷ୍ପ କାଷ୍ଠ କୁଶ
ପ୍ରତ୍ୟହ ଆଣି ଋଷିଙ୍କ ତୋଷିଲେ ମାନସ ।
କେତେଦିନ ଏହିପରି ବହିଗଲା ପରେ
ଦିନେ ସେ ସଗର ମିଳି ଜନନୀ ଆଗରେ ।
ଭକ୍ତିବଳେ ପାଦତଳେ ପ୍ରଣିପାତ ହୋଇ
ବୋଇଲେ ମାତ କଥାଏ ପଚାରଇ ମୁହିଁ ।
ତୁମ୍ଭେତ ରହିଛ ବନାଶ୍ରମେ ଏକାହୋଇ
ତୁମ୍ଭଙ୍କୁ ଛାଡ଼ି ମୋ ପିତା ରହିଛନ୍ତି କାହିଁ ।
ନାମ କି ଅଟଇ ପିତାଙ୍କର ତାହା କହ
କେଉଁ ଗ୍ରାମ ନଗରରେ ଥିଲା ତାଙ୍କ ଗୃହ ।
ଏ ସମସ୍ତ ଅନୁଗ୍ରହ କରି କହ ମୋତେ
ଶୁଣିବା ନିମନ୍ତେ ଶ୍ରଦ୍ଧା ବଳିଅଛି ଚିତ୍ତେ ।
ଜଗତରେ ପିତୃହୀନ ଅଟେ ଯେଉଁ ଜନ
ଜୀଇଥିଲେ ହେଲେ ସେହୁହୁଏ ମୋକ୍ଷମାନ ।
ଦରିଦ୍ର ହୋଇଣ ପିତା ଥିବେ ଯାର ଘରେ
ସେ ତୁଲ୍ୟେ ବୋଲାଏ ଧନପତି ସମାନରେ ।
ପିତା ମାତା ଯାର ନାହିଁ ସେହୁ କର୍ମହୀନ
ଇହ-ପରକାଳେ ତାର ସୁଖନାହିଁ ଜାଣ ।
ଏହି ସକଳର ଜନ୍ମ ବୃଥା ଅଟେ ମାତ
ଜୀଇଥିଲେ ମୃତପ୍ରାଏ ତାଙ୍କର ଜୀବିତ ।
ଚନ୍ଦ୍ରହୀନ ରାତ୍ରି ପଦ୍ମହୀନ ସରୋବର
ପତିହୀନା ରମଣୀ ଯେ ଧର୍ମହୀନା ନର ।
ଧନହୀନ ଗୃହୀଜନ ଶିଶୁହୀନ ଗୃହ
ଏ ସକଳେ ତୁଲ୍ୟ ଏଥେ ନାହିଁ ଯେ ସନ୍ଦେହ ।
ହରିଭକ୍ତି ହୀନ ଧର୍ମ ନିଷ୍ଫଳ ଯେପରି
ପିତୃହୀନ ମାନବର ଜନମ ସେପରି ।
ବେଦଧ୍ୟାୟ ହୀନ ବିପ୍ର ଯେ ଅବା ଅଟଇ
ଅତିଥି ସେବାରେ ତୃଟି କରେ ସଦାଯେହି ।
ଦୀନହୀନ ଦ୍ରବ୍ୟ ସତ୍ୟହୀନ ଯେ ବଚନ
ମନ୍ତ୍ରହୀନ ସଭା ଦୟାହୀନ ତପହୀନ ।
ଗୁଣହୀନ ନାରୀ ପୁଣି ଜଳହୀନ ନଦୀ
ଶାନ୍ତ ନ ଥିବାର କନ୍ୟା ଅଟେ ଅପ୍ରସିଦ୍ଧି ।
ପିତୃହୀନ ସନ୍ତାନର ଜୀବନ ତେମନ୍ତ
ଭୋ ମାତ ଏ କଥା ମିଥ୍ୟାନୁହେଁ କଦାଚିତ ।

ମରନ୍ତା ଲୋକ ଯେପରି ହୀନ ଏ ଜଗତେ
ତେମନ୍ତ ଅଟନ୍ତି ପିତୃହୀନ ସୁତ ଯେତେ ।
ଏମନ୍ତ ପୁତ୍ରର ମୁଖୁ ଶୁଣନ୍ତେ ଜନନୀ
ଦୀର୍ଘ ନିଃଶ୍ୱାସକୁ ତ୍ୟାଗ କଲେ ସେହିକ୍ଷଣି ।
ମନ ଦୁଃଖେ ନୟନରୁ ଲୋତକ ବୁହାଇ
ନିଜ ମନକଥା ପୁତ୍ରେ କହିଲେ ବୁଝାଇ ।
ଆଦ୍ୟଠାରୁ ଶେଷଯାଏ ସକଳ ବୃତ୍ତାନ୍ତ
ଯେତେ ଘଟିଥିଲା ତାହା କହିଲେ ସମସ୍ତ ।
ଜନନୀ ମୁଖରୁ ଏହା ଶୁଣିଣ ସଗର
କ୍ଷତ୍ରିୟ ଗୁଣରେ କୋପ କଲେ ଗୁରୁତର ।
ନୟନ ବେନି କ୍ରୋଧରେ ଆରକ୍ତ କରିଣ
ସମ୍ଭାଳି ନୋହି ପ୍ରତିଜ୍ଞା କଲେ ତତକ୍ଷଣ ।
ଯେଉଁମାନେ ଅଟନ୍ତି ମୋ ପିତାଙ୍କର ଶତ୍ରୁ
ତୁମ୍ଭେ ବନବାସ କରିଅଛ ଯାହା ହେତୁ ।
ସମୂଳେ ବିନାଶ ତାଙ୍କୁ ନ କରିବା ଯାଏ
ସ୍ଥିର ହୋଇ ରହି ନ ପାରିବି ଆଗୋ ମାଏ ।
କଦାପି ଗୃହେ ଲେଉଟି ଆସି ନ ପାରିବି
ଏତେ କହି ଜନନୀଙ୍କ ପାଦତଳେ ନମି ।
ପ୍ରମାଣ କରିଣ ତହୁଁ ହୋଇଲେ ବାହାର
ଋଷିଙ୍କ ପାଦରେ ଯାଇ ନମିଲେ ସତ୍ୱର ।
ଆଶ୍ରମରୁ ସେ ବିଦାୟ ହୋଇ ତତକ୍ଷଣ
ମିଳିଲେ ଗୁରୁ ବଶିଷ୍ଠ ସନ୍ନିଧେ ଯାଇଣ ।
ଚରଣ ତଳେ ତାଙ୍କର ପ୍ରଣିପାତ ହୋଇ
ବିନୟରେ କରଯୋଡ଼ି ବୋଇଲେକ ତହିଁ ।
ମୁନି ବଶିଷ୍ଠ ଅଟନ୍ତି ମହା ଜ୍ଞାନବନ୍ତ
ଯୋଗ ବଳରେ ଜାଣିଲେ ସକଳ ବୃତ୍ତାନ୍ତ ।
ଆଶୀଷ ଦେଇଣ ସଗରକୁ ସେ ମହର୍ଷି
ବୋଇଲେ କହରେ ବାବୁ କିମ୍ପା ଅଛୁ ଆସି ।
ଯୋଗବଳେ ଜାଣିଲି ମୁଁ ତୁ ବାହୁତ ସୁତ
ଆବର ଜାଣିଲି ତୋର ସକଳ ବୃତ୍ତାନ୍ତ ।
ଗୁରୁଙ୍କ ମୁଖରୁ ଏହା ଶୁଣି ସେ ସଗର
ନମସ୍କାର କରି ତାଙ୍କୁ କହିଲେ ଏ ଗୀର ।
ଭୋ ଗୁରୁ ଆପଣ ରଘୁବଂଶର ଦେବତା
ଆଉ ଆମ୍ଭମାନଙ୍କର ମଙ୍ଗଳ ବିଧାତା ।
ଏତେ ବୋଲି ଆପଣାର ଦୁଃଖ ଥିଲାଯେତେ
ତାହା ସବୁ ଜଣାଇଲେ ତାହାଙ୍କ ଅଗ୍ରତେ ।

Digitized by srujanika@gmail.com

ବଶିଷ୍ଠ ସଗର ମୁଖୁ ଶୁଣି ଏ ବଚନ
ବୋଇଲେ ଦୁଃଖ ନ କର ତୁହି କଦାଚନ ।
ଯାହା ଘଟିବାର ତାହା ଯାଇଅଛି ହୋଇ
ତହିଁକି ଶୋଚନା କରା ଉଚିତ ନୁହଇ ।
ଏଣିକି ତୋର ମଙ୍ଗଳ ନିଶ୍ଚୟ ହୋଇବ
ଅଳ୍ପକାଳେ ତୋର ଶତ୍ରୁ କ୍ଷୟ ହୋଇଯିବ ।
ଏତେ ବୋଲି ସଗରଙ୍କୁ ଇନ୍ଦ୍ର ଯେ ବରୁଣ
ବ୍ରହ୍ମ ଆଗ୍ନେୟାଦି ଅସ୍ତ୍ର କଲେ ସେ ପ୍ରଦାନ ।
ଖଡ୍‌ଗ ତୋମର ଅନୁପମ ଧନୁ ଦେଲେ
ସନ୍ତୋଷେ ଆଶିଷ ଦେଇ ବିଦାୟ କରିଲେ ।
ବଶିଷ୍ଠଙ୍କ ଠାରୁ ବିଦା ହୋଇଣ ସଗର
ମନ ଆନନ୍ଦରେ ତହୁଁ ଗମିଲେ ସତ୍ୱର ।
ଯେଉଁମାନେ ତାହାଙ୍କର ରାଜ୍ୟ ନେଇଥିଲେ
ତାହାଙ୍କ ବଂଶ ଯୁଦ୍ଧରେ ନିର୍ମୂଳ କରିଲେ ।
ଯେତେ ଭୃତ୍ୟ ଅନୁଚର ଥିଲେ ତାହାଙ୍କର
ଖଡ୍‌ଗାଘାତେ ଦେଖାଇଲେ ଶମନ ନଗର ।
ଆଉ ଯେଉଁମାନେ ଥିଲେ ଭୟେ ପଳାଇଲେ
ପର୍ବତ ଗୁହାରେ ଲୁଚିପ୍ରାଣ ବଞ୍ଚାଇଲେ ।
ଆବର ଥୋକାଏ ଦନ୍ତେ ଧରିଣ ତିରଣ
ସଗରଙ୍କ ପାଦତଳେ ପଶିଲେ ଶରଣ ।
କେତେ ଦିଗ ବିଦିଗକୁ କଲେ ପଳାୟନ
ଜଳମଧ୍ୟେ ଲୁଚି କେତେ ରଖିଲେ ଜୀବନ ।
ଯବନ କାମ୍ବୋଦ ଶବ ଆଦି ରାଜାମାନେ
ଜୀବନ ଆଶାରେ ଯାଇ ବ୍ୟାକୁଳିତ ମନେ ।
ବଶିଷ୍ଠଙ୍କ ଚରଣରେ ପଶନ୍ତେ ଶରଣ
ତାହାଙ୍କୁ ଦେଖି ବଶିଷ୍ଠ ବିଚାରିଲେ ମନ ।
ମୋ ଶିଷ୍ୟର ଅଭିମାନ କାର୍ଯ୍ୟସିଦ୍ଧି ହେବ
ଶରଣାଗତର ରକ୍ଷା କିପରି ହୋଇବ ।
ଏହିପରି ମନମଧ୍ୟେ କରିଣ ବିଚାର
ଏକଇ ଉପାୟ ସ୍ଥିରକଲେ ତପୋବର ।
ସେ ଶକମାନଙ୍କୁ ପାଶେ ଡାକିଣ ବହନ
ଲଣ୍ଡିତ କଲେ ମସ୍ତକ ନାପିତ ରାଇଣ ।
ଯବନମାନଙ୍କୁ ଲମ୍ବ କେଶ କରାଇଲେ
ଆଉ ଅନ୍ୟମାନଙ୍କର ଦାଢ଼ି ରଖାଇଲେ ।
ଦାଢ଼ିଆ ମୁଣ୍ଡିତ ମୁଣ୍ଡାମାନେ ସେହିଠାରୁ
ବିଦାୟ ହୋଇଲେ ବେଦ ବିହିତ କର୍ମରୁ ।

ଆପଣା ଶତ୍ରୁମାନଙ୍କୁ ମୃତଜନ ପରି
ଦେଖିଣ ସଗର ମନେ ତୋଷହେଲେ ଭାରି ।
ଆନନ୍ଦରେ ବଶିଷ୍ଠଙ୍କୁ କହିଲେ ବୁଝାଇ
ବୃଥାରେ ଏହା ମୋ ପାଶେ ରଖୁଛ କିମ୍ପାଇ ।
ଏ ଦୁରାତ୍ମାମାନେ ରାଜ୍ୟ ନେଇଥିଲେ ମୋର
ଉଚିତ ନୁହଇ ଯାଙ୍କୁ ପ୍ରାଣେ ରଖିବାର ।
ଆପଣଙ୍କ ଅଗ୍ରତରେ ଏହାଙ୍କୁ ବଧିବି
ପିତାର ଶତ୍ରୁ କଦାପି ପ୍ରାଣେ ନ ରଖିବି ।
ଧର୍ମ ବିଦ୍ୱେଷୀମାନଙ୍କୁ ରଖେ ଯେଉଁ ନର
ପରିଶେଷେ ସର୍ବନାଶ ହୁଅଇ ତାହାର ।
ପ୍ରଥମରେ ମଦମତ୍ତ ହୋଇଣ ରାଜନ
ଜଗତ ଜନଙ୍କୁ ପୀଡ଼ା ଦ୍ୟନ୍ତ ଅବିଚ୍ଛନ ।
ତାପରେ ଦୁର୍ବଳ ହୁଅନ୍ତି ସେ ଯେତେବେଳେ
ଧାରଣ କରନ୍ତି ସାଧୁ ଭାବକୁ ସେ କାଳେ ।
ଏକଥା ଦେଖିଲେ ମନେ ହୁଅଇ ବିଚାର
ମାୟାର ନୁହଇ କେଡ଼େ ଆଶ୍ଚର୍ଯ୍ୟ ବେଭାର ।
ଖଳପାପ ଚିତ୍ତ ଲୋକମାନେ ଯେତେଦିନ
ଦେହରେ ପ୍ରଚୁର ବଳ ବହିଥାନ୍ତି ଜାଣ ।
ନିଷ୍ଠୁରାଚରଣ ମାନ କରନ୍ତି ସନ୍ତୋଷେ
ପୁଣି ସାଧୁ ବୋଲାଅନ୍ତି ବଳକ୍ଷୟ ଅର୍ଥେ ।
ଏହା ଜାଣି ନିଜର ଯେ ମଙ୍ଗଳ ବାଞ୍ଛିବ
ସେ କେବେଁ ତାହାଙ୍କଠାରେ ବିଶ୍ୱାସ ନ ଯିବ ।
ଶତ୍ରୁ କରିଅଛି ଯେବେ ଦାସତ୍ୱ ସ୍ୱୀକାର
ସୌହାର୍ଯ୍ୟ ଅଟଇ ଯାହା ବାର ବନିତାର ।
ସର୍ପର ସେ ସାଧୁ ଗୁଣ ତହିଁରେ କେବେହେଁ
ବିଶ୍ୱାସ କରିବି ନାହିଁ ଜୀବ ଥିବାଯାଏ ।
ଖଳମାନେ ହସି ହସି ଦାନ୍ତକୁ ଦେଖାଇ
ପ୍ରିୟବାକ୍ୟ କହୁଥାନ୍ତି ସୁ-ହୃଦ ବୋଲାଇ ।
ନିଷ୍ଠୁର ବଚନ ସଦା କୁହେ ଜିହ୍ୱା ଯାର
ଯେବେ ମଧୂର ବଚନ କୁହେ ସେ ମୁଖର ।
କଦାପି ବିଶ୍ୱାସ ଯିବ ନାହିଁ ତାହା ଗୀର
କହିଛନ୍ତି ବିଜ୍ଞଜନ ଏହା ଅଟେ ସାର ।
ଖଳଜନ ଯେବେ ସାଧୁ ପଣ ଆଚରଇ
ଦାସଭାବେ ତାରେ ରଖା ଉଚିତ ନୁହଇଁ ।
ଦୁର୍ଜନ ବିନୟ ହୋଇ କହିଲେ ହେ ଯେତେ
କଦାପି ନ ଯିବ ତାହା କଥାକୁ ପରତେ ।

Digitized by srujanika@gmail.com

ଏଥିର କାରଣ ତୁମ୍ଭେ ନ ଜାଣ କି ଗୁରୁ
ଜାଣିଲେ ହେ କହୁଅଛି ଶୁଣ ମୋହଠାରୁ ।
ଯାହାକୁ ଆଶ୍ରୟ କରିଥିବ ଖଳଜନ
ସମୟରେ ଘେନିବ ସେ ଆପଣା ଜୀବନ ।
ପ୍ରଣତ ଦୁର୍ଜ୍ଜନ ସେହୁ ବା କପଟି ମିତ୍ର
ଦୁଷ୍ଟ ଅଟଇ ଯେ ଭାର୍ଯ୍ୟା ଅବିନିତ ପୁତ୍ର ।
ଏହିଚାରି ବ୍ୟକତିଙ୍କୁ ଯେ ବିଶ୍ୱାସ କରେ
ନିଶ୍ଚୟ ମରଣ ତାର ହୁଅଇ ତହିଁରେ ।
ତେଣୁ କହୁଅଛି ଶୁଣ ଆହେ ଗୁରୁଦେବ
କେବେହେଁ ସେ ଜନଠାରେ ବିଶ୍ୱାସ ନ ଯିବ ।
ଗୋରୁ ପ୍ରାୟ ରୂପଧରି ବ୍ୟାଘ୍ର ଆଚରଣ
କପଟରେ କରୁଥିବେ ଶତ୍ରୁ ଆଚରଣ ।
ତାଙ୍କୁ ରକ୍ଷା କରିବାରେ ନୁହଇଁ ଉଚିତ
ଆପଣ ରଖନ୍ତି କିମ୍ପା ଏହାଙ୍କୁ ଜୀବିତ ।
କହୁଛି ଏହାଙ୍କୁ ରକ୍ଷା ନ କର ହେ ଗୁରୁ
ଏ ଶତ୍ରୁଙ୍କୁ ସଂହାରି ମୁଁ ତୁମ୍ଭ ପ୍ରସାଦରୁ ।
ପୃଥ୍ୱୀ ଭୋଗ କରିବାକୁ ଭାବିଅଛି ମନେ
ଏଥକୁ ଆଦେଶ ମୋତେ ଦିଅ ସୁପ୍ରସନେ ।
ସଗର ମୁଖରୁ ଶୁଣି ଏମନ୍ତ ଭାରତୀ
ଲଭିଲେ ବଶିଷ୍ଠ ମନେ ଅଶେଷ ପୀରତି ।
ଆପଣା କରେ ସଗର ଶରୀର ଆଉଁସି
ତହିଁପରେ ଏ ବଚନ କହିଲେକ ଭାଷି ।
ଅଟ ତୁମ୍ଭେ ସାଧୁ ସାଧୁ ମହାତ୍ମା ସଗର
ଯାହା କହିଅଛ ସତ୍ୟ ଅଟଇ ସେ ଗୀର ।
ତଥାପି କଥାକୁ ମୋର ଶୁଣି ସାବଧାନେ
ପରର ଶାନ୍ତିକୁ ତୁମ୍ଭେ ଲାଭକର ମନେ ।
ବିରୁଦ୍ଧାଚରଣ କରି ତୁମ୍ଭ ପ୍ରତିଜ୍ଞାର
ଜାଣ ମୁଁ ଏହାକୁ କରିଅଛି ହତପର ।
ମୃତ ବ୍ୟକତିଙ୍କି ବଧ କଲେ ଆଉ ଥରେ
କି ପୌରୁଷ ଲାଭ ହେବ ତୁମ୍ଭର ତହିଁରେ ।
ଆବର କଥାଏ ମଧ ଶୁଣ ମହୀପତି
କର୍ମପାଶେ ସବୁ ଜନ୍ତୁ ବନ୍ଧା ହୋଇଛନ୍ତି ।
ତୁମ୍ଭର ଏ ଶତ୍ରୁମାନେ ନିଜର ସ୍ୱାର୍ଜିତ
ପାପକର୍ମେ ହୋଇଛନ୍ତି ପୂର୍ବରୁ ନିହତ ।
ପୁନର୍ପି ଏହାଙ୍କୁ ତୁମ୍ଭେ କିପାଇଁ ବଧିବ
ଏଥିରେ ତୁମ୍ଭର କେଉଁ ଫଳ ଅବା ହେବ ।

ଏ ଦେହ ପାପରୁ ଜାତ ହୋଇଅଛି ଜାଣ
ପାପରେ ନିହତ ହୋଇବ ଯେ ଏହୁ ପୁଣ ।
ଏଥିରେ ଅଭେଦ ଆତ୍ମା କରିଅଛି ବାସ
କୌଣସି କାଳରେ ସେହୁ ନୁହନ୍ତି ବିନାଶ ।
ସକଳ ଶାସ୍ତ୍ରରେ ଏହା ଅଟଇ ସିଦ୍ଧାନ୍ତ
ହେ ନୃପ ମନରେ ଶଙ୍କା ନ କର କିଞ୍ଚିତ ।
ନିଜେ ଅର୍ଜିଥିବା କର୍ମଫଳ ଭୁଞ୍ଜିତବାକୁ
ଜନ୍ତୁଗଣ ଆଶ୍ରା କରିଥାନ୍ତି ଏ ଦେହକୁ ।
ଭୋଗର ଅଟଇ ହେତୁ ମାତ୍ର କର୍ମଫଳ
ଦଇବ ଅଟଇ ସେହି କର୍ମର ଯେ ମୂଳ ।
ତେଣୁ ଦୈବାଧୀନ ଏହି ସମଗ୍ର ଜଗତ
ଦୈବବଳେ ପ୍ରାଣୀମାନେ ହୁନ୍ତି ଗତାଗତ ।
ଦୈବ ଏକା ଶିଷ୍ଟଜନଙ୍କର ପାଳୟିତା
ସେହି ଦୁଷ୍ଟମାନଙ୍କର ଦମନ କରତା ।
ଏ କାରଣୁ ପରତନ୍ତ୍ର ଅଟନ୍ତି ମାନବେ
ସ୍ୱତନ୍ତ୍ରତା ନାହିଁ ତାଙ୍କଠାରେ ଜାଣ ଲବେ ।
ପରତନ୍ତ୍ର ମାନବର କାର୍ଯ୍ୟ କରିବାରେ
କି ଶକ୍ତି ଅଛଇ ତାହା ବିଚାର ମନରେ ।
ଶରୀର ହୋଇଛି ଯେବେ ପାପରୁ ସଂଜାତ
ପୁନର୍ପି ହୋଇଛି ସେହି ପାପରେ ବର୍ଦ୍ଧିତ ।
ପାପ ଯାର ମୂଳ ବୋଲି ଯେବେ ଜାଣୁଅଛ
ତେବେ ଏ ଶରୀର ବଧେ କିପାଁ ପ୍ରବର୍ତ୍ତିଛ ।
ଆତ୍ମା ତ ବିଶୁଦ୍ଧ ତାହାଙ୍କର କ୍ଷୟ ନାହିଁ
ପାପରୁ ଜନ୍ମିଛି ଦେହ ନଶ୍ୱର ଯେ ସେହି ।
ହେ ବାବୁ ନନ୍ଦନ ତୁମ୍ଭେ ମନେ ବହି କ୍ରୋଧ
ପାପ ମୂଳ ଶରୀରକୁ କରିଲେହେଁ ବଧ ।
ତହିଁରେ କିଛିହିଁ କୀର୍ତ୍ତି ନାହିଁଟି ତୁମ୍ଭର
ଏହା ଜାଣି ଏ ଶତ୍ରୁଙ୍କୁ ଜୀବନେ ନ ମାର ।
ଜାଣି ଶୁଣି ଅକାର୍ଯ୍ୟରେ ହୋଇଲେ ଉଦ୍ୟତ
ଶେଷକୁ ତହିଁରୁ ନିନ୍ଦା ମିଳଇ ବହୁତ ।
ଏ ରୂପେ ବଶିଷ୍ଠ ମୁନିଠାରୁ ଉପଦେଶ
ଶୁଣନ୍ତେ ସଗର ମନୁଁ ତ୍ୟାଗକଲେ ରୋଷ ।
ତା ଦେଖି ବଶିଷ୍ଠ ଅତି ସନ୍ତୁଷ୍ଟ ହୋଇଲେ
ସ୍ନେହବଶେ ସଗରଙ୍କ ମୂର୍ଦ୍ଧାକୁ ଚୁମ୍ବିଲେ ।
ଯେଉଁ ଶତ୍ରୁମାନେ ତାଙ୍କ ପାଦରେ ଶରଣ
ପଶିଥିଲେ ସେମାନଙ୍କୁ ବିଦାୟ ଦେଇଣ ।

Digitized by srujanika@gmail.com

ସଦାଚାର ଯୁକ୍ତ ଋଷିଗଣଙ୍କୁ ସଙ୍ଗତେ
ଘେନିକରି ଆନନ୍ଦରେ ଉଠିଲେ ତ୍ୱରିତେ ।
ସଗରଙ୍କୁ ରାଜସିଂହାସନରେ ବସାଇ
ରାଜପଦେ ଅଭିଷେକ କଲେ ପ୍ରୀତହୋଇ ।
କୁଶିକ ବଂଶରେଥିଲେ ବିଦର୍ଭ ରାଜନ
କେଶିନୀ ଅଟଇ ତାହାଙ୍କର କନ୍ୟା ନାମ ।
ଦ୍ୱିତୀୟ କନ୍ୟାର ନାମଖ୍ୟାତ ଯେ ସୁମତି
ସେ ବେନି ଭଗିନୀ ରୂପବତୀ ଗୁଣବତୀ ।
ସଗରଙ୍କ ଆକାଶରେ ସେ ଦୁଇ କନ୍ୟାକୁ
ବଶିଷ୍ଠ ମାଗିଲେ ଯାଇ ବିଦର୍ଭ ରାଜାଙ୍କୁ ।
ରାଜର୍ଷି ବିଦର୍ଭ ନୃପ ବଶିଷ୍ଠଙ୍କ ବୋଲେ
ସଗରଙ୍କୁ ନିଜର ସେ ବେନି କନ୍ୟା ଦେଲେ ।
ଶୁଭଲଗ୍ନେ ବିଭାହୋଇ ସଗର ରାଜନ
କନ୍ୟା ଘେନି କଲେ ନିଜ ପୁରକୁ ଗମନ ।
ବଶିଷ୍ଠଙ୍କ ଉପଦେଶ ପ୍ରକାରେ ସଗର
ରାଜ୍ୟପାଳି ଦୁଃଖ ଛଡ଼ାଇଲେ ପ୍ରଜାଙ୍କର ।
ଏହିପରି କେତେଦିନ ବହିଯାନ୍ତେ ପୁଣି
ସଗର ନୃପତି ହେବା ଔର୍ବ ମୁନି ଶୁଣି ।
ନିଜ ଆଶ୍ରମରୁ ବହିର୍ଗତ ହୋଇଗଲେ
ତାଙ୍କ ନିକଟରେ ଯାଇ ପ୍ରବେଶ ହୋଇଲେ ।
ଔର୍ବଙ୍କୁ ଦେଖିବା ମାତ୍ରେ ସେ ସଗର ରାଜା
ଭକତିରେ ପାଦ୍ୟ ଅର୍ଘ୍ୟ ଦେଇ କଲେ ପୂଜା ।
ତହିଁପରେ ସବୁ କଥା ତାଙ୍କୁ ଜଣାଇଲେ
ବିନୟରେ କହି କେତେ ଦିନ ରଖାଇଲେ ।
ଆନନ୍ଦେ ରହିଲେ ଔର୍ବ ସଗରଙ୍କ ଘରେ
ଶୁଣ ଋଷିଗଣ ଯାହା ହେଲା ତହିଁପରେ ।
ସଗରଙ୍କ ବେନି ଭାର୍ଯ୍ୟା କେଶିନୀ ସୁମତି
ଦିନେ ପ୍ରଭାତରୁ ଉଠି ଯେ ବେନି ଯୁବତୀ ।
ସରଯୂ ନଦୀକୁ ସ୍ନାନ କରିଣ ଅଇଲେ
ଦିବ୍ୟବସ୍ତ୍ର ଅଳଙ୍କାର ପିନ୍ଧି ବାହାରିଲେ ।
ଔର୍ବଙ୍କ ପାଶରେ ମିଳି ଫଳ ଫୁଲ ଧରି
ବିନୟ ହୋଇ ବୋଇଲେ ସଗରଙ୍କ ନାରୀ ।
ବୋଇଲେ ହେ ତପି ଶ୍ରେଷ୍ଠ ବାରେ ଦୟାବହି
ତନୟ ବର ଦିଅନ୍ତୁ ଆମ୍ଭଙ୍କୁ ଗୋସାଇଁ ।
ତାହାଙ୍କ ପ୍ରାର୍ଥନା ଶୁଣି ଔର୍ବ ମହାମୁନି
ଆନନ୍ଦ ମନେ ବୋଇଲେ ଶୁଣ ରାଣୀ ବେନି ।
ତନୟ ନିମନ୍ତେ ତୁମ୍ଭେ ମାଗୁଅଛ ବର
କାମନା ନିଶ୍ଚେ ପୂରଣ କରିବୁ ତୁମ୍ଭର ।
କିନ୍ତୁ ଗୋଟିଏ ବଚନ ଶୁଣ ମନ ଦେଇ
ତାହାପରେ ସୁତ ବର ମାଗିବ ସୁମୁହାଁ ।
ଗୋଟିଏ ରାଣୀର ହେବ ଗୋଟିଏ କୁମର
ଅନ୍ୟ ରାଣୀର ହୋଇବ ଷାଠିଏ ହଜାର ।
ଏ ଦୁଇ କଥାରୁ ଯେଝା ଇଚ୍ଛାମତେ ଘେନ
ବଂଶଧର ସୁତ ଜଣେ ମାତ୍ର ମାଗିଘେନ ।
ଆବର ଷାଠିଏ ସସ୍ର ସୁତ ମାଗୁ ଜଣେ
ସାନନ୍ଦ ମନରେ ବର ଦେବୁ ଏହିକ୍ଷଣେ ।
ଏହା ଶୁଣି କହେ ବୁଦ୍ଧିଜୀବୀ ସେ କେଶିନୀ
ବଂଶଧର ପୁତ୍ର ଏକ ଦିଅ ତପିମଣି ।
ସୁମତୀ ବୋଇଲା ମୋତେ ଷାଠିଏ ହଜାର
ପୁତ୍ର ବର ଦିଅ ତୋଷେ ଆହେ ତପିବର ।
ଏରୂପେ ସେ ବେନିରାଣୀ କରନ୍ତେ ପ୍ରାର୍ଥନା
ତଥାସ୍ତୁ କହିଣ ତାଙ୍କୁ ଋଷି ମହାମନା ।
ବିଦାୟ ଘେନିଣ ନିଜ ଆଶ୍ରମକୁ ଗଲେ
ତାହାପରେ ଯାହା ଦେଲା ଶୁଣନ୍ତୁ ସକଳେ ।
କିଛିଦିନ ବହି ଯାନ୍ତେ ଅସମଞ୍ଜ ନାମେ
କେଶିନୀ ଗର୍ଭରୁ ପୁତ୍ରଜାତ ହେଲା ଭବେ ।
ସୁମତି ଗର୍ଭରୁ ହେଲା ଷାଠିଏ ହଜାର
ତାହାପରେ ଯାହା ହେଲା ଶୁଣ ସୁଚିତ୍ତର ।
ବାଲ୍ୟ ଅବସ୍ଥାରୁ ଅସମଞ୍ଜ ପ୍ରତିଦିନ
ମନ୍ଦ ପ୍ରକୃତିରେ ସେ ହୋଇଲା ନିମଗମ ।
କର୍ମ ଅନୁସାରେ ସେହୁ ନାମକୁ ବହିଲା
ଅସମଞ୍ଜନାମେ ଖ୍ୟାତ ସଂସାରେ ହୋଇଲା ।
ସେହି ଅସମଞ୍ଜ ସଂଗେ ହୋଇବାରୁ ସାଥି
ସଗରଙ୍କ ଅନ୍ୟପୁତ୍ରେ କରିଲେ ଅନୀତି ।
ସନ୍ତାନଙ୍କ ଦୃଷ୍ଟ ବୁଦ୍ଧି ଦେଖିଣ ସଗର
ଭାବିଲା ଆପଣା ମନେ କରିଣ ବିଚାର ।
ଜଗତେ ଦୁର୍ଜନ ସଙ୍ଗ କେବା ନ ଆଚରେ
ସ୍ଥିର କରି ହେଉନାହିଁ ତାହା ମୋ ବୁଦ୍ଧିରେ ।
ଲୌହ ସଙ୍ଗରେ ଅନଳ ହେବାରୁ ସଂଯୋଗ
କର୍ମକାର ହସ୍ତେ ସେହୁ ପାଏ ପରାଭବ ।
ଏହାଜାଣି ଅସାଧୁଙ୍କ ସଙ୍ଗକୁ ଛାଡ଼ିବ
ନ ଛାଡ଼ିଲେ ବିନାଦୋଷେ କଳଙ୍କିତ ହେବ ।

Digitized by srujanika@gmail.com

ସଗର ଏମନ୍ତ ମନେ ଭାବୁଥାନ୍ତି ନିତି
ଏହି ପରକାରେ କେତେକାଳ ଗଲା ବିତି ।
ଅସମଞ୍ଜ ନାମେ ଯେଉଁ ଅଟେ ଜ୍ୟେଷ୍ଠ ସୁତ
ତାହା ରାଣୀ ଗର୍ଭୁ ଏକ ପୁତ୍ର ହେଲା ଜାତ ।
ଅଂଶୁମାନ ବୋଲି ନାମ ଅଟଇ ତାହାର
ରୂପେ ଗୁଣେ ସମନୁହେଁ କେହି ତା ସଙ୍ଗର ।
ପିତାମହଙ୍କର ହିତ ପରାୟଣ ସେହି
ଅତ୍ୟନ୍ତ ସ୍ନେହ କରନ୍ତି ତାକୁ ନରସାଇଁ ।
ଦିନକୁ ଦିନ ଦୁଷ୍ଟାତ୍ମା ସଗର କୁମର
ପ୍ରଜାମାନଙ୍କ ଉପରେ କଲେ ଅତ୍ୟାଚାର ।
ସାଧୁମାନଙ୍କର ଯେତେ ଆଶ୍ରମ ଦେଖନ୍ତି
ଅନଳଲଗାଇ ତାକୁ ଭସ୍ମ କରିଦ୍ୟନ୍ତି ।
ଯଜ୍ଞରେ ଯେଉଁ ଆହୁତି ଦିଅନ୍ତି ବ୍ରାହ୍ମଣେ
ସଗର ନନ୍ଦନ ତାହା ଭକ୍ଷନ୍ତି ତକ୍ଷଣେ ।
ସୁନ୍ଦରୀ ରମଣୀ କିବା ସ୍ୱର୍ଗ ଅପ୍‌ସରାଙ୍କୁ
ବଳାତ୍କାରେ ଟାଣି ଘେନି ଆସନ୍ତି ମର୍ତ୍ତ୍ୟକୁ ।
ଆପଣା କରାୟତରେ ତାହାଙ୍କୁ ରଖିଣ
ସମ୍ଭୋଗ କରନ୍ତି ସେହୁ ତାଙ୍କ ସଙ୍ଗତେଣ ।
ନନ୍ଦନ ବନରେ ଯେତେ ଥିଲା ପାରିଜାତ
ବଳାତ୍କାରେ ତୋଳି ଘେନି ଆଣଲେ ସମସ୍ତ ।
ସାଧୁଜନମାନଙ୍କର ଚିତ୍ତକୁ ହରଣ
କରନ୍ତି ବଳାତ୍କାରରେ ସେହି ଦୁଷ୍ଟଗଣ ।
ପରିଶେଷେ ରାଜପଦ ନେବାକୁ ଛଡ଼ାଇ
ବାହାରିଲେ ପିତା ସଂଗେ କରିବେ ଲଢ଼ାଇ ।
ଏହା ନିରୀକ୍ଷଣ କରି ସ୍ୱର୍ଗେ ଦେବଗଣ
ମନ ମଧ୍ୟରେ ଅତ୍ୟନ୍ତ ଦୁଃଖିତ ହୋଇଣ ।
ଦୁରାତ୍ମା ସଗର ପୁତ୍ରେ ଯେହ୍ନେ ହେବେ ନାଶ
ବିଚାର କରିଲେ ସଭାକରି ଅମରେଶ ।
କୌଣସି ଉପାୟ ସେହୁ ଦେଖି ନ ପାରିଲେ
ପରିଶେଷରେ ଏକଇ କଥା ବିଚାରିଲେ ।
କପିଳ ମହର୍ଷି ସ୍ୱୟଂ ବିଷ୍ଣୁ ଅବତାର
ତପ କରୁଛନ୍ତି ବସି ସେ ପାତାଳପୁର ।
ତାହାଙ୍କୁ ଯଦ୍ୟପି ସର୍ବେ ପ୍ରାର୍ଥନା କରିବା
ସେ ତୋଷ ହୋଇଲେ ଦୁଃଖ ନିବାରିବେ ଅବା ।
ଏତେ ବିଚାରିଣ ସର୍ବ ଅମରାଧି ଗଣ
କପିଳ ମୁନିଙ୍କ ପାଶେ ମିଳିଲେ ଯାଇଣ ।

ଯୋଗାସନେ ରତ ଥିଲେ ମହର୍ଷି ପ୍ରବର
କରଯୋଡ଼ି ସ୍ତବ କଲେ ଅମରେ ସେଠାର ।
ବୋଇଲେ ହେ ଦେବଦେବ ତପିଙ୍କର ଶ୍ରେଷ୍ଠ
ତପବଳେ ତିନିପୁର ମଧ୍ୟରେ ଗରିଷ୍ଠ ।
ନର ରୂପେ ଅବତାର ସ୍ୱୟଂ ନାରାୟଣ
ଆମ୍ଭମାନଙ୍କର ଦୁଃଖ କରନ୍ତୁ ହରଣ ।
ସଂସାର ବନର ଦାବାନଳ ଅଟ ତୁମ୍ଭେ
ନମସ୍କାର କରୁଅଛୁଁ ତବପାଦେ ଆମ୍ଭେ ।
ତୁମ୍ଭେ ଲୋକମାନଙ୍କର ଅନୁଗ୍ରହ କର୍ତ୍ତା
ସାଧୁଜନମାନଙ୍କର ମଙ୍ଗଳ ବିଧାତା ।
ନିଷ୍କାମ ପୁରୁଷ ଆହେ ପରମ ଈଶ୍ୱର
ତବ ଶ୍ରୀଚରଣେ କରୁଅଛୁଁ ନମସ୍କାର ।
ଭୋ ନାଥ ସୁପ୍ରୀତି ମନ ହୋଇ ଆମ୍ଭପ୍ରତି
ବାରେ ନିବାରଣ କର ଆମ୍ଭର ଦୁର୍ଗତି ।
ସଗର ସନ୍ତାନ ଗଣଙ୍କର ଉତ୍ପୀଡ଼ନେ
ଥୟ ନ ହୋଇଲୁ ଆମ୍ଭେ ଅମର ଭୁବନେ ।
ଯେ ଯାହାର କର୍ତ୍ତବ୍ୟକୁ କରି ନ ପାରିଣ
ତବ ନିକଟରେ ଆସି ପଶିଲୁ ଶରଣ ।
ଏହିପରି ସ୍ତବ କରି ସର୍ବ ଦେବଗଣ
କପିଳ ଋଷିଙ୍କ ମନ କରିଲେ ହରଣ ।
ତତକ୍ଷଣେ ଯୋଗଧ୍ୟାନ ଛାଡ଼ିଣ ଉଠିଲେ
ପାଦ ଅର୍ଘ୍ୟ ଦେଇ ସେମାନଙ୍କୁ ପୂଜାକଲେ ।
ଆସନେ ବସାଇ ଦେବଙ୍କୁ ସେ ମହାଋଷି
ବୋଇଲେ ସକଳେ ଯହିଁପାଇଁ ଅଛ ଆସି ।
ବଡ଼ ଆଶ୍ଚର୍ଯ୍ୟର କଥା ତାହାତ ନୁହଁଇ
କିମ୍ପା ମନେ ଭୟ ପାଉଅଛ ଏଥିପାଇଁ ।
ସମ୍ପଦ ଆୟୁଷ ଯଶ ବଳର ସହିତ
ଯେ ହୋଇବ ଅଳ୍ପ ଦିନ ମଧ୍ୟେ କ୍ଷୟପ୍ରାପ୍ତ ।
ସେମାନେ ଲୋକଙ୍କୁ ପୀଡ଼ା ଦିଅନ୍ତି ଗର୍ବରେ
ସେ ପାପ କର୍ମର ଫଳ ଫଳଇ ଅଚିରେ ।
ଯେ ନିରପରାଧି ବ୍ୟକତିଙ୍କୁ ପୀଡ଼ା ଦିଏ
ସେ ଦୁଷ୍ଟାତ୍ମା ମହାପାପୀ ମଧ୍ୟେ ଗଣା ହୁଏ ।
କାୟ ମନ ବଚନରେ ଯେବଣ ଦୁର୍ମତି
ସକଳ ଜନଙ୍କୁ ପୀଡ଼ା ଦେଉଥାଏ ନିତି ।
ଦଇବ ତାହାକୁ ନାଶ କରଇ ଅଚିରେ
ଏଥକୁ ସନ୍ଦେହ ତୁମ୍ଭେ ନ କର ମନରେ ।

Digitized by srujanika@gmail.com

ସଗର ସନ୍ତାନ ଗଣ ପାପ କର୍ମ ଫଳେ
ଦେଖିବ ବିନାଶ ପ୍ରାପ୍ତ ହେବେ ଅଳ୍ପକାଳେ ।
ଏଣୁ ମୁଁ କହୁଛି ଦୁଃଖ ପରିତ୍ୟାଗ କରି
ସ୍ୱର୍ଗ ଭୁବନକୁ ଯାଅ ଏଠାବରୁ ଫେରି ।
ଯେ ଯାହାର କାର୍ଯ୍ୟ ସେହୁକରେ ନିଶ୍ଚିନ୍ତରେ
ସଗର ସନ୍ତାନଗଣ ମରିବେ ଅଚିରେ ।
କପିଳ ମୁଖରୁ ଏହା ଶୁଣି ଦେବଗଣ
ଯଥା ବିଧାନରେ ତାଙ୍କୁ ପ୍ରଣାମ କରିଣ ।
ପ୍ରବେଶ ହୋଇଲେ ସ୍ୱର୍ଗ ଭୁବନକୁ ଯାଇ
ତାହାପରେ ଯାହା ହେଲା ଶୁଣ ମନଦେଇ ।
ଏହି ଅବସରେ ତେଣେ ସଗର ରାଜନ
ଅଶ୍ୱମେଧ ଯଜ୍ଞ ଏକ କଲେ ଆୟୋଜନ ।
ଯଜ୍ଞ ଆରମ୍ଭରେ ଏକ ଅଶ୍ୱ ସେ ଅଣାଇ
ତା ଗଳାରେ ବୀରପତ୍ର ବାନ୍ଧିଲେକ ନେଇ ।
ସାରାପୃଥ୍ୱୀ ଯାକ ବୁଲି ଆସିବା ସକାଶେ
ସେ ଅଶ୍ୱକୁ ଛାଡ଼ିଦେଲେ ଦ୍ୱିଜଙ୍କ ଆଦେଶେ ।
ସଗର ସନ୍ତାନ ଗଣ ଷାଠିଏ ହଜାର
ରକ୍ଷା କରିବାକୁ ଗଲେ ପଶ୍ଚାତେ ତାହାର ।
ନାନାଦି ଆୟୁଧମାନ ଧରି ବୀରଗଣ
ପିତାଙ୍କ ଆଦେଶେ ଚଳିଗଲେ ତତକ୍ଷଣ ।
ଇନ୍ଦ୍ର ଜାଣିପାରି ତାହା କପଟ ବେଶରେ
ହରିନେଲେ ସେହି ଅଶ୍ୱ ଆସିଣ ସତ୍ୱରେ ।
ପାତାଳ ତଳକୁ ନେଇ କପିଳ ଆଶ୍ରମେ
ସେ ଅଶ୍ୱକୁ ଛାଡ଼ିଦେଇ ଗଲେ ନିଜଗ୍ରାମେ ।
ସେ ଅଶ୍ୱକୁ ଇନ୍ଦ୍ର ଅପହୃତ କରିବାର
ନ ଜାଣି ପାରିଣ ସେହି ସଗର କୁମର ।
କିଏ ସେ ଆମ୍ଭ ଘୋଡ଼ାକୁ ନେଇଅଛି ବୋଲି
ସ୍ୱରଗ ମରତ ଆଦି ଖୋଜିଲେକ ବୁଲି ।
କୌଣସି ଠାବରେ ଅଶ୍ୱ ସନ୍ଧାନ ନ ପାଇ
ମନ ମଧ୍ୟରେ ବିଚାର କଲେ ସର୍ବ ଭାଇ ।
ଆମ୍ଭେ ତ ସକଳ ପୁର ବୁଲିଣ ଖୋଜିଲେ
କୌଣସିଠାରେ ଅଶ୍ୱର ଚିହ୍ନ ନ ଦେଖିଲେ ।
କେବଳ ପାତାଳ ପୁର ବାକି ରହିଅଛି
ଅନୁମାନ ହୁଏ କେହୁ ସେଠାକୁ ନେଇଛି ।
ଚାଲ ସକଳେ ମିଳିଣ ପାତାଳକୁ ଯିବା
ଯେ ନେଇଥିବ ଘୋଡ଼ାକୁ ଉଦ୍ଧାରି ଆଣିବା ।

ଏହା କହି ଜଣକରେ ଯୋଜନେ ବିସ୍ତାରି
ଖୋଳିଲେ ସୁଡ଼ଙ୍ଗ କାଙ୍କ କୋଦାଳାଦିଧରି ।
ଏହି ପ୍ରକାରେ ଖୋଳନ୍ତେ ସଗର ନନ୍ଦନ
ବିରାଟ ସାଗର ଏକ ହୋଇଲା ନିର୍ମାଣ ।
ସେହି ପଥଦେଇ ଯେଉଁ ରନ୍ଧ୍ର ଫିଟାଇଲେ
ସକଳେ ସେ ବାଟ ଦେଇ ପାତାଳେ ପଶିଲେ ।
ଚଉଦିଗେ ବୁଲି କଲେ ଅଶ୍ୱ ଅନ୍ୱେଷଣ
ନ ପାଇଲେ କେଉଁଠାରେ ତଥାପି ସନ୍ଧାନ ।
ଶେଷେ କପିଳ ମୁନିଙ୍କ ଆଶ୍ରମକୁ ଗଲେ
ସେହିଠାରେ ଅଶ୍ୱ ବନ୍ଧା ହୋଇଛି ଦେଖିଲେ ।
ଶରୀରରେ କୋଟି ସୂର୍ଯ୍ୟ ତେଜକୁ ବିକଶି
ଧ୍ୟାନ କରୁଣ ଅଛନ୍ତି କପିଳ ମହର୍ଷି ।
ଅଶ୍ୱ ବନ୍ଧା ହୋଇଅଛି ତାହାଙ୍କ ପଛରେ
ଦେଖି ଅତି କୋପ କଲେ ସଗର କୁମରେ ।
ଏହି ଚୋର ଆମ୍ଭ ଅଶ୍ୱ ଆସିଅଛି ନେଇ
ଚାଲ ଏହାକୁ ରଜ୍ଜୁରେ ବାନ୍ଧିନେବା ଭାଇ ।
ଏହିପରି ପରସ୍ପରେ କୁହାକୁହି ହେଲେ
କପିଳ ମୁନିଙ୍କ ପରେ ଅତ୍ୟାଚାର କଲେ ।
କେହୁବୋଲେ ଏହାଯୋଗେ ଲଭିଲେ କଷଣ
ପରାଣେ ନାଶିବା ଆମ୍ଭେମାନେ ଯାଉପ୍ରାଣ ।
ଚୋରି କରି ସାଧୁପଣ ଦେଖାଇ ଦୁର୍ଜନ
ବକ ପରି ତପକରେ କରି ମିଛେ ଧ୍ୟାନ ।
ବୃଥାରେ ଲୋକମାନଙ୍କୁ ଭଣ୍ଡିବାକୁ ଏହି
ସାଧୁ ବେଶେ ଆଡ଼ମ୍ବର ଦେଖାଉ ଅଛଇ ।
ଏହାପରି ବହୁଠକ ଜଗତେ ଅଛନ୍ତି
ଆମ୍ଭମାନଙ୍କ ନିକଟୁ ନ ଯିବ ଏ ବର୍ତ୍ତି ।
ଏହି ପରକାରେ ସର୍ବେ କୁହାକୁହି ହେଲେ
କପିଳ ମୁନିଙ୍କ ତେଜ ନ ଜାଣି ଶୟଳେ ।
ନିକଟ ହେବାରୁ ମୃତ୍ୟୁ ଦୁଷ୍ଟମାନଙ୍କର
ମୁନିଙ୍କ ଅଙ୍ଗରେ କେହୁ କରିଲେ ପ୍ରହାର ।
କେହି କେହି ମଧ୍ୟ ବାହୁ ଆକର୍ଷଣ କଲେ
ଆବର ଥୋକାଏ ଜଟାଧରି ଓଟାରିଲେ ।
ଏହି ପ୍ରକାରେ କରନ୍ତେ ଘୋର ଅତ୍ୟାଚାର
ଭାଙ୍ଗିଗଲା ଯୋଗ ନିଦ୍ରା ମହାଋଷିଙ୍କର ।
ତାହାଙ୍କ ପ୍ରହାର ଯୋଗେ ଭାଙ୍ଗନ୍ତେ ସମାଧି
ଉଠିଣ କପିଳ ମୁନି ହେଲେ ମହାକ୍ରୋଧି ।

Digitized by srujanika@gmail.com

ସେ ସଗର ପୁତ୍ରଙ୍କର ଦୁଷ୍ଟ ଆଚରଣ
ନେତ୍ରେ ଦେଖି ଋଷିଚକ୍ଷୁ କଲେ ରକ୍ତ ବର୍ଣ୍ଣ ।
ସାରା ସର୍ବାଙ୍ଗ ତାଙ୍କର କ୍ରୋଧରେ ଥରିଲା ।
କପାଳରୁ ବ୍ରହ୍ମ ଅଗ୍ନି ନିର୍ଗତ ହୋଇଲା ।
ଯେ ବେଳେ ବ୍ରହ୍ମ ଅନଳ ହୋଇଲା ବାହାର
ବୋଇଲେ କପିଳ ଶାପ ଦେଇଣ ସତ୍ୱର ।
ରେ ଅନଳ ଏମାନଙ୍କୁ ନ ମାରି ପରାଣେ
ଦଗ୍ଧ କରୁଥାଅ ଦଣ୍ଡ ପାନ୍ତୁ ଦୁଷ୍ଟ ଗଣେ ।
ଏମନ୍ତେ ଅଦେଶ ଯହୁଁ ଦେଲେ ଋଷିବର
ଧାଇଁଲା ଅନଳ ସେହି ଦୁଷ୍ଟଙ୍କ ପଛର ।
ସକଳେ ପୋଡ଼ିଣ ତହିଁ ଛଟପଟ ହେଲେ
ଉଦ୍ଧାର ହୋଇବା ପାଇଁ ବାଟ ନ ପାଇଲେ ।
ବେଳୁଁ ବେଳ ସେ ଅନଳ ହୋଇଣ ପ୍ରବଳ
ବ୍ୟାପିଲା ସାରା ପାତାଳ ଭୁବନେ ତତ୍କାଳ ।
ଏହା ଦେଖି ଜୀବଗଣ ଅତି ବିକଳରେ
ପଳାଇ ପ୍ରାଣ ରଖିଲେ ବୁଡ଼ିଣ ସାଗରେ ।
ସାଧୁଗଣଙ୍କର କୋପ ଅଟଇ ଏପରି
ସହଜେ କେହି ନ ପାରେ ତାଙ୍କୁ ଶାନ୍ତ କରି ।
ସଗର ନନ୍ଦନଗଣ ଋଷିଙ୍କ ଶାପ୍ୟରେ
ପୋଡ଼ି ଭସ୍ମ ହେଉଥାନ୍ତି ସେ ପାତାଳପୁରେ ।
ଦେବର୍ଷି ନାରଦ ଏହା ଦେଖି ସ୍ୱଚକ୍ଷୁରେ
ଜଣାଇଲେ ମର୍ତ୍ତ୍ୟପୁରେ ଯାଇ ଧାତିକାରେ
ପୁତ୍ରମାନେ ଯେଉଁପରି ଦଗ୍ଧ ହେଉଥିଲେ
ସଗର ରାଜାଙ୍କ ଆଗେ ସମସ୍ତ କହିଲେ ।
ପୁତ୍ରଙ୍କ ଦୁର୍ଦ୍ଦଶାମାନ ଶୁଣିଣ ସଗର
କିଛି ନ କହି ମଉନ ହୋଇଲେ ମନର ।
ଆବର ସନ୍ତୋଷ ହୋଇ ପାଞ୍ଚିଲେ ରାଜନ
ଦୁଷ୍ଟଙ୍କୁ ଉଚିତ ଦଣ୍ଡ ଦେଲେ ଭଗବାନ ।
ଜାଣି ଶୁଣି ସଂହାରି ଏ ଦୁରାତ୍ମାମାନଙ୍କୁ
ଉଶ୍ୱାସ କରିଲେ ପ୍ରଭୁ ଅବନୀ ଭାରାକୁ ।
ଅଧର୍ମାଚାରୀମାନଙ୍କୁ ଉଚିତ ବିଧାନ
ନ ହୋଇଲେ ସର୍ବନାଶ କରିବେ ସାଧନ ।
ଧର୍ମ ଆଚରଣେ ଯେହୁ ବିମୁଖ ହୁଅଇ
ଶତ୍ରୁଙ୍କ ମଧ୍ୟରେ ପିତା ତାହାଙ୍କୁ ଗଣଇ ।
ସକଳ ଶାସ୍ତ୍ରମାନଙ୍କେ ଲେଖା ହୋଇ ଅଛି
ଏଥକୁ ଶୋଚନା କରା ନୁହଁଇ ଯେ କିଛି ।

ଏମନ୍ତେ ମନେ ବିଚାରି ସଗର ରାଜନ
ପୁତ୍ରଙ୍କ ନିମନ୍ତେ ଦୁଃଖ ନ କରିଲେ ମନ ।
କୌଣସି ପ୍ରକାରେ ମନେ ସନ୍ତାପ ନ କରି
ରହିଲେ ଆପଣ ବିଚାରକୁ ଦୃଢ଼କରି ।
ଦୁରାତ୍ମା ନିଧନ ହେଲେ ସାଧୁମାନଙ୍କର
ମନରେ ଆନନ୍ଦ ଜାତ ହୁଅଇ ଅପାର ।
ତେଣୁ ସେ ସଗର ରାଜା ପୁତ୍ରଙ୍କ ନିଧନେ
ଅଣୁ ପରମାଣେ ଶୋକ ନ କରିଲେ ମନେ ।
ଏହାପରେ ମନମଧ୍ୟେ ପାଞ୍ଚିଲେ ରାଜନ
କେଉଁପରି ଯଜ୍ଞ ମୋର ହେବ ସମାପନ ।
ଅପୁତ୍ର ଜନର ଯଜ୍ଞେ ଅଧିକାର ନାହିଁ
କେମନ୍ତେ ଏ ଯଜ୍ଞ ଶେଷ କରାଇବି ମୁହିଁ ।
ଏତେ ପାଞ୍ଚି ଜ୍ୟେଷ୍ଠ ପୁତ୍ର ଅସମଞ୍ଜଙ୍କର
ଅଂଶୁମାନ ନାମେ ଥିଲା ଏକଇ କୁମର ।
ତାଙ୍କୁ ଅତ୍ୟନ୍ତ ସ୍ନେହରେ ରାଜନ ପାଳିଲେ
ସମୟରେ ଅଶ୍ୱ ଆଣିବାକୁ ଆଜ୍ଞା ଦେଲେ ।
ପୁତ୍ର ପରାୟ ନାତିକୁ ସେହୁ ତିଆରିଣ
ଅଶ୍ୱ ଆନୟନ କାର୍ଯ୍ୟେ କରିଲେ ପ୍ରେରଣ ।
ଆନନ୍ଦରେ ଅଂଶୁମାନ ନମିଣ ପୟରେ
ମାର୍ଗ ଅନୁସରି ସେହୁ ବାହାରିଲେ ଖରେ ।
ତାଙ୍କ ପିତୃ କରିଥିଲେ ସେ ପଥ ତିଆର
ସେ ମାର୍ଗେ ଗମନ କଲେ ଅଂଶୁମାନ ବୀର ।
ପାତାଳ ଭୁବନେ ଯାଇ ପ୍ରବେଶ ହୋଇଲେ
କପିଳ ଋଷି ଆଶ୍ରମେ ଖୋଜିଣ ମିଳିଲେ ।
ଶରୀରେ ଅପାର ତେଜ କରିଣ ଧାରଣ
କପିଳ ମୁନି ବସିଣ ଥିଲେକ ଉଦ୍ୟାନ ।
ତାଙ୍କୁ ଦେଖି ଅଂଶୁମାନ ଅତି ବିନୟରେ
ପୂଜାକଲେ ପାଦେ ଅର୍ଘ୍ୟଦେଇ ଭକତିରେ ।
ଆବର ଭକତି ଭାବେ କରି ପ୍ରଣିପାତ
ଜଣାଇଲେ କୃତାଞ୍ଜଳି ପୁଟେହୋଇ ନତ ।
ଅତ୍ୟନ୍ତ ବିନୟ ଭାବେ କହିଲେ ବୁଝାଇ
ସମଦର୍ଶୀ ଅଟ ଆହେ ମହାତ୍ମା ଗୋସାଇଁ ।
ମୋହର ପିତୃବ୍ୟଗଣ ମୂର୍ଖ ସ୍ୱଭାବରେ
ଅପରାଧ କରିଛନ୍ତି ତବ ଶ୍ରୀପୟରେ ।
ତାହାଙ୍କ ଦୋଷକୁ ପ୍ରଭୁ କରିଣ ମାର୍ଜନ
ମୁକତ କରନ୍ତୁ ପାଦେ କରେ ନିବେଦନ ।

Digitized by srujanika@gmail.com

ହୀନ ହେଲେହେଁ ଚଣ୍ଡାଳ ଜାଣି ଶଶଧର
କିରଣ ଦେବାକୁ କୁଣ୍ଠା ନ ହୋନ୍ତି ମନର ।
ସେହିପରି ସାଧୁଗଣ ଦୁର୍ଜନଙ୍କ ପ୍ରତି
ନିରପେକ୍ଷ ଭାବେ ଦୟା ପ୍ରକାଶ କରନ୍ତି ।
ତଥାପି ଅମରଗଣ ଚନ୍ଦ୍ରଙ୍କୁ ଅର୍ଚ୍ଚନ
କରନ୍ତି ଆନନ୍ଦ ମନେ ଆହେ ତପୋଧନ ।
ଦୁର୍ଜ୍ଜନସାଧୁଙ୍କ ପ୍ରତି କଲେ ଅତ୍ୟାଚାର
ସାଧୁଏ କରନ୍ତି ଉପକାର ତାହାଙ୍କର ।
ଚନ୍ଦନ କାଷ୍ଠକୁ ମଧ କଲେ ଛିନ୍ନଭିନ୍ନ
ସୁଗନ୍ଧ ତାହାର ବୃଦ୍ଧି ହୁଅଇଟି ଜାଣ ।
ସାଧୁମାନଙ୍କ ସ୍ୱଭାବ ତେମନ୍ତ ଅଟଇ
ପରର ଅନିଷ୍ଟ କେଭେଁ ନ କରନ୍ତି ସେହି ।
ସେମାନଙ୍କ ପ୍ରଭାବରେ ତପିଙ୍କ ଶେଖର
ଦମନ କରନ୍ତି ଦୁଷ୍ଟ ଲୋକଙ୍କୁ ମହୀର ।
ସେ ନିମନ୍ତେ ଅବତୀର୍ଣ୍ଣ ହୋଇଛନ୍ତି ସେହି
ପୁରୁଷଉତ୍ତମ ବୋଲି ତାହାଙ୍କୁଟି କହି ।
ହେ ବ୍ରହ୍ମଣ୍ୟ ସାକ୍ଷାତରେ ବ୍ରହ୍ମ ଯେ ଆପଣ
ରଖିଅଛ ସଦା ତୁମ୍ଭେ ପୂର୍ଣ୍ଣ ବ୍ରହ୍ମେ ଧ୍ୟାନ ।
ଆପଣଙ୍କ ପାଦପଦ୍ମ ତଳେ ରଖି ଚିତ୍ତ
ବାରମ୍ବାର ପ୍ରଣିପାତ କରେ ଯୋଡ଼ିହସ୍ତ ।
ଏରୂପେ ସ୍ତବ କରନ୍ତେ ବୀର ଅଂଶୁମାନ
କପିଳ ମୁନି ସନ୍ତୋଷ ହୋଇଲେକ ମନ ।
ଅତି ସାଦରେ ବୋଇଲେ ଅଂଶୁମାନେ ଚାହିଁ
ଭୋ ବତ୍ସ ତୁମ୍ଭ ପ୍ରତି ମୋ ମମତା ଜାଗଇ ।
କୁହ କୁହ କିସ ବରେ ଅଟେ ତବ ବାଞ୍ଛା
ନିଶ୍ଚେ ପୂରଣ କରିବି ମୁହିଁ ମନୋବାଞ୍ଛା ।
ଏହି ପରାୟ କହନ୍ତେ କପିଳ ମହର୍ଷି
ଅଂଶୁମାନ ମନ ମଧ୍ୟେ ହୋଇ ଅତି ଖୁସି ।
ବୋଇଲା ଭୋ ମୁନି ମୋର ଏହି ନିବେଦନ
ଦଗ୍ଧ ପିତୃବ୍ୟ ଗଣେ କରନ୍ତୁ ମୋଚନ ।
ତା ଶୁଣି କ୍ଷଣକ ମୁକ ହୋଇ ମୁନିବର
ବୋଇଲେ ମାଗିଲ ବତ୍ସ ତୁମ୍ଭେ ଯେଉଁବର ।
ନିଶ୍ଚୟ ପୂରଣ ହେବ କାମନା ତୁମ୍ଭର
ମନଦେଇ ଶୁଣ ବାରେ ମୋ କହିବା ଗୀର ।
ତୁମର ନାତି ଯେ କାଳେ ଜନମ ହୋଇବ
ସେତିକି ବେଳେ ସେ ବଂଶ ଉଦ୍ଧାର କରିବ ।
ବିଷ୍ଣୁଙ୍କ ନଖ କୋଣରୁ ଆଣିଣ ଗଙ୍ଗାଙ୍କୁ
ଉଦ୍ଧାର କରିବ ତବ ବଂଶଜମାନଙ୍କୁ ।
ଗଙ୍ଗାସ୍ରୋତରେ ଯେବେଳେ ଭାସିଯିବେ ସେହି
ପରମ ପଦ ଲଭିବେ ଶୁଣ ମନଦେଇ ।
ସେହି ପରିଯନ୍ତେ ଅର୍ଦ୍ଧ ଦଗ୍ଧ କଳେବର
ଦହି ହେଉଥିବ ବତ୍ସ ନ ହୋଇ ଉଦ୍ଧାର ।
ଏହିକ୍ଷଣି ଯଜ୍ଞ ଅଶ୍ୱ ତୁମ୍ଭେ ନେଇ ଯାଅ
ପିତାମହଙ୍କର ଯଜ୍ଞ ସମ୍ପୂର୍ଣ୍ଣ କରାଅ ।
ଆଉ ଏକ ବର ବତ୍ସ ତୁମ୍ଭଙ୍କୁ ଦେଉଛି
ଦିବାରାତ୍ରି ତୁମ୍ଭେ ମନ ଧର୍ମେ ଥିବ ରଖି ।
ମୁଁ ବର ଦେଉଛି ଏହା ଅନ୍ୟଥା ନୋହିବ
ସବୁ କାରଣୁ ତୁମ୍ଭର ମଙ୍ଗଳ ହୋଇବ ।
ଯାଅ ଯାଅ ଯଜ୍ଞହୟ ନେଇଣ ବହନ
ଚାହିଁଥିବେ ପିତାମହ ହୋଇଣ ଉଦ୍‌ବିଗ୍ନ ।
ଏହି ପରକାରେ କପିଳଙ୍କ ଆଜ୍ଞା ଶୁଣି
ବନ୍ଦିଲେ ତାହାଙ୍କୁ ଅଂଶୁମାନ ଯୋଡ଼ିପାଣି ।
ଅଶ୍ୱ ଘେନି ପାତାଳରୁ ଆସି ଅତିବେଗେ
ପ୍ରବେଶ ହୋଇଲେ ଆସି ସଗରଙ୍କ ଆଗେ ।
ଯେତେକ ବୃତ୍ତାନ୍ତ ଘଟିଥିଲା ପାତାଳରେ
ତା ସବୁ କହିଲେ ପିତାମହଙ୍କ ଆଗରେ ।
ତଦନ୍ତେ ଘୋଟକ ସମର୍ପିଲେ ଅଂଶୁମାନ
ଯଥା ବିଧାନରେ ଯଜ୍ଞ ହେଲା ସମାପନ ।
ଯଜ୍ଞ ସମାପନ କରି ନୃପତି ସଗର
ରାଜପଦ ସମର୍ପିଲେ ଅଂଶୁମାନ ପର ।
କେତେଦିନ ଆଶୁମାନଙ୍କର ଏକପୁତ୍ର
ଜନମିଲା ତାହା ନାମ ଦିଲିପ ବିଖ୍ୟାତ ।
ତାହାଙ୍କ ନନ୍ଦନ ଭଗୀରଥ ବୋଲାଇଲେ
ସେ ଏକା ଗଙ୍ଗାକୁ ମର୍ତ୍ତ୍ୟପୁରକୁ ଆଣିଲେ ।
ସଗର ସନ୍ତାନଗଣ ଷାଠିଏ ହଜାର
ଗଙ୍ଗାଜଳ ସ୍ପର୍ଶ ମାତ୍ରେ ହୋଇଲେ ଉଦ୍ଧାର ।
ଭଗୀରଥଙ୍କର ଏକ ପୁତ୍ର ହେଲା ଜାତ
ସୁଦାସ ତାହାର ନାମ ହୋଇଲା ବିଖ୍ୟାତ ।
ତାହାଙ୍କ ପୁତ୍ର ସୌଦାସ ରାଜା ବୋଲାଇଲା
ତିନି ଲୋକେ ସେହୁ ମହାବଳବାନ୍ ହେଲା ।
ମିତ୍ରମଇ ନାମେ ହେଲା ତାହାଙ୍କର ସୁତ
ପୃଥିବୀରେ ବୋଲାଇଲା ସେହୁ ନରନାଥ ।

Digitized by srujanika@gmail.com

ବଶିଷ୍ଠ ଶାପରେ ସେହି ସୌଦାସ ନୃପତି
ରାକ୍ଷସ ଦେହକୁ ବହି ଲଭିଲେ ଦୁର୍ଗତି ।
କେତେ ଦିନ ଅନ୍ତେ ଗଙ୍ଗାଜଳ ବିନ୍ଦୁମାତ୍ର
ପଡ଼ିବାରୁ ସେହି ରାଜା ହୋଇଲା ମୁକତ ।
ରାକ୍ଷସ ଦେହକୁ ଛାଡ଼ି ସେ ନିଜ ଶରୀର
ଲାଭ କରିଥିଲେ ହୋଇ ଶାପରୁ ଉଦ୍ଧାର ।
ଯେବେ ମୁକତ ହେବାକୁ ପାଞ୍ଚୁଥାଅ ମନ
ଗଙ୍ଗାଙ୍କ ନାମକୁ ସଦା କରନ୍ତୁ ଭଜନ ।
ସେ ନାମ ସ୍ମରଣ କଲେ ମିଳେ ମୋକ୍ଷପଦ
ଆବର ଖଣ୍ଡନ ହୁଏ ସକଳ ବିପଦ ।
ସେହି ଗଙ୍ଗାଙ୍କର ଆଶ୍ରୟରେ କ୍ଷେତ୍ର ଛାର
ବୋଲଇ ପବିତ୍ର ହେଉ ମୋର କଳେବର ।

ଇତି ଶ୍ରୀ ବୃହତ୍ ନାରଦ ପୁରାଣେ ସଗର
ରାଜା ବୃତ୍ତାନ୍ତ କଥନେ ନାମ
ଅଷ୍ଟମୋଽଧ୍ୟାୟଃ ।

---o---

# ନବମ ଅଧ୍ୟାୟ

## ସୌଦାସ ବିଷୟ ବର୍ଣ୍ଣନ

ଏଥୁ ଅନ୍ତେ ଆନାଗାଥା ଶୁଣ ମନଦେଇ
ଆବର କଥାଏ କୁହ ହେ ସୁତ ଗୋସାଇଁ ।
ସୌଦାସଙ୍କୁ କାହିଁ ପାଇଁ ବଶିଷ୍ଠ ମହର୍ଷି
ଅଭିଶାପ ଦେଲେ ବୁଝାଇଣ କୁହ ଋଷି ।
ଦାନବ ଶରୀର ଧରି ସେହି ବୁଲୁଥିଲେ
କିଏ ଗଙ୍ଗାଜଳଦେଇ ମୁକତ କରିଲେ ।
ଆଦ୍ୟଠାରୁ ପ୍ରାନ୍ତ ଯାଏ ଗୋଟି ଗୋଟି କରି
ହେ ତାପସ ଆମ୍ଭ ଆଗେ କୁହନ୍ତୁ ବିସ୍ତାରି ।
ଶୁଣିଲେ ମନୁ ସଂଶୟ ମାନ ତୁଟିଯିବ
ଆବର ଅଙ୍ଗରୁ ସବୁ କଲ୍ମଷ ହଟିବ ।
ଆମ୍ଭେ ଶୁଣିଅଛୁ ଗଙ୍ଗା ଦେବୀଙ୍କ ମହାତ୍ମ୍ୟ
କର୍ଣ୍ଣରେ ଶ୍ରବଣ କରେ ଯେଉଁ ମହାତମା ।
ଅଥବା ଦିବସ ନିଶି କୀର୍ତ୍ତନ କରଇ
ତାହାର ଶରୀର ମାନ ପୂତ ଯେ ହୁଅଇ ।
ଶୁଣି ବୋଇଲେକ ସୁତ ଆହେ ତପୋଧନ
ଯାହା ପୁଚ୍ଛାକଲେ ତାହା କରିବା ବୟାନ ।
ଧର୍ମ ପରାୟଣ ସଉଦାସ ନରପତି
ସକଳ ବିଦ୍ୟାରେସେହୁ ପଣ୍ଡିତ ଅଟନ୍ତି ।
ପ୍ରଜାମାନଙ୍କୁ ସନ୍ତାନ ପ୍ରାୟ ପାଳୁଥିଲେ
ତିରିଶ ହଜାର ବର୍ଷ ରାଜତ୍ୱ କରିଲେ ।
ସପତ ସାଗର ପରିବୃତ୍ତା ବସୁମତୀ
ରାଜଧର୍ମ ଅନୁସାରେ ପାଳନ କରନ୍ତି ।
ସାରା ପୃଥିବୀକୁ କରି ରକ୍ଷଣ ବେକ୍ଷଣ
ଯତନରେ ରାଜଭୋଗ ଭୁଞ୍ଜୁଥିଲେ ଜାଣ ।
ଏକଦିନକର ସେହି ସୌଦାସ ରାଜନ
ମୃଗୟା ନିମନ୍ତେ ଗଲେ ସୈନ୍ୟଙ୍କୁ ନେଇଣ ।
ଘୋର ବନେ ବୁଲି ବନ୍ୟ ପଶୁଙ୍କୁ ଦେଖିଣ
ପଛଆଡ଼େ ବେଢ଼ି ତାଙ୍କୁ ପ୍ରହାରିଲେ ବାଣ ।
ସେ ବାଣ ଆଘାତେ କେତେ ମୃଗ ବଧହେଲେ
ଆବର ଥୋକାଏ ପଶୁ ପଳାଇଣ ଗଲେ ।
ତାହାଙ୍କ ପଛରେ ଲାଗି ସୌଦାସ ରାଜନ
କ୍ଷୁଧାରେ ଆତୁର ବେଳ ହୋଇଲା ମଧ୍ୟାହ୍ନ ।
ତୃଷାତୁର ହୋଇ ନୃପ ରେବାନଦୀ ତୀରେ
ପ୍ରବେଶ ହୋଇଲେ ଯାଇ କିଛିକ୍ଷଣ ପରେ ।
ସ୍ନାହାନ କରି ସେ ନଦୀ ଜଳେ ନରପତି
ଆପଣା ଆହ୍ନିକ କାର୍ଯ୍ୟ କଲେ ସମାପତି ।
ତହୁଁ ମନ୍ତ୍ରୀ ସହିତରେ ପାରିଷଦଗଣ
ଭୋଜନାଦି କାର୍ଯ୍ୟ ଶେଷକଲେ ସେହିଠାରେ ।
ସେ ରାତ୍ରିକ ସେହିନଦୀ ତୀରରେ ରହିଲେ ।
ପ୍ରଭାତ ହୁଅନ୍ତେ ଉଠି ବନରେ ଭ୍ରମିଲେ ।
ମୃଗୟାଭିଳ ସେ ମନ୍ତ୍ରୀଗଣଙ୍କ ସହିତ
ଘୋର ବନ ମଧ୍ୟରେ ଭ୍ରମିଲେ ନରନାଥ ।
ବୁଲୁ ବୁଲୁ କୃଷ୍ଣସାର ମୃଗେକ ଦେଖିଲେ
ଗୁଣେ ବାଣ ସନ୍ଧି ତାର ପଛେ ଗୋଡ଼ାଇଲେ ।
ଯାଉ ଯାଉ ଏକା ପଶିଲେ ସେ ଘୋରବନେ
ସୈନ୍ୟଗଣ ତାହାଙ୍କର ରହିଗଲେ କେଣେ ।
ଏକା ହୋଇ ସଉଦାସ ଭ୍ରମନ୍ତେ ବନରେ
କ୍ରମେ ଯାଇ ପଶିଗଲେ ଗହ୍ୱର ମଧ୍ୟରେ ।
ସେହି ଗିରିଗୁହା ମଧ୍ୟେ ଯେ ବ୍ୟାଘ୍ରବ୍ୟାଘ୍ରିଣୀ
ରତିକ୍ରୀଡ଼ା କରୁଥିଲେ ମିଳି ବେନି ପ୍ରାଣୀ ।
ତାହାଙ୍କୁ ଅଗ୍ରତେ ଦେଖିଣ ସେ ନରରାଣ
ବାଣ ବରଷିଲେ କ୍ରୋଧେ ବ୍ୟଥିତ ହୋଇଣ ।
ବାଣ ବାଜନ୍ତେ ସେ ବ୍ୟାଘ୍ର ହୋଇ ଭୟଙ୍କର
ଧଇଲା ସେଠାରେ ଏକ ଦାନବ ଶରୀର ।

Digitized by srujanika@gmail.com

ତିରିଶ ଯୁଣ ଲମ୍ବା ତା ଶରୀର ହୋଇଲା
ପ୍ରଳୟ ମେଘ ପରାୟ ଗରଜନ କଲା ।
ତାପରେ କ୍ଷଣକ ମଧ୍ୟେ ଭୂତଳେ ପଡ଼ିଣ
ଛାଡ଼ିଲା ପରାଣ ସେହି ବ୍ୟାଘ୍ର ରୂପି ଜାଣ ।
ତାହା ଦେଖି ଆନ ବ୍ୟାଘ୍ର ବୋଲେ ରହତୁହି
ଏହିକ୍ଷଣି ପ୍ରତିଶୋଧ ନେଉଅଛି ମୁହିଁ ।
ଏତେ କହି କେଣେ ଅନ୍ତର୍ଦ୍ଧାନ ହୋଇଗଲା
କେଉଁଆଡ଼େ ଗଲା ତାହା କେହି ନ ଜାଣିଲା ।
ଏ ସମସ୍ତ ଦେଖି ସଉଦାସ ଭୟ ପାଇ
ଆପଣା ସଚିବ ଆଗେ କହିଲା ବୁଝାଇ ।
ତହୁଁ ପାତ୍ରମନ୍ତ୍ରୀଗଣ ଘେନି ସଙ୍ଗତରେ
ପ୍ରବେଶ ହୋଇଲେ ରାଜା ଆପଣା ନବରେ ।
ମାତ୍ର ହୃଦୟରେ ଶଙ୍କା ଥାଏ ତାହାଙ୍କର
ବିମର୍ଷ ବଦନେ ଚଳୁଥାନ୍ତି ନୃପବର ।
ଏହିପରି କିଛିଦିନ ହୋଇ ଯାନ୍ତେ ଗତ
ମନେ ବିଚାରିଲେ ସଉଦାସ ନରନାଥ ।
ଅଶ୍ୱମେଧ ଯଜ୍ଞ ଏକ କରିଣ ଭିଆଣ
ଏହି ପାପରୁ ମୁକତ ହୋଇବଇଁ ଜାଣ ।
ତୋଷମନେ ଯଜ୍ଞ ଆରମ୍ଭିଲେ ନରପତି
କୁଳଗୁରୁ ବଶିଷ୍ଟଙ୍କୁ ହକାରି ତଡ଼ତି ।
ଯଜ୍ଞ ସମାପନ କରି ହବିର୍ଭାଗ ଦେଇ
ସ୍ନାନ କରିବାକୁ ଗଲେ ବଶିଷ୍ଠ ଗୋସାଇଁ ।
ଏହାପରେ ଯାହା ହେଲା ଶୁଣ ଦେଇମନ
ବିଧିର ବିଧାନ କେବା କରିବ ଖଣ୍ଡନ ।
ପୂର୍ବେ ସଉଦାସ ନୃପ ପର୍ବତ ଗୁହାରେ
ହତ୍ୟା କରିଥିଲେ ଯାହା ନାରୀକୁ ସେଠାରେ ।
ସୁରତାସକତ ବ୍ୟାଘ୍ର ରୂପୀ ସେ ରାକ୍ଷସ
ପତ୍ନୀ ବିଚ୍ଛେଦରେ ହୋଇଥିଲା ଅତି ରୋଷ ।
ଏବେ ଯେ ତାହାର ପ୍ରତିଶୋଧ ନେବାପାଇଁ
ଅଇଲା କପଟ ବେଶେ ମହାକ୍ରୋଧହୋଇ ।
ମାୟାରେ ବଶିଷ୍ଠ ବେଶ ଧାରଣ ସେ କରି
ସୌଦାସ ପାଶେ ପ୍ରବେଶ ହେଲା ଆସିକରି ।
ରାଜାଙ୍କୁ ଅନାଇ ବୋଲେ ଶୁଣ ହେ ରାଜନ
ଆଜି ଆମ୍ଭ ପାଇଁ ମାଂସ କରାଅ ରନ୍ଧନ ।
ଆମ୍ଭେ ସ୍ନାନ କରି ଆସୁଅଛୁ ଏହିକ୍ଷଣି
ରନ୍ଧନ କରାଅ ତୁମ୍ଭେ ଛାଗ ମାଂସ ଆଣି ।

ଆମ୍ଭେ ଭୋଜନ କରିବୁ ତାହା ନୃପରାଣ
ବିଳମ୍ବରେ କାର୍ଯ୍ୟ ନାହିଁ ଶୁଣ ଦେଇ ମନ ।
ଏତେ ବୋଲି ସେ ମାୟାବୀ ରାକ୍ଷସ ସତ୍ୱରେ
ଅନ୍ତର ହୋଇଲା ସ୍ନାନ କରିବା ଛଳରେ ।
ଖଣ୍ଡେ ଦୂରେ ଯାଇ ପୁଣି ସେ ଦୁଷ୍ଟ ରାକ୍ଷସ
ଧଇଲା ସେ ରାଜାଙ୍କର ସୂପକାର ବେଶ ।
ଗୁପତରେ ନର ମାଂସ ଆଣିଣ ବହନ
ରନ୍ଧନ ଶାଳାରେ ପଶି କରିଲା ରନ୍ଧନ ।
ପାକ ଶେଷ କରି ସ୍ୱର୍ଣ୍ଣ ପାତ୍ରରେ ପୁରାଇ
ରାଜାଙ୍କ ହାତରେ ସେହୁ ଦେଲାକ ଧରାଇ ।
ସେ ମାଂସକୁ ରଖି ରାଜା ଅତି ଯତନରେ
ଗୁରୁ ଆସିବାକୁ ଚାହିଁ ରହିଲେ ସେଠାରେ ।
ଏହିପରି ଘଟାଇ ସେ ଦୁର୍ଜ୍ଜୟ ରାକ୍ଷସ
ପଳାଇଲା ନ ରହିଣ ସେଠାବରେ ଲେଶ ।
ତାହାପରେ କିଛି କ୍ଷଣେ ବଶିଷ୍ଠ ମହର୍ଷି
ସ୍ନାନ ସାର ସେହିଠାରେ ପ୍ରବେଶିଲେ ଆସି ।
ଗୁରୁଙ୍କୁ ଦେଖି ରାଜନ ଆନନ୍ଦିତ ହୋଇ
ସେ ରନ୍ଧା ମାଂସକୁ ଦେଲା ଯତନେ ବଢ଼ାଇ ।
ମାଂସ ବୋଲିକରି ଋଷି ଦେଖି ବିସ୍ମୟରେ
ଚିନ୍ତାକଲେ କ୍ଷଣେ ମାତ୍ର ବସିଣ ଯୋଗରେ ।
ଧ୍ୟାନ ବଳେ ନରମାଂସ ବୋଲି ଜାଣିକରି
ବିଚାର ନ କରି କ୍ରୋଧ ହେଲେ ତପଚାରୀ ।
ଆରେ ଆରେ ରାଜା ତୁହି ଅଟୁ ଏଡ଼େ ହୀନ
ଅମେଧ ମାଂସ ଆଣି ତୁ କରିଛୁ ପ୍ରଦାନ ।
ମହୀଶ୍ୱର ହୋଇ ତୁହି ଅମେଧ ପଦାର୍ଥ
ଆମ୍ଭଙ୍କୁ ଭୋଜନ ଲାଗି ଦେଉ ନରନାଥ ।
ତେଣୁ ତୋରେ ଅଭିଶାପ ଦେଉଅଛି ମୁହିଁ
ଏପରି ଅମେଧ ଭକ୍ଷ ଯେ ରାକ୍ଷସ ହୋଇ ।
ଯେଉଁ କର୍ମ ମାନ କଲୁ ଭୋଗ ତାର ଫଳ
ଏହାଶୁଣି ନରପତି ହୋଇଲା ବିକଳ ।
ବୋଇଲା ଭୋ ଗୁରୁ ମୋତେ ଅନୁମତି ଦେଲ
ଛାଗ ମାଂସ ରାନ୍ଧିବାକୁ ଆଦେଶ କରିଲ ।
ପୁଣି ଏହିକ୍ଷଣି ଅଭିଶାପ ଦେଉଅଛ
କେଉଁ ଦୋଷେମୋତେ ଅକାରଣରେ ଦଣ୍ଡୁଛ ।
ରାଜାଙ୍କ ମୁଖରୁ ଏହାଶୁଣି ପୁରୋହିତ
ପୁନରପି ଧ୍ୟାନକଲେ ହୋଇଣ ମୌନସ୍ଥ ।

Digitized by srujanika@gmail.com

ଧ୍ୟାନରେ ଜାଣିଲେ ରାଜାଙ୍କର ଦୋଷନାହିଁ
ଦୁରାତ୍ମା ଦାନବ ଏହା ଦେଇଛି କରାଇ ।
ସୌଦାସ ଭାବିଲେ ଗୁରୁ ବିଚାର ନ କରି
ବୃଥା ଅଭିଶାପ ମୋତେ ଦେଲେ କେଉଁପରି ।
ଏହା ଭାବି ବଶିଷ୍ଠଙ୍କୁ ଶାପ ଦେବାପାଇଁ
ଉଦ୍ୟତ ହୋଇଲେ କରେ ଜଳକୁ ଉଠାଇ ।
ତା ଦେଖି ସେ ନୃପଙ୍କର ରାଣୀ ମଦୟନ୍ତୀ
ବୋଇଲେ କୋପକୁ ଶାନ୍ତ କର ପ୍ରାଣପତି ।
ଯାହା ତୁମ୍ଭ କର୍ମେ ଥିଲା ତାହା ଘଟିଅଛି
ଏଥିରେ ଦେଖିଲେ କାର ଦୋଷନାହିଁ କିଛି ।
ଦୁର୍ବୁଦ୍ଧି ବଶରେ ଯେଉଁ ମାନବ ଗୁରୁଙ୍କୁ
ପ୍ରତି ବାକ୍ୟ କହେ ଟେକି ନିଜର ମଥାକୁ ।
ସେ ମୁଢ଼ାତ୍ମା ବନେ ବ୍ରହ୍ମରାକ୍ଷସ ହୁଅଇ
ଏହିପରି ଧର୍ମଶାସ୍ତ୍ରେ ଅଛି ଲେଖାହୋଇ ।
ଯେଉଁମାନେ ଜିତେନ୍ଦ୍ରିୟ ତପଃ ପରାୟଣ
ଗୁରୁଙ୍କ ସେବାରେ ରତ ଥାନ୍ତି ଯେହୁ ପୁଣ ।
ତାହାଙ୍କୁ ମିଳଇ ବ୍ରହ୍ମ ଲୋକରେ ନିବାସ
ଏକଥା ବିଚାରି ନାଥ ତ୍ୟାଗକର ରୋଷ ।
ପତ୍ନୀ ମୁଖୁ ଏହାଶୁଣି ନୃପ ଛାଡ଼ି କ୍ରୋଧ
ସାଧୁ ସାଧୁ ବୋଲି ତାଙ୍କୁ ଦେଲେ ଧନ୍ୟବାଦ ।
ପୁଣି ମନେ ବିଚାରିଲେ ଶାପ ଦେବାପାଇଁ
ଏହି ଯେଉଁ ଜଳ କରେ ଧରିଅଛି ମୁହିଁ ।
କେଉଁଠାରେ ପକାଇବି କେ ଏହା ସହିବ
ପୃଥ୍ୱୀରେ ପଡ଼ିଲେ ପ୍ରଜା ସୃଷ୍ଟି ନାଶଯିବ ।
ଏହିପରି କ୍ଷଣକାଳଯାଏ ବିଚାରିଲେ
ନିଜ ପାଦ ଯୁଗଳରେ ତାହା ପକାଇଲେ ।
ଚରଣରେ ଶାପଜଳ ହେବାରୁ ପତନ
ତକ୍ଷଣେ ସେ ପାଦଦ୍ୱୟ ହେଲା କୃଷ୍ଣବର୍ଣ୍ଣ ।
ସେଦିନୁ କଲ୍ମଷପାଦ ନାମ ସେ ଭୂପତି
ପ୍ରସିଦ୍ଧ ହୋଇଲେ ଏହା ସକଳେ ଜାଣନ୍ତି ।
ତଦନ୍ତେ କଲ୍ମଷପାଦ ଶାନ୍ତି ବାକ୍ୟ କହି
ଗୁରୁଙ୍କୁ ବନ୍ଦନା କଲେ ଭୀତମନା ହୋଇ ।
ପୁଣି ବିନୟରେ କରଯୋଡ଼ି ସେ ରାଜନ
ବୋଇଲେ ହେ ଗୁରୁଦେବ ହୁଅ ସୁପ୍ରସନ୍ନ ।
ମୁଁ ତୁମ୍ଭର ଅପରାଧ କରିନାହିଁ କିଛି
ଦୟା ଗୁଣେ କ୍ଷମା ମୋତେ ଦିଅ ମୁଁ କହୁଛି ।

ବଶିଷ୍ଠ ଏ କଥା ଶୁଣି ଦୁଃଖିତ ହୋଇଣ
ଦୀର୍ଘ ନିଃଶ୍ୱାସକୁ ତ୍ୟାଗକଲେ ପୁନଃ ପୁନଃ ।
ମନେ ମନେ ଆପଣାକୁ ଅବିବେକ ମଣି
ବହୁତ ପ୍ରକାର ନିନ୍ଦା କଲେ ପୁଣି ପୁଣି ।
ଅବିଚାର କାର୍ଯ୍ୟ ହୁଏ ଅନର୍ଥର ମୂଳ
ଅକାରଣେ ଘଟାଏ ସେ ନାନା ଅମଙ୍ଗଳ ।
ଜଗତ ଯାହାର ବିବେଚନା ଶକ୍ତି ନାହିଁ
ସେ ପଶୁ ମଧ୍ୟରେ ପରିଗଣିତ ହୁଅଇ ।
ନ ଜାଣି ଏ ନରପତି ଏହା କଲେ ଯେବେ
ଅନୁଚିତ ଏହାଙ୍କର ହୋଇନାହିଁ ଲବେ ।
ମୁହିଁ ତ ବିବେକୀ ହୋଇ ଘୋରପାପ କାର୍ଯ୍ୟ
ଜ୍ଞାନ ଥାଉଁ ଥାଉଁ ଜାଣି ଅରଜିଲି ଆଜ ।
ସେ ବିବେକୀଶାଳୀ ହୁଏ ସେହୁ ଚିରଦିନ
ସୁଖ ଭୋଗକଲେ ସିନା ହୃଷ୍ଟ ହୁଅ ମନ ।
ଯାହାର ବିବେକ ବୁଦ୍ଧି ନ ଥାଏ ସେ ମୂର୍ଖ
ଚିରକାଳ ପରିଯନ୍ତେ ଲାଭ କରେ ଦୁଃଖ ।
ଏହିପରି ମନେ ମନେ ବିଚାରି ବଶିଷ୍ଠ
ସେ ରାଜାଙ୍କୁ ବୋଇଲେ ହେ ଶୁଣ ନରଶ୍ରେଷ୍ଠ ।
ମୋ ଶାପେ ତୁମ୍ଭର ଏ ଯେ ରାକ୍ଷସ ଶରୀର
ନୁହଇ ଅଧିକ ଦିନ ପାଇଁ ମନେକର ।
ଦ୍ୱାଦଶ ବରଷ ମାତ୍ର ଏ ଦେହ ରହିବ
ତହିଁପରେ ଗଙ୍ଗାଜଳ ପାଇ ମୁକ୍ତି ହେବ ।
ଭାଗୀରଥି ଗଙ୍ଗାଙ୍କର ଜଳ ବିନ୍ଦୁ ମାତ୍ର
ପଡ଼ିଲେ ପବିତ୍ର ହେବ ତୁମ୍ଭର ଏ ଗାତ୍ର ।
ଦିବ୍ୟଜ୍ଞାନ ଉଦେହୋଇ ପାପ ନାଶଯିବ
ଶ୍ରୀହରି ସେବାରେ ତୁମ୍ଭେ ମନ ମଜାଇବ ।
ପୂର୍ବ ଦେହ ଲାଭକରି ପୁଣି ଏ ମହୀକି
ଭୁଞ୍ଜିବ ଉତ୍ତମ ରୂପେ କାହାକୁ ନ ଶଙ୍କି ।
ପରମ ଶାନ୍ତିକି ପାଇ ପରିଣାମ କାଳେ
ନିବାସ କରିବ ସୁଖେ ଯାଇ ପୁଣ୍ୟକାଳେ ।
ଧର୍ମାତ୍ମା ବଶିଷ୍ଠ ମୁନି ଏ କଥା କହିଣ
ନିଜ ଆଶ୍ରମକୁ ଚଳିଗଲେ ସେହିକ୍ଷଣ ।
ନୃପତି କଲ୍ମଷପାଦ ବିଷାଦିତ ଚିତ୍ତେ
ଧଇଲେ ରାକ୍ଷସ ଦେହ ସବୁରି ସାକ୍ଷାତେ ।
ରାକ୍ଷସ ଦେହରେ ସଦା କ୍ରୋଧ ବଶ ହୋଇ
ସନ୍ତତ ହୋଇଲେ କ୍ଷୁଧା ପିପାସାରେ ଦହି ।

Digitized by srujanika@gmail.com

ଭୀଷଣ ମୂର୍ତ୍ତି ସେ ଧରି ଗୃହକୁ ଛାଡ଼ିଣ
ବିଜନ ଅରଣ୍ୟ ମଧ୍ୟେ କରିଲେ ଭ୍ରମଣ ।
ପ୍ରମତ୍ତ ଭାବରେ ମୃଗ ମନୁଷ୍ୟ ମହିଷ
ପକ୍ଷୀ ଆଦି ଜୀବ ମାରି ଗ୍ରାସ କଲେ ମାଂସ ।
ଯେତେକ ଜୀବଜନ୍ତୁଙ୍କୁ ନେତ୍ରରେ ଦେଖିଲେ
ବଳାତ୍କାରେ ସେହି ତାଙ୍କୁ ମାରିଣଖାଇଲେ ।
ମୃତ ଜୀବମାନଙ୍କର ଅସ୍ଥି ସାରମାନ
ପଡ଼ିଣ ଯେ ସସାଗରା ଧରା ହେଲା ପୂର୍ଣ୍ଣ ।
ଏପରି ଛମାସ ମଧ୍ୟେ ଶତେଯୁଣ ଦୂର
ଭୂଭାଗକୁ କରାଇ ସେ ଅତି ଭୟଙ୍କର ।
ସେ ସ୍ଥାନରୁ ଯାଇ ଅନ୍ୟ ବନାନ୍ତରେ ପଶି
ସର୍ବଦା ହୋଇଲେ ନାନାମାଂସଅଭିଳାଷୀ ।
ଅପାର ମାନବଗଣ କରି ସେ ଭକ୍ଷଣ
ନର ମାଂସରେ ଉଦର କଲେ ପରିପୂର୍ଣ୍ଣ ।
ଅପାର ମାନବଗଣ ରାଜନ ଭକ୍ଷିଲେ
ସାଧୁ ଅସାଧୁ ତିଳେହେଁ ବାରି ନ ପାରିଲେ ।
ଯେଉଁଠାରେ ଋଷିମାନେ ବାସ କରିଥିଲେ
ସେ ବନ ମଧ୍ୟରେ ଯାଇ ସୌଦାସ ମିଳିଲେ ।
ମହା ଭୟଙ୍କର ରୂପ ଦେଖି ତାହାଙ୍କର
ସକଳ ଜନ ସେଠାରେ ହୋଇଲେ କାତର ।
ଦିନେ ସେ ଦାନବ ରୂପୀ ରାକ୍ଷସ ରାଜନ
ଯୁଦ୍ଧରେ ଅତ୍ୟନ୍ତ ଭାବେ ତାପିତ ହୋଇଣ ।
ବୁଲୁ ବୁଲୁ ବନେ ଏକ ମୁନିଙ୍କୁ ଦେଖିଲେ
ପତିପତ୍ନୀ ସଂଗେ ବିହରନ୍ତି ଏକତ୍ରଲେ ।
ଦେଖିବା ମାତ୍ରକେ ତାଙ୍କ ପାଶରେ ସେ ଯାଇ
ପ୍ରବେଶିଲେ ଭୟଙ୍କର ରୂପ ବିକାଶଇ ।
ବ୍ୟାଘ୍ର ଯେଉଁପରି ମୃଗ ଶାବକ ଧରଇ
ତେମନ୍ତ ଭାବେ ଧରିଲେ ଯାଇ ତାହାକୁହିଁ ।
ଦାନବ ହସ୍ତରେ ନିଜ ପତି ପଡ଼ିବାର
ଦେଖିଣ ରମଣୀ ହୋଇ ଅତ୍ୟନ୍ତ କାତର ।
ମସ୍ତକେ କରକୁ ଯୋଡ଼ି ବିନୟ ଭାବରେ
ବୋଇଲେକ କ୍ଷତ୍ରୀବର ଶୁଣ ତୁମ୍ଭେ ବାରେ ।
ମୋର ମନର କାମନା ପୂର୍ଣ୍ଣ ହୋଇନାହିଁ
ତେଣୁ ଅତି ବିନୟରେ କହୁଅଛି ମୁହିଁ ।
ମୋର ଏହି ପତିଦେବଙ୍କର ପ୍ରାଣ ମୋତେ
ଦାନକର ତୁମ୍ଭେ ଦୟାଭାବ ବହି ଚିତ୍ତେ ।
ପତିଙ୍କ ଜୀବନ ଦେଇ ମୋତେ ରକ୍ଷାକର
ଜାଣେ ମୁହିଁ ତୁମ୍ଭେ ସୂର୍ଯ୍ୟବଂଶର ଈଶ୍ୱର ।
ପ୍ରକୃତରେ ଦାନବର ନୁହଁ ତୁମ୍ଭେ ଜାଣ
ମିତ୍ରାମହ ନାମ ସୂର୍ଯ୍ୟବଂଶ ନରରାଣ ।
ଏଣୁ ଏହି ଜନଶୂନ୍ୟ ଅରଣ୍ୟ ମଧ୍ୟରେ
ମୋତେ ରକ୍ଷାକର ପତି ଭିକ୍ଷା ଦେଇବାରେ ।
ହେ ହରିମର୍ଦ୍ଦନ ନୃପ ତୁମ୍ଭେ କି ନା ଜାଣ
ପତିବିନେ ନାରୀ ପ୍ରାଣହୁଏ ଅକାରଣ ।
ପତିମୃତ ହେଲେ ନାରୀ ବଞ୍ଚିରହେ ଯାହା
ମଲେ ତାହାଠାରୁ ଶତେ ଗୁଣେ ଶ୍ରେୟତାହା ।
ବାଲ୍ୟ ବଇଧବ୍ୟ ଯେଉଁ ନାରୀର ହୁଅଇ
ତାର ଦୁଃଖ କିଏ ମୁଖେ କହି ନ ପାରଇ ।
ହେ ରାଜା ଜୀବନେ ମୁହିଁ କିଛି ଜାଣେ ନାହିଁ
କେବଳ ଏ ପତି ମୋର ସମ୍ବଳ ଅଟଇ ।
ଏହି ସ୍ୱାମୀ ଧନଜୟ ଏହି ରକ୍ଷାକର୍ତ୍ତା
ଏହି ସ୍ୱାମୀ ଅଟନ୍ତି ଯେ ମୋର ପିତାମାତା ।
ଆବର କଥାଏ ତୁମ୍ଭେ ମନ ଦେଇ ଶୁଣ
ନାରୀ ଧର୍ମ କିସ ଅବା କରିବି ବଖାଣ ।
ତୁମ୍ଭେ ତ ସର୍ବଜ୍ଞ ସବୁକଥା ଅଛ ଜାଣି
ଏ ଘୋର ଦୁଃଖରୁ ମୋତେ ରକ୍ଷାକର ପୁଣି ।
ଅତି ଶିଶୁ ହୋଇଅଛି ପୁତ୍ରଟି ମୋହର
ପତିବିନେ କିଏ ତାକୁ ପାଳିବ ସଂସାର ।
ଏ ନିର୍ଜନ ଅରଣ୍ୟରେ ପତିହୀନା ହୋଇ
ପୁତ୍ରକୁପାଳିବି କେହ୍ନେ କହ ନରସାଇଁ ।
ଏଣୁ ମାଗୁଅଛି ସ୍ୱାମୀ ଦାନ କରି ମୋତେ
ରକ୍ଷାକର ତୁମ୍ଭ ନୃପଧର୍ମ ଏ ଜଗତେ ।
ମୁଁ ତୁମ୍ଭର କନ୍ୟା ବୋଲି ମନରେ ବିଚାର
ତୁମ୍ଭେ ମହାଧର୍ମ ଜ୍ଞାତା ଜ୍ଞାନୀ ନୃପବର ।
ଶାସ୍ତ୍ରମାନଙ୍କରେ ସଦା ଅଛି ଲେଖା ହୋଇ
ପ୍ରାଣଦାନ ଠାରୁ ବଳି ପୁଣ୍ୟ ଆଉ ନାହିଁ ।
ଏହା ଜାଣି ପତି ପ୍ରାଣ ତୁମ୍ଭେ ଦାନକର
ଦୂରକର ମୋ ମନରୁ ସନ୍ତାପ ଅପାର ।
ଏହିପରି ବିପ୍ରପତ୍ନୀ କହି ବିନୟରେ
ଦାନବର ପାଦତଳେ ପଡ଼ିଲା ଭକ୍ତିରେ ।
ବୋଇଲା ଅଟଇ ମୁହିଁ ତୁମ୍ଭର ଦୁହିତା
ପତି ଦାନ ଦେଇ ରକ୍ଷାକର ଆହେ ପିତା ।

Digitized by srujanika@gmail.com

ଏମନ୍ତେ ଯେତେ ପ୍ରାର୍ଥନା କଲା ସେ ବ୍ରାହ୍ମଣୀ
ଦାନବରୂପୀ ରାଜନ କର୍ଣ୍ଣେ ତା ନ ଶୁଣି ।
ଶାର୍ଦ୍ଦୁଳ ଯେପରି ଭକ୍ଷେ ମୃଗ ଶାବକକୁ
ତେମନ୍ତ ଭକ୍ଷିଲା ରାଜା ଧରି ସେ ବିପ୍ରକୁ ।
ତା ଦେଖିସେ ପତିବ୍ରତା ରମଣୀ କାତରେ
ଅପାର ବିଳାପ କରି ବୋଇଲା କ୍ରୋଧରେ ।
ବଶିଷ୍ଠ ଶାପରେ ଦୂରବସ୍ଥାକୁ ପାଇଣ
ଥିଲେ ମଧ୍ୟ ଅଭିଶାପ ଦେଲାସେହୁ ପୁଣ ।
ବୋଇଲା ମୋ ପତି ପ୍ରାଣସେକାଳେ ନାଶିଲୁ
ତିଳେହେଁ ମୋହର କଥା କର୍ଣ୍ଣେ ନ ଶୁଣିଲୁ ।
ସେହିପରି ପତ୍ନୀସହ ଶୃଙ୍ଗାର କାଳରେ
ପ୍ରାଣ ହରାଇବୁ ତୁହି ମୋହର ଶାପରେ ।
କୋପଭରେ ବିପ୍ର ନାରୀ ଏହି ଶାପ ଦେଇ
ପୁନରପି କହିଲା ସେ ରାଜନକୁ ଚାହିଁ ।
ଯେଣୁ ମୋ ପତିକୁ ତୁହି କରିଲୁ ନିଧନ
ଏ ଦାନବ କାୟ ତୋର ରହୁ ଚିରଦିନ ।
ବ୍ରାହ୍ମଣୀ ଏମନ୍ତ ଶାପ କରନ୍ତେ ପ୍ରଦାନ
କ୍ରୋଧେ ବୋଇଲା ତାହାକୁ ଦାନବରାଜନ ।
ମୁଖ ମଣ୍ଡଳରୁ ଅଗ୍ନି କରିଣ ବାହାର
ବୋଇଲା କ୍ରୋଧରେ ତାକୁ ହୋଇଣ କାତର ।
ରେ ନାରୀ ତୁ କାହିଁପାଇଁ ଅକାରଣେ ମୋତେ
ଦୁଇଗୋଟି ଶାପ ଦେଲୁ କହ କେଉଁ ଅର୍ଥେ ।
ଏକ ଅପରାଧେ ଏକ ଶାପ ଥାନ୍ତୁଦେଇ
ଦୁଇଗୋଟି ଶାପ ଯେବେ ତୁହି ଅଛୁଦେଇ ।
ଶାପ ପରେ ଶାପ ଯଦି କରିଲୁ ପ୍ରଦାନ
ପୁତ୍ରସହ ତୁ ପିଶାଚୀ ହୁଅ ଯା ବହନ ।
ଏହିପରି ଅଭିଶାପ ଦ୍ୟନ୍ତେ ନୃପବର
ପିଶାଚୀ ହେଲା ବ୍ରାହ୍ମଣୀ ପୁତ୍ର ସହିତର ।
ଅତ୍ୟନ୍ତ କ୍ଷୁଧାର୍ତ୍ତ ହୋଇ ପିଶାଚୀ ଶରୀରେ
କାନ୍ଦି କାନ୍ଦି ପ୍ରବେଶିଲା ଅରଣ୍ୟ ମଧ୍ୟରେ ।
ସେ ପିଶାଚୀ ସେ ରାକ୍ଷସ ବିଜନ ବନରେ ।
ଚିତ୍କାର ଶବଦ କରି ଗଲେ ଅତି ଖରେ ।
ନର୍ମଦା କୂଳରେ ଥିଲା ଏକ ବଟବୃକ୍ଷ
ସେହିଠାରେ ବେନିଜନେ ମିଳିଲେ ପ୍ରତ୍ୟକ୍ଷ ।
ପୂର୍ବରୁ ଦାନବ ସହ ସେ ବଟ ବୃକ୍ଷରେ
ବାସକରି ରହିଥିଲା ଅତି ଆନନ୍ଦରେ ।

ଗୁରୁଙ୍କ ଅବଜ୍ଞା କରିବାରୁ ସେହି ଜାଣ
ଦାନବ ସ୍ୱରୂପ କରିଥିଲା ଯେ ଧାରଣ ।
ବଟ ବୃକ୍ଷରେ ସେ ବ୍ରହ୍ମ ରାକ୍ଷସ ଯେ ଥିଲା
ଏ ଦୁହିଁଙ୍କୁଯହୁଁ ସେହୁ ନୟନେ ଦେଖିଲା ।
ଅତି କ୍ରୁଦ୍ଧ ହୋଇକରି ବୋଇଲା କିଏରେ
ଏଠାକୁ ଆସିଛ ଭୟ ନାହିଁ କି ମନରେ ।
ମୋ ବାସସ୍ଥାନକୁ ଆସିଅଛ କି ନିମନ୍ତେ
ସତ୍ୟ କହି ବେଗେ ପରିଚୟ ଦିଅମୋତେ ।
କେବଳ ପାପରୁ ତୁମ୍ଭେମାନେ ମୋହପରି
ଦେହ ପାଇଅଛ ବେଗେ କୁହ ଯେ ବିସ୍ତାରି ।
ଦାନବର ଏ ବଚନ ଶ୍ରବଣେ ଶୁଣନ୍ତେ
କହିଲେ ଯେ ଯାହା କଥା ତାହାର ଅଗ୍ରତେ ।
ତାହାକୁ ପୁଛିଲେ ତୁମ୍ଭେ କିଏ ମହାଭାଗ
କି କାର୍ଯ୍ୟ କରୁଛ ଆମ୍ଭ ଆଗେ କହ ବେଗ ।
କେଉଁ କର୍ମ କରି ତୁମ୍ଭେ ହୋଇଛ ଦାନବ
ଆମ୍ଭେ ତୁମ୍ଭ ସଖା ହେଲୁ କୁହ ମହାଭାଗ ।
ମିତ୍ର ଆଗେ ମିତ୍ର ମନ କଥା କଲେ ଗୁପ୍ତ
ଅପାର କଷଣ ପାଏ ରହି ଅଛି ଶାସ୍ତ୍ର ।
କିନ୍ତୁ ମିତ୍ର ଯେବେ ମିତ୍ର ଦୁଃଖକୁ ବୁଝଇ
ସକଳ କଷଣ ତାର ଦୂରିତ ହୁଅଇ ।
ଏ କାରଣୁ ମିତ୍ରେ କେହି ବଞ୍ଚନା ନ କରେ
ଦୟାକରି ଆମ୍ଭ ଆଗେ କୁହ ଏହିଠାରେ ।
ମିତ୍ର ବୋଲି ଯେତେବେଳୁଁ କଲୁ ଅଙ୍ଗିକାର
ତୁମ୍ଭେ ଯେ ପ୍ରକୃତ ମିତ୍ର ଅଟ ହେ ଆମ୍ଭର ।
କୁହ ସମସ୍ତ ବିସ୍ତାରି ଆମ୍ଭ ଅଗ୍ରତରେ
କଳ୍ମଷ ବିନାଶ ହେବ ଅଳ୍ପକାଳ ପରେ ।
ଏପରି କଳ୍ମଷପାଦ କହନ୍ତେ ବୁଝାଇ
ଶୁଣି ବଟବୃକ୍ଷବାସୀ ସେ ରାକ୍ଷସ ତହିଁ ।
ଧରମ ସଙ୍ଗତ ବାକ୍ୟ କହିବା ନିମନ୍ତେ
ଆରମ୍ଭ କରିଲା ପ୍ରୀତ ହୋଇ ତୋଷଚିତ୍ତେ ।
ମୋର ନାମ ସୋମଦତ୍ତ ମଗଧ ଦେଶରେ
ବାସ କରିଥିଲି ମୁହିଁ ଅତି ଆନନ୍ଦରେ ।
ଧର୍ମ ପରାୟଣ ବେଦ ବିଦ୍ୟାରେ ପଣ୍ଡିତ
ହୋଇଣ ମୁଁ ଅତି ସୁଖେ ଥିଲି ସୁନିଶ୍ଚିତ ।
ଏକ ଦିନକର କଥା ଶୁଣ ମନ ଦେଇ
ଅତ୍ୟନ୍ତ ଧନ ଗର୍ବରେ ମୁହିଁ ଗର୍ବିହୋଇ ।

Digitized by srujanika@gmail.com

ତିଳେହେଁ କାହାକୁ ଯେ ଖାତର କଲିନାହିଁ
ଗୁରୁ ବ୍ରାହ୍ମଣଙ୍କୁ ଦେଖି ଲାଞ୍ଛନା କରଇ ।
ଏହିପରି କରୁ କରୁ ନିଜର ଗୁରୁଙ୍କୁ
ଅପମାନ ଦେଲି ନ ଚାହିଁଣ ପଶ୍ଚାତକୁ ।
ସେହି ପାପରୁ ଏ ଦଣ୍ଡ ଭୋଗୁଅଛି ମୁହିଁ
କି କହିବି ତୁମ୍ଭ ଆଗେ ବାକ୍ୟ ନ ସ୍ଫୁରଇ ।
ଦାନବ ଶରୀର ଧରି ଅତି ବିକଳରେ
ଦିବସ ରଜନୀ ବଞ୍ଚୁଅଛି ଏହିଠାରେ ।
ଏହି ହାତେ ମାରି ଶତ ସହସ୍ର ବ୍ରାହ୍ମଣ
ଭକ୍ଷଣ କରିଛି ତୁମ୍ଭେ ମନ ଦେଇ ଶୁଣ ।
ତଥାପି ଉଦର ଜ୍ୱାଳେ ହେଉଛି ବ୍ୟଥିତ
ଯେତେ ଯା ଭକ୍ଷିଲେ ମଧ ନ ହୁଅଇ ତୃପ୍ତ ।
ଏବେ ମୋ ଭୟରେ ଆଉ ଏ ବନକୁ କେହି
ଆସୁନାହିଁ ଜଣେ ମାତ୍ର ବାଉଳାରେ ଭାଇ ।
ତେଣୁ ଅତି ସନ୍ତାପରେ ବିତାଏ ଜୀବନ
କି କହିବି ତୁମ୍ଭ ଆଗେ ମୋହର କଷଣ ।
ଜଗତ ମଧ୍ୟରେ ଯେତେ ପାପ ଅଛି ରହି
ଗୁରୁ ନିନ୍ଦା ସବୁଠାରୁ ଉତ୍କୃଷ୍ଟ ଅଟଇ ।
ଆଜ ସେହି ଗୁରୁନିନ୍ଦା ଲାଗି ଏହିଠାରେ
ମହାଦଣ୍ଡ ପାଉଅଛି ଦାନବ ଶରୀରେ ।
ଏପରି କହିନା ଯହୁଁ ସେ ବ୍ରହ୍ମ ରାକ୍ଷସ
ତାହାକୁ ଉତ୍ତର ଦେଲା ଦାନବ ସୌଦାସ ।
ହେ ସଖା ପ୍ରଶଂସା କଲ ତୁମ୍ଭେ ଯେ ଗୁରୁଙ୍କୁ
ସେ ଗୁରୁ କିଏ ସେ ତାହା କୁହନ୍ତୁ ଆମ୍ଭଙ୍କୁ ।
ପୁଣି କେମନ୍ତ ଲକ୍ଷଣମାନ ତାହାଙ୍କର
କେଉଁ ମାର୍ଗରେ ଗମନ ଅଟେ ତାହାଙ୍କର ।
ଶୁଣିବାକୁ ଶ୍ରଦ୍ଧାଜାତ ହେଉଛି ମନରେ
ଗୋଟି ଗୋଟି ବୁଝାଇଣ କୁହ ମୋ ଆଗରେ ।
ରାଜାଙ୍କ ମୁଖରୁ ଏହା ଶୁଣି ସୋମଦତ୍ତ
ବୋଇଲେ ହେ ସଖେ ଶୁଣ ପୁଚ୍ଛିବା ଚରିତ ।
ଅନେକ ପ୍ରକାର ଗୁରୁ ଅଛନ୍ତି ଜଗତେ
ମାନନୀୟ ପୂଜନୀୟ ସେମାନେ ସମସ୍ତେ ।
କିପରି ଲକ୍ଷଣ ଭେଦ ତାହାର ଅଟଇ
ସେ ସମସ୍ତ କହୁଅଛି ତୁମ୍ଭଙ୍କୁ ବୁଝାଇ ।
ଯେ ବେଦ ପଢ଼ନ୍ତି ବେଦତତ୍ତ୍ୱୀ ସେ ଅଟନ୍ତି
ଧର୍ମ ଚର୍ଚ୍ଚା ଯେହୁକରେ ଧାର୍ମିକ ବୋଲାନ୍ତି ।
ବ୍ରତ ଉପଦେଶ ଯେଉଁ ଗୁରୁମାନେ ଦ୍ୟନ୍ତି
ସକଳ ପାପରୁ ସେହୁ ଲଭନ୍ତି ମୁକତି ।
ଜଗତର ଅନ୍ନଦାତା ଅଟନ୍ତି ଯେ ଜାଣ
ସେ ଗାୟତ୍ରୀ ଉପଦେଶ ଦିଅନ୍ତି କର୍ଣ୍ଣେଣ ।
ଧର୍ମକୁ ସର୍ବଦା ଯେହୁ ଆଶ୍ରେ କରିଥାନ୍ତି
ସକଳ ପାପର ସେହୁ ଲଭନ୍ତି ସଦ୍‌ଗତି ।
ଆଉରି ଅନେକ କଥା ଶୁଣ ମନ ଦେଇ
ପିତା ମାତା ଶାଶୁ ଆଉ ଶ୍ୱଶୁରଟି ଯେହି ।
ପ୍ରଧାନ ଗୁରୁ ଅଟନ୍ତି ତ୍ରିଜଗତେ ସେହି
ତାଙ୍କୁ ପୂଜା କଲେ ବହୁ ପୁଣ୍ୟ ଯେ ବଢ଼ଇ ।
ସଭିଙ୍କ ଉପରେ ସାର ପତିମାନଙ୍କର
ପତି ଯେ ପରମଗୁରୁ ମନରେ ବିଚାର ।
ଆହୁରି ଅନେକ ଗୁରୁ ଏଭାବେ ଅଛନ୍ତି
ଥୋକାଏ ବାଛି କହିଲି ତୁମ୍ଭଙ୍କୁ ମୁଁ ଏଥି ।
ସୌଦାସ ବୋଇଲେ ତୁମ୍ଭେ ଅନେକ ପ୍ରକାର
କହିଲ ଗୁରୁଙ୍କ ନାମ ଆମ୍ଭ ଅଗ୍ରତର ।
ପତି ପତ୍ନୀ ପିତା ମାତାମାନଙ୍କୁ ଛାଡ଼ିଣ
ଆନ ଗୁରୁ କିଏ ଶ୍ରେଷ୍ଠ କୁହ ବୁଝାଇଣ ।
ଯଥାର୍ଥ ଭାବରେ ତାହା କହ ମୋ ଅଗ୍ରତେ
ଶୁଣିଲେ ସିନା ମନରେ ଯିବଇଁ ପରତେ ।
ସୋମଦତ୍ତ ବୋଇଲେ ହେ ମହାପ୍ରଜ୍ଞ ଶୁଣ
ଆଚ୍ଛା ଗଣ୍ଡି କଥା ଆଣି ପୁଚ୍ଛ ଏ ଠାବେଣ ।
ଯେଉଁ କଥା ମାନ ପୁଚ୍ଛାକଲ ତୁମ୍ଭେମାନେ
ବୁଝାଇ କହୁଛି ତାହା ଶୁଣ ତୋଷମନେ ।
ପ୍ରଶ୍ନର ଉତ୍ତର ଯେବେ ନ ଦିଅନ୍ତି ଜନ
ପାପ ପଙ୍କରେ ପତିତ ହୁଏ ସେହୁ ଜାଣ ।
କିନ୍ତୁ ଉତ୍ତରରେ ପଛେ ହାରିଗଲେ କେହି
ନିଶ୍ଚେ ଆନଠାରୁ ଶିକ୍ଷାଲାଭ ସେ କରଇ ।
ଏଥିରେ ମଙ୍ଗଳ ହେବ ଆମ୍ଭ ଦୁହିଁଙ୍କର
ନିଜ ମନକଥା ବ୍ୟକ୍ତ କରିବା ଏଠାର ।
ଦାନବ ଶରୀର ବହି ଆମ୍ଭେ ଦୁଇଜଣ
ଗୁରୁଙ୍କ ମହିମା ଏଥେଁ କଲେ ଆଲୋଚନ ।
ଏଥିରେ ନିଶ୍ଚେ ମଙ୍ଗଳ ହୋଇବ ଉଦୟ
ପୂର୍ବାର୍ଜିତ ପାପଥିଲେ ତା ହୋଇବ କ୍ଷୟ ।
ଯେତେ ଗୁରୁଙ୍କର ନାମ କରିଲି ପ୍ରକାଶ
ସେମାନେ ସକଳେ ପୂଜ୍ୟ ଅଟନ୍ତି ତ୍ରିଦଶ ।

Digitized by srujanika@gmail.com

ତଥାପି ଶାସ୍ତ୍ରର ଯେଉଁ ସାରମର୍ମ ଅଛି
ତୁମ୍ଭ ଅଗ୍ରତରେ ମୁହିଁ ବୁଝାଇ କହୁଛି ।
ଯେହ୍ନୁ ମନ୍ତ୍ରବ୍ୟାଖ୍ୟାକାରୀ ବେଦ ଅଧିକାରୀ
ନିଜ ପିତା ଧର୍ମ ବକ୍ତା ସମାନ ଏ ଚାରି ।
ଗୁରୁଙ୍କ ମଧ୍ୟରେ ଏ ଚାରିହେଁ ଶ୍ରେୟ ଜାଣ
ଏ ଉତ୍ତାରୁ ଯେ ପରମ ଗୁରୁ ତାହା ଶୁଣ ।
ସଂସାରୀ ଗଣ ଅଗ୍ରତେ ଯେବଣ ପଣ୍ଡିତ
ପୁରାଣକୁ ଅର୍ଥକରି କହନ୍ତି ସମସ୍ତ ।
ଧର୍ମ ସଂଗତି କଥାକୁ ଶ୍ରବଣ କରନ୍ତି
ସେ ପରମ ଗୁରୁ ନାମେ ଖ୍ୟାତି ଯେ ହୁଅନ୍ତି ।
ଯେ ଦେବ ପୂଜାର ଉପଯୁକ୍ତ ଫଳ କହି
ଧର୍ମୋପାୟ ଲୋକମାନେ ଦିଅନ୍ତି ବୁଝାଇ ।
ପରମ ଗୁରୁ ନାମରେ ସେ ବ୍ୟାଖ୍ୟା ଅଟନ୍ତି
ଲୌକିକ ନୁହଇ ଏହା ଶାସ୍ତ୍ରର ସମ୍ମତି ।
ଆବର ପୁରାଣ ଶାସ୍ତ୍ର ବ୍ୟକ୍ତ ଯେ କରଇ
ସଂସାର ସାଗର ମଧ୍ୟୁ ସେ ପାର ହୁଅଇ ।
ସେହି ସାଗର ମଧ୍ୟରୁ ହୋଇବ ସେ ପାର
ଶୁଣିଲେ ପୁରାଣ ନିଶ୍ଚେ ବସିବ ସ୍ୱର୍ଗର ।
ଦିନେ ଦ୍ୱିଜୋତ୍ତମ ଗଣେ ପୁରାଣ ଶାସ୍ତ୍ରକୁ
ସର୍ବଧର୍ମ ରୂପ ବୋଲି କହିଲେ ଲୋକଙ୍କୁ ।
ଯେଣୁଟି ପୁରାଣ ବକତାଙ୍କୁ ବୁଧଗଣ
ନିର୍ଦ୍ଦେଶ କରନ୍ତି ଶ୍ରେଷ୍ଠ ଗୁରୁ ଯେ ବୋଲିଣ ।
ବେଦର ଉଭବକର୍ତ୍ତା ବ୍ୟାସ ମହାମତି
ପୁରାଣରେ ସବୁ ଧର୍ମ ପ୍ରକାଶି ଅଛନ୍ତି ।
ବାକ୍ୟ ବିତଣ୍ଡା ହେତୁରୁ ହୁଏ ତର୍କ ଶାସ୍ତ୍ର
ସୁଖଦିଏ ଇହକାଳ ଜାଣ ନୀତିଶାସ୍ତ୍ର ।
କିନ୍ତୁ ଇହକାଳ ପରକାଳରେ ପୁରାଣ
ମାନବଙ୍କୁ ସୁଖଦାନ ଦିଏ କର୍ଣ୍ଣେ ଶୁଣ ।
ଭକ୍ତିରେ ପୁରାଣ ପାଠ କରେ ଯେଉଁ ନର
ହରି ଭକତି ଉଦୟ ହୁଏ ତା ହୃଦର ।
ବିବେକବାନ ତାହାର ନିର୍ମଳ ହୁଅଇ
ଧର୍ମବଳେ ଏ ସଂସାର ବନ୍ଧରୁ ତରଇ ।
ପୁରାଣ ଶ୍ରବଣେ ପ୍ରଥମରୁ ମାନବର
ଧର୍ମେ ପ୍ରବର୍ତ୍ତଇ ବୁଦ୍ଧି ଶୁଣନ୍ତୁ ସୁଧିର ।
ଯେତେ ପାପରାଶିମାନ ଅଙ୍ଗ ମଧ୍ୟେ ଥାଇ
ଧର୍ମବଳେ ତାହା ସବୁ ବିନାଶ ହୁଅଇ ।

ଧର୍ମ ଅର୍ଥ କାମ ମୋକ୍ଷ ଏହି ଚାରିବର୍ଗ
ବାଞ୍ଛା କରିଥିବ ଯେହୁ କରିବାକୁ ଲାଭ ।
ସକଳ ପୁରାଣ ସେହୁ ଶ୍ରବଣ କରିବ
ତହିଁରୁ ନିଶ୍ଚୟ ଜାଣ ମୁକତ ଲଭିବ ।
ପୂର୍ବକାଳେ ବ୍ରହ୍ମବାଦି ଗଉତମ ଋଷି
ଅତି ରମଣୀୟ ଗଙ୍ଗାନଦୀ ତୀରେ ବସି ।
ଯେତେକ ଶାସ୍ତ୍ର ପୁରାଣ ଅଛି ଜଗତରେ
ସକଳ ଅର୍ଥ ବୁଝାଇ ଥିଲେ ଆନନ୍ଦରେ ।
ତାଙ୍କ ଉପଦେଶ ମୁତାବକ ମୁହିଁ ଜାଣ
କରିଛି ଅଖିଳ ଧର୍ମକାର୍ଯ୍ୟ ଅନୁଷ୍ଠାନ ।
ହେ ସଖା ଦିନେ ମୁଁ ଈଶ୍ୱରଙ୍କ ଭକ୍ତ ଥିଲି
ଭକ୍ତିରେ ସର୍ବଦା ତାଙ୍କୁ ପୂଜା କରୁଥିଲି ।
ସେହି ସମୟରେ ଦିନେ ଗଉତମ ଋଷି
ପ୍ରବେଶନ୍ତେ ସେହି ଋଷି ଗଙ୍ଗାତୀରେ ଆସି ।
ବାଉଳାରେ ତାଙ୍କୁ ମୁହିଁ ନ କରନ୍ତେ ମାନ୍ୟ
ସେ ମୋତେ ବହୁ ବୁଝାଇ କହିଲେ ବହନ ।
ତା ପରେ ମୋହର ପୂଜା ଦେଖିତୋଷ ହୋଇ
ବାହୁଡ଼ି ଗଲେ ସେଠାରୁ ମନେ ମୋଦବହି ।
ମୋ ପୂଜାରେ ମହେଶ୍ୱର ପୂଜିତ ହୋଇଣ
ଗୁରୁଙ୍କ ଅବଜ୍ଞା ସହି ନ ପାରିଲେ ଜାଣ ।
ସେହି ନିମନ୍ତେ ମୋ ପରେ ହୋଇ କୋପଭର
ଶାପ ଦେଇ କହିଲେ ସେ ଦାନବ ଶରୀର ।
ଜାଣି ଶୁଣି ହେଉ ଅବା ଅଜ୍ଞାନରେ ହେଉ
ମହତ ପ୍ରାଣୀଙ୍କୁ ହତାଦର କରେ ଯେହୁ ।
ସକଳ କାର୍ଯ୍ୟ ତାହାର ବିନଷ୍ଟ ହୁଅଇ
ସନ୍ତାନ ସନ୍ତତି ଆଦି କେହି ନ ବଞ୍ଚଇ ।
ନ ଲଭେ କୌଣସି କାର୍ଯ୍ୟ ସେ ଜନମଙ୍ଗଳ
ଧାଇଁଥାଏ ସଦା ତାର ପଛେ ଅମଙ୍ଗଳ ।
ମହାତ୍ମାମାନଙ୍କୁ ଯେଉଁ ଜନ ସେବାକରେ
ପରମ ଐଶ୍ୱର୍ଯ୍ୟ ଲାଭ କରେ ସେ ଅଚିରେ ।
ହେ ନୃପଶେଖର ଆଜି ସେହି ପାପେ ମୁହିଁ
କ୍ଷୁଧାରେ ଯେ ଦିବାରାତ୍ର ଆକୁଳ ହୁଅଇ ।
ଏ କଷଣୁ କେତେଦିନେ ହୋଇବି ମୁକତ
ଜାଣି ନ ପାରୁଛି ତାହା ଆହେ ତପୋବନ୍ତ ।
ବଟବୃକ୍ଷ ବାସୀ ବ୍ରହ୍ମରାକ୍ଷସ ଏପରି
କଳ୍ମଷପାଦକୁ କହିବାରୁ ଶ୍ରଦ୍ଧାକରି ।

Digitized by srujanika@gmail.com

ସେହି ଧର୍ମ ଆଲୋଚନା ପ୍ରସଙ୍ଗେ ତାଙ୍କର
ଶରୀରୁ କିୟତ ପାପ ହୋଇଲା ଅନ୍ତର ।
ଏକାଳେ କଳିଙ୍ଗ ଦେଶବାସୀ ଗର୍ଗନାମେ
ପରମ ଧାର୍ମିକ ଦ୍ୱିଜ ବୋଲି ଧରାଧାମେ ।
ସ୍କନ୍ଧେ ଗଙ୍ଗାଜଳ ଧରି ଅତି ଆନନ୍ଦରେ
ଈଶ୍ୱରଙ୍କ ସ୍ତବ ଗାନ କରନ୍ତି ଭକ୍ତିରେ ।
ଏହି ପରକାରେ ହରିନାମ କରି ଗାନ
ଅକସ୍ମାତେ ସେଠାବରେ ମିଳିଲେ ଯାଇଣ ।
ତାହାଙ୍କୁ ନୟନେ ଦେଖି ସେ ରାକ୍ଷସମାନେ
ନର୍ତ୍ତନ କରି ଧାଇଁଲେ ପ୍ରଫୁଲ୍ଲିତ ମନେ ।
ବୋଇଲେ ଅପାର ଦୟା ଅଟେ ପ୍ରଭୁଙ୍କର
ମିଳିଗଲା ସାଙ୍ଗେ ସାଙ୍ଗେ ଆସିଣ ଆହାର ।
ପରମେଶ୍ୱରଙ୍କ ନାମ ମୁଖେ ଉଚ୍ଚାରିଣ
ଗମନ କରୁଣ ଥିଲେ ଆନନ୍ଦେ ବ୍ରାହ୍ମଣ ।
ପିଶାଚୀ ଦାନବ ଦ୍ୱୟ ତାହାଶୁଣି କର୍ଣ୍ଣେ
ଭୟେ ପଶି ନ ପାରିଲେ ଦ୍ୱିଜ ସନ୍ନିଧାନେ ।
ଥୋକାଏ ଦୂରେ ଥାଇଣ କହିଲେ ଏମନ୍ତ
ଏକଥା ଅଟଇ ବଡ଼ ଆଶ୍ଚର୍ଯ୍ୟ ଚରିତ ।
ହେ ମହାତ୍ମା ତୁମ୍ଭେ ଅଟ ମହା ପୁଣ୍ୟବାନ
ଆମ୍ଭମାନଙ୍କ ପ୍ରଣାମ ଘେନନ୍ତୁ ବହନ ।
ଦାନବ ଶରୀର ଧରିଅଛୁ ଆମ୍ଭେମାନେ
ସକଳ ଜୀବଙ୍କୁ ମାରିପାରୁ କୋପମନେ ।
ତୁମ୍ଭେ ନାମ ସଂକୀର୍ତ୍ତନ କରିବାରୁ ଜାଣ
ନ ପଶି ପାରିଲୁ ଆମ୍ଭେ ତୁମ୍ଭ ନିକଟେଣ ।
ଏହା ପୂର୍ବୁ ଅଗଣିତ ବ୍ରାହ୍ମଣମାନଙ୍କୁ
ଭକ୍ଷଣ କରିଣ ଅଛୁ ଧରିଣ ତାହାଙ୍କୁ ।
ଆଜି ତୁମ୍ଭେ ନାମ ସଂକୀର୍ତ୍ତନ କରିବାରୁ
ପଶି ନ ପାରିଲୁ ତୁମ୍ଭ ପାଶେ ହୋଇ ଭୀରୁ ।
ଧନ୍ୟ ଧନ୍ୟ ତୁମ୍ଭେ ବିପ୍ର ଧନ୍ୟ ତୁମ୍ଭ ଯଶ
ନାମ ସଂକୀର୍ତ୍ତନ ସଦା କରିଛ ଅଭ୍ୟାସ ।
ଜଗତରେ ଯେତେ ଯେତେ ଶକ୍ତିଅଛି ରହି
ଏହା ସଙ୍ଗତରେ କେହି ସମାନ ନୁହଁଇ ।
ସେହି ହରିଙ୍କର ନାମ ବଡ଼ ଅଦଭୂତ
ସ୍ୱଚକ୍ଷୁରେ ଦେଖି ଆମ୍ଭେ ହେଲୁ ଆଚମ୍ବିତ ।
ଆମ୍ଭମାନଙ୍କ ଅଗ୍ରତେ ପଡ଼ି ଆଜି ତୁମ୍ଭେ
ପରମ ଆନନ୍ଦେ ଛିଡ଼ା ହୋଇଛ ଏଠାବେ ।

ହେ ବ୍ରାହ୍ମଣ ଧରୁଅଛୁ ତବ ଶ୍ରୀଚରଣ
ଏହି କଷ୍ଟରୁ ଆମ୍ଭଙ୍କୁ କର ପରିତ୍ରାଣ ।
ଗଙ୍ଗାଜଳ ଶକ୍ତ କରି ଆମ୍ଭର ଶରୀରେ
ମୁକ୍ତକର ଆହେ ବିପ୍ର ଅମ୍ଭଙ୍କୁ ଏଠାରେ ।
କହିଅଛନ୍ତି ପଣ୍ଡିତେ ଯେବଣ ବ୍ୟକତି
ଶ୍ରୀହରିଙ୍କ ସେବାକାର୍ଯ୍ୟେ ରତଥାଏ ନିତି ।
ସଂସାର ସାଗରୁ କରେ ନିଜକୁ ଉଦ୍ଧାର
ଆଉମଧ ଜଗତକୁ କରେ ସେ ନିସ୍ତାର ।
ସଂସାର ପାପର ନାମ ଅଟେ ଅଉଷଧି
ସ୍ମରଣ ମାତ୍ରକେ ଲାଭ ହୁଏ କୋଟି ନିଧି ।
ଏହି ନାମ ଆଶ୍ରେ କରି ଜଗତର ଜନ
ମୁକତ ହୁଅଇ ପାପ ପଙ୍କ ମଧ୍ୟୁ ଜାଣ ।
ନିଜେ ତରିବାକୁ ଯାର ନଥାଏ ଶକତି
ଅପର ଜନଙ୍କୁ ଅବା ତାରିବ କେମିତି ।
ହେ ବିପ୍ର ଏ ଜଗତରେ ଯେତେ ପୁଣ୍ୟତୀର୍ଥ
ସଭିଙ୍କ ମଧ୍ୟରେ ଗଙ୍ଗା ଅଟନ୍ତି ପବିତ୍ର ।
ତୁଳସୀ ପତ୍ର ସହିତେ ଦିଲେ ଗଙ୍ଗାଜଳ
ସିଞ୍ଚିଦେଲେ ପାପ ମାତ୍ରା ନ ରହେ ତତ୍କାଳ ।
ସପତ କୁଳକୁ ମଧ ପବିତ୍ର କରଇ
ଏଥିରେ ଅଣୁମାତର ସନ୍ଦେହ ଯେ ନାହିଁ ।
ଆମ୍ଭେମାନେ ମହାପାପୀ ଅଟୁ ହେ ବ୍ରାହ୍ମଣ
ଗଙ୍ଗାଜଳ ଦେଇ ମୁକ୍ତ କରାଅ ଆପଣ ।
ସକଳ ତତ୍ତ୍ୱର ତୁମ୍ଭେ ଅଟ ଧୂରନ୍ଧର
କିସ ବୁଝାଇବୁ ତୁମ୍ଭଆଗେ ଦ୍ୱିଜବର ।
ତୁମ୍ଭେତ ଜାଣିଛ ଆମ୍ଭେ ସକଳ ପାତକୀ
ଗଙ୍ଗାଜଳ ଦେଇ ତୁମ୍ଭେ ଦିଅ ସଦ୍‌ଗତିକି ।
ତୁମ୍ଭ ନାମ ଜପୁଥିବୁ ଆମ୍ଭେ ରାତ୍ରଦିନ
କାଳ କାଳକୁ ଏକଥା ରହିବଟି ଜାଣ ।
ଏମନ୍ତେ ଶୁଣି ବ୍ରାହ୍ମଣ ଆନନ୍ଦ ହୋଇଲା
ଆପଣା ମନ ମଧ୍ୟରେ ବସି ବିଚାରିଲା ।
ସାମାନ୍ୟ ଦାନବ ହୋଇ ଏହି କେଉଁପରି
ଗଙ୍ଗାଙ୍କ ମହିମା ଜାଣିଲେକ ଦୁରାଚାରୀ ।
ଏଥୁଁ ଅନୁମାନ ହୁଏ ନିଶ୍ଚେ ଏହି ତିନି
ଶାପଫଳେ ବୁଲୁଛନ୍ତି ରକ୍ଷ ଦେହ ଘେନି ।
ମୁଁ ଯେବେ ଏହାଙ୍କୁ ଗଙ୍ଗାଜଳ ପାନକରି
ମହାଘୋର ବିପଦରୁ କରିଦେବି ପାରି ।

Digitized by srujanika@gmail.com

ଜଗତେ ମୋହର ଯଶ ବିକଶି ଉଠିବ
ସନ୍ତୋଷ ହେବେ ମୋପରେକମଳାଙ୍କଧବ
ଏହିପରି ମନେ ଗୁଣି ଗର୍ଗ ତପୋଧନ
ତୁଳସୀ ସହିତ ଗଙ୍ଗାଜଳ ମିଶାଇଣ ।
ରାକ୍ଷସଙ୍କ ଉପରକୁ ତାହା ନିକ୍ଷେପନ୍ତେ
ପଡ଼ିଲା ତିନିଙ୍କ ଅଙ୍ଗେ ଯାଇଣ ତୁରିତେ ।
ନିମିଷେ ମାତ୍ରକ ଗଙ୍ଗାଜଳ ପଡ଼ିବାରୁ
ସେ ତିନିହେଁ ମୁକ୍ତିହେଲେ ଦାନବ ଶରୀରୁ ।
ଦେବତାଙ୍କ ସଦୃଶରେ ସ୍ୱରୂପ ଧରିଣ
ହୃଦୟରେ ଦିବ୍ୟ ଜ୍ଞାନ ଲଭିଲେ ସେ ଜାଣ ।
ସପୁତ୍ରା ବ୍ରାହ୍ମଣୀ ଆଉ ସୋମଦତ୍ତ ତହିଁ
ଧଇଲେ ଗୋଟିଏ ପ୍ରଭା ଶୁଣ ମନ ଦେଇ ।
ହରିଙ୍କ ସ୍ୱରୂପ ତତକ୍ଷଣେ ଲାଭ କରି
ବିରାଜିଲେ ଶଙ୍ଖ ଚକ୍ର ଗଦା ପଦ୍ମ ଧରି ।
ସେହିଗର୍ଗ ବ୍ରାହ୍ମଣଙ୍କୁ ବହୁ ସ୍ତୁତି କରି
ଚଳିଲେ ବିମାନେ ବସି ସେ ଅମର ପୁରୀ ।
କଲ୍ମଷପାଦ ରାଜନ ନିଜ ରୂପ ପାଇ
ମନେ ମନେ ଅତିଶୟ ଚିନ୍ତାକଲେ ତହିଁ ।
ମୋ ସଙ୍ଗରୁ ତିନିଜଣ ହୋଇଲେ ମୁକତ
କିମ୍ପା ତାଙ୍କ ଗତି ମୋତେ ନୋହିଲା ପ୍ରାପତ
ଏପରି ରାଜନ ମନ ମଧ୍ୟେ ବିଚାରିଣ
ଉଭା ହୋଇଥିଲେ ତହିଁ ଦୁଃଖିତ ହୋଇଣ ।
ତାହା ଜାଣି ସରସ୍ୱତୀ ଅଦୃଶ୍ୟ ଭାବରେ
ରହିଣ କହିଲେ ତାଙ୍କୁ ସୁଲଳିତ ସ୍ୱରେ ।
ଦୁଃଖିତ ନହୁଅ ତୁମ୍ଭେ ଆହେ ନୃପବର
ରହିବ ଆଉ ଥୋକାଏ ଦିନ ଏ ମହୀର ।
ତା ପରେ ତୁମ୍ଭର ହେବ ପରମ ମଙ୍ଗଳ
ଏଥକୁ ଆଉ ମନରେ କିଛିହିଁ ନ ଭାଳ ।
କର୍ମ ଅନୁସାରେ ଯାର ପାତକ ଛାଡ଼ିଛି
ଯାର ହୃଦୟରେ ହରି ଭକ୍ତି ରହିଅଛି ।
ସବୁ ପ୍ରାଣୀଙ୍କର ପ୍ରାଣେ ଯେ ଦୟା କରନ୍ତି
ଆବର ଗୁରୁଜନଙ୍କୁ ଅନ୍ତରେ ପୂଜନ୍ତି ।
ତାହାଙ୍କୁ ପରମ ପାଦ ଲାଭ ଯେ ହୁଅଇ
ଏଥିରେ ସନ୍ଦେହ ନାହିଁ ଆହେ ନରସାଇଁ ।
ତୁମେ ଧର୍ମ ପରାୟଣ ଅଟ ହେ ରାଜନ
ଅବଶ୍ୟ ମୁକତି ହେବ ଶୁଣ ଦେଇ ମନ ।

ବାଣୀଙ୍କର ଏହି ବାଣୀ ସଉଦାସ ଶୁଣି
ପରମ ସନ୍ତୋଷ ମନେ ଲଭିଲେ ସେ ପୁଣି ।
ଗୁରୁଙ୍କ ବଚନ ମନେ ସ୍ମରି ଆନନ୍ଦରେ
ପ୍ରଣାମ କରିଲେ ଯାଇ ଗର୍ଗଙ୍କ ପାଦରେ ।
ପୁଣି ଗଙ୍ଗା ସହିତରେ ପରମେଶ୍ୱରଙ୍କୁ
ସ୍ତୁତିକରି ନିଜକଥା କହିଲେ ତାହାଙ୍କୁ ।
ବାଲ୍ୟକାଳୁଁ ଯେହୁ ଯେତେ ଭୋଗ କରିଥିଲେ
ଗର୍ଗଙ୍କ ଅଗ୍ରତେ ସବୁ ବୁଝାଇ କହିଲେ ।
ତଦନ୍ତେ ତାହାଙ୍କ ପାଦପଦ୍ମେ ପୂଜାକରି
ବାହାରିଲେ ନିଜ ରାଇଜକୁ ଦଣ୍ଡଧାରୀ ।
ହରିନାମ ସଦା ସେହୁ ମୁଖେ କରି ଗାନ
ଗଙ୍ଗା ବିଶ୍ୱେଶ୍ୱର ପାଶେ ମିଳିଲେ କ୍ଷେଣ ।
ନରପତି ଆସିବାର ସେ ବଶିଷ୍ଠ ଜାଣି
ରାଜ୍ୟେ ଅଭିଷେକ କରାଇଲେ ତତକ୍ଷଣି ।
କଲ୍ମଷପାଦ ଆପଣା ରାଜ୍ୟେ ହୋଇ ରାଜା
ବିଷୟ ଭୁଞ୍ଜିଲେ ସୁଖେ ପାଳି ଜନ ପ୍ରଜା ।
ସାରା ପୃଥିବୀକୁ ଯତ୍ନେ ପାଳନ କରିଲେ
ଚିର ଶାନ୍ତିରେ ସେ ରାଜା ବିଶ୍ରାମ କରିଲେ ।
ଋଷି ଗଣଙ୍କୁ ବୋଲନ୍ତି ସୁତ ତପୋଧନ
ଗଙ୍ଗାଙ୍କ ମହିମା ଅଟେ ଅପୂର୍ବ ବିଧାନ ।
ଯାହାକୁ ଗୋଚର ନାହିଁ ମହିମା ଗଙ୍ଗାର
ମହାପାପୀ ମଧ୍ୟେ ଜାଣ ଗଣ୍ୟ ସେହି ନର ।
ମାନବ ଗଙ୍ଗାଙ୍କ ନାମ ଶୁଣିବାର ମାତ୍ରେ
କୋଟି ପାତକ ଯଦ୍ୟପି ଥାଏ ତାର ଗାତ୍ରେ ।
ତହିଁରୁ ମୁକତ ହୋଇ ସ୍ୱର୍ଗପୁରେ ବସେ
ଏଥିରେ ସଂଶୟ ନାହିଁ ଶୁଣ ହେ ତାପସେ ।
ଏହି ଗଙ୍ଗାନାମ ଯେହୁ ମୁଖରେ ଜପନ୍ତି
କି ଅବା ତ୍ରିକାଳେ ତାହା ପଠନ କରନ୍ତି ।
ଗଙ୍ଗାସ୍ନାନ ଫଳ ତାଙ୍କୁ ପ୍ରାପତ ହୁଅଇ
ଏଥିରେ ସନ୍ଦେହ ବୋଲି ଅଣୁମାତ୍ର ନାହିଁ ।
ଗଙ୍ଗା ଗଙ୍ଗା ଜପ ମୁଖେ ଆହେ ସାଧୁଜନ
ପାରହେବ ଏ ସଂସାରୁ ଭଣେ କ୍ଷେତ୍ରହୀନ ।

ଇତି ଶ୍ରୀ ବୃହତ୍ ନାରଦ ପୁରାଣ
ସୌଦାସ ଚରିତ ବର୍ଣ୍ଣନେ ନାମ
ନବମୋଽଧ୍ୟାୟଃ ।

---●----

Digitized by srujanika@gmail.com

# ଦଶମ ଅଧ୍ୟାୟ

## ଅଦିତୀ ଦେବୀଙ୍କର ତପସ୍ୟା କଥନ

ଶୁଣ ଶୁଣ ସୁଜ୍ଞଜନ ମନ କର୍ଣ୍ଣ ଦେଇ
ସୁତଙ୍କୁ ବୋଇଲେ ସର୍ବ ତପିଏ ଅନାଇଁ ।
ଆହେ ପୌରାଣିକବର ଆଉ ଏକ ଗୀର
ଶୁଣାଇ ମନୁଁ ସଂଶୟ ବେଗେ କର ଦୂର ।
ବିଷ୍ଣୁଙ୍କ ପାଦରୁ ଗଙ୍ଗା ହୋଇଣ ସମ୍ଭୂତ
ଜଗତ ମଧ୍ୟରେ କଲେ ମାନବଙ୍କ ହିତ ।
ସେହି ବିଷୟରେ ଅଛି ଯେତେକ ପୁରାଣ
ଦୟାକରି ଆମ୍ଭେ ଆଗେ କହ ତପୋଧନ ।
ଶୁଣି ବୋଇଲେକ ସୁତ ଦେବଙ୍କୁ ଅନାଇଁ
ଯାହା ପୁଚ୍ଛାକଲ ଶୁଣ ମନ କର୍ଣ୍ଣ ଦେଇ ।
ସନତକୁମାର ଆଗେ ମହାତ୍ମା ନାରଦ
ପୂର୍ବକାଳେ ଶୁଣାଇଣଥିଲା ଏ ସମ୍ବାଦ ।
କର୍ଣ୍ଣରେ ଶ୍ରବଣ କଲେ ଏ ପୁଣ୍ୟ ଆଖ୍ୟାନ
ପାପ ତାପ ଅଙ୍ଗୁ ନାଶ ହୁଅଇ ଦହନ ।
ପରିଣାମ କାଳେ ମୋକ୍ଷ ପଦ ଲାଭ ହୁଏ
ତେଣୁ ମୁଁ କହୁଛି ସର୍ବେ ଶୁଣ ଏକଲୟେ ।
କଶ୍ୟପ ନାମରେ ପ୍ରଜାପତି ବ୍ରହ୍ମା ସୁତ
ସେ ଅଟନ୍ତି ଇନ୍ଦ୍ର ଆଦି ଦେବଙ୍କର ତାତ ।
ଦକ୍ଷସୁତା ଦିତୀ ଆଉ ଅଦିତୀ ଏ ଦୁଇ
ଦୁଇ କାମିନୀ କଶ୍ୟପ ଋଷିଙ୍କର ସେହି ।
ଅଦିତୀ ଗର୍ଭରୁ ଜନମିଲେ ସୁରଗଣ
ଅସୁରଗଣଙ୍କୁ ଦିତୀ ଜନମିଲେ ପୁଣ ।
ସେହି ବେନି ବଳଙ୍କର ସଦା ରଣ ହେଲା
ଅହି ନକୁଳ ସମ୍ବନ୍ଧ ତାଙ୍କର ହୋଇଲା ।
କ୍ରମେ ଅସୁରଙ୍କ ବଂଶେ ପ୍ରହଲାଦ ନାତି
ବିରୋଚନ ନାମେ ଦୈତ୍ୟହେଲା ଉତପତ୍ତି ।
ସେହି ବିରୋଚନ ପୁତ୍ର ବଳି ନୃପବର
ତିନିପୁରେ ବୋଲାଇଲା ଯେଣୁ ସେ ଈଶ୍ୱର ।
ତାହାର କାରଣ ମାନ କହିବା ବୁଝାଇ
ଯେପରି ଜୟ ବିଜୟ ଥିଲେ ବେନିଭାଇ ।
ପୃଥ୍ୱୀଜିଣି ଭୋଗ କରିବାକୁ ନୃପବଳି
ଦିନେ ସ୍ୱର୍ଗ ଜିଣିବାକୁ ମନ ମଧ୍ୟେ ଭାଳି ।
ଅୟୁତ ଅୟୁତ ଲକ୍ଷ ଲକ୍ଷ ସୈନ୍ୟ ନେଇ
ବାହାର ହେଲା ସ୍ୱର୍ଗରେ ଧାଡ଼ିଦେବା ପାଇଁ ।
କୁଭାଣ୍ଡ ଆବର ସୂପକର୍ଣ୍ଣ ନାମେ ବେନି
ତାହାର ସଚୀବ ଥିଲେ ସେହୁ ମହାଜ୍ଞାନୀ ।
ଅକ୍ଷୌଉଣୀ ସୈନ୍ୟ ବଳ ସଙ୍ଗତରେ ନେଇ
ବାହାରିଲେ ସ୍ୱର୍ଗ ଜୟ କରିବାର ପାଇଁ ।
ଆବର ଏକଶ ପୁତ୍ର ଥିଲେ ଯେ ବଳିର
ଏକୁଁ ଏକ ବଳି ସେହୁ ମହା ଧୁରନ୍ଧର ।
ତାହାଙ୍କ ମଧ୍ୟରେ ଶ୍ରେଷ୍ଠ ଅଟେ ଯେ କୁମର
ବାଣା ବୋଲି ତାର ନାମ ଖ୍ୟାତ ଚରାଚର ।
ସେହି ବାଣାବୀର ସୈନ୍ୟ କରିଣ ଚାଳନ
ଶୁଭ ମୁହୂର୍ତ୍ତରେ ଯାତ୍ରା କଲା ତତକ୍ଷଣ ।
ଦେଖି ଧ୍ୱଜଛତ୍ର ଜନେ ଭାବନ୍ତି ମନର
ତରଙ୍ଗ ମାଳାରେ ଶୋଭା ପାଏକି ଅମ୍ବର ।
ଗଗନ ସମୁଦ୍ର ମଧ୍ୟେ ସେ ତରଙ୍ଗରାଜି
ତଡ଼ିନ୍ମାଳା ପ୍ରାଏ ଶୋଭା ପାପ କି ଗରଜି ।
ଏପରି ବହୁତ ସୈନ୍ୟ ସଙ୍ଗତରେ ନେଇ
ସିଂହ ପରି ସ୍ୱର୍ଗେ ଉପସ୍ଥିତ ହେଲା ଯାଇ ।
ସେ ଦୈତ୍ୟ ଅମରାବତୀ ଚୌଦିଗ ଘେରିଲେ
ଇନ୍ଦ୍ରଙ୍କର ନଗରୀକି ଅବରୋଧ କଲେ ।
ତାହା ଜାଣିପାରି ଇନ୍ଦ୍ର ଆଦି ଦେବଗଣ
ଶସ୍ତ୍ର ଧରି ବାହାରିଲେ କରିବାକୁ ରଣ ।
ଲାଗିଲା ତୁମୁଳ ଯୁଦ୍ଧ ଦେବ ଦୈତ୍ୟଙ୍କର
ମୁଖ ରାବ ଶବଦରେ କମ୍ପେ ଚରାଚର ।
ପ୍ରଳୟରେ ଶୁଭେ ଯେହ୍ନେ ମେଘ ଗରଜନ
ସେପରି ଶୁଭିଲା ରଣେ ଡିଣ୍ଡିମ ନିଃସ୍ୱନ ।
ବୀରମାନଙ୍କର ଭୟଙ୍କର ସିଂହନାଦ
ଜାତ ହୋଇ କଲା ପ୍ରାଣୀମାନଙ୍କୁ ସ୍ତବଧ ।
ଦେବଙ୍କୁ ଅସୁରେ ଅସୁରଙ୍କୁ ଦେବଗଣ
ନାନାଦି ପ୍ରକାରେ ଶସ୍ତ୍ର କଲେ ବରଷଣ ।
ଅସୁରଙ୍କୁ ମାରି ହାଣି ବାନ୍ଧି କରିହତ
ଏପରି ଶବଦ ରଣ କ୍ଷେତ୍ରେ ହେଲା ଜାତ ।
ଧନୁର ଟଙ୍କାର ଧ୍ୱନି ଦୁନ୍ଦୁଭି ଶବଦ
ଅଶ୍ୱହ୍ରେଷା ଦୈତ୍ୟମାନଙ୍କର ସିଂହନାଦ ।
ରଥ ସମୂହର ଧ୍ୱନି ଜାତ ଘର ଘର
ହସ୍ତୀଙ୍କର ବୃଂହଣ ଯେ ମହା ଭୟଙ୍କର ।
ଶର ଆକର୍ଷଣ ଶବ୍ଦେ ସମଗ୍ର ଜଗତ
ମହା ଶବ୍ଦମୟ ହୋଇ ଉଠିଲା ସନ୍ତତ ।

Digitized by srujanika@gmail.com

ପ୍ରଚଣ୍ଡ ସମରେ ପଶି ସୁରାସୁରଗଣ
ମେଘ ବୃଷ୍ଟିକଲା ପ୍ରାୟେ ବରଷିଲେ ବାଣ ।
ଶୂନ୍ୟେ ପରସ୍ପର ଘଷି ହୁନ୍ତେ ଶରମାଳା
ତହିଁରୁ ଉଦ୍‌ଥିତ ହେଲା ପ୍ରଚଣ୍ଡ ଅନଳ ।
ତା ଦେଖି ପ୍ରାଣୀଏ ବିଚାରିଲେ ହୋଇ ଭୀତ
ଅକାଳେ ପ୍ରଳୟ ହୋଇଲା କି ଉପସ୍ଥିତ ।
ତୀକ୍ଷ୍ଣ ଅସ୍ତ୍ର ଶସ୍ତ୍ର ଧରି ଦୈତ୍ୟ ସୈନ୍ୟଗଣ
ସମରେ ଧାମନ୍ତେ ଅତି କୁପିତ ହୋଇଣ ।
ମେଘାଚ୍ଛନ୍ନ ରଜନୀରେ ବିଜୁଳି ପରାୟ
ଶୋଭାକୁ ଧାରଣ କରିଲେ ସେ ଅତିଶୟ ।
ସେ ଭୀଷଣ ରଣ କ୍ଷେତ୍ରେ ମହାସୁରଗଣ
ଉପାଡ଼ି ନିକ୍ଷେପ କଲେ ପର୍ବତ ପାଷାଣ ।
ଇନ୍ଦ୍ର ତାହା ଦେଖି ବଜ୍ର ବାଣକୁ ପ୍ରହାରି
ସେ ପର୍ବତ ପାଷାଣକୁ ଦେଲେ ଚୂର୍ଣ୍ଣକରି ।
ଗଜଙ୍କୁ ଯୁଝିଲେ ଯୋଟି ଗଜାରୋହୀଗଣ
ଅଶ୍ୱାରୋହୀ ସଂଗେ ଅଶ୍ୱାରୋହୀ କଲେ ରଣ ।
ରଥିଏ ରଥିଙ୍କୁ ଯୋଟି କଲେ ଯୁଦ୍ଧ ଘୋର
ପଦାତି ପଦାତି ସଂଗେ କରନ୍ତି ସମର ।
ଦଣ୍ଡକୁ ଦଣ୍ଡରେ ପିଟି କେ ଭାଙ୍ଗି ପକାଏ
ପରିଘ ପ୍ରହାରି ଯୁଦ୍ଧ କରନ୍ତି ଥୋକାଏ ।
କେଉଁ ଦୈତ୍ୟ ପରିଘାସ୍ତ୍ରେ ବିତାଡ଼ିତ ହୋଇ
ଶୋଣିତ କର୍ଦ୍ଦମ ମଧ୍ୟେ ପଡ଼େ ଆଣ୍ଠୁଆଇ ।
ଗତପ୍ରାଣ ହୋଇ କେତେ ରଥର ଉପରେ
ପତିତ ହୋଇଣ ଶସ୍ତ୍ର ବାଜନ୍ତେ ଶରୀରେ ।
ସେ କାଳେ ବହୁତ ଦୈତ୍ୟ ଦେବଗଣବଳେ
ପ୍ରାଣରେ ନିହତ ହୋଇ ପଡ଼ିଲେ ଭୂତଳେ ।
ଯେତେ ଦୈତ୍ୟ ରଣକ୍ଷେତ୍ରେ ନିହତ ହୋଇଲେ
ସେ ଦେବ ଦେହକୁ ଧରି ଦୈତ୍ୟଙ୍କୁ ଯୁଝିଲେ ।
ଏପରି ଦେବଙ୍କ ବଳେ ମହାସୁର ଗଣ
ସେ ମହାଯୁଦ୍ଧରେ ଅତି ଆଘାତ ପାଇଣ ।
ସର୍ବେ ଏକ ଯୋଗ ହୋଇ ମନ ଆଣ୍ଟ କରି
ସମରେ ପଶିଲେ ନାନା ଶସ୍ତ୍ର କରେ ଧରି ।
ପରିଘ ତୋମର ଖଡ୍‌ଗ ପର୍ଶୁ ଭିନ୍ଦିପାଳ
ଦଣ୍ଡ ଚକ୍ର ଛୁରିକା ଯେ ଅଙ୍କୁଶ ଲାଙ୍ଗଳ ।
ଉପଳ ଶତଘ୍ନିଶକ୍ତି ପଟ୍ଟିଶ କୁଠାର
ଶୂଳ ଲୌହଦଣ୍ଡ ପାଶ ନାରାଚ ତୋମାର ।
ଅୟୋ ମୁଖତୁଣ୍ଡ ଲୌହପାଶ ଯଷ୍ଟି ଶୂଳ
ପରଶୁ କାର୍ମୂକ ଶର ଭାଲୀ କରବାଳ ।
ଏପରି ବିବିଧ ଶସ୍ତ୍ର ପ୍ରହାର କରିଣ
ସମରେ ଘୋଟିଲେ ଦେବଙ୍କ ସେଦୈତ୍ୟଗଣ ।
ତା ନ ସହି ଦେବଗଣ ମହା କୋପକରି
ଅସୁରଙ୍କୁ ପ୍ରହାରିଲେ ନାନା ଶସ୍ତ୍ରଧରି ।
ହାତୀ ଘୋଡ଼ା ରଥି ପଦାତିକ ସୈନ୍ୟମାନେ
ସେ କାଳେ ତୁମୁଳ ଯୁଦ୍ଧକଲେ କୋପମନେ ।
ବଢ଼ିଲା ବେଳକୁ ବେଳ ଯୁଦ୍ଧ ଟାଣହୋଇ
କେ କାହାକୁ ନ ଛାଡ଼ନ୍ତି ଜୟ ନେବାପାଇଁ ।
ଏପରି ହଜାରେ ବର୍ଷ ପରିଯନ୍ତେ ରଣ
ପ୍ରବର୍ତ୍ତିଲା ହୋଇ ଅତିଶୟ ଯେ ଦାରୁଣ ।
ତଦନ୍ତେ ଦାନବମାନେ ବଳାଧିକ ହୋଇ
ଜୟଶିରୀ ନେଲେ ଦେବଗଣଙ୍କୁ ହଟାଇ ।
ରଣେ ପରାଜିତ ହୋଇ ସଶଙ୍କ ହୃଦୟେ
ସ୍ୱର୍ଗପୁର ଛାଡ଼ି ପଳାଇଲେ ଦେବତାଏ ।
ମନୁଷ୍ୟ ରୂପକୁ ଧରି ପ୍ରାଣରକ୍ଷାଅର୍ଥେ
ମର୍ତ୍ତ୍ୟରେ ଲୁଚିଲେ ଦେବେ ବନ ଗିରିତୀର୍ଥେ ।
ନାରାୟଣ ପରାୟଣ ବୀରୋଚନ ସୁତ
ଅସୁରମାନଙ୍କ ପତି ମହା ବଳବନ୍ତ ।
ଏରୂପେ ସମର କରି ଦେବଙ୍କୁ ହଟାଇ
ତ୍ରୈଲୋକ୍ୟଭୁଞ୍ଜିଲା ଅଇଶ୍ୱର୍ଯ୍ୟଶାଳୀ ହୋଇ ।
ଅକ୍ଷୁର୍ଣ୍ଣ ଭାବରେ ଭୋଗ କରି ତ୍ରିଭୁବନ
ବିଷ୍ଣୁପ୍ରୀତି ଅର୍ଥେ କଲା ଯଜ୍ଞ ଅନୁଷ୍ଠାନ ।
ଆପେ ଇନ୍ଦ୍ର ହୋଇ ବଳି ଜଗତ ପାଳିଣ
ନିଜେ ଦିଗପାଳ କାର୍ଯ୍ୟ କଲା ସମ୍ପାଦନ ।
ବ୍ରାହ୍ମଣ ଦେବଙ୍କ ହିତେ ଯେତେ ଯଜ୍ଞ କଲେ
ସେହି ହବିର୍ଭାଗ ବଳି ଭୁଞ୍ଜିଲା ଯେ ବଳେ ।
ପ୍ରବଳ ହୋଇ ଦାନବ ତିନିପୁର ଶିରୀ
ଭୋଗକଲେ ମାନସରୁ ଭ୍ରାନ୍ତି ଦୂର କରି ।
ଏଣେ ଦେବଗଣଙ୍କର ଜନନୀ ଅଦିତୀ
ଆପଣା ପୁତ୍ରମାନଙ୍କ ଦେଖି ଏ ଦୁର୍ଗତି ।
ଆହା ମୁଁ ବୃଥାରେ ପୁତ୍ର କରିଣ ପ୍ରସବ
ମୋ ସପତ୍ନୀ ପୁତ୍ରେ ତାଙ୍କୁ ଦେଲେ ପରାଭବ ।
ଏମନ୍ତେ ମନରେ ପାଞ୍ଚି ଦୁଃଖିତ ହୋଇଣ
ହିମାଳୟ ପର୍ବତକୁ କରିଲେ ଗମନ ।

Digitized by srujanika@gmail.com

ଯେମନ୍ତେ ଇନ୍ଦ୍ରଙ୍କୁ ଅଇଶ୍ୱର୍ଯ୍ୟ ଲାଭ ହେବ
ଅସୁରମାନେ ଲୁଚିବେ ପାଇ ପରାଭବ ।
ସେପରି କାମନା ନିଜ ମନରେ ସେ କରି
ତପକଲେ ନିଶ୍ଚଳରେ ହରିଙ୍କୁ ସୁମରି ।
ଅପାର କାଳ ପର୍ଯ୍ୟନ୍ତ ସେହୁ ତପକଲେ
ପୁଣି କେତେକାଳ ଦଣ୍ଡପ୍ରାୟ ଛିଡ଼ା ହେଲେ ।
ପାଦ ଗୋଟିକରେ ଠିଆ ହୋଇ କେତେକାଳ
ତପକଲେ ମନକୁ ସେ କରିଣ ନିଶ୍ଚଳ ।
ତାହାପରେ ଭାରଦେଇ ପାଦ ଅଙ୍ଗୁଷ୍ଠିରେ
ଦଣ୍ଡପ୍ରାୟ ଛିଡ଼ା ହେଲେ ତପେ ସେହିପରେ ।
କେତେଦିନ ଫଳ ଖାଇ ପୁଣି କେତେଦିନ
ଝଡ଼ିଥିବା ପତ୍ର ଆଣିକଲେ ସେ ଭୋଜନ ।
ପୁଣି କେତେଦିନ ଜଳ ମାତ୍ର ପାନକଲେ
ତାପରେ ପବନ ଖାଇ ଶରୀର ଧରିଲେ ।
ଏହିପରି କେତେକାଳ କଟାଇ ସେ ପୁଣ
ତାହାପରେ ନ କରିଲେ କିଛି ହିଁ ଭକ୍ଷଣ ।
ଅନାହାରେ ରହି ନିଜ ହୃଦୟ ମଧରେ
ଶଚୀଦାନନ୍ଦଙ୍କୁ ଧ୍ୟାନ କରିଲେ ଅନ୍ତରେ ।
ତପକରୁ କରୁ ଦିବ୍ୟ ସହସ୍ର ବରଷ
ଗତହେଲା ଦେଖା ତାଙ୍କୁ ନ ହେଲେ ଶୀରିଶ ।
ତେଣେ ସେ ମାୟାକୁ ଦୈତ୍ୟଗଣ ତାହାଜାଣି
ବଳି ଅଗତ୍ରରେ ଯାଇ କହିଲେ ସେକ୍ଷଣି ।
ଅଦିତୀଙ୍କ ତପଶୁଣି ବଳିଭୀତ ହୋଇ
ଦାନବ ପେଶିଲେ ତପ ଭାଙ୍ଗିବାର ପାଇଁ ।
ଅସୁରେ ଦେବଙ୍କ ସ୍ୱରୂପକୁ ଧରିଗଲେ
ତପସ୍ଥାନେ ଅଦିତୀଙ୍କୁ ଚାହିଁଣ କହିଲେ ।
ଏ କଠୋର ତପ କିମ୍ପା କରୁଅଛ ମାତ
ଆହାର ନ ଖାଇ କ୍ଷୀଣକର ଅଙ୍ଗବତ ।
ତୁମ୍ଭର ଏ ତପ ଯଦି ଦାନବେ ଜାଣିବେ
ଯୁଦ୍ଧ କରି ନାନାବିଘ୍ନ ସେହୁ ଘଟାଇବେ ।
ତେଣୁ ମାତ ବେଗେ ତପ କରି ପରିହର
ଆପଣା କାର୍ଯ୍ୟ କାମରେ ହୁଅ ଅଗ୍ରସର ।
ବହୁତ ଆୟାଙ୍ଗ ସିଦ୍ଧ ମଙ୍ଗଳ କାମନା
ନ କରନ୍ତି ଜ୍ଞାନୀଗଣେ କେବେହେଁ ପ୍ରାର୍ଥନା ।
ଦେଖ ଧର୍ମ ପରାୟଣ ବ୍ୟକ୍ତି ଯେତେଛନ୍ତି
ଶରୀରକୁ ରକ୍ଷାକରି ତପ ଆଚରନ୍ତି ।
ଶରୀର ବିନଷ୍ଟ କରି ଯେ ତପ ସାଧଇ
ଆତ୍ମାଘାତୀ ପାତକରେ ସେ ଲିପ୍ତ ହୁଅଇ ।
ଏହାଜାଣି ଜନନୀ ଗୋ ଛାଡ଼ ଘୋରତପ
ତୁମ୍ଭକ୍ଳେଶ ଦେଖି ଆମ୍ଭେ ପାଉଛୁ ସନ୍ତାପ ।
ମାତୃହୀନ ହେଲେ ଜଗତରେ ପ୍ରାଣୀମାନେ
ବଞ୍ଚିଥିଲେ ଅଟନ୍ତି ଯେ ମୃତ୍ୟୁର ସମାନେ ।
ଯାର ମାତାନାହିଁ ଭାର୍ଯ୍ୟା ଅପ୍ରିୟ ଭାଷିଣୀ
ସେ ବନେ ଯିବାରଶ୍ରେୟ ଅଟେ ଗୋ ଜନନୀ ।
ତାର ପକ୍ଷେ ଗୃହ ଅଟେ ଅରଣ୍ୟ ସମାନ
ଅଥବା ରହିଲେ ଗୃହେ ନାହିଁ ସନମାନ ।
ସ୍ଥାବର ଜଙ୍ଗମ ପଶୁ ପକ୍ଷୀ ଆଦି ଯେତେ
ପ୍ରାଣୀଗଣ ଦେଖା ଯାଉଛନ୍ତି ଏ ଜଗତେ ।
ସେ ଯଦ୍ୟପି ମାତୃହୀନ ହୁଅନ୍ତି ତାହେଲେ
ଲେଶ ମାତ୍ର ସୁଖ ତାହାଙ୍କର ନାହିଁ ହେଳେ ।
ଜୀଇଥିଲେ ମୃତବତ ଅଟନ୍ତି ସେ ଜାଣ
ଆବର ଏକଇ କଥା ମନଦେଇ ଶୁଣ ।
ଦରିଦ୍ର ହେଉ ଅଥବା ପୁତ୍ର ଯୋଗୀ ହେଉ
ଭିକ୍ଷୁକ ହେଉ ବା ଦେଶ ଦେଶାନ୍ତରେ ଯାଉ ।
ସେ ଯଦ୍ୟପି ମାତୃ ମୁଖ ଦରଶନ କରେ
ପରମ ଆନନ୍ଦ ତାକୁ ମିଳଇ ଅଚିରେ ।
ପୁତ୍ର ଭାର୍ଯ୍ୟା ବନ୍ଧୁ ଆଦି ସ୍ୱଜାଣ ସହିତେ
ଆବର ତ୍ୟାଗ କରନ୍ତି ତାହାଙ୍କୁ ସମସ୍ତେ ।
କିନ୍ତୁ ମାତାପଣେ ପୁତ୍ର କେଭେଁ ଅନାଦର
କରି ନ ପାରଇ ଥିଲେ ବଞ୍ଚି ଜଗତର ।
ଧର୍ମ ପରାୟଣା ମାତା ଆଉ ସାଧ୍ୱୀପତ୍ନୀ
ଘରେ ନ ଥାଇ ସେ ବନେ ରହୁ ଯାଇ ନିତି ।
ନାରାୟଣ ପ୍ରତି ତାର ମନ ରହିଥାଇ
ଆବର ଯାହାର ପ୍ରଭୁ ପାଦେ ମନ ନାହିଁ ।
ତାହାର ଜୀବନ ଜାଣ ଅଟଇ ଅସାର
ଭୋ ମାତ ଯାହା କହିଲୁ ସତ୍ୟ ଏହି ଗୀର ।
ଏହିପରି କପଟରେ ଦୈତ୍ୟଗଣ ଯେତେ
କହିଲେହେଁ ସେ ଅଦିତୀ ଦେବୀଙ୍କ ଅଗ୍ରତେ ।
ତାଙ୍କର ସମାଧି ତିଳେ ଭଗନ ନୋହିଲା
ଆହୁରି ସମାଧି ପରେ ମନସ୍ଥିର ହେଲା ।
ଏହାଦେଖି ଦୈତ୍ୟଗଣ ମହାକ୍ରୋଧ କରି
ଗର୍ଜିଲେ ପ୍ରଳୟ ମେଘ ଗଜରନ ପରି ।

Digitized by srujanika@gmail.com

କୋଷ କଷାୟତ ନେତ୍ରେ ଚାହିଁ ରଟମଟ
ଜିହ୍ୱାଲହ ଲହ କରି କମ୍ପାଇଲେ ଓଷ୍ଠ ।
କ୍ଷଣକାଳ ମଧ୍ୟରେ ସେ ଅରଣ୍ୟକୁ ଦହି
ଦେବାକୁ ଉଦ୍ୟତ ହେଲେ କୋପାକୁଳ ହୋଇ ।
ଦନ୍ତାଗ୍ରରୁ ବିଷମାଗ୍ନି କଲେ ଉଦ୍‌ଗିରଣ
ସେ ଅଗ୍ନିରେ ଭସ୍ମହେଲା ବନ ଶତେଯୁଣ ।
ବନ ପୋଡ଼ିସଙ୍ଗେ ଦୈତ୍ୟମାନେ ପୋଡ଼ିମଲେ
ଅଦିତୀ ସେ କଥା କିଛି ଜାଣି ନ ପାରିଲେ ।
ବିଷ୍ଣୁଙ୍କର ସୁଦର୍ଶନ ଚକ୍ର ଶୂନ୍ୟେ ଥାଇ
ରକ୍ଷାକଲ ତାଙ୍କୁ ଦୁଷ୍ଟ ଦାନବଙ୍କୁ ଦହି।
ଘୋରବନ ଅନଳରୁ ସେ ଦେବ ଜନନୀ
ରକ୍ଷିତ ହୋଇଲେ ସୁଦର୍ଶନ ଚକ୍ର ଘେନି ।
ହରି ନାମ ମୁଖେ ଜପ କହେ କ୍ଷେତ୍ରଛାର
କିଞ୍ଚିତ ମାତ୍ରକେ ପାର ଏ ଭବସାଗର।
ଇତି ଶ୍ରୀ ବୃହଦ୍ ନାରଦ ପୁରାଣେ ଅଦିତୀ
ତପଶ୍ଚରଣଂ ନାମ ଦଶମୋଽଧ୍ୟାୟଃ ।

---•----

## ଏକାଦଶ ଅଧ୍ୟାୟ

### ବାମନରୂପୀ ବିଷ୍ଣୁଙ୍କର ଜନ୍ମ ଓ ବଳି ଛଳନାଦି କଥନ

ଏଥୁଅନ୍ତେ ଯାହା ହେଲା ଶୁଣ ମନଦେଇ
ବୋଇଲେକ ଋଷିଗଣ ସୁତଙ୍କୁ ଅନାଇଁ ।
ଆଉରି ଏକଇ କଥା କୁହ ତପୋଧନ
ଶୁଣିବା ନିମନ୍ତେ ଦେବ ବଳିଅଛି ମନ ।
ଦୈତ୍ୟଙ୍କ ମୁଖରୁ ଯେଉଁ ଅଗ୍ନିହେଲା ଜାତ
ସେ କିମ୍ପାଇ ଦାନବଙ୍କୁ କରିଲା ନିପାତ ।
ଅଦିତୀ ଦେବୀଙ୍କୁ ଛାଡ଼ି କ୍ଷଣକ ମଧ୍ୟରେ
ଦାନବଙ୍କୁ ଭସ୍ମ କଲା ଯାଇ ସେହି ଖରେ ।
ଅଦିତୀ ନ ପୋଡ଼ି ରକ୍ଷା ପାଇଲେ କିପରି
ବୁଝାଇ କହନ୍ତୁ ତାହା ବାରେ ଦୟାକରି ।
ଏହାଶୁଣି ସୁତ ବୋଇଲେ ହେ ଦେବଗଣ
ଯାହା ପଚାରିଲ ତାହା କହୁଅଛି ଶୁଣ ।
ହରିଭକ୍ତମାନଙ୍କର ମହିମା ଅପାର
ଶୁଣିଲେ ଆଶ୍ଚର୍ଯ୍ୟ ହେବ ସର୍ବ ମୁନିବର ।

ଶ୍ରୀହରି ନାମରେ ଯେହୁ ସଦା ରତ ଥାନ୍ତି
ନ ପଡ଼ଇ ତିଳେମାତ୍ର ତାହାଙ୍କୁ ବିପତ୍ତି ।
ତାହାଙ୍କ ପରେ ଅନିଷ୍ଟ ଘଟାଇବା ପାଇଁ
ଏହି ଜଗତ ମଧ୍ୟରେ ଜଣେ କେହି ନାହିଁ ।
ଯେଉଁ ଜଣେ ମାତ୍ର ହରିଭକ୍ତ ରହିଥିବ
ସେଠାରେ ସର୍ବଦା ଥିବେ ବ୍ରହ୍ମାବିଷ୍ଣୁ ଶିବ ।
ଆବର ଇନ୍ଦ୍ରାଦି ଆଦି ଯେତେ ଦେବଗଣ
ଗନ୍ଧର୍ବ ଅପ୍‌ସରା ସିଦ୍ଧ ଯକ୍ଷ ଯେ ଚାରଣ ।
ଏମାନେ ସର୍ବଦା ରହିଥିବେ ସେ ଠାବରେ
ସନ୍ଦେହ ନ କର ତୁମ୍ଭେ ମୋହର କଥାରେ ।
ଶ୍ରୀହରି ପାଦରେ ମନ ସର୍ବଦା ଯାହାର
କହିବି କିସ ମହିମା ମୁଖରେ ତାଙ୍କର ।
ଯେଉଁମାନେ ଶାନ୍ତ ଚିତ୍ତ ହୋଇ ସନ୍ତତରେ
ହରିନାମ ଉଚ୍ଚାରଣ କରନ୍ତି ମୁଖରେ ।
ହୃଦୟ କ୍ଷେତ୍ରରେ ତାହାଙ୍କର ହରି ନୀତି
ଅତି ହୃଷ୍ଟମନେ ବାସ କରି ରହିଛନ୍ତି ।
ଯହିଁ ଥାନ୍ତି ଶିବ ପୂଜା ପରାୟଣ ଜନେ
ହରି ପୂଜାରତ ବ୍ୟକ୍ତି ଥାନ୍ତି ଯେଉଁସ୍ଥାନେ ।
ସେହିଠାରେ ବାସ କରିଥାନ୍ତି ଦେବଗଣ
ଆବର କମଳା ଦେବୀ ତହିଁ ଥାନ୍ତି ଜାଣ ।
ବିଷ୍ଣୁ ପୂଜା ପରାୟଣ ଯହିଁ ବାସ କରେ
ସେଠାରେ କୌଣସି ବିଘ୍ନ ପଶି ଯେ ନପାରେ।
ଚୋର ବ୍ୟାଧି ଗ୍ରହ ଶତ୍ରୁପୀଡ଼ା ରାଜଭୟ
କୌଣସି କାଳରେ ତହିଁ ନ ହୁଏ ଉଦୟ ।
କୁଷ୍ମାଣ୍ଡ ପିଶାଚ ପ୍ରେତ ଆଦି ଯେତେ ଦୁଷ୍ଟ
ସେ କରି ପାରନ୍ତି ନାହିଁ ତାହାର ଅନିଷ୍ଟ ।
ଡାକିନୀ ଶାକିନୀ ତାଳଗ୍ରହ ଯେ ରାକ୍ଷସ
ପଶି ନ ପାରନ୍ତି ବିଷ୍ଣୁ ପୂଜକର ପାଶ ।
ଶିବ ଲିଙ୍ଗାର୍ଚ୍ଚନେ ରତ ଯେବଣ ବ୍ୟକତି
ହରି ଭକ୍ତଙ୍କର ପ୍ରିୟ ଅଟେ ଯେଉଁ ବ୍ୟକ୍ତି ।
ତାହାଙ୍କୁ ଦେଖିଲେ ଭୂତ ପିଶାଚ ରାକ୍ଷସେ
ଖଣ୍ଡେଦୂରେ ପଳାବନ୍ତି ପାଇ ଅତି ତ୍ରାସେ ।
ସର୍ବଜନ ହିତୈଷୀ ଯେ ସରଳ ପ୍ରକୃତି
ଯେ ହରି ଭକତ ଜିତେନ୍ଦ୍ରିୟ ଯେ ଅଟନ୍ତି ।
ଯେବଣ ସ୍ଥାନରେ ସେହୁ କରିଥାନ୍ତି ବାସ
ତହିଁ ବାସ କରିଥାନ୍ତି ସକଳ ତ୍ରିଦଶ ।

Digitized by srujanika@gmail.com

ନିମିଷେ ରହନ୍ତି ଯୋଗୀମାନେ ଯେଉଁଠାରେ
ସବୁତୀର୍ଥ ଆବିର୍ଭୂତ ହୁଅନ୍ତି ସେଠାରେ ।
ସେ ସ୍ଥାନ ହୁଅଇ ପୁଣ୍ୟକ୍ଷେତ୍ରେ ପରିଣତ
ଯେ ଯାହାକୁ ସେବାକରେ ସେ ହୁଏ ମୁକତ ।
ଶ୍ରୀହରିଙ୍କ ନାମ ମାତ୍ର କଲେ ଉଚ୍ଚାରଣ
ଦୂରକୁ ପଳାନ୍ତି ଛାଡ଼ି ଉପଦ୍ରବ ଗଣ ।
ଯେ ତାହାଙ୍କୁ ଧ୍ୟାନ ଯୋଗେ ପୂଜା କରୁଥାଏ
ଅପାର ଶକତି ତାର ଶୁଣ ତପିରାୟେ ।
ଏଣୁ ସେହି ଅନଳ ବା ସେ ଦାନବ ଗଣ
ବାଧା ଦେଇ ନ ପାରିଲେ ଅଦିତୀଙ୍କୁ ଜାଣ ।
ଶୂନ୍ୟମାର୍ଗେ ଥାଇ ପେଶି ଚକ୍ର ସୁଦର୍ଶନ
ବିପଦରୁ ଉଦ୍ଧାରିଲେ ସେ ଦେବୀଙ୍କୁ ଜାଣ ।
ପାପାତ୍ମା ଦାନବ ଗଣ ନିଜକର୍ମ ଦୋଷେ
ବନାଗ୍ନିରେ ଭସ୍ମହୋଇ ଗଲେ ଯମପାଶେ ।
ଏଥୁ ଅନନ୍ତରେ ପଦ୍ମ ପଲାଶ ନୟନ
ଶଙ୍ଖ ଚକ୍ରଧାରୀ ପ୍ରଭୁ ହୋଇଲେ ପ୍ରସନ୍ନ ।
ଅଦିତୀଙ୍କ ସମ୍ମୁଖରେ ଉପସ୍ଥିତ ହୋଇ
କହିଲେ ସହାସ୍ୟ ମୁଖେ ତାହାଙ୍କୁ ବୁଝାଇ ।
ଭୋ ଦେବ ଜନନୀ ମୁହିଁ ତବ ତପସ୍ୟାରେ
ତୋଷ ହୋଇଅଛି ଅତି ଶୁଣ ମନସ୍ଥିରେ ।
ଏଣିକି ମଙ୍ଗଳ ନିଶ୍ଚେ ହୋଇବ ତୁମ୍ଭର
ମନରୁ ସକଳ ଭୟ ପରିହାର କର ।
ତୁମ୍ଭ ମନରେ ରହିଛି ଯେଉଁ ଅଭିଳାଷ
ପୁରଣ କରିବି ତାହା ଶୁଣ ଗୋ ନାରୀଶ ।
ଶଙ୍ଖ ଚକ୍ରଧାରୀ ପ୍ରଭୁ ଏପରି କୁହନ୍ତେ
ଜଣାଇଲେ ବେଦମାତା ତାଙ୍କୁ ଯୋଡ଼ହସ୍ତେ ।
ହେ ଜଗତ ନାଥ ପ୍ରଭୁ ଜଗତ ଜୀବନ
ଆର୍ତ୍ତ ଜନଙ୍କର ଦୁଃଖକର ବିମୋଚନ ।
ପାଳନ କର୍ତ୍ତା ଯେ ଅଟ ସର୍ବ ଜୀବଙ୍କର
ନମସ୍କାର କରେ ତବ ଅଭୟ ପୟର ।
ଅରୂପ ହୋଇଣ ତୁମ୍ଭେ ବହୁରୂପ ଅଟ
ଗୁଣାତିକ ହୋଇ ବହୁ ଗୁଣରେ ପ୍ରକଟ ।
ତୁମ୍ଭେ ହରତା କରତା ଦଇବ ବିଧାତା
ତବ ଚରଣେ ନମଇ ହେ ଜଗତ ପିତା ।
ତୁମ୍ଭେ ହରି ତୁମ୍ଭେ ହର ଅଭେଦ ମୂରତି
ତବ ଅଭୟ ପୟରେ ଜଣାଏ ପ୍ରଣତି ।

ଯା ପାଶେ ଆବଦ୍ଧ ସଦା ବ୍ରହ୍ମାଦି ଅମର
ଯାର ତତ୍ତ୍ୱ ନ ଜାଣନ୍ତି ସ୍ୱୟଂ ବେଦବର ।
ନିକଟରେ ସଦାକାଳେ ଥିଲେ ମଧ୍ୟ ରହି
ଅଜ୍ଞାନତା ବଶୁଁ ଜୀବ ଜାଣି ନ ପାରଇ ।
ସହଜେ ଗୋଚର ତୁମ୍ଭେ ନୁହ ମାୟାଧର
ତବ ଶ୍ରୀଚରଣ ତଳେ କରେ ନମସ୍କାର ।
ବ୍ରାହ୍ମଣ ମୁଖରୁ ତବ ଜନମ ଲଭିଲେ
ବାହୁରୁ କ୍ଷତ୍ରିୟ ବଶ୍ୟ ଉରୁ ଜନମିଲେ ।
ଚରଣ ଯୁଗଳୁ ଶୂଦ୍ରେ ହୋଇଲେ ସମ୍ଭୂତ
ମନରୁ ଚନ୍ଦ୍ରମା ହୋଇ ଅଛନ୍ତି ନିର୍ଗତ ।
ଚକ୍ଷୁରୁ ଜନ୍ମିଲେ ସୂର୍ଯ୍ୟ ମୁଖରୁ ଅନଳ
ପୁଣି ଯେ ମୁଖରୁ ଜାତ ହେଲେ ଆଖଣ୍ଡଳ ।
ପବନ ଦେବତା ହେଲେ କର୍ଣ୍ଣରୁ ଉତ୍ପନ୍ନ
କ୍ରୋଧରୁ ଜନ୍ମିଲେ କାଳଯମ ମନେ ଘେନ ।
ରକ ଯଜୁ ଶାମ ତୁମ୍ଭେ ଅଟ ସପ୍ତସ୍ୱର
ଭୋଦେବ ତୁମ୍ଭଙ୍କୁ ମୁହିଁ କରେ ନମସ୍କାର ।
ଅନାଥର ନାଥ ତୁମ୍ଭେ ଅଗତିର ଗତି
ତେଣୁ ଦେବ ତବ ପାଦେ କରୁଛି ପ୍ରଣତି ।
ସକଳ ଘଟରେ ତୁମ୍ଭେ ବିଜୟ କରିଛ
ପ୍ରାଣୀମାନଙ୍କର ଦୁଃଖ ସୁଖ ବୁଝୁଅଛ ।
ହେ ସର୍ବଜ୍ଞ ଜନାର୍ଦ୍ଦନ ଜଗତଜୀବନ
ତବ ପାଦ ପଦ୍ମତଳେ କରେ ନିବେଦନ ।
ଯେବେ ଦୟାଅଛି ପ୍ରଭୁ ଏ ଅଧୀନା ପରେ
ମୋହର ଦୁଃଖ ବୁଝନ୍ତୁ ନମୁଛି ପୟରେ ।
ରାକ୍ଷସମାନେ ଅତ୍ୟନ୍ତ ବଳଶାଳୀ ହୋଇ
ମୋହର ପୁତ୍ରଙ୍କୁ ବହୁ କଷ୍ଟଛନ୍ତି ଦେଇ ।
ଯେବେ ସୁଦୟା କରିଛ ମୋଠାରେ ହେ ଦେବ
ମୋର ସନ୍ତାନ ଗଣଙ୍କୁ ଆନନ୍ଦେ ରଖିବ ।
ଦୈତ୍ୟମାନଙ୍କୁ ବହନ କରି ବିନାଶନ
ମୋହର ସୁତଙ୍କୁ କର ଐଶ୍ୱର୍ଯ୍ୟ ପ୍ରଦାନ ।
ସେମାନେ ସପତ୍ନୀ ପୁତ୍ର ଅଟନ୍ତି ମୋହର
ତାହାଙ୍କ ଅନିଷ୍ଟ ଚିନ୍ତା ନକରେ ମନର ।
ଏତିକି ମାଗୁଛି ମୋର ପୁତ୍ରଙ୍କ ନିମନ୍ତେ
ସକଳ ଐଶ୍ୱର୍ଯ୍ୟ ତାଙ୍କୁ ଦିଅ ଶୁଦ୍ଧଚିତ୍ତେ ।
ଅଦିତୀ ଏପରି ବର ମାଗିବାର ଶୁଣି
କହିଲେ ସୁପ୍ରୀତ ହୋଇ ତାଙ୍କୁ ଚକ୍ରପାଣି ।

Digitized by srujanika@gmail.com

ସପତ୍ନୀ ପୁତ୍ରଙ୍କ ପରେ ତୁମ୍ଭର ଯେ ସ୍ନେହ
ଦେଖିଣ ନୟନେ ତୋଷ ହେଲି ଅତିଶୟ ।
ତେଣୁ ମୁଁ ତୁମ୍ଭର ପୁତ୍ର ହୋଇବାକୁ ମାତ
ଅପାର ଆନନ୍ଦ କନ୍ଥୁ ଅଛି ମୋର ଚିତ୍ତ ।
ତୁମ୍ଭର ଏ ସ୍ତୋତ୍ର ପାଠ ଯେ ଜନ କରିବ
ସନ୍ତାନ କଷ୍ଟ ତାହାର ଦୂର ହୋଇଯିବ ।
ନିଜ ପୁତ୍ର ତୁଲେ ପର ପୁତ୍ରଙ୍କୁ ସମାନ
ଦୃଷ୍ଟିରେ ସର୍ବଦା ଦେଖୁଥାଏ ଯେଉଁଜନ ।
ତାହାଙ୍କୁ କଦାପି ପୁତ୍ର ଶୋକ ନ ବାଧଇ
ଅତ୍ୟନ୍ତ ଆନନ୍ଦେ ସେହୁ କାଳ କାଟୁଥାଇ ।
ଏମନ୍ତେ ଆଜ୍ଞା ଦିଅନ୍ତେ ପ୍ରଭୁ ଭଗବାନ
କହିଲେ ଅଦିତୀ ଦେବୀ ହୋଇ ତୋଷମନ ।
ଭୋଦେବ ତୁମ୍ଭଙ୍କୁ ମୁହିଁ କିପରି ଉଦରେ
ଧାରଣ କରିବି କହ ତାହା ମୋ ଆଗରେ ।
କୋଟି ବ୍ରହ୍ମାଣ୍ଡ ଗର୍ଭରେ ଅଛଇ ତୁମ୍ଭର
ସପତ ସାଗର ବହିଯାଏ ଖରତର ।
ଅକଳନ ଚନ୍ଦ୍ର ସୂର୍ଯ୍ୟ ଉଦରେ ଅଛନ୍ତି
କୁହ ପ୍ରଭୁ ତୁମ୍ଭଙ୍କୁ ମୁଁ କହିବି କେମିତି ।
ତୁମ୍ଭ ମହିମାକୁ ଦେବଗଣ ନ ଜାଣନ୍ତି
କଳ୍ପ କଳ୍ପ ଜପକରି ଶଙ୍କର ନ ପାନ୍ତି ।
ଏପରି ମହିମା ପ୍ରଭୁ ଅଟଇ ତୁମ୍ଭର
କୁହ କିପରି ଧାରଣ କରିବି ଗର୍ଭର ।
ସ୍ଥୂଳରୁ ସ୍ଥୂଳ ଯେ ସୂକ୍ଷ୍ମଠାରୁ ସୂକ୍ଷ୍ମତର
ଯା ନାମ ସ୍ମରଣେ ପାପ ହୋଇଯାଏ ଦୂର ।
ତେମନ୍ତ ପ୍ରଭୁଙ୍କୁ କେଉଁ ପରକାରେ ମୁହିଁ
ସମ୍ଭାଳି ପାରିବି ନିଜ ଉଦରରେ ବହି ।
ଏମନ୍ତ ବଚନ ପ୍ରଭୁ ଶୁଣି ଅଦିତୀର
ଅଭୟ ଦେଇଣ ସ୍ନେହେ ବୋଇଲେକ ଗୀର ।
ହେ ଦେବୀ ଯାହା ବୟାନ କଲ ମୋ ଅଗ୍ରତେ
ବୁଝାଇ କହୁଛି ତାହା ଶୁଣ ତୋଷଚିତ୍ତେ ।
ଅତ୍ୟନ୍ତ ଗୁପତ କଥାମାନ ଏ ଅଟଇ
କହୁଛି ଶ୍ରବଣ କର ଧୀର ସ୍ଥିର ହୋଇ ।
ଯାହାଙ୍କ ହୃଦରେ ରାଗ ରୋଷ ତିଳେ ନାହିଁ
ମୋତେ ବହିବାକୁ ଏକା ସକ୍ଷମ ଯେ ସେହି ।
ଶିବଙ୍କ ସେବକ ଯେଉଁ ବ୍ୟକତ ଅଟନ୍ତି
ମୋହର ଚରିତ ଯେହୁ ସର୍ବଦା ଶୁଣନ୍ତି ।
ସେ ମୋତେ ବହନ କରି ପାରନ୍ତି ସନ୍ତତ
ଉଶ୍ୱାସ ହୁଏ ମୁଁ ମାତ ତାଙ୍କୁ ତୁଳାବତ ।
ପତିବ୍ରତା ପତି ପ୍ରାଣା ଯେ ନାରୀ ଅଟଇ
ସେ ମୋତେ ସଦା ବହନ କରିଣ ପାରଇ ।
ପିତୃ ମାତୃ ସେବାକାରୀ ଗୁରୁଭକ୍ତ ଜନ
ଯେ ଅତିଥି ପ୍ରିୟ ଯେହୁ କରେ ଦେବାର୍ଚ୍ଚନ ।
ମୋ କଥା ଶ୍ରବଣେ ଯାର ଥାଏ ବୁଦ୍ଧିମତୀ
ଯେ ଆଶ୍ରମୋଚିତଧର୍ମ ପାଳନ କରନ୍ତି ।
ସର୍ବଦା ବହନ କରି ପାରନ୍ତି ସେ ମୋତେ
ଏଥିରେ ସଂଶୟ ନୁହେଁ ଶୁଣ ଶୁଦ୍ଧଚିତ୍ତେ ।
ଯେ ତୋଷଇ ଯୁଦ୍ଧ ତୃଷାର୍ତ୍ତଙ୍କୁ ଜଳଦେଇ
ସେ ମୋତେ ସର୍ବଦା ମାତ ବହନ କରଇ ।
ହେ ଦେବୀ ତୁମ୍ଭେତ ପତିବ୍ରତା ସତୀ ଅଟ
ଗର୍ବରେ ଧରିଲେ ମୋର କିମ୍ପା ହେବ କଷ୍ଟ ।
ତୁମ୍ଭ ଉଦରରୁ ପୁତ୍ର ରୂପେ ହୋଇ ଜାତ
ଦାନବ ବଳଙ୍କୁ ମାତ କରିବି ନିପାତ ।
ଅଦିତୀକୁ ଏସନକ ବରଦାନ ଦେଇ
ଅନ୍ତର୍ଦ୍ଧାନ ହୋଇଗଲେ ପ୍ରଭୁ ଭାବଗ୍ରାହୀ ।
ବରପାଇ ଦେବ ମାତ ଆନନ୍ଦ ମନରେ
ହରିଙ୍କୁ ସୁମରି ଚଳିଗଲେ ନିଜ ପୁରେ ।
ତହୁଁକେତେ ଦିନ ଅନ୍ତେ ସେ ଦକ୍ଷ କୁମାରୀ
ପତିଙ୍କ ଔରଷେ ଗର୍ଭବତୀ ହେଲେ ଗୋରୀ ।
ଯଥାସମୟରେ ସେହି କଶ୍ୟପ ଘରଣୀ
ଅତ୍ୟନ୍ତ ସୁନ୍ଦର ପୁତ୍ରଜାତ କଲେ ପୁଣି ।
ଯେଉଁ ସପୁତ୍ର ହେଲେ ତାଙ୍କ ଗର୍ଭରୁ ସମ୍ଭୁତ
ବାମନ ବୋଲି ତାହାଙ୍କ ନାମହେଲା ଖ୍ୟାତ ।
ସେହି ମନୋହର ମୂର୍ତ୍ତି ବାମନଙ୍କ ରୂପ
ମନେ ସୁମରିଲେ ଘୁଞ୍ଚିଯାଏ ସବୁପାପ ।
ଶଙ୍ଖ ଚକ୍ର ଗଦାପଦ୍ମ ଶୋହେ ତାଙ୍କ କର
ଅତ୍ୟନ୍ତ ସୁନ୍ଦର ମୂର୍ତ୍ତି ଦିଶେ ମନୋହର ।
କୋଟି ସୂର୍ଯ୍ୟସମ ତାଙ୍କ ତେଜ ପ୍ରକାଶଇ
ନୟନ ଯୁଗଳ ପଦ୍ମ ପରାୟ ଶୋଭଇ ।
ଦିବ୍ୟ ଆଭରଣେ ସାରା ଶରୀର ଶୋଭିତ
ପୀତ ବସନ ସେ ପିନ୍ଧିଥାନ୍ତି ହୋଇ ପ୍ରୀତ ।
ସାଧୁ ସିଦ୍ଧଗଣଙ୍କର ଆରାଧ୍ୟ ଯେ ହରି
ସେ ବାମନ ଆକୃତିରେ ଶରୀରକୁ ଧରି ।

Digitized by srujanika@gmail.com

ଜନ୍ମ ଗ୍ରହଣ କରନ୍ତେ ମାତାଙ୍କ ଗର୍ଭର
ତା ଜାଣି କାଶ୍ୟପ ତୋଷ ହୋଇଲେ ମନର ।
ସାକ୍ଷାତେ ଶ୍ରୀ ହରି ବୋଲି ସେ ଜାଣି ପାରିଣ
କୃତାଞ୍ଜଳି ପୁଟେ ସ୍ତବ କଲେ ତତକ୍ଷଣ ।
ହେ ଆଦି କାରଣ ତୁମ୍ଭେ ତ୍ରୈଲୋକ୍ୟ ଗୋସାଇଁ
ସକଳ ଜନ ନାୟକ ଅଟ ତୁମ୍ଭେ ସାଇଁ ।
ସଂହାର କରତା ତୁମ୍ଭେ ଦୈତ୍ୟଗଣଙ୍କର
ହେ ଦେବ ତୁମ୍ଭଙ୍କୁ କରୁଅଛି ନମସ୍କାର ।
ଭକ୍ତ ପ୍ରିୟ ଅଟ ତୁମ୍ଭେ ସର୍ଜନ ପାଳନ
ତିନି ଜଗତରେ ଅଟ ଦୁର୍ଜ୍ଜନ ନାଶନ ।
ପୁନଃ ପୁନଃ କରୁଅଛି ମୁହିଁ ନମସ୍କାର
ଦୟାକର ମୋହଠାରେ ବ୍ରହ୍ମାଣ୍ଡ ଈଶ୍ୱର ।
ହର୍ତ୍ତା କର୍ତ୍ତା ହୋଇ ତୁମ୍ଭେ ବାମନ ରୂପରେ
ଜନମ ଗ୍ରହଣ କରି ଅଛ ସ୍ୱଇଚ୍ଛାରେ ।
ବହୁ ପରାକ୍ରମ ପ୍ରଭୁ ତୁମ୍ଭର ଅଟଇ
ସାଧୁ ଜନଙ୍କୁ ଯେ ତାହା ଗୋଚର ଅଟଇ ।
ଭୂଜ ଚତୁଃଷ୍ଟୟେ ଶରାସନ ଗଦା ଅସି
ବିରାଜୁଅଛଇ ତୁମ୍ଭ କରେ ବିଶ୍ୱବାସୀ ।
ପୁରୁଷ ଉତ୍ତମ ଅଟ ବ୍ରହ୍ମାଣ୍ଡ ଠାକୁର
ଆପଣଙ୍କ ଚରଣରେ କରେ ନମସ୍କାର ।
ଜଳରାଶି ମଧ୍ୟେ ଅହିପୃଷ୍ଠେ ଶଯ୍ୟା କରି
ମହାସୁଖେ ଯୋଗନିଦ୍ରା ଯାଅ ଦଇତାରୀ ।
ଆପଣା ଭକ୍ତଗଣଙ୍କୁ ହୃଦୟ ପଦ୍ମରେ
ବାସକରି ରହିଥାଏ ସବୁ ସମୟରେ ।
ସୂର୍ଯ୍ୟଙ୍କ ସମାନ କାନ୍ତି ତୁମ୍ଭର ଅଟଇ
ଅତ୍ୟନ୍ତ ଉଜ୍ଜ୍ୱଳ ଦିଶୁ ଅଛି ଆହେ ସାଇଁ ।
ଯହିଁ ପୁଣ୍ୟ କର୍ମ ହେଉଥାଏ ନିରନ୍ତର
ସେହିଠାରେ ଗତାଗତ ଅଟଇ ତୁମ୍ଭର ।
ତୁମ୍ଭର ନୟନ ଚନ୍ଦ୍ର ଆଉ ସୂର୍ଯ୍ୟ ଦୁଇ
ତୁମ୍ଭେ ଯଜ୍ଞଫଳ ଦାତା ବ୍ରହ୍ମାଣ୍ଡର ସାଇଁ ।
ଯଜ୍ଞ ଅଧିଷ୍ଠାତା ପ୍ରଭୁ ସ୍ୱୟଂ ତୁମ୍ଭେ ଜାଣ
ସର୍ଜନ ବଲ୍ଲଭ କାରଣର ଯେ କାରଣ ।
ଶବ୍ଦ ବିବର୍ଜିତ ଦିବ୍ୟ ସୁଖପ୍ରଦ ହରି
ତୁମ୍ଭେ ଭକ୍ତମାନଙ୍କର ହୃଦୟ ବିହାରୀ ।
ତବ ଅଭୟ ପାଦରେ ଜଣାଏ ପ୍ରଣତି
ହେ ଭ୍ରମ ନାଶକ ଦୁଃଖ ହଟାଅ ତଡ଼ତି ।

ତୁମ୍ଭ ଆନନାମ ଯଜ୍ଞ ବରାହ ଅଟଇ
ମନ୍ଦର ଗିରିକୁ ପୃଷ୍ଠେ ଥିଲ ପ୍ରଭୁ ବହି ।
ହିରଣାକ୍ଷ୍ୟ ଦାନବ ଯେ ତବ ବାହୁବଳେ
ବିନାଶ ହୋଇ ଅଛଇ ଜାଣ ପୂର୍ବ କାଳେ ।
ହେ ବାମନ ରୂପୀ ତୁମ୍ଭେ ପର୍ଶୁରାମ ରୂପେ
ଧ୍ୱଂସ କରିଅଛ କ୍ଷତ୍ରୀ କୁଳକୁ ଯେ କୋପେ ।
କରିଛ ନିଧନ ରାମରୂପେ ରାବଣକୁ
ବଳଦେବ ରୂପେ ମୋକ୍ଷ କରିଲ ନନ୍ଦଙ୍କୁ ।
ସକଳ ଜନର ଦୁଃଖଦାତା ଲକ୍ଷ୍ମୀକାନ୍ତ
ତୁମ୍ଭଙ୍କୁ ଭଜିଲେ ଦୁଃଖ ହୁଅଇ ଦୂରିତ ।
ଏହାଜାଣି ବାର ବାର କରେ ନମସ୍କାର
ମୋହର ଦୁଃଖ ଦୂରିତ କର ଚକ୍ରଧର ।
ପୁତ୍ର ରୂପେ ମୋର ଗୃହେ ହୋଇଅଛ ଜାତ
ମାୟା କୂପେ ନ ପକାଅ ମୋତେ ଜଗନ୍ନାଥ ।
ଋଷିଗଣଙ୍କୁ ଯେ ସୁତ କହନ୍ତି ବୁଝାଇ
ତ୍ରିସନ୍ଧ୍ୟାରେ ଏହି ନାମ ଯେ ଜନ ପଢ଼ଇ ।
ସକଳ ସନ୍ତାପ ତାର ଦୂର ହୋଇଯାଏ
ଧନ ଜନ ଆଦି ବହୁ ଯଶ ସେହୁ ପାଏ ।
କଶ୍ୟପ ଏପରି ସ୍ତୁତି ବାମନଙ୍କୁ ଚାହିଁ
ପଢ଼ନ୍ତେ ଆନନ୍ଦ ମନେ ଶିରେ କରଦେଇ ।
ବାମନ ମୂରତି ସ୍ୱାମୀ ସନ୍ତୋଷ ହୋଇଣ
କହିଲେ ତାହାଙ୍କୁ ଚାହିଁ ଆନନ୍ଦ ମନେଣ ।
ହେ ତାତ ମୁଁ ତୃପ୍ତ ହୋଇଅଛି ତୁମ୍ଭପରେ
ଅବଶ୍ୟ ମଙ୍ଗଳ ମୁହିଁ କରିବି ତୁମ୍ଭରେ ।
ଅଳ୍ପକାଳ ମଧ୍ୟରେ ମୁଁ ତୁମ୍ଭର ଯେତେକ
ମନୋବାଞ୍ଛା ଅଛି ପୂର୍ଣ୍ଣ କରିବି ସେତକ ।
ପୂର୍ବ ଜନମରେ ମୁହିଁ ଏହି ପରକାର
ସନ୍ତାନ ହୋଇଣ ଜନ୍ମିଥିଲି ମରତର ।
ଭବିଷ୍ୟତ କାଳେମଧ ତୁମ୍ଭ ପୁତ୍ର ହୋଇ
ସକଳକାମନା ମାନ ପୂରାଇବି ମୁହିଁ ।
ଏହିରୂପେ କଶ୍ୟପଙ୍କୁ କହି ସେ ବାମନ
ମାତାକୋଳେ କଲେବାଲ୍ୟ ଭାବରେ କ୍ରନ୍ଦନ ।
ଅଦିତୀ ପ୍ରବୋଧ କରି କ୍ଷୀରପାନ ଦେଇ
ପୁତ୍ରକୁ ଧରିଲେ ସ୍ନେହେ ଆନନ୍ଦିତ ହୋଇ ।
ଜାତକର୍ମ ଆଦି ଯେତେ ପ୍ରକାର ବିଧାନ
ବିଧିମତେ କଲେ ତାହା କଶ୍ୟପ ସମ୍ପୂର୍ଣ୍ଣ ।

Digitized by srujanika@gmail.com

ବଢ଼ିଲେ ବାମନ ଜନ୍ମହୋଇ ମାତାକୋଳେ
ଅପାର ମଙ୍ଗଳ ଦେଖା ହେଲା ଭୂମଣ୍ଡଳେ ।
ଏହି ସମୟରେ ତେଣେ ବଳି ଦୈତ୍ୟରାଣ
ଆପଣାର ଗୁରୁ ଶୁକ୍ରାଚାର୍ଯ୍ୟଙ୍କୁ ଘେନିଣ ।
ପ୍ରଧାନ ପ୍ରଧାନ ତପି ମାନଙ୍କ ସହିତ
ବହୁକାଳ ଯାଏ ଯଜ୍ଞେ ହୋଇଲେ ପ୍ରବୃତ ।
ଦୀର୍ଘ କାଳ ପରିଯନ୍ତେ ସେହୁ ଯଜ୍ଞ କରି
ଅତିଥିଙ୍କୁ ବହୁ ଦାନ ଦେଲେ ଦଣ୍ଡଧାରୀ ।
ସେ ମହାଯଜ୍ଞରେ ବ୍ରହ୍ମବାଦୀ ଋଷିଗଣ
ବେଦ ବିଧାନରେ ମନ୍ତ୍ର ପଠନ କରିଣ ।
ଯଜ୍ଞ ହବିର୍ଭାଗ ଘେନି ଭୋଗ କରିବାକୁ
ଆହ୍ୱାନ କରିଲେ ଲକ୍ଷ୍ମୀ ସହିତେ ବିଷ୍ଣୁଙ୍କୁ ।
ତା ଜାଣି ବାମନ ରୂପୀ ପ୍ରଭୁ ଭଗବାନ
ମନ୍ଦହାସେ ଜଗତକୁ ମୋହିତ କରିଣ ।
ବଳିରାଜା ଯଜ୍ଞଶାଳେ ଉପସ୍ଥିତ ହେଲେ
ଯଜ୍ଞ ଘୃତ ଭୁଞ୍ଜିବାକୁ ସର୍ବାଗ୍ରେ ବସିଲେ ।
ମୂର୍ଖ ହେଉ ଦୁଷ୍ଟ ହେଉ ବା ହେଉ ପଣ୍ଡିତ
ହୃଦୟରେ ଭକ୍ତି ଯେବେ ହୁଅଇ ସଂଜାତ ।
ଭକତ ବତ୍ସଳ ହରି ତା ପାଶକୁ ଯାଇ
ପ୍ରବେଶ ହୁଅନ୍ତି ନିଜ ସ୍ୱରୂପ ଦେଖାଇ ।
ବଳିର ଯଜ୍ଞଶାଳାରେ ମିଳନ୍ତେ ବାମନ
ସେଠାବରେ ଥିଲେ ଯେତେ ବ୍ରହ୍ମ ଋଷିଗଣ ।
ସେମାନେ ତାହାଙ୍କୁ ଜ୍ଞାନ ଚକ୍ଷୁବଳେ ଜାଣି
ଅତ୍ୟନ୍ତ ତୋଷ ହୋଇଲେ ମନ ମଧ୍ୟେ ପୁଣି ।
ଶୁକ୍ରାଚାର୍ଯ୍ୟ ଜ୍ଞାନବଳେ ଜାଣି ସେ ସମସ୍ତ
ବଳିର ନିକଟେ ଯାଇ କହିଲେ ଏକାନ୍ତ ।
ହେ ରାଜା ତୁମ୍ଭର ଅଇଶ୍ୱର୍ଯ୍ୟ ହରିବାକୁ
ଏ ବାମନ ରୂପୀ ବିପ୍ର ଆସିଛି ଏଠାକୁ ।
ଏହାକୁ ସାମାନ୍ୟ କେଭେ ନ ମଣ ରାଜନ
କପଟରେ ସାଜିଅଛି ଜାଣ ଏ ବାମନ ।
ଅଦିତୀ ଗର୍ଭରେ ବିଷ୍ଣୁ ବାମନ ରୂପରେ
ଜନ୍ମିଛନ୍ତି ତୁମ୍ଭ ଶିରୀ ହରିବେ ଗୁପ୍ତରେ ।
ଏ ସେହି ବାମନ ଆସି ଯଜ୍ଞରେ ତୁମ୍ଭର
ଉପସ୍ଥିତ ହୋଇଛନ୍ତି ଜାଣ ଦୈତ୍ୟେଶ୍ୱର ।
ବେଳ ଥାଉ ଥାଉ ଜାଣ ଦେଉଛି ଚେତାଇ
ଏହାଙ୍କୁ ଦାନ ନ ଦେଇ ଦିଅନ୍ତୁ ଫେରାଇ ।

ତୁମ୍ଭେ ଅତ୍ୟନ୍ତ ପଣ୍ଡିତ ଅଟ ଦୈତ୍ୟ ଈଶ
ଏ କାରଣୁଁ କହୁଅଛି କରିଣ ବିଶ୍ୱାସ ।
ଆପଣାର ବୁଦ୍ଧି କରେ ସୁଫଳ ପ୍ରଦାନ
ଗୁରୁ ବୁଦ୍ଧି ତାହାଠାରୁ ଅଟେ ଗରିଆନ ।
ପରବୁଦ୍ଧି ନାନା ଅନିଷ୍ଟରେ ହେତୁ ହୁଏ
ନାରୀବୁଦ୍ଧି ଅକାଳରେ ପ୍ରଳୟ ଘଟାଏ ।
ଶତ୍ରୁର ହିତ କାମନା କରେ ଯେଉଁ ବ୍ୟକ୍ତି
ଜାଣିଲେ ବିନାଶ ତାକୁ କରିବ ନୃପତି ।
ଶତ୍ରୁର ସହାୟ ଯଦି ବିନାଶ ହୁଅଇ
ଯେବେ ସେ କୌଣସି କାର୍ଯ୍ୟ କରି ନ ପାରଇ ।
ହେ ଦୈତ୍ୟ ରାଜନ ତୁମ୍ଭେ ସବୁ ଅଛ ଜାଣି
ଅଧିକ କହିବି କିସ ଆହେ ଦୈତ୍ୟମଣି ।
କେବଳ କହୁଛି ଏହି ବାମନଙ୍କୁ ଯେବେ
ଅଣୁମାତ୍ର ଦାନ ଦେବ ସବୁ ହରିନେବେ ।
ଏହାଶୁଣି ବଳିରାଜା ବୋଇଲା ହେ ଗୁରୁ
ଜାଣିଲି ସକଳ କଥା ଶୁଣି ତୁମ୍ଭଠାରୁ ।
ଆପଣ ଏ ପରକାର ଧର୍ମ ବହିର୍ଭୂତ
ବାକ୍ୟ କହିବାର ହେଉ ନାହିଁ ଯେ ଉଚିତ ।
ଯେବେ ସ୍ୱୟଂ ଚକ୍ରଧର ଆସି ଏ ଯଜ୍ଞକୁ
ଗ୍ରହଣ କରିବେ ଦାନ ଛଳେ ମୋ ବିତ୍ତକୁ ।
ତାଠାରୁ ବଳି ସୌଭାଗ୍ୟ ହେବ କି ମୋହର
ଏହିକଥା ଗୁରୁଦେବ ମନରେ ବିଚାର ।
ଯେଉଁ ସୁପଣ୍ଡିତଗଣ ବିଷ୍ଣୁ ପ୍ରୀତି ଅର୍ଥେ
ନାନା ଯଜ୍ଞ ଅନୁଷ୍ଠାନ କରନ୍ତି ଜଗତେ ।
ସେ ବିଷ୍ଣୁ ସାକ୍ଷାତେ ଯେବେ ଉପସ୍ଥିତ ହୋଇ
ଯଜ୍ଞ ଭାଗ ସ୍ୱଇଚ୍ଛାରେ ନେବେ ଭାବଗ୍ରାହୀ ।
ତେବେ ଜଗତରେ ଆଉ ମୋଠାରୁ ଅଧିକ
କିଏ ଅଛି କୁହ କୁହ ଦୈତ୍ୟଙ୍କ ନାୟକ ।
ଯେବେ କିଛି ଅର୍ଥ ବିଷ୍ଣୁପ୍ରୀତି ଲାଗି ଦାନ
କରିପାରେ ଏ ଯଜ୍ଞରେ ଅକିଞ୍ଚନ ଜନ ।
ତାହେଲେ ସେ ଦାନ ତାର ଅକ୍ଷୟ ହୁଅଇ
ଦେହ ଅନ୍ତେ ସେହି ବିଷ୍ଣୁଲୋକକୁ ଗମଇ ।
ଅକୃତ୍ରିମ ଭକତିରେ ଯେବଣ ବ୍ୟକତି
ବିଷ୍ଣୁଙ୍କୁ ହୃଦୟ ଜନ୍ମେ ସ୍ମରୁଥାଏ ନିତି ।
ତାହାକୁ ପବିତ୍ର ବୋଲି ସାଧୁଏ କହନ୍ତି
ଦିବ୍ୟ ଗତି ଲାଭ କରେ ଜାଣ ସେହି ବ୍ୟକ୍ତି ।

Digitized by srujanika@gmail.com

ଅନିଚ୍ଛାରେ ଅନଳକୁ ଛୁଇଁ ଦେଲେ ଜନ
ଯେଉଁ ପରି ପୋଡ଼ିଯାଏ ତାର ଅପଘନ ।
ସେହିଭଳି ପାପକର୍ମୀ ଯେ ବ୍ୟକ୍ତି ଅଟଇ
ଶ୍ରୀବିଷ୍ଣୁଙ୍କୁ ସୁମରିଲେ ମୁକତ ଲଭଇ ।
ଜିହ୍ୱାଗ୍ରରେ ହରିବୋଲି କରଇ ଭଜନ
ଭକ୍ତି ସହକାରେ ନାମ ଜପେ ରାତ୍ର ଦିନ ।
ସେ ବିଷ୍ଣୁ ଲୋକରେ ଜାଣ ବସେ ନିରନ୍ତର
ବୁଧଗଣେ କହିଛନ୍ତି ଏହା ହେତୁକର ।
ଗୋବିନ୍ଦ ନାମକୁ ଯେହୁ ମୁଖେ ଜପୁଥିବ
ସକଳ ପାପରୁ ସେହୁ ମୁକତ ହୋଇବ ।
ଯେ ହରି ଜ୍ଞାନରେ ଦିଏ ଅଗ୍ନିରେ ଆହୁତି
ତାଠାରେ ସର୍ବଦା ହରି ପ୍ରସନ୍ନ ହୁଅନ୍ତି ।
ହେ ଗୁରୁ ମୋଠାରେ ହରି ପ୍ରୀତ ହେବାପାଇଁ
ଏ ଯଜ୍ଞର ଅନୁଷ୍ଠାନ ମୁହିଁ କରିଛଇଁ ।
ସେ ଯଦ୍ୟପି ମୋହଠାରେ ହୋଇ ସୁପ୍ରସନ୍ନ
କରିଛନ୍ତି ଆପେ ଏ ଯଜ୍ଞକୁ ଆଗମନ ।
ତେବେ ଜାଣ ଜୀବନେ ମୁଁ କୃତାର୍ଥ ହୋଇଲି
ମୋର ଏ ଜନମ କୋଟି ସାର୍ଥକ କରିଲି ।
ଏପରି ଶୁକ୍ରଙ୍କ ଆଗେ ବଳି ନୃପବର
କହୁଥିଲେ ଦୃଢ଼ ବାକ୍ୟ ହୋଇଣ ତତ୍ପର ।
ଏ ସମୟେ ସେ ବାମନ ରୂପୀ ବିଷ୍ଣୁ ଆସି
ମିଳିଲେ ଅନଳ ସମ ତେଜ ପରକାଶି ।
ବଳିରାଜା ସେ ପ୍ରଭୁଙ୍କୁ କରନ୍ତେ ଦର୍ଶନ
ଉଠିଲାକ ଅର୍ଘ୍ୟଧରି ହୋଇ ତୋଷମନ ।
ଅଙ୍ଗେ ଲୋମ ପୁଲକାଇ ଆନନ୍ଦିତ ହୋଇ
ଅର୍ଘ୍ୟ ଦାନ କଲା ବାମନଙ୍କ ପାଦେ ନେଇ ।
ସେକାଳେ ଆନନ୍ଦ ଅଶ୍ରୁ ନୟନରୁ ତାର
ନିର୍ଗତ ହୋଇଣ ବହିଗଲା ଧୀର ଧୀର ।
ଶିରେକର ଦେଇ ବଳି ରାଜନ ବୋଲଇ
ହେ ବିପ୍ର ତୁମ୍ଭଙ୍କୁପାଇ ଧନ୍ୟ ହେଲି ମୁହିଁ ।
ଏ ଯଜ୍ଞ ମୋହର ଆଜି ହୋଇଲା ସଫଳ
ପାଇଲି ମୁଁ ପୂର୍ବାର୍ଜିତ ସୁକୃତର ଫଳ ।
ତୁମ୍ଭର ଏ ରୂପ ଯାହା ନୟନେ ଦେଖିଲି
ତେଣୁ ମୋ ଜନ୍ମ ସଫଳ ହୋଇଲା ଭାବିଲି ।
ଯଥାର୍ଥ ଭାବରେ ଆଜି ହୋଇଲି କୃତାର୍ଥ
ଅମୃତ ବୃଷ୍ଟି ମୋ ପାଇଁ କଲେଲୋକନାଥ ।

ହେ ଦେବ ଆପଣ ହୋଇବାରୁ ସମାଗତ
ସକଳ ଆୟାସ ମୋର ହୋଇଲା ଦୂରିତ ।
ଯେତେକ ପ୍ରୟାସ ମୋର ଏ ମହୋତ୍ସବରେ
ଜାତ ହୋଇ ଥିଲା ତାହା ପଳାଇଲାଦୂରେ ।
ହେ ପ୍ରଭୁ ଏଠାରେ ଯେତେ ଋଷି ବୃନ୍ଦଛନ୍ତି
ସେମାନେ ତୁମ୍ଭ ଦର୍ଶନେ ମୁକ୍ତ ହୋଇଛନ୍ତି ।
ତପର ଫଳ ସେମାନେ ଲାଭ କଲେ ସାଇଁ
ଏଥିରେ ସନ୍ଦେହ ନାହିଁ ଭାବୁଅଛି ମୁହିଁ ।
କରଯୋଡ଼ି ନମସ୍କାର କରୁଅଛି ନାଥ
ମୋ ଠାରେ ପ୍ରସନ୍ନ ହୁଅ ହୋଇଣ ତୃପତ ।
ହେ ପ୍ରଭୋ ଯେଉଁ ଆଦେଶ ଦେବ ଏ ଭୃତ୍ୟକୁ
ପାଳନ କରିବ ତାହା ମାନିଣ ଆଜ୍ଞାକୁ ।
ଏ କଥା ମନରେ ମୁହିଁ କରିଅଛି ସ୍ଥିର
କି ଆଦେଶ ଦେବ ତାହା କୁହନ୍ତୁ ସତ୍ୱର ।
କହନ୍ତେ ଦାନବ ରାଜା ବଳି ଏ ବଚନ
ମନ୍ଦହାସେ ବୋଇଲେକ ଜଗତ ଜୀବନ ।
ବୋଇଲେ ହେ ଦୈତ୍ୟପତି ତପସ୍ୟା ନିମନ୍ତେ
ତିନିପାଦ ଭୂମି ତୁମ୍ଭେ ଦାନ କରମୋତେ ।
ମୋ ଚରଣ ପ୍ରମାଣରେ ତିନିପାଦ ମହୀ
ତୁମ୍ଭ ଠାରୁ ଘେନି ତପ କରିବଇଁ ମୁହିଁ ।
ଏହାଶୁଣି ବଳିନୃପ ବୋଇଲା ହେ ଦ୍ୱିଜ
ତିନିପାଦ ଭୂମି ଦେଲେ ହେବକେଉଁକାର୍ଯ୍ୟ ।
ତୁମ୍ଭର ପାଦ ତ ଅତି ଖର୍ବ ଅଛ ହୋଇ
ତହିଁରେ ତ୍ରିପାଦ ଭୂମି ମାଗୁଛ କିମ୍ପାଇ ।
କେତେ କଷ୍ଟ ସହ୍ୟକରି ଆସିଅଛି ଦୂରୁ
ଯେତେ ଧନ ଲୋଡ଼ା ତାହାନିଅ ମୋହଠାରୁ ।
ମୋତେ ଯେତେ ରାଜ୍ୟ ଯଦି ମାଗିବ ସମସ୍ତ
ତୁମ୍ଭର ଚରଣ ତଳେ ଅରପିବି ନାଥ ।
ହାତୀ ଘୋଡ଼ା ଧନ ରତ୍ନ ଯାହାଅଛି ପୁରେ
ସକଳ ସମର୍ପି ଦେବି ତବ ଶ୍ରୀପୟରେ ।
ଯଦ୍ୟପି ମୋଠାରୁ ନେବ ତିନିପାଦ ମହୀ
ଏକଥା ଶୁଣିଲେ ଜନେ ହସିବେ ନିଠାଇ ।
ଏମନ୍ତେ ବୋଲନ୍ତେ ବଳି କପଟ ବାମନ
ତା ହୃଦ କରାଇ ବଇରାଗ୍ୟ ଉତପନ ।
ଅବିଳମ୍ବେ ରାଜ୍ୟଭ୍ରଷ୍ଟ ହେଉ ବୋଲିମନେ
ବିଚାରି କହିଲେ ତାକୁ ମଧୁର ବଚନେ ।

Digitized by srujanika@gmail.com

ହେ ଦୈତେନ୍ଦ୍ର ଶୁଣ ତୁମ୍ଭ ଅଗ୍ରତରେ ମୁହିଁ
କହୁଛି ପରମ ଗୁପ୍ତ ବିଷୟ ବୁଝାଇ ।
ସର୍ବସଙ୍ଗ ବିହୀନ ଯେ ତାଙ୍କର ଧନରେ
କିବା ପ୍ରୟୋଜନ ଅଛି କୁହ ମୋ ଆଗରେ ।
ତୁମ୍ଭେ ଜାଣିଥିବ ନିଶ୍ଚେ ଦୈତ୍ୟଙ୍କ ଈଶ୍ୱର
ମୁଁ ଅଟଇ ଅନ୍ତର୍ଯ୍ୟାମୀ ନାହିଁ ଅନ୍ତ ମୋର ।
ସକଳ ଜଗତ ମୋହ ଗରଭରେ ଅଛି
ତେଣୁ ଧନେ ମୋର ପ୍ରୟୋଜନ ନାହିଁ କିଛି ।
ଆହୁରି ଏକଇ କଥା ଶୁଣ ଦୈତ୍ୟନାଥ
ଧନରେ କି କାର୍ଯ୍ୟ ମୋର ହୋଇବ ସାଧିତ ।
ରାଗଦ୍ୱେଷ ବିହୀନ ଯେ ସଦାଶାନ୍ତ ମତି
ମାୟାରୁ ଅତୀତ ହେଲେ ସୁଖେ ବିହରନ୍ତି ।
ନିତ୍ୟ ଯେ ଆନନ୍ଦ କରୁଥାନ୍ତି ଅନୁଭବ
ଧନ ତାହାଙ୍କର କେଉଁ ପ୍ରୟୋଜନ ହେବ ।
ସକଳ ଗୁଣେ ଯେ ସମ ବ୍ୟକତି ଅଟନ୍ତି
ସମସ୍ତ ଜୀବଙ୍କୁ ସମ ନେତ୍ରରେ ଦେଖନ୍ତି ।
ଏ ନିଖିଳ ବସ୍ତୁ ଆତ୍ମା ତୁଲ୍ୟ ଯାହାଙ୍କର
କହତ ସଂସାରେ ଦାତା କେ ଅଛି ତାଙ୍କର ।
ତାହାଙ୍କ ସକାଶେ କିବା ଦେୟ ବସ୍ତୁ ଅଛି
ତୁମ୍ଭେ ତ ପଣ୍ଡିତ ଭାବ ଏ କଥାକୁ ବାଛି ।
ଶାସ୍ତ୍ରେ ଉକ୍ତ ହୋଇଅଛି ତୁମ୍ଭେ ଜାଣିଥିବ
ପୃଥ୍ୱୀ ପରି କ୍ଷତ୍ରିୟର ଆୟତେ ରହିବ ।
ତା ହେଲେ ସକଳ ପ୍ରଜା ସେହି କ୍ଷତ୍ରିୟର
ଆଜ୍ଞାଧୀନ ହୋଇ ସୁଖ ଭୁଞ୍ଜିବେ ଅପାର ।
କର ସ୍ୱରୂପେ ରାଜାଙ୍କୁ ଋଷିମୁନି ଗଣ
ତପସ୍ୟାର ଷଷ୍ଠାଂଶକୁ କରିବେ ଅର୍ପଣ ।
କ୍ଷତ୍ରିୟଙ୍କୁ ଆଦିକରି ଭୂସ୍ୱାମୀ ଯେ ଥିବେ
ବ୍ରାହ୍ମଣଙ୍କୁ କିଛିଭୂମି ଦାନ ସେ କରିବେ ।
ଭୂମିଦାନ ଦେଲେ ତାର ମହିମା ଯେ ଅଛି
ଶୁଣ ଦୈତ୍ୟନାଥ ତାହା ବର୍ଣ୍ଣି ମୁଁ କହୁଛି ।
ଜଗତରେ ଭୂଦାନର ମହିମା ପ୍ରକୃତ
ବର୍ଣ୍ଣି କହିବାକୁ ଜାଣ କେ ନାହିଁ ସମର୍ଥ ।
ଭୂଦାନର ତୁଲ୍ୟ ଫଳ ଦେବାକୁ ଜଗତେ
ଆଉ ଅନ୍ୟଦାନ କିଛି ଦିଶୁନାହିଁ ମୋତେ ।
ଯେ ଭୂମି ଦିଅଇ ସେହୁ ନିଃସନ୍ଦେହ ଜାଣ
ଇହଲୋକ ତ୍ୟାଗକରି ଲଭଇ ନିର୍ବାଣ ।

ସାଗ୍ନିକ ଶ୍ରୋତ୍ରିୟ ବ୍ରାହ୍ମଣଙ୍କ ସୁଚିତ୍ତରେ
ଅଳ୍ପମାତ୍ର ଭୂମିଦାନ ଯେହୁ କରିପାରେ ।
ବ୍ରହ୍ମଲୋକ ପାଇବାକୁ ସେ ହୁଏ ସମର୍ଥ
ପୁନର୍ପିପତନ ତାର ନାହିଁ ଦୈତ୍ୟନାଥ ।
ବ୍ରାହ୍ମଣ ହସ୍ତରେ ଭୂମିଦାନ ଯେ ଦିଅଇ
ସମଗ୍ର ବସ୍ତୁ ଦାନର ଫଳ ସେ ଲଭଇ ।
ପରିଣାମଫଳେ ମୋକ୍ଷ ପର୍ଯ୍ୟନ୍ତରେ ସେହି
ଲାଭକରେ ଏ କଥାରେ ସନ୍ଦେହ ଯେ ନାହିଁ ।
ଭୂମିଦାନ ଦେଲେ ଅଙ୍ଗେ ଥାଏ ଯେତେପାପ
ତାହା ସବୁ ନିଃଶେଷରେ ହୋଇ ଯାଏ ଲୋପ ।
ମହାପାପୀ ଅବା ନାନାବିଧ ପାତକରେ
ଲିପ୍ତ ହୋଇ ଯେଉଁମାନେ ଥିବେ ସନ୍ତତରେ ।
ସେ ଯଦ୍ୟପି ଦଶହସ୍ତ ଭୂମିଦାନ ଦେବେ
ତେବେ ସବୁ ପାପରୁ ସେ ମୁକତ ହୋଇବେ ।
ସତ୍ପାତ୍ରରେ ଯେତେ ଭୂମିଦାନ ଦିଆଯାଏ
ତହିଁରେ ସବୁ ଦାନର ଫଳ ଲାଭହୁଏ ।
ଭୂମିଦାତା ସମାନରେ ସଉଭାଗ୍ୟବନ୍ତ
ତ୍ରିଭୁବନେ କେହି ନାହିଁ ଜାଣ ଦୈତ୍ୟନାଥ ।
ବୃତ୍ତିହୀନ ହୋଇଥିବା ବ୍ରାହ୍ମଣ ହସ୍ତରେ
ଦେଶକାଳ ଜାଣି ଭୂମିଦାନ ସେହୁ କରେ ।
ଶତ ଶତ ବରଷରେ ପୁଣ୍ୟଫଳ ତାର
ବର୍ଣ୍ଣ କହିବାକୁ ନାହିଁ ଶକତି କାହାର ।
ଦେବ ପୂଜାରତ ବୃତ୍ତିହୀନ ଯେ ବ୍ରାହ୍ମଣ
ତା ହସ୍ତରେ ଭୂମିଦାନ ଦିଏ ଯେଉଁଜନ ।
ସେ ସାକ୍ଷାତେ ବିଷ୍ଣୁଙ୍କର ସ୍ୱରୂପ ହୁଅଇ
ଏଥିରେ ସନ୍ଦେହ ବୋଲି ଅଣୁମାତ୍ର ନାହିଁ ।
ବହୁ ପରିବାର ସମନ୍ୱିତ ବୃତ୍ତିହୀନ
ବ୍ରାହ୍ମଣଙ୍କୁ ଅଳ୍ପ ଭୂମି ଯେ ଦିଅଇ ଦାନ ।
ବିଷ୍ଣୁଙ୍କର ସାଯୁଜ୍ୟ ସେ ଲାଭ କରିବାକୁ
ସମର୍ଥ ହୁଅଇ ଜାଣ କହିଲି ତୁମ୍ଭଙ୍କୁ ।
ଏକା ତିନି ଧାନ୍ୟ ଜନ୍ମେ ଯେବଣ ଭୂମିରେ
ସେହି ପ୍ରମାଣରେ ଭୂମି ଯେହୁ ଦାନକରେ ।
ତିନିଦିନ କୃତ ଗଙ୍ଗା ସ୍ନାନର ଫଳ ସେ
ଲାଭକରି ଅନ୍ତଃକାଳେ ବୈକୁଣ୍ଠରେ ବସେ ।
ଦ୍ରୋଣେ ପରିମିତ ଧାନ୍ୟ ଆଦାୟ ହେବାର
ଭୂମିକି ବ୍ରାହ୍ମଣ ହସ୍ତେ ଦିଏ ଯେଉଁ ନର ।

Digitized by srujanika@gmail.com

ଗଙ୍ଗାତୀରେ ଶତ ଶତ ଅଶ୍ୱମେଧ କଲେ
ସମାନ ନୁହଇ ତାହା ସେ ଦାନକୁ ତୁଲେ ।
ଖାରୀ ପରିମିତ ଧାନ୍ୟ ଫଳିବା ଭୂମିକି
ଯେ ଦିଅଇ ବୃତ୍ତିହୀନ ବ୍ରାହ୍ମଣକୁ ଡାକି ।
ଗଙ୍ଗାତୀରେ ଶତ ଶତ ରାଜସୂୟ ଜାଗ
ଫଳକୁ ସେ ଭୂମିଦାତା କରେ ଉପଭୋଗ ।
ଅଧିକ ମୁଁ କି କହିବି ତୁମ୍ଭ ଅଗ୍ରତରେ
ଭୂଦାନକୁ ମହାଦାନ ବୋଲନ୍ତି ଶାସ୍ତ୍ରରେ ।
ପଣ୍ଡିତେ ତାହାକୁ ଅତି ଦାନ ଯେ ବୋଲନ୍ତି
ତେଣୁ ଭୂଦାନରେ ହୁଏ ମୋକ୍ଷ ପରାପତି ।
ଏଥି ବିଷୟରେ ଏକ ଇତିହାସ ମୁହିଁ
କହୁଛି ମୋଠାରୁ ତାହା ଶୁଣ ଦୈତ୍ୟସାଇଁ ।
ଶ୍ରଦ୍ଧା ଯୁକ୍ତ ହୋଇ ଏହା ଶ୍ରବଣ କରିଲେ
ଭୂଦାନ ଦେବାର ଫଳ ଲାଭ ହୁଏ ଭଲେ ।
ପୂର୍ବକାଳେ ଭଦ୍ରମତି ନାମେ ବୃତ୍ତିହୀନ
ବ୍ରହ୍ମା ତୁଲ୍ୟ ଥିଲେ ଏକ ଦରିଦ୍ର ବ୍ରାହ୍ମଣ ।
ଦେବତତ୍ତ୍ୱ ଜ୍ଞାତାସେହୁ ପଣ୍ଡିତେ ଦ୍ୱିଜାତି
ସମଗ୍ର ପୁରାଣ ଧର୍ମ ଶାସ୍ତ୍ରକୁ ଜାଣନ୍ତି ।
ଶୂତା ସିନ୍ଧୁ ଯଶୋବତୀ କାମିନୀ ମାନିନୀ
ଶୋଭାନାମେ ଥିଲେ ତାହାଙ୍କର ଷଡ଼ପତ୍ନୀ ।
ସେ ଷଡ଼ ପତ୍ନୀଙ୍କ ଗର୍ଭେ ତ୍ରିଶତ ଚାଳିଶ
ତନୟ ଜନମ ହେଲେ ଜାଣ ଦୈତ୍ୟଈଶ ।
ସେ ପୁତ୍ରେ କ୍ଷୁଧାରେ ଆର୍ତ୍ତ ହୋଇ ପ୍ରତିଦିନ
ଅଙ୍ଗେ ଘୋର କଷ୍ଟ ସହି କାଟୁଥିଲେ ଦିନ ।
ଦିନେ କ୍ଷୁଧାତୁର ହୋଇ ସେହି ଭଦ୍ରମତି
ଆହାର ନ ପାଇ ବସିଥିଲେ ମଥାପୋତି ।
ଏହି ସମୟରେ ଆସି ପୁତ୍ରେ ତାହାଙ୍କର
ଚୌପାଶେ ବେଢ଼ି ବସିଲେ ମଣ୍ଡଳୀ ଆକାର ।
ତା ଦେଖି ବ୍ରାହ୍ମଣ ଅତି ବ୍ୟାକୁଳ ହୋଇଣ
ମନରେ ଭାବନା କଲେ ବିଳାପ କରିଣ ।
ଆହା ଯାର ଧନ ନାହିଁ ସଉଭାଗ୍ୟ ନାହିଁ
ସଂସାରେଜନମ ହେବା ତା ଧିକ ଅଟଇ ।
ଉଦର ପୋଷିବା ପାଇଁ ସଦା ଯେ ଚିନ୍ତିତ
ଅତିଥି ସତ୍କାରେ ଯେହୁ ଅଟେ ଅସମର୍ଥ ।
କୌଣସି ପ୍ରକାରେ ଯାର ନାହିଁ ସଦାଚାର
ଜୀବିକା ନିର୍ବାହ ହୁଏ ପରଧନେ ଯାର ।
ସୁଖ୍ୟାତି ନଥାଏ ଯାର ବନ୍ଧୁ ବାନ୍ଧବରେ
ଧିକହେଉ ତା ଜୀବନ ଧିକ ଏ ମହୀରେ ।
ବହୁତ ସନ୍ତାନ ଯାର ହୋଇବେ ଉତ୍ପନ୍ନ
ସେ ଯେବେ ହୋଇବ ଅଇଶ୍ୱର୍ଯ୍ୟରେ ବିହୀନ ।
ନ ଥିବ ତାହାର ଗୃହେ ଧନ ଧାନ୍ୟ କିଛି
ତାର ଜୀବନରେ କିବା ପ୍ରୟୋଜନ ଅଛି ।
ଶତ ଶତ ଧିକ ହେଉ ଜନମକୁ ତାର
ଜୀଇଥିଲେ ମୃଗବତ ଅଟଇ ସେ ନର ।
ଦରିଦ୍ର ସାଗରେ ମଗ୍ନ ହୁଏ ଯେଉଁ ଜନ
ତା ସଂଗେ ବୁଡ଼ଇ ତାର ଥାଏ ଯେବେ ଗୁଣ ।
କୁଳଶୀଳ ମଧୁରତା ପାଣ୍ଡିତ୍ୟ ସକଳ
ଥିଲେହେଁ ଧନ ଅଭାବେ ଅଶୋଭା କେବଳ ।
ନିଧନୀ ବ୍ୟକ୍ତିଙ୍କୁ ସର୍ବେ ଇଙ୍ଗିତ କରନ୍ତି
ଦୂରୁ ଦୂରୁ ମାର ମାର କହି ତଡ଼ି ଦ୍ୟନ୍ତି ।
ଚାଣ୍ଡାଳ ପାଶରେ ଯେବେ ଧନ ରହିଥାଏ
ଦେଖିଲେ ଆଦର ତାକୁ କରନ୍ତି ସଭିଏଁ ।
ଦରିଦ୍ର ଜନଙ୍କୁ ଘୃଣା କରନ୍ତି ସକଳେ
ବାତ୍ସଲ୍ୟ କରନ୍ତି ତାର ପଛେ ସବୁବେଳେ ।
ଯାହାର ଧନଅଛଇଁ ହେଉ ସେ ନିଷ୍ଠୁର
ତାହାକୁ ସକଳ ଜନେ କରନ୍ତି ଆଦର ।
ନିର୍ଗୁଣ ମୁରୁଖ ଅବା ହେଉ ସେ ପଣ୍ଡିତ
ଧାର୍ମିକ ହେଉ ବା ହେଉ ଅଧମେ ଗଣିତ ।
ତାପରେ ତାହାର ତିଳେ ସନ୍ଦେହ ନ ଥାଇ
ଧନ ଏକା ହେତୁ ସଦା ପୂଜ୍ୟ ସେ ହୁଅଇ ।
କି ଭୀଷଣ ଦୁଃଖପ୍ରଦ ନୁହେ ଦରିଦ୍ରତା
ଭାବୁଥିଲେ ପରିଶେଷ ନୁହଁଇ ସେ କଥା ।
ମନୁଷ୍ୟର ଆଶା ଏକା ଦୁଃଖକୁ ଦିଅଇ
ସୁଖୀ ଯେହୁ ହୁଏ ତାର କିଛି ଆଶା ନାହିଁ ।
ଆଶାର ଅଧୀନ ଯେଉଁମାନେ ହୋଇଥାନ୍ତି
ଦାସ ପରାୟ ଅପର ବ୍ୟକ୍ତିଙ୍କୁ ଖଟାନ୍ତି ।
ମହତୀ ଆଶାର ମୂଳ ଅଟେ ଦରିଦ୍ରତା
ଘଟାଇ ଦିଏ ସେ ନାନା ଅନର୍ଥର ପନ୍ଥା ।
ଦରିଦ୍ର ଜନ ସକଳ ବିଦ୍ୟା ଜାଣିଲେ ହେଁ
ଧନ ଅଭାବରୁ ମୂର୍ଖ ପ୍ରାୟ ଦେଖାଯାଏ ।
ସେ ଦରିଦ୍ର ରୂପ ମହା ରୋଗେ ହୁଏ ଗ୍ରସ୍ତ
ତହିଁରୁ ତାହାକୁ କେହି ନ କରନ୍ତି ମୁକ୍ତ ।

Digitized by srujanika@gmail.com

ଜଗତେ ଦାରିଦ୍ର୍ୟଠାରୁ ଦୁଃଖପ୍ରଦ ହୋଇ
ବିଚାରିଲେ ଆଉ କିଛି କଥା ଦିଶୁ ନାହିଁ ।
ତାପରେ ଦରିଦ୍ର ଯେବେ ବହୁ ପୁତ୍ରୀ ହୁଏ
ତା ଦୁଃଖ ଅନ୍ତ କରିବ ଏ ଜଗତେ କିଏ।
ଏପରି ସେ ଭଦ୍ରମତି ଦ୍ୱିଜ ମନେ ମନେ
ବିଚାରି ଅନେକ କାଳ ବସିଲେ ମଉନେ।
ତଦନ୍ତେ ଭାବିଲେ ସେହୁ ବସିଣ ମନରେ
ଅଳପ ଧନରେ କେଉଁ କାର୍ଯ୍ୟ ହୋଇ ପାରେ ।
ବାଛି ବାଛି ଏକ କଥା ସେହୁ ସ୍ଥିର କଲେ
ଭୂମିଦାନ ସର୍ବପରେ ଶ୍ରେଷ୍ଠ ଯେ ମଣିଲେ।
ମାନବ ଯଦ୍ୟପି ଭୂମିଦାନ ଦେଇ ପାରେ
ତାହାର କାମନା ସିଦ୍ଧି ହୁଅଇ ଅଚିରେ ।
ଏପରି ସେ ଭଦ୍ରମତି ବ୍ରାହ୍ମଣ ବିଚାରି
ବାହାରିଲେ ଗୃହିଣୀକୁ ସଙ୍ଗତରେ ଧରି ।
କୌଶମ୍ବି ନଗରେ ଯାଇ ପ୍ରବେଶ ହୋଇଲେ
ସୁଘୋଷ ନାମେ ବିପ୍ରଙ୍କୁ ସେଠାରେ ଦେଖିଲେ ।
ବହୁଧନ ଧାନ୍ୟ ସମନ୍ୱିତ ସେ ବ୍ରାହ୍ମଣ
ତାହାଙ୍କୁ ମାଗିଲେ ପଞ୍ଚାହାତ ଭୂମିଦାନ ।
ସେ ସୁଘୋଷ ସୁମତୀଙ୍କୁ ପରିବାର ସହ
ଦେଖନ୍ତେ କହିଲେ ମନେ ହୋଇଣ ଉତ୍ସାହ
ଆହେ ଭଦ୍ରମତୀ ତୁମ୍ଭେ ଅନୁଗ୍ରହ କରି ।
ଯେବେ ଆସିଛ ମୋଠାରୁ ସକୁଟୁମ୍ବ ଧରି ।
ତେବେ ଆଜି ଚରିତାର୍ଥ ହୋଇଲି ମୁଁ ଜାଣ
ହୋଇଲା ସଫଳ ମୋର ଜନମଟି ପୁଣ ।
ତୁମ୍ଭ ଯୋଗେ ସୁପବିତ୍ର ହୋଇଲା ମୋ କୁଳ
ଆବର ହୋଇଲା ମୋର ସମସ୍ତ ମଙ୍ଗଳ ।
ଧାର୍ମିକ ସୁଘୋଷ କହି ଏମନ୍ତ ପ୍ରକାରେ
ପୂଜା କଲେ ତାଙ୍କୁ ବିଷ୍ଣୁଭାବି ମାନସରେ ।
ବୋଇଲେ ହେ ବିଷ୍ଣୁମୟୀ ପାଦ୍ୟଅର୍ଘ୍ୟଦେଇ
ବସୁଧା ବିଷ୍ଣୁଙ୍କ ଯୋଗେ ପାଳିତ ଅଟଇ ।
ତେଣୁ ମୁଁ ବିଷ୍ଣୁଙ୍କ ପ୍ରୀତି ଅର୍ଥେ ଭୂମିଦାନ
ଦେଉଛି ମୋଠାରେ ହରି ହୁଅନ୍ତି ପ୍ରସନ୍ନ ।
ଏହି ମନ୍ତ୍ର ଗୋଟି ପାଠକରି ପାଞ୍ଚ ହସ୍ତ
ସେ ବିପ୍ରଙ୍କୁ ଭୂମିଦାନ ଦେଲେ ହୋଇ ତୃପ୍ତ ।
ତାଙ୍କଠାରୁ ଭୂମିଦାନ ନେଇ ବିପ୍ରବର
ଯାହାକଲେ ହେ ସୁଜନେ ଶୁଣ ତାହା ଧୀର ।

ଶ୍ରୋତ୍ରୀୟ ବ୍ରାହ୍ମଣଜଣେ ସକୁଟୁମ୍ବ ଘେନି
ଥିଲେ ସେ ଶ୍ରୀହରି ଭକ୍ତଅଟେ ମହାଜ୍ଞାନୀ ।
ସେହି ବ୍ରାହ୍ମଣଙ୍କୁ ଡାକି ହର୍ଷେ ଭଦ୍ରମତୀ
ପାଇଥିବା ଭୂମିଦାନ ନେଲେ ତୋଷେ ଅତି ।
ସେ ଭୂମିଦାନର ଫଳ ପାଇଣ ବ୍ରାହ୍ମଣ
ଯେଉଁ ସ୍ଥାନେ ଗଲେ ବନ୍ଧୁ କୁଟୁମ୍ବ ଘେନିଣ ।
ସେ ସ୍ଥାନରେ ତାଙ୍କୁ ଆଉ କ୍ଳେଶ ନ ପଡ଼ିଲା
ପୁତ୍ର ଭାରିଯା ଗଣଙ୍କୁ ଖୁସିରେ ପାଳିଲା ।
କିଛିଦିନ ପରେ ସେହୁ ପରାଣ ତେଜନ୍ତେ
ବିଷ୍ଣୁଙ୍କ ଭୁବନେ ଯାଇ ରହିଲେ ନିଶ୍ଚିନ୍ତେ ।
ଯୁଗ ଯୁଗାନ୍ତରେ ଶେଷଯାଏ ବିଷ୍ଣୁଲୋକେ
ରହିଲେ ଆନନ୍ଦମନେ ତହିଁ ଅତି ସୁଖେ।
ପୁଣି ଏକ ଶତାଯୁତ ଯୁଗ ବ୍ରହ୍ମଲୋକେ
ବାସ କରିଣ ରହିଲେ ସେହୁ ମନ ସୁଖେ ।
ରହୁଁ ପରଲୋକ ତେଜି ସ୍ୱର୍ଗ ପୁରେ ଗଲେ
ପଞ୍ଚକଳ୍ପ ଯାଏ ଇନ୍ଦ୍ରପଦ ଭୋଗକଲେ ।
ତାପରେ ସର୍ବ ଐଶ୍ୱର୍ଯ୍ୟେ ହୋଇ ଅଧିକାରୀ
ଦିବ୍ୟ ଭୋଗ କଲେ ପୃଥିବୀରେ ବାସକରି।
ଜାଣ ସ୍ମରହୋଇ ପୂର୍ବଜନ୍ମ କଥା ଜାଣି
ଭୂମିଦାନ ଦେଲେ ବ୍ରାହ୍ମଣଙ୍କୁ ଡାକିଆଣି ।
ନିଷ୍କାମ ହୃଦୟେ ବୃତ୍ତିହୀନ ବ୍ରାହ୍ମଣଙ୍କୁ
ଡକାଇଣ ଭୂମିଦାନ ଦେବାରୁ ତାହାଙ୍କୁ ।
ମନ ମଧ୍ୟରେ ଅପାର ଆନନ୍ଦିତ ହୋଇ
ଦାନ କରନ୍ତେ ଭୁଞ୍ଜିଲେ ବିପ୍ରେ ତୋଷହାଇ ।
ପରିଣାମ କାଳେ କୋଟି ବଂଶର ସହିତ
ମୋକ୍ଷ ପଦପାଇ ନିତ୍ୟ ସ୍ଥଳେ ହେଲେ ସ୍ଥିତ ।
ଏଣୁ କହୁଅଛି ଶୁଣ ହେ ଦୈତ୍ୟ ରାଜନ
ତୁମ୍ଭେତ ସର୍ବଜ୍ଞ ମୋହକଥା ମନେ ଘେନ ।
ମୁଁ ତପ କରିବି ମୋକ୍ଷ ହୋଇବା ଆଶାରେ
ତିନିପାଦ ଭୂମି ମୋତେ ଦିଅ ହରଷରେ।
ଏଥିରୁ ଅଧିକ ଦ୍ରବ୍ୟ ଆୟୋଜନ ନାହିଁ
ତା ଆନ ଦ୍ୱିଜ ମାନଙ୍କୁ ଦିଅତୋଷ ହୋଇ ।
ମୋ ପାଦ ପ୍ରମାଣେ ତିନିପାଦ ଭୂମିଦାନ
ଦେଲେ ମୁଁ ଆନନ୍ଦ ମନେ ଚଳିବି ବହନ ।
ଏମନ୍ତ କହନ୍ତେ ସେ ବାମନ ବଳିବୀରେ
ଅଳ୍ପହସି ବୋଇଲେକ ବଳି ଦୈତ୍ୟଧୀରେ ।

Digitized by srujanika@gmail.com

ବୋଇଲା ଯା କର୍ମେ ଧାତାଲେଖିଥାଏ ଯାହା
ସଂସାରେ ଅନ୍ୟଥା କେହ୍ନୁ ନ କରିବ ତାହା ।
ଏ ବାମନକେତେ କଷ୍ଟେ ଏଥେ ଆସିଛନ୍ତି
ମାତ୍ର ତିନିପାଦ ଭୂମି ଦାନ ମାଗୁଛନ୍ତି ।
ସବୁରାଜ୍ୟ ମାଗିଥାନ୍ତେ ଯଦି ମୋତେ ସେହି
ଅତ୍ୟନ୍ତ ଆନନ୍ଦ ମନେ ତାଙ୍କୁ ଥାନ୍ତି ଦେଇ ।
କୌଣସି କଥାକୁ ସେହୁ କର୍ଣ୍ଣେ ନ ଶୁଣନ୍ତି
କେବଳ ତ୍ରିପାଦ ମାତ୍ର ଭୂମି ମାଗୁଛନ୍ତି ।
ଏମନ୍ତ ବୋଲିଣ ବଳି ନୃପ ତୋଷ ହୋଇ
ଭୂମିଦାନ ଲାଗି ଜଳ କରେ ଘେନି ତହିଁ ।
ଉଠନ୍ତେ ତାହା ଜାଣିଣ ଶୁକ୍ର ତପପରେ
ବିଘ୍ନ ଘଟାଇଲେ ଆଣି ସେ ଦାନ କାର୍ଯ୍ୟରେ
ଯେଉଁ ଜଳପାତ୍ର କରେ ଧରିଥିଲା ବଳି
ତାହାର ରନ୍ଧ୍ରରେ ଶୁକ୍ର ପଶିଗଲେ ଗଳି ।
ତେଣୁବାଟ ରୁଦ୍ଧ ହୋଇ ବାମନଙ୍କ ହସ୍ତେ
ନ ପଡ଼ିଲାଦାବାଜଳ ଦେଖିଲେ ସମସ୍ତେ ।
ସର୍ବ ବ୍ୟାପି ହରିକୁଟ ଜାଣି ତାହାଙ୍କର
ବଜ୍ର ତୁଲ୍ୟ କୁଶ ଏକ ଧରିଣ ହସ୍ତର ।
ବଳିଟେକି ଧରିଥିବା ଗଡୁର ରନ୍ଧରେ
କେଞ୍ଚିଦେଲେ ସେ କୁଶକୁ ନେଇ ଅତି ଖରେ ।
ସେ ରନ୍ଧ୍ରରେ ପ୍ରବେଶନ୍ତେ ବାମନଙ୍କ କୁଶ
ତେଜରେ ସେ କଲା କୋଟି ସୂର୍ଯ୍ୟପ୍ରଭାନାଶ
ଅମୋଘ ବ୍ରହ୍ମାସ୍ତ୍ର ସ୍ୱରୂପକୁ ସେ ଧଇଲା
ଶୁକ୍ରଙ୍କର ଏକ ଗୋଟି ଚକ୍ଷୁ ତାଡ଼ିଦେଲା ।
ଦାନବ ଗଣଙ୍କୁ କ୍ରୋଧେ ଚାହିଁ ଶୁକ୍ରାଚାର୍ଯ୍ୟ
ବୋଇଲେ ତୁମ୍ଭରି ଲାଗି ଏହି ଦଶାଆଜ ।
ଭୋଗିଲି ମୁଁ ସ୍ୱଚକ୍ଷୁରେ ବିଷ୍ଣୁଙ୍କ ହାତରେ
ତେଣୁ ଅଭିଶାପ ଦେଉଅଛି ଏହିଠାରେ ।
ମୋ ପରାୟେ କଣାହୋଇ ମହାସୁର ଗଣ
ଆଜହୁଁ କରିବ ଏକ ଚକ୍ଷୁରେ ଦର୍ଶନ ।
ଏମନ୍ତ ବୋଲି ସେ ଅସ୍ତ୍ର ତୁଲ୍ୟ କୁଶାଗ୍ରକୁ
ଚକ୍ଷୁରୁ ବାହାର କରି ଆସିଲେ ପଦାକୁ ।
ଜଳଢାଳି ବଳିରାଜା ବାମନଙ୍କ କରେ
ତିନିପାଦ ଭୂମିଦାନ ଦେଲେ ହରଷରେ ।
ସେ ବିଶ୍ୱାତ୍ମା ମହାବିଷ୍ଣୁ ବାମନ ସ୍ୱରୂପ
ଲୁଚାଇ ଧରିଲେ ସେହିଠାରେ ବିଶ୍ୱରୂପ ।

ବ୍ରହ୍ମଲୋକ ପରିଯନ୍ତେ କାୟା ବଢ଼ାଇଣ
ପାଦକରେ ପୃଥ୍ୱୀଯାକ କରିଲେ ଧାରଣ ।
ଅପର ପାଦରେ ବ୍ରହ୍ମଲୋକ ପରିଯନ୍ତେ
ଗ୍ରାସକରେ ଭୂ ର୍ଭୁବଃସ୍ୱଃ ମହ ଆଦିଯେତେ ।
ସେ କାଳେ ତାଙ୍କ ଚରଣାଙ୍ଗୁଷ୍ଠର ତାଡ଼ନେ
ବ୍ରହ୍ମାଣ୍ଡ ଫାଟି ଦ୍ୱିଭାଗ ହୋଇଲା ତକ୍ଷଣେ ।
ସେ ପଥରେ ଜଳରାଶି ହୋଇଣ ନିର୍ଗତ
ଚାହୁଁ ଚାହୁଁ ମର୍ତ୍ତ୍ୟପୁରେ ହୋଇଲା ପ୍ଲାବିତ ।
ସେ ନିର୍ମଳ ଜଳରାଶି ଆସିଣ ବହନ
ବିଷ୍ଣୁଙ୍କ ପାଦକୁ ଧୌତ କଲା ସେଠାବେଣ ।
ବ୍ରହ୍ମାଦି ଦେବଗଣକୁ ସେ ପବିତ୍ର କଲା
ସୁମେରୁ ଶିଖରେ ଯାଇ ସେ ଜଳ ପଡ଼ିଲା ।
ସେକାଳେ ବ୍ରହ୍ମାଦି ଦେବଗଣଙ୍କ ସହିତେ
ଋଷି ମହାଋଷି ମନୁ ଗଣ ଥିଲେ ଯେତେ ।
ସେ ଅଦ୍ଭୁତ ଘଟଣାକୁ କରି ଦରଶନ
ଶ୍ରୀହରିଙ୍କୁ ସ୍ତୁତିକଲେ ଭକତ ଭାବେଣ ।
ବୋଇଲେ ହେ ଦେବ ଦେବ ଜଗତ ଈଶ୍ୱର
ଜଗତ ପାଳକ ତୁମ୍ଭେ ଅମରଙ୍କ ବର ।
ଶ୍ରେଷ୍ଠଠାରୁ ଅତିଶ୍ରେଷ୍ଠ ଅଟେ ତୁମ୍ଭ କାୟ
ଅବ୍ୟାହତ କର୍ମ ତୁମ୍ଭର ହେ ଦୟାମୟ ।
ତୁମ୍ଭେ ସ୍ୱୟଂ ବ୍ରହ୍ମରୂପ ଆହେ ଜଗନ୍ନାଥ
ତୁମ୍ଭ ମନପ୍ରାଣ ତୁମ୍ଭେ ବ୍ରହ୍ମରେ ଆଶକ୍ତ ।
ଏତେ ଏତେ ବୋଲି ତୁମ୍ଭ ପ୍ରମାଣକୁ କେହି
ଜାଣିବାର ବ୍ୟକ୍ତି ତିନି ଭୁବନରେ ନାହିଁ ।
ପରମ ଆନନ୍ଦ ସ୍ୱରୂପ ହେ ଯୋଗେଶ୍ୱର
ତବ ଶ୍ରୀଚରଣେ କରୁଅଛି ନମସ୍କାର ।
ତୁମ୍ଭର ଅଗମ୍ୟ ସ୍ଥାନ ବ୍ରହ୍ମାଣ୍ଡରେ ନାହିଁ
ଯହିଁକି ଚାହିଁଲେ ତୁମ୍ଭେ ବିକଶୁଛ ତହିଁ ।
ହେ ଦେବ ତୁମ୍ଭଙ୍କୁ କରୁଅଛି ନମସ୍କାର
ଆମ୍ଭର ପ୍ରଣାମ ପ୍ରଭୁ ବାରେ ଘେନାକର ।
ଏହିପରି ବ୍ରହ୍ମାଆଦି ଦେବଗଣେ ସ୍ତୁତି
କରିବା ଶୁଣନ୍ତେ ତୁଷ୍ଟ ହୋଇ ବିଶ୍ୱମୂର୍ତ୍ତି ।
ମନ୍ଦହାସ କରି ତାଙ୍କୁ ନିଜ ନିଜ ପଦ
ଅଭୟ ପୂର୍ବକ ଦାନ କଲେକ ଗୋବିନ୍ଦ ।
ତଦନ୍ତେ ବଳିକୁ ବାନ୍ଧି ରସାତଳେ ନେଲେ
ରହିବାକୁ ବାସସ୍ଥାନ ସେଠାବରେ ଦେଲେ ।

Digitized by srujanika@gmail.com

ନାନା ଭୋଗ ବହୁଳ ଯେ ରସାତଳପୁର
ସେଠାରେ ରହିଲା ବଳି ନୃପ କରି ଘର ।
ଏହା ଶୁଣି ଋଷିଗଣ କହିଲେ ସେ ସୁତ
ବାମନ ମାହାତ୍ମ୍ୟ ଶୁଣି ହୋଇଲୁ ମୁକତ ।
ଆବର କଥାଏ କହ ଆମ୍ଭଙ୍କୁ ବୁଝାଇ
ଶ୍ରବଣ କରିବୁ ସର୍ବେ ଏକଲୟ ହୋଇ ।
ସେ ବାମନ ମହାବିଷ୍ଣୁ ସର୍ପ ଭୟାକୁଳେ
ବଳିକୁ ସ୍ଥାପନ କଲେ କିପରି ପାତାଳେ ।
ତା ନିମନ୍ତେ କି କି ଭୋଜ୍ୟବସ୍ତୁ କଲେସ୍ଥିର
କହ କିପରି ରହିଲା ସେହି ଦୈତ୍ୟବୀର ।
ଏହାଶୁଣି ବୋଇଲେକ ସୁତ ମୁନିବର
ଯାହା ପୁଛାକଲ ଶୁଣ ତାହାର ଉତ୍ତର ।
ବିନାମନ୍ତ୍ରେ ଯେ ଆହୁତି ଦିଅଇ ଅଗ୍ନିରେ
ଅପାତ୍ରରେ ଯେତେ ଦ୍ରବ୍ୟ ଯେହୁ ଦାନକରେ ।
ଅନଳେ ଯେ ଘୃତଦିଏ ଅଶୂଚି ବ୍ୟକତି
ଯେତେ ଅନୁଷ୍ଠାନ ବ୍ରତ ପାଳଇ ସେ ନିତି ।
ତାହା ସବୁ ଦେବତାଏ ତିଳେ ନ ଘେନନ୍ତି
ବଳି ପାଶେ ଯାଏ ସେହୁ ଶୁଣ ଦେଇ ମତି ।
ବଳି ନୃପତିଙ୍କ ଭୋଗ୍ୟ ପଦାର୍ଥ ସେ ଜାଣ
ଏହା କହିଛନ୍ତି ଶ୍ରୀମୁଖରେ ନାରାୟଣ ।
ସେ ବିଷ୍ଣୁ ବଳିକି ଏହିପରି ଆଜ୍ଞା ଦେଇ
ରାକ୍ଷସଗଣଙ୍କୁ ତାର ସଙ୍ଗତେ ପଠାଇ ।
ପାତାଳ ପୁରରେ ଦିବ୍ୟ ସ୍ଥାନ କଲେ ଦାନ
ସେ ରାଜ୍ୟ ଅଟଇ ସ୍ୱର୍ଗପୁରର ସମାନ ।
ରାଜ୍ୟ ଭ୍ରଷ୍ଟ ହୋଇ ବଳି ବିଷ୍ଣୁ ଆଜ୍ଞା ମାନି
ରହିଲା ପାତାଳ ପୁରେ ଦାନବଙ୍କୁଘେନି ।
ସେକାଳେ ଅମରଗଣ ଋଷିଗଣ ଯେତେ
ସେ ବିଷ୍ଣୁମୂର୍ତ୍ତିଙ୍କୁ ସ୍ତବ କଲେ ତୋଷଚିତ୍ତେ ।
ଗନ୍ଧର୍ବମାନେ ତାହାଙ୍କ ଗୁଣ ଗାନ କଲେ
ଅପ୍ସରାଗଣେ ଆନନ୍ଦେ ନର୍ତ୍ତନ କରିଲେ ।
ସେ ବିଶ୍ୱ ମୂରତି ବିଶ୍ୱ ଶ୍ରେଷ୍ଠ ଭଗବାନ
ଆବର ହୋଇଲେ ପୂର୍ବ ପରାୟ ବାମନ ।
ବାମନଙ୍କ ଅଦଭୂତ କର୍ମକୁ ଦେଖିଣ
ସିଦ୍ଧ ସାଧ ବ୍ରହ୍ମବାଦୀ ସର୍ବ ଋଷିଗଣ ।
ପରସ୍ପର ତୁହାଁ ତୁହିଁ ହୋଇଲେ ସକଳେ
ଆନନ୍ଦ ମନରେ ହସି ହସି ଏକାବେଳେ ।
ପୁରୁଷ ଉତ୍ତମ ବାମନଙ୍କୁ ନମସ୍କାର
କରିଲେ ଆନନ୍ଦ ମନେ ସେହୁ ବାର ବାର ।
ତାପରେ ସେ ଭଗବାନ ଜଗତ ଜୀବନ
ତପ କରିବାକୁ ଗଲେ ତେଜିଣ ଭୁବନ ।
ବିଷ୍ଣୁଙ୍କ ପାଦ ଉଭବା ମାତ ଭଗବତୀ
ଏହି ପରକାରେ ଭାବ ସମ୍ପର୍ଣ୍ଣା ଅଟନ୍ତି ।
ତାଙ୍କ ନାମ ସୁମରିବା ମାତ୍ରେ ଜୀବଗଣ
ପାପରୁ ନିସ୍ତାର ହୋଇ ଲଭନ୍ତି ନିର୍ବାଣ ।
ଶତ ଶତ ଯୁଗ ଅନ୍ତେ ଥାଇ ଯେଉଁ ଜୀବ
ଗଙ୍ଗା ଗଙ୍ଗା ବୋଲି ନାମ ମୁଖେ ଉଚ୍ଚାରିବ ।
ସେ ନିଖିଳ ପାତକରୁ ମୁକ୍ତି ଲାଭ କରି
ବିଷ୍ଣୁ ଲୋକରେ ବସଇ ସୁଖେ ଯାଇକରି ।
ଦେବତା ମନ୍ଦିରେ ଅବା ପାଷାଣର ଗୃହେ
ଏହି ଗ୍ରନ୍ଥ ପାଠକରି ଯେ ଜନ ଶୁଣାଏ ।
ସହସ୍ର ଅଶ୍ୱମେଧର ଫଳ ହୁଏ ପ୍ରାପ୍ତ
ତା ସମାନେ ନୁହେଁ କେହି ଶୁଣ ତପୋବନ୍ତ ।
ଏକାଗ୍ରେ ଚିତ୍ତରେ ଏହା ଯେ ପାଠ କରଇ
ଗଙ୍ଗା ଆଉ ବିଷ୍ଣୁ ପ୍ରସାଦରେ ସେ ତରଇ ।
ପରମ ପଦକୁ ଲାଭ କରେ ସେହି ଜନ
କ୍ଷେତ୍ରମୋହନ ସେ ପାଦ କରଇ ଭଜନ ।

ଇତି ଶ୍ରୀ ବୃହଦ୍ ନାରଦ ପୁରାଣେ
ଅଦିତୀଗର୍ଭେ ବାମନରୂପୀ ବିଷ୍ଣୁଜନ୍ମ
କଥନେ ନାମ ଏକାଦଶୋଽଧ୍ୟାୟଃ ।

---●----

## ଦ୍ୱାଦଶ ଅଧ୍ୟାୟ

### ଦାନର ବିବରଣ

ଏଥୁଅନ୍ତେ ଯାହା ହେଲା ଶୁଣ ସୁଚିତ୍ତରେ
ସୁତଙ୍କୁ ପୁଛିଲେ ମୁନିଗଣମାନେ ଧୀରେ ।
ଦାନ ଫଳାଫଳମାନ କୁହନ୍ତୁ ବୁଝାଇ
କିପରି ବ୍ୟକ୍ତିକି ଦାନ ଦେବା ଯେ ଅଟଇ ।
କେଉଁ ଦାନେ କେଉଁ ଫଳ ପ୍ରାପତ ହୁଅଇ
କିମ୍ବା ଦାନପାତ୍ର ବୋଲି ଦ୍ୱିଜବରେ କହି ।
ଏହା ଶୁଣିବା ପାଇଁକି ବଳିଅଛି ମନ
କହ ବାରେ ମାତ୍ର ବ୍ୟକ୍ତ କରି ତପୋଧନ ।
ଋଷିମାନେ ଏହିପରି ପଚାରିବା ଶୁଣି
କହି ଆରମ୍ଭିଲେ ହସି ହସି ସୁତ ମୁନି ।

Digitized by srujanika@gmail.com

ବ୍ରାହ୍ମଣମାନେ ଅଟନ୍ତି ସର୍ବଜନ ଗୁରୁ
ତେଣୁ ତାଙ୍କୁ ଦାନ ଦେବ ମନେ ନୋହିଭୀରୁ
ସେମାନଙ୍କ ମଧ୍ୟେ ଥିବେ ଯେବଣ ପଣ୍ଡିତ
ତାଙ୍କୁ ଦାନ ଦେଲେ ପାପୁ ହୁଅଇ ମୁକତ ।
ଗୋପ ଭିନ୍ନ ଆନ ସବୁଠାରେ ଦ୍ୱିଜଗଣ
ପ୍ରତିଗ୍ରହ କରିବାକୁ ବିଧି ଅଛି ଜାଣ ।
କ୍ଷତ୍ରିୟ ବୈଶ୍ୟ ଏ ଦୁହେଁ ଦାନ ଘେନିବାକୁ
ଶାସ୍ତ୍ରେ ଉକ୍ତନାହିଁ ଜାଣ କହିଲି ତୁମ୍ଭଙ୍କୁ ।
ଯେ ବ୍ୟକ୍ତି ଦାମ୍ଭିକ ଯେହୁ ଅଟେ ପୁତ୍ରହୀନ
ଆବର ଅଟଇ ବେଦଦ୍ୱେଷୀ ଯେ ବ୍ରାହ୍ମଣ ।
ସେମାନଙ୍କୁ ଦାନ ଦେଲେ ନିଷ୍ଫଳ ହୁଅଇ
ଅପାତ୍ର ବିହିତ ଦାନ ବୋଲି ତାକୁ କହି ।
ବ୍ରାହ୍ମଣ ଦ୍ୱେଷୀ ଯେ ନିଜକର୍ମ ବିବର୍ଜିତ
ପରଦ୍ରବ୍ୟହାରୀ ପରସ୍ତିରୀ ଅସକତ ।
ଯେ ଅସୂୟଯୁକ୍ତ ଯେହୁ ଅଧମ ବ୍ରାହ୍ମଣ
କପଟୀ ଅଯାଜ୍ୟ ଯାଜକ ଯେ କୃତଘନ ।
ସର୍ବଦା ମାଗନ୍ତା ଅଟେ ଯେବଣ ଦ୍ୱିଜାତି
ଯେବଣ ବ୍ରାହ୍ମଣେ ମାଂସ ବିକ୍ରୟ କରନ୍ତି ।
ଶଠ ହିଂସ୍ରକ ଯେ ବେଦ ବିକ୍ରୟ କାରକ
ସ୍ମୃତି ବିକ୍ରୀ ଧର୍ମବିକ୍ରୀ କରେ ଯେଉଁ ମୂର୍ଖ ।
ପରକୁ ପୀଡ଼ା ଦିଅଇ ଯେବଣ ବ୍ରାହ୍ମଣ
ପରଶ୍ରୀକାତର ପରନିନ୍ଦୁକ ଯେ ପୁଣ ।
ଏମାନଙ୍କୁ ଦାନ ଦେଲେ ଫଳ ନାହିଁ କିଛି
ଦାନଧର୍ମ ଶାସ୍ତ୍ରେ ଏହା ଉକ୍ତ ହୋଇଅଛି ।
ଯେ ସର୍ବଦା ପାପକାର୍ଯ୍ୟେ ହୋଇଥାନ୍ତି ରତ
ସ୍ୱଜନଙ୍କୁ ନିନ୍ଦା କରୁଥାନ୍ତି ଯେ ସନ୍ତତ ।
ତାଙ୍କଠାରୁ କିଛି ପ୍ରତିଗ୍ରହ ନ କରିବ
ଦାନ କରି ସେମାନଙ୍କୁ କିଛିହିଁ ନ ଦେବ ।
ସାତ୍ତ୍ୱିକ ଦ୍ୱିଜ ଯେ ସତ କର୍ମ ପରାୟଣ
ବହୁ ପରିବାରନ୍ୱିତ ଅଟେ ଯେ ବ୍ରାହ୍ମଣ ।
ଦରିଦ୍ର ଆବର ବୃତ୍ତିହୀନ ଯେ ଅଟନ୍ତି
ଶ୍ରୌତ ସ୍ମାର୍ତ୍ତ କର୍ମ ଯେହୁ କରୁଥିବେ ନିତି ।
ତାଙ୍କୁ ସଦ୍‌ଭାବେ ଦାନ ଦେବାର ବିଧେୟ
ସେ ଦାନେ ଦାତାର ହୁଏ ବହୁ ଫଳୋଦୟ ।
ଯେବଣ ବ୍ରାହ୍ମଣେ ଦେବ ପୂଜା କରୁଥିବେ
ଯେ ସତକର୍ମରେ ନିତି ଅସକତ ଥିବେ ।
ତାଙ୍କୁ ଯତ୍ନ ସହକାରେ ଯେବେ ଦାନ ଦେବ
ତହିଁରୁ ଅଶେଷ ଫଳ ସେ ଦାତା ଲଭିବ ।
କର୍ମିଷ୍ଠ ବ୍ରାହ୍ମଣ ଯେବେ ଦରିଦ୍ର ଅଟଇ
ସକଳ ପ୍ରକାରେ ଶ୍ରେଷ୍ଠଦାନ ପାତ୍ର ସେହି ।
ସମୁଦ୍ରରେ ବୃଷ୍ଟିବଲା ପ୍ରାୟେ ମେଘମାଳ
ଧନିକଙ୍କୁ ଦାନ ଦେଲେ ହୁହଇ ନିଷ୍ଫଳ ।
ଦାନପାତ୍ର ନିରୂପଣ ଏ ଅଧ୍ୟା ଚରିତ
ପଢ଼ିଲେ ଶୁଣିଲେ ଫଳ ମିଳଇ ବହୁତ ।
ଶ୍ରୀହରି ଚରଣେ ଚିନ୍ତି କହେ କ୍ଷେତ୍ରହୀନ
ପାତ୍ରେ କାନ ଦେଇ ପାରହୁଅ ସର୍ବଜନ ।

ଇତି ଶ୍ରୀ ବୃହଦ୍ ନାରଦ ପୁରାଣେ
ଦାନ ପାତ୍ରାପାତ୍ର ନିର୍ଣ୍ଣୟେ ନାମ
ଦ୍ୱାଦଶୋଽଧ୍ୟାୟଃ ।

---●---

## ତ୍ରୟୋଦଶ ଅଧ୍ୟାୟ

### ଭଗୀରଥଙ୍କର ଗଙ୍ଗା ଆଣିବା ପ୍ରସଙ୍ଗେ ବିବିଧ ଦାନ ଓ ପୂଜାଫଳ କଥନ

ଏଥୁଅନ୍ତେ ଋଷିଗଣ ବୋଇଲେ ହେ ସୁତ
ଦାନ ପାତ୍ର କହି ତୋଷ କଲ ଆମ୍ଭ ଚିତ୍ତ ।
ଆବର କଥାଏ ଏବେ ପଚାରୁଛୁ କହ
ଶୁଣିବାକୁ ବଢ଼ିଅଛି ମନରେ ଉତ୍ସାହ ।
ପୂରୁବ କାଳରେ ଭଗୀରଥ ଦଣ୍ଡଧାରୀ
ଗଙ୍ଗାଙ୍କର ମହିମାକୁ ଜାଣିଲେ କିପରି ।
କି ପ୍ରକାରେ ଆଣିଥିଲେ ଗଙ୍ଗାଙ୍କୁ ସେ ନୃପ
ତା କହି ଛଡ଼ାଅ ଆମ୍ଭ ଶରୀରରୁ ପାପ ।
ଏହା ଶୁଣି ସୁତ ବୋଇଲେ ହେ ଋଷିଗଣ
ଯାହା ମୋତେ ପଚାରିଲ ତା କହୁଛି ଶୁଣ ।
ଉତ୍ତମ ବିଷୟ ଗୋଟି ଶୁଣିବା ସକାଶେ
ବାସନା ଜନମି ଆଜି ତୁମ୍ଭର ମାନସେ ।
ଗଙ୍ଗାଙ୍କ ମହିମା ଶୁଣିବାକୁ ଯାର ମନ
ଉତ୍ସୁକ ହୁଅଇ ଧନ୍ୟ ଅଟେ ତା ଜୀବନ ।
ଗଙ୍ଗାଙ୍କ ମହିମା ଶୁଣଇଁ ଯେ କର୍ଣ୍ଣ ପଥେ
ତାହାକୁ ପରମଗତି ଲାଭହୁଏ ଅନ୍ତେ ।
ଆପଣମାନଙ୍କ ଅଗ୍ରତରେ ଏବେ ମୁହିଁ
ସେ ଦିବ୍ୟ ଚରିତ ଶୁଣ କହୁଛି ବୁଝାଇ ।

Digitized by srujanika@gmail.com

ପୂର୍ବକାଳେ ଦେବରଷି ମହାତ୍ମା ନାରଦ
କହିଥିଲେ ସନତକୁମାରଙ୍କୁ ଯେ ସମ୍ବାଦ ।
ମୁଁ ଏବେ କହୁଛି ସେହି ପବିତ୍ର ଆଖ୍ୟାନ
ଶୁଣିଲେ ସକଳ ପାପ ହୋଇବ ଦହନ ।
ବ୍ରହ୍ମହତ୍ୟାକାରୀ ଏହା ଶୁଣିଲେ ଶ୍ରବଣେ
ପବିତ୍ର ହୋଇବ ତାର ଶରୀର ତକ୍ଷଣେ ।
ସଗର ରାଜାର ବଂଶଧର ଭଗୀରଥ
ଗଙ୍ଗାଙ୍କୁ ଆଣିଲେ ମର୍ତ୍ତ୍ୟପୁରକୁ ଯେମନ୍ତ ।
କାହା ଉପଦେଶରେ ସେ କଲେ ଏଡ଼େକଥା
ତା ମଧ୍ୟ କହିବି ସର୍ବେ ଶୁଣ ସେ ବାରତା ।
ଭଗୀରଥ ଜାତ ହୋଇ ସଗର ବଂଶରେ
ସସାଗରା ଧରାମାନ ପାଳିଲେ ହର୍ଷରେ ।
ଅତି ସତ୍ୟ ପରାୟଣ ଧର୍ମେ ଥାଏ ମତି
ବେଦ ବିଧାନରେ ଯଜ୍ଞ କଲେ ନରପତି ।
ଦୟା ଗୁଣ ସମାନ କେ ନଥିଲା ତାହାଙ୍କୁ
ଆଦର କରନ୍ତି ଯହିଁ ଦେଖନ୍ତି ସାଧୁଙ୍କୁ ।
କାମଦେବ ତାଙ୍କୁ ସରି ନୁହେଁ ସୁନ୍ଦରରେ
ନ୍ୟାୟ ପରାୟଣ ଶାନ୍ତ ଧୀର ସେ ସତ୍ୟରେ ।
ଧର୍ମତୁଲ୍ୟ ସାକ୍ଷାତରେ ଅଟନ୍ତି ସେ ଜାଣ
ମେରୁ ତାକୁ ଧର୍ମଗୁଣେ ନୁହେଁ ସମ ଜାଣ ।
ସର୍ବ ସୁଲକ୍ଷଣ ଯୁକ୍ତ ନ୍ୟାୟବାନ ବ୍ୟକ୍ତି
ଭୟରେ ଶତ୍ରୁଏ ସଦା ତଟସ୍ଥ ହୁଅନ୍ତି ।
ସକଳ ପ୍ରକାର ଅଇଶ୍ୱର୍ଯ୍ୟେ ସେ ଭୂଷିତ
ସବୁରି ଆନନ୍ଦ ବୃଦ୍ଧି କରନ୍ତି ସନ୍ତତ ।
ଅତିଥି ସେଠାରେ ସଦା ରତ ହୋଇଥାନ୍ତି
ଷଡ଼ ଉପଚାରେ ବିଷ୍ଣୁ ପୂଜନ କରନ୍ତି ।
ସର୍ବ ଗୁଣେ ଅଂଳଙ୍କୃତ ଅଟନ୍ତି ଯେ ସେହି
ପ୍ରାଣୀମାନଙ୍କର ହିତ ସାଧନ୍ତି ସଦାହିଁ ।
ଏପରି ଅଶେଷ ଗୁଣେ ହୋଇ ସେ ଭୂଷିତ
ପ୍ରଜାମାନଙ୍କୁ ପାଳନ୍ତି ସେ ସନ୍ତାନ ବତ ।
ଏହି ପରକାରେ ବହୁଦିନ ଗଲା ବହି
ଏହାପରେ ଯାହାହେଲା ଶୁଣ ମନ ଦେଇ ।
ସେ ଭଗୀରଥଙ୍କୁ ଦିନେ ଦେଖିଣ ମାନସେ
ଧର୍ମରାଜ ମିଳିଗଲେ ଯାଇ ତାଙ୍କ ପାଶେ ।
ତାହାଙ୍କୁ ଦେଖିଣ ଭଗୀରଥ ନୃପବର
ଆସନ ତେଜିଣ ଉଭାହେଲେ ବିନୟର ।
ଶିରେ କରଦେଇ ବିଧାନରେ ପୂଜାକଲେ
ଭୂତଳରେ ଦଣ୍ଡପ୍ରାୟେ ପଡ଼ି ପ୍ରଣମିଲେ ।
ଅତିଥି ସତ୍କାର ଘେନି ସେ ଧର୍ମ ରାଜନ
ଆସନେ ବସିଲେ ହୃଷ୍ଟ କରି ତାଙ୍କ ମନ ।
ତାହା ଦେଖି ଭଗୀରଥ କୃତାଞ୍ଜଳୀପୁଟେ
ଜଣାଇଲେ ଉଭାହୋଇ ତାହାଙ୍କ ନିକଟେ ।
ବିନୟେ ବୋଲନ୍ତି କରଯୋଡ଼ି ଭଗୀରଥ
ଭୋଦେବ ଆଜି ମୋ ଜନ୍ମହୋଇଲା କୃତାର୍ଥ ।
ତୁମ୍ଭଙ୍କୁ ଦର୍ଶନ କଲି ଚର୍ମ ନୟନରେ
ଏଥିରୁ ଅଧିକ ଭାଗ୍ୟ କି ଅଛି ସଂସାରେ ।
ଆପଣ ଦେବତା ଆଉ ମୁଁ ଅଟଇ ନର
କେଉଁ ଉପକାର ଅବା କରିବି ତୁମ୍ଭର ।
ହେ ପ୍ରଭୋ କି ଆଜ୍ଞା ମୋତେ ଦେବ ତାହା କହ
ଶ୍ରବଣ କଲେ ମନରୁ ଘୁଞ୍ଚିବ ସନ୍ଦେହ ।
ଏପରି ଶୁଣନ୍ତେ ବିନୟରେ ଭଗୀରଥ
ଶୁଣି କୃପାକଲେ ତାଙ୍କଠାରେ ସୂର୍ଯ୍ୟସୁତ ।
ମନ୍ଦହାସ କରି ଯମ ବୋଇଲେ ବଚନ
ଧାର୍ମିକମାନଙ୍କ ମଧ୍ୟେ ତୁମ୍ଭେ ଯେ ପ୍ରଧାନ ।
ଏ ତିନି ଲୋକରେ ତୁମ୍ଭପରି ଜଣେ ମାତ୍ର
ଯେତେ ଖୋଜିଲେ ନ ମିଳେ ଆହେ ନରନାଥ ।
ତୁମ୍ଭର ପ୍ରସିଦ୍ଧ ଗୁଣ ସୁଖ୍ୟାତିକୁ ଜାଣି
ଦେଖିବା ପାଇଁ ଆସିଛି ଆହେ ନରମଣି ।
ସାଧୁଙ୍କ ସେବାରେ ପ୍ରବର୍ତ୍ତଇ ଯେଉଁ ନର
ପ୍ରାଣୀଙ୍କ ହିତ ସାଧନେ ହୁଅନ୍ତି ତତ୍ପର ।
ତେମନ୍ତ ଜନଙ୍କୁ ଦେଖିବାକୁ ସାଧୁଗଣ
ଅଭିଳାଷ କରୁଥାନ୍ତି ମନ ମଧ୍ୟେ ଜାଣ ।
ଯାର କୀର୍ତ୍ତି ନୀତି ସମ୍ପତ୍ତିଏ ବିରାଜନ୍ତି
ତା ପାଖରେ ସାଧୁଗଣେ ନିବାସ କରନ୍ତି ।
ଇନ୍ଦ୍ରଆଦି ଦେବତାଏ ତାହାର ପାଶରେ
ରହନ୍ତି ନିବାସ କରି ଆନନ୍ଦ ମନରେ ।
ହେ ନୃପ ତୁମ୍ଭର ଅତି ଅଦ୍ଭୁତ ଚରିତ
ଶ୍ରବଣେ ଉଲ୍ଲସି ଉଠୁଅଛି ମମଗାତ୍ର ।
ତୁମ୍ଭ ତୁଲ୍ୟ ସର୍ବଜନ ହିତକାରୀ ହୋଇ
ଖୋଜିଲେ ଏ ଜଗତରେ ଜଣେ ମାତ୍ର ନାହିଁ ।
ଏ କାରଣୁ ତୁମ୍ଭଙ୍କୁ ମୁଁ ଦେଖିବା ମାନସେ
ଉପସ୍ଥିତ ହୋଇଅଛି ଆସି ତବ ପାଶେ ।

Digitized by srujanika@gmail.com

ଏପରି କୁହନ୍ତେ ଧର୍ମରାଜ ପ୍ରିୟ ବାଣୀ
କୃତ୍ୟ କୃତ୍ୟ ହେଲେ ଭଗୀରଥ ତାହାଶୁଣି ।
ଶିରେ କରଯୋଡ଼ି ତାଙ୍କୁ ନମସ୍କାର କଲେ
ତଦନ୍ତେ ମଧୁର ବଚନରେ ଜଣାଇଲେ ।
ଆହେ ସୁରେଶ୍ୱର ସମଦରଶି ଆପଣ
ସବୁ ପ୍ରାଣୀମାନଙ୍କର ଧର୍ମ କର୍ମ ଜାଣ ।
ତେଣୁ ଧର୍ମରାଜ ନାମ ତୁମ୍ଭର ଅଟଇ
ତୁମ୍ଭଙ୍କୁ ଜଗତେ ଅଗୋଚର କିଛି ନାହିଁ ।
ଯଦ୍ୟପି ଦର୍ଶନ ଦେଇଅଛ ଆସ ମୋତେ
କଥାଏ ପଚାରୁ ଅଛି କୁହ ଦୟା ଚିତ୍ତେ ।
ସଂସାର ମଧରେ ଧର୍ମ ଅଟେ କି ପ୍ରକାର
କେଉଁମାନେ ବୋଲାବନ୍ତି ଧର୍ମଶୀଳ ନର ।
ଯାତନା ବୋଲନ୍ତି ଯାକୁ ସେକେତେ ପ୍ରକାର
ତା ଭୋଗ କରନ୍ତି ପାପବଶେ କେଉଁନର ।
କେବଣ ମାନବ ଆପଣଙ୍କ ସନ୍ନିଧ୍ୟରେ
ଆସନ ଲଭନ୍ତି ତାହା କୁହନ୍ତୁ ମୋହରେ ।
କେଉଁମାନେ ଦଣ୍ଡନୀୟ ହୁଅନ୍ତି ବା ତହିଁ
ଏହା ମୋତେ ଦୟା ଚିତ୍ତେ କୁହନ୍ତୁ ଗୋସାଇଁ ।
ଏପରି ପୁଚ୍ଛନ୍ତି ଭଗୀରଥ ଦଣ୍ଡଧର
ବୋଇଲେ ତାହାଙ୍କୁ ହସି ସୂର୍ଯ୍ୟଙ୍କ କୁମର ।
ସାଧୁ ସାଧୁ ଅଟ ତୁମ୍ଭେ ଆହେ ଭଗୀରଥ
ମୋହର ବଂଶରେ ଯେଣୁ ହୋଇଅଛ ଜାତ ।
ହିତ ସାଧନ କରୁଛ ପ୍ରାଣୀମାନଙ୍କର
ତୁମ୍ଭସମ ଜ୍ଞାନବନ୍ତ ନାହିଁ କେ ସଂସାର।
ଏହି କାରଣରୁ ଯାହା ପୁଚ୍ଛାକଲୁ ମୋତେ
ବୁଝାଇ କହୁଛି ତୁମ୍ଭେ ଶୁଣ ଶୁଦ୍ଧଚିତ୍ତେ ।
ଯେବଣ କର୍ମରେ ପୁଣ୍ୟ ଲାଭକରେ ନର
ଅଟଇ ସେ ଧର୍ମ ଜାଣ ବହୁ ପରକାର ।
ପାପୀଙ୍କ ନିମନ୍ତେ ବହୁ ଯାତନା ଅଛଇଁ
ଆପଣା କର୍ମ ଦୋଷରେ ଭୋଗୁଥାନ୍ତି ସେହି ।
ଶତେ ବରଷରେ ସେହି ବିଷୟ ସକଳ
କହି ଶେଷ ନ ହୋଇବ ଆହେ ମହୀପାଳ ।
ବ୍ରାହ୍ମଣମାନଙ୍କୁ ଭୂମି ଦାନ ଯେ କରଇ
ସେ ଦାତା ତହିଁରେ ମହାପୁଣ୍ୟ ଅରଜଇ ।
ତା ମଧେ ଆତ୍ମଜ୍ଞାନକୁ ଯେହୁ ଦିଏ ଦାନ
କହି ନ ହୁଏ ମୁଖରେ ତାର ଯେତେପୁଣ୍ୟ ।

ଶ୍ରୋତ୍ରିୟ ଦ୍ୱିଜଙ୍କୁ ଯେହୁ ଅର୍ଥ ଦାନ କରେ
ତାହାର ମହିମା କହି ନ ହୁଏ ମୁଖରେ ।
ସେ ଦାତାର ଯେଉଁ ପୁଣ୍ୟ ଫଳ ଲାଭ ହୁଏ
ତା ତୁମ୍ଭଙ୍କୁ କହୁଅଛି ଶୁଣ ନରରାୟେ ।
ତାର ପିତୃ ମାତୃ କୁଳେ ଦ୍ୱିକୋଟି ପୁରୁଷ
କଳ୍ପ ଶେଷଯାଏ ବିଷ୍ଣୁ ଲୋକେ ପାନ୍ତିବାସ ।
ତାପରେ ଲାଭ କରି ମୋ ସାଯୁଜ୍ୟ ମୁକତି
ବିଷ୍ଣୁଙ୍କର ପାଦ ପଙ୍କଜରେ ଲୀନ ହୋନ୍ତି ।
ସାଗରର ବାଲି ଅବା ବର୍ଷା ବିନ୍ଦୁ ଜଳ
ଗଣି କହିବାକୁ ଅଛି ଜ୍ଞାନୀଙ୍କର ବଳ ।
କିନ୍ତୁ ବ୍ରାହ୍ମଣଙ୍କୁ ବୃତ୍ତି ଦେଇ ଯେ ସ୍ଥାପଇ
ତା ଫଳ କହିବା ଶକ୍ତି ବ୍ରହ୍ମାଠାରେ ନାହିଁ ।
ସ୍ୱୟଂ ଦେବତା ସ୍ୱରୂପ ବ୍ରାହ୍ମଣ ଅଟନ୍ତି
ତାଙ୍କୁ ଦାନଦେଲେ ପୁଣ୍ୟ ଫଳ ମିଳେ ଅତି ।
ଆବର ଯେ ନିତି ସାଧେ ନରଗଣ ହିତ
ତାହାକୁ ଯଜ୍ଞର ଫଳ ହୁଅଇ ପ୍ରାପତ ।
ସବୁ ତୀର୍ଥ ସ୍ନାହାନର ଯେ ଫଳ ମିଳଇ
ବିପ୍ରଙ୍କୁ ହିତ ସାଧନେ ତାହା ପ୍ରାପ୍ତ ହୋଇ ।
ବ୍ରତ ତପ ଜପେ ଯେତେ ଫଳ ପାନ୍ତି ନର
ଦ୍ୱିଜଙ୍କ ହିତରେ ତାହା ମିଳଇ ସତ୍ୱର ।
ଅଧିକ ମୁଁ କି କହିବି ତୁମ୍ଭର ଅଗ୍ରତେ
ବ୍ରାହ୍ମଣ ସେବାରେ ଫଳମାନ ମିଳେ ଯେତେ ।
ତଡ଼ାଗ ଖୋଳାଏ ଯେହୁ ଧନ ବ୍ୟୟକରି
କି ଅବା ଆନଙ୍କୁ କହି କରାଏ ଯେପରି ।
ଶତ ଶତ ବରଷର ପୁଣ୍ୟଫଳ ତାର
ବ୍ୟକ୍ତ କରି କହିବାକୁ ଶକ୍ତି ନାହିଁ କାର ।
ତଡ଼ାଗ ଖୋଳିବା ବ୍ୟକ୍ତି ଜୀବନାନ୍ତେ ଜାଣ
ବିଷ୍ଣୁଙ୍କ ଆଳୟେ ବାସ କରେ ଆନନ୍ଦେଣ ।
କଳ୍ପ ଶେଷ ପରିଯନ୍ତେ ବହୁଲୋକେ ଥାଏ
ତଦନ୍ତେ ଶ୍ରୀବିଷ୍ଣୁ ଶରୀରରେ ଲୀନ ହୁଏ ।
ଯେ ଦେହି କରଇ ତଡ଼ାଗରୁ ଜଳପାନ
ତାହାର ସକଳ ପାପ ହୁଅଇ ମୋଚନ ।
ହେ ନୃପ ସନ୍ଦେହ ନାହିଁ ତିଳେ ହେଁ ଏଥିରେ
କହିଲି ଯଥାର୍ଥ ଭାବେ ତୁମ୍ଭ ଅଗ୍ରତରେ ।
ଯେବଣ ବ୍ୟକତି ଭୂତଳରେ ଏକ ଦିନ
ରକ୍ଷାକରେ ଜଳ ପିଇବାକୁ ଜୀବଗଣ ।

Digitized by srujanika@gmail.com

ସେ ସକଳ ପାତକରୁ ନିସ୍ତାର ଲଭଇ
ଶତେବର୍ଷ ସ୍ୱର୍ଗ ପୁରେ ବାସ କରେ ଯାଇ ।
ନିଜ ସାଧ ଅନୁସାରେ ଯେବଣ ମାନବ
ତଡ଼ାଗ ଖୋଳିବା ପାଇଁ ଉଦ୍ୟମ କରିବ ।
କି ଅବା ଉପାୟ ଉଦ୍‌ଭାବନ ଯେବେକରେ
ତଡ଼ାଗକର୍ତ୍ତାର ପୁଣ୍ୟଭଳେ ସେ ତହିଁରେ ।
ତିଳାର୍ଦ୍ଧ ପ୍ରମାଣେ ମାଟି ତଡ଼ାଗରୁ ଯେହୁ
ବାହାର କରଇ ମହା ପୁଣ୍ୟପାଏ ସେହୁ ।
କୋଟି କୋଟି ପାତକରୁ ମୁକତ ହୋଇ ସେ
ପଞ୍ଚାଶତ ବର୍ଷ ଯାଏ ସୁରପୁରେ ବସେ ।
ଶିବ ବିଷ୍ଣୁ ମନ୍ଦିର ଯେ ପ୍ରତିଷ୍ଠା କରଇ
ତାର ଯେଉଁ ପୁଣ୍ୟ ହୁଏ ଶୁଣ କହୁ ଥାଇ ।
ସେ ମାତୃକୁଳରୁ ଲକ୍ଷେ କୋଟି ପୁରୁଷଙ୍କୁ
ସଙ୍ଗତରେ ଘେନିଯାଏ ବୈକୁଣ୍ଠ ପୁରକୁ ।
ତିନିକଳ୍ପ ଯାଏ ସେହିଠାରେ ବସିଥାଏ
ତଦନ୍ତେ ବିଷ୍ଣୁଙ୍କ ଶରୀରରେ ଲୀନ ହୁଏ ।
କାଷ୍ଠରେ ମନ୍ଦିର କଲେ ଫଳ ଦୁଇଗୁଣ
ଇଷ୍ଟକାମନ୍ଦିରେ ଲଭ୍ୟ ହୁଏ ତିନିଗୁଣ ।
ପ୍ରସ୍ତର ମନ୍ଦିରେ ଚତୁର୍ଗୁଣ ଫଳ ମିଳେ
ସ୍ଫଟିକରେ ଦଶଗୁଣ ଲାଭହୁଏ ଭଲେ ।
ତାମ୍ରରେ ମନ୍ଦିର ତୋଳାଇଲେ ଶତେଗୁଣ
ସୁବର୍ଣ୍ଣରେ କୋଟିଗୁଣ ଫଳ ମିଳେ ଜାଣ ।
ଗ୍ରାମ ତଡ଼ାଗ ଯେ ଦେବାଳୟ ଯେହୁପାଳେ
କର୍ତ୍ତାଠାରୁ ଶତେଗୁଣେ ଫଳ ତାକୁ ମିଳେ ।
ଏ ସକଳ ଧର୍ମକଥା ଶୁଣିବାକୁ ଯେହୁ
ଇଚ୍ଛାକରେ ବହୁପୁଣ୍ୟ ଫଳ ପାଏ ସେହୁ ।
ଅନ୍ତଃକାଳେ ବିଷ୍ଣୁଙ୍କର ପୁରେ ବିହରଇ
ଚିରକାଳ ଯାଏ ଭୋଗ ଭୁଞ୍ଜୁଥାଏ ତହିଁ ।
ସମ୍ପତ୍ତି ନ ଥାଇ ପୁର୍ବଭକ୍ତି ଧର୍ମମାନ
ଯେବଣ ବ୍ୟକତି କରିପାରେ ସମ୍ପାଦନ ।
କି ଅବା ଅନ୍ୟକୁ କହି କରାଇଣ ଦିଏ
ସେ ବୈକୁଣ୍ଠପୁରେ ଯାଇଦିବ୍ୟ ସୁଖ ପାଏ ।
ତାର କୋଟି ଶତ କୁଳ ସେହି ପୁଣ୍ୟବଳେ
ମହା ସୁଖେ ନିବସନ୍ତି ବଇକୁଣ୍ଠ ଆଳେ ।
ହେ ରାଜନ ସରୋବରେ କଲେ ନିରିମାଣ
ତଡ଼ାଗ ଫଳରୁ ଅଧେ ଲଭଇ ସେ ଜନ ।
କୂପ ଖୋଳାଇଲେ ମିଳେ ତହିଁରୁ ଅର୍ଦ୍ଧେକ
କୁଲ୍ୟା ସ୍ଥାପନରେ ଫଳ ମିଳେ ଶତାଧିକ ।
ଧନାଢ୍ୟ ବ୍ୟକତି ଯେବେ ଗ୍ରାମେକ ସ୍ଥାପଇ
ତହିଁରେ ସେ ପୁଣ୍ୟଫଳ ଯେତେକ ଲଭଇ ।
ଦରିଦ୍ର ଗୋଟିଏ ମାତ୍ର ଗୋଦାନ କରିଲେ
ତା ସମାନେ ଫଳଲାଭ କରଇ ସେ ଭଲେ ।
ଦରିଦ୍ର କରିଲେ ଏକ ହସ୍ତ ଭୂମିଦାନ
ଗ୍ରାମକର୍ତ୍ତା ସଙ୍ଗେ ଫଳ ଲଭଇ ସମାନ ।
ଧନିକ ବ୍ୟକତି ପ୍ରସ୍ତରରେ ଦେବାଳୟ
ତୋଳାଇଲେ ଯେଉଁ ପୁଣ୍ୟ ହୁଅଇ ସଞ୍ଚୟ ।
ମୃତ୍ତିକାରେ ତୋଳାଇଲେ ଦରିଦ୍ର ବ୍ୟକତି
ଧନିକ ସମାନ ଫଳ ହୁଏ ତାକୁ ପ୍ରାପ୍ତି ।
ଧନିକର ତଡ଼ାଗ ଯେ ଦରିଦ୍ରର କୂପ
ପ୍ରତିଷ୍ଠାରେ ତୁଲ୍ୟ ଫଳ ହୁଏ ଜାଣ ନୃପ ।
ଧନାଢ୍ୟ ବ୍ୟକତି ଯେବେ ବହୁଲୋକ ପାଇଁ
ଉଦ୍ୟାନ ସ୍ଥାପନ କରେ ଧର୍ମେ ମନଦେଇ ।
ସେ ପୁଣ୍ୟ ଫଳରେ ବ୍ରହ୍ମଲୋକ ସେହୁ ପାଏ
ଚିରକାଳ ଯାଏ ତହିଁ ବାସ କରିଥାଏ ।
ଦରିଦ୍ର ଗୋଟିଏ ବୃକ୍ଷ ଆରୋପଣ କଲେ
ତହିଁରେ ସେ ଫଳ ପାଏ ଧନିକର ତୁଲେ ।
ସଙ୍ଗେ ତିନି କୁଳ ଘେନି ବ୍ରହ୍ମାଙ୍କ ସଦନେ
ସେ ଦରିଦ୍ର ଯାଇ ବାସକରେ ହୃଷ୍ଟମନେ ।
ବୃକ୍ଷର ଛାୟାରେ ଗୋବ୍ରାହ୍ମଣ ବା ପଥିକ
କ୍ଷଣେ ଶ୍ରମ ହରେ ଯେବେ କେହି ଅନ୍ୟଲୋକ ।
ସେ ବୃକ୍ଷରୋପଣ କର୍ତ୍ତା ବସଇ ସ୍ୱର୍ଗରେ
ତହିଁ ଦିବ୍ୟ ଭୋଗ ଭୁଞ୍ଜେ ଦେବଙ୍କ ସଙ୍ଗରେ ।
ତଡ଼ାଗ ଉଦ୍ୟାନ ଗ୍ରାମ କିବା ଦେବାଳୟ
ଯେ ସ୍ଥାପନ କରିପାରେ ଧର୍ମେ ଦେଇଲୟ ।
ତାକୁ ଯେଉଁ ପୁଣ୍ୟଫଳ ହୁଅଇ ପ୍ରାପତି
ମୁଁ ତାହା କହୁଛି ଏବେ ଶୁଣ ହେ ଭୂପତି ।
ଉଦ୍ୟାନରେ ପତ୍ର ପୁଷ୍ପ ଉପୁଜଇ ଯେତେ
ସେ ଉଦ୍ୟାନକର୍ତ୍ତା ତେତେ ଯୁଗ ପରିଯନ୍ତେ ।
ଶତକୋଟି କୁଳ ସଂଗେ ଘେନି ସ୍ୱର୍ଗପୁରେ
ନିବାସ କରଇ ସୁଖେ ଦେବଙ୍କ ସଙ୍ଗରେ ।
ପୁଷ୍ପ ଉଦ୍ୟାନରେ ପ୍ରାଚୀରକୁ ଯେ ଗଢ଼ାଏ
କି ଅବା କଣ୍ଟାରେ ବାଡ଼ଗୋଟି ଏ ବେଢ଼ାଏ ।

Digitized by srujanika@gmail.com

ସେ ଧର୍ମାତ୍ମା ତିନି ଯୁଗଯାଏ ବ୍ରହ୍ମଲୋକେ
ଦିବ୍ୟ ଭୋଗ ପାଇ ବାସ କରଇ ନିଃଶଙ୍କେ ।
ଯେହୁ ତୁଳସୀ ବୃକ୍ଷକୁ ଆରୋହଣ କରେ
ତାହାର ପୁଣ୍ୟ ବଖାଣି ନ ହୁଏ ମୁଖରେ ।
ପିତୃ ମାତୃ କୁଳରୁ ଯେ ସାତ ପୁରୁଷଙ୍କୁ
ସଙ୍ଗତରେ ଘେନିଯାଏ ବୈକୁଣ୍ଠ ପୁରକୁ ।
ଶତେ ଜନ୍ମ ପରିଯନ୍ତେ ବୈକୁଣ୍ଠ ଧାମରେ
ନିବାସ କରଇ ଯାଇ ବିଷ୍ଣୁଙ୍କ ପାଶରେ ।
ତୁଳସୀ ମୂଳରେ କରେ ଚଉରା ନିର୍ମାଣ
ସେ ପୁଣ୍ୟ ବଳରେ ପ୍ରାଣୀ ଲଭଇ ନିର୍ବାଣ ।
ତୁଳସୀ ମୂଳେ ଯେ ଚିତା ଆରୋପଣ କରେ
ଶିବ ଲୋକେ ବାସକରେ ସେହୁ ଆନନ୍ଦରେ ।
ତୁଳସୀ ମୂଳରୁ ତୃଣ ଉପାଡ଼େ ଯେ ନର
ବ୍ରହ୍ମହତ୍ୟା ପାତକରୁ ପାଏ ସେ ନିସ୍ତାର ।
ତୁଳସୀ ମୂଳରେ ଜଳପାନ କଲେ ନିତି
ସେ ଫଳରେ ବଇକୁଣ୍ଠ ପ୍ରାପତ ହୁଅନ୍ତି ।
ଚନ୍ଦ୍ର ସୂର୍ଯ୍ୟଗ୍ରହ ତାରା ଥିବା ପରିଯନ୍ତେ
ବିଷ୍ଣୁଙ୍କ ସଙ୍ଗରେ ବାସକରେ ସେ ନିଶ୍ଚିନ୍ତେ ।
ତୁଳସୀ ବୃକ୍ଷରୁ ତୋଳି କୋମଳ ପତ୍ରକୁ
ଯେବଣ ବ୍ୟକତି ଦାନକରେ ବ୍ରାହ୍ମଣଙ୍କୁ ।
ସେ ତିନି କୁଳକୁ ଘେନି ବିଷ୍ଣୁଲୋକେ ଯାଏ
ଯୁଗ ଶେଷ ପରିଯନ୍ତେ ସେଠାବରେ ଥାଏ ।
ଯେ ତୁଳସୀ କାଷ୍ଠମାଳ ଗଳାରେ ଲମ୍ବାଇ
କର୍ଣ୍ଣରେ ପୁଣି ତୁଳସୀ ମଞ୍ଜରୀ ଖୋସଇ ।
କୌଣସି ପାତକ ତାର ଅଙ୍ଗେ ଯେ ନ ରହେ
ବିଷ୍ଣୁଜନ ମାନଙ୍କର ସଂଗେ ସରି ହୁଏ ।
ହେ ରାଜନ ପ୍ରାଚୀର ବା କଣ୍ଟକରେ ବାଡ଼
ତୁଳସୀକୁ ଘେରାଇ ଯେ କରିପାରେ ଦୃଢ଼ ।
ତହିଁରେ ତାହାର ଯେତେ ପୁଣ୍ୟ ଲାଭହୁଏ
କହିବା ତୁମ୍ଭ ଅଗ୍ରତେ ଶୁଣ ତାହା ରାୟେ ।
ସେ କଣ୍ଟକ ବାଡ଼ ରହିଥାଏ ଯେତେ ଦିନ
ତେତେ ଯୁଗ ବାସକରେ ସେ ବିଷ୍ଣୁଭୁବନ ।
ସେ କଣ୍ଟକ ଦାତା କୁଳ ତ୍ରୟର ସହିତ
ବ୍ରହ୍ମ ଲୋକେ ବାସକରେ ହୋଇଣ ନିଶ୍ଚିତ ।
ତୁଳସୀ ମୂଳେ ପ୍ରାଚୀର ବେଢ଼ାଏ ଯେ ନର
ବିଷ୍ଣୁଙ୍କ ସାରୂପ୍ୟ ପ୍ରାପ୍ୟ ହୁଅଇ ଶେଷର ।

ତାର ତିନିକୁଳ ତାହା ସହ ମୁକ୍ତ ହୋନ୍ତି
ଏଥକୁ ମନେ ସଂଶୟ ନ କର ନୃପତି ।
କୋମଳ ତୁଳସୀ ପତ୍ର ଦେଇ ଯେଉଁଜନ
ବିଷ୍ଣୁଙ୍କ ଅଭୟ ପାଦ କରଇ ବନ୍ଦନ ।
ସେ ବ୍ରହ୍ମ ଲୋକରେ ଯାଇ ସୁଖେ ବାସକରେ
ତହିଁରୁ କେବେ ପତନ ନ ହୁଏ ତାହାରେ ।
ଦ୍ୱାଦଶୀ ତିଥି ଅଥବା ପୂର୍ଣ୍ଣମୀ ବାସରେ
ବିଷ୍ଣୁ ପ୍ରତିମାକୁ ଯେହୁ ଦୁଗ୍ଧେ ସ୍ନାନକରେ ।
ଆବର ତୁଳସୀ ଜଳେ କରାଏ ଭୂଷଣ
ବିଷ୍ଣୁଙ୍କ ସାଯୁଜ୍ୟ ସେହୁ ଲାଭ କରେ ଜାଣ ।
ତା ସଙ୍ଗେ ସକଳ ବଂଶ ମୁକ୍ତ ହୋନ୍ତି ତାର
ସଂସାରେ ନ ଜନ୍ମେ ଆଉ ସେହୁ ପୁନର୍ବାର ।
ଦ୍ୱାଦଶୀର ଘୃତପ୍ରସ୍ଥେ ଘେନି ଯେଉଁ ଜନ
କରାଏ ତହିଁରେ ବିଷ୍ଣୁ ପ୍ରତିମା ସ୍ନାହାନ ।
ସେ କୋଟି କୁଳକୁ ଘେନି ସାଯୁଜ୍ୟ ମୁକତି
ଲାଭକରେ ଏ ନିଶ୍ଚୟ ଜାଣ ହେ ଭୂପତି ।
ଏକାଦଶୀ ଦିନ ପଞ୍ଚାମୃତ ଘେନି କରେ
ସ୍ନାହାନ କରାଏ ଯେହୁ ବିଷ୍ଣୁଙ୍କୁ ସ୍ନେହରେ ।
ସେ ପୁଣ୍ୟାତ୍ମା ତାର ସହ କୁଟୁମ୍ବ ସହିତ
ବିଷ୍ଣୁଙ୍କ ଦର୍ଶନ ଲଭି ହୁଅନ୍ତି ମୁକତ ।
ଏକାଦଶୀ ଦୁଆଦଶୀ କିବା ପୂର୍ଣ୍ଣିମାରେ
ଯେ ସ୍ନାନ କରାଏ ନାରୀକେଳ ଉଦକରେ ।
ଶତ ଜନ୍ମାର୍ଜିତ ପାତକରୁ ମୁକ୍ତ ହୋଇ
ଆନନ୍ଦରେ ବାସକରେ ବୈକୁଣ୍ଠରେ ଯାଇ ।
ତା ସଂଗେ ସମସ୍ତ କୁଳ ଉଦ୍ଧରନ୍ତି ତାର
ଏଥକୁ ମନରେ ତୁମ୍ଭେ ସଂଶୟ ନ କର ।
ଇକ୍ଷୁରସେ ଦେବ ଦେବ କେଶବଙ୍କୁ ସ୍ନାନ
କରାଇଲେ ବିଷ୍ଣୁଲୋକ ଲାଭକରେ ଜନ ।
ପୁଷ୍ପୋଦକ ଅବା ଗଙ୍ଗୋଦକ ଘେନିକରେ
ବିଷ୍ଣୁଙ୍କୁ ଯେହୁ ସ୍ନାହାନ କରାଏ ଭକ୍ତିରେ ।
ତାହାର ପୁଣ୍ୟ ଯେବଣ କହି ନ ହୁଅଇ
ସଂକ୍ଷେପରେ କହୁଅଛି ଶୁଣ ମନଦେଇ ।
ସେ ଜନ ସ୍ୱର୍ଗ ପୁରରେ ହୋଇ ଅଧୀଶ୍ୱର
ଏକ ଯୁଗ ଭୋଗ କରେ ସମ୍ପଦ ଇନ୍ଦ୍ରର ।
ବସ୍ତ୍ର ପୂତ ଜଳରେ ଯେ ସ୍ନାହାନ କରାଏ
ସେ ଶାପରୁ ମୁକ୍ତିଲଭି ସ୍ୱର୍ଗପୁରେ ଯାଏ ।

Digitized by srujanika@gmail.com

ଶତେ ବର୍ଷ ପରିଯନ୍ତେ ସ୍ୱର୍ଗେ କରେ ବାସ
ତାପରେ ମର୍ତ୍ତ୍ୟରେ ଆସି ହୁଅଇ ପ୍ରକାଶ ।
ସକଳ ଜନରେ ସେହୁ ପୂଜିତ ହୁଅଇ
ରାଜା ହୋଇକରି ବହୁ ସମ୍ପଦ ଲଭଇ ।
ସୂର୍ଯ୍ୟ ଗ୍ରହଣରେ ଭଗବାନଙ୍କୁ ଯେ ନିତି
ସ୍ନାହାନ କରେ ଗୋକ୍ଷୀରେ ହୋଇ ତୋଷମତି ।
ସେ ଚଉଦ ପୁରୁଷଙ୍କୁ ଘେନି ସଙ୍ଗତରେ
ନିବାସ କରଇ ଯାଇ ଶ୍ରୀବିଷ୍ଣୁ ଆଳରେ ।
ଶୁକ୍ଳପକ୍ଷ ଏକାଦଶୀ ଦ୍ୱାଦଶୀ ଅଷ୍ଟମୀ
ଚତୁର୍ଦ୍ଦଶୀ ପୂର୍ଣ୍ଣିମୀ ବା ଦ୍ୱାଦଶୀ ଅଷ୍ଟମୀ ।
ଚନ୍ଦ୍ର ସୂର୍ଯ୍ୟ ଗ୍ରହଣର ତୁଲେ ରବିବାର
ଯୁଗାଦ୍ଧି ବୈଧୃତି ବ୍ୟତିପାତ ମନ୍ୱନ୍ତର ।
ଗଜଛାୟା ତିଥି ପୁଣି ଅର୍ଦ୍ଧୋଦୟ ଯୋଗ
ସୂର୍ଯ୍ୟ ସଂଗେ ପୁଷ୍ୟା ହସ୍ତା ରୋହିଣୀ ସଂଯୋଗ ।
ଶନିଙ୍କ ସହିତେ ଯୋଗ ଅଶ୍ୱିନୀ ରୋହିଣୀ
ଭୃଗୁପାତ ଯୋଗ ଅର୍କ ବଇଧୃତୀ ପୁଣି ।
ଅନୁରାଧା ଯୋଗ ହେଲେ ବୁଧ ସହିତରେ
ଶ୍ରବଣାର ଯୋଗ ଇନ୍ଦ୍ର ସୂର୍ଯ୍ୟଙ୍କ ସଙ୍ଗରେ ।
ହସ୍ତା ନକ୍ଷତ୍ରରେ ସ୍ଥିତି ହେଲେ ବୃହସ୍ପତି
ବୁଧାଷ୍ଟମୀଯୋଗ ଅବା ଭୃଗୁ ଯେ ରେବତୀ ।
ଯେଉଁ ବ୍ୟକ୍ତି ଏହି ସବୁ ଯୋଗମାନଙ୍କରେ
ବିଷ୍ଣୁଙ୍କୁ କରାଏ ସ୍ନାନ ଘୃତ ବା ଦୁଗ୍ଧରେ ।
ତାହାର ସୁପୁଣ୍ୟ ମୁଖେ ବରଣୀ ନ ହୁଏ
ଅନ୍ତଃକାଳେ ବିଷ୍ଣୁ ଲୋକେ ଯାଇ ଆଶ୍ରାପାଏ ।
ଏକାଦଶ ପୁରୁଷଙ୍କୁ ଘେନି ସଙ୍ଗତରେ
ନିର୍ବାଣ ମୁକତି ସେହୁ ଲଭଇ ଅଚିରେ ।
ଆଶରା କରଇ ସଦା ଶ୍ରୀପାଦ ପଦ୍ମକୁ
ପୁନରପି ନ ଆସଇ ଆଉ ମରତକୁ ।
କୃଷ୍ଣ ଚତୁର୍ଦ୍ଦଶୀ ତିଥି ସୋମବାର ଦିନ
ଶିବଙ୍କୁ ଗୋକ୍ଷୀରେ ସେହୁ କରାଏ ସ୍ନାହାନ ।
ସକଳ ପାତକ ତାର ଅଙ୍ଗୁ ଦୂର ହୁଏ
ଶିବଙ୍କ ସାଯୁଜ୍ୟ ମୁକ୍ତି ପ୍ରାପତ ଯେ ହୁଏ ।
ସୋମବାର ଯୁକ୍ତ ଶୁକ୍ଳ ଅଷ୍ଟମୀ ତିଥିରେ
ନାରୀକେଳ ଜଳେ ସେହୁ ଶିବ ସ୍ନାନକରେ ।
କୃଷ୍ଣ ଚତୁର୍ଦ୍ଦଶୀ ଅଷ୍ଟମୀରେ ଯେଉଁ ଜନ
ଘୃତ ମଧରେ ଶିବଙ୍କୁ କରାଏ ସ୍ନାହାନ ।
ଶିବଙ୍କ ସାଯୁଜ୍ୟ ତାଙ୍କୁ ହୁଅଇ ପ୍ରାପତି
ସଂସାର ସାଗରେ ପଡ଼ି ନ ଲଭେ ଦୁର୍ଗତି ।
ଫଳ ଆଉ ପୁଷ୍ପମାନ ଘେନି ସଙ୍ଗତରେ
ସ୍ନାହାନ କରାଏ ଶଙ୍କରଙ୍କୁ ସୋମବାରେ ।
ଗିରିଜାପତି ତାଠାରେ ସନ୍ତୋଷ ହୁଅନ୍ତି
ସାତ କଳ୍ପଯାଏ ସେହୁ ଲଭନ୍ତି ମୁକତି ।
ଶିବଙ୍କୁ ଆଦର କେଶବଙ୍କୁ ଯେଉଁ ଜନ
ତିଳଜାତ ତଇଳରେ କରାଏ ସ୍ନାହାନ ।
ସାଯୁଜ୍ୟ ମୁକତି ସେହୁ ନିଶ୍ଚୟ ଲଭଇ
ତିନି କୁଳକୁ ସଂସାର ଉଦ୍ଧାର କରଇ ।
ଇକ୍ଷୁରସେ ଯେ ବିଷ୍ଣୁଙ୍କୁ କରାଏ ସ୍ନାହାନ
ଶିବଙ୍କ ଲୋକରେ ବାସ କରେ ସେହିଜନ ।
ଘୃତ ଗୋ ଦୁଗ୍ଧରେ ଶିବଲିଙ୍ଗ ଯେ ପୂଜଇ
ତା ସମାନ ଭାଗ୍ୟବନ୍ତ ଜଗତେ କେ ନାହିଁ ।
ମୁକତ ହୁଅଇ ସାତଜନ୍ମ ପାପୁ ସେହି
ସାଯୁଜ୍ୟ ମୁକତି ପରିଶେଷରେ ଲଭଇ ।
ଆବର ଦ୍ୱାଦଶୀ ତୀର୍ଥେ ଯେଉଁ ଭକ୍ତ ଜନ
ଗୋକ୍ଷୀରେ କରାଏ ନାରାୟଣଙ୍କ ସ୍ନାହାନ ।
ଅୟୁତେ ଜନ୍ମପାପରୁ ସେହି ନିସ୍ତରଇ
ସଂଗେ ସବୁକୁଳ ଘେନି ବୈକୁଣ୍ଠେ ବସଇ ।
କାର୍ତ୍ତିକ ପୂର୍ଣ୍ଣିମା ଦିନ ମଧୁ ପ୍ରସ୍ଥକରେ
ନାରାୟଣଙ୍କୁ ଯେ ସ୍ନାନ କରାଏ ଭକ୍ତିରେ ।
ସେ ନିଜର ପରାପୂର କୁଳକୁ ଘେନିଣ
ଶ୍ରୀହରିଙ୍କ ଭୁବନରେ ବାସକରେ ଜାଣ ।
ଯେ ସୁଗନ୍ଧ ପୁଷ୍ପଦେଇ ପୂଜେ ହରିହର
ଅନ୍ତଃକାଳେ ବାସ ତାର ବଇକୁଣ୍ଠପୁର ।
ମନୋହର ଗନ୍ଧପୁଷ୍ପ ଦେଇ ଯେଉଁ ନର
ହରି ଅବା ହରଙ୍କୁ ଯେ ପୂଜଇ ଭକ୍ତିର ।
ସେ ପୂଜା ଫଳରେ ହରିହର ଦୁହିଁଙ୍କର
ସାଯୁଜ୍ୟ ମୁକତି ଲାଭ କରେ ସେହି ନର ।
ଯେ ପଦ୍ମ ପୁଷ୍ପରେ ହରି ହରଙ୍କୁ ପୂଜଇ
ସେ ତିନି କୁଳକୁ ଘେନି ବୈକୁଣ୍ଠେ ବସଇ ।
ବିଷ୍ଣୁଙ୍କୁ କେତକୀ ପୁଷ୍ପେ ଶିବଙ୍କୁ ଧୁସ୍ତୁରେ
ଅର୍ଚ୍ଚନା କରଇ ଯେହୁ ଭକତି ଭାବରେ ।
ନିଖିଳ ପାପରୁ ସେହୁ ମୁକତ ଲଭିଣ
ଯୁଗଶେଷେ ବିଷ୍ଣୁଲୋକେ ବସଇ ଯାଇଣ ।

Digitized by srujanika@gmail.com

ଚମ୍ପକେ ହରିଙ୍କ ଅର୍କପୁଷ୍ପେ ଶଙ୍କରଙ୍କୁ
ଯେ ପୂଜେ ସାରୂପ୍ୟ ମୁକ୍ତି ମିଳଇ ତାହାକୁ ।
ଜାତି ପୁଷ୍ପେ ଶଙ୍କରଙ୍କୁ ଯେ ପୂଜା କରଇ
ତାଙ୍କୁ ଶିବଲୋକେ ବାସ ଦ୍ୟନ୍ତି ଉମାସାଇଁ ।
କେଶବଙ୍କୁ ପୂଜାକଲେ ବନ୍ଧୁକ ପୁଷ୍ପରେ
ପାପ ତାପ ନାଶି ପ୍ରାଣୀ ବସେ ବୈକୁଣ୍ଠରେ ।
କାକୋଳ ପୁଷ୍ପରେ ଯେହୁ ବିଷ୍ଣୁ ପୂଜାକରେ
ସାରୂପ୍ୟ ମୁକତ ତାକୁ ମିଳଇ ଅଚିରେ ।
ରୁଦ୍ର ପୁଷ୍ପେ ଶିବଙ୍କୁ ଯେ ଅର୍ଚ୍ଚନା କରଇ
ଶିବଙ୍କ ସାରୂପ୍ୟ ସେହି ଜନ ଯେ ଲଭଇ ।
ଶମୀ କୁସୁମରେ ପୂଜା କରେ ହରିହର
ସକଳ ଅଭୀଷ୍ଟ ପୂର୍ଣ୍ଣ କରଇ ଠାକୁର ।
ଚତୁର୍ଦ୍ଦଶୀ ଦିନ ଅପମାର୍ଗ ପତ୍ର ଦେଇ
ଯେବଣ ମାନବ ମହାଦେବଙ୍କୁ ପୂଜଇ ।
ତାହାଠାରେ ଉମାପତି ସନ୍ତୁଷ୍ଟ ହୁଅନ୍ତି
ଅନାୟାସେ ମିଳେ ତାକୁ ସାରୂପ୍ୟ ମୁକତି ।
ଶିବ ଅବା ବିଷ୍ଣୁଙ୍କୁ ଯେ ଭକ୍ତି ସହକାରେ
ଘୃତ ଯୁକ୍ତ ଗୁଗ୍‌ଗୁଲରେ ଧୂପ ଦାନ କରେ ।
ତାର ଯେତେ ପାପଥାଏ ଶତ ଜନ୍ମାର୍ଜିତ
ସେହିକ୍ଷଣି ଶରୀରରୁ ହୁଏ ଦୂରୀଭୂତ ।
ତିଳ ତଇଳର ଦୀପ ଦେଲେ ହରିହର
ସର୍ବାରିଷ୍ଟ ପୂର୍ଣ୍ଣ ଜାଣ ହୁଏ ପୂଜକର ।
ଘୃତ ଦୀପ ଦାନ ଯେବେ କରଇ ପୂଜକ
ତା ଅଙ୍ଗରୁ ଦୂର ହୁଏ ସକଳ ପାତକ ।
ଆବର ସେ ଗଙ୍ଗାସ୍ନାନ ଫଳ ଭୋଗିହୁଏ
ଦେହାନ୍ତ କାଳରେ ସନାତନ ଗତି ପାଏ ।
କପିଳାଘୃତରେ ବତୀ ଜାଳି ଶଙ୍କରଙ୍କୁ
ଅର୍ପଣ କରଇ ଅବା ଯେହୁ କେଶବଙ୍କୁ ।
ଏକବିଂଶ କୁଳକୁ ସେ ଘେନି ସଙ୍ଗତରେ
ଶିବ ବିଷ୍ଣୁଙ୍କର ସାରୂପ୍ୟକୁ ଲାଭକରେ ।
ଜଗତେ ନିଜର ପ୍ରିୟବସ୍ତୁ ଯେତେ ଅଛି
ତା ଶିବ ବିଷ୍ଣୁଙ୍କୁ ଯେହୁ ଦିଏ ବାଛି ବାଛି ।
ତେବେ ଚଉଦ ପୁରୁଷମାନଙ୍କୁ ଘେନିଣ
ପରମ ପଦକୁ ପାଇ ମୁକ୍ତି ହୁଏ ଜାଣ ।
ଯେ ଆପଣା ପ୍ରିୟବସ୍ତୁ ବ୍ରାହ୍ମଣଙ୍କୁ ଦିଏ
ସେ ବ୍ରହ୍ମଲୋକରେ ଯାଇ ଆନନ୍ଦରେ ରୁହେ ।
ବ୍ରାହ୍ମଙ୍କ ସଙ୍ଗରେ ବାସକରେ ଚିରଦିନ
ପୁନର୍ପି ସେଠାରୁ ଆଉ ନକରେ ଗମନ ।
ବ୍ରହ୍ମହତ୍ୟାକାରୀ ଯେତେ କରେ ଅନ୍ନଦାନ
ପବିତ୍ର ହୁଅଇ ତାର ଶରୀରଟି ଜାଣ ।
ଅନ୍ନ ଆଉ ଜଳ ଦୁହେଁ ଦାନ ସଂଗେ ଧରି
ଆନ ଦାନ ନୁହେଁ ସମ ଆହେ ଦଣ୍ଡଧାରୀ ।
କ୍ଷୁଧାର୍ତ୍ତ ଜନଙ୍କୁ ଯେହୁ ଅନ୍ନକରେ ଦାନ
ପ୍ରାଣ ଦାନ ଫଳ ସେହୁ ଲାଭକରେ ଜାଣ ।
ସର୍ବଦାତା ବୋଲି ତାକୁ ସକଳେ କୁହନ୍ତି
କହିଲି ତୁମ୍ଭ ଅଗ୍ରତେ ଆହେ ନରପତି ।
ଏହା ଜାଣି ଅନ୍ନଦାନ କରଇ ଯେ ନର
ସବୁ ଦ୍ରବ୍ୟ ଫଳ ସେହୁ ପାଏ ଯେ ସତ୍ୱର ।
ବୁଧ ଗଣ ଏହା ଧର୍ମ ଶାସ୍ତ୍ରେ ଲେଖିଛନ୍ତି
ଅନ୍ନଦାନ କଲେ ବ୍ରହ୍ମଲୋକରେ ବସତି ।
ପୁନର୍ପି ସେଠାରୁ ଆଉ ନ ଫେରଇ ଜନ
ଏଣୁ ଅନ୍ନଦାନ ସଂଗେ ନୁହେଁ କେ ସମାନ ।
ତୃଷାର୍ତ୍ତ ଲୋକଙ୍କୁ ଦେଖି ତୃଷ୍ଟ ପଦ ଜଳ
ଦାନକଲେ ମିଳେ ଅନ୍ନଦାନ ସମଫଳ ।
ମହାପାପୀ ହେଉଅବା ଉପପାପୀ ହେଉ
ଅନ୍ନଜଳ ଦାନକଲେ ମୁକ୍ତ ହୁଏ ସେହୁ ।
ତାହାକୁ ପଣ୍ଡିତ ଗଣେ ପ୍ରଶଂସା କରନ୍ତି
ଜୀବନାନ୍ତେ ବୈକୁଣ୍ଠରେ ବସେ ସେ ସମ୍ପ୍ରତି ।
ଶରୀର ହୋଇଛି ଜାତ ଅଗ୍ନି ମଧ୍ୟୁ ଜାଣ
ଅନ୍ନଲାଗି ଧରିଛନ୍ତି ପ୍ରାଣ ପ୍ରାଣୀଗଣ ।
ଏ କାରଣୁ ଅନ୍ନଦାନ କରେ ଯେଉଁ ବ୍ୟକ୍ତି
ପ୍ରାଣଦାନ ବୋଲି ତାକୁ ସକଳେ କୁହନ୍ତି ।
ଅନ୍ନରେ ସନ୍ତୋଷ ଜାତ ହୁଅଇ ତତ୍କାଳେ
ତେଣୁ ଅନ୍ନଦାନ ଫଳେ ସର୍ବାଭିଷ୍ଟ ମିଳେ ।
ନିରୂପଣ କରିଛନ୍ତି ଶାସ୍ତ୍ରେ ବୁଧଗଣ
ଅନ୍ନଦାନସଂଗେ ଆନ ନୁହେଁ କେ ସମାନ ।
ଯେ ଅନ୍ନ ଦିଅଇ ତାର ସହସ୍ର ପୁରୁଷ
ନରକ ନ ଦେଖି ସ୍ୱର୍ଗେ କରନ୍ତି ଆବାସ ।
ତାହାଠାରୁ ଶ୍ରେଷ୍ଠ ଦାତା ଜଗତେ କେ ନାହିଁ
ପ୍ରଶଂସା କରନ୍ତି ତାଙ୍କୁ ବୁଧଗଣେ ତହିଁ ।
ଭୋ ରାଜନ ଏହା ଜାଣି ଅନ୍ନଦାନ କର
ତହିଁରେ ଅପାର ପୁଣ୍ୟ ହୋଇବ ତୁମ୍ଭର ।

Digitized by srujanika@gmail.com

ଭକ୍ତି ସହକାରେ ଅତିଥିଙ୍କୁ ଯେ ମାନବ
ସତକାର କରି ସନ୍ତୋଷରେ ଅନ୍ନ ଦେବ ।
ମୁକ୍ତି ଲାଭ କରିବ ସେ ଜାଣ ହେ ରାଜନ
ଅନ୍ୟଥା ନୁହଁଇ ଏହା ଶାସ୍ତ୍ରର ବଚନ ।
ଯେଉଁ ଗୃହୀ ଅତିଥିର ବେନି ଚରଣରେ
ତୈଳ ଲେପି ମରଦନ କରଇ ଭକ୍ତିରେ ।
ସେ ଗଙ୍ଗାଦି ସବୁ ତୀର୍ଥ ଫଳ ପ୍ରାପ୍ତ ହୁଏ
ଦେହାନ୍ତେ ମୁକତ ହୋଇ ବୈକୁଣ୍ଠକୁ ପାଏ ।
ବ୍ରାହ୍ମଣମାନଙ୍କୁ ତୈଳଭଙ୍ଗ କରାଇଲେ
ଶତେ ବର୍ଷ କୃତ ଗଙ୍ଗାସ୍ନାନ ଫଳ ମିଳେ ।
ଯେ ରକ୍ଷା କରଇ ରୋଗଗ୍ରସ୍ତ ବ୍ରାହ୍ମଣଙ୍କୁ
କୋଟିକୁଳ ଘେନିଯାଏ ସେ ବ୍ରହ୍ମଲୋକକୁ ।
ଏକମାତ୍ର ରୋଗଗ୍ରସ୍ତ ମନୁଷ୍ୟକୁ ଯେହୁ
ରକ୍ଷାକରେ ମହାପୁଣ୍ୟ ଅରଜଇ ସେହୁ ।
ସ୍ୱୟଂ ହରି ପରିତୃପ୍ତ ହୋଇ ତାହା ପ୍ରତି
ସକଳ ଅଭୀଷ୍ଟ ତାକୁ ପ୍ରଦାନ କରନ୍ତି ।
ଯେବଣ ବ୍ୟକତି କାୟ ମନ ବା ବାକ୍ୟରେ
ପୀଡ଼ିତ ଜନଙ୍କୁ ରକ୍ଷା କରଇ ସତ୍ୱରେ ।
ସେ ନିଷ୍ପାପୀ ହୋଇ ଲାଭ କରେ ମୋକ୍ଷପଦ
ଅଚିରେ ମିଳଇ ତାକୁ ସରଗ ସମ୍ପଦ ।
ବ୍ରାହ୍ମଣମାନଙ୍କୁ ଦାନ କଲେ ବାସସ୍ଥାନ
ବିଷ୍ଣୁ ଆଦି ଦେବଗଣେ ହୁଅନ୍ତି ପ୍ରସନ୍ନ ।
ବେଦଜ୍ଞ ବିପ୍ରଙ୍କୁ ଦୁଗ୍ଧବତୀ ଧେନୁ ଦେଲେ
ସେ ଫଳରେ ବିଷ୍ଣୁଲୋକ ଲାଭ ହୁଏ ହେଳେ ।
ପରମ ସୁଖରେ ସେହୁଥାଏ ଚିରଦିନ
ପୁନର୍ପି ନ କରେ ଆଉ ଜନମ ଗ୍ରହଣ ।
ବେଦ ଜାଣିଥିବା ବ୍ରାହ୍ମଣଙ୍କୁ ଯେଉଁ ନର
ଧେନୁଦାନ କରେ ଡାକି ଆନନ୍ଦ ମନର ।
ସକଳ ପାପରୁ ସେହି ମୁକତ ଲଭଇ
ଅନ୍ତେ ଶିବଙ୍କ ଚରଣେ ଆଶ୍ରୟ ଲଭଇ ।
ଅଧ୍ୟାତ୍ମ ଜ୍ଞାନକୁ ଜାଣିଥାନ୍ତି ଯେଉଁ ନର
ତାହାଙ୍କ ଗୁଣ ବା କିସ କହିବି ମୁଖର ।
ଭୟାତୁର ବ୍ରାହ୍ମଣଙ୍କୁ ଅଭୟ ପ୍ରଦାନ
ଯେ କରଇ ମହାପୁଣ୍ୟବନ୍ତ ସେହୁ ଜାଣ ।
ପଣ୍ଡିତେ ତାହାର ପୁଣ୍ୟଫଳ ବର୍ଣ୍ଣିବାକୁ
ସମର୍ଥ ନୁହନ୍ତି ଜାଣ କହିଲି ତୁମ୍ଭଙ୍କୁ ।

ଅପାରଦକ୍ଷିଣା ଦାନ ଯଜ୍ଞ ଅଛି ଯେତେ
ତା ସବୁ କରିବ ବେଦ ବିଧିରେ ସୁଚିତେ ।
ଭୟଭୀତ ବ୍ୟକତିରେ ଜୀବନ ରକ୍ଷଣ
କଲେ ଏ ଉଭୟ ଫଳ ହୁଅଇ ସମାନ ।
ଶତେ ବର୍ଷ ଗଙ୍ଗାସ୍ନାନେ ମିଳେ ଯେତେଫଳ
ବ୍ରାହ୍ମଣଙ୍କୁ ରକ୍ଷାକଲେ ମିଳେ ତା ତତ୍କାଳ ।
ଭୟଭୀତ ବ୍ୟକତିକୁ ଯେ ଜନ ଅଭୟ
ବିଷ୍ଣୁଙ୍କ ସାରୂପ୍ୟ ତାକୁ ମିଳଇ ନିଶ୍ଚୟ ।
ବସ୍ତ୍ର ଦାନ କଲେ ରୁଦ୍ର ଲୋକେ ବାସ ମିଳେ
ବ୍ରହ୍ମ ଲୋକ ଲାଭ ହୁଏ କନ୍ୟାଦାନ ଫଳେ ।
ସ୍ୱର୍ଣ୍ଣ ଦାନକଲେ ନିଜ ବଂଶ ସହିତରେ
ନିବାସ କରଇ ଯାଇ ବିଷ୍ଣୁଙ୍କ ଆଳରେ ।
ନାନା ଅଳଙ୍କାରେ ମଣ୍ଡି କନ୍ୟାକୁ ଯେ ଜନ
ଜ୍ଞାନବନ୍ତ ବ୍ରାହ୍ମଣଙ୍କୁ କରିବ ପ୍ରଦାନ ।
ସେ ଶତେ ବଂଶକୁ ଘେନି ବ୍ରହ୍ମାଙ୍କ କୋଳରେ
କଳ୍ପଶେଷ ପରିଯନ୍ତେ ଯାଇ ବାସକରେ ।
କାର୍ତ୍ତିକ ପୂର୍ଣ୍ଣିମା କିବା ଆଷାଢ଼ ମାସରେ
ଶିବ ପ୍ରୀତିଅର୍ଥେ ଯେଉଁ ନର ପୂର୍ଣ୍ଣିମାରେ ।
ବୃଷୋତ୍ସର୍ଗ କରେ ତାକୁ ମିଳେ ଯେଉଁ ଫଳ
ପ୍ରକାଶ କରିବା ତାହା ଶୁଣ ମହୀପାଳ ।
ଶତ ଜନ୍ମାର୍ଜିତ ପାତକରୁ ମୁକ୍ତ ହୋଇ
ଶିବଙ୍କ ସ୍ୱରୂପଧରି କୈଳାସେ ବସଇ ।
ତା ସଂଗେ ସପ୍ତତି କୁଳ ମୋକ୍ଷଣ ହୁଅନ୍ତି
ଶିବ ଲୋକେ ବାସକରେ ଯାଇ ସେହି ବ୍ୟକ୍ତି ।
ତ୍ରିଶୂଳ ଅଙ୍କିତ କରି ମହିଷ ଉତ୍ସର୍ଗ
କରିଲେ ନରକ ଦଣ୍ଡ ନ ହୁଅଇ ଭୋଗ ।
ଭକ୍ତିରେ ତାମ୍ବୁଳ ଦାନ ଯେ ଦ୍ୱିଜଙ୍କୁ କରେ
ବିଷ୍ଣୁ ପ୍ରୀତିହୋନ୍ତି ସଦା ତାହାର ଉପରେ ।
ଦଧି ଦୁଗ୍ଧ ଘୃତ ମଧୁ ଦାନ ଯେ କରଇ
ଯୁଗ ଶେଷ ଯାଏ ସ୍ୱର୍ଗ ଭୁବନେ ବସଇ ।
ଚନ୍ଦ୍ର ଲୋକ ଲୋଭ ହୁଏ ଇକ୍ଷୁ ଦାନ ଫଳେ
ଗନ୍ଧପୁଷ୍ପ ଫଳ ଦାନେ ବ୍ରହ୍ମଲୋକ ମିଳେ ।
ଇକ୍ଷୁ ରସ କିବା ଗୁଡ଼ ଯେ ଦାନ କରଇ
କ୍ଷୀର ସାଗରରେ ତାକୁ ବାସଦ୍ୟନ୍ତି ସାଇଁ ।
ଜଳଦାନ କଲେ ଅନୁତ୍ତମ ସୂର୍ଯ୍ୟ ଲୋକେ
ନିବାସ କରି ସେ ପ୍ରାଣୀ ରହେ ମନସୁଖେ ।

Digitized by srujanika@gmail.com

ସୁଚିତ୍ତରେ ବେଦ ବିଦ୍ୟା ଦାନ ଯେ କରନ୍ତି
ବିଷ୍ଣୁଙ୍କ ସାଯୁଜ୍ୟ ତାଙ୍କୁ ହୁଅଇ ପ୍ରାପତି ।
ଅତି ଦାନ ମଧ୍ୟେ ଗଣାଯାଏ ବିଦ୍ୟାଦାନ
ତେଣୁ ମହାଦାନ ବୋଲି ଗଣନ୍ତି ସୁଜନ ।
ଉତ୍ତମ ଠାରୁ ଉତ୍ତମ ଗୋରୁଦାନ ଜାଣ
ଅତିଦାନ ବୋଲି ତାର ବ୍ୟାଖ୍ୟା ଅଛି ପୁଣ ।
ଭୂଦାନ ଗୋଦାନ ବିଦ୍ୟାଦାନକୁ ପଣ୍ଡିତେ
ଅତିଦାନ ବୋଲି କହିଛନ୍ତି ଶାସ୍ତ୍ରମତେ ।
ଏ ତିନି ଦାନକୁ ଦେଇପାରେ ଯେଉଁ ଜନ
ସେ କେବେହେଁ ନ କରଇ ନରକ ଦର୍ଶନ ।
ତଥାପି ଏ ତିନି ଗୋଟି ଦାନଙ୍କ ମଧ୍ୟରେ
ଶ୍ରେଷ୍ଠ ଅଟେ ବିଦ୍ୟାଦାନଶୁଣ ମନସ୍ଥିରେ ।
ଆନ ଦାନେ ଲାଭ ହୁଏ ସାଯୁଜ୍ୟ ମୁକତି
ସତ୍ୟ ସରଳତା ଅକ୍ରୋଧ ଏ ଦ୍ୟନ୍ତି ଗତି ।
ଧାନ୍ୟ ଦାନ କଲେ ଉପପାପ ଯେତେଥାଏ
ତାହା ସବୁ ଶରୀରରୁଦୂର ହୋଇଯାଏ ।
ବ୍ରହ୍ମଲୋକେ ଅଇଶ୍ୱର୍ଯ୍ୟ ମିଳେ ସେ ଦାତାଙ୍କୁ
ଏ ସତ୍ୟ ବଚନ ଜାଣ କହିଲି ତୁମ୍ଭଙ୍କୁ ।
କୋଟିଏ ବ୍ରହ୍ମାଣ୍ଡ ଦାନ କରିଲେ ମାନବ
ତହିଁରୁ ଯେତେକ ଫଳ ତାହାର ମିଳିବ ।
ସେ ଫଳ ମିଳଇ ଏକା ଶିବଲିଙ୍ଗ ଦାନେ
ଏହା ବଖାଣି ଅଛନ୍ତି ଶାସ୍ତ୍ରେ ବୁଧମାନେ ।
ଶାଳଗ୍ରାମ ଶିଳା ଦାନ କଲେ ଦୁଇଗୁଣ
ଶିବଲିଙ୍ଗ ଦାନଠାରୁ ଫଳ ମିଳେ ଜାଣ ।
ଆପେ ବିଷ୍ଣୁ ଶାଳଗ୍ରାମ ଶିବା ସ୍ୱରୂପରେ
ବିଜେ କରିଥାନ୍ତି ଭକ୍ତ ଜନଙ୍କ ମଧ୍ୟରେ ।
ଏ କାରଣୁ ବ୍ରାହ୍ମଣଙ୍କୁ ଶାଳଗ୍ରାମ ଦେଲେ
ତହିଁରେ ଅପାର ଫଳ ମିଳେ ତତକାଳେ ।
ଘୃତପୂର୍ଣ୍ଣ ପ୍ରଦୀନ ଯେ ପ୍ରଦାନ କରଇ
ଗଙ୍ଗାସ୍ନାନ ଫଳ ତାକୁ ପ୍ରାପତ ହୁଅଇ ।
ରତ୍ନ ଯୁକ୍ତ ସ୍ୱର୍ଣ୍ଣଦେଲେ ମିଳେ ଦିବ୍ୟଗତି
ମହାଦାନ ମଧ୍ୟେ ତାକୁ ଗଣନା କରନ୍ତି ।
ମାଣିକ ଦାନରେ ମୋକ୍ଷପଦ ଲାଭହୁଏ
ଯେହୁ ହୀରା ଦିଏ ସେହୁ ବିଦ୍ୟଲୋକ ପାଏ ।
ବିଦ୍ରୁମ ଦାନରେ ଲଭ୍ୟହୁଏ ସୁରଲୋକ
ବଇଦୁର୍ଯ୍ୟ ଦେଲେ ଦୂର ହୁଅଇ ପାତକ ।

ପଦ୍ମରାଗମଣି ଦେଇ ପାରେ ଯେଉଁ ନର
ତାହାକୁ ବାସ ମିଳଇ ଯେ ବ୍ରହ୍ମଲୋକର ।
ଅଳଙ୍କାର ଦାନ କରେ ଯେବଣ ମାନବ
ସକଳ ସ୍ଥାନରେ ତାକୁ ମିଳେ ସେହି ଦ୍ରବ୍ୟ ।
ଯେ ଦିଅଇ ଯାନ ସେହୁ ସବୁ ସମୟରେ
ଭ୍ରମଣ କରଇ ବସି ଉତ୍ତମ ଯାନରେ ।
ତୃଣ ଯେହୁ ଦାନ କରେ ସେ ଗାଭିଗଣକୁ
ଜୀବନାନ୍ତେ ବାସକରେ ସେ ଶିବଲୋକକୁ ।
ମହିଷ କିବା ଲବଣ ଯେହୁ କରେ ଦାନ
ବରୁଣ ପୁରରେ ସେହୁ ପାଏ ବାସସ୍ଥାନ ।
ଯେ ନିଜ ଆଶ୍ରମୋଚିତ ଆଚାର ନିରତ
କର୍ତ୍ତବ୍ୟ ପାଳନେ ହୋଇ ଥାନ୍ତି ଯତ୍ନବତ ।
ଦମ୍ଭ ସହିତରେ ଅସୂୟାକୁ ଛାଡ଼ି ଥାଏ
ସେ ବ୍ରହ୍ମ ଲୋକକୁ ପାଇ ମହାସୁଖେ ରହେ ।
ଯେଉଁମାନେ ସଂସାରର ଲୋକଙ୍କୁ ସନ୍ତତେ
ସତ ଉପଦେଶ ଦେଇଥାନ୍ତି ତୋଷ ଚିତ୍ତେ ।
ଯାହାଙ୍କ ଅଙ୍ଗରେ ତିଳେ ପାତକ ନ ଥାଏ
ଶ୍ରୀହରି ଭୁବନେ ବାସ କରନ୍ତି ସୁଖେହେଁ ।
ଆବର ତାହାଙ୍କୁ ବ୍ରହ୍ମଲୋକ ହୁଏ ପ୍ରାପ୍ତି
ପୁନଶ୍ଚ ସଂସାରେ ଆଉ ଜନ୍ମ ନ ଲଭନ୍ତି ।
ପରନିନ୍ଦା ବିମୁଖ ଯେ ପ୍ରାଣୀ ହିତେ ରତ
ସାଧୁସଙ୍ଗତରେ ହେଉଥାନ୍ତି ଆନନ୍ଦିତ ।
ସେମାନଙ୍କୁ ଯମାଳୟ ନୁହଁଇ ଦର୍ଶନ
ଇହପର ଦୁଇରେ ସେ ସୁଖୀ ଅଟେ ଜାଣ ।
ପରସ୍ତ୍ରୀ ହରଣେ ଚିତ୍ତଥାଏ ଯାହାଙ୍କର
ସାଧୁଙ୍କ ସେବାରେ ମନ ନଥାଏ ଯାହାର ।
କିନ୍ତୁଗୋରୁ ବ୍ରାହ୍ମଣଙ୍କ ସେବା ସେହୁ କଲେ
ଯମଲୋକ ଦରଶନ ନ କରନ୍ତି ହେଲେ ।
ଜିତେନ୍ଦ୍ରିୟ ଜିତ ହାର ହୋଇ ଯେଉଁକାଳେ
ଗୋ ବ୍ରାହ୍ମଣ ହିତେ ରତ ଥାନ୍ତି ସବୁକାଳେ ।
ତାହାଙ୍କୁ ପରମ ପଦ ହୁଅଇ ପ୍ରାପତି
ଆପେ ମୁକ୍ତ ହୋଇ ସପ୍ତ କୁଳକୁ ତାରନ୍ତି ।
ଗୁରୁ ଅଗ୍ନି ଯତି ଗଣଙ୍କୁ ଯେ ସେବାକରେ
ସେ ପଡ଼ଇ ନାହିଁ କେଉଁ ଯମ ଯାତନାରେ ।
ନିରନ୍ତର ଦେବାର୍ଚ୍ଚନେ ରତ ଯେଉଁମାନେ
ହରିନାମ ଜପନ୍ତି ଯେ ସଦା ଶୁଦ୍ଧ ମନେ ।

Digitized by srujanika@gmail.com

କାହାଠାରୁ କିଛି ପରିଗ୍ରହ ନ କରନ୍ତି
ତାହାଙ୍କୁ ପରମ ପଦ ହୁଅଇ ପ୍ରାପତି ।
ଅନାଥ ବ୍ରାହ୍ମଣ ମୃତ୍ତ ହେଲେ ତାଙ୍କୁ ଯେହୁ
ଦାହକରେ ଅଶ୍ୱମେଧ ଫଳପାଏ ସେହୁ ।
ଅପୂଜ୍ୟ ଶିବଲିଙ୍ଗଙ୍କୁ ଯେହୁ ଭକ୍ତିଭରେ
ଫଳ ପୁଷ୍ପମାନ ଦେଇ ଯତ୍ନେ ପୂଜାକରେ ।
କୋଟି ଅଶ୍ୱମେଧ ଫଳ ଲଭଇ ଯେ ନର
ସଂସାରେ ଜନ୍ମିବା ତାର ଅଟଇ ଯେ ସାର ।
ଅପୂଜ୍ୟ ଲିଙ୍ଗଙ୍କୁ ସ୍ନାନ କରାଇ ଜଳରେ
ସେ ପୂଜା କରଇ ପତ୍ରପୁଷ୍ପ ଫଳାଦିରେ ।
ସହସ୍ର ଅଶ୍ୱମେଧର ଫଳ ସେହୁ ପାଏ
ଅନାୟାସେ ବିଷ୍ଣୁପଦ ଲଭେ ସେ ନିଶ୍ଚୟେ ।
ଭକ୍ଷ ଭୋଜ୍ୟ ସ୍ୱାଦୁ ପକ୍ୱଫଳ ପୁଷ୍ପ ଦେଇ
ପୂଜାକଲେ ଶିବଙ୍କର ସାଯୁଜ୍ୟ ମିଳଇ ।
ପୁନର୍ପି ଏ ସଂସାରରେ ଜନମ ଗ୍ରହଣ
ନୁହଁଇ ତାହାର ଏହା ମନ ଦେଇ ଶୁଣ ।
ପୂଜା ନ ପାଇଣ ବିଷ୍ଣୁ ଲୋକେ ରହିଥିବେ
ତାଙ୍କୁ ପୂଜାକଲେ ଯେଉଁ ଫଳ ସେହୁ ଦେବେ ।
ତା କହିବା ତୁମ୍ଭ ଅଗ୍ରତରେ ତଥ୍ୟକରି
ଶ୍ରବଣ କର ରାଜନ ମନକର୍ଣ୍ଣ ଡେରି ।
ଯେବଣ ବିଧିରେ ପୂଜା କଲେ ଯେଉଁଫଳ
ପ୍ରକାଶି କହିବା ତାହା ଶୁଣ ମହୀପାଳ ।
ଯେ ବ୍ୟକ୍ତି କେବଳ ଜଳ ଦେଇ ପୂଜାକରେ
ସପତ କୁଳ ସେ ଜନ ନିଶ୍ଚୟ ଉଦ୍ଧାରେ ।
ଜଳ ପୁଷ୍ପ ପତ୍ର ଫଳ ଦେଇ ପୂଜାକରେ
ବିଷ୍ଣୁଙ୍କ ସାରୂପ୍ୟ ଲାଭ କରଇ ଯେ ହେଳେ ।
ଭକ୍ଷ ଭୋଜ୍ୟ ଦେଇ ପୂଜା କରିପାରେ ଯେହୁ
ଅୟୁତେ କୁଳକୁ ସଙ୍ଗତରେ ଘେନି ସେହୁ ।
ମୋକ୍ଷପଦ ପାଇ ଭବ ସାଗରୁ ନିସ୍ତରେ
ପୁନର୍ପି ନ ପଡ଼େ ଆଉ ସେହି ତମଘୋରେ ।
ଭଗ୍ନ ଶିବଲିଙ୍ଗ ତଥା ଭଗ୍ନ ବିଷ୍ଣୁମୂର୍ତ୍ତି
ପୁନର୍ପି ସଂସ୍କାର ଯେହୁ କରାଇ ପାରନ୍ତି ।
ଭଗ୍ନ ହୋଇଥିଲେ ଶିବ ବିଷ୍ଣୁଙ୍କ ମନ୍ଦିର
ଯେ ତାକୁ କରାଇପାରେ ପୁନର୍ପି ସଂସ୍କାର ।
ତା ସମାନ ସଂସାରରେ ଭାଗ୍ୟବନ୍ତ ନାହିଁ
ଆପେ ମୋକ୍ଷହୋଇ ତିନିକୁଳକୁ ତାରଇ ।

ଅନ୍ତକାଳ ପରିଯନ୍ତେ ବୈକୁଣ୍ଠ ଭୁବନେ
ବାସ କରି ମୋକ୍ଷପଦ ଲଭନ୍ତି ସୁଜାଣେ ।
ଦେବାଳୟ ସମାର୍ଜ୍ଜନ କଲେ ଯେତେ ଫଳ
ତା ମଧ୍ୟ କହିବା ଏବେ ଶୁଣ ମହୀପାଳ ।
ଯେତେ ଧୂଳିକଣା ମାର୍ଜିତ ସେ କରିଥାଏ
ସେତେ କଳ୍ପଯାଏ ବିଷ୍ଣୁଲୋକ ବାସପାଏ ।
ଗୋଚର୍ମ ସେଚନପମ ଜଳ ଧରି କରେ
ଯେ ବିଷ୍ଣୁ ମନ୍ଦିର ଧୌତ କରଇ ତହିଁରେ ।
ସେ ଜଳେ ବାଲୁକା ଜଳେ ଦ୍ରବୀଭୂତ ହୁଏ
ତେତେ ଜନ୍ମ ପାପରୁ ସେ ନିସ୍ତାରଣ ପାଏ ।
ଗନ୍ଧୋଦକେ ଦେବାଳୟ ଯେ ଶିକ୍ତ କରଇ
ତାର ଯେଉଁ ପୁଣ୍ୟ ମୁଖେ କହି ନ ହୁଅଇ ।
ଯେତେ ଧୂଳିମାନ ଲାଗିଥାଏ ତାହାଠାରେ
ତେତେ କଳ୍ପ ବସଇ ସେ ବଇକୁଣ୍ଠ ପୁରେ ।
ଧାତୁରେ ଅଥବା ମୃତ୍ତିକାରେ ଯେଉଁଜନ
ସଯତ୍ନେ ନିର୍ମାଣ କରେ ଦେବତାୟତନ ।
ସେ ବେନି କୁଳକୁ ଘେନି ଦେହାନ୍ତ କାଳରେ
ନିବାସ କରଇ ଯାଇ ବଇକୁଣ୍ଠ ପୁରେ ।
ଶିଳା ଚୂର୍ଣ୍ଣ ଘେନି ଯେହୁ ଦେବତାଙ୍କ ଗୃହେ
ସ୍ୱସ୍ତିକାଦି ଚିତ୍ରାଙ୍କନ କରଇ ଉତ୍ସାହେ ।
ତାହାର ପୁଣ୍ୟ ଶ୍ରବଣ କର ନରନାଥ
ହରିଙ୍କ ସାରୂପ୍ୟ ପାଇ ରହେ ସେ ନିଶ୍ଚିତ ।
ଶାଳୀ ତଣ୍ଡୁଳର ପିଷ୍ଟକରେ ଯେଉଁଜନ
ପ୍ରଦୀପ ନିର୍ମାଣି ଦେବାଳୟ କରେ ଦାନ ।
ତା ପୁଣ୍ୟ ଫଳକୁ ଶତେ ବରଷରେ ମୁହିଁ
ସମ୍ପୂର୍ଣ୍ଣ ପ୍ରକାଶ କରି ନ ପାରିବି କହି ।
ଶିବଙ୍କ ଉଦ୍ଦେଶ୍ୟ ଅବା ବିଷ୍ଣୁ ଉଦ୍ଦେଶ୍ୟରେ
ଅଖଣ୍ଡ ପ୍ରଦୀପମାନ ଯେହୁ ଦାନକରେ ।
ଦିନ ଦିନକରେ ଅଶ୍ୱମେଧ ଫଳପାଇ
ଶତ ଜନ୍ମ ପାତକରୁ ନିସ୍ତାର ଲଭଇ ।
ପୂଜିତ ଶିବଙ୍କୁ ଅବା ପୂଜିତ ବିଷ୍ଣୁଙ୍କୁ
ନିରୀକ୍ଷଣ କରି ଯେହୁ ପ୍ରଣମଇଁ ତାଙ୍କୁ ।
ବିଷ୍ଣୁ ଲୋକେ ବାସକରେ ସେହୁ ଶତବର୍ଷ
ବ୍ରହ୍ମଲୋକେ ସମୁଜ୍ଜ୍ୱଳ ହୁଏ ତାର ବଂଶ ।
ଯେ ବିଷ୍ଣୁଙ୍କୁ ତିନିବାର ପ୍ରଦକ୍ଷିଣ କରେ
ସେ ପାପରୁ ତରି ଇନ୍ଦ୍ର ହୁଅଇ ସ୍ୱର୍ଗରେ ।

Digitized by srujanika@gmail.com

ପରମାତ୍ମା ବିଷ୍ଣୁଙ୍କୁ ଯେ କରେ ପ୍ରଦକ୍ଷିଣ
ଅଶ୍ୱମେଧ କଲା ଫଳ ଲଭଇ ସେ ଜାଣ ।
ଦକ୍ଷିଣାବର୍ତ୍ତ ଯେ ବାମାବର୍ତ୍ତ ବିଧାନରେ
ଶଙ୍କରଙ୍କୁ ପ୍ରଦକ୍ଷିଣ କଲେ ଭକତିରେ ।
ଯେଉଁ ପୁଣ୍ୟଫଳ ଲାଭନ୍ତିଏ ଶୁଣ ନୃପ
ଏକବାରେ ଛାଡ଼ିଯାଏ ବ୍ରହ୍ମହତ୍ୟା ପାପ ।
ଦୁଇବାର ପ୍ରଦକ୍ଷିଣେ ରାଜତ୍ୱ ମିଳଇ
ତିନିବାରେ ଚନ୍ଦ୍ରଙ୍କର ସମ୍ପଦକୁ ପାଇ ।
ପ୍ରଦକ୍ଷିଣ କଲାବେଳେ ଶିବଙ୍କୁ ମାନବ
ଅସଞ୍ଜତ ହୋଇ ସୋମସୂତ୍ରକୁ ଲଙ୍ଘିବ ।
ଅକର୍ତ୍ତବ୍ୟ ଅଟେ ସୋମସୂତ୍ର ଲଙ୍ଘିବାର
ଲଙ୍ଘିଲେ ହୁଅଇ ଅପରାଧ ଗୁରୁତର ।
ସ୍ତୁତିବାଦ କଲେ ନାରାୟଣଙ୍କୁ ଭକ୍ତିରେ
ସବୁ ମନବାଞ୍ଛା ପୂର୍ଣ୍ଣ ହୁଅଇ ତହିଁରେ ।
ନୃତ୍ୟ ଗୀତକରେ ଦେବ ଯତନରେ ଯେହୁ
ଗନ୍ଧର୍ବ ଗଣରେ ଅଧିପତି ହୁଏ ସେହୁ ।
ଅନ୍ତକାଳ ପରିଯନ୍ତେ ସୁରପତିଙ୍କର
ଗଣାଧିପ ହୋଇ ସୁଖ ଭୁଞ୍ଜଇ ଅପାର ।
ତଦନ୍ତରେ ଅଷ୍ଟକୁଳ ଘେନି ସଙ୍ଗତରେ
ସ୍ୱର୍ଗଧାମ ଛାଡ଼ି ମୋକ୍ଷପଦ ଲାଭକରେ ।
ଦେବାୟତନରେ ସୁଖବାଦ୍ୟ ଯେ କରନ୍ତି
ସେ ଦେବଯାନରେ ବସି ସ୍ୱର୍ଗପୁରେ ଯାନ୍ତି ।
ଦେବାୟତନରେ କରବାଦ୍ୟ ବଜାଇଲେ
ସକଳପାପରୁ ପ୍ରାଣୀ ତରିଯାଏ ଭଲେ ।
ଘଣ୍ଟାଧ୍ୱନି କରଇ ଯେ ଦେବତା ମନ୍ଦିରେ
ତା ପୁଣ୍ୟ ଫଳକୁ ବର୍ଣ୍ଣି ମୁଁ କହି ନ ପାରେ ।
ଗୋମୟ ଜଳରେ ଲିପଇ ଯେ ଦେବାଳୟ
ବିମାନାଧିପତି ପଦ ପାଏ ଯେ ନିଶ୍ଚୟ ।
ସେ ସୁଧା ଲେପନ କରିପାରେ ଦେବଗୃହେ
ତାର ପୁଣ୍ୟଫଳ ବଚନରେ କହି ନୋହେ ।
ପଟହ ମୃଦଙ୍ଗଭେରୀ ଡିଣ୍ଡିମ ବିଷାଣ
ଏମାନଙ୍କୁ ଆଦି ନାନାବାଦ୍ୟ ବଜାଇଣ ।
ଦେବାଦିଦେବଙ୍କୁ ତୁଷ୍ଟ କଲେ ଯେଉଁଫଳ
ମିଳଇ କହିବା ତାହା ଶୁଣ ମହୀପାଳ ।
ପାଞ୍ଚକଳ୍ପ ଯାଏ ସ୍ୱର୍ଗପୁରରେ ସେ ବସେ
ଶତ ଶତ ଦେବାଙ୍ଗନା ଖଟନ୍ତି ତା ପାଶେ ।
ଦେବତା ମନ୍ଦିରେ ଶଙ୍ଖଧ୍ୱନି ଯେ କରଇ
ବ୍ରହ୍ମାଙ୍କ ସଙ୍ଗରେ ବ୍ରହ୍ମଲୋକେ ସେ ବସଇ ।
କାହାଳୀ ବଜାଏ ଦେବ ମନ୍ଦିରରେ ଯେହୁ
ପାପରୁ ନିସ୍ତରି ସ୍ୱର୍ଗପୁରେ ଯାଏ ସେହୁ ।
କରତାଳ ଆଦି କାଂସବାଦ୍ୟ ବିଷ୍ଣୁ ଗୃହେ
ସେ ବଜାଏ ପାପ ନ ରହଇ ତାର ଦେହେ ।
ଦେହାନ୍ତ କାଳରେ ଦେବଯାନ ମଧ୍ୟେ ବସି
ବୈକୁଣ୍ଠକୁ ଯାଏ ଦିବ୍ୟ ତେଜକୁ ପ୍ରକାଶି ।
ନାଚନ୍ତି ଅପ୍ସରା ଗଣ ଆଗରେ ତାହାର
ଗନ୍ଧର୍ବେ ହୁଅନ୍ତି ସ୍ତୁତି ବାଦରେ ତତ୍ପର ।
ନାନା ଉତ୍ସବରେ ବଇକୁଣ୍ଠକୁ ଚଳିଯାଏ
ବିଷ୍ଣୁଙ୍କ ସହିତେ ସୁଖେ ସମୟ କଟାଏ ।
ହେ ରାଜେନ୍ଦ୍ର ଏହି ପରକାରେ ଶତ ଶତ
ସହସ୍ର ସହସ୍ର ଧର୍ମ ହୋଇଛି କଥିତ ।
ଏହାଠାରୁ ବଳି ମହାଧର୍ମ ଅଛି ଯେତେ
ଗୋଟି ଗୋଟି କରି ତାହା କହିବି ମୁଁ କେତେ ।
ଥୋକାଏ କହିଲି ତୁମ୍ଭଙ୍କୁ ମୁଁ ବାଛି ବାଛି
ସମଗ୍ର କହିବା ଶକ୍ତି କାହାଠାରେ ଅଛି ।
ସେ ସର୍ବ ଦେବତା କାମରୂପୀ ନିରଞ୍ଜନ
ନିଖିଳ ଧର୍ମର ଫଳଦାତା ଭଗବାନ ।
ସେ ଚକ୍ରଧରକୁ ସୁମରିବା ମାତ୍ରକରେ
ସଫଳ ହୁଅଇ ସବୁ କର୍ମ ଏ ସଂସାରେ ।
ଯାହାଙ୍କୁ ହୃଦୟ ମଧ୍ୟେ ଧ୍ୟାୟି ଯୋଗୀଗଣ
ଚିନ୍ତା କରୁଥାନ୍ତି ଦୃଢ଼ାସନରେ ବସିଣ ।
ତାଙ୍କୁ ସୁମରିବା ମାତ୍ରେ ପ୍ରାଣୀମାନଙ୍କର
ଯେତେ କ୍ଳେଶ ଥାଏ ତାହା ହୋଇଯାଏ ଦୂର ।
ଯେ ସବୁ କର୍ମର ଫଳ ପ୍ରଦାନ କରନ୍ତି
ସେ କର୍ମର ଫଳ ଭୋକ୍ତା ଜାଣ ହେ ନୃପତି ।
ଯେଉଁ ବିଷ୍ଣୁ ଭିନ୍ନ କିଛି ନାହିଁ ଏ ଜଗତେ
କହେ କ୍ଷେତ୍ରବାସୀ ତାଙ୍କୁ ଭଜ ହୃଦଗତେ ।
ଇତି ଶ୍ରୀ ବୃହଦ୍ ନାରଦ ପୁରାଣେ ଭଗୀରଥ
ଗଙ୍ଗା ଆନୟନ ପ୍ରସଙ୍ଗେ
ବିବିଧ ଦାନ ଓ ପୂଜାଫଳ କଥନଂ
ନାମ ତ୍ରୟୋଦଶୋଽଧ୍ୟାୟଃ ।

---●----

Digitized by srujanika@gmail.com

# ଚତୁର୍ଦ୍ଦଶ ଅଧ୍ୟାୟ

## ଭଗୀରଥ ଓ କାଳସମ୍ବାଦେ
## ପାପ ପୁଣ୍ୟ ଫଳ ନିର୍ଣ୍ଣୟ

ଏଥୁ ଅନନ୍ତରେ ଯାହା ହେଲା ଶୁଣ ଧୀରେ
କହି ଆରମ୍ଭିଲେ ଭଗୀରଥଙ୍କ ଆଗରେ ।
ଶୁଣିଲ ରାଜନ ଧର୍ମ ବିଷୟ ଥୋକାଏ
ପାପୀଙ୍କର ଗାଥା ଏବେ ଶୁଣ ଏକଲୟେ ।
ଯମପୁରେଅଛିଯେତେ ନରକଟି ଜାଣ
ଯେମନ୍ତ ଭାବେ ଭୋଗନ୍ତି ତାହା ପାପୀଗଣ ।
ନରକାନଳରେ ଦଗ୍ଧ ହୋଇ ପାପୀମାନେ
ସର୍ବଦା କଠୋର ପାପ ଭୋଗନ୍ତି ଜୀବନେ ।
ତା ସବୁ କହୁଛି ତୁମ୍ଭ ଅଗ୍ରତରେ ମୁହିଁ
ଧୈର୍ଯ୍ୟାବଲମ୍ବନ କରି ଶୁଣ ମନ ଦେଇ ।
ଅତି ଭୟଙ୍କର ସ୍ଥାନ ନରକ ଅଟଇ ।
ଶ୍ରବଣ କର ତା କର୍ଣ୍ଣେ ସୁପବିତ୍ର ହୋଇ ।
ଆଦ୍ୟରେ କହିବା ଶୁଣ ତୁମ୍ଭ ଅଗ୍ରତରେ
ରୌରବ ନରକ ଗୋଟି ଅଟେ କି ପ୍ରକାରେ ।
କାଳ ସୂତ୍ର ପ୍ରତର୍ଦ୍ଦନ ନରକ ଭୀଷଣ
ଲୀଳା ଭକ୍ଷ ହୀମୋତ୍କଟ ଅଶିପତ୍ର ବାନ ।
ମୁଷବସ୍ଥା ବସାକୂପ ନଦୀ ବୈତରଣୀ
ସ୍ୱଭକ୍ଷ ପୁରୀକ୍ଷ ହ୍ରଦ ମୂତ୍ର ପାନ ପୁଣି ।
ଶୋଣିତ କୂପ ଯେ ତପ୍ତଶିଳା ତପ୍ତଶୂଳ
ଶାଲ୍ମଳୀ ଦ୍ରୁମ ଏ ନାମେ ନରକ ସଙ୍କୁଳ ।
ଏ ସବୁ ନରକ ମଧ୍ୟେ ଯହିଁ ପାପୀଗଣ
କେବଳ ଶୋଣିତ ମାତ୍ର କରନ୍ତି ଭକ୍ଷଣ ।
ସେପରି ଶୋଣିତ ମହା ଭୀଷଣ ନରକ
ନାନା ଆକୃତିରେତହିଁ ଅଛି ଅସଂଖ୍ୟକ ।
କାହିଁ ମାଂସମାନ ନର୍କେ କରନ୍ତି ଭୋଜନ
କେଉଁ ନର୍କେ ପଡ଼ିଥାନ୍ତି ଅନଳ କୁଣ୍ଡେଣ ।
ଶିଳାମାନ କେଉଁ ନରକରେ ବୃଷ୍ଟି ହୁଏ
ଅସ୍ତ୍ରଶସ୍ତ୍ର ବୃଷ୍ଟି ପୁଣି କେଉଁଠାରେ ହୁଏ ।
ଅନଳ ବରଷା ହୁଏ କେଉଁଠି ସନ୍ତତ
ତା ଭୋଗ କରନ୍ତି ପାପୀମାନେ ଅବିରତ ।
କ୍ଷୀରଜଳ ପୂରିଥାଏ କେଉଁ ନରକରେ
ପାପୀଏ ପଡ଼ି ବ୍ୟାକୁଳ ହୁଅନ୍ତି ସେଠାରେ ।
ତପତ ଜଳରେ କେଉଁ ନର୍କ ପୂରି ଥାଏ
ଛଟପଟହୋନ୍ତି ପଡ଼ି ସେଠାରେ ପ୍ରାଣୀଏ ।
କାହିଁ ତରଳିତ ଲୌହ କରନ୍ତି ଭକ୍ଷଣ
କାହିଁ ଅଧୋମୁଖେ ପଡ଼ିଥାନ୍ତି ବ୍ୟାକୁଳେଣ ।
କେଉଁ ନରକରେ ଅତି ଉଚ୍ଚ ପର୍ବତରୁ
ପଡ଼ନ୍ତି ଯେମନ୍ତ ଫଳ ପଡ଼ଇ ବୃକ୍ଷରୁ ।
ଏହା ବ୍ୟତୀତ ଅପାର ନରକ ରହିଛି
ପାଷାଣ ଯନ୍ତ୍ରରେ ତାହା ତୟାର ହୋଇଛି ।
ସେ ସକଳ ନରକରେ ପାପୀମାନେ ପଡ଼ି
ବହୁ କ୍ଲେଶ ଲଭି ଛାଡୁଥାନ୍ତି ସଦା ରଡ଼ି ।
କେଉଁ ନରକରେ କୃମି କରନ୍ତି ଭୋଜନ
ସ୍ଥାନେ ସ୍ଥାନେ କ୍ଷାର ଜଳ କରୁଥାନ୍ତି ପାନ ।
ଅନ୍ଧ ହୋଇ ଭ୍ରମୁଥାନ୍ତି କେଉଁ ନରକରେ
ଦିନରାତି ଜଣା ତାଙ୍କୁ ନ ପଡ଼େ ସେଠାରେ ।
ରେକଚା ଘାତରେ ପାପୀମାନଙ୍କର ପିଣ୍ଡ
କେଉଁ ନରକରେ ହେଉଥାଏ ଖଣ୍ଡ ଖଣ୍ଡ ।
କରନ୍ତି କାହିଁରେ ପାଡ଼ି ପୁରିଷ ଭୋଜନ
କାହିଁ ଶରୀରରେ ମଳ ହୁଅଇ ଲେପନ ।
କେବଣ କୁଣ୍ଡରେ ରେତ ପାନ କରୁଥାନ୍ତି
କାହିଁ ଅଙ୍ଗାର ମଧ୍ୟରେ ଶୟନ କରନ୍ତି ।
କେଉଁ ନରକରେ ଯମ ଦୂତମାନେ ବେଢ଼ି
ପାପୀମାନଙ୍କର ଦେହଯାକ ଦ୍ୟନ୍ତି ଫୋଡ଼ି ।
କାହିଁ ମୂଷଳ ଘାତରେ ପାପୀଙ୍କ ଶରୀର
ଚୂର୍ଣ୍ଣ କରନ୍ତି ସେ ଦୂତେ ପିଟି ବାରମ୍ବାର ।
ଏ ଉତ୍ତାରୁ ନିଦାରୁଣ ଯନ୍ତ୍ରଣା ଦାୟକ
କାଷ୍ଠ ଯନ୍ତ୍ରମାନ ତହିଁ ଅଛି ଅସଂଖ୍ୟକ ।
କେବଣ ସ୍ଥାନରେ ଯମ ଦୂତମାନେ ରହି
ପାପିମାନଙ୍କ ଶରୀର ଛେଦୁଥାନ୍ତି ତହିଁ ।
କେବଣ ସ୍ଥାନରେ ପାପୀମାନେ ସବୁବେଳେ
କାଷ୍ଠ ଖଣ୍ଡପରି ପଡ଼ିଥାନ୍ତି ଏକ ସ୍ଥଳେ ।
ଠିଆ ହୋଇ ରହିଥାନ୍ତି କାହିଁ ନିରନ୍ତର
ବସିବାକୁ ନ ମିଳଇ କ୍ଷଣେ ଅବସର ।
କାହିଁ ଗଦା ଅସ୍ତ୍ରାଘାତେ ହୋନ୍ତି ବିତାଡ଼ିତ
କାହିଁ ହସ୍ତୀଦନ୍ତ ମାରି କରେ ଜର୍ଜରିତ ।
ଅତି ଭୟଙ୍କର ସର୍ପମାନେ କାହିଁ ଥାନ୍ତି
ଶରୀର କାମୁଡ଼ି କ୍ଷତ ବିକ୍ଷତ କରନ୍ତି ।

Digitized by srujanika@gmail.com

ପାପୀଙ୍କର ମୁଖ ନାସା ରନ୍ଧ୍ରର ସହିତେ
କାହିଁ ଲୁଣା ପାଣି ପିଉଥାନ୍ତି ଯମଦୂତେ ।
କ୍ଷାରଜଳ ପାନକରି କେଉଁ ନରକରେ
ପଡ଼ିଥାନ୍ତି ପାପୀମାନେ ଅତି ବ୍ୟାକୁଳରେ ।
ପୁଣି କେଉଁ ନରକରେ ଲବଣ ଭକ୍ଷଣ
ସ୍ୱକର୍ମ ବଶରୁ କରନ୍ତି ସେ ପାପୀଗଣ ।
ପାପୀମାନଙ୍କ ଦେହରେ ଶିରା ସ୍ନାୟୁ ଯେତେ
ଯମଦୂତେ କେଉଁଠାରେ କାଟନ୍ତି କରତେ ।
କେଉଁ ନରକରେ ଅସ୍ଥି କରନ୍ତି ଛେଦନ
ପାପୀମାନେ କରୁଥାନ୍ତି ବିକଳେ କ୍ରନ୍ଦନ ।
କର୍ଣ୍ଣରନ୍ଧ୍ରେ କ୍ଷାରଜଳ ପୂରାନ୍ତିସେ କାହିଁ
ବ୍ୟାକୁଳେ କାନ୍ଦଇ ପାପୀ କଳବଳ ହୋଇ ।
କେଉଁଠାରେ କାହା ଶରୀରରୁ ତାର ମାଂସ
କାଟି ଯମଦୂତେ ଦ୍ୟନ୍ତି କରିବାକୁ ଗ୍ରାସ ।
ପିଇବାକୁ ମାଗିଲେ ସେ ମୂତ୍ର ଆଣିଦ୍ୟନ୍ତି
କେଉଁଠାରେ ପୀତ ଶ୍ଳେଷ୍ମା ଭୋଜନ କରାନ୍ତି ।
ମୁଣ୍ଡରେ ଲଦନ୍ତି ବାର ମହଣ ପାଷାଣ
କାହାକୁ କଣ୍ଟାରେ ନେଇ କରାନ୍ତି ଶୟନ ।
ବୃକ୍ଷ ଅଗ୍ରରୁ ପକାନ୍ତି କେଉଁ ନରକରେ
ପିପିଲିକାଗଣ କାମୁଡ଼ନ୍ତି କେଉଁଠାରେ ।
ବିଛା କାମୁଡ଼ନ୍ତି କେଉଁ ନରକେ ପକାଇ
ବିକଳେ କାନ୍ଦନ୍ତି ପାପୀ ପରିତ୍ରାଣ ନାହିଁ ।
ବ୍ୟାଘ୍ରପୀଡ଼ା ନାମେ ନରକରେ କେଉଁ ପାପୀ
ପଡ଼ଇତାହାକୁ ବ୍ୟାଘ୍ର ଖାଏ ହୋଇ କୋପି ।
ଶୃଗାଳ ପୀଡ଼ା ନରକେ ଯେଉଁ ପାପୀ ପଡ଼େ
ତାହାକୁ ଶୃଗାଳ କୋପ ହୋଇଣ କାମୁଡ଼େ ।
ମହିଷ ପୀଡ଼ନ ନରକରେ ଯେ ପଡ଼ନ୍ତି
ତାହାକୁ ମହିଷଗଣ କ୍ରୋଧରେ ମାରନ୍ତି ।
ଦୁର୍ଗନ୍ଧ କର୍ଦ୍ଦମ ମଧ୍ୟେ କେଉଁ ନରକରେ
ଶୟନ କରଇ ପାପୀ ପଡ଼ି ନିରନ୍ତରେ ।
ଅସ୍ତ୍ର ଶସ୍ତ୍ର ଭୟଙ୍କର କେବଣ ନରକ
ଖଞ୍ଜା ହୋଇଥାଏ ତୀକ୍ଷ୍ଣ ଶର ଯେ ଅନେକ ।
ପାପୀଙ୍କୁ ନେଇଣ ତା ମଧ୍ୟରେ ଦୂତଗଣ
ପକାଇ ଦ୍ୟନ୍ତି ଆକୁଳେ ସେ କରେ କ୍ରନ୍ଦନ ।
ଅତି ଉଷ୍ମ ତୈଳ ପାନ କରନ୍ତି ସେ କାହିଁ
ଶୟନ କରନ୍ତି ତପ୍ତ ଲୌହ ମଧ୍ୟେ ନେଇ ।

ଅତ୍ୟନ୍ତ ଶୀତଳ ଜଳ କେଉଁ ନରକରେ
ତହିଁ ପଡ଼ି ପାପୀଗଣ କମ୍ପନ୍ତି ଶୀତରେ ।
କୋପଭରେ ମୁଷ୍ଟିମାରି ଯମଦୁତମାନେ
ଦାନ୍ତ ଭାଙ୍ଗିଦ୍ୟନ୍ତି ପାପୀଙ୍କର କେଉଁ ସ୍ଥାନେ ।
ମୁଖସନ୍ଧି ନେତ୍ରସନ୍ଧି କର୍ଣ୍ଣର ବିବରେ
ସୂଚି ଭେଦ କରନ୍ତି ସେ ଦୂତେ କୋପଭରେ ।
ଏହି ପରକାରେ ବଧ ବନ୍ଧନାଦି ଯେତେ
କରିଣ ଦିଅନ୍ତି ତାହା କହିବି ମୁଁ କେତେ ।
ଲକ୍ଷ ଲକ୍ଷ କୋଟି କୋଟି ଶମନ ଯାତନା
ଏତେତେତେ ବୋଲିସଂଖ୍ୟା ନୁହଇଁ ଗଣନା ।
ସହସ୍ରେ ବର୍ଷରେ ତାହା କହିବାକୁ ମୁହିଁ
ଯତ୍ନବନ୍ତ ହେଲେ ସୁଦ୍ଧା ସମର୍ଥ ନୁହଇ ।
ଯେବଣ ପାପର ପାପୀ ଯେବଣ ଯନ୍ତ୍ରଣା
ଭୋଗ କରେ ତା କହୁଛି ଶୁଣ ମହାମନା ।
ବ୍ରହ୍ମହତ୍ୟା ସୁରାପାନ ସ୍ୱର୍ଣ୍ଣାପହରଣ
ଆବର ହରଇ ଗୁରୁପତ୍ନୀ ଯେଉଁ ଜନ ।
ଏ ଚାରିଙ୍କ ସଙ୍ଗରେ ଯେ ସଂସର୍ଗ କରଇ
ମହାପାପୀ ଅଟନ୍ତି ସେ ଜାଣ ନରସାଇଁ ।
ପଂକ୍ତି ଭେଦ ବୃଥା ପାକ ବ୍ରାହ୍ମଣଙ୍କ ନିନ୍ଦା
ଯେଉଁ ମୂଢ଼ମତି ଏହା କରିଥାଏ ଫନ୍ଦା ।
ବେଦକୁ ବିକ୍ରୟକରେ ଯେଉଁ ମୂଢ଼ଜନ
ବ୍ରହ୍ମହତ୍ୟା ପାପେ ଲିପ୍ତ ହୁଅଇ ସେ ଜାଣ ।
ଦାନ ଦେବାପାଇଁ ବ୍ରାହ୍ମଣଙ୍କୁ ଡାକିଆଣି
ନାହିଁ ବୋଲି ବାହୁଡ଼ାଇ ଦିଏ ଯେହୁ ପୁଣି ।
ଧାର୍ମିକ ବ୍ୟକତିଠାରୁ ଧର୍ମଜ୍ଞାନ ପାଇ
ପୁନର୍ପି ତାହାଙ୍କୁ ଅପମାନ ଯେ ଦିଅଇ ।
ତୃଷାତୁର ଗାଭୀଗଣ ଜଳ ପିଇବାକୁ
ଯିବାବେଳେ ବାହୁଡ଼ାଇ ଦିଏ ଯେ ତାହାଙ୍କୁ ।
ସ୍ନାନ ଅବା ଭୋଜନାର୍ଥେ ଯିବା ବ୍ରାହ୍ମଣର
ବିଘ୍ନ ଉତ୍ପାଦନ କରେ ଯେଉଁ ଦୁଷ୍ଟନର ।
ପାଠ ନ ପଢ଼ି ଯେ ଶାସ୍ତ୍ର ବ୍ୟାଖ୍ୟା କରୁଥାଏ
ଅହଂକାର ପରାୟଣ ହୁଅଇ ନିର୍ଭୟେ ।
ବିଦ୍ୟା ଅଭିମାନ ଅବା ଐଶ୍ୱର୍ଯ୍ୟ ମଦରେ
ଅତ୍ୟନ୍ତ ଗର୍ବକୁ ବହିଥାଏ ଯେ ହୃଦରେ ।
ନ ଜାଣି ଯେ ଧର୍ମ ଶାସ୍ତ୍ର କରଇ ପ୍ରାଶ୍ଚିତ
ଆପଣା ଗୃହରେ ଆଣି ସଞ୍ଚେ ପର ବିତ୍ତ ।

Digitized by srujanika@gmail.com

ଚିକିତ୍ସା କରଇ ନ ଜାଣି ଯେ ବୈଦ୍ୟ ଶାସ୍ତ୍ର
ଜ୍ୟୋତିଷ ଗଣନା କରେ ହୋଇ ଅପଣ୍ଡିତ ।
ସର୍ବଦା ଯେ ପର ନିନ୍ଦା କରଇ ବାହାରେ
ଆପଣା ବଡ଼ିମା କହେ କଥା ପ୍ରସଙ୍ଗରେ ।
ଅନ୍ୟର ମନ ଉଦ୍ବେଗ କାର୍ଯ୍ୟ କରେ ନିତି
କପଟାଚରଣ କରୁଥାଏ ଆନ ପ୍ରତି ।
ପାପ କାର୍ଯ୍ୟ କରୁଥାଏ ସେ ଅନୁମୋଦନ
ଦାମ୍ଭିକ ପଣରେ ପ୍ରତିଗ୍ରହ କରେ ପୁଣ ।
ଏମନ୍ତ ଯେ ବ୍ୟକ୍ତିଗଣ ତାହାକୁ ପଣ୍ଡିତେ
ବ୍ରହ୍ମଘାତୀ ବୋଲି କହିଥାନ୍ତି ଶାସ୍ତ୍ରମତେ ।
ଯେତେ ବଡ଼ ବଡ଼ ପାପଅଛି ଜଗତରେ
ବ୍ରହ୍ମ ହତ୍ୟା ପାପ ଶ୍ରେଷ୍ଠ ଅଟେ ସର୍ବପରେ ।
ମଦ୍ୟପାନ ସମାନରେ ଯେତେକ ପାତକ
ତାହାତ ପ୍ରମାଣ ଦେଉଅଛି ମୁଁ କେତେକ ।
ବହୁଜନ ଛୁଇଁ ଥିବା ଅନ୍ନକୁ ଭକ୍ଷିଲେ
ସମାନ ହୁଅଇ ସେହୁ ମଦ୍ୟପାନ ତୁଲେ ।
ପତିତ ଜନର ଅନ୍ନ କରିଲେ ଭକ୍ଷଣ
ମଦ୍ୟପାନ ସଙ୍ଗତରେ ଗଣା ହୁଏ ଜାଣ ।
ଯେ ନାୟିକା ମଦ୍ୟପାନେ ସଦାରତ ଥାଇ
ତୋ ସଂଗେ ଯେବଣ ଜନ ପୀରତି କରଇ ।
ସୁରା ପାତକରେ ସେହି ହୁଅଇ ଗଣିତ
ଏଥକୁ ସନ୍ଦେହ ନ କର ହେ ତପୋବନ୍ତ ।
ଶୂଦ୍ରଠାରୁ ନିମନ୍ତ୍ରଣ ପାଇ ଯେ ବ୍ରାହ୍ମଣ
ଭୋଜନ କରଇ ଯାଇ ଅନ୍ୟ ଘରେ ଅନ୍ନ ।
ଶୂଦ୍ରର ଆଦେଶ ମତେ ଯେ ଭୋଜନ କରେ
ସେ ଗଣ୍ୟ ହୁଅଇ ମଦ୍ୟପଙ୍କ ସଙ୍ଗତରେ ।
ସନ୍ଧ୍ୟା ନ କରିବା ବ୍ରାହ୍ମଣର ଘରେ ଅନ୍ନ
ଭୋଜନ କରିଲେ ହୁଏ ମଦ୍ୟପ ସମାନ ।
ଦେବଳକ ବ୍ରାହ୍ମଣର ଅନ୍ନକୁ ଭକ୍ଷିଲେ
ସମାନ ହୁଅଇ ତାହା ମଦ୍ୟପାନ ତୁଲେ ।
କଉଣସିଧର୍ମ ଅନୁଷ୍ଠାନ ଏହାଙ୍କର
ସ୍ମୃତି ଶାସ୍ତ୍ର ପ୍ରମାଣରେ ନାହିଁ ଅଧିକାର ।
ଏହିପରି ସୁରାପାନ ପାତକ ସମାନ
ଆଉ ବହୁ ମତେ ପାପ ଅଛି ହେ ରାଜନ ।
ଗୋଟି ଗୋଟି କରି କାହା କେତେ କହିବଇଁ
କହିଲେ ସରିବ ନାହିଁ ଯୁଗ ଯିବ ବହି ।

ସ୍ୱର୍ଣ୍ଣସ୍ତେୟ ସମାନରେ ପାପ ଅଛି ଯେତେ
କହୁଛି ଶ୍ରବଣ କର ତାହା ତୋଷଚିତ୍ତେ ।
କନ୍ଦମୂଳ ଫଳ ପଟ ବସ୍ତ୍ର ଯେ କସ୍ତୁରୀ
ହରଣ ଅଟଇ ସ୍ୱର୍ଣ୍ଣସ୍ତେୟ ସଙ୍ଗେ ସରି ।
ସ୍ୱର୍ଣ୍ଣସ୍ତେୟ ପାପ ସଙ୍ଗେ ରତନ ହରିଲେ
ଗଣନା କରନ୍ତି ବୁଧଗଣ ଶାସ୍ତ୍ର ତୁଲେ ।
ଚନ୍ଦନ କର୍ପୂର ଦୁଗ୍ଧ ଗୁବାକ ଯେ ହରେ
ଗଣନା ହୁଏ ଯେ ସ୍ୱର୍ଣ୍ଣସ୍ତେୟ ସଙ୍ଗତରେ ।
ତାମ୍ର ଲୌହ କାଂସ୍ୟ ମଧୁ ଘୃତ ଯେ ହରଇ
ସୁଗନ୍ଧ ପଦାର୍ଥ ଅପହରଣ କରଇ ।
ତାହାର ଯେତେକ ପାପ ହୁଅଇ ତହିଁରେ
ତା ତୁଲ୍ୟ ଅଟଇ ସ୍ୱର୍ଣ୍ଣସ୍ତେୟ ସଙ୍ଗତରେ ।
ଧାନ୍ୟ ରୁଦ୍ରାକ୍ଷ ହରଣ ରସ ଦ୍ରବ୍ୟ ଚୋରୀ
ସ୍ୱର୍ଣ୍ଣସ୍ତେୟ ପାପ ସଙ୍ଗତରେ ଅଟେ ସରି ।
ବିମାତୃ ଗମନ ତୁଲ୍ୟ ଅଛି ଯେତେ ପାପ
କହିବା ସଂକ୍ଷେପେ ତାହା ଶୁଣ ଆହେ ନୃପ ।
ରଜୋବତୀ ନାରୀକି ଯେ ହରଣ କରଇ
ଭଗିନୀ ଆବର ପୁତ୍ରବଧୂକୁ ହରଇ ।
ବିମାତା ଗମନ ପାପ ହୁଅଇ ତାହାର
ସାମାନ୍ୟ ବିଧିରେ ତାର ନାହିଁ ପ୍ରତିକାର ।
ସାନ ଭାଇ ଭାରିଯାକୁ ହରଣ ଯେ କରେ
ସେ ଗଣା ହୁଅଇ ମହାପାପୀ ସଙ୍ଗତରେ ।
ବିଶ୍ୱସ୍ତା ରମଣୀ ଇଷ୍ଟ ବନ୍ଧୁଙ୍କର ପତ୍ନୀ
ଯେ ହରଣ କରେ ସେହୁ ନ ହୁଏ ମୁକତି ।
ସନ୍ଧ୍ୟାଗାୟତ୍ରୀ ଯେ ପାଠନକରେ ସନ୍ଧ୍ୟାରେ
ଗଣନା ହୁଅଇ ଗୁରୁଦ୍ରୋହୀ ସଙ୍ଗତରେ ।
ବିଧିମତେ ଶ୍ରାଦ୍ଧ କ୍ରିୟା ଯେହୁ ନ କରଇ
ନିଜ ଧର୍ମ କର୍ମମାନ ବିସର୍ଜି ଦିଅଇ ।
ଆବର କରଇ ନିନ୍ଦା ଗୁରୁ ଆଉ ଯତି
ସେ ମାତୃ ହରଣ ପାପ ଭୋଗଇ ସମ୍ପ୍ରତି ।
ଏହିପରି କର୍ମମାନ ଯେ ବ୍ୟକ୍ତି କରଇ
ମହାପାତକ ମଧରେ ସେ ଗଣା ହୁଅଇ ।
ଆବର ଯେ ଜନ ପାପିମାନଙ୍କ ସହିତ
ସଂସାର କରୁଣ ଥାଏ ସଦା ଅବିରତ ।
ସେ ମଧ ହୁଅଇ ମହା ପାପୀରେ ଗଣନା
ଆବର କଥାଏ ଶୁଣ ଆହେ ମହାମନା ।

Digitized by srujanika@gmail.com

ଶାସ୍ତ୍ରମାନଙ୍କରେ ଶ୍ରେଷ୍ଠ ଶ୍ରେଷ୍ଠ ଋଷିଗଣ
ପ୍ରାୟଶ୍ଚିତ ବିଧିକରିଛନ୍ତି ନିରୂପଣ ।
ବେଦରେ ଅଛଇଁ ମଧ ପ୍ରାୟଶ୍ଚିତ ବିଧି
ଯେଉଁଥିରେ ପାପୀଙ୍କର କାୟା ହୁଏ ସିଦ୍ଧି ।
ଯେତେକ ପାପକୁ ଶାସ୍ତ୍ର ପ୍ରାୟଶ୍ଚିତ ନାହିଁ
ଯେବଣ ପାପରେ ନର୍କ ଭୋଗକରେ ଦେହି ।
ତା ଏବେ କହୁଛି ତୁମ୍ଭ ଆଗେ ହେ ରାଜନ
ମୋହଠାରୁ ଶୁଣମନେ ହେତୁକରି ଘେନ ।
ଶୂଦ୍ରାର୍ଚ୍ଚିତ ଶିବଲିଙ୍ଗ କିବା ନାରାୟଣ
ପ୍ରତିମାକୁ ନମସ୍କାର କରେ ଯେଉଁ ଜନ ।
ଅପାର ବୟସ ଯାଏ ପ୍ରାୟଶ୍ଚିତ ତାର
ନିସ୍କୃତ ନୁହଁଇ କେଭେଁ ଆହେ ଦଣ୍ଡଧର ।
ଚନ୍ଦ୍ର ସୂର୍ଯ୍ୟ ଥିବା ଯାଏ ନରକ ଯାତନା
ଭୋଗକରି ସେହୁ କଷ୍ଟ ଲଭେ ଅକଳନା ।
ପାଷାଣ୍ଡ ପୂଜିତ ଶିବଲିଙ୍ଗ ଯେ ପୂଜଇ
ପଣ୍ଡିତ ହେଲେ ହେଁ ପାଷାଣ୍ଡରେ ଗଣ୍ୟ ସେହି ।
ନାରୀମାନେ ପୂଜିଥିବେ ଯେଉଁ ଶିବଲିଙ୍ଗ
ତାଙ୍କୁ ଯେବେ ନମସ୍କାର ପୁରୁଷ କରିବ ।
ସେମାନେ ସଙ୍ଗରେ ଘେନି ଗୋଟିଏ ପୁରୁଷ
କରିବେ କଳ୍ପାନ୍ତ ଯାଏ ନରକରେ ବାସ ।
ଅବ୍ରତିଆ ବିପ୍ରସୂତ ଶୂଦ୍ର ଆଉ ନାରୀ
ନୁହଁନ୍ତି ଏ ଶିବଲିଙ୍ଗ ସ୍ପର୍ଶ ଅଧିକାରୀ ।
ବିପ୍ରଙ୍କୁ ମଧ ଏମାନେ ସ୍ପର୍ଶ ନ କରିବେ
ଅକସ୍ମାତ ସ୍ପର୍ଶ କଲେ ପାପଭାଗୀ ହେବେ ।
ଆଶ୍ରମ ଆଚାର ବିବର୍ଜିତ ବ୍ୟକ୍ତିଗଣ
ପୂଜା କରିଥିବେ ଯେଉଁ ଶିବ ନାରାୟଣ ।
ତାଙ୍କୁ ଶିଷ୍ଟମାନେ କେଭେଁ ପୂଜା ନ କରିବେ
ପୂଜିଲେ ନରକେ ନାନା ଯାତନା ଭୋଗିବେ।
ଶୂଦ୍ର ପ୍ରତିଷ୍ଠିତ ଲିଙ୍ଗ ନାରାୟଣ ମୂର୍ତ୍ତି
ଏହାକୁ ପ୍ରଣାମ ଯେଉଁମାନେ କରିଥାନ୍ତି ।
ସେ ଲୌହ ନରକେ ପଡ଼ି ଅତ୍ୟନ୍ତ କଠୋର
ଦୁଃଖ ଭୋଗୁଥାନ୍ତି ସେହୁ ନ ପାଇ ନିସ୍ତାର ।
ଆଭୀର ପୂଜିତ ଶିବଲିଙ୍ଗ ନାରାୟଣ
ପ୍ରତିମାକୁ ନମସ୍କାର କରେ ଯେଉଁ ଜନ ।
ସାଥେ ସାଥେ ବିନାଶ ସେ ହୁଅଇ ତହିଁରେ
ସନ୍ଦେହ ନ କର ମୋହ କହିବା କଥାରେ ।

ସ୍ତିରୀ ଶୂଦ୍ର ଅବ୍ରତିଆ ପତିତ ମାନବ
ଶିବ ନାରାୟଣଙ୍କୁ ଏ କେଭେଁ ନ ଛୁଇଁବ ।
ଛୁଇଁଲେ ନରକ ମଧ୍ୟେ ସେହୁ ଚିରକାଳ
କଠୋର କଷଣ ଭୁଞ୍ଜି ହୋଇବେ ବ୍ୟାକୁଳ ।
ତରିପାରେ ବ୍ରହ୍ମହତ୍ୟା ପାତକରୁ ନର
ବ୍ରାହ୍ମଣଙ୍କୁ ଦ୍ରୋହ କଲେ ନ ପାଏ ନିସ୍ତାର ।
ଶୂଦ୍ରସ୍ତିରୀ କୃତଘ୍ନ ଯେ ବିଶ୍ୱାସ ଘାତକ
ଏହାଙ୍କ ସଙ୍ଗରେ ସଙ୍ଗୀହୁଏ ଯେଉଁ ଲୋକ ।
ତାହାର ନିସ୍ତାର ନାହିଁ କୌଣସି ପ୍ରକାରେ
ଶରୀର ଅନ୍ତେ ସେ ପଡ଼େ ଘୋର ନରକରେ ।
ଶୂଦ୍ରଙ୍କ ଅନ୍ନେ ଯା ଅଙ୍ଗ ହୁଏ ହୃଷ୍ଟପୃଷ୍ଟ
ବେଦର ବାକ୍ୟକୁ ନିନ୍ଦାକରେ ଯେ ପାପିଷ୍ଠ ।
ନିନ୍ଦା କରୁଥାଏ ସଦା ଗୁରୁଙ୍କୁ ଯେ ଜନ
ତାହାର ସଦ୍‌ଗତି କେଭେଁ ନାହିଁ ମନେ ଘେନ ।
ଯେବଣ ମାନବ ଶିବ ବିଷ୍ଣୁ ନିନ୍ଦାକରେ
ସଦାରତ ଯାର ମନ ସାଧୁଙ୍କ ନିନ୍ଦାରେ ।
ଇହ ପରକାଳେ ତାର ନାହିଁଟି ନିସ୍ତାର
କଠୋର ଦଣ୍ଡ ଭୋଗେ ସେ ଯାଇ ଯମପୁର ।
ଯେବଣ ବ୍ରାହ୍ମଣ ବୌଦ୍ଧ ଗୃହେ ପ୍ରବେଶଇ
ପ୍ରାୟଶ୍ଚିତରେ ତାହାର ଉଦ୍ଧାରଯେ ନାହିଁ ।
ବଉଦ୍ଧେ ପାଷାଣ୍ଡି ବେଦ ନିନ୍ଦୁକ ଅଟନ୍ତି
ତେଣୁ ଦୃଷ୍ଟି ଦେବ ନାହିଁ କେହି ତାଙ୍କ ପ୍ରତି ।
ଦେବଜ୍ଞ ବିପ୍ର ବଉଦ୍ଧ ଗୃହେ ଯେବେ ଯାଏ
ସକଳ ଶୁଦ୍ଧତା ତାର ନାଶ ହୋଇଯାଏ ।
ହେ ରାଜନ ଏହି ଯେଉଁ ପାପୀମାନଙ୍କର
ସଂଖ୍ୟା ମୁଁ ପ୍ରକାଶ କଲି ଆଗରେ ତୁମ୍ଭର ।
ପାପ ବହୁଳରେ କୋଟି କଳ୍ପ ପରିଯନ୍ତେ
କରନ୍ତି ନରକ ଭୋଗ ଏମାନେ ସମସ୍ତେ ।
ଥିବାଯାକେ ଇହଲୋକେ ପାଷାଣ୍ଡୀ ବୋଲାନ୍ତି
ପ୍ରାୟଶ୍ଚିତରେ ଏହାଙ୍କ ନାହିଁ ସଦ୍‌ଗତି ।
ପ୍ରାୟଶ୍ଚିତ ହୀନ ପାପୀମାନଙ୍କର ନାମ
କହିଲି ତୁମ୍ଭଙ୍କୁ ଆହେ ନୃପଙ୍କ ଉତ୍ତମ ।
ଏସବୁ ପାପରେ ଯେଉଁ ନର୍କ ଭୋଗ ହୁଏ
ତା ଏବେ କହୁଛି ଶୁଣ ଆହେ ନରରାୟେ ।
ଅନ୍ଧ ତମିସ୍ରାଦି ଯେତେ କଠୋର ନରକ
ତା ଭୋଗ କରନ୍ତି ଅତି ଦୁଃଖେ ପାପିଯାକ ।

Digitized by srujanika@gmail.com

କୋଟି କଳ୍ପ କାଳ ପରିଯନ୍ତେ ଏହିମାନେ
ନିଜ ବଂଶ ସହ ନର୍କ ଭୋଗନ୍ତି ଏ ସ୍ଥାନେ ।
ପୁଣି ଯେଉଁଦିନ କର୍ମ କ୍ଷୟ ହୋଇଯାଏ
ବୃକ୍ଷରୂପେ ଜନମନ୍ତି ମର୍ତ୍ତ୍ୟରେ ସଭିଏ ।
ତାହାପରେ କୃମିକୀଟ ଯୋନିରେ ଜନ୍ମନ୍ତି
ବିଷ୍ଠା ଭକ୍ଷଣ କରିଣ ଜୀବନ ବଞ୍ଚାନ୍ତି ।
ତାହାପରେ ସର୍ପ ହୋଇ ସେ କାଳ କାଟଇ
କଳ୍ପେ କାଳ ଯାଏ ପଶୁଦେହ ବହିଥାଇ ।
ବିବିଧ ଯୋନି ମଧ୍ୟରେ କରନ୍ତି ଭ୍ରମଣ
କର୍ମ କ୍ଷୟ ହେଲେ ଯାହା ହୁଏ ତାହା ଶୁଣ ।
ଜାରଜ ସନ୍ତାନ ହୋଇ ବଂଶରେ ଜନ୍ମନ୍ତି
ମହା ପାପ ଅରଜି ସେ ନରକ ଭୋଗନ୍ତି ।
ପୁଣି ଏ ଦେହ ଛାଡ଼ିଲେ ଏ ଭବ ସଂସାରେ
ଜନମ ହୋନ୍ତି ଦରିଦ୍ର ବ୍ରାହ୍ମଣର ଘରେ ।
ପ୍ରତିଗ୍ରହ କରି ନିଜ ଉଦର ପୋଷନ୍ତି
ମହାପାପ ନରକରେ ଯାଇଣ ପଡ଼ନ୍ତି ।
ଅନବରତ ଲୋକରେ ଭୋଗନ୍ତି କଷଣ
ହେ ରାଜନ ଯା କହିଲି ଏ ଶାସ୍ତ୍ର ବଚନ ।
ଯେତେ ଯେତେ ନରକର କାହାଣୀ କହିଲି
ସେହି ନରକ ମଧ୍ୟରେ ପାପୀଗଣେ ପଡ଼ି ।
ସେହିଠାରେ ବାସକରି ମର୍ତ୍ତ୍ୟକୁ ଆସିଣ
ଗନ୍ଧର୍ବ ଶରୀର ଧରି ଜନମନ୍ତି ଜାଣ ।
ସାତକଳ୍ପ ପରିଯନ୍ତେ ଜନ୍ମି ସେ ଯୋନିରେ
ଜନ୍ମନ୍ତି କୁକୁର ରୂପେ ସେହୁ ଦଶବାରେ ।
ଗ୍ରାମ୍ୟ ଶୁକର ରୂପରେ ପୁନଶ୍ଚ ଜନ୍ମନ୍ତି
ତଦନ୍ତେ ସେହୁ ବିଷ୍ଠାରେ କୃମି ଯେ ହୁଅନ୍ତି ।
ଏହି ପରକାରେ ଶତେ ବର୍ଷ ଗଲେ ବହି
ମୂଷା ରୂପରେ ଜନମ ଲଭନ୍ତି ଯେ ସେହି ।
ତାପରେ ଶତେକ ବର୍ଷ ଅନ୍ତେ ସର୍ପ ରୂପେ
ଜନମ ଲଭନ୍ତି ଶୁଣ ଆହେ ନରାଧିପେ ।
ଦ୍ୱାଦଶ ଜନ୍ମ ପର୍ଯ୍ୟନ୍ତ ସେହୁ ସର୍ପ ହୋଇ
ମୃଗ ପଶୁରୂପେ ଜନ୍ମ ଲଭନ୍ତି ଯେ ସେହି ।
ତାପରେ ସ୍ଥାବର ଯୋନି ପାଇ ପୃଥିବୀରେ
ଜନମ ଲଭନ୍ତି ଶୈଳ ପାଷାଣ ରୂପରେ ।
ସ୍ଥାବର ଯୋନରୁ ମୁକ୍ତ ହେଲେ ଯେତେବେଳେ
ଗୋରୁ ରୂପେ ଜନମନ୍ତି ପୂର୍ବପାପ ଫଳେ ।
ଗୋରୁ ସ୍ୱରୂପରେ ଭୋଗ କରି କେତେକାଳ
ତହିଁପରେ ସାତ ଜନ୍ମ ହୁଅନ୍ତି ଚଣ୍ଡାଳ ।
ଚଣ୍ଡାଳରୁ ଶୂଦ୍ରଯୋନି ଲଭି କାଳବଶେ
କଟାନ୍ତି ଷୋଡ଼ଶ ଜନ୍ମ ସେମାନେ କ୍ରମଶେ
ଶୂଦ୍ର ଆଦି ହୀନ ଜାଣ ହୋଇ ସେହୁ ପୁଣ
ଜନମ ଲଭନ୍ତି ବୈଶ୍ୟ କ୍ଷତ୍ରିୟ ଭାବେଣ ।
ବୈଶ୍ୟ କ୍ଷତ୍ରିୟରେ ଦୁଇ ଜନ୍ମଗଲେ ବିତି
ଦରିଦ୍ର ବ୍ରାହ୍ମଣ ଗୃହେ ଜନମ ଲଭନ୍ତି ।
ବ୍ୟାଧିଗ୍ରସ୍ତ ହୋଇ ସେ ଜନ୍ମରେ ନିରନ୍ତର
ଧର୍ମ କର୍ମକୁ ଯେ ସେ ନ ରଖନ୍ତି ସଂସାର ।
ପ୍ରତିଗ୍ରହ ପରାୟଣ ହୋଇ ପ୍ରତିଦିନ
କରନ୍ତି କଠୋର ଦୁଃଖେ ଜୀବନ ଯାପନ ।
ପ୍ରତିଗ୍ରହ କରିବାକୁ ପାପଗ୍ରସ୍ତ ହୋଇ
ନରକ ଭୋଗନ୍ତି ପୁଣି ମୋକ୍ଷ ସେ ନ ପାଇ ।
ମନଯାର ଅନୁୟାରେ କଳୁଷିତ ଥାଏ
ସେ ନରକ ଭୋଗକରେ ତିନିକଳ୍ପ ଯାଏ ।
ତଦନ୍ତେ ଚଣ୍ଡାଳ ଗୃହେ ଜନମ ଲଭନ୍ତି
କୃତ କର୍ମ ଫଳ ସେହୁ ଜୀବନେ ଭୋଗନ୍ତି ।
ଦେବତା ବ୍ରାହ୍ମଣ ଅଗ୍ନି ଏହାଙ୍କ ସକାଶେ
ଦତ୍ତଦେବା ସମୟରେ ସେ ନିଷେଧ ଭାଷେ ।
ଶତେ ଜନ୍ମ ଯାଏ ସେହୁ କୁକୁର ହୋଇଣ
ତଦନ୍ତେ ଚଣ୍ଡାଳ ଗୃହେ ହୁଅନ୍ତି ଉତ୍ପନ୍ନ ।
ଚଣ୍ଡାଳ ଜନମ ଅନ୍ତେ ଏକ କଳ୍ପଯାଏ
ବିଷ୍ଠାରେ କୃମି ହୋଇଣ ମଳ ମୂତ୍ର ଖାଏ ।
କୃମିଜନ୍ମ ଶେଷ ହେଲେ ବ୍ୟାଘ୍ରରୂପେ ଜନ୍ମି
ଜୀବହିଂସା କରେ ବନ ପର୍ବତରେ ଭ୍ରମି ।
ସେ ପାପ ଫଳରୁ ଏକବିଂଶ ସଂଖ୍ୟା ଯୁଗ
ନର୍କବାସୀ ହୋଇ କରେ ନରକ ସେ ଭୋଗ ।
ସେ ନିଷ୍ଠୁରଭାଷୀ ପରନିନ୍ଦା ପରାୟଣ
ଦାନରେ କରଇ ନାନାବିଘ୍ନ ଉତ୍ପାଦନ ।
ସେ ପାପୀ ଲଭଇ ଯମପୁରେ ଘୋରଦଣ୍ଡ
ମୁଖରେ ପୁରାନ୍ତି ତାର ତପ୍ତ ଲୌହପିଣ୍ଡ ।
ସୁଚିରେ ଚକ୍ଷୁକୁ ଫୋଡ଼ି ଅଧୋମୁଖ କରି
ବୃକ୍ଷରେ ପାଦକୁ ବାନ୍ଧି ପିଟନ୍ତି ଓଟାରି ।
ଗଦା ମୁଦୁଗର ଯଷ୍ଟି ଧରି ଯମଦୂତେ
ମାରନ୍ତି ନିଷ୍ଠୁର ମାଡ଼ କୋପକରି ଚିତ୍ତେ ।

Digitized by srujanika@gmail.com

ଶତେବର୍ଷ ପରିଯନ୍ତେ ଏପରି ଯାତନା
ଭୋଗକରି ପ୍ରହାର ସେ ଖାଏ ଅକଳନା ।
ଶତେ ବର୍ଷ ପୂର୍ଣ୍ଣ ହେଲେ ତାକୁ ଦୂତଗଣ
ଶୋଣିତ ହ୍ରଦରେ ନେଇ ପକାଅନ୍ତି ପୁଣ ।
ଗଳାରେ ପାଷାଣ ବାନ୍ଧି ଶୋଣିତ ହ୍ରଦରେ
ପକାନ୍ତେ ତହିଁରୁ ଉଠି ଯାଇ ସେ ନ ପାରେ ।
ରକତକୁ ପାନକରି ଅତ୍ୟନ୍ତ ବ୍ୟାକୁଳେ
ସେ ହଦ୍ରରେ ପଡ଼ିଥାଏ କୃତକର୍ମ ଫଳେ ।
ଏହିପରି ଶତେବର୍ଷ ହୋଇଯାନ୍ତେ ଗତ
ଅନ୍ୟ ନରକରେ ନେଇ ପକାନ୍ତି ତ୍ୱରିତ ।
ପ୍ରତି ନରକରେ ଶତେ ଶତେ ବର୍ଷ ପଡ଼ି
କାନ୍ଦଇ ବ୍ୟାକୁଳ ଚିତ୍ତେ ପରିତ୍ରାଣ ଲୋଡ଼ି ।
ଅତି ନିରାପକ୍ଷ ଅଟେ ସଂଯମନୀପୁର
ସୁକୃତ ବିନା କେ ସାହା ନୁହଇ କାହାର ।
ଚୋର ଖଣ୍ଟ ହୋଇ ପରଦ୍ରବ୍ୟ ଯେ ହରନ୍ତି
ତାକୁ ଯମଦୂତେ ମୂଷଳରେ ପ୍ରହାରନ୍ତି ।
ଉଦୁଖଳେ ପିଟି ଦ୍ୟନ୍ତି ନାନାଦି ଯାତନା
ଭୋଗନ୍ତି ସେ ପାପିମାନେ ଦୁଃଖ ଅକଳନା ।
ତିନିବର୍ଷ ପରିଯନ୍ତେ ତପ୍ତପାଷାଣରେ
ଗଡ଼ାଇ ସେ ଦୂତେ ଦଣ୍ଡ ଦ୍ୟନ୍ତି କୋପଭରେ ।
ନିଜେ କଲା କରମକୁ ଶୋଚନା କରିଣ
କାଳସୂତ୍ର ନର୍କେ ପଡ଼ି ଭୁଞ୍ଜନ୍ତି କଷଣ ।
ସାତବର୍ଷ ପରିଯନ୍ତେ କାଳସୂତ୍ରେ ପଡ଼ି
ବିଦୀର୍ଣ୍ଣ ହୋଇ ସେ କଷ୍ଟ ପାନ୍ତି ହରଘଡ଼ି ।
ତହୁଁ କ୍ରମେ କ୍ରମେ ପ୍ରତି ନରକାନଳରେ
ପକ୍ୱହୋଇ ଘୋର ଦୁଃଖ ସହନ୍ତି ଶରୀରେ ।
ହେ ରାଜନ ଯେଉଁମାନେ ପରସ୍ୱ ସୂଚକ
ଶୁଣ ଭୋଗ କରନ୍ତି ସେ ଯେବଣ ନରକ ।
ସହସ୍ର ସହସ୍ର ବର୍ଷ ତପ୍ତ ଲୌହପିଣ୍ଡ
ଭକ୍ଷଣ କରି ସେ ପାନ୍ତି ଗୁରୁତର ଦଣ୍ଡ ।
ଦଂଶନ ନାମରେଯେଉଁ ନରକ ଦାରୁଣ
ତହିଁରେ ପଡ଼ି ସେ ଭୋଗ କରନ୍ତି କଷଣ ।
ଘୋର ନିରୁଚ୍ଛ୍ୱାସ ନରକରେ କଳ୍ପକାଳ
ପଡ଼ି ସେ ହୁଅନ୍ତି ଅତିଶୟରେ ବ୍ୟାକୁଳ ।
ପରଦାନଗାମୀମାନେ ଯେବଣ ନରକ
ଭୋଗନ୍ତି କହିବା ଶୁଣ ହେ ନରନାୟକ ।

ତମ୍ବାରେ ଗଠନ ହେବା ରମଣୀ ଗୋଟିଏ
ନିର୍ଦ୍ଧୁମ ଅନଳ ତାପେ ତପ୍ତ ହୋଇଥାଏ ।
ତାକୁ ଅତିଗାଢ଼େ ଆଲିଙ୍ଗନ କରିବାକୁ
ବଧ କରନ୍ତି ସେ ଦୂତେ ପାତକୀ ଜନଙ୍କୁ ।
ପରଦାରଗାମୀମାନେ ସେ ନରକୁ ଦେଖି
ଭୟରେ ପଳାନ୍ତି ବୁଜି ଆପଣାର ଆଖି ।
ତଥାପି ସେ ନାରୀ ତାଙ୍କ ପଛରେ ଗୋଡ଼ାଇ
ବଳାତ୍କାରେ ଆଲିଙ୍ଗନ କରେ କୁଣ୍ଢିଆଇ ।
ତାପରେ ସେ ପାପୀ ଅତି ସନ୍ତପ୍ତ ହୋଇଣ
ଅର୍ଜିବା କର୍ମକୁ ମନେ କରଇ ସ୍ମରଣ ।
ଏହିପରି କ୍ରମେ କ୍ରମେ ବହୁତ ନରକ
ଯମପୁରେ ଭୋଗକରେ ସେ ପାତକୀ ଲୋକ ।
ସୁକୃତ ନଥିଲେ ସାହା ନୁହଇଁ କେ ତହିଁ
କଷଣ ଭୁଞ୍ଜଇ ପାପୀ ଅଙ୍ଗେ କଷ୍ଟବହି ।
ଆବର କଥାଏ ତୁମ୍ଭେ ଶୁଣହେ ରାଜନ
ଯେଉଁନାରୀ କରି ନିଜ ପତିକୁ ବର୍ଜନ ।
ଅନ୍ୟ ପୁରୁଷକୁ ଭଜେ କାମ ରସେ ମାତି
ତାକୁ ଯମଦୂତେ ନେଇ ନରକେ ପକାନ୍ତି ।
ଅତି ବଳବନ୍ତ ଲୌହ ନିର୍ମିତ ପୁରୁଷେ
ଓଟାରି ନିଅଇ ତାକୁ ଧରି ବାହୁ ପାଶେ ।
ତପ୍ତ ଲୌହମୟ ଶଯ୍ୟା ଉପରେ ଶୁଆଇ
ବଳେ ରତିଭୋଗ କରେ ନିରପେକ୍ଷ ହୋଇ ।
ଏକ କଳ୍ପ ପରିଯନ୍ତେ ସେ ଲୌହ ପୁରୁଷ
ରତି ଭୋଗକରି ଦିଏ ମହାଘୋର କ୍ଳେଶ ।
ତଦଅନ୍ତେ ସେ ପୁରୁଷ ଛାଡ଼େ ଯେତେବେଳେ
ଯମଦୂତମାନେ ତାକୁ ବାନ୍ଧିନ୍ୟନ୍ତି ହେଳେ ।
ଅନଳରେ ତାତିଥିବା ଲୁହାଖମ୍ବ ଥାଏ
ଆଲିଙ୍ଗନ କରନ୍ତି ସେ ନାରୀକୁ ନିର୍ଭୟେ ।
ତତଲା ଲୌହ ଖମ୍ବକୁ ବିପଟୀ ରମଣୀ
ସହସ୍ରେ ବର୍ଷଯାଏ ଆଲିଙ୍ଗନ କରେ ଜାଣି ।
ତହିଁରେ ବେଦନା ସେହୁ ଭୋଗକରେ ଯେତେ
ସଂଖ୍ୟା କରି କିଏ ତାହା କହିବ ଏ ମର୍ତ୍ତ୍ୟେ ।
ଯେବେଳେ ସହସ୍ର ବର୍ଷ ହୋଇଯାଏ ପୂର୍ଣ୍ଣ
କ୍ଷାରଜଳେ ନେଇ ତାକୁ କରାନ୍ତି ସ୍ନାହାନ ।
କ୍ଷାରଜଳେ ପିଇ ପଡ଼େ ସେ କ୍ଷାର ନରକେ
କେତେକାଳ ଯାଏ କଷ୍ଟ ଭୋଗେ ମହାଦୁଃଖେ ।

Digitized by srujanika@gmail.com

ଏହିପରି କ୍ରମେ କ୍ରମେ ଅପାର ନରକ
ଭୋଗ କରଇ ସେ ପାପୀ ଅଙ୍ଗେ ସହି ଦୁଃଖ ।
କର୍ମ କ୍ଷୟ ହେଲେ ପୁଣି ନରକରୁ ତରି
ମର୍ତ୍ତ୍ୟପୁରେ ଜାତ ହୁଏ ବେଶ୍ୟାରୂପ ଧରି ।
ବ୍ରାହ୍ମଣ ରମଣୀ ଅବା କ୍ଷତ୍ରିୟ ରମଣୀ
ଗାଭୀସହ ଏମାନଙ୍କୁ ବଧେ ଯେଉଁ ପ୍ରାଣୀ ।
ପାଞ୍ଚକଳ୍ପ ପରିଯନ୍ତେ ଏ ସବୁ ନରକ
କଷ୍ଟସହି ଭୋଗକରେ ସେହି ଅବିବେକ ।
ଆବର ଯେବଣ ବ୍ୟକ୍ତି ସାଧୁଙ୍କୁ ନିନ୍ଦଇ
ସାଧୁଜନଙ୍କର ନିନ୍ଦାବାଦ ଯେ କରଇ ।
ସେହି ପାପୀଙ୍କର କର୍ଣ୍ଣେ ତପ୍ତ ଲୌହମୟ
ଶଳାକା ପୂରାନ୍ତି ଦୂତେ ହୋଇଣ ନିର୍ଭୟ ।
ତତଲା ତୈଳ ଆଣିଣ କର୍ଣ୍ଣରେ ପକାନ୍ତି
ସେ ନର୍କରେ ଭୋଗ ହୁଏ କଠୋର ଦୁର୍ମତି ।
ନାସ୍ତିକେ କରନ୍ତି ଭୋଗ ଯେବଣ ନରକ
ତା ଏବେ କହିବା ଶୁଣ ହେ ନର ନାୟକ ।
କୋଟିଏ ବରଷ ପୂର୍ଣ୍ଣ ହେବା ପରିଯନ୍ତେ
କୁମ୍ଭୀର ରୂପ ଧାରଣ କରନ୍ତି ମରତେ ।
ତାପରେ କରନ୍ତି କୁମ୍ଭୀ ନର୍କକୁ ଗମନ
ରଜନୀ ଦିବସ ବିଷ୍ଠା କରନ୍ତି ଭୋଜନ ।
ତାହାପରେ ଏକଯୁଗ ରୌରବ ନର୍କରେ
ପଡ଼ନ୍ତି କଷଣ ସହି ସଂଜୀବନୀ ପୁରେ ।
ତପ୍ତବାଲି ପୁରିଥିବା ଭାଣ୍ଡରେ ଯନ୍ତ୍ରଣା
ଯେତେ ସେ ସହନ୍ତି ତାହା କେ କରେ କଳଣା ।
ଯେଉଁ ନରାଧମମାନେ ବ୍ରାହ୍ମଣଙ୍କ ପ୍ରତି
କୋପାନଳ ହୋଇ ଦୃଷ୍ଟିପାତ କରିଥାନ୍ତି ।
ଚକ୍ଷୁରେ ତାଙ୍କର ତପ୍ତ ସୂଚି ପୂରାଇଣ
ଫୋଡ଼ନ୍ତି ଅତ୍ୟନ୍ତ କଷ୍ଟେ ଯମଦୂତଗଣ ।
ତହୁଁ ନେଇ କ୍ଷାରଜଳେ ସ୍ନାହାନ କରାନ୍ତି
କ୍ରକଞ୍ଚା ଅସ୍ତ୍ରରେ ଅଙ୍ଗ କାଟନ୍ତି କରତୀ ।
ବିଦୀର୍ଣ୍ଣ ଅଙ୍ଗରେ କ୍ଷୀରଜଳ ବିନ୍ଦୁପଡ଼ି
ଜ୍ୱାଳା ଜନମନ୍ତେ ସେ ଛାଡ଼ଇ ଦୀର୍ଘରଡ଼ି ।
ବିଶ୍ୱାସଘାତି ଯେ ପରସୀମା ଅପହାରୀ
ପରାନ୍ନ ଭୋଜନେ ପ୍ରାଣ ଯେହୁ ଥାଏ ଧରି ।
ସେ ପାପୀ ଗଣଙ୍କୁ ଯମଦୂତେ ବାନ୍ଧି ନେଇ
ଦିଅନ୍ତି ଦାରୁଣ ଦଣ୍ଡ ସେ ନିଷ୍ଠୁର ହୋଇ ।

କୁକୁର ମାଂସ ସେମାନେ ଭୋଜନ ଦିଅନ୍ତି
ତାହା ଖାଇ ପାପୀ ନର୍କେ ନିବାସ କରନ୍ତି ।
ପ୍ରତି ନରକରେ ଏକ ଏକ ଯୁଗଯାଏ
ବାସକରି କରି ତାଙ୍କ କର୍ମ କ୍ଷୟ ହୁଏ ।
ସର୍ବଦା ଅଟଇ ଯେହୁ ପ୍ରତିଗ୍ରହକାରୀ
ଯେ ପେଟ ପୋଷଇ ଜଉତିଷ ବୃତ୍ତିକରି ।
ଦେବାଳାନ୍ନ ଭୋଜି ଯେଉଁମାନେ ତାହାଙ୍କର
କହିବା ତାହାଙ୍କ କଥା ଶୁଣ ନୃପବର ।
ଏକକଳ୍ପ ପରିଯନ୍ତେ ସେ ପାପିଷ୍ଠ ଗଣ
ବିଷ୍ଠା ଭୋଗ ନରକରେ ପଡ଼ନ୍ତି ଯାଇଣ ।
କଳ୍ପ ଶେଷ ହୋଇଗଲେ ଆସି ମର୍ତ୍ତ୍ୟପୁରେ
ଶତେବାର ଜନମନ୍ତି ଚଣ୍ଡାଳ ଗୃହରେ ।
ଚଣ୍ଡାଳ ଗୃହରେଘୋର ଦୁଃଖକୁ ସେ ପାଇ
ଦରିଦ୍ର ହୁଅନ୍ତି ଅନ୍ନ ବସ୍ତ୍ର ନ ମିଳଇ ।
ନାନାଦି ରୋଗ ତାହାର ଅଙ୍ଗରେ ଜନ୍ମଉ
ଅପାର କଷଣ ସେହୁ ଜୀବନେ ଭୋଗଇ ।
ନିଷ୍ଠୁର ଭାଷୀ ଯେ ମିଥ୍ୟାବାଦୀ ଦୁରାଚାର
ଯମଦୂତମାନେ ଜିହ୍ୱା କାଟିଣ ତାହାର ।
ତପ୍ତ ତୈଳ ଭାଣ୍ଡରେ ଯେ ସ୍ନାହାନ କରାନ୍ତି
ମିଳଇ ସେ କୁଣ୍ଡମଧ୍ୟେ ଅଶେଷ ଦୁର୍ଗତି ।
ତହୁଁ ଦୂତମାନେ କାଳସୂତ୍ର ନରକରେ
ପକାନ୍ତେ ତଦନ୍ତେ ନେଇ ଯମଙ୍କ ଆଗରେ ।
ସର୍ବଦା କରନ୍ତି ମୂତ୍ର ପୁରିଷ ଭକ୍ଷଣ
ଅପାର ଯନ୍ତ୍ରଣା ଭୋଗ କରନ୍ତି ସେ ଜାଣ ।
ଯେତେକ ଦଣ୍ଡ ତାହାଙ୍କୁ ଦୂତମାନେ ଦ୍ୟନ୍ତି
ସଂଖ୍ୟାକରି କହିବାକୁ ନାହିଁ କା ଶକତି ।
ନରକରେ ନିସ୍ତରିଲେ ପୁଣି ଭୂତଳରେ
ଜନମ ଲଭନ୍ତି ମ୍ଳେଚ୍ଛ ଜାତିଙ୍କ ଯୋନିରେ ।
ପରର ମନରେ ଯେହୁ ଦିଅନ୍ତି ଉଦ୍‌ବେଗ
ଅପାର ଯାତନା ହୁଏ ସେମାନଙ୍କ ଭୋଗ ।
ବୈତରଣୀ ନଦୀ ମଧ୍ୟେ ସେ ମଗ୍ନ ହୁଅନ୍ତି
ଜଳଚରମାନେ ତାକୁ ଗୋଡ଼ାଇ ଭକ୍ଷନ୍ତି ।
ପଞ୍ଚ ଯଜ୍ଞକୁ ଯେ ଜନ ବର୍ଜନ କରନ୍ତି
ଲାଳାଭକ୍ଷ ନରକରେ ପତିତ ସେ ହୋନ୍ତି ।
ଯେଉଁ ଦ୍ୱିଜକରେ ଅଗ୍ନି ଉପାସନାଯୋଗ
ସେ ମଲେ କରଇ ରଉରବ ନର୍କଭୋଗ ।

Digitized by srujanika@gmail.com

ନିଜକର୍ମ ଅନୁଷ୍ଠାନ ତ୍ୟାଗ ସେ କରନ୍ତି
କୃମିଭକ୍ଷ ନରକରେ ଯାଇଣ ପଡ଼ନ୍ତି ।
ଏ ଚାରି ପ୍ରକାର ପ୍ରାଣୀ ପାଞ୍ଚ ଯୁଗଯାଏ
ନରକରେ ପଡ଼ିଥାନ୍ତି ଘୋର କଷ୍ଟମୟେ ।
ତଦନ୍ତେ ପୁଣି ଭୂତଳେ ଜନମ ଲଭନ୍ତି
ପରର ସେବକ ହୋଇ ଜୀବନ କଟାନ୍ତି ।
ବ୍ରାହ୍ମଣଙ୍କ ଶାସନରୁ କର ଯେହୁ ନିଏ
ତାହାର କଥା କହିବା ଶୁଣ ନର ରାୟେ ।
ଯେତେ କାଳଯାଏ ଥାନ୍ତି ଚନ୍ଦ୍ର ତାରାଗଣ
ତେତେକାଳ ନର୍କଭୋଗ କରନ୍ତି ସେ ଜାଣ ।
ଅଧିକ କର ଯେ ନିଏ ବ୍ରାହ୍ମଣଙ୍କଠାରୁ
ଅନୁମତି ଦିଏ ଯେହୁ ଅଜ୍ଞାନ ବଶରୁ ।
ସେ ଜନ କୋଟି ଅୟୁତ ପାପେ ଭାଗୀହୋଇ
ଅପାର କଷଣ ଭୋଗେ ଶାସ୍ତ୍ରରେ ଅଛଇ ।
ଅତିଥିକୁ ପୂଜା ନ କରଇ ଯେଉଁ ଜନ
ଆପଣାର ବିଷ୍ଠାଭକ୍ଷି ବିତାଏ ସେ ଦିନ ।
ଚାରି ଜନ୍ମଯାଏ କାଳସାର ନରକରେ
ନିବାସ କରିଣ କଷ୍ଟସହେ ଯେ ସେଠାରେ ।
ଅଯୋନି ବିରୁଦ୍ଧଯୋନି କିବା ପଶୁଯୋନି
ଏଥିରେ ପକାଏ ରେତ ଯେବଣ ଅଜ୍ଞାନି ।
ରେତନାମ ନରକରେ ପଡ଼ି ଦିବାରାତି
ଅପାର କଷଣ ଭୋଗୁଥାଏ ସେ ଦୁର୍ମତି ।
ମନ୍ବନ୍ତର ଯାଏ ଭୋଗ କରଇ କଷଣ
ତାପରେ ବସା କୂପରେ ପଡ଼େଯାଇ ପୁଣ ।
ତହିଁରୁ ଉବୁରି ହେଲେ ନରଲୋକେ ଜାତ
ଅତ୍ୟନ୍ତ କଷ୍ଟରେ ଦିନହରେ ସେ ଦୁବୃତ ।
ଉପବାସ ଦିନେ ଦନ୍ତ ଘଷଇ ଯେ ନର
ବ୍ୟାଘ୍ର ଭକ୍ଷଣ ନରକେ ପଡ଼େ ସେହି ଚୋର ।
ଚାରିଯୁଗ ପରିଯନ୍ତେ ଲଭେ ସେ କଷଣ
ଦିବାରାତ୍ର ସେଠାବରେ ଲଭେ ଦୁଃଖ ଜାଣ ।
ସ୍ୱଦତ୍ତ ବା ପରଦତ୍ତ ଭୂମି ଯେ ହରଇ
କୋଟିକଳ୍ପ ଯାଏ ନରକରେ ପଡ଼େ ସେହି ।
କୋଟିଏ ପୁରୁଷ ପରିଯନ୍ତେ ତାର ବଂଶ
ସେ ପାପ ଫଳେ କରନ୍ତି ନରକେ ନିବାସ ।
ପୁତିଗନ୍ଧ ମୃତ୍ତିକା ସେ ଭୋଜନ କରନ୍ତି
ସେଠାରେ ମିଳଇ ତାକୁ ଅପାର ଦୁର୍ଗତି ।

ତହିଁପରେ ପୁଣି ଆଠସସ୍ର ସମ୍ବତ୍ସର
ଶୂକର ହୋଇଣ ବିଷ୍ଠା କରଇ ଆହାର ।
କପଟେ ଲୁଚାଇ ଭୂମି ମାପେ ଯେ ଦୁର୍ଜନ
କହିବା ଶୁଣ ସକଳେ ତାହାର ବିଧାନ ।
କୋଟି କଳ୍ପ ପରିଯନ୍ତେ ତପତ କର୍ଦ୍ଦମେ
ନିମଗ୍ନ ହୁଅଇ ତାର ବଂଶ ଯଥାକ୍ରମେ ।
ତହିଁ ବିଷ୍ଠା ଦହ ମଧ୍ୟେ ପଡ଼ି ସସ୍ରେଯୁଗ
ସେଠାରେ କରନ୍ତି କୃତ କର୍ମଫଳ ଭୋଗ ।
ଚୌଦଇନ୍ଦ୍ର ଭୋଗଯାଏ କଠୋର ଯାତନା
ଭୋଗ କରନ୍ତି ସେ କଷ୍ଟ ସହି ଜାଣ ନାନା ।
ତହୁଁ ପୁଣି ଭୁତଳରେ ଜନମ ଲଭନ୍ତି
କୁଷ୍ଟ ବ୍ରଣ ଆଦି ନାନା ରୋଗରେ ପଡ଼ନ୍ତି ।
ଆପଣାର କର୍ମ ତ୍ୟାଗ କରେ ଯେଉଁ ଜନ
ପଣ୍ଡିତେ ପାଷାଣ୍ଡ ତାକୁ ବୋଲାନ୍ତିଟି ଜାଣ ।
ପାଷାଣ୍ଡ ସଙ୍ଗରେ ଯେହୁ ସଂସର୍ଗ କରଇ
ସଂସର୍ଗ ଦୋଷରୁ ସେହୁ ପାଷାଣ୍ଡୀ ହୁଅଇ ।
ସେ ଦୁହେଁ ଅଟନ୍ତି ମହାପାପୀ ହେ ରାଜନ
ନରକେ ପଡ଼ନ୍ତି ସସ୍ରଯୁଗ ଯାଏ ଜାଣ ।
ସହସ୍ରେ ପୁରୁଷ ତାର ସେହି ଦୋଷ ଯୋଗେ
ତା ସଙ୍ଗରେ ସଙ୍ଗ ହୋଇଥାନ୍ତି ନର୍କ ଭୋଗେ ।
ତପ୍ତଶଙ୍ଖ ଆଦି ଚିହ୍ନମାନରେ ଯାହାର
ଚିହ୍ନିତ ହୋଇଣ ଦେଖାଯାଏ କଳେବର ।
ସେ ଅଟଇ ମହାପାପୀ ଜାଣ ହେ ନୃପତି
କୋଟି କଳ୍ପଯାଏ ଭୋଗକରେ ନର୍କଗତି ।
ତଦନ୍ତେ ଚଣ୍ଡାଳ ଜନ୍ମ ଲାଭ କରି ଭବେ
ନାନା ଦୁଃଖ ସହ୍ୟକରେ ସୁଖ ନାହିଁ ଲବେ ।
ଶଙ୍ଖ ଚିହ୍ନ ଥିବା ବ୍ରାହ୍ମଣର ସଙ୍ଗତରେ
ସମ୍ଭାଷଣ କରେ ଯେଉଁ ବ୍ୟକ୍ତି ସନ୍ତତରେ ।
ଚୌଦଇନ୍ଦ୍ର ଭୋଗ ଶେଷଯାଏ ସେ ବ୍ୟକତି
ରୌରବ ନରକେ ପଡ଼ି ଭୁଞ୍ଜଇ ଦୁର୍ଗତି ।
ଚକ୍ରାଦି ଚିହ୍ନିତ ଦେହଧାରୀ ଯେଉଁଠାରେ
ନିବାସ କରିଣ ରହିଥାଏ ଅବନୀରେ ।
ସେଠାରେ ଅପର ବ୍ୟକ୍ତି ନିବାସ କରିଣ
ରହିବା ଉଚିତ କେଭେଁ ନୁହଇଟି ଜାଣ ।
ଅଥବା ଯେ ବାସକରି ରହଇ ତା ପାଶେ
ପତିତ ହୁଅଇ ସେହୁ ବ୍ରହ୍ମହତ୍ୟା ଦୋଷେ ।

Digitized by srujanika@gmail.com

ଶଙ୍ଖ ଚକ୍ର ଚିହ୍ନିଥିବା ଲୋକକୁ ଦେଖିଲେ
ପାପରୁ ତରିବ ପ୍ରାଣୀ ଗଙ୍ଗାସ୍ନାନ କଲେ ।
ଅଥବା ସେ ଯେବେ ଅଶ୍ୱମେଧ କରିପାରେ
ସେ ଯଜ୍ଞଫଳକୁ ପାଇ ତହିଁରୁ ନିସ୍ତରେ ।
ପୁରୁଷ ସୂକ୍ତ ଜପ ବା ସୂର୍ଯ୍ୟ ଦରଶନ
କରିଲେ ତହିଁରୁ ମୁକ୍ତିଲାଭ କରେ ଜନ ।
ନ କଲେ ନରକଗାମୀ ହୁଅଇ ନିଶ୍ଚୟ
ବିନା ପୁଣ୍ୟେ ପାପ କାହୁଁ ହୋଇବ ସେ କ୍ଷୟ ।
ଲିଙ୍ଗ ଚିହ୍ନଥିବା ଦେହଧାରୀକି ଦେଖିଲେ
ସେ ପାପ ହୁଡ଼ଇ ରୁଦ୍ରସୂକ୍ତ ଜପକଲେ ।
ନୋହିଲେ ସୂର୍ଯ୍ୟଙ୍କୁ ଯେବେ ଦର୍ଶନ କରିବ
ତେବେ ଦୋଷମୁକ୍ତ ହୋଇ ନର୍କରୁ ତରିବ ।
ବ୍ରାହ୍ମଣ ଦେହରେ ଇନ୍ଦ୍ର ଆଦି ଦେବଗଣ
ବାସ କରିଥାନ୍ତି ଅନବରତରେ ଜାଣ ।
ସେହି କାରଣରୁ ବ୍ରହ୍ମାଙ୍କର ହୃଦୟରେ
ତାପ ଜନ୍ମାଇଲେ ପାପ ହୁଅଇ ତହିଁରେ ।
ଚକ୍ର ଅବା ଲିଙ୍ଗ ଚିହ୍ନଧାରୀ ଯେ ବ୍ରାହ୍ମଣ
କର୍ମରେ କାହାର ଅଧିକାର ନାହିଁ ଜାଣ ।
ବେଦସ୍ମୃତି ବିହିତାଦି କୌଣସି କର୍ମରେ
ଅଧିକାରୀ ନୁହଇଁ ସେ ଜ୍ଞାନୀଙ୍କ ମତରେ ।
ଶିଷ୍ୟଙ୍କୁ ପଢ଼ାଇ ଯେହୁ ଘେନଇ ବେତନ
କଳ୍ପକାଳଯାଏ ନର୍କ ଭୁଞ୍ଜଇ ସେ ଜାଣ ।
ତହିଁରୁ ତରିଲେ ମ୍ଳେଚ୍ଛ ଯୋନିରେ ଜନ୍ମଇ
ହରିନାମ ବିନା ତାର ନିଷ୍କୃତି ଯେ ନାହିଁ ।
ସ୍ତିରୀ ଶୂଦ୍ରଙ୍କର ଆଗେ ବେଦ ଅଧ୍ୟୟନ
ଯେ କରଇ ନର୍କଗାମୀ ହୁଅଇ ସେ ଜନ ।
କଳ୍ପଶେଷ ହେବାଯାଏ ନରକ ଭୁଞ୍ଜଇ
ତହିଁରୁ ତରିଲେ ନୀଚ ଘରେ ଜନମଇଁ ।
ଦେବଦ୍ରବ୍ୟ ଗୁରୁଦ୍ରବ୍ୟ ଯେ କରେ ଗ୍ରହଣ
କୋଟି ବ୍ରହ୍ମହତ୍ୟା ପାପ ଲଭଇ ସେ ଜାଣ ।
ଅନାଥ ଲୋକର ଧନ ହରି ଯେହୁ ନିଏ
କହିବା ତାହାର ପାପ ଶୁଣ ନରରାୟେ ।
ଉପରକୁ ପାଦକରି ଅଧୋମୁଖେ ପଡ଼ି
ହସ୍ତେ କୀଳାଧରି ଧୂମ ପିଏ ହରଘଡ଼ି ।
ବ୍ରାହ୍ମଣ ଦିବସ ଶେଷ ହେବା ପରିଯନ୍ତେ
ଯମଦଣ୍ଡ ଭୋଗ କରଇ ସେ ଅବିରତେ ।

ଦେବତାଙ୍କ ଫୁଲ ବଗିଚାରୁ ଅକାରଣେ
ପୁଷ୍ପଫଳ ଆଦି ନିଅଇ ଯେ ଗର୍ବପଣେ ।
ସେ ବ୍ୟକତି ବହ୍ନି ଜ୍ୱାଳାମୟ ନର୍କଘୋରେ
ପତିତ ହୁଅଇ ଯମ ରାଜାଙ୍କ ଆଜ୍ଞାରେ ।
ଜଳାଶୟ ଅବା ଦେବାଳୟରେ ଯେ ଜନ
ଆପଣା ଦେହର ମଳ କରେ ବିସର୍ଜନ ।
ଭ୍ରୂଣହତ୍ୟା ତୁଲ୍ୟ ପାପ ଭାଗୀ ସେ ହୁଅଇ
ନର୍କ ଭୋଗ ବିନା ତାର ଅନ୍ୟଗତି ନାହିଁ ।
ସେ ଅସ୍ଥି ପକାଏ ଦେବାଳୟର ଜଳରେ
ଦନ୍ତନଖ ଉଚ୍ଛିଷ୍ଟାଦି ନିକ୍ଷେପଣ କରେ ।
ତା ପାପର କଥା ତୁମ୍ଭେ ଶୁଣ ହେ ରାଜନ
ପ୍ରାଣରେ ପିଟନ୍ତି ତାଙ୍କୁ ଯମଦୂତ ଗଣ ।
ପ୍ରତୋଦନ ଅସ୍ତ୍ରରେ ସେ ଜର୍ଜରିତ ହୋଇ
ଆର୍ତ୍ତନାଦ କରେ କୁମ୍ଭୀପାକ ନର୍କେଥାଇ ।
ବ୍ରହ୍ମସ୍ୱ ତୃଷବା କଷ୍ଟ ଯେ କରେ ହରଣ
ଘୋର ନରକରେ ସେହୁ ପଡ଼ଇଟି ଜାଣ ।
ଚନ୍ଦ୍ର ତାରା ଥିବାଯାଏ ନରକ ଭୁଞ୍ଜଇ
ତହିଁରୁ ତରିଲେ ଜନ୍ମ ଦରିଦ୍ର ହୁଅଇ ।
ବ୍ରହ୍ମସ୍ୱ ହରଣ କଲେ ଇହପର କାଳେ
ମହାଘୋର ଦୁଃଖ ମିଳଇ ସେ କର୍ମଫଳେ ।
ଆପଣା ସମ୍ପଦ ଇହକାଳେ ନଷ୍ଟକରେ
ପୁଣି ପରକାଳେ ନେଇ ପକାଏ ନର୍କରେ ।
ଜାଣିଶୁଣି ମିଥ୍ୟା ସାକ୍ଷୀ ଦିଏ ଯେଉଁ ଜନ
ତା ପାଟିରେ ତପ୍ତଲୌହ ଭରନ୍ତି ଯେ ପୁଣ ।
ଚୌଦଗୋଟି ଇନ୍ଦ୍ର ଭୋଗ ହେବା ପରିଯନ୍ତେ
ରୌରବ ନରକେ ସେହୁ ପଡ଼େ ଅବିରତେ ।
ଅତି କାମୁକ ବା ମିଥ୍ୟାବାଦୀ ଯେଉଁମାନେ
ଶରୀର ତେଜି ସେ ଗଲେ ସମନ ସଦନେ ।
ସର୍ପ ତୁଲ୍ୟ ଲୋକମାନେ ମୁଖରେ ତାଙ୍କର
କହି ନାନା କଟୁକଥା ଦ୍ୟନ୍ତି ଦଣ୍ଡ ଘୋର ।
ଷାଠିଏ ବରଷକାଳ ସହି ପରକାଳେ ।
କଷ୍ଟ ଭୋଗ କରି କରି ପୁଣି ତହିଁପରେ ।
କ୍ଷାର ଜଳ ମଧ୍ୟେ ପଡ଼ି କୁକୁରର ମାଂସ
ଭୋଜନ କରନ୍ତି ନ ମିଳଇ ଅନ୍ନଗ୍ରାସ ।
ଦିବାରାତି ସେଠାବରେ ଘୁଷୁରିଙ୍କ ପରି
ଘାଣ୍ଟି ହେଉଥାନ୍ତି ନିଜ କର୍ମକୁ ଆଦରି ।

Digitized by srujanika@gmail.com

ତହୁଁ କେତେକାଳ ଗଲେ ହସ୍ତି ଗଣ ମିଳି
ଶୁଣ୍ଢରେ ଓଟାରି ତାକୁ ଦ୍ୟନ୍ତି ପାଦେ ଦଳି ।
ଏହିରୂପେ ଦଣ୍ଡ ପାଇ ପୁଣି ମର୍ତ୍ତ୍ୟପୁରେ
ଜନ୍ମିଲେ ଅତ୍ୟନ୍ତ ହୀନ ହୋନ୍ତି ସେ ଅଚିରେ
ଋତୁକାଳେ ରମଣୀର ପାଶେ ଯେଉଁଜନ
ବେଳଜାଣି ନ କରଇ ଶ୍ରଦ୍ଧାରେ ଗମନ ।
ବ୍ରହ୍ମହତ୍ୟା ପାପକରେ ସେ ଭାଗି ହୁଅଇ
ରୌରବ ନରକେ ପଡ଼ି କଷ୍ଟ ଭୋଗୁଥାଇ ।
ଅଧିକାର ଥାଉ ଥାଉ ଅନାଚାରୀ ଜନ
ସାକ୍ଷାତେ ଦେଖିଲେ ନ କରଇ ସେ ନିଧନ ।
ଅନ୍ୟାୟରୁ ତାକୁ ନିବାରଣ ନ କରଇ
ସେ ଉପେକ୍ଷା ଫଳେ ପାପଅର୍ଦ୍ଧେକ ନିଅଇ ।
ପାପୀଙ୍କର ପାପକୁ ଯେ ଆଲୋଚନା କରେ
ସେ ପାପୀ ହୁଅଇ ଜାଣ ତାହାର ସଙ୍ଗରେ ।
ପାପଥିଲେ ପାପୀହୁଏ ନ ଥିଲେ ପାତକ
ଦୁଇଗୁଣ ପାପୀ ହୁଏ ବୃଥା ଆରୋଚକ ।
ନିଷ୍ପାପୀ ଉପରେ ପାପ କରେ ଯେଉଁଜନ
କଳ୍ପକାଳ ଯାଏ ନର୍କ ଭୋଗ କରେ ଜାଣ ।
ବୃଥାରେ ପରକୁ ଜାଣ ଯେ ନିନ୍ଦା କରଇ
ଦେହ ଛାଡ଼ି ମଲେ ସେହୁ ନରକ ଭୋଗଇ ।
ପାପୀଙ୍କର ପାପକଥା ଯେ କହଇ ମୁଖେ
ସେ ମଧ୍ୟ ପାତକୀ ହୋଇ ପଡ଼ଇ ନରକେ ।
ପାପୀର ଅର୍ଦ୍ଧେକ ପାପ ବିନଷ୍ଟ ହୁଅଇ
କହିବା ଲୋକଙ୍କୁ ସେହି ଅର୍ଦ୍ଧକ ମିଳଇ ।
ନିଜର କନ୍ୟାକୁ ହରେ ଯେବଣ ପାପିଷ୍ଠ
ତାର ଇହପର ଦୁଇକୁଳ ହୁଏ ନଷ୍ଟ ।
କୁକୁର ଭକ୍ଷଣ କରେ ସେହୁ ଯମପୁରେ
ତଦନ୍ତେ ପଡ଼ଇ ଧୂମ୍ରପାନ ନରକରେ ।
ବ୍ରତପାଳି ଯେହୁ ଉଦ୍‌ଯାପନ ନ କରିଣ
ଆୟାସ ଦୋଷରୁ ତାହା କରେ ବିସର୍ଜନ ।
ଅଶୀପତ୍ର ନରକରେ ସେ ଜନ ପଡ଼ଇ
ତଦନ୍ତେ ହୀନାଙ୍ଗ ହୋଇ ମର୍ତ୍ତ୍ୟରେ ଜନ୍ମଇ ।
ବ୍ରତ କରିଥିବା ବ୍ୟକତିକୁ ଯେଉଁ ଲୋକ
ବିଘ୍ନ ଘଟାଏ ସେ ଭୋଗ କରାଏ ନରକ ।
ଏକ ବିଂଶତି ପୁରୁଷ ପରିଯନ୍ତେ ସେହି
ଶ୍ଳେଷ୍ମ ଭୋଜନ କରଇ ବହୁ କଷ୍ଟ ସହି ।
ନ୍ୟାୟ ସମୟରେ ଯେହୁ ପକ୍ଷପାତ କରେ
ତାହାର ନିସ୍ତାର ନାହିଁ କୌଣସି ପ୍ରକାରେ ।
ଶତ ଶତ ପ୍ରାୟଶ୍ଚିତ କଲେହେଁ ସେ ଜନ
ନିସ୍ତାର ନ ଲଭେ ସେହି ନରକରୁ ଜାଣ ।
ଯେବଣ ବ୍ୟକ୍ତି ଅଖାଦ୍ୟ ଭୋଜନ କରଇ
ପିଉପାନ ନାମେ ନର୍କେ ପତିତ ହୁଅଇ ।
ତହୁଁ କେତେ ଦିନ ଗଲେ ଚଣ୍ଡାଳ ଯୋନିରେ
ଜନମ ଗ୍ରହଣ ସେହୁ କରେ ଯାଇ ଖରେ ।
ଚଣ୍ଡାଳ ଗୃହରେ ଜନ୍ମ ହୋଇ ସେହିଦିନ
ନାନାଦି କୁତ୍ସିତ ମାଂସ କରଇ ଭୋଜନ ।
ବଚନରେ ଅମାନ୍ୟ ଯେ କରେ ବ୍ରାହ୍ମଣଙ୍କୁ
ବ୍ରହ୍ମହତ୍ୟା ପାପ ମାଡ଼ି ବସଇ ତାହାଙ୍କୁ ।
ସେ ମହାପାପରୁ ଦଶ ଜନ୍ମ ପରିଯନ୍ତେ
ଚଣ୍ଡାଳରେ ଜନମଇ ନର୍କଭୋଗେ ନିତ୍ୟେ ।
ପରଧନ ହରିଣ ଯେ ଦିଏ ଅପରକୁ
ପାପ ଭୋଗ କରଇ ସେ ଯାଇଣ ନର୍କକୁ ।
ଧାନ ଯାର ଦାନଫଳ ତାହାକୁ ମିଳଇ
ଦେବଲୋକ ନରକରେ ପଡ଼ି ସଢୁଥାଇ ।
ଅନ୍ୟାୟରେ ଧନ ଆନେ ଯେ କରଇ ଦାନ
ତାହାଙ୍କୁ ନରକ ଗତି ହୁଏ ହେ ରାଜନ ।
ଦ୍ରବ୍ୟ ଯାର ଫଳ ଲାଭ ହୁଅଇ ତାହାକୁ
ଏକଥା ନିଶ୍ଚୟ ଜାଣ କହିଲି ତୁମ୍ଭଙ୍କୁ ।
ଦେବାପାଇଁ ଅଙ୍ଗୀକାର କରି ଯେଉଁ ଜନ
ମାଗିବା କାଳରେ ତାହା ନ ଦିଅଇ ପୁଣ ।
ପଡ଼ଇ ସେ ଲିଳାଭକ୍ଷ ନରକରେ ଅନ୍ତେ
ଯେତେ କଷ୍ଟପାଏ ତହିଁ ତା କହିବା କେତେ ।
ପତିଙ୍କୁ ନିନ୍ଦିଲେ ଶିଳାଯନ୍ତ ନରକରେ
ପଡ଼ଇ ପାପାତ୍ମା ବ୍ୟକ୍ତି ଜନ୍ତୁପତି ପୁରେ ।
କୁସୁମ ଉଦ୍ୟାନ ଯେହୁ କରଇ ଛେଦନ
ଏକବିଂଶ ଯୁଗ ନର୍କେ ପଡ଼ଇ ସେ ଜାଣ ।
ସ୍ୱ ଭୋଜନ ନାମ ନରକରେ ପଡ଼ି ପଡ଼ି
ଆପଣା ମାଂସକୁ ଆପେ ଖାଏ ସେ କାମୁଡ଼ି ।
ଦେବତା ଗୃହ ତଡ଼ାଗ କୁସୁମ ଉଦ୍ୟାନ
ଏହାକୁ ଯେବଣ ଦୁଷ୍ଟ କରଇ ଭଗନ ।
ତାହାର ଗତି କହିବା ଶୁଣ ଭଗୀରଥ
ସେ ପାପୀ ନିଜର କୋଟି ପୁରୁଷ ସହିତ ।

Digitized by srujanika@gmail.com

କଳ୍ପକାଳ ପରିଯନ୍ତେ ବିବିଧ ନର୍କରେ
ନାନାଦି ଯାତନା ପାଏ ଜନ୍ତୁପତି ପୁରେ ।
କୋଟି କଳ୍ପପାଏ ବିଷ୍ଠା ମଧ୍ୟେ କୃମୀ ହୁଏ
ଚଣ୍ଡାଳ ଘରେ ଜନମ ଯୁଗେ ଯୁଗେ ହୁଏ ।
ଏକୋଇଶ ଯୁଗଯାଏ କୃମି ଭୋଜି ହୋଇ
ଚଣ୍ଡାଳ ଗୃହରେ ଆସି ଜନ୍ମ ହୋଇଥାଇ ।
ଗ୍ରାମ ଧ୍ୱଂସ କରେ ଯେଉଁ ଅବିବେକ ଜନ
କହିବା ତାହାର ପାପ ଶୁଣହେ ରାଜନ ।
ଶତ କୋଟି ଜନମରେ ତାର ପାପଫଳ
ସମସ୍ତ କହିବା ପାଇଁ ନାହିଁ ମୋର ବଳ ।
ଦେବପୁରୀଗ୍ରାମ ଦାହ ଯେ ଜନ କରଇ
କଳ୍ପ ଶେଷ ହେବାଯାଏ ନରକ ଭୋଗଇ ।
ପାପକର୍ମ ଅନୁମତି ଦିଏ ଯେଉଁ ଜନ
କହିବା ତାହାର ଯେତେ ପାପ ଫଳମାନ ।
ଅର୍ଦ୍ଧେ ପାପ ଭୋଗ କରି ନର୍କେ ସେ ପଡ଼ଇ
ଏକଥା ନିଶ୍ଚୟ ଜାଣ ଆହେ ନରସାଇଁ ।
ଯେଉଁ ଜନ ଖାଏ କୁନ୍ତଗୋଳକର ଅନ୍ନ
ସେ ପାପ ଫଳୁ ନରକେ ହୁଏ ସେ ପତନ ।
ଅଯାଜ୍ୟ ଯାଜୀ ସେ ଗ୍ରାମ ଯାଜୀ ଯେଉଁନର
ମହାପାପୀ ମଧ୍ୟେ ଗଣା ସେହି ଯେ ସତ୍ୱର ।
ନକ୍ଷତ୍ର ଯାଜୀ ଯେ ଆହାୟକ ଦେବ୍ୟାଳକ
ଅଯାଜ୍ୟ ଯାଜୀହିଁ ଗ୍ରାମ ଯାଜୀ ସେ ମୂରୁଖ ।
ବ୍ରହ୍ମ ଚଣ୍ଡାଳ ମଧରେ ଗଣନାଟି ଏହି
ଏ ପଞ୍ଚ ବ୍ରାହ୍ମଣ ପାପୀ ମଧ୍ୟେ ଗଣାହୋଇ ।
ଏକବିଂଶ ଯୁଗ ପରିଯନ୍ତେ ଏହିମାନେ
ନରକରେ ପଡ଼ି ଦୁଃଖ ଭୋଗନ୍ତି ସେମାନେ ।
ତହିଁରୁ ଉବୁରି ସାତବାର ଜନ୍ମଯାଏ
ଚଣ୍ଡାଳ ଯୋନିରେ ସେହି ବ୍ୟକ୍ତି ଜନ୍ମପାଏ ।
ଯେଉଁ ମୂଢ଼ମତି ଭକ୍ଷେ ପରର ଉଚ୍ଛିଷ୍ଟ
ମିତ୍ରଠାରେ ଦ୍ରୋହ ଆଚରନ୍ତି ସେ ପାପିଷ୍ଠ ।
ଚନ୍ଦ୍ର ସୂର୍ଯ୍ୟ ଥିବା ପରିଯନ୍ତେ ସେହି ମାନେ
ନରକେ ପଡ଼ନ୍ତି ଏହା ରହିଛି ବିଧାନେ ।
ବେଦର ମାର୍ଗକୁ ତେଜି ପିତୃଦେବଙ୍କର
ଯଥା କାଳେ ଯଜ୍ଞ ନ କରଇ ଯେଉଁ ନର ।
ତାହାକୁ ପାଷାଣ୍ଡ ବୋଲି କହନ୍ତି ସୁଜନ
ଅସଂଖ୍ୟ ନରକ ସେହୁ ଭୋଗେ ରାତ୍ରଦିନ ।

ଆହେ ଭଗୀରଥ ଏହି ପରକାରେ ଜାଣ
ଅଛଇ ଅପାର ପାପ ଉପପାପ ମାନ ।
ତହିଁରୁ ଥୋକାଏ ମାତ୍ର ତୁମ୍ଭଙ୍କୁ କହିଲି
ଆଉ ଶକ୍ତି ନାହିଁ ସବୁ କହିବାକୁ ଖୋଲି ।
ପାପ ନରକ ବା ଧର୍ମବୀର ସଂଖ୍ୟା ଯେତେ
ବିଷ୍ଣୁ ବିନା ତାହା କିଏ କହିବ ଜଗତେ ।
ଧର୍ମ ଶାସ୍ତ୍ର ମତେ ସବୁ ପାପିମାନଙ୍କର
ପ୍ରାୟଶ୍ଚିତ ବିଧି ଅଛି ବହୁ ପରକାର ।
ତାହାକଲେ ପାପରାଶି ବିନଷ୍ଟ ହୁଅଇ
ପ୍ରାୟଶ୍ଚିତ ନ କରିଲେ ନିସ୍ତାର ଯେ ନାହିଁ ।
ଯେଉଁ ଜନ ବିଷ୍ଣୁପାଶେ କରେ ପ୍ରାୟଶ୍ଚିତ
ସକଳ ପାପ ତା ଅଙ୍ଗୁ ହୋଇଯାଏ ହତ ।
ବିଷ୍ଣୁଙ୍କ ସ୍ମରଣେ ସର୍ବ କାର୍ଯ୍ୟ ସିଦ୍ଧି ହୁଏ
ବିଷ୍ଣୁଙ୍କ ସ୍ମରଣେ ଜନ ଦିବ୍ୟ ଗତି ପାଏ ।
ଗଙ୍ଗା ତୁଳସୀ ଯେ ସାଧୁସଙ୍ଗ ହରି କଥା
ଅନସୂୟା ଅହିଂସା ଯେ ହରି ଗୁଣ ଗାଥା ।
ଏ ସର୍ବେ ଅଟନ୍ତି ପାପ ବିନାଶକ ଜାଣ
ଏ ସ୍ୱାର୍ଥରେ ଗଲେ ପାପୀ ଲଭେ ଦିବ୍ୟସ୍ଥାନ ।
ବିଷ୍ଣୁଙ୍କୁ ଅର୍ପଣ କଲେ କାର୍ଯ୍ୟ ସିଦ୍ଧି ହୋଇ
ଏ କଥା ଅନ୍ୟଥା ନୁହେଁ ଆହେ ନରସାଇଁ ।
ଯେଉଁ କର୍ମ ଫଳ ନୁହେଁ ବିଷ୍ଣୁରେ ଅର୍ପିତ
ନିଷ୍ଫଳ ହୁଅଇ ତାହା ଭସ୍ମେ ଯେହ୍ନେ ଘୃତ ।
ଆବର ଯେତେକ ନିତ୍ୟ ନୈମିତିକ କର୍ମ
ଧର୍ମ କର୍ମ ଆଦି ସର୍ବ କର୍ମ ଯେ ଅକର୍ମ ।
ସମସ୍ତ ବିଷ୍ଣୁଙ୍କ ପାଦେ କରିଲେ ଅର୍ପଣ
ତେବେ ସେ ସାତ୍ତ୍ୱିକ ଫଳ ଲାଭ କରେ ଜାଣ ।
ଏ ସଂସାରେ ବିଷ୍ଣୁଭକ୍ତ ଏକା ମନୁଷ୍ୟର
ସର୍ବ ପାତକ ନାଶକ ବୋଲି ମନେ କର ।
ଯେତେ କର୍ମମାନ ଭକ୍ତି ଜଗତେ କରଇ
ଅଚିରେ ତାହାର କାମ ସଫଳ ହୁଅଇ ।
ମାନବର ଦଶବିଧ ବିଷ୍ଣୁଭକ୍ତି ଅଛି
ହେ ରାଜନ ଶୁଣ ତୁମ୍ଭେ ତାହା ମୁଁ କହୁଛି ।
ପାପ ଅରଣ୍ୟର ଦାବାନଳ ସେ ଭକତି
ପାଳିଲେ ଜୀବନ୍ତେ ମିଳେ ପ୍ରାଣୀକୁ ସୁଗତି ।
ଭୋ ରାଜନ ତାହା ତୁମ୍ଭେ ଶୁଣ ମନଦେଇ
ଗୋଟି ଗୋଟି କରି ମୁହିଁ ଦେଉଛି ବୁଝାଇ ।

Digitized by srujanika@gmail.com

ଏତେକହି ଧର୍ମରାଜ ଶ୍ରୀହରି ସୁମରି
ନୃପ ଆଗେ ଆରମ୍ଭିଲେ ଅତି ଶ୍ରଦ୍ଧାକରି ।
ପରର ବିନାଶ ପାଇଁ ଶ୍ରଦ୍ଧାକରି ମନେ
ଜନ ଯେବେ ପ୍ରବର୍ତ୍ତଇ ଶ୍ରୀହରି ଭଜନେ ।
ଅଧମ ତାମସ ଭକ୍ତ ତାହାକୁ ବୋଲନ୍ତି
କଦାପି ତହିଁରେ ନ ମିଳଇ ମୋକ୍ଷଗତି ।
ବିଟପୀ ରମଣୀ ଯେହ୍ନେ ଆପଣା ପତିକୁ
କପଟ ଆଚରେ ଶ୍ରଦ୍ଧା କରିଣ ପରକୁ ।
ସେହିପରି କପଟରେ ହରିଙ୍କୁ ଭଜିଲେ
ମଧମ ତାମସ ଭକ୍ତି ତାକୁ ଶାସ୍ତ୍ର ବୋଲେ ।
ଅନ୍ୟକୁ ଦେଖି ଯେ ଦେବ ପୂଜା ପରାୟଣ
ଅହଙ୍କାର ବିନେ କରେ ଶ୍ରୀହରି ଭଜନ ।
ତାର ସେ ଭକତି ଅଟେ ଉତ୍ତମ ତାମସ
ଯଥାର୍ଥ ବଚନ ଏହା ଜାଣ ହେ ନରେଶ ।
ଧନ ଧାନ୍ୟ ପାଇବାକୁ ଶ୍ରଦ୍ଧାକରି ମନେ
ଭକ୍ତିରେ ଯେ ପ୍ରବର୍ତ୍ତଇ ଶ୍ରୀହରି ଭଜନେ ।
ଯାର ସେ ଭକତି ଅଟେ ଅଧମ ରାଜସ
ଏଥକୁ ଅନ୍ୟଥା ମନେ ବିଚାର ନରେଶ ।
ଅନ୍ତର ପବିତ୍ର କରି ଭକତି ଭାବରେ
ଶ୍ରୀହିରଙ୍କ ପାଦପଦ୍ମ ଯେହୁ ପୂଜାକରେ ।
ମଧମ ରାଜସ ଭକ୍ତି ତାହାର ଅଟଇ
ସର୍ବଦା ପ୍ରୀତ ହୁଅନ୍ତି ଜଗତ ଗୋସାଇଁ ।
ସାଲୋକ୍ୟାଦି ମୁକ୍ତି ମନେ ପ୍ରାର୍ଥନା କରିଣ
ଶ୍ରୀହରି ପୂଜାରେ ରତହୁଏ ଯେଉଁ ଜନ ।
ଉତ୍ତମ ରାଜସ ଅଟେ ତାର ସେ ଭକତି
ଅନ୍ତକାଳେ ସେ ଭକ୍ତିରୁ ମିଳେ ଦିବ୍ୟ ଗତି ।
ଆପେ ଅର୍ଜିଥିବା ପାପକ୍ଷୟ ହେବା ପାଇଁ
ଅତ୍ୟନ୍ତ ଶ୍ରଦ୍ଧାରେ ଯେହୁ ହରିଙ୍କୁ ଭଜଇ ।
ମଧମ ସାତ୍ତ୍ୱିକ ତାର ସେ ଭକ୍ତି ଅଟଇ
ହେ ରାଜନ ମନେରଖ ଏହାକୁ ଚେତାଇ ।
ଭକତିରେ ବିଷ୍ଣୁ ପ୍ରୀତି ଅର୍ଥେ କର୍ମକଲେ
ମଧମ ସାତ୍ତ୍ୱିକ ଜାଣ ସେ ଭକ୍ତିକୁ ବୋଲେ ।
ମୋର ଏ କର୍ତ୍ତବ୍ୟ ବୋଲି ଯେ ବିଚାରିମନେ
ଭୃତ୍ୟ ପରି ରତ ହୁଏ ଶ୍ରୀହରି ପୂଜନେ ।
ତାର ସେ ଭକତି ଅଟେ ଉତ୍ତମ ସାତ୍ତ୍ୱିକ
ତାହାଠାରେ ତୋଷ ହୋନ୍ତି କମଳା ନାୟକ ।

ତନ୍ମୟ ଭାବରେ ଶୁଣି ମହିମା ପ୍ରଭୁର
ସନ୍ତୋଷ ଲଭଇ ଯେହୁ ଆପଣା ମନର ।
ଉତ୍ତମ ସାତ୍ତ୍ୱିକ ଭକ୍ତି ତାହାର ଅଟଇ
ଆବର କଥାଏ ତୁମ୍ଭେ ଶୁଣ ନରସାଇଁ ।
ମୁଁ ବିଷ୍ଣୁ ଅଟଇ ମୋହଠାରେ ଏ ଜଗତ
ସକଳ ପ୍ରକାରେ ହୋଇଅଛି ଅଧିଷ୍ଠିତ ।
ଏପରି ଭାବନା ସଦା ମନେ ଯେ କରଇ
ସର୍ବ ଶ୍ରେଷ୍ଠ ଭକ୍ତି ତାର ଅନ୍ତରେ ଜାଗଇ ।
ଜଗତରୁ ଉତ୍ତମ ସେ ବ୍ୟକତି ଅଟଇ
ଭକ୍ତଙ୍କ ମଧରେ ସର୍ବଶ୍ରେଷ୍ଠ ତାକୁ କହି ।
ଏହି ଯେଉଁ ଦଶବିଧ ଭକତିର ଗୀର
କହିଲି ହେ ନୃପବର ତୁମ୍ଭ ଅଗ୍ରତର ।
ବିଳମ୍ବେ ବା ଅବିଳମ୍ବେ ସଂସାରେ ବନ୍ଧନ
ଏ ଦଶବିଧ ଭକ୍ତିରେ ହୁଅଇ ଛେଦନ ।
ୟା ମଧେ ସାତ୍ତ୍ୱିକ ଭକ୍ତି ସର୍ବଶ୍ରେଷ୍ଠ ଅଟେ
ସର୍ବକାମ ସିଦ୍ଧି ସେହୁ ଦିଅଇ ନିକଟେ ।
ହେ ରାଜନ କହୁଛି ମୁଁ ହେତୁକରି ଜାଣ
ଯାର ମନ ସେବିବାକୁ ସଂସାର ବନ୍ଧନ ।
ଆପଣାର କର୍ମ ଅବରୋଧେ ସେ ବ୍ୟକତି
ନିଶ୍ଚଳ କରିବ ହରି ପାଦରେ ଭକତି ।
ସନ୍ଧ୍ୟା ବନ୍ଦନାଦି ନିଜ କର୍ମ ପରିହରି
ସମୟ ବିତାଏ ଯେହୁ ଭକତି ନ କରି ।
ବିଷ୍ଣୁ ତାହାଠାରେ କେଭେ ତୃପ୍ତ ନ ହୁଅନ୍ତି
ଏଥିର କାରଣ ମାନ ଶୁଣ ଦେଇ ମତି ।
ସନ୍ଧ୍ୟା ବନ୍ଦନାଦି ସଦାଚାରେ ନାରାୟଣ
ସୁପ୍ରୀତ ହୁଅନ୍ତି ମନେ ସନ୍ତୋଷ ହୋଇଣ ।
ଆଚାର ବ୍ୟବହାରରୁ ଧର୍ମ ହୁଏ ଜାତ
ସେହି ଧର୍ମର କରତା ଜଗତର ତାତ ।
ଏହି କାରଣୁ ଧର୍ମର ବିରୋଧ ନ କରି
ଭକତି କରିବ ପ୍ରୀତ ହେବେ ଦଇତ୍ୟାରୀ ।
ଯେଉଁ ମୂଢ଼ମତି ସଦାଚାର ତ୍ୟାଗକରେ
ଧର୍ମ ଅର୍ଥେ ମୋକ୍ଷ ପ୍ରାପ୍ତ ନୁହଇ ତାହାରେ ।
ଏଣୁ ନିଜ କୁଳାଚାର ସ୍ୱ ଜାତିର ଧର୍ମ
ରକ୍ଷାକରି ଭକତିରେ କଲେ ସତ୍ୟଧର୍ମ ।
ଧର୍ମ ଅର୍ଥ ମୋକ୍ଷ ଆଦି ବାଞ୍ଛା ଫଳ ଯେତେ
ସେ କର୍ମ ବଳରୁ ତାହା ମିଳଇ ତ୍ୱରିତେ ।

Digitized by srujanika@gmail.com

ଯାହା ପୁଚ୍ଛା କରିଥିଲ ମୋତେ ହେ ରାଜନ
ତା ସବୁ କଲି ମୁଁ ତୁମ୍ଭ ଆଗରେ କୀର୍ତ୍ତନ ।
ହେ ରାଜନ ତୁମ୍ଭେ ଧର୍ମ ପରାୟଣ ହୋଇ
ସୁଖ ଅନୁଭବ କର କହୁଅଛି ମୁହିଁ ।
ସାତ୍ତ୍ୱିକ ଭକ୍ତିରେ ଶ୍ରୀହରିଙ୍କୁ ପୂଜା କର
ତହିଁରେ କାମନା ପୂର୍ଣ୍ଣ ହୋଇବ ତୁମ୍ଭର ।
ଶିବ ବିଷ୍ଣୁ ଉଭୟରେ ଭେଦାଭେଦ ଛାଡ଼ି
ସ୍ନେହ ମନେ ପୂଜାକର ଭକ୍ତିର ସେ ବୃଡ଼ି ।
ହରି ହରଠାରେ ଭେଦଭାବ ଯେ କରଇ
ଶତକୋଟି ବ୍ରହ୍ମହତ୍ୟା ପାପ ସେ ଲଭଇ ।
ଶିବ ବିଷ୍ଣୁଙ୍କର ମଧ୍ୟେ ନାହିଁ ଭିନ୍ନାଭିନ୍ନ
ଶିବ ବିଷ୍ଣୁ ଅଟନ୍ତି ଯେ ବିଷ୍ଣୁ ତ୍ରିଲୋଚନ ।
ତାଙ୍କୁ ଭେଦକଲେ କୋଟି ନରକେ ପଡ଼ିବ
ମହା ଅପରାଧି ହୋଇ ଯମପୁରେ ଯିବ ।
ଏକଥା ନିଶ୍ଚୟ ଅଟେ ଜାଣ ଭଗୀରଥ
ଆବର କଥାଏ ଶୁଣ କହିବା ଯଥାର୍ଥ ।
ଆତ୍ମାଘାତି ଘାତକରୁ ତୁମ୍ଭ ପିତୃଗଣ
ନରକରେ ପଡ଼ିଛନ୍ତି ଅମୋକ୍ଷ ହୋଇଣ ।
କପିଳ ଋଷିଙ୍କ କୋପାନଳେ ଦଗ୍‌ଧ ହୋଇ
ନର୍କେ ବାସ କରିଛନ୍ତି ସଦ୍‌ଗତିକି ପାଇ ।
ବିଦ୍ୟାବନ୍ତ ଅଟ ତୁମ୍ଭେ ନୃପ ମହାଭାଗ
ଗଙ୍ଗାଜଳ ଦେଇ ତାଙ୍କୁ ମୋକ୍ଷ କର ଆଗ ।
ଗଙ୍ଗାଜଳ ସ୍ପର୍ଶ କଲେ ତୁମ୍ଭ ପିତୃଗଣ
ପାପରୁ ନିସ୍ତରି ସ୍ୱର୍ଗପୁରେ ଯିବେ ପୁଣ ।
ଆବର ସମଗ୍ର ପାପନାଶେ ଗଙ୍ଗାନୀର
ତହିଁରେ ଯେ ମୋକ୍ଷଫଳ ଲାଭ କରେ ନର ।
କାର କେବା କିବା ଅସ୍ଥି ଯେବେ ଗଙ୍ଗାଜଳେ
ପଡ଼େ ବାଉଳାରେ କିବା ପକାଏ କେ ବେଳେ ।
ତେବେ ସେହି ବ୍ୟକତିର ପାପ ଯାଏ ନାଶ
କହିଲି ତୁମ୍ଭରି ଆଗେ ସକଳ ସନ୍ଦେଶ ।
ଆବର କଥାଏ ତୁମ୍ଭେ ଶୁଣ ହେତୁକରି
ପରମ ପଦ ଯେ ପାଏ ପାପରୁ ନିସ୍ତରି ।
ଗୁପତରୁ ଗୁପ୍ତ କଥା ଅଟଇ ଯେ ଏହି
ତୁମ୍ଭ ଭକ୍ତି ଦେଖି କହୁଛି ମୁଁ ଦୟାବହି ।
ପାପ ବିନାଶିନୀ ଗଙ୍ଗା ପାତକ ନିବାରେ
ଗଙ୍ଗାଜଳ ବିନ୍ଦୁ ଯେବେ ପଡ଼େ ହୃଦୟରେ ।
ପରମପଦରେ ପାଏ ଏ କଥା ନିଶ୍ଚୟ
ଗଙ୍ଗାସ୍ନାନ କଲେ ନାହିଁ ଯମଦଣ୍ଡ ଭୟ ।
ଯେତେକ ପାପର କଥା ମୁଁ ତୁମ୍ଭ ଅଗ୍ରତେ
ବୁଝାଇ କହିଲି ନୃପ ଶୁଣ ତୋଷଚିତ୍ତେ ।
ଗଙ୍ଗାଜଳ ବିନ୍ଦୁମାତ୍ର ଅଭିଷେକ ହେଲେ
ସେ ସବୁ ପାପରୁ ପ୍ରାଣୀତରିଯାଏହେଲେ ।
କହନ୍ତି ନାରଦ ମୁନି ଶୁଣ ଋଷିଗଣ
ଭଗୀରଥ ଆଗେ ଏହା କହି କନ୍ତୁରାଣ ।
ଅନ୍ତର୍ଦ୍ଧାନ ହୋଇ ଶୂନ୍ୟମାର୍ଗେ ଚଳିଗଲେ
ସଂଜୀବନୀ ପୁରେ ଯାଇ ପ୍ରବେଶ ହୋଇଲେ ।
ଯମ ଧର୍ମରାଜାଠାରୁ ଶୁଣି ଏ ବୃତ୍ତାନ୍ତ
ତପ କରିବାକୁ ବାହାରିଲେ ଭଗୀରଥ ।
ପାତ୍ର ମନ୍ତ୍ରୀ ଅମନାତ୍ୟ ଇତ୍ୟାଦି ଡକାଇ
ରାଜ୍ୟ ସମର୍ପଣ କଲେ ଅଯୋଧ୍ୟାର ସାଇଁ ।
ତାହାଙ୍କ ଉପରେ ରାଜ୍ୟ ଭାର ସେ ଦେଇଣ
ତପ କରିବା ମାନସେ ଚଳିଲେ ତକ୍ଷଣ ।
ହିମାଳୟ ଅଭିମୁଖେ କରିଲେ ଗମନ
ଭାବି କହେ ଗୀତେ କ୍ଷେତ୍ରବାସୀ ଦୀନ ହୀନ ।

ଇତି ଶ୍ରୀ ବୃହଦ୍ ନାରଦ ପୁରାଣେ ଯମ
ଭଗୀରଥ କଥୋପକଥନେ ନାମ
ଚତୁର୍ଦ୍ଦଶୋଽଧ୍ୟାୟଃ ।

---•----

## ପଞ୍ଚଦଶ ଅଧ୍ୟାୟ

### ଗଙ୍ଗାକୁ ଆଣି ଭଗୀରଥଙ୍କର ପୂର୍ବ ପୁରୁଷ ଉଦ୍ଧାର ଓ ସେମାନଙ୍କର ପୁରକୁ ଗମନ କରିବା

ଏଥୁଅନ୍ତେ ଯାହାହେଲା ଶୁଣ ମନଦେଇ
ସୁତକୁ ପୁଚ୍ଛିଲେ ଋଷିଗଣମାନେ ତହିଁ ।
ପୃଥ୍ୱୀପତି ଭଗୀରଥ ଯାଇ ହିମାଳୟ
କି କଲେ ଆମ୍ଭକୁ କୁହ ତପିଙ୍କର ରାୟ ।
ତାହାଙ୍କ ବଚନ ଶୁଣି ସୁତ ମୁନିବର
କହିବାକୁ ଆରମ୍ଭିଲେ ଭଗୀରଥ ଗୀର ।
ବୋଇଲେ ଶୁଣ ସକଳ ଋଷି ମନଦେଇ
ହିମାଳୟ ଗଲେ ଭଗୀରଥ ନରସାଇଁ ।

Digitized by srujanika@gmail.com

ବନମଧ୍ୟେ ବସି ମୁଣ୍ଡେ ଜଟାକୁ ବାନ୍ଧିଲେ
ବସନ ବର୍ଜନ କରି କୌପୀନ ପିନ୍ଧିଲେ ।
ତପ କରିବାକୁ ଗୋଦାବରୀ ନଦୀତଟେ
ପ୍ରବେଶିଲେ ଭୃଗୁଙ୍କର ଆଶ୍ରମ ନିକଟେ ।
ସେ ତପିଙ୍କର ଆଶ୍ରମ ଅତି ମନୋହର
ବନ୍ୟ ଜନ୍ତୁଏ ନିର୍ଭୟେ କରନ୍ତି ବିହାର ।
କୃଷ୍ଣସାର ହରିଣ ଯେ ମୃଗ ଯୂଥ ଯୂଥ
ବାସ କରିଛନ୍ତି ସେ ସ୍ଥାନରେ ଅବିରତ ।
ଫୁଲ ବଗିଚାରୁ ପୁଷ୍ପ ରସକରି ପାନ
ଝଙ୍କାର କରନ୍ତି ହୃଷ୍ଟେ ମଧୁ ଇତଗଣ ।
ଶୁକପିକ ଆଦି ପକ୍ଷୀମାନଙ୍କର ଧ୍ୱନି
ଜାତ ହୋଇ ସ୍ତବ୍ଧ କରାଉଛି କାନ ବେନି ।
ବରାହ ଚାମର ମୃଗ ଆଦି ଜୀବଗଣ
ନିର୍ଭୟ ମନରେ କରୁଛନ୍ତି ବିଚରଣ ।
ମୟୂରେ କରନ୍ତି ନୃତ୍ୟ କେକାରବ କରି
ଚାତକ ମଧରେ ପଡୁଅଛି ବର୍ଷାବାରି ।
ପକ୍ଷୀ ପଶୁଗଣ ଆଦି ବନ୍ୟଜନ୍ତୁ ଯେତେ
ସଂଖ୍ୟାକରି ତବ ଆଗେ କହିବା ବା କେତେ ।
ଆନନ୍ଦ ମନରେ ସର୍ବ ଋଷିଗଣ ମିଳି
କେତେ ବୃକ୍ଷ ପାଳିଛନ୍ତି ମୂଳେ ଜଳଢାଳି ।
ଶାଳ ତାଳ ହତାଳ ଯେ ତା ମୂଳେ ସହିତେ
ମହାବୃକ୍ଷ ଗଣ ତହିଁ ପୂରିଛନ୍ତି କେତେ ।
ତାହାଙ୍କର ଶୋଭାମାନ କଳନା ନ ଯାଏ
ଫଳଭାରେ ଅବନତ ମହୀ ହୋଇଯାଏ ।
ମାଳତୀ ଯୂଥିକା କୁନ୍ଦ ଆଦି ପୁଷ୍ପଗଣ
ସେବତୀ ପାଟଳୀ କୁରୁବକ ସହିତେଣ ।
ଏମାନଙ୍କୁ ଆଦି ଲତା ପୁଷ୍ପବୃକ୍ଷ ଯେତେ
ସେ ବନରେ ପୂରିଛନ୍ତି କହିବଇଁ କେତେ ।
ପୁଷ୍ପମାନଙ୍କର ଗନ୍ଧ ମନ ମୁଗ୍ଧକରେ
ଜନ ପ୍ରାଣୀମାନଙ୍କର ମାନସକୁ ହରେ ।
ସେ ପୁଣ୍ୟ ଆଶ୍ରମେ ସବୁକାଳେ ଋଷିଗଣ
ରହିଛନ୍ତି ଆନନ୍ଦରେ ଉତ୍‌ଫୁଲ ହୋଇଣ ।
ସନ୍ତତରେ ବଂଶୀଧ୍ୱନି ଶୁଭେ ସେଠାବରେ
ଭୟ ନାହିଁ ତିଳେମାତ୍ର କାହାରି ମନରେ ।
ଏମନ୍ତ ସେ ଭୃଗୁ ଋଷିଙ୍କର ପୁଣ୍ୟାଶ୍ରମ
ତହିଁ ପ୍ରବେଶିଲେ ଭଗୀରଥ ମହୋତ୍ତମ ।
ସଙ୍ଗେ ବହୁଶିଷ୍ୟ ଘେନି ଭୃଗୁ ତପୋଧନ
ମୃଗଚର୍ମେ ବସିଥିଲେ ଆନନ୍ଦ ମନେଣ ।
ଦିଶୁଥିଲା ତେଜ ପୁଞ୍ଜ ଅନଳ ପରାୟେ
ତାଙ୍କୁ ପ୍ରଣାମ କରିଲେ ଭଗୀରଥ ରାୟ ।
ତାହାଦେଖି ଭୃଗୁଋଷି ଆନନ୍ଦିତ ହୋଇ
କଲ୍ୟାଣ ବାଞ୍ଛି ରାଜାଙ୍କୁ ତୋଷେଗଲେ ନେଇ ।
କୁଟୀର ମଧରେ ରହି ବୀର ଭଗୀରଥ
ଜଣାଇଲେ ମନକଥା ଋଷିଙ୍କୁ ତୁରନ୍ତ ।
ହେ ମହାତ୍ମା ମୁନିବର ତପିଙ୍କ ପ୍ରଧାନ
ଜ୍ଞାନ ଚକ୍ଷୁରେ ସମସ୍ତ ଜାଣିଛ ଆପଣ ।
ଶାସ୍ତ୍ରମାନଙ୍କର ପୁଣି ଅଟ ଧୂରନ୍ଧର
ପୂରିଅଛି ସର୍ବ ଧର୍ମ ତବ ହୃଦୟର ।
ଏ କାରଣୁ ଆପଣଙ୍କୁ ପଚାରୁଛି ମୁହିଁ
ସନ୍ତୋଷ କରାଅ ମୋତେ ଧର୍ମ କର୍ମ କହି ।
ତାହାଙ୍କୁ ପଣ୍ଡିତ ଗଣ ସବୁ ଲୋକଙ୍କର
ହିତବୋଲି ନାମ ଦେଇଛନ୍ତି ମନେକର ।
ଧର୍ମ ଯେ ଅଧର୍ମ ବିବେଚନା ନ କରିଣ
ଇଚ୍ଛାନୁରୂପେ କହିବା ଯେବଣ ବଚନ ।
ମଙ୍ଗଳ କାର୍ଯ୍ୟରେ ବିରୋଧୀ ଯେ ବାକ୍ୟ ହୁଏ
ସେହିଟି ଅନୃତ ହୁଏ ଜାଣ ନରରାୟେ ।
ସବୁ ଲୋକଙ୍କର ଶତ୍ରୁ ଅଟେ ଯେଉଁ ଜନ
ଯା ବୁଦ୍ଧି କରଇ ସଦା କୁପଥେ ଗମନ ।
ସକଳ କର୍ମରୁ ବହିଷ୍କୃତ ସେ ଅଟଇ
ସେ ଦୁର୍ଜନ ବୋଲି ସୁପଣ୍ଡିତେ ଛନ୍ତି କହି ।
ମୂର୍ଖଙ୍କୁ ଦୁର୍ଜନ ବୋଲି କହନ୍ତି ସକଳେ
ଯେଣୁ ତା ହୃଦରେ ଦୟା ଧର୍ମ ନାହିଁ ତିଳେ ।
ଧର୍ମାଧର୍ମ ବିବେଚନା କରି ଯେ ସଂସାରେ
କର୍ମ କରୁଥାଏ ବେଦବାକ୍ୟ ଅନୁସାରେ ।
ଆବର କରଇ ସବୁ ପ୍ରାଣୀଙ୍କର ହିତ
ସେ ଅଟଇ ସାଧୁ ଜାଣ ନୃପ ଭଗୀରଥ ।
ପୂର୍ବେ ସଭାକରି କହିଛନ୍ତି ସାଧୁଗଣ
ଈଶ୍ୱରଙ୍କ ପ୍ରୀତିକର କାର୍ଯ୍ୟ ଯେଣେ ଶୁଣ ।
ଯାହାକୁ କରନ୍ତି ସେବା ଉତ୍ତମ ବ୍ୟକ୍ତିଏ
ଯେଉଁ କାର୍ଯ୍ୟ ଆପଣାର ପୀରତି ଜନ୍ମାଏ ।
ସେ ଏକା ଅଟଇ ପୁଣ୍ୟ ଏଥେଁ ନାହିଁ ଆନ
ମନମଧ୍ୟେ ହେତୁକରି ରଖ ହେ ରାଜନ ।

Digitized by srujanika@gmail.com

ବିଷ୍ଣୁମୟ ଅଟଇ ଏ ସମଗ୍ର ଜଗତ
ସବୁରି କାରଣ ଏକା ସେ ଆଦି ଅନନ୍ତ ।
ମୁଁ ବିଷ୍ଣୁ ଅଟଇ ଏହି ରୂପ ଯେ ଭାବନା
ସେ ବିଷ୍ଣୁ ସ୍ମରଣ ଅଟେ ଜାଣ ମହାମନା ।
ସଂସାରେଦେବତା ଯେତେ ବିଷ୍ଣୁ ସେ ସକଳ
ବିଷ୍ଣୁବିନା ଅନ୍ୟ କିଛି ନାହିଁ ଏ ଶୟଳ ।
ବିଷ୍ଣୁଙ୍କ ପୂଜାରେ କଉଣସି ବିଧି ନାହିଁ
ଏମନ୍ତ ପ୍ରୀତିକି ଭକ୍ତି ବୋଲି ଛନ୍ତି କହି ।
ନିତ୍ୟ ସ୍ୱରପ ଯେ ପୂର୍ଣ୍ଣ ବ୍ରହ୍ମମୟ ହରି
ସବୁରି ଅନ୍ତରେରହିଛନ୍ତି ବାସକରି ।
ଏପରିଅଭେଦ ଜ୍ଞାନମୟ ଯେ ଭକତି
ତାକୁ ପୂଜା ବୋଲି ଭକ୍ତଗଣ କହିଛନ୍ତି ।
ଶତ୍ରୁମିତ୍ର ଦୁଇଠାରେ ସମାନ ଯେ ଜ୍ଞାନ
ଆପଣାର ଜିତେନ୍ଦ୍ରିୟ କାର୍ଯ୍ୟ ଯେହୁ ପୁଣ ।
ଯାହା ମିଳୁ ତହିଁରେ ଯେ ପରମ ସନ୍ତୋଷ
ତା ନାମ ଅଟଇ ଶାନ୍ତି ଜାଣ ନରଈଶ ।
ହେ ନୃପ କହିଲି ଯେତେ କଥା ମୁଁ ବୁଝାଇ
ଏ ସବୁ କାର୍ଯ୍ୟରେ ତପ ସିଦ୍ଧିଲାଭ ହୋଇ ।
ଆବର ଅଚିରେ ପାପରାଶି ନଷ୍ଟ ଯାଏ
ହୃଦରେ ଉତ୍ତମ ଜ୍ଞାନ ଉଦୟକୁ ପାଏ ।
ଯେଉଁ ମନ୍ତ୍ର ଅଟେ ସର୍ବ ପାପ ବିନାଶନ
ଏକମାତ୍ର ପୁରୁଷାର୍ଥ କରଇ ସାଧନ ।
ସେହି ଅଷ୍ଟାକ୍ଷର ମନ୍ତ୍ର ଶୁଣ ମୁଁ କହୁଛି
ଏକମନେ ଶୁଣ ଆନ ନ ବିଚାରି କିଛି ।
ସବୁ ସିଦ୍ଧି ଦେବାପାଇଁ ଯେ ଅଟେ ସମର୍ଥ
ବିଷ୍ଣୁଙ୍କର ପ୍ରୀତି ଜନମାଏ ସେ ସନ୍ତତ ।
ତା ତୁମ୍ଭଙ୍କୁ କହୁଅଛି ଶୁଣ ହେ ରାଜନ
ଅନ୍ୟକୁ ନ କହି ମନ୍ତ୍ର କରିବ ଗୋପନ ।
ପ୍ରଥମେ ଓଁକାର ପରେ ନାରାୟଣ ନାମ
ଚତୁର୍ଥ୍ୟନ୍ତେ ଉଚ୍ଚାରିବ ସୁସ୍ଥିର ହୋଇଣ ।
ଏଥିରେ ହେ ଅଷ୍ଟାକ୍ଷର ମନ୍ତ୍ର ହେବ ଜାତ
ତା ଜପିବ ସ୍ଥିରକରି ଆପଣାର ଚିତ୍ତ ।
ଯାର ବାମକ୍ରୋଡ଼େ ଲକ୍ଷ୍ମୀ କରିଛି ନିବାସ
ନାନା ଅଳଙ୍କାରେ ଅଳଙ୍କୃତ ଯେ ପୁରୁଷ ।
ବକ୍ଷସ୍ଥଳେ ବିରାଜଇ ଶ୍ରୀବତ୍ସଲାଞ୍ଛନ
ହୃଦରେ କୌସ୍ତୁଭ ମଣିମାଳା ଲମ୍ବମାନ ।
ଶ୍ରୀହସ୍ତରେ ଦାନ କରୁଅଛନ୍ତି ଅଭୟ
ପାଦରେ ନମନ୍ତି ଦେବାସୁର ସମୁଦାୟ ।
ଶଙ୍ଖଚକ୍ର ଗଦାପଦ୍ମ ବିରାଜଇ ଭୁଜେ
ମକରକୁଣ୍ଡଳ ବେନି ଶ୍ରବଣରେ ସାଜେ ।
କିରୀଟ କେୟୁର ଆଦି ନାନା ଆଭରଣ
ଶ୍ରୀଅଙ୍ଗକୁ ଦିଶୁଅଛି ଅତି ଶୋଭମାନ ।
ପୀତବସ୍ତ୍ର ଧାରୀ ସେ ଯେ ତ୍ରିଭୂବନପତି
ଭକ୍ତଙ୍କୁ ଅଭୀଷ୍ଟ ଫଳ ପ୍ରଦାନ କରନ୍ତି ।
ଏମନ୍ତ ଯେ ଶାନ୍ତମୂର୍ତ୍ତି ନାରାୟଣଙ୍କର
ନିଜ ହୃଦୟରେ ଧ୍ୟାନ କରେ କେଉଁ ନର ।
ସେହି ମୂରତିକୁ ହୃଦୟରେ ଦେଖିପାରେ
ସର୍ବ ମଙ୍ଗଳ ସେ ଲାଭ କରଇ ଅଚିରେ ।
ହେ ନୃପ ବିଶ୍ରାମ କର ତୁମ୍ଭେ ମୋ ଆଶ୍ରମେ
ଲଭିବ ସକଳ ସୁଖ ଶାନ୍ତି କ୍ରମେ କ୍ରମେ ।
ଏ ସଂସାର ସାଗରର ଉଦ୍ଧାର କରତା
ଏକମାତ୍ର ହରି ଏହା ଜଣାଶୁଣା କଥା ।
ସେ ହରି ତୋଷ ହୁଅନ୍ତି କେଉଁ କର୍ମ କଲେ
ତା ମୋତେ ବତାଅ ଋଷିବର ଦୟା ଥିଲେ ।
କେଉଁ କର୍ମ କଲେ ଭୂତ ଭାବନା ଶ୍ରୀହରି
ପୂଜିତ ହୁଅନ୍ତି ତାହା କୁହ ତପଚାରୀ ।
ଆପଣଙ୍କ ଶ୍ରୀମୁଖରୁ ଶୁଣି ଏ ବଚନ
ମନରେ ବଢ଼ିଛି ମୋର ଉତ୍ସାହଟି ଜାଣ ।
ଏହାଶୁଣି ଭୃଗୁଋଷି ଆନନ୍ଦିତ ହୋଇ
କହି ଆରମ୍ଭିଲେ ଭଗୀରଥଙ୍କୁ ଯେ ତହିଁ ।
ଯେଉଁ କଥା ପଚାରିଲ ତୁମ୍ଭେ ମୁନିବର
ସେ ବିଷୟମାନ ମୋର ହୋଇଛି ଗୋଚର ।
ମୁଁ ଜାଣୁଛି ତୁମ୍ଭେ ଅଟ ମହା ପୁଣ୍ୟବାନ
ତା ନୋହିଲେ କିମ୍ପା ଦୁଃଖ ସହନ୍ତ ଏସନ ।
ନିଜ ପୂର୍ବ ପୁରୁଷଙ୍କୁ ଉଦ୍ଧାରିବା ପାଇଁ
ନ ଆସିଥାନ୍ତ ବନକୁ ଏତେ କଷ୍ଟ ସହି ।
ଯେ କୌଣସି ବ୍ୟକ୍ତି ଗଙ୍ଗା ଜଳ ସେବାକରେ
ଆତ୍ମୀୟ ଗଣଙ୍କ ମୋକ୍ଷ ନିମନ୍ତେ ବିଚାରେ ।
ତୁମ୍ଭେ ତାକୁ ନର ରୂପୀ ହରି ବୋଲି ଜାଣ
ଖୋଜିବାକୁ ନାହିଁ ଏଥେଁ ଅପର କାରଣ ।
ଯେଉଁ କର୍ମ କଲେ ହରି ମନୁଷ୍ୟ ଗଣଙ୍କୁ
ଇଷ୍ଟ ଫଳ ଦ୍ୟନ୍ତି ଶୁଣ କହିବା ତୁମ୍ଭଙ୍କୁ ।

Digitized by srujanika@gmail.com

ହେ ରାଜନ ତୁମ୍ଭେ ସତ୍ୟାବଲମ୍ବନ କର
ହିଂସା ନ କରିବ ଆଉ ପ୍ରାଣୀଙ୍କ ଉପର ।
ସର୍ବଦା କରିବ ପ୍ରାଣୀ ଗଣଙ୍କର ହିତ
ମିଥ୍ୟା ନ କହିଣ ସତ୍ୟ କହିବ ଉଦନ୍ତ ।
ଦୁର୍ଜନମାନଙ୍କ ସଂଗେ ସଙ୍ଗ ନ ହୋଇବ
ପ୍ରତି ଦିନ ସାଧୁ ସଂଗେ ସଙ୍ଗ ହୋଇଥିବ ।
ଦିବାରାତ୍ର ପୁଣ୍ୟ କର୍ମମାନ କରାଇଣ
ବିଷ୍ଣୁଙ୍କୁ ପୂଜିବ ଭକ୍ତିଅର୍ଘ୍ୟ ସଜାଡ଼ିଣ ।
ସନ୍ତତ କରିବ ବିଷ୍ଣୁ ଲୋକଙ୍କର ପୂଜା
ଶାନ୍ତିକି ଆଶ୍ରୟ କରିଥିବ ତୁମ୍ଭେ ରାଜା ।
ଏମନ୍ତ ଶାନ୍ତିରେ ରହି ବସି ପୁଣ୍ୟ ସ୍ଥାନେ
ଅଷ୍ଟାକ୍ଷର ମନ୍ତ୍ର ଜପକରି ରାତ୍ର ଦିନେ ।
ଏକାଗ୍ର ଚିତ୍ତରେ ତପ କରିଲେଟି ଜାଣ
ମଙ୍ଗଳ ଏଥିରେ ହେବ ଆହେ ନରରାଣ ।
ଏହାଶୁଣି ଭଗୀରଥ ବୋଇଲେ ବଚନ
ଆପଣ କହିଲେ ଯାହା ପାଇଲା ମୋ ମନ ।
ଆବର କଥାଏ ମୋତେ କହ ଦୟାକରି
ଅହିଂସା ଯାହାକୁ କହ ଅଟେ କେଉଁପରି ।
ପୁଣି କି କରିଲେ ହେବ ପ୍ରାଣୀଙ୍କର ହିତ
କେ ଦୁର୍ଜନ କେ ସୁଜନ କହ ତପୋବନ୍ତ ।
କେଉଁମାନେ ସାଧୁପ୍ରାଣୀ ପୁଣି କି ପ୍ରକାରେ
କିପରି ବିଷ୍ଣୁଙ୍କୁ ଚିତ୍ତେ ସୁମରିବେ ନରେ।
କେବଣ ବିଧାନେ ପୂଜା ହୁଏ ବିଷ୍ଣୁଙ୍କର
କାହାକୁ ବୋଲନ୍ତି ଶାନ୍ତି ସୁପଣ୍ଡିତ ନର ।
ଅଷ୍ଟାକ୍ଷର ମନ୍ତ୍ରକୁ ମୁଁ ଜାଣିବି କେମନ୍ତେ
ତୁମ୍ଭେ ତାହା ଦୟାକରି କୁହ ମୋ ଅଗ୍ରତେ ।
ଆପଣା ସନ୍ତାନ ସମ ମୋତେ ଜ୍ଞାନକରି
ଏ ସବୁ ବିଷୟମାନ କୁହ ତପଚାରୀ ।
ଏହାଶୁଣି ତପୋବର ଆନନ୍ଦିତ ହୋଇ
ବୋଇଲେ ହେ ଭଗୀରଥ ଶୁଣ ମନଦେଇ ।
ମହାପ୍ରଜ୍ଞ ଅଟ ତୁମ୍ଭେ ସାଧୁ ନୃପବର
ଅତ୍ୟନ୍ତ ନିର୍ମଳ ବୁଦ୍ଧି ଅଟଇ ତୁମ୍ଭର ।
ଯାହା ମୋତେ ପୁଚ୍ଛାକଲ ଶୁଣିବା ମାନସେ
ତାହାସବୁ କହୁଅଛି ଶୁଣ ପ୍ରୀତିବଶେ ।
ଯଥାର୍ଥ ବଚନ ଯାହା ତା ଅଟଇ ସତ୍ୟ
ଅନ୍ୟାୟ ଯହିଁରେ ଥାଏ ସେ ଅଟେ ଅସତ୍ୟ ।
ଧର୍ମର ବିରୋଧ ନ ହୁଅଇ ଯେ ବାକ୍ୟରେ
ସେ ସତ୍ୟ ଅଟଇ ଜାଣ ସବୁରି ମତରେ ।
ଦେଶ କାଳ ପାତ୍ର ବ୍ରତାଦିକୁ ଲକ୍ଷ୍ୟକରି
ପୂର୍ବାପର ବର୍ତ୍ତମାନ କର୍ମକୁ ବିଚାରି ।
ଆପଣା କର୍ମର ଅବିରୋଧୀ ଯେ ବଚନ
ପ୍ରୟୋଗ କରିବ ତାହା ସତ୍ୟ ବୋଲିଜାଣ ।
ଯାହାକରେହିଂସା ନାହିଁ କୌଣସି ପ୍ରାଣୀର
ଯେଉଁ କର୍ମ ନୋହେ କାହା ପ୍ରତି କ୍ଳେଶକର ।
ଅହିଂସା କର୍ମ ଯେ ସର୍ବ କାମାର୍ଥ ଦାୟକ
ସେହିଟି ଅହିଂସା ଜାଣ ହେ ନର ନାୟକ ।
ଧର୍ମ କର୍ମମାନଙ୍କର ସହାୟ ଯେ ହୁଏ
ଅଧର୍ମ କର୍ମର ଶତ୍ରୁପ୍ରାୟ ହୋଇଥାଏ ।
ନାରାୟଣଙ୍କର ମନ୍ତ୍ର ମୁଖେ ଜପକରି
ସଂସାର ସାଗରମଧୁ ହେଳେ ଯାଅ ତରି ।
ସଂସାର ସାଗର ଯେହ୍ନେ ଅନାଦି ପ୍ରବୃଦ୍ଧ
ଯେପରି ଅଟନ୍ତି ବିଷ୍ଣୁ ମନେ କର ବୋଧ ।
ଏ ସଂସାରୁ ସେହି ଏକା କରନ୍ତି ମୁକତ
ଜଗତର କରତା ଯେ ଅନାଦି ଅନନ୍ତ ।
ମନବାଞ୍ଛା ଫଳକୁ ଯେ ପ୍ରଦାନ କରନ୍ତି
ସର୍ବ ଅନ୍ତର୍ଯ୍ୟାମୀ ସେହୁ ଅଗତିର ଗତି ।
ଜ୍ଞାନରୂପୀ ନିତ୍ୟ ସ୍ୱରୂପ ଯେ ପରଂବ୍ରହ୍ମ
ଯେ ତାହାକୁ ନ ଜାଣେ ସେ ମନୁଷ୍ୟଅଧମ ।
ମୋତେ ଯାହା ପୁଚ୍ଛାକରିଥିଲ ନୃପବର
ତାହା ସବୁ କହିଲଇଁ ତୁମ୍ଭ ଅଗ୍ରତର ।
ହେ ରାଜା ମଙ୍ଗଳ ହେଉ ତୁମ୍ଭରଟି ଜାଣ
ତପସ୍ୟାରେ ସିଦ୍ଧିଲାଭ କର ତତକ୍ଷଣ ।
ତପସିଦ୍ଧ କରି ମହାସୁଖେ ଚଳିଯାଅ
ନିର୍ମଳ କୀରତି ତିନି ଲୋକରେ ରଖାଅ ।
କହନ୍ତି ଯେ ସୁତ ମୁନି ଋଷି ଗଣେ ଶୁଣ
ଏପରି ବର ଦିଅନ୍ତେ ଭୃଗୁ ତପୋଧନ ।
ଅତି ତୋଷ ହୋଇ ଭଗୀରଥ ନୃପବର
ପାଦତଳେ ଦଣ୍ଡବତ କଲେ ଭୃଗୁଙ୍କର ।
ତଦନ୍ତେ ଅନୁଜ୍ଞା ମାର୍ଗେ ତହୁଁ ଚଳିଗଲେ
ତପସ୍ୟା କରିବା ପାଇଁ ବନଗାମୀ ହେଲେ ।
ହିମାଳୟ ପର୍ବତର ମନୋହର ଦେଶେ
ନିବାସ କରିଲେ ତହିଁ ଯାଇଁ ମହାତୋଷେ ।

Digitized by srujanika@gmail.com

ଅତି ମନୋହର ଗଙ୍ଗାତୀର ସେ ଅଟଇ
ସେଠାରେ ରହିଲେ ରାଜା କୁଟୀରତୋଳାଇ
ନାଗେଶ୍ୱର ନାମେ ମହାକ୍ଷେତ୍ର ଥିଲା ତହିଁ
ବ୍ରତୀ ହୋଇ ତପ କଲେ ସେଠାବରେ ରହି ।
ଅତ୍ୟନ୍ତ କଠୋର ତପ କଲେ ଅନୁଷ୍ଠାନ
ଦିନକୁ ଦିନ ସେ ତପହେଲା ବର୍ଦ୍ଧମାନ ।
ତ୍ରିକାଳରେ ସ୍ନାନ କରି ଫଳ ମୂଳ ଖାଇ
ସର୍ବଦା ଅତିଥି ସେବା କଲେ ନରସାଇଁ ।
ସନ୍ଧ୍ୟା ବନ୍ଦାପନା ହୋମ ନିୟମାଦି ଯେତେ
ତାହାସବୁ କଲେ ମନ ଦେଇ ବିଧିମତେ ।
ସକଳ ପ୍ରାଣୀମାନଙ୍କ ହିତାକାଂକ୍ଷୀ ହୋଇ
ଶାନ୍ତି ଗୁଣାବଲମ୍ବନ କଲେ ନୃପତହିଁ ।
ବୃକ୍ଷମାନଙ୍କର ଯେଉଁ ପାଚିଲା ପତର
ଭୂତଳେ ପଡ଼ଇ ଭକ୍ଷ କଲେ ନୃପବର ।
ଏହିପରି ନିୟମରେ ରହି ନରପତି
ବିଷ୍ଣୁଙ୍କୁ ଭଜନ କଲେ ତହିଁ ଦିବାରାତ୍ରି ।
ପତ୍ର ପୁଷ୍ପ ଫଳ ଜଳ ଦେଇ ତ୍ରିକାଳରେ
ହରିଙ୍କୁ ଭକତି କଲେ ନିର୍ମଳ ମନରେ ।
ଧୈର୍ଯ୍ୟ ଧରି ବହୁକାଳ ପରିଯନ୍ତେ ତହିଁ
ବିଷ୍ଣୁଙ୍କୁ ସ୍ମରିଲେ ପୂଜାକରି ନୃପସାଇଁ ।
ଏହି ପରକାରେ କେତେ କାଳ ବହିଯାନ୍ତେ
କୌଣସି ଶୋଚନା ମନେ ନ କରି ସୁଚିତ୍ତେ ।
ନିଃଶ୍ୱାସକୁ ରୁଦ୍ଧକରି ପ୍ରାଣାୟାମ କଲେ
ହରିଙ୍କୁ ସୁମରି ଘୋର ତପେ ରତହେଲେ ।
ଚିନ୍ତା କରୁ କରୁ ଧ୍ୟାନ ଯୋଗେ ସେ ଭୂପାଳ
କ୍ରମେ ବହିଗଲା ତହିଁ ବର୍ଷ କାଳ କାଳ ।
ନିଃଶ୍ୱାସ ବାୟୁକୁ ରୁଦ୍ଧ କରି ସେ ରାଜନ
ରହିଲେ ଏକାଗ୍ରେ କରି ହରିଙ୍କୁ ଧିଆନ ।
ତଦନ୍ତେ ନାସିକାଦ୍ୱୟ ବିଦ୍ୟରୁ ତାଙ୍କର
ଧୂମ ବାହାରିଣ ହେଲା ଅତି ଭୟଙ୍କର ।
ସେ ମହାଧୂମକୁ ଦେଖି ସର୍ବେ ଦେବଗଣ
ଅତ୍ୟନ୍ତ ଭୟରେ ସର୍ବେ ହୋଇ କମ୍ପମାନ ।
ଆପଣାର ଅଧିକାର ନେବ କି ଛଡ଼ାଇ
ଏମନ୍ତ ମନରେ ଭୟ କରି ସର୍ବେ ତହିଁ ।
ଇନ୍ଦ୍ରଙ୍କୁ ସଙ୍ଗରେ ଘେନି ସ୍ୱର୍ଗପୁରୁ ଗଲେ
କ୍ଷୀର ସିନ୍ଧୁ ତଟେ ଯାଇ ପ୍ରବେଶ ହୋଇଲେ ।

ଯେଉଁଠାରେ ମହାବିଷ୍ଣୁ କରିଛନ୍ତି ବାସ
ସେଠାରେ ପ୍ରବେଶ ହେଲେ ସକଳତ୍ରିଦଶ ।
ଯେ ଅଟନ୍ତି ଭବ ପାଶ ବିମୋଚନକାରୀ
ଦେବଙ୍କ ଉପରେ ଦେବ ଯେଉଁ ଦଇତ୍ୟାରୀ ।
ସେହି ଈଶ୍ୱରଙ୍କୁ କରଯୋଡ଼ି ସୁରଗଣ
ଯେଉଁ ସ୍ତବ କଲେ ତାହା ମନ ଦେଇଶୁଣ ।
କ୍ଷୀର ସାଗର ଉତ୍ତର ତୀରେ ଉଭାହୋଇ
ସ୍ତବ ଆରମ୍ଭିଲେ ଲଲାଟରେ କରଦେଇ ।
ଯାହାକୁ ଚିନ୍ତିଲେ ସର୍ବ ପାପ ହୁଏ ଦୂର
ଋଷିଏ କରନ୍ତି ଯା ପୟରେ ନମସ୍କାର ।
ଯାହାକୁ ପରମ ବ୍ରହ୍ମ ବୋଲି ସପ୍ତଋଷି
ବେଦାନ୍ତ ସିଦ୍ଧାନ୍ତ ବଚନରେ ଥାନ୍ତି ଭାଷି ।
ଜଗତରେ ଏକମାତ୍ର ପ୍ରଭୁ ଯେ ଅଟନ୍ତି
ପୂର୍ଣ୍ଣଚନ୍ଦ୍ର ସନାତନ ପରି ଶୁଦ୍ଧ ଜ୍ୟୋତି ।
ନିତ୍ୟ ଶୁଦ୍ଧ ଭାସ୍ୱର ଯେ ପରମ ଈଶ୍ୱର
ସେ ବିଷ୍ଣୁଙ୍କୁ ଆମ୍ଭେ କରୁଅଛୁ ନମସ୍କାର ।
ଯୋଗୀଏ ସର୍ବଦା ଧ୍ୟାନ କରନ୍ତି ଯାହାଙ୍କୁ
ନମସ୍କାର କରୁଅଛୁ ଆମ୍ଭେ ସେ ପ୍ରଭୁଙ୍କୁ ।
ନିଜ ମାୟାବଳେ ନାନା ରୂପାନ୍ତରେ ଧରି
ଯୁଗେ ଯୁଗେ ଦେବକାର୍ଯ୍ୟ କରନ୍ତି ଯେ ହରି ।
ଆମ୍ଭେ ଦେବଗଣ ତାଙ୍କ ପାଦକମଳରେ
ନମସ୍କାର କରୁଅଛୁ କରଯୋଡ଼ି ଶିରେ ।
ମତ୍ସ୍ୟ କୂର୍ମ ବରାହାଦି ନାନାଦି ମୂରତି
ଧାରଣା କରି ଯେ ସୃଷ୍ଟି ପାଳନ କରନ୍ତି ।
ସେ କାଳ ସ୍ୱରୂପୀ ଭଗବାନଙ୍କ ଚରଣେ
ନମସ୍କାର କରୁଅଛୁ ଆମ୍ଭେ ପ୍ରୀତିପଣେ ।
ଏପରି ଅନେକ ସ୍ତୁତି ବାକ୍ୟ ମୁଖେ ପଢ଼ି
ଜଣାଇଲେ ସୁରଗଣ ଶିରେ କରଯୋଡ଼ି ।
ତାହା ଜାଣି ମହା ବିଷ୍ଣୁ ତାଙ୍କ ପାଶେ ଆସି
ମଧୁର କୋମଳ ବାକ୍ୟେ କହିଲେ ଆଶ୍ୱାସି ।
ରାଜରତ୍ନ ଭଗୀରଥଙ୍କର ଯେ ଚରିତ
ବର୍ଣ୍ଣନା କରିଣ ତାହା କହିଲେ ସମସ୍ତ ।
ଆବର କହିଲେ ଭଗୀରଥ ନୃପତିର
ତାପରେ କୌଣସି ଭୟ ନାହିଁ ଯେ ତୁମ୍ଭର ।
ଏହା ଜାଣି ଯେଝା ଅଧିକାରେ ଚଳିଯାଅ
ମନୁ ଭୟ ଭ୍ରାନ୍ତି ତୁଡ଼ି ନିଶ୍ଚିନ୍ତରେ ଥାଅ ।

Digitized by srujanika@gmail.com

ଏହିପରି ଆଶ୍ୱାସନା ଦେବଙ୍କୁ ଦେଇଣ
ଭଗୀରଥ ପାଶେ ଚଳିଗଲେ ନାରାୟଣ ।
ଯେବଣସ୍ଥାନରେ ଭଗୀରଥ ରାଜରଷି
ତପ କରୁଥିଲେ ଦୃଢ଼ ଆସନରେ ବସି ।
ସେ ସ୍ଥାନରେ ଶଙ୍ଖ ଚକ୍ରଧାରୀ ନରହରି
ପ୍ରବେଶ ହୋଇଲେ ଶୂନ୍ୟମାର୍ଗୁ ଆସିକରି ।
ତେଜରେ ଦିଶୁଛି ଦଶଦିଗ ସମୁଜ୍ଜ୍ୱଳ
ଭାଲେ ଶୋଭାବନ ଦିଶେ କିରୀଟ କୁଣ୍ଡଳ ।
ଅତସୀ କୁସୁମ ପରି ଶରୀରର କାନ୍ତି
ପଦ୍ମପତ୍ର ପ୍ରାଏ ବେନି ନୟନ ଦିଶନ୍ତି ।
ଶିରେ ଶୋଭା ପାଉଅଛି ରତନ ମୁକୁଟ
ହୃଦେ କଉସ୍ତୁଭ ମଣି ଦିଶେ ଝଟ ଝଟ ।
ଶ୍ରୀବତ୍ସ ଲାଞ୍ଛନା ବକ୍ଷସ୍ଥଳେ ବିରାଜଇ
ବିମ୍ୱାଧରେ ମନ୍ଦହାସ କରି ଭାବଗ୍ରାହୀ ।
ଭଗୀରଥ ରାଜାଙ୍କର ସମ୍ମୁଖରେ ଆସି
ଉଭାହେଲେ ବର ଦେବାପାଇଁ ହୋଇଖୁସି ।
ତାହାଙ୍କୁ ଅଗ୍ରତେ ଦରଶନ କରି ବୀର
ତକ୍ଷଣେ ଆସନୁ ଉଠି ହେଲେ ନମସ୍କାର ।
ତଦନ୍ତେ ଶିରରେ କରଦେଇ ନରରାଣ
ସ୍ତୁତିବାକ୍ୟ ଆରମ୍ଭିଲେ ଆନନ୍ଦ ମନେଣ ।
ଗଦ୍ ଗଦ୍ ହୋଇ ଭଗୀରଥ ନରପତି
ବୋଇଲେ ହେ ରାମ କୃଷ୍ଣ ବିଷ୍ଣୁ ଶିରୀପତି ।
କୃଷ୍ଣ ବିଷ୍ଣୁ ମୁରାରୀ ହେ ମୁକୁନ୍ଦ ମାଧବ
ମୋହଠାରେ ସୁପ୍ରସନ୍ନ ହୁଅ ବାସୁଦେବ ।
ଏପରି ବୋଲନ୍ତେ ବାର ବାର ସେ ରାଜନ
ତାଙ୍କଠାରେ ତୋଷ ହୋଇ ପ୍ରଭୁ ଭଗବାନ ।
ଗମ୍ଭୀର ବଚନେ ବୋଇଲେ ହେ ଭଗୀରଥ
ନିଶ୍ଚୟ କାମନା ତବ ହୋଇବ ଯୁକତ ।
ଆଉ ଅଳପ ଦିନରେ ତୁମ୍ଭ ପିତୃଗଣ
ମୋକ୍ଷହୋଇ ଆମ୍ଭ ପୁରେ କରିବେ ଗମନ।
ଏବେ ତୁମ୍ଭେ ଆପଣାର ଶକ୍ତି ଅନୁସାରେ
ଶିବେ ଆରାଧନା କର ଯେ ଭକତିଭରେ ।
ଆମ୍ଭର କାୟ ଅଟନ୍ତି ସାକ୍ଷାତେ ଶଙ୍କର
ତାଙ୍କୁ ସ୍ତବ କଲେ ହେବ ମଙ୍ଗଳ ତୁମ୍ଭର
ଏଥିରେ ତିଳେ ସନ୍ଦେହ ନାହିଁ ନରପତି
ଆବର୍ କଥାଏ ଶୁଣ କହିବା ସମ୍ପ୍ରତି ।

ଆମ୍ଭେ ସେହି ଗିରି କନ୍ୟା ପତି ତ୍ରିଲୋଚନ
ଦେବଙ୍କ ଭକ୍ତିରେ ପୂଜା କରୁ ପ୍ରତିଦିନ ।
ଏ କାରଣୁ ସେହି ଶଙ୍କରଙ୍କୁ ପୂଜାକର
କାମନା ପୂରଣ ସେହୁ କରିବେ ତୁମ୍ଭର ।
ସ୍ତୁତି ବଚନରେ ତାଙ୍କୁ ଆରାଧନା କଲେ
କାମନା ପୂରଣ ସେହୁ କରିବେଟି ହେଲେ ।
ଉତ୍ପତ୍ତି ବିନାଶ ବର୍ଜିତ ସେ ଦେବ ଦେବ
ତାହାଙ୍କୁ ପୂଜା କରିଲେ କାର୍ଯ୍ୟ ସିଦ୍ଧି ହେବ ।
ଏତେ କହିଣ ସେ ଭୃତ୍ୟଭାବନା ଶ୍ରୀହରି
ଅନ୍ତର୍ଦ୍ଧାନ ହୋଇ ଗଲେ ଦେହ ଗୋପ୍ୟକରି ।
ବିଷ୍ଣୁଙ୍କ ମୁଖରୁ ଏହା ଶୁଣି ଭଗୀରଥ
ଜଳ ଜଳ କରି ଚାହିଁ ହୋଇଲେ ଚକିତ।
ମନେ ବିଚାରିଲେ କିବା ଦେଖିଲି ସ୍ୱପନ
କି ଅବା ଜାଗ୍ରତ କଥା ନ ଭାବଇ ମନ ।
ଏହିପରି କ୍ଷଣକାଳ ଇତସ୍ତତଃ ହୋଇ
ଏକ ସ୍ଥାନେ ବସି ପଚାରିଲେ ନରସାଇଁ ।
ପୁଣି କିଛିକାଳ ଅନ୍ତେ ଚିନ୍ତାଶୀଳ ହୋଇ
ମନେ ବିଚାରିଲେ କିସ କରିବଇଁ ମୁହିଁ ।
କଉଣସି କଥା କରି ପାରୁନାହିଁ ସ୍ଥିର
ହେ ଜଗତ ନାଥ ମୋହଠାରେ ଦୟାକର ।
ଏମନ୍ତ ଭାବନା କରୁ କରୁ ନୃପମଣି
ଶୁଭିଲା ନଭ ମଣ୍ଡଳୁ ଅଦ୍‌ଭୂତ ବାଣୀ ।
ତୁମ୍ଭେ ଯାହାଶୁଣି ରାଜା ବିହ୍ୱଳ ହେଉଛ
ସତ୍ୟ କଥା ଅଟେ ସେହି କେଭେଁ ନୁହେଁ ମିଛ ।
ମନରେ ଆଉ କୌଣସି ଶୋଚନା ନ କର
ଅଳପ ଦିନେ କାମନା ପୂରିବ ତୁମ୍ଭର ।
ଏମନ୍ତେ ଆକାଶବାଣୀ ଶୁଣି ନରପତି
ହୃଦରୁଭୟ ତୁଟାଇ ସ୍ଥିର କଲେ ମତି ।
ସକଳ ଦେବଙ୍କ ସ୍ୱରୂପ ସେ ସଦାଶିବ
ତାଙ୍କୁ ମନ ଆଉ ବଚନରେ କଲେ ସ୍ତବ ।
ଭକତଙ୍କ ଦୁଃଖ ବିନାଶନ୍ତି ଯେଉଁ ହରି
ତାହାଙ୍କ ଚରଣ ତଳେ ବିନତି ମୋହରି ।
ବେଦ ନ ଜାଣଇ ଯାହାଙ୍କର ଶରୀରକୁ
କରୁଅଛି ନମସ୍କାର ମୁହିଁ ସେ ଶିବଙ୍କୁ ।
ପ୍ରଣବ ସ୍ୱରୂପ ଯେଉଁ ଶଙ୍କର ଅଟନ୍ତି
ତାହାଙ୍କୁ ଅଭୟ ପାଦେ କରେ ମୁଁ ପ୍ରଣତି ।

Digitized by srujanika@gmail.com

ସକଳ ବିନାଶ ମୂଳ ଯେଉଁ ମହାଦେବ
ପ୍ରସନ୍ନ ହୁଅନ୍ତୁ ମୋହଠାରେ ଉମାଧବ ।
ନୀଳଗ୍ରୀବ ଶିତିକଣ୍ଠ ଅଟଇ ଯାହାର
ଶିରେ ଜଟାଜୁଟ ଶୋଭାପାଏ ଯା ଉପର ।
ସେ ବିଶ୍ୱ ମୂରତି ବିଶ୍ୱ ଆତ୍ମା ମହେଶ୍ୱର
ତାହାଙ୍କ ଅଭୟ ପାଦେ କରେ ନମସ୍କାର ।
ମୃତ୍ୟୁର ମୃତ୍ୟୁ ଯେ ପରମାତ୍ମା ମହାଦେବ
କି ବୋଲି କରିବି ପ୍ରଣିପାତ ପାଦଯୁଗ ।
ଯାର ଲୋମ କୂପମୂଳେ ପର୍ବତ ସାଗର
ସହିତେ ଭରି ରହିଛି ବିଶ୍ୱ ଚରାଚର ।
ତାହାଙ୍କୁ କି ବୋଲି ସ୍ତବ କରିବଇଁ ମୁହିଁ
ବିଚାର କଲେତ ଆଦି ଅନ୍ତ ନ ମିଳଇ ।
ହେ ସୌମ୍ୟ ମୋହନ ହର ପାର୍ବତୀଙ୍କ ପତି
ବାରେ ମାତ୍ର ଦୟାକର ଦୀନ ଜନ ପ୍ରତି ।
ଯା ଚରଣ ତଳେ ଇନ୍ଦ୍ର ଆଦି ଦେବଗଣେ
ରାତ୍ରଦିନ ପୂଜା କରିଛନ୍ତି ତୋଷମନେ ।
ମୁଁ ଛାର ମନୁଷ୍ୟ ଜନ୍ମ ପାଇ କେଉଁପରି
ପୂଜିବି ସେହି ଦେବଙ୍କୁ ନ ପାରେ ବିଚାରି ।
କହନ୍ତି ସେ ସୁତମୁନି ଋଷିଗଣ ଶୁଣ
ଏହି ପରକାରେ ଭଗୀରଥ ନରରାଣ ।
କରନ୍ତେ ଅପୂର୍ବ ସ୍ତବ ଭକ୍ତ ସହକାରେ
ପ୍ରସନ୍ନ ହୋଇଲେ ଦେବ ଦେବ ସେହିଠାରେ ।
ସମ୍ମୁଖ ଭାଗରେ ଆସି ହେଲେ ଉପସ୍ଥିତ
ଅପୂର୍ବ ମୂରତି ପାଞ୍ଚ ନଖ ଦଶ ହସ୍ତ ।
ମସ୍ତକରେ ଅର୍ଦ୍ଧଚନ୍ଦ୍ର ଦିଶେ ଶୋଭାବନ
କୁନ୍ଦେନ୍ଦୁ ଗୋକ୍ଷୀର ପ୍ରାୟ ଶରୀରର ବର୍ଣ୍ଣ ।
ଏକ ଏକ ମୁଖେ ତିନି ତିନି ନେତ୍ର ଶୋଭା
ତାହାଙ୍କୁ ଶ୍ରୀଅଙ୍ଗେ ଅବା କି ଦେବି ଉପମା ।
ଉର୍ଦ୍ଧ୍ୱ ପୁଣ୍ଡରୀକ ଚିତା ଲଲାଟେ ଶୋଭଇ
ସ୍କନ୍ଧେ ସର୍ପମାନେଛନ୍ତି ପଇତା ଯେ ହୋଇ ।
କଟୀ ଦେଶରେ ସେ ଗଜ ଚର୍ମ ପିନ୍ଧିଥାନ୍ତି
ତ୍ରିଦଶେ ପାଦ ଯୁଗଳେ ଅର୍ଚ୍ଚନା କରନ୍ତି ।
ଦଶଦିଗ ତାହାଙ୍କର ତେଜେ ସୁଉଜ୍ଜ୍ୱଳ
କର୍ଣ୍ଣମାନଙ୍କରେ ଶୋଭେ ଫଣୀନ୍ଦ୍ର କୁଣ୍ଡଳ ।
ଏମନ୍ତ ରୂପରେ ମହାଦେବଙ୍କୁ ସାକ୍ଷାତେ
ଦେଖି ଭଗୀରଥ ରାଜା ସବିନୟ ଚିତ୍ତେ ।
ଗଦଗଦହୋଇ ଭକ୍ତିଭାବେ ଧରାତଳେ
ପଡ଼ିଲେ ଅବଶ ମନେ ଭାବର ବିହ୍ୱଳେ ।
ପୁଣି କ୍ଷଣକରେ ଉଠି ଶିରେ କର ଦେଇ
ବୋଇଲେ ମୋ ନମସ୍କାର ଘେନାକରସାଇଁ ।
କରୁଣାସାଗର ଦେବ ଦେବ ମହାଦେବ
ପ୍ରଣାମ କରୁଛି ଘେନା କର ଉମାଧବ ।
ଏହା କହି ପାଦତଳେ ପଡ଼ି ବାର ବାର
ନମସ୍କାର କଲେ ପୁନଃ ପୁନଃ ଯୋଡ଼ିକର ।
ତାହାଙ୍କ ଭକତି ଦେଖି ଭୋଳା ମହେଶ୍ୱର
ଆନନ୍ଦ ମନରେ ତାଙ୍କୁ ଭାଷିଲେକ ଗୀର ।
ତୁମ୍ଭର ଭକ୍ତିରେ ତୋଷ ହେଲୁ ଭଗୀରଥ
ଯାହା ଇଚ୍ଛା ହୁଏ ତବ ମାଗ ତା ତ୍ୱରିତ ।
ଆହେ ନରନାଥ ତୁମ୍ଭ ତପସ୍ୟାରେ ଆମ୍ଭେ
ତୋଷ ହୋଇଅଛୁଁ ବର ଦିଅ ଏବେ ବେଗେ
ଏହି କାରଣରୁ ତୁମ୍ଭେ ଅତୁଳ ଐଶ୍ୱର୍ଯ୍ୟ
ଭୋଗକରି ମୋକ୍ଷପଦ ପାଇବ ହେ ରାଜ ।
ଏପରି କୁହନ୍ତେ ମହାଦେବ ହୋଇ ତୋଷ
କୃତାଞ୍ଜଳି ପୁଟେ ଜଣାଇଲେ ନରଈଶ ।
ଭାବ ଗଦଗଦେ ବୋଇଲେକ ଭଗୀରଥ
ଯେବେ ତୁଷ୍ଟହୋଇ ବର ଦେବେ ବିଶ୍ୱନାଥ ।
ଏତିକି ମାଗୁଣି ମୋର ଅଟଇ ପୟରେ
ବର ଦିଅ ଦୟାବହି ଦୀନ ଜନ ପରେ ।
ମୋର ଯେଉଁ ପିତୃଗଣେ ଦହିଜ୍ୟ ହୁଅନ୍ତି
ଗଙ୍ଗା ପରସାଦେ ତାଙ୍କୁ ଦିଅନ୍ତୁ ମୁକତି ।
ଏହା ଶୁଣି ମହାଦେବ ହୋଇ ଆନନ୍ଦିତ
ବୋଇଲେ ଗଙ୍ଗାକୁ ଦାନ ଦେଲି ନରନାଥ ।
ଏ ଗଙ୍ଗା ତୁମର ପିତୃଗଣଙ୍କୁ ନିଶ୍ଚୟ
ଉଦ୍ଧାର କରିବେ ଏଥେ ନାହିଁ ନା ସନ୍ଦେହ ।
ପିତୃଙ୍କୁ ଛୁଇଁଲା ମାତ୍ରେ ଉଦ୍ଧାର କରିବେ
ଆବର ତୁମ୍ଭଙ୍କୁ ମୋକ୍ଷପଦ ଏହି ଦେବେ ।
ରାଜାଙ୍କୁ ଏମନ୍ତ ବର ଦେଇ ଭୂତନାଥ
ସେଠାବରୁ ଅନ୍ତର୍ଦ୍ଧାନ ହୋଇଲେ ତ୍ୱରିତ ।
ଶିବଙ୍କ ଜଟାରେ ଗଙ୍ଗା ଲୀନ ହୋଇ ଥିଲେ
ସେ ଛାଡ଼ି ଦିଅନ୍ତେ ତଳେ ବହିଣ ଚାଲିଲେ ।
ଯେ ଅଟନ୍ତି ତିନିଲୋକ ପବିତ୍ର କାରିଣୀ
ଶିବ ଶିରୁ ମୁକ୍ତ ହୋଇ ସେ ପୁଣ୍ୟ ତଟିନୀ ।

Digitized by srujanika@gmail.com

ଜଳେ ତିନି ଭୁବନକୁ ପବିତ୍ର କରାଇ
ଭଗୀରଥଙ୍କର ପଛେ ପଛେ ଗଲେ ବହି ।
ଆଣିବାରୁ ଶିବଙ୍କର ଶିରୁ ଭଗୀରଥ
ଭଗୀରଥି ନାମ ଗଙ୍ଗାଙ୍କର ହେଲା ଖ୍ୟାତ ।
ସେହିଦିନଠାରୁ ଭଗୀରଥି ବୋଲି ଜାଣ
ପୂଜିଲେ ଗଙ୍ଗାକୁ ତିନିପୁର ପ୍ରାଣୀଗଣ ।
ସଗର ରାଜାଙ୍କ ପୁତ୍ରମାନେ ଯେଉଁଠାରେ
ଦଗ୍ଧ ହୋଇଥିଲେ ମୁନି କପିଳ ଶାପରେ ।
ପତିତପାବନୀ ଗଙ୍ଗା ଯାଇଣ ସେଠାକୁ
ଜଳରେ ବୁଡ଼ାଇ ବହିନେଲେ ପାତାଳକୁ ।
ସଗର ନନ୍ଦନଙ୍କର ଅସ୍ଥି ଥିଲି ପଡ଼ି
ଗଙ୍ଗା ଦେବୀଙ୍କର ସ୍ରୋତ ମଧ୍ୟେ ଯାନ୍ତିବୁଡ଼ି ।
ତତକ୍ଷଣେ ନରକରୁ ସଗର କୁମାର
ମୁକ୍ତହୋଇ ଚଳିଗଲେ ସାଥେ ସ୍ୱର୍ଗପୁର ।
ଏହା ପୂର୍ବୁ ଜନ୍ତୁରାଣ ହୋଇ କୋପ ମତି
ନର୍କରେ ରଖାଇ ଥିଲେ ଦଣ୍ଡ ଦେଇ ଅତି ।
ଅତ୍ୟନ୍ତ ତାଡ଼ନା କରୁଥିଲେ ଦୂତଗଣ
ଏବେ ସେହି ଦୂତେ ସେହି ଜନ୍ତୁରାଣ ପୁଣ ।
ଗଙ୍ଗା ପ୍ରବାହରେ ତାଙ୍କ ଅସ୍ଥି ଯାନ୍ତେ ବୁଡ଼ି
ମାନସରେ ଯେତେ କୋପଥିଲା ତାହାଛାଡ଼ି
ନିଷ୍ପାପ ହୋଇଲେ ବୋଲି ଅତି ବିନୟରେ
ପୂଜାକଲେ ପାଦ୍ୟ ଅର୍ଘ୍ୟ ଦେଇଣ ସାଦରେ ।
ହସ୍ତଯୋଡ଼ି ବୋଲେ ଯମ ଆହେ ରାଜପୁତ୍ର
କର୍ମଦୋଷୁ ନର୍କବାସ କରିଥିଲ ଏଥ ।
ଏବେ ତୁମ୍ଭ ବଂଶେ ଭଗୀରଥ ନରରାଣ
ଜନମି ପୁଣ୍ୟାତ୍ମା ସେହୁ ମହା ଧର୍ମପ୍ରାଣ ।
ବହୁତପେ ତୋଷକରି ହରି ଶଙ୍କରଙ୍କୁ
ତୁମ୍ଭପାଇଁ ମର୍ତ୍ତ୍ୟକୁ ସେ ଆଣିଲେ ଗଙ୍ଗାକୁ ।
ସେ ଗଙ୍ଗା ଜଳରେ ଭାସିବାରୁ ତବ ଅସ୍ଥି
ନରକରୁ ମୁକ୍ତ ତୁମ୍ଭେ ହେଲ ସାଥି ସାଥି ।
ଏବେ ଧର୍ମମାର୍ଗେ ଯାଅ ଚଢ଼ି ଦିବ୍ୟ ଯାନ
ଚତୁର୍ଦ୍ଦଶ ଲୋକରେ ଯେ ଅଟଇ ପ୍ରଧାନ ।
ଏହିରୂପେ ଯମଙ୍କର ପାଇଣ ଆଦେଶ
ସଗର ସନ୍ତାନ ଗଣ ହୋଇଲେ ହରଷ ।
ଶତକୋଟି ପୁରୁଷଙ୍କୁ ଘେନି ସଙ୍ଗତରେ
ବୈକୁଣ୍ଠକୁ ଚଳିଗଲେ ଆନନ୍ଦ ମନରେ ।

ଯେଉଁ ଗଙ୍ଗାମାତା ହରି ନଖ କୋଣୁ ଜାତ
ସେ ପୁଣି ହୋଇଲେ ଶିବଜଟାରେ ନିର୍ଗତ ।
ତେଣୁ ତାହାଙ୍କର ଯେତେ ମହିମା ପ୍ରଭାବ
କାର ଶକ୍ତି ଅଛି ମୁଖେ ବର୍ଣ୍ଣନା କରିବ ।
ପତିତପାବନୀ ଗଙ୍ଗା ନାମ ଯେ ସୁମରେ
ପ୍ରଭାତ କାଳରୁ ଆସି ଉଚ୍ଚାରଇ ଥରେ ।
ତାର ସର୍ବାଙ୍ଗରେ ଯେତେ ପାପ ରହିଥାଏ
ଅଗ୍ନିରେ ଶୁଖିଲା ତୃଣପରି ଧ୍ୱଂସ ହୁଏ ।
ଏପରି ଅଟଇ ଗଙ୍ଗାଦେବୀଙ୍କ ମହାତ୍ମ୍ୟ
ଶତେଯୁଗରେ ଡାକିଲେ ହୋଇବେ ମୁକତ ।
କହିଲେ ଏହି ଯେ ଗଙ୍ଗାଦେବୀଙ୍କ ଆଖ୍ୟାନ
ଏହାକୁ ଭକ୍ତିରେ ପାଠକର ସର୍ବଜନ ।
ଚୌଦ ଇନ୍ଦ୍ର ଭୋଗ ଶେଷହେବା ପରିଯନ୍ତେ
ବୈକୁଣ୍ଠ ପୁରରେ ସେହୁ ରହିବ ନିଶ୍ଚିନ୍ତେ ।
ବିଷ୍ଣୁଙ୍କ ସାଯୁଜ୍ୟ ମୁକ୍ତି ପାଇ ଆନନ୍ଦରେ
ରହିବ କୌଣସି ବାଧା ନ ଲଭି ଶରୀରେ ।
ଗଙ୍ଗା ଭଗୀରଥି ନାମ ସୁମରି ମାନସେ
ଶ୍ରୀ କ୍ଷେତ୍ରମୋହନ ଗୀତ ପ୍ରବନ୍ଧରେ ଭାଷେ ।

ଇତି ଶ୍ରୀ ବୃହତ୍ ନାରଦ ପୁରାଣେ
ଗଙ୍ଗାଆଣି ଭଗୀରଥଙ୍କର ବଂଶ
ଉଦ୍ଧାରଣେ ନାମ ପଞ୍ଚଦଶୋଽଧ୍ୟାୟଃ ।

---•---

## ଷୋଡ଼ଶ ଅଧ୍ୟାୟ

### ସମ୍ବତ୍ସର ଏକାଦଶୀ ବ୍ରତ କଥନ

ଏଥୁ ଅନ୍ତେ ଯାହା ହେଲା ଶୁଣ ମନ ଦେଇ
ଥୋକାଏ ଚରିତମାନ କହିବା ବୁଝାଇ ।
କେଉଁ ବ୍ରତ କଲେ ହରି ହୁଅନ୍ତି ପ୍ରସନ୍ନ
ସେ ବ୍ରତ ବିଧି କହିବା ଶୁଣ ଦେଇ ମନ ।
ଯେବଣ ତପେ ସନ୍ତୋଷ ହୁଅନ୍ତି ଶ୍ରୀଧର
ଇହ ପରଲୋକେ ବାସକରେ ଆନନ୍ଦର ।
ଯେଉଁ ବ୍ରତେ ତପସ୍ୟାର ହୁଅଇ ବର୍ଦ୍ଧିତ
ସେହି ଏକାଦଶୀ କଥା ଶୁଣ ନରନାଥ ।
ସଂସାରେ ଯେତେକ ହରି ପୂଜା ନାରାୟଣ
ତାହାଙ୍କୁ ପରମ ପଦ ପ୍ରାପ୍ତି ହୁଏ ଜାଣ ।

Digitized by srujanika@gmail.com

ଆବର ପଣ୍ଡିତେ କରି ଅଛନ୍ତି ନିଶ୍ଚୟ
ତପ କଲେ ପୁଣ୍ୟ ବଢ଼େ ପାପହୁଏ କ୍ଷୟ ।
ମାର୍ଗଶୀର ମାସରେ ଶୁକ୍ଳ ଏକାଦଶୀ
ତହିଁରେ କରିବ ଉପବାସ ଅହର୍ନିଶି ।
ଦ୍ୱାଦଶୀର ପ୍ରଭାତରୁ ଉଠି ବ୍ରତୀ ଜନ
ବିଧାନେ କରିବ ଦନ୍ତ ଧାବନ ସ୍ନାହାନ ।
ସ୍ନାନ ଶେଷ ଅନ୍ତେ ପିନ୍ଧି ଶୁଦ୍ଧ ଶୁକ୍ଳବାସ
ସମ୍ପାଦି ରଖିବ ଦିବ୍ୟ ଗନ୍ଧ ଦିବ୍ୟ ପୁଷ୍ପ ।
ଅତ୍ୟନ୍ତ ତଣ୍ଡୁଳ ଆଦି ପୂଜା ବିଧି ଯେତେ
ତା ସବୁ ସମ୍ପାଦି ଆଣି ରଖିବ ସୁଚିତ୍ତେ ।
ତାହାପରେ ବାକ୍ୟ ପଢ଼ି ଶୁଦ୍ଧାସନେ ବସି
ହରିଙ୍କି ସ୍ମରିବ ନେତ୍ର ଭାଲପଟେ ଖୋସି ।
କେଶବାୟଂ ନମସ୍ତୁଭ୍ୟ ଏ ମନ୍ତ୍ର ପଢ଼ିବ
ଏହି ମନ୍ତ୍ରରେ ଯତନେ ହରିଙ୍କୁ ପୂଜିବ ।
ଷଟଦଶ ଉପଚାରମାନ ତାଙ୍କୁ ଦେଇ
ଏହି ମନ୍ତ୍ରରେ ପୂଜିବ ବିଷ୍ଣୁଙ୍କୁ ଯେ ତହିଁ ।
ତଦନ୍ତରେ ଯତନରେ ଅନଳ ସ୍ଥାପିବ
ତହିଁରେ ଏ ମନ୍ତ୍ରପଢ଼ି ତିଳାହୁତି ଦେବ ।
ରାତ୍ରକାଳେ ଶାଳଗ୍ରାମ ଶୀଳା ସନ୍ନିଧିରେ
ଜାଗର ଜଳାଇ ତା ପାଳିବ ଅନିଦ୍ରାରେ ।
ଜାଗର ଜାଳିବା କାଳେ ପ୍ରସ୍ଥ ପରିମିତ
ଦୁଗ୍ଧେ କରାଇବ ନାରାୟଣଙ୍କୁ ତୃପତ ।
ଗୀତବାଦ୍ୟ ନରବୈଦ୍ୟିରକ୍ଷ ଭୋଜ୍ୟଯେତେ
ଯତ୍ନରେ ରଖିଣ ତାହା ସମ୍ପାଦିଣ ଯତ୍ନେ ।
ଆରଦିନ ପ୍ରଭାତରୁ ନିତ୍ୟକୃତ୍ୟ ମାନ
ଶୁଚିହୋଇ କେଶବଙ୍କୁ କରିବ ଭଜନ ।
କେଶବ କେଶିହା ଦେବ ସର୍ବାର୍ଥଦାୟକ
ପରମାନ୍ନ ଦିଅ ଆହେ ଅଭିଷ୍ଟ ସାଧକ ।
ମୋହର କାମନା ପ୍ରଭୁ ପୁରଣ କରାଅ
ମନେ ଯାହା ବାଞ୍ଛା ଅଛି ପୂର୍ଣ୍ଣକରି ଦିଅ ।
କେଶୀ ଦାନବଙ୍କୁ ଯେଉଁ କେଶବ ଶ୍ରୀହରି
ନଷ୍ଟ କରିଛନ୍ତି ନିଜ ପ୍ରଭାବରେ ମାରି ।
ସକଳ ସମ୍ପଦ ଦାନେ ସେ ହରି ସକ୍ଷମ
ମୁଁ ତାହାଙ୍କୁ ନମସ୍କାର କରେ ଅବିରାମ ।
ମୋହର ରିଷ୍ଟ ସାଧନ କରନ୍ତୁ ସନ୍ତତ
ଏ ମନ୍ତ୍ର ପଢ଼ିଣ କରିବ ଯେ ଦଣ୍ଡବତ ।

ପୁଣି ଏହି ମନ୍ତ୍ର ପଢ଼ିବ୍ରାହ୍ମଣଙ୍କୁ ବରି
ସମର୍ପିବ ତାଙ୍କକରେ ଘୃତ ଯୁକ୍ତ କ୍ଷୀରି ।
ନାରିକେଳ ଜଳ ସହ ଦକ୍ଷିଣାହିଁ ଦେବ
ଭକ୍ତିଭରେ ବ୍ରାହ୍ମଣଙ୍କୁ ପ୍ରଣାମ କରିବ ।
ତହିଁପରେ ବନ୍ଧୁଗଣ ଘେନି ସଙ୍ଗତରେ
ବ୍ରାହ୍ମଣ ଭୋଜନ କରାଇବ ଯତନରେ ।
ବନ୍ଧୁଙ୍କୁ ଭୋଜନ ଦେଇ ହରିଙ୍କୁ ସୁମରି
ଆପଣେ ଭୁଞ୍ଜିବ ବାକ୍ୟ ସଂଯମନ କରି ।
ଆହେ ଋଷିଗଣ ଯେଉଁ ବ୍ୟକ୍ତି ଏ ପ୍ରକାରେ
କେଶବଙ୍କୁ ସମାର୍ଚ୍ଚନା କରିବ ଭକ୍ତିରେ ।
ସେହି ବ୍ୟକ୍ତି ମହା ଭାଗ୍ୟବାନ ବୋଲାଇବ
ଅଷ୍ଟ ଅଶ୍ୱମେଧ ଯଜ୍ଞ ଫଳ ସେ ପାଇବ ।
ଏହିପରି ପୌଷମାସ ଶୁକ୍ଳ ଏକାଦଶୀ
ତିଥିରେ ହୋଇବ ପୂର୍ବପରି ଉପବାସୀ ।
ନମୋ ନାରାୟଣ ମନ୍ତ୍ର ଯତନେ ପଢ଼ିବ
ଏହି ମନ୍ତ୍ରରେ ଯେ ନାରାୟଣଙ୍କୁ ପୂଜିବ ।
ପ୍ରସ୍ଥ ପରିମିତ ଦୁଗ୍ଧେ ସ୍ନାନ କରାଇବ
ତ୍ରିକାଳରେ ଧୂପ ଦୀପ ଦେଇଣ ପୂଜିବ ।
ଗନ୍ଧ ପୁଷ୍ପ ଧୂପ ଦୀପ ନଇବେଦ୍ୟ ଆଦି
ପୂଜିବ ହରିଙ୍କୁ ଦେଖି ଯତନେ ସମ୍ପାଦି ।
ଗୀତ ବାଦ୍ୟ ସ୍ତବ ସ୍ତୋତ୍ର ନୃତାଦି ସହିତ
ପୂଜିବ ପ୍ରେମରେ ଭକ୍ତି ଭାବେ ଦେଇ ଚିତ୍ତ ।
ତହିଁପରେ ଘୃତ ସହିତରେ କୃଶରାନ୍ନ
ଦକ୍ଷିଣା ସହିତେ ଘୃତେ କରିବ ପ୍ରଦାନ ।
ପ୍ରାର୍ଥନା ବାକ୍ୟ ବୋଲିଣ ଆହେ ମହାଶୟ
କୃଶରାନ୍ନ ଦାନେ ତୋଷ ହୁଅ ମହାଶୟ ।
ସର୍ବବ୍ୟାପୀ ହରି ହୁଅ ମୋଠାରେ ପ୍ରସନ୍ନ
ଏ ଭବ ସାଗରୁ ମୋତେ କରିଦିଅ ଛିନ୍ନ ।
ଏତେ କହି ବ୍ରାହ୍ମଣଙ୍କୁ ଉତ୍ତମାନ୍ନ ଦେବ
ତାହାଙ୍କୁ ଭୁଞ୍ଜାଇ ଆପେ ଭୋଜନ କରିବ ।
ଆପଣା ବନ୍ଧୁ ବାନ୍ଧବ ଘେନି ସଙ୍ଗତରେ
ପ୍ରସାଦ ଭୁଞ୍ଜିବ ବ୍ରତୀ ହୋଇ ମାନସରେ ।
ଏପରି ଭକ୍ତିରେ ଯେହୁ ହରିଙ୍କୁ ପୂଜଇ
ଅଗ୍ନି ଷ୍ଟୋମ ଯଜ୍ଞର ସେ ଫଳକୁ ଲଭଇ ।
ପୁନରପି ମାଘ ଶୁକ୍ଳ ଦୁଆଦଶୀ ଦିନ
ପୂର୍ବ ପରକାରେ ଉପବାସ କରି ଜନ ।

Digitized by srujanika@gmail.com

ଗନ୍ଧ ପୁଷ୍ପ ଆଦି ଉପଚାର ମାନ ଦେଇ
ଅର୍ଚ୍ଚନା କରିବ ନାରାୟଣଙ୍କୁ ମନାଇଁ ।
ରାତ୍ରକାଳେ ପୂର୍ବପରି ଜାଳିବ ଜାଗର
ଆରଦିନ ସ୍ନାନସାରି ପବିତ୍ର ଜଳର ।
ପ୍ରାତଃକୃତ୍ୟ ସମାପନ କରି ହୃଷ୍ଟଚିତ୍ତେ
ପୁନର୍ପିପୂଜା କରିବ ଜାଣ ବିଧିମତେ ।
ତଦନ୍ତେ ଦ୍ୱିଜଙ୍କୁ ଡାକି ତିଳ ଦାନ ଦେବ
ଦକ୍ଷିଣା ଦେବାରେ କେଭେଁ ହେଳା ନ କରିବ ।
ପ୍ରସ୍ଥ ପରିମିତ ତିଳ ଦେବାର ଉଚିତ
ଊଣାକଲେ ଫଳହାନି ହୁଅଇ ସତତ ।
ତାହାପରେ ବ୍ରାହ୍ମଣଙ୍କୁ ଭୋଜନ କରାଇ
ଏ ବିଧିରେ ଭୁଞ୍ଜିବ ଯେ ଘେନି ବନ୍ଧୁଭାଇ
ବ୍ରତ ଅନୁଷ୍ଠାନ ମାନ କରିବ ଏପରି
ଶତେ ବାଜପେୟ ଫଳ ହୋଇବ ତାହାରି ।
ଫାଲ୍‌ଗୁନ ମାସର ଶୁକ୍ଳପକ୍ଷ ଏକାଦଶୀ
ତିଥିରେ ହୋଇବ ବ୍ରତୀ ପୁଣି ଉପବାସୀ ।
ନମସ୍ତେ ଗୋବିନ୍ଦ ବୋଲି ମନ୍ତ୍ରକୁ ପଢ଼ିବ
ଭକ୍ତିରେ ମନ୍ତ୍ର ପଢ଼ିଣ ହରିଙ୍କୁ ପୂଜିବ ।
ଘୃତ ମିଶ୍ରିତ ତିଳରେ ଅଷ୍ଟୋତ୍ତର ଶତ
ହୋମ କରିବ ଯେ ଆନନ୍ଦରେ ବିଧିମତ ।
ପ୍ରସ୍ଥ ପରିମିତ ଦୁଗ୍ଧେ ଗୋବିନ୍ଦକୁ ପୁଣି
ସ୍ନାନ କରାଇବ ବ୍ରତୀ ସମୟକୁ ଜାଣି ।
ରାତ୍ରେ ଜାଗର ଜାଳିବ ଶୁଚିମନ୍ତ ହୋଇ
ହରିଙ୍କୁ ପୂଜା କରିବ ତ୍ରିକାଳରେ ତହିଁ ।
ଆର ପ୍ରଭାତରୁ ଯେ ପ୍ରାତଃ କୃତ୍ୟ ସାରି
ଗୋବିନ୍ଦଙ୍କୁ ପୂଜା କରିବ ଯେ ବ୍ରତାଚାରୀ ।
ତହିଁପରେ ଏକାଢକ ପରିମାଣେ ବିରି
ଶ୍ରୀହରି ପ୍ରୀତ୍ୟର୍ଥେ ଦେବ ବ୍ରାହ୍ମଣଙ୍କୁ ବରୀ ।
ଗୋପୀକା ବଲ୍ଲଭ ହେ ଗୋବିନ୍ଦ ବାସୁଦେବ
ବ୍ରୀହିଦାନେ ପରିତୋଷ ହୁଅଇ ମାଧବ ।
ଏମନ୍ତ ପ୍ରାର୍ଥନା କରି ଭକ୍ତି ସହକାରେ
ଦକ୍ଷିଣା ମିଶାଇ ଦେବ ବ୍ରାହ୍ମଣ ହସ୍ତରେ ।
ଆଢ଼କ ପ୍ରମାଣେ ବ୍ରୀହି ଦକ୍ଷିଣା ସହିତ
ପ୍ରଦାନ କରିବ ତୋଷହୋଇ ଦ୍ୱିଜହସ୍ତ ।
ବସ୍ତ୍ର ଦାନ ଦେବ ବ୍ରାହ୍ମଣଙ୍କୁ ସନ୍ତୋଷରେ
ପ୍ରସାଦ ଭୁଞ୍ଜିବ ବ୍ରତାଚାରୀ ବିଧାନରେ ।

ଏହି ବିଧାନରେ ବ୍ରତ କଲେ ଅନୁଷ୍ଠାନ
ସକଳ ପାପରୁ ମୁକ୍ତିଲାଭ କରି ଜନ ।
ସହସ୍ରେ ଗୋମେଧ ଯଜ୍ଞ ଫଳକୁ ଲଭଇ
ଏଥିରେ ସନ୍ଦେହ ବୋଲି ଅଣୁମାତ୍ର ନାହିଁ ।
ଏଥିଅନ୍ତେ ଚୈତ୍ରଶୁକ୍ଳ ଦ୍ୱାଦଶୀ ପ୍ରବେଶେ
ପୂର୍ବଦିନ ଉପବାସ କରି ମନତୋଷେ ।
ନମୋସ୍ତୁ ବିଷ୍ଣବେ ଏହି ମନ୍ତ୍ରରେ ପୂଜିବ
ଦୁଗ୍ଧ ପ୍ରସ୍ଥେ ପ୍ରତିମାଙ୍କୁ ସ୍ନାନ କରାଇବ ।
ଆଦର ସହିତେ ପୂର୍ବ କଥିତ ପ୍ରକାରେ
ସ୍ନାନ କରାଇବ ପୁଣି ଘୃତ ପ୍ରସ୍ଥକରେ ।
ରାତ୍ରରେ ଜାଗର ଜାଳି ଉଜାଗରେ ବସି
ଅର୍ଚ୍ଚନା କରିବ ମନ ନିଶ୍ଚଳେ ନିବେଶି ।
ପ୍ରଭାତରେ ଯଥା ଯୋଗ୍ୟ ପ୍ରାତଃକୃତ୍ୟ କରି
ହରିଙ୍କୁ ପୂଜିବ ବିଧାନରେ ପୂର୍ବପରି ।
ମଧୁତଳି ମିଶାଇଣ ଅଷ୍ଟୋତ୍ତର ଶତ
ଆହୁତି କରିବ ଅନଳରେ ବିଧିମତ ।
ହୋମ ଶେଷେ ବ୍ରାହ୍ମଣଙ୍କୁ ଡକାଇ ଆଣିବ
ଆଢ଼କେ ତଣ୍ଡୁଳ ତାଙ୍କୁ ଦାନକରି ଦେବ ।
ଦକ୍ଷିଣା ସହିତେ ଦାନଦେଇ ଏହି ମତେ
ପ୍ରସାଦ ଭୂଞ୍ଜିବ ବନ୍ଧୁଗଣ ଘେନି ଆପେ ।
ଏପରି ଭକ୍ତିରେ ବ୍ରତ କଲେ ଅନୁଷ୍ଠାନ
ସକଳ ପାପରୁ ମୁକ୍ତିଲାଭ କରି ପୁଣ ।
ଅଗ୍ନିଷ୍ଟୋମ ଯଜ୍ଞର ଯେ ଆଠଗୁଣ ଫଳ
ଲଭିବ ଆବର ହେବ ସମସ୍ତ ମଙ୍ଗଳ ।
ପୁଣିହିଁ ବୈଶାଖ ମାସେ ଶୁକ୍ଳ ଏକାଦଶୀ
ଦିବସରେ ବ୍ରତଧାରୀ ହେବ ଉପବାସୀ ।
ଦ୍ୱାଦଶୀ ଦିବସେ ଦ୍ରୋଣ ପରିମିତ କ୍ଷୀରେ
ମଧୁସୂଦନଙ୍କୁ ସ୍ନାନ କରାଇ ଭକ୍ତିରେ ।
ପୂର୍ବପରି ତ୍ରିକାଳରେ ପୂଜାହିଁ କରିବ
ରାତ୍ରହେଲେ ବିଧିମତେ ଜାଗର ଜାଳିବ ।
ନମସ୍ତେ ଶ୍ରୀ ମଧୁହନ୍ତା ଏ ମନ୍ତ୍ର ପଢ଼ିଣ
ଅନଳରେ ଘୃତାହୃତି କରିବ ପ୍ରଦାନ ।
ଆରଦିନ ପ୍ରଭାତରେ ନିତ୍ୟକର୍ମ ସାରି
ମଧୁସୂଦନଙ୍କୁ ପୂଜିବ ସେ ବ୍ରତାଚାରୀ ।
ତହିଁପରେ ବ୍ରାହ୍ମଣଙ୍କୁ ଦକ୍ଷିଣା ସହିତ
ଘୃତଦାନ ଦେବ ଏକପ୍ରସ୍ଥ ପରିମିତ ।

Digitized by srujanika@gmail.com

ବିଷ୍ଣୁଙ୍କୁ ପ୍ରାର୍ଥନା କରି ପ୍ରସାଦ ଭୁଞ୍ଜିବ
ବନ୍ଧୁ କୁଟୁମ୍ବଙ୍କୁ ସମାଦରେ ଭୁଞ୍ଜାଇବ ।
ଏ ବିଧାନେ ଅନୁଷ୍ଠାନ କଲେ ବିଷ୍ଣୁବ୍ରତ
ସକଳ ପାପରୁ ପ୍ରାଣୀ ହୁଅଇ ମୁକତ ।
ଅଶ୍ୱମେଧ ଯଜ୍ଞର ଯେ ଫଳ ଆଠଗୁଣ
ତା ଲାଭ କରଇ ସେହି ବ୍ରତଧାରୀ ଜାଣ ।
ପୁଣି ଜ୍ୟେଷ୍ଠ ଶୁକ୍ଳ ଏକାଦଶୀ ପ୍ରବେଶନ୍ତେ
ସେ ଦିନ କରିବ ଉପବାସ ବିଧିମତେ ।
ଦ୍ୱାଦଶୀରେ ଗବ୍ୟଦୁଗ୍ଧ ଆଢ଼େକ ଅଣାଇ
ତହିଁରେ ତ୍ରିବିକ୍ରମଙ୍କୁ ସ୍ନାହାନ କରାଇ ।
ବିଧାନେ କରିବ ତିନିକାଳରେ ଯେ ପୂଜା
ସନ୍ତୋଷ ହୋଇବେ ଯେଉଁପରି ଦେବରାଜା ।
ତଦନ୍ତେ ଅନଳ ଜାଳି ଯଥା ଶାସ୍ତ୍ରମତ
ପାୟସ ଆହୁତି ଦେବ ଅଷ୍ଟୋତ୍ତରଶତ ।
ରାତ୍ରରେ ଜାଗର ଜାଳି ପୂଜାହିଁ କରିବେ
ପ୍ରଭାତ ହୋଇଲେ ନିତ୍ୟକର୍ମ ବଢ଼ାଇବେ ।
ପୁନର୍ପି ବିଷ୍ଣୁଙ୍କୁ ପୂଜାକରି ବ୍ରାହ୍ମଣଙ୍କୁ
ଡକାଇ ପୂଜିବ ଯଥା ବିଧାନରେ ତାଙ୍କୁ ।
ସେ ଦ୍ୱିଜଙ୍କୁ ଦାନ କରି ପିଷ୍ଟଙ୍କ ବିଂଶତି
ଦକ୍ଷିଣା ପ୍ରଦାନେ ମନ କରାଇବ ତୃପ୍ତି ।
ତହିଁପରେ ବ୍ରାହ୍ମଣଙ୍କୁ ଭୋଜନ କରାଇ
ଆପଣେ ଭୁଞ୍ଜିବ ବନ୍ଧୁ କୁଟୁମ୍ବଙ୍କୁ ନେଇ ।
ଆହେ ରକ୍ଷଗଣ ଏ ବିଧିରେ ବ୍ରତ କଲେ
ସକଳ ପାପରୁ ପ୍ରାଣୀ ତରିଯାଏ ଭଲେ ।
ନରମେଧ ଯଜ୍ଞର ଯେ ଫଳ ଦଶଗୁଣ
ଏ ବ୍ରତରେ ଲାଭ ହୁଏ ନିଶ୍ଚୟରେ ଜାଣ ।
ଉପବାସୀ ବ୍ରତଧାରୀ ମାନବ ଏ ଅନ୍ତେ
ଜିତେନ୍ଦ୍ରିୟ ହୋଇ ଦୃଢ଼ନିଷ୍ଠା ଧରି ଚିତ୍ତେ ।
ଆଷାଢ଼ ମାସର ଶୁକ୍ଳପକ୍ଷ ଏକାଦଶୀ
ତିଥିରେ ହୋଇଣ ପୂର୍ବପରି ଉପବାସୀ ।
ଦ୍ୱାଦଶୀରେ ଏକପ୍ରସ୍ଥ ଗୋକ୍ଷୀର ଆଣିବ
ସେହି କ୍ଷୀରେ ବାମନଙ୍କୁ ସ୍ନାନ କରାଇବ ।
ନମସ୍ତେ ବାମନ ଦେବ ଏହି ମନ୍ତ୍ରଟିରେ
ପୂଜାକରି ପୁଣି ହୋମ କରିବ ତତ୍ପରେ ।
ଘୃତରେ ବୁଡ଼ାଇ ଦୁର୍ବା ଆହୁତି କରିଣ
ଶକ୍ତି ଅନୁସାରେ ତାହା କରିବ ଯେ ହୋମ ।
ସମ୍ୟକ ଚିତ୍ତେ ଜାଗର ଜାଳିଣ ରାତ୍ରରେ
ବ୍ରାହ୍ମଣଙ୍କୁ ଆରାଧନା କରିବ ଭକ୍ତିରେ ।
ବେଦଜ୍ଞାତା ବ୍ରାହ୍ମଣଙ୍କୁ ଦଧିଯୁକ୍ତ ଅନ୍ନ
ଭକ୍ତିରେ ଦକ୍ଷିଣାସହ କରିବ ପ୍ରଦାନ ।
ନାରୀକେଳଫଳ ତା ସଙ୍ଗରେ ଦାନଦେବ
ସାକ୍ଷାତେ ବାମନ ବୋଲି ତାହାଙ୍କୁ ପୂଜିବ ।
ଦଧିଅନ୍ନ ବ୍ରାହ୍ମଣଙ୍କୁ ଭୋଜନ କରାଇ
ଆପଣେ ଭୁଞ୍ଜିବ ବନ୍ଧୁ କୁଟୁମ୍ବଙ୍କୁ ଦେଇ ।
ଏହିପରି କଲେ ତିନି ଶତ ଯେ ଗୋ ଗ୍ରାସ
ଫଳ ଲଭ୍ୟ ହୋଇ ମିଳେ ବଇକୁଣ୍ଠେ ବାସ ।
ଆବର ଚଉଦ କୁଳ ହୁଅନ୍ତି ଉଦ୍ଧାର
ଇହ ପରେ ସୁଖଶାନ୍ତି ଲଭଇ ଅପାର ।
ପୁଣି ବ୍ରତଧାରୀ ଜନ ଶ୍ରାବଣ ମାସରେ
ଶୁକ୍ଳ ଦୁଆଦଶୀ ଦିନ ଶକ୍ତି ଅନୁସାରେ ।
ମଧୁ ମିଶ୍ରିତ ଗୋକ୍ଷୀରେ ଶ୍ରୀଧର ଦେବଙ୍କୁ
ସ୍ନାନ କରାଇଣ ଯତ୍ନେ ପୂଜିବ ତାହାଙ୍କୁ ।
ନମସ୍ତେ ଶ୍ରୀଧର ଏହି ମନ୍ତ୍ରରେ ପୂଜିବ
ଗନ୍ଧପୁଷ୍ପ ଧୂପ ଦୀପ ନଇବେଦ୍ୟ ଦେବ ।
ତଦନ୍ତେ ଅନଳ ସ୍ଥାପି ଶକ୍ତି ଅନୁସାରେ
ଘୃତାହୁତି ଦେଇ ହୋମ କରିବ ଯତ୍ନରେ ।
ରାତ୍ରରେ ଜାଗର ଜାଳି ଯତନେ ପାଳିବ
ଶକ୍ତି ଅନୁସାରେ ଗିରିଧରଙ୍କୁ ପୂଜିବ ।
ବ୍ରାହ୍ମଣଙ୍କୁ କ୍ଷୀରାଢଳେ ପ୍ରଦାନ କରିଣ
ବିଷ୍ଣୁ ପ୍ରୀତି ଅର୍ଥେ ଯୁଗ୍ମ ବସ୍ତ୍ର ଦେବ ପୁଣ ।
ସୁବର୍ଣ୍ଣ କୁଣ୍ଡଳ ଦୁଇଗୋଟି ତାଙ୍କୁ ଦେବ
ଶକ୍ତି ଅନୁସାରେ ଦକ୍ଷିଣାହିଁ ସମର୍ପିବ ।
ଉତ୍ତମ ଭୋଜନ ଦେଇ ବ୍ରାହ୍ମଣଗଣଙ୍କୁ
ଭୁଞ୍ଜିବ ସଙ୍ଗେ ବସାଇ ସ୍ୱଜନ ବର୍ଗଙ୍କୁ ।
ଏ ବିଧିରେ ବ୍ରତ କରିପାରେ ଯେଉଁ ଜନ
ସହସ୍ର ଅଶ୍ୱମେଧର ଫଳ ଲଭେ ଜାଣ ।
ଦେହାନ୍ତେ ମିଳଇ ବିଷ୍ଣୁ ଭୁବନରେ ବାସ
ଆବର ତରନ୍ତି ତାର ଚଉଦ ପୁରୁଷ ।
ଭାଦ୍ର ଶୁକ୍ଳ ଦୁଆଦଶୀ ଉପବାସୀ ନର
ଏକ ଦ୍ରୋଣ ପରିମାଣେ ଅଣାଇ ଗୋକ୍ଷୀର ।
ଜଗତ ନାଥ ବିଷ୍ଣୁଙ୍କୁ ସେହି ଗୋକ୍ଷୀରରେ
ସ୍ନାନ କରାଇବ ପୂର୍ବ ବିଧି ଅନୁସାରେ ।

Digitized by srujanika@gmail.com

ତହିଁପରେ ହୃଷିକେଶ ନମସ୍ତୁତେ କହି
ମନ୍ତ୍ରରେ ପୂଜିବ ନାନା ଉପଚାର ଦେଇ ।
ଶକ୍ତି ଅନୁସାରେ ବ୍ରତ ପାଳନ କରିବ
ମଧୁ ମିଶାଇଣହୋମ ଅନଳରେ ଦେବ ।
ସମାପନ କରି ଜାଗରାଦି କର୍ମମାନ
ଗୋଧୂମ ଦାନ କରିବ ବ୍ରାହ୍ମଣ ରାଇଣ ।
ଆଢ଼କେ ଆବର ଅର୍ଦ୍ଧ ଆଢ଼କ ସମାନେ
ଦକ୍ଷିଣା ସହ ଗୋଧୂମ ଦେବତୋଷମନେ ।
ନମସ୍ତେ ଶ୍ରୀ ହୃଷୀକେଶ ନମସ୍ତୁତ୍ୟ କହି
ଗୋଧୂମ ଦାନର ଫଳଦିଅ ଭାବଗ୍ରାହୀ ।
ଏମନ୍ତେ ପାଳନ କରି ଶକ୍ତି ଅନୁସାରେ
ଦକ୍ଷିଣା ଦେବ ସେ ଦାନ ନେବା ବିପ୍ରକରେ ।
ତଥିପରେ ବ୍ରାହ୍ମଣଙ୍କୁ ଭୋଜନ କରାଇ
ଆପଣେ ଭୁଞ୍ଜିବ ସ୍ଥିରେ ବସି ମୌନ ହୋଇ ।
ଏହିପରି ବ୍ରତକଲେ ପାପରୁ ନିସ୍ତରି
ଅଶ୍ୱମେଧ ଯଜ୍ଞ ଫଳ ଲଭେ ଉପଚାରୀ ।
ଏଥୁ ଅନ୍ତେ ଶୁଚି ହୋଇ ଆଶ୍ୱିନ ମାସରେ
ଶୁକ୍ଳ ଦୁଆଦଶୀ ଦିନ ପୂର୍ବ ପରକାରେ ।
ଦଧି ଏକ ଅଢ଼ା ଆଣି କରି ଉପବାସ
ତହିଁରେ ବିଷ୍ଣୁଙ୍କୁ ସ୍ନାନେ କରାଇବ ତୋଷ ।
ପୂଜିତ ଅଗ୍ନିରେ ଯବ ବ୍ରୀହି ଆଦିକରି
ଜାଗର ଜାଳିବ ପ୍ରଦୀପରେ ଘୃତ ଭରି ।
ପୁନର୍ପି ପୂଜିବ ପଦ୍ମନାଭଙ୍କୁ ଯତନେ
ସନ୍ତୋଷ ହୋଇବେ ହରି ଯେବଣ ବିଧାନେ ।
ତାହାପର ମଧୁଚାରୀ ଫଳ ବ୍ରାହ୍ମଣଙ୍କୁ
ପାଦଅର୍ଘ୍ୟ ସହ ଦାନ କରି ଦେବ ତାଙ୍କୁ ।
ଶକ୍ତି ଅନୁସାରେ ଦାନ ଦକ୍ଷିଣା କରିବ
ବିପ୍ରଙ୍କୁ ଭୁଞ୍ଜାଇ ଆପେ ଶେଷରେ ଭୁଞ୍ଜିବ ।
ଏ ବିଧିରେ ଶ୍ରୀହରିଙ୍କ ପୂଜା ଯେ କରିବ
ସହସ୍ରେ ଅଶ୍ୱମେଧର ଫଳ ପ୍ରାପ୍ତହେବ ।
ଉପବାସୀ ବ୍ରତଚାରୀ ମାନବ ଏ ଅନ୍ତେ
ଆମିଷ ଇତ୍ୟାଦି ତ୍ୟାଗ କରି ଶୁଦ୍ଧଚିତ୍ତେ ।
କାର୍ତ୍ତିକ ମାସରେ ଶୁକ୍ଳ ଦୁଆଦଶୀ ଦିନ
କ୍ଷୀର ସମ୍ପାଦିବ ଏକ ଆଢ଼କ ପ୍ରମାଣ ।
ସେ କ୍ଷୀର ସହିତେ ଦଧି ଘୃତ ମିଶାଇବ
ତହିଁରେ ଦାମୋଦରଙ୍କୁ ସ୍ନାନ କରାଇବ ।
ନମୋ ଦାମୋଦରାୟେତି ମନ୍ତ୍ର ଉଚ୍ଚାରିଣ
ସମ୍ପାଦିବ ସ୍ନାନ ପୂଜା ଆଦି କର୍ମମାନ ।
ମଧୁ ମିଶ୍ରିତ ତିଳରେ ଅଷ୍ଟୋତ୍ତର ଶତ
ଏହି ମନ୍ତ୍ରେ ହୋମ କରିବ ଯେ ବିଧିମତ ।
ପୂର୍ବପରି ତ୍ରିକାଳରେ ପୂଜାହିଁ କରିବ
ରାତ୍ରିରେ ଜାଗର ଜାଳି ଉନିଦ୍ରେ ବସିବ ।
ଆର ଦିନ ପ୍ରଭାତରୁ ଉଠି ହର୍ଷ ଚିତ୍ତେ
ବଢ଼ାଇବ ନିତ୍ୟକର୍ମମାନଙ୍କୁ ତ୍ୱରିତେ ।
ମନୋହର ପଦ୍ମପୁଷ୍ପେ ଶ୍ରୀ ଦାମୋଦରଙ୍କ
ପୁନର୍ପି ପୂଜିବ ଉପଚାରଦେଇ ତାଙ୍କୁ ।
ଘୃତ ମିଶ୍ରିତ ତିଳରେ ଅଷ୍ଟୋତ୍ତର ଶତେ
ପୁନର୍ପି କରିବ ହୋମ ପୂର୍ବ ବିଧିମତେ ।
ତହିଁପରେ ବ୍ରାହ୍ମଣଙ୍କୁ ସୁପକ୍ୱ ଅନ୍ନାଦି
ପ୍ରଦାନ କରିବ ଅତି ଯତନେ ସମ୍ପାଦି ।
ବଚନେ ବୋଲିବ ଦାସ ବତ୍ସଳ ଶ୍ରୀହରି
ସଂସାର ସାଗରୁ ମୋତେ ରଖ ଚକ୍ରଧାରୀ ।
ଏତେ ବୋଲି ବ୍ରାହ୍ମଣଙ୍କୁ ପ୍ରଣାମ କରିବ
ନିଜ ଶକ୍ତି ଅନୁସାରେ ଦକ୍ଷିଣାହିଁ ଦେବ ।
ସାଧୁସନ୍ଥ ବ୍ରାହ୍ମଣଙ୍କୁ ଭୋଜନ କରାଇ
ପ୍ରସାଦ ଭୁଞ୍ଜିବ ଆପେ ବସି ମୌନ ହୋଇ ।
ଏହିପରକାରେ ବ୍ରତ କଲେ ଅନୁଷ୍ଠାନ
ଦୁଇ ସସ୍ର ଅଶ୍ୱମେଧ ଫଳ ମିଳେ ଜାଣ ।
ଆହେ ଋଷିଗଣ ଯେଉଁ ଧର୍ମାତ୍ମା ବ୍ୟକତି
ଏହିପରି ଏକବର୍ଷ କରେ ସମାପତି ।
ପ୍ରତି ଶୁକ୍ଳ ଦ୍ୱାଦଶୀରେ ଏ ବ୍ରତକୁ କରି
ହରଷେ କଟାଏ କୁଳ ଧର୍ମକୁ ଆଚରି ।
ଏହାକୁ ପରମ ପଦ ମିଳଇ ନିଶ୍ଚୟ
ଏଥକୁ ମନରେ କେହି ନ କର ସଂଶୟ ।
ବର୍ଷ ପୂର୍ଣ୍ଣ ହେଲେ ବ୍ରତ ପ୍ରତିଷ୍ଠା କରିବ
ପ୍ରତିଷ୍ଠାନ କଲେ ପୂର୍ଣ୍ଣ ଫଳ ନୋହେ ଲାଭ ।
ଏ ପ୍ରକାର ବର୍ଷେ କାଳ ବିଷ୍ଣୁବ୍ରତ କରି
ପ୍ରତିଷ୍ଠା କରିବ ଶାସ୍ତ୍ର ବିଧି ଅନୁସରି ।
କହନ୍ତି ଯେ ସୁତ ମୁନି ଋଷିଗଣ ଶୁଣ
ଅପାର ମହିମା ବିଷ୍ଣୁବ୍ରତର ବିଧାନ ।
ମାର୍ଗଶିର ପୂର୍ଣ୍ଣିମାରେ ବ୍ରତକାରୀ ଲୋକ
ପ୍ରଭାତରୁ କର ନିଜ ନିତ୍ୟକୃତ୍ୟ ଯାକ ।

Digitized by srujanika@gmail.com

ଦନ୍ତ ଧାବନକୁ ଆଦି କ୍ରିୟାକର୍ମ ଯେତେ
ତା ସବୁ ସାରିବ ସ୍ନାନକରି ବିଧିମତେ ।
ଶୁକ୍ଳ ବସ୍ତ୍ର ଶୁକ୍ଳ ପୁଷ୍ପ ମାଳାକୁ ପିନ୍ଧିବ
ଶୁକ୍ଳ ଚନ୍ଦନ ସର୍ବାଙ୍ଗରେ ଲେପି ହେବ ।
ଅତ୍ୟନ୍ତ ସୁନ୍ଦର ଚତୁଷ୍କୋଣ ଶୋଭା ଯୁକ୍ତ
ମଣ୍ଡଳେକ କରାଇବ ପ୍ରାଙ୍ଗଣେ ନିର୍ମିତ ।
ଛାମୁଣ୍ଡିଆ ପକାଇବ ଚନ୍ଦ୍ରାତପଟାଣି
ତହିଁରେ ଖଞ୍ଜିବ ଘଣ୍ଟା ଚାମର କିଙ୍କିଣୀ ।
ନାନାଦି ଧ୍ୱଜାରେ ଅଳଙ୍କୃତ କରାଇବ
ଗନ୍ଧ ମାଲ୍ୟ ଅଳଙ୍କାରେ ଭୂଷିତ କରିବ ।
ଆଚ୍ଛାଦିତ କରି ଶୁକ୍ଳ କୁସୁମ ମାଳାରେ
ଧାଡ଼ି ଧାଡ଼ି ଦୀପାବଳି ଜାଳିବ ମଧରେ ।
ଅତି ଶୋଭାବନ ଦିଶିବ ସେ ମଣ୍ଡପଟି
ଯେପରି ଚାହିଁଲେ ନେତ୍ର ନ ଆସେ ଲେଉଟି ।
ସେ ବେଦୀ ମଧରେ ଭଦ୍ର ମଣ୍ଡଳ ପକାଇ
ଭୂଷିତ କରିବ ନାନା ଅଳଙ୍କାର ଦେଇ ।
ସେ ମଣ୍ଡଳେ ଜଳପୂର୍ଣ୍ଣ ଦ୍ୱାଦଶଟି କୁମ୍ଭ
ସ୍ଥାପିବ ଯତନେ କରି ଅତ୍ୟନ୍ତ ଆରମ୍ଭ ।
କୁମ୍ଭମାନଙ୍କରେ ନୂଆ ଶୁକଳ ବସନ
ଗୁଡ଼ାଇ କରିବ ତାକୁ ଅତି ଶୋଭାବନ ।
ସେ କୁମ୍ଭ ଜଳରେ ପଞ୍ଚ ରତନ ପକାଇ
ଅଳଙ୍କାରେ ମଣ୍ଡାଇବ ଗନ୍ଧମାଲ୍ୟ ଦେଇ ।
ସୁବର୍ଣ୍ଣ ରଜତ ଅବା ବିଶୁଦ୍ଧ ତାମ୍ରରେ
ଲକ୍ଷ୍ମୀ ନାରାୟଣ ମୂର୍ତ୍ତି ଗଢ଼ିବ ଯତ୍ନରେ ।
କୁମ୍ଭର ଉପରି ଭାଗେ ସେ ବେନି ମୂରତି
ସ୍ଥାପନ କରିବ ଅତି ଯତନରେ ବ୍ରତୀ ।
ପଞ୍ଚାମୃତେ ସ୍ନାନ କରାଇ ସେ ପ୍ରତିମାଙ୍କୁ
ପୂଜିବ ନାନାଦି ଉପଚାର ଦେଇ ତାଙ୍କୁ ।
କହନ୍ତି ସେ ସୁତମୁନି ଋଷିଗଣେ ଶୁଣ
ଶକ୍ତି ଅନୁସାରେ ମୂର୍ତ୍ତି କରିବ ନିର୍ମାଣ ।
ପ୍ରତିମାର ମୂଲ୍ୟ ଅବା କି ଅବା ସୁବର୍ଣ୍ଣ
ନିର୍ମାଣ କର୍ତ୍ତାକୁ ଦେବ ନ କରିବ ନ୍ୟୁନ ।
କୁଣ୍ଠିତ ପଣରେ ବିତ୍ତ ଶାଠ୍ୟ ନ କରିବ
ବିତ୍ତଶାଠ୍ୟ କଲେ ବ୍ରତଫଳ ନୋହେ ଲାଭ ।
ଧନ ପରମାୟୁ ଆଦି ସକଳ ସମ୍ପଦ
ବିନଷ୍ଟ ହୁଅଇ ପୁଣି ପଡ଼ଇ ବିପଦ ।

ଏଣୁ ଆପଣ ଶକତି ଅନୁସାରେ ଜାଣ
ଗଢ଼ାଇଲେ ପ୍ରତିମା ଯେ ହୁଅଇ ସୁପୁଣ୍ୟ ।
ପଞ୍ଚାମୃତେ ପ୍ରତିମାକୁ ସ୍ନାନ କରାଇବ
ତଦନ୍ତେ ଯେ ନାନା ଉପଚାରମାନ ଦେବ ।
କେଶବ ପ୍ରଭୃତି ନାମ ଉଚ୍ଚାରି ମୁଖରେ
ଉପଚାରଦେବ ବ୍ରତୀ ନର ଭକ୍ତିଭରେ ।
ରାତ୍ରରେ ପଢ଼ାଇ ବିଷ୍ଣୁ ପୁରାଣ ଶୁଣିବ
ଜାଗର ଜଳାଇ ଅତି ଯତ୍ନରେ ପାଳିବ ।
ନିଦ୍ରାଗଲେ ବ୍ରତଫଳ ବିନଷ୍ଟ ହୁଅଇ
ଏଣୁ ରାତ୍ର କଟାଇବ ଅନିଦ୍ରାରେ ରହି ।
ରାତ୍ରରେ ଯେପରି ପୂଜା ତ୍ରିକାଳରେ ବିଧି
ସେପରି କରିବ ଅତି ଯତନେ ସମ୍ପାଦି ।
ପ୍ରଭାତ ହୋଇଲେ ନିତ୍ୟକୃତ୍ୟ ବଢ଼ାଇବ
ବ୍ୟାହୃତି ମନ୍ତ୍ରରେ ହୋମ ଆରମ୍ଭ କରିବ ।
ସହସ୍ର ସଂଖ୍ୟକ ତିଳ ହୋମ କରିଣ ସେ
ତଦନ୍ତେ ପୂଜିବ ପ୍ରତିମାଙ୍କୁ ଗନ୍ଧ ପୁଷ୍ପେ ।
ଅଗ୍ରତରେ ବସି କରି ପୁରାଣ ପଢ଼ିବ
ପଠନ ସରିଲେ ଆସନରୁ ଉଠିଯିବ ।
ଦ୍ୱାଦଶ ବିପ୍ରଙ୍କୁ ଆମନ୍ତ୍ରଣ ବ୍ରତୀଜନ
ଦଶଟି ପିଷ୍ଟକ ଘୃତ ଦଧି ଯୁକ୍ତ ଅନ୍ନ ।
ଦକ୍ଷିଣା ସହିତେ ତାଙ୍କୁ ପ୍ରଦାନ କରିବ
ତ୍ରାହିକୃଷ୍ଣ ବୋଲି ତାଙ୍କ ପାଦେ ପ୍ରଣମିବ ।
ସର୍ବ ଭିଷ୍ଟ ଦାନକର ମୁରାରି ହେ ହରି
ଏ ଭବ ସାଗରୁ ଯେହ୍ନେ ହୋଇବି ମୁଁ ପାରି ।
ଏମନ୍ତେ ପ୍ରାର୍ଥନା କରି ଭୂତଳରେ ପଡ଼ି
ବିନୟରେ ଜଣାଇବ ଶିରେ କରଯୋଡ଼ି ।
ହେ ଦେବରାଜ ମୁଁ କରୁଅଛି ନମସ୍କାର
ମୋର ଏ ବ୍ରତରେ ପୁଷ୍ପଫଳ ଦାନକର ।
ହେ ଦେବ ଦେବହେ ବିଷ୍ଣୁ ପୁରାଣ ଉତ୍ତମ
ତବ ଶ୍ରୀଚରଣେ ମୁହିଁ କରୁଛି ପ୍ରଣାମ ।
ଏମନ୍ତ ବୋଲି ସେ ବ୍ରତୀ ବ୍ରାହ୍ମଣ ପୟରେ
ପୁନଃ ପୁନଃ ପଡ଼ି ତାଙ୍କୁ କହିବ ଭକ୍ତିରେ ।
ନାରାୟଣ ରୂପୀ ତୁମ୍ଭେ ଅଟହେ ବ୍ରାହ୍ମଣ
ବିଷ୍ଣୁପ୍ରୀତି ଅର୍ଥେ କର ମୋ ଅର୍ଘ୍ୟ ଗ୍ରହଣ ।
ଏତେ ବୋଲି ବିଷ୍ଣୁପାଦେ ଅର୍ଘ୍ୟ ଦାନକରି
ଲକ୍ଷ୍ମୀ ସହିତରେ ଘେନ ଅର୍ଘ୍ୟକୁ ମୋହରି ।

Digitized by srujanika@gmail.com

ତୁମ୍ଭ ନାମ ସୁମରଣେ ଯଜ୍ଞ ଦାନ ଫଳ
ମିଳଇ ଅପାର ଶେଷେ ମିଳେ ସ୍ୱର୍ଗ ଆଳ ।
ତେଣୁ ହେ ଦେବ କରୁଛି ତୁମ୍ଭଙ୍କୁ ବନ୍ଦନା
ବାରେ ମାତ୍ର ପୁରାଅ ମୋ ମନର କାମନା ।
ଏମନ୍ତ ବୋଲି ସେ ବ୍ରତୀ ବ୍ରାହ୍ମଣ ଜଣଙ୍କୁ
ବସ୍ତ୍ର ସହିତେ ଦକ୍ଷିଣା ଦେବ ଆଚାର୍ଯ୍ୟଙ୍କୁ
ସାୟଂ କାଳ ହେବାଯାଏ ପଣ୍ଡିତଙ୍କ ସାଥେ
ଶୁଣିବି ବିଷ୍ଣୁ ପୁରାଣ ବସି ତୋଷଚିତ୍ତେ ।
ଆହେ ତପିଗଣ ଏହିପରି ଯେଉଁ ଜନ
ଦ୍ୱାଦଶୀ ପାରଣା ବିଧି କରେ ସମାପନ ।
ଇହପର କାଳରେ ସେ ଅତି ଅନୁତ୍ତମ
ଅଭିଳାଷ ବସ୍ତୁ ଲାଭ କରିବଟି ଜାଣ ।
ଏକବିଂଶ ପୁରୁଷଙ୍କୁ ଘେନି ସଙ୍ଗତରେ
ପାପରୁ ନିସ୍ତରି ଯାଏ ବଇକୁଣ୍ଠ ପୁରେ ।
ଏ କଥାକୁ ଯେଉଁ ବ୍ୟକ୍ତି ଶୁଣେ ପ୍ରତିଦିନ
ସାଧୁଙ୍କୁ ଶୁଣାଏ ଯେହୁ କରିଣ ପଠନ ।
ଅଶ୍ୱମେଧ ଯଜ୍ଞଫଳ ସେହୁ ଲାଭକରେ
ଦେହାନ୍ତେ ବସଇ ଯାଇ ବଇକୁଣ୍ଠ ପୁରେ ।
ଶ୍ରୀହରି ଚରଣ ଚିନ୍ତି କହଇ କ୍ଷେତ୍ରର
ଏ ପୁରାଣ ଶୁଣି ଜନେ ସଂସାରୁ ନିସ୍ତାର ।

ଇତି ଶ୍ରୀ ବୃହଦ୍ ନାରଦ ପୁରାଣେ
ଏକାଦଶୀ ବ୍ରତ କଥନେ ନାମ
ଷୋଡ଼ଶୋଽଧ୍ୟାୟଃ ।

---•---

## ସପ୍ତଦଶ ଅଧ୍ୟାୟ

## ପୌର୍ଣ୍ଣମାସୀ ବ୍ରତବିଧି ନିର୍ଣ୍ଣୟ

ଶୁଣ ଶୁଣ ମୁନିଗଣ ଦେଇ ମନ କର୍ଣ୍ଣ
ଯାହା ଶ୍ରବଣରେ ଶୁଦ୍ଧ ହୋଇବ ଯେ ମନ ।
ସକଳ ପାତକ ଯେହୁ ବିନାଶ କରଇ
ଅନ୍ତଃକାଳେ ବଇକୁଣ୍ଠେ ଆଶ୍ରୟ ଦିଅଇ ।
ଅନୁଷ୍ଠାନ କଲେ ସବୁ ପାପହୁଏ ନାଶ
ଆଦର କରନ୍ତି ସ୍ୱର୍ଗେ ଅମରାଦି ଈଶ ।
ବ୍ରାହ୍ମଣ କ୍ଷତ୍ରିୟ ବୈଶ୍ୟ ଶୂଦ୍ରମାନଙ୍କର
କରିବାକୁ ଯେଉଁ ବ୍ରତ ଅଛି ଅଧିକାର ।
ସେ ବ୍ରତ ତୁମ୍ଭ ଅଗ୍ରତେ କରୁଛି ପ୍ରକାଶ
ଶୁଣ ମନ କର୍ଣ୍ଣ ଦେଇ ସକଳ ତାପସ ।
ଅତ୍ୟନ୍ତ ପବିତ୍ରମୟ ସେ ବ୍ରତ ଅଟଇ
ସକଳ ପାପମାନଙ୍କୁ ବିଧ୍ୱଂସ କରଇ ।
ଯାହା ମନେ ଅଭିଳାଷ କଲେ ହୁଏ ପ୍ରାପ୍ତ
ମିଳଇ ଏଥିରେ ସର୍ବ ବ୍ରତ ତପ ଅର୍ଥ ।
ଅଦ୍ୟାବଧି ଉପଦ୍ରବ ଚୌର ଅଗ୍ନି ଭୟ
ଏ ବ୍ରତର ଅନୁଷ୍ଠାନ ଫଳେ ହୁଏ କ୍ଷୟ ।
ଦୁଷ୍ଟ ଗ୍ରହପୀଡ଼ା ଏଥେଁ ଶାନ୍ତ ଯେ ହୁଅଇ
ବ୍ରତମାନଙ୍କରେ ଏହା ସାର ଯେ ଅଟଇ ।
ସର୍ବ ଲୋକରେ ଏ ବ୍ରତ ହୋଇଛି ବିଖ୍ୟାତ
ପୌର୍ଣ୍ଣବାସୀ ଦେବୀଙ୍କର ଏଥେଁ ଆଧିପତ୍ୟ ।
କୋଟି କୋଟି ପାପ ଏଥେଁ ବିନାଶ ହୁଅଇ
ତା କହୁଛି ଋଷିଗଣ ଶୁଣ ମନଦେଇ ।
ଅଗ୍ରହାୟଣ ମାସରେ ପୂର୍ଣ୍ଣିମା ତିଥିରେ
ଶୁଚିବନ୍ତ ହୋଇ କୁଳ ଆଚାର ବେଭାରେ ।
ପ୍ରଭାତୁ ଉଠିଣ ଦନ୍ତ ଧାବନ ସ୍ନାନାଦି
କରିବ ଯେମନ୍ତ ଅଛି ପ୍ରାତଃକୃତ୍ୟ ବିଧି ।
ସ୍ନାନ ଅନ୍ତେ ଶୁକ୍ଳ ବସ୍ତ୍ର ପିନ୍ଧି ଶୁଦ୍ଧଭାବେ
କ୍ଷୋଭ ତ୍ୟାଗକରି ମୌନେ ଗୃହେ ପ୍ରବେଶିବେ ।
ପାଦ ଧୌତ କରି ଯତ୍ନେ ପୋଛି ବସନରେ
ଗୃହେ ଆଚମନ କରି ପ୍ରବେଶିବ ଧୀରେ ।
ତତପରେ ଦେବ ଆରାଧନା ଆଦି ଯେତେ
ବଢ଼ାଇବ ସେ ସମସ୍ତ ନିତ୍ୟାଚାର ମତେ ।
ତଦନ୍ତେ ଭକତି ଭାବେ ସଂକଳ୍ପ କରିବ
ଭକତିରେ ନାରାୟଣ ଲକ୍ଷ୍ମୀଙ୍କୁ ପୂଜିବ ।
ଆବାହନ କରି ନମୋ ନାରାୟଣ ମନ୍ତ୍ରେ
ଗନ୍ଧ ପୁଷ୍ପ ଦେଇ ପୂଜା ଦେବ ବିଧିମତେ ।
ଧୂପ ଦ୍ୱୀପ ନଇବେଦ୍ୟ ଆଦି ଅରପିତ
ଯେତେ ଯେତେ ପୂଜାଦ୍ରବ୍ୟ ସେଠାବରେ ଥିବ ।
ସେହି ପ୍ରତିମା ଅଗ୍ରତେ ଗୀତ ବାଦ୍ୟ କରି
ପୁରାଣ ଶୁଣିବ ଶୁଦ୍ଧ ମନେ କର୍ଣ୍ଣ ଡେରି ।
ଦେବତା ଆଗରେ ସ୍ତୋତ୍ର ପଠନ କରିବ
ଅଗ୍ନି ସ୍ଥାପନ କରିଣ ବିଧାନେ ପୂଜିବ ।
ଗୃହସ୍ଥ ଅଗ୍ନିକୁ ଯତ୍ନେ କରିଣ ସ୍ଥାପନ
ହୋମ କରିବ ଯେ ଆହୁତ୍ୟ ଶେଷଯାଏ ଜାଣ ।

Digitized by srujanika@gmail.com

ପୁରୁଷ ଶୁକ୍ତ ମନ୍ତ୍ରରେ ଚରୁତିଳ ଘୃତ
ହୋମ କରିବ ଯତନେ ପାଠକରି ମନ୍ତ୍ର ।
ଜନ୍ମ ଜନ୍ମାନ୍ତର ପାପ କ୍ଷୟ ହେବା ପାଇଁ
ତ୍ରିବାର ହୋମ କରିବ ଘୃତାହୁତି ଦେଇ ।
ଥରେ କିମ୍ବା ଦୁଇଥର ଶକ୍ତି ଅନୁସାରେ
ହୋମ କରିବ ଯେ ଘୃତ ଢାଳି ଅନଳରେ ।
ତହିଁପରେ ପ୍ରାୟଶ୍ଚିତ୍ତ ହୋମାଦି କରିବ
ଶାନ୍ତିସୂକ୍ତ ପଢ଼ି କୁମ୍ଭଜଳ ସିଞ୍ଚିଦେବ ।
ପୁନରପି ଦେବତାଙ୍କୁ କରିଣ ପୂଜନ
ଜଣାମଣା କରିବ ଯେ ହୋଇ ତୋଷ ମନ ।
ବୋଲିବ ଭୋ ଦେବ ତୁମ୍ଭ ଆଜ୍ଞା ଅନୁସାରେ
ଏ ଘୋର ସଂସାରୁ ମୋତେ ଉଦ୍ଧାରନ୍ତୁ ବାରେ ।
ଏହା କହି ମନେ ଫଳ ପ୍ରାର୍ଥନା କରିବ
ତହୁଁ ଯାଇ ଚନ୍ଦ୍ରମାକୁ ଅର୍ଘ୍ୟଦାନ ଦେବ ।
ଜାନୁଦ୍ୱୟ ପୃଥିବୀରେ କରିଣ ସ୍ଥାପନ
ବିନୟରେ ଚନ୍ଦ୍ରମାଙ୍କୁ କହିବ ଏସନ ।
କ୍ଷୀର ସମୁଦ୍ରରୁ ତୁମ୍ଭେ ହୋଇଅଛ ଜାତ
ଅତ୍ରି ମହାମୁନିଙ୍କର ଅଟ ପ୍ରିୟ ସୁତ ।
ତେଣୁ ଅତ୍ରି ନେତ୍ରଜାତ ନାମ ଯେ ତୁମ୍ଭର
ପ୍ରାଣୀମାନଙ୍କର ହିତ ତୁମ୍ଭେ ଦାନକର ।
ତୁମ୍ଭଙ୍କୁ ଭକ୍ତିରେ ଅର୍ଘ୍ୟ କରୁଅଛି ଦାନ
ରୋହିଣୀ ସହିତେ ମୋର ଅର୍ଘ୍ୟ ତୁମ୍ଭେ ଘେନ ।
ଏତେବୋଲି ଶୁକ୍ଳପକ୍ଷ ଅଞ୍ଜଳି ଦେଇଣ
ତଣ୍ଡୁଳ ମିଶ୍ରିତ ଅନ୍ନ କରିବ ପ୍ରଦାନ ।
ତହିଁପରେ କୃତାଞ୍ଜଳି ହୋଇଣ ସେ ବ୍ରତୀ
ଭକତି ଚିତ୍ତେ ପଢ଼ିବ ଇନ୍ଦ୍ରଙ୍କର ଗୀତି ।
ସ୍ତୁତି ପାଠ ସାରି ପୂର୍ବ ଦିଗେ ଉଭାହେବ
ଏକାଗ୍ର ମନେ ଚନ୍ଦ୍ରଙ୍କୁ ଦର୍ଶନ କରିବ ।
ମୁଖରେ ବୋଲିବ ହେ ଶୁଭ୍ରାଂଶୁ ଦେବରାଜ
ଏ ସୃଷ୍ଟି କରୁଛି ଆହ୍ଲାଦିତ ଦେବରାଜ ।
ଲକ୍ଷ୍ମୀଙ୍କର ଭ୍ରାତା ତୁମ୍ଭେ ଅଟ ଶଶଧର
ତବ ଶ୍ରୀଚରଣ ତଳେ କରେ ନମସ୍କାର ।
ଏତେବୋଲି ବାର ବାର ନମସ୍କାର କରି
ପୁରାଣ ଶୁଣିବ ଶୁଦ୍ଧଭାବେ ଶ୍ରୁତି ଡେରି ।
ସେ ରାତ୍ରରେ ଉଜାଗର ହୋଇଣ ରହିବ
ଇନ୍ଦ୍ରିୟ ଜିଣି ମୈଥୁନ ବର୍ଜନ କରିବ ।

କୁତର୍କୀ ପାଷାଣ୍ଡ ସଙ୍ଗେ ମିଳନ ନ ହୋଇ
ଶର୍ବରୀ ବଞ୍ଚିବ ମନମଧ୍ୟେ ଖୁସିହୋଇ ।
ନିଶୀ ଅବସାନ ହେଲେ ପ୍ରଭାତରୁ ଯିବ
ପ୍ରାତଃ କୃତ୍ୟ ଶେଷକରି କର୍ମ ବଢ଼ାଇବ ।
ଶକ୍ତି ଅନୁସାରେ ଇଷ୍ଟ ଦେବଙ୍କୁ ପୂଜିଣ
ଦୈବଜ୍ଞ ଦ୍ୱିଜଙ୍କୁ ଦେବ ମିଷ୍ଟାନ୍ନ ଭୋଜନ ।
ତଦଅନ୍ତେ ବନ୍ଧୁ ମିତ୍ର ଭୃତ୍ୟଙ୍କୁ ବସାଇ
ପ୍ରସାଦ ଭୁଞ୍ଜିବ ଆପେ ସେମାନଙ୍କୁ ଦେଇ ।
ଏହିପରି ପୌଷ ମାଘ ଆଦି ବାରମାସେ
ଏ ବ୍ରତ କରିବ ପ୍ରତି ପୂର୍ଣ୍ଣିମା ଦିବସେ ।
ନାରାୟଣଙ୍କୁ ଭକ୍ତିରେ କରିଲେ ପୂଜନ
ହୋଇବେ ଯେମନ୍ତ ଭାବେ ସେ ପ୍ରଭୁ ପ୍ରସନ୍ନ ।
ଆହେ ଋଷିଗଣ ବର୍ଷାକାଳ ଏହିପରି
କଟାଇବ ଏ ବ୍ରତକୁ ଅନୁଷ୍ଠାନ କରି ।
କାର୍ତ୍ତିକ ପୂର୍ଣ୍ଣିମା ଦିନ ପ୍ରତିଷ୍ଠା କରିବ
ଯେମନ୍ତେ ପ୍ରତିଷ୍ଠା ବିଧି ଶୁଣ କହେ ସର୍ବ ।
ଯତ୍ନେ ଏକ ଚତୁଃକୋଣ ମଣ୍ଡପ କରାଇ
ତାହାକୁ ମଣ୍ଡିବ ଦିବ୍ୟ ପୁଷ୍ପମାନ ଦେଇ ।
ଉପରେ କରିବ ଛାମୁଣ୍ଡିଆ ଯତ୍ନକରି
ଇନ୍ଦ୍ର ଗୋବିନ୍ଦ ଚାନ୍ଦୁଆ ନାମ ଯେତେ ହରି ।
ଧ୍ୱଜ ଚନ୍ଦ୍ରାତପ ବାନା ବଇରେଖ ଆଦି
ମଣ୍ଡାଇବ ସେ ବେଦୀରେ ଯତନେ ସମ୍ପାଦି ।
ସେ ବେଦୀରେ ଧାଡ଼ି ଧାଡ଼ି ଦୀପ ଜଳାଇଣ
ବିଚିତ୍ର ତୋରଣ ମାନ ନିର୍ମାଣିବ ପୁଣ ।
ଦର୍ପଣ ଚାମର ଛତ୍ର ତରାଶ ଆଢ଼େଣୀ
ଖଞ୍ଜିବ ଯତନ କରି ଚଉପାଶେ ଆଣି ।
ପଞ୍ଚବର୍ଣ୍ଣ ମୁରୁଜରେ ଭଦ୍ର ମଣ୍ଡଳେକ
ପକାଇବ ବେଦୀମଧ୍ୟେ ବ୍ରତକାରୀ ଲୋକ ।
ସେହି ମଣ୍ଡପରେ ଯତ୍ନେ ପୂର୍ଣ୍ଣ କୁମ୍ଭ ଥୋଇ
ସେ କୁମ୍ଭ ଉପରେ ଶ୍ୱେତ ବସନ ଘୋଡ଼ାଇ ।
ଫଳ ପଲ୍ଲବ ଯେ ଫୁଲ ଚନ୍ଦନ ସହିତ
ସ୍ଥାପନ କରିବ ପୂର୍ଣ୍ଣକୁମ୍ଭ ବିଧିମତ ।
ସୁବର୍ଣ୍ଣ ରଜତ ଅବା କି ଅବା ତାମ୍ରରେ
ଗଢ଼ାଇବ ଲକ୍ଷ୍ମୀ ନାରାୟଣ ଯତନରେ ।
ପ୍ରତିମା ନିର୍ମାଣ ହେଲେ ସେ କୁମ୍ଭ ସ୍ଥାପିବ
ପ୍ରତିମାକୁ ପଞ୍ଚାମୃତେ ମାଜଣ କରିବ ।

Digitized by srujanika@gmail.com

ଶାସ୍ତ୍ର ବିଧିମତେ ତାଙ୍କୁ ପ୍ରତିଷ୍ଠା କରିଣ
ଯେମନ୍ତେ ପୂଜିବ ତାହା ମନଦେଇ ଶୁଣ ।
ଗନ୍ଧପୁଷ୍ପ ଆଦିକରି ଉପଚାରଯେତେ
ଭକ୍ଷ୍ୟ ଭୋଜ୍ୟ ପକ୍ୱଫଳ ନୈବେଦ୍ୟ ସହିତେ ।
ଇନ୍ଦ୍ରିୟ ସଂଯମ କରି ଏହା ସମର୍ପିବ
ପୂଜାଶେଷେ ପୁଷ୍ପାଞ୍ଜଳି ଆରତ୍ରୀକ ଦେବ ।
ରାତ୍ରରେ ଜାଗର ଜାଳି ଉଜାଗର ହୋଇ
ପ୍ରଭାତୁ ଉଠିବ ମୁଖେ ହରିନାମ ଦେଇ ।
ବିଧି ଅନୁସାରେ ନିତ୍ୟକର୍ମ ବଢ଼ାଇବ
ପୁନରପି ଶ୍ରଦ୍ଧା ଚିତ୍ତେ ବିଷ୍ଣୁଙ୍କୁ ପୂଜିବ ।
ଦକ୍ଷିଣା ସହିତେ ପୂଜି କୁଳ ଆଚାର୍ଯ୍ୟଙ୍କୁ
ତାଙ୍କ ହସ୍ତେ ଦାନ ଦେବ ବିଷ୍ଣୁ ପ୍ରତିମାକୁ ।
ବ୍ରାହ୍ମଣମାନଙ୍କୁ ନିଜ ଶକ୍ତି ଅନୁସାରେ
ଡକାଇ ଭୋଜନ ଦେଇ ତୋଷିବ ବିଧିରେ ।
ତିଳଦାନ ଭକତିରେ ତାହାଙ୍କୁ ଦେଇଣ
ତଦନ୍ତେ ହୋମ କରିବ ଅନଳରେ ଜାଣ ।
ଏହି ପରକାରେ ଲକ୍ଷ୍ମୀ ନାରାୟଣ ବ୍ରତ
ଅନୁଷ୍ଠାନ କଲେ କୁଳ ହୁଅଇ ପବିତ୍ର ।
ଏହି ବ୍ରତ ପ୍ରଭାବରେ ଧନ ଦାନ୍ୟ ମାନ
ପୁତ୍ର ପୌତ୍ର ସହିତରେ ହୁଅଇ ବର୍ଦ୍ଧନ ।
ଇଚ୍ଛା ଅନୁସାରେ ଭୋଗ ଭୁଞ୍ଜି ଇହକାଳେ
ବସିବ ଏ ଦେହ ଅନ୍ତେ ବୈକୁଣ୍ଠ ମଣ୍ଡଳେ ।
ଅୟୁତେ ପୁରୁଷ ତାର ପାପରୁ ନିସ୍ତରି
ଆନନ୍ଦ ମନେ ଲଭନ୍ତି ବଇକୁଣ୍ଠ ପୁରୀ ।
ଯୋଗୀଙ୍କର ଦୁର୍ଲ୍ଲଭ ଯେ ବଇକୁଣ୍ଠ ସ୍ଥାନ
ଅନାୟାସେ ମିଳେ ତାକୁ ବୈକୁଣ୍ଠ ଭୁବନ ।
ସେହି ଲକ୍ଷ୍ମୀ ନାରାୟଣ ପଦ ପଙ୍କଜରେ
ଅଧମ କ୍ଷେତ୍ରମୋହନ ଭଜେ ନିରନ୍ତରେ ।
ଇତି ଶ୍ରୀ ବୃହଦ୍ ନାରଦ ପୁରାଣେ ପୌର୍ଣ୍ଣମାସୀ
ବ୍ରତ କଥନଂ ନାମ ସପ୍ତଦଶୋଽଧ୍ୟାୟଃ ।

---●---

# ଅଷ୍ଟାଦଶ ଅଧ୍ୟାୟ

## ଧ୍ୱଜାଆରୋପଣ ବ୍ରତବିଧି ନିର୍ଣ୍ଣୟ

ଶୁଣ ଆହେ ସାଧୁଜନେ ଅପୂର୍ବ ଚରିତ
ଯାହା ଶ୍ରବଣରେ କର୍ଣ୍ଣ ହୋଇବ ପବିତ୍ର ।
ସେହିକଥା ମାନ ମୁହିଁ କରିବି ବୟାନ
ଏହା କହି ଆରମ୍ଭିଲେ ସୁତ ତପୋଧନ ।
ବୋଇଲେ ଧ୍ୱଜ ରୋପଣ ନାମେ ଯେଉଁ ବ୍ରତ
ତାହା ପ୍ରକାଶ କରୁଛି ଶୁଣ ଦେଇ ଚିତ୍ତ ।
ସକଳ ପାତକ ଏହି ବ୍ରତ ନାଶକରେ
ବିଷ୍ଣୁଙ୍କ ପ୍ରୀତି ବର୍ଦ୍ଧିତ ହୁଏ ଏ ବ୍ରତରେ ।
ବ୍ରାହ୍ମଣ କ୍ଷତ୍ରିୟ ବୈଶ୍ୟ ଶୂଦ୍ର ଚାରିଜାତି
ରମଣୀମାନେ ଏ ବ୍ରତ କରିଣ ପାରନ୍ତି ।
ଏ ବ୍ରତକୁ କରିପାରେ ଯେବଣ ମାନବ
ତାହାର ସକଳ ଦୋଷ ବିନାଶ ହୋଇବ ।
ତେଜଇ ସଂସାର ବନ୍ଧ ଏ ପୁଣ୍ୟ ବତ୍ରରେ
ଶରୀରାନ୍ତେ ମିଳେ ସ୍ଥାନ ପୁଣ୍ୟମୟ ପୁରେ ।
ଧ୍ୱଜ ଆରୋପଣ ବିଷ୍ଣୁ ଗୃହେ ଯେ କରଇ
ସେ ପ୍ରାଣୀର ପୁଣ୍ୟ ମୁଖେ କହି ନ ପାରଇ ।
ଇନ୍ଦ୍ରାଦି ଅମରେ ତାକୁ ଗନ୍ଧ ପୁଷ୍ପ ଦେଇ
ପୂଜା କରନ୍ତି ନେଇଣ ସ୍ୱରଗେ ବସାଇ ।
ଯେ ଧ୍ୱଜାରୋପଣ କାର୍ଯ୍ୟ କରଇ ସଂପୂର୍ଣ୍ଣ
ସସ୍ର ସ୍ୱର୍ଣ୍ଣଦାନ ଫଳ ଲଭଇ ସେ ଜନ ।
ତୁଳସୀ ସେ ବନ ଗଙ୍ଗାସ୍ନାନ ଶିବପୂଜା
କରିଲେ ଲଭନ୍ତି ଯେଉଁ ଫଳ ବ୍ରହ୍ମତେଜା ।
ମିଳଇ ସେ ଫଳ ଧ୍ୱଜାରୋପଣ ବ୍ରତରେ
ଏଥକୁ ସନ୍ଦେହ ତିଳେ ନ କର ମନରେ ।
ଅତ୍ୟନ୍ତ ଆଶ୍ଚର୍ଯ୍ୟ ଧ୍ୱଜା ଆରୋପଣ ଫଳ
ଜନ୍ମ ଜନ୍ମାନ୍ତର ପାପ ନାଶଇ ସକଳ ।
ତହିଁର ଯେମନ୍ତ ବିଧି ଶୁଣ ମନଦେଇ
ଗୋଟି ଗୋଟି କରି ସବୁ କହୁଛି ବୁଝାଇ ।
ପ୍ରଭାତ କାଳରୁ ଉଠି ବ୍ରତାଚାରୀ ଜନ
ଆପଣାର ନିତ୍ୟକର୍ମ ବଢ଼ାଇ ବହନ ।
କାର୍ତ୍ତିକ ମାସର ଶୁକ୍ଳପକ୍ଷ ଦ୍ୱାଦଶୀରେ
ପ୍ରଭାତରୁ ଉଠି ବ୍ରତ କରିବା ଆଶାରେ ।
ତୀର୍ଥ ଅବା ନଦୀଜଳେ ସ୍ନାହାନ କରିବ
ଏକାଦଶୀ ଠାରୁ ବ୍ରହ୍ମଚର୍ଯ୍ୟ ପାଳିଥିବ ।
ସ୍ନାନ ଶେଷ ସନ୍ଧ୍ୟାକରି ଦେବତା ପିତୃଙ୍କୁ
ତର୍ପଣ କରିବ ଜଳ ତିଳ ଦେଇ ତାଙ୍କୁ ।
ଶୁଭ ବସନ ପିନ୍ଧିଣ ଆସନରେ ବସି
ଶ୍ରୀହରିଙ୍କୁ ସୁମରିବ ନେତ୍ର ଭାଳେ ଖୋସି ।

Digitized by srujanika@gmail.com

ତହିଁପରେ ସନ୍ନିଧାନେ ବିଷ୍ଣୁଙ୍କୁ ପୂଜିବ
ଚାରିଜଣ ବ୍ରାହ୍ମଣଙ୍କୁ ଆମନ୍ତ୍ରି ଆଣିବ ।
ସେ ଦ୍ୱିଜଙ୍କୁ ଘେନି ସ୍ୱସ୍ତି ବଚନ କହିଣ
ଧ୍ୱଜାରୋପଣ କାର୍ଯ୍ୟରେ ବଳାଇବ ମନ ।
ନାନ୍ଦୀମୁଖୀ ଶ୍ରାଦ୍ଧକରି ପିତୃଙ୍କୁ ତୋଷିବ
ବସ୍ତ୍ର ଯୁକ୍ତ ବେନି ଧ୍ୱଜ ସ୍ତମ୍ଭ ଆଣିଥିବ ।
ଗାୟତ୍ରୀ ମନ୍ତ୍ରରେ ତାଙ୍କୁ ପବିତ୍ର କରାଇ
ମଣ୍ଡଣି କରିବ ଗନ୍ଧ ପୁଷ୍ପ ମାଳ ଦେଇ ।
ସେ ଧ୍ୱଜ ପର୍ବରେ ସୂର୍ଯ୍ୟଚନ୍ଦ୍ର ଗରୁଡ଼ଙ୍କୁ
ବିଧାନେ ପୂଜିବ ଗନ୍ଧ ପୁଷ୍ପ ଦେଇ ତାଙ୍କୁ ।
ବଟା ହଳଦୀ ଗୋଳାଇ ସେ ସ୍ତମ୍ଭ ମଧରେ
ଆତପତଣ୍ଡୁଳ ଦେବ ଯତନ ପ୍ରକାରେ ।
ବିଧାତାଙ୍କୁ ପୂଜାକରି ସେ ଧ୍ୱଜ କୁମ୍ଭରେ
ନମିବ ଅଞ୍ଜଳି ବନ୍ଧକରି ବେନିଶିରେ ।
ତଦନ୍ତେ ଗୋଚର୍ମ ପରିମିତରେ ସ୍ଥଣ୍ଡିଳ
ନିର୍ମାଣ ସ୍ଥାପିବ ତହିଁ ଉପରେ ଅନଳ ।
ପୁଣି ବିଧି ଅନୁସାରେ ଅନଳ ଜଳାଇ
ସନ୍ତୋଷ କରିବ ତାଙ୍କୁ ଘୃତାହୁତି ଦେଇ ।
ସେ ଅଗ୍ନିରେ ଆଦ୍ୟଭୋଗ ଦେଇ ଦେବତାଙ୍କୁ
ପାୟସ ଘୃତ ଯେ ହୋମ କରିବ ଶେଷଙ୍କୁ ।
ପାୟସ ଘୃତରେ ଅଷ୍ଟୋତ୍ତର ଶତେ ହୋମ
କରିବ ନ ଛାଡ଼ି ତିଳେ ଶାସ୍ତ୍ରର ନିୟମ ।
ବିଷ୍ଣୁଙ୍କୁ ପୁଜିବା ପାଇଁ ପୁରୁଷ ସୂକ୍ତିରେ
ଆହୁତି କରିବ ଘୃତ ଢାଳି ଅନଳରେ ।
ସ୍ୱାହା ମନ୍ତ୍ରେ ଗରୁଡ଼ଙ୍କୁ ଆଠୋଟି ଆହୁତି
ପ୍ରଦାନ କରିବ ବନ୍ଧକରି ମତି ଗତି ।
ତହିଁପରେ ଧେନୁ ସ୍ୱାହା ମନ୍ତ୍ରକୁ ପଢ଼ିଣ
ପାଞ୍ଚଟି ଆହୁତି ଦେବ ଅନଳେ ଢାଳିଣ ।
ସୂର୍ଯ୍ୟମନ୍ତ୍ର ଶାନ୍ତି ସୂକ୍ତ ତଦନ୍ତେ ପଢ଼ିବ
ହୋମରୁ ଉଠିଣ ହରି ପାଦେ ମନ ଦେବ ।
ବିଷ୍ଣୁ ପ୍ରତିମା ଆଗରେ ଜାଗର ଜଳାଇ
ରାତ୍ରରେ ପାଳିବ ତାଙ୍କୁ ଉଜାଗର ହୋଇ ।
ନିତ୍ୟକର୍ମ ବଢ଼ାଇବ ହୋଇଲେ ପ୍ରଭାତ
ଅର୍ଚ୍ଚନା କରିବ ଦେବତାଙ୍କୁ ପୂର୍ବବତ ।
ବଜାଇ ମଙ୍ଗଳ ବାଦ୍ୟ ସୂକ୍ତ ପାଠକରି
ବାହାରିବ ଧଜ ସ୍ତମ୍ଭ କର ପୁଟେ ଧରି ।
ଦେବ ଗୃହଦ୍ୱାରେ ଆମୋଦିତ ମନ ହୋଇ
କିବା ସେ ଦେବ ମନ୍ଦିର ଅଗ୍ରଭାଗେ ରହି ।
ନିଶ୍ଚଳ ଭାବେ ଧ୍ୱଜକୁ ସ୍ଥାପନ କରିବ
ତହିଁପର ଧୂପ ଦୀପ ନଇବେଦ୍ୟ ଦେବ ।
ଏ ସମସ୍ତ ଶ୍ରୀହରିଙ୍କ ପାଦେ ପୂଜା କରି
ଉଠିବ ଉତ୍ତମ ଦ୍ୱିଜଗଣ ସଂଗେ ଧରି ।
ମୁଖରେ ସୁନ୍ଦର ସ୍ତବ ପାଠ ବୋଲି ବୋଲି
କରିବ ଯେ ପ୍ରଦକ୍ଷିଣ ଚୌପାଶରେ ବୁଲି ।
ଆହେ ଜଗତ ଜୀବନ ଶରଣ ସୋଦର
ତବ ଶ୍ରୀ ଚରଣ ତଳେ କରେ ନମସ୍କାର ।
ହେ ବିଶ୍ୱଭାବନ ହୃଷୀକେଶ ଜନାର୍ଦ୍ଦନ
ନମସ୍କାର କରେ ତବ ପାଦପଦ୍ମେ ଘେନ ।
ତୁମ୍ଭେ ଜନମିଛ ମହା ପୁରୁଷର ପୂର୍ବେ
ତୁମ୍ଭ ମହିମାକୁ କେହି ନ ଜାଣନ୍ତି ଭବେ ।
ଅଖିଳ ବ୍ରହ୍ମାଣ୍ଡେ ଜନମୁଛି ତବଠାରୁ
ତୁମ୍ଭେ ସବୁ ପ୍ରାଣୀଙ୍କର ଅଟ ଦୀକ୍ଷାଗୁରୁ ।
ବ୍ରହ୍ମାଦି ଅମରେ ତୁମ୍ଭ ଭାବ ନ ଜାଣନ୍ତି
କେବଳ ଯୋଗୀଏ ଜ୍ଞାନ ଚକ୍ଷୁରେ ଦେଖନ୍ତି ।
ଆକାଶ ତୁମ୍ଭର ନାଭି ସ୍ୱର୍ଗ ଅଟେ ଶିର
ସସଗରା ବସୁମତୀ ଚରଣ ତୁମ୍ଭର ।
ବିଶ୍ୱରୂପୀ ଅଟ ତୁମ୍ଭେ ପ୍ରଭୁ ଭାବଗ୍ରାହୀ
ତବ ପାଦେ ନମସ୍କାର କରୁଅଛି ମୁହିଁ ।
ମୋଠାରେ ପ୍ରସନ୍ନ ହୁଅ ଦେବ ଦଇତ୍ୟାରି
ଏ ଭବ ସାଗରୁ ମୋତେ କର ପ୍ରଭୁ ପାରି ।
ଏପରି ଅନେକ ସ୍ତବ କରିଣ ସେ ବ୍ରତୀ
ଦ୍ୱିଜଙ୍କୁ ପୂଜିବ ପାଦପଦ୍ମେ କରି ଭକ୍ତି ।
ତଦନ୍ତେ ଦକ୍ଷିଣା ଦେଇ ସେ ବିପ୍ରଗଣଙ୍କୁ
କୁଣ୍ଡଳ ମୁଦ୍ରିକା ବସ୍ତ୍ର ଦେବ ଆଚାର୍ଯ୍ୟଙ୍କୁ ।
ଶକ୍ତି ମୁତାବକ ଦେଇ ବିପ୍ରଙ୍କୁ ଭୋଜନ
ବନ୍ଧୁ କୁଟୁମ୍ବ ସହିତେ ଯାଚି ଦେବ ଅନ୍ନ ।
ଆପେ ମଉନ ହୋଇଣ ପ୍ରସାଦ ଭୁଞ୍ଜିବ
ତହୁଁ ଉଠି ଆନନ୍ଦରେ କାଳ କଟାଇବ ।
ଏହି ବିଧାନରେ ଧ୍ୱଜାରୋହଣ ଯେ କରେ
ତା ପୁଣ୍ୟ କହିବା ସର୍ବେ ଶୁଣ ମନସ୍ଥିରେ ।
ମହାପାପ ଅବା ଉପପାପ ତାର ଯେତେ
ତାହାସବୁ ଧ୍ୱଂସ ହୁଏ ଧ୍ୱଜା ଆରୋପନ୍ତେ ।

Digitized by srujanika@gmail.com

ଯେତେଦିନ ତାର ଧ୍ୱଜା ବିଷ୍ଣୁ ଗୃହେ ଥାଏ
ବିଷ୍ଣୁଙ୍କ ସାରୂପ୍ୟ ତେତେଦିନ ସେହୁ ପାଏ ।
ସେ ଧ୍ୱଜାକୁ ଯେଉଁ ବ୍ୟକ୍ତି ଦର୍ଶନ କରନ୍ତି
ସକଳ ପାପରୁ ସେହୁ ହୁଅନ୍ତି ମୁକତି ।
ସେ ଧ୍ୱଜାକୁ ନମସ୍କାର କରେ ଯେଉଁ ଜନ
ବିଷ୍ଣୁ ଭୁବନରେ ତାକୁ ମିଳଇ ଆସ୍ଥାନ ।
ପବନ ବଳରେ ଧ୍ୱଜା ହୁଅନ୍ତେ କମ୍ପିତ
କର୍ତ୍ତାର ଅଙ୍ଗରୁ ପାପ ହୁଏ ଦୂରୀଭୂତ ।
ଏହି ବିଷୟରେ ଇତିହାସ ଯାହା ଅଛି ।
ଶୁଣ ଆହେ ଋଷିଗଣ ମୁଁ ତାହା କହୁଛି ।
ନାରଦ ଯାହା କହିଣଛନ୍ତି ପୂର୍ବକାଳେ
ପ୍ରକାଶ କରୁଛି ତାହା ଶୁଣ କୁତୂହଳେ ।
ଅତ୍ୟନ୍ତ ପବିତ୍ର ପୁରାତନ ଏ ଆଖ୍ୟାନ
ଶୁଣିଲା ମାତ୍ରକେ ପାପ ହୋଇବ ମୋଚନ ।
ସୁମତି ନାମରେ ଏକ ରାଜା ସତ୍ୟଯୁଗେ
ଚନ୍ଦ୍ରବଂଶେ ଜାତ ହୋଇଥିଲେ ମହୀଭାଗେ ।
ସପ୍ତଦ୍ୱୀପା ପୃଥିବୀରେ ହୋଇଣ ସେ ରାଜା
ମହାଭାଗ୍ୟ ଭୋଗକରି ପାଳୁଥିଲେ ପ୍ରଜା ।
ପରମ ଧାର୍ମିକ ଅଟନ୍ତି ସେ ମହୀପତି
ସତ୍ୟକୁ ଛାଡ଼ିଣ ମିଥ୍ୟା କେଭେ ନ କହନ୍ତି ।
ଅତ୍ୟନ୍ତ ପବିତ୍ର ଅତି ସୁଜାଣ ସେ ନୃପ
କାୟମନ ବଚନରେ ନ କରନ୍ତି ପାପ ।
ସମଦୃଷ୍ଟି ଥାଏ ସବୁ ପ୍ରାଣୀମାନଙ୍କରେ
ଅତିଥି ଦେଖିଲେ ତାକୁ ପୂଜନ୍ତି ଆଦରେ ।
ସବୁ ସୁଲକ୍ଷଣ ପୂରିଥିଲା ତାଙ୍କ ଦେହେ
ବିପୁଳ ସମ୍ପଦ ପୂର୍ଣ୍ଣ ହୋଇଥାଏ ଗୃହେ ।
ସର୍ବଦା ଥିଲେ ସେ ହରି ପୂଜାରେ ଆସକ୍ତ
ହରି କଥା ଶୁଣି ହେଉଥାନ୍ତି ଶ୍ରଦ୍ଧାଯୁକ୍ତ ।
ହରିଭକ୍ତିଙ୍କର ସେବା କରନ୍ତି ସେ ନିତି
ଅହଙ୍କାର ଛାଡ଼ି ପୂଜ୍ୟମାନଙ୍କୁ ପୂଜନ୍ତି ।
ଯେତେକ ସୁଗୁଣ ବୋଲି କହନ୍ତି ଲୋକରେ
ସବୁ ପୂର୍ଣ୍ଣ ହୋଇଥିଲା ସେ ନୃପତିଠାରେ ।
ଶାନ୍ତି କୃତଜ୍ଞ ସେ ଦୟାଶୀଳ ମହୀପାଳ
ନିତି ଯଜ୍ଞ ଯାଗକରି କାଟୁଥିଲେ କାଳ ।
ପ୍ରାଣୀଙ୍କର ହିତ ବିନା ଅହିତ କେବେହେଁ
ନ କରନ୍ତି ସେ ଭୂପତି କାହାରି ଉତ୍ସାହେ ।
ସାରା ଜଗତରେ ସେହି ନୃପତିଙ୍କ କୀର୍ତ୍ତି
ସବୁରି ମୁଖରେ ଖ୍ୟାତ ହେଉଥିଲା ଅତି ।
ସତ୍ୟମତୀ ନାମେ ଭାର୍ଯ୍ୟା ଥିଲେ ତାହାଙ୍କର
ସର୍ବ ସୁଲକ୍ଷଣୀ ଅଟନ୍ତି ଯେ ନାରୀବର ।
ସ୍ୱାମୀ ପରାୟଣା ପତିବ୍ରତା ସେ ରମଣୀ
ପୂର୍ବ ଜନମର କଥା ପାରୁଥିଲେ ଜାଣି ।
ରାଜେଶ୍ୱର ହୋଇଲେହେଁ ପତିପତ୍ନୀ ଦୁହେଁ
ପ୍ରତିଦିନ ହରିପୂଜା କରନ୍ତି ଉତ୍ସାହେ ।
ଦୁହେଁ ଜାତିସ୍ମର ଦୁହେଁ ଅତି ଭାଗ୍ୟବାନ
ସର୍ବଦା କରନ୍ତି ସତ କଥାବଲମ୍ବନ ।
ସତକାର୍ଯ୍ୟ ଅନୁଷ୍ଠାନ କରନ୍ତି ଯେ ନିତି
ପ୍ରତିଦିନ ଅନ୍ନ ଧାତା ଜଳଦାନ ଦ୍ୟନ୍ତି ।
ଅସଂଖ୍ୟ ତଡ଼ାଗ ଜଳାଶୟ ଉପବନ
ନିର୍ମାଣ କରାଇଥିଲେ ସେ ନୃପତି ଜାଣ ।
ମଧୁର କୋମଳ ବାକ୍ୟ କହି ସେ ଭୂପତି
କାହାରି ହୃଦରେ ଅନୁତାପ ନ ଦିଅନ୍ତି ।
ରାଣୀ ତାହାଙ୍କର ଶୁଚି ହୋଇ ପ୍ରତିଦିନ
ବିଷ୍ଣୁ ପ୍ରତିମାଙ୍କ ଆଗେ କରନ୍ତି ନର୍ତ୍ତନ ।
ବିଷ୍ଣୁ ଗୃହେ ନୃତ୍ୟ କଲାବେଳେ ସେ ମହିଷୀ
ଆନନ୍ଦ ସଲିଳ ସ୍ରୋତେ ଯାଉଥାନ୍ତି ଭାସି ।
ସୁମତି ରାଜନ ପ୍ରତି ଦ୍ୱାଦଶୀ ତିଥିରେ
ଧ୍ୱଜା ରୋପଣ କରନ୍ତି ସେ ବିଷ୍ଣୁ ମନ୍ଦିରେ ।
ବହୁବିଧି ମନେ ହର ଧ୍ୱଜା ଆରୋପଣ
ବିଷ୍ଣୁ ଗୃହେ କରିଥିଲେ ସେ ନୃପତି ଜାଣ ।
ତେଣୁ ସେ ଦୁହିଙ୍କୁ ଦେବଗଣ ପ୍ରୀତ ହୋଇ
ସ୍ତୁତି କରୁଥିଲେ ତାଙ୍କୁ କୀର୍ତ୍ତି ମୁଖେ ଗାଇ ।
ସୁଧର୍ମା ସଭାରେ ଇନ୍ଦ୍ର ଦେବଙ୍କୁ କହନ୍ତି
ସୁମତି ରାଜନ ବଡ଼ ଧାର୍ମିକ ଅଟନ୍ତି ।
ରାଣୀ ତାହାଙ୍କର ଅତି ଧର୍ମପରାୟଣା
ସେ ଦୁହେଁ ନୁହନ୍ତି ତାହାଠାରୁ କେହି ଊଣା ।
ଏପରି ପ୍ରଶଂସା ସ୍ୱର୍ଗେ କରନ୍ତି ଅମରେ
ଶୁଣ ଋଷିଗଣ ଯାହା ହେଲା ତହିଁପରେ ।
ଦିନେ ସେ ଭୂପତି ପୁରେ ବିଭାଣ୍ଡକ ଋଷି
ସଂଗେ ଶିଷ୍ୟଗଣ ଘେନି ପ୍ରବେଶିଲେ ଆସି ।
ବିଭାଣ୍ଡକ ଆସିବାର ଶୁଣି ସେ ରାଜନ
ରାଣୀ ସହିତରେ ଘରୁ ଅଇଲେ ବହନ ।

Digitized by srujanika@gmail.com

ଋଷିଙ୍କି ସାକ୍ଷାତେ ଦେଖି ପରମ ଭକ୍ତିରେ
ଅତିଥି ସତ୍କାର ତାଙ୍କୁ କଲେ ସମାଦରେ ।
ବଚନରେ ସ୍ତବକରି ଶିରେ କରଯୋଡ଼ି
ନମିଲେ ସେ ମୁନିଙ୍କର ପାଦତଳେ ପଡ଼ି ।
ତଦନ୍ତେ ବସାଇ ତାଙ୍କୁ ଉତ୍ତମ ଆସନେ
କହିଲେ ସେ ନୃପବର ବିନୟ ବଚନେ ।
ହେ ମୁନି ଆପଣ ଆସିବାରୁ ଆଜି ମୋର
ଶୁଭଦିନ ବୋଲି ମନେ କରୁଛି ବିଚାର
ତୁମ୍ଭଙ୍କୁ ଦେଖି ମୁଁ ଆଜି ହୋଇଲି କୃତାର୍ଥ ।
ଜନ୍ମ କର୍ମ ଆଦି ମୋର ହେଲା ଚରିତାର୍ଥ ।
ସଭାରେ କହନ୍ତି ନିତି ସୁପଣ୍ଡିତ ଗଣ
ସୁଖପ୍ରଦ ଅଟେ ସୁଜନଙ୍କ ସମାଗମ ।
ମହାତ୍ମା ବ୍ୟକ୍ତିର ଯେଉଁଠାରେ ପ୍ରେମଥାଏ
ତହିଁ ଥାନ୍ତି ତେଜ କୀର୍ତ୍ତି ଧନ ଏ ସଭିଏଁ ।
ପୁତ୍ର ପୌତ୍ରୀ ଆଦିକରି ଯେତେକ ସମ୍ପତ୍ତି
ତାହା ରହିଥାଏ ସେଠାବରେ ଦିନ ରାତ୍ରି ।
ସେଠାରେ ମଙ୍ଗଳ ବୃଦ୍ଧି ହୁଏ ପ୍ରତିଦିନ
କର୍ମ କଲେ ଶୁଭଫଳ ମିଳଇ ବହନ ।।
ସାଧୁମାନଙ୍କର କୃପା ଥାଏ ଯାହାଠାରେ
ତାହାର ଅଲଭ୍ୟ କିଛି ନାହିଁ ଜଗତରେ ।
ମସ୍ତକ ଲଗାଏ ଯେହୁ ସାଧୁଙ୍କ ପୟରେ
ଆବର ଧରଇ ସାଧୁ ପାଦୋଦକ ଶିରେ ।
ସେ ସକଳ ତୀର୍ଥ ସ୍ଥାନ ଫଳକୁ ଲଭଇ
ତାଠାରୁ ଅଧିକ ପୁଣ୍ୟବାନ କେହି ନାହିଁ ।
ଆହେ ମୁନି ଏ କାରଣୁ ପୟରେ ତୁମ୍ଭର
ପୁତ୍ର ଭାର୍ଯ୍ୟା ଇତ୍ୟାଦିକୁ ସମର୍ପିଲି ମୋର ।
ଆପଣ ଅଟନ୍ତି ମୋର ଶାସନ କରତା
କି କାର୍ଯ୍ୟ କରିବୁ ମୋତେ କହ ସବୁ କଥା ।
ଯେଉଁ କାର୍ଯ୍ୟ କଲେ ପ୍ରିୟ ହୋଇବ ତୁମ୍ଭର
ମୁଁ ତାହା କରିବି ମୁନି ମୋତେ ଆଜ୍ଞା କର ।
ରାଜନ ମୁଖରୁ ଏହା ଶୁଣି ବିଭାଣ୍ଡକ
ଆପଣାର ମନ ମଧ୍ୟେ ହୋଇଲେ ଉତ୍ସୁକ ।
ଆଲିଙ୍ଗନ କରି ଆନନ୍ଦରେ ନୃପତିଙ୍କୁ
କହିଲେ ଭାବ ଗଦ୍ ଗଦ୍ ହୋଇଣ ତାହାଙ୍କୁ ।
ମୋ ଅଗ୍ରତେ ଯାହା ବଖାଣିଲ ମୁନିବର
ତାହା ଅଟେ ତୁମ୍ଭଙ୍କୁ ଶୋଚିତ ବ୍ୟବହାର ।

ବିନୟରେ ଯେଉଁମାନେ ନମସ୍କାର ହୋନ୍ତି
ପରମ ମଙ୍ଗଳ ତାଙ୍କୁ ହୁଅଇ ପ୍ରାପତି ।
ଧର୍ମ ଅର୍ଥ କାମ ମୋକ୍ଷ ଏ ଆଦି ସକଳ
ବିନୟରୁ ପରାଜିତ ହୋନ୍ତି ସବୁ କାଳ ।
କେଉଁ ବସ୍ତୁ ଅବା ବିନୟରୁ ନ ମିଳଇ
ଏମନ୍ତ ବୋଲିବ କଥା ସଂସାରରେ ନାହିଁ ।
ହେ ରାଜନ ତୁମ୍ଭଠାରେ ହୋଇଛି ତୃପତ
ମୋ ସନ୍ତୋଷେ ନାଶ ହେଉ ତୁମ୍ଭର ଅରିଷ୍ଟ ।
ସକଳ ମଙ୍ଗଳ ଲାଭକର ନୃପବର
ସନ୍ତତରେ ଲାଭ ହେଉ ପ୍ରଜାମାନଙ୍କର ।
ଶତ୍ରୁଏ କରନ୍ତୁ ସାଧୁ ପ୍ରଥାବଲମ୍ବନ
ଭଣ୍ଡାର ଗୃହରେ ପୂର୍ଣ୍ଣ ହେଉ ଧନ ଧାନ୍ୟ ।
ସାରା ପୃଥିବୀରେ ତୁମ୍ଭେ ହୋଇଛ ନୃପତି
ଆମ୍ଭ ଆଶୀର୍ବାଦ ପାଇ ଲାଭ ଦିବ୍ୟଗତି ।
ହେ ରାଜନ କଥା ଏକ ପଚାରୁଛି ମୁହିଁ
ସମସ୍ତ ପ୍ରକାଶ କର ମୋତେ ନ ଲୁଚାଇ ।
ଶ୍ରୀହରିଙ୍କ ପ୍ରୀତି ଅର୍ଥେ ଅଛି ବହୁ ପୂଜା
ତୁମ୍ଭେ କିମ୍ପା ନିତି ଆରୋପଣ କର ଧ୍ୱଜା ।
ଏ ଧ୍ୱଜାରୋପଣ କର୍ମେ ପ୍ରତ୍ୟହ ଉଦ୍ୟତ
କିମ୍ପାଇ ହୋଇଛି ତୁମ୍ଭେ କହ ନରନାଥ ।
ତୁମ୍ଭର ମହିଷୀ କିମ୍ପା ହରିଙ୍କ ଆଗରେ
ପ୍ରତିଦିନ ନୃତ୍ୟ କରୁଥାନ୍ତି ସରାଗରେ ।
ଏଥିର କାରଣ ମୋତେ ଯଥାର୍ଥରେ କହ
ଶୁଣିଲେ ମନରୁ ମୋର ତୁଟିବ ସନ୍ଦେହ ।
ମୁନିଙ୍କ ମୁଖରୁ ଏହା ଶୁଣି ସେ ରାଜନ
ବୋଇଲେ ପୁଛିଲ ଯାହା ମୋତେ ତପୋଧନ ।
ସେ କଥା କହୁଛି ତୁମ୍ଭ ଅଗ୍ରତରେ ମୁହିଁ
ମୋଠାରୁ ଶ୍ରବଣ କର ଏକମନ ହୋଇ ।
ଆମ୍ଭେ ପତିପତ୍ନୀ ଯାହା କରୁଅଛୁ ନିତି
ଆଶ୍ଚର୍ଯ୍ୟଜନକ ତାହା ଅଟେ ଆହେ ଯତି ।
ଯେତେକ ଚରିତ ଅଛି ଆମ୍ଭ ଦୁହିଁଙ୍କର
ଆଶ୍ଚର୍ଯ୍ୟ ଅଟଇ ତାହା ପ୍ରାଣୀମାନଙ୍କର ।
ପୂର୍ବେ ମୁଁ ମାତୁଳୀ ନାମେ ଶୂଦ୍ର ହୋଇଥିଲି
ସର୍ବଦା କୁକର୍ମ କରି ଦିନ କଟାଇଲି ।
ଅନିଷ୍ଟ କରଇ ସବୁ ପ୍ରାଣୀଙ୍କର ନିତି
ଅତ୍ୟନ୍ତ ନିଷ୍ଠୁର ଥିଲା ମୋହର ପ୍ରବୃତ୍ତି ।

Digitized by srujanika@gmail.com

ଧର୍ମଦ୍ରୋହୀ ହୋଇ କରି ଖଳ ଆଚରଣ
ହରଣ କରଇଦେବ ବ୍ରାହ୍ମଣଙ୍କ ଧନ ।
ଦିନୁଁ ଦିନ ପାପ ବୃଦ୍ଧି ହେବାରୁ ଅପାର
ଧନ ପୁତ୍ର ଆଦି ସବୁ ନାଶ ଗଲେ ମୋର ।
ତଥାପି ମୁଁ ସାଧୁପଣ ନ କରି କିଞ୍ଚିତେ
ଲୋକଙ୍କୁ ନିଷ୍ଠୁର ବାକ୍ୟ କହିଲି ସନ୍ତତେ ।
ଅତ୍ୟନ୍ତ ପାମର ମୁଁ ଯେ ବେଶ୍ୟାସକ୍ତ ହୋଇ
କୁମାର୍ଗରେ ବହୁକାଳ ଦେଲି ଯେ ବିତାଇ ।
ସାଧୁଜନଙ୍କର ବାକ୍ୟ ଆଦର ନ କରି
ପ୍ରିୟ ବନ୍ଧୁ ବାନ୍ଧବଙ୍କୁ ପରିତ୍ୟାଗ କରି ।
ବଡ଼ ବଡ଼ ଲୋକଙ୍କର କଥା ନ ଶୁଣିଲି
ଅନ୍ୟାୟ କରିଣ ସଦା ଦିନ କଟାଇଲି ।
ଗହନ ବନରେ ବୁଲି ମୃଗ ମାଂସ ଖାଇ
ନାନାଦି ଅନ୍ୟାୟ କର୍ମେ ରତ ହେଲି ମୁହିଁ ।
ଏହି ପରକାର ଅଙ୍ଗେ ନାନା କ୍ଳେଶ ସହି
ଏକାକି ନିର୍ଜନ ବନେ ବାସକଲି ମୁହିଁ ।
ଦିନେ ସେ ବନରେ ଘୋର ବରଷା ହୋଇଲା
ପ୍ରଭାତରୁ ସନ୍ଧ୍ୟାଯାଏ କ୍ଷଣେ ନ ଛାଡ଼ିଲା ।
ଦୁର୍ଗମ ବରଷା ହେତୁ ଆହାର ନ ପାଇ
ଘୋର କଷ୍ଟ ସହିଲି ମୁଁ ଅନାହାରେ ରହି ।
ରାତ୍ର ଶେଷ କାଳେ ସେ ବରଷା ଛାଡ଼ିଗଲା
ବିରଳ ହୋଇଣ ଦିଗଭାଗ ଦେଖାଗଲା ।
କ୍ଷୁଧା ତୃଷାରେ ମୁଁ ଶୋଇ ଅତ୍ୟନ୍ତ କାତର
ଅରଣ୍ୟରେ ବୁଲି ବୁଲି ଖୋଜିଲି ଆହାର ।
ବୁଲି ବୁଲି ବହୁ ଦୂର ପଥ ଭ୍ରମିଗଲି
ତହିଁ ଏକ ଜୀର୍ଣ୍ଣ ବିଷ୍ଣୁ ମନ୍ଦିର ଦେଖିଲି ।
ସେ ମନ୍ଦିର ସନ୍ନିଧିରେ ଏକ ସରୋବର
ଦେଖିଲି ଦିଶୁଛି ନୟନକୁ ମନୋହର ।
ହଂସ କାରଣ୍ଡକ ଆଦି ଜଳ ଜନ୍ତୁଗଣ
ଖେଳନ୍ତି କମଳ ମଧ୍ୟେ ଆନନ୍ଦ ହୋଇଣ ।
ଏସନେକ ସରୋବର ନେତ୍ରେ ଦେଖି ମୁହିଁ
ଜଳପାନ କରି ତୃଷା କଟାଇଲି ତହିଁ ।
ପୂର୍ବବୃତ ପଥଶ୍ରାନ୍ତ ହୋଇ ରହିଥିଲି
ସେ ହ୍ରଦର ତଟେ ବସି ବିଶ୍ରାମ କରିଲି ।
କଇଁମୂଳ ଭକ୍ଷି ତହିଁ ତୋଷିଲି ଉଦର
କ୍ଷୁଧାତୃଷା ଜଳପାନେ ଶାନ୍ତହେଲା ମୋର ।

ଆଶ୍ରୟ ନ ଦେଇ ନିରାଶ୍ରୟ ଥିଲି ହୋଇ
ସେ ବିଷ୍ଣୁ ମନ୍ଦିର ମଧ୍ୟେ ବାସକଲି ଯାଇ ।
ଯେତେ ଫାଟ ହୋଇଥିଲା ମନ୍ଦିର ମଧ୍ୟରେ
ଲେପି ମାଟି ପୂର୍ଣ୍ଣ କଲି ମୁହିଁ ସ୍ୱହସ୍ତରେ ।
ପୂର୍ବ ଭାଗ୍ୟ ବଶରୁ ମୁଁ ଗୋମୟ ଆଣିଲି
ତହିଁରେ ଲେପି ସେ ସ୍ଥାନ ପବିତ୍ର କରିଲି ।
ମୁଁ ସେହି ମନ୍ଦିରେ ରହି ବ୍ୟାଧ ବୃତ୍ତିକରି
ଉଦର ପୋଷିଲି ନିତି ମୃଗ ମାଂସ ମାରି ।
ଏପରି କୋଡ଼ିଏ ବର୍ଷ ହୋଇଯାନ୍ତେ ଗତ
ତାହାପରେ ଯାହାହେଲା ଶୁଣ ସେ ବୃତ୍ତାନ୍ତ ।
ଏ ସାଧ୍ୱୀ ରମଣୀମୋର ବିନ୍ଧ୍ୟ ପର୍ବତରେ
ସେ କାଳରୁ ଜାତ ହୋଇଥିଲା ବ୍ୟାଧଘରେ ।
ରହିଥିଲା ନାମ ତାର କୋକିଳିନୀ ବୋଲି
ଗୃହରୁ ଅନ୍ତର କଲେ ବନ୍ଧୁଏ ତାହାରି ।
ସେ ଲାଗି ଶରୀର ଯାର କ୍ଷୀଣ ହୋଇଥିଲା
କ୍ଷୁଧା ତୃଷାରେ ଅତ୍ୟନ୍ତ କଷଣ ଲଭିଲା ।
ଆପଣା କଲା କର୍ମ ସେ ବିଚାରି ମନରେ
ଅରଣ୍ୟେ ପଶିଲା ଯାଇ ଅତ୍ୟନ୍ତ କାତରେ ।
ଉଦର ଜ୍ୱାଳାରେ ବ୍ୟାକୁଳତି ହୋଇଥିଲା
ଶୋକ କରି କରି ଘୋର ଅରଣ୍ୟେ ମିଳିଲା ।
ନିର୍ଜନ ଅରଣ୍ୟ ମଧ୍ୟେ ବୁଲି ଗ୍ରୀଷ୍ମକାଳେ
ଅପାର କ୍ରନ୍ଦନ ସେହୁ କରିଲା ବିକଳେ ।
ଏକେତ ଉଦର ପୋଡୁଥିଲା କ୍ଷୁଧାତୁରେ
ଗ୍ରୀଷ୍ମତାପେ ଛଟପଟ ହେଲା ସେହିଠାରେ ।
ବନସାରା ବୁଲି ବୁଲି ଅତ୍ୟନ୍ତ କାନ୍ଦିଲା
ଦୈବ ଯୋଗେ ମୋହପାଶେ ଯାଇଣ ମିଳିଲା ।
ସେହି ଦୁଃଖିନୀକୁ ମୁହିଁ ଦେଖି ନୟନରେ
କ୍ଷଣେକାଳ ବସି ପୁଣି ଭାବିଲି ମନରେ ।
ତହିଁପରେ ଫଳ ମୂଳ କନ୍ଦମୂଳ ମାନ
ଭୋଜନ ନିମନ୍ତେ ତାହାକୁ ଦେଲି ମୁଁ ବହନ ।
ଦଣ୍ଡେ ସୁସ୍ଥ ହୋଇବାରୁ ତାହାକୁ ବୋଇଲି
କି ନାମ ତୁମ୍ଭର ବେଗେ କହ ମୋତେ ଖୋଲି ।
ତୋର କିଏ ପିତାମାତା କିଏ ତୋର ଗୃହ
ବନରେ ବୁଲୁଛ କିମ୍ପା ନ କରିଣ ଭୟ ।
କେବଣ କୁଳରେ ଜନ୍ମ ଅଟଇ ତୋହର
ଏହାସବୁ ତଥ୍ୟକରି କହ ମୋ ଆଗର ।

Digitized by srujanika@gmail.com

ମୁଁ ଏହି ପ୍ରକାରେ ତାକୁ ପୁଛନ୍ତେ କାରଣ
ସକଳ ବୃତ୍ତାନ୍ତ ସେହୁ ବଖାଣିଲା ଜାଣ ।
ସେ ରମଣୀ ଯାହା ସବୁ କହିଲା ମୋହରେ
ମୁଁ ତାହା କହୁଛି ସର୍ବେ ଶୁଣ ମନସ୍ଥିରେ ।
କୋକିଳିନୀ ବୋଲି ତାର ହୋଇଥିଲା ନାମ
ବିନ୍ଧ୍ୟାଚଳେ ଜନମିଲା ବ୍ୟାଧଘରେ ଜାଣ ।
ଦାମ୍ଭିକ ନାମରେ ବ୍ୟାଧ ପିତା ଅଟେ ତାର
ବିନ୍ଧ୍ୟ ପର୍ବତରେ ସେହୁ କରିଥାଏ ଘର ।
ବ୍ୟାଧକୁଳେ ଜାତ ହୋଇ ସେ ମୂଢ଼ା ରମଣୀ
ନିତି ପରଦ୍ରବ୍ୟ ହରି ଆଣେ ଜାଣି ଶୁଣି ।
କହଇ ନିଷ୍ଠୁର ବାକ୍ୟ ପିଶୁନ ଭାବରେ
କୋମଳ ବଚନକେଭେ ନ ଆସେ ମୁଖରେ ।
ଅକାଳେ ସେ ପାପିନୀର ସ୍ୱାମୀ ଗଲା ନାଶ
ଘରୁ ତଡ଼ିଦେଲେ ବନ୍ଧୁଜନେ ହୋଇ ରୋଷ ।
ତେଣୁ ସେ ଦୁର୍ଗମ ବନେ ପଶି ବୁଲୁଥିଲା
ଦଇବ ଯୋଗରୁ ଆସି ମୋ ପାଶେ ମିଳିଲା ।
ମୁଁ ତାହାକୁ ପଚାରନ୍ତେ ଏ ସବୁ ବୃତ୍ତାନ୍ତ
ବୁଝାଇ କହିଲା ମୋତେ ତାହାର ସମସ୍ତ ।
ନିଜେ କଲା କର୍ମଯାକ କହିଣ କାନ୍ଦିଲା
ତାହା ଦେଖି ମୋ ମନରେ ଦୟାଜାତ ହେଲା ।
ବିଷ୍ଣୁଙ୍କର ସେହି ଜୀର୍ଣ୍ଣ ମନ୍ଦିର ମଧରେ
ମୁଁ ରହିଲି ସେ ନାରୀକି ଘେନି ସଙ୍ଗତରେ ।
ଦୁହେଁ ପତି ପତ୍ନୀ ଭାବ ଆଶ୍ରୟ କରିଣ
ଗୃହୀ ପରି ସେ ମନ୍ଦିରେ ବାସ କଲୁ ଜାଣ ।
ମାଂସ ମୁଁ ଆଣଇଁ ନିତି ପଶୁ ପକ୍ଷୀ ମାରି
ତା ରନ୍ଧନ କରି ମୋତେ ଦିଅଇ ସେ ନାରୀ ।
ମୁଁ ଖାଇ ସାରିଲେ ଯାହା ଅବଶିଷ୍ଟ ଥାଏ
ତହିଁରେ ସେ ନାରୀ ତାର ଉଦର ପୁରାଏ ।
ଏପରି କେତେକ କାଳ ଗଲା ପରେ ଦିନେ
ଦୁହେଁ ମାଂସଖାଇ ଭୋଳହେଲୁ ମଦ୍ୟପାନେ ।
ମଦ ନିଶା ଯୋଗରେ ମୁଁ ଆନନ୍ଦିତ ହୋଇ
ଦଣ୍ଡ ଗୋଟିକର ଆଗ୍ରେ ବସନ ଗୁଡ଼ାଇ ।
ସେ ଦଣ୍ଡକୁ ଟେକି ଧରି ନୃତ୍ୟ କଲି ତହିଁ
ସେ ନାରୀ ମୋପରି ନୃତ୍ୟକଲା ମୋତେ ଚାହିଁ ।
ଦୁହେଁ ମଦ୍ୟପାନ ଯୋଗେ ଭୋଳ ହୋଇଥିଲୁ
ତେଣୁ ଅତିଶୟ ହର୍ଷେ ହୋଇ ନୃତ୍ୟ କଲୁ ।

ଅତି ଭୋଳେ ନାଚୁଅଛୁ ସେହି ଅବସ୍ଥାରେ
ଆମ୍ଭ ଦୁହିଙ୍କର ମୃତ୍ୟୁ ଘଟିଲା ସେଠାରେ ।
କରେ ପାଶ ଧରି ଭୟଙ୍କର ଯମଦୂତେ
ଆମ୍ଭ ନିକଟରେ ଆସି ମିଳିଲେ ତ୍ୱରିତେ ।
ଅତି ଭୋଳେ ଆମ୍ଭେ ନାଚିବାର ଦେଖିକରି
ପୂର୍ବୁ ଆମ୍ଭଠାରେ ତୁଷ୍ଟ ହୋଇଥିଲେ ହରି ।
ତେଣୁ ସେ ଆମ୍ଭଙ୍କୁ ନିଜପୁରେନେବାପାଇଁ
ଆପଣା ଦୂତଙ୍କୁ ଦେଇଥିଲେ ପଠିଆଇ ।
ଯମଦୂତଗଣ ଆସିବାର କାଳେ ମିଳି
ବିଷ୍ଣୁଦୂତମାନେ ତାଙ୍କୁଦେଲେ ବହୁ ଗାଳି ।
ସେଠାରେ ସେ ବେନିଦୂତଙ୍କର ଯେତେବାଦ
ବିବାଦ ଚଳିଲା ତାହାଶୁଣ ହେ କୋବିଦ ।
ସେ ବାଦ ବିବାଦ ଶୁଣି ରଖିଛି ମୁଁ ମନେ
ପ୍ରକାଶ କରିବି ଏବେ ଶୁଣ ମହାମୁନେ ।
ଶମନ ଦୂତଙ୍କୁ ତହିଁ ଦେଖି ବିଷ୍ଣୁଦୂତେ
କହିଲେ ଚକ୍ଷୁକୁ ରଙ୍ଗ କରି କୋପଚିତ୍ତେ ।
ଆରେରେ ଦୁରାତ୍ମା କ୍ରୁର ଯମଦୂତଗଣ
ଆମ୍ଭେ ଯାହା କହୁଅଛୁ ହେତୁକରି ଶୁଣ ।
କିଛି ବିବେଚନା ନାହିଁ ତୁମ୍ଭର ହୃଦରେ
ତେଣୁ ବଳେ ପଶି ଯାଉଅଛ ସବୁଠାରେ ।
ପାପୀଙ୍କି ଦଣ୍ଡିବା ପାଇଁ ତୁମ୍ଭର ନୃପତି
ସଞ୍ଜୀବନୀ ପୁରେ ବସି କରୁଛି ରାଜୁତି ।
ସୁକୃତୀଙ୍କଠାରେ ତାର ଅଧିକାର ନାହିଁ
ବିଷ୍ଣୁ ଭକତଙ୍କୁ ଚାହିଁ ପାରିବ ସେ କାହିଁ ।
ଏମନ୍ତ ଯେ ଯମ ତାର ଦୂତ ହୋଇ ତୁମ୍ଭେ
ଏଠାରେ ପ୍ରବେଶ ହେଲ ଆସି କେଉଁ ଦମ୍ଭେ ।
ହରିଙ୍କର ପ୍ରିୟଭକ୍ତ ଅଟନ୍ତି ଏ ଦୁହେଁ
କଉଣସି ପାପ ନାହିଁ ଏହାଙ୍କର ଦେହେ ।
ଏ ପତି ପତ୍ନୀଙ୍କଠାରେ ତୁମ୍ଭ ଅଧିକାର
ଚଳିବାକୁ ନାହିଁ ପଥୁଁ ପଳାଅ ସତ୍ୱର ।
ଏ ସ୍ତିରୀ ପୁରୁଷ ଦୁହେଁ ହରିଙ୍କର ପ୍ରିୟ
ପାପ ନାହିଁ ଏହାଙ୍କର ଦେହ ପୁଣ୍ୟମୟ ।
ଏହା ଜାଣି ଏ ଦୁହିଁଙ୍କୁ ପରିତ୍ୟାଗ କର
ଆମ୍ଭ ଆଦେଶରେ ଏଥୁଁ ଯାଅ ବେଗଫେର ।
ସମ୍ପଦର ଆଦ୍ୟ ହେତୁ ଅଟଇ ବିବେକ
ବିପଦେ ପଡ଼ଇ ନିତି ଅବିବେକୀ ଲୋକ ।

Digitized by srujanika@gmail.com

ନିଷ୍ପାପୀକୁ ପାପୀ ବୋଲି ଜ୍ଞାନ ଯେ କରଇ
ଜଗତେ ପୁରୁଷାଧମ ଅଟଇ ଯେ ସେହି ।
ବିଷ୍ଣୁ ଦୂତଙ୍କର ଠାରୁ ଶୁଣି ଏ ବଚନ
ଉତ୍ତରେ କହିଲେ ତାଙ୍କୁ ଯମ ଦୂତଗଣ ।
ତୁମ୍ଭେ ଯାହା କହୁଅଛ ସେପରି ନୁହଇ
ଆମ୍ଭେ ଜାଣୁ ମହାପାପୀ ଅଟନ୍ତି ଏ ଦୁଇ ।
ଯମ ଦଣ୍ଡକୁ ଏ ପାପୀ ଭାଜନ ଅଟନ୍ତି
ତେଣୁ ଏ ଦୁହିଁଙ୍କୁ ଆମ୍ଭେ ନେବୁ ସାଥି ସାଥି ।
ବେଦରେ ଯେ ଲେଖାଅଛି ସେ ଅଟଇ ଧର୍ମ
ତାର ବିରୁଦ୍ଧାଚରଣ କରେ ଯେ ଅଧର୍ମ ।
ଏକଥା ଅଟଇ ସତ୍ୟ ଜାଣ ବିଷ୍ଣୁଦୂତେ
ଏଥିରେ ସନ୍ଦେହ ତୁମ୍ଭେ ନ କର କିଞ୍ଚିତେ ।
ଅଧର୍ମାଚରଣ ଏହି ଦୁଇ କରିଛନ୍ତି
ତେଣୁ ଆମ୍ଭେ ଘେନି ଯିବୁ ଏ ଦୁହିଁକି ସାଥି ।
ଯାକୁ ଦଣ୍ଡଦେବେ ପାପ ଅନୁସାରେ ଯମ
ତୁମ୍ଭେମାନେ ଫେରିଯାଅ ନ ହୋଇଣ ଭ୍ରମ ।
ଏହା ଶୁଣି କ୍ରୋଧଭର ହୋଇ ବିଷ୍ଣୁଦୂତେ
ଅନଳ ସମାନ ତେଜ ପ୍ରକାଶିଲେ ସାଥେ ।
ଦଶଦିଗ ଆଲୋକିତ ହୋଇ ସେ ତେଜରେ
ଭୟ ଜନ୍ମାଇଲେ ପ୍ରାଣୀମାନଙ୍କ ମନରେ ।
ଅଧର କମ୍ପାଇ କୋପେ ସେ ବିଷ୍ଣୁକିଙ୍କରେ
କହିଲେ ଶମନ ଦୂତମାନଙ୍କୁ ଉଚ୍ଚରେ ।
ଆରେରେ ପାପିଷ୍ଠ ଯମଦୂତମାନେ ଶୁଣ
ତୁମ୍ଭେ କରୁଅଛ ନାନା ପାପ ପ୍ରତିଦିନ ।
ସେଥିଲାଗି ନରକରେ ହୋଇ ନଡକର
କାଳ କଟାଉଛ ମୁଖଚାହିଁ ପାପୀଙ୍କର ।
ଯେତେ ଯେତେ ମହା ପାପୀଛନ୍ତି ଏ ସଂସାରେ
ପାପକ୍ଷୟ ହେବାଯାଏ ଥାନ୍ତି ନରକରେ ।
ନାରକୀ ସେମାନେ ତୁମ୍ଭେ ନାରକୀ ହୋଇଣ
ଶମନ ଲୋକରେ କର ସମୟ ଯାପନ ।
ଚନ୍ଦ୍ର ସୂର୍ଯ୍ୟ ଥିବାଯାଏ ଯମପୁରେ ଥାଅ
ପୂର୍ବାର୍ଜିତ ପାପକର୍ମ ନ ହୁଅଇ କ୍ଷୟ ।
ପାପକ୍ଷୟ ହେବାପାଇଁ ଚେଷ୍ଟା ନ କରିଣ
କିମ୍ପାଇଁ କରୁଛ ପାପକର୍ମ ପୁନଃ ପୁନଃ ।
ଯାହା କହିଅଛି ବେଦ ତା ଧର୍ମ ଅଟଇ
ତାହାକୁ ଯେ ସତ୍ୟ ବୋଲି କେ ପାରିବ କହି ।

ତୁମ୍ଭେମାନେ ଜାଣି ନାହିଁ ବେଦର ସୁତଥ୍ୟ
ଆମ୍ଭେ ଯାହା କହୁଅଛୁ ଶୁଣ ଦେଇ ଚିତ୍ତ ।
ଯେଉଁ ଧର୍ମ କରିଅଛନ୍ତି ଏ ବେନି ପ୍ରାଣୀ
ତା ଆମ୍ଭେ ଜାଣିଛୁ ପୁଣ କହିବୁ ପ୍ରମାଣି ।
ସର୍ବଦା ଏ ହୋଇ ହରି ସେବାରେ ନିରତ
ସକଳ ପାପରୁ ହୋଇ ଅଛନ୍ତି ମୁକତ ।
ଶ୍ରୀହରି ଏହାଙ୍କୁ କରିଛନ୍ତି ପରିଶୁଦ୍ଧ
ତେଣୁ ଏ ଲାଭ କରିବେ ବୈକୁଣ୍ଠ ସମ୍ପଦ ।
ତୁମ୍ଭେ ଏ ସମସ୍ତ ଜାଣି ବିଳମ୍ବ ନ କରି
ଏ ଦୁହିଙ୍କୁ ଛାଡ଼ି ଦେଇ ଯାଅ ବେଗ କରି ।
ଆବର କଥାଏ ଆମ୍ଭେ କହୁଅଛୁଁ ଶୁଣ
ଏ ନାରୀ କରିଛି ବିଷ୍ଣୁଗୃହରେ ନର୍ତ୍ତନ ।
ଜୀବନ ତେଜିବାବେଳେ ଧର୍ମ କାମମାନ
କରିଛି ଏ ବ୍ୟକ୍ତି କରି ଧ୍ୱଜାମାନ ଦାନ ।
ଏ କାରଣୁ ଏହୁ ପାପୁଁ ହୋଇଅଛ ମୁକ୍ତ
ଆହୁରି କଥାଏ ଶୁଣ କହିବା ସମସ୍ତ ।
ଏମନ୍ତେ ଯେ ହରି ତାଙ୍କୁ ଯେହୁ ସେବାକରେ
ତାହାର ଅଲଭ୍ୟ କିଛି ଅଛିକି ସଂସାରେ ।
ମହାପାପୀ ହେଉ ଅବା ହେଉ ପାପମୁକ୍ତ
ଦରଶନ କରେ ଯେହୁ ଶ୍ରୀହରିଙ୍କ ଗାତ୍ର ।
ପରମ ପଦ ଯାହାକୁ ପ୍ରାପତ ହୁଅଇ
ସେ ଭକ୍ତ ଦର୍ଶନେ ସର୍ବ ପାପ କ୍ଷୟ ଯାଇ ।
ସାଧୁମାନଙ୍କ ସେବାରେ ଥାନ୍ତି ଯେହୁ ରତ
ସେମାନଙ୍କୁ ଅନ୍ତଃକାଳେ ଯେବେ ଦେଖେ ନେତ୍ର
ଅଙ୍ଗରୁ ସକଳ ପାପ ନାଶ ଯାଇ ତାର
ବୈକୁଣ୍ଠ ଭୁବନେ ବସେ ଆନନ୍ଦ ମନର ।
ଶ୍ରୀହରି ମନ୍ଦିରେ ଯେବେ ଦଣ୍ଡେକିବା ଲେଖେ
ଅନ୍ତର ନିର୍ମଳ କରି ପାପୀଜନ ବସେ ।
ସକଳ ପାପରୁ ମୋକ୍ଷ ଲଭି ସେହୁ ଅନ୍ତେ
ପରମ ପଦ ସେ ପ୍ରାପ୍ତ ହୁଅଇ ନିଶ୍ଚିତେ ।
ହରିଙ୍କ ସେବାରେ ଯେହୁ ସଦା ରତ ଥାଏ
ତା ପୁଣ୍ୟ ମୁଖରେ କେଭେ ବରଣି ନ ହୁଏ ।
ଶ୍ରୀହରି ଭକ୍ତର ପରେ ତୁମ୍ଭ ରାଜାଙ୍କର
ଚଳଇ କି ଅଧିକାର ଯାଇଣ ପଚାର ।
ଆହୁରି କହୁଛି ଏମାନଙ୍କ ରୀତି ଶୁଣ
ହରି ମନ୍ଦିର ଏ ଲିପିଛନ୍ତି ପ୍ରତିଦିନ ।

Digitized by srujanika@gmail.com

ପ୍ରତିଦିନ ମନ୍ଦିର ସେ ସଫା ରଖିଛନ୍ତି
ଭଗ୍ନ ସ୍ଥାନରେ ପ୍ରସ୍ତର ଆଣି ସେ ଲଗାନ୍ତି ।
ସକାଳୁ ଉଠିଲେ ଜଳ କରନ୍ତି ସେଚନ
ସନ୍ଧ୍ୟା ସମୟରେ ଦୀପ ଲଗାନ୍ତି ଏ ଜାଣ ।
ତେଣୁ ମହା ଭାଗ୍ୟବାନ ଅଟନ୍ତି ଏ ଦୁଇ
ମରତେ ଯାଙ୍କ ସମାନ ଆନ କେହି ନାହିଁ ।
କେଉଁପରି ତୁମ୍ଭେ ଯାଙ୍କୁ ନେବ ଯମପୁରେ
ବିଚାର କରି ଯା ସ୍ଥିର କରନ୍ତୁ ପଛରେ ।
ଯାହାକୁ ଦେଖିଲେ ତୁମ ରାଜା ହାତଯୋଡ଼ି
ପ୍ରାର୍ଥନା କରିବ ବିନୟରେ ପାଦେ ପଡ଼ି ।
ତାଙ୍କୁ ନେବାପାଇଁ କାହିଁ କ୍ଷମତା ତୁମ୍ଭର
ସବୁଠାରୁ ଭଲ ହଟିଯାଅ ନିଜପୁର ।
ବିଷ୍ଣୁ ଦୂତମାନେ ଏହା କହିବାର ଶୁଣି
ଯମଦୂତମାନେ ତାହା ମନେ ମନେ ଗୁଣି ।
ଭୟପାଇ ଆପଣାର କାଳଫାଶ ଧରି
ପଳାଇଲେ ଯେ ଯାହାର ପ୍ରାଣ ରକ୍ଷାକରି ।
ଯମ ଦୂତଙ୍କର ପଳାୟନ ଦେଖି ତୋଷେ
ବିଷ୍ଣୁଦୂତମାନେ ପ୍ରବେଶିଲେ ଆମ୍ଭ ପାଶେ ।
ବିମାନେ ବସାଇ ସେହୁ ଅତ୍ୟନ୍ତ ଆଦରେ
ବିଷ୍ଣୁ ଲୋକେ ପ୍ରବେଶିଲେ ନେଇଣ ସଙ୍ଗରେ ।
ବୈକୁଣ୍ଠରେ ବାସ ପାଇ ଆମ୍ଭେ ଦୁଇପ୍ରାଣୀ
ବହୁତ ବରଷ ସୁଖେ ବିତାଇଲୁ ପୁଣି ।
ସେ ପୁଣ୍ୟ ଭୁବନେ ଯେତେ ଭୋଗ ଅଛୁପାଇ
କହୁଛି ତା ମଧ୍ୟେ ଥୋକେ ଶୁଣ ମନଦେଇ ।
ବିଷ୍ଣୁଙ୍କ ସମାନ ରୂପଧରି ସେ ଠାବରେ
ଦିବ୍ୟଭୋଗ ଭୁଞ୍ଜିଲୁ ଯେ ଆନନ୍ଦ ମନରେ ।
ତହିଁପରେ କଲୁ ବ୍ରହ୍ମଲୋକକୁ ଗମନ
ସେଠାରେକୋଟିଏ ଯୁଗ ହେଲା ଅବସାନ ।
ବ୍ରହ୍ମଲୋକ ତେଜି ସ୍ୱର୍ଗ ଭୁବନେ ମିଳିଲୁ
ସେ ଭୁବନେ ବହୁ ଇନ୍ଦ୍ର ସମ୍ପଦ ଭୋଗିଲୁ ।
ଶତେ କୋଟି ଯୁଗଯାଏ ଥିଲୁ ସ୍ୱର୍ଗପୁରେ
ପୁଣି କର୍ମ କ୍ଷୟ ଯୋଗେ ଜନ୍ମିଲୁ ମର୍ତ୍ତ୍ୟରେ ।
ପୂର୍ବଜନ୍ମ ବଳେ ରାଜା ହୋଇ ଏ ଭୁବନେ
ଅତୁଳ ସମ୍ପଦ ପାଇଅଛୁ ଦେଖ ଧ୍ୟାନେ ।
ଏ ସକଳ କାର୍ଯ୍ୟ କରି ଅଜ୍ଞାନ ବଶରେ
ମହତ୍ତ୍ୱ ଐଶ୍ୱର୍ଯ୍ୟ ଲାଭ କରିବୁ ଅଚିରେ ।
ଏବେ ଭକ୍ତିଭାବେ ଆରାଧିଣ ମାଧବଙ୍କୁ
ପ୍ରାପ୍ତ ଯେ ହୋଇବୁ ଆମ୍ଭେ ପରମ ପଦକୁ ।
ଏକଥା ସତ୍ୟ ଯେ ଆମ୍ଭ ବେନି ପ୍ରାଣୀଙ୍କର
ଆବର କଥାଏ ତୁମ୍ଭେ ଶୁଣ ମୁନିବର ।
ଅଜ୍ଞାନ ବଶରେ କର୍ମ କରିଲେ ହେ ଜନ
ହୁଅଇ ସେ ଫଳ ଜାଣ ତାକୁ ଭୋକ୍ତମାନ ।
ହରିଙ୍କୁ ଅର୍ଚ୍ଚନା କଲେ ଜ୍ଞାନ ବା ଭକ୍ତିରେ
ଅକଳନା ପୁଣ୍ୟଫଳ ମିଳଇ ସେଥିରେ ।
ନୃପଙ୍କ ମୁଖରୁ ଏହା ବିଭାଣ୍ଡକ ଶୁଣି
ପ୍ରଶଂସା କରିଲେ ତାଙ୍କୁ ଜ୍ଞାନମଧ୍ୟେ ଗଣି ।
ରାଜାଙ୍କୁ ଆଶିଷ ଦେଇ ସେ ମୁନି ସତ୍ୱରେ
ଲେଉଟି ପ୍ରବେଶ ହେଲେ ନିଜ ଆଶ୍ରମରେ ।
କହନ୍ତି ଯେ ସୁତମୁନି ଋଷିଙ୍କୁ ଅନାଇଁ
କାମଧେନୁ ସମ ବିଷ୍ଣୁ ସେଇ ଯେ ଅଟଇ ।
ବିଷ୍ଣୁ ପୂଜା ପରାୟଣ ବ୍ୟକ୍ତି ଯେତେଛନ୍ତି
ସକଳ ଅଭିଷ୍ଟ ପୂର୍ଣ୍ଣ କରି ସେ ପାରନ୍ତି ।
ମଙ୍ଗଳ ପ୍ରଦାନ ତାଙ୍କୁ କରନ୍ତି ଶ୍ରୀଧର
ଜଗତେ ସମ ବା କିଏ ଭକ୍ତଙ୍କ ସଙ୍ଗର ।
ଏହି କଥା ପୁଣ୍ୟ ଗୀତା ଶୁଣେ ଯେ କର୍ଣ୍ଣରେ
ନିଷ୍କଳଙ୍କ କାୟେ ସେହୁ ବସନ୍ତି ସ୍ୱର୍ଗରେ ।
ସେ ଧ୍ୱଜାରୋପଣ ପୁଣ୍ୟ ଫଳକୁ ଲଭଇ
ସନ୍ତୁଷ୍ଟ ହୁଅନ୍ତି ତାହାଠାରେ ଲକ୍ଷ୍ମୀସାଇଁ ।
ଶ୍ରୀହରି ଚରଣ କମଳରେ ଦେଇ ମନ
ଅଧମ କ୍ଷେତ୍ରମୋହନ କଲା ଯା ରଚନ ।

ଇତି ଶ୍ରୀ ବୃହତ୍ ନାରଦ ପୁରାଣେ
ଧ୍ୱଜାରୋପଣ ବ୍ରତ କଥନଂ
ନାମ ଅଷ୍ଟାଦଶୋଽଧ୍ୟାୟଃ ।

---•---

## ଊନବିଂଶ ଅଧ୍ୟାୟ

## ହରି ପଞ୍ଚକ ବ୍ରତ କଥନ

ଏଥିଅନ୍ତେ ଯାହା ହେଲା ଶୁଣ ମନଦେଇ
କହିବା ପବିତ୍ର ଗାଥା ତୁମ୍ଭଙ୍କୁ ବୁଝାଇ ।
ଯେ ହରି ପଞ୍ଚକ ନାମେ ଅଛି ପୁଣ୍ୟ ବ୍ରତ
ଲୋକରେ ଦୁର୍ଲ୍ଲଭ ପୁଣି ଅତ୍ୟନ୍ତ ଗୁପତ ।
ଅତ୍ୟନ୍ତ ଚିତ୍ତରେ ତାହା ଶୁଣି ଋଷିଗଣ
ନର ନାରୀଙ୍କର ଦୁଃଖ ନାଶନ ସେ ଜାଣ ।

Digitized by srujanika@gmail.com

ଧର୍ମ ଅର୍ଥ କାମ ମୋକ୍ଷ ଆଦି ପୁରୁଷାର୍ଥ
ଲଭନ୍ତି ମାନବେ ପୁଣ୍ୟ ବ୍ରତରେ ସମସ୍ତ ।
ସଭିଙ୍କ ମନ କାମନା ପୂର୍ଣ୍ଣ ସେ କରନ୍ତି
ସବୁ ବ୍ରତମାନଙ୍କରେ ଶ୍ରେଷ୍ଠ ସେ ବୋଲାନ୍ତି ।
ମାର୍ଗଶୀର ମାସ ଶୁକ୍ଳ ଦଶମୀ ତିଥିରେ
ଇନ୍ଦ୍ରିୟ ସଞ୍ଜମ କରି ବିଶୁଦ୍ଧ ମନରେ ।
ପ୍ରଭାତରୁ ଉଠି ନିତ୍ୟକର୍ମ ବଢ଼ାଇବ
ସ୍ନାନ ସନ୍ଧ୍ୟା ସାରି ଇଷ୍ଟଦେବଙ୍କୁ ପୂଜିବ ।
ପଞ୍ଚ ମହାଯଜ୍ଞ କରି ଯଥା ବିଧାନରେ
ଶ୍ରୀହରି ସୁମରି ବ୍ରତୀ ରହିବ ମୌନରେ ।
ସୂର୍ଯ୍ୟ ମନ୍ଦଗତି ହେଲେ ହବିଷ୍ୟ କରିବ
କୁଶ ଆସନରେ ଶୋଇ ରାତ୍ର କଟାଇବ ।
ନିଶା ଅବସାନ ଅନ୍ତେ ଏକାଦଶୀ ଦିନ
ପ୍ରଭାତ କାଳରୁ ଉଠି ବ୍ରତକାରୀ ଜନ ।
ଯଥା ବିଧାନରେ ସ୍ନାନ କରି ଶୁଚିହୋଇ
ହରିଙ୍କୁ ପୂଜିବ ଗୃହମଧେ ଶ୍ରଦ୍ଧାରେହିଁ ।
ପ୍ରତିମାଙ୍କୁ ପଞ୍ଚାମୃତେସ୍ନାନ କରାଇବ
ଭକ୍ତି ସହକାରେ ଗନ୍ଧ ପୁଷ୍ପ ସମର୍ପିବ ।
ଧୂପ ଦୀପ ନଇବେଦ୍ୟ ସହିତେ ତାମ୍ବୁଳ
ଅରପିବ ଯଦି ଅଷ୍ଟାକ୍ଷର ତତକାଳ ।
ଆରତ୍ରିକ ପ୍ରଦକ୍ଷିଣ ଆଦି କର୍ମମାନ
କରିବ ଭକ୍ତିରେ ବ୍ରତୀ ସମସ୍ତ ସମ୍ପୂର୍ଣ୍ଣ ।
ତଦନ୍ତେ ଆସନ ଶୁଦ୍ଧ କରିଣ ବସିବ
ଶିରେ କର ଯୋଡ଼ି ଏହି ସ୍ତବକୁ ପଢ଼ିବ ।
ତୁମ୍ଭେ ମୋ ଜ୍ଞାନର କର୍ତ୍ତା ଅଟ ହେ କେଶବ
ନମସ୍କାର କରେ ପୁରାଅ ମୋ ମନସ୍କାମ ।
ସ୍ୱରଗ ମର୍ତ୍ତ୍ୟ ପାତାଳ ଆଦି ତ୍ରିଭୁବନ
କରତା ଅଟନ୍ତି ପରା ସ୍ୱୟଂ ଯେ ଆପଣ ।
ଜଗତର ଦ୍ରବ୍ୟ ତବ ସ୍ୱରୂପ ଅଟଇ
ପ୍ରଣାମ କରୁଛି ତବ ଚରଣରେ ମୁହିଁ ।
ସର୍ବ ସିଦ୍ଧି ଦାତା ତୁମ୍ଭେ ପ୍ରଭୁ ଦାମୋଦର
ତବ ଶ୍ରୀଚରଣ ତଳେ କରେ ନମସ୍କାର ।
ଏତେବୋଲି ଶ୍ରୀବିଷ୍ଣୁଙ୍କୁ ନମସ୍କାର କରି
ଉପବାସେ ସମର୍ପିଲି ମନ୍ତ୍ର ପାଠ କରି ।
ହେ ଦେବ ଜଗତ ନାଥ ତବାଦେଶେ ମୁହିଁ
ଭକତି କରୁଛି ପାଞ୍ଚଦିନ ମନ ଦେଇ ।

ଉପବାସେ ରହି ଧରିଅଛି ବିଷ୍ଣୁବ୍ରତ
ତାହାର ଅଭିଷ୍ଟ ଫଳ କର ମୋତେପ୍ରାପ୍ତ ।
ଆହେ ଦ୍ୱିଜଗଣ ଏହିରୂପେ ବ୍ରତକାରୀ
ଦେବଙ୍କ ନିକଟେ ବ୍ରତ ସମର୍ପଣ କରି ।
ଆପଣାର ଇନ୍ଦ୍ରିୟକୁ ଜିଣି ଦୃଢ଼ଚିତ୍ତେ
ଏକାଦଶୀ ଦିନ ରାତ୍ର ପ୍ରବେଶ ହୁଅନ୍ତେ ।
ଜାଗର ଜାଳିବ ପରେ ଦୀପ ଘୃତ ଭରି
ଜାଗ୍ରତ ରହିବ ନ ଲଭଇ ଯେଉଁପରି ।
ଦ୍ୱାଦଶୀ ବା ତ୍ରୟୋଦଶୀ କିବା ଚତୁର୍ଦ୍ଦଶୀ
ପୁଣି ପୂର୍ଣ୍ଣିମାରେ ଯଦି ଏହି ଉପବାସୀ ।
ଜିତେନ୍ଦ୍ରିୟ ହୋଇ ପୂଜା କରିବ ବିଷ୍ଣୁଙ୍କୁ
ପୂର୍ବପରି ଉପଚାରମାନ ଦେବ ତାଙ୍କୁ ।
ପୂର୍ଣ୍ଣମୀକି ଏକାଦଶୀ ଏ ଦୁଇ ତିଥିରେ
ଜାଗର ଜାଳିବ ଘୃତ ପୁରାଇ ଦୀପରେ ।
ମଧ ତିନି ରଜନୀରେ ଜାଗର ନ ଦେଲେ
ପଞ୍ଚାମୃତ ସ୍ନାନ ଆଦି ବିଧିମାନ ଥିଲେ ।
ପାଞ୍ଚ ତିଥି ଯାକରେ ତା ସୁଚିତ୍ତେ କରିବ
ପୂର୍ଣ୍ଣିମାରେ ଗୋକ୍ଷୀରରେ ସ୍ନାନ କରାଇବ ।
ଆବର ଏକଇ ଗାଥା ମନେ ରଖିଥାଅ
ତିଳ ହୋମ ଆଦି ତୁମ୍ଭେ ଦେବ ଯେ ନିଶ୍ଚୟ ।
ଷଷ୍ଠ ଦିବସରେ ନିଜ ଆଶ୍ରମ ଉଚିତ
କାର୍ଯ୍ୟ ସମାପନ କରି ଧର୍ମେ ଦେଇ ଚିତ୍ତ ।
ଆପେ ପଞ୍ଚଗବ୍ୟମାନ ତହିଁ କରି ପାନ
ଭକ୍ତିରେ ଶ୍ରୀହରି ପାଦ କରିବ ବନ୍ଦନ ।
ଦ୍ୱିଜଙ୍କୁ ଭୋଜନ ଦେଇ ଶାନ୍ତି ଅନୁସାରେ
ଆପଣେ ଭୁଞ୍ଜିବ ବନ୍ଧୁ ଘେନିଣ ସଙ୍ଗରେ ।
ଏହିପରି ପୌଷଠାରୁ କାର୍ତ୍ତିକ ପର୍ଯ୍ୟନ୍ତେ
ପ୍ରତି ଶୁକ୍ଳପକ୍ଷେ ବ୍ରତ ପାଳି ବିଧି ମତେ ।
ମାର୍ଗଶୀର ଶୁକ୍ଳପକ୍ଷ ବ୍ରତ ଉଦ୍ୟାପନ
କରାଇ ବିପ୍ରଙ୍କୁ ଦେବ ଅନ୍ନ ବସ୍ତ୍ର ଦାନ ।
ଯେମନ୍ତ ପ୍ରକାରେ ଉଦ୍ୟାପନେ ହେବ ବ୍ରତ
ତା ଏବେ କହିବା ସର୍ବେ ଶୁଣ ଦେଇଚିତ୍ତ ।
ମାର୍ଗଶୀର ଶୁକ୍ଳ ଏକାଦଶୀ ଦିନ ବ୍ରତୀ
ଉପବାସ କରି ଧର୍ମ ମାର୍ଗେ ଦେଇ ମତି ।
ଦ୍ୱାଦଶୀ ତିଥିରେ ଶୁଦ୍ଧି ସମାହିତ ହୋଇ
ଆପଣେ ପିଇବ ପଞ୍ଚଗବ୍ୟକୁ ମିଶାଇ ।

Digitized by srujanika@gmail.com

ତଦନ୍ତେ ବିଷ୍ଣୁଙ୍କୁ ଗନ୍ଧପୁଷ୍ପ ଆଦି ଯେତେ
ତା ଦେଇ ପୂଜିବ ଦୃଢ଼ ଭକ୍ତିରେ ସୁଚିତ୍ତେ ।
ବ୍ରାହ୍ମଣଙ୍କୁ ମଧୁଯୁକ୍ତ ଘୃତ ଫଳ କ୍ଷୀରି
ଭୁଞ୍ଜାଇ ଦକ୍ଷିଣା ଦେବ ବିଷ୍ଣୁଙ୍କୁ ସୁମରି ।
ସେ ବିପ୍ରଗଣଙ୍କୁ ପୂର୍ଣ୍ଣ କୁମ୍ଭ ଦାନ କରି
ତୋଷିବ ତାହାଙ୍କୁ ତୋଷ ବାକ୍ୟ କହିକରି ।
ଫଳଯୁକ୍ତ ପୂର୍ଣ୍ଣକୁମ୍ଭ ଦାନ କଲାପରେ
ପଞ୍ଚଗ୍ରନ୍ଥ ସମନ୍ୱିତ କୁମ୍ଭ ଧରି କରେ ।
ବସ୍ତ୍ରରେ ତାହାଙ୍କୁ ଅଚ୍ଛାଦିତ କରାଇଣ
ଆମ୍ନଞ୍ଜାନୀ ବ୍ରାହ୍ମଣଙ୍କୁ କରିବ ପ୍ରଦାନ ।
ତଦନ୍ତେ ବୋଲିବ ଆହେ ଦେବ ଚକ୍ରଧର
ତୁମ୍ଭେ ସର୍ବଆତ୍ମା ସର୍ବଭୂତର ଈଶ୍ୱର ।
ସର୍ବବ୍ୟାପୀ ନିତ୍ୟ ସ୍ୱରୂପ ହେ ଜନାର୍ଦ୍ଦନ
ଭକ୍ତିରେ ମୁଁ କରୁଅଛି ପରମାନ୍ନ ଦାନ ।
ଏଥିରେ ପୀରତି ଦାନକର ହେ ମାଧବ
ତୁମ୍ଭେ ଅଟ ଜଗତର ତ୍ରାଣକର୍ତ୍ତାଦେବ ।
ତୁମ୍ଭଙ୍କୁ ବିନୟେ କରୁଛି ମୁଁ ନମସ୍କାର
ଜଳପୂର୍ଣ୍ଣ କୁମ୍ଭ ଦାନେ ପ୍ରୀତିଲାଭ କର ।
ଏହା କହି ବ୍ରାହ୍ମଣଙ୍କୁ ଭୋଜନ କରାଇ
ବିସର୍ଜିବ ତାଙ୍କ ହସ୍ତେ ଦକ୍ଷିଣାକୁ ଦେଇ ।
ତଦଅନ୍ତେ ବନ୍ଧୁ କୁଟୁମ୍ବଙ୍କ ସହିତରେ
ଘେନାଇ ଭୁଞ୍ଜିବ ଆପେ ବସି ମଉନରେ ।
ଯେ ଏହି ପ୍ରକାରେ ହରି ପଞ୍ଚକ ଯେ ବ୍ରତ
ଅନୁଷ୍ଠାନ କରେ ଧର୍ମ ମାର୍ଗେ ଦେଇ ଚିତ୍ତ ।
ସେ ପ୍ରାଣୀ ଦେହାନ୍ତେ ବ୍ରହ୍ମ ଲୋକକୁ ଗମଇ
ସେଠାରୁ କେବେହେଁ ତାର ପତନ ନୁହଁଇ ।
ଦିବ୍ୟମୁକ୍ତି ଲଭିବାକୁ ଥିବ ଯାର ମନ
ସେ ଦୃଢ଼େ କରିବ ଏହି ବ୍ରତ ଅନୁଷ୍ଠାନ ।
ପାପ ଅନଳରେ ଦାବାନଳ ଏହି ବ୍ରତ
ତେଣୁ ସର୍ବ ପାପମାନ ହରଇ ତୁହିତ ।
ସହସ୍ର ଗୋଦାନ କଲେ ଯେ ଫଳ ମିଳଇ
ତହିଁରେ ଯେତେକ ଫଳମାନ ଲାଭ ହୋଇ ।
ସେ ଫଳ ମିଳଇ ଏହି ବ୍ରତଗୋଟି କଲେ
ଏଥିକୁ ସନ୍ଦେହ ତିଳେ ନ କର ମନରେ ।
ଶ୍ରୀହରି ଚରଣେ ଚିତ୍ତ ଦେଇ ଯେଉଁଜନ
ଏକାଗ୍ର ମନେ ଶୁଣିବ ଏହି ଉପାଖ୍ୟାନ ।
ଘୋରତର କୋଟି କୋଟି ପାପରୁ ସେ ତରି
ଦେହାନ୍ତେ ଭଜିବ ଯାଇ ବଇକୁଣ୍ଠ ପୁରୀ ।
ଶ୍ରୀହରି ଚରଣ ଚିନ୍ତି କ୍ଷେତର କହଇ
ଏ ସଂସାରୁ ତର ଜନେ ହରିନାମ ଗାଇ ।

ଇତି ଶ୍ରୀ ବୃହଦ୍ ନାରଦ ପୁରାଣେ
ହରି ପଞ୍ଚକ ବ୍ରତ ନିର୍ଣ୍ଣୟେ ନାମ
ଉନବିଂଶୋଽଧ୍ୟାୟଃ ।

---•---

# ବିଂଶ ଅଧ୍ୟାୟ

## ମାସୋପବାସ କଥନ

ଏଥି ଅନ୍ତେ ଯାହାହେଲା ଶୁଣ ମନ ଦେଇ
ବୋଇଲେକ ସୁତମୁନି ଋଷିଙ୍କୁ ଅନାଇଁ ।
ସକଳ ପାପ ବିନାଶ କରେ ଏହି ବ୍ରତ
ଏ ବିଶେଷ ଉପକାରୀ ପରମ ପବିତ୍ର ।
ମାତ୍ର ଉପବାସ ବ୍ରତ ନାମ ଯେ ଏହାର
ଯେ କରି ପାରଇ ସିଦ୍ଧିଲାଭ ହୁଏ ତାର ।
ଆଷାଢ଼ ଶ୍ରାବଣ ଭାଦ୍ର ଅବା ଆଶ୍ୱିନରେ
ଏ ବ୍ରତ କରନ୍ତି ପୁଣ୍ୟଫଳକାମୀ ନରେ ।
ଏ ଚାରି ମାସରୁ ଛାଡ଼ି ଅନ୍ୟ ଆଠମାସେ
ଶୁକ୍ଳପକ୍ଷ ଦଶମୀରେ କରନ୍ତି ବିଶେଷେ ।
ଯେଉଁ ବିଧାନରେ କରିବାକୁ ହୁଏ ବ୍ରତ
ତା ଏବେ କହୁଛି ବାରେ ଶୁଣଦେଇ ଚିତ୍ତ ।
ଦଶମୀ ତିଥିରେ ଜିତେନ୍ଦ୍ରିୟ ହୋଇ ଜନ
ପ୍ରଭାତରୁ କରି ଦନ୍ତ ଧାବନ ସ୍ନାହାନ ।
ତହିଁପରେ ଦେବପୂଜା ଆଦି କର୍ମ ଯେତେ
ଆଦରେ କରିବ ତାହା ନିତ୍ୟ କୃତ୍ୟ ମତେ ।
ଜିତେନ୍ଦ୍ରିୟ ହୋଇ ପଞ୍ଚଗବ୍ୟ ପାନ କରି
ବିଷ୍ଣୁ ସମୀପରେ ଶୋଇ ବଞ୍ଚିବ ଶର୍ବରୀ ।
ଆରଦିନ ପ୍ରଭାତରୁ ଉଠି ଶୁଦ୍ଧଚିତ୍ତେ
ନିତ୍ୟ କୃତ୍ୟଯାକ ବଢ଼ାଇବ ବିଧିମତେ ।
ଇନ୍ଦ୍ରିୟଙ୍କୁ ଜୟକରି କ୍ରୋଧକୁ ବର୍ଜିବ
ମନେ ଶ୍ରଦ୍ଧାଯୁକ୍ତ ହୋଇ ବିଷ୍ଣୁଙ୍କୁ ପୂଜିବ ।
ପଣ୍ଡିତଗଣଙ୍କୁ ଘେନି ନିଜ ସଙ୍ଗତରେ
ବିଷ୍ଣୁଙ୍କୁ ପୂଜିବ ଯଥୋଚିତ ବିଧାନରେ ।
ତହିଁପରେ ସ୍ୱସ୍ତି ବାଚନ ଯେ ସଂକଳପ
କରିବ ଶରୀରୁ ଦୂର ହେବାପାଇଁ ପାପ ।

Digitized by srujanika@gmail.com

ସଂକଳ୍ପ କାଳରେବୋଲିବ ମୁଁ ଉପବାସ
କରିବି ଆଜହୁଁ ପୂର୍ଣ୍ଣ ହେବାଯାଏ ମାସ ।
ହେ କେଶବ ଏ ମାସକ ପୂର୍ଣ୍ଣହେଲେ ମୋର
ପାରଣ କରିବି ଆଜ୍ଞାନୁସାରେ ତୁମ୍ଭର ।
ଆପଣ ତପସୀ ଅଟ ତପଫଳଦାତା
ମୋର ନମସ୍କାର ଘେନ ହେ ଜଗତ କର୍ତ୍ତା ।
ଅଭୀଷ୍ଟ ଫଳକୁ ପ୍ରଭୋ ଦାନ କର ମୋତେ
ବିନାଶ ହେଉ ମୋହର ବାଧା ବିଘ୍ନଯେତେ ।
ଅବିଘ୍ନରେ ପୂର୍ଣ୍ଣ ହେଉ ଏ ବ୍ରତ ମୋହର
ତବ ଶ୍ରୀଚରଣେ ନମୁଛି ମୁଁ ବାରମ୍ବାର ।
ଏ ରୂପେ ସଂକଳ୍ପ କରି ବ୍ରତକୁ ପାଳିବ
ମାସ ପୂର୍ଣ୍ଣ ହେବାଯାଏ ନିଷ୍ଠାରେ ରହିବ ।
ବିଷ୍ଣୁ ମନ୍ଦିରରେ ନିତି କରିବ ଶୟନ
ପଞ୍ଚାମୃତେ କରୁଥିବ ବିଷ୍ଣୁଙ୍କୁ ସ୍ନାହାନ ।
ପ୍ରତ୍ୟେକ ରାତ୍ରିରେ ଦୀପଦାନ କରୁଥିବ
ମ୍ଳେଚ୍ଛ ଅନ୍ତ୍ୟଜଙ୍କୁ କେଭେ କଥା ନ କହିବ ।
ଅପମାର୍ଗ ଦାନ୍ତକାଠି ଆଣି ପ୍ରତିଦିନ
ତହିଁରେ କରିବ ନିଜ ଦନ୍ତକୁ ଧାବନ ।
ବିଷ୍ଣୁଙ୍କ ଦ୍ୱାଦଶ ନାମ ପଢ଼ିବ ଉଚ୍ଚାରି
ସୂର୍ଯ୍ୟୋଦୟ ପୂର୍ବେ ଯଥାବିଧି ସ୍ନାନ କରି ।
ସେହି ଦୁଆଦଶ ନାମେ ତର୍ପଣ କରିବ
ପୁଣି ସେ ଦ୍ୱାଦଶ ନାମେ ବିଷ୍ଣୁଙ୍କୁ ପୂଜିବ ।
ବିଷ୍ଣୁ ପରାୟଣ ହୋଇ ଏହି ନିୟମରେ
ଏକମାସ ଉପବାସ କରିବ ଦୃଢ଼ରେ ।
ତହିଁପରେ ଆପଣାର ଶକତିକି ଚାହିଁ
ଦ୍ୱିଜଙ୍କୁ ଭୋଜନ ଦେବ କୃତ୍ୟକୃତ୍ୟ ହୋଇ ।
ଶକ୍ତି ଅନୁସାରେ ଦେବ ତାହାଙ୍କୁ ଦକ୍ଷିଣା
ଧନବନ୍ତ ହୋଇଥିଲେ ନ କରିବ ଊଣା ।
ତଦନନ୍ତେ ବନ୍ଧୁ ସ୍ୱଜନଙ୍କୁ ସଙ୍ଗେ ଘେନି
ଭୋଜନ କରିବ ଆପେ ହୋଇଣ ମଉନୀ ।
ଏ ବିଧିରେ ତେରଗୋଟି ବ୍ରତ ପୂର୍ଣ୍ଣ କରି
ସର୍ବଶେଷେ ବେଦଜ୍ଞାତ ବ୍ରାହ୍ମଣଙ୍କୁ ବରି ।
ଦକ୍ଷିଣା ସହିତେ ତାଙ୍କୁ ଗୋଦାନ କରିବ
ଦ୍ୱାଦଶଟି ବ୍ରାହ୍ମଣଙ୍କୁ ଅନ୍ନ ଭୁଞ୍ଜାଇବ ।
ଶକ୍ତି ଅନୁସାରେ ବସ୍ତ୍ର ଅଳଙ୍କାର ଦେଇ
ଦକ୍ଷିଣା ସମର୍ପି ଆପେ ହୋଇବ ବିନୟୀ ।

ଏହି ଅନୁସାରେ ମାସ ଉପବାସ ବ୍ରତ
ଅନୁଷ୍ଠାନ କରିପାରେ ଯେଉଁ ପୁଣ୍ୟବନ୍ତ ।
ସେ ଲଭଇ ବାଜପେୟ ଯଜ୍ଞ କଲା ଫଳ
ସମସ୍ତ କାର୍ଯ୍ୟରେ ତାର ହୁଅଇ ମଙ୍ଗଳ ।
ଏ ବ୍ରତକୁ ଏକବାର ଅନୁଷ୍ଠାନ କଲେ
ବାଜପେୟ ଯଜ୍ଞଫଳ ଲାଭ ହୁଏ ଭଲେ ।
ଦୁଇବାର ଅନୁଷ୍ଠାନ କରେ ଯେଉଁଜନ
ପୌଣ୍ଡରୀକ ଯଜ୍ଞଫଳ ଲଭଇ ସେ ଜାଣ ।
ତିନିବାର କରିପାରେ ଯେବଣ ବ୍ୟକତି
ସୋମଯଜ୍ଞ ଫଳ ତାକୁ ହୁଅଇ ପ୍ରାପତି ।
ଚାରିବାର କଲେ ଅଗ୍ନିଷ୍ଟୋମ ଫଳ ହୁଏ
ପାଞ୍ଚବାରେ ଅତି ଅଗ୍ନିଷ୍ଟୋମ ଫଳ ପାଏ ।
ଏଥିରେ ସନ୍ଦେହ ନାହିଁ ଋଷିଗଣ ଜାଣ
ଯେ କରି ପାରଇ ଷଡ଼ବାର ଅନୁଷ୍ଠାନ ।
ଜ୍ୟୋତିଷ୍ଟୋମ ଯଜ୍ଞଫଳକୁ ସେ ଲାଭକରେ
ସାତବାର ବ୍ରତ ପାଳଇ ଯେ ଅନାହାରେ ।
ସେ ଅଶ୍ୱମେଧର ଆଠଗୁଣ ଫଳ ପାଏ
ସେ ପୁଣ୍ୟବଳରୁ ଅନ୍ତେ ବୈକୁଣ୍ଠକୁ ଯାଏ ।
ଆଠଥର ମାସ ଉପବାସ ଯେ କରଇ
ସେ ନରମେଧ ଯଜ୍ଞର ଫଳକୁ ଲଭଇ ।
ନମାସ ପାଳନ କଲେ ଗୋମେଧ ଯଜ୍ଞର
ଦୁଇଗୁଣ ଫଳ ଲାଭ କରିପାରେ ନର ।
ଯେ କରଇ ଦଶବାର ଏ ବ୍ରତ ପାଳନ
ସେ ଲଭଇ ବ୍ରତ ଯଜ୍ଞ ଫଳର ଦ୍ୱିଗୁଣ ।
ଇନ୍ଦ୍ରିୟ ସଂଯମ କରି ଏକଦଶ ବାର
ଏ ବ୍ରତକୁ ଅନୁଷ୍ଠାନ କରେ ଯେଉଁ ନର ।
ସେ ଯଜ୍ଞକୃତ ଫଳ ଯେ ସର୍ବ ଲାଭକରି
ଦେହାନ୍ତେ ବସଇ ବିଷ୍ଣୁ ଲୋକକୁ ଆବୋରି ।
ଦୁଆଦଶ ବାର କରି ପାରିଲେ ଏ ବ୍ରତ
ଶିବଙ୍କ ସାରୂପ୍ୟ ବେଗେ ହୁଅଇ ପ୍ରାପତ ।
ତ୍ରୟୋଦଶ ବାର କରିପାରେ ଯେଉଁ ଲୋକ
ତାହାଙ୍କୁ କେବେ ହେଁ ପ୍ରାପ୍ତ ନ ହୁଅଇ ଶୋକ ।
ପରମ ଆନନ୍ଦ ସ୍ଥାନେ ନିବାସ କରଇ
ଜଗତରେ ଯେତେ ଭୋଗ ସବୁ ପାଏ ତହିଁ ।
ମାସ ଉପବାସ ବ୍ରତ ଯେ କରି କରାନ୍ତି
ଗଙ୍ଗାସ୍ନାନ ଫଳ ସେହୁ ପ୍ରାପତ ହୁଅନ୍ତି ।

Digitized by srujanika@gmail.com

ଯତି ବ୍ରହ୍ମଚାରୀ ସ୍ୱାମୀ ପୁତ୍ରହୀନା ନାରୀ
ଆବର ଯେ ଥାନ୍ତି ବାନପ୍ରସ୍ଥକୁ ଆବୋରି ।
ସେହିମାନଙ୍କର ମାସ ଉପବାସ ବ୍ରତ
କର୍ତ୍ତବ୍ୟ ଅଟଇ ଏହା ଶାସ୍ତ୍ରର ସମ୍ମତ ।
ନାରୀ ବା ପୁରୁଷ ଏହି ଦୁର୍ଲ୍ଲଭ ବ୍ରତକୁ
ପାଳିଲେ ତହିଁରୁ ମୋକ୍ଷ ମିଳଇ ତାହାଙ୍କୁ ।
ଏହି ବ୍ରତ ଗୋଟି ଅଟେ ଦୁର୍ଲ୍ଲଭଟି ଜାଣ
ଯେ କରି ପାରଇ ସେହୁ ଲଭଇ ନିର୍ବାଣ ।
ଗୃହୀ ବ୍ରହ୍ମଚାରୀ ଭିକ୍ଷୁଗଣ ଛନ୍ତି ଯେତେ
ଦ୍ୱୈତ୍ୟ ବା ଅଦ୍ୱୈତ୍ୟବାଦୀନରଙ୍କ ସହିତେ ।
ଏ ପୁଣ୍ୟ ବ୍ରତକୁ ମୁକ୍ତି ଲଭନ୍ତି ଏ ସର୍ବେ
ଏଥିକୁ ସନ୍ଦେହ ତୁମ୍ଭେ ନକର ଯେ ଲବେ ।
ନାରାୟଣେ କରି ନିଜ ମନକୁ ଅର୍ପଣ
ଏ ବ୍ରତ ମାହାତ୍ମ୍ୟ ଯେହୁ କରଇ ଶ୍ରବଣ ।
ଅଥବା ଯେ ପଢ଼େ ନିଜ ମନ କରି ଥୟ
ସକଳ ପାପୁଁ ଉଦ୍ଧାର ଲଭେ ସେ ନିଶ୍ଚୟ ।
ଲକ୍ଷ୍ମୀ ନାରାୟଣଙ୍କର ଚରଣ ସରୋଜେ
ଅଧମ କ୍ଷେତ୍ରମୋହନ ଦିବା ରାତ୍ର ଭଜେ ।

ଇତି ଶ୍ରୀ ବୃହଦ୍ ନାରଦ ପୁରାଣେ
ମାସ ଉପବାସ ବ୍ରତ କଥନଂ
ନାମ ବିଂଶୋଽଧ୍ୟାୟଃ ।

---•---

# ଏକବିଂଶ ଅଧ୍ୟାୟ

## ଏକାଦଶୀ ବ୍ରତ ମାହାତ୍ମ୍ୟ

ଏଥିଅନ୍ତେ ଯାହା ହେଲା ଶୁଣ ମନ ଦେଇ
ବୋଇଲେ ସୁତ ସକଳ ଋଷିଙ୍କୁ ଅନାଇଁ ।
ତ୍ରିଲୋକ ବିଖ୍ୟାତ ଯେଉଁ ପୁଣ୍ୟମୟ ବ୍ରତ
ସକଳ ପାପରୁ ସେହି ହୁଅଇ ମୁକତ ।
ସମସ୍ତ ବ୍ରତର ଫଳ ସେ ଦେଇ ପାରଇ
ସର୍ବାଭିଷ୍ଟ ଫଳଦାନେ ସମର୍ଥ ଅଟଇ ।
ବ୍ରାହ୍ମଣ କ୍ଷତ୍ରୀୟ ବୈଶ୍ୟ ସ୍ତିରୀ ଶୂଦ୍ରଙ୍କର
ପରମ ମୁକତ ଦାତା ଯେ ବ୍ରତ ନିକର ।
ବିଷ୍ଣୁଙ୍କର ଅତି ପ୍ରିୟ ବ୍ରତ ଏ ଅଟଇ
ସକଳ ଅଭିଷ୍ଟ ଫଳ ଏଥିରୁ ମିଳଇ ।
ଦୁର୍ଲ୍ଲଭ ମୁକତି ଲାଭ ହୁଅଇ ଏଥିରେ
ପାଳନ କରନ୍ତି ସାଧୁଜନେ ନିରନ୍ତରେ ।

ଶୁକ୍ଳପକ୍ଷ ବେନିପକ୍ଷେ ଏକାଦଶୀ ଦିନ
ନ କରିବ କିଛି ମାତ୍ର ଭୋଜନ ବା ପାନ ।
ଭୋଜନ କରିଲେ ମହାପାପୀ ବୋଲାଇବ
ପରଲୋକେ ନରକରେ ନିବାସ କରିବ ।
ଉପବାସ ଫଳ ଲାଭେ ବାଞ୍ଛା ଥିବ ଯାର
ଭୋଜନ ତେଜ୍ୟା କରିବ ଚାରିଥର ନର ।
ପୂର୍ବପର ଦୁଇ ଦିନ ବେଳେ ବେଳେ ଖାଇ
ମଧ୍ୟ ଦିନ କଟାଇବ ନିରାହାରେ ରହି ।
ପୂର୍ବ ପର ଦୁଇ ଦିନ ରାତ୍ରରେ ନ ଖାଇ
ଅନଶନ କରି ଦେବ ସମୟ ବିତାଇ ।
ଅନ୍ନ ଇଚ୍ଛା ଯେ କରିବ ଏକାଦଶୀ ଦିନ
ସମସ୍ତ ପାପର ଫଳ ଲଭିବ ସେ ଜନ ।
ଏଥିରେ ସନ୍ଦେହ ନାହିଁ ଆହେ ଋଷିଗଣ
ଆଉ ଯାହା କହୁଅଛି ମନ ଦେଇ ଶୁଣ ।
ମୁକ୍ତିଲାଭ କରିବାକୁ ଇଚ୍ଛା ଥିବ ଯାର
ଦଶମୀ ଦ୍ୱାଦଶୀରେ ସେ ଭୁଞ୍ଜିବ ସତ୍ୱର ।
ଏକାଦଶୀ ଦିନ ସେହୁ କିଛି ହିଁ ନ ଖାଇ
ରାତ୍ରଦିନ କଟାଇବ ଅନାହାରେ ରହି ।
ବ୍ରହ୍ମହତ୍ୟା ଆଦିକରି ମହାପାପ ଯେତେ
ସେ ସକଳ ଏକାଦଶୀ ତିଥି ପ୍ରବେଶନ୍ତେ ।
ଅନ୍ନକୁ ଆଶ୍ରୟ କରି ରହିଥାନ୍ତି ଜାଣ
ତେଣୁ ନ ଖାଇବ ଏକାଦଶୀ ଦିନ ଅନ୍ନ ।
ବ୍ରହ୍ମହତ୍ୟା ଆଦି ମହାପାପମାନଙ୍କର
ନିଷ୍କୃତି ଅଛଇ ତାକୁ କଲେ ପ୍ରତିକାର ।
କିନ୍ତୁ ଯେ ଭୋଜନ କରେ ଏକାଦଶୀ ଦିନ
ତାହାର ନିଷ୍କୃତି ନାହିଁ ଏ ନିଶ୍ଚୟ ଜାଣ ।
ମହାପାପୀ ହେଉ ଅବା ଉପପାପୀ ହେଉ
ଏକାଦଶୀ ଦିନ ଉପବାସ କଲେ ସେହୁ ।
ତାହାକୁ ପରମପଦ ମିଳଇ ନିଶ୍ଚୟ
ଏଥିରେ ଖୋଜିବାପାଇଁ ନାହିଁ ଯେ ସଂଶୟ ।
ବିଷ୍ଣୁଙ୍କର ଅତିପ୍ରିୟ ଏକାଦଶୀ ତିଥି
ଉପବାସ କଲେ ପୁଣ୍ୟଫଳ ମିଳେ ଅତି ।
ସଂସାର ବନ୍ଧନ ଛେଦିବାକୁ ଯାର ମନ
ଉପବାସ କରିବ ସେ ଏକାଦଶୀ ଦିନ ।
ଦଶମୀ ଦିନ ମାନବ ଉଠି ପ୍ରାତଃକାଳେ
ଦନ୍ତ ସମ୍ମାର୍ଜନ ସ୍ନାନ କରିବ ଚଞ୍ଚଳେ ।

Digitized by srujanika@gmail.com

ଗନ୍ଧ ପୁଷ୍ପ ଆଦି ନାନା ଉପଚାର ଦେଇ
ବିଷ୍ଣୁଙ୍କୁ ପୂଜିବ ଆପେ ଶୁଚିମନ୍ତ ହୋଇ ।
ଇନ୍ଦ୍ରିୟ ନିଗ୍ରହ କରି ଏକାଦଶୀ ଦିନ
ସଂଯତ ଭାବେ କରିବ ବ୍ରତକୁ ପାଳନ ।
ବିଷ୍ଣୁ ନିକଟରେ ବିଷ୍ଣୁ ପରାୟଣ ହୋଇ
ଶୟନ କରିବ କୁଶାସନକୁ ବିଛାଇ ।
ଏକାଦଶୀ ଦିନ ସ୍ନାନକରି ପ୍ରାତଃକାଳେ
ହରିଙ୍କୁ ପୂଜିବ ବସି ମନର ନିଶ୍ଚଳେ ।
ଗନ୍ଧ ପୁଷ୍ପ ଆଦି କରି ଉପଚାର ଯେତେ
ତାହା ସବୁ ସମର୍ପିବ ପରିଶୁଦ୍ଧ ଚିତ୍ତେ ।
ପୂଜାଶେଷ ହେଲେ ଦୃଢ଼ାସନରେ ବସିବ
ମନକୁ ଏକାଗ୍ର କରି ଏ ମନ୍ତ୍ର ପଢ଼ିବ ।
ହେ ପୁଣ୍ଡରୀକାକ୍ଷ ମୁଁ ଯେ ଏକାଦଶୀ ଦିନ
ଅନାହାରେ ରହି କିଛି ନ କରି ଭୋଜନ ।
ପାରଣ କରିବି ଦୁଆଦଶୀ ପ୍ରବେଶିଲେ
ଭୋ ଦେବ ଆପଣ ରକ୍ଷାକର ମୋତେ ଭଲେ ।
ଭକ୍ତିରେ ଏ ମନ୍ତ୍ର ପଢ଼ି ସନ୍ତୁଷ୍ଟ ହୋଇଣ
ହରିଙ୍କି କରିବ ଉପବାସ ସମର୍ପଣ ।
ତଦନ୍ତେ ସେ ବ୍ରତକାରୀ ହୋଇଣ ସଂଯତ
ପ୍ରେମରେ କରିବ ବାଦ୍ୟନାଦ ଗୀତ ନୃତ୍ୟ ।
ପ୍ରଭୁଙ୍କ ସମ୍ମୁଖେ ବସି ପୁରାଣ ଶୁଣିବ
ଉଜାଗର ହୋଇ ସୁଖେ ନିଶି କଟାଇବ ।
ଦୀପରେ କପିଳାଘୃତ ପୂରାଇ ସଂଯତେ
ପାଳିବ ଜାଗର ଜାଳି ହରିଙ୍କ ଅଗ୍ରତେ ।
ରାତ୍ରିଶେଷ ହେଲେ ଦ୍ୱାଦଶୀରେ ପ୍ରାତଃକାଳେ
ବଢ଼ାଇବ ନିଜ ନିତ୍ୟକର୍ମକୁ ଚଞ୍ଚଳେ ।
ଇନ୍ଦ୍ରିୟ ସଂଯମ କରି ବିଷ୍ଣୁଙ୍କୁ ପୂଜିବ
ଶିରେ କରଯୋଡ଼ି ଦିବ୍ୟ ସ୍ତବକୁ ପଢ଼ିବ ।
ଏକାଦଶୀ ଦିନ ଶ୍ରୀହରିଙ୍କି ପଞ୍ଚାମୃତ
ସ୍ନାନ କରାଇଲେ ଫଳ ମିଳଇ ବହୁତ ।
ଦ୍ୱାଦଶୀ ତିଥିରେ କ୍ଷୀରସ୍ନାନ କରାଇଲେ
ହରିଙ୍କ ସାରୂପ୍ୟ ମୁକ୍ତିଲାଭ ହୁଏ ଭଲେ ।
ତିନିଦିନଯାକ ପୂଜା ଶେଷ ସମୟରେ
ପ୍ରାର୍ଥନା କରିବ ଏହିପରି ମନ ସ୍ଥିରେ ।
ମୁଁ ଅଜ୍ଞାନ ଅନ୍ଧକାରେ ଅନ୍ଧ ହୋଇଅଛି
ଜ୍ଞାନଚକ୍ଷୁ ଦାନ ମୋତେ କର ଶିରୀବତ୍ସ ।

ମୋଠାରେ ସନ୍ତୁଷ୍ଟ ହୋଇ ଏ ବ୍ରତପାଳନେ
ଅଜ୍ଞାନ ଛଡ଼ାଅ ମୋର ଜ୍ଞାନଚକ୍ଷୁ ଦାନେ ।
ହେ ଦ୍ୱିଜେନ୍ଦ୍ରଗଣ ଦେବଦେବଙ୍କୁ ଏରୂପେ
ପ୍ରାର୍ଥନା କରି ସେ ବ୍ରତକାରୀ ଜନ ଆପେ ।
ଶକ୍ତି ଅନୁରୂପେ ବ୍ରାହ୍ମଣଙ୍କୁ ଭୁଞ୍ଜାଇବ
ଦକ୍ଷିଣା ପ୍ରଦାନେ ତାଙ୍କ ମନକୁ ରଞ୍ଜିବ ।
ତଦନନ୍ତେ ବେଦ ପଢ଼ି ହରିଙ୍କୁ ସୁମରି
ପଞ୍ଚ ମହାଯଜ୍ଞ ଆଦି ସମାପନ କରି ।
ମୌନ ହୋଇ ନିଜ ବନ୍ଧୁ ବାନ୍ଧବଙ୍କ ତୁଲେ
ଭୋଜନ କରିବ ବସି ମନ ଉତ୍‌ଫୁଲ୍ଲେ ।
ଏ ବିଧିରେ ଏକାଦଶୀ ବ୍ରତ ଯେହୁ କରେ
ସେ ବ୍ରତୀ ବସଇ ଶ୍ରୀହରିଙ୍କ ଭୁବନରେ ।
ସେଠାରୁ ପୁନରାବୃତ୍ତି ନୁହଇ ତାହାର
ବିଷ୍ଣୁଗଣ ହୋଇ ସୁଖ ଭୁଞ୍ଜଇ ଅପାର ।
ଆବର କଥାଏ ତୁମ୍ଭେ ଶୁଣ ଋଷିଗଣ
ଯେ ହୋଇବ ଏକାଦଶୀ ବ୍ରତ ପରାୟଣ ।
ସେ ଚଣ୍ଡାଳ ପତିତଙ୍କୁ କଥା ନ କହିବ
ନାସ୍ତିକ ନିନ୍ଦୁକ ହିଂସ୍ର ଗୋଷ୍ଠୀ ବରଜିବ ।
ବୃଷଳୀର ପତି ଅଟେ ଯେବଣ ବ୍ରାହ୍ମଣ
ଶୂଦ୍ରାଣୀ ସନ୍ତାନ ପ୍ରତି ପାଳନ୍ତି ଯେ ପୁଣ ।
ଯେବଣ ବ୍ରାହ୍ମଣ ଅଟେ ଅଜାଯ୍ୟ ଯାଜକ
ନ କରିବ ତାଙ୍କ ସଙ୍ଗେ ଆଳାପ ଅଧିକ ।
ଜାରଜାନ୍ନ ଭୋଜି ଗାୟକ ଯେ ଦେବାଳକ
ଦେବଳାନ୍ନଭୋଜି ଆବର ଯେ ଚିକିତ୍ସକ ।
ବ୍ରାହ୍ମଣଙ୍କର ବିରୋଧି ଯେ ଦେବ ଅଟଇ
ପରସ୍ତିରୀଠାରେ ରତ ସେହୁ ହୋଇଥାଇ ।
ଆବର ପରାନ୍ନ ଭୋଗି ଅଟେ ଯେଉଁଜନ
ନ କହିବ ବ୍ରତୀ ତାଙ୍କୁ କେବେହେଁ ବଚନ ।
ଏ ସକଳ କର୍ମକରି ଆଗେ ଶୁଦ୍ଧ ହୋଇ
ଇନ୍ଦ୍ରିୟ ନିବାରି ଧର୍ମମାର୍ଗେ ମନ ଦେଇ ।
ସକଳ ଗୁଣରେ ଅଳଂକୃତ ହୋଇ ଜନ
ବ୍ରତକଲେ ଦିବ୍ୟଫଳ ଲାଭ ହୁଏ ଜାଣ ।
ମାତାପରି ଗୁରୁ କେହି ଖୋଜି ନ ମିଳଇ
ଗଙ୍ଗା ସମାନରେ ତୀର୍ଥ ବ୍ରହ୍ମାଣ୍ଡେ କେ ନାହିଁ ।
ଆନ ଦେବତା କେ ସରି ବିଷ୍ଣୁ ସଙ୍ଗତରେ
ଉପବାସ ଅଟେ ଶ୍ରେଷ୍ଠ ସର୍ବ ତପ ପରେ ।

Digitized by srujanika@gmail.com

ବେଦ ସମାନରେ ଆନ ଶାସ୍ତ୍ର କି ହୋଇବ
ଶାନ୍ତି ତୁରେ ସୁଖ ଅବା କାହୁଁ କେ ପାଇବ ।
ଚକ୍ଷୁ ପରାୟ ବା ଜ୍ୟୋତି ଜଗତେ କେ ଅଛି
ଉପବାସ ତୁଲେ କେଉଁ ତପ ଅବା ଅଛି ।
ତାହାଠାରୁ ତପ ଆଉ ଜଗତରେ ନାହିଁ
ପଣ୍ଡିତମାନେ ଏ ଶାସ୍ତ୍ର କଥା ଛନ୍ତି କହି ।
ଆବର କଥାଏ ତୁମ୍ଭେ ଶୁଣ ଋଷିଗଣ
ଏକଇ ପୂର୍ବ କାହାଣୀ କରିବା ବଖାଣ ।
ଧର୍ମାତ୍ମା ଗାଲବ୍ୟ ଋଷି ନର୍ମଦାର କୂଳେ
ଆଶ୍ରମ କରିଣ ରହିଥିଲେ ପୂର୍ବକାଳେ ।
ନାନା ବୃକ୍ଷେ ପରିପୂର୍ଣ୍ଣ ଆଶ୍ରମ ତାଙ୍କର
ପଶୁପକ୍ଷୀ ଗଣେ ତହିଁ କରନ୍ତି ବିହାର ।
ଗନ୍ଧର୍ବ ଚାରଣ ଯକ୍ଷ ସିଦ୍ଧ ବିଦ୍ୟାଧରେ
ସେବା କରନ୍ତି ସେ ଆଶ୍ରମରେ ସନ୍ତତରେ ।
ଦିବ୍ୟ କନ୍ଦମୂଳ ଫଳ ସେଠାରେ ମିଳଇ
ନର୍ମଦାର ଜଳ ଅତି ପବିତ୍ର ଯେ ତହିଁ ।
ମୁନିଋଷିଗଣ ସେ ଆଶ୍ରମେ ବାସକରି
କାଳଯାପନ କରନ୍ତି ତପେ ରହିକରି ।
ଏମନ୍ତ ପୁଣ୍ୟ ଆଶ୍ରମ ଅଛି ଯେଉଁଠାରେ
ଗାଲବ୍ୟ ବାସକରିଣ ଥିଲେ ସେଠାବରେ ।
ସେ ଋଷିଙ୍କ ପୁତ୍ର ନାମ ଅଟେ ଭଦ୍ରଶୀଳ
ଜ୍ଞାନ ତାହାଙ୍କର ଅଟେ ଅତ୍ୟନ୍ତ ନିର୍ମଳ ।
ବିଷ୍ଣୁଭକ୍ତ ପରାୟଣ ସେ ଋଷିକୁମର
ଭାଗ୍ୟବନ୍ତ ପଣେ ବୋଲାବନ୍ତି ଅଗ୍ରସାର ।
ଆପଣାର ବାଲ୍ୟକାଳେ ସେହି ଭଦ୍ରମତୀ
ବାଳକ ମେଳରେ କ୍ରୀଡ଼ା କଲା ବେଳେ ଅତି
ସ୍ୱହସ୍ତେ ନିର୍ମାଣକରି ବିଷ୍ଣୁଙ୍କ ପ୍ରତିମା
ସର୍ବଦା ପୂଜା କରନ୍ତି ସେହି ମହାତମା ।
ଯେତେ ଜ୍ଞାନବନ୍ତ ଋଷିଥାନ୍ତି ଆଶ୍ରମରେ
ସଭାକରି ଉପଦେଶ ଦିଅନ୍ତି ସେଠାରେ ।
ମନୁଷ୍ୟ ମାତ୍ରଙ୍କେ ସଦା ବିଷ୍ଣୁଙ୍କୁ ପୂଜିବ
ଦୁଇ ପକ୍ଷେ ଏକାଦଶୀ ବ୍ରତକୁ ପାଳିବ ।
ଏମନ୍ତ ଆଦେଶ ଦେବାର ସେ ଶୁଣି ନିତି
ମନେ ମନେ ଅତି ତୁଷ୍ଟ ହୋଇ ଭଦ୍ରମତୀ ।
ବାଳକ ଭାବରେ ଗୃହ ନିର୍ମାଣ କରିଣ
ସେ ଗୃହେ ପୂଜନ୍ତି ଶ୍ରୀ ହରିଙ୍କୁ ପ୍ରତିଦିନ ।
ଭକ୍ତିରେ ବିଷ୍ଣୁଙ୍କୁ ସେହୁ କରି ନମସ୍କାର
ଅତ୍ୟନ୍ତ ହରଷେ କାଳ ବିତାନ୍ତି ସତ୍ୱର ।
ଏ ଜଗତେ ପ୍ରାଣୀଙ୍କର ଅମଙ୍ଗଳ ହେଉ
ନମସ୍କାର କରି ଏହା ନ ଜଣାନ୍ତି କେହୁ ।
ପୁଣି କ୍ରୀଡ଼ା ସମୟରେ ସେହି ଭଦ୍ରମତି
ଆଜି ଏକାଦଶୀ ବୋଲି ସଂକଳ୍ପ କରନ୍ତି ।
କ୍ରୀଡ଼ା କଉତୁକ ଆଦି ବିଷୟକୁ ଛାଡ଼ି
ହରିଙ୍କୁ ପ୍ରଣାମ କରନ୍ତି ଯେ କରଯୋଡ଼ି ।
ପୁତ୍ରର ଏ ଗତି ମାନ ଦେଖି ବିସ୍ମୟରେ
ଗାଲବ ମହର୍ଷି ଦିନେ ଗଲେ ଆନନ୍ଦରେ ।
ଭଦ୍ରଶୀଳଙ୍କର ନିକଟରେ ପ୍ରବେଶିଣ
ବୋଇଲେ ହେ ପୁତ୍ର ତୁମ୍ଭେ ଅତି ଭାଗ୍ୟବାନ ।
ଅତ୍ୟନ୍ତ ସୁନ୍ଦର ଅଟେ ସ୍ୱଭାବ ତୁମ୍ଭର
ତୁମ୍ଭଠାରେ ତିଳେ ନାହିଁ ପାତର ଅନ୍ତର ।
ମଙ୍ଗଳମୟ ଚରିତ ଅଟଇ ତୁମ୍ଭର
ଯୋଗୀଙ୍କୁ ଦୁର୍ଲଭ ତୁମ୍ଭର ଏ ସମାଚାର ।
ସକଳ ପ୍ରାଣୀର ହିତ କାମନା କରିଣ
ବିଷ୍ଣୁଙ୍କୁ ପୂଜା କରୁଛ ତୁମ୍ଭେ ପ୍ରତିଦିନ ।
ପୁଣି ଏକାଦଶୀ ବ୍ରତ ଅନୁଷ୍ଠାନ କରି
ପ୍ରାଣୀମାନଙ୍କର ହିତ କରୁଛ ବିଚାରି ।
କାହାରି ଅହିତ କେଭେଁ ନ ବିଚାରି ମନେ
ସଙ୍ଗୀ ହେଉ ନାହିଁ ଅନ୍ୟ ସଙ୍ଗତରେ ଦିନେ ।
ମାୟାକୁ ବରଜି ଦାନ୍ତ ଶାନ୍ତ ସ୍ୱଭାବରେ
ଆସକ୍ତ ହୋଇଛ ନିତି ହରିଙ୍କ ଧ୍ୟାନରେ ।
ତୁମ୍ଭର କିପରି ଏ ସୁଜ୍ଞାନ ଉଦେ ହେଲା
ଗୁପତ ନ କରି ତାହା କହ ମୋତେ ଭଲା ।
ପିତା ଏକା ପଚାରିବା ଶୁଣି ଭଦ୍ରମତି
କହିଲେ ତାହାଙ୍କୁ ହସି ହସି ଏ ଭାରତୀ ।
ଭୋ ତାତ ମୁଁ ଯାହା ଅନୁଭବ କରିଅଛି
ତା ତୁମ୍ଭେ ଶ୍ରବଣ କରି ପ୍ରକାଶି କହୁଛି ।
ଯମ ଯାହା କହିଛନ୍ତି ମୋତେ ପୂର୍ବକାଳେ
ମନେ ରଖି ଅଛି ସ୍ମରି ମୁହିଁ ସବୁବେଳେ ।
ତୁମ୍ଭେ ଯେଣୁ ପୁଛା କଲ ସମସ୍ତ ବୃତ୍ତାନ୍ତ
ମନରେ ଭାବନ୍ତେ ତାହା ଜାଣିଲେ ସମସ୍ତ ।
ଗାଲବ ଯା ଶୁଣି କର୍ଣ୍ଣେ ବିସ୍ମିତ ହୋଇଣ
ପୁତ୍ରର ମୁଖକୁ ଚାହିଁ ପଚାରିଲେ ପୁଣ ।

Digitized by srujanika@gmail.com

ହେ ବସୁ କେ ଅଟ ତୁମ୍ଭେ ପୁରୁବ କାଳରେ
କିପରି ଭେଟ ହୋଇଲା ଯମଙ୍କ ସଙ୍ଗରେ ।
କାହା ବିଷୟକୁ ଲକ୍ଷ୍ୟ କରି ତୁମ୍ଭାଗ୍ରତେ
କହିଥିଲେ ସ୍ୱୟଂ ଜନ୍ତୁରାଣ ତୋଷଚିତ୍ତେ ।
ତାହାଶୁଣି ଭଦ୍ରଶୀଳ ବୋଇଲେ ହେ ତାତ
କହୁଛି ଶ୍ରବଣ କର ପୂର୍ବର ଚରିତ ।
ପୂର୍ବେ ହୋଇଥିଲି ଚନ୍ଦ୍ର ବଂଶେ ମୁଁ ରାଜନ
ଧର୍ମକୀର୍ତ୍ତି ମୋର ନାମ ହୋଇଥିଲା ଜାଣ ।
ଦତ୍ତାତ୍ରେୟ ମହାଋଷି ମୋ ଗୁରୁ ଅଟନ୍ତି
ତାଙ୍କଠାରୁ ଶୁଣିଅଛି ମୁହିଁ ଧର୍ମ ନୀତି ।
ପୃଥିବୀଶାସନ କରି ନ ହଜାର ବର୍ଷ
ଉପାର୍ଜନ କରିଲି ମୁଁ ବହୁଧନ ଯଶ ।
ତଦନ୍ତେ ମୁଁ ଧନ ଗର୍ବେ ଉନ୍ମତ୍ତ ହେଲି
ଧର୍ମ ନ କରି ଅଧର୍ମ ବହୁତ ଅର୍ଜିଲି ।
ପାଷାଣ୍ଡ ସଙ୍ଗରେ ସଙ୍ଗୀ ହେବାରୁ ସନ୍ତତ
ତାହାଙ୍କ ସମାନ ହେଲା ମୋହର ଚରିତ ।
ଯେତେ ପୁଣ୍ୟ ଅର୍ଜିଥିଲି ପୂର୍ବରୁ ତାହାର
ସବୁ ହରାଇଲି ମୁଁ ପାଷାଣ୍ଡ ସଙ୍ଗତର ।
ପାଷାଣ୍ଡ ଜନ ସଙ୍ଗରେ କରନ୍ତେ ମୁଁ ଭାବ
ସଞ୍ଚିତ ସୁକୃତ ମୋର ସରିଗଲା ସର୍ବ ।
ପାଷାଣ୍ଡ ଗଣରେ ଉପଦେଶକୁ ମାନିଣ
ବେଦର ମାର୍ଗକୁ ପରିତ୍ୟାଗ କଲି ଜାଣ ।
କୁଟ ଯୁକ୍ତି ଯାକ ଅବଲମ୍ବନ କରିଲି
ଯାଗଯଜ୍ଞ କର୍ମ ଆଦି ପରିତ୍ୟାଗ କଲି ।
ମୋର ଏ ଅନ୍ୟାୟ ରୀତିଦେଖି ପ୍ରଜାଗଣ
ଅନବରତ କରିଲେ ଅଧର୍ମାଚରଣ ।
ଦେଶରେ ଅଧର୍ମ କଲେ ଜନପ୍ରଜା ଯେତେ
ତହିଁରୁ ଷଷ୍ଠାଂଶ ଭାଗ ପ୍ରାପ୍ତ ହେଲାମୋତେ ।
ଏହିରୂପେ ପାପ କର୍ମ ଯେତେ କରି ଥିଲି
ଦିନେ ମୃଗ ମାରିବାକୁ ଅରଣ୍ୟକୁ ଗଲି ।
ଅସଂଖ୍ୟ ସଇନ ଯାଇ ଥିଲେ ମୋ ସଙ୍ଗରେ
ବଧ କଲି ବହୁ ପଶୁ ବୁଲି ମୁଁ ବନରେ ।
କ୍ଷୁଧାରେ ଆତୁର ହୋଇ ଜଳିଲା ମୋ ଗାତ୍ର
ପାଦ ଥକି ଗଲା ମୋର ହୋଇ ପଥଶ୍ରାନ୍ତ ।
ତହୁଁ ଅପାର କଷ୍ଟରେ ଚାଲି ଚାଲି ଗଲି
ସେ ରେବା ନଦୀର ମଧ୍ୟେ ପଶି ସ୍ନାନ କଲି ।

ବନ ପଥେ ଭ୍ରମୁଥିଲି ମୁଁ ଏକାକି ହୋଇ
କେଣେ ଗଲେ ମୋର ସୈନ୍ୟ ନ ପାଇଲି କାହିଁ ।
ଅତ୍ୟନ୍ତ ଚିନ୍ତିତ ମନେ ସେ ନଦୀ କୂଳରେ
ଜଳ ପାଇଁ ବସିଥିଲି ସୈନ୍ୟଙ୍କ ଆଶାରେ ।
ସେହି ସମୟରେ କେତେ ଜଣ ତୀର୍ଥବାସୀ
ମୋ ପାଖରେ ପରବେଶ ହେଲେ କାହୁଁ ଆସି ।
ସେ ତାପସେ ଏକାଦଶୀ ବ୍ରତ କରିଥିଲେ
ନଦୀ ତୀରେ ଭକ୍ତିରେ ଯେ ବିଷ୍ଣୁଙ୍କୁ ପୂଜିଲେ ।
ଜାଗର ଜାଳିଲେ ରାତ୍ରି ଉଜାଗର ହୋଇ
ନିଶି ପୁହାଇଲେ ହରି ଚରିତକୁ ଗାଇ ।
ସୈନ୍ୟମାନ ଛାଡ଼ି ମୁହିଁ ଏକା ହୋଇଥିଲି
ଉପବାସ କରି ତାଙ୍କ ସଙ୍ଗତେ ରହିଲି ।
ଅତ୍ୟନ୍ତ କ୍ଷୁଧାରେ ପେଟ ଜଳୁଥିଲା ମୋର
ତେଣୁ ନିଦ ନ ଆସିଲା ହୋଇଲି କାତର ।
ସେ ତାପସଗଣ ରାତ୍ର ହୁଅନ୍ତେ ପ୍ରଭାତ
ମୋତେ ଛାଡ଼ି ଯେଝାପଥେ ଚଳିଲେ ତୁରିତ ।
ପଥଶ୍ରମ ପୁଣି କ୍ଷୁଧା ତୃଷା ବା ପୀଡ଼ାରେ
ଚଳି ନ ପାରି ମୁଁ ପ୍ରାଣ ଛାଡ଼ିଲି ସେଠାରେ ।
ରାତ୍ରି ପାହି ବେଳ ହୋଇଥିଲା ଘଡ଼ି ଦୁଇ
କ୍ଷୁଧାରେ ମୁଁ ପ୍ରିୟପ୍ରାଣ ଦେଲି ଯେ ହରାଇ ।
ତାହା ଜାଣି ପାରି ଭୟଙ୍କର ଯମଦୂତେ
ଚର୍ମ ଦଉଡ଼ିରେ ବାନ୍ଧି ଘେନିଗଲେ ମୋତେ ।
ଅତି କଷ୍ଟ ଦାୟକ ସେ ଯମପୁର ପଥ
ସେହିବାଟେ ମୋତେ ଟାଣି ନେଲେ ଯମଦୂତ ।
ଯମର ଆଗରେ ମୋତେ ଦେଲେପହଞ୍ଚାଇ
ସାକ୍ଷାତେ ଯମ ସ୍ୱରୂପ ଦେଖିଲି ମୁଁ ତହିଁ ।
ଦଶନ କରାଳ ରୂପ ଅତିଭୟଙ୍କର
ଦେଖିଲା ମାତ୍ରକେ କେବା ହୋଇବ କାତର ।
ନେଇ ଥିଲେ ବାନ୍ଧିକରି ମୋତେ ଯମଦୂତ
ତେଣୁ ଯମ ଆଗରେ ମୁଁ ହୋଇଲି ଆଗତ ।
ମୋତେ ଦେଖି ଡକାଇଣ ଚିତ୍ରଗୁପତଙ୍କୁ
ସର୍ବେ ଶୁଣୁଥାନ୍ତି ଯମ ପଚାରିଲେ ତାଙ୍କୁ ।
ହେ ପଣ୍ଡିତ ଚିତ୍ରଗୁପ୍ତ କହ ମୋ ଆଗର
ଏ ବ୍ୟକ୍ତି କିପରି ଥିଲା ମର୍ତ୍ତ୍ୟ ଭୁବନର ।
ପାପ ଅବା ପୁଣ୍ୟକର୍ମ କରିଛି ଏ ଯେତେ
ପାଞ୍ଜିପତ୍ର ଦେଖି ତାହା କହ ମୋ ଅଗ୍ରତେ ।

Digitized by srujanika@gmail.com

ଏହିପରି ଧର୍ମରାଜା ପଚାରିବା ଶୁଣି
ବହୁକାଳ ଯାଏ ବିଚାରି ଯେ ମନ୍ତ୍ରୀ ବେନି ।
ମସ୍ତକରେ ବେନିକର ଦେଇ ତାହାପରେ
ପାଞ୍ଜି ବିଡ଼ା ଖୋଲିଲା ସେ ଯମଙ୍କ ଆଗରେ ।
ବୋଇଲେ ଶୁଣ ହେ ଧର୍ମରାଜ ଜନ୍ତୁପତି
ପାପ କର୍ମେ ସଦା ରତ ଥିଲା ଏହି ବ୍ୟକ୍ତି ।
କେବଳ ଏକଇ ବଡ଼କାମ ଜୀବନରେ
କରିଅଛି ଏହି ବ୍ୟକ୍ତି ଶୁଣ ମନସ୍ଥିରେ ।
ମନୋହର ରେବା ତୀରେ ଏକାଦଶୀ ଦିନ
ଉଜାଗରେ ଏହି ନିଶି କଟାଇଛି ଜାଣ ।
ଅହୋରାତ୍ର ସେଠାବରେ ଉପବାସ କରି
ସକଳ ପାପରୁଏହୁ ଯାଇଅଛି ତରି ।
ଚିତ୍ରଗୁପ୍ତଠାରୁ ଶୁଣି ଏମନ୍ତ ବଚନ
ଭୟେ ତହିଁ ଯମରାଜା ହେଲା ଛନ୍ନଛନ ।
ଭୂମିତଳେ ଲମ୍ବହୋଇ ସାଷ୍ଟାଙ୍ଗରେ ପଡ଼ି
ବୋଇଲା ବିନୟେ ମୋତେ ଯମ କରଯୋଡ଼ି ।
ହେ ମହାତ୍ମା ନ ଜାଣିଣ ତବ କରାମତି
ମୋର ଦୂତ ଗଣ ଭ୍ରମେ ଘେନି ଆସିଛନ୍ତି ।
ଏହାକହି ସେ ଦୂତଙ୍କୁ ରାଇଣ ସତ୍ୱର
ଅତ୍ୟନ୍ତ କ୍ରୋଧେ ବୋଇଲେ ତାଙ୍କୁ ଜନ୍ତୁଶ୍ୱର ।
ଆହେ ଦୂତଗଣ ତୁମ୍ଭେ ନିତାନ୍ତ ନିର୍ବୋଧ
ତବ ଲାଗି ମୋର ବଡ଼ପଣ ହେବ ରଦ ।
ନ ଜାଣି ନ ଶୁଣି ବିଷ୍ଣୁଭକ୍ତଙ୍କୁ କିପରି
ସଞ୍ଜୀବନୀ ପୁରେ ତୁମ୍ଭେ ଆଣ ବାନ୍ଧିକରି ।
ଆବର ବୋଇଲେ ଯମ ତାହାଙ୍କୁ ବୁଝାଇ
କାହାକୁ ଆଣିବ କାକୁ ନ ଛୁଇଁବ ଯାଇ ।
ସେ ସମସ୍ତ କଥାମାନ ଶୁଣ ମନ ସ୍ଥିରେ
ଏହାକହି ବୋଇଲେକ ଯମ ତାଙ୍କୁ ଧୀରେ ।
ଶ୍ରୀହରିଙ୍କ ନାମ ଯେହୁ ମୁଖେ ଜପୁଥିବ
ତାହା ସନ୍ନିଧକୁ ତୁମ୍ଭେ କଦାପି ନ ଯିବ ।
ହେ କୃଷ୍ଣ ହେ କୃଷ୍ଣ ପଦ୍ମନାଭ ହୃଷୀକେଶ
ହେ ଶିବ ଶଙ୍କର କୃପାନିଧି ବ୍ୟୋମକେଶ ।
ଏମନ୍ତ ମୁଖରେ ବୋଲୁଥିବେ ଯେଉଁ ଜନ
ତୁମ୍ଭେ ସେମାନଙ୍କୁ ନ ଆଣିବ କଦାଚନ ।
ପୁଣି ଲୋକ ହିତକାରୀ ଯେତେ ଛନ୍ତି ରହି
ନ ଯିବ କଦାପି ତାଙ୍କ ସନ୍ନିଧକୁ କେହି ।
ଯେ ଜନ ସର୍ବଦା ପରପୋକାର କରନ୍ତି
ସାକ୍ଷାତରେ ବିଷ୍ଣୁ ସଙ୍ଗେ ସମ ଯେ ଅଟନ୍ତି ।
ତେମନ୍ତ ବ୍ୟକ୍ତିଙ୍କୁ ଦଣ୍ଡ ଦେବା ଅଧିକାର
ଶୁଣ ଆହେ ଦୂତଗଣ ନାହିଁ ଯେ ମୋହର ।
ଆବର ସାଧୁଙ୍କ ସଙ୍ଗେ ଯେହୁ ସଙ୍ଗୀଥିବେ
ଅତିଥିମାନଙ୍କୁ ଯେହୁ ପୂଜା କରୁଥିବେ ।
ପ୍ରାଣୀମାନଙ୍କର ଉପକାରେ ଯେ ବ୍ୟଥିତ
କଦାପି ନ ଯିବ ତାଙ୍କ ପାଶ କହେ ଭୃତ୍ୟ ।
ହରି ନାମାମୃତ ଯେହୁ କରୁଥିବେ ପାନ
ଛୁଇଁବ ନାହିଁ ତାହାଙ୍କୁ ତୁମ୍ଭେ କଦାଚନ ।
ଯାହାକୁ ଆଣିବ ତୁମ୍ଭେ ନିର୍ଭୟ ଚିତ୍ତରେ
ହେତୁକରି ଶୁଣ ତାହା କହୁଛି ଏଠାରେ ।
ପିତାମାତାଙ୍କୁ ଯେ କରୁଥିବେ ଭରତ୍ସନା
ଲୋକଙ୍କ ଅହିତକାରୀ ଯେଉଁ ନୀଚମନା ।
ଜଗତ ଜନର କରୁଥିବ ଯେ ଅନିଷ୍ଟ
ଦେବଦ୍ରବ୍ୟ ଲୋଭ ପରାୟଣ ଯେ ପାପିଷ୍ଠ ।
ଯେ ଲୋକ ସୃଷ୍ଟିର କ୍ଷୟ ହେତୁ ହୋଇଥିବ
ତାହାଙ୍କୁ କଦାପି ତୁମ୍ଭେ ତିଳେ ନ ଡରିବ ।
ପାଳୁ ନ ଥିବ ଯେ ବ୍ୟକ୍ତି ଏକାଦଶୀ ବ୍ରତ
ପର ଅପବାଦ ଗାଉଥିବ ଅବିରତ ।
ମହତ ହରାଇ ପରନିନ୍ଦା ଗାଉଥିବ
ପରର ଶିରୀ ଦେଖିଲେ ବ୍ୟାକୁଳ ହୋଇବ ।
ନିନ୍ଦୁଥିବ ସାଧୁଙ୍କୁ ଯେ ଗ୍ରାମ ନାଶ କରି
ଲୋଭେ ଯେହୁ ପର ଧନ ନେଉଥିବ ହରି ।
ତେମନ୍ତ ପାପୀକୁ ତୁମ୍ଭେ ଦେଖିଲେ ନୟନେ
ନିର୍ଭୟ ହୋଇ ଆଣିବ ମୋହର ବଚନେ ।
ହରିଭକ୍ତି ବିମୁଖ ଯେ ଲୋଭ ପରାୟଣ
ଯେହୁ ନ କରନ୍ତି ନାରାୟଣଙ୍କ ଦର୍ଶନ ।
ଭକତ ବତ୍ସଳ ହରିଙ୍କୁ ଯେ ନ ଭଜନ୍ତି
ଶ୍ରୀହରି ମନ୍ଦିରେ କେଭେଁ ପ୍ରବେଶ ନୁହଁନ୍ତି ।
ଭାଜନ ଅଟନ୍ତି ଦଣ୍ଡ ପାଇବାକୁ ସେହି
ତାହାକୁ ଆଣିବ ଭୟ ନ କରିଣ କେହି ।
ଭୋ ତାତା ଯମଙ୍କ ମୁଖୁଁ ମୁହିଁ ଏହି ଗୀର
ଶୁଣି ହେତୁ ରଖିଥିଲି କହିଲି ଏଠାର ।
ଧର୍ମ ରାଜାଙ୍କର ମୁଖୁଁ ଶୁଣି ଏ ବୃତ୍ତାନ୍ତ
ସକଳ ପାତକ ମୋର ହେଲା ଭସ୍ମିଭୂତ ।

Digitized by srujanika@gmail.com

ପାପରୁ ମୁକତ ହୋଇ ଯମଙ୍କ ସାକ୍ଷାତେ
ହରିଙ୍କ ସାରୂପ୍ୟ ଲାଭ କରି ତୋଷ ଚିତ୍ତେ ।
ସେକାଳେ ସହସ୍ରେ ସୂର୍ଯ୍ୟ ପରାୟକ ଜାଣ
ମୋର ଶରୀରରେ ତେଜ ବିକଶିଲା ପୁଣ ।
ତାହା ଦେଖି ଯମ ମୋତେ କରି ନମସ୍କାର
ଅନେକ ଆଦର କଲେ ହରଷରେ ପୁର ।
ମୋର ସେ ମହିମା ଦେଖି ଯମ ଦୁତଗଣ
ମନେ ମହାଭୟ ପାଇ କମ୍ପିତ ହୋଇଣ ।
ସାଧୁବାକ୍ୟ କହି ମୋତେ ଅତି ବିଶ୍ୱାସରେ
ଦୋଷ ମାଗିଲେ ମୋଠାରୁ କରଯୋଡ଼ି ଧୀରେ ।
ତାହାଦେଖି ଆନନ୍ଦରେ ସେ ଯମ ରାଜନ
ବିଷ୍ଣୁ ଲୋକେ ପଠାଇଲେ ମୋତେ ତତକ୍ଷଣ ।
ଦିବ୍ୟ ବିମାନରେ ବସି କଲି ମୁଁ ଗମନ
ମିଳିଲା ମୋ ସଂଗେ ଶତ ଶତ ଦେବଯାନ ।
ବିଷ୍ଣୁଙ୍କ ଭୁବନେ ଯାଇଁ ପ୍ରବେଶ ହୋଇଲି
କୋଟି କଳ୍ପ ରହି ତହିଁ ଇନ୍ଦ୍ରପୁରେ ଗଲି ।
ସେଠାରେ ଯାବତ କାଳ କରି ମୁଁ ବସତି
ଦିବ୍ୟଭୋଗ ଭୁଞ୍ଜି ତହିଁ ହୋଇଲି ତୃପତି ।
କର୍ମ ଦୋଷ ହୋନ୍ତେ ସେହିପୁରୁ ବାହୁଡ଼ିଲି
ଏବେ ପୃଥିବୀରେ ବିପ୍ରକୁଳେ ଜାତ ହେଲି ।
ଜାତିସ୍ମର ହୋଇ ଭବେ ହୋଇବାରୁ ଜାତ
ପୂର୍ବର ଘଟଣା ମାନ କରୁଛି ବର୍ଣ୍ଣିତ ।
ଜାଗରୁକ ହୋଇ ମୋର ପୂର୍ବର ବୃତ୍ତାନ୍ତ
ମନମଧ୍ୟେ ରହିଅଛି ମୋର ଆହେ ତାତ ।
ଏକାଦଶୀବ୍ରତର ଏ ମହିମାକୁ ପୂର୍ବେ
ଜାଣି ମୁଁ ନଥିଲି ମାତ୍ର ଜାଣିଅଛି ଏବେ ।
ଜାତିସ୍ମର ହୋଇ ଜନ୍ମିବାରୁ ଏ ସଂସାରେ
ଏବେ ଜଣାଗଲା ମୋତେ ସେହି ପ୍ରଭାବରେ ।
ହେ ତାତ ମୁଁ ଅନିଚ୍ଛାରେ ଏକାଦଶୀ କରି
ଅନାୟାସେ ଉପଭୋଗ କରି ଏଡ଼େ ଶିରୀ ।
ଭକ୍ତିରେ କରିବି ଯେବେ ଏକାଦଶୀ ବ୍ରତ
ତହିଁରେ କି ଫଳ ଅବା ନୋହିବ ପ୍ରାପତ ।
ପରମ ସ୍ଥାନରେ ବାସ ବାସନା ଯାହାର
ଥିବ ଏକାଦଶୀ ବ୍ରତ ପାଳିବ ସେ ନର ।
ଶ୍ରଦ୍ଧାରେ ବିଷ୍ଣୁଙ୍କୁ ପ୍ରତିଦିନ ଯେ ପୂଜିବ
ସେ ଏକାଦଶୀ ବ୍ରତର ଫଳକୁ ଲଭିବ ।
ଉଭୟ କଥାକୁ କରିପାରେ ଯେଉଁ ଜନ
ବିଷ୍ଣୁଭୁବନରେ ତାକୁ ମିଳେ ବାସସ୍ଥାନ ।
ଏକାଦଶୀବ୍ରତର ଏ ମାହାତ୍ମ୍ୟକୁ ଯେହୁ
ଭକ୍ତିରେ ଶୁଣଇଁ ପୁଣ୍ୟବନ୍ତ ଅଟେ ସେହୁ ।
ନିଖିଳ ପାପରୁ ମୁକ୍ତ ହୋଇ ବିଷ୍ଣୁଲୋକେ
ବାସ କରଇ ସେ ଆନନ୍ଦରେ ମହାସୁଖେ ।
ସୁତ ବୋଲନ୍ତି ଯେ ଆର୍ଯ୍ୟ ଋଷିଗଣେ ଜାଣ
ପୁତ୍ର ମୁଖୁ ଏ ଚରିତ କରନ୍ତେ ଶ୍ରବଣ ।
ଗାଲବ ମହର୍ଷିମାନେ ମହାତୁଷ୍ଟ ହୋଇ
ଭାବିଲେ ତାହାଙ୍କୁ ଆଉ କିଛିହିଁ ନ କହି ।
ବିଷ୍ଣୁଙ୍କ ପରମ ଭକ୍ତଆସି ମୋର କୁଳେ
ଜନମଗ୍ରହଣ କରିଛନ୍ତି ଭାଗ୍ୟବଳେ ।
ଏଣୁ ମୁଁ ଜାଣିଲି ଜନ୍ମ ସଫଳ ମୋହର
ଏତେକାଳେ କରାଇଲେ ପ୍ରଭୁ ଚକ୍ରଧର ।
ପବିତ୍ର ହୋଇଲା ମୋର ବଂଶ ଆସି ଏବେ
ଚଉଦପୁରୁଷ ମୋର ଉଦ୍ଧାର ହୋଇବେ ।
ଏପରି ପରମତୁଷ୍ଟ ହୋଇ ସେ ମହର୍ଷି
ପୁତ୍ରକୁ ବସାଇ ତାଙ୍କ ସମୀପରେ ବସି ।
ହରିଙ୍କ ପୂଜାର ବିଧି ବିଧାନ ବା ଯେତେ
ତା ସବୁ କହିଲେ ସେହି ପୁତ୍ରଙ୍କୁ ସୁଚିତ୍ତେ ।
ଆହେ ଋଷିଗଣ ତୁମ୍ଭ ପ୍ରଶ୍ନ ଅନୁସାରେ
ଯେ ଉତ୍ତର ତା କହିଲି ଶୁଣିବା ପ୍ରକାରେ ।
ଆଉ ଯାହା ଶୁଣିବାକୁ ଅଛି ତୁମ୍ଭ ମନ
ତାହା ମୋତେ ପଚାରିଲେ କହିବି ମୁଁ ପୁଣ ।
ସଂକ୍ଷେପରେ ହେଉ ଅବା କିବା ବିସ୍ତୃତରେ
ଯାହା ପୁଚ୍ଛା କରିବ ତା କହିବି ସତ୍ୱରେ ।
ଶ୍ରୀହରି ଚରଣ ଚିନ୍ତି କହେ କ୍ଷେତ୍ରଛାର
ସଂସାରୁ ନିସ୍ତର ଏହି ବ୍ରତ କରି ନର ।
ଇତି ଶ୍ରୀ ବୃହତ୍ ନାରଦ ପୁରାଣେ ଏକାଦଶୀ
ବ୍ରତ କଥନଂ ନାମୈକବିଂଶୋଽଧ୍ୟାୟଃ ।

---●---

## ଦ୍ୱାବିଂଶ ଅଧ୍ୟାୟ
## ବର୍ଣ୍ଣାଶ୍ରମବିଧି ନିର୍ଣ୍ଣୟ

ଏଥିଅନ୍ତେ ପୁଣ୍ୟକଥା ସାଧୁଜନେ ଶୁଣ
କହିଲେ ସୁତଙ୍କୁ ଚାହିଁ ଆର୍ଯ୍ୟ ଋଷିଗଣ ।

Digitized by srujanika@gmail.com

ସବୁ ତତ୍ତ୍ୱ ଜାଣ ତୁମ୍ଭେ ସୁତ ମହାଜ୍ଞାନୀ
କହିଲେ ଅନେକ ରୂପେ ପୂର୍ବର କାହାଣୀ ।
ଗଙ୍ଗାଙ୍କ ମହିମା ଆଦି ଧର୍ମାଧର୍ମ ଯେତେ
ହରିଙ୍କର ପୂଜାବିଧି ବିଧାନ ସତତେ ।
ବିସ୍ତାର ଭାବରେ ପୁଣି ଅନେକ ଯେ ବ୍ରତ
ଏକାଦଶୀର ମହିମା ଅଟଇ ଯେମନ୍ତ ।
ତା ସବୁ ବିଶେଷ ରୂପେ କହିଲ ବୁଝାଇ
ସକଳେ ଶ୍ରବଣ କଲୁ କୃତ୍ୟ କୃତ୍ୟ ହୋଇ ।
ଏବେ ବର୍ଣ୍ଣାଶ୍ରମ ବିଧି ଆଶ୍ରମ ଆଚାର
ପ୍ରାୟଶ୍ଚିତ୍ତ ବିଧି ଅଟେ ଯେବଣ ପ୍ରକାର ।
ତା ଆମ୍ଭେ ଶୁଣିବା ପାଇଁ ବଳାଇଛୁ ମନ
ଆମ୍ଭର ଏ କାମନାକୁ ପୂରାଅ ଆପଣ ।
ନିଖିଳ ତତ୍ତ୍ୱାର୍ଥ ତୁମ୍ଭେ ଜାଣିଅଛ ସୁତ
ସବୁ ଶାସ୍ତ୍ର ବିଜ୍ଞାନରେ ବୋଲାଅ ପଣ୍ଡିତ ।
ଏ କାରଣୁ କୃପାକରି ଏ ସକଳ କଥା
ଆମ୍ଭ ଅଗ୍ରତରେ କହ ଆହେ ମହାଜ୍ଞାତା ।
ଏପରି ସେ ଋଷିଗଣ ପଚାରିବା ଶୁଣି
କହି ଆରମ୍ଭିଲେ ତାଙ୍କୁ ସୁତ ମହାଜ୍ଞାନୀ ।
ବର୍ଣ୍ଣାଶ୍ରମୋଚିତ ଆଶ୍ରମକୁ ପ୍ରତିଦିନ
ନିୟମକୁ ପ୍ରତିପାଳି ପାରେ ଯେଉଁ ଜନ ।
ତା ପୂଜାରେ ପରିତୁଷ୍ଟ ହୋଇ ଲକ୍ଷ୍ମୀପତି
ପ୍ରଦାନ କରନ୍ତି ତାଙ୍କୁ ଅମୂଲ୍ୟ ବିଭୂତି ।
ଏହି ସମ୍ବନ୍ଧରେ ଅତି ପୁରାତନ କାଳେ
ବ୍ରହ୍ମାଙ୍କ ମାନସ ପୁତ୍ର ନାରଦ ତତ୍କାଳେ ।
ସନତ୍ କୁମାର ଆଗେ ଯାହାଥିଲେ କହି
ମୁଁ ତାହା ବଖାଣୁଅଛି ଶୁଣ ମନ ଦେଇ ।
ମନୁ ଆଦିକରି ଯେତେ ଶାସ୍ତ୍ରବକ୍ତା ଗଣ
ଯେଉଁ ଧର୍ମ ପନ୍ଥା କରିଛନ୍ତି ଆଚରଣ ।
ତା ମଧ କହିବି ଏବେ କଥା ପ୍ରସଙ୍ଗରେ
ଶୁଣ ଆହେ ତପୀଗଣମାନେ ଅତି ଧୀରେ ।
ବ୍ରାହ୍ମଣ କ୍ଷତ୍ରିୟ ବୈଶ୍ୟ ଶୂଦ୍ର ଚାରିଜାତି
ଦ୍ୱିଜମାନଙ୍କର ଗଣ୍ୟେ ହୋଇଣ ଅଛନ୍ତି ।
ଏମାନେ ମାତାର ଗର୍ଭୁ ଜାତ ହେଲା ପରେ
ଉପନୟନ ହୁଅଇ ବେଦ ବିଧାନରେ ।
ଉପନୟନାନ୍ତେ ଦୀକ୍ଷା କରିଣ ଗ୍ରହଣ
ଏହି ପରକାରେ ବୋଲାଅନ୍ତି ତିନିଜନ୍ମ ।

ଆପଣା ଧର୍ମକର୍ମ ଯେ ପରିତ୍ୟାଗ କରେ
ପାଷାଣ୍ଡ ରୂପରେ ଗଣ୍ୟଅଟେ ସେ ସଂସାରେ ।
ନିଜ ନିଜ ଗୃହ ଅନୁରୂପେ ଦ୍ୱିଜଗଣ
କାର୍ଯ୍ୟେ ରତ ହୋଇବାର ସମୁଚିତ ଜାଣ ।
ଏକଥା ଅନ୍ୟଥା କଲେ ହୁଅନ୍ତି ପତିତ
ଆବର ହୁଅନ୍ତି ଧର୍ମମାର୍ଗୁ ବହିର୍ଗତ ।
ଯାହାର ଯେମନ୍ତ ଧର୍ମ କର୍ମମାନଜାଣ
ତାହା କହୁଅଛି ଏବେ ମନଦେଇ ଶୁଣ ।
ସ୍ମୃତିମାର୍ଗ ଅବରୋଧ ଦେଶାଚାର ଯାହା
ପାନ ନ କରିବେ ଯେହୁ ନିଶ୍ଚୟରେତାହା ।
ବିଧେୟ ନୁହଇ ପରିତ୍ୟାଗ କରିବାର
ଏକଥା ବେଦରେ ହୋଇ ଅଛଇ ବିଚାର ।
ମାନବ ମାତ୍ରକେ ନ୍ୟାୟମାନ ବିଚାରରେ
ଧର୍ମାଚରଣ କରିବେ ବିଧି ଅନୁସାରେ ।
ଲୋକଙ୍କ ବିରୁଦ୍ଧ ଭାବ ଯେ ଧର୍ମ କରଇ
କେବେହେଁ ପାଳିବ ନାହିଁ ସେହି ଧର୍ମକେହି ।
କଳିଯୁଗେ ନରଗଣ ଚଳିବେ ଯେମନ୍ତେ
ତା ସର୍ବ ଶ୍ରବଣ କର ହୋଇ ତୋଷଚିତ୍ତେ ।
ସମୁଦ୍ରରେ ଯାତ୍ରାକରି ଯିବା ଦେଶାନ୍ତର
ସନ୍ନ୍ୟାସ ସାଜିବ କମଣ୍ଡଳୁ ଧରି କର ।
ଅସବର୍ଣ୍ଣା କନ୍ୟା ପାଣି ଗ୍ରହଣ କରିବା
ତାହାର ସଂସର୍ଗେ ପୁତ୍ର ଜାତ କରାଇବା ।
ପିତୃଶ୍ରାଦ୍ଧେ ମାଂସଦାନ ବନେ ପ୍ରସ୍ଥାଶ୍ରମ
ଅକ୍ଷତ ବିଧବା କନ୍ୟାରଜେ ପୁନର୍ଦାନ ।
ଦୀର୍ଘକାଳ ସ୍ଥାୟୀ ବ୍ରହ୍ମଚର୍ଯ୍ୟ ନରମେଧ
ଯଜ୍ଞ କରମରେ ଅଶ୍ୱମେଧ ଯେ ଗୋବଧ ।
ମହା ପ୍ରସ୍ଥାନକୁ ଆଦି ଏ ଧର୍ମ ସମସ୍ତ
କରା ଯାଇଅଛି କଳି ଯୁଗରେ ବର୍ଜିତ ।
ପୂର୍ବେ କହିଛନ୍ତି ଜ୍ଞାନୀ ସୁପଣ୍ଡିତ ଗଣ
କଳିଯୁଗ ଭୋଗେ ଏହା ନ କରିଣ ଜାଣ ।
ଯେବଣ ଦେଶରେ ଯେହୁ ବାସ କରିଥିବ
ସେହି ଦେଶର ଆଚାର ଗ୍ରହଣ କରିବ ।
ନ କରଇ ତାହା ଯେହୁ ହୁଅଇ ପତିତ
ପୁଣି ସେ ଧର୍ମରୁ ସେ ହୁଅଇ ବହିଷ୍କୃତ ।
ବ୍ରାହ୍ମଣ କ୍ଷତ୍ରିୟ ବୈଶ୍ୟ ଶୂଦ୍ରଙ୍କର ଯାହା
କର୍ତ୍ତବ୍ୟ ଅଟଇ ଶୁଣ କହୁଛି ମୁଁ ତାହା ।

Digitized by srujanika@gmail.com

ବ୍ରାହ୍ମଣ ନେବ ଯେ ଦାନ ଆନେ ଦାନ ଦେବ
ଯଜ୍ଞ ଅନୁଷ୍ଠାନ କରି ଦେବଙ୍କୁ ପୂଜିବ ।
ଯାଗ କରିବାକୁ ଯେଉଁମାନେ ଉପଯୁକ୍ତ
ତାହାଙ୍କ ହସ୍ତରେ ଯଜ୍ଞ କରିବ ସମାପ୍ତ ।
ବେଦ ପଢ଼ାଇବ ନେଇ ଉତ୍ତମ ଶିଷ୍ୟକୁ
ସେହି ମାର୍ଗରେ ପୋଷିବ ନିଜ କୁଟୁମ୍ବଙ୍କୁ ।
ପରଧନ ରତ୍ନାଦିରେ ମାଟିତୁଲ୍ୟ ବୁଦ୍ଧି
ବ୍ରାହ୍ମଣ କରିଲେ ତାର ହୁଏ ଜ୍ଞାନ ସିଦ୍ଧି ।
ଅନଳ ଯେପରି ସବୁ ପ୍ରାଣୀମାନଙ୍କର
ହିତ ସାଧନ କରିଣ ଥାଏ ନିରନ୍ତର ।
ଏଣୁ ଯେ ମଧୁର ବାକ୍ୟ ପ୍ରୟୋଗ କରିବ
କଟୁକଥା କେଭେଁ କାହା ପ୍ରତି ନ କହିବ ।
ଋତୁକାଳେ ପତ୍ନୀ ସହବାସକୁ କରିବ
ବିପ୍ରର ମଙ୍ଗଳ କର୍ମ ଅଟଇ ଏ ସର୍ବ ।
ବିଷ୍ଣୁଙ୍କ ସେବାରେ ରତ ହେବ ପ୍ରତିଦିନ
ନ କହିବ ତିଳେ କାରେ ଅପ୍ରିୟ ବଚନ ।
କ୍ଷତ୍ରିୟଙ୍କର ଆଚାର ଶୁଣ ମନଦେଇ
ବ୍ରାହ୍ମଣଙ୍କୁ ନିରନ୍ତରେ ଦାନ ଦେବ ସେହି ।
ଆପେ ବେଦପାଠ କରି ଯଜ୍ଞ କରାଇବ
ଦେବତାଙ୍କ ଯଜ୍ଞଭାଗ ଦେଇଣ ପୂଜିବ ।
ଆପେ ଧର୍ମ ଆଲୋଚନା କରି ଶାସ୍ତ୍ରମତେ
ଯତନେ ପାଳିବ ଧରାକୁ ଯେ ତୋଷଚିତ୍ତେ ।
ଦୁଷ୍ଟକୁ ଦମନ କରି ସନ୍ଥକୁ ପାଳିବ
କ୍ଷତ୍ରିୟଙ୍କର କର୍ତ୍ତବ୍ୟ ଅଟଇଏ ସର୍ବ ।
ବୈଶ୍ୟର ବାଣିଜ୍ୟ କୃଷି ପଶୁଙ୍କ ପାଳନ
ଆବର କରିବ ସେହୁ ବେଦ ଅଧ୍ୟୟନ ।
ବୈଶ୍ୟର କର୍ତ୍ତବ୍ୟ କର୍ମ ଏ ସବୁ ଅଟଇ
ଯେତେ କଷ୍ଟ ଆସୁ ତ୍ୟାଗ ନ କରିବ କେହି ।
ଶକ୍ତି ଅନୁସାରେ ଶୂଦ୍ରମାନେ ଦାନ ଦେବେ
ଦେବତାଙ୍କୁ ସିଦ୍ଧାନ୍ନରେ ପୂଜି ନ ପାରିବେ ।
ବ୍ରାହ୍ମଣ କ୍ଷତ୍ରିୟ ବୈଶ୍ୟ ଏ ତିନି ବର୍ଣ୍ଣର
ସେବାକୁ କରିବେ ଶୂଦ୍ରମାନେ ନିରନ୍ତର ।
ଋତୁକାଳେ ପତ୍ନୀସହ ସହବାସ କରି
ମଙ୍ଗଳ କାମନା ସେହୁ କରିବେ ସବୁରି ।
ଯେ ଯାହା ଆଶ୍ରମୋଚିତ କର୍ମ ଅନୁଷ୍ଠାନ
ମୁକ୍ତି ଲାଭ କରନ୍ତି ଏ ଜଗତର ଜନ ।
ଆପଦାରେ ପଡ଼ି କଷ୍ଟ ପାଇଲେ ବ୍ରାହ୍ମଣ
କ୍ଷତ୍ରିୟ ଧର୍ମକୁ କରିପାରେ ଆଚରଣ ।
କ୍ଷତ୍ରିୟ ବୈଶ୍ୟର ଆଚାରକୁ ଯେ କରିବ
ତହିଁରେ ବଞ୍ଚି ସେ କଷ୍ଟେ କାଳ କଟାଇବ ।
ଯେତେହେଁ ବିପଦ ପଛେ ଆସୁ ଉପରକୁ
କେଭେ ତ୍ୟାଗ ନ କରିବ ଆପଣାକର୍ମକୁ ।
ବ୍ରାହ୍ମଣ ହୋଇଣ ଯେବେ ଶୂଦ୍ର ବୃତ୍ତିକରେ
ଚଣ୍ଡାଳ ସହିତ ଗଣା ଅଟେ ସଂସାରରେ ।
ବ୍ରାହ୍ମଣ କ୍ଷତ୍ରିୟ ବୈଶ୍ୟ ଏହି ତିନିବର୍ଣ୍ଣ
ଦ୍ୱିଜ ନାମରେ ପ୍ରସିଦ୍ଧି ହୁଅନ୍ତିଟି ଜାଣ ।
ବ୍ରହ୍ମଚାରୀ ଗୃହୀ ବାନପ୍ରସ୍ଥ ଯେ ସନ୍ନ୍ୟାସ
ଚାରି ଆଶ୍ରମ ଏ ହୋଇ ଅଛଇ ନିର୍ଦ୍ଦେଶ ।
ବ୍ରାହ୍ମଣ ଇତ୍ୟାଦି ତିନିଗୋଟି ଜାତିଙ୍କର
ଏହି ଚାରି ଆଶ୍ରମରେ ଅଛି ଅଧିକାର ।
ଏହା ବ୍ୟତୀତ ଯେ ଆଉ ଏକଇ ଆଶ୍ରମ
ନାହିଁ ଏ ଜଗତମଧ୍ୟେ ଶୁଣ ନରୋତ୍ତମ ।
ବ୍ରହ୍ମଚାରୀ ଆଦି ଚାରି ଆଶ୍ରମର ଯୋଗେ
ଉତ୍ତମ ଧନ ସାଧନ ହୁଏ ପ୍ରତି ଯୁଗେ ।
ବର୍ଣ୍ଣାଶ୍ରମୋଚିତ ଧର୍ମ ଯେ ପାଳନ କରେ
ଶ୍ରୀହରି ସନ୍ତୋଷ ହୋନ୍ତି ତାହାର ଉପରେ ।
ହରିଙ୍କ ପୂଜାରେ ସଦା ଯେହୁ ଥାଏ ରତ
ତାହାକୁ ଦୟା କରନ୍ତି ମହାଲକ୍ଷ୍ମୀ କାନ୍ତ ।
ପରମ ପଦ ସେ ଶେଷେ ପ୍ରାପତ ହୁଅଇ
ପୁନରାୟ ସଂସାରକୁ ଆଉ ନ ଫେରଇ ।
ଗତି ମୁକ୍ତି ଦାତା ହରିଙ୍କର ପଦାମ୍ବୁଜେ
ଅଧମ କ୍ଷେତ୍ରମୋହନ ଦିବାରାତି ଭଜେ ।
ଇତି ଶ୍ରୀ ବୃହଦ୍ ନାରଦ ପୁରାଣେ ବର୍ଣ୍ଣାଶ୍ରମ
ବିଧି କଥନଂ ନାମ ଦ୍ୱାବିଂଶୋଽଧ୍ୟାୟଃ ।

---•---

## ତ୍ରୟୋବିଂଶୋଧ୍ୟାୟ

## ସଦାଚାର କଥନ

କହନ୍ତି ଯେ ସୁତମୁନି ଶୁଣ ମନଦେଇ
ବର୍ଣ୍ଣାଶ୍ରମ ବିଧିମାନ ବରଣିବି ମୁହିଁ ।
କହିବି ବିଶେଷଭାବେ ସୁବିସ୍ତାର କରି
ସକଳେ ଏକାଗ୍ର ଚିତ୍ତେ ଶୁଣ କର୍ଣ୍ଣଡେରି ।

Digitized by srujanika@gmail.com

ଆପଣା କର୍ମ ତେଜି ଯେ ପର କର୍ମ କରେ
ପାଷାଣ୍ଡ ମଧ୍ୟରେ ଗଣା ଅଟଇ ସଂସାରେ ।
ସକଳ ଧନରୁ ଅତି ବଡ଼ ସେ ହୁଅଇ
ଏଣୁ ନିଜ କର୍ମ ତ୍ୟାଗ ନ କରିବ କେହି ।
ଗର୍ଭାଧାନ ଆଦି ଅଛି ଯେତେକ ସଂସ୍କାର
ଯଥାକାଳେ ମନ୍ତ୍ର ପଢ଼ି ତା କରିବ ନର ।
ନାରୀଙ୍କର ଏ କର୍ମରେ ପଢ଼ିବାକୁ ମନ୍ତ୍ର
ପ୍ରୟୋଜନ ନାହିଁ ଜାଣ କହିଲି ସମସ୍ତ ।
ପ୍ରଥମ ଗର୍ଭର ଚାରିମାସ ହେବା ଠାରେ
ସୀମନ୍ତୋନୟନ କରାଇବ ବିଧାନରେ ।
ଦଇବ ଯୋଗରେ ଯେବେ କରି ନ ପାରିବ
ଷଷ୍ଠ ସପତମ ଅଷ୍ଟମାସରେ କରିବ ।
ପୁତ୍ରଜନ୍ମ ହେଲେ ପିତା ସ୍ନାନକରି ଆସି
ଜାତକର୍ମ କରିବାକୁ ଶୁଦ୍ଧାସନେ ବସି ।
ସ୍ୱସ୍ତିବାଚନ କରିଣ ନାନ୍ଦୀମୁଖୀ ଶ୍ରାଦ୍ଧ
କରିବ ଯହିଁରେ ପିତୃଗଣ ହୁନ୍ତି ବୋଧ ।
ଶିଶୁ ଜାତକର୍ମେ ଶ୍ରାଦ୍ଧ କରିବ ହେ ନରେ
ଅଥବା କରିବ ଅତି ଉଦ୍ଦମ ଧାନ୍ୟରେ ।
ଅନ୍ତରେ ଏ ଶ୍ରାଦ୍ଧ କରଇ ଯେ ଅନୁଷ୍ଠାନ
ଚଣ୍ଡାଳଗଣରେ ଗଣା ହୁଅଇ ସେ ଜାଣ ।
ଅଶୌଚ ଛାଡ଼ିଲେ ପିତା ଅଭ୍ୟୁଦୟକାଦି
ଶ୍ରଦ୍ଧାଳୁ କରିବ ଯଥା ବିଧାନେ ସମ୍ପାଦି ।
ତଦନ୍ତେ ଶିଶୁର ନାମକରଣ କରିବ
ବିଷମ ଅକ୍ଷର ଯୁକ୍ତ ନାମକୁ ନ ଦେବ ।
ଯେବଣ ନାମର ଅର୍ଥ ନୁହଇ ବ୍ୟକତ
ଅତିଗୁରୁ ଅତିଲଘ ଅକ୍ଷରେ ଯେ ଯୁକ୍ତ ।
ଏ ମନ୍ତ୍ର ନାମକୁ କେଭେ ଶିଶୁର ନ ରଖି
ବାଛିକରି ନାମ ଦେବ ଉପଯୁକ୍ତ ଦେଖି ।
ଚୂଡ଼ାକରଣର ବିଧି ତୃତୀୟ ବୟରେ
ପ୍ରଶସ୍ତ ବୋଲିଣ କହିଛନ୍ତି ବିଜ୍ଞନରେ ।
ତୃତୀୟ ବର୍ଷରେ ଯେବେ କରି ନ ପାରିବ
ପଞ୍ଚମ ସପ୍ତମ ଅଷ୍ଟମରେ କରାଯିବ ।
ଅଥବା ନବମ ବର୍ଷେ ଗୃହୋକ୍ତ ବଚନେ
କରିବାକୁ କହିଛନ୍ତି ଶାସ୍ତ୍ରଜ୍ଞାତା ଜନେ ।
ଗର୍ଭ ଧାନ ଆଦିକର୍ମ ଯଥା ସମୟରେ
କରି ନ ପାରିବ ଯେବେ ଦଇବ ଯୋଗରେ ।

ତେବେ କୃଚ୍ଛପାଦ ପ୍ରାୟଶ୍ଚିତକୁ କରିବ
ଚୂଡ଼ାକର୍ମେ ପ୍ରାୟଶ୍ଚିତ୍ତ କୃଚ୍ଛାର୍ଦ୍ଧ ହୋଇବ ।
ବ୍ରାହ୍ମଣ ପୁତ୍ରର ଗର୍ଭାଷ୍ଟମ ଅଷ୍ଟମରେ
ଉପନୟନକୁ କରାଇବ ବିଧାନରେ ।
ଗର୍ଭାଧାନଠାରୁ ଷୋଳବର୍ଷ ହେବାଯାଏ
ଉପନୟନର ଗୌଣକାଳ ବୋଲାଯାଏ ।
ଗର୍ଭଠାରୁ ଏକାଦଶ ବର୍ଷେ କ୍ଷତ୍ରିୟର
ଅଟଇ ପ୍ରଶସ୍ତ କାଳ ଉପନୟନର ।
ଗର୍ଭବିଧି ଚଉବିଂଶ ବର୍ଷ ହେବାଯାଏ
କ୍ଷତ୍ରିୟର ଅପ୍ରଶସ୍ତ କାଳ ବୋଲାଯାଏ ।
ବ୍ରାହ୍ମଣକୁ ଆଦିକରି ତିନିବର୍ଣ୍ଣଙ୍କର
ଯେଉଁକାଳ ଉକ୍ତ ଉପନୟନରେ ଯାର ।
ସେ କାଳରେ ଯେବେ କରାଯାଇ ନ ପାରିବ
ସାବିତ୍ରୀ ପତିତ ବୋଲି ତାହାକୁ ଜାଣିବ ।
ସାବିତ୍ରୀ ପତିତ ବ୍ୟକ୍ତି ସଙ୍ଗରେ ଆଳାପ
କର୍ତ୍ତବ୍ୟ ନୁହଇ କଲେ ହୁଏ ମହାପାପ ।
ଉପନୟନରେ ମୁଖ୍ୟକାଳ ବ୍ରାହ୍ମଣଙ୍କର
ବିଗତ ହୋଇଲେ ଶୁଣ ତହିଁକି ବିଚାର ।
ଦ୍ୱାଦଶାର୍ଦ୍ଧ ବ୍ରତ ଅନୁଷ୍ଠାନ ସେ କରିଣ
ତଦନ୍ତେ କରିବ ସବିଧାନେ ଚାନ୍ଦ୍ରାୟଣ ।
କିବା ସନ୍ତାପନ ଦ୍ୱୟକରି ବିଧିମତେ
ଉପନୟନର ବିଧି କରିବ ତଦନ୍ତେ ।
ଏପରି ନ କଲେ ସେହୁ ପତିତ ହୋଇଣ
ବ୍ରହ୍ମହତ୍ୟା ପାତକରେ ଲିପ୍ତ ହୁଏ ଜାଣ ।
ବ୍ରାହ୍ମଣ ମଞ୍ଜୁଲତାରେ ମେଖଳା କରିବ
କ୍ଷତ୍ରିୟପକ୍ଷରେ ଧନୁର୍ଗୁଣ ଯେ ହୋଇବ ।
ମେଷଚର୍ମେ ମେଖଳାକୁ କରାଇ ନିର୍ମାଣ
ବ୍ରତକାଳେ ବୈଶ୍ୟ ତାହା କରିବ ବନ୍ଧନ ।
ବ୍ରାହ୍ମଣରକୃଷ୍ଣସାର ମୃଗ ଚରମରେ
ପଇତା ହୁଅଇ ଉପନୟନ କାଳରେ ।
ରୁରୁ ମୃଗ ଚରମରେ କ୍ଷତ୍ରିୟର ହୁଏ
ବୈଶ୍ୟମାନଙ୍କର ମୃଗଚର୍ମେ କରାଯାଏ ।
ବ୍ରାହ୍ମଣ ପଳାଶ ଦଣ୍ଡ କରଇ ଗ୍ରହଣ
କ୍ଷତ୍ରିୟର ଉଦୁମ୍ବର ଦଣ୍ଡ ବୋଲି ଜାଣ ।
ବିଲ୍ୱ ଦଣ୍ଡଗୋଟି ବୈଶ୍ୟ ଗ୍ରହଣ କରଇ
ଦଣ୍ଡର ପ୍ରମାଣ ଏବେ ଶୁଣ କହୁଥାଇ ।

Digitized by srujanika@gmail.com

ବ୍ରାହ୍ମଣର ପାଦଠାରୁ କେଶ ପରିଯନ୍ତେ
ଦଣ୍ଡକୁ କରିବ ମାପି ଶାସ୍ତ୍ରବିଧିମତେ ।
ଲଲାଟ ପର୍ଯ୍ୟନ୍ତେ କ୍ଷତ୍ରିୟର କରାଯିବ
ବୈଶ୍ୟଙ୍କର ଦଣ୍ଡମାନ ନାସା ଯାଏ ହେବ ।
ବ୍ରତରେ ପିନ୍ଧିବ ବ୍ରାହ୍ମଣ ଯେ କଷାବାସ
ମଞ୍ଜିଷ୍ଠା ରଞ୍ଜିତ ବସ୍ତ୍ର କ୍ଷତ୍ରିର ପ୍ରକାଶ ।
ହରିଦ୍ରା ବାସକୁ ବୈଶ୍ୟକରିବ ଧାରଣ
ତହିଁପରେ ଯା ହୁଅଇ ତା କହୁଛି ଶୁଣ ।
ଉପନୀତ ବିପ୍ର ବେଦାଧ୍ୟୟନ ପର୍ଯ୍ୟନ୍ତେ
ଗୁରୁଙ୍କ ଗୃହରେ ଯାଇ ରହିବ ସୁଚିତ୍ତେ ।
ଗୁରୁଙ୍କ ସେବାରେ ନିତି ନିରତ ରହିବ
ପ୍ରତିଦିନ ପ୍ରଭାତରୁ ସ୍ନାନ କରାଇବ ।
ପ୍ରାତଃ କୃତ ବଢ଼ାଇଣ ସୁପବିତ୍ର ମନେ
ଗୁରୁଙ୍କ ସମିଧ ଲାଗି ଆଣିଥିବ ବନେ ।
ତାହାଙ୍କ ସକାଶେ ପକ୍ୱଫଳ କନ୍ଦମୂଳ
ପ୍ରତିଦିନ ଆଣୁଥିବ ଯାଇଣ ତତ୍କାଳ ।
ପଇତା ଅଜିନଦଣ୍ଡ ନଷ୍ଟଭ୍ରଷ୍ଟ କଲେ
ମନ୍ତ୍ରପାଠ କରି ପରେ ଘେନିବ ତା ଭଲେ ।
ପୁରୁଣା ଯେ ଥିବ ତାକୁ ଜଳରେ ପକାଇ
ଗାୟତ୍ରୀ ଜପିବ ହସ୍ତେ ପଇତା ଗୁଡ଼ାଇ ।
ବ୍ରହ୍ମଚାରୀ ଭିକ୍ଷା ଅନ୍ନେ ଆପଣା ଜୀବିକା
ନିର୍ବାହ କରିବ ଛାଡ଼ି ଦେଇ ମନୁ ଶଙ୍କା ।
ସେହି ଯେଉଁ ଭିକ୍ଷାକୁ ସେ ଗ୍ରହଣ କରିବ
ଶ୍ରୋତ୍ରୀୟ ବ୍ରାହ୍ମଣ ଘରୁ ତାହା ମାଗିନେବ ।
ସଂଯତ କରିଣ ଇନ୍ଦ୍ରିୟକୁ ଯତନରେ
ଭିକ୍ଷା ମାଗିବ ସେ ବ୍ରହ୍ମାଚାରୀ ବିଧାନରେ ।
ପ୍ରତିଦିନ ପ୍ରଭାତରୁ କି ଅବା ସନ୍ଧ୍ୟାରେ
ଅଗ୍ନିକୁ ପୂଜା କରିବ ଯଥା ନିୟମରେ ।
ଯଥା ସମୟରେ ବ୍ରହ୍ମ ଯଜ୍ଞ ଯେ ତର୍ପଣ
କରିବ ସଂଯତ ହୋଇ ବ୍ରହ୍ମଚାରୀ ଜନ ।
ଅଗ୍ନି ପୂଜା ନ କରଇ ଯେ ହୋଇ ବ୍ରାହ୍ମଣ
ପତିତ ଜନଙ୍କ ସଂଗେ ହୁଅଇ ଗଣନ ।
ବ୍ରହ୍ମ ଯଜ୍ଞ ନ କରିଲେ ହୁଏ ବ୍ରହ୍ମଘାତି
ପଣ୍ଡିତଜନେ ଏ କଥା କହି ଯାଇଛନ୍ତି ।
ବ୍ରାହ୍ମଣ ଗୃହରୁ ଭିକ୍ଷା ଗ୍ରହଣ କରିବ
ଗୁରୁଙ୍କ ପାଶରେ ନେଇ ସମର୍ପଣ ଦେବ ।

ତାଙ୍କୁ ଅନୁମତି ହେଲେ ଭକ୍ଷିବ ସେ ଅନ୍ନ
ଉଦର ପୋଷିବାପାଇଁ କରିବ ଗ୍ରହଣ ।
ଏକଇ ଗୃହରୁ ନିତି ଭିକ୍ଷା ମାଗିକରି
ନ ଖାଇବ କଉଣସି ମତେ ବ୍ରହ୍ମଚାରୀ ।
ତାମ୍ବୁଳ ଲବଣ ମାଂସ ମଧୁ ନ ଖାଇବ
ଦିବା ନିଦ୍ରା ସ୍ତିରୀ ସଙ୍ଗ ବର୍ଜନ କରିବ ।
ଛତ୍ର ପାଦୁକା ଯେ ଗନ୍ଧ ମାଲ୍ୟାଦି ଲେପନ
ଜଳକେଳି ଅକ୍ଷକ୍ରୀଡ଼ା କରିବ ବର୍ଜନ ।
ଦନ୍ତଧାବନ ଯେ ପର ନିନ୍ଦା ଗୀତ ନୃତ୍ୟ
କ୍ରୋଧ ଅତି ଆନନ୍ଦରେ କରିବ ତ୍ୟକତ ।
କାହାର ଉଚ୍ଛିଷ୍ଟମାନ ତିଳେ ନ ଛୁଇଁବ
ଛୁଇଁଲେ ସ୍ନାହାନ କରି ଗାୟତ୍ରୀ ଜପିବ ।
ଅତି ଆନନ୍ଦ ବା ଅତି ବିରୁଦ୍ଧ ବଚନ
ପାଷାଣ୍ଡ ଯେ ଶୂଦ୍ରଙ୍କର ସଙ୍ଗତରେ ଗଣ୍ୟ ।
ଶୂଦ୍ରଙ୍କ ସଙ୍ଗରେ କେଭେ ବାଦ ନ କରିବ
ଉତ୍ତମ ଶିକ୍ଷା ତାହାଙ୍କୁ ସଦା ଦେଉଥିବ ।
ଜ୍ଞାନବୃଦ୍ଧ ତପୋବୃଦ୍ଧ ବୟୋବୃଦ୍ଧ ଯେତେ
ତାଙ୍କୁ ନମସ୍କାର କରୁଥିବ ଶୁଦ୍ଧଚିତ୍ତେ ।
ଶ୍ରୀଗୁରୁଙ୍କ ତତ୍ତ୍ୱ ଆଉ ଉପଦେଶମାନ
ବିଚାରି କରିବ ସବୁ ଦୁଃଖକୁ ବର୍ଜନ ।
ସର୍ବାଗ୍ରେ ଗୁରୁଦେବଙ୍କୁ ନମସ୍କାର କରି
ବନ୍ଦିବ ବିପ୍ରଙ୍କୁ ନିଜ ନାମକୁ ଉଚ୍ଚାରି ।
କ୍ଷତ୍ରୀୟ ବୈଶ୍ୟ ବା ଶୂଦ୍ର ଆଦି ତିନିବର୍ଣ୍ଣ
ନ କରିବ ନମସ୍କାର ବ୍ରାହ୍ମଣଙ୍କୁ ଜାଣ ।
ମୂର୍ଖ ପାଷାଣ୍ଡ ପତିତ ଆଦି ଯେତେ ନର
ଅଶୁଚି ଅଶୌଚ ଜାତିଭ୍ରଷ୍ଟ ବିପ୍ରବର ।
ମସ୍ତକ ବା ସର୍ବାଙ୍ଗେ ଯେ ତୈଳ ଘେନିଥିବ
ସ୍ନାନ ନ କରିଣ ଯେହୁ ଅନ୍ନ ଭୁଞ୍ଜୁଥିବ ।
ଯା ହସ୍ତରେ ଥିବ ପୁଷ୍ପ ସମିଧ ବା ଜଳ
ସର୍ବଦା କଳହ କାର୍ଯ୍ୟେ ଥିବ ଯେ ଚଞ୍ଚଳ ।
ଭିକ୍ଷାନ୍ନ ଯେ ଧରିଥିବ ଯେ ଥିବ ଜଳରେ
ଯେ ଶୟନ କରିଥିବ ଶଯ୍ୟାର ଉପରେ ।
ଆବର ରମଣୀ ଅଶକତା ଯେଉଁ ଜନ
ନୁହନ୍ତି ଏତେକ ନମସ୍କାର ଯୋଗ୍ୟ ଜାଣ ।
ଗର୍ଭପାପ କରି ଯେହୁ ପତି ହତ୍ୟା କରେ
ଆଶକ୍ତି ଯେ ହୋଇଥାଏ ପର ପୁରୁଷରେ ।

Digitized by srujanika@gmail.com

ଯେ ଅତି କୋପନା ଅଟେ କୃତଘ୍ନୀ ଯେ ନାରୀ
ଯେ ସୂତିକା ଅଟେ ରଜସ୍ୱଳା ଯେଉଁ ସ୍ତିରୀ ।
ନମସ୍କାର ଘେନିବାକୁ ଯୋଗ୍ୟା ସେ ନୁହନ୍ତି
ତେଣୁ ନମସ୍କାର ନ କରିବ ତାଙ୍କ ପ୍ରତି ।
ସଭାସ୍ଥଳି ଯଜ୍ଞଗୃହ ଦେବତାୟନତନ
ଏଥିରେ ଯଦ୍ୟପି କେହି ଥିବେ ଗୁରୁଜନ ।
ନମସ୍କାର ନ କରିବ ସେଠାରେ ତାହାଙ୍କୁ
କଲେ ପୁଣ୍ୟ କୃତ୍ୟ ନଷ୍ଟ ହୋଇବ ଶେଷକୁ ।
ପୁଣ୍ୟ କ୍ଷେତ୍ରେ ପୁଣ୍ୟ ତୀର୍ଥେ ଯଜ୍ଞାଦି କାଳରେ
ନ କରିବ ନମସ୍କାର କଦାପି ସେଠାରେ ।
ଯଦ୍ୟପି କରିବ ଏକମାତ୍ର ନମସ୍କାର
ସର୍ବ ପୂର୍ବ ପୁଣ୍ୟ ନଷ୍ଟ ହୋଇବ ତୁମ୍ଭର ।
ବ୍ରତଦାନ ଦେବାର୍ଚ୍ଚନ ଶ୍ରାଦ୍ଧ ତରପଣ
କିବା ଯେହୁ କରୁଥିବ ଯଜ୍ଞ ଅନୁଷ୍ଠାନ ।
ତାଙ୍କୁ ନ କରିବ ଅଭିବାଦନ କେବେହେଁ
କରିବାର କଥାଗୋଟି ଉପଯୁକ୍ତ ନୋହେ ।
ନମସ୍କାର କରିଲେ ହେଁ ପ୍ରତ୍ୟାଭିବାଦନ
ନ କରିବ ମୂର୍ଖ ସ୍ୱଭାବରେ ଯେଉଁଜନ ।
ଶୂଦ୍ର ସଙ୍ଗତରେ ଗଣା ସେ ବ୍ୟକ୍ତି ଅଟଇ
ନମସ୍କାର ଘେନିବାକୁ ସମର୍ଥ ସେ ନୋହି ।
ଏଥୁ ଅନ୍ତେ ଆନକଥା ଶୁଣ ଦେଇମନ
କେଉଁ ପରକାରେ ବିଦ୍ୟା ହୁଅଇ ଶୋଧନ ।
ଗୁରୁପାଶେ ପାଠ ପଢ଼ିବାକୁ ଯିବାବେଳେ
ଆପଣାର ବେନିପାଦ ଧୌତ କରି କଲେ ।
ଆଗମନ କରି ଗୁରୁ ପାଶେ ପ୍ରବେଶିବ
ବନ୍ଦନା କରି ତାହାଙ୍କୁ ପଠନେ ବସିବ ।
ଭକ୍ତିରେ ପୂଜନ କରି ତାହାଙ୍କ ଚରଣ
ତଦନ୍ତେ କରିବ ଯଥାସ୍ଥାନେ ବିଦ୍ୟମାନ ।
ପ୍ରତିପଦା ଚତୁର୍ଦ୍ଦଶୀ ପୁଣି ଶ୍ରାଦ୍ଧ କାଳେ
ଅମାବାସ୍ୟା ପୂର୍ଣ୍ଣମୀ ଶ୍ରବଣା ନକ୍ଷତ୍ରରେ ।
ଶୟନ ଜାଗ୍ରତ ଏହି ଦୁଆଦଶୀ ଦୁଇ
ଆବର ପ୍ରେତ ପକ୍ଷର ଦ୍ୱିତୀୟା ମିଶାଇ ।
ଗ୍ରାମ ଦାନ ମାଘ ଶୁକ୍ଳ ଚତୁର୍ଦ୍ଦଶୀ ତିଥି
ମହାନବମୀ ବୋଲିଣ ଯାହାକୁ କହନ୍ତି ।
ପୁନଶ୍ଚ ଗଗନେ ସୂର୍ଯ୍ୟ ମଣ୍ଡଳ ପଡ଼ଇ
ଶ୍ରୋତ୍ରିୟ ଆସିଣଯେବେ ଗୃହେପ୍ରବେଶଇ ।
ବ୍ରାହ୍ମଣର ପୂଜା ଥାଏ ଯେଉଁ ଦିବସରେ
ଯେ ଦିନ ଘୋର କଳହ ଲାଗଇ ଗୃହରେ ।
ମେଘ ଗରଜନ ସନ୍ଧ୍ୟା ସକାଳ ହୋଇଲେ
ଅଶନି ଗଗନେ ଉଲ୍‌କା ପାତ ଦେଖାଦେଲେ ।
ବ୍ରାହ୍ମଣମାନଙ୍କୁ ଅପମାନ ମିଳେ ଯଦି
ଯେଉଁ ଦିବସରେ ହୁଏ ଅନ୍ୱାଦି ଯୁଗାଦି ।
ଏ ସକଳ ତିଥି ମନଧ୍ୟୟନ ଅଟଇ
ଏଥିରେ କେବେହେଁ ପାଠ ନ ପଢ଼ିବ କେହି ।
ଅନ୍ୟାନ୍ୟ କାର୍ଯ୍ୟ କରିଣ ପାରିବ ସକଳ
କେବଳ ବିଦ୍ୟାଧ୍ୟୟନ ଅଟଇ ନିଷ୍ଫଳ ।
ଯୁଗାଦି ତିଥିରେ ଯାହା ଦାନ କରାଯାଏ
ଅକ୍ଷୟ ଫଳକୁ ଦାତା ସେ ଦାନରେ ପାଏ ।
ବୈଶାଖ ମାସର ଶୁକ୍ଳ ତୃତୀୟା ମିଶାଇ
ଯେଉଁଦିନ ପ୍ରେତପକ୍ଷ ତ୍ରୟୋଦଶୀ ହୋଇ ।
କାର୍ତ୍ତିକ ଶୁକ୍ଳ ନବମୀ ମାଘ ପୂର୍ଣ୍ଣିମାକୁ
ଯୁଗାଦି ବୋଲନ୍ତି ଜାଣ କହିଲି ତୁମ୍ଭଙ୍କୁ ।
ଯାହା କିଛି ଦାନ କଲେ ବେଦାଧି ତିଥିରେ
ତହିଁରେ ଅକ୍ଷୟ ଫଳ ମିଳଇ ସତ୍ୱରେ ।
ମନ୍ୱାଦିରେ ଯୁଗାଦିରେ ଶ୍ରାଦ୍ଧ କରିବାର
କର୍ତ୍ତବ୍ୟ କର୍ମ ଅଟଇ ବିପ୍ରମାନଙ୍କର ।
ବ୍ରାହ୍ମଣ ଯଦ୍ୟପି ଶ୍ରାଦ୍ଧେ ନିମନ୍ତ୍ରିତ ହେବ
ସେ ଦିନର ସେହୁ ଅଧ୍ୟୟନ ନ କରିବ ।
ଚନ୍ଦ୍ର ସୂର୍ଯ୍ୟ ଗ୍ରହଣରେ ପାଠ ନ ବଢ଼ିବ
ପାଠ କଲେ ବହୁବିଘ୍ନ ସେଦିନ ଘଟିବ ।
ଉତ୍ତରାୟଣ ଦକ୍ଷିଣାୟନ ଦିବସରେ
ନ କରିବ ଅଧ୍ୟୟନ ଶାସ୍ତ୍ରବଚନରେ ।
ଭୂକମ୍ପ ହୋଇଲେ ଅଧ୍ୟୟନ ନ କରିବ
କଲେ ଆପଣାର ପ୍ରଜ୍ଞା ବିନଷ୍ଟ ହୋଇବ ।
ପୁଣ୍ୟ ନାମ ବେଦାଙ୍ଗକୁ କଲେ ଅଧ୍ୟୟନ
ଆନ ଶାସ୍ତ୍ରରେ କଦାପି ନ ଦେବଟି ମନ ।
ଅନଧ୍ୟୟନ ଦିବସେ ଯେହୁ ପାଠକରେ
ତାହାର ଅପାର ହାନି ହୁଅଇ ସଂସାରେ ।
ସନ୍ତାନ ସନ୍ତତି ଆଦି ସହିତରେ ଜାଣ
ଅପାର ଯଶ କୀରତି ଧ୍ୱଂସ ହୁଏ ପୁଣ ।
ନିଷେଧ କାଳରେ ଅଧ୍ୟୟନ ଯେ କରନ୍ତି
ଜାଣିବ ଅଟନ୍ତି ସେହିମାନେ ବ୍ରହ୍ମଘାତି ।

Digitized by srujanika@gmail.com

ବାସ ସମ୍ଭାଷଣ ନ କରିବ ତାଙ୍କ ତୁଳେ
ମହାପାପ ହୁଏ ନ ଜାଣିବା ପଣେ କଲେ ।
ଆବର ଏକଇ ଗାଥା ଶୁଣ ମନଦେଇ
ବେଦ ନ ପଢ଼ି ଯେ ଅନ୍ୟ ଶାସ୍ତ୍ରକୁ ପଢ଼ଇ ।
ଶୂଦ୍ର ସମାନରେ ସେହୁ ଗଣତି ହୁଅଇ
ଏଥିରେ ସନ୍ଦେହ ଜାଣ ଅଣୁମାତ୍ର ନାହିଁ ।
ବେଦ ପଠନ ନ କରେ ଯଦ୍ୟପି ବ୍ରାହ୍ମଣ
ତାର ନିତ୍ୟ ଧର୍ମକର୍ମ ନାଶ ହୁଏ ଜାଣ ।
ଶବ୍ଦବ୍ରହ୍ମମୟ ବିଷ୍ଣୁସାକ୍ଷାତରେ ବେଦ
ଏହା ଜାଣି ବେଦ ପାଠ କରନ୍ତି ବିବୁଧ ।
ବେଦାଧ୍ୟୟନ ଯେ କରେ ସକଳ ଅରିଷ୍ଟ
ସିଦ୍ଧ ହୁଏ ତାର କହିଛନ୍ତି ନର ଶ୍ରେଷ୍ଠ ।
ସେ ହରିଙ୍କ ପାଦପଦ୍ମ କରିଣ ବନ୍ଦନ
ଗୀତଛନ୍ଦେ ବିରଚିଲା କ୍ଷେତ୍ରବାସୀ ଦୀନ ।

ଇତି ଶ୍ରୀ ବୃହଦ୍ ନାରଦ ପୁରାଣେ
ବର୍ଣ୍ଣାଶ୍ରମ ବିଧି କଥନଂ
ନାମ ତ୍ରୟୋବିଂଶୋଽଧ୍ୟାୟଃ ।

---●---

# ଚତୁର୍ବିଂଶ ଅଧ୍ୟାୟ

## ବର୍ଣ୍ଣାଶ୍ରମ ଧର୍ମ କଥନଂ

ଏଥୁ ଅନନ୍ତରେ ସୁତ ଋଷିଙ୍କୁ ଅନାଇ
ବୋଇଲେ ପବିତ୍ର ବାଣୀ ଶୁଣ ମନଦେଇ ।
ବ୍ରହ୍ମଚାରୀ ଗଣ ବେଦାଧ୍ୟାୟ ଶେଷଯାଏ
ଗୁରୁ ସେବା କରି ରହିଥିବ ତାଙ୍କ ଗୃହେ ।
ତଦନ୍ତେ ଘେନିଣ ଶ୍ରୀ ଗୁରୁଙ୍କ ଅନୁମତି
ଅଗ୍ନି ପ୍ରଦକ୍ଷିଣ କରି ଚଳିବ ତଡ଼ତି ।
ବେଦ ବେଦାଙ୍ଗନା ଧର୍ମ ଶାସ୍ତ୍ର ଆଦିକରି
ଗୁରୁଙ୍କ ଗୃହରେ ରହି ଅଧ୍ୟୟନ କରି ।
ଦକ୍ଷିଣା ଦେଇ ଗୁରୁଙ୍କୁ ନିଜ ଗୃହେ ଯିବ
କନ୍ୟା ବିଭା ହୋଇ ନିଜ ଗୃହରେ ରହିବ ।
ସର୍ବ ସୁଲକ୍ଷଣା ଯେଉଁ ନାୟିକା ଅଟଇ
ସୁଗୁଣ ଶାଳିନୀ ପତିବ୍ରତା ଯେ ବୋଲାଇ ।
ଧର୍ମାଚାରିଣୀ ଯେ ପ୍ରିୟବାଦିନୀ କୁଶୀଳା
ଉତ୍ତମ କୁଳରେ ଜନ୍ମିଥିବ ଯେ ମହିଳା ।
ଯେହୁ ନୋହିଥିବ ମାତୃ ପକ୍ଷରୁ ପଞ୍ଚମୀ
ପୁଣି ନୋହିଥିବ ପିତୃ ପକ୍ଷରୁ ସପ୍ତମୀ ।
ତେମନ୍ତ କନ୍ୟାକୁ ଯେବେ ବ୍ରାହ୍ମଣ ପାଇବ
ଅବିଚାରେ ତାର ପାଣି ଗ୍ରହଣ କରିବ ।
କହିଲି ଏ ଯେଉଁ କନ୍ୟା ପଞ୍ଚମୀ ସପ୍ତମୀ
ତା ପାଣି ଗ୍ରହଣ ଯେବେ କରିବକେ ଭ୍ରମି ।
ସେ ବିବାହ କର୍ତ୍ତା ଗୁରୁ ତଳ୍ପ ଗାମୀ ପାପେ
ବିଲୁପ୍ତ ହୋଇବ ନିଷ୍ଟେ ଜାଣି ଶୁଣି ଆପେ ।
କୋଷ୍ଠ ଆଦି ରୋଗମାନ ଥିବ ଯେ କନ୍ୟାର
ଜନମ ଅଟଇ ରୋଗୀ ବଂଶରେ ଯାହାର ।
ପୁଣି ରୁଗ୍ଣ ହୋଇଥିବ ଯାହାର ଶରୀର
ଚକ୍ଷୁଦ୍ୱୟ ଦିଶୁଥିବ ଯାର ଗୋଲାକାର ।
ଅତି ଖର୍ବ ଅଙ୍ଗଅତି ଅଧିକ ବା ନ୍ୟୁନ
ଅତି ଅଳ୍ପ କେଶ ଅବା ଅତି ଲମ୍ୱମାନ ।
କୁରୂପା ଆବର ଅଟେ ଯେହୁ ଅସୁନ୍ଦରୀ
କ୍ରୋଧିତା ବହୁଭାଷିଣୀ ବିମନା ଯେ ନାରୀ ।
ଅଳପ କଥାରେ କୋପ କରଇ ଯେ ଅତି
ଯାହାର ଦୁଷ୍ଟ ସ୍ୱଭାବ ପୁଣ କ୍ରୁର ମତି ।
ପୁରୁଷାକୃତି ଅଟଇ ସ୍ଥୂଳ ଯା ଶରୀର
ନିଶଦାଢ଼ି ଚିହ୍ନ ଥାଏ ମୁଖରେ ଯାହାର ।
ବୃଥାରେ ଯେ ହସ୍ତେ ଜିହ୍ୱା କରେ ଲମ୍ୱମାନ
ସର୍ବଦା ବସଇ ଯେହୁ ପଟଗୃହେ ଜାଣ ।
ଚିତ୍ତ ଆସକତ ଯାର ବିବାହ ଭ୍ରମରେ
ସେ ନିଷ୍ଠୁର ଭାବେ ବହୁ ଅନ୍ନ ଗ୍ରାସକରେ ।
ଯେବଣ କନ୍ୟାର ଦନ୍ତ ଓଷ୍ଠ ଦୁହେଁ ସ୍ଥୂଳ
କହିଲେ କର୍କଶ ଶୋଭେ ଯାର କଣ୍ଠସ୍ଥଳ ।
ବର୍ଣ୍ଣ ଅତି କଳା ଅବା ଯାର ରକ୍ତ ଦିଶେ
ଅଳପ କଥାରେ ଯେ ବହୁତ କାନ୍ଦି ବସେ ।
ପାଣ୍ଡୁର ଦିଶଇ ଦେହ ବରନ ଯାହାର
ସ୍ୱଭାବ କୁତ୍ସିତ ଅଟେ ଯେବଣ କନ୍ୟାର ।
ଯା ଦେହରେ ଶ୍ୱାସ ଅବା କାଶରୋଗ ଥାଏ
ନିଦ୍ରାଳୁ ହୋଇ ସେ ଅନବରତରେ ଶୁଏ ।
ଅନର୍ଥ ଭାଷିଣୀ ଲୋକ ବିଦ୍ୱେଷକାରିଣୀ
ପରନିନ୍ଦା ବାଦେ ରତ ଅଟଇ ଯେ ପୁଣି ।
ଯା ନାସିକା ଦୀର୍ଘ ଅଟଇ ଯେ ଚୋରି କରେ
ବହୁତ ଲୋମ ଆବୃତ ଯାହାର ଶରୀରେ ।
ବକବୃତ୍ତି ପର ବୃତ୍ତି ଅଟଇ ଯାହାର
ଯେ ଧୂର୍ତ୍ତ ସ୍ୱଭାବ ଧରିଥାଏ ନିରନ୍ତର ।

Digitized by srujanika@gmail.com

ସେପରି କନ୍ୟାକୁ ଜ୍ଞାନୀଜନ କଦାଚିତେ
ବିବାହ ନୋହିବ ପଡ଼ି କାହାର ଆୟତ୍ତେ ।
ଶୈଶବାବସ୍ଥାରେ ଯେଉଁ କନ୍ୟାର ସ୍ୱଭାବ
ଚରିତ ବ୍ୟକତ ନୋହି ଅବ୍ୟକ୍ତରେ ଥିବ ।
ନ ଜାଣିବାପଣେ ତାକୁ ବିଭାହେଲା ପରେ
କିଛିଦିନ ଅନ୍ତେ ଯେବେ ଜଣାଯାଇ ପାରେ ।
ସେ ନିର୍ଗୁଣ ପ୍ରଗଲ୍‌ଭାକୁ ତା ପାଣିଗ୍ରହୀତା
ବର୍ଜନ କରିବ ଛୁଡ଼ି ମାନସରୁ ଚିନ୍ତା ।
ନିଜ ସ୍ୱାମୀ ନିଜ ପୁତ୍ରଗଣଙ୍କର ପ୍ରତି
ନିଷ୍ଠୁରାଚରଣ କରି ଯେଉଁ ନାରୀ ନିତି ।
ଅନ୍ୟ ଜନପ୍ରତି ଅନୁକୂଳ ହୋଇଥିବ
ସେପରି ନାରୀକୁ ପରିବର୍ତ୍ତନ କରିବ ।
ବିବାହ ହୁଅଇ ଆଠ ପ୍ରକାର ଜଗତେ
ତା ଏବେ କହୁଛି ସର୍ବେ ଶୁଣ ଏକଚିତ୍ତେ ।
ବ୍ରାହ୍ମ ଦୈବ ଆର୍ଷ ପ୍ରଜାପତ୍ୟ ଯେ ଅସୁର
ଗାନ୍ଧର୍ବ ରାକ୍ଷସ ବିଧି ପୈଶାଚ ଆବର ।
ଏ ଆଠ ମଧ୍ୟରେ ଶ୍ରେଷ୍ଠ ଅଟେ ପୂର୍ବା ପୂର୍ବ
ଅଭାବ ଘଟିଲେ ପର ପର ଯେ କରିବ ।
ବ୍ରାହ୍ମ ବିବାହ ବା ଦୈବ ବିବାହେ କନ୍ୟାର
କରକୁ ଗ୍ରହଣ କରିନେବ ବିଭାବର ।
ବ୍ରାହ୍ମଣ ପକ୍ଷରେ ଆର୍ଷ ବିବାହକୁ କେହି
ବିହିତ ବୋଲିଣ ଧର୍ମଶାସ୍ତ୍ରେ ଛନ୍ତି କହି ।
ପ୍ରାଜାପତ୍ୟ ଆଦି ପାଞ୍ଚ ପ୍ରକାର ଯେ ଉକ୍ତ
ବ୍ରାହ୍ମଣପକ୍ଷରେ ତାହା ଅଟଇ ଗର୍ହିତ ।
ଏ କାରଣୁ ପୂର୍ବାପୂର୍ବେ ଅଭାବ ଘଟିଲେ
ପରାପର ବିଧିମତେ ବିଭା ହେବ ଭଲେ ।
ଜ୍ଞାନୀଗଣଙ୍କର ଏହା କର୍ତ୍ତବ୍ୟ ଅଟଇ
ଏଥୁ ଅନନ୍ତରେ କଥା ଶୁଣ କହୁଥାଇ ।
ଉତ୍ତରୀୟ ତୁଲେ ଯଜ୍ଞୋପବୀତ ବହିଣ
ସୁବର୍ଣ୍ଣ କୁଣ୍ଡଳ ବେନି ଘେନିବେ ବ୍ରାହ୍ମଣ ।
ଉଷ୍ଣୀଷ ବୈଷ୍ଣବ ଦଣ୍ଡଜଳ କମଣ୍ଡଳ
ନିର୍ମଳ ଛତ୍ର ଯେ ଚର୍ମପାଦୁକା ଯୁଗଳ ।
ସୁଗନ୍ଧ କୁସୁମାମାଲ୍ୟ ଧାରଣ କରିବେ
ପବିତ୍ର ହୋଇଣ ସବୁ ସମୟରେ ଥିବେ ।
ପକ୍ଷମଧ୍ୟେ ନଖ କେଶ କରିବେ ଛେଦନ
ଆବର କରିବେ ନିତି ବେଦ ଅଧ୍ୟୟନ ।

ଦେହରେ ଚନ୍ଦନ ଲେପି ଯଥାବିଧିମତେ
ନିଜର କାର୍ଯ୍ୟମାନଙ୍କୁ କରିବେ ସୁଚିତ୍ତେ ।
ପରାନ୍ନ ଆବର ପରସ୍ତିରୀ ବରଜିବେ
ପାଦରେ ପାଦକୁ ନିପୀଡ଼ନ ନ କରିବେ ।
ନ ଡେଇଁବେ ଉଚ୍ଛିଷ୍ଟକୁ ଚରଣ ଲମ୍ବାଇ
ଉଭୟ ହସ୍ତରେ ମୁଣ୍ଡ କୁଣ୍ଡାଇବେ ନାହିଁ ।
ପୂଜ୍ୟବ୍ୟକ୍ତିଙ୍କର ଅବା ଦେବତା ଗୃହର
ନ କରିବେ ଅପସବ୍ୟ ଦିଗରେ ସଞ୍ଚାର ।
ସ୍ନାନ ଦେବାର୍ଚ୍ଚନ ଆଚମନ ଶ୍ରାଦ୍ଧକାଳେ
କେଶ ମୁକ୍ତୁଳିତ ନ କରିବ ଅବହେଳେ ।
ଏସବୁ କାର୍ଯ୍ୟରେ ଏକ ବସନ ନୋହିବ
ଉଷ୍ଟ୍ରଯାନେ ଆରୋହଣ କରିଣ ନ ଯିବ ।
ବୃଥାରେ କଳହ ନ କରିବ କାହା ସଙ୍ଗେ
ନ ଯିବ ଓସ୍ତବୃକ୍ଷର ପ୍ରତିକୂଳ ଦିଗେ ।
ଅସୂୟା ଖଳତା ଦିବାନିଦ୍ରା ବରଜିବ
ମାତ୍ସର୍ଯ୍ୟ ଭାବକୁ ମାନସରେ ନ ଧରିବ ।
ପ୍ରକାଶ ନ କରି ପର ପାପ ନିଜ ପୁଣ୍ୟ
ନିଜର ନକ୍ଷତ୍ର ନାମ କରିବ ଗୋପନ ।
ନ କହିବ ଆପଣାର ମନ କାହା ଆଗେ
ବାସ ନ କରିବ କେଭେ ଦୁର୍ଜନଙ୍କୁ ସଂଗେ ।
ଅଶାସ୍ତ୍ର ବିହିତ ବଚନକୁ ନ ଶୁଣିବ
ଅକ୍ଷ କ୍ରୀଡ଼ାଦିରେ ଅଭିଳାଷ ବରଜିବ ।
ବାଟରେ ଉଚ୍ଛିଷ୍ଟ ପଡ଼ିଥିଲେ ଯିବ ଡେଇଁ
ଗୀତ ନୃତ୍ୟେ ଅଭିଳାଷ କରିବ ଯେ ନାହିଁ ।
ଚିତା ତୃଣକାଷ୍ଠ ଶୂଦ୍ର ପତିତ ଚଣ୍ଡାଳ
ଶବ ଯୂପ ଚିକିତ୍ସକ ଆବର ଦେବଳ ।
ଏହାକୁ ଛୁଇଁଲେ ସବସ୍ତ୍ରେ ସ୍ନାନକରି
କରିବ ଶରୀର ପୂତ ଗାୟତ୍ରୀ ସୁମରି ।
ଦୀପ ଛାଇ ଅଟେ ଛାଇ ଶରୀରର ଛାଇ
କେଶରେ ଯେବଣ ବସ୍ତ୍ର ଥିବ ଗୁଡ଼ିଆଇ ।
ଘଟୋଦକ ଛାଗ ମାର୍ଜାରଙ୍କ ପାଦରଜ
ସ୍ପର୍ଶକଲେ ପୁଣ୍ୟମାନ ହୁଅଇ ବହିର୍ଯ୍ୟ ।
ଶୂଦ୍ରମାନଙ୍କର ଅନ୍ନ ଯେ ଭୋଜନ କରେ
ଅବିବାହି କନ୍ୟା ସଂଗେ ଯେ ପୀରତି କରେ ।
ତାହାର ସଙ୍ଗତେ କେଭେ ସଙ୍ଗ ନ ହୋଇବ
ଦୂରରୁ ତାହାକୁ ପରିତ୍ୟାଗ କରିଥିବ ।

Digitized by srujanika@gmail.com

ଅସତ୍ ଶାସ୍ତ୍ରରେ ଅଭିନିବେଶ ଆବର
ନଖ କେଶାଦିରେ ଯୁକ୍ତ ଯେବଣ ଆହାର ।
ତାହାକୁ ବର୍ଜିବ ଉଲଗ୍ନରେ ନ ଶୋଇବ
ଗବାଶ୍ୱତ୍ଥ ସଭା ପ୍ରତି କୁଳରେ ନ ଯିବ ।
ନିଜ ମସ୍ତକକୁ ତୈଳାଭୁକ୍ତ କଲାପରେ
ନ ଘେନିବ ବାକିଥିବା ତୈଳକୁ ଅଙ୍ଗରେ ।
ତାମ୍ବୁଳ ଗ୍ରହଣ ନ କରିବ ଅଶୁଚିରେ
ଭଗ୍ନ ନ କରିବ ନିଦ୍ରା ଶୋଇବା ଲୋକରେ ।
ଅପବିତ୍ର ହୋଇ ଅଗ୍ନି ଗୁରୁ ଦେବାର୍ଚ୍ଚନ
ନ କରିବେ କେଭେଁ ଜ୍ଞାନବନ୍ତ ଯେ ବ୍ରାହ୍ମଣ ।
ବାମହସ୍ତେ ପଶୁପରି ଜଳ ନ ପିଇବ
ଗୁରୁଆଜ୍ଞାକୁ ଲଙ୍ଘନ କେଭେ ନ କରିବ ।
ଯତି ନିନ୍ଦା ପରିହାସ ବଚନଟି ଜାଣ
ନ କହିବ କାହାମନେ କଷଣ ଦେଇଣ ।
ବିଧି ବିଧାନରେ ସଦା ସର୍ବଦା ଚଳିବ
ସକାଳ ସନ୍ଧ୍ୟାରେ ବିପ୍ର ଆହୁତି କରିବ ।
ଏ କର୍ମକୁ ଯେଉଁ ବିପ୍ର କରେ ପ୍ରତ୍ୟାଖ୍ୟାନ
ସୁରାପେୟୀଙ୍କର ସଙ୍ଗେ ହୁଏ ସେ ସମାନ ।
ଆୟନ ବିଷୁବ ସଂକରାନ୍ତି ଯେ ଯୁଗାଦି
ଅମାବାସ୍ୟା ପ୍ରେତ ପକ୍ଷ ଆବର ମନ୍ୱାଦି ।
ମାତୃ ପିତୃ ମୃତାଦି ଯେ ତ୍ରିଅଷ୍ଟକା ପୁଣ
ଚନ୍ଦ୍ରସୂର୍ଯ୍ୟ ଦୁହିଁଙ୍କର ହୋଇଲେ ଗ୍ରହଣ ।
ପୁଣ୍ୟକ୍ଷେତ୍ରେ ପୁଣ୍ୟତୀର୍ଥ ସ୍ଥାନେ ପ୍ରବେଶିଲେ
ନବଧାନ୍ୟ ପ୍ରଥମରେ ଉତ୍ପନ୍ନ ହୋଇଲେ ।
ଶ୍ରୋତ୍ରିୟ ବ୍ରାହ୍ମଣ ଯେବେ ହେବେ ଗୃହାଗତ
ତା ହୋଇଲେ ଗୃହୀ ବ୍ୟକ୍ତି ଶାସ୍ତ୍ର ବିଧିମତ ।
ଶ୍ରାଦ୍ଧକୁ କରିବ ମନେ ଆନନ୍ଦ ହୋଇଣ
ଯେ ନ କରେ ଗୃହୀ ମଧ୍ୟେ ତାହାକୁ ନ ଗଣ ।
ଉର୍ଦ୍ଧ୍ୱ ପୁଣ୍ୟ ଚିତା ନ କାଟିଣ ଯେ ଦ୍ୱିଜାତି
ଯଜ୍ଞ ଦାନ ତପ ହୋମ ତର୍ପଣ କରନ୍ତି ।
ଯେତେ ଯେତେ ବେଦପାଠ କରନ୍ତି ବୟାନ
ଫଳ ନ ମିଳଇ ତାହା ବୃଥା ହୁଏ ଜାଣ ।
ବହୁ ସୁପଣ୍ଡିତ ଏ ବିଷୟେ ଛନ୍ତି କହି
ଶ୍ରାଦ୍ଧେ ଉର୍ଦ୍ଧ୍ୱ ପୁଣ୍ଡ୍ରକରେ ପ୍ରୟୋଜନ ନାହିଁ ।
ତୁଳସୀ ନୁହଇ ଶ୍ରାଦ୍ଧ କର୍ମେ ପ୍ରୟୋଜନ
ଏଣୁ ଆପଣାର ହିତାକାଂକ୍ଷୀ ଯେଉଁ ଜନ ।
ସେ ଏଥି ବିଷୟ ବୃଦ୍ଧ ଗଣଙ୍କର ମତ
ଆଚାର ଗ୍ରହଣ କରବାରସମୁଚିତ ।
ଏସବୁ ଧର୍ମର ଅନୁଷ୍ଠାନ ଯେ କରଇ
ତାହାର ମନ କାମନା ସିଦ୍ଧି ହୁଏ ନାହିଁ ।
ତ୍ରିଜାତି ଗଣର ଏହା ସମ୍ୟକ ପ୍ରକାରେ
ପାଳିବା ଉଚିତ ଅଟେ କର୍ତ୍ତବ୍ୟ ସଂସାରେ ।
ଯେ ଅଟେ ଏପରି ସଦାଚାର ପରାୟଣ
ତାଠାରେ ପ୍ରସନ୍ନ ହୋନ୍ତି ପ୍ରଭୁ ନାରାୟଣ ।
ଅସାଧ ସାଧନ ସେହୁ ହେଲେ କରିପାରେ
ଶ୍ରୀବିଷ୍ଣୁ ସନ୍ତୋଷ ହୋନ୍ତି ସଦା ତାହାପରେ ।
ଅଧମ କ୍ଷେତ୍ରମୋହନ କହେ ଯୋଡ଼ିକର
ସଦାଚାର କରି ଜନେ ସଂସାରୁ ନିସ୍ତର ।

ଇତି ଶ୍ରୀ ବୃହତ୍ ନାରଦ ପୁରାଣେ
ବର୍ଣ୍ଣାଶ୍ରମ ଧର୍ମ କଥନେ
ନାମ ଚତୁର୍ବିଂଶୋଽଧ୍ୟାୟଃ ।

---•---

# ପଞ୍ଚବିଂଶ ଅଧ୍ୟାୟ

## ସଦାଚାର ବିଷୟ ବର୍ଣ୍ଣନ

ସୁତ ବୋଇଲେ ହେ ଆର୍ଯ୍ୟ ଋଷିଗଣ ଶୁଣ
ଗୃହୀର କର୍ତ୍ତବ୍ୟ କାର୍ଯ୍ୟ କରିବି ବର୍ଣ୍ଣନ ।
କର୍ତ୍ତବ୍ୟ ପାଳନ କରେ ଯେଉଁ ଗୃହୀଜନ
ସକଳ ଅରିଷ୍ଟ ତାର ହୁଅଇ ଖଣ୍ଡନ ।
ଶଯ୍ୟା ତ୍ୟାଗକରି ବ୍ରାହ୍ମ ମୁହୂର୍ତ୍ତରୁ ଗୃହୀ
ଦେଶ କଳାପକୁ ପରିଷ୍କାର ଯେ କରଇ ।
ବିରୋଧି ନୁହଁଇ ଯେହୁ ସତ୍ୟ ଧରମର
ଆପଣା ଜୀବିକା ପରି ଭାବେ ଯେ ମନର ।
ଯଜ୍ଞ ଉପବୀତ କର୍ଣ୍ଣେ କରିଣ ଧାରଣ
ମଳମୂତ୍ର ଆଦି ତ୍ୟାଗ କରିବ ବ୍ରାହ୍ମଣ ।
ପୁଣି ତ୍ରିସନ୍ଧ୍ୟାରେ ମଳ ତ୍ୟାଗ ସମୟରେ
ଚାହିଁବ ଦକ୍ଷିଣ ଦିଗେ ରହିଛି ଶାସ୍ତ୍ରରେ ।
ଆବର କରତଳରେ କାଷ୍ଠ ଖଣ୍ଡେ ଧରି
ମଳ ବିସର୍ଜିବ ମୌନବ୍ରତ ସେ ଆଚରି ।
ନଦୀ ତୀରେ ଉଦ୍ୟାନରେ ପଥେଥିବା ଗୋଷ୍ଠେ
ତଡ଼ାଗ ସମୀପେ ଅବା କୂପର ନିକଟେ ।
ଦେବାଳୟେ ଚାଷହୋଇଥିବାର ଭୂମିରେ
ବ୍ରାହ୍ମଣ ଗୋଗୋଷ୍ଠ ସ୍ତିରୀଙ୍କର ସମୀପରେ ।

Digitized by srujanika@gmail.com

ଚତୁଷ୍ପଥ ବାଟ ଅବା ଅଶ୍ୱତଥର ମୂଳେ
ଅଙ୍ଗାର ନରକ ପାଳ ତୁଷାରେ ବା ଜଳେ ।
ମଳ ମୂତ୍ର ତ୍ୟାଗ ନ କରିବ କଦାଚିତ
କରିଲେ ତହିଁରେ ଦୋଷ ହୋଇବ ବହୁତ ।
ଶୌଚ ବିଷୟରେ ଯତ୍ନ ସର୍ବଦା ରଖିବ
ବ୍ରାହ୍ମଣଙ୍କର ତା ଅଟେ ସହଜ ସ୍ୱଭାବ ।
ଶୌଚାଚାର ବିହିତ ଯେ ବ୍ରାହ୍ମଣ ହୁଅଇ
ତାହାର କର୍ମରେ ଫଳ ଲଭ୍ୟ ହୁଏ ନାହିଁ ।
ବିବିଧ ଶୌଚ ଅଟଇ ଅହ୍ୟ ବା ଅନ୍ତର
ଜଳ ମୃତ୍ତିକାରେ ବାହ୍ୟ ହୁଏ ପରିଷ୍କାର ।
ଭାବ ବୁଦ୍ଧି ହେଲେ ଅଭ୍ୟନ୍ତର ବୁଦ୍ଧି ହୁଏ
ଏହା ଯେ ନ କରେ ସେହୁ ଅଶୁଚି ବୋଲାଏ ।
ମଳ ତ୍ୟାଗ ପରେ କରେ ଲିଙ୍ଗକୁ ଧରିଣ
ଉଠି ମାତ୍ର ତିନିପାଦ କରିବ ଗମନ ।
ଅନୁଚ୍ଛିଷ୍ଟ ଭୂତଳରୁ ମୃତ୍ତିକାକୁ ଘେନି
ଶୌଚ କ୍ରିୟା ଅର୍ଥେ ତାହା ଯତ୍ନେ ଥିବଆଣି ।
ଯେତେକାଳ ଯାଏ ଲେପ ଗନ୍ଧ ନ ଛାଡ଼ିବ
ତେତେକାଳ ଯାଏ ଶୌଚ କ୍ରିୟାଦି କରିବ ।
ମୂଷା ଖୋଳା ମାଟି ଅବା ଲଙ୍ଗଳ କର୍ଷଣ
ଶୌଚାର୍ଥେ ମୃତ୍ତିକା ଯେ ନ କରିବ ଗ୍ରହଣ ।
ଜଳ ମଧ୍ୟେ ବସି ଶୌଚକ୍ରିୟା ନ କରିବ
ବାମ୍ପୀ କୂପ ନିକଟରେ ଶୌଚ ନ ହୋଇବ ।
ଲିଙ୍ଗରେ ତ୍ରିବାର ବୃଷଣରେ ଏକବାର
ପାଞ୍ଚବାର ମାଟି ଲଗାଇବ ଗୁହ୍ୟ ଦ୍ୱାର ।
ମୃତ୍ତିକା ଘେନିଣ ବାମ ହସ୍ତେ ଦଶବାର
ପୁଣି ଯେ ଘେନିବ ବେନିକରେ ସାତଥର ।
ପାଦ ଗୋଟିକରେ ତିନି ତିନିବାର କରି
ମୃତ୍ତିକା ଘେନିବ ଶୌଚ ଲାଗି ଅନୁସରୀ ।
ଲେପ ଗନ୍ଧ ଦୂର ହେବାପାଇଁ ଗୃହସ୍ଥର
ଶୌଚ ବିଧି ମୁକ୍ତ ହୋଇଅଛି ଏ ପ୍ରକାର ।
ବ୍ରହ୍ମଚାରୀଙ୍କର ଗୃହୀଠାରୁ ଦୁଇଗୁଣ
ବାନପ୍ରସ୍ଥୀଙ୍କର ଶୌଚ ତିନିଗୁଣ ଜାଣ ।
ଗୃହୀପେକ୍ଷା ତିନିଗୁଣ ଅଟେ ଯତିଙ୍କର
ଶୌଚ କରିବା ବିଧେୟ ରହିଛି ଶାସ୍ତ୍ରର ।
ଗୃହରେ ଏହି ପ୍ରକାର ସମ୍ପୂର୍ଣ୍ଣ କରିବ
ପଥରେ ଯାଠାରୁ ଅଧେ କଲେ ଚଳିଯିବ ।

ଆପଦ କାଳରେ ଅବା ରୋଗ ଅବସ୍ଥାରେ
ନିୟମ ନଥାଇ ଯଥା ସାଧ୍ୟ କଲେ ଚଳେ ।
ଯେଉଁ ବ୍ରାହ୍ମଣ ନନ୍ଦନ ବ୍ରତ ନୋହିଥିବ
ସ୍ତିରୀ କିବା ରୋଗାକ୍ରାନ୍ତ ବ୍ୟକ୍ତି ହୋଇଥିବ ।
ଲେପଗନ୍ଧ ଦୂର ହେବା ପରକାରେ ଜାଣ
ଶୌଚ ହୋଇବେ ସେ ଏହା ଶାସ୍ତ୍ରର ପ୍ରମାଣ ।
ବିଧବା ରମଣୀ ବ୍ରତସ୍ଥିତ ବ୍ୟକ୍ତିମାନେ
ଶଉଚ ବିଧି କରିବେ ଯତିଙ୍କ ସମାନେ ।
ବ୍ରାହ୍ମଣେ ଏପରି ଶୌଚ ହେଲାପରେ ଆସି
ପୂର୍ବକି ଅବା ଉତ୍ତରେ ମୁଖକରି ବସି ।
ଜିତେନ୍ଦ୍ରିୟ ହୋଇ ଆଚମନକୁ କରିବେ
ବିଷ୍ଣୁଙ୍କ ନାମ ତ୍ରିବାର ମୁଖେ ଉଚ୍ଚାରିବେ ।
ଆଚମନେ ଜଳ ପାନ କରି ତିନିଥର
କପାଳେ ସିଞ୍ଚିବେ ଜଳ ତୋଳି ଦୁଇବାର ।
ଓଷ୍ଠ ମାର୍ଜନ କରିଣ ତିନିବାର ଜଳେ
ଇନ୍ଦ୍ରିୟ ସ୍ପର୍ଶ କରିବେ ଶୁଦ୍ଧ ମନେ ବଳେ ।
ତାପରେ ସ୍ନାନ କରିଣ ଗାତ୍ର ଶୁଦ୍ଧି ହୋଇ
ପିତୃଙ୍କୁ ତୋଷିବେ ତିଳ ଯୁକ୍ତ ଜଳ ଦେଇ ।
ପିତୃ ତରପଣ ସନ୍ଧ୍ୟା ସମାପନ ଅନ୍ତେ
ଗାୟତ୍ରୀ ମନ୍ତ୍ରକୁ ଜପକରି ବିଧିମତେ ।
କୃତାଞ୍ଜଳୀ ପୁଟେ କରି ସୂର୍ଯ୍ୟାର୍ଘ୍ୟ ପ୍ରଦାନ
ନାମ ଗାଇ କରିବେକ ଶ୍ରୀ ବିଷ୍ଣୁ ଅର୍ଚ୍ଚନ ।
ପ୍ରାତଃ କାଳେ ସୂର୍ଯ୍ୟ ସାହ୍ନକାଳେ ତାରାଗଣ
ଦୃଶ୍ୟ ନ ହେଉ ଗାୟତ୍ରୀ ଜପିବେ ବ୍ରାହ୍ମଣ ।
ମଧ୍ୟାହ୍ନ ସମୟେ ସନ୍ଧ୍ୟା ଉପାସନା କରି
ପୂଜିବେ ସୂର୍ଯ୍ୟଙ୍କୁ ଅର୍ଘ୍ୟଦାନପୂର୍ବପରି ।
ଅର୍ଘ୍ୟପ୍ରଦାନ କରିଣ ଗାୟତ୍ରୀ ଜପିବେ
ବିଷ୍ଣୁ ସମ ତୁଲେ ବେଦ ମନ୍ତ୍ରକୁ ପଢ଼ିବେ ।
ବେଦ ବିହିତ ଯେ କର୍ମ ଅଛି ଯାହା ରହି
ନିୟମ ନ ଛାଡ଼ି ତାହା ପାଳିବ ଯେ ଗୃହୀ ।
ଦଇବ ଯୋଗ ପ୍ରମାଦ ପଡ଼ି ପାରେ ଯେବେ
କର୍ତ୍ତବ୍ୟ କର୍ମରେ ବାଧା ଜାତ ହୁଏ ତେବେ ।
ରାତ୍ରର ପ୍ରଥମ ଯାମେ ସେ ସକଳ କାର୍ଯ୍ୟ
ସମ୍ପାଦି କରିବ ଯଥା ବିଧାନରେ ଦ୍ୱିଜ ।
କୌଣସି ଆପଦ ନ ଥାଇଣ ଯେଉଁ ଧୂର୍ତ୍ତ
ସନ୍ଧ୍ୟା ଉପାସନା କାର୍ଯ୍ୟ କରଇ ବ୍ୟକତ ।

Digitized by srujanika@gmail.com

ଅଧିକାର ନାହିଁ ତାର କୌଣସି କାର୍ଯ୍ୟରେ
ସେ ଏକା ପାଷାଣ୍ଡ ବୋଲିଲେଖା ଯେ ଶାସ୍ତ୍ରରେ ।
ଯେ କୁଟ ଯୁକ୍ତିରେ ପାରଦର୍ଶୀ ବୋଲାଇଣ
ସନ୍ଧ୍ୟାଦି କାର୍ଯ୍ୟକୁ କରିଥାଏ ବିସର୍ଜନ ।
ତାର ସଙ୍ଗତରେ ଯେହୁ ଆଳାପ କରଇ
ସେ ଘୋର ନରକେ ପଡ଼ି ଯନ୍ତ୍ରଣା ଲଭଇ ।
ଚନ୍ଦ୍ର ସୂର୍ଯ୍ୟ ଗ୍ରହ ତାରାଗଣ ଥିବାଯାଏ
ସେ ବ୍ୟକତି ନରକରୁ ଉଦ୍ଧାର ନ ପାଏ ।
ପ୍ରତ୍ୟହ ଗୃହସ୍ଥାଶ୍ରମୀ ଦେବଙ୍କୁ ପୂଜିବ
ବୈଶ୍ୟ ଦେବକରି ସବିଧାନେ ବଳିଦେବ ।
ଦ୍ୱାରେ ଥିବା ଅତିଥିଙ୍କୁ ପ୍ରିୟ ବାକ୍ୟ କହି
ଆଦ୍ୟରେ ପୂଜିବ ଗନ୍ଧପୁଷ୍ପ ଜଳଦେଇ ।
ତହିଁପରେ କନ୍ଦମୂଳ ଫଳମୂଳ ଆଦି
ଖାଇବା ପାଇଁକି ଯତ୍ନେ ଦେବେ ଯେ ସମ୍ପାଦି ।
ଅତିଥି ଯା ଘରୁ ଭଗ୍ନ ଆଶ ହୋଇଯାଏ
ନିଜ ପାଦ ଦେଇ ତାର ପୁଣ୍ୟକୁ ସେ ନିଏ ।
ଯାରନାମ ଗୋତ୍ର ଜଣା ନ ଥାଏ ତାହାକୁ
ଅତିଥି ବୋଲି ପଣ୍ଡିତେ ଗଣନ୍ତି ତାହାଙ୍କୁ ।
ଦେବତା ସଙ୍ଗରେ ଗଣା ହୁଅନ୍ତି ସେ ଜାଣ
ତାହାଙ୍କୁ ପୂଜିବା ଅଟେ ତୃପ୍ତିର କାରଣ ।
ପିତୃଗଣଙ୍କର ତୃପ୍ତି ହୋଇବା ନିମନ୍ତେ
ପ୍ରତି ଦିବସରେ ଗୃହୀ ପରିଶୁଦ୍ଧ ଚିତ୍ତେ ।
ଅନାଥ ସ୍ୱଗ୍ରାମ ବାସୀ ବିଷ୍ଣୁ ପରାୟଣ
ଏମନ୍ତ ଯେ ହୋଇଥିବ ଶ୍ରୋତ୍ରୀୟ ବ୍ରାହ୍ମଣ ।
ତାହାଙ୍କୁ ଭୋଜ୍ୟାଦି ଦେଇ କଲେ ସମାର୍ଚ୍ଚନା
ତହିଁରେ ହୁଅନ୍ତି ପିତୃଗଣ ହୃଷ୍ଟମନା ।
ଯେଉଁ ଗୃହୀ ଜନ ପଞ୍ଚଯଜ୍ଞ ତ୍ୟାଗ କରେ
ବ୍ରାହ୍ମଣ ମଧ୍ୟରେ ଗଣା ଅଟେ ସେ ସଂସାରରେ ।
ଏଣୁ ଯତନରେ ପଞ୍ଚ ଯଜ୍ଞ ପ୍ରତିଦିନ
କରିବ ସଂଯତ ହୋଇ ଗୃହସ୍ଥ ବ୍ରାହ୍ମଣ ।
ଦେବଯଜ୍ଞ, ଭୂତ ଯଜ୍ଞ ପିତୃ ଯଜ୍ଞ ତୁଲେ
ନୃପଙ୍କ ଦ୍ୱାରା ଯଜ୍ଞକୁ ପଞ୍ଚ ଯଜ୍ଞ ବୋଲେ ।
ପଞ୍ଚ ଯଜ୍ଞ ଶେଷକରି ବ୍ରାହ୍ମଣ ସ୍ୱଜନ
ଗୃହୀ ଘେନିସଙ୍ଗତରେ କରିବ ଭୋଜନ ।
ଭୋଜ୍ୟ ପତ୍ରକୁ ଛାଡ଼ିଣ ଭୋଜନ କାଳରେ
ନ ଭକ୍ଷିବ ପୁଣି ଯେବେ ଉଠିଯିବ ଥରେ ।
ଭକ୍ଷିତ ଦ୍ରବ୍ୟକୁ ଯେହୁ ଆଉ ଥରେ ଖାଏ
ଫଳାଦି ସଙ୍ଗେ ଲବଣ ଯୁକ୍ତ କରିଖାଏ ।
ଗୋମାଂସ ସଙ୍ଗରେ ସମ ଅଟଇ ସେ ଜାଣ
ଶାସ୍ତ୍ରେ ବଖାଣି ଅଛନ୍ତି ଏହା ବୁଧଗଣ ।
ଜଳପାନ କାଳେ ଅବା ଆଚମନ କାଳେ
ଶବ୍ଦ କଲେ ନର୍କେ ବାସ କରଇ ସେ ହେଳେ ।
ପ୍ରତିଦିନ ପଥ୍ୟ ଅନ୍ନ ଭୋଜନ କରିବ
ଅନ୍ନ ଦାତା ପ୍ରତି କେଭେଁ ଘୃଣା ନ ରଖିବ ।
ଭୋଜନ ଶେଷରେ ଜଳେ ଆଚମନ କରି ।
ଶାସ୍ତ୍ରକୁ ଚିନ୍ତିବ ଗୁରୁ ବାକ୍ୟକୁ ସୁମରି ।
ଶାସ୍ତ୍ର ଚିନ୍ତା ବିଷୟରେ ଉନ୍ମନା ହୋଇବ
କାହାରି ଅନିଷ୍ଟ ମନେ ଚିନ୍ତା ନ କରିବ ।
ରାତ୍ରିରେ ଅତିଥି ଆସି ହେଲେ ଉପସ୍ଥିତ
କନ୍ଦମୂଳ ଫଳ ଦେବ ତାହାଙ୍କୁ ଗୃହସ୍ଥ ।
ଜଳ ଆସନ ଯେ ଶଯ୍ୟା ଦେଇ ସମାଦରେ
ସତ୍କାର କରିବ ନିଜ ଶକ୍ତି ଅନୁସାରେ ।
ଏପରି ଗୃହସ୍ଥ ସଦାଚାର ପରାୟଣ
ନିୟମ ପାଳନ କରି ହେବ ପ୍ରତିଦିନ ।
ସଦାଚାର ତ୍ୟାଗ କଲେ ପ୍ରାୟଶ୍ଚିତ୍ତ ପାଇଁ
ଅର୍ହ ହେବ ବୋଲି ସ୍ମୃତିଶାସ୍ତ୍ର ଅଛି କହି ।
ଶୁଣିଲ ତ ଋଷିମାନେ ଗୃହୀର ନିୟମ
ବାନପ୍ରସ୍ଥ ବିଧି ଏବେ କହୁଅଛି ଶୁଣ ।
ଶିରେ ଥିବା କେଶଜାଳ ଶୁକ୍ଳ ଦେଖାଗଲେ
ଶରୀରର ମାଂସଯାକ ଶିଥିଳ ହୋଇଲେ ।
ପୁତ୍ରର ପାଶରେ ଭାରିଯାକୁ ଛାଡ଼ି ଗୃହୀ
କିମ୍ବା ସେ ଭାର୍ଯ୍ୟାକୁ ନିଜ ସଂଗତରେ ନେଇ ।
ଗୃହତ୍ୟାଗ କରି ବନେ ଗମନ କରିବ
କୁଟୀର ନିର୍ମାଣି ବନ ମଧ୍ୟରେ ରହିବ ।
ବନବାସ କାଳେ ସ୍ନାନ ସନ୍ଧ୍ୟା ପ୍ରତିଦିନ
କରିବ ଆବର ନଖ କେଶାଦି ଧାରଣ ।
କୁଶଶଯ୍ୟା କରି ଭୂମି ତଳରେ ଶୋଇବ
ପଞ୍ଚଯଜ୍ଞାଦିରେ ଅନୁଷ୍ଠାନକୁ କରିବ ।
ଜୀବନ ଧାରଣେ ବନଜାତ ଫଳମୂଳ
ଭକ୍ଷଣ କରି ପିଇବ ଝରଣାର ଜଳ ।
ସବୁ ପ୍ରାଣୀଙ୍କର ହିତ ବିଚାରି ସନ୍ତତେ
ନାରାୟଣ ପରାୟଣ ହେବ ଅବିରତେ ।

Digitized by srujanika@gmail.com

ବେଦ ପଠନରେ ରତ ହୋଇ ପ୍ରତିଦିନ
ଗ୍ରାମ ଫଳମୂଳ ପୁଷ୍ପ କରିବ ବର୍ଜନ ।
ଉଦର ପୋଷଣେ ଅଷ୍ଟ ଗ୍ରାସ ମାତ୍ର ଖାଇ
ନିଶାରେ ଭୋଜନ କେଭେକରିବ ଯେ ନାହିଁ
ବନଜାତ ତୈଳ ଅଙ୍ଗେ ଲେପନ କରିବ
ନିଦ୍ରା ମଉଥୁନ ଆଳସ୍ୟକୁ ବରଜିବ ।
ମିଥ୍ୟା ନ କହିଣ ପର ନିନ୍ଦାହିଁ ନ କରି
କାଳ କଟାଇବ ମନେ ହରିଙ୍କି ସୁମରି ।
କୃଚ୍ଛ୍ର ଚାନ୍ଦ୍ରାୟଣ ଆଦି ପୁଣ୍ୟବ୍ରତ ଯେତେ
ପାଳନ କରିବ ତାହା ସବୁ ଦୃଢ଼ଚିତ୍ତେ ।
ଶୀତତାପ ଆଦି କ୍ଳେଶ ଅଙ୍ଗରେ ସହିବ
ଅଗ୍ନି ପରିଚର୍ଯ୍ୟା କରି କାଳ କଟାଇବ ।
ଯେ କାଳରେ ଜଗତରେ ସବୁ ବସ୍ତୁ ପ୍ରତି
ମାନସିକ ବଇରାଗ୍ୟ ହେବ ଉତପତ୍ତି ।
ସେକାଳେ ଦଣ୍ଡକୁ ଘେନି ସନ୍ନ୍ୟାସ ହୋଇବ
ଯୋଗମାର୍ଗେ ମନଦେଇ ଧ୍ୟାନେ ରତ ହେବ ।
ବୈରାଗ୍ୟ ଅଭାବେ ଯେହୁ ସନ୍ନ୍ୟାସ ଗ୍ରହଣ
କରଇ ପତିତ ହୁଅଇ ସେ ନିଶ୍ଚେ ଜାଣ ।
ଶମଦମ ସମ୍ପନ୍ନ ଯେ ବେଦଭ୍ୟାସେ ରତ
ସନ୍ନ୍ୟାସୀ ହୋଇବ ସର୍ବଦା ଏ ଶାସ୍ତ୍ରମତ ।
ଇନ୍ଦ୍ରିୟଙ୍କୁ ଜିଣି ଦୁଃଖ ଦ୍ୱନ୍ଦ୍ୱ ବିସର୍ଜିବ
ଅହଙ୍କାର ମମତା ଏ ଦୁହିଙ୍କି ଛାଡ଼ିବ ।
ଶମାଦି ଗୁଣରେ ଯୁକ୍ତ ହୋଇ କାମ କ୍ରୋଧ
ଦୁହିଁଙ୍କୁ ବର୍ଜିବ ମନେ ମନେ କରି ବୋଧ ।
ଉଲଗ୍ନ ହୋଇବ ଅବା ଜୀର୍ଣ୍ଣ କଉପୀନ
ଧାରଣ କରିବ କେଶ ମୁଣ୍ଡିତ କରିଣ ।
ଶତ୍ରୁ ମିତ୍ର ଦୁଇରେ ଯେ ମାନ ଅପମାନେ
ସମଜ୍ଞାନ କରି କାଳ ବଞ୍ଚିବ ସୁମନେ ।
ଗ୍ରାମ ଗୋଟିକରେ ଏକଦିନ କରି ବାସ
ଅଧିକ ନ ରହି ତାକୁ ଛାଡ଼ିବ ସନ୍ନ୍ୟାସ ।
ତିନିଦିନ ମାତ୍ର ବାସକରି ନଗରରେ
ନିର୍ବାହ କରିବ ଜୀବିକାକୁ ଭିକ୍ଷାନ୍ନରେ ।
ନିତି ଭିକ୍ଷା ମାଗି ନିତି ଖାଇଣ ବଞ୍ଚିବ
ଆରଦିନ ପାଇଁ ତାହା ସଞ୍ଚି ନ ରଖିବ ।
ପାଞ୍ଚ ଘରୁ ଭିକ୍ଷାମାଗି ପାରେ ବ୍ରହ୍ମଚାରୀ
ସନ୍ନ୍ୟାସୀର ଭିକ୍ଷାକାର୍ଯ୍ୟ ନୁହଇ ସେପରି ।

ଜଣେ ଯାହା ଭିକ୍ଷା ଦେବ ତା ଖାଇ ଭିକ୍ଷୁକ
ପରିତୁଷ୍ଟ ହେବ ସେହୁ ନ ମାଗି ଅଧିକ ।
ଚୂଲୀରୁ ଅନଳ ନିର୍ବାପିତ ହେଲାପରେ
ସକଳ କୁଟୁମ୍ବ ଖାଇସାରିଲା ଉତ୍ତାରେ ।
କଳହ ନ ଥିବ ଦ୍ୱିଜ ଗୃହରୁ ସନ୍ନ୍ୟାସ
ଅପରାହ୍ନେ ଭିକ୍ଷା ମାଗି ତା କରିବ ଗ୍ରାସ ।
ଶ୍ରୋତ୍ରିୟ ବ୍ରାହ୍ମଣ ବିନା ଅନ୍ୟ ଘରୁ ଭିକ୍ଷା
ମାଗିବା ନୁହଇ କେବେ ସନ୍ନ୍ୟାସର ଦୀକ୍ଷା ।
ସନ୍ନ୍ୟାସୀ ତ୍ରିକାଳେ ସ୍ନାନକରି ପ୍ରତିଦିନ
ସନ୍ତତରେ ହେବ ନାରାୟଣ ପରାୟଣ ।
ଇନ୍ଦ୍ରିୟକୁ ଜିଣି ଚିତ୍ତ କରିଣ ସଂଯତ
ନିତି ସମୟାନୁସାରେ ଭଜିବ ଅଚ୍ୟୁତ ।
ଏକା ଥରେ ଖାଇ ତୋଷନୁହେଁ ଯେ ସନ୍ନ୍ୟାସ
ପୁଣି ଭକ୍ଷିବାକୁ ମନେ କରିଥାଏ ଆଶ ।
ଅପାର ପ୍ରାଶ୍ଚିତ କଲେ ଦୁଷ୍କୃତ ତାହାର
ନିଷ୍କୃତି ନୁହଁଇ ପାପ ହୁଏ ଗୁରୁତର ।
ଚଣ୍ଡାଳ ସଙ୍ଗରେ ଗଣା ଅଟଇ ଯେ ସେହି
ତାହାର ନିଷ୍କୃତି ଇହପରକାଳେ ନାହିଁ ।
ସନ୍ନ୍ୟାସ ଯେ ହୋଇଥିବ ବିଧି ଅନୁସାରେ
ଆତ୍ମାକୁଯେ ନାରାୟଣ ମଣିବ ସତ୍ୱରେ ।
ମାୟା ମମତା ଯେ ଦୋଷ ଦ୍ୱନ୍ଦ୍ୱ ଅହଙ୍କାର
ଆତ୍ମାରେ ଏ ନାହିଁ ବୋଲି କରିବ ବିଚାର ।
ଆତ୍ମାକୁ ମଣିବ ଶାନ୍ତ ମାୟାତିତ ପୂର୍ଣ୍ଣ
ସଚ୍ଚିଦାନନ୍ଦ ସ୍ୱରୂପ ନିତ୍ୟ ସନାତନ ।
ସକଳ ଘଟରେ ସେହୁ ବିଜେ କରିଥାନ୍ତି
ସବୁରି ସଙ୍ଗରେଥାଇ କାହିଁ ନ ମିଶନ୍ତି ।
ସେ ଜଗତ ଚଇତନ ହେତୁ ଗୁଣାତିତ
ସର୍ବଶ୍ରେଷ୍ଠ ହରି ଯେହୁ ଜଗତେ ବିଦିତ ।
ଏମନ୍ତ ଆତ୍ମାକୁ ଜାଣି ବେଦ ପଢୁଥିବ
ଦେବାଙ୍ଗ ପଠନ ଅନୁକ୍ଷଣେ କରୁଥିବ ।
ସନ୍ନ୍ୟାସୀର କର୍ତ୍ତବ୍ୟ ଏ ବୋଲିଣ କରିବ
ନ କଲେ ତହିଁରେ ମହାପାପ ସେ ଲଭିବ ।
ଧ୍ୟାନ ନିଷ୍ଠା ଅହଙ୍କାର ହୀନ ଯେ ସନ୍ନ୍ୟାସୀ
ଏ ସବୁ ନିୟମ ପାଳିଥାଏ ଅହର୍ନିଶି ।
ସେ ନିତ୍ୟ ନିର୍ମଳ ସନାତନ ପରଂବ୍ରହ୍ମ
ଲାଭ କରି ଆଉଥରେ ତ ହୁଅଇ ଜନ୍ମ ।

Digitized by srujanika@gmail.com

କ୍ରମଶରେ ଏହି ଚାରି ଗୋଟି ଆସନର
ଧର୍ମକୁ ପାଳନ କରେ ଯେଉଁ ଦ୍ୱିଜବର ।
ତାହାର କୌଣସି ଠାରେ ଶୋକ ନ ହୁଅଇ
ଜୀବନାନ୍ତେ ବୈକୁଣ୍ଠରେ ବାସକରେ ଯାଇ ।
ବର୍ଣ୍ଣାଶ୍ରମ ଧର୍ମ ଯେହୁ ପାଳି ଅବିରତ
ଭକ୍ତି ଭାବେ ନାରାୟଣ ପାଦେ ଦ୍ୟନ୍ତି ଚିତ୍ତ ।
ସେ ସର୍ବ ପାପରୁ ମୁକ୍ତିଲାଭ କରି ଅନ୍ତେ
ବିଷ୍ଣୁଙ୍କ ପରମ ପଦ ଲଭନ୍ତି ନିଶ୍ଚିନ୍ତେ ।
ଜୟ ଜଗତ ଜୀବନ ପରମ କାରଣ
କ୍ଷେତ୍ରମୋହନଙ୍କୁ ଦିଅ ପାଦରେ ଶରଣ ।
ଇତି ଶ୍ରୀ ବୃହତ୍ ନାରଦ ପୁରାଣେ ସଦାଚାର
ବିଷୟ ବର୍ଣ୍ଣନଂ ନାମ ପଞ୍ଚବିଂଶୋଽଧ୍ୟାୟଃ ।

---•---

## ଷଡ଼ବିଂଶ ଅଧ୍ୟାୟ

## ଶ୍ରାଦ୍ଧବିଧି ନିର୍ଣ୍ଣୟ

ଏଥୁ ଅନନ୍ତରେ ଯାହା ଶୁଣ ମନଦେଇ
ପବିତ୍ର କାହାଣୀ ମାନ ଶୁଣ ତୋଷହୋଇ ।
ଶ୍ରମର ଉତ୍ତମ ବିଧି ଅଛି ଯେ ପ୍ରକାର
ପ୍ରକାଶ କରିବି ତାହା ଅଗ୍ରତେ ତୁମ୍ଭର ।
ଏ ଦିବ୍ୟ ଚରିତ କଲେ କର୍ଣ୍ଣରେ ଶ୍ରବଣ
ଦୂରିତ ହୋଇବ ଦେହୁଁ ପାପ ରାଶିମାନ ।
ଏଥିରେ ତିଳେ ମାତ୍ରକ ସନ୍ଦେହ ଯେ ନାହିଁ
ସକଳେ ମୋହ ମୁଖରୁ ଶୁଣ ତୋଷହୋଇ ।
ଶ୍ରାଦ୍ଧକର୍ତ୍ତା ଶ୍ରାଦ୍ଧ ଦିବସରେ ପୂର୍ବଦିନ
ସ୍ନାନକରି ଏକବାର କରିବ ଭୋଜନ ।
କୁଶାସନରେ ଶୋଇବ ବ୍ରହ୍ମଚର୍ଯ୍ୟ ପାଳି
ବର୍ଜ୍ଜନ କରିବ ଯେ ପଲଙ୍କ ଖଟ ତୂଳି ।
ଶ୍ରାଦ୍ଧ ବ୍ରାହ୍ମଣଙ୍କୁ ସେହି ଦିନ ସାୟଂକାଳେ
ନିମନ୍ତ୍ରଣ କରି ଆସିଥିବ ନିଜ ଆଳେ ।
ଦାନ୍ତ ନ ମାଜିବ ଶ୍ରାଦ୍ଧକର୍ତ୍ତା ଶ୍ରାଦ୍ଧ ଦିନ
ସୂର୍ଯ୍ୟ ଉଦେ ନୋହୁ ଶୁଦ୍ଧ ହୋଇବଟି ଜାଣ ।
ତାମ୍ବୁଳ ଆବର ତୈଳ ମରଦନ ବିଧି
ଏହା ବର୍ଜନ କରିବ ପରାଅନ୍ନ ଆଦି ।
ଶ୍ରାଦ୍ଧକର୍ତ୍ତା ଶ୍ରାଦ୍ଧ ପାତ୍ର ଭୋକ୍ତା ଯେ ଦ୍ୱିଜାତି
ଶ୍ରାଦ୍ଧ ଶେଷ ହେଲା ପରେ ସେ ଦୁଇ ବ୍ୟକତି ।

ନ କରିବ କ୍ରୋଶକରୁ ଅଧିକ ଗମନ
କଳହ ସ୍ତ୍ରୀ ସଙ୍ଗ କ୍ରୋଧ କରିବ ବର୍ଜନ ।
ମଇଥୁନ ଦିବାନିଦ୍ରା ଦୁହିଁଙ୍କୁ ତେଜିବ
ଶାନ୍ତ ଶିଷ୍ଟ ସ୍ୱଭାବରେ ଦିନ କଟାଇବ ।
ସ୍ତ୍ରୀ ସଙ୍ଗ କରେ ଯେ ଶ୍ରାଦ୍ଧେ ହୋଇ ନିମନ୍ତ୍ରିତ
ବ୍ରହ୍ମହତ୍ୟା ପାତକରେ ହୁଅଇ ସେ ଲିପ୍ତ ।
ଶେଷରେ ନରକ ଗତି ହୁଅଇ ତାହାର
ଏଥିକୁ ତିଳେହେଁ ମନେ ସନ୍ଦେହ ନ କର ।
ଶ୍ରାଦ୍ଧେ ବସିବାକୁ ଯେହୁ ନିମନ୍ତ୍ରଣ ହେବ
ଦିନକ ପୂର୍ବରୁ ସେହୁ ସଂଯତ ରହିବ ।
ଶୋତ୍ରିୟ ଯେ ବିଷ୍ଣୁ ଭକ୍ତ ସଦାଚାର ନିଷ୍ଠ
ଆବର ଯେ ଅଟେ ଶାନ୍ତ ଗୁଣରେ ଉତ୍କୃଷ୍ଟ ।
ଉତ୍ତମ କୁଳରେ ସେହୁ ଜନ୍ମ ହୋଇଥିବ
ତେମନ୍ତ ବ୍ୟକ୍ତିଙ୍କୁ ଶ୍ରାଦ୍ଧେ ନିମନ୍ତ୍ରି ଆଣିବ ।
ଯିଏ ପୁରାଣ ପଣ୍ଡିତ ଶାସ୍ତ୍ରଜ୍ଞ କୋବିଦ
ଯେବଣ ବ୍ରାହ୍ମଣ ନିତି ପଢୁଥିବ ବେଦ ।
ଦୟାଳୁ ଆବର ବେଦ ପୂଜାରେ ନିରତ
ସକଳ ପ୍ରାଣୀମାନଙ୍କ କରୁଥିବ ହିତ ।
ଗୁରୁଙ୍କ ସେବାରେ ଯେହୁ ରତ ହୋଇଥିବ
ତେମନ୍ତ ଦ୍ୱିଜକୁ ବ୍ରତେ ନିମନ୍ତ୍ରି ଆଣିବ ।
ପୁଣି ଶ୍ରାଦ୍ଧରେ ବର୍ଜନ କରିବ ଯାହାକୁ
ଶୁଣ ତାହାଙ୍କର ଗୁଣ କହୁଛି ତୁମ୍ଭଙ୍କୁ ।
ମଦ୍ୟପୀ ଲମ୍ପଟୀ ଚୋର ଅସତ୍ ଚରିତ୍ର
ଚିର ରୁଗ୍ଣ ବହୁରୋଗେ ଥିବ ଯେ ପୀଡ଼ିତ ।
ବେଦ ବିଧାନରେ ଯାର ନ ଥିବ ଦଖଲ
ସବୁ ସମୟରେ ପରେ ଖୋଳୁଥିବ ଖାଲ ।
ମୁଖ ମଧ୍ୟେ ପରନିନ୍ଦା ସଦା ଗାଉଥିବ
ପରର ଐଶ୍ୱର୍ଯ୍ୟ ଦେଖି ଯେ ବିମୁଖ ହେବ ।
ମନ୍ତ୍ର ବିକ୍ରୟ କରିଣ ପୋଷୁଥିବ ପେଟ
ତନ୍ତ୍ର ସାଧନାରେ ହୋଇଥିବ ଯେ ନିବିଷ୍ଟ ।
ଗାୟକ ବୃତ୍ତିରେ ଯେହୁ ପେଟ ପୋଷୁଥିବ
କପଟେ ପର ପଦାର୍ଥ ହରି ଆଣୁଥିବ ।
ଶିବ ବିଷ୍ଣୁ ପରେ ଭକ୍ତି ନ ଥିବ ଯାହାର
ଶ୍ରୀହରି କଥା ଶ୍ରବଣେ ହୋଇବ ଅସ୍ଥିର ।
ଯେବଣ ବିପ୍ର ବେଦକୁ ନିନ୍ଦା କରୁଥିବ
ବ୍ରହ୍ମ ଚିହ୍ନିଣ ବ୍ରାହ୍ମଣେ ଅବଜ୍ଞା କରିବ ।

Digitized by srujanika@gmail.com

ମିତ୍ରଜନଠାରେ ଯେହୁ ଶଠ ଆଚରଇ
ଗ୍ରାମଦାହ ବନଦାହ ଇତ୍ୟାଦି କରଇ ।
ପରମ ରମଣୀ ଦେଖି ହୁଏ ଯେ ଆଶକ୍ତ
ଜୀବ ହିଂସା କାର୍ଯ୍ୟରେ ଯେ ସଦା ଥାଏ ରତ ।
ଜାଣି ଶୁଣି ସେମାନଙ୍କୁ କଲେ ନିମନ୍ତ୍ରଣ
ଶ୍ରାଦ୍ଧର ସମସ୍ତ ଫଳ ହେବ ଅକାରଣ ।
ଜିତେନ୍ଦ୍ରିୟ ସତ୍ୟସନ୍ଧ ସୁଜ୍ଞାନୀ ବିପ୍ରଙ୍କୁ
ସାଦରେ ଆମନ୍ତ୍ରି ଜାଣ ଆଣିବ ଗୃହକୁ ।
ଏତ ଗଲା ନିମନ୍ତ୍ରଣ ବ୍ୟକ୍ତି ସମାଚାର
ଶ୍ରାଦ୍ଧକର୍ତ୍ତାର ନିୟମ ଶୁଣ ସୁଚିତ୍ତର ।
ପ୍ରଭାତରୁ ଶ୍ରାଦ୍ଧକର୍ତ୍ତା ଉଠି ସେହିଦିନ
କରିବ ଆପଣା ନିତ୍ୟକୃତ୍ୟ ସମାପନ ।
ମାହେନ୍ଦ୍ର ଯୋଗରେ ଶ୍ରାଦ୍ଧ ଆରମ୍ଭ କରିବ
ବିଷ୍ଟିବେଳ ଗଲେ ଫଳ ଓଲଟା ହୋଇବ ।
ପୁଣି ଅପରାହ୍ନ କାଳ ପିତୃଗଣ ପାଇଁ
ନିର୍ଣ୍ଣୟ କରି ଅଛନ୍ତି ସାବିତ୍ରୀଙ୍କ ସାଇଁ ।
ଯଥା ନିୟମରେ ଶ୍ରାଦ୍ଧ ନ କଲେ ପାଳନ
ସେ ପିଣ୍ଡମାନ ରାକ୍ଷସେ ଭୁଞ୍ଜନ୍ତି ଆସିଣ ।
ଶ୍ରାଦ୍ଧକର୍ତ୍ତା ଶ୍ରାଦ୍ଧଭୋକ୍ତା ଦୁହେଁ ସେ ଦୋଷରେ
ପତିତ ହୁଅନ୍ତି ଯାଇ ଘୋର ନରକରେ ।
ଶ୍ରାଦ୍ଧକାଳେ ଯେବେ ଦୁଇ ଦିନକୁ ପାଇବ
କୃଷ୍ଣପକ୍ଷେ ପୂର୍ବଦିନ କରିବାକୁ ହେବ ।
ଶୁକଳ ପକ୍ଷରେ ପରଦିନ ଶ୍ରାଦ୍ଧ ପାଇଁ
ରହିଛି ଶାସ୍ତ୍ର ନିୟମ ଶୁଣ ମନଦେଇ ।
ବିଶ୍ୱଦେବସ୍ଥାନେ ଦୁଇଜଣ ବ୍ରାହ୍ମଣଙ୍କୁ
ପିତୃସ୍ଥାନେ ବସାଇବ ଯେ ତିନି ଜଣଙ୍କୁ ।
କିବା ଜଣେ ଜଣେ କରି ଶ୍ରାଦ୍ଧେ ବସାଇବ
ମାତ୍ର ଉପଯୁକ୍ତ ବିପ୍ରସେହୁ ହୋଇଥିବ ।
ଶ୍ରାଦ୍ଧର ମଣ୍ଡଳ ଦୁଇ ପରକାରେ ଜାଣ
ବିପ୍ରମାନଙ୍କ ପକ୍ଷରେ ହୁଏ ଚତୁଷ୍କୋଣ ।
କ୍ଷତ୍ରୀୟ ବୈଶ୍ୟର ପକ୍ଷେ ତ୍ରିକୋଣ ହୁଅଇ
ଶୂଦ୍ରର ମଣ୍ଡଳ ରେଖା କରାଯାଏ ନାହିଁ ।
ଜଳଛଟାଦେଇ ଜଳେ ମଣ୍ଡଳ କାଟିବ
ସେହି ମଣ୍ଡଳରେ ଶୂଦ୍ର ତା ଶ୍ରାଦ୍ଧ କରିବ ।
ବିପ୍ର ଅଭାବରେ ଭାଇ କିବା ପୁତୁରାଙ୍କୁ
ନିମନ୍ତ୍ରଣ କରି ଆଣି ବରିବ ଶ୍ରାଦ୍ଧକୁ ।

ସେମାନେ ନ ଥିଲେନିଜେ ଶ୍ରାଦ୍ଧରେ ବସିବ
କିନ୍ତୁ ବେଦହୀନ ବିପ୍ର କେଭେ ନ କରିବ ।
ଯେଉଁ ବିପ୍ରଙ୍କୁ ବରଣ କରିବ ଶ୍ରାଦ୍ଧରେ
ନାରାୟଣ ମଣି ପୂଜା କରିବ ତାଙ୍କରେ ।
ଆଗେ ଦୈବ ବିପ୍ରଗଣେ ଯତନେ ପୂଜିବ
ତାହାପରେ ପିତୃଙ୍କର ଶ୍ରାଦ୍ଧ ଆଚରିବ ।
ଅନ୍ୟାନ୍ୟ ଶାସ୍ତ୍ରବିଧାନ ଶ୍ରାଦ୍ଧ ବିଧି ଯେତେ
ତାହାକୁ ପାଳିବ ଶ୍ରାଦ୍ଧକର୍ତ୍ତା ଶୁଦ୍ଧ ଚିତ୍ତେ ।
ପିତୃମାନଙ୍କର ନାମ ଗୋତ୍ର ଉଚ୍ଚାରିଣ
ଭକ୍ତିରେ କରିବ ସେମାନଙ୍କୁ ପିଣ୍ଡଦାନ ।
ଶ୍ରାଦ୍ଧ ଶେଷ ହେଲେ ସ୍ୱସ୍ତି ବାଚନ କରିବ
ମନ୍ତ୍ରପାଠ କରି ଆଶୀର୍ବାଦକୁ ଘେନିବ ।
ଦ୍ୱିଜଙ୍କୁ ପ୍ରଣାମ କରି ଦକ୍ଷିଣା ଦେଇଣ
ତଦନ୍ତେ କରିବ ସେମାନଙ୍କୁ ବିସର୍ଜନ ।
ଶ୍ରାଦ୍ଧଦିନ ଶ୍ରାଦ୍ଧକର୍ତ୍ତା ଶ୍ରାଦ୍ଧ ଭୋକ୍ତା ଦୁଇ
ରମଣୀମାନଙ୍କ ସଙ୍ଗ ନ କରିବେ କେହି ।
ପଥ ପର୍ଯ୍ୟଟନ ଅଧ୍ୟୟନ ନ କରିବେ
ହୃଦୟରୁ ରାଗ ଅହଙ୍କାର ବିବର୍ଜିବେ ।
ଅତ୍ୟନ୍ତ ଦରିଦ୍ର ଜନ ଯେହୁ ହୋଇଥିବ
ଶ୍ରାଦ୍ଧ କରିବା ପାଇଁକି ଶକତି ନ ଥିବ ।
କଞ୍ଚା ପଦାର୍ଥରେ ଶ୍ରାଦ୍ଧ କରିବ ଆମ୍ଭର
ଅଥବା କରିବ ଘୃତ ଢାଳି ଅନଳର ।
ଦ୍ରବ୍ୟ ଅଭାବରେ କିବା ବିପ୍ରଙ୍କ ଅଭାବେ
ଅନ୍ନ ପାକକରି ପିତୃ ସୂକ୍ତକୁ ପଢ଼ିବେ ।
ସେ ପାକଅନ୍ନକୁ ପିତୃ ସୂକ୍ତ ପାଠକରି
ଅଗ୍ନିରେ କରିବ ଶାସ୍ତ୍ର ନିୟମ ବିଚାରି ।
ଯେ ଅତିଦରିଦ୍ର ସେହୁ ଶ୍ରାଦ୍ଧ ଅଭାବରେ
ଗୋରୁଙ୍କ ମୁଖରେ ତୃଣ ଦେବ ଭକତିରେ ।
ନ ମିଳିଲେ ତୃଣ ତିଳ ତର୍ପଣ କରିବ
ତହିଁରେ ପିତୃଙ୍କୁ ପରିତୋଷ କରାଇବ ।
ତର୍ପଣ କରିବା ପାଇଁ ହେଲେ ଅସମର୍ଥ
ବିଜନ ବନରେ ଯାଇ ହେବ ଉପସ୍ଥିତ ।
ମୁଁ ଦରିଦ୍ର ବୋଲି ବନେ କାନ୍ଦିଣ କହିବ
ମୋଠାରୁ ଅଧିକ ପାପୀ ଆନ କେ ନଥିବ ।
ଏତେ ବୋଲି ଉଚ୍ଚସ୍ୱରେ କରିବ ରୋଦନ
ଏମନ୍ତ ହୋଇଲେ ତୋଷ ହୋନ୍ତି ପିତୃଗଣ ।

Digitized by srujanika@gmail.com

ତାହାପରେ ଦିନ ଶ୍ରାଦ୍ଧକର୍ତ୍ତା ଯେଉଁ ନର
ନ କରିବ ପିତୃ ତରପଣ ଯେ ଜଳର ।
ସେ ଦୋଷକୁ ପାଇ ତାର ବଂଶନାଶ ଯାଏ
ପୁଣିହିଁ ତାହାର ବ୍ରହ୍ମହତ୍ୟା ପାପହୁଏ ।
ପିତୃଶ୍ରାଦ୍ଧ ଯେ କରନ୍ତି ଶ୍ରଦ୍ଧାଯୁକ୍ତ ହୋଇ
ବଂଶ ନାଶ ଭୀତି ତାଙ୍କ ତିଳେମାତ୍ର ନାହିଁ ।
ଶ୍ରାଦ୍ଧ ଦିବସରେ ପିତୃ ପୂଜା ଯେ କରଇ
ବିଷ୍ଣୁପୂଜା ଫଳକୁ ସେ ତହିଁରେ ଲଭଇ ।
ଯେହୁ ସନାତନ ବିଷ୍ଣୁ ସେହି ପିତୃଗଣ
ସେ ଦେବ ଗନ୍ଧର୍ବ ପକ୍ଷ ଅପସରା ଜାଣ ।
ସ୍ଥାବର ଜଙ୍ଗମ ନରସିଦ୍ଧ ସାଧ୍ୟ ସେହି
ବିଷ୍ଣୁ ଭିନ ହୋଇ ଜଗତରେ କିଛି ନାହିଁ ।
ତାହାଙ୍କଠାରୁ ଜଗତ ହୋଇଛି ଉତ୍ପନ୍ନ
ତେଣୁ ସେ ଅଟନ୍ତି ଦାତାଭୋକ୍ତା ସନାତନ ।
ଭୁତ ଭବିଷ୍ୟତ ବର୍ତ୍ତମାନ ଯାହାକିଛି
ଦୃଶ୍ୟାଦୃଶ୍ୟ ହୋଇ ପୃଥିବୀରେ ରହିଅଛି ।
ତା ସବୁ ଅଟଇ ବିଷ୍ଣୁମୟ ବୋଲି ଜାଣ
ସଂସାର ମଧ୍ୟରେ କିଛି ନାହିଁ ଭିନ୍ନାଭିନ୍ନ ।
ସର୍ବ ଭୂତରେ ବିଜୟ କରିଛନ୍ତି ହରି
ସାରା ଜଗତ କରତା ତ୍ରିପୁର ବିହାରୀ ।
ଯେ ବିଷ୍ଣୁ ସେ ପିତୃଗଣ ଏଥେ ଆନ ନାହିଁ
ତାହାଙ୍କୁ ପୂଜିଲେ ତୋଷ ହୋନ୍ତି ଭାବଗ୍ରାହୀ ।
ଏହି ଯେ ଉତ୍ତମ ଶ୍ରାଦ୍ଧ ବିଧି ଶାସ୍ତ୍ର ଯୋଗେ
ପ୍ରକାଶ କରିଲି ଋଷିଗଣ ତୁମ୍ଭ ଆଗେ ।
ଏ ବିଧିରେ ଶ୍ରାଦ୍ଧ କଲେ ପାପ ହୁଏ ନାଶ
ପିତୃ ଗଣେ ସ୍ୱରଗରେ କରନ୍ତି ଆବାସ ।
ଶ୍ରାଦ୍ଧ ସମୟରେ ଏ ଅଧ୍ୟାୟ ଯେହୁ ପଢ଼େ
ପିତୃଗଣ ସନ୍ତୋଷରେ ତାର ବଂଶ ବଢ଼େ ।
ସେହି ପିତୃଗଣଙ୍କର ଚରଣେ ସରୋଜେ
ଅଧମ କ୍ଷେତ୍ରମୋହନ ନିରନ୍ତର ଭଜେ ।

ଇତି ଶ୍ରୀ ବୃହଦ୍ ନାରଦ ପୁରାଣେ ଶ୍ରାଦ୍ଧ
ବିଧି ବ୍ୟବସ୍ଥା ନିର୍ଣ୍ଣୟେ ନାମ
ଷଡ଼ବିଂଶୋଽଧ୍ୟାୟଃ ।

---●----

## ସପ୍ତବିଂଶ ଅଧ୍ୟାୟ

## ତିଥି ନିର୍ଣ୍ଣୟ କଥନ

ଶୁଣ ଶୁଣ ସୁଜ୍ଞଜନେ ଦେଇ ମନକର୍ଣ୍ଣ
ଏହି ବୃହଦ୍ ନାରଦ ପୁରାଣ ବିଧାନ ।
ଶ୍ରଦ୍ଧା ଭକତିରେ ଯାକୁ ପଠନ ଯେ କରେ
ଅନ୍ତଃକାଳେ ବସେ ଯାଇ ବଇକୁଣ୍ଠପୁରେ ।
ସକଳ ଋଷିମାନଙ୍କୁ ଅନାଇଣ ସୁତ
ବୋଇଲେ ଶୁଣନ୍ତୁ ତିଥି ନିର୍ଣ୍ଣୟ ଚରିତ ।
ଯେବଣ ତିଥି ଯେମନ୍ତ ହୋଇବ ପାଳନ
ଆବର କହିବା ପ୍ରାୟଶ୍ଚିତ୍ତର ବିଧାନ ।
ତିଥି ନିର୍ଣ୍ଣୟ ନୋହିଲେ ଦାନ ପୁଣ୍ୟ ବ୍ରତ
ଏମାନେ ସଫଳ ନ ହୁଅନ୍ତି କଦାଚିତ ।
ଆବର ଯେତେକ ବେଦବିଧିମାନ ଅଛି
ସେ କର୍ମରୁ ଫଳଲାଭ ନ ହୁଅଇ କିଛି ।
ବ୍ରତ ଉପବାସ ପ୍ରଭୃତିରେ ଏକାଦଶୀ
ଷଷ୍ଠୀ ଅଷ୍ଟମୀ ଯେ ଅମାବାସ୍ୟା ଚତୁର୍ଦ୍ଦଶୀ ।
ଦ୍ୱିତୀୟା ପୂର୍ଣ୍ଣିମା ଏହି ସକଳ ତିଥିରେ
କରିବାକୁ ହୁଏ ପରତିଥିର ଯୋଗରେ ।
ତା କରିବ ନାହିଁ ଯୋଗ ହେଲେ ପୂର୍ବତିଥି
ପରତିଥିର ଯୋଗରେ କରିବ ତଡ଼ତି ।
ଏ ସବୁ ତିଥିକୁ ଛାଡ଼ି ଅନ୍ୟ ତିଥି ହେଲେ
ଗ୍ରହଣ କରିବ ପୂର୍ବତିଥି ସଂଗେ ଥିଲେ ।
ଷଷ୍ଠୀ ଯେବେ ପଞ୍ଚମୀରେ ଯୋଗ ହୋଇଥିବ
କିବା ଷଷ୍ଠୀ ସଂଗେ ସପତମୀ ଯୋଗହେବ ।
ଦଶମୀରେ ଯେବେ ଏକାଦଶୀ ଯୁକ୍ତ ହୋଇ
ନ କରିବ ଉପବାସ ତହିଁରେ ଯେ କେହି ।
ସପ୍ତମୀ ପୂର୍ଣ୍ଣିମା ଅମାବାସ୍ୟା ମୃତବିଧି
ଏମାନେ ଯେବେକି ପୂର୍ବ ତିଥି ସଂଗେ ଥାନ୍ତି ।
ହୋଇବା କାର୍ଯ୍ୟ ତହିଁରେକେଭେଁ ନ କରିବ
କଲେ ନ ଜାଣିବା ପଣେ ନର୍କଗାମୀ ହେବ ।
କେତେକ ପଣ୍ଡିତ କହିଛନ୍ତି ଏ ପ୍ରକାର
କୃଷ୍ଣପକ୍ଷ ଚତୁର୍ଦ୍ଦଶୀ ତୃତୀୟା ଆବର ।
ଅଷ୍ଟମୀ ନବମୀ ତିଥି ପୂର୍ବ ବିଦ୍ଧ ହେଲେ
ଗ୍ରହଣ କରିବ କିଛି ନ ବିଚାରି ଭଲେ ।
ଶୁଦ୍ଧ ଅଟେ ଶୁକ୍ଳପକ୍ଷ ସକଳ ବ୍ରତର
ଅପରାହ୍ନରୁ ପୂର୍ବାହ୍ନ ଅଟଇ ଯେ ସାର ।

Digitized by srujanika@gmail.com

ବ୍ରତରେ ପୂର୍ବାହ୍ନ ଯଦି ମିଳି ନ ପାରିବ
ସୂର୍ଯ୍ୟୋଦୟପରେ ବେନି ମୁହୂର୍ତ୍ତଘେନିବ ।
ଯେଉଁ ନକ୍ଷତ୍ରରେ ସୂର୍ଯ୍ୟ ଅସ୍ତ ହୋଇଥିବ
ସେହି ନକ୍ଷତ୍ର ଖଣ୍ଡରେ ଉପାସ କରିବ ।
ଆହେ ସାଧୁଜନେ ଏହି ପ୍ରକାରେ ବହୁତ
ଶାସ୍ତ୍ର ମାନଙ୍କରେ ତିଥି ହୋଇଅଛି ସ୍ଥିତ ।
ତାହା କରିବାକୁ ଗଲେ ଭାଷା ପ୍ରବନ୍ଧରେ
ଚଳୁଚାହିଁ ମୋ ଲେଖନୀ ପଦ୍ୟ ରଚନାରେ ।
ଅପାର କଷ୍ଟରେ ଯେବେ ଲେଖିବି ବିଚାରି
ତଥାପି ସେ କର୍ଣ୍ଣପ୍ରିୟ ନୋହିବ କାହାରି ।
କଳାକାଷ୍ଠା ମୁହୂର୍ତ୍ତକୁ ଘେନି ବୁଧଗଣ
କରିଛନ୍ତି ଏ କଥାରେ ତିଥି ନିରୂପଣ ।
ଏହି ବିଷୟରେ ମୋର ଦୋଷ ନ ଘେନିବ
ସନ୍ଦେହ ହୋଇଲେ ମୂଳ ସଂସ୍କୃତ ଦେଖିବ ।
ଅମାବାସ୍ୟା ପୂର୍ଣ୍ଣିମା ଏ ବେନି ରଜନୀରେ
ଚତୁର୍ଦ୍ଦଶୀ ଅଷ୍ଟମୀର ଦିବସ ଭାଗରେ ।
ଭୋଜନ କରଇ ଯେହୁ ଚାନ୍ଦ୍ରାୟଣ କଲେ
ତହିଁରୁ ନିଷ୍କୃତି ତାର ଲାଭହୁଏ ହେଲେ ।
ସୂର୍ଯ୍ୟ ଗ୍ରହଣରେ ଚାରି ପ୍ରହର ଆଗରୁ
ଭୋଜନ କରିବ ନାହିଁ ପରଦିନଠାରୁ ।
ଚନ୍ଦ୍ରଗ୍ରହଣର ତିନି ପ୍ରହର ପୂର୍ବରେ
ଭୋଜନ ବର୍ଜିବ ଲେଖା ରହିଛି ଶାସ୍ତ୍ରରେ ।
ଏହାକୁ ନମାନି ଯେହୁ ଭୋଜନ କରଇ
ଗୋମାଂସ ଭକ୍ଷଣ ସଂଗେ ସମାନ ଅଟଇ ।
ଚନ୍ଦ୍ର ସୂର୍ଯ୍ୟଦ୍ୱୟହେଲେ ଗ୍ରହଣରେ ଲୁକ୍ତ
ଅନ୍ନ ନ ଭକ୍ଷିବ ଦେଖାଯିବା ପରିଯନ୍ତ ।
ଉଦୟ ହେବାର ଯେବେ ଦେଖିବ ନେତ୍ରରେ
ସ୍ନାହାନ ସାରି ଭୋଜନ କରିବ ତୃପ୍ତିରେ ।
ତିଥିର ନିର୍ଣ୍ଣୟ ଜାଣି ଉପବାସ ବ୍ରତ
କରିଲେ ଅକ୍ଷୟ ଫଳ ନିଶ୍ଚେ ହୁଏ ପ୍ରାପ୍ତ ।
ବେଦରୁ ହୋଇଛି ସର୍ବଧର୍ମର ଉତ୍ପନ୍ନ
ସନ୍ତୋଷ ହୁଅନ୍ତି ସତ୍ୟଧର୍ମେ ଭଗବାନ ।
ଯେତେ ଧର୍ମ ପରାୟଣ ଅଛନ୍ତି ସଂସାରେ
ପରମ ପଦକୁ ଲାଭ କରନ୍ତି ସତ୍ୟରେ ।
ମନରେ ବାଞ୍ଛା କରନ୍ତି ଯେହୁ ଧର୍ମ ପାଇଁ
ବିଷ୍ଣୁଙ୍କ ସ୍ୱରୂପ ସାକ୍ଷାତରେ ଜାଣ ସେହି ।
ଭବ ବ୍ୟାଧି ବାଧି ନ ପାରଇ ସେମାନଙ୍କୁ
ସେ ଏକା ଜିଣନ୍ତି ଦୁଃଖମୟ ସଂସାରକୁ ।
ସେହି ହରିଙ୍କର ପଦ୍ମପାଦେ ରଖି ମନ
ଗୀତଛନ୍ଦେ ଭାବି କହେ କ୍ଷେତ୍ରବାସୀ ଦୀନ ।

ଇତି ଶ୍ରୀ ବୃହଦ୍ ନାରଦ ପୁରାଣେ
ତିଥି ନିର୍ଣ୍ଣୟ ବର୍ଣ୍ଣନେ ନାମ
ସପ୍ତବିଂଶୋଽଧ୍ୟାୟଃ ।

---●---

## ଅଷ୍ଟବିଂଶ ଅଧ୍ୟାୟ

## ପ୍ରାୟଶ୍ଚିତ ବିଧି କଥନ

ଏଥୁ ଅନନ୍ତରେ ସୁତ କହନ୍ତି ବୁଝାଇ
ଶୁଣ ସର୍ବ ଋଷିଗଣ ମନକର୍ଣ୍ଣ ଦେଇ ।
କହିବା ସଂକ୍ଷେପ ଭାବେ ପ୍ରାୟଶ୍ଚିତ୍ତ ବିଧି
ଯାହାକଲେ ପାପ ଛାଡ଼ି ଆତ୍ମା ହୁଏ ସିଦ୍ଧି ।
ଯେବଣ ପ୍ରାଶ୍ଚିତ୍ତେ ଆତ୍ମା ସିଦ୍ଧି ଲାଭକରେ
ସେ ସବୁ କର୍ମର ଫଳ ଲାଭକରି ପାରେ ।
ପ୍ରାୟଶ୍ଚିତ୍ତ ନ କରି ଯେ କର୍ମ କରୁଥାଇ
ତାକୁ ସେ କର୍ମର ଫଳ ପ୍ରାପତ ନୁହଇ ।
ବିନା ପ୍ରାୟଶ୍ଚିତ୍ତେ କର୍ମ ନୁହଇ ସଫଳ
ଏଣୁ ଏ ବାଞ୍ଛା କରିବ ଲଭିବାକୁ ଫଳ ।
ସେ କାମ କ୍ରୋଧକୁ ତେଜି ଶାସ୍ତ୍ରତତ୍ତ୍ୱ ଜାଣି
ପଣ୍ଡିତ ଆଉ ବିପ୍ରଙ୍କୁ ପଚାରିବ ପୁଣି ।
ଶାସ୍ତ୍ରଜ୍ଞ ପଣ୍ଡିତେ ଧର୍ମ କରିବେ ଯେପରି
ତା ପ୍ରତିପାଳିତ ଲବେ ଅନ୍ୟଥା ନ କରି ।
ନାରାୟଣ ପରାୟଣ ନୋହି ଯେତେ ବ୍ୟକ୍ତି
ପ୍ରାୟଶ୍ଚିତ୍ତାଦିର ଅନୁଷ୍ଠାନକୁ କରନ୍ତି ।
ସୁରାଭାଣ୍ଡ ପଡ଼ିଥିବା ସେ ନଦୀ ମଧ୍ୟରେ
ବିଶୁଦ୍ଧ ନୁହନ୍ତି ପ୍ରାୟଶ୍ଚିତ୍ତ କରିବାରେ ।
ବ୍ରହ୍ମଘାତୀ ଆଉ ସୁରାପାନୀ ବ୍ୟକ୍ତିଗଣ
ମହା ପାତକୀଙ୍କ ମଧ୍ୟେ ଅଟନ୍ତି ଏ ଗଣ୍ୟ ।
ଏମାନଙ୍କ ସହିତରେ ଚଳେ ଯେଉଁ ନର
ସେ ମଧ୍ୟ ଗଣନା ହୁଏ ପାପୀଙ୍କ ସଙ୍ଗର ।
ପତିତ ସଙ୍ଗରେ ଯେହୁ ଏକବର୍ଷ କାଳ
ଶୟନ ଭୋଜନ ଆଦି କରଇ ସକଳ ।
ସଂସର୍ଗ ଦୋଷରୁ ସେହୁ ହୁଅଇ ପତିତ
ସକଳ କାର୍ଯ୍ୟରେ ସେହୁ ହୁଅଇ ତ୍ୟକତ ।

Digitized by srujanika@gmail.com

ଜାଣି ଜାଣି ବ୍ରାହ୍ମଣକୁ ଯେ ବଧ କରଇ
ତାର ପ୍ରାୟଶ୍ଚିତ୍ତ ଏବେ ଶୁଣ କହୁଥାଇ ।
ଶିରଜଟା ବାନ୍ଧି କଉପୀନ ଯେ ପିନ୍ଧିବ
ମୃତ ଦ୍ୱିଜଙ୍କର କପାଳକୁ ଧରିଥିବ ।
ସେ ବିପ୍ର କପାଳ ଯଦି ନ ମିଳିବ ତାଙ୍କୁ
ବହନ କରିବ ଅନ୍ୟ ମୃତକପାଳକୁ ।
ହର ବ୍ରାହ୍ମଣର ଆଉ ଦ୍ରବ୍ୟ କିଛି ନେଇ
ତାହାକୁ ବହିବ ଧ୍ୱଜ ଦଣ୍ଡେ ଲୁଟକାଇ ।
ଏମନ୍ତ ବେଶରେ ବନେ ଗମନ କରିବ
ସଙ୍ଗଛାଡ଼ି ଏକା ହୋଇ ବନରେ ବୁଲିବ ।
ଗୋଟିଏ ମାତ୍ରକ ଥର ବନ ଫଳମୂଳ
ଭୋଜନ କରି ପିଇବ ଝରଣାର ଜଳ ।
ତ୍ରିକାଳରେ ସ୍ନାନକରି ସମ୍ୟକ ପ୍ରକାରେ
କରିବ ତ୍ରିକାଳ ସନ୍ଧ୍ୟା ଯଥା ନିୟମରେ ।
ବିଷ୍ଣୁଙ୍କୁ ସ୍ମରଣ କରି ପଶିବ ଶରଣ
ନ କରିବ ବେଦ ଅଧ୍ୟୟନ ଅଧ୍ୟାପନ ।
ଏହି ପରକାରେ ନାନା ତୀର୍ଥରେ ଭ୍ରମିବ
ଫଳମୂଳ ଭକ୍ଷ ଗ୍ରାମେ ଧାରଣ କରିବ ।
ଆବର ପ୍ରାଣ ରକ୍ଷଣେ ଯେବେ ଭିକ୍ଷାକର
ସେଥିରେ କଦାପି ହାନି ନ ହେବ ତୁମ୍ଭର ।
ସେହି ମୃତ କପାଳକୁ ହସ୍ତେ ଧରିଥିବ
ହରିନାମ ଜପି ଗୃହୀ ଦୁଆରେ ମିଳିବ ।
ଉଚ୍ଚରେ ବୋଲିବ ବ୍ରହ୍ମହତ୍ୟା ମୁଁ କରିଛି
କେ ଅଛ ଏ ଗୃହେ ଭିକ୍ଷା ଦିଅ ମୋତେ କିଛି ।
ଏମନ୍ତ କହିଣ ସାତ ଦ୍ୱାରରେ ମାଗିବ
ଆଉ ନ ମାଗିବ ସେହିଠାରୁ ବାହୁଡ଼ିବ ।
ସେ ସାତ ଗୃହରୁ ଭିକ୍ଷା ପାଇଥିବ ଯାହା
ଉଦରପୋଷିବ ସନ୍ତୁଷ୍ଟରେ ଖାଇ ତାହା ।
ବ୍ରାହ୍ମଣ କ୍ଷତ୍ରିୟ ଶୂଦ୍ର ବୈଶ୍ୟ ଚାରି ଜଣ
କିବା ବ୍ରାହ୍ମଣକୁ ଆଦି ଯେଉଁ ତିନି ବର୍ଣ୍ଣ ।
ତାଙ୍କ ନିକଟରୁ ଭିକ୍ଷା ମାଗି ତା ଘେନିବ
ଜଟୁ ତିକ୍ତ ବିବେଚନା ନ କରି ଖାଇବ ।
ଦିନକୁ ଗୋଟିଏ ଥର କରିବ ଆହାର
ପ୍ରାଣ ଗଲେ ସୁଦ୍ଧା ନ ଖାଇବ ଦୁଇଥର ।
ବ୍ରହ୍ମଦା ବ୍ୟକତି ହରି ପରାୟଣ ହୋଇ
କାଳ କଟାଇବ ଏହି ନିୟମରେ ରହି ।

ବାରବର୍ଷ ଯାଏ କଲେ ଏ କଠୋର ବ୍ରତ
ବ୍ରହ୍ମହତ୍ୟା ପାତକରୁ ହୋଇବ ମୁକତ ।
କର୍ମ କରିବାକୁ ଅର୍ହ ହେବ ତହିଁପରେ
ପ୍ରାୟଶ୍ଚିତ୍ତ ବିନା ପାପ ନ ଛାଡ଼େ କାହିଁରେ ।
ଆବର କଥାଏ ମଧ ଶୁଣ କହୁଥାଇ
ବାରବର୍ଷକାଳ କିଛି ଅଳପ ନୁହଇ ।
ବେଳେ ମାତ୍ର ଖାଇ ମୃତ କପାଳକୁ ଧରି
ବନେ ବୁଲୁଥିବ ଦୃଢ଼ ବ୍ରତକୁ ଆଚରି ।
ଏ ମଧ୍ୟେ ବ୍ୟାଘ୍ରାଦି ଦୁଷ୍ଟ ଜନ୍ତୁମୁଖେ ପଡ଼ି
କି ଅବା ରୋଗରେ ଯେବେ ପ୍ରାଣ ଦେବ ଛାଡ଼ି ।
ତେବେ କଲା ପାତକରୁ ହେବ ସେ ମୁକତ
ଏ କଥା ଅଟଇ ଧର୍ମ ଶାସ୍ତ୍ରର ସମ୍ମତ ।
ଯେ ମହା ପାତକୀ ସେହି ଗୋ ବ୍ରାହ୍ମଣ ତହିଁ
ମରିଲେ ସେ ପାପ ତାର ଅଙ୍ଗେ ନ ରହଇ ।
ଶ୍ରେଷ୍ଠ ଶ୍ରେଷ୍ଠ ବ୍ରାହ୍ମଣଙ୍କୁ ଏକାୟୁତ ଗାଈ
ଦାନ କଲେ ମହାପାପ ଅଙ୍ଗରୁ ଛାଡ଼ଇ ।
ଏହିସବୁ ପ୍ରାୟଶ୍ଚିତ୍ତ ମଧ୍ୟରୁ ଗୋଟିଏ
ଯେ କରେ ତାଠାରୁ ବ୍ରହ୍ମହତ୍ୟା ଛାଡ଼ିଯାଏ ।
ପାପ ହୁଡ଼ିଗଲେ ଦେହ ଶୁଦ୍ଧିହୁଏ ତାର
ସକଳ କର୍ମକୁ ଅର୍ହ ହୁଅଇ ସେ ନର ।
ଯେ ଦିକ୍ଷୀତ କ୍ଷତ୍ରିୟକୁ କରଇ ନିହତ
ସେ ହନ୍ତା କରିବ ବ୍ରହ୍ମବଧ ପ୍ରାୟଶ୍ଚିତ୍ତ ।
କିବା ପ୍ରଜ୍ୱଳିତ ଅଗ୍ନି ମଧ୍ୟରେ ପଶିବ
ନୋହିଲେ ଉଚ୍ଚରୁ ପଡ଼ି ପ୍ରାଣ ବିସର୍ଜିବ ।
କର୍ମରେ ଦୀକ୍ଷିତ ଥିବ ଯେବଣ ବ୍ରାହ୍ମଣ
ତାକୁ ବଧକଲେ ପାପ ହୁଅଇ ଦ୍ୱିଗୁଣ ।
ବ୍ରହ୍ମହତ୍ୟା ପ୍ରାୟଶ୍ଚିତ୍ତକୁ ସେ ଦୁଇବାର
କରିଲେ ସେ ପାତକରୁ ହୋଇବ ଉଦ୍ଧାର ।
ଆଚାର୍ଯ୍ୟ ପ୍ରଭୃତି ବ୍ରାହ୍ମଣକୁ କଲେ ହତ
ଚତୁର୍ଗୁଣ ହେବ ବ୍ରାହ୍ମବଧ ପ୍ରାୟଶ୍ଚିତ୍ତ ।
ବ୍ରାହ୍ମଣ ମାତ୍ରକେ ହତ୍ୟା କରିବ ଯେ ନର
ସେ ପାଳିବ ଏ ବ୍ରତକୁ ଏକ ସମ୍ବତ୍ସର ।
ବ୍ରାହ୍ମଣ ପକ୍ଷରେ ଏହି ପ୍ରାୟଶ୍ଚିତ୍ତ ଜାଣ
କ୍ଷତ୍ରିୟ କରିବ ଏହିଠାରୁ ଦୁଇଗୁଣ ।
କ୍ଷତ୍ରୀ ଅପେକ୍ଷାରେ ତିନିଗୁଣ ବୈଶ୍ୟଜାତି
ପ୍ରାୟଶ୍ଚିତ୍ତ କଲେ ପାତକରୁ ନିସ୍ତରନ୍ତି ।

Digitized by srujanika@gmail.com

ଧର୍ମଶାସ୍ତ୍ରେ ସୁପଣ୍ଡିତଗଣ ଛନ୍ତି କହି
ଶୂଦ୍ର ଯେବେ ବ୍ରାହ୍ମଣକୁ ନିହତ କରଇ ।
ସେ ଶୂଦ୍ରଙ୍କୁ ମୂଷଳରେ ନ କଲେ ନିଧନ
ଅନ୍ୟ ପ୍ରାୟଶ୍ଚିତ୍ତ ନାହିଁ ତା ପାଇଁରେ ଜାଣ ।
ବ୍ରାହ୍ମଣ ବଧରେ ଅର୍ଦ୍ଧ ପ୍ରାୟଶ୍ଚିତ୍ତ ହୁଏ
କନ୍ୟାବଧେ ପାଦେ ପ୍ରାୟଶ୍ଚିତ୍ତ କରାଯାଏ ।
ଅନୁପନୀତକୁ ବଧ କରିଲେ ତା ପାଇଁ
ପାଦେ ପ୍ରାୟଶ୍ଚିତ୍ତ ହେବ ବୋଲି ଛନ୍ତି କହି ।
ବ୍ରାହ୍ମଣ କରଇ ଯେବେ କ୍ଷତ୍ରିୟକୁ ହତ
ଛବର୍ଷ ପାଳିବ ସେହୁ ପ୍ରଜାପାତ୍ୟ ବ୍ରତ ।
ବୈଶ୍ୟକୁ ବଧିଲେ ତିନି ବରଷ ପାଳିବ
ଶୂଦ୍ରବଧେ ଏକବର୍ଷ କଲେ ନିସ୍ତରିବ ।
ଯେ ଦୀକ୍ଷିତ ବ୍ରାହ୍ମଣର ବ୍ରାହ୍ମଣୀକି ମାରେ
ଆଠବର୍ଷ ବ୍ରହ୍ମହତ୍ୟା ବ୍ରତେ ସେ ନିସ୍ତରେ ।
ସ୍ତ୍ରୀ ବାଳକ ବୃଦ୍ଧ ରୋଗୀ ଏମାନଙ୍କ ପାଇଁ
ଅଦ୍ଧ ପ୍ରାୟଶ୍ଚିତ୍ତ ନିରୂପିତ ଅଛି ହୋଇ ।
ସକଳ ପାପରେ ଅର୍ଦ୍ଧମାତ୍ରା ପ୍ରାୟଶ୍ଚିତ୍ତ
ଏ ଚାରିଙ୍କ ପାଇଁ ଶାସ୍ତ୍ର ହୋଇଅଛି ଉକ୍ତ ।
ଗୋଡ଼ୀ ସାଧ୍ୱୀ ପେଷ୍ଟା ନାମେ ତିନିପରକାର
ସୁରା ହେଉଅଛି ଜଗତରେ ଆବିଷ୍କାର ।
ବ୍ରାହ୍ମଣ କ୍ଷତ୍ରିୟ ବୈଶ୍ୟ ଶୂଦ୍ର ସ୍ତିରୀଗଣ
ନ କରିବ କେଭେ କେହି ଏ ସୁରାକୁ ପାନ ।
ଯେ ପାନ କରିବ ତାହାପାଇଁ ପ୍ରାୟଶ୍ଚିତ୍ତ
ଶ୍ରବଣ କର ସକଳେ ଯା ହୋଇଛି ବ୍ୟକ୍ତ ।
ଘୃତ କ୍ଷୀର ଗୋରୁ ମୂତ୍ର ଏ ତିନିରୁ ଏକ
ଅଗ୍ନି ପରାୟେ ଅନଳେ କରିବ ଯେ ପାକ ।
ଆପେ ସ୍ନାନ ସାରି ଓଦାବସ୍ତ୍ରକୁ ପିନ୍ଧିଣ
ହରିଙ୍କୁ ସ୍ମରିବ ଚିତ୍ତେ ବିଶୁଦ୍ଧ ଭାବେଣ ।
ସେ ସଂତପ୍ତ ପଦାର୍ଥରୁ ଚାରି ଫଳ ଆଣି
ଲୌହ ପାତ୍ର ଅବା ତମ୍ବା ପାତ୍ରମଧେ ଘେନି ।
କିବା ଆନ ଧାତୁ ପାତ୍ରେ ଗ୍ରହଣ କରିବ
ପାନକରି ତାହା ପ୍ରିୟ ପରାଣ ତେଜିବ ।
ସୁରାପାୟୀ ବ୍ୟକ୍ତି ଏହି ପରାୟ ପ୍ରାଶ୍ଚିତ
କରିଲେ ତାହାର ପାପ ନାଶିବ ସମସ୍ତ ।
ତା ନୋହିଲେ ଅନ୍ୟମାର୍ଗେ ବୁଦ୍ଧି ତାର ନାହିଁ
ପଣ୍ଡିତେ ଏ କଥା ଧର୍ମଶାସ୍ତ୍ରେ ଛନ୍ତି କହି ।

ବ୍ରାହ୍ମଣ କ୍ଷତ୍ରିୟ ବୈଶ୍ୟ ଏ ତିନିହେଁ ଜାଣ
ଅଜ୍ଞାତରେ ଜଳ ବୋଲି ସୁରା କଲେପାନ ।
ବ୍ରହ୍ମହତ୍ୟା ବ୍ରତକୁ ଯେ ଆଚରଣ କରି
ସେ ଅଜ୍ଞାନ କୃତ ପାତକରୁ ହେବ ପାରି ।
ବ୍ରହ୍ମହତ୍ୟା ପ୍ରାୟଶ୍ଚିତ୍ତେ ଅଛି ଯେଉଁ ଚିହ୍ନ
ନ କରିବେ କେହି ସେହି ଚିହ୍ନକୁ ଧାରଣ ।
ଯେଉଁମାନେ ରୋଗନାଶ ହେବାର ନିମନ୍ତେ
ସୁରାପାନ କରିଥାନ୍ତି ଔଷଧ ସହିତେ ।
ସେମାନେ ପୁନର୍ପି ଉପନୟନ ହୋଇଣ
ଆବର କରିବେ ଦୁଇ ଗୋଟି ଚାନ୍ଦ୍ରାୟଣ ।
ବ୍ରାହ୍ମଣ ପକ୍ଷରେ ଉପନୟନ ସଂସ୍କାର
ଚାନ୍ଦ୍ରାୟଣ ଶୁଦ୍ଧ ହୁଏ କ୍ଷତ୍ରିୟ ବୈଶ୍ୟର ।
ସୁରା ମିଶ୍ରିତ ଅନ୍ନ ଯେ ଭୋଜନ କରଇ
କିବା ସୁରା ପାତ୍ରେ ଥିବା ଜଳକୁ ପିଅଇ ।
ସୁରା ଯୋଗୁ ଆର୍ଦ୍ର ହୋଇଥିବା ଦ୍ରବ୍ୟମାନ
ଭକ୍ଷିଲେ ହୁଅଇ ସୁରା ପାତ୍ର ସଂଗେ ସମ ।
ନାରିକେଳ ଜଳ ଗୌଡ଼ୀ ସୁରା ସାଧ୍ୱୀ ପୁଣ
ଏକାଦଶ ପ୍ରକାରେ ଏ ମଦ୍ୟ ଅଟେ ଜାଣ ।
ଏ ଏକାଦଶ ମଦରୁ ବ୍ରାହ୍ମଣ ଗୋଟିଏ
ମଦ୍ୟ ପିଇବାକୁ କେତେ ମାତ୍ରେ ଅର୍ହ ନୋହେ ।
ଏହିମାନଙ୍କ ମଧ୍ୟରୁ ଯାହାକୁ ବ୍ରାହ୍ମଣ
ଜ୍ଞାନ ପୂର୍ବକରେ ଯଦି କରିଥିବ ପାନ ।
ପୁନରପି ତାର ଉପନୟନ ହୋଇଲେ
ଆବର ସେ ତପ୍ତ କୃଚ୍ଛ୍ର ନାଶ ବ୍ରତକଲେ ।
ସେ ମହା ପାପରୁ ହୋଇଥାଏ ସେ ମୁକତ
ଅନ୍ୟ ଉପାୟରେ ହେବା ନୁହେଁ ମାତ୍ର ସତ ।
ସ୍ୱର୍ଣ୍ଣ ଚୋରୀ କଲେ ମହାପାପ ହୁଏ ଜାଣ
ତହିଁର ଯେ ପ୍ରାୟଶ୍ଚିତ୍ତ କହୁଅଛି ଶୁଣ ।
ଜ୍ଞାନ ପୂର୍ବକରେ ବ୍ରାହ୍ମଣର ଯେ ସୁବର୍ଣ୍ଣ
ଲୋଭାକୃଷ୍ଟ ମାନସରେ କରଇ ହରଣ ।
କପାଳ ଧ୍ୱଜକୁ ନ ଧରି ସେ ବାରବର୍ଷ
ବ୍ରହ୍ମହତ୍ୟା ବ୍ରତକଲେ ପାପ ଯାଏ ନାଶ ।
ଗୁରୁ ଯଜ୍ଞକାରୀ ଧର୍ମନିଷ୍ଠ ଶ୍ରୋତ୍ରିୟର
ସୁବର୍ଣ୍ଣକୁ ଅପହୃତ କରେ ଯେଉଁ ନର ।
ତାହାର ପାପକୁ ଜାଣ ପ୍ରାୟଶ୍ଚିତ୍ତ ନାହିଁ
ଧର୍ମ ଶାସ୍ତ୍ର ଅନୁକ୍ଷଣ କଲେ ଦିଶୁନାହିଁ ।

Digitized by srujanika@gmail.com

ଯେବଣ ପାପିଷ୍ଠ କରିଥିବ ସୁନାଚୋରୀ
ସେ ନିଜର ମନେ ମନେ ଅନୁତାପ କରି ।
ଲେପନ କରିଣ ଘୃତ ସାରା ଶରୀରରେ
ଆଚ୍ଛାଦିବ ଗୋମୟକୁ ଯତନ ପ୍ରକାରେ ।
ସୂର୍ଯ୍ୟ କିରଣେ ଶୁଖାଇ ସେହି ଗୋମୟକୁ
ଜ୍ୱଳନ୍ତା ଅନଳେ ପଶି ପୋଡ଼ିବ ତାହାକୁ ।
ଏହିପରି କଲେ ସ୍ୱର୍ଣ୍ଣ ହରଣର ଦୋଷ
ବିନାଶ ହୋଇବ ଶୁଣ ସକଳ ତାପସ ।
କ୍ଷତ୍ରୀ ଯେବେ ବ୍ରାହ୍ମଣର ସ୍ୱର୍ଣ୍ଣ ହରିଥିବ
ଅଶ୍ୱମେଧ ଯଜ୍ଞ କଲେ ତହିଁରୁ ତରିବ ।
ଆପଣା ଓଜନ ସୁନା ତିନିଶତ ଗାଈ
ଦାନକଲେ ସେ ପାପରୁ ଜନେ ମୁକ୍ତ ହୋଇ ।
ବ୍ରାହ୍ମଣର ସ୍ୱର୍ଣ୍ଣ କରିଥିଲେ ଅପହୃତ
ପର ମୁହୂର୍ତ୍ତରେ ଯେ ହୋଇଣ ଅନୁତପ୍ତ ।
ସେହି ବ୍ରାହ୍ମଣର ତାହା ଫେରାଇଣ ଦେବ
ତହିଁପରେ ସାନ୍ତପନ ବ୍ରତକୁ ପାଳିବ ।
ଦ୍ୱାଦଶ ବରଷ ଯାଏ କରିଲେ ଏ ବ୍ରତ
ସେ ମହାପାପରୁ ଅବା ହୋଇବ ମୁକତ ।
ଏମନ୍ତ ନ କଲେ ସେହୁ ପତିତ ହୁଅଇ
କୌଣସି କର୍ମରେ ତାର ଅଧିକାର ନାହିଁ ।
ସ୍ୱର୍ଣ୍ଣ ତୁଲ୍ୟ ମୁଲ୍ୟବାନ ରତ୍ନ ଯେ ଆସନ
ସ୍ତ୍ରୀ ଭୂମି ମନୁଷ୍ୟ ତେଣୁ ପ୍ରଭୃତି ଏମାନ ।
ଯେବଣ ଦୁରାତ୍ମା କରି ଥିବ ଅପହୃତ
ସେ ମୁକ୍ତ ହୋଇବ କଲେ ଅର୍ଦ୍ଧ ପ୍ରାୟଶ୍ଚିତ୍ତ ।
ତ୍ରସରେଣୁ ପରିମିତା ସୁନା କଲେ ଚୋରୀ
ମୁକ୍ତ ହେବ ଦୁଇବାର ପ୍ରାଣାୟାମ କରି ।
ନିଷ୍କପ୍ରମାଣରେ ସୁନା କରିଲେ ହରଣ
ତାପାଇଁ କରିବ ତିନିବାର ପ୍ରାଣାୟାମ ।
ରାଜସର୍ଷପ ପ୍ରମାଣେ ସୁନା ଚୋରି କଲେ
ଚାରିବାର ପ୍ରାଣାୟାମ କରିବ ସେ ଭଲେ ।
ଗୋସର୍ଷପ ପ୍ରମାଣରେ ହରିଲେ କାଞ୍ଚନ
ତହିଁକି ଯେ ପ୍ରାୟଶ୍ଚିତ୍ତ ତା କହୁଛି ଶୁଣ ।
ଯଥା ବିଧାନରେ ସ୍ନାନ କରିଣ ଆସିବ
ଅଷ୍ଟୋତ୍ତର ସହସ୍ରେବାର ଗାୟତ୍ରୀ ଜପିବ ।
ଯବ ପ୍ରମାଣରେ ସ୍ୱର୍ଣ୍ଣ କରିଥିଲେ ଚୋରି
ପାପରୁ ତରିବ ସାନ୍ତପନ ବ୍ରତ କରି ।

ଦୁଇଯବ ଚୋରି କଲେ ପ୍ରାତୁ ସନ୍ଧ୍ୟାଯାଏ
ଗାୟତ୍ରୀ ଜପିଲେ ସେ ପାତକ ଦୂର ହୁଏ ।
ମାସ ପରିମିତ ସ୍ୱର୍ଣ୍ଣ କଲେ ଅପହୃତ
ଶୁଣ ଋଷିଗଣେ ତହିଁକି ଯେ ପ୍ରାୟଶ୍ଚିତ୍ତ ।
ତିନିମାସ ପରିଯନ୍ତେ ଦେବପୂଜାକରି
ନିୟମେ ରହିବ ନାରାୟଣଙ୍କୁ ସୁମରି ।
ଗୋମୂତ୍ରରେ ପକ୍ୱ ହେବା ଯବ ସେ ଭୋଜନ
କରିଲେ ସେ ପାପ ପାର ଦୂର ହୁଏ ଜାଣ ।
ସ୍ୱର୍ଣ୍ଣରୁ କିଞ୍ଚିତେ ନ୍ୟୁନ ହରଣ ଯେ କରେ
ସେ ଗୋମୂତ୍ର ପକ୍ୱଯବ ଖାଇ ନିୟମରେ ।
ବିଶୁଦ୍ଧ ହୋଇବ ଏକ ବରଷକ ଅନ୍ତେ
ଏଥୁଁ ଅନ୍ୟ ପ୍ରାୟଶ୍ଚିତ୍ତ ନାହିଁ ତା ନିମନ୍ତେ ।
ସମ୍ପୂର୍ଣ୍ଣ ସୁବର୍ଣ୍ଣ ଚୋରି କରେ ଯେଉଁ ନର
ସାବଧାନ ହୋଇ ଶୁଣ ପ୍ରାୟଶ୍ଚିତ୍ତ ତାର ।
ବାରବର୍ଷ ଯାଏ ବ୍ରହ୍ମହତ୍ୟା ପ୍ରାୟଶ୍ଚିତ୍ତ
ଯଥା ନିୟମରେ କଲେ ହୁଅଇ ମୁକତ ।
ବର୍ଷେ ପ୍ରମାଣରେ ରୌପ୍ୟ କରିଲେ ହରଣ
ସାନ୍ତପନ କରି ମୁକ୍ତ ହୁଅଇ ସେ ଜାଣ ।
ନ କରିବା ଯାଏ ପାପୀ ହୋଇ ରହିଥାଏ
ମଲେ ସେ ପାପରୁ ଘୋର ନର୍କଗତି ପାଏ ।
ଦୁଇ ନିଷ୍କଠାରୁ ଦଶନିଷ୍କ ପରିଯନ୍ତେ
ରୌପ୍ୟ ଚୋରି ପାପ ଯାଏ ଚାନ୍ଦ୍ରାୟଣବ୍ରତେ ।
ଦଶନିଷ୍କଠାରୁ ଏକଶତ ନିଷ୍କ ହେଲେ
ପାପ ଯାଏ ଦୁଇପ୍ରୋଟି ଚାନ୍ଦ୍ରାୟଣ କଲେ ।
ଶତରୁ ସହସ୍ରେ ନିଷ୍କ ହେବାଯାଏ ରୌପ୍ୟ
ଅପହୃତ କରିନେଲେ ହୁଏ ଯେଉଁ ପାପ ।
ସେ ପାପ ଖଣ୍ଡନ ହୁଏ ତିନି ଚାନ୍ଦ୍ରାୟଣେ
ଏ ବିଧି ନିଶ୍ଚୟ କରିଛନ୍ତି ବୁଧଗଣେ ।
ଏଥିରୁ ଅଧିକହେଲେ ବ୍ରହ୍ମହତ୍ୟା ବ୍ରତ
ପାଳନ କରି ସେ ପାପୀ ହୁଅଇ ମୁକତ ।
ସହସ୍ରେ ନିଷ୍କପରିମିତ କାଂସ୍ୟ ବା ପିତ୍ତଳ
କିବା ଲୌହକାନ୍ତ ମଣି ହରେ ଯେ ଚଣ୍ଡାଳ ।
ପରାକ ବ୍ରତକୁ କଲେ ପାପ ତାର ଯାଏ
ନୋହିଲେ ନିଷ୍କୃତ ନାହିଁ ଅପାର ଉପାୟେ ।
ରତ୍ନାଦି ହରଣେ ରୌପ୍ୟ ହୁଏ ପ୍ରାୟଶ୍ଚିତ୍ତ
କଲେ ସେ ପାପରୁ ପାପୀ ହୁଅଇ ମୁକତ ।

Digitized by srujanika@gmail.com

ଏଥୁଅନ୍ତେ ମନ ଦେଇ ଋଷିଗଣେ ଶୁଣ
ଗୁରୁତଳ୍ପଗାମୀ ପ୍ରାୟଶ୍ଚିତ୍ତର ବିଧାନ ।
ଅଜ୍ଞାନରେ ନିଜମାତା କିବା ବିମାତାର
ସଙ୍ଗତରେ ଉପଗତ ହୁଏ ଯେଉଁ ନର ।
ସେ ନିଜର ମୁଷ୍କଦ୍ୱୟ କାଟି କରି ନିଜେ
କରିଥିବ ପାପ କହି ନରଙ୍କ ସମାଜେ ।
ସେ ଛିନ୍ନ ମୁଷ୍କକୁ ଧରି ନଇର୍ଋତ ଦିଗେ
ଗମନ କରିବ କେହି ନଥିବେ ତା ସଂଗେ ।
ଗମନ କାଳରେ ତାର ବଦନକୁ ଚାହିଁ
ନ ଯା ବୋଲି ନିବାରଣ ନ କରିବ କେହି ।
ପଛକୁ ନ ଚାହିଁ ସେହୁ ପ୍ରାଣ ଯିବା ଯାଏ
ଗମନ କରିଲେ ତାର ପାପ କ୍ଷୟ ହୁଏ ।
କିବା ମୁଷ୍କକାଟି ନିଜ ପାପକୁ କରିଣ
ଉଚ୍ଚରୁ ତଳକୁ ପଡ଼ି ହରାଇଲେ ପ୍ରାଣ ।
ସେ ଘୋର ପାପରୁ ମୁକ୍ତ ହୁଅଇ ତହିଁରେ
ଅନ୍ୟ ପ୍ରାୟଶ୍ଚିତ୍ତ ଆଉ ନାହିଁ ତା ପାଇଁରେ ।
ଅଜ୍ଞାନେ ସବର୍ଣ୍ଣା ଅବା ଶ୍ରେଷ୍ଠବର୍ଣ୍ଣା ସ୍ତିରୀ
ସହବାସ କଲେ ବ୍ରହ୍ମହତ୍ୟା ସଂଗେ ସରି ।
ତେଣୁ ସାବଧାନ ହୋଇ ଦ୍ୱାଦଶ ବରଷ
ବ୍ରହ୍ମହତ୍ୟା ବ୍ରତ କଲେ ପାପଯାଏ ନାଶ ।
ସବର୍ଣ୍ଣା ଉତ୍ତମବର୍ଣ୍ଣା ରମଣୀର ସଂଗେ
ପୁନଃ ପୁନଃ ପ୍ରବର୍ତ୍ତଇ ଯେହୁ କାମ ଭୋଗେ ।
କରୀଷ ଅନଳେ ଆପଣାକୁ ଦଗ୍ଧକରେ
ଶାସ୍ତ୍ରକାର ବୋଲେ ସେହି ସେ ପାପରୁତରେ
ଅଜ୍ଞାନରେ ମାତୃ ସହବାସ କରୁଥିବ
ରେତ ସ୍ଖଳିତ ହେବାର ପୂର୍ବରୁ ତେଜିବ ।
ତେବେ ବ୍ରହ୍ମହତ୍ୟା ବ୍ରତ କରିବ ପାଳନ
ରେତ ପାତେ ପୋଡ଼ିଦେବ ନିଜକୁ ସେ ଜାଣ ।
ସବର୍ଣ୍ଣା ଉତ୍ତମବର୍ଣ୍ଣା ଠାରେ ବୀର୍ଯ୍ୟପାତ
ନୋହିବା ପୂର୍ବରୁ ଯଦି ହୋଇବ ନିବୃତ୍ତ ।
ସେଠାବରେ ସେହିପରି ବ୍ରହ୍ମହତ୍ୟା ବ୍ରତ
ପାଳନ କରିବ ଜାଣ ଅଟଇ ବିହିତ ।
ପିତାର କ୍ଷତ୍ରିୟ ଭାର୍ଯ୍ୟା ସହିତେ ବ୍ରାହ୍ମଣ
କାମ ଉଦ୍‌ବେଗେ ଯଦି କରିଲା ରମଣ ।
ତେବେ ବିଷ୍ଣୁ ନାମ ଜପକରି ନଅବର୍ଷେ
ବ୍ରହ୍ମହତ୍ୟା ବ୍ରତକଲେ ପାପ ଯାଏ ନାଶ ।

ଆବର ଯେ ପିତା ବେଶ୍ୟା ପତ୍ନୀରେ ଗମନ
କରିବେ କହୁଛି ତାର ପ୍ରାୟଶ୍ଚିତ୍ତ ଶୁଣ ।
ଛଅବର୍ଷ ବ୍ୟାପି ଯଦି ପ୍ରଜାପାତ୍ୟ ବ୍ରତ
ପାଳନ କରିବ ପାପୁ ହୋଇବ ମୁକତ ।
ପିତାର ଶୂଦ୍ର ରମଣୀ ସହିତେ ରମଣ
କଲେ ଏ ବ୍ରତ ପାଳିବ ତିନିବର୍ଷ ଜାଣ ।
ପୁଣି ପିଉସୀ ମାଉସୀ ସହିତରେ ଯେହି
ମାତୁଳ ପତ୍ନୀ ସଙ୍ଗରେ ସୁରତି କରଇ ।
ଆପଣା କନ୍ୟା ବା ଶାଶୁ ସହିତେ ଗମନ
କଲେ ଯା ମିଳଇ ଫଳ ଶୁଣ ଦେଇମନ ।
ଥରେ କିବା ଦୁଇଥର ଯେହୁ ଗମିଥିବ
ବ୍ରହ୍ମହତ୍ୟା ବ୍ରତକଲେ ମୋକ୍ଷଣ ହୋଇବ ।
ଏକଇ ବାର ଗମନ ଏକବର୍ଷ ଜାଣ
ଏପରି କ୍ରମାନ୍ୱୟରେ କରିବ ପାଳନ ।
ଏକଥା ନକଲେ ଅନ୍ୟ ବାଟରେ ତାହାର
ମୁକ୍ତ ହୋଇବାରେ ପଥ ନାହିଁ ମନେକର ।
ପୁଶ୍ଚଳୀ ଆବର ପୁତ୍ରବଧୂ ଚଣ୍ଡାଳୁଣୀ
ବନ୍ଧୁର ଗୃହିଣୀ ଶିଷ୍ୟ ଭଗିନୀ ଗୃହିଣୀ ।
ଏହାଙ୍କ ସହିତେ ଯେହୁ ରତିକ୍ରୀଡ଼ା କରେ
ଛଅବର୍ଷ ବ୍ରହ୍ମହତ୍ୟା ବ୍ରତ ସେହୁ କରେ ।
ମହାପାପୀମାନଙ୍କର ମିତ୍ରତାରେ ଜାଣ
ଲାଗଇ ଯେ ପାପ ତାହା ମନଦେଇ ଶୁଣ ।
ବିଧି ବିଧାନରେ ଯେହୁ କରି ପ୍ରାୟଶ୍ଚିତ୍ତ
ପାପନାଶି ପରିଶୁଦ୍ଧ କରିଥିବ ଗାତ୍ର ।
କର୍ମ ଫଳ ଲାଭରେ ସେ ହୁଅଇ ସମର୍ଥ
ବେଦର ବଚନ ଏହା କହିଲଇଁ ସତ୍ୟ ।
ବ୍ରାହ୍ମଣୀ ସଙ୍ଗରେ ଯେହୁ ପ୍ରୀତିରେ ମଜ୍ଜଇ
ବିନା ବ୍ରହ୍ମହତ୍ୟା ଦୋଷେ ସେହୁ ନ ତରଇ ।
ସୁରାସେବି ସଙ୍ଗତରେ ହୋଇଥିଲେ ରତ
ବିଧାନେ କରିବ ସୁରାପାନ ପ୍ରାୟଶ୍ଚିତ୍ତ ।
ଅଜ୍ଞାନରେମହାପାପୀ ସଂଗେ ପାଞ୍ଚଦିନ
ଯେ ବ୍ୟକ୍ତି ଦୈବଯୋଗରେ ଥିବ ଯେ ମିଶିଣ ।
ପ୍ରଜାପାତ୍ୟ ବ୍ରତ ସେହୁ ନ କଲେ ପାଳନ
ନ ତରିବେ ଶାସ୍ତ୍ରେ ଏହା ହୋଇଛି ଲିଖନ ।
ମହା ସନ୍ତାପନ କଲେ ବାରବର୍ଷ ଯାଏ
କଲେ ସେ ପାପରୁମୁକ୍ତି ଲାଭ ଜାଣ ହୁଏ ।

Digitized by srujanika@gmail.com

ପାଞ୍ଚଦଶ ଦିନ ସଂସର୍ଗରେ ଦିବାରାତ୍ର
ଉପବାସ କଲେ ପୂତ ହୁଅଇ ତା ଗାତ୍ର ।
କରିଥିବ ସେ ସଂସର୍ଗ ଏକମାସ ଯାଏ
ସେ ପରାକ ବ୍ରତକଲେ ତରିବ ନିଶ୍ଚୟେ ।
ଦୁଇମାସ ସଂସର୍ଗରେ ଚାନ୍ଦ୍ରାୟଣ ବ୍ରତ
କରିଲେ ବିଧାନେ ପାପୁଁ ହୋଇବ ମୁକତ ।
ଷଡ଼ମାସ କରିଥିବ ସଂସର୍ଗ ଯେ ଜନ
ସେ ମୋକ୍ଷ ହୋଇବ କଲେ ତିନି ଚାନ୍ଦ୍ରାୟଣ ।
ଅବ୍ଦଊଣା ଅଧେ ଯେ ସଂସର୍ଗ କରିଥିବ
ଷଡ଼ମାସ ବ୍ରତକଲେ ନିସ୍ତରିଣ ଯିବ ।
ଅଜ୍ଞାନେ ସଂସର୍ଗେ ଏହି ପ୍ରାୟଶ୍ଚିତ୍ତ ଜାଣ
ଜ୍ଞାନ ସଂସର୍ଗରେ ଦ୍ୱିଗୁଣ ବା ତିନିଗୁଣ ।
ମଣ୍ଡୁକ ନକୁଳ ଛାଗ ମାର୍ଜାର ମୂଷିକ
ବରାହ କୁକୁଟ ମେଷ କୁକୁର ଯେ କାକ ।
ଇତ୍ୟାଦି ଜୀବଙ୍କୁ ଯେହୁ କରିଥିବ ହତ
ସେ କରିବ ଅର୍ଦ୍ଧ ପ୍ରଜାପାତ୍ୟ ପ୍ରାୟଶ୍ଚିତ୍ତ ।
ଇତ୍ୟାଦି ଜୀବଙ୍କୁ ଯେହୁ କରିଥିବ ହତ
ଅଶ୍ୱବଧେ ପ୍ରଜାପାତ୍ୟ କରି ପ୍ରାୟଶ୍ଚିତ୍ତ ।
ଅଶ୍ୱବଧେ ପ୍ରଜାପାତ୍ୟ ତ୍ରୟକୁ କରିବ
ହସ୍ତୀ ବଧ କଲେ ତପ୍ତକୃଚ୍ଛ୍ର ଆଚରିବ ।
ଗୋବଧେ ପରାକ ବ୍ରତ କର ପାପୀଜନ
ମୁକ୍ତ ହେବାପାଇଁ ହେବ ଶାସ୍ତ୍ରର ବିଧାନ ।
ଏ ପରାକ ବ୍ରତ ବୈଶ୍ୟମାନଙ୍କର ପାଇଁ
ଅଜ୍ଞାନରେ ଗୋବଧକେ ଯେବେ କରିଥାଇ ।
ଜ୍ଞାନ ପୂର୍ବକରେ ଗୋହତ୍ୟ ଯେ କରିଅଛି
ତାହାପାଇଁ ପ୍ରାୟଶ୍ଚିତ୍ତ ବିଧି ନାହିଁ କିଛି ।
ଏହାର ଯେ ଗୁଢ଼ଅର୍ଥ ତା କହୁଛି ମୁହିଁ
ଶୁଣ ଋଷିଗଣ ମୋ କଥାକୁ ମନଦେଇ ।
ବେଦଜ୍ଞ ସାଗ୍ନିକ ବ୍ରାହ୍ମଣର ଯେଉଁ ଲୋକ
ଜାଣି ଜାଣି ଗୋରୁ ହତ୍ୟା କରଇ ଅନେକ ।
ତାହାର ମରଣ ବିନା ଅନ୍ୟେ ପ୍ରାୟଶ୍ଚିତ୍ତେ
ପ୍ରତିକାର ନାହିଁ ଜାଣ କଉଣସି ମତେ ।
ସେ ପାପରୁ ତରେ ପାଞ୍ଚଗବ୍ୟ କଲେ ପାନ
ଏଥକୁ ତିଳେ ମାତର ସଂଶୟ ନ ଘେନ ।
ଫଳବନ୍ତ ବୃକ୍ଷଲତା ଶୁଷ୍କଲତା ତୃଣ
ଚର୍ମ କର୍ମକାର ଯନ୍ତ୍ର ଆମିଷ ଯେ ପୁଣ ।

ଗୁଡ଼ାଦି ଏ ଦ୍ରବ୍ୟମାନ ଚୋରୀ କରିଥିଲେ
ମୁକ୍ତି ହେବ ତିନିରାତ୍ର ଉପବାସ କଲେ ।
ଏହି ଦ୍ରବ୍ୟମାନ ଯେହୁ ଚୋରୀ କରିଥିବ
ତିନିରାତ୍ର ଉପବାସ କଲେ ମୁକ୍ତହେବ ।
ଅଭ୍ୟାସ ବା ଅନଭ୍ୟାସ ଜ୍ଞାନା ଜ୍ଞାନ କୃତ
ଭିନ୍ନା ଭିନ୍ନ ସ୍ଥଳେ ଏହିପରି ପ୍ରାୟଶ୍ଚିତ୍ତ ।
ଟିଟିଭ ଯେ ଚକ୍ରବାକ ହଂସ କାରଣ୍ଡକ
କୂର୍ମ ଶିଶୁମାର ପୁଣି କପୋତ ଉଲୁକ ।
ଗୋଟିଏ ନାଶଇ ଏହା ମଧ୍ୟୁ ଯେ ଜୀବନେ
ସେ ମୁକ୍ତ ହୁଅଇ ବାରମାସ ବାରଦିନେ ।
ମଳ ମୂତ୍ର ରେତ ଯେ ଭକ୍ଷଣ କରିଥାଇ
ପ୍ରଜାପାତ୍ୟ ବ୍ରତେ ତାର ପ୍ରାୟଶ୍ଚିତ୍ତ ହୋଇ ।
ଯେହୁ ଶୂଦ୍ରର ଉଚ୍ଛିଷ୍ଟ କରଇ ଭୋଜନ
ସେ ପାଳିବ ତିନିଗୋଟି ବ୍ରତ ଉପାସନ ।
ଏହିପରି ପ୍ରାୟଶ୍ଚିତ୍ତ ଅଭ୍ୟାସ ସ୍ଥଳରେ
ନିରୂପିତ କରିଛନ୍ତି ପଣ୍ଡିତ ଶାସ୍ତ୍ରରେ ।
ପତିତ ଚାଣ୍ଡାଳ ମହାପାପୀ ଯେଉଁଜନ ।
ସୁତିକା ନାୟିକା ରଜସ୍ୱଳା ନାରୀ ପୁଣ ।
ଉଚ୍ଛିଷ୍ଟ ରଜକ ଇତ୍ୟାଦିଙ୍କୁ ଉଚ୍ଛିଷ୍ଟରେ
ଜାଣି ବା ନ ଜାଣି ଯେଉଁ ଦ୍ୱିଜ ସ୍ପର୍ଶକରେ ।
ସ୍ନାହାନ କରି ଯେ ଗବ୍ୟ ଘୃତକୁ ପିଇବ
ପୁଣି ଅଷ୍ଟୋତ୍ତର ଶତେ ଗାୟତ୍ରୀ ଜପିବ ।
ଏଥିରୁ ଗୋଟିକୁ ଛୁଇଁ ଯୋଗେ ଯେ ବ୍ରାହ୍ମଣ
ଅଜ୍ଞାନ ବଶରେ ପୁଣି କରଇ ଭୋଜନ ।
ତେବେ ଉପବାସେ ତିନିଦିନେ କରି ସେହି
ପଞ୍ଚଗବ୍ୟ ପାନକରି ଶୁଦ୍ଧି ହେବ ତହିଁ ।
ବ୍ରାହ୍ମଣ ଭୋଜନ କଲା ସମୟରେ ଜାଣ
ଚଣ୍ଡାଳର ବାଣୀ ଯେବେ କରିଣ ଶ୍ରବଣ ।
ତେବେ ଖାଇଥିବା ଅନ୍ନମାନ କରି ବାନ୍ତି
ଉପବାସ ବିତାଇବ ସେହିଦିନ ରାତି ।
ଆରଦିନ ନିତ୍ୟ ପ୍ରାତଃକୃତ୍ୟ ବଢ଼ାଇଣ
ଶୁଦ୍ଧି ହେବ ଘୃତ ପାନ କରିଲେକ ପୁଣ ।
ବ୍ରତରେ ଥିବା ସମୟେ ଅଶୁଭ ଶକୁନ
ଦେଖିଲେ ଗାୟତ୍ରୀ ଜପ କରିବ ସେକ୍ଷଣ ।
ଆବର କଥାଏ ତୁମ୍ଭେ ଶୁଣ ମନଦେଇ
ବେଦଜ୍ଞ ବ୍ରାହ୍ମଣ ନିନ୍ଦା ଯେ ଜନ କରଇ ।

Digitized by srujanika@gmail.com

ତାଠାରୁ ଅଧିକ ପାପୀ ନାହିଁ ଜଗତରେ
ଗଣନା ହୁଏ ସେ ମହାପାପୀଙ୍କ ସଙ୍ଗରେ ।
ତେଣୁ ମହାପାପୀଙ୍କର ପ୍ରାୟଶ୍ଚିତ୍ତକୁ ସେ
ନ କରିଲେ ଅନ୍ୟତମ ଉପାୟ ନ ଦିଶେ ।
ଯେଉଁ ଜନ ନାରାୟଣ ନାମକୁ ଭଜନ୍ତି
ଧର୍ମ ଶାସ୍ତ୍ର ମତେ ପ୍ରାୟଶ୍ଚିତ୍ତକୁ କରନ୍ତି ।
ତାଙ୍କ ଅଙ୍ଗେ ଥିବା ପାପରାଶି କ୍ଷୟ ପାଏ
ତା ନ କଲେ ବଜ୍ର ଲେପ ହୋଇ ରହିଥାଏ ।
ଯାହାର ଅଙ୍ଗରେ ରାଗ କ୍ରୋଧ ତିଳେ ନାହିଁ
ପାପକାର୍ଯ୍ୟ କଲେ ଅନୁତାପ ଯେ କରଇ ।
ସକଳ ପ୍ରାଣୀଙ୍କ ପରେ ଦୟା ରହିଥାଏ
ସେ ଜନ ବିଷ୍ଣୁ ପଞ୍ଜରେ ଯାଇ ମିଶିଯାଏ ।
ପରମ ତପସ୍ୟା ଏକା ଅଟନ୍ତି ଶ୍ରୀହରି
ସର୍ବଦା ଯେ ଥାଏ ତାଙ୍କ ପାଦ ଅନୁସରି ।
ଶ୍ରୀବିଷ୍ଣୁଙ୍କ ସେବା ପୂଜା ସଦା ଯେ କରଇ
ସକଳ ପାତକ ତାର ବିନାଶ ହୁଅଇ ।
ପରମ୍ପରା କ୍ରମେ କିବା ମୋହବଶ ହୋଇ
କେହି ଯେବେ ବିଷ୍ଣୁଙ୍କର ପୂଜା କରୁଥାଇ ।
ତଥାପି ସେ ହୋଇ ସର୍ବ ପାପରୁ ମୁକତ
ପରମ ପଦକୁ ଲଭେ ଏକଥା ନିଶ୍ଚିତ ।
ଥରେ ମାତ୍ର ହରିନାମ ଯେ ଭଜେ ମୁଖରେ
ସର୍ବ ପାପ ନାଶି ବସେ ବଇକୁଣ୍ଠ ପୁରେ ।
ସ୍ୱର୍ଗ ଭୋଗ ଆଦି ଯେତେ ବାସନା ଅଛଇଁ
ନିତ୍ୟ ସୁଖର ସେ ବିଘ୍ନ କାରକ ଅଟଇ ।
ବିଷ୍ଣୁଙ୍କୁ ସୁମରୁ ଥାଏ ଯେହୁ ସଦାକାଳେ
ହରିଙ୍କ କୃପାରୁ ତାଙ୍କୁ ନିତ୍ୟେ ସୁଖ ମିଳେ ।
ଦୁର୍ଲ୍ଲଭ ମନୁଷ୍ୟ ଜନ୍ମ ଲାଭ କରି ଯେତେ
ନର ଅବା ନାରାୟଣଛନ୍ତି ଏ ଜଗତେ ।
ସେମାନଙ୍କ ମଧ୍ୟେ ହରିଭକ୍ତ ବୋଲି ଯାହା
ସମସ୍ତଙ୍କ ପକ୍ଷେ ଅନୁକୂଳ ନୁହେଁ ତାହା ।
ବିଜୁଳି ପରାୟ କ୍ଷଣ ଭଙ୍ଗୁର ମାନବ
ଶରୀରକୁ ଏ ସଂସାରେ ଲାଭ କରି ଜୀବ ।
ଭକ୍ତିରେ ଯଦ୍ୟପି ହରିଙ୍କର ପୂଜାକରେ
ଭବ ବନ୍ଧନରୁ ସେହୁ ମୁକ୍ତ ହୋଇପାରେ ।
ପ୍ରଧାନ ଉପାୟ ଯେହୁ ଭବୁ ତରିବାର
ସଂଶୟ ନ କରି ମନେ ବିଷ୍ଣୁ ପୂଜା କର ।

ବିଷ୍ଣୁଙ୍କର ସେବା ପୂଜା କାର୍ଯ୍ୟ ଯେ କରଇ
ସକଳ ବିପଦ ତାର ନାଶ ହୋଇଯାଇ ।
ଆବର ତହିଁରେ ଚିତ୍ତ ଶୁଦ୍ଧ ଜନମଇ
ଦେହାନ୍ତ କାଳରେ ମୋକ୍ଷ ପଦ ସେ ଲଭଇ ।
ଯେତେକ ବ୍ୟକତି ବିଷ୍ଣୁପୂଜା ପରାୟଣ
ଧର୍ମ ଅର୍ଥ କାମ ମୋକ୍ଷ ତାହାଙ୍କ ଅଧୀନ ।
ହରିଙ୍କ ପୂଜାରେ ସର୍ବ ସମ୍ପଦ ମିଳଇ
ଏଥକୁ ସଂଶୟ ମନେ ନ କରନ୍ତୁ କେହି ।
ଏ ଘୋର ସଂସାରେ ଜନ୍ମ ହୋଇଛନ୍ତି ଯେତେ
ତାଙ୍କୁ ମୋହନିଦ୍ରା ଘୋଟିଅଛି ଅବିରତେ ।
ତାପରେ ନିଅନ୍ତି ଯେହୁ ହରିଙ୍କ ଶରଣ
ସଫଳ ହୁଅଇ ଜନ୍ମ ତାହାଙ୍କର ଜନ୍ମ ।
ଆବର ହୁଅଇ ନର ଦେହ ଯେ ପବିତ୍ର
ଏଣୁ ବିଷ୍ଣୁ ପୂଜା କାର୍ଯ୍ୟେ ବଳାଇବ ଚିତ୍ତ ।
ସାମାନ୍ୟ ମାନୁଷୀ ବୃତ୍ତି ଲଭିବାର ଜନେ
ପୁତ୍ର ଭାର୍ଯ୍ୟା ବନ୍ଧୁ ବାସ ବୃଥା ଗର୍ବ ମନେ ।
ମୋର ମୋର ବୋଲୁଅଛ ସର୍ବଦା ମୁଖରେ
ଗଲାବେଳେ କେତେ ବୋହିନେବ ହେ ସାଥିରେ ।
କାମ କ୍ରୋଧ ଅହଙ୍କାର ଲୋଭ ମୋହ ମଦ
ମାତ୍ସର୍ଯ୍ୟ ଆବର ପର ନିନ୍ଦା ଅପବାଦ ।
ଏ ସକଳ ଭକ୍ତିଚିତ୍ତେ ପରିତ୍ୟାଗ କରି
ବିଷ୍ଣୁଙ୍କ ଚରଣେ ଅବିରତେ ପୂଜାକରି ।
ସକଳ ପାପରୁ ସେହୁ ମୁକତ ହୁଅଇ
ଅନ୍ତଃକାଳେ ବଇକୁଣ୍ଠପୁରେ ବସେ ଯାଇ ।
ନାରଦ ଏ ପ୍ରାୟଶ୍ଚିତ୍ତ ବିଧି ଅନୁରାଗେ
ପୂର୍ବେ କହିଥିଲେ ସନତ୍କୁମାରଙ୍କ ଆଗେ ।
ଶୁଣିଥିଲି ଶ୍ରୀବିଷ୍ଣୁଙ୍କ ମୁଖରୁ ମୁଁ ପୂର୍ବେ
ତୁମ୍ଭେ ପୁଚ୍ଛା କରିବାରୁ ତା କହିଲି ଏବେ ।
ଯେ ଅଟନ୍ତି ବିଷ୍ଣୁ ସେହୁ ଅନନ୍ତ ମୂରତି
ନୀରିହ ଓଁ କାର ସ୍ୱରୂପ ଯେ ପରଂଜ୍ୟୋତି ।
ଅନାଦି ପରମେଶ୍ୱର ଅନନ୍ତ ଶକତି
ସକଳ ଜନର ଆତ୍ମା ଜଗତେ ଅଟନ୍ତି ।
ଅଚ୍ୟୁତାଖ୍ୟ ଜ୍ୟୋତିଃ ସ୍ୱରୂପ ସେ ନାରାୟଣ
ଯେ ତାଙ୍କୁ ପୂଜଇ ମୋକ୍ଷ ଲଭଇ ସେ ଜାଣ ।
ଏତେ କହି ସିଦ୍ଧ ଋଷିଗଣ ଅଗ୍ରତରେ
ବସିଲେକ ସୁତ ନମି ଶ୍ରୀବିଷ୍ଣୁ ପୟରେ ।

Digitized by srujanika@gmail.com

ସେହି ଜଗତ କରତା ଅଭୟ ଚରଣେ
ଅଧମ କ୍ଷେତ୍ରମୋହନ ଗୀତେଭାବି ଭଣେ ।

ଇତି ଶ୍ରୀ ବୃହତ୍ ନାରଦ ପୁରାଣେ
ପ୍ରାୟଶ୍ଚିତ୍ତ ବିଧି କଥନଂ ନାମ
ଅଷ୍ଟବିଂଶୋଽଧ୍ୟାୟଃ ।

---•---

## ଊନତ୍ରିଂଶ ଅଧ୍ୟାୟ

## ଯମାଳୟ ମାର୍ଗ ଓ ଯମପୁରର ବର୍ଣ୍ଣନା

ଏଥୁ ଅନନ୍ତରେ ଯାହା ଶୁଣ ମନ ଦେଇ
ପଚାରିଲେ ଋଷିଗଣେ ସୁତମୁଖ ଚାହିଁ ।
ବର୍ଣ୍ଣାଶ୍ରମ ଧର୍ମ ବିଧି ତବ ମୁଖୁଁ ଶୁଣି
ପବିତ୍ର ହୋଇ ତରିଲୁ ଭବ ତରଙ୍ଗିଣୀ ।
ଆବର କଥାଏ ଆମ୍ଭେ ପଚାରୁଛୁ ଦେବ
କୁହ କିପରି ଅଟଇ ଯମପୁର ମାର୍ଗ ।
ପାପୀମାନେ ଦଣ୍ଡପାନ୍ତି ଯେ ନର୍କ କୁଣ୍ଡରେ
ସେ କଥା ବିସ୍ତାରି କୁହ ଆମ୍ଭ ଅଗ୍ରତରେ ।
ଏପରି ପୁଚ୍ଛା କରନ୍ତେ ସେହି ଋଷିଗଣ
କହି ଆରମ୍ଭିଲେ ତାଙ୍କୁ ସେ ଲୋମହର୍ଷଣ ।
ତୁମ୍ଭେ ଋଷିଗଣ ମୋତେ ପଚାରିଲ ଯାହା
ବୁଝାଇ କହୁଛି ଶୁଣ ତୁମ୍ଭଙ୍କୁ ମୁଁ ତାହା ।
ଅତି ଭୟଙ୍କର ଯମପୁର ମାର୍ଗ ଅଟେ
ପୁଣ୍ୟାତ୍ମା ଲୋକଙ୍କୁ ବହୁସୁଖ ତହିଁ ଯୁଟେ ।
ପାପୀଙ୍କ ପକ୍ଷରେ ବଡ଼ ଭୟାବହ ଜାଣ
ବିସ୍ତାର ଅଟଇ ତାର ଛୟାଶୀ ଯୋଜନ ।
ଦେଖିଲା ମାତ୍ରକେ ପାପୀଗଣ ସେହିପଥ
ଭୟରେ ଥରାଇ ଦ୍ୟନ୍ତି ପାପୀଙ୍କୁ ସମସ୍ତ ।
ସେ ମାର୍ଗରେ ସତ୍ୟବାଦୀ ଜନ ସୁଖେ ଯାଏ
ପାପାତ୍ମା ଜନ ଅପାର କଷଣ ଯେ ପାଏ ।
ପାପୀ ସେ ପଥରେ କଷ୍ଟ ଭୋଗକରେ ଯେତେ
ମୁଁ ତାହା କହୁଛି ସର୍ବେ ଶୁଣ ତୋଷଚିତ୍ତେ ।
ମଲେ ପ୍ରେତ ଶରୀରକୁ ଧରି ପାପୀଗଣ
ଅତ୍ୟନ୍ତ ଦୈନ ଭାବରେ ବିବସ୍ତ୍ର ହୋଇଣ ।
କରୁଣ ସ୍ୱରରେ କାନ୍ଦି କାନ୍ଦି ସେ ପୟରେ
ଗମନ କରନ୍ତି ବଣ ଯେମନ୍ତ ପ୍ରକାରେ ।
କଣ୍ଠ ଓଷ୍ଠ ତାଳୁ ଶୁଖିଯାଏ ତାହାଙ୍କର
ତୃଷା କଲେ ପିଇବାକୁ ନ ମିଳଇ ନୀର ।
ଅତିଭୟାନକ ସେହି ଯମ ଦୂତଗଣ
କଥାରେ ସାତ ପ୍ରକାର ପିଟନ୍ତି କଷଣ ।
ଦୟା କେଉଁପରି ବସ୍ତୁ ତାଙ୍କୁ ଜଣା ନାହିଁ
ନିର୍ଦ୍ଦୟ ଭାବ ଯେତେକ ଜାଣିଛନ୍ତି ସେହି ।
କରତେ ଚିରନ୍ତି ପୁଣି କଣ୍ଟାରେ ଫୋଡ଼ନ୍ତି
ଶୂଳରେ ବସାଇ ସର୍ବ ଦଂଶନ କରାନ୍ତି ।
ତାହାବିନେ ଆଉ ଯେତେ ଭୟଙ୍କର ମାର୍ଗ
ଶୁଣ ତାହା କହୁଅଛି ନରଙ୍କ ଉତ୍ତମ ।
ପଥେ ଗଲାବେଳେ କାହିଁ ଅଗ୍ନି ବର୍ଷୁଅଛି
କାହିଁ ରୁଧିର ବା କାହିଁ ରେତ ବର୍ଷୁଅଛି ।
ଆବର ପ୍ରଚଣ୍ଡ ବାୟୁ ବହେ କେଉଁଠାରେ
ଅତ୍ୟୁଷ୍ଣ କର୍ଦ୍ଦମ ବରଷଇ ତହିଁ ପରେ ।
ଅତ୍ୟନ୍ତ ଗଭୀର ପୁଣି ଅଟେ କେଉଁସ୍ଥାନ
ଅତି ଦୁରାରୋହ ଉଚ୍ଚ ତହିଁ ପରେ ଜାଣ ।
କେଉଁଠାରେ କଣ୍ଟାଝଣ୍ଟା ପୂର୍ଣ୍ଣ ହୋଇଥାଏ
ଗାଢ଼ ଅନ୍ଧକାର କେଉଁଠାରେ ଘୋଟିଥାଏ ।
ଅତି ଉଚ୍ଚ ଶୀଳା ଖଣ୍ଡ ଉପରେ ବସିଣ
ଗତି କରୁଥାନ୍ତି କେଉଁଠାରେ ପାପୀଗଣ ।
କନ୍ଦରା ମଧ୍ୟରେ ପଶି ଯାନ୍ତି କେଉଁଠାରେ
ବାଟ ନ ଦିଶଇ ଯିବା ପାଇଁ ସେ ପଥରେ ।
ଶୂଚିତୁଲ୍ୟ କଣ୍ଟାମାନ ଗଳିବାରୁ ପାଦେ
ରୋଦନ କରନ୍ତି ପଡ଼ି ଅତ୍ୟନ୍ତ ପ୍ରମାଦେ ।
ଶୈବାଳ କନକ ପୂରି ଥାଏ ସ୍ଥାନେ ସ୍ଥାନେ
ଦେଖିଲା ମାତ୍ରକେ ଭୟ ଜନମଇ ମନେ ।
ଏହି ପରକାରେ ବହୁ କଷ୍ଟ ସହ୍ୟ କର
ସେହି ଯମପୁର ମାର୍ଗ ହୋଇଯାନ୍ତି ପାର ।
କେ ଅତି ବ୍ୟାକୁଳ ହୋଇ କାନ୍ଦେ ଉଚ୍ଚସ୍ୱରେ
ପ୍ରହାର କରନ୍ତି ଅସ୍ତ୍ର ଶସ୍ତ୍ର ଧରି କରେ ।
ଓଟାରି ଓଟାରି ବାଟେ ଘେନିଯାନ୍ତି ବଳେ
ତ୍ରାହି ତ୍ରାହି ବୋଲି ପାପୀ କାନ୍ଦଇ ଆକୁଳେ ।
ଲୌହ ଖଣ୍ଡମାନ ଲଦି କାହାର କାନ୍ଧରେ
ପଛ ପଟୁ ପିଟି ପିଟି ନିଅନ୍ତି କ୍ରୋଧରେ ।
ଶମନ କାଳରେ ପଥମଧ୍ୟେ ପଡ଼ି ପଡ଼ି
ଯାଇ ନ ପାରିଣ କରୁଥାଏ ଦୀର୍ଘ ରଡ଼ି ।

Digitized by srujanika@gmail.com

ଆହତରେ କେ ନିଃଶ୍ୱାସ ଛାଡ଼ି ନ ପାରିଣ
ପଡ଼ି ରହିଥାଏ ମୃତ ପରାୟ ହୋଇଣ ।
ବସ୍ତ୍ରରେ ବନ୍ଧନ କରି ଚକ୍ଷୁକୁ କାହାର
ଗଳାରେ ରଜ୍ଜୁ ଗୁଡ଼ାଇ ଟାଣନ୍ତି ସତ୍ୱର ।
କେତେ ଦୂର ଯାଏ ଛାୟାଜଳ ଥୟ ନାହିଁ
ଗଗନ ପରାୟ ପଥ କୁହୁଳା ଦିଶଇ ।
ସେ ମାର୍ଗେ ଗମନ କଲାବେଳେ ପାପୀଗଣ
ପାଣି ନ ପାବନ୍ତି କଷ୍ଟ ଯାଏ ଯେ ଶୁଖିଣ ।
ଅର୍ଜିଲା କର୍ମକୁ ଯେଉଁ ପାପୀ ନିନ୍ଦା କରେ
ଘୋର କଷଣ ଲଭଇ ଆପଣା ଶରୀରେ ।
ସତ୍ୟ ସନ୍ଧ ଧର୍ମ ବୀର ଅଟେ ଯେଉଁ ନର
ସେ ଅତି ସୁଖରେ ଯାନ୍ତି ଯମର ମାର୍ଗର।
ଯେ ଇହ ଲୋକରେ ଅନ୍ନଦାନ ଦେଇଥାଏ
ସେ ଉତ୍ତମ ଖାଦ୍ୟ ଦ୍ରବ୍ୟ ଭକ୍ଷି ଭକ୍ଷି ଯାଏ
ଜଳଦାନ କଲା ବ୍ୟକ୍ତି ପଥେ ପାଏ କ୍ଷୀର
ତାହା ପାନକରି ଚଳେ ସେହୁ ଆନନ୍ଦର ।
ଦୁଗ୍ଧ ଅବା ଦଧି ଦାନ କରିଥାଏ ଯେହୁ
ଅତ୍ୟୁତ୍ତମ କ୍ଷୀର ତହିଁ ପାନକରେ ସେହୁ ।
କ୍ଷୀର ସହ ମଧୁ ଘୃତ ଦାନ କରିଥିଲେ
ଅମୃତ ମିଳଇ ତାକୁ ଖାଇବାକୁ ଭଲେ ।
ଶାକ ଦାନ କରିଥିଲେ ପାୟଷ ମିଳଇ
ଆନନ୍ଦେ ଗମନ କରେ ସେ ପାୟଶ ଖାଇ ।
ଇହଲୋକେ ଯେହୁ ଦ୍ୱୀପ ଦାନ କରିଥାଏ
ଅତି ଉତ୍ତମ ଆଲୋକ ସେହି ବ୍ୟକ୍ତି ଯାଏ ।
ବସ୍ତ୍ର ଭୂଷଣ ଇତ୍ୟାଦି କରିଥିଲେ ଦାନ
ତ୍ରିଦଶ ପୂଜନ୍ତି ତାକୁ ଦାତା ପାଶେ ଜାଣ ।
ଗୋରୁଦାନ କରିଥିବା ଜନ ସେ ପଥରେ
ଯାହାଇଚ୍ଛା ମାଗଇ ତା ମିଳଇ ସତ୍ୱରେ ।
ଭୂମିଅବା ଗୃହ ଯେହୁ ଦାନ କରିଥାଏ
ବିମାନରେ ବସି ସେହୁ ଯମ ମାର୍ଗେ ଯାଏ ।
ଅପ୍‌ସରାମାନେ ସେ ବ୍ୟକ୍ତି ଆଗରେ ନାଚନ୍ତି
ଆନନ୍ଦ ମନରେ ସେହୁ ଗମେ ହୋଇ ତୃପ୍ତି ।
ରଥ ଗଜ ଅଶ୍ୱ ଆଦି ଦେଇଥିଲେ ଦାନ
ଅତି ଉତ୍ସାହେ ସେ ମାର୍ଗେ କରଇ ଗମନ ।
ଅପୂର୍ବ ବିମାନ ପରେ ଆରୋହଣ କରି
ବିଷ୍ଣୁଦୂତମାନେ ନ୍ୟନ୍ତି ଯେ ଗୋଲୋକ ପୁରୀ ।
ବୃକ୍ଷ ପୋତି ଛାୟା ଯେହୁ କରିଥାଏ ଦାନ
ତାହାକୁ ପଥରେ ମିଳେ ଅପାର ସମ୍ମାନ ।
ସମର ଭୁବନେ ସୁଖେ ଗମନ ସେ କରେ
ନାନା କୁତୁହଳେ ଯାଏ ଅପ୍‌ସରା ସଙ୍ଗରେ ।
ଇହଲୋକ ଯେ ତାମ୍ବୁଳ ଦାନକରି ଥାଏ
ହସ ହସ ମୁଖେ ଯମପୁରେ ସେହୁ ଯାଏ ।
ମାତା ପିତା ଯତି ବ୍ରହ୍ମଚାରୀ ଯେ ବ୍ରାହ୍ମଣ
ଅଗ୍ନି ଇତ୍ୟାଦିଙ୍କୁ ସେବିଥାଏ ଯେଉଁ ଜନ ।
ସେ ଯମ ମାର୍ଗରେ ଯାଏ ଅତ୍ୟନ୍ତ ହରଷେ
ଖଟିଥାନ୍ତି ଦେବଗଣ ତାର ଚଉପାଶେ ।
ବିଦ୍ୟାଦାନ କଲା ବ୍ୟକତିକି ସେ ବାଟରେ
ନିଜେ ବ୍ରହ୍ମା ସେବାକରି ନିଅନ୍ତି ସୁଖରେ।
ନିତି ଯେଉଁବ୍ୟକ୍ତି ପାଠ କରଇ ପୁରାଣ
ତାକୁ ସ୍ତୁତିକରି ଘେନିଯାନ୍ତି ଋଷିଗଣ ।
ଧର୍ମ ପରାୟଣମାନେ ଯମପୁର ମାର୍ଗେ
ଏପରି ସୁଖରେ ଯାନ୍ତି ନିଜକର୍ମଯୋଗେ ।
ଅଙ୍ଗେ ଘୋର ଦୁଃଖ ସହ୍ୟକରି ପାପିଗଣ
ସେ ପନ୍ଥାକୁ ଅତିକ୍ରମ କରନ୍ତିଟି ଜାଣ ।
ବିଷ୍ଣୁ ସମାନରେ ମୂର୍ତ୍ତି ହୋଇ ଯମ ନିଜେ
ଶଙ୍ଖ ଚକ୍ର ଗଦାପଦ୍ମ ଧରି ଚାରିଭୁଜେ ।
ସ୍ନେହବସେ ପୁଣ୍ୟାତ୍ମାକୁ ଅର୍ଚ୍ଚନା କରନ୍ତି
ସୁଖରେ ଭୁଞ୍ଜାଇ ସେହୁ ବିପୁଳ ସମ୍ପତ୍ତି ।
ପୁଣ୍ୟାତ୍ମା ପରମ ସାଧୁ ତୁମ୍ଭେ ଋଷିଗଣ
ତୁମ୍ଭର ନରକ ଭୟ ନାହିଁ କେଭେ ଜାଣ ।
ପରକାଳେ ସୁଖ ଭୁଞ୍ଜିବାକୁ ତୁମ୍ଭେମାନେ
ନାନା ପୁଣ୍ୟକର୍ମ କରିଅଛ ଅବିଚ୍ଛିନେ ।
ଏ କାରଣୁ ଭୟ ନାହିଁ ତୁମ୍ଭମାନଙ୍କର
ଯମ ଯାତନାକୁ ମନେ ଶୋଚନା ନ କର ।
ମନୁଷ୍ୟ ଦେହକୁ ଲାଭ କରି ଯେଉଁ ଜନ
କରି ନ ପାରଇ ପୁଣ୍ୟ କର୍ମ ଅନୁଷ୍ଠାନ ।
ସେ ଅଟଇ ପାପୀଜୀବଙ୍କର ମଧ୍ୟେ ଶ୍ରେଷ୍ଠ
ଶେଷକୁ ନରକେ ପଡ଼ି ପାଏ ଘୋର କଷ୍ଟ ।
ଆତ୍ମଘାତୀ ବୋଲି ତାକୁ ପଣ୍ଡିତେ କହନ୍ତି
ଇହ ପରକାଳେ ତାର ନ ଥାଏ ସୁଗତି ।
ଅନିତ୍ୟ ମନୁଷ୍ୟ ଦେହ ପାଇ ସେ ସଂସାରେ
ଆପଣାର ନିତ୍ୟକର୍ମ ସାଧନ ନ କରେ ।

Digitized by srujanika@gmail.com

ସେ ଘୋର ନର୍କେ ପଡ଼ି ପାଏ ଯେତେକ୍ଳେଶ
ତା ପ୍ରକାଶ କଲେ ଆଉ ହେବ କି ପୌରୁଷ ।
ଜଗତେ ତାପରି ଅଚେତନ କେହି ନାହିଁ
ଦୁର୍ଲ୍ଲଭ ଜନମ ତାର ବିଅର୍ଥ ଅଟଇ ।
ଏ ଦେହ ଯାତନାମୟ ଅଟଇ ସତତ
ମଳ ମୂତ୍ରାଦିରେ ହୋଇଥାଏ ସେ ଦୂଷିତ ।
ଏଣୁ ଯେ ବିଶ୍ୱାସ କରେ ଏ ଶରୀର ପ୍ରତି
ପ୍ରକୃତ ବୁଝିଲେ ଅଟଇ ସେ ଆତ୍ମଘାତୀ ।
ଭୂତଗଣଙ୍କର ମଧ୍ୟେ ପ୍ରାଣୀଗଣ ଶ୍ରେଷ୍ଠ
ତା ମଧରେ ବୁଦ୍ଧିଜୀବୀ ପ୍ରାଣୀଏ ଗରିଷ୍ଠ ।
ବୁଦ୍ଧିଜୀବୀ ମଧେ ଶ୍ରେଷ୍ଠ ମନୁଷ୍ୟଟି ଜାଣ
ମନୁଷ୍ୟ ମଧରେ ଶ୍ରେଷ୍ଠ ଅଟନ୍ତି ବ୍ରାହ୍ମଣ ।
ବ୍ରାହ୍ମଣ ମଧରେ ଶ୍ରେଷ୍ଠ ଅଟଇ ବିଦ୍ୱାନ
ବିଦ୍ୱାନଙ୍କ ମଧେ ଶ୍ରେଷ୍ଠ କୃତଜ୍ଞ ଯେ ପୁଣ ।
କୃତବୁଦ୍ଧିଗଣଙ୍କର ମଧେ କର୍ମକର୍ତ୍ତା
କର୍ମକାରୀଙ୍କର ମଧେ ଶ୍ରେଷ୍ଠ ବ୍ରହ୍ମବେତ୍ତା ।
ବ୍ରହ୍ମବାଦୀଙ୍କର ମଧେ ନିର୍ମାୟା ଯେ ଅଟେ
ସେ ଶ୍ରେଷ୍ଠ ବୋଲିଣ କହି ଅଛନ୍ତି ଗରିଷ୍ଟେ ।
ନିର୍ମମ ମଧରେ ନିତ୍ୟ ଧ୍ୟାନ ପରାୟଣ
ସର୍ବଶ୍ରେଷ୍ଠ ବୋଲି କହିଛନ୍ତି ବୁଧଗଣ ।
ଏଣୁ ଯତ୍ନ ସହକାରେ ଧରମ ସଞ୍ଚୟ
କରିବା କଥାଟି ଅଟେ ଉତ୍ତମ ଉପାୟ ।
ସକଳ ଭାବରେ ଧର୍ମ କର୍ମ ସଞ୍ଚୟନ
କର୍ତ୍ତବ୍ୟ ଅଟଇ ସବୁ ଲୋକଙ୍କର ଜାଣ ।
ଧର୍ମକଲା ବ୍ୟକ୍ତି ପୂଜାପାଏ ସବୁଠାରେ
କୌଣସି ପ୍ରମାଦ ନ ପଡ଼ଇ ଇହ ପରେ ।
ନିଜେ ଧର୍ମରାଜ ଯମ ପୁଣ୍ୟାତ୍ମାଙ୍କ ଆଗେ
ଏମନ୍ତ ଆଦେଶ ଗୋଟି ଦିଅନ୍ତି ସରାଗେ ।
ତୁମ୍ଭେମାନେ ସର୍ବ ଭୋଗ ପୂରିଅଛି ଯହିଁ
ସେ ପୁଣ୍ୟ ସ୍ଥାନକୁ ଯାଅ ମୋ ଆଦେଶ ପାଇ ।
କେ ଯେବେ ଦୁଷ୍କୃତ କର୍ମ କରିଅଛି କିଛି
ତା ପଛେ ଭୁଞ୍ଜିବ ସେହିଠାରେ ମୁଁ କହୁଛି ।
ଏମନ୍ତ ଆଦେଶ ତାଙ୍କୁ ଦେଇ ଜନ୍ତୁପତି
ଅନେକ ଆଦରେ ନାନା ସତ୍କାର କରନ୍ତି ।
ପାପିଷ୍ଠମାନଙ୍କୁ ଡକାଇଣ ନିଜ ପାଶେ
କରେ କାଳଦଣ୍ଡ ଧରି ଭୟଙ୍କର ବେଶେ ।

ତର୍ଜ୍ଜନ ଗର୍ଜ୍ଜନ କରି କ୍ରୋଧରେ ପ୍ରଜ୍ୱଳି
ଧିକ୍କାର କରିଣ ତାଙ୍କୁ ଦ୍ୟନ୍ତି ନାନା ଗାଳି ।
ଏସନକ ସମୟରେ ଚିତ୍ରଗୁପ୍ତେ ଆସି
ପାଞ୍ଜି ବିଡ଼ାଧରି ତାଙ୍କ ପାଶରେ ପ୍ରବେଶି ।
ଗର୍ଜ୍ଜନ କରନ୍ତି ମେଘ ଗରଜିଲା ପ୍ରାୟେ
ତାହା ଶୁଣି ପାପିଗଣ ଥରିଯାନ୍ତି ଭୟେ ।
ପ୍ରଳୟ କାଳରେ ଯେହ୍ନେ ସାଗରର ଧ୍ୱନି
ତେମନ୍ତ ଶୁଭଇ ଚିତ୍ରଗୁପ୍ତଙ୍କର ବାଣୀ ।
ଉନ୍ନତ ପର୍ବତ ପରି ଶରୀର ତାଙ୍କର
ଅଞ୍ଜନ ପରାୟ କଳା ଦେହ ତାହାଙ୍କର ।
ଜୀବିଂଶ ହାତରେ ନାନା ଶସ୍ତ୍ର ଧରିଥାନ୍ତି
ବିଜୁଳି ପ୍ରାୟେ ସେ ଅସ୍ତ୍ରମାନଙ୍କର ଗତି ।
ଶରୀର ତାଙ୍କର ଉଚ୍ଚ ଅଟେ ତିନି ଯୁଣ
ବେନି ଚକ୍ଷୁ ରକ୍ତବର୍ଣ୍ଣ ଦିଶେ ତାର ପୁଣ ।
ନାସିକା ଅତ୍ୟନ୍ତ ଦୀର୍ଘ ଦର୍ଶନ କରାଳ
ପାପୀଏ ଦେଖିଲେ ଭୟେ ହୁଅନ୍ତି ବ୍ୟାକୁଳ ।
କୋଟର ପରାୟ ଚକ୍ଷୁ ଦୀର୍ଘ କାୟ ଅତି
ସଂଗେ ଜରାମୃତ୍ୟୁ ଆଦି ଅନୁଚରେ ଥାନ୍ତି ।
ଆବର ଯେତେକ ତହିଁ ଥାନ୍ତି ଯମଗଣ
ପାପୀଙ୍କି ଦେଖି ସେ କୋପେ କରନ୍ତି ଗର୍ଜନ ।
ତାହା ଦେଖି ପାପୀଗଣ କମ୍ପିତ ହୃଦୟେ
ନିନ୍ଦନ୍ତି ଆପଣା ପାପ କରମକୁ ଭୟେ ।
ଏଥୁ ଅନନ୍ତରେ ଜନ୍ତୁପତି ଆଜ୍ଞାମାନି
ଚିତ୍ରଗୁପ୍ତ ଚାହିଁ ପାପୀଙ୍କର ନେତ୍ର ବେନି ।
ବୋଲନ୍ତି ଆରେରେ ପାପକର୍ମା ନରଗଣ
ତୁମ୍ଭେମାନେ ଅହଙ୍କାର କରିଛ ଧାରଣ ।
ଭବିଷ୍ୟତ ପାଇଁ ତିଳେ ବିଚାର ନ କରି
କହ କେଉଁ କେଉଁ ପାପମାନ ଅଛ କରି ।
ଅନ୍ଧ ହୋଇ ମତ୍ତଗର୍ବେ କାମ କ୍ରୋଧାନ୍ଧରେ
ଯେଉଁ ଯେଉଁ ପାପମାନ କରିଛ ଭୟରେ ।
ସେ ପାପର ଫଳ ଭୋଗ କରିବ ଏଠାରେ
ଦେଖ ଆନ କିଏ ଆସିଅଛି କି ସଙ୍ଗରେ ।
ଯେଉଁଥି ନିମନ୍ତେ ପାପ କରିଲ ଅର୍ଜନ
ତହିଁରୁ ଗୋଟିଏ ଅଛ କିବା କିଏ ପୁଣ ।
ସ୍ୱଚକ୍ଷୁରେ ଦେଖ ଧର୍ମରାଜ କାହା ପ୍ରତି
ଅଣୁମାତ୍ର ପକ୍ଷପାତ ସେହି ନ କରନ୍ତି ।

Digitized by srujanika@gmail.com

କି ଧନୀ କିବା ଗରିବ କିବା ମୂର୍ଖ ଜନ
ସମସ୍ତଙ୍କ ପାଇଁ ଦଣ୍ଡ ଏକଇ ସମାନ ।
ଯେଉଁ କର୍ମ କରି ଆସିଅଛି ଯେଉଁ ଜନ
ସେ କର୍ମର ଫଳ ସେହୁ ଲଭିବ ବହନ ।
ଚିତ୍ରଗୁପ୍ତଙ୍କର ମୁଖୁଁ ଶୁଣି ଏହି ଗୀର
ନିଜ କର୍ମକୁ ସୁମରି ପାପିଏ ସତ୍ୱର ।
କାଷ୍ଠ ପିତୁଳା ପରାୟ ସର୍ବେ ମୌନହୋଇ
ନିଶ୍ଚଳ ହୃଦେ ଥାଆନ୍ତି ସେ ଭାଳିତ ହୋଇ ।
ଆଜ୍ଞାକାରୀ ଦୂତଗଣ ଯମଙ୍କ ଆଦେଶେ
ସେ ପାପୀମାନଙ୍କୁ ତହୁଁ ଘେନିଯାନ୍ତେ ରୋଷେ
ଅତି ଚଞ୍ଚଳ ନେଇ ସେ ନର୍କରେ ପକାନ୍ତି
ତ୍ରାହିକରିବାକୁ କେହି ସଙ୍ଗରେ ନ ଥାନ୍ତି ।
ଏହିରୂପେ କର୍ମ ଫଳ ଭୋଗ କରିବାକୁ
ଅତ୍ୟନ୍ତ କଷ୍ଟ ଭୋଗଇ ଯାଇ ନରକକୁ ।
ନରକ ଭୋଗ ଶେଷରେ ତାଙ୍କ କର୍ମ ଫଳ
ଭୋଗ କରିବାକୁ ଯେତେବେଳେ ଆସେ କାଳ ।
ସେକାଳେ ସ୍ଥାବର ଆଦି ଦେହକୁ ଧରିଣ
ମର୍ତ୍ତ୍ୟମଣ୍ଡଳରେ ଆସି ଜନମନ୍ତି ପୁଣ ।
ଏହା ଶୁଣି ଋଷିଗଣ ସୁତଙ୍କ ମୁଖକୁ
ଚାହିଁକରି ପୁନରପି ପଚାରିଲେ ତାଙ୍କୁ ।
ଦୟା ଅବତାର ତୁମ୍ଭେ ପୌରାଣିକ ସୁତ
ସଂଶୟ ଛେଦିବା ପାଇଁ ଅଟ ସାମରଥ ।
ବ୍ୟାସଙ୍କ ପାଶରେ ବସି ଶୁଣିଅଛ ଯାହା
ଆବର କଥାଏ କୁହ ଶୁଣିବୁ ଯେ ତାହା ।
ପାପ ସୁକୃତ ଏ ଦୁହିଁଙ୍କର ଯେଉଁ ଫଳ
ତା ଭୋଗ କରିବାପାଇଁ ଲାଗେ ଦୀର୍ଘକାଳ ।
ବ୍ରହ୍ମାଙ୍କ ବିପକ୍ଷ ଲୋକ ତ୍ରୟକାଳଯାଏ
ଦୁଇ ପରାର୍ଦ୍ଧ କାଳରେ ଶେଷଯେତେ ହୁଏ ।
ସେ କାଳେ ବ୍ରହ୍ମାଣ୍ଡଯାକ ପ୍ରଳୟ ହୁଅଇ
ନ ଥାଏ କୌଣସି ଠାରେ ଅବଶେଷ ରହି ।
ତଥାପି ଆମ୍ଭ ଅଗ୍ରତେ କହିଲ ଆପଣ
ଯେଉଁ ଦାତା କରେ ଭୂମି ଗ୍ରାମ ଆଦି ଦାନ ।
ସେହି କୋଟି କଳ୍ପଯାଏ ଲଭେ ପୁଣ୍ୟଫଳ
ତାପରେ ଶ୍ରୀବିଷ୍ଣୁ ଅଙ୍ଗେ ମିଶଇ ତତ୍କାଳ ।
ପ୍ରକୃତ ପ୍ରଳୟ ଏହା ମଧ୍ୟରେ ହୁଅଇ
ତହିଁରେ ସମସ୍ତ ପାପ ଯାଏ କ୍ଷୟ ହୋଇ ।

ସେ କାଳେ କେବଳ ହରି ଅବଶିଷ୍ଟ ହୋଇ
ମହାର୍ଣ୍ଣବ ଜଳେ ଥାନ୍ତି ବଟପତ୍ରେ ଶୋଇ ।
ଏକଥା ନିଶ୍ଚୟ ଯେବେ ମିଥ୍ୟା ନାହିଁ ଲେଶ
ତେବେ କେଉଁପରି ଦାନଫଳ ହେଲା ଶେଷ ।
ପାପ ଅବା ଦୁଷ୍କୃତର ଭୋଗ କେଉଁପରି
ପରିଶେଷ ହେଲା କହ ଆମ୍ଭଙ୍କୁ ବିଚାରି ।
ମହା ପ୍ରଳୟରେ ବିଷ୍ଣୁ ବିନା ଅନ୍ୟ କେହି
ରହିଛି ବୋଲିବା କଥା ନାହିଁ ତୁମ୍ଭେ କହି ।
ଏକଥା ଭାବିଲେ ପାପାଦିର ଭୋଗ ଶେଷ
ହେଲାପରି ପାଉନାହିଁ ଆମ୍ଭର ବିଶ୍ୱାସ ।
ଏଥିର ମରମ ଆଉ ଥିଲେ କିଛି କହ
ଶୁଣିଲେ ତୁଟିବ ଆମ୍ଭ ମନରୁ ସନ୍ଦେହ ।
ନୋହିଲେ କର୍ମ ଫଳରେ ଭୋଗ ଶେଷ କଥା
ଥିଲାପରି ଦିଶୁନାହିଁ ଆମ୍ଭଙ୍କୁ ସର୍ବଥା ।
ଏହା ଶୁଣି ସୁତ ବୋଇଲେ ହେ ଋଷିଗଣ
ଯାହା ମୋତେ ପଚାରିଲ ତା କହୁଛି ଶୁଣ ।
ଅତ୍ୟନ୍ତ ଗୁପତ କଥା ଗୋଟି ତାହା ଅଟେ
ତେଣୁ ଅନ୍ୟମନ ନୋହି ଶୁଣ ଏକନିଷ୍ଟେ ।
ଅକ୍ଷୟ ଅଟନ୍ତି ଭଗବାନ ନାରାୟଣ
ସନାତନ ଅନନ୍ତ ସେ ପରଂବ୍ରହ୍ମ ଜାଣ ।
ବିଶୁଦ୍ଧ ପରମ ଜ୍ୟୋତି ସ୍ୱରୂପ ସେ ପୁଣି
ନିତ୍ୟ ନିର୍ଗୁଣ ସେ ବୋଲି ବେଦଅଛି ଭଣି ।
ମୋହ ବିବର୍ଜିତ ଗୁଣହୀନ ହୋଇଲେହେଁ
ପରମ ଆନନ୍ଦ ରୂପ ଧରି ଦିବ୍ୟଦେହେ ।
ସୃଷ୍ଟି କରିବାକୁ ଗୁଣବାନ ସେ ହୁଅନ୍ତି
ସେହି ଏକା ବ୍ରହ୍ମା ବିଷ୍ଣୁ ମହେଶ ମୂରତି ।
ଏକଇ ବ୍ରହ୍ମରୁ ଜାତ ବ୍ରହ୍ମା ବିଷ୍ଣୁହର
ନାମଭେଦ ବୋଲନ୍ତି ସେ ତିନି ପରକାର ।
ଗୁଣ ଉପାଧି ଭେଦରେ ଭିନ୍ନ ଭିନ୍ନ ହୋଇ
ସୃଷ୍ଟିସ୍ଥିତି ସଂହାରକୁ କରନ୍ତି ଯେ ସେହି ।
ମାୟା ସଂଯୋଗରେ ଏହି ବେଦତ୍ରୟ ଜାଣ
କରନ୍ତି ଅଖିଳ ସୃଷ୍ଟି କାର୍ଯ୍ୟ ସମ୍ପାଦନ ।
ବ୍ରହ୍ମା ସ୍ୱରୂପକୁ ଧରି ସର୍ଜନା କରନ୍ତି
ସର୍ଜିବା ସୃଷ୍ଟିକି ବିଷ୍ଣୁ ରୂପରେ ପାଳନ୍ତି ।
ଅନ୍ତେ ରୁଦ୍ର ରୂପ ଧରି କରନ୍ତି ସଂହାର
ସେକାଳେ ବିନାଶ ପ୍ରାପ୍ତ ହୁଏ ଚରାଚର ।

Digitized by srujanika@gmail.com

ସଂହାର କାଳକୁ ଯାର ଯେଉଁ କର୍ମ ଥାଏ
ସେ ତାହାକୁ ଘେନି ବିଷ୍ଣୁ ଗର୍ଭେ ଲୀନ ହୁଏ ।
ବାସନା ବୋଲନ୍ତି ସେ କର୍ମକୁ ଜ୍ଞାନୀଗଣ
ସେ ବିଷ୍ଣୁ ଗର୍ଭରେ ଥାଏ ଅକ୍ଷୟ ହୋଇଣ ।
ପ୍ରଳୟାବସାନେ ହରି ଶୟନରୁ ଉଠି
ବ୍ରହ୍ମ ସ୍ୱରୂପରେ ପୁଣି ସରଜନ୍ତି ସୃଷ୍ଟି ।
ପୂର୍ବେ ସ୍ଥାବରାଦି ସୃଷ୍ଟି ଥାଏ ଯେଉଁପରି
ପୁଣି ସୃଷ୍ଟି ଆଦ୍ୟକାଳେ ସର୍ଜନ୍ତି ସେପରି ।
ପୂର୍ବକର୍ମ ବାସନାକୁ ଧରି ପାପୀଗଣ
ସୃଷ୍ଟି ଆରମ୍ଭରେ ପୁଣି ହୁଅନ୍ତି ଉତ୍ପନ୍ନ ।
ପାପ ଅବା ପୁଣ୍ୟକର୍ମ ଯେ ଥାଏ ଯାହାର
ତା ଭୋଗ କରଇ ଜନମି ସେ ପୁନର୍ବାର ।
ବେଦ ଏ ସୃଷ୍ଟିକି ଭୂତ ଗ୍ରାମ ବୋଲି କହେ
ନଷ୍ଟ ହୋଇ ପୁଣି ଜନ୍ମେ ଘଟୀ ଯନ୍ତ୍ରପ୍ରାୟେ ।
ପ୍ରକୃତିବଳରୁ ସେ ଯେ ଅବଶ ହୋଇଣ
ଜନ୍ମ ନାଶ ଉଭୟକୁ ଭଜେ ପୁନଃ ପୁନଃ ।
ସୃଷ୍ଟି କ୍ଷୟ ପ୍ରାପ୍ତ ହେଲେ କର୍ମକ୍ଷୟ ନୋହେ
ବାସନା ବୋଲାଇ ମହାବିଷ୍ଣୁ ଗର୍ଭେଥାଏ ।
ସୃଷ୍ଟିକାଳେ ସେ ବାସନା ଘେନି ପ୍ରାଣୀଗଣ
ଜନମି ଭୁଞ୍ଜନ୍ତି ସେହି କରମକୁ ଜାଣ ।
ଏକଥା ଦେଖିଲେ ଜଣା ପଡ଼ଇ ନିର୍ମଳ
କରିଥିବା କର୍ମର ଯେ ଶୁଭାଶୁଭ ଫଳ ।
ଅବଶ୍ୟ ଭୁଞ୍ଜନ୍ତି ପ୍ରାଣୀମାନେ ତାହା ପାଇ
କୋଟି କଳ୍ପ କାଳରେ ସେ ବିନାଶ ନୁହଇ ।
କର୍ତ୍ତା ଭୋଗକଲେ ଏକା କର୍ମ ହୁଏ କ୍ଷୟ
ଏଥକୁ ମନରେ କେହି ନ କର ସଂଶୟ ।
ପ୍ରାଣୀଙ୍କର ଅନ୍ତରାତ୍ମା ଯେଉଁ ଭଗବାନ
ନିତ୍ୟ ଜଗନ୍ମୟ ପରିପୂର୍ଣ୍ଣ ସନାତନ ।
ସେ ଭୋଗ କରନ୍ତି ଆପେ କଲା କର୍ମଫଳ
ଏ କାରଣୁ କର୍ମ କେବେ ନୁହଇ ବିଫଳ ।
ତ୍ରିଗୁଣ ଉପାଧି ଭେଦେ ବ୍ରହ୍ମା ବିଷ୍ଣୁହର
ସୃଜନ ପାଳନ ସୃଷ୍ଟି କରନ୍ତି ସଂସାର ।
ଏକଇ ବ୍ରହ୍ମରୁ ଜାତ ସେ ତିନି ମୂରତି
ଯେ ତାଙ୍କୁ ଜାଣଇ ସେହୁ ପାଏ ମୋକ୍ଷଗତି ।
ଅପାର ସଂସାର ସିନ୍ଧୁ ତରିଯିବା ଆଶେ
ସେ ପୟରେ ଚିନ୍ତି ଦୀନହୀନ କ୍ଷେତ୍ର ଭାଷେ ।

ଇତି ଶ୍ରୀ ବୃହତ୍ ନାରଦ ପୁରାଣେ
ଯମାଳୟ ମାର୍ଗ ଓ ଯମପୁର ବର୍ଣ୍ଣନଂ
ନାମୈ କୋଡନତ୍ରିଂଶୋଽଧ୍ୟାୟଃ ।

---•----

# ତ୍ରିଂଶ ଅଧ୍ୟାୟ

## ସଂସାର ବିଷୟ ବର୍ଣ୍ଣନ

ଶୁଣ ସାଧୁଜନେ ଏଥି ଉତ୍ତାରେ ଚରିତ
ପୁନର୍ପି କହନ୍ତି ଋଷିଗଣ ଆଗେ ସୂତ ।
ପୁର୍ବାର୍ଜିତ କର୍ମ ପାଶେ ଆବଦ୍ଧ ହୋଇଣ
କର୍ମର ଫଳକୁ ସଂଗେ ଘେନି ଜନ୍ତୁଗଣ ।
ସ୍ୱର୍ଗଆଦି ପୁଣ୍ୟ ସ୍ଥାନେ ଦିବ୍ୟ ଭୋଗ ପାଇ
ବସନ୍ତି ଆନନ୍ଦମନେ ସମୟ କଟାଇ ।
ପାପୀମାନେ ଅରଜିଲା ପାପକର୍ମ ଫଳେ
ଅତ୍ୟନ୍ତ କଠୋର ଦଣ୍ଡ ପାନ୍ତି ଯମଆଳେ ।
ସୁକୃତି ବା ପାପୀ ହେଉ ସୁଖ ଦୁଃଖଚୟ
ଭୋଗ କରି କରି ଲୋକେ କର୍ମ ହୁଏ କ୍ଷୟ ।
ତେବେ ସ୍ୱର୍ଗ ଅବା ନର୍କ ଭୋଗ ସେ ଛାଡ଼ିଣ
ମର୍ତ୍ତ୍ୟ ମଣ୍ଡଳରେ ଆସି ଜନମନ୍ତି ପୁଣ ।
ସର୍ବ ଭୟ ସଙ୍କୁଳ ଯେ ମୃତ୍ୟୁ ବାଧା ଯୁକ୍ତ
ସ୍ଥାବରାଦି ଦେହ ଧରି ହୁଅନ୍ତି ସଂଜାତ ।
ବୃକ୍ଷଲତା ତରୁ ଗୁଳ୍ମ ପର୍ବତ ଯେ ତୃଣ
ସ୍ଥାବର ନାମେ ଏ ପରି ଚିତ୍ତ ହନ୍ତି ଜାଣ ।
ଏମାନେ ସର୍ବଦା ମହା ମୋହରେ ଆଚ୍ଛନ୍ନ
ନ ଥାଏ କୌଣସି ରୂପେ ହିତାହିତ ଜ୍ଞାନ ।
ସ୍ଥାବର ତନୁକୁ ପ୍ରାପ୍ତ ହୋଇ ପ୍ରଥମରେ
ବୀଜରୂପେ ଜନମନ୍ତି ଜୀବ ଏ ପୃଥ୍ୱୀରେ ।
ତଦନ୍ତେ ସେ ବୀଜସଙ୍ଗେ ଜଳଯୁକ୍ତ ହେଲେ
ଉଷ୍ମଜାତ ହୋଇ ତାହା ଫାଟି ଯାଏ ଭଲେ ।
ସେ ଫାଟ ଭିତରୁ ମୂଳ ହୁଅଇ ବାହାର
ମୂଳ ଜନମନ୍ତେ ଉର୍ଦ୍ଧ୍ୱେ ଉଠଇ ଅଙ୍କୁର ।
ସେ ଅଙ୍କୁର ଗୋଟି ପତ୍ରକାଣ୍ଡ ଲତା ରୂପେ
ପରିଣତ ହୋଇ କ୍ରମେ ବୃଦ୍ଧି ପାଏ ଆପେ ।
କାଣ୍ଡରୁ କୋରକ ଜନ୍ମେ ସେ କୋରକ ପୁଣ
କ୍ରମେ ପୁଷ୍ପ ସ୍ୱରୂପକୁ କରଇ ଧାରଣ ।

Digitized by srujanika@gmail.com

ପୁଷ୍ପମଧ୍ୟେ କେତେ ଫଳ କେତେକ ନିଷ୍ଫଳ
କେତେକ ହୁଅନ୍ତି ଫଳ ହେତୁର ଯେ ମୂଳ ।
ସେ ପୁଷ୍ପ ସକଳ କ୍ରମେ ପ୍ରବୃଦ୍ଧ ହୋଇଲେ
ମୂଳରୁ ତାହାର ପୁଷ୍ପ ଜନମଇ ଭଲେ ।
ତହୁଁ ଅଳ୍ପକାଳେ ରବି କିରଣ ସଂଯୋଗେ
ଔଷଧିରସ ପ୍ରବେଶ କରି ବୃକ୍ଷମାର୍ଗେ ।
କ୍ଷୀର ହୋଇଣ ସେ ଯଥା ସମୟରେ ଆପେ
ପରିଣତ ହୁଏ ପୁଣି ତଣ୍ଡୁଳ ସ୍ୱରୂପେ ।
ତଣ୍ଡୁଳ ସକଳ କଲେ ଦୃଢ଼ତ୍ୱ ଧାରଣ
ତହିଁପରେ ମରିଯାନ୍ତି ସେ ଔଷଧି ଗଣ ।
ବନସ୍ପତିଗଣ ଏହି ଔଷଧିଙ୍କ ପ୍ରାଏ
ଜାତ ହୋଇ ବୃକ୍ଷରୂପ ଧରନ୍ତି ସମୟେ ।
ଭୋକ୍ତାର ସଂସ୍କାର ବଶେ ବର୍ଷକ ମଧ୍ୟରେ
ଫଳବନ୍ତ ହୁଅନ୍ତି ସେ ଦଇବ ଯୋଗରେ ।
ଏପରି ସ୍ଥାବର ଦେହ ପାଇ ଜୀବଗଣ
ବହୁକାଳ ଯାଏ ବଞ୍ଚି ରହିଥାନ୍ତି ଜାଣ ।
ପବନ ଆଘାତ ଶସ୍ତ୍ର ପାତ ଦାବାନଳ
ଖରାବର୍ଷା ଶୀତ ଆଦି ଦୁଃଖ ଯେ ବହୁଳ ।
ତାହା ସବୁ ଅନୁଭବ କରି କରି ଶେଷେ
ମରଣ ଲଭନ୍ତି ଦୁଃଖ ସହି କାଳବଶେ ।
ସ୍ଥାବର ଦେହକୁ ପରିତ୍ୟାଗ କରେ ପୁଣ
କୃମିରୂପେ ଜାତ ହୋଇ ଲଭନ୍ତି କଷଣ ।
କ୍ଷଣକେ ଜୀବିତ ହୋଇ ପରକ୍ଷଣେ ମରି
ପଡ଼ନ୍ତି ସେ କୃମିଗଣ କର୍ମକୁ ଆଦରି ।
ବଳବନ୍ତ ପ୍ରାଣୀମାନଙ୍କର ଆକ୍ରମଣ
କରି ନ ପାରନ୍ତି କେବେହେଁ ସେ ନିବାରଣ ।
ଶୀତ ବାତାଦିର କ୍ଳେଶ ଅନୁଭବ କରି
କ୍ଷୁଧା ତୃଷାଦିର ପୀଡ଼ା ସମ୍ଭାଳି ନ ପାରି ।
ମଳମୂତ୍ର ମଧ୍ୟେ ସଞ୍ଚରଣ ସେ କରନ୍ତି
ତହିଁରେ ସେ ବହୁତର ଦୁଃଖକୁ ଲଭନ୍ତି ।
ଏହିରୂପେ କୃମି ହୋଇ ବହୁକାଳ ପରେ
ଜନମ ହୁଅନ୍ତି ପୁଣି ପଶୁଙ୍କ ଯୋନିରେ ।
ପଶୁ ଜନମରେ ବହୁ କ୍ଳେଶ ସହ୍ୟକରି
ଉଦ୍‌ବେଗ ହୁଅନ୍ତି ବୃଥା କାରଣରେ ଡରି ।
ନିତ୍ୟ କ୍ଷତ ଜାତ ଦୁଃଖ ଭୋଗ କରିଣ ସେ
ନିଜ ମାତା ସଂଗେ ରତ ହୁଅନ୍ତି କାମବଶେ ।

ନାରଦ ବିଷୟ ଅନୁରାଗେ ସେ କାଳରେ
ଭୋଗ କରନ୍ତି ସେ ବହି ଦୁଃଖ ନିରନ୍ତରେ ।
କେବଣ ଜନ୍ମରେ ମାଂସ ଭୋଗି ହୋଇଥାନ୍ତି
କନ୍ଦମୂଳ ଶାକ କେଉଁ ଦିଗରେ ଖାଆନ୍ତି ।
ଦୁର୍ବଳ ପ୍ରାଣୀଙ୍କ ପ୍ରତି ହିଂସା ଯୁକ୍ତ ହୋଇ
ଅପାର କଷଣ ପାନ୍ତି କେଉଁ ଜନ୍ମ ପାଇ ।
ପବନ ଭକ୍ଷ କରନ୍ତି କେଉଁ ଜନମରେ
ପରଦ୍ୱାରା ପୀଡ଼ିତ ହୁଅନ୍ତି କେ ଜନ୍ମରେ ।
ଗ୍ରାମ୍ୟ ପଶୁ ରୂପ ହୋଇ ଏହିପରି ଜାତ
ସ୍ୱଜାତି ବିରୁଦ୍ଧ ଦୁଃଖ ସହନ୍ତି ବହୁତ ।
କେତେବେଳେ ଗୁରୁଭାରା ବହନ କରନ୍ତି
ଶାପ୍ୟ ବନ୍ଧ ପୁଣି କେଉଁ ସମୟେ ହୁଅନ୍ତି ।
ତାଡ଼ନା ସହ୍ୟ କରନ୍ତି ପୁଣି କେତେକାଳେ
କାନ୍ଧରେ ବହନ୍ତି ଭାରା ବହି ଅନ୍ତରାଳେ ।
ଲୌହ ଶାଳାକାର ଦାହ ପାଇ ଶରୀରରେ
ଛଟ ପଟ ହେଉଥାନ୍ତି ଅତି ବ୍ୟାକୁଳରେ ।
ଅପାର କଷଣ ଏହିପରି କରି ଭୋଗ
ନାନା ଯୋନିରେ ଜନ୍ମନ୍ତି ସେ ପାପୀ ସରବ ।
ପ୍ରତ୍ୟେକ ଜନମ ସେହୁ ଲାଭ କରି କରି
ମନୁଷ୍ୟ ଜନମ ଶେଷେ ଲଭନ୍ତି ବିଚାରି ।
କେହି କେହି ନିତ୍ୟ ପୁଣ୍ୟ ଶରୀର ପ୍ରଭାବେ
ଏ ଦୁଃଖ ନ ପାଇ ଜନ୍ମ ଲଭନ୍ତି ମାନବେ ।
ମାନବ ଶରୀର ପାପୀ ପ୍ରଥମେ ପାଇଲେ ।
ଚର୍ମକାର ନାରୀ ଯୋନି ଲାଭକରେ ହେଲେ ।
ତାପରେ ଅନ୍ୟାନ୍ୟ ଶୂଦ୍ର ଯୋନିରେ ଉତ୍ପନ୍ନ
ହୋଇ ଅଜାତି ଅରୂପେ କାର୍ଯ୍ୟକରେ ଜାଣ ।
ଧାବକ ଲେଖକ କିବା ଶାସନ କାରକ
ଭୃତ୍ୟ ଦାସ ଆଦି କର୍ମ କରଇ ଅନେକ ।
କେ ଦରିଦ୍ର ହୁଅଇ କେ ହୀନାଙ୍ଗ ହୁଅଇ
ଅଧିକାଙ୍ଗ ହୋଇଣ ସେ ଦୁଃଖକୁ ସହଇ ।
ଆବର ନାନାଦି ରୋଗମାନ ଭୋଗକରେ
ନାସା କର୍ଣ୍ଣ ଜିହ୍ୱା ପଦ ହାତାଦି ରୋଗରେ ।
ପୀଡ଼ିତ ହୁଅଇ ସେହୁ ଅନେକ ପ୍ରକାର
ତା ପରେ ଯା ହୁଏ ଶୁଣ ଆନନ୍ଦ ମନର ।
ଆବର ମନୁଷ୍ୟ ଜନ୍ମ ଯେମନ୍ତ ହୁଅଇ
ମୁଁ ତାହା କହୁଛି ଶୁଣ ମନ କର୍ଣ୍ଣ ଦେଇ ।

Digitized by srujanika@gmail.com

ନାରୀ ପୁରୁଷ ବେନିଙ୍କ ମୈଥୁନ କାଳରେ
ଆଦ୍ୟରେ ପଡ଼ଇ ବୀର୍ଯ୍ୟ ଯାଇ ଜରାୟୁରେ ।
ସେହି ସମୟରେ ଜୀବ ନିଜ କର୍ମ ବଶେ
କାର୍ଯ୍ୟ ସହିତରେ ଆସି ଜରାୟୁରେ ପଶେ ।
ଶୁକ୍ର ଆଉ ଶୋଣିତ ଦୁହିଙ୍କର ମିଳନେ
କଲ୍ଲଳ ହୁଅଇ ଜାତ କିଛିକ୍ଷଣ ମନେ ।
ସେହିଠାରୁ କ୍ରମାନ୍ୱୟେ ହେବାରୁ ସଂଜାତ
ପରିପୂର୍ଣ୍ଣ ହୁଏ ଅର୍ଦ୍ଧମାସେ ପରିଯନ୍ତ ।
ଏକମାସ ପୂର୍ଣ୍ଣ ହେଲେ ଜନନୀ ଜଠରେ
ଡିମ୍ୱେକ ପ୍ରମାଣ ସେହୁ ଗୋଲାକୃତି ଧରେ ।
ସେହିଦିନଠାରୁ ସେହୁ ଚେତନାକୁ ପାଇ
ଥୟ ବେଗରେ ମାତାର ଉଦରେ ବଢ଼ଇ ।
ଗୋଟିଏ ସ୍ଥାନରେ କେବେ ନ ହୋଇଣ ସ୍ଥିର
ଅନେକ ସ୍ଥାନେ ଭ୍ରମଇ ଜନନୀ ଜଠର ।
ଦୁଇମାସ ପୂରିଗଲେ ପୁଣି ସେହି ଜୀବ
ପୁରୁଷର ଛାଞ୍ଚ କୃତି ଗର୍ଭରେ ଧରିବ ।
ଚରଣାବୟବ ହୁଏ ପଞ୍ଚମ ମାସରେ
ନଖସନ୍ଧି ବ୍ୟକ୍ତ ହୁଏ ସପ୍ତମ ମାସରେ ।
ସପ୍ତମ ମାସ ଯେବେଳେ ହୁଅଇ ବ୍ୟକତ
ଗର୍ଭସ୍ଥ ଶିଶୁର ରୋମରାଜି ହୁଏ ଜାତ ।
ଅଷ୍ଟମ ମାସର ପ୍ରାରମ୍ଭରେ ଚଇତନ୍ୟ
ପରିସ୍ଫୁଟ ହୁଅଇ ତା ଶରୀରରେ ଜାଣ ।
ନାଭିସୂତ୍ର ରନ୍ଧ୍ରେ ମାତା ଖାଇବା ଦ୍ରବ୍ୟରେ
ରସକୁ ପାଇଲେ ବୃଦ୍ଧି ହୁଅଇ ସେଠାରେ ।
ସେକାଳେ ଅମେଧ ମଳମୂତ୍ର ଲାଳାଦିରେ
ସିକ୍ତ ହୋଇ ବହୁଦୁଃଖ ଅନୁଭବ କରେ ।
ବନ୍ଧନ ହେଉ ଥିବାରୁ ସେହୁ ଜରାୟୁରେ
ଛଟପଟ ହେଉଥାଏ ସେ ଘୋର କଷ୍ଟରେ ।
ରକ୍ତ ଆସି କୃମି ବସା ମଜ୍ଜା ସ୍ନାୟୁ ଲୋମ
କେଶାଦି ଯୋଗରେ ପରିଦୂଷିତ ହୋଇଣ ।
ଅତି କୁତ୍ସିତ ଭାବକୁ ସେହୁ ଅନୁସରି
ଉପାୟ ନ ପାଏ ସେହୁ ଯିବାକୁ ବାହାରି ।
ମାତା ଯେତେ କଟୁତିକ୍ତ ଦ୍ରବ୍ୟ ଖାଉଥାଏ
ଗର୍ଭସ୍ଥ ସନ୍ତାନ ଗର୍ଭୁ ସେ ସମସ୍ତ ଖାଏ ।
ପୁଣି ଅତ୍ୟନ୍ତ ପୀଡ଼ିତ ହୁଏ ସେ ଗର୍ଭରେ
ସ୍ମରଣ କରଇ ପରମାନନ୍ଦଙ୍କୁ ଖରେ ।

ଅପାର ବିଳାପ ମନ ମଧରେ କରଇ
ବୋଲେ ମୋ ଜୀବନ ଧିକ ଧିକ ଯାଉ ହୋଇ ।
ଯେବେ ପୁଣ୍ୟ କର୍ମ କରିଥାନ୍ତି ପୂର୍ବକାଳେ
ଆଜିକି ଭୋଗନ୍ତି ଏହି ଦୁଃଖ ଏତେବେଳେ ।
ପୂର୍ବକାଳେ ଗୃହ ଜଞ୍ଜାଳରେ ମଜ୍ଜି ହୋଇ
ଅନ୍ୟାୟ ମାର୍ଗରେ ସଦା ଚାଳିତ ଯେ ହୋଇ ।
ପୁତ୍ର ଆଉ ଭାରିଯାର ଭରଣ ପୋଷଣେ
ଅନ୍ୟାୟ ଧନ ଅର୍ଜନ କରି ବହୁକ୍ଷଣେ ।
ପରକ୍ଷେତ୍ରେ ପରଧନ ହରଣ କରିଲି
ପରର ଜୀବିକା ନାଶ ଉପାୟରେ ଥିଲି ।
କାମାନ୍ଧ ହୋଇଣ କଲି ପରସ୍ତ୍ରୀ ହରଣ
ଆବର କରିଲି ମହାପାପ ଆଚରଣ ।
ମାତା ପିତାମାନଙ୍କର ସେବା ନ କରିଲି
ପରମ ପିତାଙ୍କୁ ମଧ ତହିଁ ନ ପୂଜିଲି ।
ଅତିଥି ସତ୍କାର ଦିନେ ମାତ୍ରକ ନ କରି
ସବୁବେଳେ ପାପକର୍ମେ ହୋଇଲଇଁ ଘାରି ।
ଯେତେ ପାକକର୍ମମାନ କରିଥିଲି ମୁହିଁ
ସକଳ ନରକ ମୋତେ ପ୍ରାପତ ହେଲଇଁ ।
ଅସଂଖ୍ୟ ଯନ୍ତ୍ରଣା ଯମପୁରେ ଭୋଗକରି
ଯେତେ କ୍ଳେଶ ଭୋଗିଅଛି କି କହିବି ଖୋଲି ।
ନରକ ଯାତନା ପରେ ଯେତେ ଜୀବ ଛନ୍ତି
ସକଳ ଯୋନିରେ ଭ୍ରମିଅଛି ଦିବାରାତ୍ରି ।
ସେ କଷଣମାନ କେତେ କହିବଇଁ ମୁଖ
ଶେଷେ ଜରାୟୁରେ ପଡ଼ିଅଛି ମହାଦୁଃଖ ।
ଗର୍ଭତାପ ଲାଗି ବାହ୍ୟ ଅଙ୍ଗଯାଏ ପୋଡ଼ି
କେ ଭରସା ନାହିଁ ଏଥୁ ନେବାପାଇଁ କାଢ଼ି ।
ପାପକର୍ମ କରି ପୋଷିଥିଲି ମୁଁ ଯାହାକୁ
ସେ ସାହା ନୁହନ୍ତି ମୋତେ ଏଥୁଁ ତାରିବାକୁ ।
ଯେଉଁ ପୁତ୍ର କଳତ୍ରରେ କରିଥିଲି ସ୍ନେହ
ବର୍ତ୍ତମାନ ଭାବେ ସବୁ ଅଟେ ବୃଥାମୟ ।
ସେମାନେ ଯେ ଯାହା ମାର୍ଗେ କରିଲେ ଗମନ
ମୁହିଁ ଏକା ଏଥେଁ ପଡ଼ି ଭୋଗୁଛି କଷଣ ।
ଆହାରେ ଦଇବ ଦେହ ଗୁଣର କି ଦୁଃଖ
ପାଯବୁ ଜନ୍ମଇ ଦେହ ଏ କଥାଟି ମୁଖ୍ୟ ।
ଏଣୁ ପାପ କରିବାର ଉଚିତ ନୁହଇ
ପାପକରି ଜରାୟୁରେ ପଡ଼ିଅଛି ମୁହିଁ ।

Digitized by srujanika@gmail.com

ଆନର ସମ୍ପଦ ଦେଖି ପୂର୍ବ ଜନମରେ
ସହି ନ ପାରି ମୁଁ ଦୁଃଖ ହୋଇଲି ମନରେ ।
କାୟ ମନ ବିଚାରରେ ମୁହିଁ ସେ କାଳର
ଅପରକୁ ପୀଡ଼ା ଦେଇଅଛି ଘୋରତର ।
ସେ ପାପ ଫଳକୁ ଏବେ ଭୋଗୁଛି କଷଣ
କିଏ ଆଉ ସୁଖଦେବ ମୋତେ ଯେ ଆଣିଣ ।
ଏମନ୍ତ କ୍ରନ୍ଦନ କରି ଗର୍ଭେ ଥିବା ଜୀବ
ଗର୍ଭୁ ବାହାରିବା ପାଇଁ ମନେ ଭାବେ ସର୍ବ ।
ପୁଣି ଆପଣା ମନରେ ଆଶ୍ୱାସ ଦିଅଇ
ଦିନେ ତ ଯିବଇଁ ନିଶ୍ଚେ ବାହାରକୁ ମୁହିଁ ।
ଏ ଜନମ ଆଉ ପାପକର୍ମ ନ କରିବି
ସାଧୁମାନଙ୍କ ସେବାରେ ଦିନ କଟାଇବି ।
ସତ କରମ କରିବି ବିଶୁଦ୍ଧ ମନରେ
ସତ୍ୟାନନ୍ଦକୁ ଅର୍ଚ୍ଚନା କରିବି ବିଧିରେ ।
ସକଳ ଋଷିଏ ପୂଜା କରୁଛନ୍ତି ଯାକୁ
ଦିବସ ରଜନୀ ମୁହିଁ ପୂଜିବି ତାହାଙ୍କୁ ।
ସୁରାସୁର ସିଦ୍ଧ ସାଧ ଋଷି ମୁନିଗଣ
ଯାହାଙ୍କୁ କରନ୍ତି ସମର୍ଚ୍ଚନା ପ୍ରତିଦିନ ।
ଧ୍ୟାନକରି ସେ ପ୍ରଭୁଙ୍କୁ ହୃଦୟରେ ମୁହିଁ
ସଂସାର ବନ୍ଧନୁ ଅତିକ୍ରମ କରିବଇଁ ।
ହରିସେବା ବିନା ଦୁଃଖ ମୟ ସଂସାରରେ
ସକଳ କାମନା ବୃଥା ହୋଇଯାଏ ଖରେ ।
ଏଣୁ ଏ ଗର୍ଭରୁ ମୁଁ ହୋଇଲି ବହିର୍ଗତ
ବିଷ୍ଣୁଙ୍କ ପୂଜାରେ ସଦା ଢାଳିଦେବି ଚିତ୍ତ ।
ସଂସାର ବର୍ଦ୍ଧନ ହେଲେ କରିବି ଛେଦନ
ଏ ଗର୍ଭ କଷଣ ଆଉ ନ ଭୋଗିବି ପୁଣ ।
ଏମନ୍ତେ ମନ ମଧ୍ୟରେ କରିଣ ବିଚାର
ପ୍ରସବ ସମୟ ଆସି ହୁଅଇ ଜୀବର ।
ସେକାଳେ ଗର୍ଭସ୍ଥ ଜୀବ ବହୁକଷ୍ଟ ଭୋଗେ
ମାତାକୁ ବହୁ ଯନ୍ତ୍ରଣା ଦିଏ ସେହି ସଙ୍ଗେ ।
ବହୁତ କଷଣ ପରେ ସେ ଯୋନି ମାର୍ଗରେ
ଖସି ପଡ଼ଇ ଗର୍ଭରୁ ଆସିଣ ମହୀରେ ।
ସଂଜ୍ଞାହୀନ ହୋଇ ସେହୁ ବସୁଧାରେ ପଡ଼େ
ପୂର୍ବ ସ୍ମୃତିମାନ ସବୁ ସେ ବେଳରେ ହୁଡ଼େ ।
ବାହାର ଜଗତ ସଙ୍ଗେ ହୋଇଲେ ମିଶ୍ରିତ
ଗର୍ଭସ୍ଥ ଜ୍ଞାନ ସକଳ ନ ରହଇ ଚିତ୍ତ ।

ଅଜ୍ଞାନରୁ ବର୍ତ୍ତମାନ ଅବସ୍ଥା ନ ଜାଣି
ଅପାର କଷଣ ପୁଣି ଭୋଗକରେ ପ୍ରାଣୀ ।
ବାଳୁତ ଭାବକୁ ଆଶ୍ରାକରି ଅଜ୍ଞାନରେ
ଆପଣାର ମଳ ମୂତ୍ର ବୋଳଇ ଶରୀରେ ।
ଆଧ୍ୟାତ୍ମିକ ଦୁଃଖେ ହୋଇ ଅପାର ପୀଡ଼ିତ
ସେ ଦୁଃଖ କହିବା ପାଇଁ ନୁହେଁ ମୁଁ ସମର୍ଥ ।
ଧୁକ୍ଷା ତୃଷାଦିରେ ପୀଡ଼ା ପାଇ ପ୍ରତିଦିନ
ଅତ୍ୟନ୍ତ ଆତୁର ହୋଇ କରଇ କ୍ରନ୍ଦନ ।
ତା କାନ୍ଦ ଶୁଣିଲେ ମାତ ରୋଗ ବୋଲିଜାଣି
ତକ୍ଷଣେ ପିଆଏ ନାନା ଅଉଷଧି ଆଣି ।
ତହିଁରେ ପୀଡ଼ିତ ହୋଇ କରିଲେ ରୋଦନ
କ୍ଷୁଧା ହେଲା ଭାବି ମାତା ଦିଏ ସ୍ତ୍ୟନପାନ ।
ଏହିଭାବେ ପ୍ରତ୍ୟେକ କାର୍ଯ୍ୟରେ ସେ ବାଳକ
ପରାଧୀନ ହୋଇ ଦୁଃଖ ପାଏ ଅସଂଖ୍ୟକ ।
ମଶା ମାଛି କାମୁଡ଼ିଲେ ତାହା ନିବାରଣ
କରିବାକୁ ସକ୍ଷମ ସେ ନ ହୁଅଇ ଜାଣ ।
ଅପାର ମହତକଷ୍ଟ ଅନୁଭବ କରେ
ଏହିପରି ପାଞ୍ଚବର୍ଷ ଗତ ହେଲା ପରେ ।
ପିତା ମାତା ଉପାଧ୍ୟେୟମାନଙ୍କ ତାଡ଼ନା
ଆପଣା ଅଙ୍ଗରେ ସହ୍ୟ କରେ ଅକଳନା ।
ନାନା ସ୍ଥାନରେ ସେ ବେଳେ ଭ୍ରମଣ କରଇ
ପାଂଶାପଙ୍କ ଭସ୍ମାଦିରେ ପଶିଣ ଖେଳଇ ।
କାହା ସଂଗେ କେତେବେଳେ କଳହ ଲାଗଇ
ନାନାଦି ବ୍ୟାପାରେ ଅଙ୍ଗ କଷଣ ସହଇ ।
ଏମନ୍ତ ଭାବରେ ବାଲ୍ୟଭାବ ହେଲେ ଗତ
ଯୌବନ ଅବସ୍ଥା କ୍ରମେ ହୁଅଇ ପ୍ରାପତ ।
ସେ କାଳରେ ଧନ ଉପାର୍ଜନ ଧନ ଠୁଳ
କରିବା ପାଇଁକି ଆଶାକରେ ସେ ପ୍ରବଳ ।
ପୁଣି କେତେବେଳେ କାମକ୍ରୋଧ ତାର ଚିତ୍ତ
ଏମନ୍ତ ପ୍ରକାରେ ହୋଇ ଯାଏ ଯେ ଦୂଷିତ ।
ସର୍ବଦା ଏପରି ଭାବ କରି ଆଚରଣ
ପରନାରୀ ପରଧନ କରଇ ହରଣ ।
ପରନାରୀ ହରିବାକୁ କିବା ରାତ୍ର ଦିନ
ମନରେ ନାନା ଉପାୟ କରଇ ରଚନ ।
ପୁତ୍ର ମିତ୍ର କଳତ୍ରକ ଭରଣ ପୋଷଣେ
ଉପାୟ ଚିନ୍ତା କରିଣ ଘୂରେ ରାତ୍ର ଦିନେ ।

Digitized by srujanika@gmail.com

ତହିଁରେ ସେ ଯେତେ ଯେତେ କଷଣ ଲଭଇ
ତାହା କହିବା ପାଇଁକି ସମୟବା କାହିଁ ।
ପୁତ୍ର ଭାର୍ଯ୍ୟାଦିର ଅଙ୍ଗେ ବ୍ୟାଧି ହେଲେ ଜାତ
ସକଳ କର୍ମ କରିଣ ସେହୁ ପରିତ୍ୟକ୍ତ ।
ରୋଗ ପୀଡ଼ିତ ପୁତ୍ରର ପାଖେ ପାଖେ ବସି
ବହୁ ସେବା ଯତ୍ନ କରେ କାନ୍ଦି ଅହର୍ନିଶି ।
ଆହା ଦଇବରେ ମୋତେ କଲୁ ଏତେ ସରି
ଗୃହକାର୍ଯ୍ୟ କୃଷିକର୍ମ ନ ପାରିଲି କରି ।
ମୋ ଘରେ ଅଛନ୍ତି ବହୁତ ଯେ ପରିବାର
କେମନ୍ତେ ଜୀବନଯାତ୍ରା ଚଳିବ ତାଙ୍କର ।
ବସି ଖାଇବାକୁ ଘରେ ନାହିଁ ମୂଳଧନ
ଯଥା ସମୟରେ ବୃଷ୍ଟି କରୁ ନାହିଁ ଘନ ।
ଅଶ୍ୱଟା ମୋହର କେଉଁଆଡ଼େ ଅଛି ଯାଇ
ଏ ପର୍ଯ୍ୟନ୍ତେ ନ ଆସିଲେ ଗାଭୀଏ କିପାଇଁ ।
ସନ୍ତାନ ଗୁଡ଼ିକ ମୋର ଅତି ପିଲା ପିଲା
ଘରେ ସେ ନାହାନ୍ତି କିଏ କେଉଁ ଆଡ଼େ ଗଲା ।
ନିଜେ ବ୍ୟାଧିଗ୍ରସ୍ତ ହୋଇ ବସିଅଛି ମୁହିଁ
ଧନ ଧାନ୍ୟ ସମ୍ପଦ ମୋ ଘରେ କିଛି ନାହିଁ ।
ଭଲେ ଦେଖି ନ ପାରିବ ହେତୁ ବାରମ୍ବାର
କୃଷି କାର୍ଯ୍ୟଯାକ ନଷ୍ଟ ହୋଇଲାଣି ମୋର ।
ଖାଇବାକୁ ନ ପାଇଲେ ପିଲାଏ କାନ୍ଦିବେ
ଗୃହଟିତ ଭଗ୍ନ ହୋଇଲାଣି ଠାବେ ଠାବେ ।
ସୁଦୂର ଦେଶକୁ ଯାଇଛନ୍ତି ବନ୍ଧୁଗଣ
ଜୀବନ ଉପାୟ ମୋର ନାହିଁ କିଛି ପୁଣ ।
ତହିଁରେ ହୋଇଛି ରାଜପୀଡ଼ା ଭୟାନକ
ଏଣେ ଅପକାର କରୁଛନ୍ତି ଶତ୍ରୁଯାକ ।
କାର୍ଯ୍ୟରେ ଅକ୍ଷମ ହୋଇ ରହିଛି ତ ମୁହିଁ
କିରୂପେ ତାହାକୁ ଜୟ କରି ପାରିବଇଁ ।
କେ ଅତିଥି ଆସି ବସିଛନ୍ତି ମୋର ଦ୍ୱାରେ ।
ଅଭ୍ୟର୍ଥନା କରିବି ମୁଁ ତାଙ୍କୁ କି ପ୍ରକାରେ ।
ଏହିପରି ସନ୍ତତରେ ଚିନ୍ତାକୁଳ ହୋଇ
ନିଜ ଦୁଃଖ ନିବାରଣ କରି ନ ପାରଇ ।
ଧିକ୍‌କାର କରିଣ ନିଜକୁ ସେ ଶତ ଶତ
ପୁଣି ବିଧାତାକୁ ନିନ୍ଦା କରଇ ବହୁତ ।
ବୋଲେ ଆହା ଦଇବରେ କିପାଁ ଏ ଜଗତେ
ଭାଗ୍ୟହୀନା କରି ଜନ୍ମ ଦେଇଅଛୁ ମୋତେ ।

ଏପରି ଯୌବନାବସ୍ଥା ହୋଇଯାନ୍ତା ଶେଷ
ବାର୍ଦ୍ଧକ୍ୟ ଅବସ୍ଥା ଆସି ହୁଅଇ ପ୍ରବେଶ ।
ସେକାଳରେ ଜରା ଗ୍ରାସ କରେ ଶରୀରକୁ
ସମର୍ଥ ନୁହଇ କାର୍ଯ୍ୟ ଚଳାଇ ନେବାକୁ ।
ରୋଗ ବ୍ୟାଧି ଧୈର୍ଯ୍ୟହୀନ ଅନ୍ଧତ୍ୱ ପ୍ରଭୃତି
କ୍ରମରେ ଦେହକୁ ଆକ୍ରମଣ ଏ କରନ୍ତି ।
ଅନବରତରେ ଅଙ୍ଗ ହୁଅଇ କମ୍ପିତ
ଶ୍ୱାସକାଶ ଆଦି ନାନା ପୀଡ଼ା ହୁଏ ଜାତ ।
ଶ୍ଳେଷ୍ମା ଜାତ ହୋଇ ରୁଦ୍ଧେ କଣ୍ଠର ନାଳକୁ
ସମର୍ଥ ନୁହଇ ଭଲେ କଥା କହିବାକୁ ।
ଏପରି ଅବସ୍ଥା ତାର ଦେଖି ସାକ୍ଷାତରେ
ପୁତ୍ର ଭାର୍ଯ୍ୟା ଆଦିକରି ଯେବା ଥାନ୍ତି ଘରେ ।
ସେମାନେ କରନ୍ତି ନିତି ନାନାଦି ଭର୍ତ୍ସନା
ତେଣୁ ସେ କରଇ ଦୁଃଖ ଭୋଗ ଅକଳନା ।
ଦୁଃଖରେ ପୀଡ଼ିତହୋଇ କେବେ ମୃତ୍ୟୁମୋର
ହେବ ବୋଲି ମନେ ମନେ ଭାବେ ନିରନ୍ତର ।
ପୁଣି ମନେ ବିଚାରଇ ମରିଗଲେ ମୁହିଁ
ମୋର ଗୃହ କ୍ଷେତ୍ର ଧନ ଯେତକ ଅଛଇ ।
ତା ସବୁ କିପରି ରକ୍ଷା କରିବେ ମୋ ପୁତ୍ରେ
କି ଅବା ପଡ଼ିବ ସେହୁ ଅନ୍ୟ କାହା ହସ୍ତେ ।
କିବା ଅପହୃତ କରି ଅନ୍ୟ କେହି ଜନ
ଘେନି ପଳାଇବ ମୋର ଅଛି ଯେତେ ଧନ ।
ତା ହେଲେ ମୋ ପୁତ୍ରମାନେ ବଞ୍ଚିବେ କିପରି
ମୁଁ ତାହାଙ୍କୁ ପାଳିଥିଲି ଅତି ଯତ୍ନକରି ।
ଯାହାଙ୍କୁ ପାଶରୁ କ୍ଷଣେ କରି ନାହିଁ ଦୂର
ମୋ ଅନ୍ତେ କିପରି ଦଶା ଘଟିବ ତାଙ୍କର ।
ଏପରି ମମତା ଦୁଃଖେ ପରିପ୍ଳୁତ ହୋଇ
ଦୀର୍ଘ ନିଃଶ୍ୱାସକୁ ପରିତ୍ୟାଗ ସେ କରଇ ।
ପୁଣି ଯାହା ବିଚାରଇ କରେ ଅବା ଯାହା
ପାସୋରି ଦିଅଇ ପରକ୍ଷଣକୁ ଯେ ତାହା ।
ପୁନଃପୁନଃ କରି ମନେ ବିଚାରିଲେ ଯେତେ
ସେକ୍ଷଣି ପାସୋର ଯାଏ ନ ରହଇ ଚିତ୍ତେ ।
ଏଥୁଅନ୍ତେ ମୃତ୍ୟୁକାଳ ହୁଅନ୍ତେ ନିକଟ
ବ୍ୟାଧିରେ ପୀଡ଼ିତ ହୋଇ ପାଏ ଘୋରକଷ୍ଟ ।
ଆନ୍ତରିକ ଦୁଃଖ ଅନୁଭବ କରେ ଯେତେ
ତା ପ୍ରକାଶ କରି ଅବା କହିବି ମୁଁ କେତେ ।

Digitized by srujanika@gmail.com

କ୍ଷୁଧାରେ ତୃଷାରେ ହୋଇ ଅତ୍ୟନ୍ତ ବ୍ୟାକୁଳ
ବୋଲଇ କେ ଅଛ ମୋତେ ଦିଅ ମନ୍ଦେଜଳ ।
ଏପରି ଥରକୁ ଥର ଅତି ହୀନ ଭାବେ
ମାଗିଲେ ତାହାର ଘରେ ଥାନ୍ତି ଯେ କୁଟୁମ୍ବେ ।
ସେମାନେ ଶୁଣିଲେ ସେ କଥାକୁ କେହି କେହି
ବୋଲନ୍ତି ତୋହର ଅଙ୍ଗେ ଜ୍ୱର ଅଛି ହୋଇ ।
ଜ୍ୱର ହୋଇଥିବା ରୋଗୀ ପକ୍ଷେ ଜଳପାନ
କରିବା ଉଚିତ ନୁହେଁ ଶାସ୍ତ୍ରର ବିଧାନ ।
ରୋଗୀ ଜଳ ପାନ କଲେ ଅନିଷ୍ଟ ହୁଅଇ
ବ୍ୟାଧି ଅଳ୍ପ ଥିଲେ ବେଳୁ ବେଳ ଯେ ବଢ଼ଇ ।
ଏମନ୍ତ ବୋଲିଣ ଜଳ ନ ନିଅନ୍ତେ କେହି
ସେ କଥାକୁ ଜାଣି ବୃଦ୍ଧ ବ୍ୟଥିତ ହୁଅଇ ।
ଆହା ଆହା ବୋଲି ଦୁଃଖ କରେ ରାତ୍ର ଦିନ
ତେଣୁ କ୍ରମେ ଚଇତନ୍ୟ ହରଇ ତା ଜାଣ ।
ଆପଣା ହସ୍ତ ପାଦକୁ ଉଠାଇ ନ ପାରେ
ବଚନ କହି ନ ପାରେ ସେ ଅତି କଷ୍ଟରେ ।
ସେକାଳରେ ତାର ଚଉପାଶେ ବନ୍ଧୁଗଣ
ବେଢ଼ିରୋଦନ କରନ୍ତି ହୋଇଣ କାରୁଣ୍ୟ ।
ଆପଣା ମନ ମଧ୍ୟରେ କରଇ ବିଚାର
ଯେତେ ଧନ ଅର୍ଜିମୁହିଁ ରଖିଅଛି ଘର ।
ମୋହ ଅନ୍ତେ ସେ ସମସ୍ତ କେ ଭୋଗ କରିବ
ଏହି ପରକାରେ ମନେ ଭାବୁ ଭାବୁ ଜୀବ ।
କଣ୍ଠ ତାଳୁକା ତାହାର ଯାଏ ବନ୍ଦ ହୋଇ
ଶରୀର ମଧ୍ୟରୁ ପ୍ରାଣ ଯାଏ ପଳିଆଇ ।
ଏହି ସମୟରେ ଯମ ଦୂତମାନେ ଆସି
ରଜ୍ଜୁରେ ବାନ୍ଧନ୍ତି ଆଣ୍ଟେ ସେ ବୃଦ୍ଧକୁ କଷି ।
ଯମପୁର ମଧ୍ୟେ ନେଇ ପହଞ୍ଚାଇ ଦ୍ୟନ୍ତି
ଆବର ଅପାର କଷ୍ଟ ତାହାକୁ ଦିଅନ୍ତି ।
ଏହିପରି ଗତାଗତ ପ୍ରାଣୀମାନଙ୍କର
ପ୍ରକାଶ କରି କହୁଛି ତୁମ୍ଭ ଅଗ୍ରତର ।
ତାପିତ ବ୍ୟକତି ଏ ସଂସାର ଦାବାନଳେ
ଜ୍ଞାନାଭ୍ୟାସ କରୁଥାଏ ପଡ଼ି ସେ ଆକୁଳେ ।
ଜ୍ଞାନ ଉଦେ ହେଲେ ମୁକ୍ତି ମିଳିବ ନିଶ୍ଚୟ
ଜ୍ଞାନ ଅଟେ ମୁକତିର ପ୍ରଥମ ଉପାୟ ।
ଯେଉଁମାନେ ଜ୍ଞାନହୀନ ଗଣୁ ବୋଲି ତାକୁ
ନିଶ୍ଚେ ଜାଣିଥାଅ ଏହା କହିଲି ତୁମ୍ଭଙ୍କୁ ।

ଏ ସଂସାର ମୋକ୍ଷ ଲାଭ କରିବାକୁ ଯାର
ଇଚ୍ଛାଥିବ ଜ୍ଞାନାଭ୍ୟାସ କରିବ ସେ ନର ।
ଏ ସଂସାରେ ନରଜନ୍ମ ଦୁର୍ଲ୍ଲଭ ଅଟଇ
ମାନବ ଶରୀରେ ସବୁ କର୍ମ ସାଧ ହୋଇ ।
କର୍ମ ସାଧନେ ମାନବ ଜନ୍ମ ପାଇକରି
ହରିଙ୍କି ନ ଭଜେ ସଦା ଯେଉଁ ଦୁରାଚାରୀ ।
ତାହାଠାରୁ ପାପୀ ଆଉ କେ ଅଛି ଜଗତେ
ମନରେ ଭାବିଲେ ଜଣାଯାଉ ନାହିଁ ମୋତେ ।
ଆହେ ମୁନିଗଣମାନେ ଚିତ୍ତେ ଭାବି ଦେଖ
ଏହାଠାରୁ ବଳି ଆଉ ରହିଛି କି ଦୁଃଖ ।
ସକଳ ବ୍ରହ୍ମାଣ୍ଡନାଥ ଥାଉ ଥାଉ ପାଶେ
କାହିଁପାଇଁ ଏତେ ଦୁଃଖ ଭୋଗନ୍ତି ମନୁଷ୍ୟେ ।
ଦେଖି ଯେଉଁ ଶରୀରରୁ ମଳମୂତ୍ର ରେତ
ଶୋଣିତାଦି ହେଉଅଛି ସର୍ବଦା କ୍ଷରିତ ।
କ୍ଷଣ ଭଙ୍ଗୁର ମାତ୍ରକ ଅଟଇ ଯେ ଦେହ
ତାକୁ ନିତ୍ୟେ ବୋଲି ଯେହୁ କରିଥାନ୍ତି ସ୍ନେହ ।
ଇହ ପରକାଳେ ତାଙ୍କୁ ନ ମିଳେ ସୁଗତି
ମୋହ ବଶେ ସଦା ସେହୁ ଅନ୍ଧ ହୋଇଥାନ୍ତି ।
ବିଷ୍ଣୁଙ୍କ ଚରଣ ସେବା ଯେହୁ ନ କରଇ
ସଂସାରେ ତାଠାରୁ ବଡ଼ ପାପୀ କେହି ନାହିଁ ।
ଶ୍ରୀହରି ଧ୍ୟାନରେ ରତ ହୋଇଲେ ଚଣ୍ଡାଳ
ମହାସୁଖ ଲାଭକରେ ବଇକୁଣ୍ଠେ ଆଳ ।
ମନୁଷ୍ୟ କି ମୂର୍ଖ ନୁହେଁ ଦେଖ ସାକ୍ଷାତରେ
ଆପଣା ଦେହ କି ଅଟେ ମନେ ନ ବିଚାରେ ।
ଯେବଣ ଶରୀରୁ ମଳମୂତ୍ର ବିନିର୍ଗତ
ହୋଇଛି ତା ଦେଖି ପୁଣି ନୋହେ ଉଦ୍‌ବେଗିତ ।
ଅତ୍ୟନ୍ତ ଦୁର୍ଲ୍ଲଭ ଅଟେ ମନୁଷ୍ୟ ଜନମ
ତା ପାଇବା ଇଚ୍ଛା କରୁଥାନ୍ତି ସର୍ବ ଦେବ ।
ଏ କାରଣୁ ଯେଉଁ ଜୀବ ସେ ଦେହକୁ ପାଇ
ପରଲୋକ ନିମିତ୍ତରେ ଯତ୍ନ କରୁଥାଇ ।
ସେ ଅଟଇ ବିଚକ୍ଷଣ କାର୍ଯ୍ୟ ଯେ ତାହାର
ତହିଁରୁ ହୁଅଇ ଭବ ପାଶରୁ ଉଦ୍ଧାର ।
ଯେ ଆଧ୍ୟାତ୍ମ ଧ୍ୟାନ ପରାୟଣ ହୋଇ ନିତି
ହରି ପୂଜା ସେବା କାର୍ଯ୍ୟେ ଯୁକ୍ତ କରେ ମତି ।
ତାହାର ପୁନରାବୃତ୍ତି ନୁହଇ ସଂସାରେ
ପରମ ସ୍ଥାନକୁ ପାଇ ବସେ ନିଶ୍ଚିନ୍ତରେ ।

Digitized by srujanika@gmail.com

ଯାହାଙ୍କ ଠାରୁ ଏ ବିଶ୍ୱ ହୋଇଛି ଉତ୍ପନ୍ନ
ଚୈତନ୍ୟ ସ୍ୱରୂପ ଅଟନ୍ତି ସେ ଭଗବାନ ।
ପୁଣି ଏ ସଂସାର ଲୀନ ହୁଅଇ ଯାଠାରେ
ଯେ ମୋକ୍ଷକରଣ ପୁଣି ସକଳ ପ୍ରଖରେ ।
ନିର୍ଗୁଣ ହୋଇ ଯେ ଗୁଣବାନ ବୋଲାଅନ୍ତି
ସେ ପ୍ରଭୁଙ୍କୁ ଆଶ୍ରାକଲେ ମିଳେ ମୋକ୍ଷଗତି ।
ବହୁତ କହିବି ତୁମ୍ଭ ଆଗେ କିସ ମୁହିଁ
ହରିଙ୍କି ଅର୍ଚ୍ଚନା କଲେ ମୁକ୍ତ ହୁଏ ଦେହୀ ।
ହରି ପୂଜାଫଳେ ସଂସାରର ମୁକ୍ତି ଲାଭ
ହୁଅଇ ଯା ଅଟେ ଦେବଗଣଙ୍କୁ ଦୁର୍ଲ୍ଲଭ ।
ସେହି ଗତି ମୁକ୍ତି ଦାତା ହରିଙ୍କ ଚରଣେ
ମନରଖି ଦୀନହୀନ କ୍ଷେତ୍ରବାସୀ ଭଣେ ।

ଇତି ଶ୍ରୀ ବୃହତ୍ ନାରଦ ପୁରାଣେ
ସଂସାର ବିଷୟ ବର୍ଣ୍ଣନଂ
ନାମ ତ୍ରିଂଶୋଽଧ୍ୟାୟଃ ।

---●----

# ଏକତ୍ରିଂଶ ଅଧ୍ୟାୟ

## ମୋକ୍ଷୋପାୟ କଥନ

ଏଥୁଅନ୍ତେ ଋଷଗଣ ବୋଇଲେ ହେ ସୁତ
ବ୍ୟାସଙ୍କର ଶିଷ୍ୟ ତୁମ୍ଭେ ପୁରାଣ ପଣ୍ଡିତ ।
ଯେତେକ ବିଷୟ ପୃଚ୍ଛା କରିଥିଲୁ ଆମ୍ଭେ
ତା ସବୁ ବର୍ଣ୍ଣନା କରି ଦେଲ କହି ତୁମ୍ଭେ ।
ସକଳେ ଶୁଣିଲୁ ମନ କର୍ଣ୍ଣ କରି ସ୍ଥିର
ଯେତେକ ସନ୍ଦେହ ଥିଲା ତା ହୋଇଲା ଦୂର ।
ଏବେ ଆଉ କିଛି ଶୁଣିବାକୁ ଆମ୍ଭ ମନ
ବଳିଅଛି ତା ପ୍ରକାଶ କରି କହ ପୁଣ ।
ସଂସାର ପାଶରେ ବଦ୍ଧ ଥିବା ଲୋକଙ୍କର
ଶୁଣିଲୁ ହୁଅଇ ଦୁଃଖ ଭୋଗ ଗୁରୁତର ।
ସେ ସଂସାରପାଶ ଛିନ୍ନ ହୁଏ କି ପ୍ରକାରେ
କି ଉପାୟ କଲେ ମୋକ୍ଷ ଗତି ପାନ୍ତି ନରେ ।
ତା ପ୍ରକାଶ କରି କହ ଆମ୍ଭର ଅଗ୍ରତେ
ଶ୍ରବଣ କରିବୁ ଆମ୍ଭେ ବସି ଏକଚିତ୍ତେ ।
ଜଗତରେ ଥିବା ପ୍ରାଣୀମାନେ ପ୍ରତିଦିନ
କର୍ମ ସମୂହକୁ କରୁଛନ୍ତି ଅନୁଷ୍ଠାନ ।
ଅନ୍ତେ ସେ କର୍ମରଫଳ ଭୋଗ କରୁଛନ୍ତି
ଏକଥା ଅଟଇ ଧର୍ମ ଶାସ୍ତ୍ରର ଯୁକତି ।
କଲା କର୍ମମାନ ନଷ୍ଟ ହୁଅଇ କିପରି
କର୍ମରୁ ଜନ୍ମଇ ଜୀବ ଶରୀରକୁ ଧରି ।
ଦେହ ପ୍ରାପ୍ତି ହେଲେ ନାନା କାମନା ଜନ୍ମଇ
କାମନାରୁ ଲୋଭ ଆସି ପ୍ରବେଶ କରଇ ।
ଲୋଭରୁ ଜନ୍ମଇ କ୍ରୋଧ କ୍ରୋଧେ ଧର୍ମନାଶ
ଧର୍ମ ନାଶ ଗଲେ ପ୍ରାଣୀ ହୁଏ ବୁଦ୍ଧି ଭ୍ରଂଶ ।
ବୁଦ୍ଧି ଭ୍ରଂଶ ହେଲେ ଜୀବ ପାପ କର୍ମ କରେ
ପାପ କର୍ମ କଲେ ପଡ଼ଇ ସେ ତମ ଘୋରେ ।
ପାପ ଏକା ଶରୀରର ମୂଳ ହେତୁ ଅଟେ
ପାପରୁ ସଂସାର ବନ୍ଧ କେବେହେଁ ନ ତୁଟେ ।
ଦେହୀ ସବୁକାଳେ ପାପକର୍ମରତ ହୋଇ
ଭ୍ରମି ମରୁଥାଏ ମୋକ୍ଷ ଗତିକି ନ ପାଇ ।
କି ଉପାୟ କଲେ ମୁକ୍ତି ମାର୍ଗ ମିଳେ ତାକୁ
ଆପଣ ପ୍ରକାଶ କରି କହ ତା ଆମ୍ଭଙ୍କୁ ।
ଋଷିଗଣଙ୍କର ମୁଖୁଁ ଏ ପ୍ରଶ୍ନକୁ ଶୁଣି
ପୁନର୍ପି କହିଲେ ତାଙ୍କୁ ସୁତ ମହାଜ୍ଞାନୀ ।
ତୁମ୍ଭମାନଙ୍କର ବୁଦ୍ଧି ଅତ୍ୟନ୍ତ ନିର୍ମଳ
ତେଣୁ ବାଞ୍ଛାକଲ ସବୁ ପ୍ରାଣୀର ମଙ୍ଗଳ ।
ସଂସାରର ଦୁଃଖ ନାଶ ହେବା ସକାଶରେ
ଚେଷ୍ଟା କରି ଏ ଉପାୟ ପାଞ୍ଚିଲ ମନରେ ।
ଯାହା ହେଉ ଯେବେ ଏହା ପଚାରିଲ ମୋତେ
ମୁଁ ପ୍ରକାଶ କରୁଅଛି ଶୁଣ ଏକ ଚିତ୍ତେ ।
ଯାହାଙ୍କ ଆଜ୍ଞାରେ ବ୍ରହ୍ମା ସୃଷ୍ଟି ସରଜନ୍ତି
ପାଳନ କରନ୍ତି ବିଷ୍ଣୁରୁଦ୍ର ସଂହାରନ୍ତି ।
ସେହି ଏକା ମୋକ୍ଷଦାତା ବୋଲି ତୁମ୍ଭେ ଜାଣ
ଏ ମିଥ୍ୟା ନୁହଇ ଅଟେ ବେଦର ପ୍ରମାଣ ।
ମହତକୁ ଆଦି କରି ବିଶେଷ ପର୍ଯ୍ୟନ୍ତ
ଯାହାର ପ୍ରଭାବେ ସୃଷ୍ଟି ହୁଅଇ ସଞ୍ଜାତ ।
ସେହି ଅନାମୟ ନାରାୟଣ ମୋକ୍ଷଦାତା
ଏଥିରେ ଭାବିବା ପାଇଁ ନାହିଁ ଅନ୍ୟକଥା ।
ଯାହାଠାରୁ ଏ ସକଳ ବସ୍ତୁ ଭିନ୍ନ ନୋହେ
କ୍ଷୟ ପ୍ରାପ୍ତ କଉଣସି କାଳରେ ନ ହୁଏ ।
ଧ୍ୟାନ ସେ କରଇ ଯେ ପରମ ଦେବତାଙ୍କୁ
ମୋକ୍ଷପଦ ନିଶ୍ଚୟରେ ମିଳଇ ତାହାକୁ ।
ବିକାର ରହିତ ଅଜ ଶୁଦ୍ଧ ସ୍ୱପ୍ରକାଶ
ନିରଞ୍ଜନ ଜ୍ଞାନାନନ୍ଦ ରୂପି ଯେ ପୁରୁଷ ।

Digitized by srujanika@gmail.com

ସେ ଏକା ଅଟନ୍ତି ମୋକ୍ଷ ସାଧନ ଉପାୟ
ଯେ ଆଶା କରଇ ତାଙ୍କୁ ନ ରହଇ ଭୟ ।
ଯାହାଙ୍କର ଅବତାର ଅରୂପ କୁନୀତି
ବ୍ରହ୍ମାଦି ଅମର ଗଣ ଅର୍ଚ୍ଚନା କରନ୍ତି ।
ସେ ଏକା ଦିଅନ୍ତି ନିତ୍ୟସ୍ଥାନ ବୋଲି ଜାଣ
ଯେ ତାହାଙ୍କୁ ଭଜଇ ସେ ଉତ୍ତମ ସୁଜାଣ ।
ଜିତାତ୍ମା ମହର୍ଷିଗଣ ଧ୍ୟାନଯୋଗେ ନିତି
ଆପଣାର ହୃଦୟରେ ଯାହାଙ୍କୁ ଦେଖନ୍ତି ।
ସେ ସର୍ବସୁଖର ମୂଳାଧାର ଏ ଜଗତେ
ମୋକ୍ଷଧାମ ମିଳେ ତାଙ୍କୁ ସୁମରିଲେ ଚିତ୍ତେ ।
ନିର୍ଗୁଣ ହୋଇ ଯେ ଲୋକାନୁଗ୍ରହ ସକାଶେ
ରୂପକୁ ଧରନ୍ତି ଆପଣାର ମାୟାବଶେ ।
ଆକାଶ ମଧ୍ୟରେ ଯାହାଙ୍କର ଅବସ୍ଥିତି
ସେହିପରି ପୂର୍ଣ୍ଣବ୍ରହ୍ମ ମୋକ୍ଷକୁ ଦିଅନ୍ତି ।
ସକଳ ଧର୍ମର ଅଧିପତି ଯେ ପୁରୁଷ
ଯୋଗୀଙ୍କ ହୃଦରେ ଯେହୁ କରନ୍ତି ନିବାସ ।
ସେ ପ୍ରଭୁଙ୍କ ଶରଣ ଯେ ଗ୍ରହଣ କରଇ
ସଂସାର ବନ୍ଧକୁ ଛେଦି ସେ ମୋକ୍ଷ ହୁଅଇ ।
କଳ୍ପ ଶେଷକାଳେ ସୃଷ୍ଟି ସଂହାର କରିଣ
ପ୍ରଳୟ ଜଳରେ ଯେହୁ କରନ୍ତି ଶୟନ ।
ତାଙ୍କୁ ତତ୍ତ୍ୱଦର୍ଶୀଗଣ ମୋକ୍ଷଦାତା ବୋଲି
ସୁନିଶ୍ଚିତ କରିଛନ୍ତି ଜାଣ ମୁଁ କହିଲି ।
ଅକ୍ଷୟ ନିର୍ଗୁଣ ନିରାମୟ ହରିଙ୍କର
ସେବା ଯେ କରଇ ମୋକ୍ଷ ହୁଅଇ ସେ ନର ।
ସର୍ବକର୍ମ ପରିତ୍ୟାଗ କରି ଯେଉଁ ଜନ
ଦମ ଶମଆଦି ଗୁଣେ ଯୁକତ ହୋଇଣ ।
ପରମବ୍ରହ୍ମଙ୍କୁ ଯୋଗମାର୍ଗେ ଧ୍ୟାନ କଲେ
ଏ ଭବସାଗରୁ ମୁକ୍ତି ଲାଭ ହୁଏ ଭଲେ ।
ଏହା ଶୁଣି ଋଷିଗଣ ବୋଇଲେ ହେ ସୁତ
ଆବର କଥାଏ କହି ତୋଷ କର ଚିତ୍ତ ।
ଯୋଗୀଜନଙ୍କର ଯୋଗ କରିଲେ କି କର୍ମ ।
ସିଦ୍ଧହୁଏ ତା ପ୍ରକାଶି କହ ମହାତ୍ତମ ।
ତା ଶୁଣି ବୋଇଲେ ସୁର ଶୁଣ ଋଷିଗଣ
ଯାହା ପୁଚ୍ଛାକଲ ମୋତେ କହ ତା କାରଣ ।
ତତ୍ତ୍ୱଦର୍ଶୀଗଣ ପୂର୍ବେ ମୋକ୍ଷ ପଦାର୍ଥକୁ
ଜ୍ଞାନ ଲାଭ ବୋଲି ସାଧୁ କହିଛନ୍ତି ତାଙ୍କୁ ।

ଭକ୍ତ ଅଟଇ ହେ ମୂଳ କାରଣ ଜ୍ଞାନର
ସତ କର୍ମରୁ ଉତ୍ପତ୍ତି ହୁଏ ଜ୍ଞାନ ତାର ।
ସହସ୍ର ସହସ୍ର ଜନ୍ମେ ନାନାବିଧ ଦାନ
ତୀର୍ଥବ୍ରତ ଯଜ୍ଞ ଆଦି କଲେ ଅନୁଷ୍ଠାନ ।
ତହିଁରୁ ହୁଅଇ ହରି ଭକତି ଉଦୟ
ସେ ହରି ଭକତି ହୁଏ ମୋକ୍ଷର ଉପାୟ ।
ଭକ୍ତି ସହକାରେ ଧର୍ମକାର୍ଯ୍ୟ ଅଳ୍ପମାତ୍ର
କରିଲେ ହୁଅଇ ଲୋକ ପ୍ରଶଂସାର ପାତ୍ର ।
ଆବର ତହିଁରୁ ଯେଉଁ ଫଳୋଦୟ ହୁଏ
ଅକ୍ଷୟ ହୋଇଣ ତାହା ଯୁଗେ ଯୁଗେ ଥାଏ ।
ପରମ ଶ୍ରଦ୍ଧାରେ ହରିଭକ୍ତି ଯେ କରଇ
ତାହାର ସକଳ ପାପ ବିନଷ୍ଟ ହୁଅଇ ।
ଏହିରୂପେ ପାପରାଶି ଅଙ୍ଗୁ ଦୂର ହେଲେ
ଉଦୟ ହୁଅଇ ସୁନିର୍ମଳ ବୁଦ୍ଧି ଭଲେ ।
ନିର୍ମଳ ବୁଦ୍ଧିକୁ ଜ୍ଞାନ ବୋଲି ବୁଧଗଣ
ସକଳ ଶାସ୍ତ୍ରରେ କରିଛନ୍ତି ନିରୂପଣ ।
ଜ୍ଞାନୀଙ୍କି ହୁଅଇ ମୋକ୍ଷପଦ ପରାପତି
ଯେହୁ ମୋକ୍ଷପାଏ ତାର ନ ଥାଏ ଦୁର୍ଗତି ।
ଯେଉଁ ଜ୍ଞାନବଳେ ମୋକ୍ଷପଦ ପ୍ରାପ୍ତ ହୁଏ
ସେ ଜ୍ଞାନ କେବଳ ଯୋଗୀଠାରେ ଦେଖାଯାଏ ।
କର୍ମ ଜ୍ଞାନଭେଦେ ଯୋଗ ହୁଅଇ ଦ୍ୱିବିଧ
ମାନବ ପକ୍ଷରେ କର୍ମ ଯୋଗ ଅଟେ ସାଧ ।
କ୍ରିୟାଯୋଗ ବିନା ଜ୍ଞାନଯୋଗକୁ ମାନବେ
ସିଦ୍ଧକରି ନ ପାରନ୍ତି କଉଣସି ଭାବେ ।
ମନୁଷ୍ୟ ମାତ୍ରକେ ସବୁ ଛାଡ଼ି ପ୍ରଥମରେ
କ୍ରିୟାଯୋଗେ ରତ ହୋଇ ଭକ୍ତି ସହକାରେ ।
ହରିଙ୍କୁ କରିବ ସର୍ବଭାବରେ ଅର୍ଚ୍ଚନା
ଅର୍ଚ୍ଚିତ ହେଲେ ସେ ପୂର୍ଣ୍ଣ କରନ୍ତି କାମନା ।
ଦ୍ୱିଜ ଅଗ୍ନି ଭୂମି ସୂର୍ଯ୍ୟ ଚିତ୍ର ପ୍ରତିମାରେ
ହରିଙ୍କୁ ପୂଜିବ ନାନାବିଧ ଉପଚାରେ ।
ସମାନ ଭାବରେ ହରି ଏ ସ୍ଥାନରେ ଥାନ୍ତି
ଯେ ପୂଜା କରଇ ତାଙ୍କୁ ମିଳେ ମୋକ୍ଷଗତି ।
ପରନିନ୍ଦାରୁ ପୀଡ଼ିତ ହୋଇଣ ଯେ ଜନ
ସଂଯତରେ ରକ୍ଷାକରି ନିଜ କାୟ ମନ ।
ପୁଣ୍ୟାତ୍ମା ହରିଙ୍କୁ ସମର୍ଚ୍ଚନା କରେ ନିତି
ତାହାକୁ ଜ୍ଞାନୀ ଯୋଗିଏ ସମାନ ନୁହଁନ୍ତି ।

Digitized by srujanika@gmail.com

କର୍ମଯୋଗ ଅବା ଜ୍ଞାନଯୋଗକୁ ସାରିଲେ
ହିଂସା କ୍ରୋଧ ମାତ୍ସର୍ଯ୍ୟକୁ ବରଜିବ ଭଲେ ।
ସତ୍ୟସଙ୍ଗ ତ୍ୟାଗ ଦୟାଧର୍ମ ବ୍ରହ୍ମଚର୍ଯ୍ୟ
ଏମାନେ ଅଟନ୍ତି ଯୋଗ ସାଧନର କାର୍ଯ୍ୟ ।
ତେଣୁ ଏହା ସବୁ ପାଳି ବହୁ ଯତନରେ
ତତ୍ପର ହୋଇବ ଜନ ଯୋଗ ସାଧନରେ ।
ଏ ସଂସାର ମଧ୍ୟେ ଯେତେ ଚରାଚର ପ୍ରାଣୀ
ସବୁ ବିଷ୍ଣୁମୟ ବୋଲି ମନେ ଥିବ ଜାଣି ।
ବିଷ୍ଣୁ ଭିନ୍ନ ହୋଇ କିଛି ନାହିଁ ବିଚାରିବ
ପୂର୍ବୋକ୍ତ ଯୋଗମାନଙ୍କୁ ଅଭ୍ୟାସ କରିବ ।
ସକଳ ପ୍ରାଣୀଙ୍କୁ ନିଜ ପରି ଯେ ବିଚାରେ
ବିଷ୍ଣୁଙ୍କ ପରମ ଭାବ ସେହୁ ଲାଭକରେ ।
ଯା ଚିତ୍ତ ଦୂଷିତ କାମ କ୍ରୋଧ ଲୋଭାଦିରେ
ରତ ହୋଇଲେ ସର୍ବଦା ହରିଙ୍କ ଧ୍ୟାନରେ ।
ତାରା ସେ କାର୍ଯ୍ୟରେ ତୃପ୍ତ ନୁହନ୍ତି ଶ୍ରୀହରି
କ୍ଳେଶ ଭୋଗି ହୁଅନ୍ତି ସେ ପରିଶ୍ରମ କରି ।
ଧର୍ମ ବୁଦ୍ଧିରେ ସେ ତାଙ୍କୁ ସ୍ମରଣ କରଇ
ସେ ତାର କାର୍ଯ୍ୟରେ ରହିଥାନ୍ତି ବନ୍ଧାହୋଇ ।
ଯା ହୃଦୟେ କାମ କ୍ରୋଧାଦିରେ ପରିପୂର୍ଣ୍ଣ
ସେ ଯେତେ ହେଲେହେଁ ଦେବ ପୂଜା ପରାୟଣ ।
ଦୟାଚାର ପୁଣି ଘୋର ପାତକୀ ଯେ ସେହି
ତାର ସେ ପୂଜାରେ କିଛି ପ୍ରୟୋଜନ ନାହିଁ ।
ଏଣୁ ଯେଉଁ ବ୍ୟକ୍ତି ମୁକ୍ତି ଅଭିଳାଷ ହେବ
ସର୍ବ ପ୍ରଥମରେ କର୍ମ ଯୋଗ ଯେ କରିବ ।
ସମାଧି ଗୁଣରେ ଲିପ୍ତ ହୋଇ ମୁକ୍ତି କାମେ
ବିଷ୍ଣୁଙ୍କୁ ପୂଜିଲେ ତାହା ଲାଭ ହୁଏ କ୍ରମେ ।
ତତ୍ପର ହୋଇଣ ପ୍ରାଣୀ ହିତ ସାଧନାରେ
ସଂଯତରେ ରଖି ମନ ପବନ ବିଧିରେ ।
ମନ୍ତ୍ର ତନ୍ତ୍ର ଉପବାସ ପୁରାଣ ଶ୍ରବଣ
ଅଶେଷ ଫଳ ମିଳଇ କରିଲେ ବିଧାନ ।
ଫଳ ପୁଷ୍ପାଦିରେ ଶ୍ରୀକୃଷ୍ଣଙ୍କ ପୂଜାକଲେ
କ୍ରିୟାଯୋଗ ସେହୁ ଅଟେ ମନୋଭାବ ହେଲେ ।
ବିଷ୍ଣୁଭକ୍ତି ପରାୟଣ ଥାନ୍ତି ଯେଉଁ ଜନ
କ୍ରିୟା ଯୋଗ ଏହିପରି କରନ୍ତି ସାଧନ ।
କ୍ରିୟା ଯୋଗକଲେ ପୂର୍ବାର୍ଜିତ ଯେତେ ପାପ
ତାହା ସବୁ ଶରୀରରୁ ହୋଇଯାଏ ଲୋପ ।

ପାପ ବିନାଶରେ ବୁଦ୍ଧି ନିର୍ମଳ ହୁଅଇ
ତଦନ୍ତେ ସେ ଦିବ୍ୟ ଜ୍ଞାନ ଶରୀରେ ଲଭଇ ।
ଏ କାରଣୁ ଜ୍ଞାନଲାଭେ ଯେ ଉପାୟ ଅଛି
ବିସ୍ତାର କରିଣ ତାହା ତୁମ୍ଭଙ୍କୁ କହୁଛି ।
ଯେତେ ଚରାଚର ବସ୍ତୁ ଛନ୍ତି ଜଗତରେ
କେହୁ ନିତ୍ୟ ଅନିତ୍ୟ ସେ ବସ୍ତୁ ମଧ୍ୟରେ ।
ଶାସ୍ତ୍ର ତତ୍ତ୍ୱ ପାରଦର୍ଶୀ ପଣ୍ଡିତଙ୍କ ମତେ
ତା ସ୍ଥିର କରିବେ ବୁଦ୍ଧିମନ୍ତ ବ୍ୟକ୍ତି ଯେତେ ।
ପଣ୍ଡିତଙ୍କ ମତ ବୁଝି ଜାଣିଅଛି ମୁହିଁ
ସକଳ ବସ୍ତୁ ଜଗତେ ଅନିତ୍ୟ ଅଟଇ ।
କେବଳ ଅଟନ୍ତି ନିତ୍ୟ ନିରଞ୍ଜନ ହରି
ଏ କାରଣୁ ଆଉ ସବୁ ପରି ଯୋଗ କରି ।
ଇହ ପରକାଳେ କଲେ ହରିଙ୍କୁ ଆଶ୍ରୟ
ସହଜେ ମାନବଗଣେ ମିଳଇ ଅଭୟ ।
ଯେ ଅନିତ୍ୟ ବିଷୟରେ ଆସକ୍ତ ହୋଇଣ
ସଂସାରରେ ଲିପ୍ତ ହୋଇ ରହେ ଅନୁକ୍ଷଣ ।
ସଂସାର ବନ୍ଧନ ତାର ଖଣ୍ଡନ ନୁହଇଁ
ତେଣୁ ମୋକ୍ଷ ବାଟ ତାକୁ କେଭେ ନମିଳଇ ।
ସେ ମୋକ୍ଷ ହେବାକୁ ମନେ ବିଚାର କରିବ
ପ୍ରଥମେ ସଂସାର ମୋହକୁ ସେ ଛାଡ଼ିଦେବ ।
ଶମାଦି ଗୁଣକୁ ଅବଲମ୍ବନ କରିଣ
ଜ୍ଞାନ ଅରଜିବା ପାଇଁ କରିବ ଯତନ ।
ଶମାଦି ଗୁଣକୁ ଯେହୁ ଆଶ୍ରୟ ନ କରେ
ସମ୍ଭବ ନ ନୁହଇଁ ଜ୍ଞାନ ଲାଭ ତା ପକ୍ଷରେ ।
ଏହିପରି ହରି ଯେହୁ ସବୁ ପ୍ରାଣୀ ପ୍ରତି
ଦୟାବନ୍ତ ହୋଇ କାମ ଲୋଭ ବରଜନ୍ତି ।
ହରିଧ୍ୟାନେ ଗମନ ଯେ ହୁଅଇ ସର୍ବଦା
ମୋକ୍ଷ ପଦକୁ ରାଜନ ସେହୁ ଜାଣ ସଦା ।
ପୂର୍ବେ କହିଥିବା ଚତୁର୍ବିଧ ସାଧନାରେ
ଚିତ୍ତ ଯାଇ ଶୁଦ୍ଧି ହୋଇଥାଏ ପ୍ରଥମରେ ।
ନିଜ ଜ୍ଞାନ ବଳେ ସେ ବିପ୍ରଙ୍କୁ ଜାଣିପାରେ
ତଦନ୍ତେ ତାହାକୁ ମୋକ୍ଷ ପଦ ମିଳିପାରେ ।
ଜ୍ଞାନ ବଳେ ଯୋଗ କରି ପାରଇ ସାଧନ
ଯୋଗ ସିଦ୍ଧି ହେଲେ ମୁକ୍ତି ଲାଭ କରେ ଜନ ।
ଶ୍ରେଷ୍ଠ ଉପାୟ ଯା ଅଛି ଯୋଗୀମାନଙ୍କର
ତାହା ବୁଝାଇ କହୁଛି ଶୁଣନ୍ତୁ ଶ୍ରୁତିର ।

Digitized by srujanika@gmail.com

ଯୋଗ ଆଉ ଜ୍ଞାନ ଦୁହିଁଙ୍କର ଯେ ସାଧନ
ତହିଁର ବିଷୟ ଏବେ ଶୁଣ ଦେଇ ମନ ।
ସେ ଆତ୍ମା ବେନି ପ୍ରକାର ବୋଲି ଅଛି ରହି
ଅଥର୍ବ ବେଦରେ ଯାର ପ୍ରମାଣ ଅଛଇ ।
ଯେହୁ ଅଟନ୍ତି ନିର୍ଗୁଣ ଯେ ପରମ ଆତ୍ମା
ଜ୍ଞାନୀ ଜନେ ଅପରକୁ ବୋଲନ୍ତି ଜୀବାତ୍ମା ।
ସେହି ଉଭୟ ଆତ୍ମାର ଅଭେଦ ଯେ ଜ୍ଞାନ
ତାହାକୁ ଯୋଗ ବୋଲିଣ କୁହନ୍ତି ସୁଜାଣ ।
ସାକ୍ଷୀ ସ୍ୱରୂପ ଥାଇ ସେ ଦେହିଙ୍କ ଦେହରେ
ସକଳ ଜୀବଙ୍କୁ ଦେଖୁଥାନ୍ତି ନିରନ୍ତରେ ।
ତାଙ୍କଠାରୁ ଭିନ୍ନ ଅଟେ ପରମାତ୍ମା ଜାଣ
ପୌରୁଷ ନୁହେଁ ବା ଏହା ବେଦର ପ୍ରମାଣ ।
ଏହି ଶରୀରକୁ କ୍ଷେତ୍ର ବୋଲିଣ ବୋଲନ୍ତି
ସେ ସକଳ କ୍ଷେତ୍ରେ ପ୍ରଭୁ ବାସ କରିଥାନ୍ତି ।
ଯେ ପରମଆତ୍ମା ସେହି ଅବ୍ୟକ୍ତଟି ଜାଣ
ନିର୍ବଳ ସର୍ବତ୍ର ବ୍ୟାପୀ ଚିତ୍ୟ ନିରଞ୍ଜନ ।
ଯେଉଁ ମାନବର ଏହି ଜୀବ ପରମରେ
ଜନ୍ମଇ ଅଭେଦ ବୁଦ୍ଧି ସେ ଏକା ନିସ୍ତରେ ।
ସେ ସଂସାର ମାୟା ଡୋର ଛିନ୍ନ କରିଦେଇ
ପରମ ସ୍ଥାନରେ ନିଶ୍ଚିନ୍ତରେ ବସେ ଯାଇ ।
ଭିନ୍ନ ଭିନ୍ନ ହୋଇ ଅବିନାଶୀ ଆତ୍ମାଠାରୁ
ଜଗତରେ ଶ୍ରେଷ୍ଠ ନାହିଁ କେହି ତାଙ୍କଠାରୁ ।
ସେ ଏକା ହେଲେହେଁ ହେବ ଜ୍ଞାନରେ ମାନବେ
ନାନା ପରକାରେ ତାଙ୍କୁ ଦେଖନ୍ତି ଏ ଭବେ ।
ଏହି ଅଦ୍ୱିତୀୟ ପରଂବ୍ରହ୍ମ ସନାତନ
ବେଦାନ୍ତରେ ଏହା ହୋଇଅଛି ନିରୂପଣ ।
ଏ କାରଣୁ ତୁମ୍ଭ ଆଗେ କହୁଅଛି ମୁହିଁ
ଏ ଜଗତ ବ୍ରହ୍ମ ଭିନ୍ନ ଆନ କିଛି ନାହିଁ ।
ସେ ପରମ ଆତ୍ମା ନିରଞ୍ଜନ ସ୍ୱାମୀଙ୍କର
ଏହି ଜଗତ ମଧରେ ନାହିଁ ପରାପର ।
ରୂପ ନାହିଁ ବର୍ଣ୍ଣ ନାହିଁ ଶବ୍ଦ ରସ ନାହିଁ
କିନ୍ତୁ ଅପୂର୍ବ ବେଶରେ ଭ୍ରମନ୍ତି ସଦାହିଁ ।
କାରଣରୁ କାରଣ ସେ ଜଗତ କରତା
ଅତ୍ୟନ୍ତ ତେଜସ୍ୱୀ ସେହି ପରମ ଦେବତା ।
ତାଙ୍କ ବିନେ ନାହିଁ କିଛି ପଦାର୍ଥ ଜଗତେ
ସେ ପୂରି ଅଛନ୍ତି ସମସ୍ତଙ୍କ ଅନ୍ତର୍ଗତେ ।

ବ୍ରହ୍ମଜ୍ଞାନ ବିନାଆଉ ମୁକ୍ତିର କାରଣ
କିଅଛଇ ମନମଧ୍ୟେ ବିଚାରିଣ ଘେନ ।
ସେହି ଯେ ଜଗତ କର୍ତ୍ତା ଦ୍ୟନ୍ତି ମୋକ୍ଷପଦ
ତାହାକୁ ଭଜିଲେ ମିଳେ ଐଶ୍ୱର୍ଯ୍ୟ ସମ୍ପଦ ।
ଯାହାର ହୃଦରେ ଜ୍ଞାନ ଉଦୟ ହୁଅଇ
ଜଗତକୁ ନାନାବିଧ ରୂପେ ସେ ଦେଖଇ ।
ଜ୍ଞାନୀମାନଙ୍କର ପକ୍ଷେ ଏକ ବ୍ରହ୍ମ ବୋଲି
ପରିଦୃଶ୍ୟ ହୁଅଇଟି ଜାଣ ମୁଁ କହିଲି ।
ଏଣୁ ଯୋଗବଳେ ମାୟା କରିବାକୁ ଦୂର
ଚେଷ୍ଟା କରୁଥିବା ଅଟେ ଉତ୍ତମ ବିଚାର ।
ମାୟା ଅସଦ୍ରୂପା ନୋହେ ସତରୂପା ନୋହେ
ଉଭୟ ସ୍ୱରୂପା ପୁଣି ନୁହେଁ ସେ କେବେ ହେଁ ।
ଅଟେ ସେ କେଉଁ ପଦାର୍ଥ ତା କହି ନୁହଇଁ
କିନ୍ତୁ ଜୀବ ମାତ୍ରକେ ହେ ଅବସ୍ଥିତ ହୋଇ ।
କରୁଅଛି ଉତ୍ପାଦନ ବୁଦ୍ଧିର ଭେଦକୁ
ଅଜ୍ଞାନୀ ବୋଲି ଜ୍ଞାନୀଏ ବୋଲନ୍ତି ତାହାକୁ ।
ଏହା ଜାଣି ମାୟାକୁ ଯେ ଜୟକରି ପାରେ
ଅଜ୍ଞାନ ବୋଲିବା କଥା ନ ରହେ ତା ଠାରେ ।
ପରଂବ୍ରହ୍ମଙ୍କର ନାମ ପଣ୍ଡିତଙ୍କ ମତେ
ଜ୍ଞାନୀବୋଲି ନିରୂପିତ ହୋଇଛି ଜଗତେ ।
ଯେଉଁମାନେ ଜ୍ଞାନୀ ତାଙ୍କ ହୃଦୟରେ ନିତି
ଜଗତ କରତା ପ୍ରଭୁ ବିଜେ କରିଥାନ୍ତି ।
କାଳେ ହେଁ ବିପଦ ଯେବେ ତାହାଙ୍କୁ ଆସଇ
ଚକ୍ର ପେଶି କ୍ଷଣେ ନାଶି ଦ୍ୟନ୍ତି ଭାବଗ୍ରାହୀ ।
ଜ୍ଞାନୀ ଜନମାନେ ଜ୍ଞାନ ଧାରଣାର ବଳେ
ଅଜ୍ଞାନୀକୁ ନଷ୍ଟ କରି ଦେଉଥାନ୍ତି ହେଳେ ।
ଅଷ୍ଟାଙ୍ଗ ଯୋଗରେ ବିଧି ହୁଅଇ ସାଧନ
ମୁଁ ତାହା ନିର୍ଣ୍ଣୟ କରି କହୁଅଛି ଶୁଣ ।
ଯମ ନିୟମ ଆସନ ପ୍ରାଣାୟାମ ବିଧି
ପୁଣି ପ୍ରତ୍ୟାହାର ଧ୍ୟାନ ଧାରଣା ସମାଧି ।
ଏହି ଆଠଗୋଟି ଅଙ୍ଗ ଯୋଗର ଅଟଇ
ଜ୍ଞାନୀଧନମାନେ ଏହା ଯାଇଛନ୍ତି କହି ।
ଏହି ଅଷ୍ଟାଙ୍ଗର ସ୍ୱରୂପକୁ ମୁହିଁ ଏବେ
ବର୍ଣ୍ଣନା କରି କହୁଛି ଶୁଣ ତୁମ୍ଭେ ସର୍ବେ ।
ସତ୍ୟ ଅହିଂସା ଅଟଇ ଜ୍ଞାନର ଯେ ପଥ
ଅହିଂସା ବଳରେ ହିଂସା ହୁଏ ଦୂରୀଭୂତ ।

Digitized by srujanika@gmail.com

ଅନୁସୂୟା ଏମାନଙ୍କୁ ଯମ ବୋଲି କହି
ଆବର ଏକଇ ଗାଥା ଶୁଣ ମନ ଦେଇ ।
ଧର୍ମାଧର୍ମ ବିବେଚନା କରି ଯେ ସମସ୍ତ
ବାକ୍ୟ ବୋଲାଯାଏ ତାର ନାମ ଅଟେ ସତ୍ୟ ।
ସକଳ ପ୍ରକାରେ ତ୍ୟାଗ କଲେ ମଇଥୁନ
ଯେ କର୍ମକୁ ମଇଥୁନ ବୋଲନ୍ତି ଯେ ଜନ ।
ବ୍ରହ୍ମଚର୍ଯ୍ୟ ବିହୀନ ସେ ଜ୍ଞାନବନ୍ତ ବ୍ୟକ୍ତି
ସେ ମହା ପାତକୀ ବୋଲି ପଣ୍ଡିତେ କହନ୍ତି ।
ସକଳ ସଙ୍ଗକୁ ତ୍ୟାଗ କରିଲେ ମାନବ
ମୈଥୁନ କାର୍ଯ୍ୟରେ ଯେବେ ଆସକ୍ତ ହୋଇବ ।
ସେ ଚଣ୍ଡାଳ ସଙ୍ଗେ ସରି ଏକଥା ନିଶ୍ଚିତ
ସକଳ କର୍ମରୁ ହୁଅଇ ସେ ବହିର୍ଗତ ।
ଯୋଗ ଅଭ୍ୟାସ କରିଣ ଯେବଣ ବ୍ରାହ୍ମଣ
ବାଞ୍ଛା ରଖିଥାଏ ଭୋଗ ଦରବରେ ଜାଣ ।
ତାହା ସଙ୍ଗତରେ ସମ୍ଭାଷଣ କଲାମାତ୍ରେ
ବ୍ରହ୍ମହତ୍ୟା ପାତକ ଯେ ଲାଗଇ ତୁରିତେ ।
ଯେବଣ ମାନବ ସର୍ବସଙ୍ଗ ତ୍ୟାଗକରି
ଆସକ୍ତ ହୁଅଇ ବିଷୟରେ ଆସିକରି ।
ତାହା ସଙ୍ଗରେ ସଙ୍ଗ ଯେ ଜନ ହୁଅଇ
ମହା ପାତକରେ ସଦା ସେ ଘାଣ୍ଟି ହୁଅଇ ।
ପର ଦେଇଥିବା ଦ୍ରବ୍ୟ ଆପଦ କାଳରେ
କୌଣସି ମତେ ଭକ୍ଷଣ ଯେ ଜନ ନକରେ ।
ତା ନାମ ଅପରିଗ୍ରହ ଋଷିଗଣେ ଜାଣ
ଅନାୟାସେ ଯୋଗ ତାର ହୁଅଇ ପୂରଣ ।
ନିଷ୍ଠୁର ବଚନ ଯେବେ କେହି କାହା ପ୍ରତି
ବିନା କାରଣରେ ବ୍ୟବହାର କରିଥାନ୍ତି ।
କ୍ରୋଧ ବୋଲିଣ ପଣ୍ଡିତେ କହନ୍ତି ତାହାକୁ
କ୍ରୋଧବଶ ହେଲେ ଜନ ଲଭଇ ପାପକୁ ।
ଅକ୍ରୋଧ ବୋଲିଣ ନାମ ଯାହାର ଅଟଇ
ସକଳ କାର୍ଯ୍ୟରେ ସିଦ୍ଧ ଲାଭକରେ ସେହି ।
ପରଧନ ପରନାରୀ ଦେଖିଲେ ଯେ ନର
ମନରେ ଅପାର ଆଶା ବାନ୍ଧଇ ସତ୍ୱର ।
ମହା ପାତକୀଙ୍କ ମଧ୍ୟେ ଗଣା ସେ ଅଟନ୍ତି
ତା ମୁଖ ଚାହିଁଲେ ଜନେ ଲଭେ ବ୍ରହ୍ମଘାତୀ ।
ଆହେ ଋଷିଗଣ ତବ ଅଗ୍ରତରେ ମୁହିଁ
ଜନ୍ତୁପତିର ବିଷୟ ମାନି ଗଲି କହି ।

ଯମ ପରେ ସେ ନିୟମ ରହିଛି ଜଗତେ
ମନ ସ୍ଥିର କରି ସର୍ବେ ଶୁଣ ଶୁଦ୍ଧଚିତ୍ତେ ।
ତପସ୍ୟା ସ୍ୱାଧାୟ ଶୌଚ ଶ୍ରୀହରି ଅର୍ଚ୍ଚନା
ସର୍ବଦା ସନ୍ତୋଷ ପୁଣି ସନ୍ଧ୍ୟା ଉପାସନା ।
ଏହାର ନାମ ନିୟମ ବୁଧେ ଛନ୍ତି କହି
ବେଦାନ୍ତ ଶାସ୍ତ୍ରରେ ଏହା ଅଛି ଲେଖା ହୋଇ ।
ଦୃଢ଼ ମନ କରି ଚାନ୍ଦ୍ରାୟଣ ଆଦି ବ୍ରତ
ଶରୀର ଯଦ୍ୟପି କରାଯାଏ ଶୁଦ୍ଧପୁତ ।
ତପସ୍ୟା ବୋଲିଣ ତାକୁ ପଣ୍ଡିତେ କହନ୍ତି
ଆବର ଉତ୍କୃଷ୍ଟ ଯୋଗ ସାଧନ ବୋଲନ୍ତି ।
ପ୍ରାଣ ଗୋଚାରଣ ଉପନିଷଦ ପଠନ
ଦ୍ୱାଦଶ ଅକ୍ଷର ପଞ୍ଚାକ୍ଷର ମନ୍ତ୍ର ପୁଣ ।
ଅଷ୍ଟାକ୍ଷର ଆଦି ମହା ବାକ୍ୟରେ ଯେ ଜପ
ସେ ଯୋଗ ସାଧ ସ୍ୱାଧାୟ ପୁଣି ଦିବ୍ୟ ତପ ।
ଯେଉଁ ଯୋଗୀ ଏହି ଯୋଗମାନ ଯୋଗ କରେ
ଯୋଗ ନ ମିଳଇ ତାକୁ ଜାଣ ଏ ଜନ୍ମରେ ।
ଯୋଗ ନ କରିଣ ଯେବେ ସ୍ୱାଧାୟ କରଇ
ହୃଦୟ ମଧ୍ୟରେ ତାର ପାପ ନ ରହଇ ।
ଯୋଗ ବିନା ସ୍ୱାଧାୟର ବଳରେ କେବଳ
ପାପ ନାଶଯାଏ ଆତ୍ମା ହୁଅଇ ନିର୍ମଳ ।
ସ୍ୱାଧାୟରେ ସ୍ତୁତି ଯେବେ ହୋନ୍ତି ଦେବଗଣ
ପ୍ରସନ୍ନ ହୋଇ ସେ ବର କରନ୍ତି ପ୍ରଦାନ ।
ବାଚିକ ଉପାଂଶୁପୁଣି ମାନସ ଭେଦରେ
ତିନି ପ୍ରକାର ଏ ଜପ ହୁଅଇ କ୍ରମରେ ।
ଉତ୍ତର ଉତ୍ତର କ୍ରମେ ଏ ତିନି ପ୍ରକାର
ଜପର ଶ୍ରେଷ୍ଠତା ରହିଅଛି ମନେକର ।
ଯେବଣ ଜପରେ ପଦ ଅକ୍ଷର ସକଳ
ବାହ୍ୟକୁ ପ୍ରକାଶ କରି ଥାଆନ୍ତି ନିର୍ମଳ ।
ସେ ମନ୍ତ୍ର ଜପଇ ନାମ ବାଚକ ଅଟଇ
ସକଳ ଯଜ୍ଞର ଫଳ ସେ ଲାଭ କରଇ ।
ଅସ୍ପଷ୍ଟ ସ୍ୱରରେ ଯେହୁ ଉଚ୍ଚାରଇ ମନ୍ତ୍ର
ତା ନାମ ଉପାଂଶୁ ଜପ ବୋଲନ୍ତି ପଣ୍ଡିତ ।
ଅକ୍ଷରର ଅର୍ଥ ବୋଧ କରି ମନେ ମନେ
ପ୍ରକାଶ ନ କରି ଯେଉଁ ମନ୍ତ୍ର ଜପେ ମନେ ।
ମାନସ ଜପରେ ଯୋଗ ସିଦ୍ଧି ପ୍ରଦାୟକ
ସବୁ ଜପଠାରୁ ଫଳ ମିଳଇ ଅଧିକ ।

Digitized by srujanika@gmail.com

ପ୍ରତିଦିନ ଜପରେ ସେ ଦେବତାମାନଙ୍କୁ
ସ୍ତୁତିକରେ ବର ସେହୁ ଦିଅନ୍ତି ତାହାଙ୍କୁ ।
ଏଣୁ ଯେ ସ୍ୱାଧ୍ୟାୟ ପରାୟଣ ହୋଇଥାଏ
ତାହାର କାମନା ସବୁ ପୂରଣ ଯେ ହୁଏ ।
ଯେଦୃଚ୍ଛା ଲାଭରେ ଯେବେ ଆନନ୍ଦ ଜନ୍ମଇ
ତାହାର ନାମ ସନ୍ତୋଷ ଶୁଣ ମନଦେଇ ।
ଯେବଣ ମାନବ ଅଟେ ଅତି କ୍ରୁଦ୍ଧମତୀ
ସେ ଧର୍ମ ସମ୍ପଦ ଲାଭ କରି ନ ପାରନ୍ତି ।
ଯେ ଭୋଗ ଲାଳସା ଭୋଗ ବସ୍ତୁମାନଙ୍କର
ଆଶା ନ ପୂରଇ କେବେ ଜାଣ ସେ ନରର ।
ଆହୁରି ଅଧିକ ଭୋଗ କରିବି କେମନ୍ତେ
ଏପରି ବର୍ଦ୍ଧିତ ହୁଅଇ ସେ ଅବିରତେ ।
ଏଣୁ ଧର୍ମ ଉପାୟଟି ଅଟେ ଯେଉଁ ଜନ
ଅଳପରେ ସାଧିପାରେ ସେହୁ ବ୍ରହ୍ମଜ୍ଞାନ ।
ଶରୀର ନାଶକ ଅଟେ ଯେ ବିଳାସ କୀଟ
ତାକୁ ନ ଛାଡ଼ିଲେ ଯୋଗୀ ଭୋଗକରେ କଷ୍ଟ ।
ସନ୍ତୋଷ ବିଧାନ ମାନ ଶୁଣିଲତ କର୍ଣ୍ଣେ
ଶୌଚର ବିଷୟ ତୁମ୍ଭେ ଶୁଣ ଶୁଦ୍ଧମନେ ।
ବିବିଧ ଅଟଇ ଶୌଚ ବାହ୍ୟ ଅଭ୍ୟନ୍ତର
ମୃତ୍ତିକା ଜଳରେ ତାହା ହୁଏ ପରିଷ୍କାର ।
ଭାବ ଶୁଦ୍ଧିରେ ଯେ ଅଭ୍ୟନ୍ତର ଶୁଦ୍ଧି ହୁଏ
ସେ ଯାହାର ନାହିଁ ସେହୁ ଅଶୁଚି ବୋଲାଏ ।
ଅନ୍ତଃ ଶୁଦ୍ଧି ଯାର ହୋଇଅଛି ଏ ପ୍ରକାରେ
ସେ ଯେତେକ ଧର୍ମ କର୍ମ ଅନୁଷ୍ଠାନ କରେ ।
ସକଳ ବାସନା ତାର ସଫଳ ହୁଅଇ
ଅନ୍ତଃ ଶୁଦ୍ଧି ବିନା କର୍ମେ ଫଳ ନ ମିଳଇ ।
ଭସ୍ମରେ ଆହୁତି ଦେଲାପରି କର୍ମମାନ
ବିଫଳ ହୁଅନ୍ତି ତାର ନିଶ୍ଚୟରେ ଜାଣ ।
ଅନ୍ତଃ ଶୁଦ୍ଧ ହୋଇ ନାହିଁ ଯେବଣ ବ୍ୟକ୍ତିର
ମୃତ୍ତିକା ନେଇ ସେ ଶତ ସହସ୍ର ଯେ ଭାର ।
କୋଟି କୁମ୍ଭଜଳ ଯଦି ସ୍ନାହାନ କରାଏ
ଚଣ୍ଡାଳମାନଙ୍କ ସଂଗେ ଗଣନା ସେ ହୁଏ ।
ଅନ୍ତଃ ଶୁଦ୍ଧି ଶୂନ୍ୟ ହୋଇ ପୂଜିଲେ ଦେବଙ୍କୁ
କୋପେ ସେ ଦେବତା ନଷ୍ଟ କରନ୍ତି ତାହାଙ୍କୁ
ଦେହାନ୍ତ ସମୟେ ସେହୁ ନର୍କଗାମୀ ହୁଏ
ନ ହୁଏ ମୁକତ ଚନ୍ଦ୍ର ସୂର୍ଯ୍ୟଥିବା ଯାଏ ।

ଭିତରେ ଶୁଦ୍ଧି ନ ଥାଇ ଦେଖେ ଯେ ବାହାର
ପବିତ୍ର ନୁହଇଁ କେଭେଁ ତାହାର ଶରୀର ।
ଅଳଙ୍କୃତ ହୋଇଥିବା ସୁଧାଭାଣ୍ଡ ପରି
ନୟନକୁ ଦିଶୁଥାଏ ବାହ୍ୟ ବୁଦ୍ଧି କରି ।
ନଦୀ ଗରଭରେ ସୁରାଭାଣ୍ଡ ଯେବେ ଥାଏ
ପତନ କରନ୍ତି ତାକୁ ଯେହ୍ନୁ ସେ ନଦୀଏ ।
ସେହିପରି ଅନ୍ତଃଶୁଦ୍ଧି ନଥିବାର ଜନ
କେତେପୁଣ୍ୟ ତୀର୍ଥ କରିଲେ ହେଁ ପର୍ଯ୍ୟଟନ ।
ସେ ତୀର୍ଥେ ତାହାକୁ ପୂତ କରି ନ ପାରନ୍ତି
ଇହ ପର ଉଭୟରେ ନ ପାଏ ସେ ଗତି ।
ହେ ମୁନି ପୁଙ୍ଗବ ଗଣ ଶୁଣ ମନ ଦେଇ
ବାକ୍ୟରେ ଯେବଣ ବ୍ୟକ୍ତି ଧର୍ମ କହୁଥାଇ ।
ମନେ ମନେ ପାପଇଚ୍ଛା କରଇ ସେ ଯେବେ
ସେ ମହାପାତକୀବୋଲି ଜାଣ ତୁମ୍ଭେ ସର୍ବେ ।
ଅନ୍ତଃଶୁଦ୍ଧି ଥିବା ଲୋକ ଯେ ପୁଣ୍ୟ ସଞ୍ଚୟ
କରଇ ତହିଁର ଫଳ ହୁଅଇ ଅକ୍ଷୟ ।
କର୍ମ ମନ ବାକ୍ୟ ସ୍ତୁତି ସ୍ମରଣ ପୂଜନ
ଏଥିରେ କରଇ ହରିଭକ୍ତି ଯେଉଁ ଜନ ।
ପ୍ରକୃତ ପକ୍ଷରେ ହରିପୂଜା ତାର ସେହି
ସେ ପୂଜା ଫଳନ୍ତେ ଶାନ୍ତି ତାହାକୁ ମିଳଇ ।
ଆହେ ଶ୍ରେଷ୍ଠ ଋଷିଗଣ ମୁଁ ତୁମ୍ଭ ସମୀପେ
ଯମ ନିୟମରେ ବିଧି କହିଲି ସମୀପେ ।
ଏହି ଯମ ପୁରେ ଯାର ଚିତ୍ତ ଶୁଦ୍ଧି ହୁଏ
ମୋକ୍ଷ ତାର କରଗତ ହୁଅଇ ନିଶ୍ଚୟେ ।
ଯମ ନିୟମରେ ଯାର ବୁଦ୍ଧି ହୁଏ ସ୍ଥିର
ଇନ୍ଦ୍ରିୟ ସକଳେ ବଶ ହୁଅନ୍ତି ଆବର ।
ସେ ଉତ୍ତମ ଯୋଗାସନ ଅଭ୍ୟାସ କରିବ
ଆସନ ସୁଦୃଢ଼ ହେଲେ ଯୋଗ ପ୍ରବର୍ତ୍ତିବ ।
ଯୋଗ ଆସନର ସଂଖ୍ୟା ତ୍ରିଂଶ ଅଟେ ଜାଣ
ମୁଁ ତାହା ଏବେ ପ୍ରକାଶ କରୁଅଛି ଶୁଣ ।
ପଦ୍ମାସନ ଯେ ସ୍ୱସ୍ତିକାସନ ପୀଠାସନ
ସୌବୀରାସନ କୌଞ୍ଚାରାସନ କୌର୍ମାସନ ।
ବଜ୍ରାସନ ଯେ ବରାହାସନ ମୃଗାସନ
ଚୈତିକାସନ ଯେ କ୍ରୌଞ୍ଚନାଳିକ ଆସନ ।
ସର୍ବତୋଭଦ୍ର ଆସନ ବୃଷଭ ଆସନ
ନାଗାସନ ମତ୍ସ୍ୟାସନ ବ୍ୟାଘ୍ରାସନ ପୁଣ ।

Digitized by srujanika@gmail.com

ଅର୍ଦ୍ଧଚନ୍ଦ୍ରାସନ ଦଣ୍ଡାସନ ତାର୍ଯ୍ୟାସନ
ଶୈଳାସନ ଖଡ଼୍‌ଗାସନମୁଦ୍‌ଗାର ଆସନ ।
ମକରାସନ ତ୍ରୈପଆସନ କାଷ୍ଠାସନ
ସ୍ଥାଣ୍ୱାସନ ହସ୍ତି କର୍ଣ୍ଣାସନ ଭୌମାସନ ।
ବୀରାସନ ସହିତେ ଏ ତ୍ରିଂଶ ପରକାର
କହିଲି ଆସନ ନାମ ଆଗରେ ତୁମ୍ଭର ।
ଏସବୁ ଆସନ ଯୋଗ ସାଧନ ସକାଶେ
ନିରୂପିତ କରିଛନ୍ତି ଯୋଗଜ୍ଞ ପୁରୁଷେ ।
ଯେବଣ ମାନବ ଗୁରୁଭକ୍ତ ପରାୟଣ
ସେ ରାଗ ଦ୍ୱେଷାଦି ଶତ୍ରୁବର୍ଜିତ କରିଣ ।
ପୂର୍ବଦିଗେ ମୁଖକରି ନିର୍ଜନ ପ୍ରଦେଶେ
ପଶ୍ଚିମ ମୁଖରେ ଅବା କିବା ଉତ୍ତରାସ୍ୟେ ।
ଏହି ତ୍ରିଂଶ ଆସନରେ ଗୋଟିଏ ଆସନ
ବଦ୍ଧକରି ନିଶ୍ଚଳରେ ରଖି ନିଜ ମନ ।
ନିଃଶବ୍ଦହୋଇ ସେ କ୍ରମେ କ୍ରମେ ପ୍ରାଣାୟାମ
ଅଭ୍ୟାସ କରିବ ଜାଣି ତାର ଯେ ନିୟମ ।
ଶରୀରସ୍ଥ ପବନକୁ କରିବାରୁ ଜୟ
ପ୍ରାଣାୟାମ ବୋଲି ନାମ ଦିଏ ପରିଚୟ ।
ଯାର ନାମ ପ୍ରାଣାୟାମ ସେ ଦୁଇ ପ୍ରକାର
ଅଗର୍ଭ ସଗର୍ଭ ବେନି ନାମ ଯେ ତାହାର ।
ଅଗର୍ଭ ଅପେକ୍ଷା ଶ୍ରେଷ୍ଠ ଅଟଇ ସଗର୍ଭ
ଏ ଦୁହିଁଙ୍କି ଧ୍ୟାନକଲେ ଯୋଗ ହୁଏ ଲାଭ ।
ଜପ ଧ୍ୟାନ ବିନା ଯେଉଁ ପ୍ରାଣାୟାମ ହୁଏ
ସେ ଅଗର୍ଭ ପ୍ରାଣାୟାମ ବୋଲନ୍ତି ଜ୍ଞାନୀଏ ।
ଜପ ଧ୍ୟାନ ଯୁକ୍ତ ହେଲେ ସଗର୍ଭ ବୋଲନ୍ତି
ଆବର କହିବା ଶୁଣ ତା ହୁଏ ଯେମନ୍ତି ।
ରେଚକ ପୂରକ ତୁଲେ କୁମ୍ଭକ ଶୂନ୍ୟକ
ଏ ଚାରି ପ୍ରକାର ରହିଛନ୍ତି ସ୍ୱବିବେକ ।
ସବୁ ପ୍ରାଣୀମାନଙ୍କର ଦକ୍ଷିଣ ଭାଗରେ
ଏକ ନାଡ଼ି ରହିଅଛି ପିଙ୍ଗଳା ନାମରେ ।
ସେ ନାଡ଼ୀର ଅଧିଷ୍ଠାତ୍ରୀ ଦେବତା ଆଦିତ୍ୟ
ପିତୃଯୋନି ବୋଲିଣ ସେ ହୁଅଇ କଥିତ ।
ବାମ ଭାଗେ ଇଳାନାମେ ନାଡ଼ୀ ଅଛି ରହି
ତାର ଅଧିଷ୍ଠାତ୍ରୀ ଦେବ ଚନ୍ଦ୍ରଙ୍କୁ ସେ କହି ।
ଦେବ ଯୋନି ଅଟଇ ସେ ଲୀଳା ନାଡ଼ୀଜାଣ
ଏ ତତ୍ତ୍ୱ ହୋଇଛି ଯୋଗେ ଶାସ୍ତ୍ରେ ନିରୂପଣ ।

ଏ ଦୁଇ ନାଡ଼ୀର ମଧ୍ୟେ ବହଇ ସୁଷୁମ୍ନା
ଅଧିଷ୍ଠାତା ଦେବ ତାର ଅଟନ୍ତି ଯେ ବ୍ରହ୍ମା ।
ସୂକ୍ଷ୍ମ ଅତି ଗୁପତ ସେ ସୁଷୁମ୍ନା ଅଟଇ
ଅଗ୍ନି ସମାନରେ ତାର ତେଜ ବିରାଜଇ ।
ପ୍ରାଣାୟାମ କରିବାର କାଳରେ ମାନବେ
ଇଳା ନାଡ଼ୀରେ ବାୟୁକୁ ରେଚନ କରିବେ ।
ପବନକୁ ଆପଣାର ଶରୀର ମଧ୍ୟରେ
ପୂରଣ କରିବେ ଆଣି ପିଙ୍ଗଳା ନାଡ଼ୀରେ ।
ଏଣୁ ନାମ ଗୋଟି ତାର ପୁରକ ଅଟଇ
ଯେଉଁ ପ୍ରକାରେ କୁମ୍ଭକ ଶୁଣ ମନଦେଇ ।
ଶରୀରରେ ପୂର୍ଣ୍ଣ କରିଥିବା ପବନକୁ
ନିଗ୍ରହ କରିଣ ତ୍ୟାଗ ନ କରି ତାହାକୁ ।
ପୂର୍ଣ୍ଣକୁମ୍ଭ ପରି ଆପେ ବସିଣ ରହିବ
କଥା ନ କହିବ ବିଚଳିତ ନ ହୋଇବ ।
ସେ କାଳେ ଦିଶିବ ଯେଣୁ କୁମ୍ଭପରି ସେହି
କୁମ୍ଭକ ବୋଲିଣ ନାମ ତାହାର ଅଟଇ ।
ବାହାର ବାୟୁକୁ ଶରୀରରେ ନ ଭରିଣ
ଅନ୍ତଃ ପବନକୁ ବାହ୍ୟ ତ୍ୟାଗ ନ କରିଣ ।
କେବଳ କରିଲେ ଶୂନ୍ୟପରି ଅବସ୍ଥାନ
ପ୍ରାଣାୟାମ ତାର ନାମ ଶୁଣ ହେ ସୁଜନ ।
ମନ୍ଦ ମତ ମାତଙ୍ଗକୁ କୌଶଳେ ଯେପରି
ନାନା ଉପାୟରେ ବ୍ୟକ୍ତି ଯେ ଆୟତ କରି ।
ସେହିପରି କରେ ପ୍ରାଣାୟାମ କ୍ରମେ କ୍ରମେ
ଜାତ କରିବା ଉଚିତ ପୂର୍ବୋକ୍ତ ନିୟମେ ।
ନ କରିଲେ ସାଂଘାତିକ ରୋଗମାନ ଆସି
ଶରୀର ମଧ୍ୟରେ କ୍ଷଣକରେ ଯିବେ ପଶି ।
କ୍ରମେ କ୍ରମେ ଯୋଗୀଗଣ ଏ ନିୟମ ଜାଣି
ପ୍ରାଣ ପବନକୁ ଅବରୋଧ କରି ପୁଣି ।
ପାପକୁ ତରିଣ ବ୍ରହ୍ମ ପଦକୁ ଲଭନ୍ତି
ଆଉ ଏ ସଂସାର ମଧ୍ୟେ ଜନମ ନୁହନ୍ତି ।
ଶୁଣିଲତ ପ୍ରାଣାୟାମ କଥା ଋଷିଗଣ
ପ୍ରାଣାୟାମ ବିଧି ଏବେ କହୁଅଛି ଶୁଣ ।
ବିଷୟା ଆସକ୍ତ ଇନ୍ଦ୍ରିୟକୁ କଉଶଳେ
ଆକର୍ଷଣ କରି ରଖି ପାରେ ଯେ କୌଶଳେ ।
ଦୁର୍ଲ୍ଲଭ ଗତି ସେ ଜନ ପ୍ରାପତ ହୁଅଇ
ଆବର ଯେ ଇନ୍ଦ୍ରିୟକୁ ଜୟ କରିନାହିଁ ।

Digitized by srujanika@gmail.com

ମୋକ୍ଷ ପ୍ରାପତ ତା ପକ୍ଷେ ସମ୍ଭବ ନୁହଇ
ନିଶ୍ଚେ ମୋକ୍ଷ ପରାପତ ତାହାକୁ ହୁଅଇ ।
ଇନ୍ଦ୍ରିୟ ଗଣଙ୍କୁ ଜୟ କରି ଅଛି ଯେହୁ
ଯୋଗ ଅବା ଧ୍ୟାନ ଶୂନ୍ୟ ହେଲେ ମଧ୍ୟ ସେହୁ ।
ପରମାନନ୍ଦ ପଦକୁ ଲାଭ ସେ କରଇ
ଆଉ ପୁନରାୟ ମର୍ତ୍ତ୍ୟେ ଜାତ ନ ହୁଅଇ ।
ଯେ ଜନ ଇନ୍ଦ୍ରିୟଗଣେ ଆୟତନ କରି
ଧ୍ୟାନରେ ନିମଗ୍ନ ହୁଏ ମୋକ୍ଷ ଆଶା କରି ।
ଜାଣିବ ଅତ୍ୟନ୍ତ ହୀନ ବ୍ୟକ୍ତି ସେ ଅଟଇ
କେବେହେଁ ତାର ଜ୍ଞାନ ଉଦୟ ନ ହୁଅଇ ।
ଜଗତରେ ଯେତେ ଚରାଚର ବସ୍ତୁ ଅଛି
ତାହାସବୁ ଆପାଣାର ପରି ସେ ଦେଖୁଛି ।
ଆତ୍ମାରେ ସକଳ ବସ୍ତୁ କରିଛନ୍ତି ବାସ
ଏମନ୍ତେ ଦର୍ଶନ କରି ଯେବଣ ପୁରୁଷ ।
ବଳେ ସେ ଇନ୍ଦ୍ରିୟ ଗଣେ ଆହରଣ କରି
ସୁ ସୁରେ ରଖଇ ନିଜ ହୃଦୟରେ ଧରି ।
ଏ ଯେଉଁ କାର୍ଯ୍ୟ ଅଟଇ ତା ନାମ ଧାରଣା
ଧାରଣା ଯୋଗରେ ଯୋଗୀ ନୁହେଁ ପଥବଣା ।
ଜିତେନ୍ଦ୍ରିୟ ଯୋଗୀମାନେ ହୃଦୟାଭ୍ୟନ୍ତରେ
ଇନ୍ଦ୍ରିୟଗଣଙ୍କୁ ଧରି ପାରନ୍ତି ଦୃଢ଼ରେ ।
ସାକ୍ଷାତରେ ଈଶ୍ୱରଙ୍କୁ ଦର୍ଶନ କରନ୍ତି
ଶ୍ରବଣ କର ଯେ ରୂପ ସେହି ଚିନ୍ତୁ ଥାନ୍ତି ।
ଅବିନାଶୀ ବିଶ୍ୱମ୍ଭର ମୂରତି ସେ ଜାଣ
ବିକଶିତ ପଦ୍ମପରି ଦିଶଇ ନୟନ ।
ରତନ କୁଣ୍ଡଳ କର୍ଣ୍ଣ ଯୁଗଳରେ ଶୋହେ
ହୃଦରେ ଶ୍ରୀବତ୍ସ ଚିହ୍ନ ଜନମନ ମୋହେ ।
ନାଭିଠାରୁ ଜାଣ ବାର ଅଙ୍ଗୁଳ ମଧ୍ୟରେ
ବିଜେ କରିଥାନ୍ତି ଶତଦଳ ପଦ୍ମପରେ ।
ସାକ୍ଷୀ ସ୍ୱରୂପରେ ସବୁ ଦେଖୁଥାନ୍ତି ସେହି
ଯୋଗୀବିନେ ଆନ ତାଙ୍କୁ ନ ଦେଖନ୍ତି କେହି ।
ସିଦ୍ଧ ସାଧ୍ୟ ଆଦି କରି ପୁରା ପୁର ଯେତେ
ନମସ୍କାର କରନ୍ତି ସେ ତାଙ୍କୁ ଯୋଡ଼ ହସ୍ତେ ।
ସୁବିଶାଳ ବାହୁ ତାହାଙ୍କର ସୁଶୋଭନ
ଅଙ୍ଗର ସୌରଭ କିଏ କରିବ ବର୍ଣ୍ଣନ ।
ସୁକ୍ଷ୍ମୀନ ବସନ କଟୀତଟେ ପିନ୍ଧିଥାନ୍ତି
ଦିବ୍ୟ ବେଶ ସେହୁ ଅନବରତ ହୁଅନ୍ତି ।
ଅଙ୍ଗରେ ମଣ୍ଡିତ ନାନା ରତ୍ନ ଅଳଙ୍କାର
ବିରାଜଇ ତଥିପରେ ତୁଳସୀର ହାର ।
ସୁବର୍ଣ୍ଣ ଯଜ୍ଞୋପବୀତ ସ୍କନ୍ଧରେ ରାଜଇ
କଉସ୍ତୁଭ ମଣିତେଜ ଜଗତ ଜିଣଇ ।
ବିଷ୍ଣୁଙ୍କର ଏହି ସ୍ୱରୂପକୁ ଯେଉଁ ଜନ
ହୃଦୟରେ ଚିନ୍ତାକରେ ଥୟ କରି ମନ ।
ତାର ସେ କର୍ମକୁ ଧ୍ୟାନ ବୋଲାନ୍ତି ସାଧୁଏ
ଯେ ତାହା କରଇ ସେହୁ ମୋକ୍ଷପଦ ପାଏ ।
ମାନବ ମାତ୍ରକେ ଏହି ରୂପ କଲେ ଧ୍ୟାନ
ମୋକ୍ଷ ପଦ ଲଭିବାକୁ ହୁଅଇ ଭାଜନ ।
ଆଉ କିଛି ନ କଲେହେଁ କେବଳ ଧ୍ୟାନରେ
ଶରୀରରୁ ପାପ ଧ୍ୱଂସ ହୁଅଇ ସତ୍ୱରେ ।
ପାପନାଶ ଗଲେ ମୋକ୍ଷ ପଦ ପ୍ରାପ୍ତ ହୁଏ
ପୁନର୍ପି ସଂସାରେ ଆଉ ଜନମ ସେ ନୋହେ ।
ମନକୁ ନିଶ୍ଚଳ ରଖି ଯେ କରଇ ଧ୍ୟାନ
ସର୍ବଦା ହୁଅନ୍ତି ହରି ତା ଠାରେ ପ୍ରସନ୍ନ ।
ପରମାତ୍ମା ହରି ତୁଷ୍ଟ ହୁଅନ୍ତି ଯାଠାରେ
ସର୍ବାଭୀଷ୍ଟ ସିଦ୍ଧି ତାର ହୁଅଇ ସତ୍ୱରେ ।
ହରିଙ୍କୁ କରଇ ସବୁ ପ୍ରକାରେ ଯେ ଧ୍ୟାନ
ସେ ତାହାକୁ ମୋକ୍ଷପଦ କରନ୍ତି ପ୍ରଦାନ ।
ଧେୟ ପଦାର୍ଥରେ ଏହି ରୂପେ ନିଜ ଚିତ୍ତ
ସ୍ଥିରକରି ରଖିବାକୁ ହେବ ଯେ ଏମନ୍ତ ।
ଯହିଁରେ କି ଧ୍ୟାନ ଧେୟ ଧ୍ୟାତୃ ଭାବ କେଭେ
ପାର୍ଥକ୍ୟ ନ ହୋଇ ଏକ ଭାବରେ ରହିବେ ।
ଏହିପରି ଧ୍ୟାନମୃତ ସେବନ ଯେ କରେ
ଅଳପକେ ମୋକ୍ଷ ସେହୁ ଲଭଇ ତହିଁରେ ।
ଯେ ଧ୍ୟାନ କରଇ ଏହିପରି ନିରନ୍ତର
ତହିଁରେ ଅଭେଦ ବୁଦ୍ଧି ଜନ୍ମଇ ତାହାର ।
ନିରନ୍ତରେ କଲେ ଯେଉଁ ପରକାରେ ଧ୍ୟାନ
ଜନ୍ମଇ ଅଭେଦ ବୁଦ୍ଧି ତା କହୁଛି ଶୁଣ ।
ସୁଷୁପ୍ତି ଅବସ୍ଥା ପ୍ରାୟେ ଇନ୍ଦ୍ରିୟଗଣର
ଜ୍ଞାନଶୂନ୍ୟ ହୋଇ ଆସନକୁ କରି ସ୍ଥିର ।
ନିର୍ବାତ ଦେଶରେ ଥିବା ଦୀପଶିଖା ପରି
ନିଶ୍ଚଳ ଭାବରେ ଧ୍ୟାନ ଯେ ପାରଇ କରି ।
ତାର ସେହି ଧ୍ୟାନ ଅବସ୍ଥାକୁ ଜ୍ଞାନୀଗଣ
ଯୋଗଶାସ୍ତ୍ରେ କହିଛନ୍ତି ସମାଧି ବୋଲିଣ ।

Digitized by srujanika@gmail.com

ଯେଉଁ ଯୋଗୀ ଏହିପରି ସମାଧିରେ ବସେ
ସର୍ବ ପ୍ରକାରେ ଉପାଧି ଶୂନ୍ୟ ହୋଇଣ ସେ ।
ସୁନିଶ୍ଚଳ ପରିପୂର୍ଣ୍ଣ ଆତ୍ମରୂପ ହୋଇ
ସନ୍ତତରେ ପୂର୍ଣ୍ଣାନନ୍ଦ ଭୋଗ ସେ କରଇ ।
ଶ୍ରବଣ ଘ୍ରାଣ ଦର୍ଶନ ସ୍ପର୍ଶନ ପ୍ରଭୃତି
ଇନ୍ଦ୍ରିୟଗଣର କାର୍ଯ୍ୟ ଯେତେକ ବୋଲନ୍ତି ।
ସେ ସବୁ ତାହାର କିଛି ନ ଥାଏ ସେକାଳେ
ଆତ୍ମାରେ ଆତ୍ମାକୁ ଭଜୁଥାଏ ସେ ନିଶ୍ଚଳେ ।
ସେ ସଚ୍ଚିଦାନନ୍ଦରୂପୀ ନିର୍ମଳ ନିଶ୍ଚୟ
ତାହାଙ୍କୁ ହୃଦରେ ଦେଖୁଥାଏ ସେ କେବଳ ।
ଆତ୍ମା ନିର୍ଗୁଣ ହେଲେହେଁ ଅଜ୍ଞାନତା ବଶେ
ବୋଧ ହେଉଥାନ୍ତି ଜାଣ ସଗୁଣ ବୋଲି ସେ ।
ଯେତେବେଳେ ଦୂର ହୁଏ ଅଜ୍ଞାନ ଅନ୍ଧାର
ସେ କାଳେ ସେ ବିରାଜଇ ପୂର୍ବ ପରକାର
ମାୟାରେ ଯେତେକ ପ୍ରାଣୀ ହୋଇଥାନ୍ତି ମୋହି
ତାଙ୍କୁ ଦିଶୁଥାନ୍ତି ମାୟାବନ୍ତ ପ୍ରାଏ ସେହି ।
ଖଣ୍ଡିତ ହୁଅଇ ମହାପାଶ ଯେତେବେଳେ
ନିର୍ମଳ ବ୍ରହ୍ମ ରୂପରେ ଦିଶନ୍ତି ସେ କାଳେ ।
ସେହି ସେ ନିର୍ମଳ ନିରଞ୍ଜନ ଜ୍ୟୋତିର୍ମୟ
ସର୍ବଘଟ ଏକାତ୍ମା ସେ ନୁହନ୍ତି ଦ୍ୱିତୀୟ ।
ସୂକ୍ଷ୍ମଠାରୁ ସୂକ୍ଷ୍ମତର ଅଟନ୍ତି ସେ ପୁଣ
ମହତରୁ ସୂକ୍ଷ୍ମତର ବୋଲି ତାଙ୍କୁ ଜାଣ ।
ପରମ ପବିତ୍ର ସନାତନ ଏକା ସେହି
ଅଖିଳ ବିଶ୍ୱର କାରଣ ଯେ ତାଙ୍କୁ କହି ।
ସର୍ବଭୂତଙ୍କର ଅନ୍ତର୍ଯ୍ୟାମୀ ସେ ଅଟନ୍ତି
ସ୍ୱକର୍ମକୁ ଜାଣି ଗତି ମୁକତି ଦିଅନ୍ତି ।
ଅନାଦି ପୁରାଣ ପୁରୁଷ ସେ ବିଶ୍ୱମ୍ଭର
ତାଙ୍କଠାରୁ ହୋଇଛି ଏ ବିଶ୍ୱ ଚରାଚର ।
ଅକରାଦି କ୍ଷକାରନ୍ତ ବର୍ଣ୍ଣଭେଦେ ସେହି
ବସିବାର ଶବ୍ଦବ୍ରହ୍ମ ବୋଲି ତାଙ୍କୁ କହି ।
ପଞ୍ଚଭୂତାତ୍ମକ ଦେହ ମଧ୍ୟରେ ସେ ନିତି
ସମସ୍ତଙ୍କ ଅନ୍ତଃକରଣରେ ବିରାଜନ୍ତି ।
ପୁରାଣ ପୁରୁଷ ପରମାତ୍ମା ସେହି ଏକା
ଯେ ତାହାଙ୍କୁ ଭଜେ ତାର ନାହିଁ କିଛି ଶଙ୍କା ।
ବାର୍ଦ୍ଧକ୍ୟ ଅବସ୍ଥା କେଭେ ନାହିଁ ତାହାଙ୍କର
ବିନାଶ ହୁଅନ୍ତି ସେ ଯେ ଅଜର ଅମର ।
ଆକାଶ ପରାଏ ସବୁଠାରେ ବ୍ୟାପିଥାନ୍ତି
ମନ ବଚନରେ ସେହୁ ଗୋଚର ନୁହନ୍ତି ।
ପରମଜ୍ୟୋତିର୍ମୟ ସେ ବିଶ୍ୱର ଆଧାର
ତାଙ୍କ ସୂକ୍ଷ୍ମ ଅଂଶେ ଜାତ ବ୍ରହ୍ମା ବିଷ୍ଣୁହର ।
ତେଣୁ ବ୍ରହ୍ମା ବିଷ୍ଣୁ ହର ଏ ତିନି ମୂରତି
ଯଥାକାଳେ ସୃଷ୍ଟି ସ୍ଥିତି ସଂହାର କରନ୍ତି ।
ସିଦ୍ଧ ଯୋଗୀଗଣମାନେ ତାହାଙ୍କୁ ହୃଦରେ
ଚିନ୍ତା କରୁଥାନ୍ତି ବସି ରଜନୀ ଦିବାରେ ।
ସେ ସେହି ଅନାଦି ନାଥ ନିରଞ୍ଜନ ହରି
ବିକାର ରହିତ ସେହୁ ଅନିତ୍ୟ ବିହରି ।
ତାହାଙ୍କୁ ହୃଦ ପଦ୍ମରେ ଧ୍ୟାନ କଲେ ନିତି
ମୋକ୍ଷପଦ ସହଜରେ ହୁଏ ପରାପତି ।
ମୁଁ ଏବେ କହୁଛି ସର୍ବେ ମନଦେଇ ଶୁଣ
ଅନ୍ୟ ପ୍ରକାରରେ ଧ୍ୟାନ ଧାରଣା ବିଧାନ ।
ଯେଉଁ ମାନବର ଏ ସଂସାର ତ୍ରିତାପରେ
ସନ୍ତାପିତ ହୋଇଥାଏ ହୃଦ ନିରନ୍ତରେ ।
ତା ପକ୍ଷରେ ସୁଧା ବୃଷ୍ଟି ତୁଲ୍ୟ ସେ ଅଟଇ
ସେ ଧ୍ୟାନର ବିଧି ଏବେ ଶୁଣ ମନଦେଇ ।
ଅର୍ଦ୍ଧ ମାତ୍ରା ପରିସ୍ଥିତି ହୃଦୟ ମଧ୍ୟରେ
ଯେଉଁ ନାରାୟଣ ତାଙ୍କୁ ସ୍ମରିବ ଅନ୍ତରେ ।
ଆନନ୍ଦମୟ ସେ ଅନୁପମ ନାଦ ରୂପି
ପ୍ରଣବକୁ ଆଶ୍ରେ କରିଥାନ୍ତି ହୃଦବ୍ୟାପୀ ।
ସେହି ପୁରୁଷଙ୍କୁ ଏକାଗ୍ରତେ କଲେ ଧ୍ୟାନ
ଏ ସଂସାର ତ୍ରିତାପରୁ ମୁକ୍ତ ହୁଏ ଜନ ।
ସେ ଯେପରି ଥାନ୍ତି ପ୍ରଣବକୁ ଆଶ୍ରେକରି
ଶୁଣସର୍ବେ କହୁଅଛି ମୁଁ ତାହା ବିସ୍ତାରି ।
ଆକାର ଉକାର ମକାର ଏ ବର୍ଣ୍ଣ ତିନି
ପ୍ରଣବ ବୋଲନ୍ତି ଅର୍ଦ୍ଧ ମାତ୍ରାକୁ ଯେ ଘେନି ।
ଅକାର ଅଟନ୍ତି ବ୍ରହ୍ମା ଉକାର କେଶବ
ଯେ ମକାର ସେହି ସାକ୍ଷାତରେ ରୁଦ୍ର ଦେବ ।
ଅର୍ଦ୍ଧମାତ୍ରା ଯେ ବୋଲାନ୍ତି ପରମାତ୍ମା ସେହି
ବ୍ରହ୍ମାଦି ତ୍ରୟଙ୍କୁ ତାହାଙ୍କର ମାତ୍ରା କହି ।
ଏହି ଅକାରାଦି ବର୍ଣ୍ଣ ଏକତ୍ରିତ ହେଲେ
ପ୍ରଣବ ନାମରେ ଖ୍ୟାତ ଲଭଇ ସେ ଭଲେ ।
ହେ ପ୍ରଣବ ପରଂବ୍ରହ୍ମ ସ୍ୱରୂପ ସେ ଜାଣ
ଏଥିରେ ଖୋଜିବା ପାଇଁ ନାହିଁ କଥା ଆନ ।

Digitized by srujanika@gmail.com

ପରଂବ୍ରହ୍ମ ବାକ୍ୟପ୍ରଦ ପ୍ରଣବ ବାଚକ
ଯେ ଏହା ଜାଣଇ ତାର ନାହିଁ ଭୟ ଶୋକ ।
ପ୍ରଣବର ବାଚ୍ୟ ବାଚକତା ସେ ସମ୍ବନ୍ଧ
ଉପଚାର ମାତ୍ର ତାହା ଜାଣ ଋଷିବୃନ୍ଦ ।
ବ୍ରହ୍ମରୂପି ପ୍ରଣବକୁ ଯେହୁ ଜପକରେ
ସେ ସର୍ବ ପାପରୁ ମୁକ୍ତ ହୁଅଇ ଅଚିରେ ।
ଜପ ଅଭ୍ୟାସ କରିଲେ ନିତି ପ୍ରତିଦିନ
ମୋକ୍ଷ ପଦ ଲାଭହୁଏ ସେ ଜପରେ ଜାଣ ।
ସେ ସମୟେ ଆପଣାର ଅନ୍ତର ମଧ୍ୟରେ
ସୁମରିବ ଜ୍ୟୋତିର୍ମୟ ବ୍ରହ୍ମଙ୍କ ପୟରେ ।
ସେ ଅଟନ୍ତି ବ୍ରହ୍ମା ବିଷ୍ଣୁ ଆବର ଶଙ୍କର
କୋଟି ସୂର୍ଯ୍ୟ ସମ ପ୍ରଭା ରାଜଇ ତାଙ୍କର ।
ଶାଳଗ୍ରାମ ଶୀଳା ଅବା ପ୍ରତିମା ସ୍ୱରୂପ
କିବା ଯେଉଁ ବସ୍ତୁ ନାଶ କରିପାରେ ପାପ ।
ତାଙ୍କୁ ଚିନ୍ତା କଲେ ଜପ କରିବା କାଳରେ
ମୋକ୍ଷ ପଦ ପରାପତ ହୁଅଇ ତହିଁରେ ।
ଆହେ ମୁନିଶ୍ୱର ଗଣ ତୁମ୍ଭ ଆଗେ ମୁହିଁ
ଜ୍ଞାନର ଯେ କଥା ତାହା କହିଲି ବୁଝାଇ ।
ଏ ଦିବ୍ୟ ଜ୍ଞାନକୁ ଲାଭକରି ଯୋଗିଗଣ
ମୋକ୍ଷପଦ ପ୍ରାପ୍ତ ହୋନ୍ତି ଅନ୍ତଃ କାଳେ ଜାଣ ।
ଏ ପବିତ୍ର ଆଖ୍ୟାନକୁ ଏକାଗ୍ର ଚିତ୍ତରେ
ଯେ ଶ୍ରବଣ କରେ ଯେହୁ ପଢ଼ଇ ଭକ୍ତିରେ ।
ସେ ସର୍ବ ପାପକୁ ଅତିକ୍ରମ କରି ଅନ୍ତେ
ହରିଙ୍କ ସାରୂପ୍ୟ ପାଇ ବସଇ ନିଶ୍ଚିନ୍ତେ ।
ସେ ହରି ଭକ୍ତଙ୍କ ପାଦେ କରି ନମସ୍କାର
କହେ କ୍ଷେତ୍ରବାସୀ ଭବୁଁ ତର ସର୍ବନର ।
ଇତି ଶ୍ରୀ ବୃହଦ୍ ନାରଦ ପୁରାଣେ
ମୋକ୍ଷପାପ କଥନଂ ନାମ
ଏକତ୍ରିଂଶୋଽଧ୍ୟାୟଃ ।

---●---

## ଦ୍ୱାତ୍ରିଂଶ ଅଧ୍ୟାୟ

### ହରି ଭକ୍ତ କଥନ

ଏଥୁ ଅନନ୍ତରେ ସୌନକାଦି ଋଷିଗଣ
ସୂତଙ୍କୁ ପ୍ରଶଂସା କରି ପଚାରିଲେ ପୁଣ ।
ଆପଣ ଅଙ୍ଗର ଯୋଗ ସକଳ ଯେପରି
ଜାଣିଥିଲ ତାହା ସବ କହିଲ ବିସ୍ତାରି ।
ଏକାଗ୍ର ଚିତ୍ତରେ ଆମ୍ଭେ କରିଲୁ ଶ୍ରବଣ
ଆବର କଥାଏ କହ ପଚାରୁଛୁ ପୁଣ ।
ଆପଣ କହିଲ ହରି ଭକତ ଯେ ବ୍ୟକ୍ତି
ତାର ଯୋଗ ସିଦ୍ଧି ଲାଭ ହୁଅଇ ଝଟତି ।
ଏଣୁ ଆମ୍ଭେ ପଚାରୁଛୁ କରିବୁ ଶ୍ରବଣ
କହ କି ପ୍ରକାରେ ହରି ହୁଅନ୍ତି ପ୍ରସନ୍ନ ।
ବ୍ୟାସଙ୍କର ଶିଷ୍ୟ ତୁମ୍ଭେ କରୁଣା ସାଗର
ଏଥିର ଯେ ଉପାୟ ତା ପରକାଶ କର ।
ଏହା ଶୁଣି ସୂତ ବୋଇଲେ ହେ ଋଷିଗଣ
ଯାହା ମୋତେ ପଚାରିଲ ତା କହୁଛି ଶୁଣ ।
ପୂର୍ବ କାଳେ ନାରଦଙ୍କୁ ସନତ କୁମାର
ଏ କଥା ପୁଛନ୍ତେ ଯାହା ଦେଲେ ସେ ଉତ୍ତର ।
ମୁଁ ତୁମ୍ଭ ଆଗରେ ତାହା କହୁଅଛି ଏବେ
ମୋଠାରୁ ଶ୍ରବଣ କର ହେତୁକରି ସର୍ବେ ।
ନାରଦଙ୍କ ମୁଖାମ୍ବୁଜରୁ ଯେ ବାକ୍ୟାମୃତ
ଗଳିଥିଲା ତାହା ପାନ କରି ହୁଅ ତୃପ୍ତ ।
ମୋକ୍ଷ ପାଇବାକୁ ଥିବ ଯାହାର କାମନା
ସେ ଭକ୍ତିରେ କରୁ ନାରାୟଣଙ୍କୁ ଅର୍ଚ୍ଚନା ।
ସଚ୍ଚିଦାନନ୍ଦମୟ ଯେ ଦେବ ଦେବ ହରି
ତାଙ୍କୁ ପୂଜାକଲେ ପ୍ରାଣୀ ଭବୁ ହୁଏ ପାରି ।
ଯେବଣ ମାନବ ଅଟେ ବିଷ୍ଣୁ ପରାୟଣ
ତାକୁ କି କରିବେ ଗ୍ରହଗଣ ରିପୁଗଣ ।
ଗ୍ରହପୀଡ଼ା ରୋଗ ଶୋକ ଆଦି ଯେତେକ୍ଳେଶ
ତା ଯାଇ ନ ପାରେ କେବେହେଲେ ତାର ପାଶ ।
ରାକ୍ଷସେ ଭକ୍ଷଣ କରି ନ ପାରନ୍ତି ତାକୁ
ଆବର ସକଳ ଶ୍ରେୟ ମିଳଇ ତାହାକୁ ।
ଯାର ଦୃଢ଼ ଭକ୍ତି ଥାଏ ଶ୍ରୀହରିଙ୍କ ପ୍ରତି
କୌଣସି କାଳରେ ତାର ନାହିଁ କିଛି ଭୀତି ।
ଶତ୍ରୁଯୋଗେ ତାର ହୋଇ ନ ପାରେ ଅନିଷ୍ଟ
ଏଣୁ ହରିଭକ୍ତ ଅଟେ ସବୁଠାରୁ ଶ୍ରେଷ୍ଠ ।
ପୁରୁଷ ଯେବଣ ପାଦଦ୍ୱୟରେ ଚାଲିଣ
ହରିଙ୍କର ମନ୍ଦିରକୁ କରଇ ଗମନ ।
ତାର ସେହି ପାଦଦ୍ୱୟ ସାର୍ଥକ ଅଟଇ
ଆବର କଥାଏ ଶୁଣ କହୁଅଛି ମୁହିଁ ।
ଯାର ଭୁଜଦ୍ୱୟ ହରି ପୂଜାରେ ନିରତ
ତାଠାରୁ କେ ଭାଗ୍ୟଶାଳୀ ନାହିଁ ଏ ଜଗତ ।

Digitized by srujanika@gmail.com

ହରିଙ୍କି ଦର୍ଶନ କରେ ଯେବଣ ନୟନ
ଯେଉଁ ଜିହ୍ୱା କରେ ହରି ନାମ ଉଚ୍ଚାରଣ ।
ପ୍ରକୃତ ନୟନ ପ୍ରକୃତରେ ଜିହ୍ୱା ସେହି
ସାଧୁଏ ଏ କଥା ସବୁଠାରେ ଛନ୍ତି କହି ।
ମୁଁ ମଧ୍ୟ କହୁଛି ହସ୍ତ ଟେକି ସତ୍ୟକରି
ସଂସାରେ କେ ନାହିଁ ହରିଭକ୍ତ ସଂଗେ ସରି ।
ବେଦଠାରୁ ବଡ଼ ହୋଇ ଶାସ୍ତ୍ର ଆଉ ନାହିଁ
କେଶବ ଅପେକ୍ଷା ଶ୍ରେଷ୍ଠଦେବ କେ ଅଛଇ ।
ଶ୍ରେଷ୍ଠ ହିତକର ଯାର ଗର୍ଭ ଯେ ବଚନ
ତା ଏବେ କହୁଛି ସର୍ବେ ହୃଦୟରେ ଘେନ ।
ସଂସାର ଅଟଇ ଦଗ୍ଧ ଅନିତ୍ୟ ସଂସାର
ଏଥିରେ କେବଳ ହରି ପୂଜା ଏକା ସାର ।
ହରି ଭକ୍ତ କୁଠାରକୁ ଧରି ଯେଉଁ ଜନ
ସଂସାର ପାଶକୁ କରି ପାରଇ ଛେଦନ ।
ସେ ପରମ ସୁଖୀ ହୁଏ ମୋହରେ ନ ପଡ଼ି
ତାକୁ ମହାମାୟୀ ମୋକ୍ଷ ବାଟ ଦିଏ ଛାଡ଼ି ।
ଯା ଚିତ୍ତ ସର୍ବଦା ହରି ଧ୍ୟାନରେ ନିରତ
ପ୍ରକୃତ ଅଟଇ ଏକା ତାର ସେହି ଚିତ୍ତ ।
ଆହେ ଋଷିଗଣ ତୁମ୍ଭେ ହୋଇ ହୃଷ୍ଟମନା
ସନ୍ତତରେ କର କେଶବଙ୍କୁ ସମାର୍ଚ୍ଚନା ।
କେଉଁଠାରେ ଅଛନ୍ତି ସେ ହରି କି ପ୍ରକାର
ତା ନିର୍ଦ୍ଦେଶ କରିବାକୁ ଶକ୍ତି ନାହିଁ ମୋର ।
ଜିତାତ୍ମା ମହର୍ଷିଗଣ ଧ୍ୟାନ ଯୋଗ ବଳେ
ତାହାଙ୍କୁ ପାରନ୍ତି ଦେଖି ହୃଦୟ କମଳେ ।
ସହଜରେ ଦୃଶ୍ୟ ନ ହୁଅନ୍ତି ସେ ଈଶ୍ୱର
କେହି ନ ଜାଣନ୍ତି ରୂପ ବର୍ଣ୍ଣକୁ ତାଙ୍କର ।
କର ଚରଣକୁ ଆଦି ଇନ୍ଦ୍ରିୟ ଯେ ଅଛି
ସେ ସବୁ ଇନ୍ଦ୍ରିୟ ନାହିଁ ତାହାଙ୍କର କିଛି ।
ତଥାପି ଇନ୍ଦ୍ରିୟ କାର୍ଯ୍ୟ ସବୁ ସେ କରନ୍ତି
ନିଃସଙ୍ଗ ହେଲେହେଁ ସବୁଠାରେ ସେ ଅଛନ୍ତି ।
ପୁଣ୍ୟ ଅବା ପାପ ତାହାଙ୍କର କିଛି ନାହିଁ
ସର୍ବୋପାଧି ବିବର୍ଜିତ ବୋଲି ତାକୁ କହି ।
ନିତ୍ୟାନନ୍ଦମୟ ସେ ଅଟନ୍ତି ନିର୍ଗୁଣ
କେବେହେଁ କାହିଁରେ ଲିପ୍ତ ନଥାନ୍ତି ସେ ଜାଣ ।
ନିର୍ଲେପଭାବରେ ସୁପ୍ତ ହୋଇଥିଲା ପ୍ରାଏ
ନିର୍ଦ୍ଦେୟ କରନ୍ତି ତାଙ୍କୁ ଉତ୍ତମ ଜ୍ଞାନୀଏ ।

ଏମନ୍ତ ଯେ ଜନାର୍ଦ୍ଦନ ତାଙ୍କୁ ପୂଜାକଲେ
ସଂସାର ବନ୍ଧନୁ ପ୍ରାଣୀ ମୋକ୍ଷ ହୁଏ ଭଲେ ।
ବିଜୁଳି ପରାଏ କ୍ଷଣଭଙ୍ଗୁର ଜଗତ
ଏହା ଜାଣି ହୁଅ ହରି ପୂଜାରେ ନିରତ ।
ହିଂସା ବର୍ଜିଣ ବ୍ରହ୍ମଚର୍ଯ୍ୟ ଯେ ପାଳଇ
ତାଠାରେ ପ୍ରସନ୍ନ ହୋନ୍ତି ପ୍ରଭୁ ଭାବଗ୍ରାହୀ ।
ସେ ସକଳ ପ୍ରାଣୀ ଠାରେ ହୋନ୍ତି ଦୟାବାନ
ବିଶ୍ୱାସ କରି ପୂଜନ୍ତି ପ୍ରଭୁ ଭଗବାନ ।
ପିତା ମାତାଙ୍କର ସେବା ଭକ୍ତିରେ କରନ୍ତି
ସର୍ବଦା ତାଠାରେ ହର ପ୍ରସନ୍ନ ହୁଅନ୍ତି ।
ଯା ଚିତ୍ତ ସତ କାର୍ଯ୍ୟରେ ସନ୍ତୋଷ ହୁଅଇ
ସତ୍ୟ ବାକ୍ୟ ତୁଣ୍ଡେ ନିତି ଯେ ବ୍ୟକ୍ତି କହଇ ।
ଅହଙ୍କାର ଆଦି ଯେହୁ ବର୍ଜନ କରନ୍ତି
ତାଠାରେ ପ୍ରୀତ ହୁଅନ୍ତି ପ୍ରଭୁ ନନ୍ଦ ବଣ୍ଡି ।
କ୍ଷୁଧା ତୃଷା ରୋଗ ବ୍ୟାଧି ଆଦିରୋଗଶୋକ
ସ୍ଖଳନ ତାଡ଼ନ ଆଦି ହେଲେ ଯେଉଁଲୋକ ।
ହର ହର ବୋଲି ମୁଖେ ଉଚ୍ଚାରଣ କରେ
ସର୍ବଦା ପ୍ରୀତ ହୁଅନ୍ତି ହରି ତାହାଠାରେ ।
ପତି ପରାୟଣା ଅଟେ ଯେଉଁ ସତ୍ୟ ନାରୀ
ପ୍ରସନ୍ନ ହୁଅନ୍ତି ତାହାଠାରେ ଦଇତ୍ୟାରୀ ।
ଅହଙ୍କାର ହୃଦୟରୁ କରିଣ ବର୍ଜନ
ପ୍ରଭୁଙ୍କ ପୂଜାରେ ରତଥାଏ ରାତ୍ର ଦିନ ।
ପ୍ରସନ୍ନ ହୁଅନ୍ତି ତାହାଠାରେ ଦୟାମୟ
ତେଣୁ ଅରିଷ୍ଟ ତାହାର ଖଣ୍ଡନ୍ତି ନିଶ୍ଚୟ ।
ଆହେ ଋଷିଗଣ ଏହି କାରଣରୁ ମୁହିଁ
ଯାହା କହୁଅଛି ତାହା ଶୁଣ ମନଦେଇ ।
ଜନମି ଥିଲେ ଜଗତେ ନିଶ୍ଚୟ ମରିବ
ବିଜୁଳି ପରି ଅସ୍ଥାୟୀ ଏ ଶରୀର ସର୍ବ ।
ତା ମଧ୍ୟେ ଜୀବନ ଅଟେ ଅତ୍ୟନ୍ତ ଚଞ୍ଚଳ
ଯେତେ ଭୋଗ୍ୟ ବସ୍ତୁ ତାହା ସବୁ କ୍ଷୟଶୀଳ ।
ସମ୍ପଦ ବୋଲନ୍ତି ଯାରେ ସେ କ୍ଷଣ ଭଙ୍ଗୁର
ଏହାଜାଣି ମନୁ ଅହଙ୍କାର କରି ଦୂର ।
ହରିଙ୍କ ପାଦପଦ୍ମରେ ଢାଳି ଦିଏ ମନ
ଶେଷେ ମୋକ୍ଷପଦ ଦେବେ ଜଗତ ଜୀବନ ।
ଆହେ ଋଷିଗଣ ତୁମ୍ଭେ ଦେଖୁଅଛ କିସ
ମାନବର ଶତେ ବର୍ଷ ଅଟଇ ଆୟୁଷ ।

Digitized by srujanika@gmail.com

ତହିଁରୁ ଅର୍ଦ୍ଧେକ ବିତି ଯାଉଛି ନିଦ୍ରାରେ
ଅନେକ ଯାଉଛି ସ୍ନାନ ଭୋଜନ ବ୍ୟାପାରେ ।
ବିଷୟ ଭୋଗରେ ବାଲ୍ୟ ବାର୍ଦ୍ଧକ୍ୟରେ ଶୁଣ
କେତେକ ବୟସ ଚାଲିଯାଏ ଅକାରଣ ।
ଏହି ହିସାବରୁ ସବୁ ବୁଝି ନେବ ଯେବେ
କହ କେତେବେଳେ ଧର୍ମ କରିବେ ମାନବେ ।
ବାଳକ କାଳରେ କିବା ବୃଦ୍ଧ ବୟସରେ
ସମ୍ଭବ କି ହରି ସେବା କରିବା ବିଧିରେ ।
ଏହାଜାଣି ଯଉବନ ଥାଉ ଥାଉ ଜନେ
ପ୍ରବୃତ୍ତ ହୁଅନ୍ତୁ ଧର୍ମ କର୍ମ ଅନୁଷ୍ଠାନେ ।
ଅହଂକାର ଶୂନ୍ୟ ହୋଇ ଯଉବନ କାଳେ
ଧର୍ମ ଅର୍ଜିଥିଲେ ସିନା ଅନ୍ତେ ପୁଣ୍ୟମେଳେ ।
ମାନବେ ବୃଥାରେ ପଡ଼ି ସଂସାର ଗର୍ଭରେ
ଶେଷ କରନା ଦୁର୍ଲ୍ଲଭ କାଳକୁ ସତ୍ୱରେ ।
ନାନା ଆପଦର ଘର ମିଳେ ପରିପୂର୍ଣ୍ଣ
ବ୍ୟାଧିର ନିଳୟ ଅଟେ ଏ ଶରୀର ଜାଣ ।
ତାହା କେତେବେଳେ ଚିରସ୍ଥାୟୀ ଯେ ନୁହଁଇ
ତେଣୁ ପାପକର୍ମେ ମନ ନ ବଳାଅ କେହି ।
ଯଦ୍ୟପି ଜାଣ ଶରୀର ନୁହେଁ କେଭେ ଚିର
ତେବେ ପାପ କର୍ମମାନ କାହିଁ ପାଇଁ କର ।
ନାନା ଦୁଃଖମୟ ଏହି ଅସାର ସଂସାରେ
ବିଶ୍ୱାସ ନ କର ପୁତ୍ର ଦାରା ସମ୍ପଦରେ ।
ଏ ସତ୍ୟ ବଚନ ଯାହା କହୁଛି ବୁଝାଇ
ଏ ଦେହ ଜାଣ କଦାପି ଚିର ଯେ ନୁହଇଁ ।
ଏଣୁ ଭକତିରେ ପୂଜା କରି ଶ୍ରୀହରିଙ୍କି
ବୃଥାରେ ସମୟ ନଷ୍ଟ କରିବ କାହିଁକି ।
ମାନବ ଆଗରେ ଯେଉଁ ଦେହ ଅଭିମାନ
ସେ ଏକା ଅଟଇ ସର୍ବନାଶର କାରଣ ।
ତାହା ତ୍ୟାଗକରି କାମ କ୍ରୋଧ ଶୂନ୍ୟହୋଇ
ଶ୍ରୀହରି ଚରଣେ ସେବା କର ମନଦେଇ ।
ତହିଁ ସେ ଅପାରଲୟ ହୋଇବ ତୁମ୍ଭର
ଆବର ଏକଇ କଥା ଶୁଣ ମନ ସ୍ଥିର ।
ସଂସାରେ ମନୁଷ୍ୟ ଜନ୍ମ ଦୁର୍ଲ୍ଲଭ ଅଟଇ
ଯେବେ ଭାଗ୍ୟବଳେ ତାହା ଲାଭ କରିଛଇଁ ।
ତେବେ ମୁଁ କହୁଛି ରତ ହୁଏ ଦେବାର୍ଚ୍ଚନେ
ତହିଁରୁ ପରମଗତି ଲଭିବଟି ଦିନେ ।

କୋଟି କୋଟି ଯୋନିମଧ୍ୟେ ଭ୍ରମିଣ ଏ ଜୀବ
ସର୍ବ ଶେଷରେ ଆସିଣ ହୁଅଇ ମାନବ ।
ଯାର ପୂର୍ବ ପୁଣ୍ୟ ଥାଏ ମାନବ ଗଣରେ
ମନକୁ ବଳାଏ ସେହୁ ଦେବତା ପୂଜାରେ ।
ଦେବାର୍ଚ୍ଚନ ଜ୍ଞାନାର୍ଜନେ ଯୋଗାଦି ସାଧନେ
ପ୍ରବୃତ୍ତ ହୁଅନ୍ତି ପୂର୍ବ ପୁଣ୍ୟଥିଲେ ଜନେ ।
ଦୁର୍ଲ୍ଲଭ ମନୁଷ୍ୟ ଦେହ ଧରି ଏ ସଂସାରେ
ହରିପୂଜା ନ କରଇ ଯିଏ ଏକବାରେ ।
ତାହାଠାରୁ ବଳି ମୂର୍ଖ ପାଷାଣ୍ଡ କେ ଅଛି
ମାନବ ଦେହରେ ତାର ଫଳ ନାହିଁ କିଛି ।
ଶ୍ରୀହରି ପୂଜିତ ହେଲେ ସେ ପୂଜକ ପ୍ରତି
ସନ୍ତୋଷ ହୋଇଣ ବାଞ୍ଛାଫଳ ଅରପନ୍ତି ।
ସଂସାର ସାଗର ମଧ୍ୟେ ପଡ଼ି ଯେଉଁଜନ
ହରିଙ୍କୁ ନ ପୂଜେ ଅବିବେକରେ ସେ ଗଣ୍ୟ ।
ବିଷ୍ଣୁଭକ୍ତି ଯେବେ ଥାଏ ଚଣ୍ଡାଳ ହୃଦରେ
ଶ୍ରେଷ୍ଠ ବୋଲନ୍ତି ତାହାଙ୍କୁ ସର୍ବ ସିଦ୍ଧନରେ ।
ବିଷ୍ଣୁଭକ୍ତ ହୀନ ହୁଏ ଯେବଣ ବ୍ରାହ୍ମଣ
ଚଣ୍ଡାଳଠାରୁ ଅଧମ ଅଟନ୍ତି ସେ ଜାଣ ।
ଏ କାରଣୁ କାମ କ୍ରୋଧ ଛାଡ଼ି ଅବିରତ
ବିଷ୍ଣୁଙ୍କର ସେବା ମଧ୍ୟେ ସର୍ବେ ହୁଅ ରତ ।
ନାରାୟଣ ଯେବେ ତୁଷ୍ଟ ହେବେ ତୁମ୍ଭପରେ
ସମଗ୍ର ଜଗତ ଶାନ୍ତ ହୋଇବେ ତୁମ୍ଭରେ ।
ସେ ବିଷ୍ଣୁ ବିନେ ଜଗତେ ବଡ଼ କେହି ନାହିଁ
ଚରାଚର ପ୍ରାଣୀ ଲୀନ ହୋନ୍ତି ଅଙ୍ଗେ ଯାଇ ।
ମନୁଷ୍ୟ ଜନମ ହେଲେ ଲଭଇ ମରଣ
ମଲେ ପୁଣି ଆଉଥରେ ହୁଅଇ ଜନମ ।
ବିଷମ ସଂକଟ ଅଟେ ଜରା ମୃତ୍ୟୁ ଦୁଇ
ହରିପୂଜା କଲେ ତାହା ଖଣ୍ଡନ ହୁଅଇ ।
ତାଙ୍କ ସେବାପୂଜା ବିନା ଆନ ନାହିଁ ଗତି
ଜନ୍ମମୃତ୍ୟୁ ଏ ସଂସାରେ ଖଣ୍ଡନ ନୁହେଁଟି ।
ବିଷ୍ଣୁଙ୍କ ପାଦ ପୂଜନ ପୁଣି ନମସ୍କାର
ଯେ ଜନ କରେ ସଂସାର ବନ୍ଧ ଛିଣ୍ଡେ ତାର ।
ଏ କାରଣୁ ଯେ ମାନବ ଜ୍ଞାନଜନ ଥିବ
ସେ ଅବା କାହିଁକି ବିଷ୍ଣୁପୂଜା ନ କରିବ ।
ଉଚ୍ଚାରିବା ମାତ୍ରେ ବିଷ୍ଣୁଙ୍କର ନାମ ମାତ୍ର
ବ୍ରହ୍ମ ହତ୍ୟାଦି ପାତକ ହୋଇଯାଏ ପୂତ ।

Digitized by srujanika@gmail.com

ସେ ବିଷ୍ଣୁଙ୍କ ପୂଜାକଲେ ମୋକ୍ଷ ପଦ ପାଇ
ବୈକୁଣ୍ଠେ ବସିବା ଶାସ୍ତ୍ର ମଧ୍ୟେ ଅଛି ରହି ।
ହରିନାମ ଥାଉଁ ଥାଉଁ କିମ୍ପାଇଁ ମାନବେ
ମାୟା ବନ୍ଧନରେ ଘାଣ୍ଟି ହୁଅନ୍ତି ଏ ଭବେ ।
ସବୁବେଳେ ପାଶେ ପାଶେ ଅଛନ୍ତି ଶ୍ରୀଧର
ହେଲେହେଁ ନେତ୍ରକୁ ଦେଖା ନ ଯାଏ ପାପୀର ।
ଆହେ ଋଷିଗଣ ବାର ବାର ବ୍ୟାଖ୍ୟା କରି
ସତ କରି କହୁଛି ମୁଁ ଆଗରେ ତୁମ୍ଭରି ।
ଯେତେ କାଳ ପରିଯନ୍ତେ ମାନବ ଗଣର
ଇନ୍ଦ୍ରିୟ ଜନିତ ବ୍ୟାଧି ହୋଇଯାଏ ଦୂର ।
ତାହାରି ମଧରେ ଧର୍ମ ଅର୍ଜନ ନ କଲେ
ଇହ ପରକାଳେ ଶୁଭ ନ ଲଭେ ସେ ହେଲେ ।
ବ୍ୟାଧିଗ୍ରସ୍ତ ହୋଇ ଯମଦୂତମାନଙ୍କର
କରାୟତ ହୁଏ ଯେଉଁ ସମୟରେ ନର ।
ସେତେବେଳେ ମୋକ୍ଷ ପାଇଁ ଅଭିଳାଷ କଲେ
ଆଉକି ସହଜେ ଯମ ହାତୁ ମୁକ୍ତି ମିଳେ ।
କିନ୍ତୁ ବେଳ ଥାଉଁ ଯେହୁ ହରିଙ୍କୁ ଭଜଇ
ସତ୍ୟ ମାର୍ଗରେ ସର୍ବଦା ଗମନ କରଇ ।
ଦେହୁ ତାର ପ୍ରାଣ ପକ୍ଷୀ ଯିବା ସମୟରେ
ବିମାନ ଘେନିଣ ବିଷ୍ଣୁଦୂତେ ଆନନ୍ଦରେ ।
ସେ ଜନ ପାଶରେ ଆସି ପ୍ରବେଶ ହୁଅନ୍ତି
ମହା ସନମାନେ ବିଷ୍ଣୁ ପଞ୍ଜରକୁ ନ୍ୟନ୍ତି ।
ଏକଥା ସଦା ବିଚାର କରି ଯେଉଁ ଜନ
ଶ୍ରୀହରି ଚରଣ ତଳେ ଦେଇଥାଏ ମନ ।
ନ ଜାଣି ପାରଇ ଏହା ଯେହୁ ଭ୍ରମେ ପଡ଼ି
ଇହ ପର ନଷ୍ଟ କରେ ସଂସାରରେ ଜଡ଼ି ।
ହେ ବିପେନ୍ଦ୍ରମାନେ ତୁମ୍ଭେ ଶୁଣ ମନ ଦେଇ
ଊର୍ଦ୍ଧ୍ୱକୁ ଅନାଇ ସତ୍ୟ କରି କହେ ମୁହିଁ ।
ଦମ୍ଭାଚାର ତ୍ୟାଗ କରି ଚକ୍ରପାଣିଙ୍କର
ପାଦପଦ୍ମ ତଳେ ସେବା କର ନିରନ୍ତର ।
ସେ ହରି ତୃପତ ହେଲେ ସଂସାର ବନ୍ଧନ
ଅତି ସହଜରେ ହୋଇ ପାରଇ ଛେଦନ ।
କ୍ରୋଧ ଅହଙ୍କାର ଯେହୁ ଶରୀର ତେଜଇ
ସାଧିତ କର୍ମର ଫଳ ସେ ଭୋଗ କରଇ ।
କ୍ରୋଧ ଏକାଅଟେ ମନସ୍ତାପର କାରଣ
କ୍ରୋଧ ହେତୁ ନ ତୁଟଇ ସଂସାର ବନ୍ଧନ ।
ଧର୍ମ ନଷ୍ଟ ହୋଇଯାଏ ହେଲେ କ୍ରୋଧ ବଶ
ଏହା ଜାଣି ତେଜ୍ୟା କରେ କ୍ରୋଧ ଯେ ମନୁଷ୍ୟ ।
ସଂସାର ବନ୍ଧନେ ସେହୁ କେଭେଁ ନ ପଡ଼ଇ
ଅତ୍ୟନ୍ତ ପବିତ୍ର କାର୍ଯ୍ୟ ତାହାର ଅଟଇ ।
ଜନ୍ମ ଗ୍ରହଣର ମୂଳ କାମ ଏକ ମାତ୍ର
କାମବୃଦ୍ଧି ହେଲେ ପାପ ହୁଅଇ ବହୁତ ।
ଯଶ କୀରତି ଦ୍ୱୟକୁ କାମ ନାଶ କରେ
ଏଣୁ ଯତ୍ନେ ବିସର୍ଜିବ କାମକୁ ସତ୍ୱରେ ।
ନାନା ଦୁଃଖର କାରଣ ମାତ୍ସର୍ଯ୍ୟ ହୁଅଇ
ନରକ ଯାତନା ସେହୁ ଭୋଗ ଯେ କରଇ ।
ଏ କାରଣୁ ମାତ୍ସର୍ଯ୍ୟକୁ ପରିତ୍ୟାଗ କଲେ
ମୋକ୍ଷର ପଥକୁ ପ୍ରାଣୀ ଲାଭକରେ ହେଲେ ।
କାମକ୍ରୋଧ ଲୋଭ ମୋହ ମଦ ମାତ୍ସର୍ଯ୍ୟକୁ
ଯେ ତେଜଇ ମୋକ୍ଷ ପଦ ଲାଭ ହୁଏ ତାକୁ ।
ଅଚ୍ୟୁତ ଅନନ୍ତ ହରି ମାଧବ ଗୋବିନ୍ଦ
ଯେ ମୁଖେ ବୋଲଇ ତାକୁ ତୁଟେ ମାୟାବନ୍ଧ ।
ନମୋନାରାୟଣ ବୋଲି ଉଚ୍ଚାରିଲେ ମୁଖ
ଶରୀରରେ ସର୍ବବ୍ୟାଧି ନାଶି ଲଭେ ସୁଖ ।
ହରେ ନାରାୟଣ ଜଗନ୍ନାଥ ବାସୁଦେବ
ଯେ ମୁଖେ ବୋଲଇ ତାଙ୍କୁ ପୂଜନ୍ତି ବାସବ ।
ବ୍ରହ୍ମା ଇନ୍ଦ୍ର ଆଦି ଯେତେ ଅମରେ ଅଛନ୍ତି
ହରିଭକ୍ତଙ୍କ ପ୍ରଭାବ କେହୁ ନ ଜାଣନ୍ତି ।
ବାସ କରିଛନ୍ତି ନିଜ ହୃଦେ ଚକ୍ରପାଣି
ଦୁରାତ୍ମା ମାନବ ତାଙ୍କୁ ନ ପାରନ୍ତି ଜାଣି ।
ଏଣୁ ମୁଁ ବିଚାରେ କେଡ଼େ ମୂର୍ଖ ସେ ନୁହନ୍ତି
ତାହାଙ୍କୁ ମିଳିବ କାହୁଁ ଅବା ପୁଣ୍ୟଗତି ।
ଶ୍ରଦ୍ଧାରେ ହରିଙ୍କୁ ସେବା କରେ ଯେଉଁଜନ
ତାଠାରେ ସର୍ବଦା ହରି ହୁଅନ୍ତି ପ୍ରସନ୍ନ ।
ଯାର ବିଷ୍ଣୁଭକ୍ତି ଅଛି ତା ଜନ୍ମ ସଫଳ
ଯହିଁ ତହିଁ ଥିଲେ ତାକୁ ମିଳେ ଶୁଭଫଳ ।
ବାନ୍ଧବ କଳପ ଧନ ପୁତ୍ର ମିତ୍ର ଆଦି
ସକଳ ସମ୍ପଦ ସେହୁ ପାରଇ ସମ୍ପାଦି ।
ପୂର୍ବ ପାତକରୁ ଜାତ ହୁଅଇ ଶରୀର
ପୁଣି ପାପକର୍ମେ ରତ ହୁଏ ଯେଉଁ ନର ।
ତେବେ ମୋକ୍ଷ ପଥ ତାକୁ ମିଳିବ କିପରି
ଏ କଥାକୁ ମନମଧ୍ୟେ ବିବେଚନା କରି ।

Digitized by srujanika@gmail.com

ଶ୍ରୀହରି ଅଭୟ ପାଦେ ପଶିବ ଶରଣ
ସେ ମୋକ୍ଷ ହୁଅଇ ପୁଣି ଜନ୍ମ ନ ହୋଇଣ ।
ଯେଉଁମାନେ ଇହପର ବିଚାର କରନ୍ତି
ଅତୁଳ ସମ୍ପଦମାନ ମଧ୍ୟରେ ବାଞ୍ଛନ୍ତି ।
ହରି ପୂଜା ତାହାଙ୍କର ପକ୍ଷରେ ସମ୍ଭବ
ତାଙ୍କ ପୂଜା ଫଳେସବୁ ଇଷ୍ଟ ହୁଏ ଲାଭ ।
ହରିଙ୍କ ଚରଣେ ଭକ୍ତି ନ ଥାଏ ଯାହାର
କେଉଁ ଫଳ ଅଛି ପର ଜନମେ ତାହାର ।
ସଦ୍‌କର୍ମରେ ଯେ ଧନ ବ୍ୟବହୃତ ନୁହଇ
ତେମନ୍ତ ଧନରେ ଅବା କେଉଁ ଫଳ ପାଇ ।
ସେ ଧନ ଜୀବନ ତାର ହେଉ ଧିକ ଧିକ
ଏଥିରେ କହିବା ପାଇଁ ଅଛି କି ଅଧିକ ।
ଯେବଣ ଶରୀର ହରି ସେବା ନ କରଇ
ସେ ଶରୀର ନୁହେଁ ପାପ ମନ୍ଦିର ଅଟଇ ।
ତାର କଳେବର ଅଟେ ପାପର ମନ୍ଦିର
ମାନବ ଜନ୍ମକୁ ସେହୁ ଅଟଇ ଅସାର ।
ଅହୀ ଶିରେ ମଣି ରହିଥିଲା ପରି ଜାଣ
ଅଲୋଡ଼ା ହୁଅଇ ଭୟଙ୍କର ଦିଶେ ପୁଣ ।
ବିଜୁଳି ସଦୃଶ୍ୟ କ୍ଷଣ ଭଙ୍ଗୁର ଐଶ୍ୱର୍ଯ୍ୟେ
ପ୍ରମତ୍ତ ହୋଇ ଯେ ଘୋର ସଂସାରେ ନିମଜ୍ଜେ ।
ତାହାର ମୁକତ ହେବା ଉପାୟ ଯେ ନାହିଁ
ମୁକ୍ତିମାର୍ଗ ଅବା ତାଙ୍କୁ ମିଳିବ ତା କାହିଁ ।
ପୂର୍ବରୁ ସର୍ଜନା କରିଛନ୍ତି ପରମେଷ୍ଠି
ସୁରାସୁର ଭେଦେ ଦୁଇ ପରକାର ସୃଷ୍ଟି ।
ତା ମଧ୍ୟରେ ହରିଭକ୍ତି ହୀନ ଯେଉଁମାନେ
ଜଗତେ ଆସୁରୀ ସୃଷ୍ଟି ଅଟନ୍ତି ସେମାନେ ।
ଆଉ ଯେ ଅଟନ୍ତି ହରିଭକ୍ତି ପରାୟଣ
ସେମାନଙ୍କୁ ଦୈବୀ ସୃଷ୍ଟି ବୋଲି ତୁମ୍ଭେ ଜାଣ ।
ଏ କାରଣୁ ହରିଭକ୍ତି ପରାୟଣ ଯେତେ
ସର୍ବତ୍ର ବିଖ୍ୟାତ ସର୍ବଶ୍ରେଷ୍ଠ ସେ ଜଗତେ ।
ଏ ସଂସାରେ ହରିଭକ୍ତ ଦୁର୍ଲ୍ଲଭ ଅଟଇ
କେ ଅଛି ଭକ୍ତଙ୍କ ସଂଗେ ତୁଲ୍ୟ ହେବାପାଇଁ ।
କାମ କ୍ରୋଧ ଅସୂୟାକୁ ଛାଡ଼ି ଯେତେ ଜନ
ବ୍ରାହ୍ମଣଙ୍କ ରକ୍ଷଣରେ କରନ୍ତି ଯତନ ।
ପ୍ରସନ୍ନ ହୁଅନ୍ତି ବାସୁଦେବ ତାଙ୍କ ପ୍ରତି
ତେଣୁ ଅନ୍ତଃକାଳେ ମୋକ୍ଷ ଲାଭ ସେ କରନ୍ତି ।
ସତ୍ପାତ୍ରରେ ଦାନ ଦେଇ ହରି ସେବା କଲେ
ନିଶ୍ଚୟେ ପରମପଦ ଲାଭ ହୁଏ ଭଲେ ।
ସଂସାର ତାପରେ ପରିତୃପ୍ତ ଯେତେଜନ
ହରି ତାହାଙ୍କର ଗତି ଏ ନିଶ୍ଚୟ ଜାଣ ।
ଶ୍ରବଣରେ ହରିନାମ ଶୁଣିବା ମାତ୍ରକେ
ପରମ ପଦକୁ ପ୍ରାଣୀ ଲଭଇ ନିଃଶଙ୍କେ ।
ଗତି ମୁକ୍ତିଦାତା ହରିଙ୍କର ପଦାମ୍ବୁଜ
କ୍ଷେତ୍ରମୋହନ କହଇ ଭକ୍ତିଭାବେ ଭଜ ।
ଇତି ଶ୍ରୀ ବୃହଦ୍ ନାରଦ ପୁରାଣେ ହରିଭକ୍ତି
କଥନେ ନାମ ଦ୍ୱାତ୍ରିଂଶୋଽଧ୍ୟାୟଃ ।

---•----

## ତ୍ରୟତ୍ରିଂଶ ଅଧ୍ୟାୟ

## ହରିମାହାତ୍ମ୍ୟ ପ୍ରସଙ୍ଗେ

## ଦେବମାଳୀ ଚରିତ ବର୍ଣ୍ଣନ

କହନ୍ତି ଯେ ଋଷିଗଣ ଅଗ୍ରତରେ ସୁତ
ଏଣୁ ଅନନ୍ତରେ ଶୁଣ ଅପୂର୍ବ ଚରିତ ।
ଚକ୍ରପାଣିଙ୍କର ମହିମା ଏ ପୁଣ୍ୟପାଠ
ଶ୍ରବଣେ ଶୁଣିଲେ ପାପରାଶି ହୁଏ ନଷ୍ଟ ।
ଶତ୍ରୁତୁଲ୍ୟ ଇନ୍ଦ୍ରିୟଙ୍କୁ ଯେଉଁ ଯୋଗିଗଣ
ଆତ୍ମାଯୋଗବଳେ ପରାଜୟ କରି ପୁଣ ।
ଶମାଦି ଗୁଣରେ ଯୁକ୍ତ ହୋଇ ସନ୍ତତରେ
ଅର୍ଚ୍ଚନା କରନ୍ତି ଶ୍ରୀହରିଙ୍କି ଭକତିରେ ।
ପୁଣି ଯେଉଁମାନେ ତୀର୍ଥସ୍ନାନ ବ୍ରତ ଦାନ
ଯଜ୍ଞ ତପ ଆଦି କର୍ମେ ବିଶୁଦ୍ଧ ହୋଇଣ ।
କର୍ମଯୋଗେ ଅଚ୍ୟୁତଙ୍କୁ ଅର୍ଚ୍ଚନା କରନ୍ତି
ଇହ ପର କାଳ ତାଙ୍କୁ ମିଳଇ ସୁଗତି ।
ବ୍ୟସନାସକ୍ତ ଯେ ଅତି ଲୋଭ ପରାୟଣ
ସେ ହରି ଅର୍ଚ୍ଚନା କାର୍ଯ୍ୟେ ବିମୁଖ ହୋଇଣ ।
କ୍ଷଣସ୍ଥାୟୀ ଅଇଶ୍ୱର୍ଯ୍ୟ ମଦେ ମତ୍ତ ହୋଇ
କଷଣ ଭୁଞ୍ଜନ୍ତି ଅନ୍ତେ ନର୍କଗତି ପାଇ ।
ଭକ୍ତିଯୁକ୍ତ ହୋଇ କାୟମନ ବଚନରେ
ଯେ ହରି ଅର୍ଚ୍ଚନା କାର୍ଯ୍ୟ ସନ୍ତତରେ କରେ ।
ସେ ପରମ ସ୍ଥାନ ପାଏ ସଂସାରୁ ନିସ୍ତାରି
ଐଶ୍ୱର୍ଯ୍ୟ ଭୁଞ୍ଜଇ ଜନ୍ମ ମରଣ ପାସୋରି ।
ପୂର୍ବେ ଏହି ବିଷୟରେ ସୁପଣ୍ଡିତଗଣ
ଏକ ଇତିହାସ କହିଛନ୍ତି ତାହା ଶୁଣ ।

Digitized by srujanika@gmail.com

ଏହି ଉପାଖ୍ୟାନ ଗୋଟି ପଢ଼ିଲେ ଶୁଣିଲେ
ଅଶ୍ୱମେଧ ଯଜ୍ଞଫଳ ଲାଭ ହୁଏ ଭଲେ ।
ଆବର ହୁଅଇ ପାପରାଶି ଦୂରିଭୂତ
ଏଣୁ ମୁଁ କହୁଛି ସର୍ବେ ଶୁଣ ଦେଇ ଚିତ୍ତ ।
ରୈବତ ଦେଶରେ ପୂର୍ବେ ଏକଇ ବ୍ରାହ୍ମଣ
ବାସ କରିଥିଲା ଦେବମାଳୀ ତାର ନାମ ।
ବେଦ ବେଦାଙ୍ଗରେ ପାରଦର୍ଶୀ ସେ ଅଟଇ
ସକଳ ଭୂତରେ ସଦା ଦୟା କରିଥାଇ ।
ପୁଣି ସେ ଅଟଇ ହରିପୂଜା ପରାୟଣ
ଉତ୍ତମ ମାର୍ଗରେ ଚଳି କାଟୁଥାଏ ଦିନ ।
କେବଳ ସେ ପୁତ୍ର ମିତ୍ର କଳତ୍ର ପୋଷଣେ
ବାଣିଜ୍ୟ କରଇ କିଛି ଦ୍ରବ୍ୟ ଉପାର୍ଜନେ ।
ଦ୍ରବ୍ୟାଦ୍ରବ୍ୟ ଆଦି ପୁଣ୍ୟ ବସ୍ତୁ ମିଳେ ଯାହା
ଲାଭ ପାଇଁ କିଣା ବିକା କରୁଥାଏ ତାହା ।
ଚଣ୍ଡାଳଙ୍କଠାରୁ ପ୍ରତିଗ୍ରହ ସେ କରିଣ
ଲୋଭରେ କରଇ ନାନା ଦ୍ରବ୍ୟ ଆହରଣ ।
ପତ୍ନୀର ବୋଲରେ ତପ ବିକ୍ରୟ ସେ କରି
ଆଣଇ ଅନେକ ଧନ ଆନନ୍ଦରେ ପୂରି ।
ଧନଲୋଭେ ପରପାଇଁ ତୀର୍ଥଯାତ୍ରା କଲେ
ସେ ଧନ ବଢ଼ାଏ ପୁଣି ବାଣିଜ୍ୟ ସୂତ୍ରରେ ।
ଏହିପରି କିଛିକାଳ ହୋଇଯାନ୍ତେ ଗତ
କ୍ରମରେ ହୋଇଲେ ଦୁଇପୁତ୍ର ତାର ଜାତ ।
ଯେଉଁ ବେନି ପୁତ୍ର ତାର ହୋଇଲେ ଜନମ
ଯଜ୍ଞମାଳୀ ସୁମାଳୀ ଯେ ହେଲା ତାଙ୍କ ନାମ ।
ଏକୁ ଏକ ରୂପବନ୍ତ ସେ ବେନି କୁମର
ଆକୃତିରେ ତୁଲ୍ୟ ଦୁହେଁ ଅତ୍ୟନ୍ତ ଚତୁର ।
ପୁତ୍ରଙ୍କ ଉପରେ ସ୍ନେହ ରଖି ସେ ବ୍ରାହ୍ମଣ
ଧନାର୍ଜନେ ନାନା ଶିକ୍ଷା କରିଲା ପ୍ରଦାନ ।
ଯେବଣ ଉପାୟେ ଧନ ମିଳଇ ବହୁତ
ସେହିପରି ଶିକ୍ଷା ଦେଲା ତାଙ୍କୁ ଅବିରତ ।
ନାନା ଉପାୟରେ ପିତା ପୁତ୍ର ତିନିଜଣ
ସଞ୍ଚିଲେ ବହୁତ ଧନ ସଂଗ୍ରହ କରିଣ ।
ତହୁଁ କିଛିଦିନ ଗଲା ପରେ ଦେବମାଳୀ
ଏକାନ୍ତେ ଗଣିଲା ଟଙ୍କାଯାକ ଦ୍ୱାର କିଳି ।
କୋଟି କୋଟି ସ୍ୱର୍ଣ୍ଣମୁଦ୍ରା ରୌପ୍ୟ ମୁଦ୍ରାଥିଲା
ଗଣି ଗଣି ଶେଷକୁ ସେ ମନେ ବିଚାରିଲା ।
ଆନନ୍ଦରେ ପୂରି ଦ୍ୱିଜ କରଇ ଭାବନା
ଘରେ ମୁଁ ଅର୍ଜି ରଖିଲି ଧନ ଅକଳନା ।
ଶତ ଶତ ପ୍ରତିଗ୍ରହ କରିଅଛି ମୁହିଁ
ଏସବୁ ଅସତ ପ୍ରତିଗ୍ରହ ମୁଁ ଜାଣଇ ।
ନାନାସ୍ଥାନେ ବୁଲି ପଣ୍ୟ ଦ୍ରବ୍ୟ ବିକ୍ରିକଲି
ତପସ୍ୟା ବିକ୍ରୟ କରି ବ୍ରତାଦି ବିକିଲି ।
ଏହି ସବୁ ଉପାୟରେ ମୋର ଯେତେ ଧନ
ସଞ୍ଚିତ ହୋଇଲା ତାହା କରିବି କି ଆନ ।
ତେବେ ହେଲେ ଧନତୃଷ୍ଣା ମନରୁ ମୋହର
ଅନ୍ତର ନୁହଇ କହୁଅଛି ବାରମ୍ବାର ।
ଏତେ ଧନ ସୁନା ରୂପା ଥିଲାଠାରେ ମୁହିଁ
ମାନସରୁ ଧନ ତୃଷ୍ଣା ଛାଡ଼ି ପାରୁ ନାହିଁ ।
ଆଜିଠାରୁ କରୁଛି ମୁଁ ମନରୁ ଭାବନା
ମେରୁ ଦଣ୍ଡ ସମାନରେ ମିଳୁ ମୋତେ ସୁନା ।
ସବୁ ଅନର୍ଥର ମୂଳ ଧନ ଯେ ଅଟଇ
ଯେ ତାହା ଛାଡ଼ିଛି ମହାସୁଖୀ ଜନ ସେହି ।
ଧନ ତୃଷ୍ଣା ସାର ଅଛି ତାର ଆଉ ଯେତେ
ଅଭିଳାଷ ଥାଏ ତାହା ପୂରଣ କରନ୍ତେ ।
ତଥାପି କଳୁ ସେ ଅନ୍ୟ ବିଷୟ ବାସନା
ତେଣୁ ବୁଦ୍ଧି ହୁଏ ମନେ ବହୁତ ଭାବନା ।
ବିଚାରିଲେ କି ଆଶ୍ଚର୍ଯ୍ୟ ବିଷୟ ଏ ନୁହେଁ
ମାନବେ ଭ୍ରମନ୍ତି ବୁଦ୍ଧି ଛାଡ଼ି ଧନ ମୋହେ ।
ଜରାଗ୍ରସ୍ତ ବ୍ୟକତିର ଚକ୍ଷୁ ଦନ୍ତ ବାଳ
ଝଡ଼ି ପଡ଼ି ଯାନ୍ତି ଥୋକେ ଦିଶନ୍ତି ଶୁକଳ ।
ଇନ୍ଦ୍ରିୟ ସକଳ ବର୍ଣ୍ଣେ ହୁଅନ୍ତି କ୍ରମରେ
ଶକ୍ତି ନ ରହଇ ଗତାୟତ କରିବାରେ ।
ତଥାପି ସେ ନ ଛାଡ଼ଇ ଧନର ଲାଳସା
ଯୁବକ ପରାୟ ବୃଦ୍ଧି ହୋଇଥାଏ ଆଶା ।
ମୁଁ ଦେଖି ଜାଣୁଛି ମୋର ସାକ୍ଷାତରେ ଏବେ
ଇନ୍ଦ୍ରିୟ ହେଲେଣି ନଷ୍ଟ ଜରାର ପ୍ରଭାବେ ।
ହୋଇଲାଣି ଊଣା ବଳ ବୀର୍ଯ୍ୟଆଦି ଯେତେ
କାଲିର କଥାକୁ ଆଜି ନ ଜାଣେ ପରତେ ।
ତଥାପି ଧନାଶା ମୋର ଯୁବକ ହୋଇଣ
ପ୍ରବଳ ଭାବରେ ଉଠୁଅଛି ଦିନୁଁ ଦିନ ।
ବୁଦ୍ଧିମନ୍ତ ହେଉ ଅବା ମୂଢ଼ ମତି ହେଉ
ଶାନ୍ତ ସ୍ୱଭାବରେ ବସି କାଳ କାଟୁଥାଉ ।

Digitized by srujanika@gmail.com

ସେ ଲୋକ ହୁଅଇ ଯେବେ କ୍ରୋଧ ପରାୟଣ
ସକଳେ ତାହାକୁ ମୂର୍ଖ ବୋଲନ୍ତିଟି ଜାଣ ।
ବିଦ୍ୟାବନ୍ତ ଜନ ଯେବେ କ୍ରୋଧବନ୍ତ ହୁଏ
ମହାମୂର୍ଖ ବୋଲି ତାକୁ କୁହନ୍ତି ସଭିଏଁ ।
ଧନ ଆଶାକୁ ପୁରୁଷେ ଜିଣି ନ ପାରନ୍ତି
ସର୍ବଦା ଅଜୟ ସେହୁ ଶୁଣ ଆହେ ଯତି ।
ବନ୍ଧୁ ବିଚ୍ଛେଦ ହୁଅଇ ଏହି ପ୍ରଭାବରେ
ନାନା ସ୍ଥାନରୁ ବିପଦ ନିମନ୍ତ୍ରଣ କରେ ।
ଏ କାରଣୁ ଚିର ସୁଖ ବାଞ୍ଛା ଯେ କରିବ
ସେ ପ୍ରଥମେ ଧନାଶାକୁ ମନରୁ ଛାଡ଼ିବ ।
ବିଦ୍ୟା କୁଳିନତା ବନ୍ଧୁ ସ୍ନେହ ଆଦି ସର୍ବେ
ବିନଷ୍ଟ ହୁଅଇ ଧନ ଆଶାର ପ୍ରଭାବେ ।
ଯାର ମନେ ଅତିଶୟ ଧନାଶା ବଢ଼ଇ
ସବୁକାଳେ ତା ହୃଦୟ ବ୍ୟାକୁଳ ହୁଅଇ ।
ସନ୍ତତରେ ଶୋକାକୁଳ ହୁଅଇ ସେ ପୁଣି
ମୋହାଚ୍ଛନ୍ନ ହୋଇ କିଛି ନ ପାରଇ ଜାଣି ।
ଅପମାନ ଆଦି ଦୁଃଖ ହୁଏ ଯେ ସମ୍ଭବ
ତାହା ସେହୁ କରି ନ ପାରଇ ଅନୁଭବ ।
ଆଶାର ଏ ସବୁଦୋଷ ଥିବାଠାରେ ମୁହିଁ
ଏତେ ଧନ ଅରଜିଲି ବହୁ କ୍ଳେଶ ପାଇ ।
ସଂଖ୍ୟାନାହିଁ ଯେତେ ଧନ କଲି ଉପାର୍ଜନ
ଏବେ ବାର୍ଦ୍ଧକ୍ୟରେ ଦେହ ହେଲା ମୋର ଜୀର୍ଣ୍ଣ ।
ଦୃଷ୍ଟି କ୍ଷୀଣ ହେଲା କେଶ ଦିଶିଲା ଶୁକ୍ଳ
ଗଣ୍ଠିମାନ ଖସିଗଲା ଥକିଗଲା ବଳ ।
ପର ଲୋକେ ସୁଖ ଅନୁଭବ ହେବାପାଇଁ
ଏବେ ଚେଷ୍ଟା କରିବାର ଉଚିତ ଅଟଇ ।
ଯେବେ ନ କରିବ ପର ଲୋକକୁ ବିଚାର
ଏ ମନୁଷ୍ୟ ଜନ୍ମ ମୋର ହୋଇବ ଅସାର ।
ଏମନ୍ତ ବିଚାର ମନେ ପାଞ୍ଚି ଦେବମାଳୀ
ସ୍ଥିର କଲା ତିନି ଚାରି ଦିନଯାଏ ଭାଳି ।
ତତକ୍ଷଣେ ଧର୍ମପଥେ ପ୍ରବୃତ୍ତ ହୋଇଣ
ଚାରିଭାଗ କଲା ଅର୍ଜିଥିଲା ଯେତେ ଧନ ।
ଅର୍ଜନ ହେବାର ନିଜେ ଦୁଇଭାଗ ନେଲା
ବାକି ଦୁଇ ଭାଗ ଦୁଇ କୁମରଙ୍କୁ ଦେଲା ।
ନିଜେ ଅର୍ଜିଥିବା ପାପରାଶି କ୍ଷୟ ଅର୍ଥେ
ଖୋଳାଇଲା କେତେ ଜଳାଶୟ ରାଜପଥେ ।
ଅସଂଖ୍ୟକ ଦେବାଳୟ କୁସୁମ ଉଦ୍ୟାନ
ଅନେକ ସ୍ଥାପିଲା ଖର୍ଚ୍ଚ କରି ନିଜଧନ ।
ତଡ଼ାଗ ଆବରକୂପ ଖାତ ଖୋଳାଇଲା
ତହୁଁ ଗୃହ ତ୍ୟାଗ କରି ଗଙ୍ଗାତୀରେ ଗଲା ।
ଗଙ୍ଗାରେ ସ୍ନାହାନ କରି ଶୁଦ୍ଧ ପୂତମନେ
ସନ୍ତତରେ ଅନ୍ନଦାନ କରିଲା ସେ ସ୍ଥାନେ ।
ଜଳ ବସ୍ତ୍ର ଛତ୍ର ଆଦି ଦେଲାକ ଅପାର
ସେବିଲା ସନ୍ତତେ ସାଧୁ ବିପ୍ରଙ୍କ ପୟର ।
ହରି ଭକତଙ୍କୁ ଯେବେ ଦେଖଇ ନୟନେ
ପୂଜା କରଇ ସେ ତାଙ୍କୁ ବିଷ୍ଣୁ ତୁଲ୍ୟ ଜ୍ଞାନେ ।
ଏହିପରି ହରିଭକ୍ତି ମନ ଦେବମାଳୀ
ଧର୍ମରେ ପ୍ରବୃତ୍ତ ହେଲା ବେଳୁବେଳ ବଳି ।
ଭାଗବାଣ୍ଟ ଅସଂଖ୍ୟକ ଧନ ନେଇଥିଲା
ଦାନ ଧର୍ମ କରି ତାହା ସବୁ ସାରିଦେଲା ।
ସେ ପ୍ରଚୁର ଧନ ତାର ହୋଇଯାନ୍ତେ ଶେଷ
ତପ କରିବାକୁ ଗଲା ହୋଇଣ ହରଷ ।
କ୍ରମେ ହରିଦ୍ୱାର ଅତିକ୍ରମ କରି ଗଲା
ବଦରିକା ଆଶ୍ରମରେ ଯାଇ ପ୍ରବେଶିଲା ।
ନର ନାରାୟଣଙ୍କର ଯେ ବାସ ଭବନ
ଜଗତ ମଧରେ ସେହୁ ଏକ ପୁଣ୍ୟସ୍ଥାନ ।
ସେହି ବଦରିକାଶ୍ରମେ ପ୍ରବେଶ ହୋଇ ସେ
ଧର୍ମେ ମନ ଦେଲା ପରଲୋକ ଗତି ଆଶେ ।
ସେ ପୁଣ୍ୟ ଆଶ୍ରମେ ପୁଣି କଲା ଦରଶନ
ବାସ କରିଛନ୍ତି ଅସଂଖ୍ୟକ ତପୋଧନ ।
ମୁନିରଷି ସିଦ୍ଧ ସାଧ ସାଧୁ ବିପ୍ର ଯେତେ
ସେ ଆଶ୍ରମେ ଛନ୍ତି ତାହା କହିବି ମୁଁ କେତେ ।
ତାଙ୍କୁ ଦେଖି ଦେଖି ଦେବମାଳୀ ଚଳିଗଲା
କିଛିଦୂରେ ଏକ ଋଷି ଆଶ୍ରମ ଦେଖିଲା ।
ଚତୁର୍ଦ୍ଦିଗ ଫଳପୁଷ୍ପେ ଆଶ୍ରମ ଶୋଭିତ
ଅସଂଖ୍ୟକ ତରୁଲତା ହୋଇଛି ବେଷ୍ଟିତ ।
ଶାସ୍ତ୍ର ଅର୍ଥକରି ହରିପାରେ ମନଦେଇ
କେତେ ବୃଦ୍ଧ ଋଷି ବାସ କରିଛନ୍ତି ତହିଁ ।
କେତେ କରୁଛନ୍ତି ପରଂବ୍ରହ୍ମଙ୍କର ସ୍ତୁତି
କେତେ ଋଷି ସମାଧିରେ ମଗ୍ନ ହୋଇଛନ୍ତି ।
କେତେ ମୁନି କରୁଛନ୍ତି ବିଷ୍ଣୁଙ୍କର ପୂଜା
ଉଚ୍ଚେ ବେଦ ପଢୁଛନ୍ତି କେତେ ବ୍ରହ୍ମଦ୍ୱିଜା ।

Digitized by srujanika@gmail.com

ହିଂସ୍ର ବୋଲିକରି ଦେଖାନାହିଁ ସେ ସ୍ଥାନରେ
ଅନୁରାଗ ବହି ଚାଲୁଛନ୍ତି ପରସ୍ପରେ ।
ବ୍ୟାଘ୍ର ଭାଲୁଆଦି ହିଂସ୍ର ଜନ୍ତୁଏ ସେ ସ୍ଥାନେ
ଗୋଟିଏ ନାହାନ୍ତି ଖୋଜି ଦେଖିଲେ ନୟନେ ।
ଏସନକ ଆଶ୍ରମରେ ମିଳି ଦେବମାଳୀ
ନୟନେ ଦେଖିଲା ଏକ ବୃଦ୍ଧ ତପଶାଳୀ ।
ସେ ଋଷି ଅଟନ୍ତି ରାଗ ଦ୍ୱେଷ ବିବର୍ଜିତ
ଆବର ଶମାଦି ଗୁଣେ ହୋଇଛନ୍ତି ଯୁକ୍ତ ।
ଜାନନ୍ତି ବୋଲିଣ ନାମ ଅଟଇ ତାଙ୍କର
ପାଚି ଝଡ଼ିଥିବା ପତ୍ର କରନ୍ତି ଆହାର ।
ଅତ୍ୟନ୍ତରେ ଜୀର୍ଣ୍ଣ ଶୀର୍ଣ୍ଣ ଦିଶୁଅଛି ଦେହ
ଉଦାସୀନ ଧର୍ମାତ୍ମା ସେ ନାହିଁ ମାୟା ମୋହ ।
ତାଙ୍କୁ ଦେଖି ଦେବମାଳୀ ଶିରେ କରଯୋଡ଼ି
ସାଷ୍ଟାଙ୍ଗେ ପ୍ରଣାମ କଲା ଭୂତଳରେ ପଡ଼ି ।
ପୁଣି କ୍ଷଣକରେ ଉଠି ଯୋଡ଼ି ହସ୍ତ ହୋଇ
ବୋଇଲା ହେ ସାଧୁ ଆଜ ନିସ୍ତରିଲି ମୁହିଁ ।
ତୁମ୍ଭଙ୍କୁ ପୁରୁବ ଭାଗ୍ୟେଁ କରିଲି ଦର୍ଶନ
ତେଣୁ ବିଚାରୁଛି ହେଲା ମୋ ଜୀବନ ଧନ୍ୟ ।
ଏହାକହି ଋଷିବର ମନେ ବହି ତୋଷ
ଶୁଭ ପାଞ୍ଚି ସେ ବିପ୍ରକୁ କରିଲେ ଆଶିଷ ।
ସେହି ଦେବମାଳୀ ଥିଲା ଆଗନ୍ତୁକ ହୋଇ
ଅତିଥି ସତ୍କାର ତାକୁ କଲେ ତପିସାଇଁ ।
ସୁମିଷ୍ଟ ଫଳ ସହିତେ ଶାକ କନ୍ଦମୂଳ
ଦେଲେ ଜାନନ୍ତି ଗୋସାଇଁ ତାହାଙ୍କୁ ତତ୍କାଳ ।
ସେ ଋଷି ଅତିଥି ସେବା ଅତି ଯତ୍ନେ କଲେ
ବିଷ୍ଣୁଙ୍କ ସମାନ ତାଙ୍କୁ ସନମାନ ଦେଲେ ।
ଫଳ ମୂଳ ଭକ୍ଷି ହେଲା ତୋଷ ଦେବମାଳୀ
ଅତି ବିନୟରେ ଯୋଡ଼ି ଆପଣା ଅଞ୍ଜଳି ।
ଜାନନ୍ତି ଋଷିଙ୍କ ଅଗ୍ରତରେ ଉଭାହୋଇ
ଅତ୍ୟନ୍ତ ହରଷେ ତାଙ୍କୁ କହିଲେକ ତହିଁ ।
ହେ ମୁନି ପୁଙ୍ଗବ ମୁହି ହୋଇଲି କୃତାର୍ଥ
ଦରଶନ କରି ପାପ ନାଶିଲ ମୋ ଗାତ୍ର ।
ଯେତେ ପାପଥିଲା ସବୁ ହୋଇଲା ବିନାଶ
ଏବେ ଜ୍ଞାନ ଦାନ କର ଆହେ ତପିଈଶ ।
ସଂସାରୁ ନିସ୍ତାର କର ଜ୍ଞାନ ଦେଇ ମୋତେ
ପ୍ରଣାମ କରୁଛି ମୁନି ତବ ପଦାଗ୍ରତେ ।

ଏହିପରି ଦେବମାଳୀ କହନ୍ତେ ବଚନ
ହସିଣ ବୋଲନ୍ତି ଧୀରେ ତାଙ୍କୁ ତପୋଧନ ।
ହେ ବିପ୍ର ଶାର୍ଦ୍ଦୁଳ ଯାହା ତୁମ୍ଭ ଅଭିଳାଷ
ଏହିକ୍ଷଣି ପୂରଣ ମୁଁ କରିବି ଅବଶ୍ୟ ।
ସେ ବିଷୟମାନ କହୁଅଛି ଶୁଣ ଧୀରେ
ସୁଦୃଢ଼ ବନ୍ଧନ ଛିନ୍ନ ହେବ ଅକାତରେ ।
ତୁମ୍ଭେତ କରିଛ କେତେ ତୀର୍ଥବ୍ରତ ଦାନ
ସେ କାରଣୁ କହୁଛି ମୁଁ ଏକାଗ୍ରରେ ଶୁଣ ।
ହେ ଦ୍ୱିଜବର ହରିଙ୍କୁ ସୁମରି ହରଷେ
ଏ ପୁଣ୍ୟ ଆଖ୍ୟାନ ମାନ ଶୁଣ ମନ ତୋଷେ ।
ହରିଙ୍କୁ ସ୍ମରଣ କରି ହରି ଭଜନରେ
ପ୍ରବୃତ୍ତ ହୁଅ ହେ ସାଧୁ ବିପ୍ରେଣ ବୋଲରେ ।
ପର ନିନ୍ଦା ପର ଅପବାଦ ନ କରିବ
ମୂର୍ଖଙ୍କ ସହିତ ସହବାସ ନ କରିବ ।
ପର ଉପକାରେ ରତ ହୋଇଣ ସନ୍ତତ
ହରିଙ୍କ ଚରଣ ପୂଜା କର ଅବିରତ ।
କାମ କ୍ରୋଧ ଲୋଭ ମୋହ ମାତ୍ସର୍ଯ୍ୟକୁ
ଦୂରେ ବିସର୍ଜନ କର ନ ଆଣ ପାପକୁ ।
ଆପଣା ପରାୟ କଲେ ସମସ୍ତଙ୍କୁ ଜ୍ଞାନ
ଏଥରୁ ପରମ ଶାନ୍ତି ହୋଇବ ଅର୍ଜନ ।
ବିଷ୍ଟୁର ବଚନ ଦିନେ କାରେ ନ କହିବ
ପରର ଦ୍ରବ୍ୟ ଦେଖିଲେ ଲୋଭିନ ହୋଇବ ।
ସାଧୁମାନଙ୍କର ସେବା ସର୍ବଭୂତେ ଦୟା
କରିବ ହେ ଦ୍ୱିଜ ତେଜି ସଂସାରରୁ ମାୟା ।
ପୁଚ୍ଛା କରିବ ଯଦ୍ୟପି ଆସି କେଉଁ ଜନ
ଧର୍ମ ଉପଦେଶ ତାକୁ କରିବ ଅର୍ପଣ ।
ଧର୍ମହିଁ ସଂସାର ମୂଳେ କାରଣ ଅଟଇ
ମୂଳକୁ ତେଜିକି ଡାଳ ଜୀବନେ ବଞ୍ଚଇ ।
ତେଣୁ ଯେହୁ ଆସି ତବ ପାଶେ ପ୍ରବେଶିବ
ନିଜ କୃତ୍ୟ ଧର୍ମ ତାକୁ ଉପଦେଶ ଦେବ ।
ଅନାଚାର ଲୋକ ସଂଗେ ସଙ୍ଗୀ ନ ହୋଇବ
ଅତିଥିଙ୍କୁ ପ୍ରତିଦିନ ସନ୍ତୋଷ କରିବ ।
ଅତିଥିଙ୍କୁ ଆତ୍ମ ସମାନରେ ସେବା କଲେ
ତହିଁରୁ ଅପାର ପୁଣ୍ୟ ଜାତ ହୁଏ ଭଲେ ।
କାମନାକୁ ତେଜି ପତ୍ର ପୁଷ୍ପ ଫଳଜଳ
କୋମଳ ପଲ୍ଲବରାଜି ନବ ଦୁର୍ବାଦଳ ।

Digitized by srujanika@gmail.com

ଭକ୍ତିଭରେ ଏହାଦେଇ ଜଗନ୍ନାଥଙ୍କର
ପୂଜାରେ ନିଯୁକ୍ତ ହୋଇ ଥିବ ନିରନ୍ତର ।
ଋଷିଦେବ ପିତୃଙ୍କର ପୂଜା ତର୍ପଣରେ
ନିଯୁକ୍ତ ହୋଇଣ ରହିଥିବ ସନ୍ତତରେ ।
ଯଥୋଚିତ ଭାବେ ଅଗ୍ନି ପରିଚର୍ଯ୍ୟା କରି
ଆନନ୍ଦରେ କଟାଇବ ଦିବସ ଶର୍ବରୀ ।
ଦେବାଳୟ ସମାର୍ଜନ କରି ପ୍ରତିଦିନ
ଗୋମୟ ମୃତ୍ତିକା ଜଳେ ଲିପୁଥିବ ପୁଣ ।
ଜୀର୍ଣ୍ଣଭଗ୍ନ ଦେବ ଗୃହ ଦେଖିଲେ ନୟନେ
ପୁଣି ଉଦ୍ଧାର ତାହାଙ୍କୁ କରିବ ଯତନେ ।
ଶ୍ରୀବିଷ୍ଣୁଙ୍କ ମନ୍ଦିରରେ ମିଳି ପ୍ରତିଦିନ
ସନ୍ଧ୍ୟା ସମୟରେ କରୁଥିବ ଦୀପ ଦାନ ।
ବିଷ୍ଣୁଙ୍କୁ ପୂଜିବ କନ୍ଦମୂଳ ଫଳ ଦେଇ
ନମସ୍କାର ପ୍ରଦକ୍ଷିଣ କରୁଥିବ ତହିଁ ।
ପୁରାଣ ଶୁଣିବ ଅବା ପଢ଼ିବ ଶ୍ରଦ୍ଧାରେ
ବେଦ ପାଠ କରୁଥିବ ଯଥା ସମୟରେ ।
ଏହିପରି ଯେବେ କରିପାର ପ୍ରତିଦିନ
ନିଶ୍ଚୟ ତୁମ୍ଭର ଲାଭ ହୋଇବଟି ଜ୍ଞାନ ।
ଉତ୍ତମ ଜ୍ଞାନ ଲଭିଣ ଏ କର୍ମର ବଳେ
ଆବାସ କରିବ ସନାତନ ବିଷ୍ଣୁଆଳେ ।
ସକଳ ଶାସ୍ତ୍ରରେ କହି ଛନ୍ତି ବୁଧଗଣ
ଜ୍ଞାନୋଦୟ ହେଲେ ପାପ ହୁଅଇ ଦହନ ।
ଯା ଦେହରୁ ପାପରାଶି ବିଧ୍ୱଂସ ହୁଅଇ
ସେ ଭବପାପରୁ ତରି ମୁକତି ଲଭଇ ।
ଆହେ ଋଷିଗଣ ଏହିପରି ସେ ଜାନନ୍ତି
କହିବାର ଶୁଣି ଦେବମାଳୀ ମହାମତି ।
ମନକୁ ପ୍ରବୋଧ କରି ସେ ଋଷିଙ୍କ ପାଦେ
ନମସ୍କାର କରି ତହୁଁ ଯାଇ ମହାନନ୍ଦେ ।
ଜ୍ଞାନର ସାଧକ ଅଟେ ଯେଉଁ ସତକର୍ମ
ତହିଁରେ ନିରତ ହୋଇଲା ସେ ଅନୁକ୍ଷଣ ।
ସତକର୍ମେ ରତ ହୋଇବାରୁ ପ୍ରତିଦିନ
ହୃଦରେ ପ୍ରକାଶ ହେଲା ଲେଶମାତ୍ର ଜ୍ଞାନ ।
ଏହିପରି କେତେଦିନ ଗତ ହେଲା ପରେ
ଦିନେ ଦେବମାଳୀ ସେହି ଜ୍ଞାନ ପ୍ରଭାବରେ ।
ମନେ ମନେ ବିଚାରିଲା ମୁଁ କିଏ ଅଟଇ
ମୋର କି କର୍ତ୍ତବ୍ୟ କିପାଁ ଜନମିଛି ମୁହିଁ ।
ମୋର ରୂପ କି ପ୍ରକାର କିସ ମୁଁ କରୁଛି
ମୁଁ ଏକ ଅଟଇ ଅବା ଅନେକ ହୋଇଛି ।
ଏହା ସବୁ ମନେ ମନେ କରି ସେ ବିଚାର
ତଥିରୁ କିଛିହିଁ କରି ନ ପାରିଲା ସ୍ଥିର ।
ଭାବି ଭାବି କିଛି ସ୍ଥିରକରି ନ ପାରନ୍ତେ
ତତକ୍ଷଣେ ଉଠିଗଲା ବ୍ୟାକୁଳିତ ଚିତ୍ତେ ।
ଜାନନ୍ତି ଋଷିଙ୍କ ପାଶେ ଯାଇ ପ୍ରବେଶିଲା
ନମସ୍କାର କରି ତାଙ୍କୁ ବିନୟେ କହିଲା ।
ହେ ଗୁରୁ ମୋ ଚିତ୍ତ କିମ୍ବା ବିଭ୍ରମ ହୋଇଛି
ନିଶ୍ଚୟ କରି ମୁଁ ଜାଣିପାରୁ ନାହିଁ କିଛି ।
କୌଣସି ବିଷୟ କରିପାରୁ ନାହିଁ ସ୍ଥିର
ଦୟାକରି କହ ଗୁରୁ ମୋତେ ପୁନର୍ବାର ।
ଜାନନ୍ତି ବୋଇଲେ ଯାହା ପଚାରୁଛ ମୋତେ
ମୁଁ ତାହା କହୁଛି ସର୍ବେ ଶୁଣ ତୋଷଚିତ୍ତେ ।
ସତ୍ୟ କହୁଅଛ ତୁମ୍ଭେ ମିଥ୍ୟା ନୋହେ କିଛି
ତୁମ୍ଭ ଚିତ୍ତ ପ୍ରକୃତରେ ବିଭ୍ରମ ହୋଇଛି ।
ଅବିଦ୍ୟାରେ ଘର ଅଟେ ମାନବର ଚିତ୍ତ
ମାୟାବଳେ ବିଭ୍ରମ ଯେ ହୁଅଇ ସନ୍ତତ ।
ତେଣୁ ସଭାବକୁ ପ୍ରାଣୀଜାଣି ନ ପାରଇ
ଅଜ୍ଞାନ ବଶରେ ପଡ଼ିଭ୍ରମି ମରୁଥାଇ ।
ତୁମ୍ଭେ ଯାହା ବୋଲୁ ଅଛ ମୁଁ ଅଟଇ କିଏ
ଏକ କି ଅନେକ ମୁହିଁ ତା ଜଣା ନ ଯାଏ ।
ଏସବୁ ଅଟଇ ସେହି ମାୟାର ବିଭ୍ରମ
ଅହଙ୍କାର ଯେ ବୋଲାଏ ମନର ସେ ଧର୍ମ ।
ଆତ୍ମାର ଧରମ ନୁହଇ ସେ ଅହଙ୍କାର
ଏଥକୁ ସନ୍ଦେହ ମନେ କିଛିହିଁ ନ କର ।
ଯାର ନାମ ଅବା ଜାତ କିଛି ହେଲେ ନାହିଁ
ସେ ନିର୍ଗୁଣ ଆତ୍ମା ନାମ କେ ପାରିବ କହି ।
ଯେ ଅଟନ୍ତି ରୂପ ବିବର୍ଜିତ ଅପ୍ରମେୟ
କି ପ୍ରକାରଦେବ ତାଙ୍କ ରୂପ ପରିଚୟ ।
ଆତ୍ମା ସନାତନ ପରଂବ୍ରହ୍ମ ପରିପୂର୍ଣ୍ଣ
ଆନନ୍ଦ ସ୍ୱରୂପ ଜରାହୀନ ସେହୁ ଜାଣ ।
କାହାଠାରେ ନାହିଁ ତାଙ୍କୁ ଜାଣିବାର ଶକ୍ତି
କେବଳ ସେ ଦିବ୍ୟ ଜ୍ଞାନବଳେ ଜଣାଯାନ୍ତି ।
ଏଣୁ ମୁଁ ତୁମ୍ଭଙ୍କୁ କହୁଛି ହେ ଦ୍ୱିଜବର
ସବୁ ଛାଡ଼ି ସେ ବ୍ରହ୍ମଙ୍କୁ ଉପାସନା କର ।

Digitized by srujanika@gmail.com

ତୁମ୍ଭେ ସେହି ବ୍ରହ୍ମ ଇତ୍ୟାଦି ଯେ ମହାବାକ୍ୟ
ସେ ବାକ୍ୟାର୍ଥ ଜ୍ଞାନ ଅଟେ ମୋହର ସାଧକ ।
ବିଶୁଦ୍ଧ ଭାବରେ ଯେବେ ହୁଏ ଜ୍ଞାନୋଦୟ
ତେବେ ସମୁଦାୟ ବିଶ୍ୱ ଦିଶେ ବ୍ରହ୍ମମୟ ।
ଆହେ ମୁନିଶ୍ୱରଗଣ ଏହି ପରକାରେ
ବୋଧ ହୋଇ ଦେବମାଳୀ ଜାଣନ୍ତି ବାକ୍ୟରେ
ପରମାତ୍ମା ଅଚ୍ୟୁତଙ୍କ ସାକ୍ଷାତକୁ ପାଇ
ମୁକ୍ତ ହେଲେ ଶରୀରରୁ କଳୁଷ ଛଡ଼ାଇ ।
ଯେତେବେଳେ ବ୍ରହ୍ମଜ୍ଞାନ ହେଲା ସେ ଦ୍ୱିଜର
ସେକାଳେ ପରମ ଶାନ୍ତି ପାଇ ସେ ସତ୍ୱର ।
ନିଜ ଗୁରୁ ଜାନନ୍ତିଙ୍କ ପାଦରେ ପ୍ରଣମି
ଧ୍ୟାନ ପରାୟଣ ହେଲେ ମାୟାରେ ନ ଭ୍ରମି ।
ବହୁକାଳ ପରିଯନ୍ତେ ଧ୍ୟାନ ଯୋଗ କରି
ମିଳିଲେକ ବାରାଣସୀ କ୍ଷେତ୍ରେ ଯାଇକରି ।
ମୋକ୍ଷପଦ ଲାଭ କରି ସେ ପୁଣ୍ୟତୀର୍ଥରେ
ଜନ୍ମ ମରଣ ପାଶୋରି ମିଶିଲେ ବ୍ରହ୍ମରେ ।
ଏହି ଦିବ୍ୟ ଆଖ୍ୟାନକୁ ଯେବଣ ମାନବ।
ଶ୍ରବଣେ ଶୁଣିବ ଅବା ପଠନ କରିବ ।
ସେ ଆପଣା କର୍ମପାଶ ପରିଚ୍ଛନ୍ନ କରି
ଚିର ସୁଖ କରିବାକୁ ସଂସାରରୁ ତରି ।
ଶ୍ରୀହରି ପୟର ଚିନ୍ତି କହେ କ୍ଷେତ୍ର ଛାର
ଏ ଭବସାଗର ମଧ୍ୟୁ ତର ସର୍ବ ନର ।

ଇତି ଶ୍ରୀ ବୃହତ୍ ନାରଦ ପୁରାଣେ
ହରି ମହାତ୍ମ୍ୟ ପ୍ରସନ୍ନେ
ଦେବମାଳୀଚରିତ ବର୍ଣ୍ଣନେ ନାମ
ତ୍ରୟୋତ୍ରିଂଶୋଽଧ୍ୟାୟଃ ।

---●---

## ଚତୁଃତ୍ରିଂଶ ଅଧ୍ୟାୟ

### ଯଜ୍ଞମାଳୀ ଓ ସୁମାଳୀର ଚରିତ

ଋଷିଗଣ ସୁତଆଗେ କହନ୍ତ ଯେ ପୁଣି
ଏଥୁଅନନ୍ତରେ ଶୁଣ ବିଚିତ୍ର କାହାଣୀ ।
ଏହି ଯେଉଁ ଦେବମାଳୀ ବିପ୍ର ମୋକ୍ଷ ହେଲେ
ତାହାଙ୍କ ଚରିତମାନ ଶୁଣ ତୁମ୍ଭେ ଭଲେ ।
ସେ ଋଷିଙ୍କ ଔରସରେ ହେଲେ ବେନିସୁତ
ଜ୍ୟେଷ୍ଠନାମ ଯଜ୍ଞମାଳୀ ସୁମାଳୀ କନିଷ୍ଠ ।
ପିତାର ସଞ୍ଚିତ ଧନମାନ ଯେତେ ଥିଲା
ବିଧିମତେ ଭାଗବାଣ୍ଟି ନେଲେ ବେନି ବଳା ।
ସୁମାଳୀ ଭାଗରେ ଯେତେ ଧନ ପଡ଼ି ଥିଲା
ସେ ଧନ ଅସତ୍ ପଥେ ସେହୁ ବ୍ୟୟକଲା ।
ଯୁଆଖେଳ ଗୀତବାଦ୍ୟ ବେଶ୍ୟା ମଦପାନ
ପରସ୍ତ୍ରୀ ସଙ୍ଗମ ଆଦି ଅନ୍ୟାୟ ଯେ କର୍ମ ।
ତହିଁରେ ଆସକ୍ତ ହୋଇ ସୁମାଳୀ ସନ୍ତତ
ଯେତେଧନ ଥିଲା ତାହାକଲା ନିଃଶେଷତ ।
ଧନ ଦରବ ସମସ୍ତ ଯାନ୍ତେ ତାର ସରି
ଭିକ୍ଷୁକ ପରି ଭ୍ରମିଲା ଦିବସ ସର୍ବରୀ ।
ଯଜ୍ଞମାଳୀ ଏ ଦୁର୍ଦ୍ଦଶା ଦେଖିଣ ତାହାର
ଦୁଃଖକରି ଭାବିଲା ସେ ଆପଣା ମନର ।
ପାଶରେ ବସାଇ ଡାକି କନିଷ୍ଠ ଭ୍ରାତାକୁ
ଅନେକ ମତେ ବୁଝାଇ କହିଲା ତାହାକୁ ।
ଆରେ ଭାଇ କିମ୍ପା ଆଜି ଏତେ ସରିହେଲୁ
କାହିଁକି ଅସଙ୍ଗ ସଙ୍ଗତରେ ସଙ୍ଗ ହେଲୁ ।
ଏଥିରେ ହେଉଛି ତୋର କିବା ପ୍ରୟୋଜନ
ହରାଇଲୁ କାହିଁ ପାଇଁ ପିତାର୍ଜିତ ଧନ ।
ତୋହର ପରି ଦୁରାତ୍ମା ଆଜି ପରିଯନ୍ତେ
ଆମ୍ଭ କୁଳରେ ଜନ୍ମି ନ ଥିଲେ ଏହି ମତେ ।
କାହିଁ ପାଇଁ ଏଡ଼େ ପାପମତି ଦେଲୁ ତୁହି
ତୋ କାର୍ଯ୍ୟକୁ ଦେଖି ବଡ଼ ସନ୍ଦେହ ଲାଗଇ ।
ଯାହା କଲୁ କଲୁ ଏବେ ମାନି ମୋର ବୋଲ
ଅନ୍ୟାୟ କର୍ମକୁ ଛୁଡ଼ି ନ୍ୟାୟ ମାର୍ଗେ ଚଳ ।
ଏପରି ନିଷେଧ କରନ୍ତେ ସେ ଯଜ୍ଞମାଳୀ
ତାହା ଶୁଣି ଅତିକ୍ରୁଦ୍ଧ ହୋଇଲା ସୁମାଳୀ ।
କରେ ଖଡ୍‌ଗ ଟେକି ଜ୍ୟେଷ୍ଠ ଭ୍ରାତା ମୁଖଚାହିଁ
ତା କେଶକୁ ଧରି ଅତି କୋପରେ ଧାମଇ ।
ତାହା ଦେଖି ଗ୍ରାମ ସାଇ ପଡ଼ୋଶୀ ସକଳେ
ଭୟରେ ସେ ଥର ହର ହୋଇଲେ ବ୍ୟାକୁଳେ ।
ସାରା ନଗର ମଧ୍ୟରେ କ୍ଷଣକ ମଧ୍ୟରେ
ବ୍ୟାପିଗଲା ଏ ବାରତା ବିଜୁଳୀ ବେଗରେ ।
ବଳିଷ୍ଠ ମାନବ ଯେତେ ଥିଲେ ସେହି ଗ୍ରାମେ
ସୁମାଳୀ ପାଶକୁ ଧାଇଁ ଆସି ଅତି ବେଗେ ।
ଛଡ଼ାଇ ନେଲେ ଖଡ଼ଗ ହାତରୁ ତାହାର
ଦୃଢ଼ ରଜ୍ଜୁରେ ବନ୍ଧନ କରିଲେ ସତ୍ୱର ।

Digitized by srujanika@gmail.com

ତାହା ଦେଖି ଧର୍ମ ପରାୟଣ ଯଜ୍ଞମାଳୀ
ଭ୍ରାତୃ ସ୍ନେହ ବଶେ ଯୋଡ଼ି ସେ ବେନି ଅଞ୍ଜଳି
ଗ୍ରାମବାସୀଙ୍କୁ ବୋଇଲେ ଅତି ବିନୟରେ
ଦୟାକରି ଛାଡ଼ିଦିଅ ଭାଇକୁ ମୋହରେ ।
ଦୁର୍ବୁଦ୍ଧି ପଣରେ ହାଣୁଥିଲା ଆସି ମୋତେ
ତୁମ୍ଭେମାନେ ରକ୍ଷାକଲ ଆସି ମୋର ଏଥେଁ ।
ତଥାପି ଯାଠାରୁ ସ୍ନେହ ଛାଡୁ ନାହିଁ ମୋର
କି କରିବି ସହୋଦର ଭାବରେ ଏ ମୋହର ।
ମୋ ବିନୟ ପ୍ରାର୍ଥନାକୁ ଘେନି ତୁମ୍ଭେମାନେ
ଫିଟାଇ ଦିଅ ଏହାକୁ ରହୁ ଏ ଜୀବନେ ।
ଏମନ୍ତ କହି ସେ ମୁକ୍ତ କରାଇ ତାହାକୁ
ଘେନିଗଲେ କରଧରି ଆପଣା ଗୃହକୁ ।
ଯେତେ ସମ୍ପତ୍ତି ସେ ଭାଗ କରି ନେଇଥିଲା
ପୁଣି ସେ ତାହାକୁ ବେନିଭାଗ କରିଦେଲା ।
ତହିଁରୁ ଗୋଟିଏ ଭାଗ କନିଷ୍ଠକୁ ଦେଇ
ଆପଣେ ଚଳିଲା ଅନ୍ୟ ଏକ ଭାଗ ନେଇ ।
ସେ ଧନରେ ମତ ହୋଇ ଦୁରାତ୍ମା ସୁମାଳୀ
ପୂର୍ବପରି କୁମାର୍ଗରେ ହେଲା ପରଚାଳି ।
ପାଷାଣ୍ଡ ଆଉ ହୀନଙ୍କ ସଂଗେ ସଙ୍ଗହୋଇ
ମାତିଲା ଆପଣା କୁଳ ଧର୍ମକୁ ହରାଇ ।
ଆଗେ ଯାହା ଯାହା କରୁଥିଲା ସେହିପରି
ପୁନରପି କଲା ଦୁଷ୍ଟ ଗଣ ସଂଗେ ଧରି ।
ଫଳ ପୂର୍ଣ୍ଣ ହେଲେ ନିମ୍ବବୃକ୍ଷ ଯେ ପ୍ରକାର
ଉପଭୋଗ୍ୟ ହୁଏ ଦୁଷ୍ଟ କାକଗଣଙ୍କର ।
ତେମନ୍ତ ଧନ ବଢ଼ିଲେ ଖଳ ଦୁର୍ଜ୍ଜନର
କରଇ ଅନିଷ୍ଟ ଅପରର ଯେ ଅପାର ।
ଦୁଗ୍ଧକନ୍ଦ ଆଦି ଯତ୍ନେ କରାଇଲେ ପାନ
ଫଣୀ ତେଜ୍ୟା କରଇକି ତାହାର ଗର୍ଜନ ।
ତେଣୁ ମଦ୍ୟପାନେ ରତ ହୋଇ ସେ ସୁମାଳୀ
ନାନା ଅତ୍ୟାଚାର କଲା କିଛି ହିଁ ନ ଭାଳି ।
ଯେତେ ଅଭକ୍ଷ୍ୟ ପଦାର୍ଥ ଗୋମାଂସ ସହିତେ
ତାହା ଭକ୍ଷଣ କରିଲା ସେହୁ ତୋଷଚିତ୍ତେ ।
ଚଣ୍ଡାଳ ରମଣୀ ସଂଗେ ରମଣ କରିଲା
ତାହାର ଅନ୍ନକୁ କ୍ରମେ ଭକ୍ଷଣ କରିଲା ।
ତେଣୁ ଚଣ୍ଡାଳ ସଙ୍ଗରେ ହୋଇଲା ଗଣନା
ଆପଣାର କୁଳଧର୍ମ ନଷ୍ଟ କଲା ସିନା ।

ତାହାଦେଖି ତାର ବନ୍ଧୁ ବାନ୍ଧବ ସକଳେ
ସେ ତାହାକୁ ସମାଜରୁ ବହିର୍ଗତ କଲେ ।
ଚଣ୍ଡାଳ ପତ୍ନୀ ସଙ୍ଗରେ କରିବାରୁ ରତି
ସେଠାରେ ରାଜା ଦେଖିଣ କ୍ରୋଧହୋଇ ଅତି ।
ତାହାକୁ ଯେ ସେହି ଚଣ୍ଡାଳୁଣୀର ସହିତ
ବାହାର କରିଣ ଦେଲେ ହୋଇ କ୍ରୋଧାନ୍ୱିତ ।
ବ୍ରାହ୍ମଣ ବଂଶରେ ଜନ୍ମିଥିଲା ବୋଲି ନୃପ
ନ ମାରି ରାଜ୍ୟରୁ ତଡ଼ିଦେଲେ ବହି କୋପ ।
ରାଜଦଣ୍ଡ ପାଇ ପ୍ରାଣ ଭୟରେ ସୁମାଳୀ
ଚଣ୍ଡାଳୁଣୀ ଘେନି ଘୋର ବନେ ଗଲା ଚଳି ।
ନିର୍ଜନ ଅରଣ୍ୟ ମଧ୍ୟେ ବାସ କରି ଦୁଇ
ରହିଲେ ଗୁପତ ହୋଇ ରାଜଦଣ୍ଡ ପାଇ ।
ତାର ଜ୍ୟେଷ୍ଠଭ୍ରାତ ମହାମତି ଯଜ୍ଞମାଳୀ
ଅନବରତରେ ସାଧୁ ସହବାସେ ମିଳି ।
ପାପରୁ ନିସ୍ତରି ଧର୍ମ ପରାୟଣ ହୋଇ
ଲୋକହିତେ ରତ ହେଲା ଅନ୍ନ ଦାନ ଦେଇ ।
ଖୋଳାଇଲା କୂପ ପୁଷ୍କରିଣୀ ଯେ ବହୁତ
ଦେବ ପୂଜା ହୋମ ଯଜ୍ଞ କଲା ଅବିରତ ।
ପିତୃକାର୍ଯ୍ୟ ଆଦି ଯେତେ ସନ୍ତ କାର୍ଯ୍ୟମାନ
ତା ସବୁ ନ ଛାଡ଼ି କଲା ଜୀବିକା ଯାପନ ।
କ୍ଷୁଧାତୁରଙ୍କୁ ଭୋଜନ ପ୍ରତ୍ୟହ ଦିଅଇ
ଅନେକ ଭଗ୍ନ ମନ୍ଦିର ଦେଲାକ ତୋଳାଇ ।
ଯଜ୍ଞମାଳୀର ଏ ଧର୍ମ କର୍ମ ଦେଖି ନରେ
ପ୍ରଶଂସା କରିଲେ ତାକୁ ଆନନ୍ଦ ମନରେ ।
ନିଖିଳ ସମ୍ପଦମାନ ସରନ୍ତେ ତାହାର
ତହିଁକି ଭାବନା ତିଳେ ନ କଲା ମନର ।
ସେହିପରି ସଜ୍ଜନର ବଢ଼ିଲେ ସମ୍ପତ୍ତି
ସାଧୁଶିଷ୍ଟ ଭକ୍ତ ଗଣେ ତା ଭୋଗ କରନ୍ତି ।
ଏହି ପରକାରେ ମହାମତି ଯଜ୍ଞମାଳୀ
ସକଳ ସମ୍ପଦ ସାରି କିଛିହିଁ ନ ଭାଳି ।
ଆନନ୍ଦରେ ବେଳୁ ବେଳ ପୂର୍ଣ୍ଣ କରି ମନ
ଧର୍ମ କାର୍ଯ୍ୟେ ବ୍ୟୟକଲା ସମୁଦାୟ ଧନ ।
ପ୍ରତିଦିନ ଯାଇଣ ସେ ବିଷ୍ଣୁଙ୍କ ମନ୍ଦିର
ହରଷେ କରଇ ପରିଚର୍ଯ୍ୟା ତାହାଙ୍କର ।
ଆହେ ତପିଗଣମାନେ ଶୁଣ ମନଦେଇ
କାଳ କଟାଇଲା ଯଜ୍ଞମାଳୀ ମୋଦ ବହି ।

Digitized by srujanika@gmail.com

ସୁମାଳୀ ଘେନିଣ ସେହି ଚଣ୍ଡାଳୀ ନାରୀଙ୍କୁ
କାଳ କଟାଇଲା ଯାଇ ନିର୍ଜନ ବନକୁ ।
କାଳତ କରଇ ସାରା ଜଗତକୁ ଗ୍ରାସ
କ୍ରମେ ଦୁଇଭାଇଙ୍କର ପୂରିଲା ଆୟୁଷ ।
ତେଣୁ ଦୁହେଁ ବୃଦ୍ଧହୋଇ ଏକ ସମୟରେ
ପ୍ରାଣ ବିସର୍ଜିଲେ ପଡ଼ି କାଳ କବଳରେ ।
ଯଜ୍ଞମାଳୀ ଥିଲା ହରି ପୂଜା ପରାୟଣ
ତାର ମୃତ୍ୟୁ ସମୟକୁ ଜାଣି ନାରାୟଣ ।
ଭକ୍ତକୁ ଆପଣାପୁରେ ନେବା ଅଭିଳାଷେ
ଶତ ଶତ ଦିବ୍ୟଯାନ ପେଷିଲେ ତା ପାଶେ ।
ଯଜ୍ଞମାଳୀ କରି ଦିବ୍ୟ ଦେହକୁ ଧାରଣ
ଅଙ୍ଗେ ମଣ୍ଡିହେଲା ନାନା ରତ୍ନ ଆଭରଣ ।
ତୁଳସୀମାଳାରେ ଗଳା ବିଭୂଷିତ କରି
ଅମ୍ଲାନ ବସନ ପିନ୍ଧି ଆନନ୍ଦରେ ପୂରି ।
କସ୍ତୁରୀ କର୍ପୂର ଦିବ୍ୟ ଚନ୍ଦନ ସହିତେ
ଅଙ୍ଗେ ଦେଲା ଲେପ ଦେବ ଭୋଗ୍ୟବସ୍ତୁ ଯେତେ ।
ଅତ୍ୟୁତ୍ତମ ବିମାନରେ ଆରୋହଣ କରି
ସୂର୍ଯ୍ୟ ପ୍ରାୟ ଦେଖାଗଲା ଦିବ୍ୟ ତେଜଧରି ।
ସେ ଯାନକୁ କାମଧେନୁଗଣ ବହିନେଲେ
ଯିବାପଥେ ଦେବଗଣ ମିଳି ପୂଜାକଲେ ।
ଗନ୍ଧର୍ବେ ଗାୟନ କଲେ ସୁମଧୁର ଗୀତ
ମୁନିଶ୍ୱରଗଣ ହେଲେ ସ୍ତୁତି ବାଦ୍ୟେ ରତ ।
ବାଜିଲା ଦୁନ୍ଦୁଭି ବାଦ୍ୟ ଗଗନ ମାର୍ଗରେ
ନାଚିଲେ ଅପ୍ସରାଗଣ ଅତି ଆନନ୍ଦରେ ।
ସ୍ୱର୍ଗବିଳାସିନୀମାନେ କଲେ ପୁଷ୍ପବୃଷ୍ଟି
ଜୟ ଶବଦରେ ପୂର୍ଣ୍ଣହେଲା ନବସୃଷ୍ଟି ।
ପରିଚର୍ଯ୍ୟା କଲେ ବିଦ୍ୟାଧରଗଣ ମିଳି
ସ୍ୱର୍ଗର ନାୟିକାମାନେ ଦେଲେ ହୁଳହୁଳି ।
ଏହିପରି ଯଜ୍ଞମାଳୀ ବସି ଦେବଯାନେ
ବୈକୁଣ୍ଠକୁ ଯାଉ ଯାଉ ଦେଖିଲା ନୟନେ ।
ନିଜର କନିଷ୍ଠଭ୍ରାତା ପ୍ରେତ ଦେହ ଧରି
ଯାଉଅଛି ଅତି ଉଚ୍ଚସ୍ୱରେ କାନ୍ଦିକରି ।
କ୍ଷୁଧା ତୃଷାକୁଳେ ହୋଇ ନିତାନ୍ତ କାତର
ବିବସ୍ତ୍ର ହେବାରୁ ଦିଶୁଅଛି ଅସୁନ୍ଦର ।
ଚର୍ମ ପାଶେ ବାନ୍ଧି ତାକୁ ଯମଦୂତମାନେ
ବହୁତ ତାଡ଼ନା କରୁଛନ୍ତି କୋପମନେ ।
ଦୂତଙ୍କର ତାଡ଼ନାରେ ବ୍ୟଥିତ ସେ ହୋଇ
ମଲି ମଲି ବୋଲୁଅଛି ଏଣେ ତେଣେ ଧାଇଁ ।
ନିଜ କଲା କୁକର୍ମକୁ ନିନ୍ଦା କରିଣ ସେ
ବିଳାପ କରୁଛି ଯମଦୂତଙ୍କର ତ୍ରାସେ ।
କ୍ଷଣ କ୍ଷଣକରେ କରୁଅଛଇ ଚିତ୍କାର
କାନ୍ଦି କାନ୍ଦି ନିନ୍ଦୁଅଛି କର୍ମକୁ ନିଜର ।
ତାର ସେ ରୋଦନ ଶୁଣି ଯମଦୂତଗଣ
କୋପେ ଗାଳିଦେଇ ବୋଲୁ ଅଛନ୍ତି ରେ ଶୁଣ ।
ବ୍ରାହ୍ମଣ କୁଳରେ ଜନ୍ମ ହୋଇ ତୁ ପାପିଷ୍ଠ
ଚଣ୍ଡାଳ ସଙ୍ଗରେ ମିଶି ହେଲୁ ଜାତିଭ୍ରଷ୍ଟ ।
ପ୍ରାଣୀ ହିଂସା ଆଦି ପାପ କର୍ମ କଲୁ ଯେତେ
ଏବେ ତା ବିଚାର କରୁନାହୁଁ କିମ୍ପା ଚିତ୍ତେ ।
ଅନ୍ୟାୟରେ ରତ ହେଲୁ ଖଳ ସଂଗେ ପଡ଼ି
କାନ୍ଦିଲେକି ଏବେ ତୋତେ ହେବୁ ଆମ୍ଭେ ଛାଡ଼ି ।
ଧର୍ମଥିଲେ ପରଲୋକେ ମିଳଇ ସୁଗତି
ତୁ ତ ଘୋର ପାପକରି ଅଛୁରେ ଦୁର୍ମତି ।
ଏତେ ବୋଲି ଚକ୍ଷୁ ରଙ୍ଗ କରି ଯମଦୂତେ
ଟାଣି ନେଉଥିଲେ ତିଳେ ଦୟା ନାହିଁ ଚିତ୍ତେ ।
ତାହା ଦେଖି ଯଜ୍ଞମାଳୀ ଦୟାବଶ ହୋଇ
କରପତ୍ର ଯୋଡ଼ି ବିଷ୍ଣୁଦୂତଙ୍କୁ ଅନାଇଁ ।
ଅତି ବିନୟରେ ବୋଇଲା ହେ ବିଷ୍ଣୁଦୂତେ
ଏ କେଉଁ ବ୍ୟକତି କାନ୍ଦୁଅଛି କହମୋତେ ।
ତାଡ଼ନା କରନ୍ତି କୋପେ ଶମନ କିଙ୍କରେ
ବ୍ୟଥା ପାଇ କାନ୍ଦୁଛି ସେ ଅତିବିକଳରେ ।
ତା କଷ୍ଟକୁ ଦେଖି ମୋର ସରୁନାହିଁ ଦେହ
ଏଥିର ବିଷୟ ମୋତେ ଦୟାକରି କହ ।
ଏପରି ସେ ପଚାରନ୍ତେ ହରି ଦୂତଗଣ
ବୋଇଲେ ହେ ଯଜ୍ଞମାଳୀ କହୁଅଛୁ ଶୁଣ ।
ତୁମ୍ଭର କନିଷ୍ଠ ଭ୍ରାତା ଅଟଇ ଏ ବ୍ୟକ୍ତି
ସୁମାଳୀ ଏହାର ନାମ ନିତାନ୍ତ ଦୁର୍ମତି ।
ପାପକର୍ମ କରି ଥିବାରୁ ଏ ମର୍ତ୍ତ୍ୟପୁରେ
କୋପେ ବାନ୍ଧି ନେଉଛନ୍ତି ଶମନ କିଙ୍କରେ ।
ନିଜ କର୍ମଫଳେ ସହୁଅଛି ଏ ତାଡ଼ନା
କି ଫଳ ମିଳିବ କଲେ ତହିଁକି ଶୋଚନା ।
ବିଷ୍ଣୁ ଦୂତଙ୍କର ବାକ୍ୟ ଶୁଣି ଯଜ୍ଞମାଳୀ
ନିତାନ୍ତ ଦୁଃଖିତ ହୋଇ ଯୋଡ଼ିଲା ଅଞ୍ଜଳି ।

Digitized by srujanika@gmail.com

ଅତି ବିନୟରେ ବୋଇଲା ହେ ବିଷ୍ଣୁଦୂତେ
ଏ କିପରି ନିସ୍ତରିବ କହ ତାହା ମୋତେ ।
ସଞ୍ଚିତ ପାପରୁ ରକ୍ଷା ପାଇବି କିପରି
ଜାଣିଥିଲେ ତାହା ତୁମ୍ଭେ କହ ଦୟାକରି ।
ପୂର୍ବକାଳେ ଧର୍ମତତ୍ତ୍ୱଜ୍ଞାତା ବୁଧଗଣ
ଯାହା କହି ଯାଇଛନ୍ତି ତା ମୋଠାରୁ ଶୁଣ ।
ଯେଉଁ ଲୋକ ସଙ୍ଗେ ସାତପାଦ ଚାଲିଯିବ
ସେ ଲୋକ ତାହାରବନ୍ଧୁ ମଧ୍ୟେଗଣା ହେବ ।
ତେଣୁ ତୁମ୍ଭେମାନେ ମୋର ବନ୍ଧୁ ହୋଇଅଛ
ଅଯାଚିତ ଲବ୍ଧ ବନ୍ଧୁଭାବକୁ ବହିଛ ।
ଏ କାରଣୁ ମୋ ଭାଇର ମୁକତି ଉପାୟ
କହି ମୋ ହୃଦରୁ ଘୋର ବ୍ୟଥାକୁ ଛଡ଼ାଅ ।
ଯଦ୍ୟପି ସୁଦୟା କରିଅଛ ମୋହଠାରେ
ବିଳମ୍ବ ନ କରି କହ ଏକଥା ସତ୍ୱରେ ।
ଯଜ୍ଞମାଳୀର ଏ ବାକ୍ୟ ଶୁଣି ବିଷ୍ଣୁଦୂତେ
ମନ୍ଦହାସ କରି ତାକୁ କହିଲେ ତ୍ୱରିତେ ।
ଶୁଣ ବିଷ୍ଣୁ ପରାୟଣ ଯଜ୍ଞମାଳୀ ଦମ୍ଭେ
ଏହାର ମୁକତି ବାଟ କହୁଅଛୁ ଆମ୍ଭେ ।
ତୁମ୍ଭେ ପୂର୍ବ ଜନମରେ ଯେଉଁ ଶୁଭକାର୍ଯ୍ୟ
କରିବାରୁ ଦିବ୍ୟଗତି ପାଇଅଛ ଆଜ ।
ତା ମଧ୍ୟ କହୁଛି ତୁମ୍ଭ ଆଗରେ ସଂକ୍ଷେପେ
ନିଜର ଚିତ୍ତକୁ ସ୍ଥିରକରି ଶୁଣ ଆପେ ।
ପୂର୍ବ ଜନମରେ ତୁମ୍ଭେ ବିଶ୍ୱମ୍ଭର ନାମେ
ବୈଶ୍ୟଘରେ ଜନ୍ମ ଲଭିଥିଲ ଧରାଧାମେ ।
ସେ ଦେହରେ ଅସଂଖ୍ୟକ ମହାପାପ କଲ
ସୁଧର୍ମାନୁଷ୍ଠାନେ ଦିନେ ଇଚ୍ଛାହିଁ ନ କଲ ।
ପରିତ୍ୟାଗ କରି ପିତା ମାତା ଏ ଦୁହିଁଙ୍କି
ନାନା ଅନାଚାର କଲ ପାପକୁ ନ ଶଙ୍କି ।
ତା ଦେଖି ତୁମ୍ଭର ବନ୍ଧୁବାନ୍ଧବ ସ୍ୱଜନେ
ତୁମ୍ଭଙ୍କୁ କରିଲେ ପରିତ୍ୟାଗ କୋପମନେ ।
ତେଣୁ କ୍ଷୁଧାନଳେ ତୁମ୍ଭେ ସଂତପ୍ତ ହୋଇଣ
ଶୋକାକୁଳ ହୃଦୟରେ କରିଲ ପ୍ରୟାଣ ।
ଯାଉଁ ଯାଉଁ ଏକ ବିଷ୍ଣୁ ମନ୍ଦିର ଦେଖିଲ
ସେ ମନ୍ଦିର ମଧ୍ୟେ ଯାଇ ପ୍ରବେଶ ହୋଇଲ ।
ବାଟରେ କର୍ଦ୍ଦମ ଉଠିଥିଲା ବର୍ଷାଜଳେ
ପାଦେ ଲାଗିଥିଲା ସେ କର୍ଦ୍ଦମ ଯିବାକାଳେ ।
ବିଷ୍ଣୁ ମନ୍ଦିରରେ ତୁମ୍ଭେ ପ୍ରବେଶ ହୋଇଲ
ପାଦମଗ୍ନ କର୍ଦ୍ଦମକୁ କାନ୍ଥେ ପୋଛିଦେଲ ।
ପାଦ ପରିଷ୍କାର କରିବାର ମାନସରେ
ଟେକି ଘଷିଦେଲ ବିଷ୍ଣୁ ଗୃହର କାନ୍ଥରେ ।
ତହିଁରେ ସେ ବିଷ୍ଣୁଗୃହ ଉପଲେପନର
ଫଳଗୋଟି ଅନାୟାସେ ହୋଇଲା ତୁମ୍ଭର ।
ତୁମ୍ଭେ ସେ କାଳରେ କିଛି ଆହାର ନ ପାଇ
ସେ ରଜନୀ କଟାଇଲ ଉପବାସେ ରହି ।
ସେ ଦେବାଳୟରେ ଏକ ଦୁଷ୍ଟ ସର୍ପ ଥିଲା
ଦଇବ ଯୋଗରେ ତୁମ୍ଭଙ୍କୁ ସେ କାମୁଡ଼ିଲା ।
ବିଷ୍ଣୁ ଗୃହେ ସର୍ପାଘାତ ପାଇ ପ୍ରାତଃକାଳେ
ପ୍ରାଣ ବିସର୍ଜିଲ ପଡ଼ି କାଳର କବଳେ ।
ତୁମ୍ଭେସେହି ବିଷ୍ଣୁଗୃହ ଉପଲେପନର
ପୁଣ୍ୟ ପ୍ରଭାବରେ ପାଇ ପାପରୁ ନିସ୍ତାର ।
ଶିଷ୍ଟ ବ୍ରାହ୍ମଣର କୁଳେ ଜନ୍ମଲାଭ କରି
ଭୁଞ୍ଜିଲ ଆତୁଳ ସମ୍ପଦକୁ ଅର୍ଜିପାରି ।
ଶ୍ରୀହରିଙ୍କ ଚରଣରେ ଅଚଳା ଭକତି
ଲାଭକରି ଅନ୍ତଃକାଳେ ପାଇଲ ସୁଗତି ।
ଏବେ ଶତକୋଟି କଳ୍ପହରି ସନ୍ନିଧାନେ
ବାସକରି ଦିବ୍ୟଜ୍ଞାନ ଲଭିବ ସେ ସ୍ଥାନେ ।
ଜ୍ଞାନୋଦୟ ହେଲେ ଲାଭ କରି ମୋକ୍ଷପଦ
ଖଣ୍ଡନ କରିବ ଜନ୍ମ ମରଣ ବିପଦ ।
ଆବର କଥାଏ ପୁଣ କହିବା ସଂକ୍ଷେପି
ତୁମ୍ଭର କନିଷ୍ଠଭ୍ରାତା ଅଟେ ମହାପାପୀ ।
ତାକୁ ସେ ପାପରୁ ଯେବେ କରିବ ଉଦ୍ଧାର
ଶୁଣ ତହିଁପାଇଁ ଅଛି ଯେଉଁ ପ୍ରତିକାର ।
ତୁମ୍ଭେ ଲେପିଅଛ ହରି ମନ୍ଦିର ବହୁତ
ତହିଁରେ ହୋଇଛି ପୁଣ୍ୟଫଳ ଅପ୍ରମିତ ।
ଗୋଚର୍ମ ପ୍ରମାଣେ ସେହି ଉପଲେପନର
ଫଳକୁ ଯଦ୍ୟପି ତାକୁ ଦାନ କରିପାର ।
ତେବେ ତୁମ୍ଭ ଭାଇ ପାତକରୁ ନିସ୍ତରିବ
ତୁମ୍ଭର ଏ କୀର୍ତ୍ତି ଯୁଗେ ଯୁଗେ ରହିଥିବ ।
ପୁଣି ଦୁହିଁଙ୍କର ହେବ ପରମ ମଙ୍ଗଳ
ଏଥକୁ ମନରେ ଆଉ କିଛିହିଁ ନ ଭାଳ ।
ବିଷ୍ଣୁଦୂତଙ୍କର ମୁଖୁ ଶୁଣି ଏ ବଚନ
ସେ ପୁଣ୍ୟାତ୍ମା ଯଜ୍ଞମାଳୀ ସନ୍ତୁଷ୍ଟ ହୋଇଣ ।

Digitized by srujanika@gmail.com

ବିଷ୍ଣୁଦୂତଗଣ ତାକୁ କହିବା ପ୍ରକାରେ
ଭ୍ରାତାପାଇଁ ପୁଣ୍ୟଫଳ ଦେଲା ସ୍ୱଚ୍ଛନ୍ଦରେ ।
ପୁଣ୍ୟଫଳ ସେ ମହାତ୍ମା କଲା ବେଳେ ଦାନ
ପାପକାଳ ସୁମାଳୀର ହୋଇଲା ବିଚ୍ଛିନ୍ନ ।
ତା ଦେଖନ୍ତେ ଭୟଙ୍କର ଯମଦୂତଗଣ
ସୁମାଳୀକୁ ଛାଡ଼ି ତହିଁ କଲେ ପଳାୟନ ।
ନାହିଁ ଆଉ ଆମ୍ଭ ଅଧିକାର ବିଚାରିଲେ
ସମନ ନଗରେ ଯାଇ ପ୍ରବେଶ ହୋଇଲେ ।
ଯମଦୂତେ ପଳାଇବା ଜାଣି ଦେବଦୂତେ
ଦିବ୍ୟଯାନ ଘେନି ତହିଁ ମିଳିଲେ ତୁରିତେ ।
ସୁମାଳୀ ତକ୍ଷଣ ଧରି ଅପୂର୍ବ ଶରୀର
ବସିଲା ସେ ରଥେ ଅମରଙ୍କ ପରକାର ।
ଆହେ ତପିଗଣ ସେ କାଳରେ ବେନି ଭାଇ
ସୁରଗଣମାନଙ୍କର ନମସ୍କୃତ୍ୟ ହୋଇ ।
ପରସ୍ପରେ ଆଲିଙ୍ଗନ କରାକରି ହେଲେ
ବିମାନ ଆରୋହି ଶୂନ୍ୟେ ଗତିକରି ଗଲେ ।
ମହର୍ଷିଗଣ ଆନନ୍ଦେ କଲେ ତାଙ୍କୁ ସ୍ତୁତି
ଗନ୍ଧର୍ବଗଣ ଗାଇଲେ ଆନନ୍ଦରେ ମାତି ।
ଅପସରାଗଣ ନୃତ୍ୟକଲେ ତା ତା ଥେଇ
କିନ୍ନର ଗଣେ ନିଯୁକ୍ତ ହୋଇଲେ ସେବାହିଁ ।
ଏମନ୍ତେ ସେ ବେନି ଭାଇ ବୈକୁଣ୍ଠ ଭୁବନେ
ପ୍ରବେଶହୋଇଲେ ଯାଇ ହରଷିତ ମନେ ।
ହରିଙ୍କ ସାରୂପ୍ୟ ଲାଭକରି ସେଠାବରେ
ଐଶ୍ୱର୍ଯ୍ୟ ଭୋଗ ଭୁଞ୍ଜିଲେ ଇଚ୍ଛା ଅନୁସାରେ ।
ସେ ବୈକୁଣ୍ଠ ପୁରେ ଯଜ୍ଞଶାଳୀ ମହାମତି
ଅପାର କାଳ ପର୍ଯ୍ୟନ୍ତ ଭୋଗିଣ ବିଭୂତି ।
ପରମାଣ କାଳେ ଦିବ୍ୟଜ୍ଞାନ ଲାଭକରି
ମୋକ୍ଷ ହେଲା ଜନ୍ମ ମୃତ୍ୟୁ ବାଧାକୁ ପାଶୋରି ।
ଅୟୁତେ ଯୁଗ ସୁମାଳୀ ବିଷ୍ଣୁଲୋକେ ରହି
ପୃଥ୍ୱୀରେ ଜନମ ହେଲା ବ୍ରାହ୍ମଣ ବୋଲାଇ ।
ବ୍ରାହ୍ମଣ କୁଳେ ଜନମ ସେହୁ ନିରନ୍ତର
ଶ୍ରୀହରିଙ୍କ ପୂଜାରେ ସେ ହୋଇଲା ତତ୍ପର ।
ହରି ନାମ ପରାୟଣ ସନ୍ତତରେ ହୋଇ
ବହୁ ଯଜ୍ଞମାନ କଲା ମୁକ୍ତି ହେବାପାଇଁ ।
ଯେତେ ଧର୍ମକାର୍ଯ୍ୟମାନ ଅଛି ଏ ଜଗତେ
ସମସ୍ତ ପାଳନା କଲା ସେହୁ ବିଧିମତେ ।
ମୁଖେ ସଦା ହରି ନାମ କରି ଉଚ୍ଚାରଣ
ଜାହ୍ନବୀ ତୀରରେ ଯାଇ ମିଳିଲା ବହନ ।
ପ୍ରବେଶ ହୋଇଣ ସେହି ଗଙ୍ଗାଙ୍କ ତୀରରେ
ସ୍ନାହାନ କରିଲା ଯତ୍ନେ ପଶିଣ ଜଳରେ ।
ବିଶ୍ୱେଶ୍ୱରଙ୍କୁ ଭକ୍ତିରେ କରି ଅରଚନ
ଅଷ୍ଟାକ୍ଷର ମହାମନ୍ତ୍ର ହୃଦେ କଲା ଧ୍ୟାନ ।
ଶ୍ରୀହରି ଅର୍ଚ୍ଚନା ଫଳେ ଦୁର୍ଲ୍ଲଭ ଯେ ସ୍ଥାନ
ପରିଶେଷରେ ସେଠାକୁ କରିଲା ଗମନ ।
ଯୋଗୀଗଣଙ୍କର ସେହୁ ଅଟେ ମୋକ୍ଷଗତି
ହରିଙ୍କ ପୂଜାରେ ସେହୁ ହୋଇଲା ପ୍ରାପତି ।
ଆହେ ତପିଗଣ ତୁମ୍ଭ ସନ୍ନିଧିରେ ମୁହିଁ
କହିଲି ଶ୍ରୀହରିଙ୍କର ମହିମା ବୁଝାଇ ।
ଶ୍ରୀହରି ମନ୍ଦିର ଉପଲେପନ ମାତ୍ରକେ
ପାପରୁ ନିସ୍ତାରି ମୋକ୍ଷଗତି ପାନ୍ତି ଲୋକେ ।
ଏଣୁ ଆନନ୍ଦ ମନରେ ଶ୍ରୀହରି ଅର୍ଚ୍ଚନା
ଯେ କରେ ସିଦ୍ଧି ହୁଏ ତା ସକଳ କାମନା ।
ନାରାୟଣ ପଦ୍ମପାଦେ ପଶେ ଯେ ଶରଣ
ଯମଦଣ୍ଡ ତାକୁ କେଭେଁ ନ ଲାଗଇ ଜାଣ ।
କେଭେଁ ନରକ ଦର୍ଶନ ସେହୁ ନ କରଇ
ଇହପର ବେନିକାଳ ଗତି ସେ ଲଭଇ ।
ଏହା ଜାଣି ଜଗତ୍‌ନାଥ ଜନାର୍ଦ୍ଦନଙ୍କର
ସକଳ ଭାବରେ ତୁମ୍ଭେ ସମାର୍ଚ୍ଚନା କର ।
ଅନିଚ୍ଛାରେ ଯେବେ ଥରେ କରେ ହରିପୂଜା
ଅମର ମଣ୍ଡଳେ ସେହୁ ହୁଏ ଯାଇ ରାଜା ।
ଭବ ବନ୍ଧନକୁ ଭୟ ନଥାଏ ତାହାର
ଉଭୟ ଲୋକରେ ମାନ୍ୟ ହୁଏ ସେ ନିକର ।
ହରିପୂଜା ପରାୟଣ ଯେ ବ୍ୟକ୍ତି ଅଟନ୍ତି
ସେମାନଙ୍କୁ ହରିଜ୍ଞାନେ ଯେ ପୂଜା କରନ୍ତି ।
ତାଙ୍କୁ ବ୍ରହ୍ମା ବିଷ୍ଣୁଶିବ ଏ ତିନି ଦେବତା
ପୂଜନ୍ତି ଅପର ଦେବଗଣେ ଯେଉଁକଥା ।
ଶ୍ରୀହରି ପୂଜକ ସଂଗେ ସଂଗୀ ଯେହୁଥାନ୍ତି
ସକଳ ପାତକରୁ ତରିଣ ମୋକ୍ଷ ହୁନ୍ତି ।
ଯେହୁ ଶ୍ରୀହରି ଭକତେ ଅରଚନା କରେ
ଯେତେ ପାପକଲେ ମଧ ପରିଶେଷେତରେ ।
ସେବା ଶୁଶ୍ରୂଷା କରିଲେ ହରିଭକ୍ତଙ୍କର
ତହିଁରୁ ପରମଗତି ମିଳଇ ସତ୍ୱର ।

Digitized by srujanika@gmail.com

ଶିରେ କରପତ୍ର ଯୋଡ଼ି କହଇ କ୍ଷେତର
ଏ ଭବସାଗରୁ ପାରିକର ଚକ୍ରଧର ।
ଇତି ଶ୍ରୀ ବୃହତ୍ ନାରଦ ପୁରାଣେ
ଯଜ୍ଞମାଳୀ ଓ ସୁମାଳୀ ଚରିତକଥନଂ
ନାମ ଚତୁଃତ୍ରିଂଶୋଽଧ୍ୟାୟଃ ।

---●----

## ପଞ୍ଚତ୍ରିଂଶ ଅଧ୍ୟାୟ

## ବ୍ୟାଧ ବଣିକର ଚରିତ

ସୁତ ବୋଇଲେ ହେ ସାଧୁ ବିପ୍ରଗଣ ଶୁଣ
ପୁନର୍ପି କରିବା ହରି ମହିମା ବର୍ଣ୍ଣନ।
କର୍ଣ୍ଣ ମୁଖେ ପାନ କଲେହରି କଥାମୃତ
କାହାର ମାନସ ଅବା ନୋହିବ ତୃପତ ।
ବିଷୟାସକ୍ତ ମମତାକୁଳ ଚିତ୍ତ ନରେ
ତରନ୍ତି ଶ୍ରୀହରି ନାମ ଶୁଣିଲେ କର୍ଣ୍ଣରେ ।
କର୍ମପାଶହାରୀ ହରିଙ୍କି ଯେ ନମସ୍କାର
ନ କରଇ ଶବ ତୁଲ୍ୟ ଅଟଇ ସେ ନର ।
ଯେପରି ଲୋକର ସଙ୍ଗେ କରିଲେ ଆଳାପ
ଆପଣାର ଶରୀରରେ ପ୍ରବେଶଇ ପାପ ।
ଯେବଣ ଗୃହରେ ପୂଜା ନ ପାଆନ୍ତି ହରି
ସେ ଗୃହ ଅଟଇ ଶ୍ମଶାନର ସଙ୍ଗେ ସରି ।
ତହିଁରେ ପ୍ରବେଶ କରିବା୍ର ନୋହେ ବିଧି
କଲେହେଁ ନୁହଇ କଉଣସି କାର୍ଯ୍ୟ ସିଦ୍ଧି ।
ଗୋ ବ୍ରାହ୍ମଣ ଦ୍ୱେଷୀ ହର ପୂଜା ପରାଙ୍ମୁଖ
ଯେ ଅଟଇ ରାକ୍ଷସଙ୍କ ସଂଗେ ତାକୁ ଲେଖ ।
ଗୋ ବ୍ରାହ୍ମଣ ଦ୍ୱେଷୀ ଯେବେ ହରିପୂଜା କରେ
କିଛି ଫଳ ନ ମିଳଇ ତାକୁ ସେ ପୂଜାରେ ।
ପର ନାଶ ଅର୍ଥରେ ଯେ ହରିଙ୍କି ପୂଜଇ
ତାର ପ୍ରତିବଦଳରେ ଆପେ ନାଶ ଯାଇ।
ବିଷ୍ଣୁଙ୍କ ପୂଜାରେ ଥାଇ ପାପ ଆଚରଣ
ଯେ କରଇ ବିଷ୍ଣୁଦ୍ୱେଷୀ ହୁଅଇ ସେ ଜାଣ ।
ଯେ ଲୋକାନୁଗ୍ରହୀ ବିଷ୍ଣୁ ପରାୟଣ ଅଟେ
ଦେବାଳୟ କର୍ମ ରଖିଥାଏ ସର୍ବ ଘଟେ ।
ତାହାକୁ ସାକ୍ଷାତେ ବିଷ୍ଣୁ ବୋଲନ୍ତି ପଣ୍ଡିତେ
ତା ପୁଣ୍ୟ କୀରତି ଖ୍ୟାତ ହୁଏ ତ୍ରିଜଗତେ ।
କୋଟି ଜନ୍ମାର୍ଜିତ ପୁଣ୍ୟବଳେ ବିଷ୍ଣୁଭକ୍ତି
ଜାତହୁଏ ବୋଲି ବୁଧଗଣେ କହିଛନ୍ତି ।
ଯାହାର ଅଚଳାଭକ୍ତି ଜନ୍ମଇ ବିଷ୍ଣୁରେ
ପାପ ରହି ପାରଇକି ତାହାର ଶରୀରେ ।
ଗୋଟିଏ ଜନ୍ମରେ ଅର୍ଜିଥିବ ଯେତେ ପାପ
ହରି ପୂଜା କଲେ ତାହା ହୋଇଯାଏ ଲୋପ ।
ଆବର ତା ଦେହେ ପାପ ପଶି ନ ପାରଇ
ପାପବୁଦ୍ଧି ଅବା ତାହା ଜନ୍ମିବ କିମ୍ପାଇ ।
ଯେଉଁ ଲୋକ ହୁଏ ହରି ଭକତ ବିହୀନ
ସେ ପାପାତ୍ମା ବ୍ୟକ୍ତି ହୁଏ ଚଣ୍ଡାଳ ସମାନ ।
ଚଣ୍ଡାଳ ହୃଦରେ ଯେବେ ହରିଭକ୍ତି ଥାଏ
ଇହ ପର ଦୁଇ ଲୋକରେ ସେ ପୂଜାପାଏ ।
ହରି ପୂଜାକଲେ ଭୁକ୍ତି ମୁକ୍ତି ଲଭେ ଜନ
ପୁନର୍ପି ହୁଅଇ ସବୁ ଦୁଃଖ ବିମୋଚନ ।
ଲୋଭରେ ମୋହରେ ଅବା ଅଜ୍ଞାନ ବଶରେ
କିବା ସଙ୍ଗବଶେ ଯେହୁ ବିଷ୍ଣୁପୂଜାକରେ ।
ସେ ଲୋକ ଅକ୍ଷୟ ସ୍ୱର୍ଗ ପଦକୁ ଲଭଇ
କଳ୍ପ ଶେଷ ଯାଏ ନାନା ଐଶ୍ୱର୍ଯ୍ୟ ଭୁଞ୍ଜଇ ।
କଣା ମାତ୍ରକରେ ହରି ଚରଣ ଅମୃତ
ଯେ ଧାରଣ କରେ ତାର ଜନ୍ମ ହୁଏ ସାର୍ଥ।
ସେ ସବୁ ତୀର୍ଥ ସ୍ନାନର ଫଳକୁ ଲଭିଣ
ବିଷ୍ଣୁଙ୍କର ଅତି ପ୍ରିୟପାତ୍ର ହୁଏ ପୁଣ ।
ଶ୍ରୀହରି ଚରଣାମୃତ ସେବା ଯେ କରଇ
ତାହାର ଅକାଳ ମୃତ୍ୟୁ ଖଣ୍ଡନ ହୁଅଇ ।
ଅଙ୍ଗେ ଯେତେ ବ୍ୟାଧି ଥାଏ ହୁଏତ ବିନାଶ
ଦେହାନ୍ତ କାଳରେ ବିଷ୍ଣୁ ଲୋକେ ମିଳେବାସ ।
ଇହଲୋକେ ଯେତେ ଦିନଯାଏ ବଞ୍ଚିଥାଇ
ଦୁଃଖ ବୋଲିବାର ସ୍ୱପ୍ନରେ ସେ ନ ଜାଣଇ ।
ନାରାୟଣ ଚରଣେ ଯେ ପଶଇ ଶରଣ
ମୁକତି ତାହାର କରଗତ ହୁଏ ଜାଣ ।
ଏହି ବିଷୟରେ ଏକ ଇତିହାସ ପୂର୍ବେ
ଥିଲା ମୁଁ ଜାଣିଛି ଶୁଣ ତା କହୁଛି ଏବେ ।
ପୂର୍ବେ ସତ୍ୟଯୁଗାନ୍ତରେ ଥିଲା ଏକ ବ୍ୟାଧ
ତା ନାମ ବଣିକ ସେହୁ ଅତ୍ୟନ୍ତ ନିର୍ବୋଧ ।
ପରନାରୀ ପରଧନ କରଇ ହରଣ
ପର ନିନ୍ଦାବାଦ କରୁଥାଏ ଅନୁକ୍ଷଣ ।

Digitized by srujanika@gmail.com

ନିତି ସେ ଉଦ୍ୟତ ହୋଇ ପର ପୀଡ଼ନରେ
ଅପାର ଜୀବ ବଧଇ ସେହୁ ନିରନ୍ତରେ ।
ଶତ ଶତ ଗୋବ୍ରାହ୍ମଣ ସେ ହତ୍ୟା କରଇ
ଦେବସ୍ୱ ବ୍ରହ୍ମସ୍ୱମାନ ହରଣ କରଇ ।
ଏହି ସବୁ କର୍ମମାନ ସଦା ତାର ଥିଲା
ଗଣନା ନୁହଇ ଯେତେ ପାପ ଅର୍ଜିଥିଲା ।
ଯେତେ ଯେତେ ପାପମାନ ଅର୍ଜିଥିଲା ସେହି
କୋଟି କୋଟି ବର୍ଷକରେ କହି ନ ହୁଅଇ ।
ଦିନେ ସେ ଦୁର୍ମତି ବ୍ୟାଧ ଉଠି ପ୍ରଭାତରେ
ପ୍ରବେଶ ହୋଇଲା ଯାଇ ସୌବୀର ନଗରେ ।
ସ୍ୱର୍ଗତୁଲ୍ୟ ଶୋଭାବନ୍ତ ଅଟଇ ସେ ପୁରୀ
ବିପଣୀ ମାଳାରେ ଶୋଭା ବର୍ଦ୍ଧିତ ତାହାରି ।
ଅପାର ଐଶ୍ୱର୍ଯ୍ୟ ଠୁଳ ଥିବାର ସେଠାରେ ।
ଇନ୍ଦ୍ରପୁରୁଁ ବଳି ଶୋଭା ବିକାଶେ ତାହାରେ ।
ସେ ପୁରୀର ଉପବନ ବିଷ୍ଣୁଙ୍କ ମନ୍ଦିର
ଥାଇଣ ଯେ ଦିଶୁଥିଲା ଅତ୍ୟନ୍ତ ରୁଚିର ।
ମନ୍ଦିର ଉପରେ ସ୍ୱର୍ଣ୍ଣ କଳସ ସ୍ଥାପିତ
ଧ୍ୱଜା ପତାକାରେ ଦିଶୁଥିଲା ଶୋଭାବନ୍ତ ।
ଦେଖନ୍ତେ ନୟନେ ଏହିପରି ଯେ ମନ୍ଦିର
ସେ ବ୍ୟାଧ ମନେ ଆନନ୍ଦ ହୋଇଲା ଅପାର ।
ସେ ଦୁର୍ଜନ ଧନ ଲୋଭି ବ୍ୟାଧ ଯେ ଅଟଇ
ଜୀବନେ ଅପାର ପାପ ଅରଜିଛି ସେହି ।
ସୁବର୍ଣ୍ଣ କଳଶ ଦେଖି ସେ ମନ୍ଦିର ପରେ
ଭାବିଲା ନେବି ଏହାକୁ ମୁଁ ଆଜି ରାତ୍ରରେ ।
ଅକଳଣ ସ୍ୱର୍ଣ୍ଣ ଏହି କଳସରେ ଅଛି
ହରିନେଲେ ମୋ କାମନା ମେଣ୍ଟିଯିବ କିଛି ।
ଏମନ୍ତ ବିଚାର କରି ସେ ବ୍ୟାଧ ମନର
ପ୍ରବେଶ ହୋଇଲା ଯାଇ ବିଷ୍ଣୁଙ୍କ ମନ୍ଦିର ।
ସେ ମନ୍ଦିରେ ଶାନ୍ତମତି ଦୟାଳୁ ବ୍ରାହ୍ମଣ
ଉତ୍ତଙ୍କ ନାମରେ ଥିଲେ ବିଷ୍ଣୁ ପରାୟଣ ।
ଧ୍ୟାନ ମଗ୍ନ ହୋଇ ହରି ସେବା ସେ କରନ୍ତି
ଦୟାଳୁ ଗୁଣକୁ ଧରି ସେ ମନ୍ଦିରେ ଥାନ୍ତି ।
ନିଶାର୍ଦ୍ଧ କାଳରେ ତାକୁ ଏକା ଦେଖି ବ୍ୟାଧ
ଭାବିଲା ମନରେ ୟାକୁ କରିବି ମୁଁ ବଧ ।
ଏ ଥିଲେ ଧନ ନେବାକୁ ଅସଜ ହୋଇବ
ଏତେ ପାଞ୍ଚି ଖଡ଼୍‌ଗ ଧରି ବାହାରିଲା ଆଗ ।

ଆକର୍ଷି ଧରିଣ ତାର କେଶ ଭୁଜ ବଳେ
ପାଦ ପ୍ରହାରଣ ସେହୁ କଲା ବକ୍ଷସ୍ଥଳେ ।
ଖଡ଼୍‌ଗରେ ହାଣି ବଧ କରିବା ପାଇଁକି
ଉଦ୍ୟତ ହୋଇଲା ଦୁଷ୍ଟ କିଛିହିଁ ନ ଶଙ୍କି ।
ଉତ୍ତଙ୍କ ବ୍ୟାକୁଳେ ତାକୁ ବୋଇଲେ ହେ ସାଧୁ
ନିରପରାଧି ବ୍ୟକ୍ତିକୁ କାହିଁପାଇଁ ବଧୁ ।
କେଉଁ ଅପରାଧ ଅବା କରିଚି ମୁଁ ତୋର
ପ୍ରକାଶ କରିଣ ତାହା କହ ମୋ ଆଗର ।
ଲୋକଙ୍କର ଅପରାଧ କରେ ଯେଉଁ ଜନ
ତାହାକୁ ସିନା ଦଣ୍ଡିବା ଉଚିତ ବିଧାନ ।
ସଜ୍ଜନେ ପାପୀଙ୍କୁ ଦେଖି କାରଣ ନ ଥାଇ
ତାହାକୁ ବିନାଶ କେଭେ ନ କରନ୍ତି ନାହିଁ ।
ଶତ୍ରୁ ମୁର୍ଖ ହେଉ ତାର ଗୁଣ ଯଦି ଥାଏ
ସାଧୁଏ ଅନିଷ୍ଟ ନ କରନ୍ତି ଯେ କେବେହେଁ ।
ପୀଡ଼ିତ ଜନଙ୍କୁ କ୍ଷମା ଆଚରଇ ଯେହି
ବିବେକି ବୋଲିଣ ତାକୁ ସର୍ବଜନେ କହି ।
ବିଷ୍ଣୁଙ୍କର ପ୍ରିୟପାତ୍ର ଅଟଇ ସେ ଜନ
ତେଣୁ ଦିବ୍ୟ ପୂଜା ସେହୁ ଲଭେ ପ୍ରତିଦିନ ।
ପର ହିତାକାଂକ୍ଷୀ ଯେଉଁ ସୁଜନ ଅଟଇ
ସେ କାହାର ଶତ୍ରୁ ଆଚରଣ ନ କରଇ ।
ଚନ୍ଦନ ବୃକ୍ଷକୁ କାଠୁରିଆ ହାଣୁଥାଏ
ତଥାପି ସେ ବୃକ୍ଷ ତାଙ୍କୁ ସୁବାସ ଯୋଗାଏ ।
ଯେବଣ କୁଠାର ତାରେ କରଇ ଛେଦନ
ସୁବାସ ଦିଏ ତାହାକୁ ସେହି ତରୁ ଜାଣ ।
ହେ ବ୍ୟାଧ କହୁଛି ଶୁଣ ଆଉ ଏକ କଥା
ସବୁଠାରୁ ବଳବନ୍ତ ଅଟନ୍ତି ବିଧାତା ।
ତେଣୁ ଲୋକଙ୍କୁ ସେ ନାନା ପୀଡ଼ାକୁ ଦିଅଇ
ବିଧି ବିଧାନକୁ ଜିଣି ନ ପାରନ୍ତି କେହି ।
ସକଳ ସଙ୍ଗରୁ ମୁକ୍ତ ହୋଇଲାକ ଜନ
ଦୁଷ୍ଟଜନ ଠାରୁ ପୀଡ଼ା ଲଭନ୍ତି ସେ ଜାଣ ।
ଅପାର ଦୁର୍ଜନ ବ୍ୟକ୍ତି ଛନ୍ତି ଏ ଜଗତେ
ଲୋକଙ୍କୁ ଦିଅନ୍ତି ନାନା କଷ୍ଟ ଅନିମିତ୍ତେ ।
ସାଧୁଜନଙ୍କୁ ଯେ ବିଶେଷରେ କଷ୍ଟ ଦ୍ୟନ୍ତି
ସମାନ ଲୋକଙ୍କୁ କିଛି କରି ନ ପାରନ୍ତି ।
ମୃଗ ମୀନ ସାଧୁଜନେ ତୃଣ ଜଳ ଫଳ
ଆହାର କରିଣ ସୁଖେ କାଟୁଥାନ୍ତି କାଳ ।

Digitized by srujanika@gmail.com

ତାଙ୍କୁ ବ୍ୟାଧ କଇବର୍ତ୍ତ ଆବର ଦୁର୍ଜନେ
ହତାଶ କରନ୍ତି ବୈର ହୋଇ ଅକାରଣେ ।
ମାୟାର ବଳକୁ ଜିଣି ନ ପାରନ୍ତି କେହି
ସବୁଠାରୁ ମହାବଳବତୀ ସେ ଅଟଇ ।
ତେଣୁ ସାରା ଜଗତକୁ ମୁଗ୍‌ଧ କରିଛି ସେ
ସର୍ବେ ମୋହ ପାଇ ରହିଥାନ୍ତି ମାୟାବଶେ ।
ମାୟାବଳେ ମୁଗ୍ଧ ହୋଇ ଜଗତର ଜନେ
ନାନାକ୍ଲେଶଭୋଗ କରୁଅଛନ୍ତି ଅଜ୍ଞାନେ ।
ଦାରାପତ୍ୟ ମିତ୍ରଙ୍କର ଦୁଃଖେ ଦୁଃଖୀ ହୋଇ
ଭ୍ରମି ମରୁଛନ୍ତି ମୋକ୍ଷ ବାଟକୁ ନ ପାଇ ।
ଯେଉଁ ପୁତ୍ର ଭାର୍ଯ୍ୟାଙ୍କର ଭରଣ ପୋଷଣେ
କାଳ କାଟୁଛନ୍ତି ପର ଦ୍ରବ୍ୟାପହରଣେ ।
ପରିଣାମ କାଳେ ତାଙ୍କୁ ଛାଡ଼ି ଏକା ହୋଇ
ଗତି କରୁଛନ୍ତି ନିଜ କର୍ମ ସଂଗେ ନେଇ ।
ଏ ମୋହର ମାତା ପିତା ଏ ମୋହର ପୁତ୍ର
ଏ ଭାର୍ଯ୍ୟା ଏ ବନ୍ଧୁ ଏହିମାନେ ମୋର ମିତ୍ର ।
ଏହି ଯେ ମମତା ଜ୍ଞାନ ଜନ୍ତୁଗଣଙ୍କର
ସେ ଜ୍ଞାନ ଦେଉଛି ନିତି କ୍ଳେଶ ଘୋରତର ।
ପାପ ପୁଣ୍ୟ ଦୁହେଁ ଇହପର ଦୁଇକାଳେ
ସଂଗେ ସଙ୍ଗୀ ହୋଇ ରହିଛନ୍ତି ସବୁକାଳେ ।
ପୁତ୍ର ଭାର୍ଯ୍ୟା ବନ୍ଧୁ ମିତ୍ର ଯାହାଙ୍କୁ ବୋଲନ୍ତି
ସେମାନେ ଗୋଟିଏ କେହି ସଙ୍ଗରେ ନଥାନ୍ତି ।
ଯେତେ କାଳ ଯାଏ ଅର୍ଜି ପାରୁଥିବ ଧନ
ସେହି କାଳ ଯାଏ ସଂଗେ ଥିବେ ବନ୍ଧୁଗଣ ।
ଅର୍ଜି ନ ପାରିବେ ବନ୍ଧୁ ମିତ୍ରାଦି ସକଳେ
ପାଶରୁ ଅନ୍ତର ହୋଇ ନ ଚାହାନ୍ତି ତୋଳେ
ଧର୍ମ ବା ଅଧର୍ମରେ ଧନକୁ ଅରଜି
ସେ ଯାହାକୁ ପୋଷିଥାଏ ସ୍ନେହରେ ନିମଜ୍ଜି ।
ସେ ପୋଷଣକର୍ତ୍ତା ମୃତ ହେଲେ ତତ୍‌କାଳେ
ଅନଳ ମୁଖରେ ତାକୁ ନେଇ ସେ ସକଳେ ।
ଆପେ ଶୁଦ୍ଧ ହେବା ପାଇଁ ଜଳେ କରି ସ୍ନାନ
ତଦନ୍ତେ କରନ୍ତି ସର୍ବେ ଘୃତାନ୍ନ ଭୋଜନ ।
ମୃତ ବ୍ୟକତିର ବନ୍ଧୁଭାବ ଦୂର ହୁଏ
ଆପେ କରିଥିବା ଧର୍ମାଧର୍ମ ସଙ୍ଗେ ଯାଏ ।
ଧନ ପୁତ୍ର ଭାର୍ଯ୍ୟା ବନ୍ଧୁ ବାନ୍ଧବେ ସ୍ୱଜନେ
କେହି ସଂଗେ ନ ଯାଇଣ ରହନ୍ତୁ ସଦନେ ।

କେବଳ କାମନା ତାର ଗୃହେ ରହିଥାଏ
ଆଉ ସବୁ ତ୍ୟାଗ କରିଣ ସେ ଚାଲିଯାଏ ।
ଯେତେ ଦ୍ରବ୍ୟ ଅର୍ଜି ରଖିଥାଏ କ୍ଳେଶ ପାଇ
ତହିଁରୁ କିଛିହିଁ ସଂଗେ ନ ପାରେ ସେ ନେଇ ।
ମୂର୍ଖ ଲୋକେ ଏକଥାକୁ ଜାଣି ନ ପାରିଣ
ଦୁଃଖ ସହି ପାପ କର୍ମେ ଅରଜନ୍ତି ଧନ ।
କୋଟି କୋଟି ଗ୍ରନ୍ଥେ ଯାହା ଉକ୍ତ ହୋଇଅଛି
ସର୍ବେ ତାହା ଶୁଣ ସଂକ୍ଷେପରେ ମୁଁ କହୁଛି ।
ଯାହା ହୋଇବାକୁ ଥାଏ ତା ହୁଏ ନିଶ୍ଚୟ
ବୁଝି ନ ପାରନ୍ତି ଲୋକେ ତହିଁର ବିଷୟ ।
ହେବା କଥା ହୋଏ ନ ହୋଇବା କଥା ନୋହେ
ଏ ଜ୍ଞାନ ଯାହାର ହୃଦୟରେ ଜନ୍ମିଥାଏ ।
ସେ କେବେ ନୁହନ୍ତି ଚିନ୍ତା ଜଳରେ ନିମଗ୍ନ
ଚିନ୍ତା ନ ଥିବାରୁ କଷ୍ଟ ନ ପାଏ ସେ ଜନ ।
ଚିନ୍ତା ବିଷ ବିନାଶନେ ଏ ଦ୍ରବ୍ୟ ଔଷଧି
ଯେ ପାନ କରଇ ତାର ଛାଡ଼ଇ ସେ ବ୍ୟାଧି ।
ସମଗ୍ର ଜଗତ ଅଟେ ଦୈବର ଅଧୀନ
ଦୈବ ବିନାଜନ୍ମ ମୃତ୍ୟୁ ନ ଜାଣଇ ଆନ ।
ଯହିଁ ତହିଁ ଆଉ ଯାହା ହୋଇବାକୁ ଥାଏ
ଅନିବାର୍ଯ୍ୟ ହୋଇଥାଏ ନିଶ୍ଚୟରେ ହୁଏ ।
ଲୋକଙ୍କୁ ଏ କଥା ଗୋଟି ନ ଯିବାରୁ ଜଣା
ବୃଥାରେ ସହନ୍ତି କଷ୍ଟ ବୁଦ୍ଧି କରି ବଣା ।
ଯେ ମମତାକୁଳ ଚିତ୍ତ ଲୋକ ଯେ ଜଗତେ
ସହ୍ୟ ନ କରଇ କେତେ କଷ୍ଟ ଅନିମିତ୍ତେ ।
ମହାପାପ କରିଣ ସେ ଯତ୍ନ ସହକାରେ
ପରକୁ ପୋଷିବା ପାଇଁ ଭ୍ରମଇ ସଂସାରେ ।
ପାପକର୍ମ କରି ଅରଜଇ ଯେତେ ଧନ
ବାନ୍ଧବେ ତା ସବୁ ଭୋଗ କରନ୍ତି ସମାନ ।
ପରିଣାମ ସମୟରେ ଏକାକୀ ସେ ହୋଇ
ଯେତେ ପାପ ଅର୍ଜିଥାଏ ତା ଭୋଗ କରଇ ।
ଏରୂପେ ଉତ୍ତଙ୍କ ମୁନି କହିବାର ଶୁଣି
ସେ ବଣିକ ବ୍ୟାଧ ତାଙ୍କୁ ଛାଡ଼ିଲା ସେ କ୍ଷଣି ।
ଭୟରେ ବିହ୍ୱଳ ଚିତ୍ତ ହୋଇ ସେ ଶବର
କରଯୋଡ଼ି ବୋଇଲା ମୋ ଦୋଷ କ୍ଷମାକର ।
ସାଧୁସଙ୍ଗ ପ୍ରଭାବରେ ବ୍ୟାଧ ମୂଢ଼ମତି
ଦୁଷ୍ଟ ସ୍ୱଭାବକୁ ତାର ଛାଡ଼ିଲା ତତ୍‌ପରି ।

Digitized by srujanika@gmail.com

ହରିଙ୍କ ସାନିଧ ଯହୁଁ ସେହି ଲାଭକଲା
ନିଷ୍ପାପ ହୋଇଣ ମନେ ଅନୁତାପ କଲା ।
ବୋଇଲା ହେ ତପୋଧନ ତୁମ୍ଭଙ୍କୁ ଦେଖିଣ
ମୋହର ସକଳ ପାପ ହୋଇଛି ଦହନ ।
ଯେତେ ପାପ ଅରଜିଛି ଜଗତରେ ମୁହିଁ
ସଂଖ୍ୟାକରି ତାହା ଅବା କେତେ କହିବଇଁ ।
ଗୋବ୍ରାହ୍ମଣ ଆଦି ଯେତେ ହତ୍ୟା କରିଅଛି
କେତେ ବଖାଣିବି ତାହା ତୁଣ୍ଡ ନ ଖୋଲୁଛି ।
କି ରୂପେ ନିସ୍ତାର ହେବି ତହିଁରୁଟି ମୁହି
ଚାହିଁଲେ ସାରା ଜଗତ ଅନ୍ଧାର ଦିଶଇ ।
ପୂର୍ବେ କେତେ ପାପକରି ବ୍ୟାଧ ହୋଇଅଛି
ଏ ଜନ୍ମରେ କୋଟି କୋଟି ଜୀବଙ୍କୁ ବଧିଛି ।
ଶରୀର ଛାଡ଼ିଲେ କିସ ହୋଇବ ବା ଗତି
ଆହା ଦଇବରେ କିମ୍ପା କଲୁ ମୂଢ଼ମତି ।
ଆଉ ଅଳ୍ପଦିନେ ଆୟୁ ହୋଇବ ମୋ ଶେଷ
ପ୍ରତିକାର କରିନାହିଁ ପାପ ପାଇଁ ଲେଶ ।
ଏ କାରଣୁ ମଲେ ମୋର ହୋଇବ କି ଗତି
ଏହିପରି ଅନୁତାପ କରି ମୂଢ଼ମତି ।
ବୋଇଲା ଆରେ ଦଇବ କିମ୍ପା ଏହା କଲୁ
ବ୍ୟାଧ ଯୋନିରେ ତୁ ମୋତେ ନେଇ ଜନ୍ମକଲୁ ।
ପୃଥିବୀ ଭାର ସ୍ୱରୂପ ହୋଇଅଛି ମୁହିଁ
କିମ୍ପାଇଁ ମୋତେ ଜନମ କଲୁ ଭାବଗ୍ରାହୀ ।
ଅତ୍ୟନ୍ତ ନିଷ୍ଠୁରଭାବ କରି ମୁଁ ଧାରଣ
ପାପଫଳ କେତେ ଜନ୍ମ ଭୋଗିବଇଁ ପୁଣ ।
ଏପରି ଅପାର ନିନ୍ଦା କରିଣ ସେ ବ୍ୟାଧ
ଅତି ଅନୁତାପ କରି ହେଲା ପ୍ରାଣେବଧ ।
ହୃଦୟ ଅନଳେ ଦଗ୍ଧିଭୂତ ସେ ହୋଇଣ
ଚାହୁଁ ଚାହୁଁ କ୍ଷଣକରେ ହରାଇଲା ପ୍ରାଣ ।
ବ୍ୟାଧ ପଡ଼ିବାରୁ ବିଷ୍ଣୁ ପାଦୋତକ ନେଇ
ଦୟାଳୁ ଉତଙ୍କ ମୁଖେ ଭରିଲେକ ତହିଁ ।
ସେ ପାଦ ଉଦକ ବ୍ୟାଧ ସ୍ପର୍ଶ କଲାମାତ୍ରେ
ମୁକତି ଲଭିଲା ପାଦ ନ ରହିଲା ଗାତ୍ରେ ।
ବ୍ୟାଧ ଅଙ୍ଗ ତେଜି ଦିବ୍ୟ ଶରୀର ଧରିଣ
ତତକ୍ଷଣେ ବିଷ୍ଣୁ ରଥେ କଲା ଆରୋହଣ ।
ଦିବ୍ୟ ବିମାନରେ ବସି ସେ ମୁନିଙ୍କୁ ଚାହିଁ
ବୋଇଲା ହେ ମହାତମା ଦୟାଳୁ ଗୋସାଇଁ ।
ଆପଣ ମୋହର ଗୁରୁ ଅଟ ମୁନିବର
ତବ ପ୍ରସାଦରୁ ପାପ ହୋଇଲା ମୋ ଦୂର ।
ମହାପାପ ବନ୍ଧନରୁ ହେଲି ମୁଁ ଉଦ୍ଧାର
ହେ ମୁନି ପୁଙ୍ଗବ ମୋହଠାରେ ଦୟାକର ।
ତୁମ୍ଭ ଉପଦେଶ ମାତ୍ରେ ମୋର ଅନୁତାପ
ଜନ୍ମିବାରୁ ନାଶ ହେଲା ଦେହୁଁ ସର୍ବପାପ ।
ମୋ ଗାତ୍ରେ ଯେ ପାଦୋଦକ ସିଞ୍ଚିଲେ ଆପଣ
ସେ ଫଳେ ବିଷ୍ଣୁ ଲୋକରେ ବସିବି ଯାଇଣ ।
ତବ ଅଭୟ ପାଦରେ କରେ ନମସ୍କାର
ଦୟା ଗୁଣେ ମୋର ଅପରାଧ କ୍ଷମାକର ।
ଏତେ ବୋଲି ସେ ଚିତ୍ତଙ୍କ ମୁନିଙ୍କର ପାଦେ
ପୁଷ୍ପାଞ୍ଜଳି ଦେଇ ସ୍ୱର୍ଗେ ଚଳିଲା ଆନନ୍ଦେ ।
ଯିବାବେଳେ ତିନିବାର ପ୍ରଦକ୍ଷିଣ କରି
କଲା ସେ ମହାପ୍ରୟାଣ ଗଲା ସ୍ୱର୍ଗପୁରୀ ।
ବିମାନେ ଯେବେଳେ ତାକୁ ବିଷ୍ଣୁ ଲୋକେ ନେଲେ
ସେ ବେଳର ଦୃଶ୍ୟ କେତେ କହିବଇଁ ଭଲେ ।
ଗନ୍ଧର୍ବ କିନ୍ନର ଆଉ ଅପସରା ଗଣ
ହରଷେ ବୈକୁଣ୍ଠ ପୁରେ ଗଲେ ସେ ଘେନିଣ ।
ତା ଦେଖି ଉତଙ୍କ ମୁନି ବିସ୍ମୟ ହୋଇଲେ
ମସ୍ତକରେ କର ପୁନଃ ପୁନଃ ସେ ଯୋଡ଼ିଲେ ।
କୃତାଞ୍ଜଳୀ ପୁଟେ ଗାଇ ହରିଙ୍କର ସ୍ତୁତି
ବାର ବାର ପାଦପଦ୍ମେ କରିଲେ ପ୍ରଣତି ।
ସେ ସ୍ତବରେ ମହାବିଷ୍ଣୁ ପରସନ୍ନ ହୋଇ
ବରଦାନ କଲେ ତାଙ୍କୁ ମୋକ୍ଷ ହେବାପାଇଁ ।
ସେ ବରେ ଉତଙ୍କ ମୁନି ସଂସାର ବିପଦ
ନ ପାଇ ଲଭିଲେ ଯୋଗୀଯୋଗ୍ୟ ପରଂପଦ ।
ଭକ୍ତିମୁକ୍ତି ଦାତା ଶ୍ରୀହରିଙ୍କ ପାଦେଧ୍ୟାୟି
ଅଧମ କ୍ଷେତ୍ରମୋହନ ଏ ଗୀତ ରଚଇ ।

ଇତି ଶ୍ରୀ ବୃହଦ୍ ନାରଦ ପୁରାଣେ କଣିକ
ବ୍ୟାଧ ଚରିତ କଥନଂ
ନାମ ପଞ୍ଚତ୍ରିଂଶୋଽଧ୍ୟାୟଃ ।

---●----

## ଷଟ୍‌ତ୍ରିଂଶ ଅଧ୍ୟାୟ

## ହରିଭକ୍ତ ମାହାତ୍ମ୍ୟ କଥନ

ସୁତଙ୍କ ମୁଖରୁ ଶୁଣି ଚରିତ ଏସନ
ପୁଣି ପଚାରିଲେ ତାଙ୍କୁ ଚାହିଁ ଋଷିଗଣ ।

Digitized by srujanika@gmail.com

ଉତଙ୍କ ମହର୍ଷି କେଉଁ ସ୍ତୋତ୍ର କରିଥିଲେ
କି ପ୍ରକାରେ ଭଗବାନ ପରିତୁଷ୍ଟ ହେଲେ ।
କି ବର ଲଭିଲେ ତାଙ୍କଠାରୁ ସେ ଉତଙ୍କ
ତା ପ୍ରକାଶ କରି କହ ସୁତ ପୌରାଣିକ ।
ତବ ବଦନରୁ ଆମ୍ଭେ ଶୁଣିବୁ ସକଳେ
ତୁମ୍ଭର ଏ କୀର୍ତ୍ତି ରହିଥିବ କାଳେ କାଳେ ।
ଏହିପରି ପୁଚ୍ଛା କରନ୍ତେ ସେ ଋଷିଗଣ
ସୁତ ବୋଇଲେ ହେ ଯାହା ପଚାରିଲ ଶୁଣ ।
ହରି ପାଦୋଦକ ଫଳ ଦେଖି ସାକ୍ଷାତରେ
ଉତଙ୍କ ତାହାଙ୍କୁ ସ୍ତୁତି କଲେ ଆନନ୍ଦରେ ।
ହରି ଧ୍ୟାନ ପରାୟଣ ସେ ଦ୍ୱିଜପ୍ରବର
ସ୍ତୁତିକଲେ ମସ୍ତକରେ ଯୋଡ଼ି ବେନିକର ।
ଜଗତର ଆଦିଦେବ ତୁମ୍ଭେ ନାରାୟଣ
ତୁମ୍ଭ ଆଶ୍ରୟରେ ରହିଛନ୍ତି ପ୍ରାଣୀଗଣ ।
ଶାର୍ଙ୍ଗ ଚକ୍ର ଆସି ପଦ୍ମଧାରୀ ତୁମ୍ଭେ ଦେବ
ପ୍ରଳୟ କରତା ତୁମ୍ଭେ ପ୍ରଭୁ ବାସୁଦେବ ।
ମନରେ ସ୍ମରଣା କରେ ଯେ ତୁମ୍ଭଙ୍କୁ ନିତି
କୌଣସି ସ୍ଥାନରେ ତାକୁ ନ ପଡ଼େ ଦୁର୍ଗତି ।
ଆଧିବ୍ୟାଧି ଉପଦ୍ରବମାନ ଦୂରକରି
ତାଠାରେ ପ୍ରସନ୍ନ ହୋଇଥାଅ ତୁମ୍ଭେ ହରି ।
ତେଣୁ ତୁମ୍ଭଙ୍କୁ ମୁଁ କରୁଅଛି ନମସ୍କାର
ମାୟାପାଶ ବନ୍ଧନରୁ ମୋତେ ମୁକ୍ତିକର ।
ଯା ନାଭିପଦ୍ମରୁ ବ୍ରହ୍ମା ହୋଇଛନ୍ତି ଜାତ
ପ୍ରାଣିଙ୍କର ସୃଷ୍ଟିକର୍ତ୍ତା ଯେଉଁ ଜଗନ୍ନାଥ ।
ଯାହାର କ୍ରୋଧରୁ ରୁଦ୍ରଦେବ ଜାତହୋଇ
ସଂହାର କରଣେ ସୃଷ୍ଟି ଦେଉଛନ୍ତି ଦହି ।
ସେ ଆଦିଦେବଙ୍କୁ କରୁଛି ମୁଁ ନମସ୍କାର
ତହିଁରେ ସାର୍ଥକ ହେଉ ଜନମ ମୋହର ।
ତୁମ୍ଭେ ପଦ୍ମପତି ପଦ୍ମ ପଲାଶ ଲୋଚନ
ଅଖିଳ ଲୋକର ଏକମାତ୍ର ଯେ କାରଣ ।
ବେଦାନ୍ତ ବେଦ୍ୟହିଁ ତୁମ୍ଭେ ପୁରାଣ ପୁରୁଷ
ତେଜମାନଙ୍କର ଧାମ ବିଷ୍ଣୁ ବିଶ୍ୱବାସ ।
ପ୍ରଣାମ କରୁଛି ତୁମ୍ଭ ଚରଣରେ ମୁହିଁ
ସୁପ୍ରସନ୍ନ ହୁଅ ମୋହଠାରେ ଭାବଗ୍ରାହୀ ।
ତୁମ୍ଭେ ସବୁଠାରେ ଅଛ ସର୍ବାତ୍ମା ଅଚ୍ୟୁତ
ଜ୍ଞାନୀଙ୍କର ଜ୍ଞାନ ତୁମ୍ଭେ ଅନାଥର ନାଥ ।
କରୁଣା ସାଗର ପରମାତ୍ମା ନାରାୟଣ
ପ୍ରସନ୍ନ ଜନର ଆର୍ତ୍ତି କରୁଛ ହରଣ ।
ତବ ଶ୍ରୀଚରଣେ ମୁଁ କରୁଛି ନମସ୍କାର
ବରଦାତା ହୁଅ ଏହି ଅଧମ ଜନର ।
ତୁମ୍ଭେ ଜଗଦୀଶ ତୁମ୍ଭେ ଅଟ ପରମେଷ୍ଠୀ
ସ୍ଥୂଳ ସୂକ୍ଷ୍ମ ଆଦି ଭେଦେ କରିଅଛ ସୃଷ୍ଟି ।
ବିସ୍ତାର ସୃଷ୍ଟିରେ ସାରାସାର ଆଦି ଯେତେ
ତୁମ୍ଭଠାରୁ ବିଭୂତି ତାହା ସବୁ ଏ ଜଗତେ ।
ତୁମ୍ଭର ଜନ୍ମ ହୋଇ ନାହିଁ ଆଉ କିଛି
ସବୁଠାରେ ତୁମ୍ଭ ଅଂଶ ପୂରି ରହିଅଛି ।
ଜାତି ଗୁଣହୀନ ମାୟାହୀନ ନିରଞ୍ଜନ
ନିର୍ମଳ ଅମେୟ ଅଗୋଚର ଭଗବାନ ।
ଯେ ତୁମ୍ଭର ପରମାତ୍ମା ନାମେ ସୂକ୍ଷ୍ମରୂପ
ଦର୍ଶନ କରନ୍ତି ସାଧୁଜନେ ସେ ସ୍ୱରୂପ ।
ଏକା ସୁବର୍ଣ୍ଣକୁ ନାନାବିଧ ଆକୃତିରେ
ଆଭରଣ କଲେ ଯେହ୍ନେ ରୂପାନ୍ତର ଧରେ ।
ସେ ପୁଣି ଉପାଧି ଭେଦେ ନାନା ନାମ ବହି
ବିଭିନ୍ନ ପ୍ରକାରେ ପରିଦୃଶ୍ୟ ହୋଇଥାଇ ।
ହେ ମହାପୁରୁଷ ତୁମ୍ଭେ ଯୋଗମାୟା ବଳେ
ସେପରି ଦିଶୁଛ ନାନା ରୂପ ଏ ଶୟଳେ ।
ଯେ ତୁମ୍ଭ ମାୟାରେ ବିମୋହିତ ହୋଇଥାନ୍ତି
ସେ ତୁମ୍ଭଙ୍କୁ ଆତ୍ମାରୂପେ ଦେଖି ନ ପାରନ୍ତି ।
ତୁମ୍ଭ କୃପାବଳେ ଯାର ମାୟା ଦୂର ହୁଏ
ଆତ୍ମା ସ୍ୱରୂପରେ ତୁମ୍ଭ ଦର୍ଶନ ସେ ପାଏ ।
ନିର୍ଗୁଣ ପରମାନନ୍ଦ ସ୍ୱରୂପ ଆପଣ
ଅଜର ଅମର ମାୟାତୀତ ଅଟ ପୁଣ ।
ବ୍ୟାପିଅଛ ଏ ଜଗତେ ବିଷ୍ଣୁନାମ ଧରି
ଯୋଡ଼ ହସ୍ତରେ ପ୍ରଣାମ କରୁଛି ଶ୍ରୀହରି ।
ଜଗତର ନାଥ ତୁମ୍ଭେ ଜ୍ୟୋତିଙ୍କର ଗୁରୁ
ଏ ସଂସାର ଜନମିଣ ଅଛି ତୁମ୍ଭଠାରୁ ।
ତୁମ୍ଭ ଶରୀରରେ ପ୍ରତିଷ୍ଠିତ ହୋଇଅଛି
ଏ ଜଗତେ ତୁମ୍ଭ ବିନେ ଆନ ନାହିଁ କିଛି ।
ଭୋ ଦେବ ତୁମ୍ଭଙ୍କୁ କରୁଅଛି ନମସ୍କାର
ମୋତେ ଏ ମାୟା ଜଞ୍ଜାଳୁ କରନ୍ତୁ ଉଦ୍ଧାର ।
ସୃଷ୍ଟିର ଆଧାରତୁମ୍ଭେ ପ୍ରଭୁ ଅପ୍ରମେୟ
ପରମ ଆନନ୍ଦ ନିରାଧାର ନିରାମୟ ।

Digitized by srujanika@gmail.com

ତୁମ୍ଭ ଶ୍ରୀପୟର ତଳେ କରେ ନମସ୍କାର
ଏ ଭବସାଗରୁ ମୋତେ କରନ୍ତୁ ଉଦ୍ଧାର ।
ହୃଦୟ କନ୍ଦର ବାସୀ ଯୋଗୀଗଣ ସେବ୍ୟ
ଯୋଗର ନିଦାନ ଭୂତ ପ୍ରଣବାଧି ଦେବ ।
ଏମନ୍ତ ଯେ ପ୍ରଭୁ ତାଙ୍କ ଅଭୟ ପୟରେ
ପ୍ରଣାମ କରୁଛି ମୋତେ ଉଦ୍ଧାରନ୍ତୁବାରେ ।
ନାରଦ ବୀଜ ଯେ ପୁଣି ନାରଦ ସ୍ୱରୂପ
ପ୍ରଣବ ରୂପୀ ହେ ପ୍ରଭୁ ଅସଂଖ୍ୟ ଅମାପ ।
ସେ ଜଗଦାନନ୍ଦ ରୂପୀ ନାରାୟଣଙ୍କର
ପଦ୍ମ ପୟର ତଳରେ କରେ ନମସ୍କାର ।
ଜଗତର ସାକ୍ଷୀ ନିରଞ୍ଜନ ପଦ୍ମନାଭ
ଯୋଗୀଙ୍କର ଯୋଗକୁ ଯେ ଅଟନ୍ତି ଦୁର୍ଲ୍ଲଭ ।
ସେ ଅନନ୍ତ ବିଶ୍ୱରୂପଙ୍କର ପଦ୍ମପାଦେ
ନମସ୍କାର କରେ ମୁହିଁ ତ୍ରିକାଳରେ ହାଦେ ।
ଇନ୍ଦ୍ରିୟ ମନ ଯେ ବୁଦ୍ଧିହୀନ ଶତେବଳ
ଧୃତି କ୍ଷେତ୍ର କ୍ଷେତ୍ର କିଏ ଆଦି ଯେ ସକଳ ।
ଯାହାଙ୍କର ସ୍ୱରୂପ ସେ ଜଗତ ପତିଙ୍କି
ଅବିଦ୍ୟା ବିଦ୍ୟା ବୋଲନ୍ତି ପଣ୍ଡିତେ ତରକି ।
ପରମ ରୂପର ପରତର ସେ ଅଟନ୍ତି
ଅନାଦି ନିଧନ ଶାନ୍ତ ଅଚ୍ୟୁତ ବୋଲାନ୍ତି ।
ତାହାଙ୍କ ପାଦରେ ଯେହୁ ପଶଇ ଶରଣ
ତାହାଙ୍କୁ ମୁକତି ପଥ ମିଳେ ତତକ୍ଷଣ ।
ଯେଉଁ ପୁରୁଷ ପୁରାଣେ ବରେଣ୍ୟ ଜଗତେ
ତାଙ୍କୁ ନମସ୍କାର ମୁହିଁ କରେ ଯୋଡ଼ହସ୍ତେ ।
ଯୋଗୀମାନେ ନ ପାଆନ୍ତି ଯାହାଙ୍କ ଦର୍ଶନ
ତାହାଙ୍କୁ କି ବୋଲି ସ୍ତୁତି କରିବି ମୁଁ ହୀନ ।
ମାତ୍ର ତାହାଙ୍କ ପାଦରେ ପଶୁଛି ଶରଣ
ଦୟା ବହି ମୋତେ ସେ କରନ୍ତୁ ପରିତ୍ରାଣ ।
ସେ ସଂସାରେ ବ୍ୟାପିଛନ୍ତି ବିଶ୍ୱରୂପ ଧରି
ତାହାଙ୍କ ଅଭୟ ପାଦେ ଶରଣ ମୋହରି ।
ଗୁଣର ଅତୀତ ଯେଉଁ ନିର୍ଗୁଣ ପୁରୁଷ
ତାଙ୍କ ଆଶ୍ରୟରେ ବଞ୍ଚୁଅଛି ମୁଁ ଦିବସ ।
ବ୍ରହ୍ମାଆଦି ଦେବଗଣ ସ୍ୱରୂପ ଯାହାର
ନ ପାନ୍ତି ମୁଁ ଅବା କାହୁଁ ଜାଣିବଇଁ ଛାର ।
କେବଳ ଅଭୟ ପାଦେ କରୁଛି ପ୍ରଣତି
ଦୟା କରନ୍ତୁ ମୋଠାରେ ପ୍ରଭୁ ଲକ୍ଷ୍ମୀପତି ।

ଅତି ଦୀନହୀନ ଅକିଞ୍ଚନ ମୁଁ ଅଟଇ
ସର୍ବଦା ପର ଦ୍ରବ୍ୟରେଲୋଭ କରିଛଇଁ ।
ଆବଦ୍ଧ ହୋଇଛି ମୁହିଁ ମମତା ରଜ୍ଜୁରେ
ମୋହପରି ଦୀନହୀନ ନାହିଁ କେ ସଂସାରେ ।
ହେ ବିଷ୍ଣୁ ମୁଁ ତବ ପାଦେ ପଶିଲି ଶରଣ
ଆହେ ଦୟାନିଧି ମୋରେ କର ପରିତ୍ରାଣ ।
ମହାପାପୀ କୃତଘ୍ନ ମୁଁ ଜଗତେ ଅଟଇ
ଶୋକାର୍ତ୍ତ ଭୟାଳୁ କୀର୍ତ୍ତି ହୀନ ଜନ ମୁହିଁ ।
ଏମନ୍ତ ଜନଙ୍କୁ ପ୍ରଭୁ କର ପରିତ୍ରାଣ
ଅଭୟ ପାଦରେ ତବ ପଶିଲି ଶରଣ ।
ଆହେ ଋଷିଗଣ ଏହି ପରକାରେ ସ୍ତୁତି
ଉତ୍ତଙ୍କ କରନ୍ତେ ପ୍ରଭୁ ପାଦେ ଦେଇ ମତି ।
ଅତ୍ୟନ୍ତ ଆନନ୍ଦ ହୋଇ କମଳା ରମଣ
ସେ ମୁନିଙ୍କ ସମ୍ମୁଖରେ ମିଳିଲେ ତକ୍ଷଣ ।
ଉତ୍ତଙ୍କ ଯେଉଁ ମୂରତି କରିଲେ ଦର୍ଶନ
ତାହା ବଖାଣୁଛି ସର୍ବେ ମନଦେଇ ଶୁଣ ।
ଅତସୀ କୁସୁମ ଧରି ଦିଶୁଅଛି କାନ୍ତି
କିରୀଟ କୁଣ୍ଡଳ ହାର ଶୋଭାପାଏ ଅତି ।
କେୟୁର ଶ୍ରୀବତ୍ସ ଚିହ୍ନ କଉସ୍ତୁଭ ମଣି
ବିଭୂଷିତ ହୋଇଛନ୍ତି ପ୍ରଭୁ କମ୍ବୁପାଣି ।
ଯଜ୍ଞୋପବୀତ ତାହାଙ୍କ ସ୍କନ୍ଧରେ ଶୋଭଇ
ପଙ୍କଜ ନୟନ ଅତି ସୁନ୍ଦର ଦିଶଇ ।
ଆବର କଣ୍ଠ ତଟରେ ଶୋହେ ବନମାଳ
ଅପୂର୍ବ ଜନ ମୋହନ ଦେବକୀର ବାଳ ।
ତୁଳସୀ ଜଳର ବେନି ଚରଣ ମଣ୍ଡିତ
କିଙ୍କିଣୀ ନୂପୁର ଦିଶେ ଅତି ଶୋଭାବନ୍ତ ।
ଝଟ ଝଟ ଦିଶେ କଟୀତଟ ପୀତବାସ
ଜଗତକୁ ଜୟ କରୁ ଅଛଇ ସେ ବେଶ ।
ଶଙ୍ଖ ଚକ୍ର ଗଦା ପଦ୍ମ ଶୋହେ ଚାରି ଭୁଜେ
ଗରୁଡ଼ କନ୍ଧରେ ପ୍ରଭୁ କରିଛନ୍ତି ବିଜେ ।
ଏମନ୍ତ ସ୍ୱରୂପ ବିଷ୍ଣୁଙ୍କର ସାକ୍ଷାତରେ
ଦେଖି ସେ ଉତ୍ତଙ୍କ ମୁନି ଉଠି ଆନନ୍ଦରେ ।
କ୍ଷିତିତଳେ ପଡ଼ି ଦଣ୍ଡ ପ୍ରଣାମ କରିଣ
ଆନନ୍ଦ ଅଶ୍ରୁରେ ପୂର୍ଣ୍ଣ କରିଲେ ନୟନ ।
ସେହି ଅଶ୍ରୁଜଳେ ପ୍ରଭୁଙ୍କର ପାଦବେନି
କ୍ଷାଳିତ କରିଲେ ଅତି ପ୍ରେମରେ ସେ ମୁନି ।

Digitized by srujanika@gmail.com

ଚିତ୍ତକୁ ଏକାଗ୍ର କରିଣ ସେ ବାରମ୍ବାର
ବୋଇଲେ ମୁରାରି ରକ୍ଷାକର ରକ୍ଷାକର ।
ତାହା ଦେଖି କୃପାସିନ୍ଧୁ ହରି ସେ ମୁନିଙ୍କି
ଆଲିଙ୍ଗନ କରି ଉଠାଇଲେ ଭୂଜେ ଟେକି ।
ତଦନ୍ତେ ଆଶ୍ୱାସ ଦେଇ ବୋଇଲେ ହେ ବତ୍ସ
ଜାଣିଲୁ ତୁମ୍ଭର ହୃଦ ଅଟେ ବଡ଼ ସ୍ୱଚ୍ଛ ।
ପ୍ରସନ୍ନ ହୋଇଲେ ଜାଣି ତୁମ୍ଭ ଭକ୍ତି ଭାବ
ଜଗତେ କିଛି ହିଁ ନାହିଁ ତୁମ୍ଭର ଅଭାବ ।
ତୁମ୍ଭର ଅସାଧ କିଛି ନାହିଁ ବୋଲି ଜାଣ
ଯାଚି ବର ଦେଉଅଛୁ ତା କର ଗ୍ରହଣ ।
ଯାହା ଇଚ୍ଛା ହେଉଅଛି ମନରେ ତୁମ୍ଭର
ତାହା ମାଗି ଆମ୍ଭଠାରୁ ଘେନ ବିପ୍ରବର ।
ଚକ୍ରପାଣିଙ୍କର ଏସନକ ବାକ୍ୟ ଶୁଣି
ନମସ୍କାର କରି ତାଙ୍କୁ କହିଲେ ସେ ମୁନି ।
ହେ ପ୍ରଭୁ କିମ୍ପାଇଁ ବିସ୍ତାରିଛ ମାୟାଜାଲ
ଅନ୍ୟବର କିମ୍ପା ମାଗିବି ମୁଁ ତାହୀ ବୋଲ ।
ତୁମ୍ଭଭକ୍ତି ବିନା ଆନ ବର ନେଲେ ମୁହିଁ
ତହିଁରେ ମୋହର କିଛି ପ୍ରୟୋଜନ ନାହିଁ ।
କେବଳ ମାଗୁଛି ମୋର ଜନ୍ମ ଜନ୍ମାନ୍ତରେ
ଅଟଳ ଭକତି ରହୁ ତବ ଚରଣରେ ।
ମୃଗପଶୁପକ୍ଷୀ ସର୍ବ ପିଶାଚ ରାକ୍ଷସ
ଗନ୍ଧର୍ବ କିନ୍ନର ଯକ୍ଷ କି ଅବା ମନୁଷ୍ୟ ।
କୀଟ ସରୀସୃପ ଆଦି ଯୋନିରେ ହେ ଦେବ
ଯଦ୍ୟପି ମୋହର ଭବେ ଜନମ ହୋଇବ ।
ତଥାପି ସେ ଜନମରେ ଆପଣଙ୍କ ପ୍ରତି
ସନ୍ତତରେ ରହିଥିବ ଅଚଳା ଭକତି ।
ସୁପ୍ରସନ୍ନ ହୋଇ ମୋତେ ଦିଅ ଏହି ବର
ଆଉ ଅନ୍ୟ ବରେ ନାହିଁ ପ୍ରୟୋଜନ ମୋର ।
ଏହା ଶୁଣି ଦେବଦେବ ତଥା ଅସ୍ତୁ କହି
ସେ ମୁନି ଅଙ୍ଗରେ ଶଙ୍ଖ ଲଗାଇଲେ ନେଇ ।
ଯୋଗିଗଣଙ୍କର ଦୁର୍ଲ୍ଲଭ ଯେ ଦିବ୍ୟଜ୍ଞାନ
ତାହା ସେ ମୁନିଙ୍କି ଦାନ କଲେ ଭଗବାନ ।
ଅଭୟ ବରକୁ ତାଙ୍କ ମସ୍ତକରେ ଦେଇ
ବୋଇଲେ ହେ ଦ୍ୱିଜଶ୍ରେଷ୍ଠ ଶୁଣ କହୁଥାଇ ।
ଆରାଧନା କର କ୍ରିୟା ଯୋଗରେ ଆମ୍ଭଙ୍କୁ
ସେ ଫଳରେ ଯିବ ତୁମ୍ଭେ ବୈକୁଣ୍ଠ ଧାମକୁ ।
ତୁମ୍ଭ କୃତ ସ୍ତବ ଯେଉଁ ବ୍ୟକତି ପଢ଼ିବ
ତାର ସବୁ ମନୋରଥ ପରିପୂର୍ଣ୍ଣ ହେବ ।
ପୁନରପି ହୋଇବ ସେ ମୁକ୍ତିର ଭାଜନ
ଏତେ କହି ଅନ୍ତର୍ହିତ ହେଲେ ଭଗବାନ ।
ଉତଙ୍କ ସେ ଆଦେଶକୁ ମସ୍ତକରେ ଧରି
ବୈକୁଣ୍ଠକୁ ଗଲେ ସେହି ରୂପେ କାର୍ଯ୍ୟକରି ।
ଏହି କାରଣରୁ ଜନାର୍ଦ୍ଦନଙ୍କର ପ୍ରତି
ଭକ୍ତି କରିବାର କଥା ଅଟଇ ଯୁକତି ।
ସର୍ବକାମ ପ୍ରଦାୟିନୀ ଶ୍ରୀହରି ଭକତି
ସର୍ବଶ୍ରେଷ୍ଠ ଅଟେ ଏହା ସକଳେ ଜାଣନ୍ତି ।
ଆହେ ଋଷିଗଣ ତୁମ୍ଭେମାନେ ହରିଙ୍କର
ଚରଣରେ ବନ୍ଦି ତାଙ୍କୁ ନିତି ପୂଜା କର ।
ପ୍ରଣାମ ସ୍ମରଣ ତାଙ୍କୁ କଲେ ଭକ୍ତି ଭାବେ
ସନ୍ତୁଷ୍ଟ ହୋଇ ସେ ମୋକ୍ଷ ପ୍ରଦାନ କରିବେ ।
ଇହପର ଦୁଇକାଳେ ଫଳାକାଙ୍କ୍ଷା ଥିଲେ ।
ଅତିସୁଖେ ମିଳଇ ତା ବିଷ୍ଣୁପୂଜା କଲେ ।
ଭକ୍ତିରେ ଚିତ୍ତକୁ ଦୃଢ଼କରି ଯେଉଁ ଜନ
ଏ ଅଧ୍ୟାୟ ଚରିତକୁ କରିବ ପଠନ ।
କର୍ଣ୍ଣରେ ଶ୍ରବଣ ଅବା କଲେ ଭକତିରେ
ସକଳ ପାପରୁ ମୁକ୍ତି ମିଳଇ ତହିଁରେ ।
ଖଣ୍ଡନ ହୁଅଇ ଜନ୍ମ ମରଣ ବିପଦ
ବେଦାନ୍ତ କାଳରେ ଲଭ୍ୟ ହୁଏ ପରଂପଦ ।
ଏହିଠାରେ ହରିଭକ୍ତି ମାହାତ୍ମ୍ୟ ଚରିତ
ଦୀନହୀନ କ୍ଷେତ୍ର ଗୀତେ କଲା ସମାପତ ।
ଇତି ଶ୍ରୀ ବୃହତ ନାରଦ ପୁରାଣେ ହରିଭକ୍ତି
ମାହାତ୍ମ୍ୟ କଥନଂ ନାମ ଷଟ୍ତ୍ରିଂଶୋଽଧ୍ୟାୟଃ ।

---•---

## ସପ୍ତତ୍ରିଂଶ ଅଧ୍ୟାୟ

## ବିଷ୍ଣୁଭକ୍ତି ମହାତ୍ମେ ଯଜ୍ଞଧ୍ୱଜ ଚରିତ ବର୍ଣ୍ଣନ

ଶୁଣ ଶୁଣ ସୁଜ୍ଞଜନେ ଦେଇ ମନକର୍ଣ୍ଣ
ବୃହଦ୍ ନାରଦ ଗୀତା କରିଲେ ଶ୍ରବଣ ।
ସକଳ ପାତକମାନ ଅଙ୍ଗୁ ନାଶଯାଏ
ଅନ୍ତଃକାଳେ ବଇକୁଣ୍ଠେ ବସିବ ନିଶ୍ଚୟେ ।

Digitized by srujanika@gmail.com

ଆବର ଏକଇ ଗାଥା ଶୁଣ ମନ ଦେଇ
ଦେବର୍ଷି ନାରଦ ମୁନି ଯାହା ଥିଲେ କହି ।
ଶ୍ରଦ୍ଧାମନେ ଶୁଣ ତାହା ସର୍ବ ତପିଗଣ
କି ଅଦ୍ଭୁତ ମହିମା ଯେ ହରିଙ୍କର ପୁଣ ।
ବିଶେଷରେ ଯେତେ ପାପ ଭକ୍ତମାନଙ୍କର
ତା ବିନାଶି ପୁଣ୍ୟ ଦ୍ୟନ୍ତି ବ୍ରହ୍ମାଣ୍ଡ ଠାକୁର ।
ସେହି ଭକତ ଜନଙ୍କ ପାଦରଜୁ ଯେତ୍ନେ
ପଡୁ ମୋ ମସ୍ତକେ ତାହା ଭାବେ ରାତ୍ରଦିନେ ।
ହରି ଭକ୍ତିପରାୟଣ ମାନବ ଯେତେକ
ସେ ଦୁର୍ବୃତ୍ତ ହୋନ୍ତୁ ଅବା ହୁଅନ୍ତୁ ବିବେକ ।
ତାହାଙ୍କ ଚରଣ ତଳେ କରଇଁ ପ୍ରଣତି
ଭକ୍ତ ସଂଗେ ସଙ୍ଗ ହେଲେ ମିଳଇ ସଦ୍‌ଗତି ।
ହେ ମୁନିଗଣେ ସକଳେ ଶୁଣ ମୋର ଗୀର
ସଂସାର ସାଗର ତରିବାକୁ ଇଚ୍ଛା ଯାର ।
ଶ୍ରୀହରି ନାମକୁ ସଦା କରିଲେ ଭଜନ
ମିଳଇ ପରମ ଗତି ଶୁଣ ଦେଇ ମନ ।
ସ୍ମରଣ ଭଜନ ଯେହୁ କରେ ଅବିରତ
ସଂସାର ସିନ୍ଧୁ ତରଣେ ହୁଏ ସେ ସମର୍ଥ ।
ଗୋବିନ୍ଦ ଚିତ୍ତରେ ଦୟାକରି ତାହାପ୍ରତି
ଦୁସ୍ତର ସଂସାର ସମୁଦ୍ରରୁ ଉଦ୍ଧରନ୍ତି ।
ଶୟନ ଭୋଜନ ଜପ ଆସନ ଗମନେ
ହରିନାମ ଉଚ୍ଚାରନ୍ତି ନିତି ଯେଉଁମାନେ ।
ସେ ଭକ୍ତମାନଙ୍କ ଭାଗ୍ୟ କି ଆଶ୍ଚର୍ଯ୍ୟ ନୁହେଁ
ସେ ପାଇବା ମୁକତିକୁ ନ ପାନ୍ତି ଯୋଗୀଏ ।
ଯେଉଁ ସ୍ଥାନ ଅଟେ ଯୋଗିଗଣର ଦୁର୍ଲ୍ଲଭ
ସେ ସ୍ଥାନ କରନ୍ତି ହରି ଭକ୍ତମାନେ ଲାଭ ।
ପୂର୍ବକାଳେ ଯଜ୍ଞଧ୍ୱଜ ନାମେ ଚନ୍ଦ୍ରବଂଶେ
ବିଷ୍ଣୁଭକ୍ତ ନୃପ ଜଣେ ଥିଲେ ମଧ୍ୟଦେଶେ ।
ହରି ମନ୍ଦିରକୁ ସଦା ଯାଇ ସେ ରାଜନ
ନିଜ ହସ୍ତେ ସେ ମନ୍ଦିର କରନ୍ତି ମାର୍ଜ୍ଜନ ।
ଘୃତ ପୂର୍ଣ୍ଣ ଦୀପ ଦ୍ୟନ୍ତି ବିଷ୍ଣୁ ଅଗ୍ରତରେ
ଯଥା ସମୟେ ପ୍ରଦାନ କରନ୍ତି ନଶ୍ୱରେ ।
ସକଳ ଜୀବର ଦୟା ଥାଏ ତାହାଙ୍କର
ପ୍ରଜାମାନଙ୍କୁ ପାଳନ୍ତି ପୁତ୍ର ପରକାର ।
କେତେ କାଳ ବିତି ଯାନ୍ତେ ଏହି ପରକାରେ
ଦିନେ ରେବାନଦୀ କୂଳେ ମିଳି ଦଣ୍ଡଧରେ ।

ଅପୂର୍ବ କାରୁକାର୍ଯ୍ୟରେ ଶୋଭିତ କରାଇ
ଏକଇ ବିଷ୍ଣୁ ମନ୍ଦିର ନିର୍ମାଣିଲେ ତହିଁ ।
ଶ୍ରୀହରି ମୂରତି ତହିଁ କରିଣ ସ୍ଥାପନ
ସମାର୍ଜନେ କଲେ ସେ ମନ୍ଦିର ପ୍ରତିଦିନ ।
ସାୟଂକାଳରେ ସେ ଘୃତ ଦ୍ୱୀପଦାନ କରି
କାଳ କଟାଇଲେ ଚିତ୍ତେ ଶ୍ରୀହରି ସୁମରି ।
ଜପ ତପ ପୂଜା ଧ୍ୟାନ ନମସ୍କାର ଯେତେ
ଶ୍ରୀହରିଙ୍କର ଅର୍ଚ୍ଚନା କଲେ ବିଧିମତେ ।
ଶ୍ରୀବିଷ୍ଣୁ ଭକ୍ତଙ୍କୁ ଯଦି ନୟନେ ଦେଖନ୍ତି
ଆପଣ ବାନ୍ଧବ ଜ୍ଞାନେ ଆଦର କରନ୍ତି ।
ଏପରି କାଳ କଟାନ୍ତେ ତହିଁ ଦଣ୍ଡଧର
ବିତିହୋତ୍ର ନାମେ ଥିଲେ ପ୍ରୋହିତତାଙ୍କର ।
ରାଜାଙ୍କୁ ସେ ବିଷ୍ଣୁପରାୟଣ ଦେଖି ତୋଷେ
ପଚାରିଲେ ଦିନେ ତାଙ୍କୁ ବିସ୍ମିତ ମାନସେ ।
ହେ ଭରତ ବଂଶ ଅବ ତଂଶ ଦଣ୍ଡଧର
ପରମ ଭକତ ତୁମ୍ଭେ ହୋଇଛ ବିଷ୍ଣୁର ।
କଥାଏ ପୁଚ୍ଛିବା ପାଇଁ ବଳିଅଛି ମନ
ଯେଣୁ ତୁମ୍ଭେ ଅଟ ବିଷ୍ଣୁଭକ୍ତ ଅଗ୍ରଗଣ୍ୟ ।
ତୁମ୍ଭେ ସର୍ବଦା କରିଣ ମନ୍ଦିର ମାର୍ଜନ
କିମ୍ପାଇଁ କରୁଛ ମହାଭାଗ ଦୀପଦାନ ।
ଏଥିରୁ କି ଫଳ ପାଉଅଛ କହ ମୋତେ
ଶୁଣିଲେ ମନୁଁ ସନ୍ଦେହ ତୁଟିବ ତୁରିତେ ।
ତୈଳବତୀ ସମ୍ପାଦନେ ଗୃହ ସମାର୍ଜନେ
ବଳାଇଛ କିମ୍ପା ଚିତ୍ତ କହ ତୋଷମନେ ।
ଅନେକ ଅଛଇ ପ୍ରିୟ କାର୍ଯ୍ୟ ବିଷ୍ଣୁଙ୍କର
ତା ଛାଡ଼ି ଏଥିରେ କିପାଁ ହୋଇଛ ତତ୍ପର ।
ତୁମ୍ଭର ଏ କର୍ମ ଦେଖି ବିଚାରୁଛି ମୁହିଁ
ଏ କାର୍ଯ୍ୟରେ ମହାପୁଣ୍ୟ ଅବଶ୍ୟ ଅଛଇ ।
ତୁମ୍ଭଙ୍କୁ ଗୋଚର ତାହା ଥିବ ମୁଁ ଜାଣୁଛି
ଗୁପ୍ତ ନୋହିଥିଲେ ମୋତେ କହ ପଚାରୁଛି ।
ହେ ନୃପ ମୋଠାରେ ଯେବେ ଅଛି ତୁମ୍ଭ ଦୟା
ଫିଟାଇ ଏ କଥା ମୋତେ କହ ଛାଡ଼ି ମାୟା ।
ପୁରୋହିତଙ୍କର ଶୁଣି ଏମନ୍ତ ବଚନ
ବିନୟେ କହିଲେ କରଯୋଡ଼ି ସେ ରାଜନ ।
ହେ ଦ୍ୱିଜ ପୁଙ୍ଗବ ଶୁଣ ମୋ ପୂର୍ବ ଚରିତ
ଶୁଣିଲା ମାତ୍ରକେ ତୁମ୍ଭେ ହୋଇ ଅବଗତ ।

Digitized by srujanika@gmail.com

ଜାତିସ୍ମର ହୋଇ ଜନ୍ମି ଥିବାରୁଟି ମୁହିଁ
ପୂର୍ବ ଜନମର କଥା ପାରୁଅଛି କହି ।
ସ୍ମରଣ ହେଉଛି ପୂର୍ବ ଚରିତ ମୋହର
ପ୍ରକାଶି କହିବି ତାହା ଶୁଣ ଦ୍ୱିଜବର ।
କହିବି ପ୍ରକାଶ କରି ବିଷୟ ଯେତେକ
ସେ ଅଟଇ ଶ୍ରୋତାଙ୍କର ବିସ୍ମୟ ଜନକ ।
ପୂର୍ବେ ସତ୍ୟଯୁଗେ ସ୍ୱରୋଚିଷ ମନ୍ୱନ୍ତରେ
ଏକଇ ବ୍ରାହ୍ମଣ ଥିଲେ ରୈବତ ନାମରେ ।
ବେଦ ବେଦାଙ୍ଗରେ ପାରଦର୍ଶୀ ସେ ଅଟନ୍ତି
ଆବର ନାନାଦି ବିଷୟକୁ ସେ ଜାଣନ୍ତି ।
ତଥାପି ଲୋଭର ବଶ ହୋଇ ସେ ବ୍ରାହ୍ମଣ
କରନ୍ତି ଅଯାଜ୍ୟ ଯାଜନାଦି ହୀନକର୍ମ ।
ଗ୍ରାମ ଯାଜନ ଯେ ବେଦ ବିକ୍ରୟକୁ ଆଦି
ଅବିକ୍ରେୟ ଦ୍ରବ୍ୟ ବିକ୍ରି କରନ୍ତି ସମ୍ପାଦି ।
ନିଷ୍ଠୁର ତା ଚରଣ ଯେ ପାଇଶୂନ୍ୟ ଭାବ
ଏମନ୍ତ ଗର୍ହିତ କାର୍ଯ୍ୟ କରନ୍ତି ସେ ସର୍ବ ।
ଏମନ୍ତ ଗର୍ହିତ କାର୍ଯ୍ୟ ଦେଖି ବନ୍ଧୁବର୍ଗେ
ସମାଜରୁ ତ୍ୟାଗ ତାକୁ କଲେ ଅତି ରାଗେ ।
ତେଣୁ ସେ ଉପାୟ ହୀନ ହୋଇ ପଳାଇଲା
ପେଟ ପୋଷିବାକୁ ନାନା ଦେଶରେ ଭ୍ରମିଲା ।
ଧନ ଅଭାବରୁ ଦୁଃଖୀ ଦରିଦ୍ର ହୋଇ ସେ
ରୋଗରେ ପୀଡ଼ିତ ହେଲା ବାର୍ଦ୍ଧକ୍ୟ ବୟସେ ।
ଶ୍ୱାସ କାଶ ରୋଗେ ପୀଡ଼ା ପାଇଣ ବହୁତ
ଶେଷକୁ ନର୍ମଦା ତୀରେ ପଡ଼ି ହେଲା ମୃତ ।
ସେ ବ୍ରାହ୍ମଣ ଭାରିଯାର ନାମ ବନ୍ଧୁମତୀ
ସ୍ୱାମୀ ମଲା ଉତ୍ତାରୁ ସେ କଲା ହୀନ ବୃତ୍ତି ।
କାମେ ମତ୍ତହୋଇ ପରପୁରୁଷେ ମାତିଲା
ଗୁରୁଜନଙ୍କର ନିଷେଧକୁ ନ ମାନିଲା ।
ତାର ସେ ସ୍ୱୈରିଣୀ ବୃତ୍ତି ଦେଖି ବନ୍ଧୁଜନେ
ସକଳେ ତାହାକୁ ତ୍ୟାଗ କଲେ କୋପମନେ ।
ସେହି ବିଟପୀର ଗର୍ଭେ ଜନ୍ମ ମୁଁ ହୋଇଲି
ବ୍ରହ୍ମଦ୍ୱେଷୀ ହୋଇ ମହାପାପ ଅରଜିଲି ।
ପର ନାରୀ ପର ଦ୍ରବ୍ୟେ କଲି ଅଭିଳାଷ
ଆବର କରିଲି ପ୍ରାଣୀହିଂସା ଅହର୍ନିଶ ।
ନିନ୍ଦୁକ ପିଶୁନ, ମାର୍ଗରୋଧକ ହୋଇଣ
ମଦ୍ୟପାନେ ରତ ହୋଇ କଟାଇଲି ଦିନ ।

ପଶୁ ପକ୍ଷୀ ମୃଗ ଆଦି ଜୀବମାନଙ୍କର
କାଳାନ୍ତକ ସଦୃଶରେ ହେଲି ମୁଁ ପାମର ।
ଦଣ୍ଡକେତୁ ବୋଲି ମୋର ହୋଇଥିଲା ନାମ
ଚଣ୍ଡାଳ ହୋଇ ମୁଁ ଜନ୍ମ ଲଭିଥିଲି ଜାଣ ।
ଗୋ ବ୍ରାହ୍ମଣ ମୃଗପକ୍ଷୀ ଆଦିକରି ଯେତେ
ବଧ କଲ ସଂଖ୍ୟା ତାର ନାହିଁ ଏତେତେତେ ।
ମେରୁ ଗିରି ସମାନରେ ସୁବର୍ଣ୍ଣ ହରିଣ
କରିଲି ଅସଂଖ୍ୟ ପଥଯାତ୍ରୀଙ୍କୁ ମାରିଣ ।
ଏହିପରି କେତେକାଳ ବହିଗଲା ପରେ
ଦିନେ ମୁଁ ସନ୍ତପ୍ତହୋଇ କାମ ଅନଳରେ ।
ପର ନାରୀ ସଙ୍ଗତରେ ରତି କରିବାକୁ
ରାତ୍ରିକାଳେ ଗଲି ଏକ ବିଷ୍ଣୁ ମନ୍ଦିରକୁ ।
ପୂଜା ବିବର୍ଜିତ ବିଷ୍ଣୁ ମନ୍ଦିର ସେ ଜାଣ
ତେଣୁ ନୋହିଥିଲା କେତେକାଳରୁ ମାର୍ଜନ ।
ସେବାକାରୀ ଲୋକ ନ ଥିବାରୁ ସେ ମନ୍ଦିରେ
ନିର୍ଜନ ହୋଇ ସେ ଥାଏ ସବୁ ସମୟରେ ।
କାମ ଭୋଗ ଅର୍ଥେ ଶୋଇବାକୁ ମୁଁ ତ ଗଲି
ବସ୍ତ୍ର ପ୍ରାନ୍ତେ ଧୂଳି ଛାଡ଼ି ସମାର୍ଜନ କଲି ।
ମୋ ବସ୍ତ୍ରରେ ଯେତେ ଧୂଳିକଣା ଗଲା ଉଡ଼ି
ତେତେ ଜନ୍ମ ପାପ ମୋର ଅଙ୍ଗୁଗଲା ଛାଡ଼ି ।
ଆଲୋକରେ ରତି କରିବାକୁ ବିଚାରିଣ
ତହିଁରେ ମୁଁ ଦୀପଟାଏ ଜାଳିଥିଲି ଜାଣ ।
ସେ ଦୀପ ଜାଳିବାଫଳେ ଆଉ ଯେତେ ପାପ
ଥିଲାମୋର ତାହା ସବୁ ହୋଇଗଲା ଲୋପ ।
ଏମନ୍ତେ ସମ୍ପୂର୍ଣ୍ଣ ଭାବେ ପାପ ଯାଇ ନାଶ
ସେ ନାରୀକୁ ଚାହିଁଥିଲି କାମେ ହୋଇ ବଶ ।
ନିଶାର୍ଦ୍ଧ କାଳରେ ମୋତେ ଭେଟିଲା ସେ ନାରୀ
କାଳ ପ୍ରେମରେ ମାତିଲୁ ସେଠାରେ ଶର୍ବରୀ ।
କେତେ କାଳଅନ୍ତେ ଗ୍ରାମ ରକ୍ଷାକାରୀ ଗଣ
ନାନା ଶସ୍ତ୍ର କରେ ଧରି ମିଳିଲେ ସେ ସ୍ଥାନ ।
ଚୋର ବୋଲି ବିଚାରିଣ ସେ ଆମ୍ଭ ଦୁହିଁଙ୍କୁ
ବଧ କଲେ ନ ଚାହିଁଣ ସେ ଆଗ ପଛକୁ ।
ମୃତ ହେବା ମାତ୍ରେ ସଂଗେ ଘେନି ସେ ନାରୀକୁ
ଦିବ୍ୟଯାନେ ବସିଗଲି ଅମର ପୁରକୁ ।
ବିଷ୍ଣୁଲୋକେ ଦୁଇଜଣ ବସିଲୁ ସୁଖରେ
ଅପୂର୍ବ ଭୋଗ ଭୁଞ୍ଜିଲୁସେ ସ୍ୱର୍ଗର ପୁରେ ।

Digitized by srujanika@gmail.com

ବ୍ରହ୍ମାଙ୍କର ଶତେ କଳ୍ପ ପୂରିବା ପର୍ଯ୍ୟନ୍ତ
ଯେ ବିଷ୍ଣୁଲୋକରେ ଦୁହେଁ ଥିଲୁ ତୋଷଚିତ୍ତ ।
ତାହାପରେ ଆସି ବ୍ରହ୍ମଲୋକରେ ରହିଲୁ
ସେହି ସଂଖ୍ୟା କାଳ ବ୍ରହ୍ମଲୋକେ କଟାଇଲୁ ।
କ୍ରମେ କ୍ରମେ ପୁଣ୍ୟକାଳ ହୋଇବାରୁ କ୍ଷୟ
ବାସକଲୁ ସେ ସମୟେ ସ୍ୱରଗ ଆଳୟ ।
ଦିବ୍ୟ ଭୋଗକଲୁ ଯେତେ ସ୍ୱର୍ଗପୁରେ ରହି
ତାହାସବୁ ସଂଖ୍ୟାକରି କହିପାରୁ ନାହିଁ ।
ସେହି ପୁଣ୍ୟର ପ୍ରଭାବେ ପୁଣି କାଳକ୍ରମେ
ମର୍ତ୍ତ୍ୟଲୋକେ ଜାତ ହୋଇଅଛୁଁ ଆସି ଏବେ ।
ନୃପତି ହୋଇଣ ଯଦୁ ବଂଶେ ଜନ୍ମ ହେଲି
ଅକଣ୍ଟକ ରାଜ୍ୟ ଭୋଗ ସେଠାରେ କରିଲି ।
ଯେତେ ଧନରତ୍ନ ମୋର ପୂରିଅଛି ଘରେ
ଆପଣ ତା ସବୁ ଦେଖୁଅଛ ତ ନେତ୍ରରେ ।
ରତି କାଳରେ ହେବାର ମାତ୍ର ଦୀପ ଦାନ
ତା ଯୋଗରେ ଏତେ ପୁଣ୍ୟ କରିଲି ଅର୍ଜନ ।
ଭକ୍ତିରେ ଯେ ବିଷ୍ଣୁପୁର ମାର୍ଜନ କରିବ
ଦୀପକୁ ଜାଳିଲେ କିବା ଫଳ ନ ପାଇବ ।
ଆହେ ଦ୍ୱିଜବର ସେହି ପୁଣ୍ୟଫଳ ପାଇ
ମର୍ତ୍ତ୍ୟରେ ମୁଁ ଜନ୍ମିଅଛି ଜାତିସ୍ମର ହୋଇ ।
ଗତଜନ୍ମ କଥା ମୋତେ ରହିଅଛି ଜଣା
ଜାଣୁ ଜାଣୁ ଏବେ ହୋଇବି ମୁଁ ବୁଦ୍ଧି ବଣା ।
ଜାଣିପାରୁ ଥିବା ହେତୁ ଭକ୍ତି ସହକାରେ
ଦୀପଦାନ କରୁଛି ମୁଁ ବିଷ୍ଣୁଙ୍କ ମନ୍ଦିରେ ।
ମନ୍ଦିର ମାର୍ଜନା କାର୍ଯ୍ୟେ ଯତ୍ନବାନ ହୋଇ
ନିତି ତାହା ସ୍ୱହସ୍ତରେ କରୁଅଛି ମୁହିଁ ।
ଯେ ବ୍ୟକ୍ତି ଭକତି ଭାବେ ଜଗନ୍ନାଥଙ୍କର
ସେବା ପୂଜା ଆଦିକାର୍ଯ୍ୟେ ହୁଅଇ ତତ୍ପର ।
ସକଳ ପାପରୁ ତରି ଲଭେ ସେ ମୁକତି
ପରମ ପଦ ତାହାକୁ ଦିଅନ୍ତି ଶ୍ରୀପତି ।
ଯେବେ ଅନିଚ୍ଛାରେ ମୁହିଁ ଭୋଗିଲି ଏ ସୁଖ
ଇଚ୍ଛାରେ ବିଷ୍ଣୁପୂଜିଲେ ଲଭନ୍ତି ଅଧିକ ।
ରାଜନ ମୁଖରୁ ଶୁଣି ଏସନକ ଗୀର
ବିତ୍ରହୋତ୍ର ଦ୍ୱିଜ ତୋଷହୋଇଲେ ଅପାର ।
ରାଜାଙ୍କୁ କଲ୍ୟାଣ କରି ସେଠାରୁ ଯାଇଣ
ସେହି ଦିନଠାରୁ ହେଲେ ବିଷ୍ଣୁ ପରାୟଣ ।

ମନ୍ଦିର ମାର୍ଚ୍ଚନା ଧୂପଦାନ ନିତି କଲେ
ଷୋଡ଼ଶ ଉପଚାରରେ ପ୍ରଭୁଙ୍କୁ ପୂଜିଲେ ।
ପତ୍ରପୁଷ୍ପ ଫଳ ଜଳ ଦେଇ ଭକ୍ତିଭରେ
ସେ ଗୋସାଇଁ ରତ ହେଲେ ବିଷ୍ଣୁଙ୍କ ପୂଜାରେ ।
ଏଣୁ କହୁଅଛି ଆହେ ଋଷିଗଣ ଶୁଣ
ତୁମ୍ଭେମାନେ ମୋହ କଥାମାନ ହୃଦୟେଣ ।
ଜ୍ଞାନ ଅବା ଅଜ୍ଞାନରେ ପୂଜିତ ହୋଇଲେ
ମୁକତି ପ୍ରଦାନ କରି କରନ୍ତି ତତ୍‌କାଳେ ।
କ୍ଷଣ ଭଙ୍ଗୁର ଅଟଇ ସଭିଙ୍କ ସଂସାର
ଚିରସ୍ଥାୟୀ ନୋହେ କେଉଁ ସକଳ ସମ୍ଭାର ।
ମୃତ୍ୟୁ ସଦାକାଳେ ପଛେ ପଛେ ଗୋଡ଼ାଇଛି
ଏଣୁ ଧର୍ମ ଅରଜନ କର ମୁଁ କହୁଛି ।
ସ୍ୱଜନ ବୋଲି ଯାହାଙ୍କୁ ଦେଖୁଅଛ ନେତ୍ରେ
ଚିରସ୍ଥାୟୀ ନୁହନ୍ତି ସେ ଭାବ ହୃଦଗତେ ।
ଯେ ବିଭବ ଆଜି ଦେଖ କାଲିକି ନ ଥିବ
ଯାକୁ ଶରୀର ଦେଖୁଛ ନିଶ୍ଚେ ନାଶଯିବ ।
ଏ କାରଣୁ କହୁଛି ମୁଁ ବିଷ୍ଣୁ ପୂଜାକର
ତହିଁରେ ଅପାର ଧର୍ମ ହୋଇବ ତୁମ୍ଭର ।
ହେ ମାନବଗଣ ତୁମ୍ଭେ ମଦମତ୍ତ ହୋଇ
ବୃଥା ଗର୍ବ ବହିଅଛ ମନରେ କିମ୍ପାଇଁ ।
ଦେଖି ପାରୁଛକି ନାହିଁ ଦେହର ଅପାୟ
ତୁମ୍ଭଙ୍କୁ ସେ ନିକଟରେ ଘଟିବ ନିଶ୍ଚୟ ।
ଧନଦ୍ରବ୍ୟ ଆଦି ସବୁ କିବା ଅଟେ ଛାର
ଅର୍ଜି ସାଇତି ରଖୁଛ କିବା କାରଣର ।
ସାତ କୋଟି ଜନ୍ମରେ ସେ ପୁଣ୍ୟ ଅର୍ଜିଥିବ
ତାର ହରି ଚରଣରେ ଭକ୍ତ ଜନମିବ ।
ପୁଣ୍ୟ ଗଙ୍ଗାଜଳେ ସ୍ନାନ ଅତିଥି ସତ୍କାର
ଅଶ୍ୱମେଧ ଆଦି ଯଜ୍ଞାନୁଷ୍ଠାନ ଆବର ।
ସେ ସକଳ ହୋଇପାରେ ଅନ୍ୟାୟେ ଯେ ଲାଭ
ଏକା ଶ୍ରୀବିଷ୍ଣୁଙ୍କ ଭକ୍ତି ଅତ୍ୟନ୍ତ ଦୁର୍ଲ୍ଲଭ ।
ସାଧୁ ସଂଗେ ସମାଗମ ତୁଳସୀ ସେବନ
ଶ୍ରୀହରି ଚରଣେ ଭକ୍ତି ମାନବ ଜୀବନ ।
ଏହା ପ୍ରାଣୀଙ୍କ ପକ୍ଷରେ ଦୁର୍ଲ୍ଲଭ ଅଟଇ
ତେଣୁକରି ତୁମ୍ଭଙ୍କୁ ମୁଁ କହୁଛି ବୁଝାଇ ।
ମାନବ ଜନ୍ମକୁ ପାଇ ଅକାରଣେ ନଷ୍ଟ
ତା ନକଲେ ଶେଷକାଳେ ହେବବଡ଼ କଷ୍ଟ ।

Digitized by srujanika@gmail.com

ବୁଝାଇ କହୁଛି ତୁମ୍ଭେ ମାନି ମୋ ବଚନ
ଦିବସ ରଜନୀ ହରି ପାଦେକର ଧ୍ୟାନ ।
ଏ ଭବ ସାଗରୁ ତରିବାକୁ ଇଚ୍ଛାଥିଲେ
ଶ୍ରୀହରି ଚରଣେ ଭକ୍ତିକରମୋର ବୋଲେ ।
ମହାନ ନଉକା ସେହୁ ଭବସିନ୍ଧୁ ନୀରେ
ନିଃଶଙ୍କ ଭାବରେ ବସ ତରିବ ତହିଁରେ ।
ଅଚିରେ ବିଷ୍ଣୁଙ୍କ ପୂଜା କର ହେ ମାନବେ
ବିଳମ୍ବରେ କାର୍ଯ୍ୟ ସିଦ୍ଧି ନ ଲଭିବ ଭବେ ।
ଦିଶୁ ନାହିଁକି ତୁମ୍ଭଙ୍କୁ ସମନ ନଗର
ଟିକେମାତ୍ର ଟଳିଗଲେ ଦଣ୍ଡ ହେବ ଘୋର ।
ମୁକତି ହୋଇବା ପାଇଁ ଯେବେ ଥାଏ ମନ
ତେବେ ସବୁ ଛାଡ଼ି କର ଶ୍ରୀବିଷ୍ଣୁ ଅର୍ଚ୍ଚନ ।
ଯେ ହରି ଚରଣ ତଳେ ଶରଣ ପଶନ୍ତି
ଭୟ ଦୂରକରି କୃତକାର୍ଯ୍ୟ ସେ ହୁଅନ୍ତି ।
ସର୍ବ ଅନ୍ତର୍ଯ୍ୟାମୀ ନାଥ ପୁଣି ସର୍ବାଧାର
ଯେ ଅଟନ୍ତି ତାହାଙ୍କର ପାଦେ ଆଶ୍ରାକର ।
ଦୁସ୍ତର ସଂସାର ସାଗରକୁ ସେ ତରଇ
ଏଥିରେ ଖୋଜିବା ପାଇଁ ଆଉ କଥାନାହିଁ ।
ପ୍ରଣତାର୍ତ୍ତିହାରୀ ମହାବିଷ୍ଣୁଙ୍କୁ ଅର୍ଚ୍ଚନା
ଯେ କରେ ପୂରଇ ତାର ସକଳ କାମନା ।
ଶ୍ରୀହରିଙ୍କୁ ଯେଉଁମାନେ ଅର୍ଚ୍ଚନା କରନ୍ତି
ପ୍ରକୃତ ବାନ୍ଧବ ମୋର ସେମାନେ ଅଟନ୍ତି ।
ଅଟଇ ସେ ମୋର ପୂଜ୍ୟ ନମସ୍କାର ପାତ୍ର
ଦେଖିଲେ ତାଙ୍କୁ ମୋ ଚିତ୍ତ ହୁଏ ଆନନ୍ଦିତ ।
ଅତ୍ୟନ୍ତ ଶ୍ରଦ୍ଧାରେ ତାଙ୍କୁ କରିଣ ଆଦର
ଭୋଜନ ଦିଅଇ ଯେହୁ ବିଷ୍ଣୁ ଭକ୍ତନର ।
ସେ ତାହାର ଏକବିଂଶ ପୁରୁଷଙ୍କୁ ନେଇ
ଚଳଇ ଅମର ପୁରେ ଆନନ୍ଦିତ ହୋଇ ।
ଫଳ ଜଳ ଯେ ପ୍ରଦାନ କରେ ଭକତଙ୍କୁ
ଶ୍ରୀହରିଙ୍କର ସାରୂପ୍ୟ ମିଳଇ ତାହାଙ୍କୁ ।
ଏଥିରେ ତିଳେମାତ୍ରକ ସନ୍ଦେହ ଯେ ନାହିଁ
ପୁଣି ବିଷ୍ଣୁଭକତଙ୍କୁ ଯେ ସେବା କରଇ ।
ତାର ଏକବିଂଶ କୁଳ ବୈକୁଣ୍ଠେ ଗମନ୍ତି
ଅତୁଳ ଭୋଗ ଭୁଞ୍ଜିଣ ସେଠାରେ ରହନ୍ତି ।
ହରି ହର ଦ୍ୱୟଙ୍କୁ ଯେ ଭକ୍ତିରେ ପୂଜଇ
ତିନି ଭୁବନକୁ ପୂତ କରଇଟି ସେହି ।

ତାରଯେତେ ପୂଜାଫଳ ନହୁଏ ବରଣି
ତା ନାମ ଧରନ୍ତେ ପାପ ହଟଇ ସେକ୍ଷଣି ।
ବିଷ୍ଣୁ ପୂଜା ପରାୟଣ ବ୍ୟକ୍ତି ଥାଏ ଯହିଁ
ଇନ୍ଦ୍ର ଆଦି ଦେବଗଣ ତହିଁ ଥାନ୍ତି ରହି ।
କମଳାଙ୍କୁ ସଂଗେ ଘେନି ଜଗତ ଜୀବନ
ତାହାର ଗୃହରେ ରହିଥାନ୍ତି ସବୁଦିନ ।
ପବିତ୍ର ତୁଳସୀ ମାଳ ଯା ଗୃହରେ ଥାଏ
ତହିଁରେ ଅଦ୍ଭୁତ ଫଳ ମାନ ସେହୁ ପାଏ ।
ସାକ୍ଷାତରେ ଶାଳଗ୍ରାମ ଶିଳା ରୂପ ଧରି
ଯେଉଁଣ ଗୃହରେ ବାସ କରିଥାନ୍ତି ହରି ।
ଭୂତ ପ୍ରେତ ପିଶାଚାଦି ଚଣ୍ଡୀ ଚାମୁଣ୍ଡାନୀ
ସେ ଗୃହରେ ଉପଦ୍ରବ ନ କରନ୍ତି ଜାଣି ।
ଶାଳଗ୍ରାମ ଶିଳା ଯେଉଁ ଘରେ ପୂଜାପାଏ
ତୀର୍ଥ ସଂଗେ ସେହି ଗୃହ ସମାନ ବୋଲାଏ ।
ଏଥିର କାରଣ ଯାହା କହୁଅଛି ଶୁଣ
ସଦା ସେ ନିହତ ତହିଁ ଥାନ୍ତି ଭଗବାନ ।
ତେଣୁ ଆଦିବ୍ୟାଧି ଆଦି ଉପଦ୍ରବ ଯେତେ
ପଶି ନ ପାରଇ ସେ ଗୃହରେ କଦାଚିତେ ।
ଯେଉଁଣ ଦ୍ୱାରେ ତୁଳସୀ ଚଉରା ନ ଥାଏ
ବିଧାନରେ ଶାଳଗ୍ରାମ ପୂଜିତ ନ ହୁଏ ।
ସେ ଗୃହକୁ ଅମଙ୍ଗଳ ପୂର୍ଣ୍ଣ ବୋଲି ଜାଣ
ଆବର ଶ୍ମଶାନ ସଂଗେ ହୁଅଇ ସମାନ ।
ପୁରାଣ ମୀମାଂସା ନ୍ୟାୟଶାସ୍ତ୍ର ଧର୍ମଶାସ୍ତ୍ର
ବ୍ୟାକରଣ ପୁଣି ସଂଖ୍ୟାବେଦ ଏ ସମସ୍ତ ।
ବିଷ୍ଣୁଙ୍କର ମୂର୍ତ୍ତି ବୋଲି ଖ୍ୟାତ ଅଛି ହୋଇ
ଯେ ଅଭ୍ୟାସ କରେ ତାକୁ ସୁଗତି ମିଳଇ ।
ଭକ୍ତିଯୁକ୍ତ ହୋଇ ଚାରି ବାର ପ୍ରଦକ୍ଷିଣ
ଯେ ବିଷ୍ଣୁଙ୍କୁ କରଇ ସେ ପାଏ ଦିବ୍ୟସ୍ଥାନ ।
ବିଷ୍ଣୁଙ୍କୁ ଯେ ନମସ୍କାର କରଇ ଭକ୍ତିରେ
ତାକୁ ଦିବ୍ୟ ବାସ ମିଳେ ବଇକୁଣ୍ଠ ପୁରେ ।
ନାରଦ କଥିତ ଏକଇ ଯେ ପୁରାତନ
ଇତିହାସ ଅଛି ଏହି ବିଷୟରେ ଶୁଣ ।
କଥନ ଅବା ଶ୍ରବଣ କଲେ ଏ ବିଷୟ
ଅଙ୍ଗେ ଯେତେ ପାପଥାଏ ତା ହୁଅଇ କ୍ଷୟ ।
ପୂର୍ବକାଳେ ବୈବସ୍ୱତ ମନ୍ୱନ୍ତର ଭୋଗେ
ଇନ୍ଦ୍ର ବୃହସ୍ପତି ଦୁହିଙ୍କର ଏକ ଯୋଗେ ।

Digitized by srujanika@gmail.com

ଯେବଣ ସମ୍ବାଦ ଘଟିଥିଲା ତାହା ମୁହିଁ
କହୁଛି ହେ ଋଷିଗଣ ଶୁଣ ମନ ଦେଇ ।
ଦିନେ ସର୍ବଭୋଗ ସମନ୍ୱିତ ଦେବଗଣ
ଅପ୍‌ସରା ଗଣରେ ପରିବେଷ୍ଟିତ ହୋଇଣ ।
ନିଜ ଗୁରୁ ଅଙ୍ଗିରାକୁ ଚାହିଁ ହୃଷ୍ଟଚିତ୍ତେ
ବୋଇଲେ ପୁଚ୍ଛିବି କଥେ କହ ଗୁରୁ ମୋତେ ।
ସର୍ବ ତତ୍ତ୍ୱଦର୍ଶୀ ତୁମ୍ଭେ ଅଟ ମହାଭାଗ
ତେଣୁ ପଚାରୁଛି ମନେ ବହି ମୁଁ ସରାଗ ।
ଅତୀତ ବ୍ରହ୍ମ କଳ୍ପରେ ଇନ୍ଦ୍ର ସ୍ୱର୍ଗପୁରେ
ଦେବତାଗଣ ଏ ସର୍ବ ଥିଲେ କି ପ୍ରକାରେ ।
କି କର୍ମ ସେ କରୁଥିବେ ତାହା ମୋ ଅଗ୍ରତେ
ଯଥା ତଥ୍ୟକରି ସବୁକହ ବୃହସ୍ପତେ ।
ଇନ୍ଦ୍ର ଏହା ପଚାରନ୍ତେ ଗୁରୁ ବୃହସ୍ପତି
ବୋଇଲେ ପୁଚ୍ଛିଲ ଯାହା ମୋତେ ବଳାରାତି ।
ମୁଁ ତାହା ତୁମ୍ଭଙ୍କୁ କେଭେ କହି ନ ପାରଇ
ବର୍ତ୍ତମାନ ଯୁଗରେ ମୁଁ ଅଛି ଜନ୍ମ ହୋଇ ।
ମୁଁ ଅଟଇ ଏହି ଯୁଗାନ୍ତର ଲୋକ ସିନା
ତେଣୁ ନ ଜାଣଇ ଗତ କାଳର ଘଟନା ।
ବ୍ରହ୍ମାଙ୍କର ପୂର୍ବଦିନେ କିବା ବର୍ତ୍ତମାନେ
ଯେଉଁ କର୍ମମାନ ହେଲା ମୁଁ ତାହା ନ ଜାଣେ ।
ଗତ ମନ୍ୱନ୍ତରେ ଯେଉଁ ବିଷୟ ଚଳିଛି
ହେ ବାସବ ତାହାମୋତେ ଜଣାନାହିଁ କିଛି ।
ସୁଧର୍ମା ନାମରେ ଏକ ବ୍ୟକତି ଅଛନ୍ତି
ଚାଲ ତାଙ୍କୁ ପଚାରିବା ସେ ସବୁ ଜାଣନ୍ତି ।
ବୃହସ୍ପତି ମୁଖୁ ଏହା ଶୁଣି ଦେବରାଜ
ତତକ୍ଷଣେ ଯିବାପାଇଁ ଉଠିହେଲେ ସଜ ।
ସଂଗେ ବୃହସ୍ପତି ଆଦି ଦେବଗଣ ଘେନି
ସ୍ୱର୍ଗରୁ ବାହାର ହୋଇଗଲେ ସସ୍ତ୍ରଯୋନି ।
ସମାରୋହେ କେତେ ଦୂର ପଥବାହି ଗଲେ
ସୁଧର୍ମଙ୍କ ପାଶେ ଯାଇ ପ୍ରବେଶ ହୋଇଲେ
ବୃହସ୍ପତି ସଂଗେ ଇନ୍ଦ୍ର ଆସିବାର ଜାଣି
ସୁଧର୍ମ ଉଠିଲେ ନାନା ଉପଚାର ଘେନି ।
ଗୁରୁସହ ସୁରପତିଙ୍କି ସେ ଉପଚାରେ
ସୁଧର୍ମ ପୂଜିଲେ ଯଥୋଚିତ ବିଧାନରେ ।
ସେ କାଳରେ ସୁଧର୍ମଙ୍କ ସମ୍ପଦକୁ ଦେଖି
ବିସ୍ମୟ ହୋଇଲେ ମନେ ମନେ ସସ୍ତ୍ରଆଖି ।

ତଦନ୍ତେ ବିନୟ ହୋଇ ସେ ସୁରରାଜନ
ସୁଧର୍ମଙ୍କୁ ଚାହିଁ ଧୀରେ କହିଲେ ଏସନ ।
ତୁମ୍ଭର ସମ୍ପଦ କୀର୍ତ୍ତିଯଶ ତେଜ ଦୀକ୍ଷା
ଦେଖୁଚି ଅଧିକ ଅଟେ ସବୁ ମୋ ଅପେକ୍ଷା ।
କେଉଁ ଦାନ ତପଯଜ୍ଞ ତୀର୍ଥର ପ୍ରଭାବେ
ଏଡ଼େକ ସମ୍ପଦ ତୁମ୍ଭେ ପାଇଅଛ ଭବେ ।
ଯାହା ହେବ ତୁମ୍ଭଙ୍କୁ ମୁଁ ଗୋଟିଏ ବିଷୟ
ପଚାରୁଛି ତାହା କହ ଫିଟାଇ ସଂଶୟ ।
ଅତୀତ ବ୍ରହ୍ମକଳ୍ପର ଯେତେକ ବୃତ୍ତାନ୍ତ
ତୁମ୍ଭେ ତାହା ଜାଣିଅଛ କହିବ ସମସ୍ତ ।
ଅତୀତ କାଳର ଇନ୍ଦ୍ର ସ୍ୱର୍ଗ ଦେବଗଣ
କି ପ୍ରକାରେ ଥିଲେ ମୋତେ ତା କହ ଆପଣ ।
କି କର୍ମ ସେ କରୁଥିଲେ ତହିଁର ବୃତ୍ତାନ୍ତ
ଶୁଣିବା ପାଇଁକି ମୋର ବଳିଅଛି ଚିତ୍ତ ।
ଏ ପ୍ରକାରେ ଦେବରାଜ ପଚାରିବା ଶୁଣି
ସୁଧର୍ମ ଅଳପ ହସି କହିଲେ ସେକ୍ଷଣି ।
ବିନୟେ ବୋଲନ୍ତି ଶୁଣ ଆହେ ପୁରୁହୁତ
କହୁଛି ମୁଁ ତୁମ୍ଭ ଆଗେ ପୂର୍ବର ବୃତ୍ତାନ୍ତ ।
ଚତୁର୍ଯୁଗ ସହସ୍ରରେ ବ୍ରହ୍ମାଙ୍କର ଦିନେ
ଭୋଗହୁଏ ବୋଲି କହିଛନ୍ତି ବିଜ୍ଞଜନେ ।
ସେହି ବ୍ରହ୍ମ ଦିବସକେ ମନୁ ଚତୁର୍ଦ୍ଦଶ
ଇନ୍ଦ୍ର ଆଦିକରି ଯେତେ ଅଟନ୍ତି ତ୍ରିଦଶ ।
ଭିନ୍ନ ଭିନ୍ନ ଭାବରେ ସେ ଚିତ୍ରିତ ଅଟନ୍ତି
ଶୁଣ ତାହାଙ୍କର ଗାଥା ଆହେ ମହାମତି ।
ସବୁ ଇନ୍ଦ୍ରଙ୍କର ଅଟେ ସମାନ ସମ୍ପଦ
ସଭିଙ୍କର ଏକା ଅଧିକାର ଏକାପଦ ।
ଯେଉଁ ଯେଉଁ ମନୁଙ୍କର ପ୍ରତିପତି ଚଳେ
ତାଙ୍କ ପୁତ୍ରମାନେ ରାଜା ହୁଅନ୍ତି ସେକାଳେ ।
ସେହି ସେହି ମନୁ ପ୍ରଭୃତିଙ୍କ ନାମ ଯାହା
ଶୁଣ ଶକ୍ର ତୁମ୍ଭ ଅଗ୍ରତରେ କହେ ତାହା ।
ସ୍ୱାୟମ୍ଭୁବ ସ୍ୱରୋଚିଷ ଉତ୍ତମ ତାମସ
ପଞ୍ଚମେ ରୈବତ ମନୁ ଷଷ୍ଠରେ ରାକ୍ଷସ ।
ବୈବସ୍ୱତ ମନୁ ନାମେ ସପ୍ତମରେ ପୁଣି
ଅଷ୍ଟମ ମନୁଙ୍କ ନାମ ସୂର୍ଯ୍ୟ ସାରବଣି ।
ଦକ୍ଷ ସାବର୍ଣ୍ଣି ଯେ ବ୍ରହ୍ମ ସାବର୍ଣ୍ଣି ତଦନ୍ତେ
ତହୁଁ ଧର୍ମ ସାବର୍ଣ୍ଣି ଯେ ହୁନ୍ତି କ୍ରମାଗତେ ।

Digitized by srujanika@gmail.com

ଦ୍ୱାଦଶ ମନୁଙ୍କ ନାମ ଯେ ରୁଦ୍ର ସାବର୍ଣ୍ଣି
ତ୍ରୟୋଦଶ ରୌଚ୍ୟଚତୁର୍ଦ୍ଦଶେ ଭୌତ୍ୟପୁଣି ।
ଏହିମାନେ ଚତୁର୍ଦ୍ଦଶ ମନୁ ଯେ ବୋଲାନ୍ତି
ଦେବତା ଗଣଙ୍କ ନାମ ଶୁଣ ବଳାରାତି ।
ଏହି ଚୌଦ ମନୁଙ୍କର ଅଧିକାର କାଳେ
ଯେଉଁ ଇନ୍ଦ୍ର ସେ ଦେବତା ଥାନ୍ତି ସ୍ୱର୍ଗ ଆଳେ ।
ଯଥାକ୍ରମେ କହୁଛି ମୁଁ ନାମ ତାହାଙ୍କର
ମନ କର୍ଣ୍ଣ ଦେଇ ତାହାଶୁଣ ସୁନାସୀର ।
ସ୍ୱାୟମ୍ଭୁବ ମନୁରେ ଯେ ଦେବତା ହୁଅନ୍ତି
ତାଙ୍କ ନାମ ଯାମ ଇନ୍ଦ୍ର ନାମ ଶଚୀପତି ।
ସ୍ୱରୋଚିଷ ଭୋଗେ ପାରାବତ ଯେ ତୃଷିତ
ଦେବତା ବୋଲାନ୍ତି ଇନ୍ଦ୍ରନାମ ବିପଶ୍ଚିତ ।
ସତ୍ୟ ଶିବ ସୁଧାମା ଯେ ତୃତୀୟ ମନୁରେ
ଏ ଦେବ ଖ୍ୟାତ ହୁଅନ୍ତି ପ୍ରତର୍ଦ୍ଦ ନାମରେ ।
ସେହି ମନ୍ୱନ୍ତର କାଳେ ଇନ୍ଦ୍ର ଯେ ହୁଅନ୍ତି
ତାଙ୍କ ନାମ ଗୋଟି ଖ୍ୟାତ ହୁଅଇ ସୁଶାନ୍ତି ।
ଚତୁର୍ଥେ ସ୍ୱରୂପ ହରି ସୁପ୍ତସିଧ ଏହି
ଦେବତା ବୋଲାନ୍ତି ଇନ୍ଦ୍ର ନାମ ଶିବ ବହି ।
ପଞ୍ଚମରେ ଅମିତାଭ ନାମ ଦେବଙ୍କର
ଋତୁ ନାମରେ ବାସବ ହୋନ୍ତି ସେ କାଳର ।
ଆର୍ଯ୍ୟାଦି ଦେବତାଗଣ ଷଷ୍ଠରେ ହୁଅନ୍ତି
ଇନ୍ଦ୍ରଙ୍କର ନାମ ମନୋଜବ ହୁଏ ଖ୍ୟାତି ।
ଆଦିତ୍ୟଗଣ ସହିତେ ବସୁ ରୁଦ୍ରଗଣ
ବୈବସ୍ୱତ ମନ୍ୱନ୍ତରେ ଦେବତାଏ ଜାଣ ।
ପୁଣି ଇନ୍ଦ୍ର ହୋନ୍ତି ଯେଉଁ ଯେଉଁ ମନ୍ୱନ୍ତରେ
ପୁରନ୍ଦର ନାମକୁ ସେ ବହନ୍ତି ସତ୍ୱରେ ।
ଅଷ୍ଟମ ମନୁରେ ସୁତ ପାଦ ଦେବଗଣ
ବିଷ୍ଣୁ ପୂଜାରେ ସେ ବଳି ଇନ୍ଦ୍ର ହୋଏପୁଣ
ନବମରେ ଦେବତାଙ୍କ ନାମ ପରାଜିତ
ଅଦ୍ଭୁତ ନାମରେ ଇନ୍ଦ୍ର କରନ୍ତି ରାଜତ୍ୱ ।
ବାମନାଦି ଦେବଗଣ ହୋନ୍ତି ଦଶମରେ
ଇନ୍ଦ୍ରଙ୍କର ନାମ ଶାନ୍ତି ହୋନ୍ତି ସେକାଳରେ ।
ଏକାଦଶ ମନ୍ୱନ୍ତରେ ଦେବତାଏ ହୋନ୍ତି
ବିହଙ୍ଗମ ତାହାଙ୍କର ନାମ ହୁଏ ଖ୍ୟାତି ।
ସେହି ମନ୍ୱନ୍ତରେ ବୃଷା ନାମେ ଇନ୍ଦ୍ରହୋଇ
ଜଗତକୁ ଯତନରେ ପାଳୁ ଥାନ୍ତି ସେହି ।

ତଦନ୍ତରେ ଦୁଆଦଶ ମନ୍ୱନ୍ତରେ ଭୋଗେ
ହରି ଆଦି ଦେବତାଏ ବିହରନ୍ତି ସ୍ୱର୍ଗେ ।
ସେକାଳରେ ଋତୁଧାନୀ ନାମେ ଇନ୍ଦ୍ର ହୋଇ
ଅମର ରାଜ୍ୟେ ନୃପତି ବୋଲାବନ୍ତି ସେହି ।
ତ୍ରୟୋଦଶ ମନ୍ୱନ୍ତରେ ସୂତ୍ରାମା ପ୍ରଭୃତି
ଦେବତା ହୁଅନ୍ତି ଇନ୍ଦ୍ର ନାମ ଦିବସ୍ପତି ।
ମହା ବଳଶାଳୀ ସେହି ଦିବସ୍ପତି ଜାଣ
ଅନ୍ୟ ଇନ୍ଦ୍ର ତାଙ୍କ ସଂଗେ ନୁହନ୍ତି ସମାନ ।
ଚତୁର୍ଦ୍ଦଶ ମନ୍ୱନ୍ତରେ ଚାକ୍ଷୁଷାଦି ନାମେ
ଦେବତା ହୋଇଣ ବିହରନ୍ତି ସ୍ୱର୍ଗଧାମେ ।
ସେ କାଳରେ ଶୁଚି ନାମେ ଇନ୍ଦ୍ରସୁର ପୁରେ
ରାଜତ୍ୱ କରନ୍ତି ଦେବଗଣଙ୍କ ସଙ୍ଗରେ ।
ଏହି ପରକାରେ ବହୁ ମନୁ ଦେବଗଣ
ଯେ ଯଥା କାଳରେ ଭୋଗ କରନ୍ତିଟି ଜାଣ ।
ଏହି ମନୁଗଣ ବ୍ରହ୍ମାଙ୍କର ଦିବସରେ
ନିଜ ନିଜ ଅଧିକାର ଚଳାନ୍ତି କ୍ରମରେ ।
ଧାତାଙ୍କର ସୃଷ୍ଟି ଯାକ ଏହିପରି ଜାଣ
ଯୁଗକୁ ଯୁଗ ସେ କରୁଛନ୍ତି ପୁନଃ ପୁନଃ ।
ପୁଣି ଏ ସୃଷ୍ଟିର କର୍ତ୍ତା ଅଛନ୍ତି ଅନେକ
କେ ସଂଖ୍ୟା କରିବ ଗଣି ତାଙ୍କ ନାମ ଯାକ ।
ବିଷ୍ଣୁ ଲୋକେ ରହିଥିଲି ମୁଁ ଯେଉଁକାଳରେ
ଅପାର ବ୍ରହ୍ମାଙ୍କୁ ମୁହିଁ ଦେଖିଛି ସେଠାରେ ।
ହେ ଅଦିତି ସୁତ ନାମ ସେହି ବ୍ରହ୍ମାଙ୍କର
ସଂଖ୍ୟାକରି କହିବାକୁ ଶକ୍ତି ନାହିଁ ମୋର ।
ତେଣୁ ମୁଁ ସେଠାରୁ ଇନ୍ଦ୍ରଲୋକକୁ ଆସିଲି
ଚାରିଗୋଟି ମନୁ ଗତ ହେବାର ଦେଖିଲି ।
ମୋର ବିଭବ ଅଟଇ ଅତ୍ୟନ୍ତ ବିସ୍ମୃତ
ରହିବି ଗୋଟିଏ ଯୁଗ ଏଠାବରେ ମାତ୍ର ।
ତଦନ୍ତେ କର୍ଷ ଭୂମିକୁ ଗମନ କରିବି
ମୁଁ ଯେଉଁ ସୁକୃତ ଅରଜିଛି ବଖାଣିବି ।
ମୋର ସୁକୃତକୁ ଯେହୁଁ ଶ୍ରଦ୍ଧାରେ ଶୁଣିବ
ଯେତେ ପାପ ତାର ଥିବ ସବୁନାଶ ଯିବ ।
କହିଲେ ଶୁଣିଲେ ଅବା ମୋ ସୁକୃତମାନ
ଅଙ୍ଗରୁ ସକଳ ପାପ ହୋଇବ ଦହନ ।
ପୂର୍ବକାଳେ ଗୃଧ୍ରପକ୍ଷୀ ହୋଇ ମୁଁ ମର୍ତ୍ତ୍ୟରେ
ଜନ୍ମ ଲାଭ କରି ଥିଲି ତିର୍ଯ୍ୟକ ଯୋନିରେ ।

Digitized by srujanika@gmail.com

ଆମିଷ ଅମେଧ ନିତି ଭକ୍ଷଣ କରଇ
ସେ ସମାନ ପାପିଗଣ ନ ଥିଲେକ କେହି ।
ଦିନେ ମୁଁ ବିଷ୍ଣୁଙ୍କ ଗୃହ ପ୍ରାଚୀର ଉପରେ
ବସିଥିଲି ଉଡ଼ି ଆସି ଆକାଶ ମାର୍ଗରେ ।
ତହୁଁ ଆସି ଏକ ବ୍ୟାଧ ଏହି ସମୟରେ
ଧନୁଗୁଣେ ସନ୍ଧି ବାଣ ବିନ୍ଧିଲା ଆତୁରେ ।
ସେ ବାଣ ଆଘାତେ ପ୍ରାଣ ଛାଡ଼ି ମୁଁ ତତ୍କାଳେ
ପ୍ରାଚୀର ଉପରୁ ଖସି ପଡ଼ିଲି ଭୂତଳେ ।
ତାହାଦେଖି ମାଂସ ଲୋଭୀ ଶ୍ୱାନଟାଏ ମୋତେ
କାମୁଡ଼ି ଧଇଲା ଧାଇଁ ଆସିକରି ଦନ୍ତେ ।
ସେ ଶ୍ୱାନ ମୁଖରୁ ମୋତେ ନେବାକୁ ଛଡ଼ାଇ
ଆଉ ଏକ ଶ୍ୱାନ ପଛୁ ଆସିଲାକ ଧାଇଁ ।
ତା ଭୟରେ ମୋତେ ଧରିଥିଲା ଯେଉଁ ଶ୍ୱାନ
ନ ରହିଣ ସେଠାବରେ କଲା ପଳାୟନ ।
ମୋତେ ଧରି ବିଷ୍ଣୁ ମନ୍ଦିରକୁ ସାତଥର
ପ୍ରଦକ୍ଷିଣ କଲା ପ୍ରାଏ ବୁଲିଲା ସତ୍ୱର ।
ସେହି ପ୍ରଦକ୍ଷିଣ କାଳେ ଜଗନ୍ମୟ ହରି
ଦେଲେ ସେ କୁକୁର ସଙ୍ଗେ ମୋତେ ମୁକ୍ତ କରି ।
ଆମ୍ଭ ଦୁହିଁଙ୍କୁ ସେ ବିଷ୍ଣୁ ଲୋକକୁ ନେଇଣ
ପରମ ପଦ ପ୍ରଦାନ କଲେ ତହିଁ ଜାଣ ।
ଆହେ ଆଖଣ୍ଡଳ ଏହା ବୁଝ ଭଲକରି
ପ୍ରଦକ୍ଷିଣ ଲାଗି ଏତେ ଫଳ ଦେଲେ ହରି ।
ଯଥା ବିଧାନରେ ପ୍ରଦକ୍ଷିଣ କଲେ ଜନ
କେତେ ଫଳ ଅବା ସେହୁ ନ ପାଇବ ପୁଣ ।
ମହାତ୍ମା ସ୍ୱଧର୍ମ ଏହା କହିବାର ଶୁଣି
ଦେବରାଜ ସେ କଥାକୁ ମନେ ମନେ ଗୁଣି ।
ପରମ ପ୍ରୀତିରେ ତହୁଁ ବାହୁଡ଼ିଣ ଗଲେ
ବିଷ୍ଣୁପୂଜା ପରାୟଣ ସେହି ଦିନୁଁ ହେଲେ ।
ସେ ଦିନୁ ଆରମ୍ଭି ଅଦ୍ୟାବଧି ଦେବଗଣ
ଭାରତେ କରିବା ପାଇଁ ଜନମ ଗ୍ରହଣ ।
ମନରେ କାମନା କରି ଜନ୍ମ ଲଭୁଛନ୍ତି
ହେଲେ ମାନବ ଜନମ ବିଷ୍ଣୁଙ୍କୁ ପୂଜନ୍ତି ।
ଦୁର୍ଲ୍ଲଭ ଭାରତବର୍ଷ କର୍ମ ଭୂମି ଅଟେ
ଯେ ତହିଁରେ ଜନ୍ମ ହୋଇ ବିଷ୍ଣୁଙ୍କୁ ନ ଖଟେ ।
ତାହାର ଜନମ ଜାଣ ବିଫଳ ହୁଅଇ
ଇହ ପର କାଳେ ତାକୁ ଭଲ ଗତି ନାହିଁ ।

ଭାରତେ ଜନମ ହୋନ୍ତି ଭକ୍ତି ସହକାରେ
ଯେତବଣ ମାନବ ଶ୍ରୀହରିଙ୍କୁ ପୂଜାକରେ ।
ବ୍ରହ୍ମାଆଦି ଦେବଗଣ ତାହାଙ୍କୁ ପୂଜନ୍ତି
ଆହୁରି ଏକଇ କଥା ଶୁଣ ଡେରି ଶୃତି ।
ପରିଗ୍ରହ ଶୂନ୍ୟହୋଇ ଯେଉଁ ଯତିମାନେ
ବିଷ୍ଣୁଙ୍କୁ ଭଜନ କରୁଥାନ୍ତି ରାତ୍ରଦିନେ ।
ବାନ୍ଧି ନ ପାରଇ ତାଙ୍କୁ ଏ ସଂସାରପାଶ
ଇହ ପରକାଳେ ମୁକ୍ତି ଲଭନ୍ତି ଅବଶ୍ୟ ।
ଯେ ଯତିମାନଙ୍କ ସଂଗେ ସଙ୍ଗି ଯେହୁଥାନ୍ତି
ସାଧୁ ସଙ୍ଗ ଫଳେ ତାକୁ ମିଳଇ ସଦ୍‌ଗତି ।
ଅପାର ପାପରୁ ମୁକ୍ତ ହୋଇଣ ସମାନେ
ଶେଷକୁ ବସନ୍ତି ଯାଇ ଯୋଗୀଗମ୍ୟ ସ୍ଥାନେ ।
ପରାପୃର ଜ୍ଞାନଶୂନ୍ୟହୋଇ ସେ ରାଗକୁ
ତ୍ୟାଗ କରି ଭକତିରେ ପୂଜନ୍ତି ବିଷ୍ଣୁଙ୍କୁ ।
ସେମାନେ ମର୍ତ୍ତ୍ୟରେ ଜନ୍ମ ହୋଇ ମାତୃସ୍ଥାନ
କୌଣସି କାଳରେ ହେଲେ ନ କରନ୍ତିପାନ ।
ଶ୍ରବଣ କରଇ ହରିକଥା ଯେ କର୍ଣ୍ଣରେ
ଜଗତର ପାପ ଦୂର ହୁଅଇ ତହିଁରେ ।
ଯେ ହରି ଚରଣ ତଳେ ନିବେଶଇ ଚିତ୍ତ
ତିନି ଜଗତକୁ ସେ କରଇ ଯେ ପବିତ୍ର ।
ଯେପରି ଲୋକର ସଂଗେ ଆଳାପ କରିଲେ
ମିଳଇ ଉତ୍ତମ ପୂଜା ଅର୍ଚ୍ଚନା ସେ ଫଳେ ।
ହରି ପୂଜା ପରାୟଣ ମହାତ୍ମା ମାନବେ
ନିବାସ କରିଣ ରହିଥାନ୍ତି ଯେଉଁଠାବେ ।
ସେ ସ୍ଥାନ ଗୋଟିକୁ ଆଶ୍ରେକରି ଶୁଭରାଶି
ସଦା ଥାନ୍ତି ନିମ୍ନଗାମୀ ଜଳପ୍ରାଏ ଆସି ।
ସଂସାରେ ପରମ ବନ୍ଧୁ ଅଟନ୍ତି ଶ୍ରୀହରି
ସେ ପରମ ଗତି ପୂଜ୍ୟ ନାହିଁ ତାଙ୍କ ପରି ।
ଏଣୁ ମୁଁ କହୁଛି ଆହେ ଦ୍ୱିଜ ଶ୍ରେଷ୍ଠ ଗଣ
ସ୍ୱର୍ଗ ଅପବର୍ଗ ଦିଅନ୍ତି ସେ ନାରାୟଣ ।
ତୁମ୍ଭେମାନେ ଭକତିରେ ପୂଜା କର ତାଙ୍କୁ
ସର୍ବଦା ପରମଶ୍ରେଷ୍ଠ ଦେବେ ସେ ତୁମ୍ଭଙ୍କୁ ।
ନିଷ୍କାମ ଭାବରେ ଶୁଦ୍ଧ ଚିତ୍ତଯେ ହୋଇଣ
ସନ୍ତତରେ ପୂଜାକଲେ ହରିଙ୍କ ଚରଣ ।
ସୁପ୍ରସନ୍ନ ହୋଇଣ ସେ ପ୍ରଭୁ ତାହା ପ୍ରତି
ସକଳ ଅଭୀଷ୍ଟ ତାକୁ ପ୍ରଦାନ କରନ୍ତି ।

Digitized by srujanika@gmail.com

ଏହି ଦିବ୍ୟ ଆଖ୍ୟାନକୁ ଯେବଣ ମାନବ
ଭକ୍ତିରେ ପଢ଼ିବ ଅବା ଶ୍ରବଣ କରିବ ।
ତାକୁ ଅଶ୍ୱମେଧ ଫଳ ହୋଇବ ପ୍ରାପତି
ସେ ପୁଣ୍ୟ ବଳରେ ପାଇବ ଯେ ମୋକ୍ଷଗତି ।
ଆହେ ଋଷିଗଣ ହରି ପୂଜାର ଯେ ଫଳ
କହିଲି ସଂକ୍ଷେପ ଭାବେ ଶୁଣିଲ ସକଳ ।
ଆଉ ଯାହା ଶୁଣିବାକୁ ଅଛି ତୁମ୍ଭ ମନ
ତାହା ମୋତେ ପଚାରିଲେ କହିବି ମୁଁ ପୁଣ ।
ହରି ହରି ଭକତଙ୍କ ପାଦତଳେ ପଡ଼ି
କହଇ କ୍ଷେତ୍ରମୋହନ ଦୀନ କରଯୋଡ଼ି ।
କରୁଣା ସାଗର ଭକ୍ତ ବତ୍ସଳ ଶ୍ରୀପତି
ବିତରଣ କର କୃପା କଟାକ୍ଷ ମୋ ପ୍ରତି ।
ଇତି ଶ୍ରୀ ବୃହତ ନାରଦ ପୁରାଣେ ହରିଭକ୍ତି
ମାହାତ୍ମ୍ୟେ ଯଜ୍ଞଧ୍ୱଜ ଚରିତ ବର୍ଣ୍ଣନଂ
ନାମ ସପ୍ତତ୍ରିଂଶୋଽଧ୍ୟାୟଃ ।

---•----

## ଅଷ୍ଟତ୍ରିଂଶ ଅଧ୍ୟାୟ

### ଯୁଗସ୍ଥିତି ଲକ୍ଷଣାଦି କଥନ

ଏଥୁ ଅନନ୍ତରେ ଚାରି ଯୁଗ କଥା ପୁଣ
ପୁଚ୍ଛିଲେ ସୂତଙ୍କୁ ତାହିଁ ଆର୍ଯ୍ୟ ଋଷି ଗଣ ।
ବହୁତ ତତ୍ତ୍ୱାର୍ଥଦର୍ଶୀ ଅଟ ତୁମ୍ଭେ ସୁତ
ଯାହା ଆମ୍ଭେ ପଚାରିଲୁ କହିଲ ସମସ୍ତ ।
ଏବେ ଚାରିଯୁଗଙ୍କର ସ୍ଥିତି ଯେ ଲକ୍ଷଣ
ତା ଆମ୍ଭଙ୍କୁ କହ ସର୍ବେ କରିବା ଶ୍ରବଣ ।
ଏ ବିଷୟେ କୌତୁହଳ ଆମ୍ଭମାନଙ୍କର
ଜନ୍ମିବାରୁ ପଚାରୁଛୁ କହି ତୋଷକର ।
ଋଷିଗଣ ମୁଖୁ ଏହା ଶୁଣିକରି ସୁତ
ବୋଇଲେ ଆପଣମାନେ ଅଟ ଜ୍ଞାନବନ୍ତ ।
ମୁଁ ଜାଣିଲି ସାଧୁ ସାଧୁ ତୁମ୍ଭର ବିଚାର
ସର୍ବଦା କରୁଛ ତୁମ୍ଭେ ଲୋକ ଉପକାର ।
ସର୍ବଲୋକାପକାରକ ଯୁଗ ଧର୍ମ ଯାହା
ସମୂଳେ ମୁଁ କହୁଅଛି ଶୁଣ ସର୍ବେ ତାହା ।
ଏ ଧର୍ମ କୌଣସି କାଳେ ବୃଦ୍ଧିକି ଲଭଇ
ପୁନର୍ପି କୌଣସି କାଳେ ବିଲୁପ୍ତ ହୁଅଇ ।
ସତ୍ୟ ତ୍ରେତା ଦ୍ୱାପର କହି ଏହି ନାମେ
ଚାରିଯୁଗ ଭୋଗ ହେଉଅଛି ଯାହାକ୍ରମେ ।
ଦେବତାଙ୍କ ବରଷରେ ସହସ୍ର ବରଷ
ବର୍ଷ ଭୋଗେ ଏକ ମହାଯୁଗ ହୁଏ ଶେଷ ।
ତତ୍ତ୍ୱଦର୍ଶୀମାନେ କରିଛନ୍ତି ନିରୂପିତ
ଯୁଗକ୍ରମେ ସନ୍ଧ୍ୟା ସନ୍ଧ୍ୟା ଅଂଶ ହୁଏ ଯୁକ୍ତ ।
ପ୍ରଥମରେ ସତ୍ୟ ତହିଁପରେ ତ୍ରେତାଯୁଗ
ତ୍ରେତାନ୍ତେ ଦ୍ୱାପର ଶେଷେ କଳି ହୁଏ ଭୋଗ ।
ସତ୍ୟଯୁଗେ ଦେବ ଦୈତ୍ୟ ଗନ୍ଧର୍ବ ଦାନବେ ।
ରାକ୍ଷସ ପନ୍ନଗ ଯକ୍ଷ କିନ୍ନରାଦି ସର୍ବେ ।
ଦେବତାଙ୍କ ସମ ହୋଇ ଅତି ହୃଷ୍ଟ ଚିତ୍ତେ
ଧାର୍ମିକ ହୁଅନ୍ତି ସାଧୁ ଗଣରେ ସମସ୍ତେ ।
କ୍ରୟ ବିକ୍ରୟ ଅବା ବେଦର ବିଭାଗ
ନ ଥାଏଟି ଶେଷ ହେବାଯାଏ ସତ୍ୟଯୁଗ ।
ବ୍ରାହ୍ମଣ କ୍ଷତ୍ରିୟ ବୈଶ୍ୟ ଶୂଦ୍ର ଚାରିଜାତି
ଯେ ଯାହାର କର୍ତ୍ତବ୍ୟ ସେ ପାଳନ କରନ୍ତି ।
ନାରାୟଣ ପରାୟଣ ହୋଇ ସର୍ବଜନ
ତପସ୍ୟା ଆଉ ଧ୍ୟାନରେ ହୁଅନ୍ତି ଗମନ ।
ଶମାଦି ଗୁଣରେ କାମ ଆଦି ଦୋଷ ଯେତେ
ବରଜି ସନ୍ତତେ ଚଳୁଥାନ୍ତି ଅବିରତେ ।
ଯଥା କ୍ରମରେ ଆଶ୍ରମୋଚିତ କର୍ମମାନ
କରନ୍ତି ସର୍ବଦା ଦିବାରାତ୍ର ଅନୁଷ୍ଠାନ ।
ପିଣ୍ଡେ ପ୍ରାଣ ଥିବାଯାଏ ସତ୍ୟ ନ ତେଜନ୍ତି
ମିଥ୍ୟା ବୋଲିକରି ପଦେ ତୁଣ୍ଡେ ନ ଧରନ୍ତି ।
ମନୁଷ୍ୟ ମାତ୍ରକେ ସତ୍ୟବାଦୀ ସର୍ବେ ହୋଇ
ସକଳ କାର୍ଯ୍ୟ କରନ୍ତି ସମୟକୁ ଚାହିଁ ।
ବ୍ରାହ୍ମଣ କ୍ଷତ୍ରିୟ ବୈଶ୍ୟ ଏହି ତିନିବର୍ଣ୍ଣ
ଯତନେ ଆଶ୍ରମ ଧର୍ମ କରନ୍ତି ପାଳନ ।
ବ୍ରହ୍ମଚର୍ଯ୍ୟ ଆଦିକରି ଚାରି ଆଶ୍ରମରେ
ପାଳନ କରନ୍ତି ସେ ଧର୍ମକୁ ନିରନ୍ତରେ ।
ବେଦାଧ୍ୟୟନରେ ଅଶକତ ହୋଇ ନିତି
ଶାସ୍ତ୍ର ତତ୍ତ୍ୱ ଜାଣିବାରେ ପାରଗ ହୁଅନ୍ତି ।
ଆଶ୍ରମୋଚିତ ଧର୍ମକୁ ନିଷ୍କାମ ଭାବରେ
କରନ୍ତି ଯେ ଅନୁଷ୍ଠାନ ଯଥା ସମୟରେ ।
ତହିଁରେ ପରମ ଗତି ସେ ଲାଭ କରିଣ
ଭୁଞ୍ଜନ୍ତି ଅତୁଳ ଅଇଶ୍ୱର୍ଯ୍ୟ ପ୍ରତିଦିନ ।
ସେ ସତ୍ୟ ଯୁଗରେ ଭଗବାନ ନାରାୟଣ
ଧାରଣ କରନ୍ତି ସୁନିର୍ମଳ ଶୁକ୍ଳବର୍ଣ୍ଣ ।

Digitized by srujanika@gmail.com

ସତ୍ୟଯୁଗ ଏହିପରି ଭୋଗ ହୋଇଯାନ୍ତେ
ତ୍ରେତାଯୁଗ ପରବେଶ ହୁଅଇ ତଦନ୍ତେ ।
ଯେ ପ୍ରକାରକାର୍ଯ୍ୟମାନ ତ୍ରେତାରେ ହୁଅଇ
ତାହା କହୁଅଛି ଏବେ ଶୁଣ ମନ ଦଇ ।
ଚାରିପାଦ ଧର୍ମ ସତ୍ୟଯୁଗେ ରହିଥାଏ
ତ୍ରେତାରେ ତହିଁରୁ ପାଦେ ମାତ୍ର କରିଯାଏ ।
ସେ ଯୁଗରେ ନାରାୟଣ ଲୋହିତ ବରନ
ଧାରଣ କରନ୍ତି ସର୍ବେ ଶୁଣ ଦେଇ ମନ ।
ଯଜ୍ଞ କର୍ମ ଅନୁଷ୍ଠାନେ ତତ୍ପର ହୁଅନ୍ତି
ଧ୍ୟାନ ସତ୍ୟବ୍ରତ କରି ଦାନ ସେ ଦିଅନ୍ତି ।
ଦାନ ଦେଲେ ପତିଗ୍ରହ କରନ୍ତି ବ୍ରାହ୍ମଣେ
ପୁଣି ଦାନ ଦ୍ୟନ୍ତି ତାହା ନେଇଜଣେ ଜଣେ ।
ସେ ସବୁ କାର୍ଯ୍ୟ ସତ୍ୟରେ ହୁଅଇ ସାଧନ
ତହିଁର କାରଣ ମାନ ଶୁଣ ଦେଇ ମନ ।
ଦ୍ୱାପର ଯୁଗରେ ଧର୍ମ ଦୁଇପାଦ ରହେ
କାଳକ୍ରମେ ଦୁଇପାଦ ନ୍ୟୁନ ହୋଇଯାଏ ।
ଭଗବାନ ହରି ପୀତ ବର୍ଣ୍ଣକୁ ଧରନ୍ତି
ଦ୍ୱିପାଦ ଧର୍ମକୁ ଚାହିଁ ଚଳେ ଯୁଗ ରୀତି ।
ବେଦ ବିଭକ୍ତ ହୁଅଇ ଦ୍ୱାପର ଯୁଗରେ
ଅସତ୍ୟା ଚରଣ କେହୁ କରନ୍ତି ସତ୍ୟରେ ।
ବ୍ରାହ୍ମଣଗଣକୁ ଆଦିକରି ଚାରିଜାତି
ଅନ୍ତରାଗ ଦ୍ୱେଷାଦିରେ ଦୂଷିତ ହୁଅନ୍ତି ।
ଥୋକାଏ ବ୍ରାହ୍ମଣ ସ୍ୱର୍ଗ ଭୋଗ କାମନାରେ
ଯଜ୍ଞଆଦି କର୍ମମାନ କରନ୍ତି କ୍ଳେଶରେ ।
ମନେ କାମନା କରିଣ ପାଇବାକୁ ଧନ
କର୍ମରେ ପ୍ରବୃତ୍ତ ହୋନ୍ତି ବ୍ରାହ୍ମଣେ ଯେ ଜାଣ ।
ସିଦ୍ଧ ହେବାପାଇଁ ପାପକାର୍ଯ୍ୟ କେହି କେହି
କରନ୍ତି ନାନାଦି ଯଜ୍ଞ କର୍ମ କଷ୍ଟ ସହି ।
ଦ୍ୱାପର ଯୁଗରେ ଧର୍ମ ଅଧର୍ମ ଏ ଦୁଇ
ଯୁଗରୀତି ଘେନି ନିୟମରେ ପ୍ରବର୍ତ୍ତଇ ।
ପ୍ରଜାଗଣ ନାଶଯାନ୍ତି ଅଧର୍ମ ଭାବରେ
ପୁଣି ଅଳପ ଆୟୁଷ ବହନ୍ତି ମର୍ତ୍ତ୍ୟରେ ।
ପୁଣ୍ୟକର୍ମ କରୁଥିବା ମନୁଷ୍ୟ ଗଣଙ୍କୁ
କେହି କେହି ଦେଖି ଘୃଣା କରନ୍ତି ତାହାଙ୍କୁ ।
ରୋଗ ଶୋକ ବାଧା ଆଦି ଅକାଳ ମରଣ
ପ୍ରବର୍ତ୍ତିତ ହୁଅଇ ସେ ଯୁଗେ ଆଠପଣ ।

ଆହେ ତପିଗଣ ତୁମ୍ଭଅଗ୍ରତରେ ମୁହିଁ
ସତ୍ୟାଦି ତ୍ରିଯୁଗ କଥା କହିଲି ବୁଝାଇ ।
ଶ୍ରବଣ କଲତ ତୁମ୍ଭେ ମୁଖରୁ ମୋହର
ଶୁଣ ଏବେ ଏହି କଳିଯୁଗ ସମାଚାର ।
ଦ୍ୱାପର ଶେଷରେ ଘୋର ତମମୟ କଳି
ଉପସ୍ଥିତ ହୋଇ ଧରମକୁ ଦିଏ ଦଳି ।
କଳିଯୁଗେ ତିନିପାଦ ଧର୍ମ ହୋଇ ହୀନ
ନ ଚଳି ପାରଇ ପାଦକରେ ରହି ଜାଣ ।
ଧର୍ମ ନ ଚଳିବା ହେତୁ ଅଧର୍ମ ବହୁତ
ବେଳୁ ବେଳ କିଛି ଯୁଗ ହୁଅଇ ବର୍ଦ୍ଧିତ ।
ନାରାୟଣଙ୍କର ବର୍ଣ୍ଣ କୃଷ୍ଣ ହୋଇ ଯାଏ
କିଞ୍ଚିତ ପ୍ରକାରେ ଧର୍ମ ପରକାଶ ପାଏ ।
କେବେ କେବେ କେହି କେହି ଧର୍ମାତ୍ମା ବ୍ୟକତି
ଦାନ ଅବା ଯଜ୍ଞ ଅନୁଷ୍ଠାନକୁ କରନ୍ତି ।
କୌଣସି କାଳରେ କେହି କେହି କର୍ମ ଯୋଗେ
ନିରତ ହୁଅନ୍ତି ମନ ଦେଇ ଧର୍ମମାର୍ଗେ ।
ଧର୍ମକାର୍ଯ୍ୟ କରୁଥିବା ଲୋକକୁ ସେକାଳେ
ଦେଖିଲେ ତା ପ୍ରତି ଘୃଣା କରନ୍ତି ସକଳେ ।
କଳିକାଳେ ତପ ଦାନ ଯଜ୍ଞ ଅନୁଷ୍ଠାନ
ବ୍ରତାଦି ସକଳେ ନଷ୍ଟ ହୋଇଯାନ୍ତି ଜାଣ ।
ଅଧର୍ମ ପ୍ରାଦୁର୍ଭାବ ହେବାରୁ ସେକାଳେ
ଜନମଇଁ ନାନା ଉପଦ୍ରବ୍ୟମାନ ବଳେ ।
ଆଧିଦଇବିକ ଆଧ୍ୟାତ୍ମିକାଧି ଭୌତିକ
ଅନିମିତ୍ତେ ହୁଅଇ ଏ ଉପଦ୍ରବ ଯାକ ।
ଘୋର କଳିଯୁଗେ ଥାନ୍ତି ନରନାରୀ ଯେତେ
ସର୍ବଦା ଅସୂୟାଯୁକ୍ତ ହୁନ୍ତି ସେ ସମସ୍ତେ ।
ଦମ୍ଭାଚାରେ ରତ ହୋଇବାରୁ ପ୍ରଜାଗଣ
ଲଭନ୍ତି ଅଳ୍ପାୟୁ ହୋଇ ଅକାଳ ମରଣ ।
ଏହା ଶୁଣି ଋଷିଗଣ ବୋଇଲେ ହେ ସୁତ
ସଂକ୍ଷେପେ କହିଲି ଯୁଗ ଧର୍ମର ବୃତ୍ତାନ୍ତ ।
ସତ୍ୟରୁ ଆରମ୍ଭି କଳିଯୁଗ ପରିଯନ୍ତେ
ଯେଉଁ ଯୁଗେ ଯେଉଁ ଧର୍ମ ଚଳଇ ଯେମନ୍ତେ ।
ସଂକ୍ଷେପରେ ତାହା ଆମ୍ଭେ କରିଲୁ ଶ୍ରବଣ
ଆଉ କଥେ ପଚାରୁଛୁ ତା କହ ଆପଣ ।
କଳିଯୁଗ ଧର୍ମ ଶୁଣି ମନରେ ଆମ୍ଭର
ମହାଭୟ ଜାତ ହୋଇଅଛି ବାରମ୍ବାର ।

Digitized by srujanika@gmail.com

ଏ କାରଣୁ ପୁଣି ପୁଚ୍ଛା କରୁଛୁ ହେ ସୁତ
ସବିସ୍ତାରେ କହ କଳିଯୁଗର ବୃତ୍ତାନ୍ତ ।
ଆପଣ ଅଖିଳ ବେଦବେତ୍ତାମାନଙ୍କର
ଅଗ୍ରଗଣ୍ୟ ଅଟ ପୁଣି ଜ୍ଞାନୀଙ୍କ ପ୍ରବର ।
ତେଣୁ ଆମ୍ଭେ ପଚାରିବା କଥାଗୋଟି କହ
ଶୁଣିଲେ ଛାଡ଼ିବୁ ଆମ୍ଭେ ମନରୁ ସନ୍ଦେହ ।
ବ୍ରାହ୍ମଣ କ୍ଷତିୟବୈଶ୍ୟ ଶୂଦ୍ର ଚାରିଜାତି
କିପରି ଆଚାର କଳିଯୁଗରେ କରନ୍ତି ।
କି କି ଆହାର ସେ ଖାଇ ଧରନ୍ତି ଜୀବନ
କେଉଁ ଜୀବିକାରେ କାଳ କରନ୍ତି ଯାପନ ।
ଆୟୁଷ ହୁଅଇ ନରଗଣଙ୍କର କେତେ
ଇତ୍ୟାଦି ସକଳ କହ ଚଳଇ ଯେମନ୍ତେ ।
ଏପରି କରନ୍ତେ ପୁଚ୍ଛା ଆର୍ଯ୍ୟ ଋଷିଗଣ
କହିଲେ ଉତ୍ତର ଦେଇ ତାଙ୍କୁ ସୁତ ପୁଣ ।
ମହାତ୍ମା ନାରଦ ପୂର୍ବେ ସନତ୍କୁମାରଙ୍କୁ
ଯାହା କହିଥିଲେ ଶୁଣ କହୁଛି ତୁମ୍ଭଙ୍କୁ ।
କଳି ପ୍ରବେଶରେ ହରି କୃଷ୍ଣବର୍ଣ୍ଣ ହେଲେ
ବିନଷ୍ଟ ହୁଅଇ ସବୁ ଧର୍ମଯାକ ବଳେ ।
ତେଣୁ କଳିକାଳ ହୁଏ ଅତି ଭୟଙ୍କର
ମାନବେ କରନ୍ତି ପାପକର୍ମ ନିରନ୍ତର ।
ମହାଘୋର କଳିକାଳ ହେଲେ ଉପସ୍ଥିତ
ବ୍ରାହ୍ମଣାଦି ସର୍ବେ ଧର୍ମ କରନ୍ତି ତ୍ୟକତ ।
ବ୍ରାହ୍ମଣ କ୍ଷତ୍ରିୟ ବୈଶ୍ୟ ଶୂଦ୍ରାଦି ସକଳେ
ଧର୍ମ ଛାଡ଼ି ଅଧର୍ମକୁ କରନ୍ତି ସେକାଳେ ।
ବିପ୍ରେ ବେଦ ଅଧ୍ୟୟନ କରିବାର ଛାଡ଼ି
ଉତ୍କର୍ଷ ଦେଖାନ୍ତି ହଟ ନଟ ପାଠ ପଢ଼ି ।
ମାନବ ସକଳେ ବ୍ୟାଧି ବୃତ୍ତିକି ଆଚରି
ଉଦର ପୋଷନ୍ତି ନାନା ଜୀବହିଂସା କରି ।
ଦମ୍ଭାଚାର ପରାୟଣ ଲୋଭ ପରବେଶ
ହେବାରୁ ଧର୍ମର କଥା ନ ଜାଣନ୍ତି ଲେଶ ।
କୃତଘ୍ନ ନାସ୍ତିକ ଭଣ୍ଡ ହୋଇ ନରନାରୀ
ସମୟ କାଟନ୍ତି ନାନା ଅପବୃତ୍ତି କରି ।
ଏ କାରଣୁ କଳିଯୁଗେ ଅଳ୍ପାୟୁ ହୋଇଣ
ଅନିମିତ୍ତେ ପାନ୍ତି ସର୍ବେ ଅକାଳ ମରଣ ।
ଅଳ୍ପାୟୁ ହେବାରୁ ବେଦ ପଠନ ଶ୍ରବଣେ
କେହି ପାରଦର୍ଶୀ ହୋଇ ନ ପାରଇ ଜଣେ ।
ବିଦ୍ୟା ଗ୍ରହଣର ଅଭାବରୁ ପାପକର୍ମେ
ରତ ହୋଇ ପ୍ରବର୍ତ୍ତିତ ହୁଅନ୍ତି ଅଧର୍ମେ ।
ପ୍ରଜା ସମୁଦାୟ ହୋଇ ପାପରେ ନିମଗ୍ନ
କାଳ କବଳରେ ପଡ଼ି ଛାଡ଼ନ୍ତି ଜୀବନ ।
ଜ୍ୟେଷ୍ଠ ଆଉ କନିଷ୍ଠର ମରଣ ଘଟଇ
ପିତାର ଆଗରେ ପୁତ୍ର ମରେ ଜନ୍ମ ହୋଇ ।
ଆବର ସେ କାଳେ ବ୍ରାହ୍ମଣାଦି ଚାରିବର୍ଣ୍ଣ
ସର୍ବଦା ହୁଅନ୍ତି ପରସ୍ପରରେ ସଂକୀର୍ଣ୍ଣ ।
କାମ କ୍ରୋଧ ପରାୟଣ ହୋଇଣ ମାନବେ
ବୃଥାରେ ବହନ୍ତି ଅହଙ୍କାରକୁ ସରବେ ।
ହୋଇବାରୁ ଜ୍ଞାନ ଶୂନ୍ୟ ବୁଦ୍ଧି ଅଧର୍ମରେ
ସତ୍ୟ ତ୍ୟାଗକରି ଚଳନ୍ତି ଯେ ଅସତ୍ୟରେ ।
ପରସ୍ପରେ ଶତ୍ରୁଭାବ କରି ଆଚରଣ
ପରନାରୀ ପରଧନ କରନ୍ତି ହରଣ ।
କି ବ୍ରାହ୍ମଣ କି କ୍ଷତ୍ରିୟ କି ବୈଶ୍ୟ ସକଳ
ସ୍ୱଧର୍ମକୁ ପରିତ୍ୟାଗ କରନ୍ତି ସକଳେ ।
ତପସ୍ୟାକୁ ଛାଡ଼ି ସତ୍ୟକଳେ ସର୍ବଜନ
ଅନ୍ୟାୟର ଅନାଚାରେ ବିତାବନ୍ତି ଦିନ ।
ଦୟା ଦକ୍ଷିଣାଦି ପୁଣ କାହାର ନ ରହେ
ନାନା ଉପଦ୍ରବ୍ୟ ଜାତ ହୁଏ ଗୃହେ ଗୃହେ ।
ନିଚ୍ଛଜନମାନେ ଅତି ଉଚ୍ଚ ବୋଲାବନ୍ତି
ଉଚ୍ଚଜନ ହୀନ ଲୋକେ ଗଣତି ହୁଅନ୍ତି ।
ଘୋର ତମୋମୟ କଳିକାଳେ ରାଜାଗଣ
ସର୍ବଦା ହୁଅନ୍ତି ଲୋଭେ ଧନ ପରାୟଣ ।
ବହୁକଷ୍ଟେ ସତ୍ୟଜାତ କଲେହେଁ ପ୍ରଜାଏ
ଗୃହେ ରଖି ନ ପାରନ୍ତି ନୃପତିଙ୍କ ଭୟେ ।
ଧର୍ମକୁ ବୁଡ଼ାଇ ଲୋଭେ ପରାୟଣ ନୃପେ
ଧର୍ମ କିଞ୍ଚୁକେ ଆବୃତ ହୋଇଥାନ୍ତି ଆପେ ।
ଅନ୍ତରେ ପାପକୁ କରି ବାହାରେ ସୁକୃତ
କଳାପରି ଲୋକଙ୍କୁ ସେ ଦେଖାନ୍ତି ସନ୍ତତ ।
ଯେ ଅଧର୍ମମାନ କଳିଯୁଗେ ବ୍ୟାପିଅଛି
ତାହା ପ୍ରକାଶ ନିମନ୍ତେ ଭୟ ଲାଗୁଅଛି ।
କଳିଯୁଗେ ରଥ ଗଜ ଅଶ୍ୱ ଆଦି ସେନା
ରହିଥିବେ ଯାହା ଆୟତରେ ଅକଳନା ।
ରାଜା ବୋଲିକରି ତାକୁ ସକଳେ ମାନିବେ
ଆଦେଶ ତାହାର ଶିର ଉପରେ ବହିବେ ।

Digitized by srujanika@gmail.com

ଷଡ଼ କର୍ମକୁ ପରିତ୍ୟାଗ କରିଣ ବ୍ରାହ୍ମଣେ
ଶୂଦ୍ରଙ୍କୁ ଖଟିବେ ଧନପାଇଁ ଦାସପଣେ ।
ପତିମାନେ ଧର୍ମପତ୍ନୀଠାରେ ଅଣକତ
ନହୋଇ ଭଜିବେ ପରନାରୀଙ୍କ ସନ୍ତତ ।
ପୁତ୍ରମାନେ ପିତାଙ୍କର ଦୋଷକୁ କରିବେ
ଶିଷ୍ୟମାନେ ଗୁରୁଙ୍କର କଥା ନ ମାନିବେ ।
କୁଳନାରୀମାନେ ନିଜ ପତିଙ୍କୁ ନ ଭଜି
କାମେ ରତ ହେବେ ଜାର ପୁରୁଷରେ ମଜି ।
ତନ୍ତ୍ର ମାତ୍ର କର୍ମମାନ କରିଣ ବ୍ରାହ୍ମଣ
ଲୋଭାକୃତ ହେବେ ଅନବରତରେ ଜାଣ ।
ପରଅନ୍ନ ଭକ୍ଷଣରେ ସଦା ଦୃଷ୍ଟି ଦେବେ
ଉଚ୍ଛିଷ୍ଟାନ୍ନ ବାନ୍ଧିଣ ଜେଜମାନ ଘରୁ ନେବେ ।
ଆମିଷ ଭକ୍ଷଣେ ସର୍ବେ ବଳାଇବେ ମନ
ଆଦର କରିବେ ଅଜୀ ଛାଗ ସେ ଭୋଜନ ।
ବଡ଼ ବଡ଼ ନିଜେ କହି ଗରବ କରିବେ
ନଷ୍ଟା ଗୋଚର ଭୂମିକୁ କର୍ଷଣ କରିବେ ।
ମେଘ ପାପେ ଯଥା ସମୟେ ଜଳ ନ ବର୍ଷିବ
ତେଣୁ ଅଳ୍ପ ପରିମାଣେ ଶସ୍ୟ ଫଳ ହେବ ।
କୁଳାଙ୍ଗନାମାନେ ବେଶ୍ୟା ନାୟିକା ପରାୟେ
ବେଶ ହୋଇଣ ଦାଣ୍ଡରେ ବୁଲିବେ ନିର୍ଭୟେ ।
ଆଚରଣ କରିବେ ସେ ବେଶ୍ୟା ନାରୀପରି
ପର ପୁରୁଷରେ ମନ ବଳିବ ତାଙ୍କରି ।
ଆବର ସେ ନିଜ ନିଜ ସ୍ୱାମୀଙ୍କର ପ୍ରତି
ଅନୁରାଗ କରି ହେବେ ସ୍ୱେଚ୍ଛାଚାର ବତୀ ।
ବୁଡ଼ାଇବେ ଯେ ଯାହାର କୁଳ ଆଉ ମାନ
ଅକର୍ମ କରିଣ ସଦା ବିତାଇବେ ଦିନ ।
କୃପଣ ହୋଇବେ ପ୍ରାୟସରେ ଦ୍ୱିଜଗଣ
ବନ୍ଧୁ ସାଧୁଙ୍କର ଦ୍ରବ୍ୟ କରିବେ ହରଣ ।
ବିଧବା ରମଣୀ ଧନ ଚୋରାଇ ଆଣିବେ
ନାନା ହେତୁବାଦ କରି ବେଦକୁ ନିନ୍ଦିବେ ।
ବ୍ରତ ଦାନ ଯଜ୍ଞ ଅଗ୍ନି ପୂଜା ଆଦିକର୍ମ
ନ କରି ବ୍ରାହ୍ମଣମାନେ ଛାଡ଼ିବେ ସ୍ୱଧର୍ମ ।
ଅଜ୍ଞାନ ବଶରୁ ବେଦନିନ୍ଦା ମୁଖେ କହି
ଅନଳ ମୁଖରେ ଘୃତାହୁତି ଦେବେ ନାହିଁ ।
ଦମ୍ଭାର୍ଥରେ ପିତୃ ଯଜ୍ଞାଦି ଯେ କର୍ମମାନ
କେବଳ କରିବେ ତାହା ଏକା ଦ୍ୱିଜଗଣ ।

ଅପାତ୍ରରେ ଦାନ ଦେବେ ମାନବ ସକଳେ
ଦୁଗ୍ଧ ଖାଇବାକୁ ଗାଈ ପୋଷିବେ ଗୃହାଳେ ।
ସ୍ନାନ ଶୌଚ ଆଦିକର୍ମ ଅନୁଷ୍ଠାନ ଯେତେ
କଳିରେ ବ୍ରାହ୍ମଣ ତା ନ କରିବେ କିଞ୍ଚିତେ ।
କୁଟ କପଟରେ ସର୍ବଜନ ଯେ ଭରିବେ
ବେଦତୁଲେ ବ୍ରାହ୍ମଣଙ୍କୁ ସକଳେ ନିନ୍ଦିବେ ।
ବିଷ୍ଣୁ ଭକ୍ତମାନେ ହୋଇଲେହେଁ ପୂତ ଗାତ୍ର
କଳିରେ ନୋହିବେ କାହାରି ସେ ପ୍ରିୟପାତ୍ର ।
କେହି ଯେବେ ହେବ ଦେବ ପୂଜାରେ ଆସକ୍ତ
ତାକୁ ଦେଖି ଉପହାସ କରିବେ ବହୁତ ।
ଆହେ ଋଷିଗଣ ଏହିପରି କଳିଯୁଗେ
ବୁଲିବେ ସକଳ ଲୋକ ଅନାଚାର ମାର୍ଗେ ।
ରାଜାମାନଙ୍କର କିଙ୍କର ଯେ ହୋଇଥିବେ
ଧନନେବାପାଇଁ ସ୍ୱଜନଙ୍କୁ ସେ ବାନ୍ଧିବେ ।
ଧନ ସେ ନ ଦେଲେ ତାଙ୍କୁ କରିବେ ପ୍ରହାର
ନ ଥିବ ତହିଁରେ ପର ଆପଣା ବିଚାର ।
ଦାନ ଯଜ୍ଞ ତପ ଆଦି କର୍ମ ଫଳମାନ
ବ୍ରାହ୍ମଣ ବିକିବେ କେହି ଦେବ ଯେବେଧନ ।
ଚଣ୍ଡାଳଙ୍କଠାରୁ ପ୍ରତିଗ୍ରହ ସେ କରିବେ
ତହିଁରେକି ଗତି ହେବ ତାହା ନ ଜାଣିବେ ।
କଳିର ପ୍ରଥମ ଅଂଶ ଭୋଗେ ନରପଣ
ଧର୍ମ ଛାଡ଼ି ହେବେ ବିଷ୍ଣୁନିନ୍ଦା ପରାୟଣ ।
ଶେଷ ଅବସ୍ଥାରେ ହରିନାମ ଗୋଟି କେହି
ତୁଣ୍ଡେ ନ ଧରିବେ ଚିତ୍ତେ ସୁମରିବେ ନାହିଁ ।
ଶୂଦ୍ର ସ୍ତ୍ରୀ ବିଧବା ନାରୀଙ୍କର ସହବାସେ
ବ୍ରାହ୍ମଣେ କାଳକୁ କଟାଇବେ କାମବଶେ ।
ଆବର କରିବେ ଶୂଦ୍ରାନ୍ନକୁ ସେ ଭକ୍ଷଣ
ନ ମାନିବେ କେହି ହେଲେ ବେଦର ପ୍ରମାଣ ।
ପୁର ଗ୍ରାମ ପଲ୍ଲୀ ଆଦି କରି ସଭା ସ୍ଥଳେ
ଅନ୍ନ ବିକ୍ରୀ ହେବ କିଣି ଖାଇବେ ସକଳେ ।
ନ ଥିବ ତହିଁରେ ଜାତି ଭେଦର ବିଚାର
କ୍ଷୁଧା ହେଲା ମାତ୍ରେ କିଣି ଖାଇବେ ଆହାର ।
ପାଷାଣ୍ଡେ କୁହୁକ ଯୁକ୍ତ ବାକ୍ୟକୁ ପ୍ରକାଶି
ଚାରି ଆଶ୍ରମକୁ ନିନ୍ଦିବେ ସେ ଅହର୍ନିଶି ।
ସନ୍ନ୍ୟାସ ଚିହ୍ନକୁ ଅଙ୍ଗେ ଧରି ଶୂଦ୍ରଗଣ
ବ୍ରାହ୍ମଣଙ୍କ ଆଗେ ଦେଖାଇବେ ବଡ଼ପଣ ।

Digitized by srujanika@gmail.com

ବ୍ରାହ୍ମଣଗଣର ସେବା ସ୍ୱଧର୍ମ ପାଳନ
ନ କରି କହିବେ ନାନାକଟୁ ଯୁକ୍ତିମାନ ।
ନଟକୁଟ ଯୁକତିରେ ପାରଦର୍ଶୀ ହୋଇ
ଲୋକଙ୍କୁ ଭଣ୍ଡିବେ ଧର୍ମ କଥାମାନ କହି ।
ପାପକର୍ମେ ରତ ହୋଇ ପାଷାଣ୍ଡ ହୋଇବେ
କାପାଳିକ ବୃତ୍ତିକରି ଭିକ୍ଷୁ ବୋଲାଇବେ ।
ସେହି ଯେ ସନ୍ୟାସ ଚିହ୍ନଧାରୀ ଶୂଦ୍ରଗଣ
ଧର୍ମତ୍ୟାଗୀ ଦ୍ୱିଜଙ୍କର ଗୁରୁ ହେବେ ଜାଣ ।
ଧର୍ମ ଉପଦେଶ ଦେଇ ସେ ଦ୍ୱିଜଗଣଙ୍କୁ
ଆପେ ବଡ଼ ହୋଇ ପାଦେ ଖଟାଇବେ ତାଙ୍କୁ ।
ସେମାନଙ୍କୁ ଛାଡ଼ି ଆଉ ବହୁତ ବ୍ରାହ୍ମଣ
କ୍ଷତ୍ରିୟ ବୃତ୍ତି ସେ ବୈଶ୍ୟ ବୃତ୍ତିକି କରିଣ ।
ପାଷାଣ୍ଡେ ହୋଇବେ ବେଦ ପଠନ ନ କରି
ଦେବପୂଜା ନ କରିଣ ହେବେ ଶୂଦ୍ରପରି ।
ଶୂଦ୍ରଙ୍କ ମାର୍ଗରେ ନିତି ପ୍ରବୃତ୍ତ ହୋଇବେ
ଗୀତ ବାଦ୍ୟ ନୃତ୍ୟ କରି ଉଦର ପୋଷିବେ ।
କଳିଯୁଗ ଲୋକଙ୍କର ହେବ ଅଳ୍ପ ବିତ୍ତ
ବୃଥା ଅହଙ୍କାରବହି ହୋଇବ ଦୂଷିତ ।
କପଟ ବେଶରେ ପରଦ୍ରବ୍ୟକୁ ହରିବେ
କେବେ ସେ କାହାକୁ ଦାନ କିଛିହିଁ ନ ଦେବେ ।
ସକଳେ ହୋଇବେ ପ୍ରତିଗ୍ରହ ପରାୟଣ
କରିବେ ଅନିଷ୍ଟ କାର୍ଯ୍ୟ ଜଗତର ପୁଣ ।
ନିଜର ବଡ଼ିମା କହି ପରକୁ ନିନ୍ଦିବେ
କେହି କାହାଠାରେ ବିଶ୍ୱାସକୁ ନ ରଖିବେ ।
ଦେବ ବ୍ରାହ୍ମଣଙ୍କ ପ୍ରତି ସତ ବ୍ୟବହାର
ନ ରଖି କୁତ୍ସିତବାଦୀ ହେବେ ନିରନ୍ତର ।
କେହି ହେଲେ କାହାଠାରେ ବିଶ୍ୱାସ ନ କରି
ସକଳ ହୋଇବେ ସମସ୍ତଙ୍କ ଦ୍ୱେଷକାରୀ ।
ସେ ଘୋର କଳିରେ ନରଗଣଙ୍କ ଆୟୁଷ
ସମ୍ବତ୍ସର ଗଣନାରେ ହୋଇବ ଷୋଡ଼ଶ ।
ଷୋଳବର୍ଷଭୋଗକରି ତଦନ୍ତେ ମରିବେ
ତହିଁରୁ ଅଧିକ ଆଉ ବଞ୍ଚି ନ ରହିବେ ।
ପଞ୍ଚ ଅବା ଷଡ଼ବରଷରେ କନ୍ୟାଗଣ
ଗର୍ଭବାସ ହୋଇ ଜାତ କରିବେ ସନ୍ତାନ ।
ଥୋକାଏ ମରିବେ ସାତଆଠ ବରଷରେ
ଥୋକେ ନାଶଯିବେ ଦଶବାର ବର୍ଷ ପରେ ।

ମନୁଷ୍ୟ ମାତ୍ରକେ ସର୍ବେ କର୍ମତ୍ୟାଗୀହେବେ
କୃତଘ୍ନ ହୋଇ ସେ ମର୍ଯ୍ୟାଦାକୁ ନ ଜାଣିବେ ।
ଯାଚକ ବୃତ୍ତିକି ଆଶ୍ରେ କରି ସବୁ ନର
ପର ଅପମାନେ ରତ ହେବେ ନିରନ୍ତର ।
ନିଜର ପ୍ରଶଂସା ବାଦେ ତତ୍ପର ହୋଇଣ
ସର୍ବଦା କରିବେ ପରଦ୍ରବ୍ୟକୁ ହରଣ ।
ନାନା ଉପାୟ ଚିନ୍ତିବେ ପରସ୍ୱ ହରଣେ
ପର ଗୃହରେ ଭୁଞ୍ଜିବେ ଆନନ୍ଦିତ ମନେ ।
ପର ଅପବାଦ ନିନ୍ଦା ପ୍ରତ୍ୟହ ଗାଇବେ
ପର ନିନ୍ଦା ଶୁଣି ମନେ ଆନନ୍ଦ ହୋଇବେ ।
ମୁଖରେ ଧରମ କହି ପାପରେ ମଜ୍ଜିବେ
ପିତାମାତାଙ୍କର ନିନ୍ଦା ବାଦେ ରତ ହେବେ ।
ଦୁର୍ଭିକ୍ଷ ମଡ଼କ ବ୍ୟାଧି ତସ୍କର ପ୍ରଭୃତି
ନାନାଦି ଦୁଃଖରେ ପ୍ରପୀଡ଼ନ ହେବେ ନିତି ।
ବିଦ୍ୟାଧନ ଯଉବନ ମଦେ ମତ୍ତ ହୋଇ
ନାନା ପ୍ରକାରେ କପଟ ଆଚରିବେ ସେହି ।
ଆପଣେ ତ ମନ୍ଦ କଥା ନ କରି ବିଚାର
ପର ଦୋଷ ଖୋଜି ବୁଲୁଥିବେ ନିରନ୍ତର ।
ନିଜର ଦୋଷ ତ୍ରୁଟିକୁ ଗୋପନ ରଖିବେ
କପଟ ବିସ୍ତାର କରି ବଡ଼ ବୋଲାଇବେ ।
ଯେବଣ ବ୍ୟକତି ଧର୍ମ କାର୍ଯ୍ୟ କରୁଥିବ
ତାକୁ ତିରସ୍କାର କରି ଗାଳିଦେବେ ସର୍ବ ।
କଳିଯୁଗ ଉପସ୍ଥିତ ହେଲାମାତ୍ରେ ଜାଣ
କରିବେ ସକଳ ଜନେ ମ୍ଳେଚ୍ଛ ଆଚରଣ ।
ପ୍ରଜାଙ୍କୁ ପୀଡ଼ିବେ ମ୍ଳେଚ୍ଛଗଣ ରାଜା ହୋଇ
ଉଦର ପୋଷିବେ ଶୂଦ୍ରେ ଭିକ୍ଷାମାଗି ତହିଁ ।
ଶୂଦ୍ରମାନଙ୍କର ସେବା ବ୍ରାହ୍ମଣେ କରିବେ
ପ୍ରତ୍ୟେକ ଘରେ ବିଧବା ପରିପୂର୍ଣ୍ଣ ହେବେ ।
କାମରେ ଆସକ୍ତ ହେବେ ଯେ ସକଳ ଜାତି
ବିଚାର ରହିବ ନାହିଁ କାରେଧର୍ମ ପ୍ରତି ।
ପରସ୍ପରେ କାମାସକ୍ତ ହୋଇ ସବୁ ଜନ
ପରନାରୀଗର୍ଭେ ନିଜ କରିବେ ସନ୍ତାନ ।
ଗୁରୁ ଶିଷ୍ୟ ପିତା ପୁତ୍ର ଭାଇ ଭାର୍ଯ୍ୟା ପତି
ଭେଦ ଭାବ ନ ରଖିବେ କେହି କାହାପ୍ରତି ।
ଧନାଢ଼୍ୟ ବ୍ୟକ୍ତିଗଣ ଯାଚକ ହୋଇବେ
ଆପଣା ଜାତି ବା କୁଳ ମର୍ଯ୍ୟାଦାସାରିବେ ।

Digitized by srujanika@gmail.com

କଳି ଭୋଗ କାଳେ ପ୍ରଜାଥିବେ ଯେଉଁମାନେ
ତାଙ୍କୁ ଦଣ୍ଡ ଦେବେ ରାଜା ଅନ୍ୟାୟ ବିଧାନେ ।
କପଟେ ବ୍ରାହ୍ମଣଗଣ ମୁନି ବେଶ ଧରି
ମୁଖେ ଧର୍ମ କରୁଥିବେ ପାପ କର୍ମ କରି ।
ଲୁଣ ତୈଳ ଲୁହା ଆଦି ବିକ୍ରୟ କରିବେ
ସ୍ୱାହା ବୋଲି କରି ପଦେ ତୁଣ୍ଡେ ନ କହବେ ।
ବେଦ ନିନ୍ଦା କରି ଶୂଦ୍ରବୃତ୍ତି ଆଚରଣ
ଶେଷେନରକରେ ବାସ କରିବେ ଯାଇଣ ।
କ୍ଷୁଧାତୁର ହୋଇଣ ସେ ଅନାବୃଷ୍ଟି ଭୟେ
ଆକାଶ ମାର୍ଗେ ଚାହିଁବେ ସଦା ଏକ ଲୟେ ।
ଚିନ୍ତା ନ ଛାଡ଼ିବ କାହା ମନୁଁ କ୍ଷଣେ ମାତ୍ର
ଏଣେତେଣେ ମିଶିବେକ ସନ୍ତତେ ସମସ୍ତ ।
ତାପସଙ୍କ ପରି ଫଳ ମୂଳ ପତ୍ର ଖାଇ
ବଞ୍ଚାଇବେ ସର୍ବେ ପାଣ ଆହାର ନ ପାଇ ।
କଠୋର କଷଣ ପାଇ ଅନାବୃଷ୍ଟି ବଳେ
ପ୍ରାଣ ବିସର୍ଜିବେ ଆତ୍ମହତ୍ୟା କରି ହେଳେ ।
ଆକୃତିରେ ଅତି ଗର୍ବେ ବଡ଼ କାମାତୁର
ତହିଁରେ ଭକ୍ଷିବେ ପୁଣି ବହୁତ ଆହାର ।
ଅଳପ ଭାଗୀ ହୋଇବ ବହୁତ ସନ୍ତାନ
ଭାଗୀରେ ଜନ୍ମି ଅଭାବ ପାଇବେଟି ଜାଣ ।
ଶୂଦ୍ରରମଣୀ ପୋଷିବେ ବଡ଼ ଲୋକମାନେ
ବେଶ୍ୟାଙ୍କ ସୌନ୍ଦର୍ଯ୍ୟେ ତୋଷ ହେବେ ରାତ୍ରଦିନେ ।
ବେଦବାକ୍ୟ ଅନାଦର କରି ସର୍ବ ନର
ଆପଣା ଆପଣା କାର୍ଯ୍ୟେ ହୋଇବେ ତତ୍ପର ।
କୁଳରମଣୀଏ ଦୁଷ୍ଟ ସ୍ୱଭାବ ଆଚରି
ମନ ବଳାଇବେ ପର ପୁଂସ୍ ଦେଖିକରି ।
ଅନ୍ୟାୟ ଆଉ ଅସତ୍ୟେ ବଳାଇବେ ମନ
ଘଟାଇବେ ଗୃହମଧ୍ୟେ କଳି ପ୍ରତିଦିନ ।
ସର୍ବଦା ଭୀତ ହୋଇଣ ଚୌରଭୟେ ନର
ନାନାଦି ଯନ୍ତ୍ର ନିର୍ମାଣ କରିବେ କାଷ୍ଠର ।
ପୁର ଗ୍ରାମ ପାଚେରୀର ଉପରେ ସେ ପୁଣି
ଯତନେ ସ୍ଥାପିବେ କାଷ୍ଠ ଯନ୍ତ୍ରକୁ ନିର୍ମାଣି ।
ତଥାପି ଚୋର ଭୟକୁ ସେ ରକ୍ଷା ନ ପାଇ
ନିଶ୍ଚିନ୍ତ ଭାବରେ ରାତ୍ରେ ନପାରିବେ ଶୋଇ ।
ଦୁର୍ଭିକ୍ଷ ରାଜସ୍ୱ ଯୋଗେ ପୀଡ଼ିତ ହୋଇଣ
ଦେଶ ଛାଡ଼ି ବିଦେଶକୁ କରିବେ ଗମନ ।
ବହୁତ ଗୋଧୂମ ଧାନ୍ୟ ଯବ ଯେଉଁ ଦେଶେ
ଉତପନ୍ନ ହେଉଥିବ ରହିବେ ସେ ଦେଶେ ।
ନିଜ ଅବସ୍ଥାକୁ କରି ହୃଦରେ ଗୋପନ
ମୁଖରେ କହିବେ ଅତି ମଧୁର ବଚନ ।
ଆପଣାର କାର୍ଯ୍ୟ ସିଦ୍ଧି ନୋହିବା ପର୍ଯ୍ୟନ୍ତେ
ବନ୍ଧୁଭାଇ ରଖିଥିବେ ଅନ୍ୟର ସହିତେ ।
କାର୍ଯ୍ୟ ସିଦ୍ଧି ହେଲାମାତ୍ରେ ତା ମୁଖ ନ ଚାହିଁ
ପଳାଇବେ କ୍ଷଣେ ଆଉ ସେଠାରେ ନ ରହି ।
ଭିକ୍ଷା ବୃତ୍ତି କରିବାକୁ ମିତ୍ରାଦି ସ୍ନେହରେ
ଆବଦ୍ଧ ହୋଇବେ କୁଟ ଦେଖି ହୃଦୟରେ ।
ଖାଦ୍ୟ ପଦାର୍ଥ ସଂଗ୍ରହ କରିବା ସକାଶେ
ବହୁତ ଶିଷ୍ୟ କରିବେ ସ୍ୱଦେଶେ ବିଦେଶେ ।
ଯେଉଁକାଳେ ନାରୀଗଣ ଉଭୟ ହସ୍ତରେ
କୁଣ୍ଡାଇ କୁଣ୍ଡାଇ ନିଜ ମୁଣ୍ଡକୁ କ୍ରୋଧରେ ।
ସ୍ୱାମୀ ଆଦି ଗୁରୁଜନମାନଙ୍କ ଆଜ୍ଞାକୁ
ନ ମାନି ଭର୍ତ୍ସନା ସେହୁ କରିବେ ତାହାଙ୍କୁ ।
ଦ୍ୱିଜଗଣ ପାପଜାଲେ ଜଡ଼ିତ ହୋଇଣ
ପାଷାଣ୍ଡଙ୍କ ସହବାସେ କଟାଇବେ ଦିନ ।
ଅନଳରେ ଘୃତାହୁତି ଦାନ ନ କରିବେ
ଦେବ ପୂଜା ଆଦି କର୍ମମାନଙ୍କୁ ଛାଡ଼ିବେ ।
ସେ କାଳେ ପଣ୍ଡିତଗଣ ବିଚାରିବେ ଭାଳି
ପ୍ରବଳ ହୋଇଲା ଅତିଶୟ ଭାବେ କଳି ।
ଘୋର କଳି ପ୍ରଭାବରୁ ସେହି ସମୟରେ
ବାଲ୍ୟ ମୃତ୍ୟୁ ଉପସ୍ଥିତ ହେବ ସବୁଠାରେ ।
ଅଧର୍ମ ବୃତ୍ତିକି ପାଇ ଧର୍ମ ଲୁଚିଯିବ
ସାଗରାନ୍ତ ପୃଥିବୀରେ ଶିରୀ ନ ରହିବ ।
ସାରା ଜଗତରେ ଶୋଭା ବିନଷ୍ଟ ହୋଇଣ
ଦୁର୍ଭିକ୍ଷ ବାଧାରେ ଖଞ୍ଜି ହେବେ ନରଗଣ ।
କଳିର ସ୍ୱରୂପ ଏହି ପରକାର ଅଟେ
କହିଲି ହେ ଋଷିଗଣ ମୁଁ ତୁମ୍ଭ ନିକଟେ ।
ମୋଠାରୁ ଶୁଣିଲ ଆଦ୍ୟ ପ୍ରାନ୍ତ କରି ତାହା
ଆଉ କଥେ ଶୁଣ ଏବେ କହୁଛି ମୁଁ ଯାହା ।
ହରି ଭକ୍ତମାନଙ୍କର କୌଣସି ପ୍ରକାରେ
ଅନିଷ୍ଟ କରିବା ଶକ୍ତି ନାହିଁ କଳି ଠାରେ ।
ଅତ୍ୟନ୍ତ ପ୍ରବଳ ଅଟେ କଳିର ଶକତି
କିନ୍ତୁ ହରି ଭକ୍ତଙ୍କୁ ସେ କରେ ବଡ଼ ଭୀତି ।

Digitized by srujanika@gmail.com

ସତ୍ୟ ଯୁଗେ ତପସ୍ୟା ଯେ ତ୍ରେତାଯୁଗେ ଧ୍ୟାନ
ଦ୍ୱାପର ଯୁଗରେ ଧ୍ୟାନ କଳିଯୁଗେ ଦାନ ।
ଏହାକୁ ପରମ ଧର୍ମ ବୋଲି ସୁପଣ୍ଡିତେ
ସକଳ ଶାସ୍ତ୍ରରେ ଲେଖିଛନ୍ତି ସର୍ବମତେ ।
ସତ୍ୟଯୁଗେ ଦଶବର୍ଷ ତ୍ରେତାଯୁଗେ ବର୍ଷେ
ଦ୍ୱାପର ଯୁଗରେ ପୁଣ୍ୟ କର୍ମ କଲେ ମାସେ ।
ଯେଉଁ ଫଳ ଲାଭ ହୁଏ ତା କଳିଯୁଗରେ
ଲଭନ୍ତି ସାଧକମାନେ ଦିନ ଗୋଟିକରେ ।
ସତ୍ୟ ଯୁଗେ ଧ୍ୟାନ କଲେ ଯେ ଫଳ ହୁଅଇ
ତ୍ରେତା ଯୁଗେ ଯଜ୍ଞ ଯାଗକଲେ ତା ମିଳଇ ।
ଦ୍ୱାପର ଯୁଗରେ ଦେବାର୍ଚ୍ଚନ କଲେ ସେହି
ଫଳ ଲାଭ ହୁଏ ବୋଲି ସର୍ବେଛନ୍ତି କହି ।
କଳିକାଳେ ଏହା କିଛି ନ କରି କେବଳ
ହରିନାମ ସୁମରିଲେ ମିଳଇ ସେ ଫଳ ।
ଏକ ଅହୋରାତ୍ର ହରି ନାମ ସଂକୀର୍ତ୍ତନ
ନିର୍ମଳ ଚିତ୍ତରେ କରିପାରେ ଯେଉଁଜନ ।
କିବା ଅହୋରାତ୍ର ହରି ପୂଜା ଯେ କରଇ
ତାହାର କେବେହେଁ କଳି ଭୟ ରହେ ନାହିଁ ।
ନାରାୟଣଙ୍କର ମନ୍ତ୍ର ଯେ କରଇ ଜପ
ତା ଦେହରେ ନ ଲାଗଇ କଳିଯୁଗ ତାପ ।
ନମୋ ନାରାୟଣାୟେତି ମନ୍ତ୍ର ଯେଉଁଜନ
ଜପ କରେ ଶ୍ରୀହରିଙ୍କ ପାଦେ ଦେଇ ମନ ।
ତାହାକୁ କୌଣସି ବାଧା ନ ଦିଅଇ କଳି
ଦୂରରୁ ଦେଖିଲେ ତାକୁ ଯୋଡ଼ଇ ଅଞ୍ଜଳି ।
ଘୋର କଳି ଯୁଗେ ହରି ନାମେ ଯେଉଁଜନ
ଆସକ୍ତ ହୁଅଇ କୃତ୍ୟକୃତ୍ୟ ସେହୁ ଜାଣ ।
କଳିଯୁଗ ଭୟ ତାକୁ ବାଧି ନ ପାରଇ
ଅତି ଆନନ୍ଦରେ ବଞ୍ଚେ ସମୟ କଟାଇ ।
କଳିଯୁଗେ ଶିବ ନାମ ଯେ କରଇ ଜପ
ତାକୁ ନ ବାଧଇ କଳି ଯୁଗର ସନ୍ତାପ ।
ଶିବପୂଜା ପରାୟଣ ହେଲେ କଳିଯୁଗେ
ଶିବତୁଲ୍ୟ ହୋଇ ଶାନ୍ତି ଲଭଇ ସୁଯୋଗେ ।
ଜଗତାଧାର ଯେ ବିଷ୍ଣୁ ତାଙ୍କୁ ଯେଉଁ ଜନ
କଳିଯୁଗ ଉପସ୍ଥିତ ହେଲେ କରେ ଧ୍ୟାନ ।
କଳିର ବାଧାରେ ପ୍ରପୀଡ଼ିତ ସେ ନୁହଇ
ସକଳ ଅରିଷ୍ଟ ବାଧା ବିଘ୍ନରୁ ତରଇ ।
କଳିରେ ଯେ ଦିଏ ହରିଭକ୍ତଙ୍କୁ ଆଶ୍ରୟ
ଶ୍ରୀହରି ପ୍ରସାଦେ ତାର ହୁଏ ଅଭ୍ୟୁଦୟ ।
ଗୋବିନ୍ଦଙ୍କ ଶ୍ରୀପୟରେ ପଶିଲେ ଶରଣ
କଳିର ତାପରୁ ଜନେ ଉଦ୍ଧରନ୍ତି ପୁଣ ।
ଥରେ ମାତ୍ର ଯେ ହରିଙ୍କୁ କରଇ ଅର୍ଚ୍ଚନ
ତାହାର ସର୍ବ କାମନା ହୁଅଇ ପୂରଣ ।
ଜଗତରେ ସେ ହୋଇଣ ମହା ଭାଗ୍ୟବନ୍ତ
ସମୟ ଯାପନ କରେ ହୋଇ ଆନନ୍ଦିତ ।
ଅନ୍ୟ ଯୁଗପେକ୍ଷା ଜାଣ ଏ କଳି ଯୁଗରେ
ବେଦ ଉକ୍ତ କର୍ମମାନ ଅଛଇ ବିଧିରେ ।
ମାତ୍ର ହରି ନାମ ସୁମରିବେ କଳିକାଳେ
ସମ୍ପୂର୍ଣ୍ଣ ଭାବରେ ଫଳ ନିଶ୍ଚୟରେ ମିଳେ ।
ଯେଉଁମାନେ ପ୍ରତିଦିନ ଗୋବିନ୍ଦଙ୍କ ନାମ
ସ୍ମରଣ କରନ୍ତି ମୁଖେ କୃଷ୍ଣ ବଳରାମ ।
ଶିବ ନୀଳକଣ୍ଠ ଜଗନ୍ମୟ ତ୍ରିଲୋଚନ
ରୁଦ୍ରେଶ ପିନାକୀ ହରି ତ୍ରିପୁର ନାଶନ ।
ଏ ନାମମାନଙ୍କୁ ମୁଖେ ଯେହୁ ଉଚ୍ଚାରଇ
ତାକୁ କଳି ଯୁଗେ କିଛି ବାଧା ନ ଲାଗଇ ।
ଶିବ ନାମ ବିଷ୍ଣୁ ନାମ ଯେ କରେ କୀର୍ତ୍ତନ
କଳି ଯୁଗରେ କୃତାର୍ଥ ହୁଅଇ ସେ ଜନ ।
ସଂସାରୀ ବ୍ୟକତିମାନେ ଧନ ଦାରା ସୁତ
ଯୋଗଥିଲେ ଲାଭକରି ପାରନ୍ତି ବହୁତ ।
କିନ୍ତୁ ମହାଘୋର କଳିଯୁଗେ ହରିଭକ୍ତ
ସହଜ ସାଧରେ ତାଙ୍କୁ ନୁହଇଁ ପ୍ରାପତ ।
ନାରଦଙ୍କ ମୁଖୁଁ ଶୁଣି ଏମନ୍ତ ବଚନ
ସନତ କୁମାର ତାଙ୍କୁ ପୁଛିଲେ ବହନ ।
ହେ ମୁନି ପୁଙ୍ଗବ ତୁମ୍ଭେ କହିଅଛ ପୂର୍ବେ
ନାସ୍ତିକ ପଣରେ ବେଦ ଯେ ନିନ୍ଦା କରିବେ ।
ଆବର ହୋଇବେ ଧର୍ମ ପ୍ରତି ଶ୍ରଦ୍ଧାହୀନ
ଜଗତେ ପାଷାଣ୍ଡ ମଧ୍ୟେ ହୋଇବେ ସେ ଗଣ୍ୟ ।
ପୁନର୍ପି ଆପଣ କହିଅଛ ମୋ ଅଗ୍ରତେ
ନରକ ଯାତନା ଯେହୁ ଭୋଗନ୍ତି ଯେମନ୍ତେ ।
ତୁମ୍ଭ ମୁଖରୁ ଶ୍ରବଣ କରିଅଛି ମୁହିଁ
ଆଉ ସଂଶୟ ନ ରଖି କୁହନ୍ତୁ ଗୋସାଇଁ ।
ଭୟଙ୍କର କଳିଯୁଗ ପ୍ରବର୍ତ୍ତିବା କାଳେ
ବେଦମାର୍ଗୁ ବହିଷ୍କୃତ ହୋଇବେ ସକଳେ ।

Digitized by srujanika@gmail.com

ନାନା ପାପକର୍ମମାନେ କରିଣ ମାନବେ
କୁଳଧର୍ମ ତ୍ୟାଗକରି ନାସ୍ତିକ ହୋଇବେ ।
ଦିବସ ରଜନୀ ପାପ କର୍ମମାନ କରି
ଅନ୍ତଶୁଦ୍ଧ ହୀନ ହେବେ ସର୍ବ ନର ନାରୀ ।
ଏହି ଚିତ୍ତଶୁଦ୍ଧ କରି ନ ପାରି ବ୍ରାହ୍ମଣ
ଆପଣା କର୍ମ ସମ୍ପନ୍ନ ନ କରିବେ ଜାଣ ।
ଯେବେ ସେ ଆପଣା କାର୍ଯ୍ୟ ସିଦ୍ଧ ନ କରିବ
ସେକାଳେ କେମ୍ନେ ସୁଗତି ସେହୁ ପ୍ରାପ୍ତ ହେବ ।
କୌଣସି ଉପାୟ ଯେବେ ଏଥିପାଇଁ ଅଛି
କହି ସଂଶୟ ଛଡ଼ାନ୍ତୁ ହେ ତାପସ ବସି ।
ନାରଦ ବୋଇଲେ ଯାହା ପଚାରିଲେ ମୋତେ
ପ୍ରକାଶ କରି କହୁଛି ଶୁଣ ଶୁଦ୍ଧ ଚିତ୍ତେ ।
ମହାପ୍ରାଜ୍ଞ ଅଟ ତୁମ୍ଭେ ସନତ କୁମାର
ତେଣୁ ଲୋକହିତେ କର ଏମନ୍ତ ବିଚାର ।
ଧନ୍ୟବାଦ ଦେଇ ତବ ସାଧୁପଣେ ମୁହିଁ
କହୁଛି ଉପାୟ ଯାହା ଅଛି ତାହାପାଇଁ ।
ଯାହା ନିରୂପିତ ହୋଇ ଅଛି ଧର୍ମଶାସ୍ତ୍ରେ
ସକଳ ଲୋକଙ୍କ ହିତ ଯା ହୋଇବ ଏଥେଁ ।
ସେ ଗୁପ୍ତ ବିଷୟ ଗୋଟି କରୁଛି ପ୍ରକାଶ
ଶ୍ରବଣେ ତୃପତ ହେବ ତୁମ୍ଭର ମାନସ ।
ସ୍ଥାବର ଜଙ୍ଗମ ଆଦି ସମଗ୍ର ସଂସାର
ଦୈବର ଅଧୀନ ଜାଣ ଆହେ ମୁନିବର ।
ଯେବଣ ମାର୍ଗେ ଦଇବ ଯାହାକୁ ନିଅଇ
ସେ ପଥରେ ଛାଏଁ ଛାଏଁ ଚଳିଯାଏ ସେହି ।
ପ୍ରେରଣା ଦେଇ ଦଇବ ନେଉଛି ଯେପରି
ସବୁଲୋକେ କାର୍ଯ୍ୟ କରୁଛନ୍ତି ସେହିପରି ।
ଯେତେ ତେତେ କାର୍ଯ୍ୟମାନ ହେଉଛି ଜଗତେ
ଦଇବ ଇଚ୍ଛାରେ ତାହା ଘଟେ ଅବିରତେ ।
ଏହା ଜାଣି ଯଥା ସାଧ୍ୟମତେ ନରଗଣ
ବେଦର ନିୟମମାନ କରିଣ ପାଳଣ ।
ଚିତ୍ତକୁ ଶୁଦ୍ଧି କରିଣ ଶ୍ରୀ ବିଷ୍ଣୁ ସୁମରି
ସମର୍ପିବେ କର୍ମ ଫଳମାନ ଯତ୍ନ କରି ।
ତେବେ ନିଶ୍ଚୟରେ ସଦଗତିକୁ ସେ ପାଇ
ସୁଖେ ବିହରିବେ ସନାତନ ଲୋକେ ଯାଇ ।
ହରିଙ୍କି ସ୍ମରଣ କରି କର୍ମ ଫଳମାନ
ତାହାଙ୍କ ଚରଣେ ଯେବେ କରିବ ଅର୍ପଣ ।
ତହିଁରେ ସମ୍ପୂର୍ଣ୍ଣ ଲାଭ ହୁଅଇ ନିଶ୍ଚୟ
ଏଥକୁ ମନରେ କେଭେ ନ କର ସଂଶୟ ।
ଘୋର କଳିକାଳେ ଏକା ହରି ନାମ ସାର
ତାହାକୁ ଭଜନ କରେ ସଦା ଯେଉଁ ନର ।
ସେ ହରି ଭକତ ମଧ୍ୟେ ଗଣନା ଅଟଇ
ତାହାର କେବଣ ଚିନ୍ତା ଅବା ରହିଛଇଁ ।
ଘୋର ବିପଦରୁ ତାକୁ ରଖନ୍ତି ଶ୍ରୀଧର
ସକଳ ପାତକ ନାଶ କରନ୍ତି ତାହାର ।
ଶ୍ରୀହରି ସ୍ମରିଲେ କିବା ଶିବଙ୍କୁ ଭଜିଲେ
ପାପ ତାପ ତାର ଦେହେଁ ନରହଇ ତିଳେ ।
ଏ ଭବସାଗରୁ ସେହୁ ଅକ୍ଳେଶେ ତରଇ
ସଂସାର ତାପ ତାହାର ଅଙ୍ଗେ ନ ଲାଗଇ ।
ହରି ଭକ୍ତମାନଙ୍କର ଶୁଭାଶୁଭ ଫଳ
ଶୁକ୍ଳ ପକ୍ଷ ଚନ୍ଦ୍ରପରି ବଢ଼େ ବେଳୁଁ ବେଳ ।
ଅମରଗଣେ ପୁଛନ୍ତି ସ୍ୱର୍ଗପୁରେ ତାଙ୍କୁ
ଏଥିରେ ଅଧିକ ଆଉ ନାହିଁ କହିବାକୁ ।
ଏହା ଜାଣି ସବୁ ଲୋକଙ୍କର ହିତପାଇଁ
ମନରେ ଭାବନା କରି କହିଅଛି ମୁହିଁ ।
ହରିଙ୍କର ନାମାମୃତେ ଯେ ହୋଇବେ ରତ
କଳି ତାଙ୍କୁ ବାଧା ଦେଇ ନ ପାରେ କିଞ୍ଚିତ ।
ଶ୍ରୀହରିଙ୍କ ନାମ ବିନେ କଳିକାଳେ କିଛି
ଗତି ମୁକ୍ତି ଦେବା ବାଟ ନାହିଁ ମୁଁ କହୁଛି ।
ସବୁ ଧର୍ମ ମଧ୍ୟେ ହରିନାମ ଏକା ସାର
ତାହାକୁ ଭଜିଲେ ପ୍ରାଣୀ ହୁଅଇ ଉଦ୍ଧାର ।
ଏ କାରଣୁ ହରିନାମ ଅଟେ ମୋ ଜୀବନ
ହରିନାମ ବିନା ଧର୍ମ ନ ଜାଣେ ମୁଁ ଆନ ।
ଯେତେଦୂର ଯାଏ ହରି ଧ୍ୱନି ଶୁଭୁ ଥାଇ
ଯେତେଦୂର ଯାଏଁ କଳିପଶି ନ ପାରଇ ।
ହରିନାମ ଯେ ଜପଇ ନାହିଁ କଳି ଭୟ
ଯେ ହରି ଭକତ ତାର ସବୁଠାରେ ଜୟ ।
ଘୋର କଳିକାଳେ ହରିନାମ ବିନା ଗତି
ଜଗତରେ ଆଉ କିଛି ନାହିଁ ଜାଣ ଯତି ।
ଶ୍ରୀହରି ନାମ ଭଜିଲେ ଭୟ ହୁଏ ଦୂର
ଏହା ନିଶ୍ଚୟ ଅଟଇ ସନତ କୁମାର ।
ଆହେ ଋଷିଗଣ ଏହି ପ୍ରକାରେ ନାରଦ
ସନତ୍ କୁମାରଙ୍କୁ କହି କରନ୍ତେ ପ୍ରବୋଧ ।

Digitized by srujanika@gmail.com

ପରମ ଶାନ୍ତିକି ପାଇ ସେ ଧାତା ତନୟ
ବ୍ରହ୍ମଲୋକେ ଗଲେ ମନୁଁ ଛାଡ଼ି କଳିଭୟ ।
ଏଣୁ ଆହେ ଋଷିଗଣ କହୁଛି ବୁଝାଇ
ମୋହର କଥାକୁ ସର୍ବେ ଶୁଣ ମନ ଦେଇ ।
ହରି ପରାୟଣ ଯାର ଚିତ୍ତ ସବୁକାଳେ
ତାହାକୁ ପରମ ଗତି ନିଶ୍ଚୟଟି ମିଳେ ।
କୌଣସି କାଳେ ସେଠାରୁ ନୁହଇ ତପନ
ଆବର ଏକଇ କଥା କହୁଅଛି ଶୁଣ ।
ମହାଘୋର କଳିକାଳ ହେଲେ ଉପସ୍ଥିତ
ଯେଉଁମାନେ ଶ୍ରୀହରିଙ୍କ ନାମେ ହେବେ ରତ ।
ସକଳ ପାପରୁ ସେହୁ ମୁକତ ହୋଇବେ
ଜୀବନାନ୍ତେ ସେ ପରମ ଗତିକୁ ଲଭିବେ ।
ଯେ ଜନ ବିଷ୍ଣୁ ଆବର ଶିବଙ୍କୁ ପୂଜଇ
ସଂସାରେ ମହାନ୍ ବ୍ୟକ୍ତି ମଧ୍ୟେ ଗଣାସେହି ।
ହରିଭକ୍ତ ଶିବଭକ୍ତ ମଧ୍ୟେ ଭେଦନାହିଁ
ତାହାଙ୍କ ଜୀବନ ଗୋଟି ଧନ୍ୟ ଯେ ଅଟଇ ।
ଥରେ ମାତ୍ର ହରି ନାମ ଯେ କରେ ଭଜନ
ସଂସାର ସାଗରୁ ସେହୁ ନିସ୍ତରେ ବହନ ।
ତାହାର ଜୀବନ ଜାଣ କୃତାର୍ଥ ହୁଅଇ
ନାନା ସୁଖ ଭୁଞ୍ଜି ପରେ ବୈକୁଣ୍ଠକୁଯାଇ ।
ନମସ୍କାର ଯେ କରଇ ହରି ଭକତଙ୍କୁ
କଳିଯୁଗ ତିଳେ ବାଧା ନ ଲାଗେ ତାହାଙ୍କୁ ।
ସୁତ କହନ୍ତି ଯେ ଆର୍ଯ୍ୟ ଋଷିଗଣେ ଶୁଣ
ନାରଦ କଥିତ ଅଟେ ଏ ମହା ପୁରାଣ ।
ଶ୍ରଦ୍ଧାକରି ପୁଚ୍ଛିବାରୁ ତୁମ୍ଭେମାନେ ମୋତେ
ପ୍ରକାଶ କରି କହିଲି ତୁମ୍ଭର ଅଗ୍ରତେ ।
ସନତ୍କୁମାରଙ୍କ ଆଗେ ନାରଦ ମହର୍ଷି
ଯେଉଁ ଗୂଢ଼ ସମ୍ବାଦକୁ କହିଥିଲେ ବସି ।
ବ୍ୟାସଙ୍କ ମୁଖରୁ ମୁହିଁ ଶୁଣିଅଛି ଯାହା
ତୁମ୍ଭେ ପୁଚ୍ଛା କରିବାରୁ ବଖାଣିଲି ତାହା ।
ବୃହଦ୍ ନାରଦ ପୁରାଣ ଏ ପୁଣ୍ୟ ଗାଥା
ଶ୍ରବଣେ ପାପ ନାଶଇ ବଢ଼େ ପୁଣ୍ୟ ମାତ୍ରା ।
ଗଙ୍ଗା ଆଦି ସବୁ ତୀର୍ଥେ ସ୍ନାନ ଫଳ ଯେତେ
ତାହା ମିଳେ ଏହି ଗ୍ରନ୍ଥ ଶ୍ରବଣ କରନ୍ତେ ।
ପାଠକଲେ ସର୍ବ ଯଜ୍ଞ ଫଳମାନ ମିଳେ
ଲାଭ ହୁଏ ସନାତନ ଲୋକ ଅନ୍ତଃକାଳେ ।

ଏହି ଗ୍ରନ୍ଥର ଗୋଟିଏ ପଦ କିବା ଶ୍ଳୋକ
ଦୈନନ୍ଦିନ ପାଠକଲେ ମିଳେ ସ୍ୱର୍ଗଲୋକ ।
ଯେତେ ଯେତେ ପାପ ଅଙ୍ଗ ମଧ୍ୟେ ଥାଏ ରହି
ଏହା ପଢ଼ନ୍ତେ ଶୁଣନ୍ତେ ଯାଏ କ୍ଷୟ ହୋଇ ।
ଗୋଟିଏ ଅଧ୍ୟାୟ ଯେହୁ ନିତି ପାଠକରେ
ତା ପୁଣ୍ୟ କେତେବା ମୁହିଁ କହିବି ମୁଖରେ ।
ଅଶ୍ୱମେଧ ଯଜ୍ଞଫଳ ସେ ଲାଭ କରଇ
ବେଳୁଁ ବେଳ ତାର ପୁଣ୍ୟ ବର୍ଦ୍ଧିତ ହୁଅଇ ।
ଫଳ ଅରପଣ କରି ଶ୍ରୀହରି ପୟରେ
ପ୍ରତ୍ୟହ ଯେ ଜନ ପଢ଼େ ଶୁଣେ ବା କର୍ଣ୍ଣରେ ।
ସେ ଦୁହିଁଙ୍କ ପୁଣ୍ୟ ଅବା କେ ପାରିବ କହି
ଜଗତେ ଦୁର୍ଲ୍ଲଭ ତାହାଙ୍କର କିଛି ନାହିଁ ।
ଶତ ଶତ ଜନ୍ମ ପାପ ହୁଅଇ ମୋଚନ
ପରମ ପଦକୁ ଅନ୍ତେ ପ୍ରାପ୍ତ ହୁଏ ଜନ ।
ତାହାର ପୂର୍ବ ପୁରୁଷମାନଙ୍କ ସହିତେ
ବୈକୁଣ୍ଠ ଭୁବନେ ଯାଇ ବସେ ଆନନ୍ଦିତେ ।
ତାହାଙ୍କୁ ସର୍ବଦା ମିଳେ ବିଷ୍ଣୁଙ୍କ କୈବଲ୍ୟ
ନାନା ଉପଚାରେ ପୂଜା ହୁଅନ୍ତି ସେ ସ୍ଥଳ ।
ଗୋବିନ୍ଦ ଚରଣେ ଚିତ୍ତ କରି ସମର୍ପଣ
ଭକ୍ତିରେ ଶୁଣିବ ଯେହୁ ନିତି ଏ ପୁରାଣ ।
ତାର ତୀର୍ଥ ସେବା ଜପ ତପ ଯଜ୍ଞାଦିରେ
ଦରକାର ନାହିଁ ସବୁ ମିଳଇ ଏଥିରେ ।
ପୁତ୍ର ମିତ୍ର ବନ୍ଧୁଭାର୍ଯ୍ୟା ପରିଜନ ସାଥେ ।
ଧନ ସମ୍ପଦାଦି କ୍ଷେତ୍ରଭୃତ୍ୟ ଏ ସମସ୍ତେ ।
ନୁହନ୍ତି କେ କାର ସବୁ ଅନିତ୍ୟ ଏ ଜାଣ
ଏଥିରେ ମଜ୍ଜିଲେ ଜନ୍ମ ହୁଏ ଅକାରଣ ।
ସବୁ ତ୍ୟାଗ କରି ବିଷ୍ଣୁପାଦେ ଯେ ଭଜଇ
ସେ ଭବ ସାଗରୁ ତରି ବୈକୁଣ୍ଠେ ବସଇ ।
ହରିଙ୍କ ପୟରେ ଚିତ୍ତ କରି ସମର୍ପଣ
ଏହି ପୁରାଣକୁ ଯେହୁ କରନ୍ତି ଶ୍ରବଣ ।
ସେ ମାୟା ବନ୍ଧନ ମଧ୍ୟୁ ଛିନ୍ନ ହୋଇ କରି
ପରମ ଗତି ଲଭନ୍ତି ଶୁଣ ହେତୁ କରି ।
କ୍ଷଣେ ମାତ୍ର ପାପ ତାର ଅଙ୍ଗେ ନ ରହଇ
ଜନ୍ତୁପତି ଦୂତଙ୍କୁ ସେ ନେତ୍ରେ ନ ଦେଖଇ ।
ଯେ କାଳେ ଶେଷ ନିଃଶ୍ୱାସ ସେହୁ ତ୍ୟାଗ କରେ
ମିଳନ୍ତି ଶ୍ରୀବିଷ୍ଣୁ ଦୂତେ ତାହାର ପାଶରେ ।

Digitized by srujanika@gmail.com

ଅପୂର୍ବ ବିମାନ ସେହୁ ଯତନେ ସଜାଇ
ପ୍ରବେଶ ହୁଅନ୍ତି ବିଷ୍ଣୁ ଭକ୍ତେ ନେବା ପାଇଁ ।
ନାନା ପରକାରେ ବାଦ୍ୟ କରିଣ ବାଦନ
ଜଗନ୍ନାଥଙ୍କର ନାମ କରିଣ ଭଜନ ।
ସୁଦିବ୍ୟ କୁସୁମ ମାଳେ କରାଇ ଭୂଷିତ
ଚନ୍ଦନ କର୍ପୂର ଅଙ୍ଗେ କରିଣ ଲେପିତ ।
ମହା ସମାରୋହେ ବିଷ୍ଣୁ ପୁରେ ଯାନ୍ତି ନେଇ
ଦେଖି ତାଙ୍କୁ ଜଗନ୍ନାଥ ନିଅନ୍ତି କୋଳାଇ ।
ଆପଣା ପାଶରେ ଯତ୍ନେ ଦେଇଣ ଆସନ
ନାନାଦି ସୁମିଷ୍ଟ ଦ୍ରବ୍ୟ କରାନ୍ତି ଭୋଜନ ।
କିଛିକାଳ ପରିଯନ୍ତେ ସେଠାରେ ରଖାଇ
ପୁଣି ଉଚ୍ଚକୁଳେ ଜନ୍ମ ଦ୍ୟନ୍ତି ତାଙ୍କୁ ନେଇ ।
ଏମନ୍ତ ମହିମା ଅଟେ ଏହି ପୁରାଣର
ତେଣୁ ସୁଜ୍ଞ ସାଧୁଜନେ କରେ ମୁଁ ଗୋଚର ।
ଏହି ବୃହଦ୍ ନାରଦ ପୁରାଣ ଚରିତ
ପାଠକରି ଭବବନ୍ଧୁ ହୁଅନ୍ତୁ ମୁକତ ।
କଳିର କଳ୍ମଷ ଅଙ୍ଗୁ ହୋଇବ ଦହନ
ସୁଗତି ଲାଭ କରିବ ଜୀବନାନ୍ତେ ଜାଣ ।
ମୁହିଁ ଅତି ଦୀନ ହୀନ ଅଜ୍ଞାନ ପାମର
ବସିନାହିଁ ଦିନେ ମାତ୍ର ସାଧୁ ସଙ୍ଗତର ।
ସାଧୁ ସେବା କରିବାକୁ ହୋଇନି ରାଜନ
କେବଳ ଜଣକ ଲାଗି ଚାଳିଛି ଲେଖନ ।
ଶ୍ରୀଗୁରୁ କରୁଣା ବଳେ ମାତାଙ୍କ ଦୟାରୁ
ଭାବିଅଛି ନିସ୍ତରିବି ଏ ଭବ ସାଗରୁ ।
ତାଙ୍କରି ନାମକୁ ସଦା କରିଣ ଭଜନ
ଏହି ନାରଦ ପୁରାଣ କରି ସମାପନ ।
ଜାଣେ ନାହିଁ ଭଲ କିବା ଭେଲ ଅଛି ହୋଇ
କେବଳ ମନରେ ମୋର ଭରସା ଅଛଇଁ ।
ଯେଉଁ ଭକ୍ତି ଶିରୋମଣି ଶ୍ରୀମୁଖ ବଚନ
ଆଦ୍ୟୁ ପ୍ରାନ୍ତ ଯାଏ ଏଥେଁ ହୋଇଅଛି ପୂର୍ଣ୍ଣ ।
ସେଥିରେ ଯଦ୍ୟପି କିଛି ତୃଟି ଥିବ ରହି
ସାଧୁ ସମାଜରେ ତାହା ଧର୍ତ୍ତବ୍ୟ ନୁହଇଁ ।
ଆବର୍ଜନାମୟ ସ୍ଥାନେ ଯଦ୍ୟପି ସୁବର୍ଣ୍ଣ
ପଡ଼ିଥାଏ ଜ୍ୟୋତି ତାର ନ ହୁଏ ମଳିନ ।
ସେହି ପରକାରେ ଏହି ଗ୍ରନ୍ଥ ଅଟେ ଜାଣ
ଶ୍ରୀବିଷ୍ଣୁଙ୍କ ନାମ ଏଥେ ହୋଇଛି କୀର୍ତ୍ତନ ।
ହେ ଶ୍ରୋତା ଜନତାମାନେ ଶୁଣ ମନ ଦେଇ
ଯଦ୍ୟପି ଏଥିରେ କିଛି ତୃଟି ଥିବ ରହି ।
ଅପାର କରୁଣା ଗୁଣେ କରିବ ମାର୍ଜନ
କ୍ଷେତ୍ରମୋହନ ଏତିକି କରେ ନିବେଦନ ।
ଏହି ବୃହଦ୍ ନାରଦ ପୁରାଣ ଚରିତ
ଗୀତ ଛନ୍ଦେ ଏହିଠାରେ ହେଲା ସମାପତ ।
ଜଗତ ଜନନୀଙ୍କର ଅଭୟ ପୟରେ
ମଥା ନତ କରି କ୍ଷେତ୍ର ଜଣାଏ ଭକ୍ତିରେ ।

ଇତି ଶ୍ରୀ ବୃହଦ୍ ନାରଦ ପୁରାଣେ ଚାରିଯୁଗ ଲକ୍ଷଣ ବର୍ଣ୍ଣନେ
ନାମ ଅଷ୍ଟତ୍ରିଂଶୋଽଧ୍ୟାୟଃ ।

---●---



ମୁଦ୍ରଣ : ବିଶ୍ୱ ବିଦ୍ୟା ପ୍ରେସ୍, ଅଲିଶାବଜାର, କଟକ ୭୫୩ ୦୦୨

Digitized by srujanika@gmail.com

ପ୍ରକାଶକ :

ଧର୍ମଗ୍ରନ୍ଥ ଷ୍ଟୋର

ଅଲିଶା ବଜାର, କଟକ - ୨, ଫୋନ୍ : (୦୬୭୧) ୨୫୦୮୨୯୬

www.dharmagranthastore.com

Digitized by srujanika